ମାର୍କଣ୍ଡେୟ ପୁରାଣ

ଭକ୍ତକବି ୰ ମହାଦେବ ଦାସଙ୍କ ବିରଚିତ

ସଚିତ୍ର

ମାର୍କଣ୍ଡେୟ ପୁରାଣ

: ପ୍ରାପ୍ତିସ୍ଥାନ :

ବୀଣାପାଣି ପୁସ୍ତକ ଭଣ୍ଡାର

ଜୟଶ୍ରୀ ସିନେମାହଲ୍ କମ୍ପାଉଣ୍ଡ,

ବାଦାମବାଡ଼ି, କଟକ-୭୫୩୦୦୯

ମୋ : ୯୬୫୮୧୨୦୫୪୧

ମୂଲ୍ୟ - ଟଙ୍କା ୧୨୦.୦୦

Digitized by srujanika@gmail.com

ବୀଣାପାଣି ପୁସ୍ତକ ତାଲିକା

- ଭାଗବତ ସେଟ୍
- ଶ୍ରୀମଦ୍ ଭାଗବତ ଗୀତା
- ଗୀତାର ଭିନ୍ନ ସ୍ୱାଦ
- ଖୁଲଣା ସୁନ୍ଦରୀ
- କଳିଯୁଗ ଗୀତା ଏକାକ୍ଷର ବିଚାର
- ଖନା ବଚନ
- ପ୍ରସ୍ତାବ ସିନ୍ଧୁ
- ମଥୁରା ମଙ୍ଗଳ
- ଗୀତ ଗୋବିନ୍ଦ
- ଗଙ୍ଗା ମାହାତ୍ମ୍ୟ
- କାର୍ତ୍ତିକ ମାହାତ୍ମ୍ୟ
- ମାଘ ମାହାତ୍ମ୍ୟ
- ଚେରମୂଳୀ ଚିକିତ୍ସା
- ଲାଲ୍ କିତାବ ବିବାହ ଦଶମେଳକ
- ଲାଲ୍ କିତାବ
- ସୂର୍ଯ୍ୟ ପୁରାଣ
- ଗରୁଡ଼ ପୁରାଣ
- ମହାଲକ୍ଷ୍ମୀ ପୁରାଣ
- ଦଶ ଅବତାର ପୁରାଣ
- ଖଣ୍ଡିକିଆ ଶିବ ପୁରାଣ
- ଯାହା ଖୋଜିବ ତାହା ପାଇବ
- ଗୃହ ନିର୍ମାଣ ଓ ପ୍ଲାନିଂ
- ବାସ୍ତୁ ପୂଜା ପଦ୍ଧତି
- ମନ୍ତ୍ରତତ୍ତ୍ୱସାର ସଂଗ୍ରହ
- ବ୍ରହ୍ମଚର୍ଯ୍ୟ ହିଁ ତ ଜୀବନ
- ସର୍ବଦେବଦେବୀ ହୋମ ପଦ୍ଧତି
- ବୈଭବ ଲକ୍ଷ୍ମୀବ୍ରତ
- ବୃହତ୍ ଠାକୁରାଣୀ ପୂଜା ପଦ୍ଧତି
- ଯୋଗାସନ
- ଓଷାବଳୀ ଓ ବ୍ରତାବଳୀ
- ଚାଣକ୍ୟ ନୀତି ଓ ଶ୍ଳୋକ
- ଶ୍ରୀ ଗଣେଶ
- ଶ୍ରୀ ଶ୍ରୀ ବିଷ୍ଣୁ ସହସ୍ର ନାମ
- ରାମ ଚରିତ ମାନସ
- ଅସଲି ଗୁପ୍ତ ବିଦ୍ୟା
- ଅଷ୍ଟାଙ୍ଗ ଯୋଗାସନ ସିଦ୍ଧି
- ଧନ୍ୱନ୍ତରୀ କବିରାଜ ଚିକିତ୍ସା
- ସ୍ୱମୁତ୍ର ଚିକିତ୍ସା
- ସୂର୍ଯ୍ୟକିରଣ ଚିକିତ୍ସା
- ପିଲାଙ୍କ ରଚନା ଓ ପତ୍ରଲିଖନ
- ବୀଣାପାଣି ମୋ' ଛବି ବହି
- ବୀଣାପାଣି ବର୍ଣ୍ଣବୋଧ (ଡିଲକ୍ସ)
- ବୀଣାପାଣି ବର୍ଣ୍ଣବୋଧ
- ବୀଣାପାଣି ହିନ୍ଦୀ ଶିକ୍ଷା (ଡିଲକ୍ସ)
- ବୀଣାପାଣି ହିନ୍ଦୀ ଶିକ୍ଷା
- ବୀଣାପାଣି ଏ.ବି.ସି.
- ତ୍ରିଭାଷୀ
- ରଚନା ଓ ପତ୍ରଲିଖନ (୪ର୍ଥ, ୫ମ)
  ରଚନା ଓ ପତ୍ରଲିଖନ (୬ଷ୍ଠ, ୭ମ, ୮ମ ପାଇଁ ଉଦ୍ଦିଷ୍ଟ)
- ରଚନା ଓ ପତ୍ରଲିଖନ (୯ମ, ୧୦ମ ପାଇଁ ଉଦ୍ଦିଷ୍ଟ)
- ଟେନସ୍ ଚାର୍ଟ
- ଓଡ଼ିଆ ହିନ୍ଦୀ ଇଂରାଜୀ ୱାର୍ଡବୁକ୍

: ପ୍ରାପ୍ତିସ୍ଥାନ :

ବୀଣାପାଣି ପୁସ୍ତକ ଭଣ୍ଡାର

ଜୟଶ୍ରୀ ସିନେମାହଲ୍ କମ୍ପାଉଣ୍ଡ,
ବାଦାମବାଡ଼ି, କଟକ-୭୫୩୦୦୯
ମୋ : ୯୬୫୮୧୨୦୫୪୧

ଅକ୍ଷର ସଜ୍ଜା : ଜି.କେ. ପ୍ରିଣ୍ଟର୍ସ, ଡଗରପଡ଼ା, କଟକ, ମୋ : ୯୪୩୭୩୭୩୩୧୫

Digitized by srujanika@gmail.com

ମାର୍କଣ୍ଡେୟ ପୁରାଣ

।। ସୂଚୀପତ୍ର ।।

ବିଷୟ		ପୃଷ୍ଠାଙ୍କ
୧ ।	ଶ୍ରୀଜଗନ୍ନାଥ ବନ୍ଦନା	୧
୨ ।	ସୁରଥ ନୃପତିର ଚରିତ	୨
୩ ।	ଜୟଦ୍ରଥ ଜନ୍ମ ଓ ପିତୃବଧ ଯନ୍ତଣା	୪
୪ ।	ବିଦ୍ୟାକର ମନ୍ତ୍ରୀ ଓ ସୁରଥ ରାଜାର କଥୋପକଥନ	୬
୫ ।	ରାଣୀ ସହିତ ସୁରଥ ରାଜାର ପରାମର୍ଶ ଓ ବନ ଗମନ	୯
୬ ।	ସୁରଥ ନୃପତିର ବନବାସ, ସିଦ୍ଧେଶ୍ୱରୀ ଦେବୀଙ୍କ ସାକ୍ଷାତ ଓ ମଣିଭଦ୍ରା ନଦୀର ମାହାତ୍ମ୍ୟ	୧୧
୭ ।	ସୁରଥ ନୃପତିର ମାର୍କଣ୍ଡଙ୍କ ସହିତ ସାକ୍ଷାତ	୧୪
୮ ।	ସୁରଥ ରାଜାର ପୂର୍ବଜନ୍ମ ବିବରଣୀ	୧୬
୯ ।	ଗୋରୁ ଜନ୍ମ ବୃତ୍ତାନ୍ତ ଓ ତାହାର ମାହାତ୍ମ୍ୟ	୨୦
୧୦ ।	ଜୟଦ୍ରଥର ରାଜ୍ୟାଭିଷେକ	୨୭
୧୧ ।	ପତିବ୍ରତା ଜୟନ୍ତୀ ରାଣୀଙ୍କର ପ୍ରାଣତ୍ୟାଗ	୩୦
୧୨ ।	ଆଶାଭଙ୍ଗର ଫଳ	୩୧
୧୩ ।	ସ୍ତ୍ରୀ ହତ୍ୟା ବୃତ୍ତାନ୍ତ	୩୬
୧୪ ।	ଅନ୍ଧକାନ୍ତକ ତୀର୍ଥରେ ସୁରଥ ନୃପତିର ତପସ୍ୟା ଓ ଜୟଦ୍ରଥର ମୁଣ୍ଡ ପତନ ଓ ଭସ୍ମ	୪୦
୧୫ ।	ଯମ ଓ ଯମପୁରାଣ ବିଷୟ ବର୍ଣ୍ଣନ	୪୨
୧୬ ।	ଇକ୍ଷୁସମୁଦ୍ର ଓ କାଳିକାଙ୍କ ଦର୍ପ	୪୭
୧୭ ।	କାଳିଅନ୍ଧାର ରଜନୀ ଓ କୁଶଦ୍ୱୀପ ବୃତ୍ତାନ୍ତ	୪୯
୧୮ ।	କରଞ୍ଜଦ୍ୱୀପ ବୃତ୍ତାନ୍ତ ଓ ବଡ଼ବା ଅନଳ ଉତ୍ପତ୍ତି	୫୦
୧୯ ।	ସାକଲ୍ୟ ଦ୍ୱୀପ ଓ ହିମସାଗର ବୃତ୍ତାନ୍ତ	୫୨
୨୦ ।	ଶାଲ୍ମଳୀ ଦ୍ୱୀପ ଓ ଅଷ୍ଟକୁଳାଚଳଙ୍କ ବିବରଣ	୫୩
୨୧ ।	ଶୋଣିତ ସିନ୍ଧୁ ଓ ରମ୍ୟକ ଦ୍ୱୀପ ବିଷୟ ବର୍ଣ୍ଣନା	୫୫
୨୨ ।	ନିପ୍ରୋହି ବନର ବୃତ୍ତାନ୍ତ ଓ ଅରୁଣ ଗରୁଡ଼ର ଯୁଦ୍ଧ	୫୭
୨୩ ।	କାଳାନ୍ତକ ବଟ କଥା	୬୦
୨୪ ।	ଯମପୁର ବୃତ୍ତାନ୍ତ	୬୩
୨୫ ।	କୁମ୍ଭୀପାକ ଓ ରୌରବ ନରକର ଉତ୍ପତ୍ତି	୬୬
୨୬ ।	କୁମ୍ଭୀପାକ ନରକ ଯନ୍ତଣା	୬୭
୨୭ ।	ଯମର ଆସ୍ଥାନ ବର୍ଣ୍ଣନା	୮୧
୨୮ ।	ସୁଖ ଦୁଃଖର କାରଣ	୯୫
୨୯ ।	ଯମରାଜା ଓ ମାର୍କଣ୍ଡ ଭେଟ ଏବଂ କୃତିହା ମହାଋଷିଙ୍କର ମୁକ୍ତି ବିଚାର	୯୭

Digitized by srujanika@gmail.com

ବିଷୟ	ପୃଷ୍ଠାଙ୍କ

୨ ୯ ।	କର୍ମବିପାକ	୧ ୦ ୦
୩୦ ।	ଗଣେଶଙ୍କର ମୂଷିକ ବାହନ ହେବାର କାରଣ ଓ କୃତିହା ମହର୍ଷିଙ୍କ ମୋକ୍ଷଣ	୧ ୦ ୩
୩ ୧ ।	ଦେବୀ ପୁରାଣ ମାହାତ୍ମ୍ୟ	୧ ୦ ୯
୩ ୨ ।	ପ୍ରଳୟ ବର୍ଣ୍ଣନ	୧ ୧ ୦
୩୩ ।	ସୃଷ୍ଟି ପ୍ରକ୍ରିୟା	୧ ୧ ୭
୩୪ ।	ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ବିବରଣ	୧ ୧ ୮
୩୫ ।	ମଧୁକୈଟଭ ଦୈତ୍ୟ ବଧ	୧ ୨ ୦
୩୬ ।	ମେଦିନୀ ନିର୍ମାଣ ଓ ଅକ୍ଷୟଶିଳା ବିଷୟ ବର୍ଣ୍ଣନ	୧ ୨ ୩
୩୭ ।	ଦକ୍ଷ ପ୍ରଜାପତିଙ୍କ ଜନ୍ମ	୧ ୨ ୫
୩୮ ।	ନାରଦ ଜନ୍ମ ଓ ସଂସାର ସର୍ଜନା	୧ ୨ ୬
୩ ୯ ।	ସପ୍ତପାତାଳ ଓ ସପ୍ତସ୍ୱର୍ଗ ସର୍ଜନା	୧ ୨ ୮
୪ ୦ ।	କାମଦେବ ଜନ୍ମ	୧ ୨ ୯
୪ ୧ ।	ପାର୍ବତୀଙ୍କ ଜନ୍ମ ଓ ବିଭା	୧ ୩ ୦
୪ ୨ ।	ସରସ୍ୱତୀଙ୍କ ଜନ୍ମ ଓ ବିଭା	୧ ୩ ୧
୪ ୩ ।	ସାବିତ୍ରୀଙ୍କ ଜନ୍ମ ଓ ବିଭା	୧ ୩ ୨
୪ ୪ ।	ଚତୁର୍ମୁଖ ବ୍ରହ୍ମା ଉତ୍ପତ୍ତି	୧ ୩ ୩
୪ ୫ ।	ମାର୍କଣ୍ଡେୟଙ୍କ ଜନ୍ମ	୧ ୩ ୭
୪ ୬ ।	ବିଷ୍ଣୁ ମାହାତ୍ମ୍ୟ	୧ ୪ ୦
୪ ୭ ।	ପିଣ୍ଡ ବ୍ରହ୍ମାଣ୍ଡ ଜ୍ଞାନ	୧ ୪ ୧
୪ ୮ ।	ଜୀବସୃଷ୍ଟି	୧ ୪ ୩
୪ ୯ ।	ସୂର୍ଯ୍ୟଙ୍କ ସ୍ତବ	୧ ୫ ୧
୫ ୦ ।	ଦକ୍ଷଯଜ୍ଞ ନିମନ୍ତେ ବିଶ୍ୱକର୍ମାର ଗୃହ ନିର୍ମାଣ	୧ ୫ ୨
୫ ୧ ।	ଦକ୍ଷଯଜ୍ଞକୁ ରାଜାମାନଙ୍କର ଆଗମନ	୧ ୫ ୪
୫ ୨ ।	ଦକ୍ଷଯଜ୍ଞକୁ ମୁନିମାନଙ୍କର ଆଗମନ	୧ ୫ ୯
୫ ୩ ।	ଦକ୍ଷଯଜ୍ଞରେ ଦେବତାମାନଙ୍କର ଯୋଗଦାନ	୧ ୬ ୨
୫ ୪ ।	ଜଳନ୍ଧର ଦୈତ୍ୟ ବଧ	୧ ୬ ୬
୫ ୫ ।	ଦକ୍ଷ ଯଜ୍ଞ	୧ ୭ ୧
୫ ୬ ।	ନାରଦ ଋଷିଙ୍କଠାରୁ ଦକ୍ଷ ଯଜ୍ଞର ସମ୍ବାଦ ପାଇ ପାର୍ବତୀଙ୍କର ଆଗମନ	୧ ୭ ୫
୫ ୭ ।	ପିତାଙ୍କ ମୁଖରୁ ପତିନିନ୍ଦା ଶୁଣି ପାର୍ବତୀଙ୍କର ଯାଗକୁଣ୍ଡେ ପ୍ରବେଶ	୧ ୮ ୦
୫ ୮ ।	ପାର୍ବତୀଙ୍କ ନିଧନ ଶୁଣି ଶିବଙ୍କର କୋପ ଓ ଦକ୍ଷ ଯଜ୍ଞ ଭଙ୍ଗ	୧ ୮ ୪
୫ ୯ ।	ସାଧ୍ୱୀ କପୋତୀ କଥା	୧ ୯ ୨
୬ ୦ ।	ଶିବଙ୍କର ତପସ୍ୟା ଓ ନାରଦଙ୍କର ଶାପ ବିମୋଚନ	୧ ୯ ୪
୬ ୧ ।	ଫଳଶ୍ରୁତି	୧ ୯ ୬

– ସୂଚୀପତ୍ର ସମାପ୍ତ –

Digitized by srujanika@gmail.com

ମାର୍କଣ୍ଡେୟ ପୁରାଣ

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋ଼ଜୟମୁଦୀରୟେତ୍ ॥
ବେଦେ ରାମାୟଣେ ଚୈବ ପୁରାଣେ ଭାରତେ ତଥା ।
ଆଦୌ ଚାନ୍ତେ ଚ ମଧ୍ୟେ ଚ ହରିଃ ସର୍ବତ୍ର ଗୀୟତେ ॥
ଯଂ ଶୈ୍ୟବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ ।
ବୌଦ୍ଧା ବୁଦ୍ଧ ଇତି ପ୍ରମାଣପଟବଃ କର୍ତ୍ତେତି ନୈୟାୟିକାଃ ॥
ଆର୍ହନ୍ନିତ୍ୟାର୍ଥ ଜନୈଶାସନରତାଃ କର୍ମେତି ମୀମାଂସକଃ ।
ସୋ଼ୟଂ ବୋ ବିଦଧାତୁ ବାଞ୍ଛିତଫଳଂ ତ୍ରୈଲୋକ୍ୟନାଥହରିଃ ॥

-

ଶ୍ରୀଜଗନ୍ନାଥ ବନ୍ଦନା

ବନ୍ଦଇ ଶ୍ରୀଜଗନ୍ନାଥ ଶଙ୍ଖ ଚକ୍ରପାଣି
ଅଶେଷ ବ୍ରହ୍ମାଣ୍ଡକର୍ତ୍ତା ଜନ ଚିନ୍ତାମଣି ।
ନିର୍ମଳ ନୀରଦ ମୁଖ ସୁଶୋଭିତ କାୟ
ସକଳ ଭୁବନେ ଏକା ସେ ପ୍ରଭୁ ବିଜୟ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ଜୀବ
ଆତ୍ମାସ୍ୱରୂପ ସେ ପ୍ରଭୁ ଅନନ୍ତ ମାଧବ ।
ପୃଥ୍ୱୀ ଆପ ତେଜ ବାୟୁ ଆବର ଆକାଶ
ଏ ପଞ୍ଚଭୂତେ ସମାନ ରୂପେ ଯାର ବାସ ।
ଅନନ୍ତ ଗୁଣ ନିଧାନ ମହିମା ଅପାର
ଦୟାସିନ୍ଧୁ ଭକ୍ତଜନମାନଙ୍କ ସୋଦର ।
ଅନାଦି ପୁରୁଷ ନାଥ ପୁଣ୍ୟମୟରୂପୀ
ଏକରୁ ଅନେକ ରୂପେ ଯା ଶରୀର ବ୍ୟାପୀ ।
ଏହି ସଂସାର ରଚନା ଯାର ଖେଳ ଘର
ଉତ୍ପତ୍ତି ସ୍ଥିତି ପ୍ରଳୟ ଆଜ୍ଞାରେ ଯାହାର ।
ଏମନ୍ତ ପ୍ରକାର ଯାର କୀରତି ଭକତି
ଅବନୀ ଭାରା ଖଣ୍ଡନେ ଯାର ଉତପତ୍ତି ।
କିଞ୍ଚିତ ଦୟାରେ ଜଗଜ୍ଜନ ଦୁଃଖ ଦହ
ତେଣୁ ସ୍ୱାମୀ ତୁମ୍ଭେ ଜଗନ୍ନାଥ ନାମ ବହ ।
ମୁହିଁ ତୁମ୍ଭ ନାମ ଗୋଟି ଭଜେ ହୃଦଗତେ
ଉଦ୍ଧରିଣ ଧର ମୋତେ ପ୍ରଭୁ ଜଗନ୍ନାଥେ ।
ଯାହାର ନାଭିକମଳୁ ଉପୁଜେ ଦଇବ
ତାହାରି ମହିମା କେହୁ ବଚନେ କହିବ ।
ଜନମାନଙ୍କୁ ଉଦ୍ଧାର କରିବା ନିମନ୍ତେ
ଅନନ୍ତ ନାମକୁ ସ୍ୱାମୀ ବହିଲେ ଜଗତେ ।
ଲୋକମାନେ ଜାଣିବାରେ ତୁମ୍ଭ ନାମ ନାଥ
ତେଣୁ ରୂପଧାରୀ ହେଲ ଆହେ ଜଗନ୍ନାଥ ।
ନୀଳଗିରି ନାମେ ଅଛି ଏକଇ ଶଇଳ
ଚତୁର୍ଦ୍ଧା ମୂରତି ତହିଁ ଧରି ଆଦିମୂଳ ।
ବ୍ରହ୍ମା ବିଷ୍ଣୁ ଈଶ୍ୱର ଆବର ଦିନମଣି
ଏହି ଚାରି ରୂପେ ବିଜେ ପ୍ରଭୁ ଚିନ୍ତାମଣି ।
ଏମୋହର କୋଟି କୋଟି ଜନ୍ମ ତପବଳେ
ଦେଖିଲଇଁ ପରଂବ୍ରହ୍ମ ରୂପ ବେନି ଡୋଳେ ।
ଲଭିଲି ପରମ ଗତି ଶ୍ରୀମୁଖକୁ ଚାହିଁ
ଦର୍ଶନ ପ୍ରସନ୍ନ ମୋତେ ହେବ ଭାବଗ୍ରାହୀ ।
ଭବଭୟ ନିସ୍ତାରଣ ଯେବଣ ପୁରୁଷ
ତାହାର ପ୍ରସନ୍ନେ ମୋର ଦୁଃଖ ଯିବ ନାଶ ।
ଖଣ୍ଡିଲି ମୁଁ ପୂର୍ବପାପ ଉଦେ ହେଲା ଜ୍ଞାନ
ଗ୍ରନ୍ଥ ଲେଖିବାକୁ ମୋର ବଳିଲାକ ମନ ।

Digitized by srujanika@gmail.com

ନମୋ ବାକ୍ୟଦେବୀ ନମୋ ବିଷ୍ଣୁ ଦେବ ପ୍ରିୟା
ତ୍ରୈଲୋକ୍ୟପାବନୀ ମାଗୋ ନାହିଁ ତୋରମାୟା ।
ଧାତାର ନନ୍ଦିନୀ ମାଗୋ ପ୍ରଳୟ କାରିଣୀ
କୋଟି କୋଟି ବ୍ରହ୍ମାଣ୍ଡର ତୁହି ମା କାରେଣୀ ।
ପଦ୍ମିନୀ ସ୍ୱରୂପା ମାଗୋ ପବିତ୍ର ତୋ ଅଙ୍ଗ
ଅନ୍ତଃକାଳେ ନୋହୁ ମାଗୋ ତୁହି ମତିଭ୍ରମ ।
ବ୍ରହ୍ମବୀଣା ନାଦେ ମାଗୋ ଷୋଳକଳା ଘେନି
ମୋହିଲୁ ଜଗତବନ୍ଧୁ ତାରି ପୁର ତିନି ।
ଦୁର୍ଗତୀ ନାଶିନୀ ଦୁର୍ଗା ରୂପିଣୀ ଯେ ଦେବୀ
ତାହାର ମହିମା ଗୀତେ ବଖାଣ କରିବି ।
ଦୁସ୍ତର ଜଳଧି ପାର ହେବି ମୋର ମନ
ହେ ଅଗତି ନିସ୍ତାରଣ ବିପଦ ଭଞ୍ଜନ ।
ଯେ ଅଭୟ ପଦ୍ମପାଦ ଶରଣ ପଞ୍ଜର
ମହାଦେବ ଦାସ ତାହା ମାଗେ ନିରନ୍ତର ।
ଶ୍ରୀଜଗନ୍ନାଥଙ୍କ ପାଦେ ପଶିଣ ଶରଣ
ଦୀନ ମହାଦେବଦାସ ମାଗଇ କାରଣ ।
ଜଗତର ଚିନ୍ତା ସ୍ୱାମୀ ଦେଇ ତୋର ମୂଳେ
ମହାପ୍ରଭୁ ଯୋଗନିଦ୍ରା ଗଲେ ତୋର କୋଳେ ।
ତୁ ଦେବୀ ଉପାୟ କରି ଜଗତର ମାତ
ବିଷ୍ଣୁର ନାଭିରୁ ଏକ ପଦ୍ମ କଲୁ ଜାତ ।
ସେ ପଦ୍ମକେଶରୁ ଧାତା ହେଲା ଉତପନ୍ନ
ଅଶେଷ କୋଟି ବ୍ରହ୍ମାଣ୍ଡ କଲାକ ସର୍ଜନ ।
ତୋହର ସଞ୍ଚିଲା ମାଗୋ ଅଟଇ ଜଗତ
ତୋହର ମନରୁ ସିନା ମନୁଷ୍ୟ ସଂଜାତ ।
ତେଣୁ ସିନା ବାଣୀ ନାମ ବୋଲାଉ ତୁ ଦେବୀ
ପଣ୍ଡିତଙ୍କ ଗୁରୁ ତୁହି ବିଷ୍ଣୁଙ୍କ ବଲ୍ଲଭୀ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଆଦି ସର୍ବଜାତି
ତୋହର ମନରୁ ମାତ ହେଲେ ଉତପତ୍ତି ।
ତୋହର ପାଦରୁ ହେଲେ ବୃହସ୍ପତି ଜାତ
ଦେବଙ୍କର ଗୁରୁସେହି ପରମ ପଣ୍ଡିତ ।
ତୋହର ଜ୍ୟୋତିରୁ ସିନା ଚନ୍ଦ୍ର ଜାତ ହେଲା
ସୁଧାକର ନାମ ବହି ଜଗତ ତାରିଲା ।
ତୋହର କପାଳୁ ମାଗୋ ଅଗ୍ନି ହେଲା ଜାତ
ଦୁର୍ଗା ତୋ ତହୁଁ ଉପୁଜି ନାଶିଲା ଦଇତ ।
ବିଷ୍ଣୁର ପାଦେ ଲାଗିଲା ତୋର ପଦ୍ମକର
ଜାନୁରୁ ଗଙ୍ଗା ଜନମି ତାରିଲା ସଂସାର ।
ତୋ ଅନୁଗ୍ରହରୁ ହୁଏ ବାସନା ପୂରଣ
ଓଁକାର ନିଗମ ଜାତ ବୁଦ୍ଧି ବିଦ୍ୟାମାନ ।
ଜ୍ୟୋତିରୁ କ୍ଷତ୍ରିୟ ବୃତ୍ତି କାମନାରୁ କାମ
ଏମନ୍ତେ ତୁମ୍ଭର ମାଗୋ ମହିମା ଅସୀମ ।
ସଂସାରରେ ତୋର ନାମ ଅଟେ ସରସ୍ୱତୀ
ଜ୍ୟୋତିର୍ମୟ ତନୁତୋର ଶୁକ୍ଳକଳ ମୂରତି ।
ନିର୍ମଳ ପବିତ୍ର କଳା ସୁନିର୍ମଳ ଜ୍ୟୋତି
ଅପୂର୍ବ ଲାବଣ୍ୟ ତୋର ବଦନର କାନ୍ତି ।
ଶୁକ୍ଳ ବସନ ତୋର ଶୁକ୍ଳ ପୁଷ୍ପ ଶିରେ
ସର୍ବ ଅଳଙ୍କାର ତୋର ଭୂଷଣ ଶରୀରେ ।
ସୁସ୍ୱର ତୋ ବୀଣାଯନ୍ତ୍ର ସୁଲଳିତ ଗୀତ
ସେବାରେ ତୋଷିଲୁ ତୁହି ଅବ୍ୟୟ ଅଚ୍ୟୁତ ।
ପରମା ସାଧବୀ ମାଗୋ ନାମ ବାକ୍ୟଦେବୀ
ମୁଁ ତୋହର ଶ୍ରୀଚରଣେ ଜନ୍ମେଜନ୍ମେ ସେବି ।
ଜଗନ୍ନାଥ ସ୍ୱାମୀ ନୀଳକନ୍ଦର ନିବାସ
ତାହାଙ୍କୁ ସେବିଲି ମୁହିଁ ମହାଦେବ ଦାସ ।
ତେଣୁ ସରସ୍ୱତୀଦେବୀ ଦୟା କଲେ ମୋତେ
ପବିତ୍ର ପୁରାଣ ମୋର ପ୍ରସରିଲା ଚିତ୍ତେ ।
ଜଗନ୍ନାଥଙ୍କ ଆଜ୍ଞାରେ କହିବି ଯା ମୁହିଁ
ସାଧୁଜନମାନେ ତାହା ଶୁଣ ମନଦେଇ ।
ସଂସାରେ ଯେବଣ ଶାସ୍ତ୍ର ଦିଏ ମୋକ୍ଷସ୍ଥାନ
ଶୁଣନ୍ତେ ଖଣ୍ଡଇ ଯେହୁ ପାପ ତାପମାନ ।
ଶ୍ରୀଦୁର୍ଗା ଦେବୀଙ୍କର ଯେ ଜନ୍ମର ବାରତା
ଶୁଣନ୍ତେ ଖଣ୍ଡଇ ଜାଣ ରୋଗ ଶୋକ ଚିନ୍ତା ।
ଯେଉଁ ମହାଦେବୀ ଦୈତ୍ୟକୁଳ ସଂହାରିଣୀ
ଅଶେଷ ବ୍ରହ୍ମାଣ୍ଡର ଯେ ଅଟନ୍ତି କାରେଣୀ ।
ସେହି ଦେବୀ ପୃଥିବୀର ଭାରା ନାଶ ପାଇଁ
ଦାନବ ବିନାଶ କଲେ ମୂର୍ତ୍ତିମତି ହୋଇ ।
ଖଣ୍ଡିଲେ ପୃଥ୍ୱୀର ଭାର ଦେବଙ୍କୁ ନିସ୍ତାରି
ପୁନରପି ବିଜେ କଲେ ବଇକୁଣ୍ଠପୁରୀ ।
ସେ ଦେବୀର କୀରତି ଯେ ମଞ୍ଚରେ ବଖାଣେ
ମାରକଣ୍ଡ ଋଷି ଗ୍ରନ୍ଥ ରଚିଲେ ପୁରାଣେ ।
ବିଦ୍ୱଜନମାନେ ଯାହା ଘୋଷନ୍ତି ଅବନୀ
ଯାହା ଚିନ୍ତିଣ ଅମର ହେଲେ ସୁରମୁନି ।
ତେଣୁ ସେ ଧଇର୍ଯ୍ୟଧରି ରହିଲେ ନିଶ୍ଚିନ୍ତେ
ଏ ଅତି ପବିତ୍ର ଶାସ୍ତ୍ର ଘେନି ଶିରାଗ୍ରତେ ।
ତେଣୁ ଏ ଶାସ୍ତ୍ରର ନାମ ପୃଥ୍ୱୀ ଉଦ୍ଧାରଣ
ମହାଦେବ ଦାସ ବାଣୀ ସୁଜ୍ଞଜନେ ଶୁଣ ।

-x-

ସୁରଥ ନୃପତିର ଚରିତ

ମହୀମଣ୍ଡଳରେ ଯେଉଁ ଭରତ ରାଜନ
ବିରଥ ନାମେ ଅଟଇ ତାହାର ନନ୍ଦନ ।
ସୁରଥ ନାମେ ଅଟଇ ତାହାର କୁମର
ବୀରମାନଙ୍କ ମଧ୍ୟରେ ସେହୁ ବୀରବର ।

Digitized by srujanika@gmail.com

ଧାର୍ମିକ ବିବେକ ସାରବନ୍ତ ସେ ପଣ୍ଡିତ
କ୍ଷମା ଦୟା ବିନୟାଦି ସର୍ବ ଗୁଣଯୁତ ।
ନୃପତି କୁମର ସେହି ବିବେକୀ ଗରିଷ୍ଠ
ସାଧିଲା ସେ ଅଙ୍ଗବଳ ଘେନି ପରରାଷ୍ଟ୍ର ।
ବହୁଦିନୁ ତାହାର ଯେ ମହିମା ପ୍ରକାଶ
ଜମ୍ବୁଦ୍ୱୀପଯାକ ବଳେ କଲା ନିଜ ବଶ ।
ସକଳ ନୃପତି ଆସି ଖଟିଲେ ତାହାକୁ
ଦଣ୍ଡ ଘେନି ଦିନେ ସେହି ଗଲା ସାଗରକୁ ।
ବରୁଣ ତା ଦେଖି କଲା ତା ସଙ୍ଗେ ପୀରତି
ବୋଲଇ ଶୁଣ ହେ ମଞ୍ଜପୁରର ନୃପତି ।
ତୁହି ସ୍ଥଳ ରାଜା ମୁହିଁ ଜଳ ଅଧିକାରୀ
ତୋହର ମୋହର କିବା ହେବ ଦ୍ୱନ୍ଦ୍ୱକରି ।
ନିଜ ଥାଟ ଘେନିଣ ତୁ ବାହୁଡ଼ିଣ ଯାଅ
ଏହା ଶୁଣି ବୋଇଲା ସେ ବିରଥର ପୁଅ ।
ତୁହି ଯେବେ ରତ୍ନକରେ କଲୁ ମୋତେ ପ୍ରୀତି
ନ କରିବି ଦ୍ୱନ୍ଦ୍ୱ ତେବେ ହୋଇଲି ତୃପତି ।
ମୁନି ଯେ ମାନବ ତୁହି ପ୍ରତ୍ୟକ୍ଷେ ଦେବତା
ତୁମ୍ଭ ସଙ୍ଗେ ଆମ୍ଭେ କାହୁଁ ହୋଇବୁ ଗଣିତା ।
ଯେବେ ତୁ ସଦୟ ହେଲୁ ଆହେ ଜଳସାଇଁ
କଥାଏ ମାଗିବି ତୁହି ନ କରିବୁ ନାହିଁ ।
ଏ ତୋହର ସିନ୍ଧୁ ଆଦି ପବିତ୍ର ଏ ଦେଶ
ନଗର କରିବି ଏଥେ ଦେବୁ ଶତେ କ୍ରୋଶ ।
ତାହା ଶୁଣି ଗଙ୍ଗାସାଇଁ ପ୍ରସନ୍ନ ହୋଇଲା
ଶତେକ୍ରୋଶ ସିନ୍ଧୁ ତତକ୍ଷଣେ ଛାଡ଼ିଦେଲା ।
ଦେଖିଣ ଆନନ୍ଦ ହେଲା ବିରଥର ବାଳ
ପିତାଙ୍କ ଆଗରେ ଆସି କହିଲା ସକଳ ।
ଶୁଣିକରି ଉଷତ ଯେ ହୋଇଲା ବିରଥ
ପୁତ୍ରକୁ ବହୁ ପ୍ରଶଂସା କଲା ନରନାଥ ।
ଧନ୍ୟ ମୋର ପୁତ୍ର ବାବୁ କୁଳ ମୋକ୍ଷ ସ୍ଥାନ
ବରୁଣ ରାଜାଙ୍କ ଠାରୁ ପାଇଲୁ ସମ୍ମାନ ।
ଚାଲ ଏବେ ବାବୁ ସେହି ପୁରରେ ରହିବା
ସୁପବିତ୍ର ପୁଣ୍ୟସ୍ଥାନେ ନଗର କରିବା ।
ଏତେ ବୋଲିକରି ସେହି ବିରଥ ନୃପତି
ସିନ୍ଧୁଦେଶେ ରହି ତହିଁ ହେଲା ଚକ୍ରବର୍ତ୍ତୀ ।
ଅନେକ ସମ୍ପଦ ତାର ବହୁ ପରିବାର
ବହୁତ ଭଣ୍ଡାର ବହୁ ରାଣୀହଂସପୁର ।
ଜମ୍ବୁଦ୍ୱୀପ ମଧ୍ୟେ ସେହି ଏକା ଚକ୍ରବର୍ତ୍ତୀ
କେ କହିପାରିବ ଅବା ତାହାର ବିଭୂତି
ପୁତ୍ରର ପ୍ରସାଦେ ଅତି ସୁଖେ ଦଣ୍ଡଧାରୀ
ଭାଗ୍ୟେ ପୃଥ୍ୱୀ ଭୋଗକଲା ବର୍ଷ ସସ୍ର ଚାରୀ ।

କାଳ ସମାପତ ପୁଣି ହୋଇଲା ଅନ୍ତର
ସୁରଥ ନାମେ ଯେ ପୁତ୍ର ହେଲା ନୃପବର ।
ବିଦ୍ୟାକର ନାମେ ତାର ମନ୍ତ୍ରୀ ପୁରୋହିତ
ବହୁତ ଅମାତ୍ୟ ତାର ବହୁଜନ ଭୃତ୍ୟ ।
ଏମାନଙ୍କୁ ଘେନି ରାଜ୍ୟ କରେ ମହାରାୟ
ଅନେକ କାଳୁ ତାହାର ନୋହିଲା ତନୟ ।
ପୁତ୍ର ନୋହିଲାରୁ ତାର ମନେ ବଡ଼ ଚିନ୍ତା
ଅନେକ ଯେ ଦାନ ଧର୍ମ କଲା ମହାରଥା ।
ବରୁଣ ଦେବତା ଠାରେ କଲା ସେ ଭକତି
କାଳେ ପ୍ରସନ୍ନ ତାହାକୁ ହେଲେ ଜଳପତି ।
ବରୁଣଙ୍କୁ ଦେଖିକରି ସୁରଥ ରାଜନ
କରପତ୍ର ଯୋଡ଼ି କହେ ବିନୟ ବଚନ ।
ଭୋ ପ୍ରଭୁ ରତ୍ନାକର ମୁଁ ତୋହର ଶରଣ
ମୋର ପୁତ୍ର ନାହିଁ ମୋତେ କର ତୁ କାରଣ ।
ମୋତେ ପୁତ୍ର ଦାନ କରି ଉଦ୍ଧର ମୋ କୁଳ
ତୁମ୍ଭ ପ୍ରସାଦେ ବିକାଶୁ ମୋର ପୁଣ୍ୟବଳ ।
ବରୁଣ ବୋଇଲା ଆହେ ଶୁଣ ନରସାଇଁ
ଆମ୍ଭର ବଳେ ଯେ ପୁତ୍ରଦାନ ନୋହେ ଦେଇ ।
ଈଶ୍ୱର ଦେବଙ୍କଠାରେ କର ତୁ ଭକତି
ତାହାଙ୍କ ପ୍ରସାଦେ ହେବ ପୁତ୍ର ଉତପତ୍ତି ।
ଆମ୍ଭଠାରେ ଭକତି ଯେ କଲୁ ନରସାଇଁ
କୋଟିଅଶ୍ୱ ତୋତେ ଦେଉଅଛି ତୋଷହୋଇ ।
ଏ ଅଶ୍ୱ ଘେନିଣ ଯାଅ ତୁ ନିଜ ଭୁବନ
ଈଶ୍ୱର ସେବା କରି ତୁ ଲଭିବୁ ନନ୍ଦନ ।
ଶୁଣିଣ ଆନନ୍ଦ ସେହୁ ସିନ୍ଧୁ ଦେଶ ଈଶ
ଅଶ୍ୱ ଘେନି ଆସି ନିଜ ରାଜ୍ୟରେ ପ୍ରବେଶ ।
ହୋଇପାରନ୍ତି ସେ ଅଶ୍ୱମାନେ ସିନ୍ଧୁପାରି
ସୁରଥକୁ ଦେଲା ତାହା ଜଳ ଅଧିକାରୀ ।
ତେଣୁ ସେହି ଜମ୍ବୁଦ୍ୱୀପେ ହେଲା ବାଜିଚୟେ
ଏଥୁ ଅନନ୍ତରେ ପୁଣି ସେ ସୁରଥ ରାୟେ ।
ପୁତ୍ର କନ୍ୟା ନଥିବାରୁ କରି ବଡ଼ ଚିନ୍ତା
ଭକତିରେ ସେବାକଲା ଈଶ୍ୱର ଦେବତା ।
ବିପୁଳ ଭୋଜନ ଯହିଁ ରତ୍ନମୟ ପୁର
ଆସିଣ ପୂଜନ୍ତି ତହିଁ ମୃତ୍ତିକା ଶଙ୍କର ।
ଧୂପ ନଇବେଦ୍ୟ ଆଦି ଦେଇଣ ଛାମୁରେ
ଜପଇ ଯେ ଦେବସ୍ତୁତି ଭାବି ହୃଦୟରେ ।
ଜପଇ ଯେ ନାମ ଧରି ଚିନ୍ତେ ଦିବ୍ୟରୂପ
ଛାଡ଼ି ନିଜ ରାଜ୍ୟ ଚିନ୍ତା ଛାଡ଼ି ମନୁ କୋପ ।
ହବିଷ୍ୟ ପାଳନ କରି ଶିରେ ବାନ୍ଧି ଜଟା
ଭସ୍ମବିଲେପନ ପୁଣି କଟୀରେ କାଛଟା ।

Digitized by srujanika@gmail.com

ଗୃହବାସ ତ୍ୟାଗ କରି ତୋଟାପରେ ରହି
ବୋଲଇ ହେ ବିଶ୍ୱନାଥ ମୋତେ କର ତ୍ରାହି ।
ମୋତେ ପୁତ୍ର ଦାନକର ଆହେ ତ୍ରିପୁରାରି
ଛାଡ଼ିଣ ମୁଁ ରାଜ୍ୟଭାର ହେବି ବନଚାରୀ ।
ଅନେକ କଷ୍ଟରେ ରାଜା କଲା ଯହୁଁ ସେବା
ଶିବବୋଇଲେ ତୋ କର୍ମେ ନାହିଁ କେହ୍ନେ ଦେବା ।
ଯଦ୍ୟପି ତନୟ ତୋତେ ହେବ ପରାପତ
ଅବଶ୍ୟ ସେ ପୁତ୍ର ତୋର ହେବ ଅଭକତ ।
କର୍ମରେ ଯାହାର ସିନା ଥାଏ ପୁତ୍ର ପୁତ୍ରୀ
ପ୍ରସନ୍ନ ହୋଇ ତାହାକୁ ଦେଉ ପୁତ୍ରନାତି ।
ସୁରଥକୁ କହନ୍ତି ଯେ ପୁଣି ତ୍ରିଲୋଚନ
ଆହେ ରାଜା ତୋତେ ଆମ୍ଭେ ହୋଇଲୁ ପ୍ରସନ୍ନ ।
ପୁତ୍ରଅର୍ଥେ ତୁହି ଯେଣୁ କରୁଅଛୁ ସେବା
ଅବଶ୍ୟ ତୋତେ ଯେ ପୁତ୍ର ପ୍ରଦାନ କରିବା ।
ବିକର୍ମେ ଯେ ଅରଜନ୍ତି କୁମାର କୁମାରୀ
ଅବଶ୍ୟ ସେ ଆପଣାର ହୁଅନ୍ତି ବଇରୀ ।
ବାଳ କାଳରେ ଯେ ପୁତ୍ର ନ କରନ୍ତି ବୋଲ
ନ ପଢ଼ନ୍ତି ବିଦ୍ୟାମୁଖେ ବୋଲନ୍ତି ଯେ ଶଳ ।
ସମୟରେ ନ ଦିଅନ୍ତି ଅନ୍ନ ବାସ ଜଳ
ଉପବାସ କରନ୍ତି ଯେ ଦେଖି ବୃଦ୍ଧକାଳ ।
ଅନ୍ତେ ଦାନ ଧର୍ମ ପୁଣି ନ କରେ ଆଚାର
ବିକର୍ମି ପୁତ୍ରଙ୍କର ଯେ ଏମନ୍ତ ବେଭାର ।
ତୁ ଯେ ପୁତ୍ରପାଇଁ କରୁଅଛୁ ବହୁ ଶ୍ରଦ୍ଧା
ପୁତ୍ର ହେଲେ ଲାଗିବଟି ଦରିଦ୍ରର ବାଧା ।
ଏମନ୍ତ ତୋର କର୍ମରେ ଅଛି ପୂର୍ବ ଦୀକ୍ଷା
ବିଚାର କରହେ ରାଜା ଯେ ତୋହର ଇଚ୍ଛା ।
ଜାତ ହେଉ ପୁତ୍ର ତୋର ପୂରୁ ମନୋବାଞ୍ଛା
ସନ୍ତୋଷେ ପ୍ରସନ୍ନ ତୋତେ ହୋଇଲୁରେ ବତ୍ସା ।
ସୁରଥ ନୃପତି ବୋଲେ ଶୁଣ ତ୍ରିଲୋଚନ
ପୁତ୍ର ଜାତ ହୋଇ ପଛେ ଯାଉ ମୋ ଜୀବନ ।
ଅସ୍ତୁ କହି ଅନ୍ତର୍ଦ୍ଧାନ ହେଲେ ବିଶ୍ୱନାଥ
ମହାଦେବ ଦାସ କହେ ଅପୂର୍ବ ଚରିତ ।

–x–

ଜୟଦ୍ରଥ ଜନ୍ମ ଓ ପିତୃବଧ ଯନ୍ତ୍ରଣା

ଶୁଣ ଶୁଣ ସାଧୁଜନେ ହୋଇ ଶୁଦ୍ଧ ଚିତ୍ତ
ଏଥୁ ଅନନ୍ତରେ ସେହି ନୃପତି ସୁରଥ ।
ତପୀବେଶ ତ୍ୟାଗକରି ନୃପବେଶ ହେଲା
ନିଶିରେ ସେ ରାଣୀ ହଂସପୁରେ ବିଜେ କଲା ।
ଜୟନ୍ତୀ ନାମରେ ତାର ଯେବଣ ଭାରିଯା
ତାହା ସଙ୍ଗେ ସହବାସ କଲା ମହାରାଜା ।
ଈଶ୍ୱର ଆଜ୍ଞାରେ ସେହୁ ହେଲା ଗର୍ଭବତୀ
ଦଶମାସ ଅନ୍ତେ ପୁତ୍ର ହେଲା ଉତପତ୍ତି ।
ଦେଖିଣ ନୃପତି ମନେ ଆନନ୍ଦ ହୋଇଲା
ଜୟଦ୍ରଥ ବୋଲି ସେହି ପୁତ୍ର ନାମ ଦେଲା ।
ସେହି ଜୟଦ୍ରଥକୁ ଯେ ଅଠର ବରଷ
କନ୍ୟା ସମର୍ପଣ କଲେ ହସ୍ତିନା ନରେଶ ।
ଧୃତରାଷ୍ଟ୍ର ନାମେ ନରପତି ସୋମବଂଶେ
ଶତେକ ପୁତ୍ର ତାହାର କନ୍ଦର୍ପ ସଦୃଶେ ।
ଦୁଃଶୀଳା ନାମରେ ତାର କନ୍ୟା ସୁଲକ୍ଷଣୀ
ଜୟଦ୍ରଥକୁ ତା ପାଇଁ ବରିଲା ନୃମଣି ।
ପୁତ୍ରମାନେ ଯଥାବିଧି କାର୍ଯ୍ୟକଲେ ନିର୍ଭା
ମାର୍ଗଶିର କୃଷ୍ଣ ତୃତୀୟାରେ ଦେଲେ ବିଭା ।
ଉତ୍ସବେ ବିବିଧ ବାଦ୍ୟ ବାଜେ ଦେଶଯାକ
ରଥଗଜ ତୁରଙ୍ଗମ ସାଜେ ପଦାତିକ ।
ପ୍ରଭାତକାଳେ ସୁବେଶ ହୋଇ ଜୟଦ୍ରଥ
ବିଜେ କଲା ଯାଇ ଦିବ୍ୟ ସ୍ୱର୍ଣ୍ଣମୟ ରଥ ।
ଆନନ୍ଦ ହୋଇଣ ସେହୁ ସୁରଥ ନୃପତି
ପୁତ୍ର ସଙ୍ଗତେ ପ୍ରେରଣ କଲା ନିଜ ମନ୍ତ୍ରୀ ।
ରଥ ଅଶ୍ୱ ଗଜ ଆଦି ସଇନି ସମ୍ଭାରେ
ପୃଥିବୀ କମ୍ପିଲା ଯାଉଁ ବାଦ୍ୟନାଦ ପୁରେ ।
ଅନେକ ଉପହାର ସେ ବିଭାବିଧି ଦେଇ
ମନ୍ତ୍ରୀ ସହିତେ ପୁତ୍ରକୁ ପେଶେ ନରସାଇଁ ।
ପୁତ୍ରକୁ ବଳାଇ ଦେଇ ରହିଲା ରାଜନ
ଏଥୁ ଅନନ୍ତରେ ଶୁଣ ଆହେ ସାଧୁଜନ ।
ମାର୍କଣ୍ଡେୟ ପୁରାଣର ଆଦ୍ୟ ପ୍ରାନ୍ତ କଥା
ଶୁଣନ୍ତେ ନରର ତୁଟେ ଭବବନ୍ଧୁ ବ୍ୟଥା ।
ଯେପରି ସେ ରାଜା ତହୁଁ ହୋଇଲା ବିଖ୍ୟାତ
ଯେଉଁ କାରଣରୁ ସେହୁ ଲଭିଲେ ଜଗତ ।
ସେହି କଥା କହଇ ମୁଁ ଆଦ୍ୟ ପ୍ରାନ୍ତ କରି
ଶ୍ରୀଜଗନ୍ନାଥଙ୍କ ନାମ ମନରେ ସୁମରି ।
ସୁରଥ ନନ୍ଦନ ବିଭା ହୋଇବାକୁ ଗଲା
ହସ୍ତିନା କଟକରୁ ସେ ବାହାର ହୋଇଲା ।
ବିଭାବିଧି ଶେଷକରି ଲେଉଟିବା ବେଳେ
ରଥରେ ବସିଅଛି ସେ ମନ୍ତ୍ରୀବର ମେଳେ ।
ବହୁତ ଆଡ଼ମ୍ବରେ ସେ ଚଳାଇ ସଇନି
ଜୟଦ୍ରଥ ବିଭାହୋଇ ଆସେ ସୈନ୍ୟଘେନି ।
ଆଗ ଥାଟ ମଧ୍ୟେ କନ୍ୟା ହାନ୍ଦୋଳାରେ ଅଛି
ମନ୍ତ୍ରୀଘେନି ବୀରବର ରଥରେ ବସିଛି ।
ବଜାଇ ଯେ ନାନା ବାଦ୍ୟ ଚଳନ୍ତି ସଇନ୍ୟ
ଆଲଟ ଯେ ପାଟଛତ୍ର ଚାମର ଶୋଭନ ।

Digitized by srujanika@gmail.com

ଏକେ ରାମପଦ ପୁଣି ଦ୍ୱିତୀୟେ ମଙ୍ଗଳ
ଦେଖି ବିଚାର କରଇ ସୁରଥର ବାଳ ।
ଧନ୍ୟ ଏ ରାଜ୍ୟ ସମ୍ପତ୍ତି ଅଟେ ବଡ଼ପଣ
ରାଜା ତହୁଁ ବଳି ଆଉ ନାହିଁ ବଡ଼ ଜାଣ ।
ମୁହିଁ ରାଜକୁଳେ ଯେଉଁ ହୋଇଲଇଁ ଜନ୍ମ
ଧନ୍ୟ ଧନ୍ୟ ମୋର ତପ ଧନ୍ୟ ମୋର କର୍ମ ।
ଏ ରାଜ ସମ୍ପଦ କେବେ ଭୁଞ୍ଜିବଇଁ କିନା
ପିତା ଥିବାଯାଏ ଅଟେ କୁମର ମୁଁ ସିନା ।
ଏସନ ବେଳେ ନୋହିଲା ଯେବେ ରାଜପଣ
ବୟସ ସରିଲେ ରାଜ୍ୟ ଧନ ଅକାରଣ ।
ଏବେ ମୋର ବିକାଶିବ ଯେବେ ପୂର୍ବଭାଗ୍ୟ
ଅଳପ ଦିନେ ଲଭିବେ ପିତା ମୃତ୍ୟୁ ଯୋଗ୍ୟ ।
ତେବେ ସେ ରାଜ୍ୟରେ ମୁହିଁ ହୋଇବି କାରେଣି
ନୃପତିଗଣ ମଧ୍ୟରେ ହୋଇବି ବରେଣି ।
ପାତ୍ର ଅମାତ୍ୟ ପରଜା କରିବେ ଯେ ସ୍ତୁତି
ଭୃତ୍ୟଗଣମାନେ ପୁଣି କରିବେ ଭକତି ।
ରାଜାର ନିଯୋଗୀ ସିନା ସମ୍ପଦ ବିଧାନ
ଅନେକ ଭାଗ୍ୟ ଥିଲେ ଯେ ମିଳଇ ଏ ମାନ ।
କେମନ୍ତ ପ୍ରକାରେ ଏବେ ହେବଇଁ ରାଜନ
ସର୍ବଦା ଚିର ନୁହଇ ଆପଣା ଜୀବନ ।
ଭୋଗ ଯେ ଅଟେ ଆପଣା ଟୀବନର ସାର
ଏତେ ବୋଲି ମନେ ମନେ ଭାଳଇ କୁମର ।
ମନ୍ତ୍ରୀକି ରାଇଣ କହେ କରିଣ ବିଶ୍ୱାସ
ଆହେ ବିଦ୍ୟାକର ଶୁଣ ମୋହର ସନ୍ଦେଶ ।
ଚତୁର୍ଥ ବୟସ ହୋଇଲାଣି ପିତାଙ୍କର
କିମ୍ପା ନ ଦିଅନ୍ତି ପିତା ମୋତେ ରାଜ୍ୟଭାର ।
ବୃଦ୍ଧକାଳେ କାହିଁ ପାଇଁ ଆବୋରନ୍ତି ଭାରା
ଏକଥା ଗୋଟି ସଂସାରେ ନ ଦିଶଇ ତୋରା ।
ମୁହିଁ ଅଟେ ବୀରବର ପୁଣି ନବଯୁବା
ଦଣ୍ଡସିଂହାସନ ସିନା ଦିଶେ ମୋତେ ଶୋଭା ।
ସମୟ ଭୋଗ ସରିଲା ତାହାଙ୍କର ଆସି
ମୋତେ ରାଜ୍ୟଦେଇ ପିତା ହେଉ ବନବାସୀ ।
ଯଦ୍ୟପି ଦଣ୍ଡଛତ୍ର ନ ଦେବ ମୋତେ ପିତା
ଅବଶ୍ୟ ମାରିବି ପଛେ ଲାଗୁ ମୋତେ ହତ୍ୟା ।
ଜୟଦ୍ରଥର ବଚନେ ବୋଲେ ବିଦ୍ୟାକର
କିମ୍ପାଇଁ ଅନୀତି କଥା କହିଲୁ କୁମର ।
ତୁ ତାହାର କୁମର ଯେ ତୋହର ସେ ପିତା
ପିତା ସିନା ପୁତ୍ର ପିଣ୍ଡ ଉପରେ କରତା ।
ପିତା ଅନ୍ତରେ ତୁ ହେବୁ ରାଜ୍ୟରେ କାରେଣି
ଏମନ୍ତ କହିଲୁ କିମ୍ପା ତୁ କୁମର ମଣି ।
ମୁଁ ଯାଇ ଏବେ ପିତାଙ୍କୁ ଜଣାଇବି ଆଜ
ପାରିବୁଟିକି ଯେବେ ସମର୍ପିବେ ରାଜ୍ୟ ।
ଜୟଦ୍ରଥ ବୋଇଲା ମୋ ପିତା ଜୀଇଁଥାନ୍ତେ
ଖଟଣୀ ନିଯୋଗ ମୋତେ ଖଟିବେ କେମନ୍ତେ ।
ଅନ୍ତଃପୁର ମଧ୍ୟେ ହେବ କି ମୋହର ପଣ
ବୋଲିବେ କି ବୀରବର ବୋଲି ରାଜାଗଣ ।
ଶୁକଳ ଛତ୍ର କି ଧରାଯିବ ମୋର ଶିରେ
ବୀରକାହାଳୀ ବାଜିବ କି ମୋର ଛାମୁରେ ।
ଠାକୁର ବୋଲିଣ ଲୋକେ ବୋଲିବେକି ମୋତେ
ରାଜା ଥାଉଁ ଥାଉଁ ଏହା ହୋଇବ କେମନ୍ତେ ।
ଏ କଥାକୁ ସିନା ମୋର ହୋଇଅଛି ଶଧ
ବିଶେଷ ପିତାମୋହର ହୋଇଲେଣି ବୃଦ୍ଧ ।
କିଛି ନ ବିଚାରିଣ ସେ ଛତ୍ର ମୋତେ ଦେଉ
ଚତୁର୍ଥ ସମୟେ ପିତା ତପ କରି ଯାଉ ।
ଏମନ୍ତ ନକଲେ ମୁଁ ଯେ ନୁହଇ ତୃପତି
ନୋହିଲେ ରାଜାକୁ ମାରି ହୋଇବି ନୃପତି ।
ତୁହି ମନ୍ତ୍ରୀ ଯେବେ ଛଳ କରିବୁ ତା ପାଇଁ
ତୋତେ ସଂହାର କରିବି କହୁଅଛି ମୁହିଁ ।
ଏ ବଚନ ଶୁଣି କହେ ମନ୍ତ୍ରୀ ବିଦ୍ୟାକର
କି ହୋ ଜୟଦ୍ରଥ ଜ୍ଞାନ ନାହିଁଟି ତୋହର ।
କେବଣ ବିଧାତା ଏବେ କଲା ତୋତେ ବାଇ
କିବା ସେ ବାପର ପୁତ୍ର ନୋହୁଁ ବାବୁ ତୁହି ।
କେତେ କଷ୍ଟ ସହି ତୋତେ ଅର୍ଜିଲା ସୁରଥ
ଦ୍ୱାଦଶ ବରଷ ସେବା କଲା ବିଶ୍ୱନାଥ ।
ବରୁଣକୁ ସେବିଲା ସେ ଅତି ଭକ୍ତି ଚିତ୍ତେ
ଯତିବେଶ ହୋଇଥିଲା ତୋହର ନିମନ୍ତେ ।
ହବିଷ ପାଳନ କରି ବ୍ରତ ଉପବାସେ
ପୂଜୁଥିଲା ଦେବଦେବୀମାନଙ୍କୁ ହରଷେ ।
ଧର୍ମଶାସ୍ତ୍ର ପୁରାଣ ଯେ ଶୁଣେ ରାଜା ନିତି
ବାଞ୍ଛା କରୁଥାଏ ମନେ ହେଉ ଯେ ସନ୍ତତି ।
ଅନେକ ସେ ଦାନଦେଲା ଶାସ୍ତ୍ର ବିଧିମତେ
କଲାକ ପୁତ୍ରେଷ୍ଟି ଯଜ୍ଞ ତୋହର ନିମନ୍ତେ ।
ତୋଷଇ ବହୁ ବ୍ରାହ୍ମଣ ଯତି ଯେ ସନ୍ନ୍ୟାସୀ
ମାଗଇ ମୋ ପୁତ୍ର ଦାନ ହୋଇ ଉପବାସୀ ।
ତୀର୍ଥମାନଙ୍କରେ ରହି ବହୁ ଦାନ ଦେଲା
ଅନେକ ଦୁଃଖରେ ରାଜା ତୋତେ ଯେ ପାଇଲା
ପ୍ରାଣଠୁଁ ଅଧିକ କରି ପାଳିଥିଲା ତୋତେ
ତୁ ତାହାର ମନ୍ଦ ବାଞ୍ଛା କରୁଛୁ କେମନ୍ତେ ।
କହ ବାବୁ ଊଣା ତୋର ହୋଇଅଛି କିସ
ରାଜାହୋଇ ବାବୁ ଆଉ ପାଇବୁ କି ଯଶ ।

Digitized by srujanika@gmail.com

ଏଡ଼େ ବଡ଼ ଦିଶିଲା କି ତୋତେ ରାଜ୍ୟଶିରୀ
ଜନ୍ମକଲା ପିତାକୁ ତୁ ମଣିଲୁ ବଇରୀ ।
ଏଡ଼େ ବଡ଼ ମୂର୍ଖ ତୁହି ଏଡ଼େକ ଅଜ୍ଞାନ
ବୋଲୁଅଛୁ ପିତା ତୋର ଯାଉ ଘୋରବନ ।
ଲୁହାର ପରାଏ ତୁହି ପ୍ରକୃତି ଧଇଲୁ
ଯେ ତୋତେ ଗଢ଼ିଥିଲା ତୁ ତାହାକୁ ଗଞ୍ଜିଲୁ ।
ଧିକ ତୋହର ଜୀବନ ଚାଣ୍ଡାଳ ସ୍ୱଭାବ
ଯହୁଁ ଜାତ ହେଲୁ ତାର ଖୋଜୁ ମୃତ୍ୟୁଭାବ ।
ଧିକ ଧିକ ତୋର ବୁଦ୍ଧି ଧିକ ତୋର କଥା
ଆଉ କେତେବେଳେ ଏହା ନ କହ ସର୍ବଥା ।
ରାଜା ଏହା ଜାଣିଲେ ତୁ ପ୍ରାଣେ ଯିବୁ ନାଶ
ବିନାଶ ହୋଇଲେ ତୁହି କରିବୁରେ କିସ ।
ଶୁଣି ମହାକୋପ କଲା ସୁରଥର ବଳା
ଉଭା ହୋଇକରି କରେ ଘେନି ଖଡ଼ଗଫଳା ।
ବାମ କରରେ ଧଇଲା ସେହୁ ମନ୍ତ୍ରୀ ବାଳ
ବୋଇଲା ପାମରରେ ନକଲୁ ମୋର ବୋଲ ।
ଏଇକ୍ଷଣି ମୁଣ୍ଡ ମୁଁ ଯେ କାଟିବି ତୋହର
ପାରିଲେ ଆସିଣ ରକ୍ଷାକରୁ ତୋ ଠାକୁର ।
କାହାକୁ ଘେନିଣ ତୋର ଏଡ଼େକ ପ୍ରତିଜ୍ଞା
ମୁହିଁ ଅଟେ ବୀରବର ଭାଙ୍ଗୁ ମୋର ଆଜ୍ଞା ।
ମନ୍ତ୍ରୀ ତହୁଁ ବୋଇଲାହୋ ଛାଡ଼ ମୋର କେଶ
ମୁହିଁ ତୋର ଭୃତ୍ୟ ଛାଡ଼ ମୋହଠାରୁ ରୋଷ ।
ତୋହର ବାପକୁ ଯେବେ ମାରିବୁଟି ତୁହି
ମୁହିଁ ସେ କଥାକୁ କିମ୍ପା କରିବଇଁ ନାହିଁ ।
ମୋହର ଦୋଷ ବେଳେକ ବାବୁ କ୍ଷମାକର
ପିତାକୁ ମାରି କରିବି ତୋତେ ନୃପବର ।
ଶୁଣିଣ କେଶ ତାହାର ଛାଡ଼ି ଜୟଦ୍ରଥ
ବୋଇଲାକ ଏବେ ତୁହି କହିଲୁ ଯଥାର୍ଥ ।
ମୋର ମହାପାପ ସିନା ହୋଇଲା ସର୍ବାଙ୍ଗ
ତୁହି ସେ କଥାକୁ ହେଉ କିମ୍ପା ମତିଭଙ୍ଗ ।
ଦୁଇଗୁଣ ଦେଶ ଘୋଷ ଦେବଇଁ ଯେ ତୋତେ
ପିତାଙ୍କୁ ମାରିଣ ଛତ୍ର ଟେକ ମୋର ମାଥେ ।
ତାହା ଶୁଣି ବିଦ୍ୟାକର ସନମତ କଲା
ଏସନକ ଭାଳିବାର କେହି ନ ଜାଣିଲା ।
ସିନ୍ଧୁ ଦେଶରେ ଯାଇଣ ହେଲା ପରବେଶ
ଦେଖିଣ ସୁରଥ ହେଲା ମନରେ ହରଷ ।
ପୁତ୍ରବଧୂକୁ ଦେଖିଣ ଆନନ୍ଦ ନୃପତି
ମଙ୍ଗଳ ବିଧି କରିଣ ନବରକୁ ନ୍ୟନ୍ତି ।
ସିନ୍ଧୁ ଦେଶେ କଲେ ବହୁ ଉତ୍ସବ ଆନନ୍ଦ
ମନ୍ତ୍ରୀକୁ ହକାରିଣ ସେ ପୁଚ୍ଛଇ ନରେନ୍ଦ୍ର ।
ଚଉଠି ମଙ୍ଗଳ କର୍ମ ହେବ ପରଦିନ
ଭିଆଇଲେ ସମ୍ଭାର ଯେ ସର୍ବ ସଞ୍ଜାମାନ ।
ମାର୍କଣ୍ଡ ପୁରାଣ ଏ ଅମୃତ ରସବାଣୀ
ଶ୍ରୁତିପଥେ ପିଅ ମହାଦେବ ଦାସ ଭଣି ।

-x-

ବିଦ୍ୟାକର ମନ୍ତ୍ରୀ ଓ ସୁରଥ ରାଜାର କଥୋପକଥନ

ଏଥିଅନ୍ତେ ରାଜା ପାଶେ ଯୋଡ଼ି ବେନିକର
ଶୋକଭରେ ଉଭାହୋଇ କହେ ମନ୍ତ୍ରୀବର ।
ହେ ପ୍ରଭୁ ଠାକୁର ସିନ୍ଧୁଦେଶ ଦଣ୍ଡଧାରୀ
ପୁରୁଷାନୁକ୍ରମେ ମୁହିଁ ସେବକ ତୋହରି ।
ତୁ ମୋହର ଅନ୍ନଦାତା ଅଟୁ ଧର୍ମବାପ
ତୋହର ବିନାଶ କରି ପାରିବିକି ଗୋପ୍ୟ ।
ପ୍ରଭୁଙ୍କର ଯେଉଁଠାରେ ଶୁଣି ଅପଘାତ
ସେବକ ଜାଣିଣ ଯେବେ କରଇ ଗୁପତ ।
ଶତେ ଜନ୍ମେଯାଏ ପଡ଼େ ନରକେ ତା ପିଣ୍ଡ
ପୁଣି ଶତେ ଜନ୍ମଯାଏ ପାନ୍ତି ରାଜଦଣ୍ଡ ।
ପୁରାଣରେ ଏସନକ କଥା ଅଛି ଶୁଣି
ତେଣୁ ତୋତେ କେମନ୍ତେ ନ କହିବି ମୁଁ ପୁଣି ।
ଜୟଦ୍ରଥ ନାମେ ଯେଉଁ ତୁମ୍ଭର କୁମର
ଅନେକ ଦୁଃଖେ ତାହାକୁ ଅର୍ଜିଲୁ ନବର ।
କାଳେଣ ହୋଇଲା ସେହି ବନ ଅଗ୍ନିପ୍ରାୟ
ଯହିଁରୁ ଜାତ ହୋଇଲା ତାକୁ କଲା କ୍ଷୟ ।
କୁଳକୁ କଳଙ୍କ ହେଲା ସେ ପୁତ୍ର ତୋହର
ବୋଇଲା ତୋତେ ମାରିଣ ଦେବ ନୃପବର ।
ମୋତେ ଏବେ ବୋଇଲା ସେ ସୁରଥଙ୍କୁମାରି
ସିନ୍ଧୁଦେଶରେ ମୋତେ ହୋ କର ଦଣ୍ଡଧାରୀ ।
ନୋହିଲେ ପିତା ଯେ ମୋତେ ଦେଉ ସିନ୍ଧୁଦେଶ
ରାଜପଣ ଛାଡ଼ିଣ ସେ କରୁ ବନବାସ ।
ଏମନ୍ତ ଶୁଣି ତାକୁ ମୁଁ କହିଲି ତିଆରି
ଖଡ଼ଗ ଘେନିଣ ମୋତେ ହାଣୁଥିଲା ଧରି ।
ସ୍ତୁତି କରିଣ ତାହାକୁ ରଖିଲି ମୋ ଦେହ
ଆହେ ନୃପବର ଏବେ କି କରିବା କହ ।
ଜୟଦ୍ରଥ ଜାଣ କେବେ ନୁହଇ ତୋ ସୁତ
ଆତ୍ମାକୁ ବଇରୀ ସେହି ଅଟଇ ନିୟତ ।
ଭୃତ୍ୟଜନମାନେ ଏବେ ନୁହନ୍ତି ତୋହର
ଜୟଦ୍ରଥ ସବୁଯାକ କଲାଣି ତାହାର ।
ସେ ତୋହର ପାପମାନ ପୂର୍ବ ଅରଜିଲା
ଗର୍ଭ ଭିତରୁ ସେ ସର୍ପ ହୋଇ ଜାତହେଲା ।

Digitized by srujanika@gmail.com

ଏଥକୁ କି ଆଉ ଚିନ୍ତାକଲେ ହେବ କିସ
ରାଜ୍ୟଭାର ଛାଡ଼ିଣ ତୁ କର ବନବାସ ।
କୁଟୁମ୍ବ ଘେନିଣ ମୁଁ ଯାଉଛି ଆନ ଦେଶେ
କେମନ୍ତେ ରହିବି ଏଡ଼େ ଅଧାର୍ମିକ ପାଶେ ।
ଶୁଣିଣ ସୁରଥ ସୁମରଇ ଚଉବାହା
କିହୋ ବିଦ୍ୟାକର ମୋତେ ତୁ ବୋଇଲୁ ଯାହା ।
ସତେ ହେଁ ଏକଥା ପୁତ୍ର ବୋଇଲାକ ମୋତେ
ମୋହର ମନକୁ ଏହା ନ ଯାଏ ପରତେ ।
ଅନେକ ଯତନେ ପାଳିଥିଲି ଯେଉଁ ସୁତ
କାଳେ ଯାହା ତାହାଠାରୁ ଶୁଣିଲି ଏମନ୍ତ ।
ସ୍ୱରୂପ ହୋଇବ କହିଲୁ ତୁ ଯେତେ କଥା
ଗୁପତରେ କହିଛନ୍ତି ଏହା ପଞ୍ଚମଥା ।
ସେହି କଥା ଅନ୍ୟଥା କି ହେବ ତାହାଙ୍କର
ଯାହା ସେ ବିଧାତା କର୍ମେ ଲେଖିଛି ମୋହର ।
ମିଥ୍ୟା ହୋଇବକି କେବେ ଈଶ୍ୱର ବଚନ
ବୋଇଲେ ଯେ ଶତ୍ରୁ ତୋର ହୋଇବ ନନ୍ଦନ ।
ସେ ସମୟ ଆସି ଏବେ ହୋଇଲା ପ୍ରବେଶ
ଛାଡ଼ିବଇଁ ରାଜ୍ୟ ବନେ କରିବଇଁ ବାସ ।
ତୁହୋ ମନ୍ତ୍ରୀବର ଏଥୁ କେଣିକି ନ ଯାଅ
ତୋର ଗଲାକ୍ଷଣି ଏକା ହେବ ମୋର ପୁଅ ।
ବାଳୁତ ବୁଦ୍ଧି ସିନା ତା ଅଳପ ବୟସ
ରାଜା ହୋଇବାକୁ ତେଣୁ କରିଛି ସାହସ ।
ଭୋଗକୁ ଜାଣିଛି ଜାଣି ନାହିଁ ସେ ଜଞ୍ଜାଳ
ସୁନ୍ଦର ଦିଶଇ ଯେହ୍ନେ ରକ୍ତ ନଦୀ ଜଳ ।
କ୍ରୀଡ଼ାର ନିମନ୍ତେ ଯାଇ ତହିଁ ଯେ ପଶଇ
ପହଁରି ନ ପାରି ଯେହ୍ନେ ଜୀବନ ହାରଇ ।
ସେହି ପ୍ରକାରେ ଅଟଇ ରାଜା ହେବା କଥା
ଚାଲି ନ ଜାଣିଲେ ଦେହେ ପାଇବଟି ବ୍ୟଥା ।
ରାଜ୍ୟ ପାଳନ କରିବା ଅତ୍ୟନ୍ତ କଠୋର
ଏକଥା ତ ଜାଣିନାହିଁ ମୋହର କୁମର ।
ପରଜା ପାଳିବ ରାଜନୀତିକୁ ବୁଝିବ
ସେବକକୁ ଆରାଧିକ ପୁତ୍ରକୁ ଜିଣିବ ।
ସମର୍ଥ ପଣରେ ପରଦେଶକୁ ସାଧିବ
ବନ୍ଧୁବାନ୍ଧବଙ୍କ ଚିତ୍ତ ତୋଷ କରୁଥିବ ।
ଦେବତା ବ୍ରାହ୍ମଣଠାରେ କରୁଥିବ ଭକ୍ତି
ଗୁରୁଜନଙ୍କ ଆଗରେ କରୁଥିବ ନୀତି ।
ଗୁହାରି ଶୁଣିବ ଦଣ୍ଡ ଦେବ ଦୋଷ ଜାଣି
କୋପ ନ କରିବ ଖତୁଆଙ୍କ ବୋଲ ଶୁଣି ।
ଆସ୍ଥାନରେ ଲୋକମାନେ ନ କହିବେ ମିଥ୍ୟା
ଦେଶ ଦାଣ୍ଡପାଟ ବୁଲି କରିବ ପରୀକ୍ଷା ।
ପଡ଼ିଆ ବୃତ୍ତିରୁ କେବେ ନ ମାଗିବ କର
ଭଗ୍ନ ଦେଶମାନଙ୍କରେ ବସାଇବ ଘର ।
ଇନ୍ଦ୍ର ନ ପାଳିଲେ ନିତ୍ୟେ ଯଜ୍ଞ କରୁଥିବ
ଗୋଚର ନ ଭାଙ୍ଗି ଦାନ ବୃତ୍ତି ନ ହରିବ ।
ଦେବତା ପ୍ରାସାଦ ପରକୀର୍ତ୍ତି ନ ଭାଙ୍ଗିବ
ବୃକ୍ଷ ଯେ ସନ୍ନ୍ୟାସୀ ଯତି ବ୍ରାହ୍ମଣ ବୈଷ୍ଣବ ।
ପ୍ରାର୍ଥୀ ଜନମାନଙ୍କର ନ ଖଣ୍ଡିବ ଆଶ
ନିର୍ମାୟା ଲୋକ ହାତରେ ସମର୍ପିବ ଦେଶ ।
ଯେମନ୍ତେ ନୋହିବ ଆପଣାର କାର୍ଯ୍ୟନାଶ
ଦେବତା ବ୍ରାହ୍ମଣଠାରେ କରିବ ବିଶ୍ୱାସ ।
ପାଞ୍ଚଘର ଲେଖା ହେବ ଛ'ମାସ କରଣ
ପଣ୍ଡିତ ଜନଙ୍କ କଥା ନ କରିବ ଆନ ।
ପୁତ୍ରକୁ ପରତେ କରି ନ ଦେବ ଭଣ୍ଡାର
ଭାଇ ସଙ୍ଗେ ନ ରଖିବ ବହୁ ପରିବାର ।
ବାହାର ନୋହିବେ ଅନ୍ତଃପୁର ଦାସୀମାନେ
ଯୋଗୀ ଓ ନିଯୋଗୀ ଖଟିଥିବେ ଅନୁକ୍ଷଣେ ।
ପଡ଼ିଆରୀ ପଚାରିଣ ଦ୍ୱାର ଛାଡ଼ିଦେବ
ବିଶ୍ୱାସୀ ସେବକ ନିତ୍ୟ ଛାମୁରେ ଯେ ଥିବ ।
ପାଉଥିବେ ପଡ଼ି ଭାତ ବର୍ତ୍ତନ ସେବକେ
ପାଇଲେ କି ନପାଇଲେ ବୁଝିବ ପ୍ରତ୍ୟକ୍ଷେ ।
ଛାମୁରେ କରିବେ ଯେଉଁ ଲୋକ ଦରଶନ
ତାଙ୍କ ଭଲମନ୍ଦ ବୁଝୁଥିବ ପ୍ରତିଦିନ ।
ଭୃତ୍ୟର ସମ୍ପଦ ଦେଖି ଆନନ୍ଦ ହୋଇବ
ଦୁଃଖୀ ସେବକଙ୍କୁ ଧନ ଭଣ୍ଡାରରୁ ଦେବ ।
ମାସକରେ ମୃଗୟାକୁ ହୋଇବ ବାହାର
ତୁଚ୍ଛ କରି ଛାଡ଼ିଣ ନ ଯିବ ସ୍ୱନବର ।
ଯେବଣ ବ୍ରାହ୍ମଣ ଅଟେ ପିତାମାତା ସରି
ଭଣ୍ଡାର ଘରକୁ ସେହୁ ହେବ ଅଧିକାରୀ ।
ଅଶ୍ୱ ଗଜଶାଳେ କଉଶଳୀ ଲୋକ ଥିବ
ହୟ ଗଜ ରଥ ଆଦି ପ୍ରତ୍ୟହ ସାଜିବ ।
ରାଉତ ମାହୁନ୍ତ ଆଦି ଯୋଦ୍ଧା ପୟେଦାର
ସଜହୋଇ ଆସୁଥିବେ ନିତ୍ୟ ସିଂହଦ୍ୱାର ।
ଆଳସ୍ୟ ନ କରିବେ ନ ଶୋଇବେ ଦିବସେ
ଶସ୍ତ୍ରଧାରୀ ନ ରହିବେ ଆପଣାର ପାଶେ ।
ଛୁରୀ ଖଣ୍ଡା ଧରି କେହି ପଶିଲେ ଦୁଆରେ
ବିବେକୀ ଜନ ଜଣାଉଥିବେ ତୋ ଛାମୁରେ ।
ଅନ୍ତଃପୁର ଭିତରେ ଯେ ହୋଇଲେକ କଳି
ସମାଧାନ କରୁଥିବ ସେହୁ ଯେତେଭଳି ।
ବେଳ ଜାଣି ଦେବାର୍ଚ୍ଚନା ସତ୍ୱର କରିବ
ଧର୍ମଶାସ୍ତ୍ର ଶୁଣି ସ୍ୱର୍ଣ୍ଣ ଦାନ ଦେଉଥିବ ।

Digitized by srujanika@gmail.com

ନଗ୍ର ଲୋକଙ୍କର ଦୁଃଖ ନ ଦେଖିବ ନେତ୍ରେ
ବିପ୍ରେ ଦାନ ଦେଉଥିବ ବିଷ୍ଣୁ ପ୍ରୀତିଅର୍ଥେ ।
ସୁପଥେ ବୃକ୍ଷ ରୋପି କୁପଥେ ଦେବ ଠଣା
ନୋହିବ ପଥିକୀ ଲୋକ ଯେହ୍ନେ ପଥବଣା ।
ବରଷକେ ଥରେ କଷୁଥିବ ନିଜ ବଳ
ଆପଣା ଥାଟରେ ଯେହ୍ନେ ନ ଲାଗେ କନ୍ଦଳ ।
ସେବକ ଲୋକେ ଯେପରି ନ ଭାଙ୍ଗିବେ ଆଜ୍ଞା
କେବେ ତାକୁ ନ ରଖିବ ଯାର ଦୁଷ୍ଟ ପ୍ରଜ୍ଞା ।
ଶତ୍ରୁ ସଙ୍ଗେ କେତେବେଳେ ପ୍ରୀତି ନ କରିବ
ପ୍ରୀତି ବଢ଼ାଇଲେ ଚିତ୍ତେ ଭୟ ରଖିଥିବ ।
ରାଜ୍ୟ ଭାରରେ ଅଧୀର ନ କରିବ ମତି
ମନକୁ ତାପ ଦେଇ ଯେ ନ କରିବ ଭୀତି ।
ଡଗର ଜଣାଉଥିବେ ଆସି ଯେଉଁ କଥା
ବିଶ୍ୱାସୀ ଲୋକକୁ ପେଶି ବୁଝିବ ସର୍ବଥା ।
ହାରି ଗୁହାରି ବୁଝିବ ନିତ୍ୟ ଦେବାର୍ଚ୍ଚନେ
ରାଜ୍ୟକଥା ବୁଝୁଥିବେ ପାତ୍ରମନ୍ତ୍ରୀମାନେ ।
ପରଜାଏ ନିନ୍ଦାକଲେ ନ କରିବ ଛଳ
ପଦାର୍ଥ ନାଶଗଲେ ଯେ ନୋହିବ ବିକଳ ।
ବହୁତ ଜଣାଇଲେ ଯେ ଅସୁଖ ନୋହିବ
ସାର ସାର କଥା ତହୁଁ ମନରେ ତୁଳିବ ।
ବିବେକ ପଣ କରିଣ କହିବ ବଚନ
ଅଳ୍ପକାର୍ଯ୍ୟେ ନାଶ ନକରିବ ବହୁଧନ ।
ଅଳପ ଯୁଦ୍ଧକୁ ଆପେ ନୋହିବ ସେ ସଜ
ହାର ଜିଣ ହୋଇଲେ ଯେ ନ ପାଇବ ଲାଜ ।
ଜ୍ଞାନୀ ଯେ ପଣ୍ଡିତମାନେ ଥିବେ ସନ୍ନିଧିରେ
ବୀରବେଶେ ବିଜେ କରୁଥିବେ ଆସ୍ଥାନରେ ।
ପନ୍ଦର ଦଣ୍ଡ ବେଳରେ କରିବ ମଣୋହି
ତେବେ ସିନା ସୁସ୍ଥ ହୋଇଥିବ ମନଦେହୀ ।
ଶୁଭବେଳ ଧରି ବିଜେ କରିବ ବାହାରେ
ଆଠଦିନେ ଯାଉଥିବ ଅନ୍ତଃପୁରେ ଥରେ ।
ନଗ୍ରବୁଲି ଗଲେ ପ୍ରଜା ଠଣା ଥିବେ ସାଜି
ଲାଗି ହୋଇଥିବ ନିଜେ ମନୋହର ବାଜି ।
ଅନ୍ଧାରି ବିଜେ କରିବ ଗୁପ୍ତେ କୃଷ୍ଣପକ୍ଷେ
ବୁଝୁଥିବ ନିଜେ ଭଲମନ୍ଦ ପରମୁଖେ ।
ଭଲକଥା ଶୁଣିଲେ ବଢ଼ାଇ ନ କରିବ
ଆତ୍ମା ବଇରୀକୁ ବୁଝି ପ୍ରାଣେ ବିନାଶିବ ।
ସାଧିବ କ୍ଷତ୍ରିୟ ବୃତ୍ତି ଘେନି ଧର୍ମକଥା
ଅସଂଖ୍ୟ କାର୍ଯ୍ୟ ଦେଖିଣ ନ ପାଇବ ବ୍ୟଥା ।
ଦେବତାଙ୍କୁ ସେବିବ ଯେ ବ୍ରାହ୍ମଣେ ଭକତି
ରାଜ୍ୟ ଭଲମନ୍ଦ ଭୃତ୍ୟମାନଙ୍କ ପ୍ରକୃତି ।
ଭଣ୍ଡାରେ ଯେ ନୀତିକଥା କୁଳ ନିଜ ଧର୍ମ
ବିଧିମତେ କରୁଥିବ ସର୍ବଦା ପାଳନ ।
ଏ ବିଧି ଅଷ୍ଟପ୍ରକାରେ ହେବ ଅବଧାନୀ
ଯେମନ୍ତ ସୁବିଧା ହୋଇ ଚଳିବ ମେଦିନୀ ।
ତୁହି ତ ମନ୍ତ୍ରୀବରଙ୍କ ସବୁକଥା ଜାଣୁ
ଗତାଗତ କଥା ଭୂତ ଭବିଷ୍ୟ ବଖାଣୁ ।
ଜୟଦ୍ରଥକୁ ଘେନିଣ ପାଳ ବସୁମତୀ
ଜାଣିଅଛୁ ସବୁକଥା ରାଜ୍ୟେ ରାଜନୀତି ।
ମୋହର କର୍ମରେ ଅଛି ବନବାସ ଯୋଗ
ସେ କାରଣୁ ପୁତ୍ର ମୋର ବିହିଲା ବୈରାଗ୍ୟ ।
ଏଥକୁ ଶୋଚନା ମନେ ନ କର ତୁ କିଛି
ଏହି ଅନୁକୂଳେ ମୁହିଁ ବନେ ଯାଉଅଛି ।
ଛାଡ଼ିଲି ମୁଁ ରାଜ୍ୟଭାର ସମର୍ପିଲି ତୋତେ
ଜୟଦ୍ରଥକୁ ଘେନିଣ ଥାଅ ତୁ ନିଶ୍ଚିନ୍ତେ ।
ମନ୍ତ୍ରୀ ବୋଇଲେ ଭୋ ଦେବ ମୋ କର୍ମନଷ୍ଟ
ତୋର ପରା ପ୍ରଭୁ ହୋଇଅଛି ରାଜ୍ୟଭ୍ରଷ୍ଟ ।
ମୁହିଁ ଯେ କେମନ୍ତେ ରାଜ୍ୟେ ରହିଥିବି ପୁଣି
ସଂସାରର ଲୋକେ ମୋତେ କି ବୋଲିବେ ଶୁଣି ।
ବୋଲିବେ ଯେ ବିଦ୍ୟାକର ଏଡ଼େ କର୍ମ କଲା
ପିତାଙ୍କୁ ମନ୍ଦ ଚିନ୍ତିଣ ପୁତ୍ରେ ରାଜ୍ୟ ଦେଲା ।
ସୁରଥ ବୋଇଲା ମନ୍ତ୍ରୀ ତୋର ନାହିଁ ଦୋଷ
ମୋରପୁତ୍ର କଲା ସିନା ମୋ ଉପରେ ରୋଷ ।
ପୁତ୍ରନୋହି ଯେବେ ନର ଜଣେ ହୋଇଥାନ୍ତା
ତେବେକି ଏ କଥା ଭଲେ ଏପରି ଯାଆନ୍ତା ।
ପ୍ରାଣରେ ମାରନ୍ତି ତାକୁ ବହୁ କଷ୍ଟ ଦେଇଁ
ଆତ୍ମାରୁ ଉପୁଜି ଅଛି କି ବୋଲିବି ମୁହିଁ ।
ଅଙ୍ଗରୁ କି ମନ୍ଦ ବ୍ୟାଧି କାଟି ପକାଇବି
ରୋପିଲା ବୃକ୍ଷକୁ କିବା କୁଠାରେ ଛେଦିବି ।
ମାତା ପିତାଙ୍କର ଯେହ୍ନେ ସ୍ନେହ ପ୍ରେମ ତହିଁ
ପୁତ୍ରମନେ ସେହି ସ୍ନେହ ରତିଏ ନରହି ।
ଆତ୍ମାରୁ ଉପୁଜିଅଛି କି କହିବି ତାକୁ
ସବୁ ମନ୍ଦ ବୋଲି ସିନା ଆପଣା କର୍ମକୁ ।
ରମ୍ଭାଫଳ ପ୍ରାୟ ହେଲା ଜାଣ ମୋର ସୁତ
ବର୍ତ୍ତମାନ ହୁଅନ୍ତେ ସେ ମୂଳ କଲା ହତ ।
ସେ ଅବା ନ ଜାଣି ଚିନ୍ତା କଲା ମୋର ମନ୍ଦ
ମୁହିଁ କିମ୍ପା ଭିଆଇବି ତାହା ତୁଲେ ଦ୍ୱନ୍ଦ୍ୱ ।
ଏକପୁତ୍ର ଗୋଟିକି ମୁଁ କିପରି ମୂର୍ଚ୍ଛିବି
ଛାର ରାଜ୍ୟଭାର ପାଇଁ ପୁତ୍ରକୁ ନାଶିବି ।
ଏହାକୁ ବିନାଶି ଯେବେ ହେବି ନୃପବର
ମୋହର ଅନ୍ତେ ଏ ରାଜ୍ୟ ହୋଇବ କାହାର ।

Digitized by srujanika@gmail.com

ତାହା ପାଇଁ ମୁହିଁ ସିନା ଅରଜିଛି ଏହା
ଶ୍ରଦ୍ଧାକଲା ଯେବେ ସେହୁ ହେଉ ନରନାହା ।
ମୋର ଅଦୃଷ୍ଟରେ ଅଛି ଏହି ଦୁଃଖ ଭୋଗ
ନୋହିଲେ ପୁତ୍ର କିମ୍ପାଇ ପାଆନ୍ତା ବୈରାଗ୍ୟ ।
ଏବେ ତୋହର ପୁରକୁ ଯାଅ ବିଦ୍ୟାକର
ରାତ୍ରିପାହିଲେ ପୁତ୍ରକୁ ରାଜ୍ୟେ ରାଜା କର ।
ଏହା କହି ରାଜନ ଯେ ଅନ୍ତଃପୁରେ ଗଲେ
ମହାଦେବ ଦାସ ଏହା ଗୀତରେ କହିଲେ ।

-x-

ରାଣୀ ସହିତ ସୁରଥ ରାଜାର ପରାମର୍ଶ ଓ ବନ ଗମନ

ଏଥୁଅନ୍ତେ ମନଦେଇ ଶୁଣ ସୁଜ୍ଞଜନ
ଜୟନ୍ତୀ ରାଣୀ ନିକଟେ ମିଳିଲେ ରାଜନ ।
ରତନ ଝରିରେ ପାଣି ଘେନି ମହାଦେଈ
ସୁରଥ ନୃପତି ବେନି ଚରଣ ଧୁଅଇ ।
ସୁଝୀନ ବସନ ଘେନି ପୋଛିଲା ପୟର
ରତନ ପଲଙ୍କେ ବିଜେ କଲେ ନୃପବର ।
ପଲଙ୍କ ତଳରେ ଉଭା ହୋଇ ମହାଦେଈ
ସ୍ୱାମୀକି କୋମଳ କରି କହେ ଚାଟୁ ହୋଇ ।
ଭୋଦେବ ଠାକୁର ସିନ୍ଧୁଦେଶ ନୃପମଣି
ଏ ମହୀମଣ୍ଡଳେ ଅଟୁ ତୁ ଏକା କାରେଣି ।
ଜମ୍ବୁଦ୍ୱୀପ ମହୀ ଅଟେ ଲକ୍ଷେକ ଯୋଜନ
ଏଥିରେ ଯେ ମହୀପତି ଲକ୍ଷେକ ରାଜନ ।
ସକଳ ନୃପତି ତୋର ପାଶେ ଖଟିଛନ୍ତି
ପ୍ରୀତିପଣେ ରାଜ୍ୟ ତୋତେ ଦେଲା ଜଳପତି ।
ଶତ୍ରୁ ବୋଲି ଭୟ କେହି ନାହିଁ ଯେ ତୋହର
ସକଳ କୁଶଳ ସର୍ବ ସମ୍ପଦ ଆମ୍ଭର ।
ଆବର ବିଶେଷେ ବହୁ ଉତ୍ସବ ହରଷ
ଏସନ ସମୟେ କିମ୍ପା ମନରେ ବିରସ ।
ଏଥିର ସ୍ୱରୂପ କଥା ମୋ ଆଗରେ କହ
ବିରସ ମୁଖ ତୋହର ବିବର୍ଣ୍ଣ ତୋ ଦେହ ।
ସୁରଥ ରାଜା ବୋଇଲେ ଶୁଣ ମହାଦେଈ
ମନରେ ବିରସ ମୋର ହେଲା ଯହିଁପାଇଁ ।
ତାହା ତୋହର ଆଗରେ କହିବିରେ ସହି
ଏକଚିତ୍ତ ହୋଇ ଶୁଣ ମନକର୍ଣ୍ଣ ଦେଇ ।
ଏ ଭବ ସାଗର ସୃଷ୍ଟି ଦଇବ ଯେ କଲା
ବିଷ୍ଣୁଙ୍କର ମାୟାମୋହ ତ୍ରିଗୁଣେ ଛନ୍ଦିଲା ।
ଈଶ୍ୱର ପୁରୁଷର ଏ ଇନ୍ଦ୍ରଜାଲ ମାୟା
ଦୁର୍ଗାର ଉପାୟେ ହେଲା ଘଟନ ତା କାୟା ।
ବିଧାତା ପୁରୁଷ ନାନାବିଧ ମୂର୍ତ୍ତି ଧରି
ଗଢ଼ଇ ସେ ନାନା ରୂପ ସ୍ଥିରମତି କରି ।
ଏ ବିଧି ଛପନ କୋଟି ଜୀବଜନ୍ତୁ ମଧ୍ୟେ
ମନୁଷ୍ୟ ଜନ୍ମକୁ ସାର ସଖୀ କଲେ ହାଁଦେ ।
ମନୁଷ୍ୟ ଜନମଠାରୁ ସାରସ୍ୱତ ନାହିଁ
ସାର ହୋଇଣ ଅସାର ହୋଇଲା ଗୋ ସହି ।
ପାପ ପୁଣ୍ୟ ବୋଲି କରି ଯେଉଁ ଦୁଇ କଥା
ମନୁଷ୍ୟର ଶରୀରକୁ ଲାଗେ ବଡ଼ ବ୍ୟଥା ।
ଜ୍ଞାନ ହରାଇଣ ଯେହୁ ଅଜ୍ଞାନକୁ ପାଇ
ଧର୍ମପଥ ହୁଡ଼ିକରି ଅଧର୍ମକୁ ଯାଇ ।
ଏହୁ ସଂସାର ମଧ୍ୟରେ ପାଆନ୍ତି ଯେ ଦୁଃଖ
ଦୁଃଖ ପାଇକରି ପୁଣି ହୁଅନ୍ତି ବିମୁଖ ।
ଅଦୃଷ୍ଟକୁ ନିନ୍ଦି ଦଇବକୁ ଦ୍ୟନ୍ତି ଗାଳି
ବୋଲନ୍ତି କିମ୍ପାଇ ମୋତେ କଲୁ ଏତେ ଭଳି ।
ଆଗେ ନ ଚେତି ସେ ପଛେ ହୁଅନ୍ତି ବିମୁଖ
ତେମନ୍ତ ପ୍ରାଣୀମାନଙ୍କୁ କାହିଁ ନାହିଁ ସୁଖ ।
ଧନ ଜନ ସଂପଦ ନ ଯାଇ କିଛି ସଙ୍ଗ
ଯେ ଯାହା ଅରଜଇ ସେ ଆପଣାର ଅଙ୍ଗ ।
ସଂସାର ଲେଖା ଏ ଯେ ଆମ୍ଭଙ୍କୁ ଅଲେଖା
ଧର୍ମବିନୁ ପ୍ରାଣୀଙ୍କର କେହି ନାହିଁ ସଖା ।
ଏଣୁକରି ସଖୀ ମୁଁ ଯେ ବିଚାରଇ ମନ
ବାଲ୍ୟତ ସମୟେ ମୁହିଁ ସୁଖେ ନେଲି ଦିନ ।
ଯୁବାବୟସେ ଅର୍ଜିଲି ମୁଁ ବହୁ ସମ୍ପଦ
ଭୁଞ୍ଜିଲି ଯେ ସୁଖ ଶିରୀ ଲଭିଲି ଆନନ୍ଦ ।
ପୁତ୍ର ନ ଥିଲା ଯେ ପୁଣି ପୁତ୍ର ହିଁ ହୋଇଲା
ଈଶ୍ୱର ଦେବତା ମୋତେ ସୁପ୍ରସନ୍ନ ହେଲା ।
ଏବେ ମୁହିଁ ବୃଦ୍ଧ ଆସି ହୋଇଲି ଯୁକତେ
ତପସ୍ୟା ନ କରି ଏଥୁ ତରିବି କେମନ୍ତେ ।
ଏ ବିଷୟା ଜଞ୍ଜାଳ ଯେ ଆବୋରିଣ ଅଛି
ଯିବାବେଳେ ସଙ୍ଗେ ଏଥୁ ନ ନେବି ତ କିଛି ।
ଗୃହେ ଥାଇ ସମ୍ବଳ ମୁଁ ନ ବାନ୍ଧିବି ଯେବେ
ପଥରେ ଲୋଡ଼ିଲେ ଆଉ ପାଇବିକି କେବେ ।
ଏମନ୍ତ ବିଚାରି ମୁହିଁ ଭାଳୁଅଛି ଚିତ୍ତେ
ତେଣୁ ଯେଣୁ ପ୍ରିୟସଖୀ କହୁଛି ମୁଁ ତୋତେ ।
ପୁତ୍ରକୁ ରାଜ୍ୟ ଦେଇଣ ଅରଣ୍ୟକୁ ଯିବି
ଋଷିମାନଙ୍କର ସଙ୍ଗେ ତପ ଆଚରିବି ।
ଜାତିରେ ତ ବୈଶ୍ୟ ମୁହିଁ ଅଟେ ସୁରଅଂଶୀ
ପାଞ୍ଚ ସହସ୍ର ବରଷ ଭୋଗ କଲି ଆସି ।
ସମ୍ପଦ ଦେଖିଣ ଜ୍ଞାନ ହରାଇଲି ହାଦେ
ଏବେ ଜ୍ଞାନ ପ୍ରସରିଲା ଆସି ମୋର ହୃଦେ ।

Digitized by srujanika@gmail.com

ଏବେ ମୁହିଁ ରାଜ୍ୟ ଛାଡ଼ି ଯିବି ଘୋର ବନ
ବୁଲିବି ଯେ ନାନା ତିର୍ଥ ଅର୍ଜିବଇଁ ପୁଣ୍ୟ ।
ଏବେ ମୋହର ଆଶାକୁ ଛାଡ଼ ଗୋ ଜୟନ୍ତୀ
ପୁତ୍ରକୁ ଘେନିଣ ରାଜ୍ୟ କର ଗୋ ସୁଦନ୍ତୀ ।
ଏହା ଶୁଣି ମହାଦେଈ ବୋଇଲା ବଚନ
ଶୋକଭରେ ନୟନକୁ କରି ଥନ ଥନ ।
କାହିଁପାଇଁ ପ୍ରଭୁ ମୋତେ ବୋଇଲ ଏ ବାଣୀ
ଶରୀରୁ ଆତ୍ମା ମୋହର ଛାଡ଼େ ଏହା ଶୁଣି ।
ତୁମ୍ଭେ ଯେବେ ରାଜ୍ୟ ଛାଡ଼ି ଯିବ ବନବାସ
କାହାକୁ ଦେଖି କାଟିବି ରଜନୀ ଦିବସ ।
ପୁତ୍ର ବୋଲି କରି ସ୍ୱାମୀ ବୋଇଲ ଯା ମୋତେ
ସ୍ୱାମୀସ୍ନେହ ଯେତେ ପୁତ୍ରସ୍ନେହ ନୁହେଁ ତେତେ ।
ପୁତ୍ରର ସଂପଦେ ମୋର ଅଛି କିବା କାର୍ଯ୍ୟ
କି ହେବ ମୋହର ଧନ ଭଣ୍ଡାର ଏ ରାଜ୍ୟ ।
ତୁମ୍ଭ ବିହୁନେ ମୋହର ସକଳ ଅଶୋଭା
କେଶ ବିହୁନେ ସୁନ୍ଦର ଦିଶଇ କି ଗଭା ।
ନାସାରେ ପବନ ଯେବେ ନ ବହି ରହିବ
ଆଲଟ ବିଞ୍ଚଣା ବାୟୁ ଥାଇ କି କରିବ ।
ଜଳ ବିହୁନେ ମୀନକୁ ନ ରୁଚଇ ସର
ସ୍ୱାମୀ ବିହୁନେ ସ୍ତିରୀକୁ ନ ରୁଚଇ ଘର ।
ଭୋ ପ୍ରଭୁ ମୋତେ ଘେନିଣ ଯାଅ ଘୋରବନ
ଛାଡ଼ିଗଲେ ଅବଶ୍ୟ ମୁଁ ହାରିବି ଜୀବନ ।
ରାଜା ବୋଇଲେ ଗୋ ରାଣୀ ନୁହଁ ତୁ ବିକଳ
ଏହି କ୍ଷଣି ଆମ୍ଭେ ଛାଡ଼ି ଯାଉନାହୁଁ ଘର ।
କଥାର ପ୍ରସ୍ତାବ କହିଦେଲୁ ସିନା ତୋତେ
ତୁ କିମ୍ପାଇଁ ଏ କଥାକୁ ଚିନ୍ତାକରୁ ଚିତ୍ତେ ।
ଗଲାବେଳେ ମୁଁ କି ତୋତେ ନ କହିଣ ଯିବି
କେଉଁଦିନ ଯିବି ତୋତେ ଅବଶ୍ୟ କହିବି ।
ଏହା ଶୁଣି ମହାଦେଈ ମନରେ ହରଷ
ଏଥୁ ଅନନ୍ତରେ ସେହୁ ବିରଥର ଶିଷ୍ୟ ।
ଶୟନ ମନ୍ଦିରେ ଯାଇ କଲାକ ବିଜୟ
ପୁତ୍ରର କଥାକୁ ମନେ କରିଅଛି ଭୟ ।
ବିଚାରଇ ଏକାକୀ ମୁଁ ଯିବି ଘୋର ବନ
ଏମନ୍ତ ବୋଲିଣ ଚିତ୍ତ କରେ ଛନ୍ନ ଛନ୍ନ ।
କ୍ଷଣକେ ହରଷ ହୁଏ କ୍ଷଣକେ ବିରସ
ନିଜ ପୁର ଦେଖିକରି ମନରେ ଉଲ୍ଲାସ ।
ବିଚାରଇ ମୋ ସମ୍ପଦ ଅଟେ ଅକଳନା
ଧନରତ୍ନ ଭଣ୍ଡାର ଯେ ରାଜ୍ୟ ଜଗଜ୍ଜିଣା ।
କେମନ୍ତେ କରିବି ଏହା ଛାଡ଼ି ବନବାସ
ଏତେ ବୋଲି ରାଏ ମନେ ଅତ୍ୟନ୍ତ ବିରସ ।

ଶୁଣି ବିଚାର କରଇ କିସ ଏ ସମ୍ପଦ
ସମ୍ପଦ ଯୋଗରୁ ସିନା ପଡ଼ିଛି ପ୍ରମାଦ ।
ଏତେ ବୋଲି ପଲଙ୍କରେ ପହୁଡ଼ିଲା ରାୟେ
ପାଳିଲୋକମାନେ ଲାଗି ରହିଲେ ଯେଝାଏ ।
ଅଢ଼ାଇ ପ୍ରହର ହୋଇ ଅଛଇ ସେ ନିଶି
ଶଯ୍ୟା ଛାଡ଼ିଣ ସୁରଥ ରାଜା ଉଠି ବସି ।
ମନର ଉଦ୍‌ବେଗରେ ନ ମାଡ଼ଇ ନିଦ
ମନ୍ତ୍ରୀର କଥା ଶୁଣିଣ ହୃଦେ ବହି କ୍ରୋଧ ।
ଏତେ ବିଚାରିଣ ରାଜା ଉଠିଲା ବହନ
ବୋଇଲା ଏହି ନିଶିରେ ଯିବି ଘୋରବନ ।
କେହି ନ ଜାଣନ୍ତୁ ମୁହିଁ ଏକାହୋଇ ଯିବି
ଏହି ପାପ ମନ୍ଦିରରେ ଆଉ କିମ୍ପା ଥିବି ।
ଭାରିଯା ଜାଣିଲେ ଗୋଡ଼ାଇବ ମୋ ସଙ୍ଗରେ
ତାକୁ ଘେନି କେମନ୍ତେ ମୁଁ ଯିବି ବନଘୋରେ ।
ଗୃହବାସକୁ ଭାରିଯା ସିନା ବଡ଼ ସୁଖ
ବନବାସରେ ରମଣୀ ଦିଏ ବଡ଼ ଦୁଃଖ ।
ମୁଁ ଯାଇଣ ବନସ୍ତରେ ରହିବଇଁ ଏକା
ତାହାହେଲେ ପ୍ରାଣକୁ ନ ଥାଇ କିଛି ଶଙ୍କା ।
ଏମନ୍ତ ଭାବିଣ ରାଜା ସର୍ବ କରି ତ୍ୟାଗ
ବାହାର ହୋଇ ଶୟନ ମନ୍ଦିରରୁ ବେଗ ।
ଭଣ୍ଡାର ଘର ଦ୍ୱାରରେ ମିଳିଲାକ ଯାଇ
ମୁଦି ଫେଡ଼ି ଭିତରକୁ ଗଲା ନରସାଇଁ ।
ଆପଣା ଅଙ୍ଗୁ କାଢ଼ିଲା ସକଳ ଭୂଷଣ
ମୁକୁଟ କୁଣ୍ଡଳ ଆଦି ନବରତ୍ନମାନ ।
କାଛଟି ବାହୁଟି ଆଦି କଟି ଓଢ଼ିଆଣି
ପାଦର ନୂପୁର ରତ୍ନମୁଦି ନାନାମଣି ।
ମୁକୁତାର ହାର ଆଦି ହୀରାର ପଗଡ଼ି
ଅସରଳ ସୂତାସହ ପକାଇଲା କାଢ଼ି ।
କପାଳରୁ କାଢ଼ିଲା ସେ ସୁବର୍ଣ୍ଣର ଚିତା
କାନ୍ଧରୁ କାଢ଼ିଲା ରାଜା ସୁବର୍ଣ୍ଣ ପଇତା ।
ତ୍ରିମୁଣ୍ଡ ଗଭାକୁ ଫେଇ ପକାଇଲା ତଳେ
କର୍ଣ୍ଣରୁ କାଢ଼ିଲା ରତ୍ନ ଜଡ଼ିଥିବା ମୂଳେ ।
ରତ୍ନ ପାଦୁକା ଚରଣୁ କାଢ଼ି ଫିଙ୍ଗିଦେଲା
ଗନ୍ଧ ଚତୁଃସମ ଆଦି ପୋଛି ପକାଇଲା ।
ପକାଇଲା ପିନ୍ଧାପାଟ ନେତ ପୀତବାସ
ଭଣ୍ଡାରରୁ କାଢ଼ିଲା ଯେ ସନ୍ନ୍ୟାସୀଙ୍କ ବେଶ ।
ରାଜା ଭଣ୍ଡାରେ ସାଇତି ଥାଆନ୍ତି ଏ ସର୍ବ
ଯେତେବେଳେ ଲୋଡ଼ା ହୁଏ ଯହିଁ ଯେଉଁ ଦ୍ରବ୍ୟ
ସୁରଥ ନୃପତି ଘୋରବନେ ଯିବାପାଇଁ
ଯତିବେଶ ହେଲା ଅଙ୍ଗୁ ଭୂଷଣ ପକାଇ ।

Digitized by srujanika@gmail.com

କଷାବାସ ପିନ୍ଧି ରାଜା ଘେନି କମଣ୍ଡଳୁ
ଗଳାରେ ଯେ ଲମ୍ବାଇଲେ ରୁଦ୍ରାକ୍ଷର ମାଳ ।
ପୁଷ୍କର ମାଳା ରାଜନ ପିନ୍ଧିଲା ଗଳାରେ
ବିଭଳତି ଗୁଟିକାଏ ଯେ ବାନ୍ଧିଲା କାନ୍ଧରେ ।
କୃଷ୍ଣବର୍ଣ୍ଣର କମ୍ବଳ ଗୋଟିଏ ଘେନିଲା
ଚଉତ କରିଣ ତାହା ଅଣ୍ଟାରେ ବାନ୍ଧିଲା ।
ଶିରରେ ପଗଡ଼ି ଖଣ୍ଡେ ବାନ୍ଧି ନୃପବର
ତମ୍ବାର ଗଡୁଆ ଏକ ଘେନିଲାକ କର ।
ଭାଗବତ ପଇତା ସେ ନାନା ସୂତା ଡୋର
ଧର୍ମକୁ ସୁମରି ତାହା ଘେନି ନୃପବର ।
ପୁଣି ହିଁ ଘେନିଲା ରାଜା ମୃଗ ଛାଲ ଗୋଟି
କଟୀରେ ଧାରଣା ଆଉ ଭୁଜେ ଆଶାକାଠି ।
ବେଣୁ ବାଡ଼ି ଏକଗୋଟି ହସ୍ତରେ ଘେନିଲା
ଭଣ୍ଡାର ଘର ଭିତରୁ ବାହାର ହୋଇଲା ।
ଧର୍ମ ସୁମରି ନାସାରେ ଦେଲା ନିଜ କର
ଦକ୍ଷିଣା ପବନ ବହୁଅଛି ଧୀର ଧୀର ।
ରାଜ୍ୟତେଜି ନରପତି କରେ ବନବାସ
ଗର ନାମେ କରଣ ଯେ ମାର୍ଗଶିର ମାସ ।
ଦଶଦିନ କୃଷ୍ଣପକ୍ଷ ଅଷ୍ଟମୀ ଯେ ତିଥି
ପୁଷ୍ୟା ନକ୍ଷତ୍ର କକଡ଼ା ରାଶିରେ ଯେ ସ୍ଥିତି ।
ଶଉରୀବାସରେ ପୁଣି ଶୁକ୍ଳନାମେ ଯୋଗ
ବିଛାରେ ଛପନ ଲିତା ଊନବିଂଶ ଭୋଗ ।
ପାଦଗତେ ଗମଇ ଯେ ସୁରଥ ନୃପତି
ଏକାଦଶ ଘଡ଼ି ହୋଇ ଅଛଇ ଯେ ରାତି ।
ନବରୁ ବାହାର ହୋଇ ଯାଏ ନରପତି
କିସ ପଟାନ୍ତର ଦେବା ଅପୂର୍ବ ମୂରତି ।
ପଶ୍ଚିମ ଦୁଆରବାଟେ ବାହାରେ ନୃମଣି
ମନେ ମନେ ସୁମରଇ ଶଙ୍ଖ ଚକ୍ରପାଣି ।
ଜୟ ଜୟ ଦାମୋଦର ଭକ୍ତଜନ ବନ୍ଧୁ
ଅଗତି କାରଣ ନାଥ ହେ ମହିମା ସିନ୍ଧୁ ।
ଭ୍ରାନ୍ତିନାଶନ ଯେ ଦେବ ଭବଭୟ ହର
ଅବନୀର ଭାରାଭାର ନିବାର ଶ୍ରୀକର ।
ନୀଳ ଇନ୍ଦୀବର ପ୍ରାୟେ ତୋ ତନୁ ଦିଶଇ
ଶଙ୍ଖ ଚକ୍ର ଗଦା ପଦ୍ମ କରରେ ଶୋଭଇ ।
ମୁକୁଟ କୁଣ୍ଡଳ ଆଦି ନାନା ରତ୍ନମଣି
ଶ୍ରୀଅଙ୍ଗରେ ବିରାଜନ୍ତି ତାରାଗଣ ଜାଣି ।
କଟୀତଟେ ପୀତବାସ ଦିଶେ ଅତି ଶୋଭା
ରତ୍ନ ଓଡ଼ିଆଣିର ଯେ ବିରାଜଇ ପ୍ରଭା ।
ପ୍ରସନ୍ନ ବଦନ ନୀଳ ଇନ୍ଦୀବର ମୁଖ
ହୃଦୟରେ ବିରାଜଇ ରତ୍ନର ପଦକ ।
ପୁଣ୍ଡରୀକ ନୟନ ତୁ ସାକ୍ଷାତେ ଅନନ୍ତ
ପରମ ମଞ୍ଜୁଳ ସ୍ୱାମୀ ସବୁଠୁଁ ମହତ ।
ସକଳ ଦ୍ୱୀପରେ ଅତି ସୁଲଭ ଯା ନାମ
ଏ ସକଳ ବ୍ରହ୍ମାଣ୍ଡକୁ ଯେ ପ୍ରଭୁ ଉତ୍ତମ ।
ସକଳ ଜନ୍ତୁଙ୍କୁ ଯେହୁ କରଇ କାରଣ
ସକଳ ଘଟରେ ସ୍ଥିତି ପୁରୁଷ ପୁରାଣ ।
ସହସ୍ର ଚନ୍ଦ୍ରମା ପ୍ରାୟେ ଅଟଇ ଯା ମୂର୍ତ୍ତି
ସକଳ ରନ୍ଧ୍ରରେ ବିରାଜଇ ଯାହା ଜ୍ୟୋତି ।
ସବୁ ବାର ସବୁ ବ୍ରତ ଯାର ଉପାସନା
ସକଳ ଦୁର୍ଗତି ନାଶି ଯେହୁ ବକ୍ରସେହ୍ନା ।
ସବୁ ଲୋକଙ୍କର ଚିନ୍ତା ଲାଗଇ ଯାହାକୁ
ମହାଦେବ ଦାସ ସଦା ଭାବଇ ତାହାକୁ ।
ସେ ପ୍ରଭୁ ବାଞ୍ଛା ମୋହର କରିବେ ସଫଳ
ଲଭିବି ସଦ୍‌ଗତି ତରିଯିବି ମହାଜଳ ।
ସେହି ପୁରୁଷ ପୁରାଣ ଚରଣେ ଶରଣ
ଯେଉଁ ଶାସ୍ତ୍ର ପଢ଼ି ନରେ ଲଭିବେ କାରଣ ।

-x-

ସୁରଥ ନୃପତିର ବନବାସ, ସିଦ୍ଧେଶ୍ୱରୀ ଦେବୀଙ୍କ ସାକ୍ଷାତ ଓ ମଣିଭଦ୍ରା ନଦୀର ମାହାତ୍ମ୍ୟ

ସୁରଥ ନୃପତି ତହୁଁ ପୁତ୍ର ଅଭିମାନେ
ନବରୁ ବାହାର ହୋଇ ଗଲା ଘୋର ବନେ ।
ପଶ୍ଚିମକୁ ମୁଖକରି କିଛିଦୂର ଗଲା
ନଗର ବାହାରେ ଏକ ମଣ୍ଡପ ଦେଖିଲା ।
ସିଦ୍ଧେଶ୍ୱରୀ ନାମେ ତହିଁ ଛନ୍ତି ଏକ ଦେବୀ
ସେ ଦେବୀଙ୍କ ଶ୍ରୀଚରଣେ ଯାଇ ରାଜା ସେବି ।
ଛାମୁରେ ଯେ କରପତ୍ର ଯୋଡ଼ି ଉଭାହୋଇ
ବହୁତ ସ୍ତୁତି କରଇ ଦେବୀଙ୍କୁ ଅନାଇ ।
ସିଦ୍ଧେଶ୍ୱରୀ ଜନନୀ ମୋ ପରମ କଲ୍ୟାଣୀ
ଅଖିଳ କୋଟିବ୍ରହ୍ମାଣ୍ଡେ ତୁହିମା କାରେଣୀ ।
ଗିରିରାଜ ତନୁଜା ଗୋ ଗଙ୍ଗା ସପତଣୀ
ନିର୍ମଳ ଚନ୍ଦ୍ର ବଦନୀ ଦେବୀ ଗୋ ଭବାନୀ ।
ଚଣ୍ଡିକା ଚାମଣ୍ଡା ରଣଘଣ୍ଟା କାଳଗତି
ଢଳ ଢଳ ନୟନ ତୋ ଜିଣି ଚନ୍ଦ୍ରକାନ୍ତି ।
ଅଣ ଅକ୍ଷରୁ ତୁ ଜାତ ଅକୁଳ ସମ୍ଭୁତ
ତ୍ରୈଲୋକ୍ୟ ପାଳିନୀ ତୁହି ଜଗତର ମାତ ।
ସ୍ଥାବର ଜଙ୍ଗମ ଆଦି କୀଟ ଯେ ପତଙ୍ଗ
ଧାରେଣୀ କାରେଣୀ ଦେବୀ ତୁହି ସର୍ବଅଙ୍ଗ ।
ବୀରକୁଳ ଗୋତ୍ରା ମାଗୋ ସୁନ୍ଦର ଶ୍ରୀମୂର୍ତ୍ତି
ପତିତ ତାରିଣୀ ମାଗୋ ଦେବୀ ଦୟାବତୀ ।

Digitized by srujanika@gmail.com

ଏକଅଙ୍ଗୀ ପିଙ୍ଗଳାକ୍ଷୀ ଇନ୍ଦ୍ରାଣୀ ରୁଦ୍ରାଣୀ
ଭବାନୀ ମୃଡ଼ାଣୀ ତୁହି ସର୍ବାଣୀ ବ୍ରାହ୍ମଣୀ ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ତୋର ମନୁ ଜାତ
ଭବାନୀ ତୁ ହରପ୍ରିୟା ଅନାଦି ଅନନ୍ତ ।
ଜଗନ୍ନାଥ ସ୍ୱାମୀ ଅଟେ ତୋ ଆଶ୍ରିତ ଜନ
ମହାଦେବ ଦାସର ତୁ ଫେଡ଼ ଅଭିମାନ ।
ମନୋହର କାଳଚକ୍ର ମାୟା ଅଟେ ତୋର
ଏହି ସଂସାର ଅଟଇ ତୋର ଖେଳଘର ।
ରସାଣିଳା ସ୍ୱର୍ଣ୍ଣପ୍ରାୟେ ସୁନ୍ଦର ତୋ ତନୁ
ପ୍ରଚଣ୍ଡ ଲାବଣ୍ୟ ରୂପରାଶି ଜିଣି ଭାନୁ ।
ଜଗତର ଭାରାଭାର ତୁହି ସଂହାରିଣୀ
ତିନିଲୋକ ଜନନୀ ଗୋ ସଂସାର ତାରିଣୀ ।
ଜୟ ତୁ ଅନାଦି ମହାମାୟା ସିଦ୍ଧେଶ୍ୱରୀ
ପ୍ରସନ୍ନେ ବରଦେ ମାତ ତ୍ରୈଲୋକ୍ୟ ଈଶ୍ୱରୀ ।
ଅନେକ କାଳରୁ ମୁଁ ଯେ କଲି ତୋତେ ପୂଜା
ତୋତେ ସେବା କରି ମାଗୋ ହେଲି ମହାରାଜା
ଏବେ ଦୟା ଛାଡ଼ିଲା କି ଆଗୋ ମହାମାୟୀ
ରାଜ୍ୟଭାର ତେଜି ଯାଉଅଛି ଯତି ହୋଇ ।
ଜନ୍ମରୁ ସୁଖୀ ମୁଁ ନୃପଗଣରେ ଗରିଷ୍ଠ
ବୃଦ୍ଧକାଳେ ହୋଇଲାକି ମୋତେ ଏତେ କଷ୍ଟ ।
କେଉଁଠାକୁ ଯିବି କାହିଁ କରିବି ମୁଁ କିସ
ନ ଚିହ୍ନେ ମୁଁ ବନଫଳ କରିବି କି ଗ୍ରାସ ।
କାହାକୁ ଯାଇ ଭେଟିବି ଯିବି କାହା କତି
କେବଣ ମାହାତ୍ମା ସଙ୍ଗେ କରିବି ମୁଁ ପ୍ରୀତି ।
ଯାହାକୁ ଜାତ କଲି ସେ ଛାଡ଼ି କଲା ଏହା
ବନ ମଧ୍ୟେ କେଉଁପ୍ରାଣୀ ମୋତେ ହେବ ସାହା ।
ତୁହି ଦେବୀ ସିଦ୍ଧେଶ୍ୱରୀ ସୁପ୍ରସନ୍ନ ହୁଅ
କରପତ୍ର ଯୋଡ଼ି କାନ୍ଦେ ହୋଇ କୋହ କୋହ ।
ଏତେ ବୋଲି ରାୟେ ଦେବୀ ପାୟେ ପଡ଼ି ଶୋଇ
ରାଜାର କାର୍ପୁଣ୍ୟ ଦେଖି ସୁପ୍ରସନ୍ନ ହୋଇ ।
ଅଦ୍ଭୁତ ଶୂନ୍ୟରେ ଦେବୀ କହିଲେ ବଚନ
ହେ ସୁରଥରାଜା ତୋତେ ହୋଇଲି ପ୍ରସନ୍ନ ।
କାହିଁ ପାଇଁ ବିମନ ତୁ ହେଉଛୁ ନ ଜାଣି
ହେଲେ ତରିବୁ ତୁ ଭବଭୟ ନଦୀପାଣି ।
ବହୁଭାଗ୍ୟ ଥିଲେ ପ୍ରାଣୀ ତୀର୍ଥ ବୁଲିପାରି
ଏଥକୁ କିମ୍ପାଇଁ ଦୁଃଖ କରୁ ଦଣ୍ଡଧାରୀ ।
ତେଜିଲୁ ତୁ ରାଜପଦ ଇଚ୍ଛା ବନଭୋଗ
ଲଭିବୁ ସୁଗତି ତୁହି ପାଇବୁ ସୁଯୋଗ ।
ତରିବୁ ତୁ ପୂର୍ବ ପାପୁ ତରି ଭବନଦୀ
ପାଇବୁ ତୁ ସଦ୍‌ଗତି ସର୍ବପାପ ଛେଦି ।

ଏବେ ତୁହି ଏହି ବନେ ଚଳ ହେ ରାଜନ
ପଶ୍ଚିମ ଦିଗରେ ଯିବୁ ଷାଠିଏ ଯୋଜନ ।
ତ୍ରିବେଣୀ ଗଙ୍ଗାକୁ ଜିଣି ଉତ୍ତରରେ ଯିବୁ
ତାମ୍ରନଦୀ କୂଳେ ଯାଇ ପରବେଶ ହେବୁ ।
ମଣିଭଦ୍ରା ପୂର୍ବେ ଅଛି ପ୍ରଭାସ କାନନ
ତାମ୍ରଗିରି ବିରାଜଇ ତାର ସନ୍ନିଧାନ ।
ତାର ପୂର୍ବଭାଗେ କୃଷ୍ଣପିଙ୍ଗଳ ଯେ ବଟ
ସେ ବଟତଳେ ମାର୍କଣ୍ଡ ଋଷିଙ୍କର ମଠ ।
ସେହି ମହାଋଷି ପ୍ରତ୍ୟକ୍ଷରେ ବ୍ରହ୍ମଜ୍ଞାନୀ
ବେଦବିଦ୍ୟାରେ ପ୍ରତ୍ୟକ୍ଷେ ଅଟେ ପଦ୍ମଯୋନି ।
ସେ ଋଷି ପାଶକୁ ତୁହି ଯାଅ ହେ ନୃପତି
ତାହା ତହିଁ ପାଇବୁ ତୁ ସକଳ ସଦ୍‌ଗତି ।
ତାହାଙ୍କ ପ୍ରସନ୍ନେ ସର୍ବ ପାପ ନାଶଯିବ
ସେହି ମହାଋଷି ତୋତେ ସୁଗତି କହିବ ।
ଆବର କଥାଏ ତୋତେ କହୁଛି ପ୍ରସନ୍ନେ
ବିଘ୍ନବାଧା ନ ଘଟିବ ତୋତେ ଘୋରବନେ ।
ନୋହିବୁ ତୁ ପଥବଣା ନ ପାଇବୁ ଦୁଃଖ
ମୁନିଙ୍କୁ ଭେଟିବା ଯାଏ ନ ଲାଗିବ ଭୋକ ।
ନ ଲଭିବୁ ତୃଷା ତୁହି ନ ପାଇବୁ ଶ୍ରମ
ତୋତେ ବାଟେ ସାହାପକ୍ଷ ହେବ ଦେବଧର୍ମ ।
ରାଜ୍ୟ ସୁଖଶିରୀ ତୋର ମନେ ନ ସମ୍ଭାଉ
ରାତ୍ର ଦିବସଇଁ ତୋର ସମଭାବେ ହେଉ ।
ମାରକଣ୍ଡ ଋଷିଙ୍କୁ ତୁ ବେଗେ ଭେଟପାଅ
ଅନେକ ପୁଣ୍ୟ ଅରଜି ବୈକୁଣ୍ଠକୁ ଯାଅ ।
ଏତେ କହି ଦେବୀ ତହୁଁ ହେଲେ ଅନ୍ତର୍ଦ୍ଧାନ
ଏଥୁ ଅନନ୍ତରେ ସେହୁ ସୁରଥ ରାଜନ ।
ଏପରି ଦେବୀଙ୍କ ଆଜ୍ଞା ପାଇଣ ନୃପତି
ଚଳିଲା ଅରଣ୍ୟ ପଥେ ପାଇ ସଦଗତି ।
ସିନ୍ଧୁଦେଶ ଜିଣିକରି ପଞ୍ଚକ୍ରୋଶ ଗଲା
ଏଥୁ ଅନନ୍ତରେ ସେହି ରାତ୍ରି ଶେଷ କଲା ।
ପୂର୍ବଦିଗ ରଙ୍ଗ ଦିଶେ ଅରୁଣ ଉଦୟ
ଫିଟିଲା ତିମିର ଭାଙ୍ଗିଗଲା ସର୍ବଭୟ ।
ରଜନୀ ଅସ୍ତ ହୋଇଣ ଦିବସ ହୋଇଲା
ପଥ ଛାଡ଼ିବାରୁ ରାଜା ବିପିନେ ପଶିଲା ।
ଅଗମ୍ୟ ବିପିନେ ରାଜା କରଇ ଗମନ
ପଶ୍ଚିମ ମୂରତି ହୋଇ ଚାଲେ ଘନ ଘନ ।
କ୍ଷୁଧା ତୃଷା ଆଦି ମନେ ନ ପଡ଼ଇ କାହିଁ
ଦେବୀଙ୍କ ଆଜ୍ଞାରେ ଅତି ଧୀର ତାରଦେହୀ ।
ଗୃହସୁଖ ରାଜ୍ୟସୁଖ ସବୁ ପାସୋରିଲା
ବନସ୍ତୁ ତରୁ ଲତାକୁ ବାନ୍ଧିବ ମଣିଲା ।

Digitized by srujanika@gmail.com

ଦିବସ ରଜନୀ ଚାଲିଯାଏ ବନ ଘୋରେ
ସାତଦିନେ ମିଳିଲା ସେ ତ୍ରିବେଣୀର ତୀରେ ।
ନାବରେ ବସିଣ ପାରିହେଲା ଗଙ୍ଗାଜଳ
ଉତ୍ତରକୁ ମୁଖ କରି ଯାଏ ମହୀପାଳ ।
ମଣିଭଦ୍ରା କୂଳରେ ସେ ହେଲା ପରବେଶ
ନଦୀକୁ ଦେଖିଣ ରାଜା ମନରେ ହରଷ ।
ଅପୂର୍ବ ସେ ନଦୀତୀର ଦିଶେ ଦିବ୍ୟଜ୍ୟୋତି
ସକଳ ରତନ ତହୁଁ ହେଉଛି ଉତ୍ପତ୍ତି ।
ନଦୀରେ ବିରାଜେ ରତ୍ନମାନଙ୍କର ତେଜ
ହୀରା ନୀଳା ମଣିମୁକ୍ତା ଆବର ବୈଦୁର୍ଯ୍ୟ ।
ରୂପା କଂସା ସ୍ଫଟିକ ଯେ ତମ୍ବା ପଦ୍ମରାଗ
ସୁବର୍ଣ୍ଣ ମୋତି ମାଣିକ୍ୟ ହେବାରୁ ସଂଯୋଗ ।
ନିର୍ମଳ ବିଶୁଦ୍ଧ ଦିଶେ ସେ ଜଳର ଜ୍ୟୋତି
ବାରି ଦିଶୁଅଛି ତାର ପ୍ରଭାବରୁ କାନ୍ତି ।
ବେନିତାଳ ଗଭୀର ଯେ କ୍ରୋଶେକ ଓସାର
ଉତ୍ତର ବାହିନୀ ହୋଇ ବହିଯାଏ ଧାର ।
ଶଉଚ ସୁସଞ୍ଚ ପରିମଳ ବେନିକୂଳ
ପାରୁଶରେ ବିରାଜଇ ତରୁ ମାଳ ମାଳ ।
ବଚନେ ନୁହଇ କହି ବୃକ୍ଷଙ୍କର ପ୍ରଭା
କ୍ଷୀରସିନ୍ଧୁ କୂଳେ ଯେହ୍ନେ ବୃନ୍ଦାରକ ଶୋଭା ।
ନଦୀକୂଳେ ବୃକ୍ଷମାନେ ଯେସନେ ସଞ୍ଜାତ
ଜଗନ୍ନାଥଙ୍କ ଆଜ୍ଞାରେ କବି କଲା ଗୀତ ।
ଆହେ ସାଧୁଜନେ ଦୋଷ ନ ଧରି ମୋହର
କିସ ମୁଁ କହିବି ସବୁ ମହିମା କୃଷ୍ଣର ।
ସୁରଥ ନୃପତି କଲା ବନମଧ୍ୟେ ବାସ
ମଣିଭଦ୍ରା କୂଳେ ଯାଇ ହେଲା ପରବେଶ ।
ସେ ଅପୂର୍ବ ବନ ଦେଖି ଆନନ୍ଦ ତା ମନ
ଦେଖଇ କୂଳରେ ନାନାବିଧ ବୃକ୍ଷମାନ ।
ଫଳ ପୁଷ୍ପବନ୍ତ ତରୁଲତା ସୁଶୋଭିତ
ପକ୍ଷୀମାନେ ଖେଳନ୍ତି ଯେ ହୋଇ ଆନନ୍ଦିତ ।
ଶୀତଳ ପବନ ସଦା ବହେ ମନ୍ଦ ମନ୍ଦ
ଚନ୍ଦନ ସଉରଭ ଯେ କୁସୁମ ଆମୋଦ ।
ଜୀବଜନ୍ତୁଙ୍କର ତହିଁ ସବୁବେଳେ ବସା
ସେ ନଦୀ ତଟରେ ଥିଲେ ନାହିଁ କ୍ଷୁଧାତୃଷ୍ଣା ।
ପ୍ରତ୍ୟକ୍ଷେ ସେ ସରୁନଦୀ ରତନର ଖଣି
ଅନେକ ଯତ୍ନେ ସୃଜିଲା ତାହା କୁଶପାଣି ।
ଯେ ହେତୁ ସକଳ ମଣି ତହୁଁ ଉପୁଜଇ
ତେଣୁ ମଣିଭଦ୍ରା ତୋର ନାମ ଅଛି ହୋଇ ।
ପୂର୍ବେ ଯେ ମଣି ଗୋଟିଏ ଆଣିଲେ ଈଶ୍ୱର
ମଣିକର୍ଣ୍ଣିକା ଯେ ତୀର୍ଥ କଲେ କାଶୀପୁର ।
ସେ ନଦୀର ଜଳ ନିତ୍ୟେ ଦ୍ୟନ୍ତି ଦେବତାଏ
ତେଣୁକରି ତାହାଙ୍କର ବିରାଜଇ କାୟେ ।
ଦେବଙ୍କ ଗମ୍ୟ ଭୂମି ସେ ନରେ ଅଗୋଚର
ସିଦ୍ଧେଶ୍ୱରୀ ପ୍ରସାଦରୁ ଦେଖିଲା ନୃବର ।
ସେ ନଦୀ ଭିତରେ କ୍ରମେ ଗମନ୍ତେ ସୁରଥ
ଥୋକାଏ ଦୂରେ ଦେଖିଲା ତମ୍ବା ପରବତ ।
ଧନ୍ୟ ଗିରିବର ରଙ୍ଗ ଦିଶେ ତାର ଜ୍ୟୋତି
ଅଷ୍ଟଧାତୁ ହେଉଛନ୍ତି ତହିଁରୁ ଉତ୍ପତ୍ତି ।
ମହତ ପର୍ବତ ସେହି ତାର ଦିବ୍ୟ ଶୋଭା
କାଞ୍ଚନେ ମଣ୍ଡିତ ଶୃଙ୍ଗ ଅରୁଣର ପ୍ରଭା ।
ତମ୍ବା ଗିରିବର ସେହୁ ସୁବର୍ଣ୍ଣେ ମଣ୍ଡିତ
ରୂପା କଂସା ଯେଉଁଠାରୁ ହେଉଅଛି ଜାତ ।
ଦାରୁମୁଖୀ ମନଃଶୀଳା ଟାଙ୍ଗଣା ହେଙ୍ଗୁଳ
ଅଛନ୍ତି ସେ ପର୍ବତରେ ଦିବ୍ୟ ତରୁବର ।
ମହୁରାକୁ ଆଦିକରି ଅଉଷଧ ଯେତେ
ତରୁଲତା ବିରାଜନ୍ତି ସେହି ପରବତେ ।
ମୂଳରୁ ଶିଖର ଯାଏ ଲାଗିଛି ଘଞ୍ଚରେ
ଫଳଭାରେ ତରୁବର ଲୋଟନ୍ତି ଭୂମିରେ ।
ନାନା ବର୍ଣ୍ଣରେ ପାଷାଣ ତମ୍ବା ଗିରିବର
ମଣିଭଦ୍ରା ନଦୀ ଗୋଟି ଅତି ଶୋଭାକର ।
ଦୀର୍ଘ ପ୍ରତିରେ ସେ ଗିରି ପାଞ୍ଚଶ ଯୋଜନ
ଉତ୍ସର୍ଗ ଦଶ ଯୋଜନ ତରୁ ଯେ ଗହନ ।
ପ୍ରଭାସ ନାମରେ ବନ ଗିରି ଚଉକଟି
ପ୍ରଭାତରେ ରବିପ୍ରାୟେ ବିରାଜେ ତା ଜ୍ୟୋତି ।
ଅତ୍ୟନ୍ତ ସୁଶୋଭା ପାଏ ତହିଁ ଥିବା ବୃକ୍ଷ
ନନ୍ଦନ ବନ ତହିଁକି ଅଟେ ସମକକ୍ଷ ।
ପଟାନ୍ତର ଦେବାକୁ ଯେ ତାକୁ ଆନ କାହିଁ
ପ୍ରଳୟକାରୀ ମୁନିଙ୍କ ଆଶ୍ରମଟି ଯହିଁ ।
ମାରକଣ୍ଡ ଋଷିଙ୍କର ତୃପତି ନିମନ୍ତେ
ଅପୂର୍ବ ବୃକ୍ଷ ରୋପିଲା ତହିଁ ଶଚୀକାନ୍ତେ ।
ତେଣୁ ସେହି ବୃକ୍ଷମାନ ସଦା ପଲ୍ଲବିତ
ନନ୍ଦନ ବନୁ ଆଣିଲେ ତହିଁ ପୁରୁହୁତ ।
ଧରିଛି ବିବିଧ ଫଳ ପୁଷ୍ପ ସବୁକାଳେ
ନପଡ଼େ ରବି କିରଣ ବୃକ୍ଷଙ୍କର ତଳେ ।
ପବିତ୍ର ମଣିଭଦ୍ରା ଯେ ଉତ୍ତର ବାହିନୀ
ଗିରି ବେଢ଼ି ବହୁଅଛି ସେ ବନକୁ ଘେନି ।
ସେ ତମ୍ବାର ଶଇଳକୁ ନାହିଁ ପଟାନ୍ତର
ପୃଥିବୀ ହୃଦୟ ଅଟେ ସେହି ଗିରିବର ।
ଅତ୍ୟନ୍ତ ପବିତ୍ର ହେଲେ ପୁଣ୍ୟସ୍ଥାନ ତାହିଁ
ଅଛନ୍ତି ଯେ ମାରକଣ୍ଡ ଋଷି ତହିଁ ରହି ।

Digitized by srujanika@gmail.com

ସେ ଅପୂର୍ବ ସ୍ଥାନ ଦେଖି ଉଷତ ନୃପତି
ଚାହିଁଦେଲା ଉପରକୁ ପୁଣି ଚଉକତି ।
ଗିରିବର ଶିଖେ କୃଷ୍ଣ ପିଙ୍ଗଳ ଯେ ବଟ
ସୁରଥ ମିଳିଲା ଯାଇ ତହିଁର ନିକଟ ।
ଦେଖିଲା ସେ ବଟବୃକ୍ଷ ଗୋଟି ଦିବ୍ୟଶୋଭା
କ୍ରୋଶକ ଯେ ଆୟତନ ବିରାଜୁଛି ପ୍ରଭା ।
ଉସ୍ପର୍ଗ କ୍ରୋଶେକ ସେହି ପ୍ରକାର ଓସାର
ପତ୍ରଙ୍କର ଗହଳରେ ଦିଶଇ ସୁନ୍ଦର ।
ଅତିଶୋଭା ପାଏ କୃଷ୍ଣବର୍ଣ୍ଣ ଶାଖାମାନ
ସୁନିର୍ମଳ ତମ୍ବା ପ୍ରାୟେ ପତ୍ର ଶୋଭାବନ ।
ତେଣୁ ସେ କୃଷ୍ଣପିଙ୍ଗଳ ବୋଲିକରି ତରୁ
ସେ ବନରେ ରହିଅଛି ଅପାର କାଳରୁ ।
ସୁଘଟନ ହେମବେଦୀ ସେ ତରୁ ଡାଳରେ
କ୍ରୋଶକ ତା ଆୟତନ ଜନମନ ହରେ ।
ସେ ହେମବେଦୀ ଉପରେ ଅପୂର୍ବ ଘଟନ
ବୃକ୍ଷ ଗୋଟାଏ ପୂର୍ବରୁ ହୋଇଛି ନିର୍ମାଣ ।
ଅଷ୍ଟରତ୍ନରେ ଜଡ଼ିତ ଦିବ୍ୟ ପୁରଗୋଟି
ତାହାର ଉପରେ ତରୁଲତା ଅଛି ଘୋଟି ।
ପବନ ଚଳନ୍ତେ ସେହୁ ଦିଶଇ ସୁରଙ୍ଗ
ମେଘ ଗଗନ ପରାୟେ ଦିଶେ ତାର ଢଙ୍ଗ ।
ଲତା ତଳେ ମନ୍ଦିରଟି ଦେଖି ନରପତି
ବୋଲେ ମହାଦେବ ଦାସ ଲଭିଲା ତୃପତି ।

-x-

ସୁରଥ ନୃପତିର ମାର୍କଣ୍ଡଙ୍କ ସହିତ ସାକ୍ଷାତ

ସୁରଥ ନୃପତି ଯାଇ ମିଳିଲା ସେ ସ୍ଥାନେ
ମାରକଣ୍ଡ ଋଷି ଯହିଁ ଅଛନ୍ତି ଧିଆନେ ।
ଋଷିଙ୍କୁ ଦେଖିଣ ରାଜା ବିଚାରଇ ମତି
ବୋଇଲା ଏ ହେବେ ନିଶ୍ଚେ ମାରକଣ୍ଡ ଯତି ।
ଧନ୍ୟ ଏ ମହାଋଷିଙ୍କ ନିଗମ ଆସନ
ଶରୀର ତ ଦିଶୁଅଛି ନିଧୂମ ଦହନ ।
ଦେହେ ଭସ୍ମ ବିଲେପନ ଶିରେ ଦିବ୍ୟଜଟା
ବ୍ୟାଘ୍ରଛାଲେ ବସିଛନ୍ତି କଟିରେ କାଛଟା ।
କନ୍ଧରେ ପଇତା ଲମ୍ବେ ଛନ୍ଦ ମୁଦ୍ରା ଚିହ୍ନ
ସୁବର୍ଣ୍ଣର ତାର ଗୁନ୍ଥା ରୁଦ୍ରାକ୍ଷ ଶୋଭନ ।
ପ୍ରସନ୍ନ ବଦନେ ଶୋଭାପାଏ ବେନି ଆଖି
ପବନ ପାନ ଯୋଗରୁ ସର୍ବଦା ସେ ସୁଖୀ ।
ଆତ୍ମା ଲୟ କରି ସାଧୁଛନ୍ତି ବ୍ରହ୍ମଜ୍ଞାନ
ପରମବ୍ରହ୍ମରେ ମନ ହୋଇଅଛି ଲୀନ ।

ମେରୁ ଚଳାଇଣ ପୁଣି ଅଷ୍ଟକିଲା ଟାଣି
ପବନ ଚଳାଇ ପୁଣି ଟେକଇ ଉଜାଣି ।
ପାଖୁଶରେ ଭେଦ ମୁଦ୍ରା ସକଳ ବିଶୋଧୀ
ବଙ୍କନାଳ ପରେ ପୁଣି ପବନ ନିରୋଧୀ ।
ମନ ପବନ ଚୈତନ୍ୟ ଏକଲୟ କରି
ଗୋବିନ୍ଦ ପଦ୍ମପାଦକୁ ଛନ୍ତି ମନେ ଧରି ।
ଊର୍ଦ୍ଧ୍ୱମୁଖ ହେଇ ଧୈର୍ଯ୍ୟ ଧରି ଧୀର ମତି
ଆତ୍ମା ଲୟ କରି ବସିଛନ୍ତି ମହାଯତି ।
ପାଖୁଶେ ଅଛଇ କୃଷ୍ଣବର୍ଣ୍ଣ ମୃଗ ଛାଲ
କନକର କମଣ୍ଡଳୁ ନାନା ଜାତି ଫୁଲ ।
ପାଖରେ ଅଛନ୍ତି ପୁଣି ଛତା ପିଢ଼ା ଜ୍ୟୋତି
ଉତ୍ତରୀୟ ଜପାମାଳି କୁଶ ବେଦପୋଥି ।
ପ୍ରୋକ୍ଷଣୀ ପାତ୍ରସେ ବେଦକାଣ୍ଡ ସ୍ରୁଚସ୍ରୁବ
କନକ ଖଟୁଲି ପରେ ବିଜେ ବାସୁଦେବ ।
ବିଷ୍ଣୁ ଶାଳଗ୍ରାମ ଶିଳା ଦୁର୍ଗା ଗଣପତି
ଶଙ୍ଖ ଘଣ୍ଟା ପୂଜାବିଧି ଅଛଇ ତା କତି ।
ଦୋହରା ଅନଳ ଜଳୁଅଛି ପାଖୁଶରେ
କାମଧେନୁ ଶୋଇଅଛି ତାହା ସନ୍ନିଧିରେ ।
ବ୍ରାହ୍ମଣର ଆଚରଣ ଯୋଗେ ମହାଯତି
ପ୍ରତ୍ୟକ୍ଷରେ ଦେଖାଯାନ୍ତି ଯେହ୍ନେ ବେଦପତି ।
ଏସନ ସ୍ୱରୂପ ତହିଁ ଦେଖିଲା ସୁରଥ
ମଣିଲା ପାତକ ପୂର୍ଣ୍ଣହେଲା ମନୋରଥ ।
ମନରେ ବିଚାର କଲା ଫଳିଲା ମୋ ତପ
ସିଦ୍ଧେଶ୍ୱରୀର ବଚନ ହୋଇଲା ସ୍ୱରୂପ ।
ନିଶ୍ଚୟ ଏହି ପର୍ବତ ତାମ୍ରବର୍ଣ୍ଣଶୀଳ
ଏ ନିଶ୍ଚେ ହୋଇବେ ମାରକଣ୍ଡ ତପଃଶୀଳ ।
ନଦୀ ମଣିକର୍ଣ୍ଣିକାର ହୋଇବ ଏ ଘାଟ
ସ୍ୱର୍ଣ୍ଣ ତରୁପ୍ରାୟ ଶୋଭା ପାଉଛି ଏ ବଟ ।
ପୂର୍ବର ତପସ୍ୟାବଳେ ଦେଖିଲି ମୁଁ ଏହା
ଚଣ୍ଡି ସିଦ୍ଧେଶ୍ୱରୀ ମୋତେ ହେଲେ ଯହୁଁ ସାହା ।
ଏସନ ବିଚାରି ତହିଁ ସୁରଥ ନୃପତି
ଯୋଗରେ ଜାଣିଲେ ତାହା ମାରକଣ୍ଡ ଯତି ।
ସର୍ବଜ୍ଞ ସେ ମୁନିବର ଧ୍ୟାନେ ବସିଥାନ୍ତି
ତିନିବ୍ରହ୍ମାଣ୍ଡର ସର୍ବ ବାରତା ଜାଣନ୍ତି ।
ସୁରଥର ଆସିବାର ଜାଣନ୍ତି ଆଗହୁଁ
କେଣିକି ନ ଯାଇ ମଠେ ରହିଥିଲେ ସେହୁ ।
ଧ୍ୟାନେ ଜାଣି ଅଇଲେକ ଏ ସୁରଥ ରାଜା
ପୁତ୍ରର ଅଭିମାନରେ ରାଜ୍ୟ କରି ତେଜ୍ୟା ।
ସିଦ୍ଧେଶ୍ୱରୀ ଆଜ୍ଞାରେ ସେ ଅଇଲା ଏଥକୁ
ଆମ୍ଭେ କେସନ ପ୍ରସନ୍ନ ହୋଇବା ଏହାକୁ ।

Digitized by srujanika@gmail.com

ଏତେକ ବିଚାରି ମୁନି ସୁପ୍ରସନ୍ନ ହୋଇ
ସୁଦିବ୍ୟ ଦୃଷ୍ଟିରେ ଦେଲେ ରାଜାଙ୍କୁ ଅନାଇଁ ।
ମୁନିବର ଅବଧାନ ଦେଖି ନୃପବର
ସାଷ୍ଟାଙ୍ଗରେ ପାଏ ପଡ଼ି ଶୋଇଲା ଭୂମିର ।
ତେଣୁ କରି ବୋଲାଉ ଯେ ଆମ୍ଭେ ମୁନିବର
ବିଧାତାଙ୍କୁ ଏକା ଆମ୍ଭେ କରୁ ନମସ୍କାର ।
ଦେବତାଙ୍କ ଇଷ୍ଟ ଆମ୍ଭେ ମୁନିଙ୍କ ଉତ୍ତମ
ବେଦବିଦ୍ୟାରେ ଆମ୍ଭେ ଯେ ପିତାମହ ସମ ।

ପୁଣି ଉଭା ହୋଇକରି ଶିରେ କର ଦେଇ
ପୁଣ ପୁଣ ନରପତି ପାଦରେ ପଡ଼ଇ ।
ରାଜାର ଭକତି ଦେଖିକରି ବ୍ରହ୍ମଋଷି
କୋମଳ କରିଣ ତାକୁ ଡାକନ୍ତି ଆଶ୍ୱାସି ।
ଆସ ଆସ କତିକି ହେ ସୁରଥ ନୃପତି
ଆମ୍ଭେ ସେହି ମାରକଣ୍ଡ ଅଟୁ ବ୍ରହ୍ମଯତି ।
ଏ ଦେହ ଘେନିଣ ଆମ୍ଭେ ସଦାକାଳେ ଥାଉଁ
ପ୍ରଳୟ କାଳରେ ଆମ୍ଭେ ବିଷ୍ଣୁ ଦେହେ ରହୁ ।
ଯେତେବେଳେ ପୁଣି ହୋଏ ପ୍ରଳୟ ନିହତ
ନୂତନ ସୃଷ୍ଟି ଯେ ପୁଣି ଭିଆନ୍ତି ଅଚ୍ୟୁତ ।
ତେତେବେଳେ ଆମ୍ଭେ ଗର୍ଭୁବାହାର ଯେ ହେଉ
ବ୍ରହ୍ମାର ଆଗରେ ଆମ୍ଭେ ସବୁକଥା କହୁ ।
ଗତକଥା ଧାତା ଶୁଣେ ଆମ୍ଭଠାରୁ ଯହୁଁ
ସଚରାଚର ଜୀବଙ୍କୁ ଭିଆଏ ସେ ତହୁଁ ।
ବିଷ୍ଣୁଙ୍କର ତହିଁ ଶାଢ଼ୀ ଦିଆଉ ବ୍ରହ୍ମାଙ୍କୁ
ତେଣୁ ବିଧାତା ଆସଇ ସୃଜନ କର୍ମକୁ ।
ପିତାମହଙ୍କ ପ୍ରତିଷ୍ଠା ରଖିବାର ପାଇଁ
ଏକାବେଳେ ନମସ୍କାର କରୁ ବ୍ରହ୍ମାଙ୍କୁ ହିଁ ।

ଏପରି ଆମ୍ଭ ମହିମା ନ ଜାଣନ୍ତି କେହି
ଆପଣାର ପୁତ୍ରମାନେ ଆପଣେ ନ କହି ।
କେବଳ ତୋର ମନରେ ପ୍ରତେ ଯିବା ପାଇଁ
ଆମ୍ଭ ଗୁଣ ବିଦ୍ୟା କହିଗଲୁ ନରସାଇଁ ।
ଭାଗ୍ୟବନ୍ତ ଲୋକ ପାଏ ଆମ୍ଭର ଯେ ଭେଟ
ତୁ ଯେଣୁ ଭେଟିଲୁ ତୋର ଗଲା ପାପ କଷ୍ଟ ।
ଲଭିଲୁ ପୂର୍ବର ଭାଗ୍ୟ ପାଇଲୁ ସୁଗତି
ଆସ ମୋର ସନ୍ନିଧିକୁ ନ କରି ତୁ ଭୀତି ।
ସୁରଥ ବୋଇଲା ଭ୍ରାନ୍ତି ନାହିଁ ମୋର ମନେ
ସର୍ବ ଭୟ ଛାଡ଼ିଲି ମୁଁ ତୁମ୍ଭ ଦରଶନେ ।
ଅନେକ ଜନ୍ମ ସୁଗତି ଦିଶିଲା ମୋ ଆଜ
ପ୍ରତ୍ୟକ୍ଷେ ଭେଟିଲି ମୁହିଁ ଦ୍ୱୀତି ବ୍ରହ୍ମରାଜ ।
ସ୍ୱୟଂ ବିଷ୍ଣୁ କଳା ତୁମ୍ଭ ଯୋଗ ଯୋଗେଶ୍ୱର
ତପୀଙ୍କର ଶ୍ରେଷ୍ଠ ତୁମେ ଅଟ ମୁନିବର ।
ପୁଣ୍ୟମୟ ତନୁ ଯେଣୁ ଦେଖିଲି ତୁମ୍ଭର ।
ସକଳ ପାପରୁ ତେଣୁ ହୋଇଲି ନିସ୍ତାର ।
ଆହେ ମହାଋଷି ମୁହିଁ ଅଟେ ବଡ଼ ହୀନ
ମାୟାମୋହ ପାଶୁ ମୋତେ କର ଉଦ୍ଧାରଣ ।

Digitized by srujanika@gmail.com

ଏ ସଂସାର ଘୋର କଷ୍ଟ ଉଦ୍ଧରିଣ ଧର
ଅକାରଣ ଜନର ଯେ ପ୍ରତିକାର କର ।
କେବଣ ଜନ୍ମେ ମୁହିଁ କି ପାପ ଅର୍ଜିଥିଲି
ଶରୀର ଭିତରୁ ପୁତ୍ର ଏକ ଜାତ କଲି ।
ସେହି ଶତ୍ରୁ ହୋଇ ମୋର ନେଲା ରାଜ୍ୟଭାର
ହତରାଜ୍ୟ ହୋଇ ମୁହିଁ ପଶିଲି ବନର ।
ବିକଳ ହୋଇଣ ଭାବୁଥିଲି ପଞ୍ଚମନ
ସିଦ୍ଧେଶ୍ୱରୀ ଦେବୀ ମୋତେ ହୋଇଲେ ପ୍ରସନ୍ନ ।
ଅତିଥି ଦେଖିଣ ଦେବୀ ଦୟା କଲେ ମୋତେ
ତୁମ୍ଭର ଆଶ୍ରମ କହିଦେଲେକ ସୁଚିତ୍ତେ ।
ସେ ଦେବୀଙ୍କ ଆଜ୍ଞାରେ ମୁଁ ଅଇଲି ଏଥକୁ
ଦ୍ୱାଦଶ ବରଷରେ ମୁଁ ଭେଟିଲି ତୁମ୍ଭଙ୍କୁ ।
ମୋର ମନରେ ବେଦନା ଅଛି ଅବା ଯାହା
ତୁମ୍ଭେ କି ନ ଜାଣ କିସ କହିବି ମୁଁ ତାହା ।
ସେ କଥାମାନ ହେ ମୁନି ସବୁ କଲି ଦୂର
ତୁମ୍ଭଙ୍କୁ ଯେ ଭେଟିଲଇଁ ବହୁ ଭାଗ୍ୟ ମୋର ।
ତୁମ୍ଭବିନୁ ମୋର ଆନ ଆଶ୍ରା କେହୁ ନାହିଁ
ଏତେ ବୋଲି ନରପତି ପାୟେ ପଡ଼ି ଶୋଇ ।
ମୁନି ଆଜ୍ଞା ଦେଲେ ଉଠ ଉଠ ଆହେ ରାୟେ
କାହିଁ ପାଇଁ ଆଉ ମୋତେ ଏଡ଼େକ ବିନୟେ ।
ଆମ୍ଭଙ୍କୁ ଭେଟିଲ ଯହୁଁ ପାଇଲ କାରଣ
ଦିବ୍ୟଜ୍ଞାନ କଥାମାନ ଆମ୍ଭ ଠହୁଁ ଶୁଣ ।
ଧଇର୍ଯ୍ୟ ଧରିଣ ତୁହି ବସ ଆମ୍ଭ କତି
ଶରୀରରୁ ଦୂର କର ରୋଗ ଶୋକ ଭୀତି ।
କ୍ଷୁଧା ତୃଷା ନିଦ୍ରାଦି ନ ବାଧୁ କିଛି ତୋତେ
ମୁଖରୁ ଅମିୟରସ ଝରୁ ଅନୁବ୍ରତେ ।
ମଦନ ନୃପତି ପୀଡ଼ା ନ କରିବ ଅଙ୍ଗେ
ପୁଷ୍ପ ବାସନା ଚନ୍ଦନ ଆମୋଦୁ ସର୍ବାଙ୍ଗେ ।
ଆମ୍ଭ ବଚନେ ଆନନ୍ଦ ହେଉ ତୋର କାୟେ
ଯେ ମନବାଞ୍ଛା ପ୍ରାପତ ସର୍ବ ହେଉ ରାୟେ ।
ସୁରଥ ବୋଇଲା କିସ ମାଗିବି ମୁଁ ପୁଣି
ଯାଚି ଦେଉଅଛ ସର୍ବ ମୋର ମନ ଜାଣି ।
ଦରିଦ୍ର ଜନ କ୍ଷୁଧାରେ ପାଳ ଯେତେ ତ୍ରାସ
ପାଇଲି ମୁଁ ବୁଡ଼ି ମରୁ ମରୁ ରତ୍ନକୋଷ ।
ସେହି ପରକାରେ ହେଲା ମୋର ନିଜ କର୍ମ
ବନବାସେ ଆସି ଲଭିଲଇଁ କୋଟି ଧର୍ମ ।
ଏହା ଠହୁଁ ଅଧିକ ବା ଅର୍ଜିବି କି ତପ
ପ୍ରତ୍ୟକ୍ଷେ ଦେଖିଲି ମୁହିଁ ଦ୍ୱିତୀ ବ୍ରହ୍ମରୂପ ।
ତୁମ୍ଭ ମୁଖରୁ ଶୁଣିଲି ଏସନ ବଚନ
ଶରୀରୁ ଖଣ୍ଡିଲି ମୁହିଁ ଗତ ପାପମାନ ।
ଆଜ୍ଞା ପରମାଣେ ଏବେ ବସିଲି ଛାମୁରେ
ଦୁଃଖ ଉପେକ୍ଷିଣ ସୁଖ ଘେନିଲି ଶରୀରେ ।
ମାର୍କଣ୍ଡେୟ ସୁରଥଙ୍କ କଥୋପକଥନ
ମହାଦେବ ଦାସ ଭଣେ ଘେନିବା ସୁଜନ ।

-x-

ସୁରଥ ରାଜାର ପୂର୍ବଜନ୍ମ ବିବରଣୀ

ପୁନଶ୍ଚ ସୁରଥ ରାଜା ସିଦ୍ଧହସ୍ତ ହୋଇ
ବିନୟେ ମାର୍କଣ୍ଡେୟଙ୍କୁ ବଚନ ଭାଷଇ ।
କଥା ଗୋଟିଏକ ମୁହିଁ ପୁଚ୍ଛିବି ଗୋସାଇଁ
ସୁପ୍ରସନ୍ନେ ମୋତେ କହିବାକ ତୋଷହୋଇ ।
ମୋହର ଯେ ଏହି ପୁତ୍ର ଜନ୍ମ ନୋହିଲାକୁ
ଅନେକ ସେବା କଲଇଁ ଈଶ୍ୱର ଦେବଙ୍କୁ ।
କାଳେ ମହାଦେବ ମୋତେ ହୋଇଲେ ପ୍ରସନ୍ନ
ଅନୁଗ୍ରହ କରି କଲେ ଏ ପୁତ୍ରକୁ ଦାନ ।
ସେହି ପୁତ୍ରଗୋଟି ମୋର ହୋଇଲା ବଇରୀ
ମାରିବ ବୋଲି ବୋଇଲା ମନ୍ତ୍ରୀକୁ ହକାରି ।
ପୁତ୍ର ବୋଲି ତାହାକୁ ମୁଁ ନ ବୋଇଲି କିଛି
ବନସ୍ତକୁ ଅଇଲି ମୁଁ ରାଜ୍ୟ ଭାର୍ଯ୍ୟା ମୂର୍ଚ୍ଛି ।
ଜାତିରେ ବୈଶ୍ୟ ମୁହିଁ ସୁରଥ ମୋର ନାମ
ବିରଥ ନରପତିର ଅଟଇ ନନ୍ଦନ ।
ଜୟଦ୍ରଥ ନାମେ ଯେହୁ ମୋହର ନନ୍ଦନ
ତାହାଯୋଗୁଁ ଅଇଲି ମୁଁ ଗହନ କାନନ ।
ବନକୁ ମୁଁ ଅଇଲାରୁ ହୋଇଲି କାରଣ
ଦର୍ଶନ ପାଇଲି ଯେଣୁ ତୁମ୍ଭର ଚରଣ ।
ମହତ ପୁରୁଷ ଭେଟ ପାଇଲିଟି ଯହୁଁ
ଏ ମୋହର ପୂର୍ବକର୍ମ ଫଳିଲାଟି ତହୁଁ ।
କେବଣ ତପରୁ ହୋଇଥିଲି ତହିଁ ରାଜା
କେବଣ କୁକର୍ମେ ମୁହିଁ ରାଜ୍ୟକଲି ତେଜ୍ୟା ।
କେଉଁ ପାପ କର୍ମେ ପୁତ୍ର ହୋଇଲା ବଇରୀ
ପୂର୍ବଦୋଷ ନ ଥିଲେ କି ହୋନ୍ତି ଏତେ ସରି ।
କେବଣ ଶୁଭକର୍ମ ମୋ ଥିଲା ପୁଣ କାହିଁ
ଅଗମ୍ୟ ବନେ ତୁମ୍ଭଙ୍କୁ ଭେଟିଲି ଗୋସାଇଁ ।
ତୁମ୍ଭ ମୁଖୁ ଏହି କଥା ଶୁଣିବାକୁ ମନ
ଯେଣୁ ତୁମ୍ଭେ ଭୂତ ଭବିଷ୍ୟତ କଥା ଜାଣ ।
କୃପାକରି ଏହା ମୋତେ କହ ବ୍ରହ୍ମପତି
ତୁମ୍ଭ ମୁଖୁ ଶୁଣିଲେ ମୁଁ ହୋଇବି ତୃପତି ।
ମାରକଣ୍ଡ ବୋଇଲେ ହୋ ଶୁଣ ମହାରଥା
ଯାହା ପୁଚ୍ଛାକଲୁ ଏବେ କହିବା ସେ କଥା ।
ଆମ୍ଭେ ଯେ କହିବା ତୋର ପୁତ୍ର ଜନ୍ମବାଣୀ
ତୁ ପୁଣି ମନେ ଅନ୍ତର ଧରୁ ତାହା ଶୁଣି ।

Digitized by srujanika@gmail.com

ଲୋକେ ବୋଲନ୍ତି ପଣ୍ଡିତ କଥା ହୁଏ ସତ
ଅନେକ ପାତକ କଲେ ପୁଣ୍ୟ ହୁଏ ହତ ।
ଯେଣୁକରି ତୋତେ ମୁହିଁ କରୁଅଛି ପୃଚ୍ଛା
ପୁରାଣ କଥାକୁ ତୁହି ଯେବେ ବୋଲୁ ମିଥ୍ୟା ।
ନୃପତି ବୋଇଲେ ମୋର ଦେହେ ଜ୍ଞାନ ଥାଉ
ଈଶ୍ୱର ବଚନ ମିଥ୍ୟା କରିବି ମୁଁ କାହୁଁ ।
ଆହୁରି କଥାଏ ମୁହିଁ କହଇ ଗୋସାଇଁ
ନ ବୁଝି ପୁଚ୍ଛିଲେ କହୁଥିବି ତୋଷ ହୋଇ ।
ଏହା ତହୁଁ ଅନ୍ୟ ଯେବେ ଧରିବି ଅନ୍ତର
ବହୁ ପାପ ପାଇବି ମୁଁ ପୁଣ୍ୟ ଯିବ ମୋର ।
ଏ ମୋହର ସତ୍ୟ ତିନିବାର କଲି ସତ୍ୟ
କହ ମହାମୁନି ମୋର ପୂର୍ବର ବୃତ୍ତାନ୍ତ ।
ମୁନି ବୋଇଲେ ହେ ରାଜା ଶୁଣ ଏକ ଚିତ୍ତେ
ଅନେକ କାଳର କଥା ସତ୍ୟଯୁଗ ଅନ୍ତେ ।
ଶିବ ପୁରାଣରେ ଶୁଣିଅଛି ଏହୁ ବାଣୀ
ଶ୍ରବଣେ ଶୁଣନ୍ତେ ତରିଯାନ୍ତି ଭବୁ ପ୍ରାଣୀ ।
ଅନେକ ଜନ୍ମର ପାପ ହୁଅଇ ଧ୍ୱଂସନ
ସେ କଥାକୁ ଏକମନେ ଶୁଣ ହେ ରାଜନ ।
ସତ୍ୟଯୁଗେ ମାଘମାସ ଶୁକ୍ଳ ତ୍ରୟୋଦଶୀ
ସେଦିନ କୈଳାସ ଭୁବନରେ ବିଜେ କାଶୀ ।
ପାଦଗାମୀ ହୋଇ ଗଲେ କଟାର ହସ୍ତରେ
ସ୍ନାନ ନିମନ୍ତେ ପଶିଲେ ଗଙ୍ଗାନଦୀ ନୀରେ ।
ମୁକ୍ତାବତୀ ବୋଲି ତହୁଁ ଥିଲା ଘାଟ ଗୋଟି
ଆକାଶରୁ ଗଙ୍ଗାନୀର ବହୁଅଛି ଫୁଟି ।
ହେମାଙ୍ଗ ନାମେଣ ତହିଁ ବିଜୟ ଈଶ୍ୱର
ସେ ଶମ୍ଭୁ ନିକଟେ ଗଙ୍ଗା ବହେ ତିନିଧାର ।
ତେଣୁ ଗଙ୍ଗାଧର ନାମୁଁ ବୋଲନ୍ତି ଯେ କାଶୀ
ପ୍ରତିମା ରୂପରେ ତହିଁ ସଦା ଛନ୍ତି ବସି ।
ଗଙ୍ଗା ଯେ ଯମୁନା ଆଉ ସରସ୍ୱତୀ ତିନି
ପୂର୍ବ ଉତ୍ତର ଆବର ଦକ୍ଷିଣ ବାହିନୀ ।
ଏହାଙ୍କ ମଧ୍ୟରେ ଶ୍ରେଷ୍ଠ ମୁକ୍ତାବତୀ ତୀର୍ଥ
ସର୍ବଦା ତହିଁରେ ସ୍ନାନ କରେ ପୁରୁହୂତ ।
ଗଙ୍ଗାଧରଙ୍କୁ ସେ ନିତି ଦରଶନ କରେ
ସୁରପତି ବୋଲାଏ ସେ ଦେବଙ୍କ ସଭାରେ ।
ସେ ତୀର୍ଥର ମହିମା ଯେ ଏସନକ ଗତି
ସାମାନ୍ୟ ଲୋକ ନ ଯାନ୍ତି ସେ ତୀର୍ଥର କତି ।
ସେ ତୀର୍ଥର ଆୟତନ ଯୋଜନ ପର୍ଯ୍ୟନ୍ତେ
ନ ଯାନ୍ତି କେ ଜୀବଜନ୍ତୁ ସ୍ନାନର ନିମନ୍ତେ ।
ଗଙ୍ଗାଧର ଦେବତାଙ୍କୁ କଷ୍ଟ ହେବ ବୋଲି
ତୀର୍ଥଗାମୀ ଲୋକଙ୍କୁ ସେ ନ ଦିଅନ୍ତି ଚାଲି ।
ଇନ୍ଦ୍ର ମାନ୍ୟ କରଇ ଯେ ତହିଁର ଲୋକଙ୍କୁ
ନ ମାନିବେ କେଉଁଭଳି ଲୋକ ସେ ତୀର୍ଥକୁ ।
ମଧ୍ୟଭଳି ଲୋକେ ତହିଁ ନ ପାରନ୍ତି ଗମି
ସ୍ୱର୍ଗ ମଞ୍ଚପୁର ମଧ୍ୟେ ଦୁର୍ଲଭ ସେ ଭୂମି ।
ବରଷକେ ତହିଁ ଥରେ ଆସନ୍ତି ଈଶ୍ୱର
ମକର ଶୁକଳ ତ୍ରୟୋଦଶୀ ସେ ଦିନର ।
ସେହି ମୁକ୍ତାବତୀ ତୀର୍ଥଜଳେ କରି ସ୍ନାନ
ଆପଣା ରୂପକୁ ସେ ଯେ କରନ୍ତି ଦର୍ଶନ ।
ଗଙ୍ଗାଧର ରୂପକୁ ସେ ଦେଖନ୍ତି ଧୂର୍ଜଟି
କଇଳାସ ପୁରକୁ ସେ ଯାଆନ୍ତି ଲେଉଟି ।
ଏହିପରି ସେହି ଦେଶେ ଦେବଦେବ କାଶୀ
ଦିନେ ମୁକ୍ତାବତୀ ତୀର୍ଥେ ସ୍ନାନ କଲେ ଆସି ।
ନଦୀକୂଳରେ ଥୋଇଲେ ଯେ ଆୟୁଧମାନ
ଦଣ୍ଡ କମଣ୍ଡଳୁ ଆଦି ଉତ୍ତରୀ ବିଧାନ ।
କୁଶବିଡ଼ା ଗୋଟି ଯତ୍ନେ ଥୋଇ ତାର ପାଶେ
ନଦୀରେ ପଶିଲେ ସ୍ନାନ କରିବାର ଆଶେ ।
ସ୍ନାନ ସନ୍ଧ୍ୟା ଆଦି ସାରି ଦେବ ପଶୁପତି
ଦେବତା ପିତୃଗଣଙ୍କୁ ଜଳଦାନ ଦ୍ୟନ୍ତି ।
ଏମନ୍ତ ସମୟେ ତହିଁ ସୁରଭୀ ନନ୍ଦିନୀ
ଗଙ୍ଗାକୂଳରେ ମିଳିଲା ସଙ୍ଗେ ବତ୍ସା ଘେନି ।
ଗୋମାତା ନାତୁଣୀ ସେହୁ ନାମ ତା କପିଳା
ସଙ୍ଗତେ ବତ୍ସା ଗୋଟିଏ ଅଛଇ ବଉଳା ।
ନଦୀ କୂଳରେ ଚରନ୍ତି ସେହି ମାଆ ଝିଅ
କୋମଳ ତୃଣ ଭକ୍ଷିଣ ପୁଷ୍ଟକଲେ କାୟ ।
ମାତା ପଛେ ପଛେ ଚରୁଥିଲା ଯେ ବଉଳା
ଈଶ୍ୱରଙ୍କ କୁଶବିଡ଼ା ଦୂରରୁ ଦେଖିଲା ।
ମାତାର ତ ରଜ୍ଜୁ ନାହିଁ ପଛକତି ଗଲା
ଈଶ୍ୱରଙ୍କ କୁଶବିଡ଼ା ସେ ଯାଇଁ ଖାଇଲା ।
ଗଗନେ ଥାଇ ଦେଖିଲା ତାହା ବିଶ୍ୱାବସୁ
ପ୍ରଭାତ ସମୟେ ମେରୁ ବୁଡ଼ି ଆସୁ ଆସୁ ।
ଗନ୍ଧର୍ବ ବିଚାରିଲା ଏ ଈଶ୍ୱରଙ୍କ କୁଶ
ନ ଜାଣି ବଉଳାଧେନୁ ଏହା କଲା ଗ୍ରାସ ।
ଦେଖିଲଇଁ ନ କହିବି ଏହା ମୁଁ କେମନ୍ତେ
ଈଶ୍ୱର ଜାଣିଲେ କୋପ କରିବେତ ମୋତେ ।
କତିକି ମୁଁ ଯାଇ ଅବା ଦ୍ୟନ୍ତି ଘଉଡ଼ାଇ
ସେ ତୀର୍ଥକୁ ଯିବା ଭଳି ନୁହଇ ତ ମୁହିଁ ।
ଆବର ଏ ଅପରାଧ ମୋହର ଦେଖନ୍ତେ
ଈଶ୍ୱରଙ୍କ ଦ୍ରବ୍ୟ ନାଶ ହୋଇବ କେମନ୍ତେ ।
ଏମନ୍ତ ବିଚାରି ସେହି ଗନ୍ଧର୍ବ ଈଶ୍ୱର
ଡାକିଲେ ଶୂନ୍ୟରେ ହର ଅବଧାନ କର ।

Digitized by srujanika@gmail.com

ନଦୀ କୂଳରେ ଥୋଇଣ ଥିଲ ଯେଉଁ କୁଶ
କପିଳାର ନନ୍ଦିନୀ ଯେ ତାହା କଲା ଗ୍ରାସ ।
ସ୍ୱଭାବେ ବାଳୁତ ଗୋରୁ ଜାତ ବୁଦ୍ଧି ନଷ୍ଟ
ନ ଜାଣି ତୁମ୍ଭର ଦ୍ରବ୍ୟ କରିଲା ଉଚ୍ଛିଷ୍ଟ ।
କୂଳକୁ ଚାହିଁଲେ ଶୁଣିକରି ବିଶ୍ୱବାସ
ଦେଖିଲେକ ବଉଳା ଯେ ଖାଉଅଛି କୁଶ ।
ତାହା ଦେଖି ସଦାଶିବ ଗଲେ ଅତି ଖର
କୁଶ ନ ଦେଖି ମନରେ କୋପ ଗୁରୁତର ।
ଦେଖୁଦେଖୁ ଶରୀରରେ କୋପ ଗଲା ବ୍ୟାପୀ
ଭୈରବ ରୂପ ଧାରଣ କଲେ ବିଶ୍ୱରୂପୀ ।
ଗୋବତ୍ସାକୁ ଚାହିଁ ହର କୋପେ ପରଚଣ୍ଡ
କୁଠାର ଘେନିଣ କାଟିଲେକ ତାର ମୁଣ୍ଡ ।
କୁଠାର ପ୍ରହାରେ ଛିଡ଼ିଲାକ ତାର ଶିର
ତାହା ଦେଖି ଦିଗପାଳ ହୋଇଲେ କାତର ।
ବୋଇଲେ ଅର୍ଜିଲେ ମହାପାପ ବିଶ୍ୱବାସ
ମହାଜ୍ଞାନୀ ହୋଇ ଏବେ ଜ୍ଞାନକଲେ ଧ୍ୱଂସ ।
କେତେକ ଦୋଷକୁ ଶିବ କଲେ ଏଡ଼େ ତମ
କ୍ଷଣକରେ ନାଶ କଲେ ବହୁକାଳ ଧର୍ମ ।
ଏତେବୋଲି ଦେବଲୋକେ ଊର୍ଦ୍ଧ୍ୱକୁ ଚାହିଁଲେ
ଗୋବିନ୍ଦ ସୁମରି ବେନିକର୍ଣ୍ଣେ କରଦେଲେ ।
ଈଶ୍ୱର ଅଙ୍ଗରେ ବାସ କଲା ପାପ ରାଶି
ଛିଡ଼ିଲା ଗୋମୁଣ୍ଡ କରେ ଲାଗିଲାକ ଆସି ।
ତାହା ଦେଖି ବିଶ୍ୱନାଥ ହୋଇଲେ ତରସ୍ତ
ବିମୁଖ ହୋଇଣ କରୁ ଛାଡ଼ନ୍ତି ସାକ୍ଷାତ ।
କେବେହେଁ ଛାଡ଼ିଣ ତଳେ ନ ପଡ଼ିଲା ମୁଣ୍ଡ
ଚୁମ୍ବକ ପଥରେ ଯେହ୍ନେ ଲାଗେ ଲୁହାଖଣ୍ଡ ।
ନଦୀଜଳ ସିନ୍ଧୁଜଳ ନୁହେଁ ଯେହ୍ନେ ବାରି
ଈଶ୍ୱରଙ୍କ କରେ ମୁଣ୍ଡ ତେହ୍ନେ ଅଛି ଧରି ।
ଜଳକୁମ୍ଭ ମଧ୍ୟେ ଯେହ୍ନେ ଦିଶଇ ବଦନ
କରକୁ ଅନାଇ ଦେଲେ ଦିଶେ ମୁଣ୍ଡ ଚିହ୍ନ ।
ମୁକୁରେ ଦିଶଇ ଯେହ୍ନେ ବଦନ ମଣ୍ଡଳ
ତେସନେ ଦେଖି ଈଶ୍ୱର ମନରେ ବିକଳ ।
ବୋଇଲେ ମୁଁ ଅର୍ଜିଲି ତ ଘୋର ମହା ପାପ
ଅଳପ କଥାକୁ ମୁଁ ଯେ କଲି ବହୁ କୋପ ।
ଗୋହତ୍ୟା ଅର୍ଜିଲି ସବୁ ସରିଲା ସୁକୃତ
କାହାକୁ କହିବି ମୋର ଆପଣାର କୃତ୍ୟ ।
ଏମନ୍ତ ବିଚାର କରି ଈଶ୍ୱର ବିମନ
କପିଳାସ ସନ୍ନିଧିକୁ ଗଲେକ ବହନ ।
କପିଳା ମୁଖକୁ ଚାହିଁ ବୋଲନ୍ତି ଈଶ୍ୱର
ଭୋ ମାତ ମୁଁ ଦ୍ରୋହ ଅରଜିଲି ତୁମ୍ଭଠାର ।

ନ ଜାଣିଣ ତୁମ୍ଭଠାରେ ଅରଜିଲି ଦୋଷ
ତୁହି ପୁଣ୍ୟବନ୍ତ ପ୍ରାଣୀ ନ ଧର ମୋ ଦୋଷ ।
ଏ ତୋହର ନନ୍ଦିନୀକି ସ୍ୱହସ୍ତେ ମାଇଲି
ଗୋରୁହତ୍ୟା ସ୍ତିରୀହତ୍ୟା ବ୍ରହ୍ମହତ୍ୟା କଲି ।
ଏ ତିନି ପାପରୁ ମୁହିଁ ତରିବି କେମନ୍ତେ
ତୁ କୋପ ନ କର ଫଳ ଫଳିଲାଣି ମୋତେ ।
ଦେଖ ମାତା ମୋର କରେ ଲାଗିଛି ତା ଶିର
ଏଥକୁ ଭୋ ମାତ ଯାହା ପ୍ରତିକାର କର ।
ଦ୍ରୋହ କଲି ତୋଠାରେ ମୁଁ ରକ୍ଷାକର ମୋତେ
ମୁହିଁ ମହାଦେବ ପ୍ରତିକାର କର ଚିତ୍ତେ ।
କପିଳା ବୋଇଲା ତୁମ୍ଭେ ଶୁଣ ତ୍ରିଲୋଚନ
ଏ ମୋହର ନନ୍ଦିନୀକୁ କଲ ଯେ ନିଧନ ।
ଗୋରୁହତ୍ୟା କଲେ ଯେତେ ପାତକ ହୁଅଇ
ତୁମ୍ଭେ କି ନ ଯାଣ ମୁହିଁ କିସ କହିବଇଁ ।
କିଞ୍ଚିତ ଦୋଷରେ କଲ ମୋ ଝିଅକୁ ନାଶ
କାର୍ପୁଣ୍ୟ ନୋହିଲେ ଶାପ ଦିଅନ୍ତି ଅବଶ୍ୟ ।
ଦୋଷକରି ପୁଣି ଯେବେ ମାଗିଲ କାରଣ
ପାପ ଖଣ୍ଡିବାର ତେବେ ମୋହରି ବିଧାନ ।
ଈଶ୍ୱର ହୋଇଣ ତୁମ୍ଭେ ଅଗତିକି ଗଲ
ଜ୍ଞାନବନ୍ତ ହୋଇ ଗୋରୁହତ୍ୟା ପାପ କଲ ।
ଇତର ଜନ ଯେବେ ଏ ପାପ କରିଥାନ୍ତା
କଳ୍ପେ ପରିଯନ୍ତେ ସେ କି ସୁଗତି ପାଆନ୍ତା ।
ତୁମ୍ଭେ ମହାଦେବ ଯେଣୁ ଦେବଙ୍କର ଇଷ୍ଟ
ପାପ କ୍ଷୟ ଯିବ ତୁମ୍ଭେ ସହିଲେକ କଷ୍ଟ ।
ଯତିବେଶ ହୋଇ ଯେବେ ବୁଲିବ ସୁତୀର୍ଥ
ତେବେ ପାପ ମୁକ୍ତ ହେବ ଆହେ ବିଶ୍ୱନାଥ ।
ଯେବଣ ଗୋମୁଣ୍ଡ ଲାଗିଅଛି ତୁମ୍ଭ କରେ
ଧରିବ ଭୈରବ ମୂର୍ତ୍ତି ତୁମ୍ଭେ ପକ୍ଷକରେ ।
ଏ ମୋହର ନନ୍ଦିନୀର ହାଡ଼ଖଣ୍ଡ ଚାରି
ଗଳାରେ ପକାଇ ଥିବ ହାର ପ୍ରାୟେ କରି ।
ଗୋମୟର ଭସ୍ମ ଅଙ୍ଗେ ବୋଳୁଥିବ ନିତି
ଗୋମୟ ରସ ପାନରେ ହୋଇବ ତୃପତି ।
ଲକ୍ଷେକ ତୀର୍ଥରେ ବୁଲୁଥିବ ରାତ୍ରଦିନ
ଏକଇ ତୀର୍ଥରେ ନ ରହିବ ବେନି ଦିନ ।
ନିତି ନିତି ତ୍ରିସନ୍ଧ୍ୟାରେ କରୁଥିବ ସ୍ନାନ
ନ ପାରିଲେ ବିଶ୍ରାମିବ ଗୋଷ୍ଠ ସନ୍ନିଧାନ ।
ଗୋହତ୍ୟା ମୋଚନକାରୀ ଗୋବିନ୍ଦ ନାମଟି
ରାତ୍ରଦିନ ଜପୁଥିବ ସେ ନାମ ଧୂର୍ଜଟି ।
ଏମନ୍ତେ ତେର ବରଷ ବୁଲି ଲକ୍ଷେ ତୀର୍ଥ
ଶ୍ରୀପୁରୁଷୋତ୍ତମକୁ ଯେ ଯିବ ବିଶ୍ୱନାଥ ।

Digitized by srujanika@gmail.com

ଜମ୍ବୁଦ୍ୱୀପର ଦକ୍ଷିଣ ମହାସିନ୍ଧୁ ତଟ
ଉତ୍ତର ପାରୁଶେ ଅଛି କଳ୍ପ ନାମେ ବଟ ।
ନୀଳଗିରି ନାମେ ଏକ ତହିଁ ଗିରି ଶୋଭା ।
ସେ ଠାବରେ ପ୍ରକାଶଇ ନାରାୟଣ ପ୍ରଭା ।
ନରମାନଙ୍କର ପାପ ନିବାରିବା ଅର୍ଥେ
ବିଜୟ ସର୍ବଦା ନୀଳାଚଳେ ଜଗନ୍ନାଥେ ।
ନରକ ଯାତନା ନିସ୍ତାରିଣ ଭାବଗ୍ରାହୀ
ଦର୍ଶନ ମାତ୍ରକେ ସର୍ବପାପ ଦିଏ ଦହି ।
ତୁମ୍ଭେ ଯାଇଁ ସେ ବିଷ୍ଣୁଙ୍କୁ ଦରଶନ କଲେ
ଗୋହତ୍ୟା ପାପ ଖଣ୍ଡିବ ଅଙ୍ଗରୁ ଯେ ଭଲେ ।
କିଛି ନ ବିଚାରି ସେହି କ୍ଷେତ୍ର ପରେ ଯାଅ
ଜଗନ୍ନାଥଙ୍କ ଦର୍ଶନେ ଦୂରିତ ଛଡ଼ାଅ ।
ପ୍ରସନ୍ନେ ତୁମ୍ଭଙ୍କୁ ଏହା କହିଲି ସୁଗତି
ମୁଁ ଯାହା ମାଗିବି ତାହା ଦେବ ପଶୁପତି ।
ଈଶ୍ୱର ବୋଇଲେ ମାତ ମାଗିବୁ ତୁ ଯାହା
ସତ୍ୟ ସତ୍ୟ ସତ୍ୟ ହାଦେ ଦେବଇଁ ମୁଁ ତାହା ।
କପିଳା ବୋଇଲା ତୁମ୍ଭେ କଲ ଏବେ ସତ୍ୟ
ଏ ମୋହର ନନ୍ଦିନୀକି କରିଅଛ ହତ ।
ବହିବୁ ଏହାର ହାଡ଼ ମୁଣ୍ଡେ ଅଙ୍ଗେ ତୁହି
ପାପ କ୍ଷୟ ଗଲେ ମଧ ନ ପକାଅ କାହିଁ ।
ସର୍ବଦା ତୁମ୍ଭର କରେ ଥିବ ମୋ ନନ୍ଦିନୀ
ଏହି ବର ମୋତେ ଆଜ୍ଞା ହେଉ ବ୍ରହ୍ମଜ୍ଞାନୀ ।
ତୁମ୍ଭ କରେ ଲାଗିଥିବ ଯଦ୍ୟପି ସେ ଶିର
ତେବେ କେହି ଗୋରୁଙ୍କୁ ନ କରିବେ ସଂହାର ।
ସମ୍ମତି ହୋଇ କହିବେ ଈଶ୍ୱର ଦେବତା
ମୋକଷ୍ଟ ଦେଖି କେହି ନକରିବେ ଗୋ ହତ୍ୟା ।
ଏତେ ଭୋ ମାତ ମୁଁ ଯାଉଅଛି ତପକରି
ଏତେ ବୋଲିଣ ଶ୍ୱଶ୍ୱର ଗଲେ ତୀର୍ଥ ଫେରି ।
ନନ୍ଦିନୀ ବିହୁନେ କପିଳାର ମନ ଦୁଃଖ
କୋପେଣ ଚାହିଁଲେ ସେହି ବିଶ୍ୱାବସୁ ମୁଖ ।
ବୋଇଲେ ଚଣ୍ଡାଳ ଆରେ ବୁଦ୍ଧି ତୋର ନଷ୍ଟ
ଈଶ୍ୱରଙ୍କ ହସ୍ତେ ମୋତେ ଦେଲୁ ଝିଅ କଷ୍ଟ ।
ପର ପଦାର୍ଥ ଯଦ୍ୟପି ପର କଲା ନାଶ
ଦ୍ରଷ୍ଟାର କି ଦୋଷ ତେଣୁ ତୋର ଗଲା କିସ ।
ଗୋରୁଙ୍କ ଗ୍ରାସ ଭାଙ୍ଗିଲେ ଯେତେ ପାପ ଥାଇ
ଏଥିର ଜ୍ଞାନ କି ତୋର ମନେ ନ ପଡ଼ଇ ।
ନିଶ୍ଚୟ ଜ୍ଞାନ ତୋହର ହୋଇଲାକ ଧ୍ୱଂସ
ତୋହର ହେତୁ ନନ୍ଦିନୀ ମୋର ଗଲା ନାଶ ।
ତୁ ଯେବେ ନ ଦେଇଥାନ୍ତୁ ଈଶ୍ୱରଙ୍କୁ କହି
ଏମନ୍ତ ଅନୀତି କଥା କରନ୍ତେ କିମ୍ପାଇ ।

ସେ ପାପ ଉଦ୍‌ଯୋଗେ ତୁହି ହୋଇଲୁ କାରେଣୀ
ଗନ୍ଧର୍ବ ହୋଇଣ ହେଲ ମତ୍ତଗର୍ବ ପ୍ରାଣୀ ।
ମତ୍ତଗର୍ବେ ଯେଣୁ ଅରଜିଲୁ ମହାପାପ
ମୋଠାରେ ତ ଦ୍ରୋହ କଲୁ ଘେନମୋର ଶାପ ।
ଦେବତା ହୋଇଣ ତୁଯେ ହୋଇଲୁ ଅଜ୍ଞାନ
ମାନବ ଦେହରେ ତୁହି ମର୍ତ୍ତ୍ୟେ ହୁଅ ଜନ୍ମ ।
ମୋତେ ଯେଣୁ ସୁତାକଷ୍ଟ ଦେଲୁ ତୁ ଅଜ୍ଞାନେ
ପୁତ୍ର ଦୁହିତା ନୋହିବ ତୋର ବିଦ୍ୟମାନେ ।
ବହୁ କଷ୍ଟରେ ଦେଖିବୁ ଏକ ପୁତ୍ରମୁଖ
ବୃଦ୍ଧ ସମୟେ ସେ ପୁତ୍ର ଦେବ ପୁଣି ଦୁଃଖ ।
ଗୋହତ୍ୟା ଦୋଷରୁ ତୁହି ହେବୁ ବନଚାରୀ
ତୀର୍ଥ କନ୍ଦରେ ବୁଲିବୁ ସର୍ବ ପରିହରି ।
ମାନବ ଦେହ ବହିଣ ପାଇବୁ ଅବସ୍ଥା
ଏ ମୋହର ବଚନ ଯେ ନୋହିବ ଅନ୍ୟଥା ।
ଶୁଣି ବିଶ୍ୱାବସୁ ମହାଭୟ କଲା ଚିତ୍ତେ
ବୋଇଲା ଭୋ ମାତ ମୋରେ କୋପକଲଏତେ ।
ଦ୍ରୋହ କଲା କେହୁକରୁ କାହାକୁ ତୁ ତମ
ବିବେକୀ ଲୋକଙ୍କର କି ଏସନକ ଧର୍ମ ।
ଚୋରିକଲା ଲୋକ ଦ୍ରବ୍ୟ ନେଇ ପଳାଇଲା
ଦେଖିଲା ଲୋକ କି ସେହୁ ମହାପାପ କଲା ।
ନନ୍ଦିନୀ ଖାଇଲା ପୁଣି ଈଶ୍ୱରଙ୍କ କୁଶ
ସେହି ଦୋଷେ ଈଶ୍ୱର ଯେ ତାକୁ କଲେ ନାଶ ।
ମୋ ଦୋଷ ଏତିକି ଈଶ୍ୱରଙ୍କୁ କହିଦେଲି
ଏଡ଼େକ ଅଜ୍ଞାନୀ ସେହୁ ଜାଣି ତ ନଥିଲି ।
ଏଥକୁ ପାପ ଯଦ୍ୟପି ମୋହର ହୋଇଲା
କାହାକୁ କହିବି ସେ ମୋ କର୍ମେ ଲେଖା ଥିଲା ।
ସୁପଥ ବୋଲିଣ ଚାଲିଯାନ୍ତେ ଆଖିବୁଜି
ତୋପରେ ପଡ଼ିଲେ ମୁହିଁ ପହଣ୍ଡ ନ ହେଜି ।
ଏଥକୁ କାରଣ ଏବେ କର ଆଗୋ ମାତ
ଦୁଃସହ ପାପରୁ ଯେହ୍ନେ ହୋଇବି ମୁକତ ।
ଦେବ ଦେହ ଛାଡ଼ି ହେବି ମର୍ତ୍ତ୍ୟପୁରେ ଜାତ
ପଡ଼ିଲେ ତ ମାୟା ମୋହେ ହେବ ଜ୍ଞାନ ହତ ।
ଏ ଜନ୍ମ କଥାକୁ ନିକି ସେଜନ୍ମେ ଜାଣିବି
କହ କେମନ୍ତେ ଏ ଭବସାଗରୁ ତରିବି ।
ଆବର ବୋଇଲୁ ପୁଣି ନୋହିବ ତୋ ପୁତ୍ର
ପୁତ୍ର ନୋହିଲେ ରହିବ କେହ୍ନେ କୁଳଗୋତ୍ର ।
ସନ୍ତାନ ନ ରହିଲେ ତ ଜଣେ ନ ତରନ୍ତି
ଏଥକୁ ସିନା ମୋହର ହେଉଅଛି ଭ୍ରାନ୍ତି ।
ଅଳପ ଦୋଷକୁ କଲ ବହୁତ ଯେ କୋହ
ଦୁଃସହ ପାପକୁ ଏବେ ସଦ୍‌ଗତି କହ ।

Digitized by srujanika@gmail.com

ଦୋଷକୁ ତ ଶାପଦେଲୁ ଭକ୍ତି ଏବେ ଘେନ
କାରଣ କହ ଗୋ ମୋତେ ହୋଇଣ ପ୍ରସନ୍ନ ।
ତୋ କତିକି ଯିବା ପାଇଁ ଭାଜନ ନୁହଇ
ବିନୟ ଭକତି ମୋର ଘେନ ମହାମାୟୀ ।
ଦୁରାପଦ କଷ୍ଟୁ ମୋତେ ପ୍ରତିକାର କର
ଏତେ ବୋଲିଣ ଗନ୍ଧର୍ବ ଶିରେ ଦେଲା କର ।
ଗନ୍ଧର୍ବ ବିନୟ ଭାବ ଦେଖିଣ କପିଳା
ପ୍ରସନ୍ନ ହୋଇଣ ତାକୁ ବଚନ କହିଲା ।
ବୋଇଲାକ ବିଶ୍ୱାବସୁ ଶୁଣ ଆମ୍ଭ ବାଣୀ
ନ ଜାଣି ତୁ ଦୋଷକଲୁ ଜ୍ଞାନବନ୍ତ ପ୍ରାଣୀ ।
ଆମ୍ଭେ ତ ନ ଜାଣି ମଧ୍ୟ ଦେଲୁ ତୋତେ ଶାପ
ଦୁହିତା ନାଶ ଯିବାରୁ ହେଲା ବଡ଼ କୋପ ।
ଯାହା ବୋଇଲୁ ସେ କଥା ଅନ୍ୟଥା ନୋହିବ
ଅବଶ୍ୟ ତ ନରଦେହ ବହିବୁ ଗନ୍ଧର୍ବ ।
ଏବେ ସମୟେକ ତୁହି ଏହି ଦେହେ ଥିବୁ
ଦ୍ୱାପର ଯୁଗର ଅନ୍ତେ ମର୍ତ୍ତ୍ୟରେ ଜନ୍ମିବୁ ।
ମାନବ ଶରୀର ତୁହି ବହିବୁ ଶୟଳେ
ବୈଶ୍ୟ ଜାତିରେ ବିରଥ ନୃପତିର କୋଳେ ।
ଏ ତୋହର ନାମ ତହିଁ ହୋଇବ ସୁରଥ
ଏକାଙ୍ଗ ପୃଥ୍ୱୀରେ ତୁହି ହେବୁ ନରନାଥ ।
ବୃଦ୍ଧ ସମୟରେ ତୋର ହେବ ଏକ ପୁତ୍ର
ତେବେ ତ ରହିବ ଜାଣ ତୋର କୁଳଗୋତ୍ର ।
ଗୋହତ୍ୟା ଦୋଷରୁ ପୁଣି ଏ ମୋହର ଶାପୁଁ
ଏକ ଗୋଟି ପୁତ୍ର ଜାତ ହେବ ତୋର ତପୁଁ ।
ଦୁଷ୍ଟଭାବେ ସେହୁ ତୋର ସମ୍ପଦ ହରିବ ।
ତୋତେ ଘଉଡ଼ାଇ ଦେଇ ନୃପତି ହୋଇବ ।
ତୁହି ସେହି କ୍ଷଣରେ ଯିବୁ ଘୋରବନ
କରିବୁ ତୁ ସିଦ୍ଧେଶ୍ୱରୀ ଦେବୀଙ୍କ ଦର୍ଶନ ।
ସେହି ଦେବୀ ତୋତେ ଯହୁଁ କରିବେ ସୁଦୟା
ତାର ପ୍ରସନ୍ନେ ଫିଟିବ ତୋର ମୋହମାୟା ।
ସେହି ଆଜ୍ଞା ଦେବେ ତୋତେ ବିପିନକୁ ଯାଅ
ମାରକଣ୍ଡ ଋଷିଙ୍କୁ ତୁ ଶୀଘ୍ରେ ଭେଟପାଅ ।
ସେ ଦେବୀର ଆଜ୍ଞାରେ ତୁ ଯିବୁ ଘୋର ବନେ
ଦେଖିବୁ ମାରକଣ୍ଡଙ୍କୁ ତାମ୍ରଗିରି ବନେ ।
ସେହି ମହାଋଷି ତୋତେ ହୋଇବେ ପ୍ରସନ୍ନ
ତାହାଙ୍କ ଦର୍ଶନେ ପାପ କରିବୁ ଖଣ୍ଡନ ।
ସେ ମହାଋଷି କହିବେ ତୋର ପୂର୍ବ କଥା
ଶୁଣିଲେ ତୁଟିବ ତୋର ଭବଭୟ ବ୍ୟଥା ।
ଖଣ୍ଡିବୁ ତୁ ପୂର୍ବ ପାପ ପାଇବୁ ସୁପଥ
ମାରକଣ୍ଡ ବୋଇଲେ ତୁ ଶୁଣ ହୋ ସୁରଥ ।
ବିଶ୍ୱାବସୁ ଗନ୍ଧର୍ବ ତୁ ଅଟୁ ପୁଣ୍ୟଦେହି
କପିଳାର ଅଭିଶାପେ ଲଭିଲୁ ତୁ ମହୀ ।
ଗୋହତ୍ୟା ପାତକ ତୋର ହେତୁ ତୁ ଅର୍ଜିଲୁ
ମାନବ ଦେହରେ ମର୍ତ୍ତ୍ୟପୁରେ ଜନମିଲୁ ।
ପୂର୍ବେ ଯାହା ଅର୍ଜିଥାଇ ତାହା ବୋଲି କର୍ମ
ସେ କର୍ମକୁ ଘେନି ଦଣ୍ଡ ଦ୍ୟନ୍ତି ଯମ ଧର୍ମ ।
ପାପ ପୁଣ୍ୟ ଘେନି ପ୍ରାଣୀ ସଂସାରରେ ଜାତ
ଭୋଗନ୍ତି ଯେ ଦୁଃଖ ସୁଖ ପୂର୍ବରୁ ଅର୍ଜିତ ।
ପୂର୍ବେ ଅରଜିଲା ଫଳ ଏଜନ୍ମେ ଭୁଂଜନ୍ତି
ଏ ଜନ୍ମେ ଅର୍ଜିଲା ଫଳ ଆଗକୁ ସଞ୍ଚନ୍ତି ।
ଏହିରୂପେ ଏ ସଂସାର ହୋଇଛି ପ୍ରକାଶ
ଯେସନେକ ହୋଇଛିଟି ରଜନୀ ଦିବସ ।
ତୁହି ଯେଣୁ ପଚାରିଲୁ ପୂର୍ବ ଜନ୍ମ କଥା
କହିଲୁ ଯେସନେ ତୋର କର୍ମ ମହାରଥା ।
ଏବେ ତୁହି ନିକଟରେ ପାଇବୁ ସ୍ୱଦେହ
ଆମ୍ଭଙ୍କୁ ଭେଟି ଖଣ୍ଡିଲୁ ତୁହି ମାୟାମୋହ ।
ତୋତେ ଘେନିକରି ଆମ୍ଭେ ଯିବୁ ସ୍ୱର୍ଗକୁ ହିଁ
ଏ ମୋହର ନିଜ ପ୍ରାଣ ଦେଖ ଛାଡ଼ିବଇଁ ।
ଥୋକାଏ ତୁ ଦିନ ଏଥେ ଥିବୁ ଏହି ବନେ
ସଂସାର ଭାବ କହିବା ତୋର ବିଦ୍ୟମାନେ ।
ଶୁଣି ସୁରଥ ରାଜାର ପୁଲକିତ ତନୁ
ଆନନ୍ଦରେ ଅଶ୍ରୁଜଳ ବହଇ ନୟନୁ ।
ଉଭା ହୋଇକରି ରାଜା ଶିରେ କରଦେଇ
ପ୍ରଦକ୍ଷିଣ କରିଣ ସେ ମୁନିଙ୍କୁ ନମଇଁ ।
କୃତ୍ୟ କୃତ୍ୟ ହୋଇଣ ସେ ଯୋଡ଼ି ବେନିକର
ବୋଲଇ ଭୋ ମୁନି ମୁହିଁ ପାଇଲି ନିସ୍ତାର ।
ତୁମ୍ଭ ତହୁଁ ଶୁଣିଲଇଁ ପୂର୍ବଜନ୍ମ କଥା
ଶରୀରୁ ତୁଟିଲା ମୋର ଭବ ଭୟ ବ୍ୟଥା ।
ଏ ଭବ ସାଗରେ ମୁହିଁ ଜନମ ହୋଇଣ
ପାଇଲି ପରମ ଗତି ଲଭିଣ କାରଣ ।
ମାର୍କଣ୍ଡେୟ ପୁରାଣ ଏ ଅଟେ ଦିବ୍ୟ ବାଣୀ
ସୁରଥ ଜନ୍ମ ଚରିତ ମହାଦେବ ଭଣି ।

–x–

ଗୋରୁ ଜନ୍ମ ବୃତ୍ତାନ୍ତ ଓ ତାହାର ମାହାତ୍ମ୍ୟ

ଆହେ ମୁନି କଥା ଏକ ପଚାରୁଛି ମୁହିଁ
ପ୍ରସନ୍ନ ହୋଇଣ ମୋତେ କହିବା ଗୋସାଇଁ ।
ପୁରାଣରେ ଶୁଣିଅଛି ଜନ୍ତୁବଧ କଲେ
ବହୁଦଣ୍ଡ ପାଇ ସଂଯମନୀ ପୁରେ ଗଲେ ।

Digitized by srujanika@gmail.com

ବିହନ୍ତା ପୁରୁଷ ଦଣ୍ଡ ବିହନ୍ତି ଯେ ଜାଣି
ପୁଣି ଜନମ ଦିଅନ୍ତି ମଞ୍ଚପୁରେ ଆଣି ।
ପାପ ପୁଣ୍ୟ ଅଙ୍ଗରେ ସେ ଭୁଞ୍ଜେ ଦୁଇସତ
ପାପରେ ସେ ପୁଣ୍ୟଭୋଗ ହୁଏ ନିପତିତ ।
ହତ୍ୟାକଲେ କାହିଁ ପାଇଁ ପୁଣ୍ୟ ଯାଇ କ୍ଷୟେ
ନରକରେ ପଡ଼ିଥାଏ ଯୁଗାନ୍ତର ଯାଏ ।
ପାପ କାହିଁ ପାଇଁ ସବୁଠାରୁ ହୋଇ ଶ୍ରେଷ୍ଠ
ଈଶ୍ବର ପ୍ରାୟେ ଦେବତା ପାଇଲେକ କଷ୍ଟ ।
ମୁହିଁ କେବଳ ସାକ୍ଷାତେ ନୟନେ ଦେଖିଲି
ସେ ଦୋଷେ ସ୍ୱର୍ଗକୁ ତେଜି ମଞ୍ଚେ ଜନମିଲି ।
ଜଗତରେ ଲୋକମାନେ ତରିବେ ବା କାହିଁ
ତେଣୁକରି ମହାମୁନି ପଚାରଇ ମୁହିଁ ।
ପୂର୍ବେ ଗୋରୁ ବୋଲିକରି କାହିଁ ଜାତ ହେଲା
କେବଣ ଦେବତା ତାକୁ ଏଡ଼େ ବଡ଼ କଲା ।
ଗୋହତ୍ୟାକୁ ଭୟକଲେ କିମ୍ବା ସୁର ନର
କେବଣ ଦେବତା ଦେଲା ଗୋରୁଙ୍କୁ ଏ ବର ।
ଏକଥା ସଂକ୍ଷେପି ମୋତେ କହ ବ୍ରହ୍ମରଷି
ତବ ମୁଖୁ ଶୁଣି ମୋର ପାପ ହେଉ ଧ୍ୱଂସି ।
ଗୋରୁଜନ୍ମ ଶୁଣିବାକୁ ବହୁତ ମୋ ମନ
ଆହେ ମହାରଷି ମୋତେ ହୋଇବ ପ୍ରସନ୍ନ ।
ରାଜାର ବିନୟ ଭାବ ଦେଖି ମହାମତି
କହନ୍ତି ଗୋଜନ୍ମ କଥା ଶୁଣ ଗୋ ନୃପତି ।
ମୁନିଙ୍କର ଆଜ୍ଞାପାଇ ବସିଲା ତଡ଼ତି
କହନ୍ତି ଯେ ମାରକଣ୍ଡ ଶୁଣ ଗୋ ନୃପତି ।
ଅନେକ କାଳର ଅନ୍ତେ ଯୁଗ ସମାପତେ
ପ୍ରଳୟ ହୋଇଲା ବୈବସ୍ୱତ ମନୁ ଅନ୍ତେ ।
ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ଦିବସରେ
କକଡ଼ା ସଙ୍କରାନ୍ତି ଯେ ବୃହସ୍ପତି ବାରେ ।
ସେହିଦିନ ଜଳନିଧି ଘୋଟିଲା ଜଗତ
ଅଶେଷ କୋଟି ବ୍ରହ୍ମାଣ୍ଡ ସବୁ ହେଲା ହତ ।
ଚତୁର୍ଦ୍ଦଶ ବ୍ରହ୍ମାଣ୍ଡରେ ପୂରିଲା ଜଳଧି
ଭାବିଲା ସୃଷ୍ଟି ସର୍ଜନା ସଂସାର ତ୍ରିବିଧି ।
ସୁର ନର ଦୈତ୍ୟ ନାଗଲୋକ ଆଦିକରି
ପ୍ରଳୟ ଜଳେ ସଭିଏଁ ହୋଇଲେ ସଂହାରି ।
ବ୍ରହ୍ମା ଆଦିକରି ସର୍ବେ ଦେବେ ଗଲେ ନାଶ
ଦଇବୀ ପ୍ରଳୟ ଘୋଟିଗଲା ଦଶଦିଶ ।
ଚତୁର୍ଦ୍ଦଶ ଅନ୍ତରେ ଯେ ନିରାକାର ଭୂମି
ସେ ପୁରେ ବିଜୟ କଲେ ନିରାକାର ସ୍ୱାମୀ ।
ସେ ପରମ ବ୍ରହ୍ମ ସ୍ୱାମୀ ଅବ୍ୟୟ ଅଚ୍ୟୁତ
ଅନ୍ତର୍ଯାମୀ ପୁରୁଷ ଯେ ସବୁକାଳେ ସ୍ଥିତ ।

ସମସ୍ତେ ଯେ ନାଶଗଲେ ନୁହନ୍ତି ସେ କ୍ଷୟ
ତାଙ୍କ ଠହୁଁ ସିନା ସର୍ବ ହୋଇଛି ଉଦୟ ।
ପରମ ବ୍ରହ୍ମ ପୁରୁଷ ସେ ଯେ ନିରାକାର
ସୁନିର୍ମଳ ଶୁଦ୍ଧଅଙ୍ଗ ଶରୀର ତାହାର ।
ସେ ପ୍ରଭୁ ପ୍ରଳୟ ଉତପତ୍ତିର କାରଣୀ
ସୃଷ୍ଟିର ଅନ୍ତେ ଗର୍ଭରେ ସଂହାରେ ଧରଣୀ ।
ବହୁଅନ୍ତେ ବ୍ରହ୍ମାଣ୍ଡକୁ ଅଙ୍ଗେ ସଂହାରଇ
ପୁଣି ମନେ ଇଚ୍ଛାକଲେ ଜଗତ ସଞ୍ଚଇ ।
ଏହିପରି ବହୁବିଧ ତାହାଙ୍କ ରଚନା
ଯୁଗମନୁ ତାହାଙ୍କର ନ ଯାଇ ଗଣନା ।
ସୃଷ୍ଟିର ପ୍ରଳୟ ସେହୁ ମଣନ୍ତି ନିମିଷେ
ବ୍ରହ୍ମାର ପ୍ରଳୟ ସେହୁ ଭାବନ୍ତି ଦିବସେ ।
ଦିବସେକ ବଞ୍ଚନ୍ତି ସେ ଦୀନଜନ ବନ୍ଧୁ
ଭକ୍ତଜନ ବିସ୍ତାରିଣ ନାମ କୃପାସିନ୍ଧୁ ।
ସେ ପ୍ରଭୁ ପ୍ରଳୟ ଯହୁଁ ଦେଖନ୍ତି ନିକଟେ
ବିଜୟ କରନ୍ତି କଉତୁକେ ବଟପୁଟେ ।
ଜଳନିଧି କ୍ଷେତ୍ରେ ଦେଖି ହର୍ଷ ଭାବଗ୍ରାହୀ
ଅନେକ କାଳ ପର୍ଯ୍ୟନ୍ତ ଯୁଗଗଲା ବହି ।
ପୁଣି ହିଁ ସମୟେ ହେଲା ସୁପୁଣ୍ୟ ଉଦିତ
କାହୁଁ ପୁଣି ସ୍ତିରୀ ଏକ ହୋଇଲା ସମ୍ଭୁତ ।
ଯୋଗିନୀ ସ୍ୱରୂପ ସେହି ଆଦି ମହାମାୟା
ପ୍ରଳୟ ଉତ୍ପତ୍ତିରେ ସେ ବିକାଶିଲା କାୟା ।
ଲାବଣ୍ୟ ସ୍ୱରୂପ ତାର ଶୂନ୍ୟରେ ଘୋଟିଲା
ନିରଞ୍ଜନ ପୁରୁଷକୁ ତା ଜ୍ୟୋତି ଖଟିଲା ।
ଯୋଗନିଦ୍ରାରେ ସେ ରହିଥାନ୍ତି ହୃଷିକେଶୀ
ଧ୍ୟାନରେ ଦେଖିଲା ତାହା ଅପର୍ଣ୍ଣା ରୂପସୀ ।
ନିଦ୍ରାରେ ଯେ ଆଦିମୂଳ କରିଛନ୍ତି ଶ୍ରଦ୍ଧା
ପୁଣ୍ୟ ପୁରୁଷର ଅଙ୍ଗେ ହେଲା କାମ ବାଧା ।
ଶ୍ରୀଅଙ୍ଗରୁ ବହୁବୀର୍ଯ୍ୟ ପଡ଼ିଲାକ ଖସି
ଦେଖିକରି ମହାମାୟା ହୋଇଲେକ ଖୁସି ।
ଅକଳିତ ଜଳେ ପଡ଼ି ସେହି ବ୍ରହ୍ମବୀର୍ଯ୍ୟ
ସୁ ନିର୍ମଳ ନିଧି ପ୍ରାୟ ଦିଶେ ତାର ତେଜ ।
ପ୍ରତ୍ୟୁଷରେ ସେହି ବୀର୍ଯ୍ୟ ଅନାଦି ପୁରୁଷେ
ପାନକଲା ନେଇ ଦେବୀ ଆଦିମାତା ହର୍ଷେ ।
ତାଙ୍କଠାରୁ ତିନି ପୁତ୍ର ଜନମ ହୋଇଲେ
ଦିବ୍ୟରୂପ ହୋଇଣ ସେ ଶୂନ୍ୟରେ ରହିଲେ ।
ଆଦିମାତା ଆଜ୍ଞାଦେଲେ ପୁତ୍ରଙ୍କୁ ଅନାଇ
ନୂତନ ପୃଥିବୀ କର ତୁମ୍ଭେ ତିନି ଯାଇଁ ।
ଆଜ୍ଞାପାଇ ଚଳିଗଲେ ସେହି ପୁତ୍ର ତିନି
ଉପାୟେ ନାନାପ୍ରକାରେ ସଞ୍ଚିଲେ ମେଦିନୀ ।

Digitized by srujanika@gmail.com

ଚଉଦ ବ୍ରହ୍ମାଣ୍ଡ କଲେ ନିଜ ଭୁଜବଳେ
ନାନାବିଧ ଜୀବଜନ୍ତୁ ତହୁଁ ଉପୁଜିଲେ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ଏ ଚାରି
ତାହାଙ୍କୁ ସଞ୍ଚିଲା ଜାଣ ଆହେ ଦଣ୍ଡଧାରୀ ।
ଏହିପରି ସୃଷ୍ଟ ସେହୁ କରନ୍ତେ ଭିଆଣ
ଦେବୀଙ୍କି କହିଲେ ପୁଣି ଆଦି ନାରାୟଣ ।
ସୃଷ୍ଟି ଭିଆଇବାକୁ ଯେ ଗଲେ ପୁତ୍ର ତିନି
ତହିଁ ଯାଇ ଦେଖ ଏବେ ହେଲା କି ମେଦିନୀ ।
ନୋହିଲେ କହ କରନ୍ତୁ ସଂସାର ଭିଆଣ
ତୁମ୍ଭେ ଅପାର କାଳର ସବୁ କଥା ଜାଣ ।
ଆଦିମୂଳଙ୍କ ଆଜ୍ଞାରେ ଅଲେଖ ନାୟିକା
ଶୂନ୍ୟମଣ୍ଡଳେ ରହିଲେ ଦେବୀ ଯାଇ ଏକା ।
ଶୂନ୍ୟର ତଳକୁ ଦୃଷ୍ଟି ଦେଲେ ମହାମାୟା
ବିଜୁଳି ଝଟକ ପ୍ରାୟେ ଦିଶେ ତାର କାୟା ।
ଜ୍ୟୋତିର୍ମୟ ତନୁର ରୂପ ଲାବଣ୍ୟ ରାଶି
କି ଜାଣି ସେ ବିରାଜଇ ଶରଦର ଶଶୀ ।
ଅକଳଙ୍କ ତା ଶରୀର ଶୁଦ୍ଧ ହେମପ୍ରଭା
ଅଙ୍ଗେ ରତ୍ନ ଆଭରଣ ଦିଶେ ମହାଶୋଭା ।
ନାନାବିଧ ଅଳଙ୍କାର ଶ୍ରୀଅଙ୍ଗେ ମଣ୍ଡିତ
ଫରହର ଅଞ୍ଚଳ କି ଉଡ଼େ ଶ୍ୱେତନେତ ।
ବିବିଧ କୁସୁମେ କବରୀର ଭାର ଶୋହେ
ଲାବଣ୍ୟ ପ୍ରତିମା କିସେ ସୁରମନ ମୋହେ ।
ଆଲୋକିତ ପ୍ରଭା ଦିଶେ ତା ତେଜେ ଆକାଶ
ଭ୍ରମନ୍ତେ ସୁରଙ୍ଗ ଦେଖାଯାଏ ଦଶଦିଶ ।
ସେ କାମାକ୍ଷା ଭଗବତୀ ଅନାଦି ଆଜ୍ଞାରେ
ଝଟତିରେ ଗତିକଲେ ପୁତ୍ର ଲୋଡ଼ିବାରେ ।
ନିମିଷକେ ଗମଇ ସେ ଲକ୍ଷେକ ଯୋଜନ
ଘଡ଼ିକେ ଭ୍ରମିଲା ସେହୁ ଚଉଦ ଭୁବନ ।
ଗମନ୍ତେ ଭେଟିଲା ଯାଇ ବ୍ରହ୍ମା ବିଷ୍ଣୁ ହର
ଅମର ଭୁବନ ନାମ ସୁଧର୍ମା ସଭାର ।
ଜଗତ ଭିଆଇ ସେହି ତ୍ରିଗୁଣ ପୁରୁଷ
ବସିଛନ୍ତି ମେରୁ ଗିରି ଉତ୍ତର ପାରୁଶ ।
ଏମନ୍ତ ସମୟେ ତହିଁ ମିଳି ସିଦ୍ଧେଶ୍ୱରୀ
ଅପୂର୍ବ ଲାବଣ୍ୟ ରୂପେ ଦିବ୍ୟ ତନୁ ଧରି ।
ଦେଖିକରି ବ୍ରହ୍ମା ବିଷ୍ଣୁ ଉଠିଲେ ତଡ଼ତି
ମାତାଙ୍କ ଚରଣ ତଳେ କଲେକ ଭକତି ।
ଈଶ୍ୱର ପୁରୁଷ ତହୁଁ ଉଠିଲେ ବହନ
ଚାହିଁଲେ ମାହେଶ୍ୱରୀର ଅପୂର୍ବ ବଦନ ।
ରୂପ ଦେଖି ତାଙ୍କ ମନ ହୋଇଲା ମୋହିତ
ପଞ୍ଚପ୍ରାଣ କାମବାଣ ଦହିଲା ତୁରିତ ।
ରତିରଙ୍ଗରେ ତାଙ୍କର ବଳିଲାକ ଶ୍ରଦ୍ଧା
ସର୍ବାଙ୍ଗରେ ତାହାଙ୍କର କଲା କାମ ବାଧା ।
ମାୟାଜଳେ ବୁଡ଼ିଲାକ ତାହାଙ୍କର ମନ
ତାର ମନ୍ଦହାସେ ହର ହୋଇଲେ ଅଜ୍ଞାନ ।
ଲାଜ ଭୟ ସଂକୋଚକୁ ନେଇ ଦୂର କରି
ସେ ଅନାଦି ଭବାନୀକୁ କୋଳେ ହର ଧରି ।
ଉଭୟ ଅନୁମତିରେ ଈଶ୍ୱର ଈଶ୍ୱରୀ
ଇଚ୍ଛିଲେ ଶୃଙ୍ଗାର ରସ ସର୍ବ ଦୂର କରି ।
ଛାଡ଼ିଲେକ ନିଜଭୟ ରତି ରଙ୍ଗ ରସେ
ତାହା ଦେଖି ବ୍ରହ୍ମା ବିଷ୍ଣୁ ନ ରହିଲେ ପାଶେ ।
ନିଜ ମାତାଙ୍କ ଅନୀତି ଦେଖିଣ ବିଧାତା
ବିଷ୍ଣୁଙ୍କ ସହିତେ ରହି କଲେ ଘୋର ଚିନ୍ତା ।
ଖଣ୍ଡେଦୂର ଯାଇକରି ପୁଣି ଲେଉଟିଲେ
ଅତି ଅପକୀର୍ତ୍ତି ସେହୁ ସହି ନ ପାରିଲେ ।
ମାତାଙ୍କୁ ଚାହିଁ ବୋଇଲେ ସେହି ବେନିଭାଇ
କି ପାଇଁ ଅନାଦି ମାଗୋ ହେଲୁ ତୁହି ବାଇ ।
ବିଧାତା ବୋଇଲେ ତୁଗୋ ଶୁଣ ଆଦିମାତ
ଜ୍ଞାନ ଗୋଚର କି ତୋର ସବୁ ହେଲା ହତ ।
ସ୍ତିରୀଜନ୍ମ ହୋଇଣ ତୁ ଏଡ଼େକ ଅଜ୍ଞାନ
ଧିକ ଧିକ ତୋହର ନ ଚାହିଁ ଯେ ବଦନ ।
ଏତେ ବୋଲି ଧାତା ରହିଲେକ ତୁନିହୋଇ
ମାତାର ଅନୀତି ବିଷ୍ଣୁ ନ ପାରିଲେ ସହି ।
ଅନ୍ନପୂର୍ଣ୍ଣା ମୁଖ ଚାହିଁ ବୋଇଲେ ଶ୍ରୀହରି
ନିଶ୍ଚୟ ତୁ ଜ୍ଞାନଧ୍ୱଂସ ହେଲୁ ଆଦିନାରୀ ।
ପୁଣ୍ୟସ୍ତିରୀ ହୋଇକରି କଲୁ ହୀନକାର୍ଯ୍ୟ
ପୁତ୍ରକୁ ତୁ ରତିଦେଲୁ ନ ପାଇଲୁ ଲାଜ ।
ସଂସାର ସର୍ଜନା ଆଦି ଉତପତ୍ତି କାଳେ
ଏଡ଼େକ ଅକର୍ମ ତୁହି କଲୁ ଏ ଶୟଳେ ।
ହର ଯେଣୁ ବାଳ ତେଣୁ ବୁଦ୍ଧି ଏହା ନଷ୍ଟ
ତୁ କେମନ୍ତେ ଜାଣୁ ଜାଣୁ ହେଲୁ ଜ୍ଞାନଭ୍ରଷ୍ଟ ।
ଅନାଦି ଶକତି ତୋତେ ବୋଲନ୍ତି ଜଗତେ
ଏଡ଼େ ବଡ଼ ପଣ ତୁହି ଛାଡ଼ିଲୁ କେମନ୍ତେ ।
ବୋଲିବେ ସଂସାର ମଧ୍ୟେ ଜନେ ତୋତେ କିସ
ବୃଦ୍ଧମାତା ହୋଇଣ ତୁ କଲୁ ଧର୍ମ ନାଶ ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଯାହାର ତନୟ
ମହାମାୟା ହୋଇଣ ତୁ ପୁଣ୍ୟ କଲୁ କ୍ଷୟ ।
ଅନାଦି ନାରୀ ହୋଇଣ କଲୁ ଏଡ଼େ କୃତ୍ୟ
ଆବର ସ୍ତିରୀ କିମ୍ପାଇଁ ପାଳିବେ ସତୀତ୍ୱ ।
ସ୍ତିରୀଙ୍କ ଧର୍ମରେ ସିନା ପୃଥ୍ୱୀ ବହେ ଭାର
ପୁରୁଷଙ୍କ ଧର୍ମେ ସିନା ପାଳେ ବସୁନ୍ଧରା ।

Digitized by srujanika@gmail.com

ତୁହି ଯେ ସତୀତ୍ୱ ଛାଡ଼ି ହେଲୁ ଅନାଚାରୀ
କେମନ୍ତେ ସହିବ ଭାରାଭାର ବସୁନ୍ଧରୀ ।
ସ୍ତିରୀଜନ୍ମ ବୋଲିଣ ତୁ ନିନ୍ଦାକଲୁ ମୋତେ
ମୋର ବୋଲେ ସ୍ତିରୀ ଜନ୍ମ ହୁଅ ତୁ ଯୁକତେ ।

ନିଶ୍ଚୟ ସଂସାର ଗଲା ତାର ଯୋଗୁଁ ନାଶ
ସକଳେ ପାଇବେ ଦୁଃଖ ନ ପାଇବେ ଯଶ ।
ପୁଣି ଏହି ସଂସାରରେ ଘୋଟିବ ଜଳଧି
ତୋହଯୋଗୁଁ ପ୍ରାଣୀମାନେ ହରାଇବେ ବୁଦ୍ଧି ।
ଅନେକ ପ୍ରକାରେ ଆମ୍ଭେ ଭିଆଇଲୁ ଯାହା
କିଞ୍ଚିତ ମାତ୍ରକେ ତହିଁ ନାଶ କଲୁ ତାହା ।
କିମ୍ପା ଏଡ଼େକ କୁକର୍ମ କଲ ଗୋ ଜନନୀ
ଧିକ ତୋର ଯଉବନ ଧିକ ତୋର ଯୋନି ।
ଯୋନିର ପ୍ରସାଦେ ତୁହି ଲଜ୍ଜା କଲୁ ଦୂର
ଧିକ ଧିକ ତୋହର ଯେ ସର୍ବ କଳେବର ।
ଧିକ ଧିକ ତୋହର ଏ ବଦନ ନ ଚାହିଁ
ଲେଉଟି ଆସିଲେ ଏହା କହି ବେନି ଭାଇ ।
ପୁତ୍ରଙ୍କ ଝିଙ୍ଗାସ ବାଣୀ ଶୁଣି ଆଦିମାତା
ଛାଡ଼ିଲେକ ରତିରଙ୍ଗ ହୋଇଲେ ଲଜ୍ଜିତା ।
ପୁତ୍ରଙ୍କୁ ବୋଇଲେ ତୁମ୍ଭେ କଲ ଦ୍ରୋହ କର୍ମ
ମାତାଙ୍କୁ ନିନ୍ଦା କରିଣ ପାଇଲ ଅଧର୍ମ ।
ମାତଙ୍କୁ ଯେ ତୁମ୍ଭେ ଦୁହେଁ ନିନ୍ଦିଲ ଅଜ୍ଞାନେ
ଅନେକ ପାପ ଅର୍ଜିଲ ମୋର ବିଦ୍ୟମାନେ ।
ବ୍ରହ୍ମାଙ୍କୁ ବୋଇଲେ ତୁହି ଜ୍ଞାନବନ୍ତ ହୋଇ
ଗୁରୁପତ୍ନୀକି ଯେ ନିନ୍ଦାକଲୁ କାହିଁ ପାଇଁ ।

ନାରୀବେଶ ହୋଇ ପୁରୁଷଙ୍କ ମେଳେ ଥାଅ
ମାତା ନିନ୍ଦାକଲା ଏବେ ତାର ଶାସ୍ତି ପାଅ ।
ବିଷ୍ଣୁଙ୍କୁ ବୋଇଲେ ତୁହି ଜ୍ଞାନବନ୍ତ ପ୍ରାଣୀ
ଅନେକ ଝିଙ୍ଗାସ କରି ବୋଲାଇଲୁ ତୁ ବାଣୀ ।
ଅନ୍ୟସ୍ତିରୀ ସଙ୍ଗେ ମୋତେ ପଟାନ୍ତର ଦେଲୁ
ନିଜ ମାତାର ଯୋନିକୁ ତୁହି ନିନ୍ଦା କଲୁ ।
ମୋତେ ଯେ ବୋଇଲୁ ତୁହି ହୋଇଲୁ ଦୋଚାରୀ
ତୋହର ବେଭାରେ ଏବେ ଚାଲିବେ ଯେ ନାରୀ ।
କିମ୍ପାଇ ମୋହ ପରାଏ ହୋଇବେ ବନିତା
ଅନ୍ଧାର ଯେହ୍ନେ ସଂହାରି ନ ପାରେ ସବିତା
ଆନଲୋକ କି ଭକ୍ଷଣ ପାରନ୍ତି ଅନଳ
ଗୋହତ୍ୟା କି ପାର କରିପାରେ ମହାବଳ ।
ଅନନ୍ତ ନାଗ ସିନା ଏ ପୃଥିବୀ ବହଇ
ମେଦିନୀ ସିନା ସକଳ ଅର୍ଦ୍ଦୋଳି ସହଇ ।
ପାପପୁଣ୍ୟ ଉଭୟ ଯେ ଆମ୍ଭେ ଭୋଗିପାରୁ
ମେଦିନୀର ଆତଯାତ ପ୍ରଳୟ ସଂହାରୁ ।
ଆମ୍ଭେ ସିନା ଧର୍ମ କର୍ମ ସକଳ ରଚିଲୁ
ଆମ୍ଭର ତୁ ଭଲମନ୍ଦ କି ଗୁଣେ ବାଛିଲୁ ।
ତୋହର ପରାଯେ ବିଷ୍ଣୁ କୋଟି ଶତ ଶତ
ଏକା ନିମିଷକେ ଆମ୍ଭେ କରିପାରୁ ଜାତ ।

Digitized by srujanika@gmail.com

କୋଟି କୋଟି ବ୍ରହ୍ମାଣ୍ଡେ ଯେ କୋଟିକୋଟି ଶିବ
ଆମ୍ଭ ତହୁଁ ଜାତ ଜାଣ କୋଟିକୋଟି ଦେବ ।
ଯେବଣ ଭବକୁ ତୁହି ନିନ୍ଦା କଲୁ ହରି
ଏଣୁ ତୁହି ଜାତ ହୁଅ ବିଷ୍ଣୁ ରୂପ ଧରି ।
ଜନମ ମରଣ ତୁହି ଲଭି ଏହି ଭବେ
ଯେଣୁ ତୁ ନିନ୍ଦିଲୁ ମାତା ଭବ ମତ୍ତଗର୍ବେ ।
ଅନାଦି ଶକତି ବହି ବୋଇଲୁ ଏ ବାଣୀ
ଅନେକ ପାତକ ତୁହି ଅର୍ଜିଲୁ ନ ଜାଣି ।
ସ୍ତିରୀ ରୂପକୁ ବାଛିଲୁ ବୋଇଲୁ ତୁ ମନ୍ଦ
ତୁହି ସେହି ସ୍ତିରୀ ରୂପ ହେବୁ ଆଦିକନ୍ଦ ।
ଯୋନି ନିନ୍ଦାକଲୁ ଯୋନିମାର୍ଗେ ଜାତ ହୁଅ
ଯାତନା ତନୁକୁ ବହି ଜନ୍ମ ମୃତ୍ୟୁ ପାଅ ।
ଜନନୀ ଜଠରେ ନାନାବିଧ ଦୁଃଖ ସହି
ରଜବୀର୍ଯ୍ୟ ଯୋଗେ ଜାତ ହୁଅ ଦେହ ବହି ।
ଅନେକ ଦୁଃଖରେ ପୁଣି ହେବୁ ଯୋନି ଜାତ
ଜଗତେ ଭ୍ରମିବୁ ତୁହି ଜଗଜ୍ଜନ ହିତ ।
ଏହି ବିଧି ଆତଯାତ ହୋଇ ତନୁ ଗଞ୍ଜି
ମାତାକୁ ନିନ୍ଦିଲ ଏବେ ତାର ଫଳ ଭୁଞ୍ଜି ।
ଏହା ଶୁଣି ମହାବିଷ୍ଣୁ ଅଇଲେ ବାହୁଡ଼ି
ମାତାକୁ କହନ୍ତେ ଦୁହେଁ ବେନିକର ଯୋଡ଼ି ।
ବୋଇଲେ ଗୋ ମାତ ଅକାରଣେ କୋପ କଲୁ
କିଞ୍ଚିତ ଅପରାଧକୁ ମହାଶାପ ଦେଲୁ ।
ମାତା ହୋଇଣ ଅନୀତି କର୍ମ ଆଚରିଲୁ
ତିଆରି କହିଲାକୁ ତୁ ଶାପ ଯେ ବିହିଲୁ ।
ତୁହି ମହାନାରୀ ଜଗତର ଅଧିକାରୀ
ତୋହର ବଚନ କେହୁ ପାରେ ଆନ କରି ।
ଯେବଣ ଶାପ ଆମ୍ଭଙ୍କୁ ଦେଲୁ ଆଗୋ ମାତ
ସେ କଥା ଆମ୍ଭର କର୍ମେ ହୋଇଲାକି ଜାତ ।
ଏକଗୋଟି କଥା ଏବେ ଶୁଣ ଗୋ ଆମ୍ଭର
ଜଗତ ବିନା ଆମ୍ଭଙ୍କୁ ଦେଲେ ନିରାକାର ।
ଅନାଦି ଆଜ୍ଞାରେ ଆମ୍ଭେ ଜଗତ କାରେଣୀ
ପାଳିବୁ ଯେ ସର୍ବସୃଷ୍ଟି ସୃଜିବୁ ଧରଣୀ ।
ଯେପରି ଆମ୍ଭଙ୍କୁ କହିଛନ୍ତି ଚକ୍ରପାଣି
ସେପରି କରିଛୁ ଆମ୍ଭେ ଯାହା ଥିଲୁ ଶୁଣି ।
ସ୍ଥାପିବୁ ସେ ଚଉବର୍ଗ ଭିଆଇବୁ ଜନ
କରିବୁ ଯେ ନାନା କୀର୍ତ୍ତି ବୁଝି ପାପମାନ ।
ଅଶେଷ ବ୍ରହ୍ମାଣ୍ଡ ଚିନ୍ତା ଲାଗଇ ଆମ୍ଭଙ୍କୁ
ଯୋଗ୍ୟ ଶାସ୍ତ୍ର ଦେଇ ଆମ୍ଭେ ଶାସିବୁ ପ୍ରାଣୀଙ୍କୁ ।
ଦେଖିଲୁ ଏପରି ଆଜ ତୋର ଅପକୀର୍ତ୍ତି
ବୃଦ୍ଧମାତା ତୋହର ଏସନକ ପ୍ରକୃତି ।

ପୁତ୍ରଙ୍କୁ ତୁ ପତି କଲୁ ନ ବିଚାରି ପାପ
ତିଆରି କହିଲେ ପୁଣି ଦେଉ ଅଭିଶାପ ।
ଶାପରୁ ମୁକତି ଏବେ କହ ମହାମାୟୀ
କେଉଁ କେଉଁ ଜନ୍ମ ଆମ୍ଭେ ପାଇବୁ ବା କାହିଁ ।
ଯେବଣ ଆଜ୍ଞା ଆମ୍ଭଙ୍କୁ ଦେଲୁ ଗୋସାମଣି
ସେ ଆଜ୍ଞା ତୋହର ଆଗେ ପାଳିବୁ ତା ଜାଣି ।
ଯୋନିରେ ଜାତ ପଛକେ ହେଉ ଆମ୍ଭ କାୟେ ।
ସ୍ତିରୀ ଜନମ ଆମ୍ଭଙ୍କୁ ନ ଦିଅ ଗୋ ମାୟେ ।
ଦେବୀ ଆଜ୍ଞା ଦେଲେ ଆମ୍ଭେ କହିଗଲୁ ଯାହା
କାହାର ବଳ କେ ଆନ କରିବଟି ତାହା ।
ପ୍ରଥମରେ ବିଧାତାକୁ କହିଲୁ ଯେ ବାଣୀ
ଅବଶ୍ୟ ବିଧାତା ତେଣୁ ହୋଇବ ତରୁଣୀ ।
ମଞ୍ଚପୁର ମଉଳି ଯେ ଅଟେ ନୀଳଗିରି
ଜଗନ୍ନାଥ ନାମେ ତହିଁ ବିଜେ ନରହରି ।
ଏହାଙ୍କ ଦକ୍ଷିଣ ପାଖେ ବିଜେ ସଦାଶିବ
ଧବଳ ମୂରତି ନାମ ହେବେ ବଳଦେବ ।
ସେ ବେନିଙ୍କ ମଧ୍ୟେ ଦେବ ନାରୀମୂର୍ତ୍ତି ହୋଇ
ସୁଭଦ୍ରା ନାମକୁ ବହି ରହିବୁ ତୁ ତହିଁ ।
କୃଷ୍ଣଙ୍କୁ ବୋଲଇ ପୁଣି ସେହି ଜଗନ୍ନାଥ
ନ ଜାଣିଣ ଆମ୍ଭଙ୍କୁ ଯେ ଗଞ୍ଜିଲୁ ବହୁତ ।
ତେଣୁ ତୁ ଜନ୍ମ ମରଣ ପାଅ ଦେହ ବହି
ନରକ ସଙ୍ଗତେ ତୁହି ଉପୁଜିବୁ ମହୀ ।
ବିହିର ଦିବସେ ଜନ୍ମ ହେବ ଦେହ ତୋର
ଅନେକ ଦୁଃଖ ପାଇବୁ ନାଶି ମହୀଭାର ।
ଅନେକ ମାଗିଲୁ ତୁହି ନାରୀ ନୋହିବାକୁ
କେ ଆନ କରିବ କହ ଧାତା ଘଟନକୁ ।
ନାନାବିଧ ରୂପ ତୁହି ହେବୁ ଦେହ ଧରି
ମତ୍ସ୍ୟ କୂର୍ମ ବରାହ ଯେ ବାମନ କେଶରୀ
ମାଳତୀ ନାମେଣ ପୁଣି ହୋଇବୁ ତରୁଣୀ
ଦୈତ୍ୟ ବଇଲୋଚନର ହୋଇବୁ ଘରଣୀ ।
ପ୍ରୀତି ବଢ଼ାଇ ସ୍ୱାମୀକି କରିବୁ ନିହତ
ପୁଣି ପର୍ଶୁରାମ ରୂପେ ହୋଇବୁ ତୁ ଜାତ ।
ଶ୍ରୀରାମ ଯେ ବଳରାମ ଶ୍ରୀକୃଷ୍ଣ ଫାଲଗୁନୀ
ଏମନ୍ତ ଦେହ ବହିଣ ରହିବୁ ମେଦିନୀ ।
କଳିଯୁଗେ ନୀଳଗିରି ଶିଖେ ରହିଥିବୁ
ଜଗତବନ୍ଧୁ ରୂପରେ ଜନ ନିସ୍ତାରିବୁ ।
ପୁଣି ହିଁ କଳିକି ରାମ ହୋଇବୁ ଯେ ତୁହି
ପାପୀଜନ ନିସ୍ତାରିବୁ ହସ୍ତେ ଖଣ୍ଡା ବହି ।
ଅବଶ୍ୟ ତୁହି ଏ ରୂପେ ହେବୁ ଜଗନ୍ନାଥ
ଆମ୍ଭର ବଚନ କେବେ ନୁହଇ ବିଅର୍ଥ ।

Digitized by srujanika@gmail.com

ଏତେ ବୋଲିକରି ଦେବୀ ଅନ୍ତର୍ଦ୍ଧାନ ହେଲେ
କଉତୁକେ ବ୍ରହ୍ମା ବିଷ୍ଣୁ ବଇକୁଣ୍ଠେ ଗଲେ ।
ଚତୁର୍ଦ୍ଦିଗ ଉପରେ ଯେଉଁ ନୀଳଗିରି ସ୍ଥାନ
ଅଲେଖ ବୈକୁଣ୍ଠ ଯହିଁ ଆଦି ନିରଞ୍ଜନ ।
ଯେ ଅଖିଳ ବ୍ରହ୍ମାଣ୍ଡର କାରଣ ପୁରୁଷ
ଯାଠାରୁ ଆହ୍ଲାଦ ପାଇ ବର୍ତ୍ତନ୍ତି ତ୍ରିଦଶ ।
ବ୍ରହ୍ମା ବିଷ୍ଣୁ ଦୁହେଁ ଗଲେ ମାତା ଅଭିମାନେ
ଜଣାଇଲେ ନିରାକାର ବିଷ୍ଣୁ ସନ୍ନିଧାନେ ।
ପାଦେ ପଡ଼ି ଶୋଇ ପୁଣି ଉଠି ଦୁହେଁ ତହିଁ
ଉଭାହେଲେ ଶିରପରେ ବେନିକର ଦେଇ ।
ଭୋ ପ୍ରଭୁ ପରମ ବ୍ରହ୍ମ ନିରାକାର ସ୍ୱାମୀ
ପରମ ପୁରୁଷ ତୁମ୍ଭେ ସର୍ବ ଅନ୍ତର୍ଯାମୀ ।
ବ୍ରହ୍ମା ବିଷ୍ଣୁ ଈଶ୍ୱର ଯେ ତୁମ୍ଭ ଆଜ୍ଞା ପାଇ
ଘୋର ଜଳନିଧି ତରି ଅତି କଷ୍ଟେ ଯାଇ ।
ପୂର୍ବ ବିଧିମତେ କଲୁ ସଂସାର ଭିଆଣ
ସୁରଗିରି ଶିଖେ କଲୁ ଶ୍ରମ ନିବାରଣ ।
ଏକାଳେ ଅନାଦିମାତା ମିଳି ଆମ୍ଭ କତି
ଯେ ବିଧିବିଧାନେ ମାନ୍ୟକଲୁ ଯେ ଭକତି ।
ପୁତ୍ର ତୁମ୍ଭର ଈଶ୍ୱର ହୀନକର୍ମ କଲା
ପାପକୁ ନଡରି ସେହୁ ମାତାକୁ ହରିଲା ।
ମାତା ହିଁ ଲାଜ ସରମ ନ ପାଇଲା ଆଉ
ପୁତ୍ର ସଙ୍ଗେ ପ୍ରୀତି କଲେ ଆମ୍ଭ ମୁଖ ଚାହୁଁ ।
ଆମ୍ଭଙ୍କୁ ସେଠାରେ ଯହୁଁ ଲଜ୍ଜା ଦେଲେ ସେହି
ତେଣୁକରି ଆମ୍ଭେମାନେ ନ ପାରିଲୁ ସହି ।
ବ୍ୟବହାର ମତେ ତାଙ୍କୁ ତିଆରି କହନ୍ତେ
ଜଗତର ଆଦିମାତା କୋପ କଲେ ଚିତ୍ତେ ।
ଆମ୍ଭଙ୍କୁ ଦୁଃସହ ଶାପ ଦେଲେ ନ ବିଚାରି
ବୋଇଲେ ରେ ତୁମ୍ଭେ ଦୁହେଁ ମର୍ତ୍ତ୍ୟେ ହୁଅ ନାରୀ
ଆବର ବୋଇଲେ ତୁମ୍ଭେ ନିନ୍ଦିଲ ମାତାଙ୍କୁ
ଜନମ ମରଣ ବ୍ୟାଧି ପାଅ ସେ ଦୋଷକୁ ।
କି ବିଚାରି ଆମ୍ଭଙ୍କୁ ଯେ ମାତା କଲେ ରୋଷ
ବିଚାରିଣ ବୁଝ ସ୍ୱାମୀ ଆମ୍ଭର କି ଦୋଷ ।
ଆମ୍ଭେ ଦୁହେଁ ବିନା ଦୋଷେ ପାଇଲୁ ପ୍ରାଭବ
କେମନ୍ତେ ବୁଝିବୁ ଜଗତର ହାନି ଲାଭ ।
ଏକଥା ଆପଣ ଜାଣିଥାଅ ଦେବ ହରି
ସକଳ କାର୍ଯ୍ୟଟି ନାଶକଲେ ଆଦିନାରୀ ।
ଶୁଣି ଆଦିକନ୍ଦ ମନେ ବିସ୍ମୟ ହୋଇଲେ
ବୋଇଲେ ଏ କଥା କିମ୍ପା ମହାମାୟୀ କଲେ ।
ଜଗତର ଉଦ୍ଧାରଣ ଯେଉଁ ପୁତ୍ରମାନେ
କିଅଁତରେ ତାଙ୍କୁ ଶାପ ବିହିଲେ ଅଜ୍ଞାନେ ।

ଆବର ବିଶେଷ ଛାଡ଼ିକରି ସର୍ବ ଲାଜ
ଲୋକ ଲଜ୍ଜା କର୍ମ ସେହୁ କଲେ ସବୁ ଆଜ ।
ପଶୁଜନ ପ୍ରାଏ ସେହୁ ହୋଇଲେ ଅଜ୍ଞାନ
ମାତା ପାପ ଅରଜିଲା ହେଉ ଗୋରୁ ଜନ୍ମ ।
ଈଶ୍ୱର ନ ଜାଣି କଲା ଏ କର୍ମକ ଅନୀତି
ଲାଜଭୟ ପାପକୁ ଯେ ନ କରିଣ ଭୀତି ।
ସେହି ଦୋଷ ସଦାନନ୍ଦ ସର୍ବ ପରିତ୍ୟାଗୀ
ହୋଇବ ସୁଖ ତେଜିଣ ଦିଗମ୍ବର ଯୋଗୀ ।
ଶୁଣ ହୋ ସୁରଥ ଏହା ବଦନ୍ତି ମାର୍କଣ୍ଡ
ଅପୂର୍ବ ଶାସ୍ତ୍ର ଏ ଯୋଗମାୟା କୀର୍ତ୍ତିଖଣ୍ଡ ।
ସେ ଆଦି ପୁରୁଷ ଯେଣୁ କୋପେ ଦେଲେ ଶାପ
ତେଣୁ ସେହି ଆଦିନାରୀ ହେଲେ ଗୋରୁ ରୂପ ।
ଜଗତକୁ ଭ୍ରମି ଭ୍ରମି ବୈକୁଣ୍ଠକୁ ଯାନ୍ତେ
ଅନାଦି ଶାପ ପ୍ରାପତ ହେଲା ହୃଦଗତେ ।
ଦିବ୍ୟ ରୂପ ଦେବୀର ଯେ ହୋଇଲାକ ଭଙ୍ଗ
ଗୋରୁର ଚରଣ ଗୋରୁ ମୁଖ ବେନି ଶୃଙ୍ଗ ।
କପିଳା ମୂରତି ଲାଞ୍ଜ ଲମ୍ବିଅଛି ପଛେ
ଅର୍ଜିଲା ପାତକ ଦେବୀ ଭୁଞ୍ଜିଲା ପ୍ରତ୍ୟକ୍ଷେ ।
ଦିବ୍ୟରୂପ ଛାଡ଼ି କରି ହୋଇଲାକ ଗାଈ
ହରିଙ୍କୁ ଛାଡ଼ି ବିସ୍ମୟ ହେଲେ ମହାମାୟୀ ।
ଧ୍ୟାନେଣ ଜାଣିଲେ ଏହା ଅନାଦିର କୋପ
ତେଣୁକରି ମୋର ଅଙ୍ଗ ହେଲା ଗୋରୁ ରୂପ ।
କି ବୁଦ୍ଧି କରିବି ଏବେ ହେଲି ମହାପାପୀ
ଦୁଃସହ ସଙ୍କଟ ମୋତେ ପଡ଼ିଲା ଅଦ୍ୟାପି ।
ପୁଣି ବିଚାରଇ କୋପ କଲେ ନାରାୟଣ
ନିଶ୍ଚୟ ସରିଲା ଆଜୁ ମୋର ବଡ଼ ପଣ ।
ଆବର କରିବ ଅବା କିଏ ମୋତେ ପୂଜା
ଜଗତ ଜନଙ୍କ ମୁଖେ ଉପୁଜିଲା ଲଜ୍ଜା ।
ଏବେ ଲଜ୍ଜା ଛାଡ଼ିଣ ପ୍ରଭୁଙ୍କଠାକୁ ଯିବି
ଦୟାସିନ୍ଧୁ ସ୍ୱାମୀଙ୍କୁ ମୁଁ କାରଣ ମାଗିବି ।
ଏତେ ବିଚାରିଣ ଦେବୀ ବୈକୁଣ୍ଠକୁ ଗଲେ
ଶୂନ୍ୟମଣ୍ଡଳ ଉପରେ ବିଷ୍ଣୁଙ୍କୁ ଦେଖିଲେ ।
ଯେ ଗରୁଡ଼ ଆସନରେ ବିଜେ ଜଗଜ୍ଜ୍ୟୋତି
ନିର୍ଧୂମ ଅନଳ ପ୍ରାୟେ ବିରାଜଇ କାନ୍ତି ।
ଛାମୁରେ ସେ ବ୍ରହ୍ମା ବିଷ୍ଣୁ ହୋଇଛନ୍ତି ଉଭା
ଶଶାଙ୍କ ପାଖରେ ଯେହ୍ନେ ତାରାଗଣ ଶୋଭା ।
ଅଗ୍ନିକଣିକା ଯେସନେ ପଡୁଅଛି ଝଡ଼ି
ତେସନେ ଛାମୁରେ ବେନି ପୁତ୍ରେ କରଯୋଡ଼ି ।
ଏମନ୍ତ ପରାୟେ ବିଜେ କଲେ ଆଦିନାରୀ
କପିଳା ମୂରତି ରୂପେ ଗୋରୁ ଅଙ୍ଗ ଧରି ।

Digitized by srujanika@gmail.com

ଗୋମାତାଙ୍କୁ ପ୍ରଣମନ୍ତି ଦେଖି ବେନି ଭାଇ
ଅନାଦି ଚରଣ ତଳେ ପଡ଼ି ମହାମାୟୀ ।
ଛାମୁରେ ସେ କରପତ୍ର ଯୋଡ଼ି ହୋନ୍ତି ଉଭା
ଜ୍ୟୋତିର୍ମୟ ତନୁ ଦିଶୁଅଛି ଦିବ୍ୟ ଶୋଭା ।
ଅନାଦିଙ୍କ ମୁଖ ଚାହିଁ ବୋଲନ୍ତି ଗୋମାତା
କିମ୍ପା ମୋତେ ଶାପ ଦେଲେ ଜଗତ କରତା ।
ତୁମ୍ଭ ଛାମୁରେ କହିଲେ ପୁତ୍ରେ ମୋର ମନ୍ଦ
ତାହାଙ୍କର ବୋଲେ କୋପ କଲ ଆଦିକନ୍ଦ ।
ମୁହିଁ ଯେଣୁ ଦେବନାରୀ ଆଗହୁଁ ସମ୍ଭୂତ
ମୋହର ମନରୁ ସିନା ସର୍ବଲୋକ ଜାତ ।
ମୁହିଁ ଯେ ପୁରୁଷ ରୂପ ସ୍ତିରୀ ରୂପ ମୁହିଁ
ଦେହଧାରୀ ଯେତେକ ମୋ ତହୁଁ ଆନ ନାହିଁ ।
ମୁଁ ଯେ ସର୍ବପିଣ୍ଡେ ସର୍ବଜୀବେ ଅଧିଷ୍ଠାତା
ତୁମ୍ଭେ ପରଂବ୍ରହ୍ମ ଅଟ ସକଳର ପିତା ।
ତୁମ୍ଭ ମୋହ ତହୁଁ ନାହିଁ ଜଗତରେ ଆନ
ମୁଁ ଯେ ଠୁଳଦେବୀ ତୁମ୍ଭେ ଅଟ ମହାଶୂନ୍ୟ ।
କେବଳ ଏ ସଂସାରରେ କୌତୁକ ନିମନ୍ତେ
ତୁମ୍ଭପାଶେ ଥାଇ ମୁହିଁ ଭ୍ରମଇ ଜଗତେ ।
ଜାତକ ଅନ୍ତକ ସବୁ କରଇଟି ମୁହିଁ
ପ୍ରଳୟ ଜଳ ହୋଇ ମୁଁ ସକଳ ନାଶଇ ।
ପୁଣି ଉପାୟ କରିଣ ସୃଜଇ ଧରଣୀ
ପୂର୍ଣ୍ଣାନନ୍ଦ ଅଚିନ୍ତ୍ୟ ଯେ ତୁମ୍ଭେ ଚିନ୍ତାମଣି ।
ରକତ ମାଉଁସ ଅସ୍ଥି ତେଜ ଆଦି ବୀର୍ଯ୍ୟ
ଏ ଚାରି ଘେନି ପୁରୁଷ ଅଟେ ମୋର ସୃଜ୍ୟ ।
ଯୋଗ ବ୍ରହ୍ମ ଭୋଗ ଆଉ କାମକଳା ଚାରି
ମୁଁ ସେ ତୀର୍ଥମାନଙ୍କର ଅଟେ ଅଧିକାରୀ ।
ସଂସାର ଭୋଗ ମଧ୍ୟରେ କାମ ଭୋଗ ସାର
କାମେ ଆତଯାତ ହୁଏ ସକଳ ସଂସାର ।
କାମାକ୍ଷୀ କାମିନୀ ଯେଣୁ ମୁହିଁ ମହାମାୟା
ସକଳ ପୁରୁଷଙ୍କୁ ଯେ ତ୍ରାସେ ମୋର କାୟା ।
ଈଶ୍ୱର ବୋଲି ବୋଲଇ ଏହା କିମ୍ପା ମୋତେ
ଏ ମୋହର ମୋହମାୟା ଘୋଟିଛି ଜଗତେ ।
ଯୁବତୀ ରୂପେ ମୋହିଲି ମୁହିଁ କାମକଳା
ପ୍ରତ୍ୟକ୍ଷରେ ଈଶ୍ୱର ଯେ ତୁମ୍ଭ ତେଜକଳା ।
ମୁହିଁ ଯେଣୁକରି ଅଟେ ଜଗତ କାରେଣୀ
ମୋତେ ଦଣ୍ଡ ଦେବାକୁ ତ କେହୁ ଅଛି ପୁଣି ।
ମୁହିଁ ପ୍ରାଣୀମାନଙ୍କ ଯେ ବହେ ଶୁଭାଶୁଭ
ଆଜି ତୁମ୍ଭଠାରୁ ମୁହିଁ ପାଇଲି ପ୍ରଭାବ ।
ଦୋଷକୁ ଯେ ଶାସ୍ତି ମୋତେ ଦେଇ ନିରାକାର
ସୁଗତି କହ କେମନ୍ତେ ଏଥୁ ହେବି ପାର ।
ପଶୁଜନ୍ମ ମୁହିଁ ଯେଣୁ ହୋଇଲି ଯୁକତେ
କେହୁ ମୋତେ ମାନ୍ୟଧର୍ମ କରିବ ଜଗତେ ।
ମୋତେ ନ ମାନିଲେ ସଂସାର ତ ନାଶଗଲା
ସଂଶୟ କି ମଣ ତୁମ୍ଭ କୀରତି ସରିଲା ।
ମାୟା ମୋହେ ବନ୍ଧା ସିନା ସଂସାର ଜଳଧି
ତୁମ୍ଭର ଖେଳ ଘର ଏ ଚଳେ ସର୍ବସିଦ୍ଧି ।
ମୁହିଁ ଯେ ହାଦେ ଏଥିକି ଅଟଇ କାରେଣୀ
ମୁଁ ଗୋରୁ ହୋଇଲେ କେହୁ ପାଳିବ ଧରଣୀ ।
ଏଥକୁ କାରଣ ମୋତେ କହ ଜଗଜ୍ୟୋତି
ନ ଜାଣି ମୁଁ ଦ୍ରୋହକଲି ଉଦ୍ଧର ଶ୍ରୀପତି ।
ଅପର୍ଣ୍ଣା ବିନୟ ବାକ୍ୟ ଶୁଣି ଆଦିମୂଳ
ବୋଇଲେ ଗୋ ଆଦିନାରୀ ନୁହ ତୁ ବିକଳ ।
ଅନାଦି ବୋଇଲେ ତୁହି ଶୁଣ ମହାମାୟୀ
ଅକର୍ମ କର୍ମ ତୁ ଯେଣୁ କଲୁ ଜ୍ଞାନୀହୋଇ ।
ଦୟା ମାୟା ଜୟା କ୍ଷୟା ତୁ ସର୍ବ ମୂରତି
ତୁ ଗଙ୍ଗା ଯମୁନା ସରସ୍ୱତୀ ବସୁମତୀ ।
କାମାକ୍ଷା ତୁ କାଳରାତ୍ରୀ କାଳିକା ସୁଦେବୀ
ବିଜୟା ମଣ୍ଡପେ ତୁହି ଚଞ୍ଚଳା ଭୈରବୀ ।
ସର୍ବ ଅବତାର ପାଇ ସ୍ତିରୀରୂପ ହେବୁ
ଯୋଗମାୟା ରୂପେ ତୁହି ଜଗତ ଜିଣିବୁ ।
ପୂର୍ବପଣ ହୃଦୟରୁ ନୋହିବେ ତୋ ଆନ
ଗାୟତ୍ରୀ ରୂପ ତୋହର ହେବ ବିଦ୍ୟମାନ ।
ବିଜ୍ଞଜନମାନେ ନିତ୍ୟେ ଜପିବେ ତୋ ମନ୍ତ୍ର
ତୋତେ ଆଶ୍ରୟ କରିଣ ଭଜିଣ ଜଗତ ।
ତୋର କାମନାରୁ ଜାତ ହେବ ଯେତେ ତନୁ
ସେହି ଗାବମାନେ ଜାଣ ହେବେ କାମଧେନୁ ।
ତାହାର ତହୁଁ ଯେତେକ ଉପୁଜିବେ ବତ୍ସା
ସେମାନେ ନିଶ୍ଚେ କରିବେ ସଂସାରକୁ ରକ୍ଷା ।
ତାହାଙ୍କୁ ଯେ ଆରାଧନା ସକଳ କରିବେ
ଯେ ତାଙ୍କୁ ନିନ୍ଦିବେ ସେହୁ ନରକେ ପଡ଼ିବେ ।
ଶୁଣ ହୋ ସୁରଥ ନନ୍ଦିନୀର ଆଦିବାଣୀ
ସେ କାରଣୁ ଗୋଧନକୁ ଡରନ୍ତିଟି ପ୍ରାଣୀ ।
ପ୍ରଥମେ ଅନାଦି ନାରାୟଣ କଲେ ଯାହା
ସଂସାର ମଧ୍ୟରେ କେହୁ ନ ପାଳିବ ତାହା ।
ଆଦି ଅବତାର ଜାଣ ସେ ଅନାଦି ନାରୀ
ଆଦି ନାରୀ ଶ୍ରେଷ୍ଠ ସେହୁ ମାତାରୂପ ଧରି ।
ତାହାଙ୍କର କୋଳେ ବତ୍ସା ହୋଇଲେ ବହୁତ
ନିଜ କାମନାରୁ ଜାତ କଲେ ଆଦିମାତ ।
ସଂସାର ବର୍ଦ୍ଧିତ ଯେଣୁ ହୋଇଲେ ଗୋକୁଳ
ଆଦି ନାରୀଙ୍କ ଆଜ୍ଞାରେ ସର୍ବ ଦିଗପାଳ ।

Digitized by srujanika@gmail.com

ଗୋରୁମାନଙ୍କର ଅଙ୍ଗେ ରୋମାବଳୀ ହୋଇ
ବସିଲେ ଯେ ବୃନ୍ଦାବନେ ମାତା ଆଜ୍ଞା ପାଇ ।
ଗୋରୁଙ୍କର ସେବା କଲେ ଯେତେ ଫଳଶ୍ରୁତି
ସକଳ ପୁରାଣେ ଲିହିଅଛି ପ୍ରଜାପତି ।
ଶତେକ ଶମ୍ଭୁ ପୂଜିଲେ ଯେତେ ପୁଣ୍ୟ ହେବ
ତେତେ ଫଳ ହେବ ସେବା କଲେ ଏକ ଗାବ ।
ଯେଉଁ ମହାପାପୀଜନ ଗୋହତ୍ୟା କରଇ
ଯୁଗାନ୍ତରଯାଏ ସେହୁ ନର୍କରେ ପଡ଼ଇ ।
ତଦନ୍ତରେ ପୁଣି ଅନ୍ୟଯୁଗ ପ୍ରବେଶନ୍ତେ
ପଶୁଯୋନି ଲଭେ ଶତେ ଜନମ ପର୍ଯ୍ୟନ୍ତେ ।
ପୁଣିହିଁ ପତଙ୍ଗ ରୂପେ ଜନମଇଁ ଆସି
ତଦନ୍ତେ ମାନବ ଜନ୍ମ ଲଭଇ ସେ ଦୋଷୀ ।
ଗୋରୁବଧ କଲା ଲୋକ ଏତେ କଷ୍ଟ ପାଇ
ଉଦ୍‌ଯୋଗୀ ଲୋକଙ୍କୁ ତହିଁରୁ ଅର୍ଦ୍ଧେକ ଲଭଇ ।
ଦେଖନ୍ତା ଜନ ତହିଁରୁ ପାଏ ବିଶ୍ୱ ତାପ
ଶୁଣିଲା ଲୋକର ହୁଏ ଦିନକର ପାପ ।
ଶୁଣି ଆହେ ମହାରାଜା ବଦନ୍ତି ମାର୍କଣ୍ଡ
ଶୁଣ ପବିତ୍ର ପୁରାଣ ସର୍ବ ପାପ ଖଣ୍ଡ ।
ଶୁଣି ପୁଚ୍ଛା କଲେ ପୁଣି ସୁରଥ ନୃପତି
କହିଣ ପୁରାଣ ମୋତେ ଦିଅ ସଦ୍‌ଗତି ।
ଆହେ ମହାଯତି ତୁହି ପରମ ପୁରୁଷ
ପୃଥ୍ୱୀ ଅନ୍ତକାଳେ କରୁ ବିଷ୍ଣୁ ଗର୍ଭେ ବାସ ।
ଆଦିଅନ୍ତ ମଧରେ ଯେ ସବୁକଥା ଶୁଣୁ
ଭବିଷ୍ୟତ ଜ୍ଞାନେ ତହୁଁ ସକଳ ବଖାଣୁ ।
ମୋହର ସୁଭାଗ୍ୟ ସ୍ୱାମୀ ପାଇଲି ତୋ ଭେଟ
ପ୍ରସନ୍ନ ହୋଇଣ ମୋର ଫେଡ଼ିବା ସଙ୍କଟ ।
ଶୁଣିଣ ଗୋମାତାଙ୍କର ଆଦି ଜନ୍ମ କଥା
ଖଣ୍ଡିଲି ପାତକରାଶି ତେଜି ଘୋର ବ୍ୟଥା ।
ଦେବତା ଶରୀରେ ଅର୍ଜିଥିଲି ପାପରାଶି
ସେ ଦୋଷେ ମାନବେ ଜାତ ହୋଇଲି ମୁଁ ଆସି ।
ଏ ଭବ ଜଳରୁ ଏବେ ତରିବି କେମନ୍ତେ
ତହିଁର କାରଣ ମହାମୁନି କହ ମୋତେ ।
ଜୟ ତୁ ଜୟ ତୁ ମାଗୋ ଆଦି ସିଦ୍ଧଦେବୀ
ସୁର ନର ଦାନବାଦି ତୋର ପାଦ ସେବି ।
ପ୍ରସନ୍ନା ସାଧବୀ ମାଗୋ ନୟନ ତୋ ଶଏ
ଅଶେଷ ଭୁବନ ଜାତକଲୁ ତୁ ଉପାୟେ ।
ଶୂନ୍ୟ ଦେହଧାରିଣୀ ତୁ ଆମ୍ଭେ ତୋର ସୂନୁ
ବଞ୍ଚିଲୁ ପବିତ୍ର ଦେହେ କୋଟି କୋଟି ମନୁ ।
ପ୍ରଳୟ କାଳରେ କରୁ ମେଦିନୀ ତୁ ଅନ୍ତ
ମନୁ ଜାତ ହୋଇ ତୋର ବିହିଲା ବିଧାତ ।
ଶ୍ରୀବିଷ୍ଣୁଙ୍କୁ ଆଦିକରି ଈଶ୍ୱର ସହିତେ
ଇନ୍ଦ୍ରାଦି ତେତିଶ କୋଟି ଦେବଗଣ ଯେତେ ।
ଦନୁଜ ଦଇତ୍ୟ ଆଉ ମାନବ ଦାନବ
ସଂସାର ମଧ୍ୟେ ଅଛନ୍ତି ଯେତେ ଜୀବାଜୀବ ।
ତୋର ଆଜ୍ଞାରେ ଜଗତ ହୁଏ ଆତଯାତ
ତେଣୁ ବୋଲାଉଅଛୁ ତୁ ସକଳର ମାତ ।
ବ୍ରହ୍ମଜ୍ଞାନ ସାଧନେ ତୁ କଳ୍ପେ କଳ୍ପେ ବଞ୍ଚି
ନିସ୍ତରିଲ ତ ଗାୟତ୍ରୀ ମହାମନ୍ତ୍ରେ ସିଞ୍ଚି ।
ସାବର୍ଣ୍ଣିକ ମନୁରେ ତୁ ଦୁର୍ଗା ରୂପେ ଜାତ
ଦେବତା ମାନଙ୍କ ହିତେ ଦୈତ୍ୟ କଲୁ ହତ ।
ସର୍ବସାର ଗାୟତ୍ରୀ ଯେ ରୂପ ତୁହି ଧରୁ
ଅନନ୍ତ ରୂପ ଧରିଣ ଜଗତ ନିସ୍ତାରୁ ।
ବ୍ରହ୍ମାରୂପେ ତୁ ସଞ୍ଚିଲୁ ମହୀ ନବଖଣ୍ଡ
ଭାବିନୀ ରୂପେ ଗୃହେ ତୁ ପୋଷିଲୁ ବ୍ରହ୍ମାଣ୍ଡ ।
ଏ ସଂସାର ସାଗରେ ତୁ ତାରିଣୀ କାରିଣୀ
ତୁହି ପାରି କରିପାରୁ ତପ୍ତ ବୈତରଣୀ ।
ଘୋର ଯମ ଯାତନାରୁ ତୁ ନିସ୍ତାର କରୁ
ଚରାଚର ପ୍ରାଣୀଙ୍କର ତୁହି ଅଟୁ ଗୁରୁ ।
ପବିତ୍ର ହୁଅଇ ତୋର ମନ ଲାଗି ସ୍ନାନ
ଭସ୍ମକରି ତପୀ ଅଙ୍ଗେ କରନ୍ତି ଲେପନ ।
ତୁ ଦେବୀ ଜଗତଜନ ଜନ୍ତୁ ମଧ୍ୟେ ଶ୍ରେଷ୍ଟ
ମାତା ରୂପେ ଅଧିକାରୀ ଯୋଗେଣ ଗରିଷ୍ଠ ।
ମୁଁ ତୋର ଚରଣେ ମାତ କରଇ ପ୍ରଣତି
ମୋତେ ଦୟା ବହି ମାତ ଦିଅ ସଦ୍‌ଗତି ।
ମହାଦେବ ଦାସ ନିତ୍ୟ ସେବଇ ଗୋମାତା
ସୁପ୍ରସନ୍ନ ହୋଇ ମାତ ଖଣ୍ଡିବ ମୋ ଚିନ୍ତା ।

-x-

ଜୟଦ୍ରଥର ରାଜ୍ୟାଭିଷେକ

ଶୁଣ ସାଧୁଜନେ ସାବଧାନେ ଅନୁରାଗେ
ଅମିୟ ବାରତା କହୁଅଛି ତୁମ୍ଭ ଆଗେ ।
ଯେ ଅବା ଅଜ୍ଞାନେ କରେ ଶ୍ରବଣରେ ପାନ
ତରିଯିବ ଭବନଦୀ ଏ ସତ୍ୟ ବଚନ ।
ମାରକଣ୍ଡ ଋଷିଙ୍କୁ ଯେ ରାଜା କଲା ପୁଚ୍ଛା
ମହାଋଷି ପୂର୍ଣ୍ଣକର ମୋର ମନୋବାଞ୍ଛା ।
କଥାଏ ମୁଁ ପଚାରିବି କୁହ ମହାଋଷି
ରାଜ୍ୟ ଧନ ଛାଡ଼ି ମୁହିଁ ହେଲି ବନବାସୀ ।
ପୁତ୍ର ଦାରା ତ୍ୟାଗକରି ପଶିଲି ମୁଁ ବନେ
ପରମ ଗତି ଲଭିଲି ତୁମ୍ଭ ଦରଶନେ ।
ପୁତ୍ର ମୋର ଜୟଦ୍ରଥ ରହିଲା ନବରେ
କି କି କଥା ବିଚାରିଲା ରାତ୍ର ପ୍ରଭାତରେ ।

Digitized by srujanika@gmail.com

ସେ କଥା ହେ ମହାରଷି ଯୋଗାଭ୍ୟାସେ କହ
ଶୁଣି ଦୂର ହୋଇଯିବ ମନରୁ ସନ୍ଦେହ ।
କୁଶଳେ ମୋହର ପୁତ୍ର ହୋଇଲାଟି ରାଜା
ପାତ୍ର ଅମାତ୍ୟେ ତାହାଙ୍କୁ କଲେଟିକି ପୂଜା ।
ଖଟଣି ରାଜାଏ ତାକୁ କଲେଟିକି ଆସି
ଜୟଦ୍ରଥର ମଙ୍ଗଳ କହ ମହାରଷି ।
ମୁନି ତହୁଁ ବୋଇଲେ ହେ ଶୁଣ ଶ୍ରୀ ରାଜନ
ଯେଉଁ ଦିନ ଅଇଲୁ ତୁ ଗହନ କାନନ ।
ଥୋକାଏକ ବେଳ ଅନ୍ତେ ପାହିଲା ରଜନୀ
ସିନ୍ଧୁଦେଶେ ପ୍ରବେଶିଲା ଅନ୍ଧ ମହାମୁନି ।
ତୋର ସିଂହଦ୍ୱାରେ ଯାଇ ହୋଇଲେ ପ୍ରବେଶ
ଦ୍ୱାରୀ ପ୍ରତିହାରୀକୁ ଯେ ଡକାଇଲେ ପାଶ ।
ମୁନି ଆଜ୍ଞାଦେଲେ ଯାଇ କହିବ ରାଜାଙ୍କୁ
ଅନ୍ଧ ମହାମୁନି ଆଜି ଭେଟିବେ ତୁମ୍ଭଙ୍କୁ ।
ଶୁଣି ଦ୍ୱାରପାଳ ତହୁଁ ବଡ଼ ବେଗ ଗଲା
ଛାମୁ ଖୁଣ୍ଟିଆକୁ ଯାଇ ସନ୍ଦେଶ କହିଲା ।
ବୋଇଲା ଜଣାଅ ନୃପତିଙ୍କୁ ବେଗକରି
ଦ୍ୱାରେ ଆସି ରହିଛନ୍ତି ଅନ୍ଧ ତପଚାରୀ ।
ଖୁଣ୍ଟିଆ ମିଳିଲା ଯାଇ ଶୟନ ମନ୍ଦିରେ
ନୃପତି ନାହାନ୍ତି ଦେଖି ବିସ୍ମୟ ଅନ୍ତରେ ।
ସେଠାରୁ ଖୁଣ୍ଟିଆ ବେଗେ ବେଗେ ଚଳିଗଲା
ଭିତରେ ମୁଦୁସୁଲୀକୁ ଯାଇଣ କହିଲା ।
ରାଜା ବିଜେ କରିଛନ୍ତି ରାଣୀହଂସପୁରେ
ଅନ୍ଧମୁନି ବିଜେ କରିଛନ୍ତି ସିଂହଦ୍ୱାରେ ।
ଦାସୀ ବୋଇଲା ନାହାନ୍ତି ଅନ୍ତଃପୁରେ ରାୟେ
ପ୍ରଭାତେ ଏଥେ କିମ୍ପାଇଁ କରିବେ ବିଜୟେ ।
ମୁଦୁସୁଲୀ ବଚନରେ ଖୁଣ୍ଟିଆ ଯେ ଗଲା
ପ୍ରତିହାରୀ ଅଗ୍ରତରେ ସକଳ କହିଲା ।
ନୃପତି ନ ଥିବା ଶୁଣି ନିଯୋଗୀ ଚାକରେ
ଆତଙ୍କ ମନେ ଲୋଡ଼ନ୍ତି ସକଳ ସ୍ଥାନରେ ।
ଶୟନ ସ୍ଥାନ ଯେ ଆଉ ଅବକାଶ ସ୍ଥାନ
ଜଗତୀ ଆସ୍ଥାନେ ଚାରିପାଶେ ସିଂହାସନ ।
ତୋଟାପୁରେ ମନ୍ଦିରଯେ ମଉନ ମାଳିଆ
ନାଟପା ମନ୍ଦିର ଅଳଙ୍କାର ଛାମୁଣ୍ଡିଆ ।
ଦେବାର୍ଚ୍ଚନ ନବର ଆବର ପାଙ୍ତିଶାଳ
ଖୋଜନ୍ତି ଯେ ଭୃତ୍ୟଜନେ ହୋଇ ଏକମେଳ ।
ବାଡ଼ିଘର ଯେ ଭଣ୍ଡାର ଘର ଆଦିକରି
ଚାଙ୍ଗଡ଼ାଘର ଆବର ସକଳ ନଗରୀ ।
ଅନୁସରି ଲୋଡ଼ନ୍ତି ସେ ନଗ୍ର ଚଉପାଶ
ନୃପତିଙ୍କୁ ନ ଦେଖିଣ ମନରେ ବିରସ ।

ବୋଲନ୍ତି ଅନ୍ୟ ସ୍ଥାନରେ ଖୋଜିଲେ କି ହେବ
ଗୁପତ ହୋଇ ନୃପତି ଏକା କିମ୍ପା ଥିବ ।
କେହି ତାଙ୍କୁ ନ ଦେଖିଲେ ରାଜା କେଣେ ଗଲେ
ଗୁପତେ କେବଣ ଶତ୍ରୁ ଅବା ବିନାଶିଲେ ।
କି ଅବା ନୃପତିଙ୍କର ବୟସ ସରିଲା
ତପ କରିବାକୁ ଅବା ବନସ୍ତକୁ ଗଲା ।
ଏତେ ବୋଲିଣ ଲୋଡ଼ନ୍ତି ପଶ୍ଚିମ ଦୁଆରେ
ବାରତା କହିଲେ ଜୟଦ୍ରଥର ଆଗରେ ।
ସାବଧାନ ହୋଇ ଏବେ ଶୁଣ ନୃପମଣି
ନରପତି କେଣେ ଗଲେ ଆଜର ରଜନୀ ।
ଭୃତ୍ୟଜନ କାହାକୁ ତ ସଙ୍ଗତେ ନ ନେଲା
ପଶ୍ଚିମ ଦ୍ୱାରମାନ ଯେ ହୋଇଥିଲା ମେଲା ।
ନିଶ୍ଚୟ ନୃପତି ଏବେ ନାହାନ୍ତି ଏଠାରେ
ତଥ୍ୟ ବାରତା କହିଲୁ ତୁମ୍ଭର ଛାମୁରେ ।
ବିଚାରିଣ ଆଜ୍ଞା ଦିଅ କି ବୁଦ୍ଧି କରିବା
ସଇନ୍ୟ ସଜ କରନ୍ତୁ ରାଜାଙ୍କୁ ଲୋଡ଼ିବା ।
ଜୟଦ୍ରଥ ବୋଲେ ଆଣ ମନ୍ତ୍ରୀକୁ ହକାରି
ଶୁଣିଣ ଡଗର ଗଲା ବେଗ ହୋଇକରି ।
ବିଦ୍ୟାକର ମନ୍ତ୍ରୀକି ଯେ ବୋଲେ ବେଗେ ଆସ
ଗୁପତେ ତୁମ୍ଭଙ୍କୁ ଡାକିଛନ୍ତି ରାଜଶିଷ୍ୟ ।
ଶୁଣି ବଡ଼ ବେଗେ ଉଠିଆସେ ବିଦ୍ୟାକର
ଅନ୍ଧମୁନିକୁ ଭେଟିଲା ରାଜ ସିଂହଦ୍ୱାର ।
ମୁନିଙ୍କି ଦେଖିଣ ମନ୍ତ୍ରୀ ଶିରେ ଦେଲା କର
ପଚାରିଲା କି ନିମନ୍ତେ ବିଜେ ତପୀବର ।
କଲ୍ୟାଣ କରି ବୋଲନ୍ତି ଅନ୍ଧ ମହାରଷି
ରାଜାଙ୍କୁ ଭେଟିବା ପାଇଁ ଥିଲୁ ଆମ୍ଭେ ଆସି ।
କେମନ୍ତେ ଭେଟିବୁ ତାଙ୍କୁ ସେହି ନୃପମଣି
ନକହି ବନକୁ ଗଲେ ଆଜର ରଜନୀ ।
ମନ୍ତ୍ରୀ ଯହୁଁ ଯାଇଁ ଜୟଦ୍ରଥ ପାଶେ ହେଲା
ରାଜା କେଣେ ଗଲେ ପାତ୍ର ମନ୍ତ୍ରୀକି ପୁଚ୍ଛିଲା ।
ମନ୍ତ୍ରୀ ଶୁଣି ବୋଲେ ଯାଇଛନ୍ତି ବନସ୍ତକୁ
ପୁତ୍ର ବୋଲେ କିମ୍ପା ଗଲେ ନ କହି କାହାକୁ ।
ମନ୍ତ୍ରୀ ବୋଇଲା କିମ୍ପାଇଁ କାହାକୁ କହିବ
ଯେପରି ଯାହା କର୍ମରେ ଲିହିଛି ଦଇବ ।
ସେ କଥାମାନଙ୍କୁ ଏବେ ସବୁ କର ଦୂର
ତୋହର ଶୁଭ ଏବେ ତୁ କର ହୋ ବିଚାର ।
ମୁନି ଆସି ଉଭା ହୋଇଛନ୍ତି ତୋର ଦ୍ୱାରେ
କହ ଯା ବୃତ୍ତାନ୍ତ ସବୁ ତାହାଙ୍କ ଆଗରେ ।
ଶୁଣିଣ ପୁତ୍ର ତୋହର ଉଠିଲା ତଡ଼ତି
ମୁନିଙ୍କ ପାଦ ଧରିଣ ଶୋଇଲାକ ଧାତି ।

Digitized by srujanika@gmail.com

ନିଅ ଆଜ୍ଞାଦେଲେ ଉଠ ଉଠ ହୋ କୁମର
କହ ତୋର ସବୁ କଥା ଆମ୍ଭର ଛାମୁର ।
ଶୁଣିଣ କୁମର ମଣି ଉଠି ବେଗ ହୋଇ
ବୋଇଲା ହେ ସାବଧାନେ ଶୁଣିବା ଗୋସାଇଁ ।
ମୁହିଁ ହୀନ ଚଣ୍ଡାଳ ଯେ ହୀନ କର୍ମ କଲି
ପିତାଙ୍କୁ ମାରିଣ ରାଜା ହୋଇବି ଲୋଡ଼ିଲି ।
ସେ କଥା ପିତା ମୋହର ବାରତା ପାଇଣ
ବନବାସୀ ହୋଇଲେ ହେ ଆଜ ଗୁପତେଣ ।
ମୁଁ ଏବେ କେମନ୍ତେ କରିବଇଁ ମହାଋଷି
ମହତ ପୁରୁଷ ମୋତେ ବିଚାରି କହସି ।
ଅନ୍ଧମୁନି ବୋଇଲେ ହୋ ଶୁଣ ରାଜ ସୁତ
ବାଳୁତ ବୟସେ ତୁହି କଲୁ ମନ୍ଦ କୃତ୍ୟ ।
ପାପ ପୁଣ୍ୟ ଦୁହିଁଙ୍କୁ ତୁ ନ କଲୁ ବିଚାର
ସମ୍ପଦକୁ ଆଶା କରି ଧର୍ମ କଲୁ ଦୂର ।
ତୋତେ ଆଉ କି କହିବୁ ଆମ୍ଭେ ଧର୍ମ କଥା
ସ୍ୱରୂପ କଥା କହିଲେ ପାଇବୁ ତୁ ବ୍ୟଥା ।
ଅଜ୍ଞାନମାନଙ୍କ ଶାସ୍ତ୍ର ବିଚାର କହିଲେ
ଶତ୍ରୁ ପ୍ରାୟେକ ମଣନ୍ତି ମନକୁ ନଇଲେ ।
ସୁଖ ପାଉ ମନରେ ବା ଅସୁଖ ସେ ପାଉ
ପଣ୍ଡିତ ଜନ ତାହାକୁ କହିବା ବା କାହୁଁ ।
ଯେ ଜନ ଯାଆନ୍ତି ସଦା ଅଜ୍ଞାନୀ ମତେଣ
ନିନ୍ଦନ୍ତି ଦେବତା ଗୁରୁ ଶାସ୍ତ୍ର ଯେ ପୁରାଣ ।
ବିପ୍ରଙ୍କୁ ଯେ ଜନ ନିତ୍ୟେ କରେ ଉପହାସ
ସୁଜନ ଲୋକଙ୍କୁ ମିଛେ ଦିଅନ୍ତି ଯେ ଦୋଷ ।
ଗୁରୁ ତିଆରିଲେ ଯେଣୁ ମଣନ୍ତି ଅସୁଖ
ମାତା ବୋଲ ଭାଙ୍ଗି ଯେହୁ ହୁଅନ୍ତି ବିମୁଖ ।
ପରର ସ୍ତିରୀ ରତ୍ନ ଯେ ହରନ୍ତି ଆନନ୍ଦେ
କୁଟୁମ୍ବ ସଙ୍ଗତେ ଯେହୁ ସଦା ଥାଏ ଦ୍ୱନ୍ଦ୍ୱେ ।
ପ୍ରଭୁଙ୍କୁ ବୋଲନ୍ତି ଯେହୁ ପ୍ରାଣୀ ମନ୍ଦଭାଷା
ଗୌରବ ସ୍ତିରୀଙ୍କି ଯେହୁ କରେ ପ୍ରୀତି ଆଶା ।
ମାତାଙ୍କୁ ଯେବଣ ପୁତ୍ର ଚିନ୍ତଇ ପ୍ରମାଦ
ଅବଶ୍ୟ ହୁଅନ୍ତି ଏତେ ଲୋକ ଶିରଚ୍ଛେଦ ।
ତୁ ଯେ ପୁତ୍ର ହୋଇ ପିତାଠାରେ ଦ୍ରୋହ କଲୁ
ଅନେକ ମହାପାତକ ଆପେ ଅରଜିଲୁ ।
ଶୁଣି ଜୟଦ୍ରଥର ଯେ ନ ସ୍ଫୁରଇ କଥା
ବିସ୍ମୟ ହୋଇଣ ମନେ ପାଇଲାକ ବ୍ୟଥା ।
ଜୟଦ୍ରଥ ମନକଥା ଜାଣି ମୁନିବର
ବିଚାରିଲେ ଭୟ ନିଶ୍ଚେ କଲାକ କୁମର ।
ପ୍ରସନ୍ନ ହୋଇ ବୋଇଲେ ପୁଣି ମହାଋଷି
ମନରେ ନ ଭାଳ ଆଉ କିଛି ରାଜଶିଷି ।
ଯାହା ତୁହି ବାଞ୍ଛା କଲୁ ତାହା ତ ହୋଇଲା
ବାପ ଦୁଃଖ ପାଇଲେକ ତୋର କିସ ଗଲା ।
ଏବେ ଆମ୍ଭେ ତୋତେ ନିଶ୍ଚେ କରିବା ନୃପତି
ମନରୁ ତୁ ଦୂର କର ସର୍ବ ଭୟଭୀତି
ମନ୍ତ୍ରୀକି ରାଇ ବୋଇଲେ ବହନ ତୁ ଯାଅ
ଅଭିଷେକର ଯୋଗାଡ଼ ଛାମୁକୁ ଅଣାଅ ।
ଆଜ୍ଞା ପରମାଣେ ବିଦ୍ୟାକର ମନ୍ତ୍ରୀ ଗଲା
ଯେତେକ ଯୋଗାଡ଼ ଲୋଡ଼ା ସବୁ ଅଣାଇଲା ।
ତା ଦେଖି ଜୟଦ୍ରଥର ଆନନ୍ଦିତ ମନ
ବିଚାରଇ ଏବେ ମୁହିଁ ହୋଇବି ରାଜନ ।
ମୁନି ଯେ ନାହିଁ କରିବେ ବୋଲି ଜାଣିଥିଲା
ତାଙ୍କ ଅନୁରାଗ ଦେଖି ଆନନ୍ଦ ହୋଇଲା ।
ମୁନି ତହୁଁ ଆଜ୍ଞା ଦେଲେ ଆସନ୍ତୁ ନିଯୋଗେ
ଯେ ଯାହାର ସେବାରେ ଲାଗନ୍ତୁ ଯାଇ ବେଗେ ।
ଋଷି ଆଜ୍ଞା ପାଇ ମନ୍ତ୍ରୀବରର ଆଦେଶେ
ନିଯୋଗୀ ଲୋକ ଆସିଣ ମିଳିଲେକ ପାଶେ ।
ମନ୍ତ୍ରୀ ବୋଇଲେକ ତୁମ୍ଭେ ନୃପତିର ବନ୍ଧୁ
ମହତ ପଣରେ ତୁମ୍ଭେ ସର୍ବଗୁଣେ ସାଧୁ ।
ଅନୁରାଗୀ ଯୋଗୁଁ ତୁମ୍ଭେ ବୋଲାଅ ନିଯୋଗୀ
ନୃପତି ପତି ତୁଲରେ ହୁଅ ତୁମ୍ଭେ ଭୋଗୀ ।
ରାଜା ନିଯୋଗୀ ବ୍ୟତୀତ ନୁହ ତୁମ୍ଭେ ଭିନ୍ନ
ତୁମ୍ଭଙ୍କୁ ଘେନିଣ ରାଜ୍ୟ କରଇ ପାଳନ ।
ଏବେ ବିପତ୍ତି ପଡ଼ିଲା ଆସି ବିଧି ଯୋଗେ
ସୁରଥ ନୃପତି ଚଳିଗଲା ବନଭାଗେ ।
ତପ ଆଶ୍ରୟ କରିଲା ଛାଡ଼ି ରାଜବିଧି
ଏବେ ଆମ୍ଭେମାନେ କହ କରିବା କି ବୁଦ୍ଧି ।
ତାହା ଶୁଣି ଏମନ୍ତେ ବୋଇଲେ ପ୍ରଜା ଯେତେ
ପାତ୍ର ମହାପାତ୍ର ଆଦି ଲୋକଥିଲେ ଯେତେ ।
ବୋଇଲେ ନୃପତି ଯେବେ ହେଲେ ତପଚାରୀ
ରାଜାର ପୁତ୍ରକୁ କରିବାକ ଦଣ୍ଡଧାରୀ ।
ସବୁଙ୍କରି ମନକୁ ଯେ ରୁଚିଲା ସେ କଥା
ଜୟଦ୍ରଥ ଜେନାମଣି ହେବେ ମହାରଥା ।
ଅନ୍ଧମୁନି ବୋଇଲେ ହେ ବିଦ୍ୟାକର ଯାଅ
ଜୟଦ୍ରଥ ନୃପତିଙ୍କୁ ମାଜଣା କରାଅ ।
ମନ୍ତ୍ରୀ ଆଜ୍ଞା ଦେଲେ ଜେଠିମାନଙ୍କୁ ଯେ ରାଇ
ମାଜଣା କରାଅ ନୃପତିକି ବେଗେ ଯାଇ ।
ମନ୍ତ୍ରୀବର ବାକ୍ୟେ ଚଳିଗଲେ ଜେଠିମାନେ
ରାଜାଙ୍କୁ ମାଜଣା କଲେ ଅନେକ ବିଧାନେ ।
ରାଜାଙ୍କୁ ମାଜଣାବିଧି କରାଇ ତତ୍‌କ୍ଷଣେ
ସୁବସ୍ତ୍ର ପିନ୍ଧାଇ ଗଭା ବାନ୍ଧିଲେ ଆପଣେ ।

Digitized by srujanika@gmail.com

ଯେଠିଏ ଆଡ଼ ହୋଇଲେ ମାଜଣା ଯେ ସାରି
ସନ୍ନିଧିରେ ଖଟିଲେକ ବିପ୍ରଜଣ ଚାରି ।
ପଞ୍ଚାମୃତ ଘେନି ତାଙ୍କୁ ସ୍ନାନ କରାଇଲେ
ତୀର୍ଥଜଳ ଘେନି ରାଜା ଶ୍ରୀଅଙ୍ଗେ ଢାଳିଲେ ।
ପହଣ୍ଡି ମଣାଇ ପୁଣି ଆଣି କିଛି ଦୂର
ବିଜେ କରାଇଲେ ସ୍ୱର୍ଣ୍ଣ ପୀଢ଼ାର ଉପର ।
ନାନାବିଧ ଅଳଙ୍କାର ମଣ୍ଡି କଳେବରେ
ମଙ୍ଗଳ ଆରୋପଣ ଯେ କରନ୍ତି ଛାମୁରେ ।
ଅନ୍ଧ ମହାମୁନି ସ୍ୱହସ୍ତରେ ପାଟ ଘେନି
ଜୟଦ୍ରଥ ନୃପ ଶିରେ ବାନ୍ଧିଲେ ତତ୍‌କ୍ଷଣି ।
ଅଭିଷେକ ନୃପ ଶିରେ ବାନ୍ଧିଲେ ଲଲାଟେ
ରତ୍ନହାରମାନ ଖଞ୍ଜିଦେଲେ କଣ୍ଠତଟେ ।
ଲଲାଟ ମଧ୍ୟରେ ଦେଲେ ସିନ୍ଦୁରର ଚିତା
ଦକ୍ଷିଣ କରେ ବାନ୍ଧିଲେ ଅସରଳା ସୂତା ।
ଶ୍ୱେତ ଛତ୍ରକୁ ଆବର ପୂଜା କଲେ ମୁନି
ଛତ୍ର ଟେକି ଧରାଇଲେ ଜୟଦ୍ରଥେ ଘେନି ।
ପାଟ ଗଜ ଅଶ୍ୱ ଆଣି ଉଭାରିଲେ ଆଗେ
ଶୁକ୍ଳ ଝୀନବାସ ଉଢ଼େ ଅତୀବ ସରାଗେ ।
ଦୁଃଶୀଳା ରାଣୀଙ୍କୁ ଦିବ୍ୟ ବେଶ କରାଇଣ
ଅନ୍ତଃପୁର ଭିତରୁ ଆଣିଲେ ଦାସୀଗଣ ।
ଜୟଦ୍ରଥର କୋଳରେ ବସାଇଲେ ନେଇ
ଅଭିଷେକ ମାଳା ତାହା ଗଳାରେ ଲମ୍ବାଇ ।
ଅଭିଷେକ ବନ୍ଦାପନା ସାରିଣ ସତ୍ୱରେ
ରାଣୀଙ୍କୁ ମୁଦୁସୁଲୀଏ ନେଲେ ଅନ୍ତଃପୁରେ ।
ଜୟଦ୍ରଥ ନୃପତି ଯେ ବିଜୟ ଆସ୍ଥାନେ
ଦର୍ଶନ କଲେକ ଆସି ସର୍ବ ଦାସୀମାନେ ।
ପାଇକ ପଏଦାର ଯେ ରାଉତ ମାହୁନ୍ତ
ବୀର ମହାବୀର ପାତ୍ର ମିତ୍ର ଯେ ଅମାତ୍ୟ ।
ଖୁଣ୍ଟିଆ ପଡ଼ିହାରୀ ଯେ ଲେଙ୍କା ଆଦିକରି
ଓଝା ଅଙ୍ଗବଳ ସୈନ୍ୟ ଛାମୁରେ ଉଭାରି ।
ପୁରୋହିତ ଆଦିକରି ବାଦ୍ୟକାର ଯାଏ
ଛତିଶ ନିଯୋଗ ଖଞ୍ଜା ଯେ ବିଧିରେ ହୁଏ ।
ସମସ୍ତେ ଆସି ରାଜାଙ୍କୁ ଦରଶନ କଲେ
ଯାର ଯେ ଉଚିତ ଶାଢ଼ି ଯେପରି ପାଇଲେ ।
ରାଜାର ଘୋଷଣା ଶୁଭେ ନଗ୍ର ଚଉକତି
ସୁରଥ ମହାରାଜା ଯେ ଲଭିଲେ ସୁଗତି ।
ଜୟଦ୍ରଥ ନରପତି ପାଟେ ଅଭିଷେକ
ନିଶ୍ଚୟ କରି ଜାଣିଲେ ଏହା ସର୍ବଲୋକ ।
ଅଭିଷେକ ବିଧି ଆମ୍ଭେ କରିଲୁ ବର୍ଣ୍ଣନ
ମହାଦେବ ଦାସ ଦୋଷ ନ ଧରିବ ଜନ ।

-x-

ପତିବ୍ରତା ଜୟନ୍ତୀ ରାଣୀଙ୍କର ପ୍ରାଣତ୍ୟାଗ

ଅନ୍ତଃପୁରରେ ଜୟନ୍ତୀ ରାଣୀଙ୍କର ଆଗେ
ବାରତା କହିଲେ ଯାଇ ମୁଦୁସୁଲୀ ବେଗେ ।
ଶୁଣ ଆଗୋ ରାଜମାତା ମୋହର ବଚନ
ତୁମ୍ଭର ପ୍ରଭୁ ଗଲେଣି ବୈକୁଣ୍ଠ ଭୁବନ ।
ଏ ରାଜ୍ୟରେ ଅଭିଷେକ ହେଲେ ତୁମ୍ଭ ସୁତ
ଏହାଶୁଣି ସ୍ତମ୍ଭୀଭୂତ ହେଲେ ରାଜମାତ ।
ବୋଇଲେ ମୋହର ସ୍ୱାମୀ କେହ୍ନେ ହେଲେ ହତ
ତଥ୍ୟ କରି ସେ ବାରତା କହ ମୋ ଅଗ୍ରତ ।
କେଉଁଠାରେ ମୋ ପ୍ରଭୁଙ୍କୁ ଥୋଇଅଛ କାହିଁ
ବହନ କରିଲା ଦାସୀ ଦେଖା ମୋତେ ନେଇ ।
ସ୍ୱାମୀଙ୍କର ସଙ୍ଗେ ମୁହିଁ ଅନଳେ ପଶିବି
ଏ ଦେହ ଘେନି ମୁଁ କାହିଁପାଇଁ ରହିଥିବି ।
ଜଣାଅ ମୋହର ପୁତ୍ର ଜୟଦ୍ରଥ ଆଗେ
କାଷ୍ଠ ଆଣି ଅଗ୍ନି ଆରୋପଣ କରୁ ବେଗେ ।
ସ୍ୱାମୀଙ୍କୁ ଘେନି ପଶିବି ମୁହିଁ ହୁତାଶନେ
ଏ ମୋହର ସତ୍ୟ ବାଣୀ ଶୁଣ ଦାସୀମାନେ ।
ପରିବାରୀଏ ବୋଇଲେ ଶୁଣ ମହାଦେଈ
ସ୍ୱାମୀଙ୍କୁ ତୁମ୍ଭର କେହି ଦେଖିଲାତ ନାହିଁ ।
କାଲି ରାତ୍ରିରୁ ରାଜାଙ୍କୁ ନ ଦେଖି ନବର
ସମସ୍ତେ ବୋଇଲେ ରାଜା ହୋଇଲେ ଅନ୍ତର ।
ଏହା ଶୁଣି ମହାଦେଈ ମନେ ବିଚାରିଲେ
ଯାହା ସ୍ୱାମୀ ରାତ୍ରିକାଳେ ମୋତେ କହୁଥିଲେ ।
ନିଶ୍ଚୟ ତ ବନବାସୀ ହେଲେ ପ୍ରାଣଧନ
ମୁହିଁ ଆଉ କିମ୍ପା ଧରି ରହିବି ଜୀବନ ।
ଏତେ ବୋଲି କରି ରାଣୀ ଭିତରେ ପଶିଲା
ପନୀର ଜଳେ କର୍ପୂର ମିଶାଇ ଖାଇଲା ।
ମୁହଁମାଡ଼ି ଶୋଇଲା ସେ ପଲ୍ୟଙ୍କ ଉପରି
ଅଙ୍ଗରୁ ତା ନିଜ ପ୍ରାଣ ଗଲାକ ବାହାରି ।
ରାତ୍ରି ଶେଷେ ଦାସୀମାନେ ତାଙ୍କୁ ଉଠାଇଲେ
ମୃତ ଶବ ଦେଖି ଉଚ୍ଚସ୍ୱରେ ଶୋକ କଲେ ।
ଜୟଦ୍ରଥ ଆଗେ ଯାଇ ଦେଲେ ଏ ବାରତା
ପଲ୍ୟଙ୍କରେ ପ୍ରାଣତ୍ୟାଗ କଲେ ତୁମ୍ଭ ମାତା ।
ଶୁଣିକରି ଜୟଦ୍ରଥ ଆକୁଳ ହୋଇଲା
ମୁନିବର ତିଆରନ୍ତେ ଶୋକ ସମ୍ଭାଳିଲା ।
ମାତାର ସଂସ୍କାର କାର୍ଯ୍ୟ ସାରି ଜୟଦ୍ରଥ
ଶାସ୍ତ୍ର ଅନୁସାରେ ଦାନ କଲାକ ବହୁତ ।
ଅନ୍ଧମୁନି ତୋ ସୁତକୁ ଅନେକ ତିଆରି
କିଛିଦିନ ପରେ ଛାଡ଼ିଗଲେ ତପଚାରୀ ।

Digitized by srujanika@gmail.com

ପୁତ୍ର ତୋହର ହୋଇଲା ସିନ୍ଧୁଦେଶେ ରାଜା
ହତଆତ୍ମା ହୋଇଲା ଯେ ତୋହର ଭାରିଯା ।
ତୁହି ଯେଣୁ ପୁଚ୍ଛାକଲୁ କୁଟୁମ୍ବ ବାରତା
କହିଲୁ ତା ଯୋଗବଳେ ସେ ସ୍ୱରୂପ କଥା ।
ବଦନ୍ତି ଯେ ମାରକଣ୍ଡ ଶୁଣ ହେ ସୁରଥ
ଆବର କଥାଏ ତୋତେ କହିବାକ ତଥ୍ୟ ।
ତୋହର ସକାଶେ ରାଣୀ ଛାଡ଼ିଲା ଜୀବନ
ତା ମୃତ୍ୟୁର କାରଣ ତୁ ହୋଇଲୁ ରାଜନ ।
ବିଷ୍ଣୁ ପୁରାଣେ ଉଲ୍ଲେଖ ଅଛଇ ଏସନ
ସ୍ୱହସ୍ତରେ ଜନ୍ତୁବଧ କରନ୍ତି ଯେ ଜନ ।
ବୃକ୍ଷକୁ ଛେଦନ ପର ଆଶାକୁ ଖଣ୍ଡନ୍ତି
ପ୍ରାଣୀଙ୍କି ନାଶ ବୋଲି ଯେ ଭରସା ଦିଅନ୍ତି ।
କୁଳବଧୂ ସଙ୍ଗେ ଯେହୁ କଳିଦ୍ୱନ୍ଦ୍ୱ କରି
ମରଣ ବାଟ କହିଣ ଲୋକଙ୍କୁ ଧିକ୍‌କାରୀ ।
ଏ ପଞ୍ଚପ୍ରକାରେ ଜାଣ ହତ୍ୟାର କାରେଣୀ
ତୋତେ ଆଶାକରି ପୁଣ ମଲା ତୋର ରାଣୀ ।
ଶୁଣି ଏହା ସୁରଥର କମ୍ପଇ ଶରୀର
ବୋଇଲା ଭୋ ମହାଋଷି ଏଥୁ କର ପାର ।
ରାଣୀ ମଲା ବୋଲି ତହିଁ ନାହିଁ ମୋର ଚିନ୍ତା
ଭୟକରେ ଲାଗିବାରୁ ମୋତେ ସ୍ତିରୀହତ୍ୟା ।
ଯାହାକୁ ଯେ ପ୍ରାଣୀ ଆଶା କରି ହୁଏ ନାଶ
ତାହାକୁ ଯଦ୍ୟପି ତାର ଲାଗେ ହତ୍ୟା ଦୋଷ ।
ବେଦଶାସ୍ତ୍ରେ ଯଦି ଏହା ଅଛଇ ଲିଖନ
କହିବା ହେଉ ମହର୍ଷି ପୂର୍ବର ବଚନ ।
ଏମନ୍ତ ବୋଲି ସୁରଥ ନୃପତି ଭାଳଇ
ମହାଦେବ ଦାସ ଏହା ଗୀତରେ କହଇ ।

-x-

ଆଶାଭଙ୍ଗର ଫଳ

ବୋଲନ୍ତି ମାର୍କଣ୍ଡ ଋଷି ନରପତି ଶୁଣ
ସୋମଶାସ୍ତ୍ରର ଦୃଷ୍ଟାନ୍ତ କହୁଅଛି ପୁଣ ।
ସାଧକ ନାମେଣ ପୂର୍ବେ ଏକ ସତ୍ୟଯୁଗେ
ଅବିଦ୍ୟା ନାମେଣ ତହୁଁ ସମ୍ବତ୍ସର ଭୋଗେ ।
ବଇଶାଖ ଶୁକ୍ଳପକ୍ଷ ଚତୁର୍ଥୀ ସେଦିନ
ବିଶାଖା ନକ୍ଷତ୍ର ସୌରୀବାର ବିଦ୍ୟମାନ ।
ସେଦିନ ଆଦିତ୍ୟ ଉଦେ ହେଲେ ତେଜ ଘେନି
ଗଗନେ ଘୋଟିଲା ଯେହ୍ନେ ପ୍ରଚଣ୍ଡ ବହନି ।
ଘୋର ଗ୍ରୀଷମକୁ ଘେନି ବହଇ ପବନ
ଝାଡ଼ ମଧ୍ୟେ ଥାଇ ଆର୍ତ୍ତ ଜୀବ ଜନ୍ତୁଗଣ ।
କୁମୁଦ ପର୍ବତୁ ଶଶା ହୋଇଲା ବାହାର
ସେ ପର୍ବତେ ଥାଇ ଅଶ୍ୱକର୍ଣ୍ଣ ନାମ ତାର ।
ତୃଷାର ଆତୁରେ ଶଶା ଲୋଡ଼ୁଅଛି ଜଳ
ଖରାକୁ ଡରି ରହିଲା ସେଇ ଛାଇ ତଳ ।
ଉଠଇ ବସଇ ଭୟେ ହୁଏ ଛନ୍ନ ଛନ୍ନ
ବିଚାରଇ କେଣିକି ମୁଁ କରିବି ଗମନ ।
ଗୋଡ଼ ମୋଡ଼ି ହୁଅନ୍ତେ ସେ ଆସଇ ବାହୁଡ଼ି
ଛାଇତଳେ ଆସି ପାଦ ଦିଅଇ ଛିଞ୍ଚାଡ଼ି ।
ହିଂସ୍ରଜନ୍ତୁ ଆସିବାକୁ ଭୟକରି ମନ
ଶବଦକୁ ଲୟକରି ଟେକିଅଛି କାନ ।
ଗ୍ରୀଷମକୁ ଭୟକରି ନ ପାରଇ ଯାଇ
କୋଡ଼ିଏ ଦଣ୍ଡ ପର୍ଯ୍ୟନ୍ତ ରହିଲା ଯେ ତହିଁ ।
ପ୍ରହରକଠାରୁ ଗଛ ଛାଇରେ ରହିଲା
ଏମନ୍ତ ଚଉଦ ଘଡ଼ି ଦିବସ ବଞ୍ଚିଲା ।
ଆଦିତ୍ୟର ଖରରଶ୍ମି ନିଉନ ପଡ଼ିଲା
ବୃକ୍ଷତଳୁ ଶଶାଗୋଟି ବାହାର ହୋଇଲା ।
ତୃଷାତୁରେ ଆରତ ଯେ ତାହାର ଶରୀର
ପର୍ବତର ଚଉକତି ଲୋଡ଼ଇ ସେ ନୀର ।
ଘୋର ନିଦାଘ ସମୟ କାହିଁ ନାହିଁ ଜଳ
ନଦୀ ପୁଷ୍କରିଣୀ ଆଦି ଶୁଖିଛି ସକଳ ।
କୁମୁଦ ପର୍ବତେ ସେହି ଶଶା ଜୀବଗୋଟି
ତୃଷାର ଆତୁରେ ଜଳ ଲୋଡ଼ି ଲୋଡ଼ି ଫୁଟି ।
ଦିବସ ଶେଷ ହୋଇଣ ହୋଇଲାକ ରାତି
ଦିବସ ପ୍ରାୟେକ ଦେଖାଯାଏ ଚନ୍ଦ୍ରକାନ୍ତି ।
ବୁଲୁ ବୁଲୁ ଖରେ ଚାହିଁଦେଲା ପୂର୍ବଦିଗେ
ଦେଖିଲା ଚନ୍ଦ୍ରମା ଉଇଁଛନ୍ତି ଶୂନ୍ୟମାର୍ଗେ ।
ନିର୍ମଳ ଜଳ ପରାୟେ ସୁଧାକର କାନ୍ତି
ଦିଗପୂରି ଦିଶିଲାକ ଗଙ୍ଗାଜଳ ଜ୍ୟୋତି ।
ଭୟ ଭୀତି ଶଶା ଆଉ ନ ଗଣଇ କାହିଁ
ଚାଲେ ବେଗ ବେଗ ହୋଇ ଚାନ୍ଦକୁ ଅନାଇଁ ।
ଶଶା ଯାଆନ୍ତେ ଚନ୍ଦ୍ରମା ଗମଇ ଗଗନେ
ନିକଟ ବୋଲିଣ ଶଶା ଆଶା କରି ମନେ ।
ବିଚାରଇ ଏହିକ୍ଷଣି ପାଇବି ମୁଁ ଜଳ
ପିବନ୍ତେ ମୋହର ଆତ୍ମା ହୋଇବ ଶୀତଳ ।
ବେଳୁବେଳ ବଢ଼ାଇଲା ଶଶା ବେଶୀ ଆଶା
ଅଳସ ନ କରି ଧାଏଁ ଲାଗିବାରୁ ତୃଷା ।
ଏମନ୍ତେ ରଜନୀ ଆସି ହେଲା ଦଣ୍ଡ ଆଠ
ଶଶା ଚାଲି ଚାଲି ଗଲା ଦଶକ୍ରୋଶ ବାଟ ।
ପୁଣି କିଛିଦୂର ଶଶା ନ ଚାହିଁ ଧାଇଁଲା
ଚାରିକୋଷ ଯାଇ ପୁଣି ଟେକି ଅନାଇଲା ।
ଦେଖିଲା ମଥା ଉପରେ ବିଜେ ନିଶାମଣି
ନିରେଖି ଚାହିଁଲା ଶଶା ନୁହଁଇ ସେ ପାଣି ।

Digitized by srujanika@gmail.com

ସ୍ୱରୂପ ସେ ଜାଣିପାରି ଛାଡ଼ି ସବୁ ଆଶ
ଗଗନକୁ ଚାହିଁ ତାର ଉଡ଼ିଲା ସାହସ ।
ପାଣି ନ ପାଇଣ ଶଶା ତାଟକା ହୋଇଲା
ଚନ୍ଦ୍ରକୁ ଚାହିଁଣ ସେହୁ ଜୀବକୁ ଛାଡ଼ିଲା ।
ଯମଗଣେ ଆସି ତାର ପ୍ରାଣ ଘେନିଗଲେ
ଜନ୍ତୁପତି ନିକଟରେ ନେଇ ଶୁଆଇଲେ ।
କାଳ ବିକାଳଙ୍କୁ ଚାହିଁ ବୋଲେ ଜନ୍ତୁପତି
ନିଅ ଏ ଜୀବକୁ ଚିତ୍ରଗୁପତଙ୍କ କତି ।
ଜନ୍ମ ଆଦ୍ୟରୁ ବୁଝନ୍ତି ଏହା ପାପ ପୁଣ୍ୟ
ଶୁଭାଶୁଭ ବିଚାରିଣ ଦ୍ୟନ୍ତି ଅନ୍ୟ ଜନ୍ମ ।
ଆଜ୍ଞା ପ୍ରମାଣେ ସେ କାଳେ ବିକାଳ ଡଗରେ
ଶଶାକୁ ଘେନି ମିଳିଲେ କରିଣ ଛାମୁରେ ।
ଚିତ୍ରଗୁପ୍ତଙ୍କୁ କହିଲେ ସେ ଡଗର ବେନି
ମଞ୍ଚରୁ ଅଇଲୁ ଆମ୍ଭେ ଏ ଜୀବକୁ ଘେନି ।
ରାଜାଙ୍କ ଛାମୁରେ ଦରଶନ କରାଇଲୁ
ତାହାଙ୍କ ଆଜ୍ଞାରେ ତୁମ୍ଭ ଛାମୁକୁ ଆଣିଲୁ ।
ପାଞ୍ଜି ଦେଖିଣ ଏହାର ବୁଝି ପାପପୁଣ୍ୟ
ପୂର୍ବ କର୍ମ ବିଚାରିଣ ଦିଅ ଯାକୁ ଜନ୍ମ ।
ଚିତ୍ର ଗୁପତ ବୁଝିଲେ ଫିଟାଇଣ ପାଞ୍ଜି
ଅଶେଷ ପ୍ରାଣୀଙ୍କ ଜନ୍ମ କର୍ମ ଯହିଁ ଖଞ୍ଜି ।
ସେ ପାଞ୍ଜିର ମହିମା ଯେ ଅଟେ ଅଗୋଚର
ପ୍ରଳୟ ପୟୋଧିରେ ସେ ନୁହଇ ଅନ୍ତର ।
କୋଟି କୋଟି ଜନମ ଯେ ଆତଯାତ ହୁଏ
କେବେହେଁ ସେ ପାଞ୍ଜି ଗୋଟି ବିନାଶ ନ ପାଏ ।
କାଳ ସମାପତେ ସେହି ଚିତ୍ରଗୁପ୍ତ ଦୁହେଁ
ଅନ୍ୟ ଶରୀର ବହନ୍ତି ପାଞ୍ଜି ଆନ ନୁହେଁ ।
ପାଞ୍ଜିର ଅକ୍ଷରପନ୍ତି ମନେ କଲେ ଦିଶେ
ପୋଛିଲା ମାତ୍ରକେ କିଛି ଚକ୍ଷୁକୁ ନ ଦିଶେ ।
ସେ ପାଞ୍ଜି ଦେଖିଲେ ଚିତ୍ରଗୁପ୍ତ ଶଶା ପାଇଁ
ଅନନ୍ତ କୋଟି ବାରତା ଯାର ସଂଖ୍ୟା ନାହିଁ ।
ତକ୍ଷଣେ ଶଶା କର୍ମର ସ୍ଥାନ ଠାବ କଲେ
କିମ୍ପା ଯାକୁ ଡଗର ହୋ ଆଣିଲ ବୋଇଲେ ।
ଆଉ ସାତ ବର୍ଷ ଅଛି ଏହାର ଆୟୁଷ
ନ ବିଚାରି କିମ୍ପା କଲ ଏ ଜନ୍ତୁକୁ ନାଶ ।
ଜନ୍ତୁପତି ହୋଇ ଅବିଚାର କର୍ମ କଲେ
ଜୀବଜନ୍ତୁ ମାନେ ଆଉ ବର୍ତ୍ତିବେ କି ଭଲେ ।
ଏ ଶଶାକୁ ଆଣି କଲ ରାଜାର ଅକୀର୍ତ୍ତି
ଆମ୍ଭଙ୍କୁ ନ ପଚାରିଲ ଆରେ ଦୁଷ୍ଟମତି ।
ନୃପତିକୁ ଜଣାଇଲେ ପାଇବ ସେ ଫଳ
ସଂସାରେ ନୋହିବ ଆଉ ବେଳେ ଖଳବଳ ।
ଡଗର ବୋଲେ ଏଥିରେ ନାହିଁ ଆମ୍ଭ ଦୋଷ
ସାବଧାନେ ଶୁଣ ଗଲା ଏ ଯେମନ୍ତେ ନାଶ ।
କୁମୁଦ ପର୍ବତେ ସଦା ଏହାର ଯେ ବସା
ଗ୍ରୀଷ୍ମ ଋତୁରେ ଏହୁ ପାଇ ବଡ଼ ତୃଷା ।
ଖରାବେଳେ ଦିବସରେ ବଞ୍ଚି ବୃକ୍ଷତଳ
ସନ୍ଧ୍ୟା ସମୟେ ହୁଅନ୍ତେ ଲୋଡ଼ିଗଲା ଜଳ ।
ବହୁଦୂର ବୁଲି ବୁଲି ନ ପାଇଲା ପାଣି
ଗଗନରେ ଦେଖିଲାକ ଉଦେ ନିଶାମଣି ।
ଜଳପ୍ରାୟେ ମଣିକରି ଆଶା ବଢ଼ାଇଲା
ଚନ୍ଦ୍ରମାକୁ ଅନାଇ ଏ ବହୁଦୂର ଗଲା ।
ଅନେକ ଦୂରକୁ ଗମି ନ ପାଇଲା ନୀର
ନିରାଶ ହୋଇଣ ଏହୁ ଛାଡ଼ିଲା ଶରୀର ।
ଏହାର ପ୍ରାଣ ନାଶର ଚନ୍ଦ୍ର ହେଲା ହେତୁ
ତେଣୁକରି ଲଭିଲା ଏ ଶଶା ଅପମୃତ୍ୟୁ ।
ଏହାର ଇଚ୍ଛାରେ ଯେଣୁ ଛାଡ଼ିଣ ଶରୀର
ତେଣୁ ଏହାକୁ ଆଣିଲୁ ସଂଯମନୀପୁର ।
ଚିତ୍ରଗୁପତ ବୋଇଲେ ନାହିଁ ତୁମ୍ଭ ଦୋଷ
ଏ ଜୀବକୁ ନେଇ ଏହା ପିଣ୍ଡେ ଛାଡ଼ିଆସ ।
ଏହାକୁ ଶୀତଳ ଜଳ ଦିଅ ତୁମ୍ଭେ ଆଣି
ସୁଖରେ ଜୀବନେ ରହୁ ଶଶା ପିଣ୍ଡ ଘେନି ।
କାଳ ବିକାଳ କହିଲେ ଏହା ପିଣ୍ଡଗୋଟି
ଆମ୍ଭ ଦେଖନ୍ତେ ଭକ୍ଷିଲେ ଜମ୍ବୁଳ ଦିଓଟି ।
ଆନନ୍ଦେ ଭକ୍ଷଣ କଲେ ଏହାର ଯେ ପିଣ୍ଡ
ନଖ ଦନ୍ତ ଘାତରେ ଯେ କରି ଖଣ୍ଡ ଖଣ୍ଡ ।
ଅସ୍ଥି ଚର୍ମ ରକ୍ତ ମାଂସ କିଛି ନାହିଁ ତହିଁ
ଆତ୍ମାକୁ ନେଇ ଏହାର ଛାଡ଼ିବଇଁ କାହିଁ ।
ଶୁଣିଣ ଚିତ୍ରଗୁପତେ ବେଗେ ଗଲେ ଉଠି
ଯମ ସନ୍ନିଧକୁ ନେଲେ ଶଶା ଜୀବ ଗୋଟି ।
ପାୟେ ପଡ଼ି ଶୋଇପୁଣି ଉଠିଲେ ବହନ
ବୋଇଲେ ହେ ଜନ୍ତୁପତି ସାବଧାନେ ଶୁଣ ।
ଆଜ୍ଞା ହେଲା ଏ ଜୀବର କର୍ମ ବୁଝିବାକୁ
ବୁଝି ଅଇଲୁ ହେ ଦେବ ତୁମ୍ଭର ଛାମୁକୁ ।
ସାତ ବର୍ଷ ଆୟୁ ଥାଉଁ ଏ ଜୀବ ଅଇଲା
ଏ ଜୀବର ହତ୍ୟା କର୍ତ୍ତା ଚନ୍ଦ୍ରମା ହୋଇଲା ।
ତୃଷାର ଆରତେ ଏହୁ ଲୋଡ଼ନ୍ତେଣ ଜଳ
ଗଗନରେ ଚନ୍ଦ୍ରମାକୁ ଦେଖିଲା ଶୀତଳ ।
ନୀରପ୍ରାୟେ ମଣି ପିଇବାକୁ କରି ଆଶ
ଚନ୍ଦ୍ରମାକୁ ଚାହିଁ ଗଲା ଚତୁର୍ଦ୍ଦଶ କୋଶ ।
ନିରାଶ ହୋଇଣ ପଥେ ପଡ଼ିଲା ଶରୀର
ଜମ୍ବୁକ ଏହାର ପିଣ୍ଡ କଲାକ ଆହାର ।

Digitized by srujanika@gmail.com

ନିଶ୍ଚୟ ମଲା ଏ ଚନ୍ଦ୍ରମାଙ୍କୁ କରି ଆଶ
ତେଣୁ ତାହାକୁ ଲାଗିଲା ସିନା ହତ୍ୟା ଦୋଷ ।
ଜନ୍ତୁପତି ବୋଇଲେକ ସ୍ୱରୂପ ଏ ବାଣୀ
ଚନ୍ଦ୍ରମା ହୋଇଲେ ତେବେ ହତ୍ୟାର କାରେଣୀ ।
ଏବେ ଶୁଣ ଏ ଜୀବକୁ ଶୀଘ୍ର ଘେନିଯାଅ
ଚନ୍ଦ୍ର ଦେବତା କତିରେ ନେଇ କରି ଥୁଅ ।
ବୋଲିବ ଏ ଜୀବ ତୁମ୍ଭ ହେତୁ ଗଲା କ୍ଷୟେ
ହୃଦରେ ରହିବ ବୋଇଲେକ ଜନ୍ତୁରାୟେ ।
ତାହାଶୁଣି ଚିତ୍ରଗୁପ୍ତ ବିମାନ ଆରୋହି
ଶଶାକୁ ଘେନି ମିଳିଲେ ନିଶାକର ଯହିଁ ।
ଚନ୍ଦ୍ରମାର ପାଶେ ମିଳେ ଚିତ୍ରଗୁପ୍ତ ଘେନି
ଆପଣାର ବେନିକର ଯୋଡ଼ିଲେ ମୂର୍ଦ୍ଧନି ।
ବୋଇଲେକ ସାବଧାନେ ଶୁଣ ନିଶାକର
ତୁମ୍ଭ ଛାମୁରେ ପେଶିଲେ ମୋତେ ନାଶକର ।
ମଞ୍ଚରେ ଆଜି କୁମୁଦ ନାମେ ପର୍ବତରେ
ଏହି ଶଶା ଜୀବଗୋଟି ତୃଷା ଆରତରେ ।
ଅନେକ ଦୂର ଗମିଣ ନ ପାଇଲା ଜଳ
ଆକାଶେ ଦେଖିଲା ତୁମ୍ଭ କିରଣ ମଣ୍ଡଳ ।
ଏହି ପଶୁ ଜାତି ସିନା ଜଳ ପ୍ରାୟେ ମଣି
ଅନେକ ଦୂରକୁ ଗଲା ନ ପାଇଣ ପାଣି ।
କାଳ ହେଲ ତୁମ୍ଭେ ମୃଗତୃଷା ଜଳ ପ୍ରାୟେ
ତାଟକା ହୋଇଣ ଶଶା ପ୍ରାଣ ଭ୍ରଷ୍ଟ ହୁଏ ।
ସାତ ବରଷକୁ ଅଛି ଏହାର ଆୟୁଷ
ତୁମ୍ଭଙ୍କୁ ଆଶାକରି ଯା ପିଣ୍ଡ ଗଲା ନାଶ ।
ତୁମ୍ଭେ ମହାଦେବ ପରଂବ୍ରହ୍ମ ଯେ ପୁରୁଷ
ତୁମ୍ଭର ଆହ୍ଲାଦ ତୋଷ ହ୍ୱନ୍ତି ଚତୁର୍ଦ୍ଦଶ ।
ତୁମ୍ଭେ ବିଜୟ କରିଛ ସକଳ ପିଣ୍ଡର
ଏହାଠାରେ କାହିଁପାଇଁ ହୋଇଲ ନିଷ୍ଠୁର ।
ତୁମ୍ଭେ ଆଜ୍ଞା ଦେଇଥିଲେ ନ ପାନ୍ତା କି ଜଳ
କିମ୍ବା ଘେନିଲ ଏହାର ହତ୍ୟା ଲୋକପାଳ ।
ହତ୍ୟା ଦୋଷୀ ତୁମ୍ଭେ ହେଲ ଏହାର ଯୁକତେ
ଯମ ବୋଇଲେ ବହିବ ଯାକୁ ହୃଦଗତେ ।
ସାତ ବରଷ ତୁମ୍ଭର ଅଙ୍ଗେ ଏହୁ ଥିବ
ଆୟୁ ଶେଷ ହେଲେ ଅନ୍ୟ ଜନମ ଲଭିବ ।
ଚନ୍ଦ୍ରଦେବତା ବୋଇଲେ ଏହି କଥା ଶୁଣି
ଆମ୍ଭ ଆଗେ କହ କିମ୍ବା ଏ ଅବିଧି ବାଣୀ ।
ଜନ୍ତୁପତି ତୁମ୍ଭର କି ହରାଇଲା ଜ୍ଞାନ
ଆମ୍ଭଙ୍କୁ ଲଗାଉଅଛି ମର୍ତ୍ତ୍ୟ ପାପମାନ ।
ତୁମ୍ଭଙ୍କୁ ପେଶି ଅଛଇ ଆଡ଼ତିଆ ପଣେ
ଏ ଜୀବକୁ ଘେନିଯାଅ ନ ଥା ଏଥି କ୍ଷଣେ ।

ଶୁଣିଣ ଚିତ୍ରଗୁପତେ ଭୟ ମନେ ଘେନି
ଶଶା ପ୍ରାଣ ଘେନି ବାହୁଡ଼ିଲେ ସଞ୍ଜୀବନୀ ।
ନାଶକର ନବରରେ ଶତେ ଦ୍ୱାର ଅନ୍ତେ
ବିଚିତ୍ର ଆସନେ ଭେଟି ଶମନକୁ ଦୂତେ ।
ପାୟେ ପଡ଼ି ଶୋଇ ପୁଣି ଉଠି ଉଭାହୋଇ
ବୋଇଲେକ ସାବଧାନେ ଶୁଣିବା ଗୋସାଇଁ ।
ତୁମ୍ଭର ଆଜ୍ଞା ପ୍ରମାଣେ ଜନ୍ତୁ ଘେନିଗଲୁ
ଯାହା ଯାହା କହିଥିଲ ଚନ୍ଦ୍ରଙ୍କୁ କହିଲୁ ।
ଶୁଣି କୋପ କରି ଚନ୍ଦ୍ର କହିଲେ ଏସନ
ବୋଇଲେ ଜନ୍ତୁପତିର ନାହିଁ ପୂର୍ବଜ୍ଞାନ ।
ଜନ୍ତୁଙ୍କ ଉପରେ ସିନା ଅଟେ ଅଧିକାରୀ
ମଞ୍ଚପୁର ଲୋକମାନେ ଥିବେ ତାକୁ ଡରି ।
ଆମ୍ଭ ଦେହେ ଏହୁ କିମ୍ବା ବିହରିବ ହାଦେ
ଜନ୍ତୁ କାହିଁ ବସଇ କି ଦେବତାଙ୍କ ହୃଦେ ।
ଆମ୍ଭଙ୍କୁ ବୋଇଲେ ଆରେ ବହନ ପଳାଅ
ପ୍ରାଣେ ମରିବଟି ଏଥେ ରହିଲେ ନିଶ୍ଚୟ ।
ଏହା ଶୁଣିକରି ଆମ୍ଭେ ଅଇଲୁ ପଳାଇ
ଏଥକୁ ବିଚାରି ଆଜ୍ଞାହେଉ ହେ ଗୋସାଇଁ ।
ଶୁଣିକରି ଜନ୍ତୁପତି ଉଠିଲେ ତଡ଼ତି
ମହିଷ ପିଠିରେ ଚଢ଼ି ବିଜେ କଲେ ଧାତି ।
ମନ୍ତ୍ରୀକୁ ବୋଇଲେ ତୁମ୍ଭେ ଯାଅ ସଞ୍ଜୀବନୀ
ବ୍ରହ୍ମାଙ୍କ ଛାମୁରେ ଆମ୍ଭେ ଯିବୁ ଏହା ଘେନି ।
ଏତେ ବୋଲି ସେ ଶଶାକୁ ଘେନି ନାଶକର
ଅନ୍ତରୀକ୍ଷେ ଚଳିଗଲେ ଯଶୋବନ୍ତୀ ପୁର ।
କୁଶବତୀ ନଗରରେ ସହସ୍ରେ ଦ୍ୱାର ଜିଣି
ଭାଗ୍ୟବନ୍ତୀ ଆସ୍ଥାନରେ ଭେଟି କୁଶପାଣି ।
ଋଷିବୃନ୍ଦଙ୍କ ମେଳରେ ଶୋଭେ ପୁଣ୍ୟଗୋଷ୍ଠୀ
ମଧ୍ୟ ସିଂହାସନରେ ଯେ ବିଜେ ପରମେଷ୍ଠୀ ।
ଏମନ୍ତ ସମୟେ ଯାଇ ଜନ୍ତୁଙ୍କ ନିଧନ
ଆସ୍ଥାନର ତଳେ ମିଳି କଲା ଦରଶନ ।
ନିଉଛାଳି କରି ଯମ ପାୟେ ପଡ଼ି ଶୋଇ
ପଛଘୁଞ୍ଚା ଦେଇ ଶିରେ କରଯୋଡ଼ି ରହି ।
ଆଦିତ୍ୟସୁତର ଧାତା ଦେଖିଣ ଭକତି
ଆସ ଆସ ବୋଲି ଡାକିଦେଲେ ବେଦପତି ।
ଆଜ୍ଞା ପାଇକରି ଯମ ଆସ୍ଥାନରୁ ଉଠି
ବ୍ରହ୍ମାଙ୍କର ଶ୍ରୀପୟରେ ମୁର୍ଦ୍ଧାଦେଇ ଲୋଟି ।
ସେହି ଶଶା ଜୀବଗୋଟି ଯମ ସଙ୍ଗେ ଥିଲା
ବ୍ରହ୍ମାଙ୍କର ମୁଖ ଚାହିଁ ନିସ୍ତାର ପାଇଲା ।
ବହୁକୋଟି ଜନମର ଖଣ୍ଡି ମହାପାପ
ବୃନ୍ଦାରକ ପ୍ରାୟେ ଶୋଭା ଦିଶିଲା ତା ରୂପ ।

Digitized by srujanika@gmail.com

ଜନ୍ତୁପତି ପିତାମହ ପୟରେ ପଡ଼ିଛି
ଧାତା ଆଜ୍ଞା ଦେଲେ ଉଠ ଆହେ ସଂଜ୍ଞା ବସି ।
ଧାତା ଆଜ୍ଞା ପାଇ ବେଗେ ଉଠି ନାଶକର
ଉଭାହୋଇ କହଇ ସେ ଯୋଡ଼ି ବେନିକର ।
ଭୋ ପିତାମହ ତୁମ୍ଭେ ତ ଜଗତ କରତା
ଅନନ୍ତ କୋଟି ବ୍ରହ୍ମାଣ୍ଡ ସର୍ଜିଛ ହେ ଧାତା ।
ସକଳ କର୍ମରେ ତୁମ୍ଭେ ଅଟ ଯେ କାରଣ
ଦେବ ବାକ୍ୟ ମତେ କର ସକଳ ପ୍ରମାଣ ।
ଜଗତର ପ୍ରାଣୀଙ୍କର ତୁମ୍ଭେ କର୍ମକର୍ତ୍ତା
ଭଲ ମନ୍ଦ ଶୁଭାଶୁଭ ବିଧାନ କରତା ।
ସକଳ ଦେବତାଙ୍କର ଅଟ ଇଷ୍ଟ ଗୁରୁ
ତୁମ୍ଭ ଆଶ୍ରାକଲା ପ୍ରାଣୀ ତରନ୍ତି ଦୁସ୍ତରୁ ।
ସୃଷ୍ଟି ଅଧିକାରୀ ତୁମ୍ଭେ କର୍ମ ଅଧିପତି
ତୁମ୍ଭର କୁଶଳ ରାଜ୍ୟେ ହୋଇଲା ଅନୀତି ।
ବ୍ରହ୍ମା ଆଜ୍ଞା ଦେଲେ କହି ହେଲା କି ଅନ୍ୟାୟ
ଜନ୍ତୁପତି ବୋଇଲେ ଶୁଣନ୍ତୁ ପିତାମହ ।
ତୁମ୍ଭେ ସିନା ନିଜ ହସ୍ତେ ଗଢ଼ି ମୋତେ ଦେଲ
ଜଗତର ପାପପୁଣ୍ୟ ବୁଝିବୁ ବୋଇଲ ।
ତୁମ୍ଭ ଆଜ୍ଞା ପ୍ରମାଣେ ମୁଁ ବୁଝିଲି ସକଳ
ଏତେ ଦିନ ଯାଏ ଯେ ନଥିଲା ଖଳବଳ ।
ଗତକାଲି ରଜନୀର ଅର୍ଦ୍ଧ ସମୟରେ
ଶଶା ଜୀବଗୋଟି ଥିଲା ମଞ୍ଚ ମଣ୍ଡଳରେ ।
କୁମୁଦ ପର୍ବତେ ବସା କରିଥାଏ ଶଶା
ଘୋର ଗ୍ରୀଷମ ଋତୁରେ ପାଇ ମହାତୃଷା ।
ଚଉକତି ଲୋଡ଼ି କାହିଁ ନ ପାଇଲା ପାଣି
ଗଗନେ ଦେଖିଲା ଉଇଁଆସେ ନିଶାମଣି ।
ପଶୁଜନ୍ତୁ ସିନା ତାକୁ ଜଳପ୍ରାୟ ମଣି
ଚନ୍ଦ୍ରମାକୁ ଚାହିଁକରି ଧାଇଁଲା ଧରଣୀ ।
ଆଶା ବଢ଼ଇ ଚଉଦ କୋଶଯାଏ ଗଲା
ତୃଷା ଶାନ୍ତି ନୋହିବାରୁ ଜୀବନ ଛାଡ଼ିଲା ।
ସାତ ବରଷକୁ ଥିଲା ଆୟୁଷ ଏହାର
ଚନ୍ଦ୍ରକୁ ଆଶା କରିଣ ଛାଡ଼ିଲା ଶରୀର ।
ଧର୍ମ ପୁରାଣମାନ ମୁଁ ବୁଝନ୍ତେ ସ୍ୱରୂପ
ଚନ୍ଦ୍ରଦେବଙ୍କୁ ଲାଗିଲା ଏହା ମହାପାପ ।
ସେହି ମହାଦେବ ଯେଣୁ ଜନହିତକାରୀ
ନ ପାରିଲେ କିମ୍ବା ଜନ୍ତୁ ଆଶା ପୂର୍ଣ୍ଣକରି ।
ତାହାଙ୍କୁ ଲାଗିଲା ତେଣୁକରି ହତ୍ୟା ଦୋଷ
ମନ୍ତ୍ରୀକୁ ମୋର ପେଶିଲି ମୁହିଁ ତାଙ୍କ ପାଶ ।
ବୋଇଲି ଏହି ଜୀବକୁ ବେଗେ ଘେନିଯିବ
ଚନ୍ଦ୍ରଦେବଙ୍କର ଆଗେ ଏକଥା କହିବ ।

ବୋଲିବ ଜନ୍ତୁ ତୁମ୍ଭଙ୍କୁ ଆଶ୍ରାକରି ମଲା
ସାତ ବରଷକୁ ଆୟୁ ଏହାର ଯେ ଥିଲା ।
ଏ ସାତ ବରଷ ତୁମ୍ଭେ ଅଙ୍ଗରେ ଧରିବ
ତୃଷା ପୂର୍ଣ୍ଣ ହୋଇଲେ ଏ ଜନମ ଲଭିବ ।
ଏତେ ବୋଲି କରି ମୁହିଁ ପେଶିଲି ମନ୍ତ୍ରୀକି
ଏ ଜୀବନ ଘେନି ଗଲେ ଯେ ତାଙ୍କ କତିକି ।
ସ୍ୱରୂପ କଥା କହିଲେ ତାହାଙ୍କର ଆଗ
ଶୁଣିକରି ନିଶାପତି ବୁଝିଲେ ବିରାଗ ।
ବୋଇଲେ ତୁମ୍ଭ ଯମ କି ହରାଇଲେ ଜ୍ଞାନ
ଦେବତାଙ୍କୁ କେଉଁଠାରେ ଲାଗେ ପାପପୁଣ୍ୟ ।
ମନ୍ତ୍ରୀକି ବୋଇଲା ଆରେ ପଳାଅ ବହନେ
ପ୍ରାଣେ ମରିବଟି ନ ଥା ମୋର ସନ୍ନିଧାନେ ।
ଶୁଣିଣ ମନ୍ତ୍ରୀ ମୋହର ଅଇଲା ପଳାଇ
ଆଜ ମୁହିଁ କେଉଁ କଥା ବୁଝିବି ଗୋସାଇଁ ।
ଦେବତାଙ୍କ ଠାରେ ଯେବେ ନ ଗଲା ମୋ ବୋଲ
ଆଉ କେଉଁ କଥା କହ ହେବ ମୋର ଭଲ ।
ଲୋକମାନେ ଆଉ କିମ୍ବା ପାପକୁ ଡରିବେ
ବଳେ ଦର୍ପପଣ ବହି ସମସ୍ତେ ମରିବେ ।
ନ ପାଳିବେ ସୃଷ୍ଟି ଆତଯାତ ନ ହୋଇବ ।
କେମନ୍ତ ପ୍ରକାରେ ଏହି ଜଗତ ରହିବ
ତୁମ୍ଭେ ଯେବେ ଏ କଥାକୁ ନ ବୁଝିବ ଆଜ ।
ଜନ୍ତୁପତି ପଣେ ଆଉ ନାହିଁ ମୋର କାର୍ଯ୍ୟ ।
ଏତେ ବୋଲିକରି ଯମ ପାଦେ ପଡ଼ି ଶୋଇ
ଉଠ ଉଠ ବୋଇଲେକ ସେ ସାବିତ୍ରୀ ସାଇଁ ।
କିମ୍ବା ତୋ ପଣ ଛାଡ଼ିବୁ ଆରେ ଜନ୍ତୁରାୟ
ସକଳ ଲୋକ କରିବେ ଆଜ୍ଞୁଁ ତୋତେ ଭୟ ।
ଦେବ ଦଇତ୍ୟ ମାନବ ଆଦିକରି ଯେତେ
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସହିତେ ।
ଲୋକ ଶରୀରେ ବସଇ ଯେତେ ପୁଣ୍ୟ ପାପ
ଯାବତ ଆତ୍ମା ବହଇ ଯେତେ ଅଛି ରୂପ ।
କାଳ ସମାପତେ ଯେହୁ ହୁଅନ୍ତି ଅନ୍ତର
ମନ ଚଇତନ୍ୟ ବହେ ଯେତେକ ଶରୀର ।
ପାପ ପୁଣ୍ୟ ବୋଲିକରି ଅଛି ଯାର ଜ୍ଞାନ
ଏତେକ ଉପରେ ଅଟୁ ତୁହି ଯେ ରାଜନ ।
ଚନ୍ଦ୍ର ଦେବତା ଗର୍ବରେ ନ ମାନନ୍ତି ତୋତେ
ଦେବତା ବୋଲି ବଡ଼ିମା କରିଲା ଯୁକତେ ।
ଧର୍ମ ଅଧର୍ମକୁ ସିନା ଦେବେ ବଡ଼ପଣ
ପାପକୁ ଡରିବା ଜନ୍ତୁ ଅଟଇ ସମାନ ।
ତୋତେ କହୁଅଛି ପୁଣ ଆବର କଥାଏ
ଚଣ୍ଡାଳ ଜନ ହୋଇଲେ ନ କରିବୁ ଭୟେ ।

Digitized by srujanika@gmail.com

ତାହାଙ୍କୁ ଦେଖିବୁ ତୁହି ଆମ୍ଭର ସମାନ
ସାନ ଲୋକ ବୋଲି ମନେ ନ କରିବୁ ଆନ ।
ଦେବତା ହୋଇଣ ଯେବେ କରିବ ଅନୀତି
ବିହିବୁ ଦଣ୍ଡ ତାହାଙ୍କୁ ନ କରିବୁ ଭୀତି ।
ଯାହା କହିଲୁ ଏ ସବୁ ସଂସାର ବାରତା
ଚନ୍ଦ୍ରଦେବଙ୍କୁ ଲାଗିବ ଏହାର ଯେ ହତ୍ୟା ।
ତୋହର ବଚନ ଯେବେ ଅବଜ୍ଞା ସେ କଲା
ପାପକୁ ନ ଡରି ବଡ଼ିମାକୁ ଦେଖାଇଲା ।
ଆମ୍ଭର ବୋଲକୁ ଏବେ ପାରିବକି ମେଣ୍ଟି
ଯାଅ ତୁ ବେଗହୋଇ ରେ ଶଶା ଜୀବଗୋଟି ।
ଚନ୍ଦ୍ରମା ହୃଦୟରେ ଯେ ବସିବୁ ତୁ ମାଡ଼ି
କାନ୍ଥରେ ପ୍ରତିମା ଥାଇ ଯେସନେକ ଜଡ଼ି ।
ସାତ ବରଷକୁ ସିନା ନାସ୍ତି କଲା ସେହି
ଧର୍ମ କଥାକୁ ଅନ୍ୟାୟ କହିଲା ନ ବହି ।
ତେଣୁ ତୁ ବସିବୁ ତାର ଦେହେ ସବୁଦିନେ
ଯାବତ ଚନ୍ଦ୍ର ଉଦୟ ହୋଇବ ଗଗନେ ।
ତାହାର ଚନ୍ଦ୍ରମା ପଣ ଯେତେକାଳ ଥିବ
ତେତେକାଳୁ ତୋତେ ସେହୁ ଛାଡ଼ି ନ ପାରିବ ।
ଯମକୁ ଚାହିଁ ବୋଲନ୍ତି ପୁଣି ପଦ୍ମଯୋନି
ଯାଅ ଆହେ ନାଶକର ପୁର ସଞ୍ଜୀବନୀ ।
ପୂର୍ବ ପ୍ରକାରେ ସଂସାର ତୁହି ପାଳୁଥିବୁ
ଅନୀତି ଆଚାର କଥା କେବେ ନ କରିବୁ ।
ଏତେ ବୋଲି ସ୍ୱହସ୍ତରେ ତାକୁ ଦେଲେ ଶାଢ଼ି
ସଞ୍ଜୀବନୀ ପୁରକୁ ସେ ଗଲାକ ବାହୁଡ଼ି ।
ସ୍ୱପୁରେ ପ୍ରବେଶି ଯମ ରହିଲେ ନିଶ୍ଚିନ୍ତେ
ଏଥୁ ଅନନ୍ତରେ ଶୁଣ ରାଜନ ସୁଚିତ୍ତେ ।
ଶଶା ଜୀବ ଗୋଟି ତହୁଁ ବ୍ରହ୍ମାଙ୍କ ଆଜ୍ଞାରେ
ଚନ୍ଦ୍ରମା ପାଶକୁ ଧାଇଁଗଲା ଅତି ଖରେ ।
ବିଧାତା ଆଜ୍ଞାରେ ହେଲା ଅତି ଉଗ୍ରତେଜ
ଗଗନେ ବିକ୍ରମେ ଯେହ୍ନେ ସିଂହର ତନୁଜ ।
ଇନ୍ଦ୍ରର ଆଜ୍ଞାରେ ଯେହ୍ନେ ଚଳେ ମେଘମାଳ
ବିଧାତା ଆଜ୍ଞାରେ ଶଶା ତେଜ ଅନର୍ଗଳ ।
ପବନହୁଁ ବେଗ ବେଗ ଗଲା ମହାତମା
ମେରୁ ବଇକୁଣ୍ଠେ ଯାଇ ଭେଟିଲା ଚନ୍ଦ୍ରମା ।
ବ୍ରହ୍ମାର ଆଜ୍ଞାରେ ଭୟ ନାହିଁ ତା ଅନ୍ତରେ
ଚନ୍ଦ୍ର ହୃଦରେ ବସିଲା ଇଚ୍ଛା ଅନୁସାରେ ।
କିଛି ନ ବୋଇଲେ ଚନ୍ଦ୍ର ଦେବତା ତାହାକୁ
ମାନସରେ ଭୟ କଲେ ବିଧାତା ଆଜ୍ଞାକୁ ।
ବିଚାର କଲେ ଏଥିରେ ନାହିଁ ଆଉ କଥା
ଧାତା ଯେ ଲେଖିଲା କେ ତା କରିବ ଅନ୍ୟଥା ।
କିଏ ସେ ଆନ କରିବ ଦଇବ ଲିଖନ
ଚନ୍ଦ୍ର ତେଣୁ ବହିଲେ ସେ ଶଶକର ଚିହ୍ନ ।
ଶଶା ଯେ ରହିଲା ଧରି ଚନ୍ଦ୍ରମାର ଅଙ୍ଗ
ତେଣୁକରି ଚନ୍ଦ୍ରମାକୁ ବୋଲନ୍ତି ଶଶାଙ୍କ ।
ଆଶା ପାତକ ଅଟଇ ଏଶାସ୍ତ୍ର ସଙ୍ଗତି
ଶଶୀ ନାମଗୋଟି ବହିଗଲେ ନିଶାପତି ।
ଶୁଣ ହେ ସୁରଥ ରାଜା ବିଷ୍ଣୁର ବଚନ
ଯାହା ସେହି ପ୍ରଜାପତି କରିଛି ସ୍ଥାପନ ।
ପାପ ପୁଣ୍ୟ ବୋଲି ଯାହା କହିଅଛି ବିଧି
ମେଣ୍ଟି ନ ପାରିବେ ଦେବ ସିଦ୍ଧ ନର ଆଦି ।
ଚନ୍ଦ୍ରକୁ ଆଶା କରିଣ ଶଶା ନାଶଗଲା
କାଳେ ନିଶାପତିଙ୍କି ସେ କଳଙ୍କ ହୋଇଲା ।
କଲା କର୍ମ ହାଦେ ଦେବ ଲୋକଙ୍କୁ ଫଳଇ
ଯାହା ସେ ଧର୍ମଶାସ୍ତ୍ରରେ କହିଅଛି ବିହି ।
କାହାର ବୋଲେ କି ଆନ ହୋଇବ ସେ ଗିର
ତୋତେ ଆଶାକରି ମଲା ରାଣୀ ଯେ ତୋହର ।
ତାହାର ହତ୍ୟାରେ ତୁହି କାରେଣୀ ହୋଇଲୁ
ତହିଁରେ ଯେ ହତ୍ୟାଦୋଷ ନିଶ୍ଚୟ ପାଇଲୁ ।
ପୁଚ୍ଛାକଲୁ ଯାହା ପୂର୍ବ ଶାସ୍ତ୍ର ବିଧି କଥା
ଶୁଣିଲୁ ତ ଏବେ ସୋମଶାସ୍ତ୍ରେ ଅଛି ଯଥା ।
ଶୁଣି ସୁରଥ ରାଜାର କମ୍ପଇ ଶରୀର
ବାତଘାତେ ଯେହ୍ନେ ଦୋହଲଇ ତରୁବର ।
ସେହି ସଦୃଶ ହୋଇଲା ସୁରଥ ନୃପତି
ଦେହ କମ୍ପୁଛି ପାପକୁ କରି ମହାଭୀତି ।
ମନେ ବିଚାରଇ ନିଶ୍ଚେ ମୁହିଁ ନାଶ ଗଲି
ଗୋହତ୍ୟା ନ ସରୁ ସ୍ତିରୀହତ୍ୟା ପାପ କଲି ।
ଆଉ କେଉଁପରି ମୁହିଁ ପାଇବି ସ୍ୱର୍ଗତି
ଏତେ ବୋଲି ଭାଳଇ ସେ ସୁରଥ ନୃପତି ।
ନୃପତିର ମନକଥା ଜାଣି ବ୍ରହ୍ମଋଷି
କୋମଳ ବାକ୍ୟେ ତାହାକୁ କହନ୍ତି ଆଶ୍ୱାସି ।
ମାରକଣ୍ଡ କହନ୍ତି ତୁ ଶୁଣ ହେ ନୃପତି
ମହାପାପ ବୋଲି ମନେ ନ କର ତୁ ଭୀତି ।
ଆମ୍ଭଙ୍କୁ ଆଶ୍ରୟ କରିଅଛୁ ରାଜା ତୁହି
କରିବା ଦୁଃସହ ପାପୁଁ ଆମ୍ଭେ ତୋତେ ତ୍ରାହି ।
ସୁରଥ ବୋଇଲା ଦେବ ତୁ ପରମ ଗୁରୁ
ତୁମ୍ଭର ପ୍ରସାଦେ ମୁହିଁ ତରିବି ଦୋଷରୁ ।
ନଉକା ଉପରେ ବସି ତୃଷାର କି ଡର
ଅଗ୍ନି ଆଶ୍ରେକରି କିମ୍ବା ଶୀତରେ କାତର ।
ଅଳକାବାସୀ ହୋଇ କି ଦରିଦ୍ରର ବାଧା
ସୁଧର୍ମା ଆଶ୍ରୟ କରି କିସ ଆଉ ଦକା ।

Digitized by srujanika@gmail.com

ଆଶାଭଗ୍ନ ହେତୁ ଚନ୍ଦ୍ରମାର ଦେହେ ଚିହ୍ନ
ମହାଦେବ ଦାସ ଏହା କରିଲେ ରଚନ ।

-x-

ସ୍ତ୍ରୀ ହତ୍ୟା ବୃତ୍ତାନ୍ତ

ମାର୍କଣ୍ଡ ବୋଇଲେ ଶୁଣ ସୁରଥ ନୃପତି
ପୂର୍ବେ ସ୍ତିରୀ ହତ୍ୟା କଲା ଅମର ନୃପତି ।
ତାହାର ଚରିତ ଏବେ ଶୁଣ ମନ ଦେଇ
ସତ୍ୟଯୁଗରେ ଶୋଚନା ନାମେ ନରସାଇଁ ।
କାଞ୍ଚନ ଦେଶର ସେହୁ ଅଟେ ମହାରାଜା
ତପଶୋଭା ନାମେ ଥିଲା ତାହାର ଭାରିଯା ।
ଦୁହିତା ଗୋଟିଏ ହେଲା ତା ଗର୍ଭରୁ ଜନ୍ମ
ରୂପରେ କି ପଟାନ୍ତର ରମ୍ଭାର ସମାନ ।
ଅପୂର୍ବ ସୁନ୍ଦର ରୂପ ସେ କନ୍ୟାର ଦେଖି
ନରପତି ତାର ନାମ ଦେଲେ ବିଧୁମୁଖୀ ।
ସେ ଶୋଚନା ନରସାଇଁ ମନେ ବିଚାରଇ
ଏ କନ୍ୟାକୁ ବର ମୁହିଁ ପାଇବଇଁ କାହିଁ ।
ରୂପ ଗୁଣେ କନ୍ୟା ପାର୍ବତୀଙ୍କୁ ପଟାନ୍ତର
ମଞ୍ଚର ମାନବ କାହିଁ ହେବ ଅବା ବର ।
ଇନ୍ଦ୍ରଙ୍କୁ ଏହାକୁ ଦେବି ସଂକଳ୍ପ କରିଲା ।
ଅନେକ ବର ଲାଗିଲା ସବୁ ନାସ୍ତି କଲା ।
ଏମନ୍ତ କନ୍ୟାର ନବ ବରଷ ପୂରିଲା
ବୟସ ଲାଗନ୍ତେ ବାଳୀ ଯୁବତୀ ହୋଇଲା ।
ରାଜା ଆଗେ ରାଣୀ ତାର କହଇ ବାରତା
ଋତୁମତୀ ହୋଇଲାଣି ତୁମ୍ଭର ଦୁହିତା ।
ଯୁବତୀ କନ୍ୟାକୁ ଘରେ ନ ରଖି ଯୋଗାଇ
ବିଭାଦିଅ ଏ କନ୍ୟାକୁ ଭଲ ଘରେ ନେଇ ।
ରାଜା ଶୁଣି ବୋଇଲା ମୁଁ ବର କରିଅଛି
ଅଳ୍ପଦିନ ଥାଉ ଥାଉ ମନୁ ସବୁ ମୂର୍ଚ୍ଛି ।
ଏତେ ବୋଲି କରି ରାଏ ବସିଲା ଏକାନ୍ତେ
ଭାଳଇ ସେ ପଞ୍ଚମନେ ଦୁହିତା ନିମନ୍ତେ ।
ବିଚାରେ ଏ ଝିଅକୁ ମୁଁ ଇନ୍ଦ୍ରକୁ ଦେବଇଁ
ସଙ୍କଳପ କରି ସତ୍ୟ କରିଅଛି ମୁହିଁ ।
ବିଚାରୁ ବିଚାରୁ ଝିଅ ହେଲା ଆସି ଯୁବା
କେମନ୍ତେ ଏଇ ବାରତା ପାଇବେ ମଘବା ।
ଇନ୍ଦ୍ର ଭୁବନକୁ ପେଶିବାକୁ କାହିଁ ଦୂତ
ମଞ୍ଚପୁରେ ଏଡ଼େ ଭଳି କେ ହେବ ସମର୍ଥ ।
ଏମନ୍ତେ ବିଚାରି ମନେ ଭାଳେ ଦଣ୍ଡଧାରୀ
ମିଳିଲେ ନାରଦ ମୁନି ହସ୍ତେ ବୀଣା ଧରି ।
ଋଷିଙ୍କି ଦେଖି ନୃପତି ହେଲା ପ୍ରଣମିତ
ତାହାଙ୍କୁ କଲ୍ୟାଣ ବାଞ୍ଛା କଲେ ବ୍ରହ୍ମାସୁତ ।

ନୃପତି ବୋଇଲେ ମୁନି କ୍ଷଣେ ରହକିନା
ତୁମ୍ଭ ଛାମୁରେ କହିବା ମୋହରି ବେଦନା ।
ମୁନି ବୋଇଲେ ହେ ରାଜା କି କହିବୁ କହ
ନୃପତି ବୋଇଲେ ମୋତେ ପଡ଼ିଲା ସନ୍ଦେହ ।
ଦୁହିତା ଗୋଟିଏ ହେଲା ମୋର ବୀର୍ଯ୍ୟେ ଜନ୍ମ
ରୂପ ଗୁଣେ ସୁନ୍ଦରୀ ସେ ପାର୍ବତୀ ସମାନ ।
ତାହାର ସଦୃଶ କାହିଁ ନ ପାଇଲି ବର
ଇନ୍ଦ୍ରକୁ ଦେବଇଁ ବୋଲି କରିଛି ବିଚାର ।
ଯାହା କଳ୍ପିଅଛି ମନେ ନୋହିବ ତା ଆନ
ଧର୍ମହାନି ହେବ ତାହା ଆନେ କଲେ ଦାନ ।
ସତ୍ୟକରି କେହ୍ନେ ଦେବି ଆନକୁ ମୁଁ ବିଭା
ଦ୍ୱାଦଶ ବର୍ଷରେ କନ୍ୟା ହେଲା ନବଯୁବା ।
କେମନ୍ତେ ବାରତା ପାଇବେକ ଶଚୀସାଇଁ
ସ୍ୱର୍ଗପୁରେ ଯିବାକୁତ ମୋର ଦୂତ ନାହିଁ ।
ମୁହିଁ ସ୍ୱର୍ଗ ଭୁବନକୁ ପାରଇ କି ଯାଇ
ଦୁହିତା ଯାଚି ଦେଲେ ଯେ ଗରବ ତୁଟଇ ।
ବିଭା ସମ୍ବାଦେ ମଧ୍ୟସ୍ଥ କେହି ଜଣେ ଥିଲେ
ବିଶୁଦ୍ଧ ହୁଅଇ ଦୁହିଙ୍କର କୁଳ ଭଲେ ।
ମୁଁ ଏବେ ତୁମ୍ଭ ଚରଣେ କରଇ ଦୟିନୀ
ଇନ୍ଦ୍ରର ଛାମୁକୁ ଯିବ ମୋ ବାରତା ଘେନି ।
କହିବ ଯେ ମଞ୍ଚପୁରେ ଶୋଚନା ନୃପତି
ବିଧୁମୁଖୀ ନାମେ କନ୍ୟା ତାର ରୂପବତୀ ।
କନ୍ୟା ରୂପଗୁଣେ ତୁଲ୍ୟ ସ୍ୱର୍ଗ ବାରଙ୍ଗନା
ତୁମ୍ଭଙ୍କୁ ଦେବ ଦେବତା କରିଛି କଳ୍ପନା ।
ତେବେ ସେ ରାଜାର ତୁମ୍ଭେ ଘେନିବ ଭକତି
ତୁମ୍ଭଙ୍କୁ ବିଭା କରିବ ଆହେ ଶଚୀପତି ।
ତୁମ୍ଭେ ନାସ୍ତି କଲେ ତାକୁ ନ ଦେବ ପରକୁ
କନ୍ୟା ନାଶ ଗଲେ ହତ୍ୟା ଲାଗିବ ତୁମ୍ଭଙ୍କୁ ।
ଇନ୍ଦ୍ରକୁ କହିବ ସବୁ ଏମନ୍ତ ଯେ ଯାଇ
ଲେଉଟି ବାରତା ମୋତେ କହିବ ଗୋସାଇଁ ।
ନାରଦ ବୋଇଲେ ଏ କି ଅପୂରୁବ କଥା
ଅସଂଖ୍ୟ ସଂକଳ୍ପ କରିଅଛୁ ମହାରଥା ।
ବନ୍ୟଜନ୍ତୁ ହୋଇ କରୁ ଜଗତୀକି ବାଞ୍ଛା
ମାନବ ହୋଇ ଯିବାକୁ କରୁ ସ୍ୱର୍ଗ ଇଚ୍ଛା ।
ମାନବ ବଧୂକୁ ଇନ୍ଦ୍ର ମଗିବ କି ନାହିଁ
ଏକଥା ମୁଁ ବୁଝି ତୋର ଆଗେ କହିବଇଁ ।
ଏତେ ବୋଲି ମୁନିବର ଗଲେ ଅନ୍ତର୍ଦ୍ଧାନେ
ପ୍ରବେଶ ହୋଇଲେ ଯାଇ ଅମର ଆସ୍ଥାନେ ।
ସୁଧର୍ମା ସଭାରେ ଛନ୍ତି ସର୍ବ ଦିଗପାଳ
ଆସ୍ଥାନରେ ବିଜେ କରିଅଛି ଆଖଣ୍ଡଳ ।

Digitized by srujanika@gmail.com

ଏମନ୍ତେ ମିଳିଲେ ଯାଇ ନାରଦ ମହର୍ଷି
ଗୌରବ ପାଇଣ ମୁନି ଇନ୍ଦ୍ର ପାଶେ ବସି ।
ଇନ୍ଦ୍ର ତହିଁ ପୁଚ୍ଛାକଲେ ନାରଦଙ୍କୁ ଚାହିଁ
କହ ଦେବରଷି ଥିଲ ତୁମ୍ଭେ କେଉଁଠାଇଁ ।
ନାରଦ ବୋଇଲେ ଆମ୍ଭେ ମଞ୍ଚପୁରେ ଥିଲୁ
କାଞ୍ଚନ ଦେଶରେ ଆମ୍ଭେ ଯାଇଣ ମିଳିଲୁ ।
ଶୋଚନା ନାମରେ ଅଛି ତହିଁ ନରପତି
ତାର କନ୍ୟା ବିଧୁମୁଖୀ ଅତି ରୂପବତୀ ।
ସେ କନ୍ୟା ରୂପକୁ ଶଚୀ ନୋହିବେକି ସରି
ନାହିଁ ପଟାନ୍ତର ତିନି ଭୁବନେ ସୁନ୍ଦରୀ ।
ସେ କନ୍ୟାର ରୂପଗୁଣ ଦେଖି ନରସାଇଁ
ଇନ୍ଦ୍ରକୁ ଦେବଇଁ ବୋଲି ମନରେ କଳ୍ପଇ ।
ନବଯୁବା ବୟସୀ ତ ହୋଇଛି ସୁନ୍ଦରୀ
ତୁମ୍ଭର ନିମନ୍ତେ ରଖିଅଛି ଯତ୍ନକରି ।
ଆମ୍ଭର ଆଗେ ବହୁତ ହୋଇଲା ବିନୟୀ
ବୋଇଲା ତୁମ୍ଭ ଛାମୁରେ କହିବାର ପାଇଁ ।
ଦୁହିତା ଗୋଟି ତାହାକୁ ଦାସୀ ପଣେ ଦେବି
ସେ ଯେ ମହାପ୍ରଭୁ ମୁହିଁ ଶରଣ ପଶିବି ।
ସତ୍ୟ କରିଅଛି ତାହା ନ ଦିଅଇ ଆନେ
ଜାଣନ୍ତି ତାହାର ଭଲମନ୍ଦ ମଘବାନେ ।
ଏମନ୍ତ ବୋଲି କହିଲା ମୋତେ ଦଣ୍ଡଧାରୀ
ଏଥକୁ ବିଚାରି ଆଜ୍ଞା ଦିଅ ଜମ୍ଭଅରି ।
ଶୁଣି ସୁରପତି ତହୁଁ ବୋଇଲାକ ହସି
କି ବାରତା ଆସି କହ ଆହେ ଦେବରଷି ।
ନିଲକ୍ଷଣୀ ମାନୁଷୀ ସେ ଛାର ହୀନଜନ୍ମ
ଆମ୍ଭ ଅଙ୍ଗ ଛୁଇଁବାକୁ ହେବ କି ଭାଜନ ।
ସେ ରାଜା ଅଳପ ଲୋକ ଅଟଇ ଯୁକତେ
ତୁମ୍ଭେ ପୁଣି ତା ବାରତା ଆଣିଲ କେମନ୍ତେ ।
ଆମ୍ଭେ ସାମାନ୍ୟ ତୁମ୍ଭଙ୍କୁ ଦିଶିଲୁ ହେ ମୁନି
ନୋହିଲେ ସଭାରେ କହ ଏକଥା କି ଆଣି ।
ତୁମ୍ଭର ଯଦ୍ୟପି ଜ୍ଞାନ ଥାନ୍ତା ତପୋବନ୍ତ
ମାନବୀ କଥା ମୋ ଆଗେ କହନ୍ତ କେମନ୍ତ ।
ବଡ଼ଲୋକ ହୋଇକରି ହୀନକଥା କହୁ
ବ୍ରହ୍ମାର ପୁଅତ ତୋତେ କି ବୋଲିବି ଆଉ ।
ଶୁଣିଣ ଦେବର୍ଷି ମନେ ପାଇ ବହୁ ଲାଜ
ସମସ୍ୟା ନ ଦେଇ କିଛି ବ୍ରହ୍ମାର ଆତ୍ମଜ ।
ବିଚାର କରନ୍ତି ମନେ ମନେ ମହାଯତି
ଆମ୍ଭଙ୍କୁ ଯେ ଉପହାସ କଲ ସୁରପତି ।
ଜାଣିବା ସୁରପତିର ଏ ବଡ଼ିମା କଥା
ବିଚାରିଲେ ଦେଇପାରେ ଅନେକ ଅବସ୍ଥା ।

ଏତେ ବୋଲି ମୁନି ଗଲେ ମର୍ତ୍ତ୍ୟପୁରେ ବେଗେ
ମନ ବିରସେ ରାଜାକୁ କହିଲେକ ଆଗେ ।
ବୋଇଲେ ଆହେ ନୃପତି ତୋର କଥା ଘେନି
ସୁଧର୍ମା ସଭାରେ ଆମ୍ଭେ ହେଲୁ ମାନହାନି ।
ଯେବଣ କଥା କହିଲୁ ତୁ ଆମ୍ଭର ଆଗ
ତାହା ଶୁଣି ସୁରପତି ପାଇଲା ବୈରାଗ୍ୟ ।
ବୋଇଲା ସେ ଦେବ ମାନବର କାହିଁ ମେଳା
ନ କହ ଆଉ ସେ କଥା ଶୀଘ୍ର ହୋଇ ପଳା ।
କେବେହେଁ ତା ସନମତ ନ କଲା ସୁରେଶ
ତୋହର ଦୁହିତା ଏବେ ଗଲା ଜାଣ ନାଶ ।
ତୋହର ଯୋଗୁଁ ପାଇଲୁ ଆମ୍ଭେ ବଡ଼ ଲଜ୍ଜା
ମାନହାନିର କାରଣ ହୋଇଲୁ ହୋ ରାଜା ।
ଯାହା ତୋହର ଇଚ୍ଛା ତା କର ନରସାଇଁ
ଏତେ ବୋଲି ମୁନି ଗଲେ ଅନ୍ତର୍ଦ୍ଧାନ ହୋଇ ।
ଇନ୍ଦ୍ର ନିରାଶ ବଚନ ଶୁଣି ନରପତି
ବିସ୍ମିତ ହୋଇ ବସିଣ ଭାଳେ ନିଜ ମତି ।
ମନେ ବିଚାରଇ ମୁହିଁ ନିଶ୍ଚେ ନାଶ ଗଲି
ଆଖି ବୁଜି ଯାଉ ଯାଉ ପଥ ହରାଇଲି ।
ମୂର୍ଖ ପଣେ ଦୁହିତାକୁ କଲି ଏବେ ନାଶ
ଗଗନ ଚନ୍ଦ୍ରକୁ ମୁହିଁ ବଢ଼ାଇଲି ଆଶ ।
ଆନକୁ କରିବି ବିଭା ଯେବେ ମୁଁ ନନ୍ଦିନୀ
ନିଶ୍ଚୟ ଜାଣ ମୋହର ହେବ ଧର୍ମହାନି ।
ସତ୍ୟ ନ ପାଳିଲେ ନାହିଁ ପ୍ରାଣୀକୁ ସୁଗତି
ଏତେକ ବିଚାରି ମନେ ରହିଲା ନୃପତି ।
ଶରବିନ୍ଦୁମୁଖୀ ଏଣେ ନବଯୁବା ହୋଇ
ଅନ୍ତଃପୁରେ ରହିଲା ସେ କାମ ବାଧା ପାଇ ।
ନିତି ନିତି ରାଣୀ ତାହା ଜଣାଏ ରାଜାଙ୍କୁ
ଦୁହିତା ଗୋଟିଏ ବିଭା ନ ଦେଲ କାହାକୁ ।
ରାଜା ଦିନେ ବୋଇଲେ ତୁ ଶୁଣ ମହାଦେଈ
ଇନ୍ଦ୍ରକୁ ଯେ ଦେବାପାଇଁ ସତ୍ୟ କଲି ମୁହିଁ ।
ସେ ଇନ୍ଦ୍ର ଦେବତା କେବେ ନଇଲା ମଞ୍ଚକୁ
ସତ୍ୟକୁ ଲଙ୍ଘିବି ସିନା ଦେଲେ ମୁଁ ଆନକୁ ।
ଇନ୍ଦ୍ରର ଭାର୍ଯ୍ୟା ବୋଲିଣ ସମସ୍ତେ ଜାଣିଲେ
ବିଭା ହୋଇବାକୁ କେହି ଭାଜନ ନୋହିଲେ ।
ଯାହା ସେହି କର୍ମେ ଅର୍ଜିଅଛି ବିଧୁମୁଖୀ
ଦଇବ ପୁରୁଷ ଭାଳେ ଅଛି ଯାହା ଲେଖି ।
ନିଶ୍ଚୟ ବିନାଶ ଗଲା ସୁନ୍ଦରୀ ଝିଅଟି
ଏତେ ବୋଲିଣ ନୃପତି ବେଗେ ଗଲା ଉଠି ।
ନିରାଶ ବଚନ ରାଣୀ ସ୍ୱାମୀ ମୁଖୁ ଶୁଣି
କର୍ମକୁ ଆଦରି ତୁନି ହୋଇଲାକ ରାଣୀ ।

Digitized by srujanika@gmail.com

ବିଧୁମୁଖୀ ରାତ୍ର ଦିବା ମନରେ ଏକାନ୍ତେ
ଭାଳଇ ମନ୍ଦିରେ ବସି କାମ ଶରାଘାତେ ।
ଯଉବନ ଭାର ସେହୁ ନ ପାରଇ ସହି
ସ୍ୱାମୀ ବିହୀନେ ତାହାର ରାତ୍ରି ଦିନ ନାହିଁ ।
ନିଦ୍ରା ଆହାରାଦି ସବୁ ତେଜିଲା ସୁମୁଖୀ
କନ୍ଦର୍ପ ବାଣ ଅନଳେ ହୋଇ ବଡ଼ ଦୁଃଖୀ ।
ଲଜ୍ଜା ଭାବରେ ସେ କିଛି କାହାକୁ ନ କହି
ହୃଦୟର ବେଦନାକୁ ହୃଦେ ସଂହରଇ ।
ଏମନ୍ତେ ରହିଲା ସେହୁ ତିରିଶ ବରଷ
ସମ୍ଭାଳି ନ ପାରିଲାକ ବିରହର ତ୍ରାସ ।
ମନେ ମନେ ବିଚାରଇ ସେହି ଜେମାଦେଈ
ଏତେ କଷ୍ଟେ ଜୀବନ ମୁଁ ଧରିବି କିମ୍ପାଇଁ ।
ଏ ଯୁବା ବୟସ ମୋର ବିଅର୍ଥରେ ଗଲା
ମାତା ପିତା ଶରୀରରେ ଦୟା ନ ବସିଲା ।
ସ୍ତିରୀ ପୁରୁଷଙ୍କ ମତି ନ ଜାଣନ୍ତି ସେହି
ମୋତେ ବିଭା ନ ଦେଲେକ କିମ୍ପା କାହାକୁହିଁ ।
ମୁହିଁ ଲାଜେ ଏହା ଅବା କହିବି କାହାକୁ
ପୋତୁ ଏ ଅବସ୍ଥା ମୋର ଛାଡ଼ିବି ଦେହକୁ ।
ଏମନ୍ତ ବିଚାର କରି ମନେ ଜେମାଦେଈ
ଏକାନ୍ତ ପୁର ଗୋଟିକେ ପହୁଡ଼ିଲା ଯାଇ ।
କବାଟକୁ କିଳିଣ ସେ ଅଗ୍ନି ଜାଳିଦେଲା
ଶରୀର ଧ୍ୱଂସି ମଦନା ବେଦନା ନାଶିଲା ।
ଆତ୍ମା ଗୋଟି ତାର ଧରି ନେଲେ ଯମଗଣେ
ପାପ ପୁଣ୍ୟ ବିଚାରିଲେ ତାହାର ପୁରାଣେ ।
ବୁଝନ୍ତେଣ ଇନ୍ଦ୍ରକୁ ଯେ ଲାଗିଲା ସ୍ତ୍ରୀ ହତ୍ୟା
ନାରଦ ସେହୁ କଥାରେ ପାଇଲେ ବାରତା ।
କହିଲେ ବ୍ରହ୍ମାଙ୍କ ଆଗେ ଯାଇ ତପୋବନ୍ତ
ସ୍ତିରୀହତ୍ୟା ଦୋଷ ଅରଜିଲେ ପୁରୁହୂତ ।
ଯାଚିଲା କନ୍ୟାକୁ ବିଭା ନୋହିଲେ କିମ୍ପାଇଁ
ସେହି କନ୍ୟା ନାଶଗଲା ବିବାହ ନ ହୋଇ ।
ଏଥକୁ କି ଆଜ୍ଞାଦେବ ଆହେ ବେଦବର
ହତ୍ୟା ଦୋଷୀ କେଉଁପରି ବସିବ ସଭାର ।
ବିହନ୍ତା ପୁରୁଷ ବୁଝିଲେକ ଶାସ୍ତ୍ର ଯୋଗେ
ଇନ୍ଦ୍ରଙ୍କୁ ସ୍ତ୍ରୀ ହତ୍ୟା ଦୋଷ ଲାଗିଲା ସର୍ବାଙ୍ଗେ ।
ବିଧାତା ବୋଇଲେ ଯେବେ ଇନ୍ଦ୍ର ହେଲେ ପାପୀ
ସୁଧର୍ମା ସଭାରେ ବସି ନ ପାରି ଅଦ୍ୟାପି ।
ତୁମ୍ଭେ ଯାଇଣ ତାହାକୁ ଘଉଡ଼ାଇ ଦିଅ
ଇନ୍ଦ୍ରପଦରେ ବରାହ ଋଷିକୁ ବସାଅ ।
ଏହା ଶୁଣିଣ ନାରଦ ଧାଇଁଲେକ ଖରେ
ପ୍ରବେଶ ହୋଇଲେ ଯାଇ ସୁଧର୍ମା ସଭାରେ ।

ଇନ୍ଦ୍ରକୁ ବୋଇଲେ ଉଠ ଉଠ ସୁରରାଜ
ସୁଧର୍ମା ସଭାକୁ ତୁହି କର ପରିତେଜ୍ୟ ।
ଶୋଚନା ରାଜାର ଝିଅ ନାମ ବିଧୁମୁଖୀ
ତାହାକୁ ବିଭା ନୋହିଲୁ ତୁ ସହସ୍ର ଆଖି ।
ତୋତେ ଡରି ସେ କନ୍ୟାକୁ ବିଭା କେ ନୋହିଲା
ସେ କନ୍ୟା ମରିଲା ହତ୍ୟା ତୋତେ ଯେ ଲାଗିଲା
ଧର୍ମ ବିଚାରିଲା ପାପ ଲାଗିଲାକ ତୋତେ
ବିଧାତା ରାଇଣ ଏବେ ଆଜ୍ଞା ଦେଲେ ମୋତେ
ବୋଇଲେ ବାହାର କରିଦେବୁ ସେ ଇନ୍ଦ୍ରକୁ
ସେ ସଭାରେ ବସାଇବୁ ବରାହ ଋଷିଙ୍କୁ ।
ଇନ୍ଦ୍ରସ୍ଥାନେ ବସି ସେହୁ ପାଳିବ ଯେ କ୍ଷିତି
ପାପ କ୍ଷୟ କରି ଆସୁ ସେହୁ ସୁରପତି ।
ଆମ୍ଭର ଆଜ୍ଞା ମେଣ୍ଟିବ ଯେବେ ପୁରୁହୂତ
ସେହି ଠାବରେ ହୋଇବ ସେହୁ ଭସ୍ମୀଭୂତ ।
ପୁଣି ପୁଣି କୋପେ ଯହୁଁ ବୋଇଲେ ସେ ଯତି
ବ୍ରହ୍ମା ଆଜ୍ଞା ବୋଲି ଇନ୍ଦ୍ର ମନେ କଲା ଭୀତି ।
ଇନ୍ଦ୍ର ସର୍ବ ଅଳଙ୍କାର ସଭାରେ ଥୋଇଲେ
ତପୀରୂପ ଧରି ବ୍ରହ୍ମା ନିକଟକୁ ଗଲେ ।
ବରାହ ଋଷି ଯେ ରହିଥିଲେ ଗଙ୍ଗାତୀରେ
ତପ କରୁଥିଲେ ବସି ବରାହ ଗିରିରେ ।
ନାରଦ ଋଷି ଆଣିଲେ ତାଙ୍କୁ ବେଗେ ଯାଇ
ଇନ୍ଦ୍ରର ପଦେ ସୁଧର୍ମା ସଭାରେ ବସାଇ ।
ଏଥୁ ଅନନ୍ତରେ କଥା ଶୁଣ ହୋ ସୁରଥ
ବ୍ରହ୍ମାଙ୍କ ପୁରକୁ ଚଳିଗଲେ ସୁରନାଥ ।
ଯଶୋବନ୍ତୀ ପୁରେ ଯାଇ ବ୍ରହ୍ମାଙ୍କୁ ଭେଟିଲେ
ଶୋକଭର ହୋଇ ତାଙ୍କ ଛାମୁରେ କହିଲେ ।
ଶିରେ ବେନିକର ଦେଇ କୁହଇ ବାସବ
ପ୍ରଭୋ ପିତାମହ ମୋର ଗୁହାରି ଶୁଣିବ ।
ତୁମ୍ଭେ ଯେଣୁ ଜଗତର କର୍ତ୍ତା ସୁରଶ୍ରେଷ୍ଠ
ସକଳ ପ୍ରାଣୀମାନଙ୍କ କରମ ଅଦୃଷ୍ଟ ।
ନାନା କର୍ମ ଧର୍ମର ତୁ ସର୍ଜନା କରତା
ପାପ ପୁଣ୍ୟ ଭଲ ମନ୍ଦ ବୁଝ ତୁହି ଧାତା ।
ପୂର୍ବଜନ୍ମରେ ମୋହର ଘୋର ତପ ଘେନି
ସ୍ୱର୍ଗରେ ଯେ ଇନ୍ଦ୍ରପଦ ଦେଲୁ ପଦ୍ମଯୋନି ।
ଏବେ ତୁମ୍ଭ ଶ୍ରୀଚରଣେ କଲି କେଉଁ ଦୋଷ
ନାରଦ କିମ୍ପାଇଁ ମୋତେ ବହେ ଏଡ଼େ ରୋଷ ।
ବ୍ରହ୍ମା ବୋଇଲେ ତୁ ଯେଣୁ ଅର୍ଜିଲୁ ସ୍ତ୍ରୀହତ୍ୟା
ତୋହର ଆଶାରେ ମଲା ଶୋଚନା ଦୁହିତା ।
ତାହାର ଯେ ହତ୍ୟା ଦୋଷ ଲାଗିଲା ତୋହର
କେଉଁପରି ବସିବୁ ତୁ ସୁଧର୍ମା ସଭାରେ ।

Digitized by srujanika@gmail.com

ପାପୀ ଜନକୁ ନ ସହେ ଏହି ଦେବସଭା
ଜଳେ ହେଲେ ଭାରୀ ନୌକା ନ ଚଳଇ ବାବା
ଏ ସୁଧର୍ମା ସଭା ଗୋଟି ଅଟେ ସେହି ପ୍ରାୟେ
ସେହି ପୁଣ୍ୟ ସଭା ଗୋଟି ପାପୀଙ୍କି ନ ସହେ ।
ତୁ ବୈଷ୍ଣବ ପୁଣ୍ୟଯୋଗ କରି ମନ୍ତ୍ରଜପ
ସଭାରେ ବସି ଛଡ଼ାଅ ତୋର ଅଙ୍ଗୁ ପାପ ।
ବରାହ ଋଷି ଅନେକ କାଳ ତପ କଲା
ଈଶ୍ୱର ଦେବତା ତାକୁ ପ୍ରସନ୍ନ ହୋଇଲା ।
ମାନବ ବରଷେ ସେହୁ ସହସ୍ର ବରଷ
ଇନ୍ଦ୍ରପଦ ତାହାକୁ ସେ ଦେଲେ ବିଶ୍ୱବାସ ।
ତଦନ୍ତରେ ପୁଣି ସେହୁ ଯିବ ତପକରି
ତୁ ପୁଣି ଆସିବୁ ଇନ୍ଦ୍ର ପାପ ଅପହରି ।
ବାସବ ବୋଇଲେ ମୁହିଁ କରିବି କି ତପ
କେଉଁ ମନ୍ତ୍ରକୁ ଜପିଲେ ଦଗ୍ଧ ହେବ ପାପ ।
ସେ କଥା ପ୍ରସନ୍ନେ ମୋତେ କହିବାକ ବିଧି
ପାପ ବିନାଶ କରିବି ଯେବେ ତପ ସାଧି ।
ବିଧାତା ବୋଇଲେ ସ୍ତିରୀ ହତ୍ୟା ପାପ କଲେ
ତିନି ଯୁଗରେ ନ ଛାଡ଼େ ପାପ ଅଙ୍ଗୁ ଭଲେ ।
ଏଥକୁ କହିବୁ ଆମ୍ଭେ କେଉଁ ମନ୍ତ୍ର ଗୋଟି
ଭଜନ୍ତେ ସହସ୍ର ବର୍ଷେ ପାପ ଯାଏ ତୁଟି ।
ଶୁଣ ଶୁକ୍ରରାୟେ ଏହୁ ମନ୍ତ୍ରର ମହିମା
ଜୟନ୍ତୀ ପାଇଁ ସର୍ଜିଲେ ସତ୍ୟପାଳ ବ୍ରହ୍ମା ।
ସତ୍ୟପାଳର ନନ୍ଦନ ଦେବମୁଖ ଋଷି
ପଞ୍ଚପୂଜା ତୀର୍ଥରେ ଯେ ତପକରେ ବସି ।
ଅଠାଇ ସହସ୍ର ବର୍ଷ ବସିଲାଣି ତପେ
ସଂସାରର ଭାବ ଛାଡ଼ି ମନର ସଂକଳ୍ପେ ।
ଆବର ଯେ ତାହା କିଛିଦିନେ ପୂର୍ଣ୍ଣ ହେବ
ଦିବ୍ୟ ଦେହ ଧରି ସେହୁ ବ୍ରହ୍ମଲୋକେ ଯିବ ।
ଏହିପରି ତୁଳମାସ ଶରତ୍‌ଋତୁ ଅନ୍ତେ
କୃଷ୍ଣ ଅମାବାସ୍ୟା ଭୃଗୁବାର ଯେ ଯୁକତେ ।
ସ୍ୱାତୀ ତୁଳା ରାଶି ଆଉ ଶୁଭ ନାମେ ଯୋଗ
ନାଗ ନାମରେ କରଣ ତ୍ରିଂଶଦଣ୍ଡ ଭୋଗ ।
ସେହିଦିନ ଦୃଷ୍ଟି ଅର୍ଥେ ବିଜେ ସୁରନାଥ
ଅଛିଦ୍ର ହୋଇ ଘୋଟିଲା ଭୂମି ଶୂନ୍ୟପଥ ।
ପୟ ସମୁଦ୍ରକୁ ଟେକି ଜଳ ମେଘମାଳ
ଦ୍ରୋଣ ମେଘ ସହିତରେ ବିଜେ ଆଖଣ୍ଡଳ ।
ଦେବମୁଖ ଋଷି ବସି ଅଛନ୍ତି ଧ୍ୟାନରେ
ଚରୁଛି ମୃଗୁଣୀଟିଏ ତାହାଙ୍କ ଛାମୁରେ ।
ଏ ସମୟେ ବଜ୍ର ସୂଚୀ ପଡ଼ିଲା ଗଗନୁ
ଶବଦରେ ଚମକିଲା ଋଷିଙ୍କର ତନୁ ।
ତରସ୍ତ ହୋଇଣ ମୁନି ଦେଲେ କୋପ ଦୃଷ୍ଟି
ଭସ୍ମୀଭୂତ ହୋଇଗଲା ତକ୍ଷଣେ ମୃଗୀଟି ।
ତାହା ଦେଖି ମହାଋଷି ହେଲେ ସ୍ତମ୍ଭୀଭୂତ
ବୋଇଲେ ଏ ସର୍ବ ପୁଣ୍ୟ ମୋର କଲା ହତ ।
ପଶୁ ସ୍ତିରୀହତ୍ୟା ମୁହିଁ ଲଭିଲି ନିଶ୍ଚୟ
ଅନେକ କାଳ ସୁକୃତି ମୋର ଗଲା କ୍ଷୟ ।
ଏମନ୍ତ ବିଚାର କରି ପିତାଠାକୁ ଗଲା
ସତ୍ୟପାଳ ବ୍ରହ୍ମାଙ୍କର ଆଗେ ଜଣାଇଲା ।
ବ୍ରହ୍ମା ବୋଇଲେ ବାବୁ ନ ଭାଳ ମନେ କିଛି
ଏ ପାପରୁ ତରିବାକୁ ମନ୍ତ୍ର ମୋର ଅଛି ।
ଏତେ ବୋଲିକରି ଯେହୁ ସାମବେଦ ସାର
ପଢ଼ିଲେ ଯେ ନାରାୟଣ ମନ୍ତ୍ର ବେଦବର ।
ଅଷ୍ଟ ଅକ୍ଷର ଯେ ମନ୍ତ୍ର ଅଷ୍ଟାଙ୍ଗର ବୀଜ
ପାପବିନାଶିନୀ ସେହି ଯୋଗୀ ଯୋଗରାଜ ।
ସାମବେଦ ମୂଳରେ ଯେ ଅଛି ବିଷ୍ଣୁନାମ
ଭଜନ୍ତେ ମାନବ ବସେ ବଇକୁଣ୍ଠ ଧାମ ।
ସେ ମନ୍ତ୍ରରାଜକୁ ଧାତା ନିଜ ପୁତ୍ର ଅର୍ଥେ
ପରମ ଗୁପତ ଖ୍ୟାତ କଲେ ବେଦପଥେ ।
ବେଦମୁଖ ଋଷିଙ୍କୁ ଯେ କହିଲେ ବିଧାତ
ସେହିଦିନ ସେହି ମନ୍ତ୍ର ହୋଇଲା ବିଖ୍ୟାତ ।
ଜଗତ ସ୍ମରିଲେ ନାରାୟଣ ନାମଗୋଟି
କାରଣ ଲଭିଲେ ତେଣୁକରି ନବସୃଷ୍ଟି ।
ଦେବମୁଖ ଋଷି ଯେହ୍ନେ ପାଇଲେ ମୁକତି
ତାହା ତୋର କର୍ଣ୍ଣେ ଶୁଣ ଆହେ ସୁରପତି ।
ଦୃଢ଼କରି ଯେବେ ତୁହି ଜପିବୁ ସୁଚିତ୍ତେ
ତିରିଶ ବରଷେ ପାପ ଛାଡ଼ିଯିବ ତୋତେ ।
ଚିତ୍ତ ବିଚଳିତ କରି ଯଦ୍ୟପି ଜପିବ
ସହସ୍ର ବରଷେ ପାପ ତୋହର ଖଣ୍ଡିବ ।
ଇନ୍ଦ୍ର ବୋଇଲା ମୋହର ଚିତ୍ତ ନୁହେଁ ସୁଖୀ
ରାଜପଦ ବିନେ ହୋଇଅଛି ବଡ଼ ଦୁଃଖୀ ।
ତେଣୁକରି ମୋର ଚିତ୍ତ ସୁସ୍ଥିର ନୁହଇ
ସହସ୍ର ବରଷ ମନ୍ତ୍ର ଜପ କରିବଇଁ ।
ବ୍ରହ୍ମା ବୋଇଲେ ଯେପରି ହୁଏ ତୋର ଇଚ୍ଛା
ଘେନ ମନ୍ତ୍ରରାଜ ଆହେ କଶ୍ୟପର ବତ୍ସା ।
ଏତେ ବୋଲିକରି ପିତା ସୁରପତି କାନେ
ସାରସ୍ୱତ ମନ୍ତ୍ରରାଜି କହିଲେ ଗୋପନେ ।
ସେ ମନ୍ତ୍ରକୁ ସୁରପତି ଘେନି ହୃଦଗତେ
ଦୃଢ଼େ ଜପକଲେ ବସି ସୁରେଖା ପର୍ବତେ ।
ସହସ୍ର ବରଷ ଜପି ନାରାୟଣ ମନ୍ତ୍ର
ଖଣ୍ଡିଲେ ଯେ ସ୍ତିରୀହତ୍ୟା ପାପୁଁ ହେଲେ ମୁକ୍ତ ।

Digitized by srujanika@gmail.com

ପୁଣି ଇନ୍ଦ୍ର ପଦେ ଯାଇ ବସିଲେ ସଭାର
ଶୁଣିଲୁ ଏକମନେ ସୁରଥ ନୃପବର ।
ଯେବଣ ମନ୍ତ୍ରରେ ଇନ୍ଦ୍ର ଖଣ୍ଡିଲା ସ୍ତ୍ରୀ ହତ୍ୟା
ସେହି ମନ୍ତ୍ର ତୋର ଆଗେ କହିବା ସୁଜ୍ଞାତା ।
ତୁ ଏବେ ସେ ମନ୍ତ୍ର ଭାବ ହୃଦଗତେ ବେଗେ
ଲଭିବୁ ପରମ ଗତି ବସିବୁ ଯେ ସ୍ୱର୍ଗେ ।
ସୁରଥ ବୋଇଲା ସ୍ୱାମୀ ଯେ ତୋର ବିଚାର
କି କହିବି ମୁହିଁ ଅଟେ ତୁମ୍ଭ ପରିଚାର ।
ମାର୍କଣ୍ଡ ବୋଇଲେ ଭାଗ୍ୟବନ୍ତ ତୁ ସୁବୁଦ୍ଧି
ତେଣୁ ତୋତେ ପ୍ରାପ୍ତ ହେଲା ଜାଣ ମନ୍ତ୍ର ସିଦ୍ଧି ।
ଏତେ ବୋଲିକରି ମୁନି ସୁରଥର କର୍ଣ୍ଣେ
ନାରାୟଣ ମନ୍ତ୍ର କହିଦେଲେ ତୋଷମନେ ।
ସୁରଥ ନୃପତି ବସି ଘୋଷିଲାକ ତାହା
ମାରକଣ୍ଡ ବୋଇଲେ ହେ ଶୁଣ ନରନାହା ।
ଯେବଣ ମନ୍ତ୍ର କହିଲୁ ଆମ୍ଭେ ତୋର ଆଗ
ପ୍ରାପ୍ତ କରାଇବ ତୋତେ ସେହି ସ୍ୱର୍ଗମାର୍ଗ ।
ଏବେ ତୁହି ଆମ୍ଭ ଆଜ୍ଞା କର ମହୀପାଳ
ବେଗେ ମଣିଭଦ୍ରା ନଦୀ ପର୍ବତକୁ ଚଳ ।
ତାମ୍ର ଗିରିବରର ଯେ ଉତ୍ତର ଭାଗରେ
ଶଙ୍ଖଚୂଡ଼ ନାମେ ଅଛି ଏକ ଗିରିବରେ ।
ମଣିଭଦ୍ରା ନଦୀରୁ ଯେ ବହେ ଧାର ଗୋଟି
ଶଙ୍ଖଚୂଡ଼ ଗିରିକି ବଳୟ ପ୍ରାୟ ଘୋଟି ।
ଉଦୁମ୍ବର ବୃକ୍ଷ ଅଛି ତହିଁର ଭିତର
ତହିଁ ପ୍ରାସାଦ ମଧ୍ୟରେ ବିଜୟ ଈଶ୍ୱର ।
ଅନ୍ଧକ ବିନାଶି ତହିଁ ରହିଲେ ଧୂର୍ଜଟି
ଅନ୍ଧକ ଅନନ୍ତ ବୋଲି ହେଲା ତୀର୍ଥଗୋଟି ।
ଦେଖନ୍ତେ ସେ ତୀର୍ଥେ ସ୍ନାନ କରି ତ୍ରିଲୋଚନ
ନାନାଦି ପାତକ ତହିଁ ହୁଅଇ ମୋଚନ ।
ତୁ ଏବେ ଯାଇ କରିବୁ ସେ ତୀର୍ଥରେ ସ୍ନାନ
ଅନ୍ଧକାନ୍ତକ ରୁଦ୍ରଙ୍କ କରିବୁ ଦର୍ଶନ ।
ସେ ନିଗମ ସ୍ଥାନରେ ତୁ ରହି ନିମଗ୍ନରେ
ନାରାୟଣ ମନ୍ତ୍ରଗୋଟି ଜପିବୁ ମନରେ ।
ଯେଉଁଦିନ ଅଙ୍ଗେ ତୋର ହେବ ଅତି ତେଜ
ସେହିଦିନ ପାତକ ଯେ ହୋଇବ ଦହିର୍ଯ୍ୟ ।
ସେଦିନ ଆମ୍ଭଠାବକୁ ଆସିବୁ ରାଜନ
ଆମ୍ଭେ ଯେ କହିବା ତୋତେ ତହିଁର ବିଧାନ ।
ସ୍ତ୍ରୀ ହତ୍ୟା ପାତକେ ଇନ୍ଦ୍ର ସ୍ୱର୍ଗଚ୍ୟୁତ ହେଲା
ମହାଦେବ ଦାସ ଏହା ଗୀତରେ କହିଲା ।

–x–

ଅନ୍ଧକାନ୍ତକ ତୀର୍ଥରେ ସୁରଥ ନୃପତିର ତପସ୍ୟା ଓ ଜୟଦ୍ରଥର ମୁଣ୍ଡ ପତନ ଓ ଭସ୍ମ

ଋଷିଙ୍କର ଆଜ୍ଞା ପାଇ ସୁରଥ ନୃପତି
ଅନ୍ଧକାନ୍ତକ ତୀର୍ଥକୁ ଚଳଇ ତଡ଼ତି ।
ଶଙ୍ଖଚୂଡ଼ ପାରୁଶରେ ଉଦୁମ୍ବର ବୃକ୍ଷ
ସେଠାରେ ପ୍ରବେଶ ହେଲା ବିରଥର ବକ୍ଷ ।
ଅନ୍ଧକାନ୍ତକ ତୀର୍ଥରେ ସ୍ନାନ ସେ ସାରିଲା
ଅନ୍ଧକ ତ୍ରିପୁରାନ୍ତକ ଦରଶନ କଲା ।
ସେହି ମହାଦେବ ସ୍ୱାମୀ ପଶ୍ଚିମ ମୂରତି
ପୂର୍ବମୁଖ ହୋଇକରି ବସିଲା ନୃପତି ।
ଆତ୍ମା ଶୁଦ୍ଧକରି ତହିଁ ଏକମନେ ବସି
ନାରାୟଣ ମନ୍ତ୍ରଗୋଟି ହୃଦରେ ଅଭ୍ୟାସି ।
ବିଶ୍ୱନାଥ ଦେବତାର ଚିନ୍ତଇ ଯେ ରୂପ
ପାପକ୍ଷୟ ଅର୍ଥେ ରାଜା ଆଚରିଲେ ତପ ।
କରପତ୍ରକୁ ପ୍ରସାରି ନେତ୍ରଦୁଇ ବୁଜି
ଜପଇ ସେ ମହାମନ୍ତ୍ର ଦିବ୍ୟରୂପ ହେଜି ।
ଏମନ୍ତ ସେ ତପକଲା ତିନିଶ ବରଷ
ଏଥୁ ଅନ୍ତରେ ଶୁଣିମା ହେଉ ଦିବ୍ୟରସ ।
ମକର ମାସେ ପୂର୍ଣ୍ଣିମା ତିଥି ଶୁକ୍ରବାରେ
ଅଶ୍ଳେଷା ନକ୍ଷତ୍ର ଆଉ କକଡ଼ା ଚନ୍ଦ୍ରରେ ।
ବିଷ୍ଟି ନାମରେ କରଣ ଶୁଭ ନାମେ ଯୋଗ
ମକର ସଂକ୍ରାନ୍ତି ଚଉବିଂଶ ଦିନ ଭୋଗ ।
ଦିନ ଅନ୍ତଃକାଳେ ସନ୍ଧ୍ୟା ସମୟ ଯୁକତେ
ମୁଣ୍ଡ ଗୋଟିଏ ପଡ଼ିଲା ରାଜା କରପତ୍ରେ ।
ଅଭୁତେ ମୁଣ୍ଡ ପଡ଼ନ୍ତେ ଆସି କରତଳେ
ପୋଡ଼ ବୋଲି କରି ରାଜା ପକାଇଲା ତଳେ ।
ନୟନକୁ ଫେଡ଼ି ଚାହିଁ ଦେଲା ମହାରାୟେ
ଛାମୁରେ ପଡ଼ିଛି ନରମୁଣ୍ଡ ଯେ ଗୋଟାଏ ।
ପୋଡ୍ତୁ ବୋଲି ଯହୁଁ ବୋଇଲେକ ମହାଋଷି
ତତକ୍ଷଣେ ସେହି ମୁଣ୍ଡ ହେଲା ଭସ୍ମରାଶି ।
ଦେଖିଣ ଚକିତ ମନ ହୋଇଲା ସୁରଥ
ମନେ ବିଚାରିଲା ଏହା କେବଣ ହିଁ କୃତ୍ୟ ।
କାହାର ଏ ମୁଣ୍ଡ କେହୁ ପକାଇଲା ହାଣି
ବହଇ ଶୋଣିତ ଛିଡ଼ିଅଛି ଏହିକ୍ଷଣି ।
ଅଭୁତେ ପଡ଼ିଣ ପୋଡ଼ିଗଲା ଅଦଭୁତେ
ଏଥିର ଚରିତ ଆମ୍ଭେ ଜାଣିବା କେମନ୍ତେ ।
ଗୁରୁଙ୍କୁ ପୁଛିଲେ ସିନା ଜାଣିବା ଏ ତଥ୍ୟ
ଏମନ୍ତ ବୋଲି ଆସନ ତେଜିଲା ସୁରଥ ।

Digitized by srujanika@gmail.com

ଅନ୍ଧକ ତିର୍ଥରେ ଯାଇ ରାଜା ସ୍ନାନ କଲା
ରୁଦ୍ରଙ୍କୁ ଓଳଗି ପୁଣି ଗୁରୁ ପାଶେ ଗଲା ।
ମାରକଣ୍ଡ ଋଷି ବସି ସନ୍ଧ୍ୟା ସୁମରନ୍ତି
ଜଳ ଚଳୁ କରି ଆତ୍ମା ଶୁଦ୍ଧି କଲେ ଯତି ।
ଏକାଳେ ମିଳିଲା ଯାଇ ସେ ସୁରଥ ରାଜା
ଋଷିଙ୍କ ଚରଣେ ପଡ଼ି କଲା ପାଦପୂଜା ।
ପ୍ରଦକ୍ଷିଣ କରି ରାଜା ପାଦେ ପଡ଼ି ଶୋଇ
ଛାମୁରେ ଉଭା ହୋଇଣ ଶିରେ କର ଦେଇ ।
ସନ୍ଧ୍ୟା ସାରି ମୁନିକଲେ କଲ୍ୟାଣ ଯେ ବାଞ୍ଛା
ଆଜ୍ଞା ଦେଲେ ବସ ଆରେ ବିରଥର ବସ୍ତା ।
ରାଜା ବୋଇଲେ ମୋହର ଅଛି କିଛି କଥା
ତୁମ୍ଭ ଠହୁଁ ଶୁଣି ତୁଟିଯିବ ମନବ୍ୟଥା ।
ମୁନି ବୋଇଲେ କି କଥା ବସିକରି କହ
କେବଣ କଥା ତୋହର କେବଣ ସନ୍ଦେହ ।
ମୁନି ଆଜ୍ଞା ପାଇକରି ବସି ନୃପବର
ବିନୟରେ କହୁଅଛି ଯୋଡ଼ି ବେନିକର ।
ଭୋ ମୁନି କଳପାନ୍ତକ ବିଜ୍ଞ ମହାଋଷି
ଜ୍ଞାନସିନ୍ଧୁ ପୁରୁଷ ତୁ ଯୋଗୀ ବିଶ୍ୱବାସୀ ।
ଯୁଗ ଆଉ ମନୁକଳ୍ପ ଯାର ନାହିଁ ଲେଖା
ଅଭୟ ବିଷ୍ଣୁ ପଞ୍ଜର ଅଟଇ ଯା ଶିଖା ।
ଅଶେଷ ବିଦ୍ୟାକୁ ଯେହୁ ଅଟନ୍ତି ଭାଜନ
ଜନ୍ତୁପତି ପାଞ୍ଜିରେ ଯେ ନୋହିଲୁ ଲେଖନ ।
ମେଣ୍ଟିଲୁ ଜରା ମରଣ ରୋଗ ଶୋକ ଯହୁଁ
ଜାଣିଲୁ ଯେ ବ୍ରହ୍ମଜ୍ଞାନ ସାଧିଲୁ ତୁ ତହୁଁ ।
ଅକ୍ଷୟ ଦେହକୁ ଘେନି ରହିଲୁ ତୁ କାଳେ
ଅଦୃଶ୍ୟ ଦୃଶ୍ୟ ହୁଅଇ ତୋତେ ଯୋଗବଳେ ।
ଜ୍ଞାନବନ୍ତ ପୁରୁଷ ତୁ ସବୁକଥା ଜାଣୁ
ମୁନି ତୁମ୍ଭର ଚରଣେ ଭକ୍ତ ଅଟେ ଯେଣୁ ।
ତୁମ୍ଭେ ମୋହର ପରମ ଗୁରୁ ନିରଞ୍ଜନ
କଥାଏ ପୁଛିବି ତୁମ୍ଭେ ହୁଅ ସାବଧାନ ।
ତୁମ୍ଭ ଆଜ୍ଞା ପ୍ରମାଣେ ମୁଁ ତପକରି ଗଲି
ଅନ୍ଧକ ତିର୍ଥରେ ତପ କରିଣ ବସିଲି ।
ନାରାୟଣ ପାଦପଦ୍ମେ ଚିତ୍ତବୃତ୍ତି ଦେଇ
ଘୋଷିଲି ଯେ ମହାମନ୍ତ୍ର ଏକମନ ହୋଇ ।
ତିନିଶହ ବରଷ ମୁଁ ଘୋର ତପ କଲି
ଏତେ କାଳେ ବିପରୀତ କଥା ମୁଁ ଦେଖିଲି ।
ଅଭୁତେ ମୁଣ୍ଡେକ କାହୁଁ ଅଇଲାକ ଉଡ଼ି
ବଜ୍ରପାତ ପ୍ରାୟ ଆସି ମୋର କରେ ପଡ଼ି ।
ନରମୁଣ୍ଡ ଗୋଟାଏ ସେ ରକ୍ତ ଜରଜର
ତତ୍କ୍ଷଣେ କନ୍ଧରୁ ଛିଡ଼ିଅଛି ସେହି ଶିର ।
ନୟନ ଫେଡ଼ିଣ ମୁଁ ଯେ ଚାହିଁଲି ତରାଟି
ତକ୍ଷଣେ ଭସ୍ମ ହୋଇଲା ସେହି ମୁଣ୍ଡଗୋଟି ।
ଚିହ୍ନି ନ ପାରିଲି ତାହା କେବଣ ଉପାୟେ
ଆକୁଳ ହୋଇଲା ତେତେବେଳୁ ମୋର କାୟେ ।
ଆତ୍ମା ବିକଳ ମୋହର ପୋଡ଼େ ପଞ୍ଚମନ
ପୁତ୍ର ମରିଗଲେ ଦେହ ହୁଅଇ ଯେସନ ।
ସେହିପରି ଆକୁଳିତ ହୁଏ ମୋ ଶରୀର
ଏଥିର ଚରିତ ମୋତେ କହ ତପୀବର ।
କହନ୍ତି ମାର୍କଣ୍ଡ ଋଷି ଶୁଣହୋ ସୁରଥ
ଯାହା କହିଲୁ ସେ କଥା ଅଟଇ ଯଥାର୍ଥ ।
ପୁତ୍ର ନାଶ ବୋଲିକରି ବୋଇଲୁ ତୁ ଯାହା
ସ୍ୱରୂପ ଅଟଇ ଆନ କେ କରିବ ତାହା ।
କୁଞ୍ଜଗଳ ନୃପତି ଯେ ଧୃତରାଷ୍ଟ୍ର ରାୟ
ଦୁର୍ଯ୍ୟୋଧନ ନାମେ ଯେହୁ ତାହାର ତନୟ ।
ପଣ୍ଡୁ ନାମେଣ ଯେ ଧୃତରାଷ୍ଟ୍ର ସାନଭାଇ
ଯୁଧିଷ୍ଠିର ଆଦି ତାର ପାଞ୍ଚପୁତ୍ର ହୋଇ ।
ଦୁର୍ଯ୍ୟୋଧନ ଯୁଧିଷ୍ଠିଙ୍କୁ ନ ଦେଲେକ ଭାଗ
ତେଣୁ ପଣ୍ଡୁ ପୁତ୍ରମାନେ ପାଇ ବଇରାଗ ।
ଭାଇରେ ଭାଇରେ ପୁଣି ହୋଇ ଅନ୍ୟାଅନ୍ୟ
ଯୁଦ୍ଧ ଆରମ୍ଭିଲେ ସାଜି ଯେ ଯାହାର ସୈନ୍ୟ ।
ମହାଭାରତର ଯୁଦ୍ଧ ହୁଏ ଅପ୍ରମିତ
ଲକ୍ଷେକ ନୃପତି ହୋଇଅଛନ୍ତି ଆଗତ ।
ତୋହର ନନ୍ଦନ ଜୟଦ୍ରଥ ନରପତି
ଶତେ ବରଷରେ ତାରେ ପୁତ୍ରେକ ଉତ୍ପତ୍ତି ।
ବିରଞ୍ଚି ରଥ ବୋଲିଣ ସେ ପୁତ୍ରର ନାମ
ରୂପେ ପଞ୍ଚାନ୍ତର ତାକୁ ନାହିଁ ସରିସମ ।
ସିନ୍ଧୁ ଦେଶେ ତାହାକୁ ସେ ରାଜା କରି ଛାଡ଼ି
ଭାରତେ ଅଇଲା ତୋର ପୁତ୍ର ଦଣ୍ଡ ଚଢ଼ି ।
ଦୁର୍ଯ୍ୟୋଧନ ନରପତି ଅଟେ ତାର ଶଳା
ସମରେ ସହାୟ ତାକୁ ହେଲା ତୋର ବଳା ।
ଚଉଦ ଦିବସ ହେଲା ହେଉଅଛି ରୋଳ
ପଡ଼ିଲେଣି ରଥ ଗଜ ଅସଂଖ୍ୟ ଯେ ବଳ ।
ରଥୀ ପଦାତିକ ଗଜ ଅଶ୍ୱ ରାଜାମାନେ
ପଡ଼ିଲେ ଅସଂଖ୍ୟ ଜୀବ କୁରୁକ୍ଷେତ୍ର ସ୍ଥାନେ ।
ଆଜି ଯେ ତୋହର ପୁତ୍ର ଅର୍ଜୁନର ସଙ୍ଗେ
ବହୁତ ସମର କଲା ପଶି ରଣରଙ୍ଗେ ।
ଅରଜୁନ ପେଶିଲେ ଯେ ପରଚଣ୍ଡ ଶର
ପଡ଼ିଣ ଛିନ୍ନ ହୋଇଲା ଜୟଦ୍ରଥ ଶିର ।
ପବନ ଶରରେ ପୁଣି ଆଣିଲା ଉଡ଼ାଇ
ତୋହର ହସ୍ତରେ ମୁଣ୍ଡ ଗଲାକ ପକାଇ ।

Digitized by srujanika@gmail.com

ତୁହି ଘୋର ତପକରି ହେଲୁ ମହାରଷି
ଚାହାଁନ୍ତେ ମୁଣ୍ଡ ସେ ଗୋଟି ହେଲା ଭସ୍ମରାଶି ।
ତୋତେ ଯେଣୁ ତୋର ପୁତ୍ର ଚିନ୍ତିଲା ପ୍ରମାଦ
ସେ ଦୋଷରୁ ପୁତ୍ର ତୋର ହେଲା ଶିରଚ୍ଛେଦ ।
କପିଳା ଗୋମାତା ଶାପ ତୋର ପୂର୍ବକୃତ
ତେଣୁ ପୁତ୍ର ଗୋଟିହେଲା ତୋ ଛାମୁରେ ହତ ।
ଗଲା କର୍ମମାନ କେବେ ଆନ ନ ହୁଅଇ
ଯେ ଯାହା ଅରଜିଥାଏ ସେ ତାହା ଭୁଞ୍ଜଇ ।
ତୁ ତହିଁକି ରାଜା ହୋ ନ କର ଆନ ମନ
ଚିରସ୍ଥାୟୀ ନୁହଇ ତ ଜାଣ ଧନଜନ ।
ନିଦ୍ରାରେ ଦେଖି ଯେସନେ ଦୁର୍ଲଭ ସ୍ୱପନ
ଧନଜନ ପ୍ରାପ୍ତେ ଆନନ୍ଦିତ ପଞ୍ଚମନ ।
ବଡ଼ପଣ ସମ୍ପଦ ଯେ ଦିବ୍ୟପୁର ବାସ
ଦେଖିକରି ଚିତ୍ତ ହୁଏ ଅନେକ ହରଷ ।
ବିଚାର କରଇ ମୋର ଦରିଦ୍ରତା ଗଲା
ବିନା ଉପାୟେ ସମ୍ପଦ ବିହି ମୋତେ ଦେଲା ।
ନିଦ୍ରାଭଙ୍ଗେ ଶରୀରରେ ପଶେ ଯେବେ ଜ୍ଞାନ
ନ ପାଇ ସେ ଗତକଥା କରଇ ସ୍ମରଣ ।
ସେହିମତେ ଅଟଇ ଯେ ସଂସାରର ଅଙ୍ଗ
ସ୍ୱପନର ଫଳ ପରି କ୍ଷଣେ ହୁଏ ଭଙ୍ଗ ।
ଏଥକୁ ମନରେ ତୁହି କିଛି ହିଁ ନ ଚିନ୍ତ
ସଂସାର ତୋ ପକ୍ଷେ ନୁହେଁ ଅଟୁ ତପୋବନ୍ତ ।
ତପୀ ହୋଇ ସଂସାରକୁ ଯେବେ ଦିଏ ମନ
ଜପ ତପ ତାର ସବୁ ଅଟେ ଅକାରଣ ।
ସଂସାର ଜନକୁ ସିନା କାମ କ୍ରୋଧ ମୋହ
ତେଣୁ କରି ତାହାଙ୍କର ବିଅର୍ଥ ଏ ଦେହ ।
ସୁରଥ ବୋଇଲା ମୁହିଁ ତୁମ୍ଭ ଦରଶନେ
ଛେଦିଲି ସଂସାର ମାୟା ମୋହ ତତ୍ତ୍ୱଜ୍ଞାନେ ।
ପୁତ୍ର ଦାରା ଅର୍ଥେ ଯେବେ କରିବି କାରୁଣ୍ୟ
ମୁହିଁ ମରିଗଲେ ନିକି ସେ ପାଇବେ ପ୍ରାଣ ।
ଯେ ଯାହାର କର୍ମ ଘେନି ଗଲେ ପଥବାହି
ମୁହିଁ ଚିନ୍ତା କଲେ କିବା ବାହୁଡ଼ିବେ ସେହି ।
ଯାହା ମୋହର କର୍ମରେ ଅଛଇ ଲିଖନ
ବିମୁଖ ହୋଇଲେ ନିକି ହୋଇବ ସେ ଆନ ।
ଛାଡ଼ିଲଇଁ ଶୋକ ଚିନ୍ତା ତୁମ୍ଭ ଅନୁଗ୍ରହେ
ଆବର କଥାଏ ମୋତେ କହିବା ମୁନି ହେ ।
ମୁଁ ଭାସୁଥିଲି ସଂସାର ମାୟା ମୋହ ଜଳେ
ସୁସ୍ଥାନ ପାଇଲି ମୁହିଁ ତୁମ୍ଭ ପାଦତଳେ ।
ତୁମ୍ଭ ପଦ୍ମ ପାଦେ ମୁହିଁ ହୋଇଲି ଆଶ୍ରିତ
ତୁମ୍ଭେ ଯେ ମହାପୁରୁଷ ମୋତେ କଲ ମୁକ୍ତ ।
ପୂର୍ବଜନ୍ମେ ମୁହିଁ ପାପ ଅର୍ଜିଲି ନ ଜାଣି
ସେ ଦୋଷରୁ ମଞ୍ଚେ ଜନ୍ମ ଲଭିଲି ମୁଁ ପୁଣି ।
ରାଜ୍ୟ ତେଜି ପଶିଲି ମୁଁ ଆସି ଘୋର ବନେ
ପୁତ୍ର ଦ୍ୱାରା ମରଣ ମୁଁ ଶୁଣିଲଇଁ କର୍ଣ୍ଣେ ।
ଏଡ଼େ ଘୋର କଷ୍ଟ ପଡ଼ି ନ ଥିଲା କାହାର
ମୋ ତହୁଁ ସେ ମହାପାପୀ ନାହିଁ ଏ ସଂସାର ।
ଆବର କଥାଏ ମୋର ହୋଇଲା କାରଣ
ଆଶ୍ରେ କଲି ଯହିଁ ମୁହିଁ ତୁମ୍ଭର ଚରଣ ।
ଏବେ କଥାଏ ତୁମ୍ଭଙ୍କୁ ପଚାରଇ ମୁହିଁ
ପ୍ରସନ୍ନ ହୋଇଣ ମୋତେ କହିବ ଗୋସାଇଁ ।
ସଂକ୍ଷେପି ପୁଣ୍ୟ ପୁରାଣ କଥା ମୋତେ କହ
ଯେବଣ ଶାସ୍ତ୍ର ଶୁଣିଲେ ନଷ୍ଟ ହୁଏ କୋହ ।
ଯେବଣ ଶାସ୍ତ୍ର ଶୁଣିଲେ ସର୍ବକ୍ଳେଶ ନାଶ
ଯେବଣ ଶାସ୍ତ୍ର ଶୁଣିଲେ ସାଧୁ ସଙ୍ଗେ ବାସ ।
ଯେବଣ ଶାସ୍ତ୍ର ଶୁଣିଲେ ସର୍ବପାପ କ୍ଷୟ
ଯେ ଶାସ୍ତ୍ର ଶୁଣିଲେ ନ ଦଣ୍ଡଇ ଯମରାୟ ।
ପରମ ଗତି ଲଭନ୍ତି ଯେଉଁ ଶାସ୍ତ୍ର ଶୁଣି
ଯେବଣ ଶାସ୍ତ୍ର ଶୁଣିଲେ ଭବନଦୀ ଜିଣି ।
ଯେଉଁ ଶାସ୍ତ୍ର ଶୁଣିଲେ ନ ଯିବ ସଂଯମନୀ
ଯେଉଁ ଶାସ୍ତ୍ର ଶୁଣିଲେକ ହୁଅନ୍ତି ବ୍ରହ୍ମଜ୍ଞାନୀ ।
ଯେଉଁ ଶାସ୍ତ୍ର ଶୁଣି ହୁଏ ବନ୍ଧନ ମୋଚନ
ଯେଉଁ ଶାସ୍ତ୍ରକୁ ଶୁଣିଲେ ମିଳେ ମୋକ୍ଷ ସ୍ଥାନ ।
କୃପାକରି ସେହି ଶାସ୍ତ୍ର ଗୋଟି ମୋତେ କହ
ଶୁଣିଲେ ବିଶୁଦ୍ଧ ହେବ ଏ ମୋହର ଦେହ ।
ଅନ୍ତଃକାଳେ ନ ଯିବଇଁ ସଂଯମନୀପୁର
ଏମନ୍ତ ଶାସ୍ତ୍ର ଗୋଟିଏ କହ ମୁନିବର ।
କହନ୍ତି ସେ ମାରକଣ୍ଡ ଶୁଣ ନରପତେ
ଯାହା ଶୁଣି ବାଞ୍ଛା କଲୁ ତା କହିବା ତୋତେ ।
ଏକମନେ ଶୁଣିବୁ ତୁ ଯେବେ ମହାରାୟ
ପାପ ଆଦି ମହାପାପ ହେବ ତୋର କ୍ଷୟ ।
ନିର୍ମଳ ହେବ ଶରୀର ଭକତି ପ୍ରାପତ
ହୋଇବ ଅଚିର କାଳ ମଧ୍ୟେ ହେ ସୁରଥ ।
ମାର୍କଣ୍ଡ ପୁରାଣ ଏହୁ ଅପୂର୍ବ ଚରିତ
ମହାଦେବ ଦାସ ଏହା କରିଲେ ବ୍ୟକତ ।

–x–

ଯମ ଓ ଯମ ପୁରାଣ ବିଷୟ ବର୍ଣ୍ଣନ

ଶୁଣ ଆହେ ମହୀପତି ଶୁଦ୍ଧ ଜ୍ଞାନ ଧର୍ମ
ଉଦିତ ହୋଇଲା ଯେଉଁ ଦିନ ଯୋଗବ୍ରହ୍ମ ।

Digitized by srujanika@gmail.com

ସେ ବ୍ରହ୍ମପୁରୁଷ ଗୋଟି ଅଟଇ ବିଧାତା
ଯୋଗମାୟା ନାମ ଅଟେ ତାହାର ଦୁହିତା ।
ସେହି ବ୍ରହ୍ମପୁରୁ ପୁଣି ମାୟା ଆଶ୍ରେକରି
ଅନନ୍ତ କୋଟି ବ୍ରହ୍ମାଣ୍ଡ ସର୍ଜିଲା ବିଚାରି ।
ଚାରିଯୁଗ ଷଡ଼ ଶାସ୍ତ୍ର ସକଳ ପୁରାଣ
ଛତିଶ ସ୍ମୃର୍ତ୍ତି ପୁଣି ନବ ବ୍ୟାକରଣ ।
ନବ ନାଟକାଟି କରି ନାନା ଚଉତିଶା
ଶ୍ଳୋକ ଅର୍ଥ ଗୀତା ଆଦି ବାଣିଜ୍ୟ ବେଉସା ।
ଚାରିବେଦ ମୂଳେ ଯେତେ ଯେତେ ଶାସ୍ତ୍ର ବିଧି
ଯୋଗମାୟା ଆଶ୍ରମରେ ସୃଜି ମୂର୍ତ୍ତିନିଧି ।
ତା ମଧ୍ୟେ ବ୍ରହ୍ମ ସୃଜିଲେ ଯେତେ ଯେତେ ପ୍ରାଣୀ
ତାହାଙ୍କ ଉପରେ ଯମ ଅଟଇ କାରେଣୀ ।
ଯେ ବିଧାତା ଭିଆଇଲେ ଯେତେ କଥାମାନ
ଜନ୍ତୁପତି ହେଲେ ତାଙ୍କ ଉପରେ ରାଜନ ।
ଯେତେକ ଜନ୍ତୁର ଭଲମନ୍ଦ ସେ ଜାଣଇ
ଶାସ୍ତ୍ରବିଧି ଅନୁସାରେ ସେ ଦଣ୍ଡ ଦିଅଇ ।
ଜନ୍ମ ଉପରେ ବିଧାତା ଅଟେ ଅଧିକାରୀ
ତାହାକୁ ଏକମାତ୍ର ସେ ଥାଏ ଲୟକରି ।
ବ୍ରହ୍ମା ସଙ୍ଗତରେ ଯେଉଁ ଯୋଗମାୟା ମତି
ବ୍ରହ୍ମା ବିଷ୍ଣୁ ମହେଶ୍ୱର ତାହାର ଭକତି ।
ପରମ ଈଶ୍ୱରୀ ଯେଉଁ ଜଗତ କାରେଣୀ
ଭାଙ୍ଗି ନ ପାରେ ତାହାଙ୍କ ଆଜ୍ଞା କୁଶପାଣି ।
ସେ ମହାମାୟୀ ଭିଆଣ ଅଟଇ ସଂସାର
ବ୍ରହ୍ମା ଆଦି ଦେବତାଏ ତାର ପରିବାର ।
ସେହି ଦେବୀଙ୍କୁ ଆଶ୍ରୟ କରନ୍ତି ଯେ ପ୍ରାଣୀ
ଅଚିରେ ତରଇ ସେହୁ ଭବନଦୀ ପାଣି ।
ଜନ୍ତୁପତି ତାହାର ଯେ ନ ଲଙ୍ଘଇ ସୀମା
ପ୍ରତ୍ୟକ୍ଷରେ ଭୃତ୍ୟ ତାର ଅଟେ ଦେବୀ ଉମା ।
ସେ ଦେବୀର ମହିମାଟି ଅଟେ ପାପ ପୁଣ୍ୟ
ଏସନକ ବିଧି ତୁହି ଜାଣ ହୋ ରାଜନ ।
ଏସନକ ବିଧି ଅଟେ ଯେବଣ ପୁରାଣ
ତାହା ତୋହର ଆଗରେ କରିବା ବଖାଣ ।
ସାବଧାନ ହୋଇ ଶୁଣ ଆହେ ନୃପବର
ଯମଦଣ୍ଡ ଯାତନାରୁ ପାଇବୁ ନିସ୍ତାର ।
ସୁରଥ ବୋଇଲେ ଯମ ଅଟଇ କେମନ୍ତ
ସେ କଥା ବୁଝାଇ କହ ଆହେ ତପୋବନ୍ତ ।
କେମନ୍ତେ ଜନ୍ତୁପତିର ଅଟେ ଚିହ୍ନବର୍ଣ୍ଣ ।
ସଂଯମନୀପୁର ଅଟେ କେମନ୍ତେ ଦୁର୍ଗମ
ଏଠାବକୁ କେତେ ଦୂର ଅଟେ ଯମ ଗ୍ରାମ ।
ଏକଥା ଶୁଣିବାକୁ ମୋ ବହୁତ ଶରଧା
ତବ ମୁଖୁଁ ଶୁଣି ଯିବ ମାନସିକ ବାଧା ।
ବଦନ୍ତି ଯେ ମାରକଣ୍ଡ କହ ବ୍ରହ୍ମଯତି
ଯାହା ତୁହି ପୁଛାକଲୁ ଶୁଣ ହୋ ନୃପତି ।
ଆମ୍ଭେ ବେଳେ ଯାଇଥିଲୁ ସଂଯମନୀ ପୁର
ଦେଖିଲୁ ଯମ ଯାତନା ଯେମନ୍ତ ପ୍ରକାର ।
ସେ କଥା ତୋହର ଆଗେ କହିବା ନୃପତି
ଶୁଣିଲେ ନିଶ୍ଚେ ତୁ ମନେ କରୁଥିବୁ ଭୀତି ।
ସୁରଥ କହିଲା ଏତ ଦୁର୍ଲଭ ବଚନ
ତୁମ୍ଭେ କାହିଁପାଇଁ ଗଲ ଶମନ ଭୁବନ ।
କେବଣ କାର୍ଯ୍ୟ ତୁମ୍ଭର ଥିଲା ଅବା ତହିଁ
ଏକଥା ତଦନ୍ତ କରି କହ ପୁଣ୍ୟଦେହୀ ।
ବଦନ୍ତି ଯେ ମାରକଣ୍ଡ ଋଷି ବ୍ରହ୍ମଯତି
ଶୁଣ ତୁ ହୋ ଏକମନେ ପୁଛିଲୁ ଯେ ରୀତି ।
ଅନେକ ଯୁଗର ଅନ୍ତେ ତ୍ରେତା ପରବେଶ
ହିମ ଋତୁର ଉତ୍ତାରେ ବସନ୍ତ ବିଳାସ ।
ଫଗୁଣ ମାସ ଶୁକଳ ପ୍ରତିପଦା ଦିନ
ଉତ୍ତରଭାଦ୍ର ନକ୍ଷତ୍ର ସୋମବାର ଜାଣ ।
ମୀନ ନାମେ ଚନ୍ଦ୍ର ଯେ ଷାଠିଏ ଦଣ୍ଡ ଭୋଗ
ବାଳବ ନାମେ କରଣ ସିଦ୍ଧି ନାମେ ଯୋଗ ।
କୁମ୍ଭ ସଂକରାନ୍ତିର ଯେ ବାଇଶ ଦିବସେ
କାଳ ଯେ ବିକାଳ ଦୁହେଁ ଗମନ୍ତି ଆକାଶେ ।
ଭ୍ରମଣ କରନ୍ତି ଗଉତମୀ ନଦୀ ତୀରେ
ଉତ୍ତମ ବନେ ପଶିଲେ କାଳପାଶ କରେ ।
କୃତିହା ମହର୍ଷି ରହିଛନ୍ତି ସେହି ବନେ
ଚତୁର୍ଦ୍ଦଶ ମନୁଯାଏ ବସି ଯୋଗଧ୍ୟାନେ ।
ବହୁକାଳ ବର୍ତ୍ତି ସିଦ୍ଧି ପାଇଲେକ ଯହୁଁ
ଶରୀରକୁ ଛାଡ଼ିବାକୁ ବିଚାରିଲେ ତହୁଁ ।
ଏତେ ବୋଲିଣ ଶରୀର ବହିଲେକ ମୁନି
ସ୍ୱର୍ଗକୁ ଯାଉଅଛନ୍ତି ଦିବ୍ୟଦେହ ଘେନି ।
କାଳ ବିକାଳ ତାହାଙ୍କୁ ଧଇଲେ ଗଗନେ
କାଳଫାଶ ଘେନିକରି ବାନ୍ଧିଲେ ଯତନେ ।
ରଥରେ ବସାଇ ଅଖ ଚୂଳରେ ବାନ୍ଧିଲେ
ଅନ୍ତରୀକ୍ଷ ମାର୍ଗେ ଦୁହେଁ ଦକ୍ଷିଣେ ଚଳିଲେ ।
ମୁନି ବୋଇଲେ ଶୁଣ ହୋ ଯମଦୂତ ବେନି
କିମ୍ପାଇଁ ତୁମ୍ଭେରେ ମୋତେ ଧଇଲ ଅଜ୍ଞାନୀ ।
ଜ୍ଞାନ ଗୋଚରେ ମୋହର ପାପ କରି ନାହିଁ
ସର୍ବଦା ପରକୁ ଦୟା ବହଇ ମୋ ଦେହୀ ।
ତପୀ ବୋଲି ଦୟା ତ ନ କର ଦୁଷ୍ଟବୁଦ୍ଧି
ଅଜ୍ଞାନେ କିମ୍ପାଇଁ ମୋତେ ପକାଇଲ ବାନ୍ଧି ।

Digitized by srujanika@gmail.com

ଯେବେ ନ ଛାଡ଼ନ୍ତି ମୋର ଇଚ୍ଛାରେ ଶରୀର
ଛାମୁକୁ ଯାଇପାରନ୍ତ ତୁମ୍ଭେ କିରେ ଛାର ।
ଏବେ ଯଦ୍ୟପି ମୋତେ ରେ ଯମପାଶେ ନେବ
ତାଙ୍କଠାରୁ ତୁମ୍ଭେ ନିଶ୍ଚେ ବୋଲଣା ପାଇବ ।
କେବଣ ଦୋଷ ମୋହର କଲି କେଉଁ ପାପ
ତୁମ୍ଭେ ଯେତେ ଜାଣ କହ ମୋ ଆଗେ ସ୍ୱରୂପ ।
ଦୂତେ ବୋଇଲେ ତୁମ୍ଭେ ତ ହେଉଛ ଚତୁର
ବାଳକାଳ କଥାମାନ ମନରେ ସୁମର ।
ଜନକ ଋଷିର କୁଳେ ହେଲୁ ତୁହି ଜାତ
ଯେଉଁ ସମୟରେ ତୋର ବୟସ ସପତ ।
ସେଦିନ କଉତୁକରେ ବାଳୁତଙ୍କ ମେଳେ
ଖେଳ ଖେଳୁଥିଲୁ ସୁଭାଗିନୀ ନଦୀକୂଳେ ।
ତୁ ତହୁଁ ଧଇଲୁ ଯେ ମଣ୍ଡୂକ ଜୀବଗୋଟି
ଶିକୁଳି ଲଗାଇ ଖଣ୍ଡେ ବାନ୍ଧିଲୁ ତା ତଣ୍ଟି ।
ସେ ନଦୀର ତୀରେ ଏକ ଅର୍କବୃକ୍ଷ ଡାଳେ
ମଣ୍ଡୂକକୁ ବାନ୍ଧି ତହୁଁ ପଶିଲୁ ତୁ ଜଳେ ।
ସେହି ଜନ୍ତୁ ଗୋଟିକ ଯେ ବନ୍ଧନରେ ଥିଲା
ଆହାର ନିମନ୍ତେ ତାକୁ କାକପକ୍ଷୀ ନେଲା ।
ସେ ପାପେ କାରଣ ତୁ କି ନ ହୋଇଲୁ ଋଷି
ବୋଇଲୁ ଯେ ଏ ଜନ୍ମରେ ଅଟେ ମୁଁ ନିର୍ଦ୍ଦୋଷୀ ।
ଆମ୍ଭର ଆଗରେ ମିଥ୍ୟା କହିଲୁଟି ତୁହି
ଯମଦେବଙ୍କୁ ଏମାନ ଅଜଣା ନୁହଇ ।
ଚିତ୍ରଗୁପ୍ତଙ୍କ ପାଞ୍ଜିରେ ଲେଖାଥାଇ ଯଥା
ଆମ୍ଭଙ୍କୁ କେବେ ଉହାଡ଼ ନୁହଇ ସେ କଥା ।
ମୁନି ବୋଇଲେ ଏକଥା ମୋର ଅଟେ ସତ୍ୟ
ତହିଁକି ସୁପୁଣ୍ୟ ମୁହିଁ କଲଇଁ ବହୁତ ।
ଏତେ ଦିନେ ସେ ପାତକ ନୋହିଲା କି କ୍ଷୟ
ତହିଁର ଦୋଷକୁ ଧରିବେକି ଜନ୍ତୁରାୟ ।
ଡଗର ବୋଇଲେ ଯମ ପାଶେ ଗଲେ ଘେନି
ସେଠାବରେ ପାପପୁଣ୍ୟ ବୁଝିବ ହେ ମୁନି ।
ଏତେ କହି ଖରତରେ ବିମାନ ବାହାନ୍ତି
ଅଖ ଚୂଳରେ ସେ ମୁନି ବନ୍ଧା ହୋଇଛନ୍ତି ।
ଗଗନେ ବିକ୍ରମି ଚଳେ ସେ ମୁନି ବିମାନ
ବୋବାଳି ଛାଡ଼ଇ ଉଚ୍ଚସ୍ୱରେ ତପୋଧନ ।
ବୋଲଇ ହେ ଦିଗପାଳେ ହୁଅ ମୋର ସାକ୍ଷୀ
ଅନେକ ତପସ୍ୟା କରି ହେଲି ମୁଁ ନିର୍ମାଖୀ ।
ଚତୁର୍ଦ୍ଦଶ ମନୁଯାଏ ଘୋର ତପ କଲି
କାଳ ପାଶରେ ଆବର ବନ୍ଧନ ହୋଇଲି ।
ଦେବତା ହୋଇଣ ତୁମ୍ଭେ ଚିତ୍ତେ ମାୟା ନାହିଁ
କିଞ୍ଚିତ ଦୋଷକୁ ମୋତେ ଏଡ଼େ ଦଣ୍ଡ ବିହି ।
ଦୂତପଣ କରି ମୋତେ ଏତେ ଦଣ୍ଡ ଦେଲେ
ଭଲେ କି ରଖିବେ ମୋତେ ରାଜାଠାକୁ ନେଲେ
ଭୋ ଧର୍ମଦେବ ଉଦ୍ଧାର କରିବାକୁ ମୋତେ
ଅନେକ ସେବା ଯେ ମୁହିଁ କରିଅଛି ତୋତେ ।
ଦିବାରାତ୍ରି ତୁମ୍ଭଙ୍କୁ ମୁଁ ଭଜେ ଅବିଚ୍ଛିନ୍ନେ
ଧ୍ୟାନରେ ଚିନ୍ତଇ ମୁହି ନିତ୍ୟ ନିରଞ୍ଜନେ ।
ଦେଖିଲି ସଂସାରେ ମୁହିଁ ଦୁର୍ଲଭ ବ୍ୟବସ୍ଥା
ତପସ୍ୟା କରି ପାଇଲି ଏଡ଼େକ ଅବସ୍ଥା ।
ଧର୍ମଦେବ ଯେବେ ତୁ ନ ରଖିବୁ ବାରେକ
ନିର୍ଦ୍ଦୟ କାଳ ପୁରୁଷେ ଦଣ୍ଡିବେ ଅନେକ ।
ବାରେ ମୋତେ ଦୟାକର ଆହେ ମାରକଣ୍ଡ
ସହି ନ ପାରଇ ମୁହିଁ ଯମର ଏ ଦଣ୍ଡ ।
ତପୀ ନିସ୍ତାରଣ ତୁହି ଅନନ୍ତ ତପନ
ତରନ୍ତି ତୋହର ଆଶ୍ରା କରି ପୁଣ୍ୟଜନ ।
ଦେବ ଦେବ ପୁରୁଷ ତୁ ଧର୍ମ ରକ୍ଷାକାରୀ
ନିର୍ମାଖୀ ଜନ ମୁଁ ତୋତେ ବହୁ ଆଶ୍ରା କରି ।
ହେ ବିରଞ୍ଚି ନାରାୟଣ ଦ୍ରୌପଦୀ ତାରଣ
ତ୍ରାହିକର ମୁଁ ତୁମ୍ଭର ପାଦରେ ଶରଣ ।
କୃତିହା ମହାରଷିର ଏମନ୍ତ ଉତ୍ତର
ଗଗନ ପଥରେ ତାହା ଶୁଣି ଦିନକର ।
ସେହିଦିନ ଥିଲୁ ଆମ୍ଭେ ଆଦିତ୍ୟ ରଥରେ
ହକରାଇ ନେଇଥିଲେ ସେ ତୋତେ ଶ୍ରଦ୍ଧାରେ ।
ଆଗତ ଶାସ୍ତ୍ର ମୋଠାରୁ ଶୁଣିବାର ପାଇଁ
ହକରାଇ ନେଇଥିଲେ ଅରୁଣେ ପଠାଇ ।
ସପତ ଦିନେ କହିଲୁ ସବୁ ଶାସ୍ତ୍ର ତାଙ୍କୁ
ମେଲାଣି ମାଗିଲୁ ଆମ୍ଭେ ଯିବୁ ଆଶ୍ରମକୁ ।
ଏହି ସମୟେ କୃତିହା ନାମେ ତପଶାଳୀ
ବିକଳେ ଡାକିଲେ ମତେ ରଖ ଅଂଶୁମାଳି ।
ଧର୍ମ କର୍ଣ୍ଣେ ସମ୍ଭାଇଲା ଯାଇ ସେହି ଧ୍ୱନି
ଆମ୍ଭକୁ ବୋଇଲେ ମୋତେ ଶୁଣ ମହାମୁନି ।
କୃତିହା ମହାରଷିଙ୍କୁ ନ୍ୟନ୍ତି ଯମଦୂତେ
ଆରତ ହୋଇଣ ସେହୁ ସୁମରିଲା ମୋତେ ।
ତୁମ୍ଭଙ୍କୁ ଦୟିନୀ ମଧ୍ୟ କରେ ମହାରଷି
ବେଗେ ଯାଇ ଫେଇଦିଅ ତାଙ୍କ କାଳଫାଶୀ ।
ତୁମ୍ଭଙ୍କୁ ତ ସେହିକଥା ଲାଗଇ ଯୁକତେ
କେହି ଭିନ୍ନ ନୁହଁ ତୁମ୍ଭେମାନେ କଦାଚିତେ ।
ସ୍ୱଜାତି ଲୋକଙ୍କୁ ଯେହୁ ଦୁଃଖେ ହୋଏ ସଖା
ତାହାର ଜୀବନ ଅଟେ ତ୍ରିଭୁବନେ ଲେଖା ।
ପୁରାଣ କହିଣ ଯେବେ ତୋଷିଲ ମୋ ମନ
କୃତିହା ମହାରଷିର ଫେଡ଼ାଅ ବନ୍ଧନ ।

Digitized by srujanika@gmail.com

ତାହାକୁ ଘେନିଣ ତୁମ୍ଭେ ଯମଠାକୁ ଯିବ
ଦୋଷାଦୋଷ ଥିଲେ ତାର ମାଗିଣ ଘେନିବ ।
ଆଦିତ୍ୟଙ୍କ ବୋଲେ ଆମ୍ଭେ ସନମତ କଲୁ
ମନଯାନ ଚଢ଼ି ଶୂନ୍ୟ ପଥରେ ଗମିଲୁ ।
ଦୂରୁଁ ଡାକଦେଲୁ ରହ ରହ ଯମଗଣ
ଆମ୍ଭ ଶପଥ ତୁମ୍ଭଙ୍କୁ ଜନ୍ତୁପତି ରାଣ ।
ମୋ ଯିବାଯାଏ ବିଶ୍ରାମ କର ତହିଁ କ୍ଷଣେ
ମୋ ଆଜ୍ଞା ପ୍ରମାଣେ ରହିଲେକ ଯମଗଣେ ।
ଆମ୍ଭେ ପ୍ରବେଶ ହୋଇଲୁ ଯାଇ ତାଙ୍କ କତି
ଦେଖିକରି ଯମଦୂତ କରିଲେ ଭକତି ।
ବୋଇଲେ ଗୋସାଇଁ ଏହି ରଥେ ବିଜେକର
କେଉଁ କାରଣେ ଆସିବା ହେଲେ ମୁନିବର ।
ତାହାଙ୍କର ବୋଲେ ଆମ୍ଭେ ଆସିଲୁ ବିମାନେ
କଲ୍ୟାଣ ବାଞ୍ଛାକଲୁ ଯେ ତାଙ୍କୁ ତୋଷମନେ ।
ଆସନେ ବସିଣ ଆମ୍ଭେ ଉଠିଲୁ ବିମାନେ
ଧୈର୍ଯ୍ୟଧରି କଲୁ ଶୂନ୍ୟଗତି ଏ ବିମାନେ ।
ମର୍କତର ବିମାନ ଯେ ନୀଳା ଚାରିଖମ୍ଭ
ସୁବର୍ଣ୍ଣର ପୀଢ଼ାମାନ ଦିଶଇ ଆରମ୍ଭ ।
ମଣି କାଞ୍ଚନ ଜଡ଼ିତ ହେବାରୁ ଚଟୁଳ
ମାରାଗ ମଣିରେ ରଥ ଅତ୍ୟନ୍ତ ନିର୍ମଳ ।
ହୀରାମୟ ଧ୍ୱଜ ଦେବଅଙ୍ଗ ସୋମଦଣ୍ଡ
ଯେହ୍ନେ ଉଦୟ ଗିରିରେ ଉଦେ ମାରତଣ୍ଡ ।
ଉପରରେ ସୁବର୍ଣ୍ଣର ଘଟ ପଞ୍ଚମୁଖା
ବିଚିତ୍ର ଚିରାଳ ଉଡ଼େ ନାହିଁ ତାର ଲେଖା ।
ମୁକ୍ତାମାଳ ମାଳ ମଣ୍ଡି ଅଛନ୍ତି ସୁସଞ୍ଜେ
ଲକ୍ଷେକ କୃଷ୍ଣ ଚାମର ଖଞ୍ଜା ଅତି ଘଞ୍ଜେ ।
ନାନାବିଧ ଝୀନବାସ ଚଉକତି ଉଡ଼େ
ଯେ ଦିଗେ ଗମେ ସେ ଦିଗେ ଚମକି ଯେ ପଡ଼େ
ପ୍ରଚଣ୍ଡ କାଳ ବିମାନ ମୂରତି ନିଦାଘ
ଯୋଚା ହୋଇଛନ୍ତି ତହିଁ ଷାଠିଏଟି ବ୍ୟାଘ୍ର ।
ନାନା ପ୍ରକାରେ ରଜ୍ଜୁ ସେ ରଥେ ଅଛି ଜଡ଼ି
ବ୍ୟାଘ୍ର ଚର୍ମ କତା ତହିଁ ଗୁଣର ଦଉଡ଼ି ।
ଲୁହା ଠେଙ୍ଗା ମୂଳେ ଅଛି ଅନେକ ଚାବୁକ
ନାମଧରି ତା କହିବି କେତେ ଏକ ଏକ ।
କାଳ ବିକାଳ ଦୁହେଁ ଯେ ରଥେ ଛନ୍ତି ବସି
ମୁନିଙ୍କୁ ବାନ୍ଧିଅଛନ୍ତି ଗଳେ ଦେଇ ଫାଶି ।
ଆମ୍ଭେ ଯାଇ ତହିଁରେ ଯେ ହେଲୁ ପରବେଶ
ଦୂତଙ୍କୁ ଯେ ପଚାରିଲୁ ହୋଇ ହସ ହସ ।
ବୋଇଲୁ କିମ୍ପା ଆଣିଲ ତୁମ୍ଭେ ତପୋବନ୍ତ
ମୁନିମାନଙ୍କୁ ଦଣ୍ଡିବା ନୁହଇ ଯୁକତ ।
ଏ ଯେ ମହାଋଷି କେବେ ନୁହେଁ ଦୋଷକାରୀ
କିମ୍ପାଇ ତୁମ୍ଭେ ଏହାକୁ ନେଉଅଛ ଧରି ।
ଅଲଗା କରି କିମ୍ପାଇ ବାନ୍ଧିଛ ରଥରେ
କେଉଁ ଦୋଷେ ଏଡ଼େ ନିରପେକ୍ଷ ତାହାଠାରେ ।
ଛାଡ଼ ଛାଡ଼ ଏହି କଥା ବିହିତ ନୁହଇ
ଆଉ ବେଳେ ନ କରିବ ତୁମ୍ଭେ ଏହା କାହିଁ ।
ଡଗର ବୋଇଲେ ଏହୁ ଅଟେ ବଡ଼ ଦୋଷୀ
ଏହାର ନିକଟେ କିଛି ନ କହ ମହର୍ଷି ।
ଅକାରଣେ ବାନ୍ଧିଲା ଏ ଏକଇ ମଣ୍ଡୂକୀ
ଆହାର ନିମନ୍ତେ ତାକୁ କାକ ପକ୍ଷୀ ଭକ୍ଷି ।
ଅଦୋଷୀ ଜୀବକୁ ଏ ଯେ ନାଶିଲା କିମ୍ପାଇଁ
ତହିଁର ଶାସ୍ତି ନିଶ୍ଚୟ ପାଇବ ଯେ ଏହି ।
ତାହା ଶୁଣିକରି ଆମ୍ଭେ ବୋଇଲୁ ଦୂତଙ୍କୁ
ଏ ଋଷି ପାଇଁକି ଆମ୍ଭେ ଯିବୁ ଯମଠାକୁ ।
ତାହା ଆଗେ ବୁଝାଇବା ଆମ୍ଭେ ପାପପୁଣ୍ୟ
ଏବେ ଏ ମହାଋଷିଙ୍କ ଫେଡ଼ସି ବନ୍ଧନ ।
ଯଦି ଆମ୍ଭର ବଚନ ନ କରିବ ଆଜ
ରଥ ସହିତେ ଏଠାରେ ହୋଇବ ଦହିର୍ଯ୍ୟ ।
ଶୁଣିଣ କାଳ ବିକାଳ ସନମତ କଲେ
ଋଷିଙ୍କୁ ଫିଟାଇ ଆଣି ରଥେ ବସାଇଲେ ।
ବୋଇଲେ ତୁମ୍ଭେ ଯେ ମୁକୁଳାଇଲ ଏହାକୁ
ଆମ୍ଭର ସଙ୍ଗରେ ଚଳ ଯମରାଜାଠାକୁ ।
ସେଠାବରେ ଆମ୍ଭଙ୍କୁ ଯେ ହୋଇବ ବୋଲଣା
ପାପୀଜନମାନଙ୍କୁ ନ ଦେଲାରୁ ଗଞ୍ଜଣା ।
ତୁମ୍ଭେ ଥିଲେ କହିବ ଯେ କିଛି ଏହା ପାଇଁ
ଆମ୍ଭେମାନେ ବୋଲଣା ଯେ ନ ପାଇବୁ ତହିଁ ।
ତାହା ଶୁଣିଣ ବୋଇଲୁ ଆମ୍ଭେ ଯିବା ଚାଲ
ନ ଗଲେ ଏକଥା କିଛି ନୋହିବ ଯେ ଭଲ ।
ଏତେ ବୋଲି ବିମାନରେ ବସି ଚାରିଜଣ
ଆଜ୍ଞା ଦେଲୁ ସେ ବିମାନ ଉଠିଲା ଗଗନ ।
କୃତିହା ମହାଋଷି ଯେ ମନରେ ହରଷ
କୃତକୃତ ହୋଇ ପୁଣି ମିଳେ ଆମ୍ଭ ପାଶ ।
ବୋଇଲେକ ଆଜ ମୋତେ ରଖହେ ମାର୍କଣ୍ଡ
ନୋହିଲେ ଗଞ୍ଜଣା ନିଶ୍ଚେ ପାଇବ ମୋ ପିଣ୍ଡ ।
ଆମ୍ଭେ ବୋଇଲୁ ତୁମ୍ଭେ ତ ଧର୍ମରେ ଆଶ୍ରିତ
ତେଣୁ ଧର୍ମ ଦେବତା ଯେ ରଖିବେ ତୁମ୍ଭତ ।
ପୁଣ୍ୟବନ୍ତ ଲୋକକୁ ଯେ ଧର୍ମ ରକ୍ଷା କରେ
ଯାହା ହେଲା ଶୁଣ ତୁମ୍ଭେ ଏଥିଅନନ୍ତରେ ।
ଦୂତ ତୁଲେ ସେ କୃତିହା ମହର୍ଷିଙ୍କୁ ଘେନି
ବିମାନରେ ବସି ଆମ୍ଭେ ଯାଉଁ ସଞ୍ଜୀବନୀ ।

Digitized by srujanika@gmail.com

ଉର୍ଦ୍ଧ୍ୱଗତିରେ ବିମାନ କରଇ ପ୍ରୟାଣ
ନିଃଶ୍ୱାସକେ ସେ ବିମାନ ଗମେ ଷଡ଼୍ଯୂଣ ।
ଯାଆନ୍ତେ ଜମ୍ବୁଦ୍ୱୀପ ଯେ ହୋଇଲାକ ଶେଷ
ଭବନଦୀ କୂଳରେ ଯେ ହୋଇଲୁ ପ୍ରବେଶ ।
ଯମଦୂତ କହିଲେ ଯେ ଆମ୍ଭର ଅଗ୍ରତ
ଏବେ ସେହି ଭବନଦୀ ଦେଖ ତପୋବନ୍ତ ।
ଜମ୍ବୁଦ୍ୱୀପରେ ଲକ୍ଷେକ ଯୋଜନ ଉତ୍ତାରେ
ଲବଣ ସମୁଦ୍ର ବେନି ଲକ୍ଷ ତାହା ପରେ ।
ଶତେ କ୍ରୋଶ ସ୍ଥଳୀ ବୋଲାଇ ଏ ଭବନଦୀ
ସ୍ୱର୍ଗମର୍ତ୍ତ୍ୟ ମଧ୍ୟେ ରହିଅଛି ଶୂନ୍ୟଭେଦି ।
ଭବାନୀ ରୂପରେ ଏଥେ ବିଜେ ଭଗବତୀ
ମରଣ ସମୟେ ଏକା ଏହି ଅଟେ ଗତି ।
ଦେଖନଦୀକୂଳେ ଏହି ଦେବୀଙ୍କ ପ୍ରତିମା
ଯାହାକୁ ପ୍ରଥମେ ଗଢ଼ିଥିଲେ ବେଦବ୍ରହ୍ମା ।
ମୁଗୁନି ପାଷାଣେ ଗଢ଼ିଲାକ ଏହା ଅଙ୍ଗ
ତମ୍ଭାର ମୁଖମଣ୍ଡଳ ଗଢ଼ିଲା ସୁରଙ୍ଗ ।
ପିତଳେ ଶ୍ରବଣ ଲୁହାରେ ଯେ ବେନି ଆଖି
ଭବପୁର ଲୋକେ ଦୂରୁ ତ୍ରାସନ୍ତି ଯେ ଦେଖି ।
ସୁବର୍ଣ୍ଣର ଗୁଣା ଲଲାଟରେ ଚନ୍ଦ୍ରରେଖା
ଲହଲହ ଜିହ୍ୱା ଲାଗେ ଗଗନରେ ଶିଖା ।
ବିକଟ ଯେ ରଟମଟ ଶୁଭେ ଦନ୍ତ ପାଟି
ଚତୁର୍ଦ୍ଦିଗେ ଭ୍ରମଣ ଯେ ବୁଲେ କାଳଦୃଷ୍ଟି ।
ବେଶରେ ଛନ୍ଦି ଅଛନ୍ତି ଗଳେ ମୁଣ୍ଡମାଳି
ରୁଧିରରେ ଜରଜର ଦିଶେ ଗଣ୍ଡସ୍ଥଳି ।
ବର୍ଷା ସମାନ ରୁଧିର ବହେ ନିରନ୍ତର
ବିଜୁଳି ସମାନେ ପ୍ରଭା ଶୋହଇ ପ୍ରଖର ।
ଶୋଣିତ ଅଧର ଗର୍ଜି ଉଠେ ପରଚଣ୍ଡ
ଶତେ କ୍ରୋଶ ସ୍ଥଳୀ କମ୍ପି ଉଠେ ଭୂମି ଖଣ୍ଡ ।
ରଙ୍ଗବସ୍ତ୍ର ପରିଧାନ ଗଳେ ହାଡ଼ମାଳା
ଲୌହଗିରିର ପରାଏ ଦିଶେ ତନୁ କଳା ।
ଚରଣକୁ ପଟାନ୍ତର ମନ୍ଦର ଯେ ଗିରି
ରୁଣୁଝୁଣୁ ବାଜଇ ନୂପୁର ଯୋଡ଼ା ଚାରି ।
ତରୁବର ଜିଣି ଦିଶେ ଦେହ ରୋମାବଳି
ଟହଟହ ହସେ ନଭ୍ର ପଡ଼ଇ ଉଚ୍ଛୁଳି ।
ଯେ ଯେଣେ ଚାହିଁବ ତେଣେ ତାହାଙ୍କର ଦୃଷ୍ଟି
ଆଜିଯାଏ କେହି ନ ଦେଖିଲେ ତାଙ୍କ ପିଠି ।
ଏହାଙ୍କର ତେଜରଶ୍ମି କୋଟିସୂର୍ଯ୍ୟ ଜିଣି
ତପତଘାତେ ଫୁଟଇ ଭବନଦୀ ପାଣି ।
ପାପୀଜନମାନଙ୍କୁ ଯେ ଡରାଇବା ପାଇଁ
ଯତ୍ନେ ବିଧାତା ଏହାଙ୍କୁ ସ୍ଥାପିଲା ଏଠାଇଁ ।
ଯେଉଁ ଜନମାନେ ଏ ସଂସାର ମଧ୍ୟେ ଥାଇ
ହରନ୍ତି ଗୁରୁପତ୍ନୀକି କାମେ ବଶ ହୋଇ ।
ପର ଯୁବତୀକି ଯେହୁ ହରେ ମତ୍ତଗର୍ବେ
ଚାଟୁକଥା କହି ବଶ କରେ ଧନ ଦ୍ରବ୍ୟେ ।
ପରଯୁବତୀକି ଯେହୁ ଫୁସୁଲାଇକରି
ବଳାତ୍କାରେ ହରଇ ବା ଯେହୁ ପରନାରୀ ।
ଜନନୀ ଚରଣେ ଯେହୁ ନୁହଇ ଭକତି
ପରସ୍ତିରୀକି ଯେ ଜନ ନିତ୍ୟ ମନ ଦ୍ୟନ୍ତି ।
ସେ ପ୍ରାଣୀ ପଡ଼ଇ ଯାଇ ଭବାନୀ ଆଗର
ତା ରୂପ ଦେଖି ମନୁଷ୍ୟ ହୁଅଇ କାତର ।
ଛନ୍ନ ଛନ୍ନ ନୟନରେ ତରାଟି ଅନାଇଁ
ଜିଭ କାଢ଼ିଣ ତରାଟି ଘୋର ରଡ଼ି ଦେଇ ।
ତରସ୍ତ ହୋଇଣ ପ୍ରାଣୀ ପଡ଼ନ୍ତି ଧରଣୀ
ବାଳ ଧରିଣ ତାହାକୁ ନ୍ୟନ୍ତି ଗୋସାମଣୀ ।
ଯେତେବେଳେ ପ୍ରାଣ ତାର ଛାଡ଼ଇ ପିଣ୍ଡକୁ
ଆମ୍ଭେ ନେଉଥାଉଁ ସୁକୁମାର ତା ଅଙ୍ଗକୁ ।
ସେ ପିଣ୍ଡରେ ଆସିକରି ପଶଇ ଜୀବନ
ସେହି ସୁକୁମାର ତନୁ ଅତିହିଁ ଲାବଣ୍ୟ ।
କୁସୁମ ପାଖୁଡ଼ା ପ୍ରାୟେ ତାର ଅପଘନ
ବଜ୍ର ପ୍ରହାର କରନ୍ତେ ନ ଛାଡ଼ଇ ପ୍ରାଣ ।
ସେ ପିଣ୍ଡରେ ଆମ୍ଭେ ତାହା ଆତ୍ମାକୁ ପୂରାଉଁ
ପୁଣ୍ୟ ନ ଥିଲେ ତାହାକୁ ବହୁ କଷ୍ଟ ଦେଉ ।
ଶୁଣ ମହାରଷି ଏହି ଦେବୀର ମହିମା
ବିଟପ ପୁରୁଷର ଏ ଭାଙ୍ଗଇ ଗାରିମା ।
କେଶ ଧରି ନେଇ ତାକୁ ଖପରେ ପୂରାଇ
କରତ ଘେନିଣ ଆସି କରତି ପକାଇ ।
ତେଜଘାତେ ମାଉଁସ ତା ଯାଇଥାଇ ଜଳି
ସବୁ ଅଙ୍ଗରୁ ରୁଧିର ପଡ଼ଇ ଉଚ୍ଛୁଳି ।
କେଶଧରି ବୁଲାଉଁ ଯେ ତାକୁ ଅନ୍ତରାଳ
ରୁଧିର ତା ମୁଖୁଁ ବହି ପଡ଼େ ଖଳ ଖଳ ।
ପୁଣି ସେ ଲବଣ ଜଳ ତେଜ ମହାତାତି
ପଡ଼ି ତା ଶରୀର ତହୁଁ ହୁଅଇ ବିକୋତି ।
ଦେଖନ୍ତେ ଆମ୍ଭେ ଯେ ପୁଣି ଧରି ତାର ବାଳ
ନାବରେ ବସାଇ ପାରିକରୁ ଭବଜଳ ।
ଜନନୀ ଚରଣେ ଯେହୁ ସେବା କରିଥାଇ
ଅକାମୀ ହୋଇଲେ ଏହି ପଥେ ସୁଖେ ଯାଇ ।
ଏତେ କହିଣ ଡଗର ବାହିଲେ ବିମାନ
ଭବାନୀର ଭୁଜତଳେ ପଶିଲାକ ଯାନ ।
ଭବନଦୀ ଜିଣିକରି କୂଳରେ ପ୍ରବେଶ
ଭଣନ୍ତି ଦୀନ ହୀନ ଶ୍ରୀ ମହାଦେବ ଦାସ ।

–x–

Digitized by srujanika@gmail.com

ଇକ୍ଷୁସମୁଦ୍ର ଓ କାଳିକାଙ୍କ ଦର୍ପ

ଏଥୁ ଅନନ୍ତରେ ଶୁଣିବାକ ଦିବ୍ୟରସ
ସୁଜନ ଜନେ ମୋହର ନ ଧରିବ ଦୋଷ ।
ଲବଣ ସିନ୍ଧୁକୁ ଜିଣି କଲୁ ଦ୍ବିଗ ଶେଷ
ଇକ୍ଷୁ ସମୁଦ୍ର ଯେ ଅଛି ତହିଁ ଆର ପାଶ ।
ବେନି ଲକ୍ଷ ଯୋଜନ ଯେ ତାର ଆୟତନ
ତହିଁକି ଯେ ଚାରିଗୁଣ ସିନ୍ଧୁ ବିଦ୍ୟମାନ ।
ଶୁଣ ତୁ ସୁରଥ ସେହି ପଥର ମହିମା
କହନ୍ତେ ସେ ଦୁରାପଦ ଅଗୋଚର ସୀମା ।
ଚଉଦସସ୍ର ଯୋଜନ ଆୟତନ ସଞ୍ଚେ
ପ୍ରଚଣ୍ଡ ଅନଳ ବାତ ବହେ ଅତି ଘଞ୍ଚେ ।
ଆପେ ଯେ କାଳିକା ତହିଁ ବହୁରୂପା ହୋଇ
ଯମ ପଥକୁ ଆବୋରି ଅଛି ମହାମାୟୀ ।
ଅନାଦି ଈଶ୍ବରୀ ସେହୁ ଅଟେ କାଳରୂପୀ
ନାନା ଶକ୍ତି ଧରିଅଛି ଦକ୍ଷିଣକୁ ବ୍ୟାପୀ ।

ଗଦା ପୁଣି ମୁଦୁଗର ଆହୁରି ମୁଷଳ
ପଡ଼ନ୍ତେ ଉଡ଼ନ୍ତେ କମ୍ପେ ସେ ମହୀମଣ୍ଡଳ ।
କ୍ଷୁର ନହୁରୁଣୀ ପୁଣି କତୁରୀ କୁଠାର
ଅନୁକ୍ଷଣେ ଗଗନରୁ ପଡ଼େ ସୂଚୀଧାର ।
ଭ୍ରମଇ ପ୍ରଚଣ୍ଡ ତୀକ୍ଷଣ ସୂଚୀ ମାଳାମାଳା
ଶସ୍ତ୍ର ଦେହେ ଶସ୍ତ୍ର ବାଜି ଉଠେ ଅଗ୍ନିଜ୍ୱାଳା ।
ଗଗନରୁ ଅନୁକ୍ଷଣେ ପଡ଼େ ତୀକ୍ଷ୍ଣ ଶର
ଅନ୍ତରାଳ ହୋଇ ତହିଁ ବହେ ଅଗ୍ନି ଧାର ।
ତଲୁ ଶସ୍ତ୍ରମାନ ଆପେ କ୍ଷେପନ୍ତି ଗଗନେ
ଦିଗ ନ ଦିଶଇ ଶସ୍ତ୍ରମାନଙ୍କ ଗହନେ ।
ଆତଯାତ ହୁଅଇ ସେ ଶୂନ୍ୟପଥେ ରୁନ୍ଧି
ଇଚ୍ଛାଏ ଶସ୍ତ୍ର ଚଳିଣ ଅପରକୁ ବିନ୍ଧି ।
ତାହା ଦେଖି ଶଙ୍କା ଜାତ ହେଲା ଆମ ମନେ
ଦୂତେ ବୋଇଲେ ପଥକୁ ହୁଅ ସାବଧାନେ ।
ଏହି ସେହି କଳାପଥ କାଳୀ ଏଥେ ଥାଇ
ଶସ୍ତ୍ର ରୂପକୁ ଧରିଣ ରକ୍ତ ମାଂସ ଖାଇ ।

କରେ ତୀକ୍ଷଣ ଖରେ ଯେ କରଇ ପରଶୁ
ପ୍ରଚଣ୍ଡ ତୀକ୍ଷଣ କାତିକି ଦେଖି କେ ଭରସୁ ।
ଶକ୍ତି ତୀକ୍ଷଣ ଭଲ୍ଲ ପାଶୁପତ ଯେ ନାରାଚ
କ୍ଷେପନ୍ତେ ଗଗନେ ଅନୁକ୍ଷଣେ ମହାତେଜ ।

ଯେତେକ ଶସ୍ତ୍ର ଏମାନେ ପ୍ରତ୍ୟକ୍ଷ କାଳିକା
ଦୁଷ୍ଟଙ୍କୁ ସେ ଅଗୋଚର ବିଚାରିଲେ ଏକା ।
ଯେ କାଳେ ନାଶିଲେ ଚଣ୍ଡ ମୁଣ୍ଡ ଆଦିମାତ
କାଳିକା ମୂରତି ନିଜ ଅଙ୍ଗୁ କଲେ ଜାତ ।

Digitized by srujanika@gmail.com

ଦେବୀ ଯୁଦ୍ଧ କରିଲେ ଯେ ଅସୁରଙ୍କ ସଙ୍ଗେ
ରକତ ମାଂସ ଭକ୍ଷଣ କଲେ ଅତି ରଙ୍ଗେ ।
ଅନେକ ଅସୁରଙ୍କର ଭକ୍ଷିଲେ ମାଉଁସ
କିଛିଦିନେ ନିଶାଚରେ ହୋଇଲେ ନିଃଶେଷ ।
ସ୍ୱାଦ ମଣିଲେ ପିବନ୍ତେ ଏହାଙ୍କ ରୁଧିର
ଅସୁର ନ ପାଇ ଖାଇଗଲେ ସୁରନର ।
ଅନେକ ଲୋକଙ୍କୁ ଯହୁଁ ଭକ୍ଷିଲା କାଳିକା
ଅନେକ ଲୋକଙ୍କୁ ତହୁଁ ପଡ଼ିଲାକ ଡକା ।
ଏସନ ପ୍ରତାପ ଜାଣିପାରି ବେଦବର
ଗୁହାରି କଲେ ଯାଇଣ ଦୁର୍ଗାଙ୍କ ଆଗର ।
କରପତ୍ର ଯୋଡ଼ିକରି ବୋଇଲେ ବିଧାତା
ସାବଧାନ ହୋଇ ଶୁଣ ଆଗୋ ଆଦିମାତା ।
ତୁମ୍ଭର ଅଙ୍ଗରୁ ଦେବୀ କାଳୀ ହେଲେ ଜାତ
ଲହୁ ମାଂସ ନିମନ୍ତେ ସେ ଭକ୍ଷିଲେ ଜଗତ ।
ତୁହି ଯେବେ ତାହାକୁ ନ ବୋଧିବୁ ଗୋମାୟେ
ଜଗତେ ଜନ୍ତୁ ଆଉ କି ବର୍ତ୍ତିବେ ଗୋଟାଏ ।
ଦୁର୍ଗା ବୋଇଲେ ମୁହିଁ ତ ପ୍ରବୋଧିବି ତାକୁ
ଆମ୍ଭ ଆଜ୍ଞା ଘେନି ଯାଅ କହିବ କାଳୀକୁ ।
ରକତ ମାଉଁସେ ଯେବେ ବଳିଲା ସେନେହ
ରକତ ମାଉଁସେ ଦେବା ଏକଠାବେ ଖାଅ ।
ଦୁର୍ଗାଙ୍କର ଆଜ୍ଞା ପାଇ ଚଳିଲେ ଦୈବତେ
କାଳିକାକୁ ଭେଟିଲେ ଯେ ଦେବାଙ୍ଗ ପର୍ବତେ ।
କାଳିକାର ରୂପ ଦେଖି ଡରିଲେ ବିଧାତା
କେମନ୍ତେ ଭେଟିବି ମୁହିଁ ସେହି ଆଦିମାତା ।
ଖଣ୍ଡେ ଦୂରୁ ଡାକିଲେ ମୁଁ ଅଟେ ଦୁର୍ଗାଦୂତ
ତୁମ୍ଭଠାକୁ ପେଶିଛନ୍ତି ମୋତେ ଜଗନ୍ମାତ ।
ସାବଧାନ ହୋଇକରି ଶୁଣ ଗୋ ଅମ୍ବିକା
କ୍ରୋଧ ସମ୍ବରଣ ଏବେ କରଗୋ କାଳିକା ।
ଦୁର୍ଗା ଆଜ୍ଞା ଦେଲେ ରହିବୁ ତୁ ଏକଠାଇଁ
ତୋତେ ତୋଷିବେ ଯେ ସେହୁ ରକ୍ତପାନ ଦେଇ
ଶୁଣିଣ କାଳିକା ତହୁଁ ହୋଇଲେ ସନ୍ତୋଷ
ବୋଲେ କେଉଁଠି ରହିବି ଦିଅ ମୋତେ ବାସ ।
ଅନୁକ୍ଷଣେ ଯେଉଁଠାରେ ପାଇବି ରୁଧିର
ତେମନ୍ତ ଗୋଟାଏ ଠାବ ଦେବ ବେଦବର ।
ବିଧାତା ଆଜ୍ଞା ଦେଲେକ ଚଳ ତୁ ଦକ୍ଷିଣ
ଜନ୍ତୁଙ୍କର ପତି ଯହିଁ ଅଟେ ଜନ୍ତୁରାଣ ।
ତାହାଙ୍କଠାରେ ଅନେକ ଜନ୍ତୁ ଆତଯାତ
ତୁ କାଳିକା ରହ ଯାଇ ସେହୁ ପରବତ ।
ବଡ଼ଇ ଗହନ ସେହି ପଥେ ବହୁ ଲୋକ
ଭକ୍ଷ ତୁହି ଚିହ୍ନିଣ ଗୋ ପାତକୀ ଯେତେକ ।

ପୁଣ୍ୟବନ୍ତ ଲୋକଙ୍କୁ ତୁ କରିଥିବୁ ଦୟା
ଏ ପ୍ରାର୍ଥନା ତୁମ୍ଭଙ୍କୁ ମୁଁ କରେ ମହାମାୟା ।
ଆବର ଜନନୀ ଆଗୋ ଶସ୍ତ୍ର ରୂପ ଧର
ସବୁଙ୍କର ଇଷ୍ଟ ହୋଇ ଭକ୍ଷିବୁ ରୁଧିର ।
ତୋହର ପାଇଁ ସମର ହୋଇବ ଜଗତେ
ଭକ୍ଷିବୁ ରୁଧିର ମାଗୋ ମାଂସ ଅପ୍ରମିତେ ।
ଏବେ ଆଗୋ ମହାମାୟା ଦକ୍ଷିଣକୁ ଚଳ
ରୁଧିର ଭକ୍ଷିବୁ ପାପୀମାନଙ୍କୁ ଓଗାଳ ।
ଆହେ ମାରକଣ୍ଡ ଶୁଣ ବ୍ରହ୍ମାର ଏ ବାଣୀ
ରୁଧିର ଆଶେ ରହିଲେ ଏଥେ ଗୋସାମଣୀ ।
ପାପୀଙ୍କର ଅଙ୍ଗ ଯେଣୁ କଟେ ଅସି ଧାରେ
ତେଣୁ ଆସି କାଳିକା ସେ ବୋଲନ୍ତି ଏଠାରେ ।
ଯେଉଁ ମହାପାପୀ ଗୁରୁନିନ୍ଦାକୁ କରଇ
ନାରାୟଣଙ୍କର ନାମ ମନେ ନ ଧରଇ ।
ଯେ ଲୋକ ପିତାମାତାଙ୍କୁ କରେ କ୍ରୋଧମୁଖ
ଘରଣୀର ବୋଲେ କରିଦିଏ ନାନା ଦୁଃଖ ।
ନିନ୍ଦା କରଇ ପୁରାଣ କଥା ଯେହୁ ଶୁଣି
ଦେବତା ବ୍ରାହ୍ମଣଙ୍କୁ ଯେ ବୋଲେ ମନ୍ଦବାଣୀ ।
ଗୋପଥ ଭାଙ୍ଗିଣ ଯେହୁ ହରେ ପରବୃତ୍ତି
କୁଟୁମ୍ବକୁ ନାଶି ପର ସଙ୍ଗେ କରେ ପ୍ରୀତି ।
ତୀର୍ଥ କରି ଯାଇ ଯେହୁ ହରେ ପରଦ୍ରବ୍ୟ
ବଳହୀନ ହୋଇଣ ଯେ ବହେ ମତ୍ତଗର୍ବ ।
ସୁଜନଙ୍କୁ ମାରି ଯେହୁ କୁଜନ ପୋଷନ୍ତି
ଏତେ ଲୋକ କାଳିକାର ଦାଢ଼େ ପ୍ରାଣ ଦ୍ୟନ୍ତି ।
କରତଗୁଣ୍ଡି ଜାଣିଣ ଛିଡ଼େ ତାର ତନୁ
ସହଇ ସେ ନାନା କଷ୍ଟ ଆପଣା ଅଜ୍ଞାନୁ ।
ଦେହ ଥାଇ ଯେବେ ହୁଏ କୃଷ୍ଣରେ ଆଶ୍ରିତ
ସକଳ ଆତ୍ମାକୁ ସେହୁ ଜାଣଇ ଏକତ୍ୱ ।
କାଳୀ ନିମନ୍ତେ ଯେ ଦାନ ବ୍ରାହ୍ମଣେ ଦିଅଇ
ଅସି ମୁଖରୁ ଏ ପଥେ ଅପ୍ରମାଦେ ଯାଇ ।
ସଂସାରର ଲୋକେ ଏହା ଜାଣନ୍ତି ପୁରାଣେ
ହେଳା କରନ୍ତି ଯେ ଜାଣିଶୁଣି ମୂଢ଼ପଣେ ।
ବୋଲନ୍ତି ମନେ ଆହୁରି ନିକି ଦଣ୍ଡ ପାଇ
ଏମନ୍ତ ବୋଲିଣ ହାସ୍ୟ କରେ ମୂଢ଼ ବାଇ ।
ପଣ୍ଡିତେ ବୁଝାନ୍ତେ ତାକୁ ମଣନ୍ତି ଅଜ୍ଞାନ
ଭଣ୍ଡାର ଖାଇବା ପାଇଁ କହନ୍ତି ଏମାନ ।
ସତେ ମଲେ ନିକି ଆଉ ଯମ ଦଣ୍ଡ ଥାଏ
ମିଛେ ଭଣନ୍ତି ଆତ୍ମାକୁ ବାନ୍ଧି ଘେନିଯାଏ ।
ଏମନ୍ତ ବୋଲି କହନ୍ତି ଥୋକେ ଦୁଷ୍ଟଲୋକ
ପଣ୍ଡିତ ଜନର ଶୁଣି ନ ସ୍ମରଇ ବାକ୍ୟ ।

Digitized by srujanika@gmail.com

ଏମନ୍ତ ବୋଲିଣ ମୂର୍ଖ କହୁଥାନ୍ତି ହସି
ପ୍ରତ୍ୟକ୍ଷେ ତୁମ୍ଭେ ଦେଖିଲ ଆହେ ମହାଋଷି ।
ଏତେ କଷ୍ଟ ପ୍ରାଣୀମାନେ ପାଆନ୍ତି ଏଠାରେ
କିଛି ନ ଜାଣନ୍ତି ଯେହୁ ପୁଣି ଏ ସଂସାରେ ।
ଆହେ ମହାଋଷି ତୁମ୍ଭେ କହିବଟି ଯାଇ
ଏତେ ବୋଲି ସେଠାବରୁ ଗଲୁ ରଥ ବାହି ।
ଇକ୍ଷୁ ସମୁଦ୍ରକୁ ତହୁଁ ଜିଣିଗଲୁ ହେଳେ
ଯେସନେ ନାରାଚ ଗମେ ବାରୁଦର ବଳେ ।
ସେହି ସଦୃଶେ ଚଳଇ ବସିବା ବିମାନ
କୁଶଦ୍ୱୀପେ ଯାଇକରି ମିଳିଲୁ ବହନ ।
ସୁସଞ୍ଚ ଭୂମି ଦେଖିଣ ମନରେ ହରଷ
ବଦନ୍ତି ଯେ ପୁଣ୍ୟହୀନ ମହାଦେବ ଦାସ ।

—x—

କାଳିଅନ୍ଧାର ରଜନୀ ଓ କୁଶଦ୍ୱୀପ ବୃତ୍ତାନ୍ତ

ଶୁଣିବାକୁ ସାଧୁଜନେ ଏଥୁ ଅନନ୍ତରେ
ମାରକଣ୍ଡ କହୁଛନ୍ତି ସୁରଥ ଆଗରେ ।
କୁଶଦ୍ୱୀପ ବିଶାଶଏ ଲକ୍ଷେକ ଯୋଜନ
ନିମିଷକେ ଗଲୁ ତହୁଁ ଚଢ଼ିଣ ବିମାନ ।
ଯାଉଁ ଯାଉଁ ମିଳିଲୁ ଯେ ସୁରନଦୀ କତି
ଦିଗକୁ ଦ୍ୱିଗୁଣ ସେହି ସମୁଦ୍ର ଆକୃତି ।
ଶୁଣ ମହାରାଜା ବଦୟନ୍ତି ମୁନିବର
ଦିଗ ଆୟତନ ଶତ ଯୋଜନ ଯେ ବାର ।
ଏତେ ଆୟତନ ଘୋର ଅନ୍ଧକାର ନିଶି
ନିବିଡ଼ ଯାମିନୀ ଦିଗ ବିଦିଗ ନ ଦିଶି ।
ପ୍ରତ୍ୟକ୍ଷେ କାଳ ଯାମିନୀ ଘୋଟିଛି ତିମିରି
ରହିଛି ଯେ ମହାନିଶା ଦକ୍ଷିଣ ଆବୋରି ।
ଚାହିଁଲେ ଯେ ଦିଗପଥ ନ ଦିଶଇ କିଛି
ଘୋରରାବ ଶବଦ ତା ଭିତରେ ଶୁଭୁଛି ।
ସେ ଘୋରରଡ଼ି ଶୁଭଇ ଯେହ୍ନେ ମତ୍ତନାଗ
ଗରଜନ୍ତି ରକ୍ଷ ହରି ଜୀବ ମତ୍ତ ବ୍ୟାଘ୍ର ।
ଶୁକ ହରିଣ ଆଦି ଯେ ବାହୁଡ଼ିଆ କାକ
ଉଚ୍ଚସ୍ୱରରେ ରୋଦନ କରନ୍ତି ଜମ୍ବୁକ ।
ଗଣ୍ଡା ଗୟଳ ଆଦି ଯେ ଶାଳେହା ଯୁଆଦ
ମୃଗ ମଇଁଷି ହରିଣ ଓଟ ଘୋର ନାଦ ।
ଶଶା ସମ୍ବର ମାର୍ଜାର ଆବର ଇନ୍ଦୁର
ଶ୍ୱାନାଦିଙ୍କ ଘୋରରଡ଼ି ଶୁଭଇ ଅପାର ।
ଅଜା ମେଷ ଗୋଧି ଆଦି ଆବର ଯେ ଗାବ
ସବୁଙ୍କରି ଶବଦରେ ଶୁଭେ ମହାରାବ ।

ନାନା ମୁଖରାବ ବେଳେ ଶୁଭେ ମହାରୋଳ
ଘୋର ଅନ୍ଧାର ପୁରେ ଯେ ଶୁଭଇ ଚହଳ ।
ତାହା ଶୁଣି ଆମ୍ଭେମାନେ ଲଭିଲୁ ବିଷାଦ
ଦୂତକୁ ଯେ ପଚାରିଲୁ କେବଣ ଶବଦ ।
କାଳ ବିକାଳ ବୋଇଲେ ଦୁର୍ଲଭ ବଚନ
ଶୁଣ ଶୁଣ ଏକମନେ ଆହେ ତପୋଧନ ।
ଯେବଣ କାଳରେ ସୃଷ୍ଟି ପ୍ରଳୟ ହୋଇଲା
ଅନନ୍ତ କୋଟି ବ୍ରହ୍ମାଣ୍ଡେ ଜଳଧି ଘୋଟିଲା ।
ଚନ୍ଦ୍ର ସୂର୍ଯ୍ୟ ଆଦି ଦେବତାଏ ଗଲେ ନାଶ
ଅନ୍ଧାର ରଜନୀ ଘୋଟିଗଲା ଦଶଦିଶ ।
ନିରାକାର ବ୍ରହ୍ମ ମାତ୍ର ରହିଥିଲା ଏକା
ଜଗତକୁ ଏକା ଘୋଟି ଅଛଇ ଅମ୍ବିକା ।
ଯେତେବେଳେ ଏ ସଂସାର ସର୍ଜିଲେକ ହରି
ପୁଣ୍ୟ ଉଦେ ହୋଇଲା ଯେ ତୁଟିଲା ତିମିରି ।
ଦକ୍ଷିଣ ଦିଗ ଆବୋରି ରହିଲା ଯାମିନୀ
ମତୁଆଲ ହୋଇଲାକ ସୁରସିଦ୍ଧ ଘେନି ।
ଯେତେବେଳେ ଅସ୍ତ ପୁଣି ହୁଅନ୍ତି ଆଦିତ୍ୟ
ଏହି କାଳ ରାଶି ଘୋଟେ ସକଳ ଜଗତ ।
ମଦିରା ରସର ଭୋଳେ ଜଗଜ୍ଜନ ମୋହି
ଅଶକତ କରିପାରେ ସେହି ସର୍ବଦେହୀ ।
ନାନା ସ୍ୱରୂପ ହୁଅନ୍ତି ସୁର ନର ସାଧୁ
ନାନା ପାପ ତାହାଙ୍କର ହେଲା ସଖା ବନ୍ଧୁ ।
ବେନିକୂଳ ମାଡ଼ିକରି ରହିଥିବା ଜୀବ
ଅତି ଯତନରେ ଏହି ଦ୍ୟନ୍ତି ଘୋର ରାବ ।
ପ୍ରତ୍ୟକ୍ଷରେ ଦେବଗଣ ସର୍ବେ ସ୍ତିରୀଅଙ୍ଗ
ପୁରୁଷ ହୋଇ ଗୋଟିଏ ନାହିଁ କେହୁ ସଙ୍ଗ ।
ଯତନରେ ଦେବୀ ଏହା ମନୁ କଲେ ଜାତ
ଆରୋହିଣ ବିଜେ ଯେଣେ କରେ ଜଗନ୍ନାଥ ।
ଏ ଜୀବମାନେ ଗମନ୍ତି ଏହି ନିଶାକାଳେ
ଡରାଇଣ ପ୍ରାଣୀଙ୍କୁ ଯେ ଖାନ୍ତି କୁତୂହଳେ ।
ବିଟପ ପୁରୁଷ ଡେଇଁଯାନ୍ତି ଆନୁଆନ
ଏ ନିଶାକାଳରେ ସେହି ଦେଖନ୍ତି ସ୍ୱପନ ।
ଯତନେ ଯମପୁରକୁ ରହିଲେ ଆବୋରି
ପାପୀଜନମାନଙ୍କୁ ଯେ ଖାଆନ୍ତି ଘୋଷାରି ।
ଅନ୍ଧାରେ ଲୁଚିଥାନ୍ତି ନ ଦିଶେ ଚିହ୍ନବର୍ଣ୍ଣ
ବିକଟାଳ ଶବ୍ଦ କରୁଥାନ୍ତି ଅନୁକ୍ଷଣ ।
ଯେବଣ ଜନଟି ମଞ୍ଚପୁରେ ଜନ୍ମହୋଇ
ଜୀବଜନ୍ତୁ ମାରି ତାହା ଆହାର କରଇ ।
ମାଂସ ଲୋଭରେ ଯେ ଜନ ନ ଚିହ୍ନେ ଜୀବାତ୍ମା
ଆପଣା ଜୀବନ ଅର୍ଥେ କରେ ଜୀବହତ୍ୟା ।

Digitized by srujanika@gmail.com

ଆତ୍ମା ଏକ ବୋଲିକରି ନ ଚିହ୍ନନ୍ତି ସେହି
ମାଂସ ନିମନ୍ତେ ହୁଅନ୍ତି ଜୀବଠାରେ ଦ୍ରୋହୀ ।
ସ୍ୱହସ୍ତରେ ଯେଉଁ ପ୍ରାଣୀ ଜୀବ କରେ ନାଶ
ସେହି ଜୀବ ଏହିଠାରେ ଭକ୍ଷେ ତାର ମାଂସ ।
ଆଗକରି ସେ ପାପୀକି ଛଡ଼ାଇ ନିଅଇ
ବିକୋଡି ଖାଆନ୍ତି ତାହା ଉଦର ପୂରାଇ ।
ଖଣ୍ଡ ଖଣ୍ଡ କରିଣ ଯେ ବିଦାରନ୍ତି କାୟେ
ଏକ ମୁଖରୁ ଆରେକ ଛଡ଼ାଇଣ ନିଏ ।
କେ ଚକ୍ଷୁ ଖୋଳଇ କେହୁ ନାସା ଉପାଡ଼ନ୍ତି
କେହୁ ପେଟ ଚିରି କେହୁ ହୃଦ ବିଦାରନ୍ତି ।
କେ ପାଦ ଓଟାରେ କେହୁ ଟାଣେ କରତଳ
କେ କର୍ଣ୍ଣ ଓଟାରେ କେହୁ ଟାଣେ ଗଣ୍ଡସ୍ଥଳ ।
ମୃଗୁଣୀମାନେ ମାରନ୍ତି ତାକୁ ଶୃଙ୍ଗାଘାତେ
ନଖେ ବିଦାରିଣ କେହୁ କାମୁଡ଼ନ୍ତି ଦାନ୍ତେ ।
କଲକତରାକୁ ଯେହ୍ନେ ବେଢ଼ନ୍ତି ପିମ୍ପୁଡ଼ି
ତେସନ କରି ମାଉଁସ ଖାନ୍ତି ତାର ଝାଡ଼ି ।
କେବଣ ପିଣ୍ଡେ ରହିଣ ଥାଆନ୍ତି ବିକଳେ
ଫିଙ୍ଗି ଦିଅନ୍ତେ ସେ ଯାଇ ପଡ଼େ ସୁରାଜଳେ ।
ଜଳଜନ୍ତୁମାନେ ଧରି ଖାଇ ଯେ ମାଉଁସ
ପିଅନ୍ତି ରୁଧିର ପ୍ରାଣ ରଖନ୍ତି ଯେ ଶେଷ ।
ମଦିରା ଜଳେ ଆକୁଳ ହୁଏ ତାର ପ୍ରାଣ
ପାପୀ ପ୍ରାଣୀକି ଏଠାରେ ଦୁଃସହ କଷଣ ।
ଯେବଣ ପ୍ରାଣୀ ଏଠାରେ ହୁଏ ଦୟାବନ୍ତ
ଆପଣା ପରକୁ ଯେହୁ ଜାଣଇ ଏକତ୍ୱ ।
ଦୀପ ଦିହୁଡ଼ି ଯେ ଜଳଦାନ ଦେଇଥାଇ
ଦେବତା ସ୍ଥାନରେ ଯେହୁ ଜାଗର ବସାଇ ।
କୃଷ୍ଣଚନ୍ଦ୍ର ନାମ ସଦା କରଇ ସେ ଧ୍ୟାୟେ
ଏ ଦୁଃସହ ପଥୁ ସେହି ତରଇ ନିର୍ଭୟେ ।
ଏ ଜୀବ ତାହାକୁ ସୁଖେ ନ୍ୟନ୍ତି ପାରିକରି
କୃଷ୍ଣଚନ୍ଦ୍ର ସୁଦୟାରୁ ଫିଟଇ ତିମିରି ।
ପାପୀଜନ ଏଠାବରେ ବହୁ ଦୁଃଖ ପାଇ
ଏତେ ବୋଲି ସେଠାବରୁ ଗଲୁ ପଥ ବାହି ।
କରଞ୍ଜ ଦ୍ୱୀପରେ ଯାଇ ହୋଇଲୁ ପ୍ରବେଶ
ଭଣନ୍ତି ଏ ପୁଣ୍ୟଧ୍ୱନି ମହାଦେବ ଦାସ ।

-x-

କରଞ୍ଜ ଦ୍ୱୀପ ବୃତ୍ତାନ୍ତ ଓ ବଡ଼ବା ଅନଳ ଉତ୍ପତ୍ତି

ଏଥୁଅନ୍ତେ ଆୟେ ଆୟେ ମନ ଦେଇ ଶୁଣ
ଅଠାଅଶୀ ଲକ୍ଷ ଯୂଣ ସେ ଦ୍ୱୀପ ପ୍ରମାଣ ।
ଘୃତ ସିନ୍ଧୁରେ ମିଳିଲୁ ଆମ୍ଭେମାନେ ଯାଇ
ସେ ପଥର ମହିମା ଯେ କଳନା ନ ଯାଇ ।
କରଞ୍ଜ ଦ୍ୱୀପକୁ ଶଙ୍ଖସିନ୍ଧୁ ଯୂଣ ଚାରି
ପ୍ରତ୍ୟକ୍ଷରେ କାଳାନଳ ଅଟଇ ସେ ବାରି ।
ଦକ୍ଷିଣ ଦିଗରୁ ଘୃତ କରେ ଆକର୍ଷଣ
ଘୃତ ଯୋଗରେ ଜଳଇ ପ୍ରଚଣ୍ଡ ଦହନ ।
ବିକରାଳ ହୋଇ ତହିଁ ଜଳଇ ଅନଳ
ଅଗ୍ନି ତେଜ ଲାଗିକରି ଫୁଟେ ମହାଜଳ ।
ମହାରଶ୍ମି ତାତି ଲାଗେ ଗଗନର ଶିଖା
ବେନିକୂଳରେ ନିଦାଘ ପ୍ରଚଣ୍ଡ ବାଲୁକା ।
ସମୁଦ୍ର ଆର ପାଖରୁ ପଡ଼ିଅଛି ଝାସ
ତାତିର ଘାତେ ଯେ ଆମ୍ଭେ ହୋଇଲୁ ନିରାଶ ।
ଘନ ଧ୍ୱନି କରି ତହୁଁ ବହଇ ମରୁତ
ଉଛୁଳି ଫୁଟି ପଡ଼ଇ ଚଉକତି ଘୃତ ।
ଅଗ୍ନିଝାସେ ସମୁଦ୍ରରୁ ଉଠଇ ତରଙ୍ଗ
ବିକରାଳ ଧ୍ୱନି କରି ଗର୍ଜଇ ପନ୍ନଗ ।
ଛିଟିକି ଅଗ୍ନିକଣିକା ପଡ଼େ ବେନିକୂଳେ
ଲକ୍ଷେ ଯୂଣ ବାଲୁକାଯେ ଦହେ ବିକରାଳେ ।
ନୟନ ଘେନି ତହିଁକି ନୁହଁଇ ଅନାଇଁ
ବହୁତ ଦୂରୁ ଦେଖିଣ ଆକୁଳ ମୋ ଦେହୀ ।
ଦୂତଙ୍କୁ ପଚାରିଲି ଏ କେବଣ ଚରିତ
କି ଅବା ଏଠାରେ ଅଛି ପ୍ରଳୟର ଦୂତ ।
ସେ ଅଗ୍ନି ସହିଛୁ ଆମ୍ଭେ ଏହି ଦେହ ଘେନି
ତହୁଁ ଅଧିକ ଅଟେ ଏ କେବଣ ବହନି ।
ଏ ଅବା ବଡ଼ବାନଳ ଶୁଣୁଥାଉଁ ଯାହା
ପ୍ରତ୍ୟକ୍ଷ ତୁମ୍ଭ ଆଗରେ କହୁଅଛି ତାହା ।
ଡଗରେ କହିଲେ କହିଲ ଯା ତପଶୀଳ
ପ୍ରତ୍ୟକ୍ଷେ ଅଟଇ ଏହା ବଡ଼ବାଅନଳ ।
ଏଥିରୁ ଜାଣ ପ୍ରଳୟ ଅଗ୍ନି ହୁଏ ଜାତ
ବ୍ରହ୍ମନିଦ୍ରା ହୋଇଲେ ଯେ ଘୋଟଇ ଜଗତ
ଶୁଣ ମହାଋଷି ଏହୁ ଉପୁଜଇ ଯହୁଁ
ତହିଁର ପ୍ରସ୍ତାବ ଆମ୍ଭେ ତୁମ୍ଭ ଆଗେ କହୁଁ ।
ବିଷ୍ଣୁର ଆୟୁଧ ଯାହା ନାମ ସୁଦର୍ଶନ
ସୁନ୍ଦର ଦୈତ୍ୟକୁ ପେଶିଥିଲେ ନାରାୟଣ ।
ସୁନ୍ଦର ଦୈତ୍ୟର ଅଙ୍ଗ ବଜ୍ରଠାରୁ ଟାଣ
ଭାଙ୍ଗି ନ ପାରିଲେ ତାର ବପୁ ସୁଦର୍ଶନ ।
ନ ଭେଦି ଶସ୍ତ୍ର ସେଠାରୁ ବାହୁଡ଼ି ଆସନ୍ତେ
ଲେଉଟି ପେଶିଲେ ନାରାୟଣ କୋପ ଚିତ୍ତେ ।
ସେ ଆୟୁଧ ବିଷ୍ଣୁ ଆଜ୍ଞା ପାଇ କୋପମୂର୍ତ୍ତି
ଭେଟିଲା ସେ ଦାନବକୁ କୋଟି ସୂର୍ଯ୍ୟଜ୍ୟୋତି ।

Digitized by srujanika@gmail.com

ଗର୍ଜନ ନାଦ କରିଣ ପଡ଼ିଲାକ ଆସି
ଦନୁଜର ଶରୀର ଯେ ହେଲା ଭସ୍ମରାଶି ।
ଦଇତ୍ୟକୁ ମାରି ଚକ୍ର ଅତି ବେଗେ ଗଲା
ସପ୍ତ ଅନ୍ତରେ ଅକ୍ଷୟ ଶିଳାରେ ବାଜିଲା ।
ନାରାୟଣଙ୍କର ଅଙ୍ଗ ଅଟେ ବଜ୍ରଶିଳ
ଚକ୍ରାଘାତ ପାଇ ତହୁଁ ଉଠିଲା ଅନଳ ।
ପ୍ରଚଣ୍ଡ ଅନଳ ହୋଇଲାକ ତହୁଁ ଜାତ
ତେଜ ରଶ୍ମିଜ୍ୱାଳା ତାର ଘୋଟିଲା ଜଗତ ।
ସକଳ ସ୍ଥାନରେ ତାର ଘୋଟିଲାକ ତେଜ
ଅଶେଷ ବ୍ରହ୍ମାଣ୍ଡ ହେଉଅଛି ଯେ ଦହିର୍ଯ୍ୟ ।
ଚରାଚର ଜୀବ ଯହୁଁ ହୋଇଲେ ଆକୁଳ
ବିଧାତାଙ୍କୁ ରାଇ ପେଶିଦେଲେ ଆଦିମୂଳ ।
ବୋଇଲେ ଏକ୍ଷଣି ଯାଅ ଆହେ ବେଦବର
ଅଗ୍ନି ଶାନ୍ତିକରି ଜଗତକୁ ରକ୍ଷାକର ।
ଜଳ ପଡ଼ିଲେ ନିଭନ ହୋଇବ ଅନଳ
ବରୁଣ କୁ ବୋଲିବ ଯେ ଅନଳ ସମ୍ଭାଳ ।
ଶୁଣିଣ ବିଧାତା ତହୁଁ ଗଲେ ଅତି ବେଗେ
ବିଷ୍ଣୁର ଆଜ୍ଞା କହିଲେ ବରୁଣର ଆଗେ ।
ବୋଇଲେ ଯାଇ ସତ୍ୱରେ ଅନଳ ସମ୍ଭାଳ
ମୋତେ ହେ ପେଶିଲେ ତୋହଠାକୁ ଆଦିମୂଳ ।
ଅଗ୍ନିକି ସମ୍ଭାଳ ଶୀଘ୍ର ପକାଇଣ ପାଣି
ତେବେ ଯେ ରକ୍ଷା ପାଇବ ଅଶେଷ ଧରଣୀ ।
ଶୁଣି ଜଳପତି ତହୁଁ ବେଗ ହୋଇ ଗଲା
ଜଳପାଶ ହସ୍ତେଘେନି ଅଗ୍ନି ବନ୍ଦ କଲା ।
ଜଳ ଭୁବନେ ଅଗ୍ନିକି ଥୋଇଲାକ ନେଇ
ବିଷ୍ଣୁ ଆଗରେ କହିଲେ ଧାତା ସବୁ ଯାଇ ।
ପ୍ରଚଣ୍ଡ ଅନଳ କଲା ବରୁଣ ଯେ ବନ୍ଦ
ତାହା ଶୁଣିଣ ଆନନ୍ଦ ହୋଇଲେ ଗୋବିନ୍ଦ ।
ଏଥୁ ଅନନ୍ତରେ ଶୁଣ ଆହେ ତପଶୀଳ
ବରୁଣର ପୁରେ ଯାଇ ରହିଲା ଅନଳ ।
ଜଳପୁରରେ ବରୁଣ ଥୋଇଲା ତା ନେଇ
ବରୁଣପୁରେ ଅନଳ ରହିଲା ତ ଯାଇ ।
ତେଜଘାତେ ତାତିଗଲା ସପତ ସାଗର
ଆକୁଳ ହୋଇଲେ ମତ୍ସ୍ୟ କଚ୍ଛପ ମଗର ।
ଜଳଜନ୍ତୁମାନେ ଯେ ଅନେକ ନାଶଗଲେ
ବରୁଣ ଆଗରେ ଯାଇ ସବୁ ଜଣାଇଲେ ।
ବୋଇଲେ ଏ ଅନଳକୁ ଜଳେ କର ବଧ
ଜଳଚର ଜନ୍ତୁମାନେ ହୋଇଲେ ଦଗଧ ।
କ୍ଷୁଦ୍ର ଜନ୍ତୁମାନେ ତହୁଁ ମଲେଣି ଅପାର
ବିଚାରିଣ କାର୍ଯ୍ୟ କର ଦେବ ରତ୍ନାକର ।

ମନ୍ତ୍ରୀର ବଚନେ ଜଳଚର ଅଧିପତି
ଅନଳ ଦେବକୁ ଜଣାଇଲା ଯାଇ କତି ।
ଅଗ୍ନି ଦେବତା ଅଙ୍ଗରୁ ଫେଡ଼ି ଜଳପାଶୀ
ସ୍ତୁତିବାକ୍ୟ କହି ତାଙ୍କୁ ବରଗି ଆଶ୍ୱାସି ।
ବୋଇଲା ତୁହି ଦେବ ଯେ ବିଷ୍ଣୁ ଅଙ୍ଗୁ ଜାତ
ବିଚାରିଲେ ଆମ୍ଭେମାନେ ସମସ୍ତେ ଏକତ୍ର ।
ବିଷ୍ଣୁର ଆଜ୍ଞାରେ ମୁହିଁ ବାନ୍ଧିଲଇଁ ତୋତେ
ତହିଁକି ବିମନ ତୁହି ନ ହୋଇବୁ ମୋତେ ।
ଘୃତସିନ୍ଧୁ ଦେଇ ମୁହିଁ କରିବି ତୋ ପୂଜା
ଏ ମୋହର ଦୋଷ ତୁ ନ ଧର ଅଗ୍ନିରାଜା ।
ତୁହି ମହାଦେବ ସେହି ସ୍ଥାନେ ବିଜେକର
ଯେତେ ଇଚ୍ଛା ଘୃତ ତହିଁ କର ତୁ ଆହାର ।
ଗାୟତ୍ରୀ ଆଜ୍ଞାରେ ତାହା ନୁହଇ ଯେ ଶେଷ
ଶରୀରରେ ପୁନରପି ନୁହଇ ପ୍ରବେଶ ।
ତହିଁ ଯାଇ ଅଗ୍ନି ତୁହୋ ରହି ଶୁଭ ଯୋଗେ
ଆମ୍ଭର ସଇନ୍ୟ ମନ୍ତ୍ରୀ ଘେନିଆସ ବେଗେ ।
ଆଜ୍ଞା ପାଇଣ ଜଳଚରଙ୍ଗ ମନ୍ତ୍ରୀ ଗଲା
ଘୃତ ସମୁଦ୍ରେ ଯାଇଣ ପ୍ରବେଶ ହୋଇଲା ।
ରାଜାର ଆଜ୍ଞାରେ ବହି ଆଣିଲେ ସଇନି
ତତକ୍ଷଣେ ଏଠାବକୁ ଚଳିଲେ ବହନି ।
ବରୁଣ ଆଜ୍ଞାରେ ଯେହୁ ଅଗ୍ନି ଦଇବତ
ଘୃତ ସମୁଦ୍ରେ ରହିଲେ ଆସି ତପୋବନ୍ତ ।
ତେଣୁ ଏହାର ନାମ ଯେ ବଡ଼ବା ଅନଳ
ତପ୍ତ ବୈତରଣୀ ବୋଲି ଏହି ଦୁଇକୂଳ ।
ଯମ ପଥକୁଟି ଏହା ଦୁର୍ବାର ଗରିଷ୍ଠ
ପାପୀଙ୍କର କାଳାନଳ ପ୍ରଚଣ୍ଡ ଏ ବାଟ ।
ଯେଉଁ ପ୍ରାଣୀ ପିଣ୍ଡେ ପ୍ରାଣ ଥିବା କାଳେ
ବିଷ୍ଣୁନାଥ ଦେବତାଙ୍କୁ ନ ଦେଖିଲା ଡୋଳେ ।
ଈଶ୍ୱର ଦେବତାଙ୍କୁ ନ କଲା ଦରଶନ
କ୍ଷୁଧାର୍ତ୍ତୀ ଦେଖିଣ ଅନ୍ନ ନ ଦେଲା ଯେ ଦାନ ।
ଯେ ପ୍ରାଣୀ ଅନ୍ନ ଦାନ ନ ଦେଲା ବିପ୍ରକରେ
ଘୃତ ଅର୍ଘ୍ୟ ନ ଦେଲା ଯେ ଅନଳ ଶିଖାରେ ।
ରୋପିଲା ବୃକ୍ଷକୁ ଯେହୁ କରଇ ଛେଦନ
ସୁପଥରେ କଣ୍ଟା ଖୁଣ୍ଟା ପକାଏ ଯେ ଜନ ।
ଟୋପ ଖୋଳି ବାଟେ ଅବା ବସାଇ ଯେ ଫାଶ
ଜଳଘାଟ ଜଗି ଯେହୁ ଜନ୍ତୁ କରେ ନାଶ ।
ଜନ୍ତୁ ବଧକରି ଯେହୁ ଦେଖେ କଉତୁକେ
ରାଜଦଣ୍ଡ ଦେଖିବାକୁ ଯେ ଧାଏଁ ଉତ୍ସୁକେ ।
ତେମନ୍ତ ପ୍ରାଣୀକି ଆଣି ଏ ଠାବରେ ଗଞ୍ଜି
ତପତ ବାଲିରେ ତାକୁ ଦିଅନ୍ତି ଯେ ଭାଜି ।

Digitized by srujanika@gmail.com

ଅଷ୍ଟାରେ ଦଉଡ଼ି ଦେଇ ଚଳାଉଁ ଯେ ପାଦେ
ଗୋଡ଼ ଘୋଳିହେଲେ ଚାଲି ନ ପାରିଣ କାନ୍ଦେ ।
ପୃଥ୍ୱୀରେ ପଡ଼ିଲେ ଦେହ ହୁଅଇ ଦଗଧ
ପୁଣି ତାକୁ ଆମ୍ଭେମାନେ କରିଦେଉଁ ଅନ୍ଧ ।
ପୋଡ଼ଇ ଛିଡ଼ଇ କଅଁଳଇ ତତକ୍ଷଣି
ଅନେକ ବିକଳ ହେଉଥାଇ ସେହି ପ୍ରାଣୀ ।
ଚାଲି ନ ପାରିଲେ ତାକୁ ଘୋଷାରିଣ ନେଉ
ବିକଳେ ଡାକିଲେ ତାର ମୁଖେ ଠେଙ୍ଗା ଦେଉ ।
ଓଟାରି ଆଣନ୍ତେ ସେ ଯେ ହୁଏ ଛଟପଟ
ଦୁଇପାଖୁଁ ପିଟୁ ତାକୁ ବିଛୁଆତି ଛାଟ ।
ଶୁଣ ମହାରଷି ଆମ୍ଭେ ଏଡ଼େକ ନିଷ୍ଠୁର
ପ୍ରାଣୀକୁ ଦୟା ନ ବସେ ଆମ୍ଭ ହୃଦୟର ।
ଯେବଣ ପ୍ରାଣୀ ବୃକ୍ଷକୁ ରୋପିଥାଇ ପଥେ
ସେ ବୃକ୍ଷର ପତ୍ର ଝଡ଼ି ପଡ଼ିଥାଇଁ ଏଥେ ।
ସେ ପତ୍ର ଉପରେ ଚାଲେ ସେହି ପାଦ ଦେଇ
ଉପରେ ସେ ଗଛପତ୍ର ହୋଇଥାଏ ଛାଇ ।
ଛତା ପାଣ୍ଡୋଇ ଯେ ଜନ ଦେଇଥାଏ ଦାନ
ଏପଥେ ତାକୁ ପ୍ରାପତ ହୁଅଇ ସମାନ ।
ଶୁଣ ଆହେ ମାରକଣ୍ଡ ଏଥୁ ଅନନ୍ତରେ
ପାପୀକୁ ଯେତେକ କଷ୍ଟ ବଡ଼ବା ଅଗ୍ନିରେ ।
ଆମେ ବସି ନାବେ ତାକୁ ପକାଉ ଯେ ଜଳେ
କେଶ ଲୋଚିକା ତା ଧରିଥାଉଁ କରତଳେ ।
ନାବ ବାହିଲେ ଆକୁଳ ହୁଅଇ ସେ ପ୍ରାଣୀ
ଫୁଟଇ ତା କଳେବର ତପ୍ତ ଲୁହା ଜାଣି ।
ପ୍ରଚଣ୍ଡ ଅନଳେ ଯେହ୍ନେ ପଡ଼େ ଜିଆ ମାଛ
ଯେହ୍ନେ ଆକୁଳିତ ଆତ୍ମା ହୁଅଇ ପ୍ରତ୍ୟକ୍ଷ ।
ସିଝିଯାଇ ମାଂସ ତାର ପଡୁଥାଏ ଝଡ଼ି
ଯାତନା ଅଙ୍ଗରୁ ପ୍ରାଣ ନ ପାରଇ ଛାଡ଼ି ।
ନିବିଡ଼ କାଳ ଦଣ୍ଡରେ ବନ୍ଧନ ହୁଅଇ
ପଳାଇଣ ଗଲେ ଅବା ପଶିବ ସେ କାହିଁ ।
ଯେଣୁକରି ନାନା କଷ୍ଟ ସହଇ ସେ ପ୍ରାଣୀ
ସ୍ୱରୂପ କହୁଛି ଆମ୍ଭେ ବଡ଼ାଇ ବଖାଣି ।
ଯେଉଁଜନ ହାଦେ ଗୋରୁ ଦାନ ଦେଇଥାଇ
ଗୋମାତା ଆସି ତାହାକୁ ପାରିକରି ଦେଇ ।
ଶ୍ରୀରାମ ନାମ ଯେ ଜନ ଭାବୁଥାଇ ମନେ
ସେହି ନାମ ନଉକାଟି ଅଟଇ ଏ ସ୍ଥାନେ ।
ନିଶ୍ଚିନ୍ତେ ତରିଯାଇ ସେ ବଡ଼ବା ଅନଳ
ଶ୍ରୀରାମ ନାମ ଗୋଟିକ ଚନ୍ଦନୁ ଶୀତଳ ।
ଏବେ ହେ ଶ୍ରୀରାମ ନାମ ତୁମ୍ଭେମାନେ ଶୁଣ
ତରିବ ଦୁଃସହ ଅଗ୍ନି ପଥ ନିଶ୍ଚିନ୍ତେଣ ।
ତାହା ଶୁଣି ଆମ୍ଭେ ରାମ ନାମ ସୁମରିଲୁ
ତପ୍ତ ବୈତରଣୀ ସୁଖେ ପାରହୋଇ ଗଲୁ ।
ଶାକଲ୍ୟ ଦ୍ୱୀପରେ ଯାଇଁ ହୋଇଲୁ ପ୍ରବେଶ
ଭଣନ୍ତି ପୁଣ୍ୟଧ୍ୱନି ଶ୍ରୀ ମହାଦେବ ଦାସ ।

-x-

ସାକଲ୍ୟ ଦ୍ୱୀପ ଓ ହିମସାଗର ବୃତାନ୍ତ

ସାକଲ୍ୟ ଲକ୍ଷେ ପଞ୍ଚାଶ ଯୂଣ ଯାଇ ଜିଣି
ତହିଁର ଚରିତ ତୁମ୍ଭେ ଶୁଣ ନୃପମଣି ।
ତହିଁର ଉତ୍ତାରେ ଦଧିସମୁଦ୍ରେ ଯେ ପୁଣ
କହନ୍ତି ମାରକଣ୍ଡ ସେ ପଥ କଥା ଶୁଣ ।
ହିମ ଶିଶିରେ ଯେ ତହିଁ ବରଷେ ଗଗନୁ
ସତୁରି କ୍ରୋଶ ଦୂରରୁ ଶୀତେ କମ୍ପେ ତନୁ ।
କୁହୁଡ଼ି ଆଚ୍ଛାଦନ ଦିଶଇ ଦଶଦିଶ
କି ଜାଣି ଦକ୍ଷିଣ ପଥ ସେହିଠାରୁ ଶେଷ ।
ଘୋର ତପତ ପବନ ହିମ ଘେନି ବହେ
କେ ଅଛି ମାନବ ତନୁ ଦେହ ଘେନି ରହେ ।
ସେ ହିମ ବାରତା ତୁଣ୍ଡେ କହିତ ନ ସରି
ଶୀତେ ହିମଗିରି ତାକୁ ନୁହେଁ ସମସରି ।
ଦୃଷ୍ଟିରେ ଚାହିଁଲେ ଆଉ ପିଛଡ଼ା ନ ପଡ଼ି
ନିଃଶ୍ୱାସ ଛାଡ଼ନ୍ତେ ଆଉ ନ ଆସେ ବାହୁଡ଼ି ।
ହିମ ଲାଗିଣ ଶରୀରୁ ଛୁଟଇ ମାଉଁସ
ତାହା ଦେଖିଣ ପାଇଲୁ ମନେ ବଡ଼ ତ୍ରାସ ।
ଡଗରକୁ ବୋଇଲୁ ହୋ କେଣେ ବାହୁ ଯାନ
ଶୀତରେ ତନୁ ଆମ୍ଭର ହେଲା କମ୍ପମାନ ।
ଯମଗଣ ବୋଇଲେ ହେ ତୁମ୍ଭେ ପରା ଋଷି
ଏ ଶିଶିରକୁ ଡରିଲେ ମନ ମଧ୍ୟେ ତ୍ରାସି ।
ଏଥିର ମହିମା ଏବେ ଶୁଣ ତପୋବନ୍ତ
ଅନାଦିର ଗଣ୍ଡସ୍ଥଳୁ ବିନ୍ଦୁ ହେଲା ଜାତ ।
କନିଷ୍ଠ ଅଙ୍ଗୁଷ୍ଠି ଘେନି ପକାନ୍ତେ ବିଛାଡ଼ି
ବତିଶ ଲକ୍ଷ ଯୋଜନ ଅଇଲାସେ ଉଡ଼ି ।
ଦଧିବାମନ ମୂରତି ଥିଲେ ଏହୁ ଜଳେ
କ୍ରୀଡ଼ା କରୁଥିଲେ ସରସ୍ୱତୀଙ୍କର ମେଳେ ।
ଦୁହିଙ୍କ ମଧ୍ୟେ ପଡ଼ିଲା ସେହୁ ଦଧିବିନ୍ଦୁ
ତହୁଁ ଜାତ ହୋଇଲେ ଯେ ସୁଧାକର ଇନ୍ଦୁ ।
ତେଣୁ ଇନ୍ଦୁ ଦେବତାର ଶୀତଦ୍ୟୁତି ହିମ
ସୁନ୍ଦର ଲାବଣ୍ୟ ନିଧି ଷୋଳଗୁଣେ ସୋମ ।
ଷୋଳପୁରେ ରହିଲେ ସେ ଷୋଳ ମୂର୍ତ୍ତି ଧରି
ନାରାୟଣଙ୍କ ଆଗରେ ସେହି ଦଧି ବାରି ।
ଅମିୟ ଭଣ୍ଡାର ମଧ୍ୟେ ରହିଲେ ଏ ଜଳ
ତହିଁ ରହିବାରୁ ଚନ୍ଦ୍ର କିରଣ ଶୀତଳ ।

Digitized by srujanika@gmail.com

ଅସୁରଙ୍କ ଭୟେ ଏଥେଁ ରଖିଲେକ ଆଣି
ରକ୍ଷାପାଳକ ଏଥିରେ ଅଟେ ନିଶାମଣି ।
କଳାଘେନି ଗଗନରେ ଆତଯାତ ହୁନ୍ତି
ସର୍ବଦା ଏ ଶଶଧର ଏହି ପୁରେ ଥାନ୍ତି ।
ତେଣୁକରି ଏ ପୁରଟି ଅତ୍ୟନ୍ତ ଶୀତଳ
ଯମପଥ ପାପୀଙ୍କର ଅଟେ ଅନର୍ଗଳ ।
ପାପୀଜନ ଏ ଠାବରେ ଭଲେ କାହୁଁ ଯିବ
ପୁଣ୍ୟବନ୍ତ ଲୋକମାନେ ହୁଅନ୍ତି ନିର୍ଜୀବ ।
ଯେଉଁ ଜନମାନେ ମଞ୍ଚପୁରେ ହୋଇ ଜାତ
ନ ଜାଣି ଧର୍ମକଥା ନ କରେ ବାରବ୍ରତ ।
ବିଷ୍ଣୁ ଦେବଙ୍କୁ ମନରେ ନ କରେ ଭଜନ
ଜନ୍ତୁପତି ଦୟାବନ୍ତ ନୁହେଁ ଯେଉଁ ଜନ ।
ମହାପାପ ବୋଲି ମନେ ନ ଜାଣଇ ଯେହୁ
ଏ ହିମ ପଥରେ ସେହୁ ସୁଖେ ଯିବ କାହୁଁ ।
ପାପୀଜନଙ୍କର ଏହି ଅଟେ ବଡ଼ ଦଣ୍ଡ
ତୁମ ଲାଗି ତାଙ୍କ ଦେହ ହୁଏ ଖଣ୍ଡ ଖଣ୍ଡ ।
ଯେଉଁ ପ୍ରାଣୀ ସଦା ବରତଇ ପୁଣ୍ୟକୃତେ
ମକର ମାସରେ ସ୍ନାନ କରେ ଯେ ପ୍ରଭାତେ ।
ଦୟାପଦ ଯେଉଁଜନ ବହଇ ଶରୀରେ
ଅଗ୍ନି ଦାନ ଯେହୁ ଦିଏ ଶିଶିର କାଳରେ ।
ସେହି ଏକା କଷ୍ଟହୀନ କରେ ହିମପଥ
କହୁ କହୁ ଡଗରେ ଯେ ବାହୁଛନ୍ତି ରଥ ।
ହିମ ଲାଗି ଯହୁଁ କମ୍ପ ହେଲା ଆମ୍ଭ ତନୁ
ଦୋହରା ଅଗ୍ନିକୁ ସୁମରିଲୁ ଆମ୍ଭ ଜ୍ଞାନୁ ।
ତତକ୍ଷଣେ ସୁପ୍ରସନ୍ନ ହେଲେ ବୈଶ୍ୱାନର
ତାହାଙ୍କୁ ଆଶ୍ରୟ କରି ତରିଲୁ ଦୁସ୍ତର ।
ଶାଳ୍ମଳୀ ଦ୍ୱୀପରେ ଯାଇ ହୋଇଲୁ ପ୍ରବେଶ
ଭଣନ୍ତି ପୁଣ୍ୟଧ୍ୱନି ଶ୍ରୀ ମହାଦେବ ଦାସ ।

–x–

ଶାଳ୍ମଳୀ ଦ୍ୱୀପ ଓ ଅଷ୍ଟକୁଳାଚଳଙ୍କ ବିବରଣ

ଏଥୁ ଅନନ୍ତରେ ଶୁଣ ଆହେ ନୃପବର
ଯାତନା ଯମଦଣ୍ଡ ଯେ ଦୁର୍ଗମ ଅପାର ।
ବାଉନ ଲକ୍ଷ ଯୋଜନ ଶାଳ୍ମଳୀ ଦ୍ୱୀପଟି
ତହିଁ ବେନି ଲକ୍ଷ ଯୂଣ ଅଛି ସିନ୍ଧୁ ଘୋଟି ।
ଦେଖିଲୁ ପୁଣ୍ୟ ସିନ୍ଧୁରେ ଟେକଇ ଲହଡ଼ି
ବଳୟ ପ୍ରକାରେ ପୃଥିବୀକି ଅଛି ବେଢ଼ି ।
ଶାଳ୍ମଳୀ ଦ୍ୱୀପକୁ ସେହୁ ଅଷ୍ଟାଦଶ ଯୂଣ
ଯେବଣ ସିନ୍ଧୁ ଭିତରେ ବିଜେ ନାରାୟଣ ।
ତେଣୁ ଯେ ପବିତ୍ର ମହାଜଳ ପୁଣ୍ୟମୟେ
ତହୁଁ କମଳିନୀ ଦେବୀ ଉତପତ୍ତି ହୁଏ ।
ଏହି ସିନ୍ଧୁର ଭିତରେ ବିଜେ ଅଣଚାଶ
ପ୍ରଚଣ୍ଡ ହୋଇଣ ବହେ ରଜନୀ ଦିବସ ।
ଘୋର ନାଦ ଗରଜନେ ବହଇ ପବନ
ଗର୍ଜନ ପଥେ ଲହଡ଼ି ଟେକି ଘନ ଘନ ।
ଚାଳିଶ ଯୋଜନ ଯାଏ ବହେ ଘୋର ବାତ
ତେଣୁ ଉଡ଼ିବାରେ କାହୁଁ ନ ଦିଶଇ ପଥ ।
ପ୍ରଚଣ୍ଡ ପବନ ବହେ କରି ଘୋର ଧ୍ୱନି
ଝାଙ୍ଗି ଝାଙ୍ଗି ବହନ୍ତେ ଯେ କମ୍ପଇ ମେଦିନୀ ।
ତହିଁର ତଳରେ ଅଛି ବିଶାଳ ଭୂଧର
ବାତଘାତେ ପାଣି ସହ ବରଷେ ପଥର ।
ଏକୁ ଏକ ପଥର ଯେ ମତ୍ତବଜ୍ର ସମ
ତହିଁରେ ଯେ ଚାଲିବାକୁ କେ ଅଛି ସକ୍ଷମ ।
ରେଣୁ ଉଡ଼ିବାରେ ତହିଁ କିଛି ନ ଦିଶଇ
ବଜ୍ରାଘାତ ପ୍ରାୟେ ତହିଁ ପଥର ବର୍ଷଇ ।
ପବନରେ ହାନ୍ଦୋଳଇ ମହାର୍ଣ୍ଣବ ପାଣି
ପ୍ରଚଣ୍ଡ ଅନଳ ଗର୍ଜେ ଅତି ବେଗେ ପୁଣି ।
ତାହା ଦେଖି ଯମଦୂତେ କହିଲେ ଆମ୍ଭଙ୍କୁ
ଆହେ ମୁନି ସାବଧାନ କର ଏ ପଥକୁ ।
ସେ ପ୍ରଳୟ ସିନ୍ଧୁ ଅଟେ ମହାବାତ ପୁର
ଯମ ପଥରେ ଦୁର୍ଗମ ଏହୁ ମହାଘୋର ।
ଏଥିର ଚରିତ ଶୁଣ ଆହେ ତପୋବନ୍ତେ
ପୂର୍ବକାଳେ ଦୁଷ୍ଟପଣ କଲେ ପରବତେ ।
ପକ୍ଷୀ ପ୍ରାୟ ହୋଇ ଯାଇଥିଲେ ଶୂନ୍ୟେ ଉଡ଼ି
ଦେଶ ଗ୍ରାମ ପୁର ଦେଖି ବସନ୍ତି ସେ ମାଡ଼ି ।
ସେ ସ୍ଥାନମାନଙ୍କେ ଥାନ୍ତି ଯେତେ ଜୀବଜନ୍ତୁ
ପର୍ବତ ମାଡ଼ି ବସନ୍ତେ ପାଆନ୍ତି ସେ ମୃତ୍ୟୁ ।
ଏମନ୍ତେ ଅନେକ ରାଜ୍ୟ କଲେ ସେ ବିନାଶ
ସଦା ଆକାଶ ଭ୍ରମଣେ ତାଙ୍କ ଅଭିଳାଷ ।
ଅନେକ ନାଶିଲେ ଜୀବଜନ୍ତୁ ମଞ୍ଚପୁରେ
ମାତଳି କହିଲେ ପରୁହୂତଙ୍କ ଛାମୁରେ ।
ଶୁଣ ସାବଧାନେ ଆହେ ଦେବ ଶଚୀପତି
ମଞ୍ଚରେ ପର୍ବତମାନେ କଲେକ ଅନୀତି ।
ନିଶାକାଳେ ଦିଗମାନ ଭ୍ରମିବାକୁ ଯାନ୍ତି
ଗ୍ରାମମାନ ଦେଖିକରି ମାଡ଼ିଣ ବସନ୍ତି ।
ଗୋରୁ ଗୋବତ୍ସା ମନୁଷ୍ୟ ଆଦି ନାନା ଜୀବ
ପର୍ବତଙ୍କ ଯୋଗୁଁ ଏହୁ ପାଇଲେ ପ୍ରାଭବ ।
ଶୁଣି ପୁରୁହୂତ ପାଇ ମନେ ଗୁରୁ ଖଙ୍ଗ
ତତକ୍ଷଣେ ଆରୋହିଲେ ଐରାବତ ନାଗ ।

Digitized by srujanika@gmail.com

କରେ ବଜ୍ର ଧରିଣ ସେ ମଞ୍ଚେ ବିଜେ କଲେ
ଚାରି ମେଘ ଅଣଚାଶ ବାୟୁ ଛନ୍ତି ତୁଲେ ।
ପର୍ବତଙ୍କୁ ଦେଖି ମହାକୋପେ ମଘବାନ
ବଜ୍ରରେ ଛେଦିଲେ ତାହାଙ୍କର ଡେଣାମାନ ।
ଭୁଜ କାଟନ୍ତେ ଅଜ୍ଞାନ ହୋଇଲେ ସକଳେ
ପର୍ବତ ଖଞ୍ଜି ହୋଇଣ ରହିଲେ ଶୟଳେ ।
ମହା ଅଷ୍ଟକୁଳ ଗିରି ସୁରପତିର ଭୟେ
ସତ୍ୟେ ମନାଇଣ ରକ୍ଷାକଲେ ତାଙ୍କ କାୟେ ।
ପୂର୍ବ ଦିଗରେ ଉଦୟ ନାମରେ ଯେ ଗିରି
ଆଦିତ୍ୟେ ଶରଣଗଲେ ଇନ୍ଦ୍ରେ ଭୟକରି ।
ନୀଳଗିରି ଶ୍ରୀ ଜଗବନ୍ଧୁଙ୍କୁ ଆଶ୍ରାକଲା
ମନ୍ଦର ଗିରି ବ୍ରହ୍ମାରେ ଶରଣ ପଶିଲା ।
ରହିଲା ଦୁର୍ଗାଙ୍କୁ ଆଶ୍ରେକରି ବିନ୍ଧ୍ୟଗିରି
ମଳୟଗିରି ଆଶ୍ରୟ କଲା ବଜ୍ରଧାରୀ ।
ମନ୍ଦର ଗିରିକୁ ରକ୍ଷା କଲାକ କୁବେର
ପାର୍ବତୀ ରଖିଲେ ହିମବନ୍ତ ଗିରିବର ।
ପବନକୁ ସ୍ତୁତି ସେହୁ କରଇ ଅପାର ।
ଗିରିବର ଭକତି ଯେ ଦେଖିଣ ମରୁତ
ଇନ୍ଦ୍ରକୁ ବଳେ ଉଡ଼ାଇ ଆଣିଲା ତୁରିତ ।
ବରୁଣ ମନ୍ଦିରେ ତାକୁ ଗୁପତେ ଥୋଇଲା
ଏମନ୍ତ ସମୟେ ତହିଁ ବିମାନ ରହିଲା ।

ପର୍ବତକୁ ନିବାରିଣ ଦେବ ଶଚୀପତି
ଲେଉଟି ବିଜୟ କଲେ ପୁର ବାରସ୍ୱତୀ ।
ଲବଣ ସମୁଦ୍ର ବରୁଣର ନିଜ ବାସ
ତହିଁରେ ଯାଇ ବରୁଣ ହୋଇଲା ପ୍ରବେଶ ।
ସେ ବରୁଣ ଦେବତାଙ୍କୁ କହିଲା ସମୀର
ଏହି ମଇନାକ ଗିରି ଶରଣ ମୋହର ।
ଏହାକୁ ସମ୍ଭାଳ ତୋର ପୁରେ ଜଳପତି
ମୁଁ ତୋର ସାନୁଜ ଘେନ ମୋହର ବିନତି ।
ବରୁଣ ବୋଇଲା ଏହୁ ଇନ୍ଦ୍ରର ବଇରୀ
ଏହାକୁ ଯେବେକ ଦୟା ହୋଇଲା ତୋହରି ।
ଆମ୍ଭେ କହିଦେବା ଠାବେ ତୁହି ରକ୍ଷାକର
ତୋହର ଆଶ୍ରାରେ ଥାଉ ଏହି ଗିରିବର ।
ବରୁଣ ଆଜ୍ଞା ପ୍ରମାଣେ ପ୍ରଚଣ୍ଡ ପବନ
ମଇନାକକୁ ଘେନିଣ ରହିଲା ଏ ସ୍ଥାନ ।
ଏଇ ସେହି ମହାଗିରି ମଇନାକ ନାମ
ଉଡ଼ନ୍ତି ପଥରମାନ ମରୁତ ସଙ୍ଗେଣ ।
ପ୍ରଚଣ୍ଡ ପବନ ଅତି ପରିମଳ ବାରି
ସପତ ସମୁଦ୍ରେ ନିତ୍ୟେ ଟେକଇ ଲହରୀ ।
ଜନ୍ତୁପତି ଏକ ଦିନେ ଆସିଥିଲେ ଏଥ
ପବନକୁ ପାଶେ ରାଇ କହିଲେ ଏମନ୍ତ ।
ତୁ ଦେବ ମରୁତ ରହିଥାଅ ଏହିଠାଇଁ
ପାପୀମାନଙ୍କୁ ଦଣ୍ଡିବୁ କଷ୍ଟମାନ ଦେଇ ।
ଏତେ କହି ଯମ ଗଲେ ପୁର ସଞ୍ଜୀମନୀ
ଶୁଣ ସାବଧାନେ ମାରକଣ୍ଡ ମହାମୁନି ।



Digitized by srujanika@gmail.com

ଯେବଣ ଜନ୍ତୁ ମଞ୍ଚରେ ହୋଇଣ ଜନମ
ପାପରେ ଦିନ ନିଏ ନ କରେ କିଛି କର୍ମ ।
ଜଗନ୍ନାଥ ନାମରେ ନ କରଇ ବିଶ୍ୱାସ
କୂଟେ କପଟେ ପ୍ରାଣୀକୁ କରଇ ବିନାଶ ।
ସଭାରେ ବସିଣ ଯେହୁ କହେ ମିଥ୍ୟାବାଣୀ
ପ୍ରକଟ କରଇ ଯେହୁ ଗୁପ୍ତକଥା ଶୁଣି ।
ପ୍ରଭୁଙ୍କର ଯେଉଁ ଲୋକ କରଇ ପ୍ରମାଦ
ନିର୍ଦ୍ଦୋଷ ଲୋକକୁ ଯେହୁ ଚିନ୍ତେ ଅପବାଦ ।
ତେମନ୍ତ ପ୍ରାଣୀକୁ ଆମ୍ଭେ ଏହି ପଥେ ନେଉ
ଗଳାରେ ଫାଶ ଲଗାଇ ରଥେ ବସିଥାଉଁ ।
ରଥ ତଳେ ସେହୁ ପ୍ରାଣୀ ବନ୍ଧା ହୋଇ ଥାଇ
ପବନ ଯୋଗେ ବୁଲଇ ଅନ୍ତରାଳ ହୋଇ ।
ରଥର ଚକ ପରାୟ ବୁଲୁଥାଇ ବେଗେ
ପଥର ଉଡ଼ିଣ ପଡୁଥାନ୍ତି ତାହା ଅଙ୍ଗେ ।
ଧୂଳି ପଶି ଆଖିରେ ସେ ନ ପାରଇ ଚାହିଁ
ପାଷାଣ ଘାତରେ ଚୂର୍ଣ୍ଣ ହେଉଥାଏ ଦେହୀ ।
ବତାସ କାଳରେ ଯେହ୍ନେ ଉଡ଼େ ବେଣା ମୁଠା
ତେସନ ଉଡ଼ଇ ସେହି ପାପୀ ଅଙ୍ଗଗୋଟା ।
କର ଚରଣ ତାହାର ନ ପାରେ ସମ୍ଭାଳି
ମୁଖରେ କେଶ ପଡ଼ିଣ ହୁଏ ଅନ୍ତରାଳି ।
ଧୂଳିରାଶି ପାନକରି ପୂରଇ ତା ପେଟ
ଅଜନ୍ତରି ହୋଇ ହେଉଥାଏ ଛଟପଟ ।
ନାସିକା ଶ୍ରବଣେ ତାର ପୂରଇ ପବନ
ଅତି ବଇକୁଲ୍ୟ ହେଉଥାଏ ତା ଜୀବନ ।
ଏପରି ଯାତନା ଏହି ମରୁତ ପଥଟି
ପାପୀଜନଙ୍କୁ ଏ ଅଟେ ଦୁର୍ଗମ ଅରିଷ୍ଟି ।
ଯେବଣ ପ୍ରାଣୀମାନେଟି ପରଦୁଃଖେ ଦୁଃଖୀ
ଶତ୍ରୁମିତ୍ରଙ୍କୁ ଏକତ୍ୱ କରି ଯେହୁ ଦେଖି ।
ଜଗନ୍ନାଥ ଚରଣେ ଯେ ସେବେ ଏକମନେ
ଜୀବକୁ ଯେ ବିଷ୍ଣୁ ବୋଲି ଚିହ୍ନଇ ନୟନେ ।
ତେମନ୍ତ ପ୍ରାଣୀ ଏ ପଥେ ସୁଖେ ତରିଯାଇ
ଆମ୍ଭ ସଙ୍ଗତରେ ଏହି ରଥେ ବସିଥାଇ ।
ତାହାକୁ ନ ଲାଗଇ ଏ ପବନ ପଥର
ଏତେ ବୋଲି ତହୁଁ ବାହିନେଲେ ରଘୁବର ।
ସାଗର ଜିଣି ରମ୍ୟକ ଦ୍ୱୀପରେ ପ୍ରବେଶ
ଭଣନ୍ତି ପୁଣ୍ୟଧ୍ୱନି ଶ୍ରୀ ମହାଦେବ ଦାସ ।

–x–

ଶୋଣିତ ସିନ୍ଧୁ ଓ ରମ୍ୟକ ଦ୍ୱୀପ ବିଷୟ ବର୍ଣ୍ଣନା

ଷାଠିଏ ଲକ୍ଷ ଯୋଜନ ଯେ ଦ୍ୱୀପ ଅଟଇ
ଶୋଣିତ ସିନ୍ଧୁର ତଟେ ପ୍ରବେଶିଲୁ ଯାଇ ।
ସେ ଦ୍ୱୀପକୁ ଦ୍ୱିଗୁଣ ସେ ଜଳ ମହାର୍ଣ୍ଣବ
ସେ ରଥ ଦୁର୍ଗମ କେହୁ କହିତୁ ପାରିବ ।
ଅଛନ୍ତି ଅସଂଖ୍ୟ ନାଗବର ତହିଁ ଚାରି
ପଚ୍ଚାନ୍ତର ସେ ଅନନ୍ତ ନାଗଙ୍କର ସରି ।
ଫଣା ଟେକିଣ ସର୍ବଦା ଗର୍ଜନ୍ତି ପନ୍ନଗ
ଦକ୍ଷିଣ ଦିଗକୁ ଲାଗି ଅମାପ ସେ ନାଗ ।
ଜଳ ଉପରେ ପହଁରି ଆସନ୍ତି ସେ ବେଗେ
ଗଗନ ପଥ ଘୋଟିଣ ଉଡ଼ନ୍ତି ପନ୍ନଗେ ।
ମହା ମହା ସର୍ପ ଯେ ଜ୍ୱଳନ୍ତ ଅଗ୍ନି ସମ
ନିଃଶ୍ୱାସ ଛାଡ଼ନ୍ତେ ତେଜ ବିକାଶଇ ଧୂମ ।
ଫୁଫୁକାର ଶବ୍ଦେ ଗରଜଇ ଅନର୍ଗଳ
ଅନଳ ଜ୍ୱାଳା ପରାୟେ ଛାଡ଼ନ୍ତି ଗରଳ ।
ବିଷର ଲହରୀ ତହୁଁ ଉଠେ ଘନଘନ
ଭ୍ରମନ୍ତି ନାନା ବର୍ଣ୍ଣର ନାଗେ ଅବିଚ୍ଛିନ୍ନ ।
ଗର୍ଜନ୍ତି ତର୍ଜନ୍ତି ଉର୍ଦ୍ଧ୍ୱେ ଟେକି ମହାଫେରୁ
ତାଙ୍କ ତାପେ ବୃକ୍ଷମାନେ ଜଳିଯାନ୍ତି ଦୂରୁ ।
ଗଗନପଥକୁ ବ୍ୟାପୀ ବୁଲନ୍ତି ସେ ନାଗେ
କହିଲେ କାଳ ବିକାଳ ପୁଣି ଆମ୍ଭ ଆଗେ ।
ବୋଲନ୍ତି ଦେଖ ହେ ମୁନି କାଳ ଘୋର ସର୍ପ
ଏ ପୁଣି ଗଞ୍ଜନ୍ତି ପାପୀମାନଙ୍କର ଦର୍ପ ।
ଯେଉଁଠାରୁ ଆସି ସର୍ପେ ମିଳିଲେ ଏ ସ୍ଥାନେ
ତାହା କହୁଁ ଆମ୍ଭେମାନେ ଶୁଣ ସାବଧାନେ ।
ବାସୁକୀର ଭାରିଯା ଯେ ଅଟେ ଯଶୋଦରୀ
ଲକ୍ଷେକ ପୁତ୍ର ତାହାର ଗର୍ଭୁ ଅବତରି ।
ଅତିଅନ୍ତ ଅନର୍ଗଳ ହୋଇଲେ ସେ ସର୍ପେ
ମଞ୍ଚପୁର ଲୋକଙ୍କୁ ଯେ ଭକ୍ଷ ବଳଦର୍ପେ ।
ପର୍ବତ କନ୍ଦର ମଧ୍ୟେ ଗୁପ୍ତେ ଲୁଚିଥାନ୍ତି
ନିଶାକାଳରେ ବୁଲିଣ ମନୁଷ୍ୟ ଖାଆନ୍ତି ।
ନିଶା ପ୍ରଭାତେ ଯାଇଣ ଲୁଚନ୍ତି ବର୍ବରେ
ଦିନ ଅବଶେଷେ ଯାଇ ଭ୍ରମନ୍ତି ରାଜ୍ୟରେ ।
ଜଳଜନ୍ତୁଙ୍କୁ ଖୋଜିଣ ଭକ୍ଷନ୍ତି ସେ ସୁଖେ
ଏମନ୍ତେ ଅନେକ ଜନ୍ତୁ ଭକ୍ଷନ୍ତି ମୁଖେ ।
ଯହୁଁ ଅନେକ ପରାଣୀ ହୋଇଲେ ବିନାଶ
ଅନ୍ତର୍ଯାମୀ ପୁରୁଷ ତା ଜାଣି ପୀତବାସ ।
ଗରୁଡ଼କୁ ରାଇ ଆଜ୍ଞା ଦେଲେକ ଶ୍ରୀହରି
ବୋଇଲେ ମଞ୍ଚପୁରକୁ ଯାଅ ବେଗକରି ।

Digitized by srujanika@gmail.com

ପନ୍ନଗବଳ ଭକ୍ଷିଲେ ସର୍ବ ଜୀବଜନ୍ତୁ
ତୁ ହୋ ବୈନତେୟ ଯାଇ ଦିଅ ତାଙ୍କୁ ମୃତ୍ୟୁ ।
ଶୁଣିଣ ସେ ଖଗବର ମଞ୍ଚେ ବିଜେକଲା
ଅନେକ ସର୍ପବଳକୁ ଖୋଜିଣ ଖାଇଲା ।
ବନ ପରବତ ଯେ ବିବର ଗୋପ୍ୟସ୍ଥାନ
ଗରୁଡ଼ ଭକ୍ଷଇ ଖୋଜି ଖୋଜି ନାଗସୈନ୍ୟ ।
ଏମନ୍ତେ ନାଗ ଭକ୍ଷନ୍ତେ ବିନତାର ପୁତ୍ର
ଭୟେ ନାଗବଳ ଭାଙ୍ଗି ହେଲେ ଛିନ୍ନଛତ୍ର ।
ବାସୁକି ରାଜାର ଥିଲେ ଲକ୍ଷେକ ନନ୍ଦନ
ଅଶୀ ଅର୍ବୁଦ ତାହାଙ୍କ ସଙ୍ଗେ ନାଗଗଣ ।
ଏବେ ସୈନ୍ୟ ଘେନି ଜନମାନ ଖାଉଥିଲେ
ଗରୁଡ଼କୁ ଦେଖିଣ ସେ ଦୂରୁ ପଳାଇଲେ ।
ଖୋଜି ଖୋଜି ବୈନତେୟ ଭକ୍ଷଇ ପନ୍ନଗ
ପଳାନ୍ତେ ନାଗମାନେ ଯେ ମନେ ମହାତଙ୍ଗ ।
ଉଡ଼ଙ୍ଗ ରାଜା ନାମେ ଏକଇ ମହାମେରୁ
ସହସ୍ର ନାଗଙ୍କ ତୁଲେ ପଳାଇ ସେ ଦୂରୁ ।
ସଂଯମନୀ ପୁରେ ଯାଇ ମିଳିଲା ଝଟତି
ଶରଣ ପଶିଲା ଯାଇ ଯମ ପଛକତି ।
ଜନ୍ତୁପତି ତାହାଙ୍କର ରଖିଲେ ଶରଣ
ଏକାଳେ ମିଳିଲା ପକ୍ଷୀ ଶମନ ଆଗେଣ ।
ଗରୁଡ଼ ବୋଇଲା ଆହେ ଆଦିତ୍ୟର ବତ୍ସ
ବିଷ୍ଣୁ ଦୋରେହାକୁ କେବେ ଶରଣ ନ ରଖ ।
ଏ ପାପିଷ୍ଠମାନେ ମଞ୍ଚେ ଉପଦ୍ରବ କଲେ
ଜୀବଜନ୍ତୁମାନଙ୍କୁ ଏ ଅଦୋଷେ ଖାଇଲେ ।
ନାରାୟଣ ପ୍ରଭୁ ମୋତେ ଆଜ୍ଞା ଦେଲେ ରାଇ
ଏହାଙ୍କୁ ଭକ୍ଷିବି ମୁହିଁ ଜୀବରକ୍ଷା ପାଇଁ ।
ତୁହି ଏହାକୁ ରକ୍ଷା ନକରି ନାଶକର
ଏମାନେ ଥିଲେ ବିନାଶ ହୋଇବ ସଂସାର ।
ତୋହର ବଳେ ଏହାଙ୍କୁ ନ ପାରିବୁ ରଖି
ମୋତେ ଦେଖୁଅଛୁ ତୁହି ସର୍ପକୁ ମୁଁ ଭକ୍ଷି ।
ତୋତେ ଆଦିକରି ସଂହାରିବି ସବୁ ସର୍ପ
ସରୁ ଜଗତର ଚିନ୍ତା ସର୍ବ ଉପଦର୍ପ ।
ତାହା ଶୁଣିକରି ଯମ ମନେ ଭୟକଲା
ଗରୁଡ଼କୁ ବୋଧି ସ୍ତୁତିବଚନେ କହିଲା ।
ବୋଇଲା ତୁ ଦେବ ଅଟୁ ବିଷ୍ଣୁର ବାହନ
ଜୟ ଜୟ ଖଗଇନ୍ଦ୍ର ଭକତି ମୋ ଘେନ ।
ମୁଁ ଯେବେ ଜାଣନ୍ତି ସର୍ପେ ତୋହର ଦୋରେହା
ଶରଣ ରଖନ୍ତି କାହିଁପାଇଁ ମୁହିଁ ତାହା ।
ଶରଣ ରଖିଲି ଯାହା ଦେବି ମୁଁ କେମନ୍ତେ
ତୁହି ଦେବ ଏ ସଙ୍କଟୁ ରକ୍ଷାକର ମୋତେ ।
ଅରୁଣର ଜ୍ୟେଷ୍ଠ ତୁହି ମୋର ଅଟୁ ଭ୍ରାତ
ମୁହିଁ ଯେଣୁ ଅରୁଣର ଅଟଇ ସଙ୍ଗାତ ।
ତୁ ମୋହର ଜ୍ୟେଷ୍ଠ ମୁହିଁ ତୋହର ସାନୁଜ
ମୋହର ଯେ ମାନହାନି ତୋତେ ଅଟେ ଲାଜ ।
ମୁହିଁ ଏବେ ସର୍ପ ଘେନି ତୋହର ଶରଣ
ତୁ ଦେବ ଏହାକୁ ରଖ ଭକ୍ତି ମୋର ଘେନ ।
ଏହାଶୁଣି ଦୟାକରି ବିନତା ନନ୍ଦନ
ବୋଇଲେ ରଖିଲୁ ଯେବେ ତୁହି ନାଗମାନ ।
ଭୃତ୍ୟପଣେ ଏ ସମସ୍ତେ ତୋତେ ସେବୁଥିବେ
ତୁହି ଯହିଁକି ପେଶିବୁ ଏ ତହିଁକି ଯିବେ ।
ଆଜହୁଁ ସେବକ ତୋର ହେବେ କାଳସର୍ପ
ଗଞ୍ଜିବେ ଏ ପାପୀଜନମାନଙ୍କର ଦର୍ପ ।
ମୋହର ନାମକୁ ସୁମରିବେ ଯେଉଁ ପ୍ରାଣୀ
ତାହାଙ୍କୁ ଅପଘାତ ଏ ନ କରିବେ ପୁଣି ।
ସତ୍ୟ ମଣିଣ ଗରୁଡ଼ ବୈକୁଣ୍ଠକୁ ଗଲା
ତହୁଁ ଜନ୍ତୁପତି ସବୁ ସର୍ପକୁ ରାଇଲା ।
ଉଡ଼ଙ୍ଗ ନାମ ସର୍ପକୁ ବୋଲେ ନାଶକର
ତୁହି ଯାଇ ରହ ଜଳ ବିବର ସେ ପୁର ।
ସଞ୍ଜମନୀ ପୁରର ସେ ଉତ୍ତର ଦିଗରେ
ମୃତ୍ୟୁପୁରରେ ସେ ଲୋକ ଆସିବା ମାର୍ଗରେ ।
ଜଳ ସମୁଦ୍ର ଦକ୍ଷିଣ ଦିଗକୁ ଯେ ଘେନି
ଅଚିନ୍ତାରେ ରହିଥିବୁ ପନ୍ନଗ ସଇନି ।
ଯେତେ ଆସୁଥିବେ ଏହି ଦିଗେ ମୃତ୍ୟୁ ହୋଇ
ପାପୀ ଦେଖି ତାଙ୍କୁ ଦଣ୍ଡ ଦେବୁ କଷ୍ଟଦେଇ ।
ଶୁଣ ମହାରଷି ତହୁଁ ଯମର ବଚନେ
ଉରଗବଳ ଆସିଣ ରହିଲେ ସେ ସ୍ଥାନେ ।
କଳାପନ୍ନଗମାନଙ୍କୁ କରନ୍ତି ଆହାର
ପାପୀମାନଙ୍କୁ ଏ କଷ୍ଟ ଦିଅନ୍ତି ଅପାର ।
ଯେଉଁ ପ୍ରାଣୀମାନେ ମଞ୍ଚେ ହୁଅନ୍ତିଟି ଜାତ
ବିଷ୍ଣୁ ଦେବତାଙ୍କର ଯେ ନୁହଁଇ ଭକତ ।
ଦେବା ଦିଆଇବା ଯାର ଦୁଇକଥା ନାହିଁ
ସଂସାର ଧର୍ମରେ ପୁଣି ନ ପଶିଲା ସେହି ।
ଅଗ୍ନି ଲଗାଇଣ ଯେହୁ ପୋଡ଼ଇ ବନସ୍ତ
ପର କୁଟୁମ୍ବକୁ ଯେହୁ କରଇ ଅନାଥ ।
ବିଶ୍ୱାସଘାତକ ପୁଣି ଅଟେ ଯେଉଁ ପ୍ରାଣୀ
ଦକ୍ଷିଣା ନ ଦିଏ ଯେହୁ ପୁରାଣକୁ ଶୁଣି ।
ସଂକଳ୍ପ କରିଣ ଯେହୁ ନ ଦିଅଇ ଦାନ
ପରକୀର୍ତ୍ତିମାନ ଯେହୁ କରଇ ହରଣ ।
ଏମନ୍ତ ଲୋକମାନେ ଯେ ଆସନ୍ତି ଏ ଦିଗେ
ନିଶ୍ଚୟ ପଡ଼ନ୍ତି ଏହି କାଳସର୍ପ ଆଗେ ।

Digitized by srujanika@gmail.com

ଦେଖି ନିବିଡ଼ ବାନ୍ଧିଣ ବାନ୍ଧନ୍ତି ଉରଗେ
ପାଦରୁ ତା ଶିରଯାଏ ଭିଡ଼ନ୍ତି ସର୍ବାଙ୍ଗେ ।
ନାସିକା କାମୁଡ଼ି ତାର ପିଅନ୍ତି ରୁଧିର
ତୁଣ୍ଡବାଟେ ତା ପେଟକୁ ପଶେ ଅଜଗର ।
ଅଗମ୍ୟ ବନେ ଭୁବନ ଶୂନ୍ୟ ଅବସ୍ଥିତି
କଳନା ହୋଇ ନ ପାରେ ତାର ଦୀର୍ଘ ପ୍ରତି ।
ନିପ୍ରୋହି ନାମରେ ଅଛି ଦକ୍ଷିଣେ ଯେ ବନ
କହନ୍ତେ ଯେ ଅଗୋଚର ତହିଁର ବିଧାନ ।

ଶରୀରେ ଘାରଇ ତାର ଜ୍ୱାଳାବଳି ବିଷ
ଆକୁଳେ ଘାଣ୍ଟି ହୁଅଇ ପରାଣ ପୁରୁଷ ।
ଅନେକ ଦୂର ଯାଏ ସେ ବନ୍ଧା ହୋଇଥାନ୍ତି
ସଂଯମନୀ ପୁର ପରେ ମାଡ଼ିଣ ଆସନ୍ତି ।
ଏତେ କଷ୍ଟ ପ୍ରାଣିମାନେ ପାନ୍ତି ଏହି ସ୍ଥାନେ
ଯେବଣ ପ୍ରାଣୀ ବର୍ତ୍ତଇ ହାଦେ ସଦଙ୍କାନେ ।
ନାରାୟଣ ନାମକୁ ଯେ ଜପେ କରି ଇଷ୍ଟ
ଆପଣେ ଦୁଃଖ ପାଇ ଯେ ଫେଡ଼େ ପର କଷ୍ଟ ।
ପରକୁ ପୀଡ଼ା ଦେବାର ଯାହାର ନ ଥାଇ
ବିଷଜ୍ୱାଳା ପଥେ ସେହୁ ସୁଖେ ଚଳିଯାଇ ।
ଏତେ କହି ବାହୁଡ଼ାଇ ଦେଲେକ ବିମାନ
ସପ୍ତସିନ୍ଧୁ ଗୋଟି ତହୁଁ ତରିଲୁ ବହନ ।
ରଜନୀ ପ୍ରାତଃରେ ଯାଇ ହେଲୁ ପରବେଶ
ଭଣନ୍ତି ପୁଣ୍ୟଧ୍ୱନି ଶ୍ରୀ ମହାଦେବ ଦାସ

-x-

ନିପ୍ରୋହି ବନର ବୃତ୍ତାନ୍ତ ଓ ଅରୁଣ ଗରୁଡ଼ର ଯୁଦ୍ଧ

ମୁନିବର ବୋଲନ୍ତି ହୋ ଶୁଣ ନୃପବର
ଏହି ସାତ ଦ୍ୱୀପେ ସାତ ସମୁଦ୍ର ଭିତର ।
ଯେଉଁ ବନରେ ପଶି ସଞ୍ଜିବନୀ ପୁରେ ଯାଇ
ତହିଁର ଦୁର୍ଗମ ବଚନେ କହି ନୁହଇ ।
ନିବିଡ଼ ତରୁଲତାରେ ବନ ଅତି ଘୋର
ବିବିଧ ତରୁ ତହିଁରେ ଅଛଇ ଅପାର ।
ଅଗମ୍ୟ ବିପିନେ କିଛି ନୁହଁଇ ଯେ କଳି
ଲତାଙ୍କର ଗହଳେ ନ ଦିଶେ ଅଂଶୁମାଳି ।
ନାନା ବୃକ୍ଷମାନେ ତହିଁ ଅଛନ୍ତି ବିଶାଳ
ତିଳେ ଛଡ଼ା ନାହିଁ ଯହିଁ ଅତି ଘଞ୍ଚ ଡାଳ ।
ଯୋଜନ ଓସାର ଦୀର୍ଘ ତାର ବାରକୋଟି
ନ ପଡ଼ଇ ରବିତ୍ରାସ ଊର୍ଦ୍ଧ୍ୱେ ଲତା ଘୋଟି ।
ବେନି ପାର୍ଶ୍ୱରେ ବୃକ୍ଷମାନଙ୍କ ଗହଳେ
ପିମ୍ପୁଡ଼ି ଯିବାକୁ ପଥ ନାହିଁ ତହିଁ ତିଳେ ।
ଫଳପୁଷ୍ପେ ପୂରିଅଛି ଦିଶେ ମନୋହର
ଆମ୍ବ ପଣସ ଦ୍ରାକ୍ଷା ଯେ କଦଳୀ ଅପାର ।
ନାରଙ୍ଗ ଜେଉଟ ବରକୋଳି ନାରିକେଳ
ଜମ୍ବିଳ ଖର୍ଜ୍ଜୁର ଗୁଆ କରମଙ୍ଗା ତାଳ ।
ବେଲ ଯେ ଅଁଳା ଆଦି ଭାଲିଆ ହରିଡ଼ା
ଅସୁମାର ଅଛଇ ସେ ବନରେ ବାହାଡ଼ା ।
ଶାଳ ପିଆଶାଳ ଆଦି ସୁନାରି ମହୁଲ
ବାସଙ୍ଗ କେରେନ୍ଦା କୋଳି ପୁନ୍ନାଗ ବଉଳ ।

Digitized by srujanika@gmail.com

ଟଭା ନାରଙ୍ଗ କମଳା ବଡ଼ ସାନ ଆମ୍ବ
କେନ୍ଦୁ କୋଚିଲା ଉଆଉ ନିମ୍ବ ମହାନିମ୍ବ ।
ଜମ୍ବୁ ବାତାପି ଅସନ କୋଚିଲା ଖଇର
ଆଉତ ଯେ ପାଳଧୂଆ ନେଉଆ ଅପାର ।
ବଟ ଖଇର ଅଶ୍ୱତ୍ଥ ସୁମାଳି ଭଇଁଞ୍ଛ
ଜାତି ଅଜାତି ବୃକ୍ଷରେ ଦିଶେ ଅତି ଘଞ୍ଚ ।
ବିବିଧ ପ୍ରକାର ଫୁଲ ଅଛି ହେ ନୃପତି
ଚମ୍ପା ମଲ୍ଲୀ କରୁଆ ଯେ ମାଧବୀ ସେବତୀ ।
ଟଗର ତରାଟ ଯେ ରଙ୍ଗଣୀ କନିଅର
ଜାଇ ଯୁଇ ଛୁରୀଅନା ପାଟଳୀ ମନ୍ଦାର ।
ବିବିଧ କୁସୁମେ ଶୋଭା ପାଉଛି ସେ ବନ
ଫଳଭରେ ବୃକ୍ଷ ସବୁ ଦିଶେ ଶୋଭାବନ ।
ବୃକ୍ଷ ମାତ୍ରକେ ଯେତେକ ଅଛନ୍ତି ସେ ତହିଁ
ଅପୂର୍ବ ବନ ଦେଖିଲେ ମନ ଯିବ ମୋହି ।
ମାନବ ଗୋଟିଏ ଜାଣ ନାହାନ୍ତି ଯେ ବନେ
ଖଗ ଜୀବମାନେ ରହିଥାନ୍ତି ଯେ ଗହନେ ।
ଶୁକ ପିକ ଶାରୀ ଆଦି ମୟୂର ଡାହୁକ
କାମକଣ୍ଟା ତିତିରି ବାୟସ ଗୃଧ୍ର ବକ ।
ହଂସ ହଂସରାଳୀ ବଣି ଭଦଭଦଳିଆ
ଉଡ଼ନ୍ତି ଯେ ପଲ ପଲ କଙ୍କ ଗେଣ୍ଡାଳିଆ ।
ଡଗର ଗରଡ଼ିଆ ଯେ ବତିଶା ଭଲ୍ଲୁକ
କୁକ୍‌କୁଟ କପୋତ ଆଉ ବିହଙ୍ଗମ କୋକ ।
ଗୁଣ୍ଡୁରୀ ଭଦଳିଆ ଯେ ବସନ୍ତ ଚଢ଼ାଇ
ସୁନ୍ଦର ପତଙ୍ଗ ଯେତେ ଗଣନା ନ ଯାଇ ।
ଉଡ଼ନ୍ତି ବସନ୍ତି ପୁଣି ଭାଷନ୍ତି ସୁସ୍ୱର
ମଧୁପ ଭ୍ରମର ଆଦି କରନ୍ତି ଝଙ୍କାର ।
ମଶା ଡାଆଁଶ ଆଦି ଯେ ବିରୁଡ଼ି ଗହନ
ମାତଙ୍ଗମାନଙ୍କ ରବେ ଉଚ୍ଛୁଳଇ ବନ ।
ବିବିଧ ପୁଷ୍ପରେ ଲତା ସୁନ୍ଦର ଦିଶନ୍ତି
ଫଳଭରେ ଡାଳମାନେ ଭୂମିରେ ଲୋଟନ୍ତି ।
ଉତ୍ସର୍ଗରେ ତରୁବର ଶୋଭା ଦିଶେ ଅତି
ମୂଳରୁ ଯେ ଅଗଯାଏ ଡାଳ ଯନ୍ତାଯନ୍ତି ।
ପକ୍ଷୀମାନଙ୍କ ଗହଳେ ନ ଦିଶଇ ତରୁ
ସେ ବନକୁ ଦେଖି ଆମ୍ଭେ ପ୍ରଶଂସିଲୁ ଦୂରୁ ।
ଦୂତକୁ ଯେ ପଚାରିଲୁ ଏ କେବଣ ତୋଟା
ଏତେ ଦୂରେ ଦେଖିଲୁ ସୁସଞ୍ଚ ଭୂମିଗୋଟା ।
ଡଗର ବୋଇଲେ ଏହି ନୁହଇ ସୁସଞ୍ଚ
ତପୀଙ୍କ ସୁସଞ୍ଚ ଏହା ପାପୀଙ୍କ ପ୍ରପଞ୍ଚ ।
ସତୁରୀଲକ୍ଷ ଯୋଜନ ଅପୂର୍ବ ବିପିନ
ଆପଣେ ଯେ ଜନ୍ତୁପତି ରୋପିଛି ଏ ବନ ।

ଯେଉଁ ଯେଉଁ ପକ୍ଷୀମାନେ ଅଛନ୍ତି ଏ ବନେ
ଯହୁଁ ଅଇଲେ ବନକୁ ଶୁଣ ଏକମନେ ।
ବିନତାର ନନ୍ଦନ ଯେ ଗରୁଡ଼ ଅରୁଣ
ପକ୍ଷୀଙ୍କର ଉପରେ ଯେ ଅଟନ୍ତି ରାଜନ ।
କଶ୍ୟପ ଋଷିଙ୍କର ଯେ ଅଟନ୍ତି ତନୟେ
ପ୍ରଜାପତି ନନ୍ଦିନୀ ବିନତା ତାର ମାଏ ।
ଗରୁଡ଼ ବୋଲଇ ମୁହିଁ ହେବି ଖଗରାଜା
ସକଳ ପକ୍ଷୀ କରିବେ ମୋର ପାଦ ପୂଜା ।
ଅରୁଣ ବୋଇଲା ମୋର ଅଛଇ ତ ଭାଗ
ଏକାଳେ ତୋତେ ଖଟିବେ କିମ୍ପା ସବୁ ଖଗ ।
ତୋହର ମୋହର ତେବେ କରିବା ସମର
ଯେ ଜିଣିବ ସେ ହୋଇବ ରାଜା ପକ୍ଷୀଙ୍କର ।
ଏତେ ବୋଲିଣ କ୍ରୋଧରେ ହେଲେ ଅନ୍ୟୋଅନି
ଯୁଦ୍ଧ ଆରମ୍ଭରେ ଦୁହେଁ ସାଜିଣ ସଇନି ।
ମଞ୍ଚ ମଣ୍ଡଳକୁ ଆସି ଯୁଦ୍ଧ ଆରମ୍ଭିଲେ
ବିଶ୍ରାମ ନକରି ଦୁହେଁ ସକ୍ରୋଧେ ଯୁଝିଲେ ।
ସମ୍ପଦ ଅର୍ଥେ ସୋଦର ଭାବନା ନ କଲେ
ସୋଦରେ ସୋଦର ଦୁହେଁ ବଇରୀ ହୋଇଲେ ।
ଶତେକ ବରଷ ତହିଁ କଲେକ ସମର
ପକ୍ଷ ବାତଘାତେ କମ୍ପିଗଲା ତିନି ପୁର ।
ପକ୍ଷଙ୍କର ପବନରେ ବହିଲା ବତାସ
କନ୍ଦର ଗହନ ବନ ସବୁଗଲା ନାଶ ।
ପକ୍ଷୀଙ୍କର ଉତପାତେ ପୃଥିବୀ ଆକୁଳ
କମ୍ପିଲେକ ଥରହର ହୋଇ ଗିରିବାଳ ।
ଗରୁଡ଼ ଅରୁଣ ଦୁଇ ଭାଇଙ୍କର କଳି
ଲାଗିବାରୁ କମ୍ପମାନ ହେଲା ମହୀସ୍ଥଳୀ ।
ଉଲ୍‌କାପାତ ଆକାଶରୁ ହୋଇଲା ସଂସାରେ
ବ୍ରହ୍ମା ବିଜେ କଲେ ଆସି ସମର ସ୍ଥାନରେ ।
ଦୂରୁ ଡାକଦେଲେ ରହ ରହ ପକ୍ଷୀମାନେ
ଆମ୍ଭେ କଥାଏ କହିବୁ ଶୁଣ ସାବଧାନେ ।
ଯୁଦ୍ଧ ନ କର ତୁମ୍ଭଙ୍କୁ ବିଷ୍ଣୁଙ୍କ ଶପଥ
ତାଙ୍କ ଆଜ୍ଞା ଭ୍ରଷ୍ଟ କଲେ ହେବ ଭସ୍ମିଭୂତ ।
ଏହାଶୁଣି ପକ୍ଷୀମାନେ ଯୁଦ୍ଧ ତ୍ୟାଗକଲେ
ବ୍ରହ୍ମାଙ୍କର ମୁଖ ଚାହିଁ ଶିରେ କର ଦେଲେ ।
ଗରୁଡ଼ ବ୍ରହ୍ମାଙ୍କ ମୁଖ ଚାହିଁଣ ବୋଇଲା
ତୁମ୍ଭେ ଯେଣେ ବିଜେକଲ ଭଲ ତ ହୋଇଲା ।
ଆମ୍ଭ ଦୁହିଁଙ୍କ ଅନର୍ଥ ବୁଝିବା ଗୋସାଇଁ
ଜ୍ୟେଷ୍ଠ କନିଷ୍ଠ ଆମ୍ଭେ ଯେ ଅଟୁ ବେନି ଭାଇ ।
ଜ୍ୟେଷ୍ଠ କନିଷ୍ଠ ଏପରି ସବୁଠାରେ ଅଛି
ବିଚାର କରିଲେ ଧର୍ମ କାହାଠାରେ ଗଛି ।

Digitized by srujanika@gmail.com

ମୁହିଁ ଜ୍ୟେଷ୍ଠପୁତ୍ର ସେହି ସାନ ମୁନିବର
ଦୁଷ୍ଟଭାବେ ଏ ମୋ ସଙ୍ଗେ କରଇ ସମର ।
ଅରୁଣ ବୋଇଲ ମୁହିଁ ଅଟେ ଜ୍ୟେଷ୍ଠପୁତ୍ର
ମୋତେ ଆଗକରି ଜାତ କରିଛନ୍ତି ମାତ ।
ଏଥିରେ ସନ୍ଦେହମାନ ଘେନି ପିତାମହ
ଜ୍ୟେଷ୍ଠ କନିଷ୍ଠ କିଏ ସେ ବିଚାରିଣ କହ ।
ବିଧାତା ବୋଇଲେ ଆମ୍ଭେ କହୁ ସତ୍ୟବାଣୀ
ତୁମ୍ଭ ଦୁହିଁଙ୍କର ଜନ୍ମ କଥା ଅଛୁ ଜାଣି ।
କଶ୍ୟପ ଭାରିଯା ଅଟେ ବିନତା ଯେ ସତୀ
ତୁମ୍ଭ ଦୁହିଁଙ୍କି ଧରି ସେ ହେଲେ ଗର୍ଭବତୀ ।
ପ୍ରସବ ସମୟେ ହେଲା ଅଣ୍ଡା ଦୁଇ ଜାତ
ତା ଦେଖିଣ ମନେ ମନେ ଭାବି ତପୋବନ୍ତ ।
ଜ୍ୟେଷ୍ଠ ଡିମ୍ବଗୋଟି ମୁନି ନିଜ କରେ ଘେନି
ପ୍ରସନ୍ନ ହୋଇଣ ଆଜ୍ଞା ଦେଲେ ମହାମୁନି ।
ବୋଇଲେ ଏଥିରୁ ଯେହୁ ହେବ ଅବତାର
ପକ୍ଷୀଙ୍କ ଉପରେ ସେହୁ ହେବ ମୁନିବର ।
ଗରୁଡ଼ ହୋଇବ ରାଜା ଖଗର ଉପରେ
ପଡ଼ିବେ ସକଳ ପକ୍ଷୀ ତାହାଙ୍କ ପୟରେ ।
ଆର ଡିମ୍ବଗୋଟି ପୁଣି ଘେନି ମୁନି କରେ
ବେନି ଡିମ୍ବ ଦେଲେ ନେଇ ବିନତା ଗୋଚରେ
ବିନତା ରଖିଲେ ତାହା ଅତି ଯତ୍ନକରି
ଅନେକ ଦିନଯେ ତହିଁ ଗଲା ଅପସରି ।
ବିମନେ ବିନତା ସେ ବଳିଷ୍ଠ ଡିମ୍ବ ଗୋଟି
ଭଗ୍ନ କଲେ ମାରି ନିଜ ତର୍ଜନୀ ଅଙ୍ଗୁଷ୍ଠି ।
ତହିଁରୁ ଏହି ଅରୁଣ ହୋଇଲେ ଉତ୍ପନ୍ନ
କୋମଳ ଏହାର ଦେହ ଦିଶେ ରଙ୍ଗବର୍ଣ୍ଣ ।
କନିଷ୍ଠ ହୋଇଣ ତେଣୁ ଅଗ୍ରଜ ହୋଇଲା
ଏ ଗରୁଡ଼ ପୁଣି କିଛିଦିନେ ଉପୁଜିଲା ।
ପିତା ତୁମ୍ଭର ବଚନ ବୋଲିଅଛି ଯାହା
ଯେଣୁକରି ଏ ଗରୁଡ଼ ହେବ ନରନାହା ।
ଏତେ ବୋଲିଣ ବିଧାତା ପକ୍ଷୀ ଇନ୍ଦ୍ରପଣେ
ଗରୁଡ଼ର ଶିରେ ଶାଢ଼ି ବାନ୍ଧିଲେ ତକ୍ଷଣେ ।
ଶାଢ଼ି ଦେଇକରି ଧାତା ଗଲେ ନିଜ ପୁରୀ
ଅରୁଣ ଦେଖି ତାହାକୁ ମନେ ଦୁଃଖକରି ।
ଲାଜେ ବାହୁଡ଼ିଲା ଆପଣାର ସୈନ୍ୟଘେନି
ପ୍ରବେଶ ହୋଇଲା ଯାଇ ପୁର ସଞ୍ଜମନୀ ।
ଜନ୍ତୁପତି ଥିଲା ମାତ୍ର ଅରୁଣର ସଙ୍ଗେ
ଅରୁଣ ସେ ଅପମାନ କହିଲା ତା ଆଗେ ।
ବୋଇଲା ମଇତ୍ର ଶୁଣ ମୋହର ବଚନ
ସମ୍ପଦ ଅର୍ଥେ ସୋଦରେ ହେଲା ଭିନ୍ନାଭିନ୍ନ ।
ପିତା ମହାଋଷି ଯୁଦ୍ଧେ ହରାଇଲେ ମୋତେ
ଯଥାର୍ଥ ବାକ୍ୟେ ମୁଁ ଲାଜ ପାଇଲି ଜଗତେ ।
ତେଣୁ ମୋର ସୈନ୍ୟଘେନି ଆଇଲି ତୋ ପାଶ
ତୋ ତହୁଁ ମଇତ୍ର ମୋର ନାହିଁଟି ବିଶ୍ୱାସ ।
ବିପତ୍ତି ସମୟେ ମିତ୍ର ପାଶେ ଯିବା ଧାଇଁ
ଧର୍ମଶାସ୍ତ୍ରରେ ତ ତାହା ଲିହିଅଛି ବିହି ।
ଏବେ ଆହେ ମଇତ୍ର ମୋ ସୈନ୍ୟକୁ ସମ୍ଭାଳ
ମୁହିଁ ଯାଉଅଛଇ ସେ ଅରୁଣ ମଣ୍ଡଳ ।
ଯେ ତୋହର ଲୋକ ସିନା ସେ ମୋହର ସୈନ୍ୟ
ଏ କଥାରେ ନାହିଁ ଆଉ ଜାଣ ଭିନ୍ନାଭିନ୍ନ ।
ଯହୁଁ ମଇତ୍ର ଅଟଇ ପ୍ରାଣର ସମାନ
ତୁମ୍ଭେ ମଇତ୍ର ସମ୍ଭାଳିଥାଅ ମୋର ସୈନ୍ୟ ।
ସାରଥିପଣେ ତୋହର ପିତା ରଥେ ଥିବି
ଜଗତର ହାନିଲାଭ ସମୟ ଦେଖିବି ।
ଜନ୍ତୁପତି ବୋଇଲା ତୋ ସୈନ୍ୟ ଲାଗେ ମୋତେ
ତୁମ୍ଭେ ସଦା ରହିଥିବ ପିତାଙ୍କର ରଥେ ।
ଯେବେ ଥିବ ତୁମ୍ଭେ ପିତାଙ୍କର ସନ୍ନିଧାନେ
ଆମ୍ଭକୁ ତ ଦୟା ଏକା କରିଥିବ ମନେ ।
ଅରୁଣ ବୋଇଲା ଦୟା ଅଟଇ ମୋହର
ସବୁ କଥା ଜାଣନ୍ତି ତ ଜଗତ ଈଶ୍ୱର ।
ପକ୍ଷୀଗୁଡ଼ିକ ମୋହର ଯତ୍ନକରି ପୋଷ
ଏତେ ବୋଲି ଗଲା ତହୁଁ ବିନତାର ସୁତ ।
ଯେବଣ ପକ୍ଷିକି ହୁଡ଼ି ଗଲାକ ଅରୁଣ
ତାହାକୁ ଛାଡ଼ିଲେ ଏହି ସ୍ଥାନେ ଜନ୍ତୁରାଣ ।
ପକ୍ଷୀଙ୍କି ବୋଇଲା ତୁମ୍ଭେ ଏହି ସ୍ଥାନେ ଥିବ
ଆତ୍ମାସୁଖେ ଫଳଫୁଲମାନଙ୍କୁ ଭକ୍ଷିବ ।
ଆବର କଥାଏ ତୁମ୍ଭେ ଶୁଣ ପକ୍ଷୀମାନେ
ଜନ୍ତୁ ଆତଯାତ ହେଉଥାନ୍ତି ଏହି ବନେ ।
ପାପୀଜନମାନଙ୍କୁ ଦେଖିଲେ ଦେବ ଦଣ୍ଡ
ଥଣ୍ଟ ଘେନି କରିବ ତା ଦେହ ଖଣ୍ଡ ଖଣ୍ଡ ।
ପାପୀମାନଙ୍କୁ ଚିହ୍ନିବ ତୁମ୍ଭେ ଯେଉଁମତେ
ତହିଁର ଶକୁନ ଆମ୍ଭେ କହିବା ଯୁକତେ ।
ପୁଣ୍ୟଅଙ୍ଗ ପୁତ୍ୟୁଜ୍ଜ୍ୱଳ ପାପୀ ଯେ ମଇଳା
କାଳପାଶ ସଦା ଥାଇ ତାହାଙ୍କର ଗଳା ।
ଏମନ୍ତ ପାପୀ ଲୋକଙ୍କୁ ଦେଖି ଦଣ୍ଡ ଦେବ
କାଳବିକାଳ ଉପ୍ରୋଧ କେବେ ନ କରିବ ।
ଏତେ କହି ଯମ ରାଜା ଛାଡ଼ିଗଲେ ଏଥେ
ତେଣୁ ପକ୍ଷୀମାନେ ରହି ଥାଆନ୍ତି ଏ ପଥେ ।
ବଦନ୍ତି କାଳ ବିକାଳ ଶୁଣ ମହାମୁନି
ମଞ୍ଚେ ଦେହ ବହିକରି ହୋଇଲେ ଅଜ୍ଞାନୀ ।

Digitized by srujanika@gmail.com

ଧର୍ମ ପୁରାଣ ଯେ ନର ନ ଶୁଣଇ କର୍ଣ୍ଣେ
ଦେବତା ଇଷ୍ଟ ବୋଲି ସେ ନ ଚିହ୍ନଇ ଜ୍ଞାନେ ।
ମୁଖେ ହରିକଥା ନ କହଇ ଯେଉଁ ଜନ
ଛନ୍ଦ କୂଟ ମାୟାରେ ସେ ନିତ୍ୟେ ନିଏ ଦିନ ।
ଭିକ୍ଷୁକ ଜନକୁ ଯେହୁ କରଇ ନିରାଶ
ଆଶ୍ରିତ ଲୋକ ଦେଖି ଯେ କରେ ଉପହାସ ।
କଳିକରି ବଚନ ଯେ କହଇ ପରକୁ
ଦାଣ୍ଡକଳି ଆଣଇ ଯେ ଆପଣା ଘରକୁ ।
ରବିବାର ଦିନ ଯେହୁ ଭକ୍ଷଇ ଆମିଷ
ଗ୍ରହଣ ସମୟେ ଯେହୁ କରେ ରତିରସ ।
ବିଷ୍ଣୁ ବାସରେ ଯେ ଜନ ଭୁଞ୍ଜଇଟି ଅନ୍ନ
ବୃହସ୍ପତିବାରେ ଯେହୁ ବିକଇ ସୁବର୍ଣ୍ଣ ।
ଏମନ୍ତ ପ୍ରାଣୀ ଯେବେ ଏ ମନରେ ପୋଷଇ
କାଳକୂଟ ଜାଣି ତାହା ଦେହରେ ଘାରଇ ।
ଏ ଗହନ ପକ୍ଷୀଙ୍କର ମୁଖରାବ ବାଣୀ
ଶରୀର ତାର କାତର ହୁଅଇ ତା ଶୁଣି ।
ପବନ ବିହୁନେ ତାର ଦେହୁ ବହେ ଝାଳ
ତ୍ରିପଣ୍ଡ ବହଇ ଆତ୍ମା ହୁଅଇ ବିକଳ ।
ଶରୀର ଆକୁଳ ହୁଏ ଗୁଳୁଗୁଳି ଖାଏ
ଏ ଫଳ ପୁଷ୍ପ ତାହାକୁ ଦିଶେ ବିଷ ପ୍ରାୟେ ।
ବାଇଡଙ୍କ ଫଳ ଆସି ପଡ଼େ ତା ଉପରେ
ମାଂସ ତାହାର ମିଳାଇ ପଡ଼ଇ ମହୀରେ ।
ବିନ୍ଧଇ ଗାତ୍ର ତାହାର ପୋଡ଼େ ଚଉକତି
କୀଟ କାଟନ୍ତି ତାହାର ହୁଏ ସେ ବିକୋତି ।
ପଛକତି ଆସି ପକ୍ଷୀ ଖାଆନ୍ତି ମାଉଁସ
ବିକଳେ ଘାଣ୍ଟି ହୁଏ ତା ପରାଣ ପୁରୁଷ ।
ଜନ୍ତୁପତି ମଶାଗଣ ଗଣଗଣ ଉଡ଼େ
ବନ ମହୁପୋକ ବିନ୍ଧିଦ୍ୟନ୍ତି ଦୁଇ ଗୋଡ଼େ ।
ଏହାଙ୍କର ବିନ୍ଧାରେ ତା ଦେହ ହୁଏ ହାଣି
ଚାଲି ନ ପାରି ସେ ଢଳି ପଡ଼ଇ ଧରଣୀ ।
ତେତେବେଳେ ବେଢ଼ନ୍ତି ଯେ ଆସି ଖଗପଲ
ହାଣନ୍ତି ଥଣ୍ଟଘାତରେ କରି କଳବଲ ।
ମାଂସକୁ ଖାଆନ୍ତି ଖୋଳି ତାର ଚକ୍ଷୁବେନି
ଥଣ୍ଟରେ ଯେ ଖଣ୍ଡ ଖଣ୍ଡ କରଇ ଗୃଧ୍ରଣୀ ।
କର୍ଣ୍ଣ ମୂଳରେ ଧ୍ୱନି ଯେ କରନ୍ତି ଭଲ୍ଲୁକ
ଉଦରକୁ ଖୋଳି ଖୋଳି ଖାଆନ୍ତି ଶୋଷକ ।
ଖାଆନ୍ତି ଯେ ନାନା ଦୁଃଖ ଦେଇ ପକ୍ଷୀମାନେ
ଥଣ୍ଟେ ଥଣ୍ଟେ ଘେନି ଚିଲ ଉଡ଼ଇ ଗଗନେ ।
ଗୃଧ୍ରପକ୍ଷୀ ଉଡ଼ି ଉଡ଼ି କାମୁଡ଼େ ତାହାକୁ
କାକମାନେ ଥଣ୍ଟ ଭରି ଭାଙ୍ଗନ୍ତି ତା ବୁକୁ ।
କରନ୍ତି ତାହାକୁ କଷ୍ଟ ଦେଇ କଳବଳ
ହଡ଼ା ଗୋରୁକୁ ବେଢ଼ନ୍ତି ଯେହ୍ନେ କାକପଲ ।
ସେହିମତିରେ ବେଢ଼ନ୍ତି ପକ୍ଷୀ ଚଉକତି
ହାଡ଼ ରଖି ମାଂସତକ ଖାଆନ୍ତି ବିକୋତି ।
ଅନେକ କଷ୍ଟ ପାପୀଙ୍କି ଦିଅନ୍ତି ଏଠାଇଁ
ତେଣୁ ଏହି ବଣନାମ ନିପ୍ରୋହି ବୋଲାଇ ।
ବଞ୍ଚନ୍ତି ଯେବେଣ ପ୍ରାଣୀମାନେ ସଦଜ୍ଞାନେ
ଶୁଣନ୍ତି ଯେ ଧର୍ମଶାସ୍ତ୍ରମାନ ତୋଷମନେ ।
ଶାସ୍ତ୍ର ଶୁଣି ରହଇ ସେ ସନ୍ତୋଷ ମନରେ
ପାପକୁ ଡରି ସେ ଜନ ଧର୍ମେ ଆଶ୍ରାକରେ ।
ବିକଳ ହୁଅଇ ଯେହୁ ପର ଦୁଃଖ ଦେଖି
ଆହା କରଇ ଯେ ନର ଦେଖିଲେ ନିର୍ମାଖୀ ।
ସେ ପ୍ରାଣୀମାନଙ୍କୁ ଏଥେ କିଛି ନାହିଁ ଭୟ
ଏ ପକ୍ଷୀ ଦିଶନ୍ତି ତାଙ୍କୁ ଇଷ୍ଟ ବନ୍ଧୁ ପ୍ରାୟ
ନିଶ୍ଚିନ୍ତେ ତରିଯାଆନ୍ତି ଏ ନିପ୍ରୋହି ବନ
ଏତେ ବୋଲି ଦୂତେ ତହୁଁ ବାହିଲେ ବିମାନ ।
ନିପ୍ରୋହି ଜିଣି ଦକ୍ଷିଣ ଦିଗକୁ ଗମନ
ମହାଦେବ ଦାସ ଏହା କରିଲେ ରଚନ ।

-x-

କାଳାନ୍ତକ ବଟ କଥା

କହୁଛନ୍ତି ମାରକଣ୍ଡ ଶୁଣ ହୋ ନୃପତି
ସେଠାରୁ ବିମାନ ଚଳିଗଲା ଉର୍ଦ୍ଧ୍ୱଗତି ।
ବେନିଲକ୍ଷ ଯୋଜନ ଯେ ଅନ୍ତରୀକ୍ଷେ ଗଲୁ
ସଞ୍ଜୀମନୀପୁରେ ଯାଇ ପ୍ରବେଶ ହୋଇଲୁ ।
ଦେଖିଲୁ ସେହି ଭୁବନ ଧର୍ମମୟେ
ତେଜୋବନ୍ତ ଦିଶଇ ସେ ଶୁଦ୍ଧ ସୂର୍ଯ୍ୟ ପ୍ରାୟେ ।
ସେହିପରି ଦିଶଇ ସେ ସଞ୍ଜୀବନୀପୁର
ସଂକ୍ଷେପି ତା କହିବାକୁ କି ଶକ୍ତି ମୋହର ।
ଶୂନ୍ୟରେ ରହିଛି ସୁବିଶାଳ ବଟବୃକ୍ଷେ
କାହିଁ ଲାଗି ନାହିଁ କିଛି ଅଛି ଅନ୍ତରୀକ୍ଷେ ।
ଉଚ୍ଚେ ଲକ୍ଷେ ଅଶୀସସ୍ର ଯୋଜନ ସେ ତରୁ
ଅଡିହିଁ ଆରମ୍ଭେ ସେହୁ ଆଚ୍ଛାଦିତ ଦୂରୁ ।
ତହିଁର ଉପରେ ପୁଣି ସୁବର୍ଣ୍ଣର ପୁର
ଅଷ୍ଟ ରତନେ ଜଡ଼ିତ ଦିଶଇ ସୁନ୍ଦର ।
ଚଉରାଶି ଯୋଜନ ସେ ପୁର ଦୀର୍ଘ ପ୍ରତି
ଚନ୍ଦ୍ର ସୂର୍ଯ୍ୟ ବିହୀନରେ ଦିଶେ ଦିବ୍ୟଜ୍ୟୋତି
ଶତେକ୍ରୋଶ ଓସାର ସେ ସୁବର୍ଣ୍ଣ ପ୍ରାଚୀର
ଦେଉଳ ମଣ୍ଡପ ତହିଁ ଦିଶେ ଧାର ଧାର ।
ସୁସଞ୍ଚ ଅପୂର୍ବ ପୁର ଗୋଟା ମହାଶୋଭା
ରବି ଶଶୀ ନ ଥାଇ ସେ ଦିଶେ ବଡ଼ ପ୍ରଭା ।

Digitized by srujanika@gmail.com

ଆମ୍ଭ ଆଗେ କହିଲେ ସେ ଯମଦୂତ ବେନି
ଦେଖିବା ମହାମୁନି ଏ ପୁର ସଞ୍ଜୀବନୀ ।
ଅନ୍ତରୀକ୍ଷ ମାର୍ଗେ ରହିଅଛି ଯେଉଁ ବୃକ୍ଷ
ଏ କାଳାନ୍ତକ ବଟହିଁ ଅଟଇ ପ୍ରତ୍ୟକ୍ଷ ।
ନିଆଶ୍ରୀ ହୋଇଣ ରହିଅଛି ଶୂନ୍ୟପଥେ
ସଞ୍ଜୀବନୀ ପୁର ରହିଅଛି ତାର ମାଥେ ।
ଅସଂଖ୍ୟ ମହିମା ଅଟେ ଏ ବଟ ବୃକ୍ଷର
ବଳବନ୍ତେ ରହିଛି ଏ ଅତି ଭାରାଭାର ।
ରହିଲା ଯେପରି ବୃକ୍ଷଗୋଟା ଏଥି ଆସି
କହିବା ହୋ ତାହା ତୁମ୍ଭ ଆଗେ ମହାଋଷି ।
ମର୍ମନିଧି ନାମରେ ଯେ ଏକ ସତ୍ୟଯୁଗେ
ସୁରନର ନାମେ ଇନ୍ଦ୍ର ବସେ ସ୍ୱର୍ଗଭାଗେ ।
ଗୁଣନିଧି ନାମ ଅଟେ ତାହାଙ୍କ ନନ୍ଦନ
ଗନ୍ଧର୍ବର ଉପରେ ସେ ଅଟେ ମୋକ୍ଷବାନ ।
ବୋଇଲେ ସେ ଗନ୍ଧର୍ବକୁ ରାଇ ସୁରରାୟେ
ଏହିକ୍ଷଣି ଯିବୁ ତୁହି ଶ୍ୟାମବନଯାଏ ।
ନାରଦ ବୋଲେ ଅମୃତ ବଟ ଅଛି ତହିଁ
ପ୍ରତ୍ୟକ୍ଷରେ ଦେବଦାରୁ ସେ ବଟ ଅଟଇ ।
ସେ ଗଛକୁ ଆଣି ତୁହି ମଧୁବନେ ରୁଅ
ବିଳମ୍ବ ନ କରି ଶୀଘ୍ର ଏହିକ୍ଷଣି ଯାଅ ।
ରଥ ଗଜ ଅଶ୍ୱ ଆଦି କିଛି ନେବୁ ନାହିଁ
ପାଦ ଗତିରେ ଗଲେ ସେ ବୃକ୍ଷ ଭେଟ ପାଇ ।
ଖୋଜିବୁ ଶ୍ୟାମଳ ବନେ ପଶି ପୂର୍ବଦିଗେ
ସେ ବୃକ୍ଷ ଅଛଇ ନିକାଞ୍ଚନ ଗିରିଭାଗେ ।
ଗିରିଶିଖର ପରାୟେ ଦିଶେ ସେହି ତରୁ
ଅନିୟମିତ ଅମୃତ ଝରେ ତା ଶିଖରୁ ।
ଯେ ନର ଭକ୍ଷେ ଅମର ହୁଅଇ ତା କାୟେ
ବୃଦ୍ଧ ଅଙ୍ଗ ଦିଶଇ ଯେ ନବଯୁବା ପ୍ରାୟେ ।
କନ୍ଦର୍ପ ସମାନ ଦିଶେ ତାର ତେଜ ରୂପ
ତାହାକୁ ଆଣି ନନ୍ଦନବନ ମଧ୍ୟେ ରୋପ ।
ପୂର୍ବେ ନନ୍ଦନବନରେ ଏହି ବୃକ୍ଷ ଥିଲା
ଅମୃତାକ୍ଷ ଦୈତ୍ୟ ତାକୁ ଚୋରାଇ ଯେ ନେଲା ।
ସେ ଅମୃତାକ୍ଷ ଦୈତ୍ୟକୁ ହର କଲେ ନାଶ
ତୁ ଏବେ ନୀଳବନୁ ସେ ବୃକ୍ଷ ଘେନି ଆସ ।
ସାମାନ୍ୟ ବୃକ୍ଷ ସେ ସିନା ଆଣିବୁ ତୁ ବହି
ଶୁଣିଣ ଗନ୍ଧର୍ବ ଗଲା ତହୁଁ ବେଗ ହୋଇ ।
ନୀଳବନକୁ ଯାଇଣ ଭେଟିଲା ସେ ବୃକ୍ଷ
ଶକୁନ ଦେଖି ଜାଣିଲା ବାସବର ବକ୍ଷ ।
ବାହୁ ବଳରେ ଉପାଡ଼ି ତା ଇନ୍ଦ୍ର କୁମର
ବହି ନେବାକୁ ସେ ମନେ କରଇ ବିଚାର ।
ବୋଲଇ କେମନ୍ତେ ବହିନେବି ଏ ବୃକ୍ଷକୁ
ଲାଜ ତ ଅଟଇ ଏହା ଗରିଷ୍ଠ ଲୋକଙ୍କୁ ।
ବୋଝ ବୋହିଗଲେ ସରିଯିବ ବଡ଼ପଣ
ମୁହିଁ ସେହି ଗନ୍ଧର୍ବ ଯେ ଅଟେ ବଡ଼ ଜାଣ ।
ବୋଝ ମୁଣ୍ଡାଇ ନିଅନ୍ତେ ମୁହିଁ ମଞ୍ଚପୁର
ଗନ୍ଧର୍ବେ ଦେଖି ହସିବେ ହୋଇ କରକର ।
ବୋଲିବେ ଇନ୍ଦ୍ର ସୁତ ଗନ୍ଧର୍ବେଶ୍ୱର ହୋଇ
ଗଛ ଗୋଟିଏ ଆଣିଛି ମୁଣ୍ଡେ ମୁଣ୍ଡିଆଇ ।
ଏମନ୍ତ ବୋଲିଣ ହାସ୍ୟ କରିବେ ଯେ ଜନ
ମାନହାନି କଥା ହବ ମରଣ ସମାନ ।
ଏତେ ବୋଲିଣ ଗନ୍ଧର୍ବ ଭାଳୁଅଛି ବସି
ଆଗେ ମିଳିଲେ ସନକ ଋଷିଙ୍କର ଶିଷି ।
ସେହି ଋଷିଙ୍କର ନାମ ଦାରକ ଯେ ମୁନି
ନୀର ଆଣି ଯାଇଥିଲେ ତୃଷାତୁରେ ପୁଣି ।
କଟୀତଟେ କଷା ବସ୍ତ୍ର ଜଟାଭାର ଶିରେ
ରୁଦ୍ରାକ୍ଷ ମାଳା ଗୋଟିଏ ଲମ୍ବିତ ହୃଦରେ ।
ତମ୍ବା କୁଣ୍ଡଳ ଯୋଡ଼ିଏ ଶୋଭଇ କର୍ଣ୍ଣରେ
ବିଭୂତି ବିଲେପନ ଯେ ସକଳ ଅଙ୍ଗରେ ।
ସନକ ଋଷିଙ୍କର ସେ ଅଟଇ ତନୟେ
ସର୍ବଦା ସେ ଋଷିପୁତ୍ର ନୀଳବନେ ଥାଏ ।
ତୃଷାର ଆରତେ ଲାଉଥାଳ ଘେନି କରେ
ଜଳ ଆଣିବାକୁ ବନେ ଯାଏ ଧୀରେ ଧୀରେ ।
ଗୁଣନିଧି ଗନ୍ଧର୍ବ ଯେ ଦେଖି ସେ ଋଷିଙ୍କି
ଡାକଇ ହେ ମୁନି ସୁତ ଆସ ଏଠାଇଁକି ।
ଏ ବୃକ୍ଷ ଗୋଟାକ ଘେନି ଚଳ ସ୍ୱର୍ଗପୁରୀ
ମଧୁବନଠାରେ ଆଣି ପହୁଞ୍ଚାଅ ଧରି ।
ଋଷି ବୋଇଲେ ବେଠିଆ ଆମ୍ଭେ ତୋର ନୋହୁ
ମନୁଷ୍ୟ ଚିହ୍ନି ନ ପାରୁ ଅଇଲୁ ତୁ କାହୁଁ ।
ବିଦ୍ୟାଧର ପ୍ରାୟେ ଦିଶେ ତୋହର ଯେ ମୂର୍ତ୍ତି
ସ୍ୱଭାବ ଜାଣିଲୁ ତୋର ଅଟେ ପଶୁ ରୀତି ।
କିସ ନାମ ତୋର କହ କେଉଁ କୁଳେ ଜାତ
କେ ତୋହର ପିତା ପୁଣି କେ ତୋହର ମାତ ।
ବାଳୁତ ସ୍ୱଭାବ କିବା ଅଟଇ ତୋହର
ଋଷିଙ୍କି କେମନ୍ତେ ତୁହି ବୁହାଇବୁ ଭାର ।
ମୂର୍ଖ ସ୍ୱଭାବ ବହିଣ ନ ଚିହ୍ନିଲୁ ମନ୍ଦ
ଏହାକୁ ବୋଲି ନୟନ ଥାଉଁ ଥାଉଁ ଅନ୍ଧ ।
ଶୁଣି ମନେ କୋପ କଲା ବାସବର ସୁତ
ବୋଇଲାରେ ଋଷି ଅଟୁ ତୁହି ଖଳଚିତ୍ତ ।
ମୁହିଁ ସେ ଇନ୍ଦ୍ରର ସୁତ ଅଟେ ବିଦ୍ୟାଧର
ଗୁଣନିଧି ନାମ ଜାଣ ଅଟଇ ମୋହର ।

Digitized by srujanika@gmail.com

ପେଷିଲେ ଅମୃତ ବଟ ଅର୍ଥେ ସୁରେଶ୍ୱର
ରୋପିତ ହୋଇବ ଏହା ନନ୍ଦନ ବନର ।
ତୁ ନେଇଣ ଏହି ବୃକ୍ଷ ଥୋଇକରି ଆସ
ନୋହିଲେ ତ ଯତିପଣ ହୋଇବ ବିନାଶ ।
ଦେବ ସେବକ ଅଟନ୍ତି ଜାଣ ଯତିମାନେ
ନ ଘେନିବୁ ତୁ ମୋହର ବୋଲ ହତଜ୍ଞାନେ ।
ମୁହିଁ ତୋ ହାତେ ବୁହାଇ ନେବି ଆଜି ବୃକ୍ଷ
ଜାଣିବା ହେବ ତୋହର କେହୁ ସାହାପକ୍ଷ ।
ଏତେ ବୋଲି ସେ ଗନ୍ଧର୍ବ ଋଷିଙ୍କି ଧଇଲା
ଅମୃତ ବଟ ତାହାଙ୍କ ମଥାରେ ଲଦିଲା ।
ଗଳଥା ମାରି ବୋଲଇ ଚାଲ ବେଗ ହୋଇ
ସେ ତାରକ ଋଷିଙ୍କର ବାକ୍ୟ ନ ସ୍ଫୁରଇ ।
ବାଳକ ସ୍ୱଭାବେ ସେହୁ ଋଷିଙ୍କ କୁମର
ବୃକ୍ଷକୁ ମୁଣ୍ଡେ ଘେନିଣ ଚାଲେ ଖରତର ।
ଶରୀରେ ପୀଡ଼ା ତାହାର ମନରେ ବିରସ
ଅମରପୁରରେ ଯାଇ ହେଲା ପରବେଶ ।
ଗୁଣନିଧି ଗନ୍ଧର୍ବ ଯେ ତାରକ ଏ ବେନି
ସୁଧର୍ମା ସଭାରେ ଉପସ୍ଥିତ ବୃକ୍ଷ ଘେନି ।
ସେହି ସଭାରେ ସନକ ମୁନି ବସିଥିଲେ
ଆପଣାର ପୁତ୍ର କଷ୍ଟ ନୟନେ ଦେଖିଲେ ।
ବୋଇଲେକ କେହୁ ତୋତେ ବୁହାଇଲା ଏହା
କେବଣ ପାପିଷ୍ଠ ହେଲା ମୁନିର ଦୋରେହା
ଏଡ଼େକ ଭରସା ପୁଣ ହୋଇଲା ତାହାର
ଏଡ଼େ ବୃକ୍ଷ ଲଦିଅଛି ତୋହର ମଥାର ।
ପିତାର ବଚନ ଶୁଣି ସେ ତାରକ ମୁନି
ବୃକ୍ଷକୁ ତଳେ ପକାଇ କାନ୍ଦେ ତପିମଣି ।
କ୍ରୋଧେ ଗଦଗଦ ହୋଇ ବୋଲନ୍ତି ଉତ୍ତର
ବୋଲଇ ସେ ସାବଧାନେ ଶୁଣହୋ ପିଅର ।
ଗୁଣନିଧି ଗନ୍ଧର୍ବ ଯେ ବାଟେ ମୋତେ ଧରି
ଶିରେ ବୃକ୍ଷ ଲଦିଆଣେ ଧକ୍‌କା ମାରିମାରି ।
ଆହୁରି ବୋଇଲା ତୁହି କାହାକୁ କହିବୁ
ଆମ୍ଭର ସେବକ ସିନା ତପିମାନେ ସବୁ ।
ଏତେ ବୋଲିଣ ମୁଣ୍ଡରେ ଲଦିଲା ସେ ବୃକ୍ଷ
କେହୁ ନ ଥିଲାରୁ ସେହୁ ବଡ଼ ନିରପେକ୍ଷ ।
ଗୁଳୁଗୁଳି ଉଠିବାରୁ ପୋଡ଼େ ମୋର ମୁଣ୍ଡ
କନ୍ଧରେ ଶିର ଲାଗିଣ ହେଲା ଏକଖଣ୍ଡ ।
ଅଣ୍ଟା ବସିଯାଇ ଘୋଳିହୁଏ ମୋର ତନୁ
ଏତେକ ବୋଲି ବିକଳେ କାନ୍ଦେ ଋଷିସୁନୁ ।
ପୁତ୍ରର ବିକଳ ଦେଖି କ୍ରୁଧ ମହାଋଷି
ଗୁଣନିଧି ଗନ୍ଧର୍ବକୁ ଚାହିଁଲେ ଆକ୍ରୋଶି ।

ବୋଇଲେ ପାମର ଆରେ କେଉଁ ବୁଦ୍ଧି ତୋର
ପୁତ୍ରକୁ ବୋଝ ବୁହାଇ ଆଣିଲୁ ମୋହର ।
ଏଡ଼େ ଭରସା ତୋହର କେଉଁ ବଡ଼ପଣେ
ତପିଙ୍କି ଏପରି କଷ୍ଟ ଦେଉ ଅକାରଣେ ।
ସୁରପତି ଏହିକଥା କହିଲା କି ତୋତେ
ଏଡ଼େକ ଗର୍ବ ତୁହିରେ ବହୁ କି ନିମନ୍ତେ ।
ମୋହର ପୁତ୍ରର ହାତେ ବୁହାଇଲୁ ବୃକ୍ଷ
ତୁହି ବୃକ୍ଷ ଗୋଟିଏକ ହୁଅ ଯା ପ୍ରତ୍ୟକ୍ଷ ।
ନାମ ହେବ ତୋହର ଯେ କାଳାନ୍ତକ ବଟ
ସ୍ଥାବର ରୂପ ହୋଇଣ ପାଅ ବଡ଼ କଷ୍ଟ ।
ନିରାଶ୍ରୟ ହୋଇଣ ତୁ ଶୂନ୍ୟେ ଥିବୁ ରହି
ମହାଭାର ଗୋଟିଏ ତୁ ମୁଣ୍ଡେ ଥିବୁ ବହି ।
ଗୁଣନିଧି ଗନ୍ଧର୍ବରେ ଶୁଣ ଆମ୍ଭ ବାଣୀ
ସଞ୍ଜୀବନୀ ପୁରକୁ ତୁ ଯାଅ ଏହିକ୍ଷଣି ।
ଯମକୁ ଅଙ୍ଗିରା ଋଷି କଲେ ମହାକୋପ
ନମସ୍କାର ନ କଲାକ ଦେଲେ ଗୁରୁ ଶାପ ।
ବୋଇଲେକ ଆମ୍ଭେ ଯେଣୁ ଅଟୁ ଦେବଗୁରୁ
ତୁ କେବଣ ବଡ଼ପଣେ ପ୍ରଣାମ ନ କରୁ ।
ରାକ୍ଷସଙ୍କ ସଙ୍ଗେ ଗୋଷ୍ଠୀ ହୋଇଲେକ ତୋର
ଅସୁରଙ୍କ ପ୍ରକୃତି ତୁ ବହୁ ନାଶକର ।
ଗୁରୁଙ୍କୁ ମାନ୍ୟ ଭକତି ନୋହୁ ଯେ ଯୁକତେ
ଏ ତୋହର ଭୁବନେ ସେ ପଶୁ ଭୂମିଗତେ ।
ଏତେ ବୋଲି ଗଲେ ନିଜ ପୁରକୁ ବାହୁଡ଼ି
ସଞ୍ଜୀବନୀ ପୁର ସ୍ୱର୍ଗୁ ପଡ଼ିଲାକ ଛିଡ଼ି ।
ତୁହି ଆଗେ ଗୁଣନିଧି ବୃକ୍ଷ ରୂପ ଧରି
ଅଧା ସ୍ୱର୍ଗରୁ ଧର ସେ ସଞ୍ଜୀବନୀ ପୁରୀ ।
ଚଉରାଶି ଯୋଜନ ଯେ ସଞ୍ଜୀବନୀ ପୁର
କଳି ଦର୍ପରେ ବସିବ ଶରୀରେ ତୋହର ।
ତୁହି ମୁଣ୍ଡିଆଇଥିବୁ ସେହି ସ୍ୱର୍ଗପୁରୀ
ସ୍ଥାବର ରୂପକୁ କଳ୍ପ ପରିଯନ୍ତେ ଧରି ।
ଯେତେବେଳେ ପୁଣି ନୂଆ ପୃଥିବୀ ହୋଇବ
ତେତେବେଳେ ଧାତା ପୁଣି ଜ୍ଞାନ ତୋତେ ଦେବ
ଏବେ ତୁହି ବେଗ ହୋଇ ଯାଅ ବିଦ୍ୟାଧର
ଅଧା ସ୍ୱର୍ଗରୁ ଧର ସେ ସଞ୍ଜୀବନୀ ପୁର ।
ଶୁଣି ସୁରପତିର ଯେ ନସ୍ଫୁରଇ କିଛି
ମୁନିଙ୍କର କୋପ ଦେଖି ସ୍ତବଧ ହୋଇଛି ।
ବିଚାରଇ ପୁତ୍ର ମୋର ଯାଉଅଛି ନାଶ
ମୋତେ ନିକି ମହାଋଷି ବହିଛନ୍ତି ରୋଷ ।
ଏମନ୍ତ ବିଚାର କରି ମନେ ଆଖଣ୍ଡଳ
ଏଥୁ ଅନନ୍ତରେ କଥା ଶୁଣ ତପଃଶୀଳ ।

Digitized by srujanika@gmail.com

ଗୁଣନିଧି ଗନ୍ଧର୍ବ ଯେ ଋଷି ଆଜ୍ଞା ପାଇ
ଦକ୍ଷିଣ ଦିଗକୁ ଚଳେ ବୃକ୍ଷ ଦେହ ବହି ।
ଅନ୍ତରୀକ୍ଷ ମାର୍ଗେ ଯାଇ ରହେ ଶୂନ୍ୟପୁରେ
ସଞ୍ଜୀବନୀପୁର ତାର ବସିଲା ଶିରରେ ।
ଶୁଣିଲଟି ମହାମୁନି ଏଥିର ବ୍ୟବସ୍ଥା
ଆତ୍ମାର ବଡ଼ିମାପଣେ ପାଇଲା ଅବସ୍ଥା ।
ବଡ଼ପଣ କଲା ଯେଣୁ ସୁରପତି ବଳା
ନ ବହିଲା ତୁଳାକୁ ସେ ବହିଲାକ ଶିଳା ।
ମୂର୍ଖ ଜନମାନଙ୍କର ଏସନକ ଗତି
ଫୁଲାଇଣ କରି ନିଜ ବେଭାର ହରାନ୍ତି ।
ଗୁଣନିଧି ଗନ୍ଧର୍ବ ତ ଅଟେ ଏହି ତରୁ
କାଳାନ୍ତକ ବଟ ହୋଇ ଅପାର କାଳରୁ ।
ଏଥିର ଉପରେ ଦେଖ ଦିଶେ ଯେଉଁପୁର
କୃତାନ୍ତକ ଦେବତାର ଅଟଇ ଯେ ଘର ।
ନୋହେ ରାତ୍ର ନୋହେ ଦିନ ସନ୍ଧ୍ୟା ଅନୁବ୍ରତେ
ମନ୍ଦର ପର୍ବତ ଛାଇ ପଡୁଥାଏ ଏଥେ ।
ରବି ଶଶି କିରଣ ନ ଲାଗଇ ଯହିଁକି
କେବଳ ପଟାନ୍ତର ହୋ ଲାଗଇ ତହିଁକି ।
ଅଷ୍ଟରତ୍ନେ ସେହି ପୁର ତାର ଦିବ୍ୟ ଜ୍ୟୋତି
ରବି ଶଶି ବିହୀନରେ ଦିଶେ ସନ୍ଧ୍ୟା ମତି ।
ଅପୂର୍ବ ପୁର ଗୋଟିଏ ଶୂନ୍ୟରେ ନିର୍ମାଣ
ଗୁଣନିଧି ଗନ୍ଧର୍ବ ତା ବସିଛି ମୁଣ୍ଡେଣ ।
ଆହେ ସାଧୁ ସଜ୍ଜନେ ନ ଘେନିବ ଦୋଷ
ଭଣଇ ଯେ ପୁଣ୍ୟକଥା ମହାଦେବ ଦାସ ।

-x-

ଯମପୁର ବୃତ୍ତାନ୍ତ

କହୁଁ କହୁଁ ଭୂତେ ବାହିନେଲା ରଘୁବର
ବୃକ୍ଷ ଜିଣି ଉଠିଗଲା ସଞ୍ଜୀବନୀ ପୁର ।
ସେହି ପୁରର ଓସାର ଅଟେ କ୍ରୋଶ ଦଶ
ପ୍ରଥମ ଦ୍ୱାରେ ଯାଇଣ ଦେଖିଲୁ ଭବିଷ୍ୟ ।
ଉତ୍ତର ଗଡ଼ଦ୍ୱାରରେ ସୁବର୍ଣ୍ଣ ପାଚେରୀ
ଶତକ୍ରୋଶ ଓସାର ଯେ ଉଚ୍ଚ ଯୁଣ ଚାରି ।
ସେ ଦ୍ୱାର ଜିଣିଣ ଆମ୍ଭେ ଭିତରେ ପଶନ୍ତେ
ଦେଖିଲୁ ଯେ ଅସମ୍ଭବ କଥା ବିପରୀତେ ।
ଚୁଲୀ ଗୋଟାଏକ ଅଛି ଚାରିଗୋଟି ଝିଙ୍କା
ବିସ୍ତାର ସେ ଚୁଲୀ ଗୋଟା ଦ୍ୱାର ଅଟେ ଏକା ।
ଅନଳ ଲଗାଇ କାଠ ଦେଉଛନ୍ତି ପେଲି
ଏକୋଇଶ ଇନ୍ଦୁର ଯେ ଜାଳୁଛନ୍ତି ଚୁଲୀ ।
ପ୍ରଚଣ୍ଡ ବହ୍ନି ଯେ ଜଳେ ହୋଇ ଖରତର
ରକ୍ତବର୍ଣ୍ଣ ଶିଖା ଉଠେ ଦିଶଇ ପ୍ରଖର ।
ଦୁଇଗୋଟା ସ୍ତିରୀ ପଡ଼ିଅଛନ୍ତି ତହିଁର
ଅଗ୍ନି ତାତିରେ ତାଙ୍କର ପୋଡ଼ିଲା ଶରୀର ।
ପଡ଼ନ୍ତି ଗଡ଼ନ୍ତି ହେଉଛନ୍ତି ଛଟପଟ
ଉଠି ନ ପାରନ୍ତି ଚାହୁଁଛନ୍ତି ରଟମଟ ।
ତାତିରେ ମାଂସ ଦେହରୁ ପଡୁଅଛି ଝଡ଼ି
ଇନ୍ଦୁର ଭକ୍ଷନ୍ତି ତାହା କାଠି ଘେନି କାଢ଼ି ।
ସେହି ବେନି ସ୍ତିରୀଙ୍କର ଆକୁଳକୁ ଦେଖି
କର୍ଣ୍ଣେ କରଦେଇ ବୁଜିଦେଲୁ ବେନି ଆଖି ।
ଦୂତେ ବୋଇଲେକ ଆଖି ବୁଜିଲ କିମ୍ପାଇଁ
ସ୍ତିରୀଙ୍କର କଷ୍ଟ ଚାହିଁ ବିକଳ କିମ୍ପାଇଁ ।
ଏହି ଦୁଇଗୋଟି ମୋଢ଼ୀ ଜାଣିବ କି ପାପୀ
ଏହାଙ୍କ ଚରିତ ତୁମ୍ଭେ ଶୁଣ ପୁଣ୍ୟରୂପୀ ।
ନନ୍ଦନପୁର ବରଡ଼ା ନାମେ ସେ ଗ୍ରାମରେ
ମଧୁକର ନାମେ ଥିଲା ଏକ ଦ୍ୱିଜବରେ ।
ଏ ଦୁହେଁ ଅଟନ୍ତି ସେହି ବିପ୍ର ର ଘରଣୀ
ମାଳତୀ ମରୁଆ ନାମେ ଦୁଇ ସଉତୁଣୀ ।
ଏହାଙ୍କର ଘରେ ଥାନ୍ତି ବହୁତ ଇନ୍ଦୁର
ରାତ୍ରିରେ ସେ ଘରଯାକ କମ୍ପେ ଦୁଲଦୁଲ ।
ଧାନ ମୁଗ ବିରି ଆଦି ଚାଉଳ କାର୍ପାସ
ଖାଆନ୍ତି ଇନ୍ଦୁର ସବୁ କରିଦ୍ୟନ୍ତି ନାଶ ।
କୁଣ୍ଡାଇ ଟୋକାଇ କୁଲା କାଟନ୍ତି ସକଳ
ଦିବସରେ ବୁଲନ୍ତି ସେ ହୋଇ ମାଳମାଳ ।
ଶୋଇବା ଶେଯ କାଟନ୍ତି ପେଡ଼ିର ସହିତେ
ମୁଣ୍ଡର ଚଉଁରୀମାନ କାଟିଦ୍ୟନ୍ତି ଦନ୍ତେ ।
ଏମନ୍ତେ ବହୁତ ଦୁଃଖ ଦେଲେ ସେ ଇନ୍ଦୁରେ
ମୂଷାଏ ମାତିଲେ ବିରାଡ଼ି ଯେ ନାହିଁ ଘରେ ।
ଏହିମତେ ପୁଣି କେତେ ଦିବସ ଅନ୍ତରେ
ମୂଷା ଗୋଟିଏ ପଶିଲା ତୁଚ୍ଛା ମାଠିଆରେ ।
ସେହି ବେନି କନ୍ୟାପୁଣ କାଳ ସମାପତେ
ମରଣ ଲଭିଲେ ପରମାୟୁ ଭୋଗ ଯାନ୍ତେ ।
ଚିତ୍ରଗୁପ୍ତ ତାଙ୍କ ପାପ ଦେଖି ଦେଲେ ଦଣ୍ଡ
ଏ ତପତ ଖପରାରେ ଦହୁଛନ୍ତି ପିଣ୍ଡ ।
ଯେବଣ ଇନ୍ଦୁରକୁ ଏ ନାଶ କଲେ ତେବେ
ସେହି ଇନ୍ଦୁର ଏହାକୁ ଦହୁଛନ୍ତି ଏବେ ।
ଯେହୁ ଯାହାକୁ ଅଦୋଷେ ଦଣ୍ଡଇ ନ ଜାଣି
ତାହା ହାତରେ ସେ ପରାଭବ ପାଏ ପୁଣି ।
ମାଳତୀ ମାଣ ଗୋଟିଏ ତହିଁ ବୁଜିଦେଲା
ମରୁଆ ନେଇ ଚୁଲିରେ ତାକୁ ବସାଇଲା ।
ଦୁହେଁଯାକ ମିଳି ଅଗ୍ନି ଲଗାଇଲେ ତଳେ
ଅଗ୍ନି ତାତିରେ ଇନ୍ଦୁର ମଲାକ ବିକଳେ ।

Digitized by srujanika@gmail.com

ସେ ମୂଷାଗୋଟି ଅଇଲା ପୁର ସଞ୍ଜୀବନୀ
ସେ ଇନ୍ଦୁର ଏହି ଜାଣ ଆହେ ମହାମୁନି ।
ତାହା ଶୁଣିକରି ଆମ୍ଭେ ପୁଚ୍ଛିଲୁ ଦୂତଙ୍କୁ
ଏ କଥା କେମନ୍ତେ କହୁଅଛ ହୋ ଆମ୍ଭଙ୍କୁ ।
ଦୋଷୀକୁ ଶାସ୍ତି ବୋଲି ଯେ ରହିଛି ପୁରାଣେ
ଏ ଦୁଇ କନ୍ୟା ଦଣ୍ଡୁଛ କିମ୍ପା ଅକାରଣେ ।
ଦୋଷୀକୁ ଶାସ୍ତି ବିହିଲେ ଯେବେ ଇନ୍ଦୁରକୁ
ତୁମ୍ଭେ କିମ୍ପା ଏବେ ଦଣ୍ଡୁଅଛ ଯେ ଏହାଙ୍କୁ ।
ଦୂତେ ବୋଇଲେ ଏକଥା ଏମନ୍ତ ନୁହଇଁ
ଧର୍ମ ଶାସ୍ତ୍ରରେ ବିଧାତା ଯାହା ଅଛି ଲିହି ।
ଯାହା ହାତରେ ଯାହାକୁ ନାଶ ଯେ ନକରି
ସେ କଥାକୁ ଏକମନେ ଶୁଣ ତପଚାରୀ ।
ମାତା ପିତା ଗୋରୁ ଆଉ ବ୍ରାହ୍ମଣ ସନ୍ନ୍ୟାସ
ଏହାଙ୍କୁ ଯେ ଦଣ୍ଡ ନାହିଁ କଲେ ଯେତେ ଦୋଷ
ଏ ପାଞ୍ଚଙ୍କୁ ଛାଡ଼ି ଯେହୁ ହେବ ଦୋଷକାରୀ
ବିହିତ ଦଣ୍ଡ ତାହାକୁ ଦୋଷ ଅନୁସରି ।
ବ୍ରାହ୍ମଣ ଦୋଷକଲେ ନ କରି ତାଙ୍କୁ ମାନ୍ୟ
ଅତିଦୋଷୀ ହେଲେ ନିର୍ବାସିତ ଅନ୍ୟସ୍ଥାନ ।
ଗୋରୁ ଦୋଷକଲେ ଯଷ୍ଟି ହସ୍ତରେ ଘେନିବ
ବେଉସା ଖାଉଥିଲେ ସେ ଅଡ଼ାଇ ଆଣିବ ।
ଭୃତ୍ୟ ଦୋଷକଲେ ତାକୁ ଭୃତ୍ୟ ହାତେ ଦଣ୍ଡି
ପୋଇଲି ଦୋଷକଲେ ଯେ କେଶ ତାର ମୁଣ୍ଡି ।
ପ୍ରଜା ଦୋଷ କଲେ ତାକୁ ବନ୍ଧନ କରିବ
ଗ୍ରାମିକା ହାତରେ ତାକୁ ଦଣ୍ଡ ଦିଆଇବ ।
ପାଇବାକୁ ଦଣ୍ଡ ହୁଏ ଛଡ଼ାଇଲେ ସେବା
ମନ୍ତ୍ରୀଙ୍କର ଦଣ୍ଡ କଥା ମୁଖେ ନ କହିବା ।
ଭାଇ ଦୋଷକଲେ ତାକୁ ଭିନ୍ନ କରିଦେବ
ଭାର୍ଯ୍ୟା ଦୋଷ କଲେ ତାକୁ କଥାରେ ଗଞ୍ଜିବ ।
ବଚନରେ ନ ଚଳିଲେ ଦୂର କରିଦେବ
ଦୁହିତା ଦୋଷ କରିଲେ ମୁଖ ନ ଚାହିଁବ ।
ଆପଣାର ବଇରୀକି ନିଜ କରେ ନାଶି
ନିଶା ଡକାଇତକୁ ଯେ ଦଣ୍ଡେ ଦଣ୍ଡୁଆସି ।
ମଇତ୍ର ଦୋଷ କଲେ ଯେ ନ କହିବ କଥା
ମାଡ଼ରୁ ଅଧିକ ତାକୁ ଲାଗିବ ସେ ବ୍ୟଥା ।
ପଡ଼ିଶା ଦୋଷ କରିଲେ ତା ନିନ୍ଦା ଗାଇବ
ସ୍ୱଜାତି ଲୋକ ହୋଇଲେ ବାକ୍ୟେ ନିବାରିବ ।
ବନଜନ୍ତୁ ଯେବେ ରାଜ୍ୟେ ହୁଅଇ ଉଦଣ୍ଡ
ଲୋଧା ହାତେ ତାହାକୁ ଯେ ଦିଆଇବ ଦଣ୍ଡ ।
କାଳ ଦୋଷ କଲେ ଡରାଇବ ଧରି ଶର
ଡରାଇ ଘଉଡ଼ି କରି କରିବ ପ୍ରହାର ।

Digitized by srujanika@gmail.com

ମାଛ ମାଂସ ଭୋଜନରେ କରି ଯେବେ ସଧ
କିଣାଇ ଆଣିବ ଜନ୍ତୁ ନ କରିବ ବଧ ।
ଉରଗ ଜନ୍ତୁ ହୋଇବେ ଯେବେ ଦୋଷକାରୀ
ଗଦ ପଦ ମନ୍ତ୍ରେ ତାହାଙ୍କର ଦର୍ପ ହରି ।
ଇନ୍ଦୁର କରିବ ଯେବେ ଘରେ ଉପଦ୍ରବ
ମାର୍ଜାର ଦେଖିଣ ତାର ଉତ୍ପାତ ହରିବ ।
ଶାସ୍ତ୍ରର ଯେ ବିଧିମତ ଅଟଇ ଏସନ
ଏହା ନ ଜାଣିଣ କେବା ପାପୀ ମୂର୍ଖଜନ ।
ଜନ୍ତୁଙ୍କୁ ନାଶନ୍ତି ଯେହୁ ଅଜ୍ଞାନ ପଣରେ
ସେହି ପୁଣି ହନ୍ତସନ୍ତ ହୁଅନ୍ତି ଏଠାରେ ।
ଏହି ବେନି ସ୍ତିରୀ ଯେଣୁ ମାଇଲେ ଇନ୍ଦୁର
ତେଣୁ ଏମାନେ ଦହନ୍ତି ତାହାଙ୍କ ଶରୀର ।
ସମକ୍ଷରେ ହୋଇଲାରୁ ପୋଡୁଛନ୍ତି ଏହା
ଆଜି ଯମର ଛାମୁରେ ଜଣାଇବା ତାହା ।
ଏତେ ବୋଲି ଡଗ୍ଗର ଯେ ହୋଇଲେକ ତୁନି
ଆମ୍ଭ ମୁଖକୁ ଚାହିଁଲେ ସେହି କନ୍ୟା ବେନି ।
ମୁକତ ହୋଇଣ ସେହୁ ଗଲେ ବଡ଼ ବେଗେ
ସେ ଇନ୍ଦୁର ଗୋଟି ମୋହ ହେଲା ସେହି ଲାଗେ

ଆଗେ ପଛେ ଠିଆ ହୋଇକରି ବେନିବୀର
କରତ ଘେନିଣ ତାର କରତନ୍ତି ଶିର ।
ଶୋଣିତ ଯେ ଝରଝର ବହେ ନାକବାଟ
ଆବର ଆଣ୍ଟରେ ତାଡୁଛନ୍ତି ତାର ପେଟ ।
ପ୍ରଚଣ୍ଡ କରତେ କରତନ୍ତି ପରଜ୍ଜଳି
କପାଳଠାରୁ ତଳକୁ ନ ଆସଇ ବଳି ।
ଥରଥର ହୋଇ ସଦା କମ୍ପେ ତାର ଅଙ୍ଗ
ରୁଧିରରେ ବିଲେପନ ଦିଶଇ ସର୍ବାଙ୍ଗ ।
ଧୂମଘାତେ କେଉଁଆଡ଼େ ନ ପାରଇ ଚାହିଁ
ଅତ୍ୟନ୍ତ ଆକୁଳ ହେଉଅଛି ତାର ଦେହୀ ।
ତାହା ଦେଖିକରି ଆମ୍ଭେ ସୁମରିଲୁ ଧର୍ମ
ଦୂତକୁ ପୁଛିଲୁ ଏ କି ବିପରୀତ କର୍ମ ।
କେଉଁ ପାପରେ ଏହାକୁ ବିହିଲେ ଏ ଦଣ୍ଡ
ବୋଲନ୍ତି ଯେ ଯମଦୂତେ ଶୁଣ ମାରକଣ୍ଡ ।
ଯହିଁକି ଏ ପୁରୁଷଟା ପାଇଲା ଏ କଷ୍ଟ
ତୁମ୍ଭ ଆଗେ କହିବା ତା ଶୁଣ ମୁନିଶ୍ରେଷ୍ଠ ।
ଶ୍ୟାମଳ ରାଜ୍ୟେ କୁଙ୍କୁମ ନାମେ ଅଛି ଦେଶ
ଜନବର ନାମେ ତହିଁ ନୃପବର ବାସ ।



ସ୍ୱାମୀଦ୍ରୋହୀ ହେତୁ ଶାରଙ୍ଗ ଲମ୍ବାହାତରେ ଯମଦୂତଙ୍କ ଦ୍ୱାରା ଯନ୍ତ୍ରଣା

ପୁଣିହିଁ କିଛିଦୂରେ ଯେ ଦେଖିଲୁ କଥାଏ
କହନ୍ତେ ସେ ଅସମ୍ଭବ ଶୁଣ ମହାରାଯେ ।
ପୁରୁଷ ଗୋଟାକୁ ସେହୁ ବସାଇଛି ଶୂଳେ
ଲଙ୍କା ମରିଚର ଧୂଆଁ ଦିଅନ୍ତି ତା ତଳେ ।
ତାର ଦୁଇ ପାରୁଶରେ ଦୁଇ କିଳା ପୋତି
କର ଚରଣ ଓଟାରି ତାର ବାନ୍ଧିଛନ୍ତି ।

ଶାରଙ୍ଗ ନାମେଣ ତାର ଏକ ପରିଚାର
ଅଧିକ ବିଶ୍ୱାସ ଅଟେ ସେହି ନୃପତିର ।
ଛୁରୀ ଖଣ୍ଡା ତୀର ଧନୁ ତାହାର ହାତରେ
ବାହୁଡ଼ିବା କାଳେ ଥାଇ ରାଜାର କତିରେ ।
ଚନ୍ଦ୍ରକେତୁ ନାମେ ସେହୁ ରାଜା ସାନଭାଇ
ଶାରଙ୍ଗଙ୍କୁ ଡାକି ଦିନେ କହିଲାକ ସେହି ।

Digitized by srujanika@gmail.com

ଦିବସ କାର୍ଯ୍ୟ ସକଳ ସାରିଣ ନୃପତି
ଶୟନ ମନ୍ଦିରେ ପହୁଡ଼ିଲେ ଯାଇ ରାତି ।
ଜନବର ରାଜା ନିଶ୍ଚିନ୍ତରେ ନିଦ୍ରାଗଲା
ଶାରଙ୍ଗ ଲମ୍ବହତା ତା ସଙ୍ଗେ ସଙ୍ଗେ ଥିଲା ।
ଆଗୁ ବିଚାରି ଖଡ଼ଗ ଘେନିଥିଲା କର
ସୀମସ୍ଥାନେ ଥାଇ ହାଣିଦେଲା ରାଜା ଶିର ।
ତା କପାଳ ପରିଯନ୍ତେ ଭେଦିଲା ଖଡ଼ଗ
ତତ୍‌କ୍ଷଣେ ନୃପତିର ହେଲା ପ୍ରାଣତ୍ୟାଗ ।
ବୋଇଲା ମୁହିଁ ଅଟଇ ରାଜାଠାରୁ ସାନ
ନରପତି ହୋଇବାକୁ ମୋର ବଡ଼ ମନ ।
ରାଜାକୁ ପାରିବୁ ତୁହୋ ପାଶେ ଯେବେ ମାରି
ପାଟ ଅଭିଷେକ ହେବି ରାଜ୍ୟେ ଦଣ୍ଡଧାରୀ ।
ରାଇଜରେ କାରେଣି ମୁଁ କରିବଇଁ ତୋତେ
ତୁହି ଯେବେ ସାରଙ୍ଗରେ କରିପାରୁ ଏତେ ।
ଶୁଣିଣ ସାରଙ୍ଗ ତାହା ସନମତ କଲା
ଆଜି ରାତିରେ ରାଜାକୁ ମାରିବି ବୋଇଲା ।
ଏତେକ ବୋଲିଣ ସେହୁ ଗଲା ବେଗ ହୋଇ
ଦୁହିଁଙ୍କର ଏ ଭାଳେଣି ନ ଜାଣିଲେ କେହି ।
ଶାରଙ୍ଗ କହିଲା ଧାଇଁ ଯାଇଁ ଚନ୍ଦ୍ରକେତୁ
ଜନବର ନୃପତି ଯେ ପାଇଲାକ ମୃତ୍ୟୁ ।
ଏହା ଶୁଣି ଅବିଶ୍ୱାସୀ ଜାଣ ତାକୁ ଚିତ୍ତେ
ଆନର ବୋଲେ ହୁଏତ ମାରିପାରେ ମୋତେ ।
ଏହି ସ୍ୱାମୀ ଦୋରେହାର ବଦନ ନ ଚାହିଁ
ଏତେ ବୋଲି ଚନ୍ଦ୍ରକେତୁ ଡଗରକୁ କହି ।
ବୋଇଲା ଏ ସାରଙ୍ଗକୁ ଧରି ଘେନିଯିବ
ନଗର ବାହାରେ ନେଇ ଶୂଳିରେ ଥୋଇବ ।
ରାଜାର ଆଜ୍ଞାରେ ବେଗେ ସେ ଡଗର ଗଲା
ଶାରଙ୍ଗ ଲମ୍ବହତାକୁ ତହିଁ ଶୂଳିଦେଲା ।
ଶାରଙ୍ଗ ଲମ୍ବହତା ଯେ ପ୍ରେତଅଙ୍ଗ ଘେନି
ପାତକ ଘେନି ଅଇଲା ପୁର ସଞ୍ଜୀବନୀ ।
ସ୍ୱାମୀର ଦୋରେହା ହେଲା ଜାଣ ଏ ଚଣ୍ଡାଳ
ତେଣୁକରି ଆରୋହିଛି ଏହି ଲୁହା ଶୂଳ ।
ଅଦୋଷରେ କାଟିଲା ଏ ଶିର ନୃପତିର
ସେ ହେତୁ କରତି ହେଉଅଛି ଏହା ଶିର ।
ନିଦ୍ରାକାଳେ ବଧିଲା ଏ ଯେଣୁ ନୃପବରେ
ସେହି ହେତୁ ହନ୍ତସନ୍ତ ହେଉଛି ଏଠାରେ ।
ସହୃଦଠାରେ ପାତକ କଲା ଏ ପାମର
ତେଣୁ ବନ୍ଧା ହୋଇଅଛି ଏହାର ଶରୀର ।
ପାଞ୍ଚ ବରଷ ହେଲା ଏ ପାଉଅଛି ଦଣ୍ଡ
ଆବର ଯାତନା ଅଛି ଶୁଣ ମାରକଣ୍ଡ ।

ଏ କୁଣ୍ଡର ନାମ ହାଦେ ଅଟେ କୁମ୍ଭୀପାକ
ଏହା ଭିତରେ ପୂରିଛି ରୌରବ ନରକ ।
ଏହି କୁଣ୍ଡ ଗୋଟି ଷୋଳ ଯୁଣ ଦୀର୍ଘ ପ୍ରତି
ପିମ୍ପୁଡ଼ି ଉଠି ନ ପାରେ ବାର ଯୁଣ କାନ୍ଥି ।
ଏଡ଼େ ଆୟତନ କୁଣ୍ଡ ଦୁର୍ଗନ୍ଧରେ ପୂର୍ଣ୍ଣ
ଚାହିଁଲେ ଅତି ଯାତନା ଲଭଇ ନୟନ ।
ଟକ ଟକ ହୋଇ ତହିଁ ଫୁଟୁଥାଇ ନର୍କ
ଗନ୍ଧର ପ୍ରତାପେ ଛିଡ଼ି ପଡ଼ଇ ଯେ ନାକ ।
ଡାହଣେ ଦିଶୁଛି ତାର ଲୁହାର ପାଚେରୀ
ତହିଁର ଭିତରେ ନର୍କ ରହିଅଛି ପୂରି ।
ପାପୀ ଜନମାନେ ପଡ଼ି ପଚନ୍ତି ଯେ ତହିଁ
ବୁଡ଼ନ୍ତି ଉଠନ୍ତି ଅତି କଷ୍ଟେ ତନୁ ବହି ।
ପାପୀଙ୍କ ଯାତନା ଲାଗି ନରକର ସ୍ଥିତି
ବୋଲେ ମହାଦେବ ପୁଣ୍ୟଫଳେ ତହୁଁ ମୁକ୍ତି ।

-x-

କୁମ୍ଭୀପାକ ଓ ରୌରବ ନରକର ଉତ୍ପତ୍ତି

ପଚାରନ୍ତି ସୁରଥ ହେ ଶୁଣ ମାରକଣ୍ଡ
କହ ଉତ୍ପନ୍ନ ହୋଇଲା କାହୁଁ ନର୍କକୁଣ୍ଡ ।
ଯହୁଁ ଏ ନରକ କୁଣ୍ଡ ହୋଇଲା ଉତ୍ପତ୍ତି
ଯାହା କହୁଅଛୁଁ ତୁମ୍ଭ ଆଗେ ମହାଯତି ।
କୁମ୍ଭୀ ନାମରେ ଥିଲାକ ଏକଇ ଦନୁଜ
ରାହୁ ଦଇତ୍ୟର ସେହୁ ଅଟଇ ତନୁଜ ।
ସର୍ବଦା ସେ ରହିଥାଏ ସଞ୍ଜୀବନୀ ପୁରେ
କଟୁଆଳ ନାୟକ ଯେ ବୁଲେ ପୁରେ ପୁରେ ।
କେହି ତାକୁ ଦେଇ ନାହିଁ କଟୁଆଳ ଶାଢ଼ି
ସ୍ୱଇଚ୍ଛାରେ ବୁଲୁଥାଏ ରହୁବରେ ଚଢ଼ି ।
କୁମ୍ଭୀ ଦନୁଜ ଏପରି ରହିଥାଏ ତହୁଁ
ଜନ୍ତୁପତିର ମଇତ୍ର ହୋଇବାରୁ ଯହୁଁ ।
ଜନ୍ତୁପତିଙ୍କୁ ସେ ଦୈତ୍ୟ ବୋଇଲା ମଉସା
ତେଣୁକରି ତାହାର ଯେ ସକଳ ଭରସା ।
ଯେତେଦୋଷ କଲେ ତାହା ସହେ ଜନ୍ତୁରାଣ
ମିତ୍ର ସୁତ ବୋଲି କିଛି ନ କହଇ ପୁଣ ।
ଏମନ୍ତେ ମକର ମାସ ଉଆଁସ ଦିନରେ
ଛାୟାଦେବୀ ବିଜେକଲେ ସଞ୍ଜୀବନୀପୁରେ ।
ଅପୂର୍ବ ସୁନ୍ଦରୀ ସେହୁ ଆଦିତ୍ୟର ନାରୀ
ପରମା ସାଧବୀ ଜନ୍ତୁପତି ଗର୍ଭଧାରୀ ।

Digitized by srujanika@gmail.com

ପୁତ୍ରକୁ ଦେଖିବା ପାଇଁ ସ୍ୱର୍ଗରୁ ଅଇଲେ
ସହସ୍ରେକ ପରିବାରୀ ଅଛନ୍ତି ତା ତୁଲେ ।
ପାଦ ଗତିରେ ସେ ଦେବୀ କରନ୍ତି ଗମନ
ରସାଣିଲା ସୁବର୍ଣ୍ଣର ପ୍ରାୟେ ଦିଶେ ବର୍ଣ୍ଣ ।
ଅତି ସୁଲକ୍ଷଣୀ ସେହୁ ପରମା ସୁନ୍ଦରୀ
ସୁରଙ୍ଗ ପାଟେକ ଅଙ୍ଗେ ପରିଧାନ କରି ।
ବସନ ପତନୀ ଶାଢ଼ି ତହିଁର ଉପର
ଭୁଜରେ ରତନ ଚୁଡ଼ି ପୟରେ ନୂପୁର ।
ରାଜହଂସ ଗତି ପ୍ରାୟେ ଚାଲେ ଧୀରଧୀର
ଦେଖିଲେ ଧଇର୍ଯ୍ୟ ରହି ନ ପାରେ ଯତିର ।
ଯାନ୍ତେଣ ଦେଖିଲା ତାକୁ କୁମ୍ଭୀପାକ ଦୈତ୍ୟ
ଦାସୀଙ୍କି ଦେଖିଲା କାହା ନାରୀ କହ ସତ୍ୟ ।
କାହାର ନନ୍ଦିନୀ ଏହୁ ଯାଉଛି କାହିଁକି
କେବଣ ପୁରରୁ କହ ଅଇଲା ଏଥିକି ।
ମୋହର ଘରଣୀ ଏକି ହୋଇବ ପଚାର
ରାହୁର ତନୟ ମୁହିଁ ବଳେ ମହାବୀର ।
ଯେବେ ମୋହଠାରେ ତୋର ନୋହିବ ପୀରତି
ବଳେଣ ହରିବି ମୋର କାହାକୁ ଯେ ଭୀତି ।
ତାହା ଶୁଣି ଦାସୀମାନେ ଦିଅନ୍ତି ଉତ୍ତର
ଚଣ୍ଡାଳ ପାମର ଆରେ ଦୁଷ୍ଟ ଦୁରାଚାର ।
କେବଣ ଭରସାରେ ଯେ ଏଡ଼େ ଗର୍ବ ତୋର
ଏ ସେ ଛାୟାଦେବୀ ପତ୍ନୀ ସୂର୍ଯ୍ୟଦେବଙ୍କର ।
ଆଦିତ୍ୟର ନାରୀ ସେ ଯେ ଯମର ଜନନୀ
ଜୟଦେବ ଗନ୍ଧର୍ବର ଅଟଇ ନନ୍ଦିନୀ ।
ସଞ୍ଜୀବନୀ ପୁରକୁ ସେ ଆସିଛନ୍ତି ଏବେ
ପୁତ୍ର ଶନିଶ୍ଚରକୁ ସେ ଦେଖିକରି ଯିବେ ।
ତୁହି ହୀନ ପାପୀ ମୂଢ଼ ଅଟୁ ନୀଚ ଜାତି
ପରମା ସାଧବୀଙ୍କୁରେ କହୁଛୁ ଅନୀତି ।
ପ୍ରାଣେ ବିନାଶ ହେବୁଟି ପଳା ବେଗ ହୋଇ
ଜନ୍ତୁପତି ଜାଣିଲେ ତୁ ପ୍ରାଣ ପାଉ କାହିଁ ।
ମୂର୍ଖ ସ୍ୱଭାବ ବଶେ ନ ଶୁଣଇ ଦନୁଜ
ଛାୟାକୁ କଟାଳିଲା ସେ ରାହୁର ତନୁଜ ।
ଛାୟାକୁ ତେହ୍ନେ ଜଗିଛି ରାହୁର ଦୁଲାଳ
ଦାସୀମାନେ ମିଳିକରି କରୁଛନ୍ତି ଗୋଳ ।
ଏମନ୍ତ ସମୟେ ମିଳିଲାକ ଜନ୍ତୁପତି
ଯମକୁ ଦେଖି ଦନୁଜ ମନେ କଲା ଭୀତି ।
ଶଙ୍କିତ ଚିତ୍ତ ହୋଇଣ ରହିଲା ଦନୁଜ ।
ଛାୟା ବୋଇଲାରେ ବାବୁ ଶୁଣ ଜନ୍ତୁରାଜ ।
ଏଡ଼େ ଅନ୍ୟାୟାଚରଣ ପୁରେ ତୋର କଲୁ
କାହୁଁ ଏହି ଦନୁଜକୁ ପୁରକୁ ଆଣିଲୁ ।

-x-

କୁମ୍ଭୀପାକ ନରକ ଯନ୍ତ୍ରଣା

କୁମ୍ଭୀ ଦଇତ୍ୟର ଦେବୀ ଦେଖିଣ ଅନୀତି
ଜନ୍ତୁପତିକୁ ତକ୍ଷଣେ ସୁମରିଲେ ସତୀ ।
ଛାୟାର ଆକୁଳ ଜାଣିପାରି ଜନ୍ତୁପତି
ମାତାଙ୍କର ସନ୍ନିଧିରେ ମିଳିଲେ ତଡ଼ତି ।
ଦେଖିଲେ ମାତାଙ୍କୁ ଦୈତ୍ୟ ଓଗାଳିଛି ବାଟ
ଚନ୍ଦ୍ରମାକୁ ଯେଉଁପରି ସିଂହିକାର ସୁତ ।

କୁମ୍ଭୀପାକ ନରକ ଯନ୍ତ୍ରଣା

Digitized by srujanika@gmail.com

ଗୁରୁ ଗଉରବ କିଛି ନ ଚିହ୍ନଇ ଏହି
ଆମ୍ଭଙ୍କୁ କୁଭାଷା ବୋଲି ବୋଲେ ମନ୍ଦବାଇ ।
ତୋତେ ଦେଖିବାକୁ ତୋର ପୁରକୁ ଅଇଲି
ଏ ଅସୁର ତହୁଁ ବହୁ କୁଭାଷା ଶୁଣିଲି ।
ଆଉ ବେଳେ ଏଥକୁ ମୁଁ କେବେ ନ ଆସିବି
ଏତେ ବୋଲି ବାହୁଡ଼ିଣ ଗଲେ ଛାୟାଦେବୀ ।
ମାତା ଅଭିମାନ ଶୁଣି କୋପେ ଜନ୍ତୁପତି
କୁମ୍ଭୀ ଦୈତ୍ୟକୁ ଚାହିଁଲେ ହୋଇ କୋପମୂର୍ତ୍ତି ।
ବୋଇଲେ ପାମର ଆରେ ଏ ବୁଦ୍ଧି ତୋହର
ପିତାର ବଇରୀ ତାତ ଅଟଇ ତୋହର ।
ନ ଜାଣି ତୋ ସଙ୍ଗେ ଆମ୍ଭେ ହୋଇଲୁ ମଇତ୍ର
ତୁହି ଏବେ ଆଚରଣ କଲୁ ବିପରୀତ ।
ତୁ ହୀନ ପାମର ଅଟୁ ତାହାର ନନ୍ଦନ
ନ ଜାଣି ତୋ ଛାରକୁ ମୁଁ କଲି ଆଶ୍ୱାସନ ।
କାଳେ ବିପରୀତ ଫଳ ହୋଇଲା ମୋହର
କାନ୍ଧେ ପାଦ ଲଦି ଏବେ ଚୁମ୍ବିଲୁ ଅଧର ।
ତହିଁକି ଶାପ ମୋହର ଘେନଶିରେ ମୂଢ଼
ଏହିଠାରେ ତୁହି ଏଥେ ହୁଅ ଭସ୍ମକୁଢ଼ ।
କୁଣ୍ଡ ଗୋଟିଏ ହୋଇଣ ଆଶା ତୋର ରହୁ
ଭସ୍ମ ପିଣ୍ଡରୁ ତୋହର ରକ୍ତଧାର ବହୁ ।
ଏ ସଞ୍ଜୀବନୀ ପୁରକୁ ଆସିବେ ଯେ ଲୋକ
ଆମ୍ଭପୁରେ ବାସ କରି ଅଛନ୍ତି ଯେତେକ ।
ମଳ ମୂତ୍ର ଅସାର ଯେ ଅପବିତ୍ର ଜାଣି
ତୋହର ଉପରେ ନିତ୍ୟ ଢାଳୁଥିବେ ପାଣି ।
ସଞ୍ଜୀବନୀ ମଳମୂତ୍ର କାଢ଼େ ଯେ ଚଣ୍ଡାଳ
ତୋଉପରେ ପକାଇବ ନେଇ ଯେ ସକଳ ।
ପାପୀଜନମାନେ ଆସି ପଡ଼ିବେ ତୋ ତହିଁ
ଏକ ଯୋଗେ ତାଙ୍କ ସହ ହେଉଥିବୁ ଦହି ।
ଯେତେବେଳେ ମୁହିଁ ସଞ୍ଜୀବନୀ ଅଧିକାରୀ
ତେତେକାଳ ତୁହିଥିବୁ ନର୍କକୁଣ୍ଡ ଧରି ।
ଏତେ ବୋଲିକରି ଗଲେ ଜନ୍ତୁର ନାୟକ
ନର୍କକୁଣ୍ଡ ହୋଇଲା ଯେ ଦଇତ୍ୟ କୁମ୍ଭକ ।
ଆପଣାର ନାମେ ହେଲା କୁମ୍ଭୀପାକ କୁଣ୍ଡ
ଜନ୍ତୁପତି ଶାପୁଁ ଅରଜିଲା ଏହି ଦଣ୍ଡ ।
ରହୁବର ସହିତରେ ହେଲା ଏକ ଗୁଣ୍ଡ
ତେଣୁ ସେହି ବୋଲାଇଲା ରଉରବ କୁଣ୍ଡ ।
ପ୍ରପଞ୍ଚ ଅତି ଦୁର୍ଗନ୍ଧ ସେ ପୁରୁ ପ୍ରକଟେ
ତେଣୁ କେହି ଚାଲି ନ ପାରନ୍ତି ସେହି ବାଟେ
ସଞ୍ଜୀବନୀ ପୁରଯାକ ଗନ୍ଧ ଉଚ୍ଛୁଳଇ
ସମସ୍ତଙ୍କ ଦେହ ଅତି ବ୍ୟାକୁଳ ହୁଅଇ ।

ଏସନକ ଭବିଷ୍ୟତ ଚିତ୍ରଗୁପ୍ତ ଜାଣି
ଲୁହାର ପାଚେରୀ ବେଢ଼ାଇଲା ତହିଁ ଆଣି ।
ଚଉକତି ସେହୁ ବେଢ଼ା ଉପରକୁ ଦ୍ୱାର
ପଞ୍ଚବିଂଶ କ୍ରୋଶ ତହିଁ ଲୁହାର ଦୁଆର ।
ଗୁଣନିଧି ଗନ୍ଧର୍ବର ମୁଣ୍ଡେ ସଞ୍ଜୀବନୀ
ତାଳୁପୋଡା ରଡ଼ି ଶୁଣି ଉଠଇ ବହନି ।
ସେହି ସଳଖରେ ଉଚ୍ଛୁଳିଣ ଅତି ତାତି
ତେଣୁ ସେ ନରକ କୁଣ୍ଡ ହୁଏ ଯନ୍ତାଯନ୍ତି ।
ତପତ ଘାତେ ବୁଲଇ ସେହି ନର୍କକୁଣ୍ଡ
ମହାପାପୀଙ୍କି ସେ ନର୍କକୁଣ୍ଡ ଦିଏ ଦଣ୍ଡ ।
ନିର୍ଦ୍ଦୟ ଚଣ୍ଡାଳ ଦୂତେ ଆଣି ବାନ୍ଧିକରି
ପାପୀଜନଙ୍କୁ ପକାନ୍ତି ତହିଁ ବାଳଧରି ।
ଏକମନ ହୋଇଣ ହୋ ଶୁଣ ମାରକଣ୍ଡ
ନର୍କରେ ପଡ଼ଇ ଯେହୁ ପାପୀଙ୍କର ମୁଣ୍ଡ ।
ତାହା କହିବା ତୋହର ଆଗେ ପୁଣ୍ୟ ଦେହୀ
ଗୋହତ୍ୟା ବ୍ରାହ୍ମଣ ହତ୍ୟା କରନ୍ତିଟି ଯେହି ।
ସୁଜାତିରେ ଜନ୍ମହୋଇ ଭକ୍ଷଇ ଯେ ମଦ
ନିନ୍ଦା କରଇ ଯେ ଜନ ବିହି କଲା ପାଦ ।
ବିଷ୍ଣୁ ପ୍ରତିମାକୁ ଯେହୁ କରଇ ଭଗନ
ଶିବଙ୍କୁ ଅବମାନନା କରେ ଯେଉଁ ଜନ ।
ଶିବଲିଙ୍ଗ ଭାଙ୍ଗଇ ଯେ କାଟଇ ଅଶ୍ୱତ୍ଥ
ଥୋଇଲା ଦ୍ରବ୍ୟକୁ ଯେହୁ କରଇ ଗୁପତ ।
ବିଧବା ବ୍ରାହ୍ମଣୀ ହରେ ଯେଉଁ ଜନ କାମେ
ଅନଳ ଲଗାଇ ଦ୍ୟନ୍ତି ପରଘରେ ତମେ ।
ରଣ କରି ସାହୁକୁ ଯେ ନପାରନ୍ତି ସୁଝି
ଆପଣା ଭୃତ୍ୟକୁ ଯେହୁ ଭଣ୍ଡନ୍ତି ନ ବୁଝି ।
ଗୁରୁପତ୍ନୀ ହରଇ ଯେ ଶିଶୁ ହତ୍ୟା କରେ
ନିର୍ଦ୍ଦୋଷ ଲୋକକୁ ଯେହୁ ବନ୍ଦୀକରି ମାରେ ।
ବିଶ୍ୱାସଘାତକ ପୁଣି ଅଟନ୍ତି ଯେ ଜନ
ନିନ୍ଦା କରଇ ଯେ ଜନ ଶ୍ରୀଗୁରୁ ବଚନ ।
ମିଛେ ଯତି ହୋଇଣ ଯେ ବୁଲେ ଦେଶେ ଦେଶେ
ମାଗଇ ଦ୍ରବ୍ୟ ଆନକୁ କୁଟୁମ୍ବର ଆଶେ ।
ବୈଷ୍ଣବ ହୋଇଣ ଯେହୁ ନ ଭଜଇ ହରି
ନିଶାରେ ଗମନ୍ତି ଯେହୁ ପରଦାରା କରି ।
ବ୍ରାହ୍ମଣ ହୋଇ ଯେ ଶୂଦ୍ର ରତିରସେ ପ୍ରୀତି
ରାଜା ହୋଇ ଯେବେ ସୁଖେ ନ ପାଳଇ ପୃଥ୍ୱୀ ।
ଦେବତା ବ୍ରାହ୍ମଣେ ଯେହୁ ନୁହଇ ଭକତି
ପରଦ୍ରବ୍ୟ ହରଣରେ ଯାର ସଦା ମତି ।
ଆମିଷ ଭକ୍ଷଇ ଯେହୁ ମାଂସ କିଣିଆଣି
ସର୍ବଦା ହୁଅଇ ସେହି ହତ୍ୟାର କାରେଣି ।

Digitized by srujanika@gmail.com

ଏ ଲୋକ ନିଶ୍ଚୟ ଯାନ୍ତି କୁମ୍ଭୀପାକ ନର୍କେ
ଅର୍ଜିଲାର ଫଳ ସେହି ଭୁଞ୍ଜନ୍ତି ବିପାକେ ।
ନରକେ ପଡ଼ିବା ଲୋକ ସ୍ୱରୂପ ଏମନ୍ତ
ତାହା ତୁମ୍ଭ ଆଗେ କହିଦେଲୁ ତପୋବନ୍ତ ।
ନିର୍ଦ୍ଦୟ ଚଣ୍ଡାଳ ଦୂତେ ପ୍ରାଣ ନେଇ ଧରି
ବିକ୍ରମି ଉଠନ୍ତି ଲୁହା ଶିଖା ଯେ ପାଚେରୀ ।
ନର୍କ ବାସନା ଲାଗଇ ସେହୁ ପାପୀ ଅଙ୍ଗେ
ଅସଙ୍ଗେ ତାହାର ଯେଣୁ ମୃତ୍ୟୁ ହୋଇ ଭଙ୍ଗେ ।
ଚାରିଶାଖା କୁଷ୍ଠବ୍ୟାଧି ହୁଅଇ ଶରୀରେ
ରଙ୍ଗଲାଞ୍ଜ ଗୋଟିଏ ଯେ ହୁଏ ନିଶ୍ଚୟରେ ।
ବିକଟ ଭବିଷ୍ୟ ଘୋର ଦିଶେ ତାର ପିଣ୍ଡ
ଭାରି ପେଟ ହୋଇଣ ଯେ ଶୁଖେ ତାର ତୁଣ୍ଡ ।
ଏମନ୍ତ ସ୍ୱରୂପେ ସେହୁ ପଡ଼େ ନର୍କ ଘୋର
ତପତ ଶରୀର ପଡ଼ି ହୁଅଇ ବିକଳ ।
କ୍ଷୁଧା ଲାଗି ଶରୀର ଯେ ହେଉଥାଇ ଦହି
ମୁଖରେ ସାମାନ୍ୟ କିଛି ନ ପାରଇ ଖାଇ ।
ଏମନ୍ତେ ଶରୀର ତାର ହୁଅଇ ଦଗଧ
ନାସିକା ଶ୍ରବଣେ ତାର ପୂରଇ ଦୁର୍ଗନ୍ଧ ।
ଅନବରତେ ନରକେ ପଡ଼ିଥାଇ ବୁଡ଼ି
ଉପରକୁ ଚାହିଁଦେଲେ ଖାଏ ଲୁହା ବାଡ଼ି ।
ଏସନକ ଦଣ୍ଡ ସେହୁ କୁମ୍ଭୀପାକ ନର୍କ
ଏହା କିଛି ନ ଜାଣନ୍ତି ମଞ୍ଚପୁର ଲୋକ ।
ଏହା ଜାଣି ଯେଉଁ ମୂଢ଼ଲୋକ ପାପକରେ
ସେ ପ୍ରାଣୀ ଦଣ୍ଡ ପାଆନ୍ତି ସେହି ନର୍କ ଘୋରେ ।
ଯେବଣ ପ୍ରାଣୀ ସର୍ବଦା ପାତକକୁ ଡରେ
ନାରାୟଣ ମନକୁ ସେ ସଦା ଆଶ୍ରେକରେ ।
ଆପଣା ଜାତିର କୁଳ ଧର୍ମ କର୍ମ କରି
ଗୁରୁ କଥାକୁ ଏକାନ୍ତ ମନେ ଥାଏ ଧରି ।
ପର ଯୁବତୀକୁ ମଣୁଥିବ ମାତା ପ୍ରାୟ
ନ ହରିବ ପରବିତ୍ତ ଧର୍ମେ ଥିବ ଭୟ ।
ସାଧୁଙ୍କ ଗୋଷ୍ଠୀରେ ବସୁଥିବ ଦଣ୍ଡେ କ୍ଷଣେ
ଶ୍ରଦ୍ଧାରେଟି ହରିକଥା ଶୁଣିବ ଶ୍ରବଣେ ।
ଏମନ୍ତ ପ୍ରାଣୀଟି ହାଦେ ନର୍କକୁ ଯାଇ ତରି
ବସଇ ସୁର ସଭାରେ ଭବଭୟ ହରି ।
ଯେବଣ ପ୍ରାଣୀ ଜନ୍ତୁରେ ହାଦେ କରେ ଦୟା
ତରଇ ସକଳ ପାପୁଁ ନ ଲାଗଇ ମାୟା ।
ତାହା ଶୁଣି ଆମ୍ଭେ ପୁଚ୍ଛାକଲୁ ଡଗରକୁ
କଥାଏ ପୁଚ୍ଛିବା କହ ବୁଝାଇ ଆମ୍ଭଙ୍କୁ ।
ଜନ୍ତୁ ଯେବେ ନାରାୟଣ ବୋଲି ତୁମ୍ଭେ କହ
ତେବେ ତ ପ୍ରାଣୀକି ତୁମ୍ଭେ କିମ୍ପା ଦଣ୍ଡ ଦିଅ ।
ତୁମ୍ଭେ ତ ଆତ୍ମା ପରରେ ଜ୍ଞାନବନ୍ତ ଅଟ
ଜାଣିକରି ଦିଅ କିମ୍ପା ଆମ୍ଭଙ୍କୁ ଏ କଷ୍ଟ ।
କାଳ ବିକାଳ ବୋଇଲେ ଶୁଣ ଆହେ ଯତି
ଯାହା ପୁଚ୍ଛାକଲ ଏବେ କହିବା ତା ଗତି ।
ଆମ୍ଭର ଉପରେ ଯେହୁ ଅଟଇ ଈଶ୍ୱର
ଅଲେଖ ପରମବ୍ରହ୍ମ ସେହି ନିରାକାର ।
ଜନମ ମରଣ ନାହିଁ ତାହାଙ୍କର ଦେହୀ
କେବଳ ଭାବରେ ଦୃଶ୍ୟ ତେଣୁ ଭାବଗ୍ରାହୀ ।
ଚଉଦ ବ୍ରହ୍ମାଣ୍ଡ ସୃଷ୍ଟିକଲା ପରମେଷ୍ଟି
ଆତ୍ମାରୂପୀ ଲୋକ ଚତୁର୍ଦ୍ଦଶ ପଦ୍ମକୋଟି ।
ଚଉଦ ପଦ୍ମ କାଠର ଯେ ଅଟଇ ପୁରାଣ
ନିରାକାର ଉଦରୁ ଯେ ହୋଇଲା ଘଟନ ।
ବିଧାତା ସଞ୍ଚିଲା ସବୁ ଅତି ଯତ୍ନକରି
ମୃତ୍ତିକା ଘଟଣ ପଞ୍ଚଆତ୍ମା ଅଛି ପୂରି ।
ଆପ ତେଜ ବାୟୁ ପୁଣ ଅନଳ ଆକାଶ
ତାହାଙ୍କ ମୂଳେ ପଚିଶ ପ୍ରକୃତି ପୁରୁଷ ।
ନିରାକାର ଆତ୍ମା ତହିଁ ଅଟଇ ଦେବତା
ସର୍ବଦା ଜ୍ଞାନୀଏ ତାଙ୍କୁ କରୁଥାନ୍ତି ଚିନ୍ତା ।
ମନ ନୟନ ଆବର ପବନ ଚୈତନ୍ୟ
ଏମାନେ ନୁହନ୍ତି ସେହି ପୁରୁଷରୁ ଭିନ୍ନ ।
ଆବର ଦେବତା ସେହି ଅନେକ ଯେ କଲା
ନାରାୟଣ ପଦ ସଙ୍ଗେ ହୋଇଅଛି ମେଳା ।
ପିଣ୍ଡରେ ଧୋଇଲା ଏ ଯେ ସମସ୍ତ ଅଚିନ୍ତା
ଜୀବ ଆତ୍ମା ପୁରୁଷ ଏ ପିଣ୍ଡର କରତା ।
ନ ଜାଣିଲା ପଣେ ପାପ କରଇଟି ସେହି
ଅନେକ ଦୁଃଖ ଜାଣ ସେ ଲଭେ ଆମ୍ଭ ତହିଁ ।
ଦେବତାପଣ ଆମ୍ଭର ସେଠାବରେ ନାହିଁ
ପାପଦଣ୍ଡ ବିହିବାକୁ ଆଜ୍ଞା ଅଛୁ ପାଇ ।
ପିଣ୍ଡରୁ ବାହାର ହୋଇ ପ୍ରାଣ ଯାଏ ଏକା
ଜାଣ ଯେ ଯାହା ସ୍ଥାନକୁ ଯାନ୍ତି ସର୍ବସଖା ।
ପ୍ରାଣ ପୁରୁଷ ଏକାନ୍ତେ ପାନ୍ତି ଦଣ୍ଡ ମଣ୍ଡ
ଯେତେବେଳେ ପୁଣ୍ୟପ୍ରାପ୍ତ ହୁଅଇ ସେ ପିଣ୍ଡ ।
ତେତେବେଳେ ମିଳନ୍ତି ଯେ ଆସି ଶଖାଗଣ
ଏମନ୍ତ ପ୍ରକାରେ ଜାଣ ବେଦର ଭିଆଣ ।
ପରମାତ୍ମା ପୁରୁଷ ନ ଆସେ ସଞ୍ଜୀବନୀ
ସଂସାରରେ ସେ ଦୁର୍ଲଭ ତା ଭାବ ନ ଜାଣି ।
ପ୍ରାଣ ପୁରୁଷକୁ ଆମ୍ଭେ ଭଲ ମନ୍ଦ ବିହୁ
ତୁମ୍ଭ ଛାମୁରେ ସ୍ୱରୂପ କଥା ଆମ୍ଭେ କହୁ ।
ଏଗାରଲକ୍ଷ ସଇନ୍ୟ ବସିଛନ୍ତି ଦ୍ୱାରେ
ନାନାବିଧ ଶସ୍ତ୍ରମାନ ଧରିଛନ୍ତି କରେ ।

Digitized by srujanika@gmail.com

କୁଦାକୁଦା ହୋଇକରି ବସିଣ ଅଛନ୍ତି
ଯେଉଁପରି ଭୂତମାନେ ରାତ୍ରିରେ ଦିଶନ୍ତି ।
ସେହି ସଦୃଶରେ ବସିଥିଲେ ଯେ ଦୁଆରେ
ତାଙ୍କୁ କହିକରି ଆମ୍ଭେ ପଶିଲୁ ଭିତରେ ।
ଖଣ୍ଡେ ଦୂରରେ ଦେଖିଲୁ ପୁଣି ବିପରୀତ
ତହିଁର ଚରିତ ଶୁଣ ହୋଇ ଏକଚିତ୍ତ ।
ଉତ୍ତାନଶାୟୀରେ ପୁରୁଷେକ ଅଛି ପଡ଼ି
ସ୍ତିରୀ ଗୋଟାଏ ତାହାର ବସିଅଛି ମାଡ଼ି ।
ଉଲଗ୍ନଶାୟୀ ହୋଇ ଯେ ପଡ଼ିଛି ପୁରୁଷ
ବିପରୀତ ମୂର୍ତ୍ତି ତାର ଦିଶଇ ଭବିଷ୍ୟ ।
କର ଚରଣରେ ମାଡ଼ିଅଛି ଚାରିକଳା
ଗଳାରେ ଦଉଡ଼ି ତାର କେଶ ଯେ ମୁକୁଳା ।
ତା ବୁକୁରେ ସ୍ତିରୀ ଗୋଟା ବସିଅଛି ମାଡ଼ି
ସେ ବାଳମୁକୁଳା ତାର ଅଙ୍ଗେ ନାହିଁ ଶାଢ଼ି ।
ତୀକ୍ଷ୍ଣ ନଖ ତାହାର ଯେ ବିକଟ ବଦନ
ବଡ଼ ବଡ଼ ଦାନ୍ତ ରଟମଟ ଯେ ନୟନ ।
ପୁରୁଷ ହୃଦରୁ ମାଂସ କାଟି ଅନୁବ୍ରତେ
ନଖରେ ଛିଡ଼ାଇ ତାହା ଚୋବାଉଛି ଦାନ୍ତେ ।
ରକତରେ ଜରଜର ତା ଦ୍ୱନ୍ତ ଅଧର
ଯେତେ ଖାଉଥିଲେ ନାହିଁ ସନ୍ତୋଷ ତାହାର ।
ଆନଠାରେ ଆଉ ତାର କାହିଁ ନାହିଁ ଦୃଷ୍ଟି
ଅନବରତରେ ଖାଏ ତା ମାଂସ ରକଟି ।
ତାହା ଦେଖିକରି ଆମ୍ଭେ ଦୂତଙ୍କୁ ପଚାରି
ଏଡ଼େ ନିର୍ଦ୍ଦୟ ନିଷ୍ଠୁର ଅଟଇ ଏ ନାରୀ ।
ପୁରୁଷ ଗୋଟାକୁ ଏ ତ ମାଡ଼ି ବସିଅଛି
ବାସେଳୀ ରୂପେ ରକଟି ମାଂସ ଭକ୍ଷୁଅଛି ।
ପୁରୁଷ ହୋଇଣ କିମ୍ପା ପଡ଼ିଅଛି ତଳେ
ସ୍ତିରୀକି ଲେଉଟାଇ ନ ପାରେ ନିଜ ବଳେ ।
ଏସନକ ବିଡ଼ମ୍ବନା କିମ୍ପା ହୋଇଅଛି
ପୁରୁଷ ମାଂସ କିମ୍ପା ଏ ଯୁବତୀ ଭକ୍ଷୁଛି ।
ସେଥିର ଚରିତ ଆହେ ବସିକରି କହ
ଡଗରା ବୋଇଲେ ଋଷି ସାବଧାନ ହୁଅ ।
ଏହି ଦୁହେଁ ଅଟନ୍ତି ଯେ ଗୃହସ୍ଥ ଭାରିଯା
ଜାତିରେ ଶୂଦ୍ରର ବୃତ୍ତି ଏହାର ପରିଜା ।
କଞ୍ଚିକା ଶାସନେ ଅଟେ ଏହାଙ୍କର ଘର
ଏହି ପୁରୁଷର ନାମ ଅଟଇ ଶ୍ରୀଧର ।
ମରୁଆ ନାମେଣ ଏହି ଏହାର ଯୁବତୀ
ମେରୁ ନାମେଣ ଏହାର ଥିଲା ଉପପତି ।
ସେ ପୁରୁଷଠାରେ ଏହୁ ବଢ଼ାଇଲା ପ୍ରୀତି
ସ୍ୱାମୀକି ଲୁଚାଇ ଏହୁ କରେ ଚୋରାପ୍ରୀତି ।
ଗୃହସ୍ଥ ଆଗରେ ଥାଏ ସତ୍ୟବ୍ରତ ପାଳି
ବୋଲଇ ପଶିବି ତୁମ୍ଭେ ମଲେ ଜୁଇ ଜାଳି ।
ସବୁରି ଆଗରେ ଏହା ନିତ୍ୟ କହୁଥାଇ
ସ୍ୱାମୀ ମଲେ ଅନଳରେ ପଶିବଇଁ ମୁହିଁ ।
ଗୃହସ୍ଥ ତାହାର ମନେ ହେଉଥାଇ ଭଣି
ପର ପୁରୁଷ ବଦନ ନ ଚାହିଁବ ପୁଣି ।
ଅଯୋଗେ ଅନାଇଁ ଦେଲେ ସ୍ନାହାନ କରଇ
ଏହା ସମ ସତୀନାରୀ ଖୋଜିଲେ ନ ପାଇ ।
ପଡ଼ିଶା ବନ୍ଧୁ ବସାଇ ଯେବେ ମୁହିଁ ଭୁଞ୍ଜି
ଭାତ ପରଷଇ ଏହୁ ବେନି ଆଖି ବୁଜି ।
ପତିବ୍ରତା ବ୍ରତ ଯେଣୁ ଅଛି ଏ ଆବୋରି
ଏହି ସେ ମୋତେ ସଂସାରୁ ନେବ ପାରିକରି ।
ପତ୍ନୀର ଯୋଗୁଁ ପୁରୁଷେ ପାଆନ୍ତି ସଦ୍‌ଗତି
ପୁରୁଷଙ୍କ ଦୋଷକୁ ନ ଘେନେ ଜନ୍ତୁପତି ।
ଏହିପରି ମନମଧ୍ୟେ ବିଚାରି ଶ୍ରୀଧର
ନ କଲା ସେ କିଛି ସତ୍ୟଧର୍ମ ସେ ଆଚାର ।
ଭାରିଯା ତପକୁ ଆଶ୍ରାକରି ସେ ପୁରୁଷ
ନ କଲାକ ଦାନ ପୁଣ୍ୟବ୍ରତ ଉପବାସ ।
ସମୟକେ ସେହି ପୁଣି ଛାଡ଼ିଲା ପରାଣ
ବାନ୍ଧି ନେଇଗଲେ ଶମଶାନ ଭୂମିରେଣ ।
ସାହି ପଡ଼ୋଶିନୀମାନେ ବଡ଼ ଅସହିଣୀ
କହିଲେ ଏମନ୍ତ ତାର ଭାରିଯାକୁ ପୁଣି ।
ବୋଲୁଥାଉ ସ୍ୱାମୀ ମଲେ ଯିବି ତାର ତୁଲେ
ଏବେ ତ ନିସତ ହେଲୁ ସ୍ୱାମୀ ମୃତ୍ୟୁକାଳେ ।
ମରୁଆ ବୋଇଲା ମୁହିଁ କାହିଁକି ନଯିବି
ସ୍ୱାମୀର ବିହୁନେ ଏହି ପ୍ରାଣ ନ ରଖିବି ।
ଦେଖ ମୋର ସତ୍ୟ ପଶିବଇଁ ହୁତାଶନେ
ଏତେ ବୋଲି ସେ ସାହସୀ ବାହାରିଲା ତାନେ ।
ସ୍ୱାମୀକି ସଙ୍ଗେ ଘେନିଣ ପଶଇ ବହନି
ଲୋକଙ୍କ ମତରେ ସେହି ଦୋଚାରୀ ଅଜ୍ଞାନୀ ।
ସ୍ୱାମୀକି ସଙ୍ଗେ ଘେନିଣ ଗଲା ସଂଯମିନୀ
ଯମ ବୋଲେ ପାପପୁଣ୍ୟ କି କଲେ ଏ ବେନି ।
ଚିତ୍ରଗୁପତ ଯେ ଶାସ୍ତ୍ର ବିଚାର କରନ୍ତେ
ଆତ୍ମଘାତୀ ଦୋଷ ଯାକୁ ଲାଗିଲା ଯୁକତେ ।
ଯମ ଆଜ୍ଞା ଦେଲେ ଏହୁ ଆତ୍ମଦ୍ରୋହ କଲା
ଅସତୀ ହୋଇ ଯେ ସ୍ୱାମୀ ଚିତାରେ ପଶିଲା
ଯେବେ ସତୀବ୍ରତ ଏହି ଥାଆନ୍ତା ଆବୋରି
କିମ୍ପା ଆସନ୍ତା ଏ ନାରୀ ସଞ୍ଜୀବନୀ ପୁରୀ ।
ସ୍ୱାମୀକୁ ଘେନିଣ ସେହି ବୈକୁଣ୍ଠକୁ ଯାତ୍ରା
ଏହି ଦୋଚାରୁଣୀ କରିଅଛି ଅନ୍ୟ ଭର୍ତ୍ତା ।

Digitized by srujanika@gmail.com

ଏଥକୁ ସେ ଆନ ଦଣ୍ଡ ବିହିବାକୁ କିସ
ସେହି ପତିର ଏ ନାରୀ ଭକ୍ଷୁଥାଉ ମାଂସ ।
ଏ ସଞ୍ଜୀବନୀ ଉତ୍ତର ଦିଗ ଗଡ଼ଦ୍ୱାରେ
ସ୍ୱାମୀକି ଏ ଭକ୍ଷୁଥାଇ ବାସେଳୀ ପ୍ରକାରେ ।
ତେଣୁ ସେ ଯୁବତୀ ଖାଉଅଛି ଏହା ପିଣ୍ଡ
ସ୍ୱରୂପ ବଚନ ଜାଣ ଋଷି ମାରକଣ୍ଡ ।
ଏହା ଶୁଣି ଆମ୍ଭେ ଯମ ଦୂତଙ୍କୁ ପଚାରି
ଏହି ଯୁବତୀ ଯଦ୍ୟପି ହୋଇଲା ଦୋଚାରୀ ।
ସେ ଦୋଷକୁ ହାଦେ ତାକୁ ଏହି ଶାସ୍ତି କଲେ
ଅଦୋଷୀ ଏ ପୁରୁଷକୁ କିମ୍ପା ଦଣ୍ଡ ଦେଲେ ।
ଏହି ତେବେ କେଉଁ ପାପ ଅରଜିଛି ପୂର୍ବେ
ଜୀଅନ୍ତାରେ କଲବଲ ହେଉଅଛି ଏବେ ।
ଏଥିର ଚରିତ କହିଲେକ ଯମଗଣେ
କହନ୍ତି କାଳ ବିକାଳ ଶୁଣିବା ଆପଣେ ।
ସେହି ପୁରୁଷ ଗୋଟି ଯେ ପୂର୍ବ ଜନ୍ମକାଳେ
ଛାଗଳ ଗୋଟିଏ ଧରି ମୋଡ଼ିଲାକ ବଳେ ।
ପଡ଼ିଶା ଘରର ଅଟେ ସେହି ଛେଳି ଗୋଟି
ଚଉର୍ଯ୍ୟପଣ କରିଣ ଖାଇଲା ତା କାଟି ।
ପଶୁ ଜନ୍ମରୁ ଛାଗଳ ଗୋଟି ହେଲା ମୋକ୍ଷ
ମନୁଷ୍ୟ ରୂପକୁ ଧରି ଜନ୍ମିଲା ପ୍ରତ୍ୟକ୍ଷ ।
ମରୁଆ ନାମେଣ ସେହୁ ସ୍ତିରୀ ରୂପେ ଶୋଭା
ସେହି ଶୂଦ୍ର ଶିରୀଧର ହେଲା ତାକୁ ବିଭା ।
ଏହି ଯୁବତୀ ଧଇଲା ପୂର୍ବର ପ୍ରକୃତି
ମନୁଷ୍ୟ ରୂପକୁ ଧରି କଲା ଚୋରା ରତି ।
ତାହାର ମାଂସ ଯେ ଭକ୍ଷିଥିଲା ଏ ପୁରୁଷ
ତେଣୁ ଏ ଯୁବତୀ ହୋଇ ଖାଉଛି ତା ମାଂସ ।
ଯେ ଯାହା କରିଥାଇ ସେ ଅବଶ୍ୟ ତା ପାଇ
ଋଣ ଆଣିଥିଲେ ଯେହ୍ନେ କଳନ୍ତର ଦେଇ ।
ସେହିମତି କରି ପୁଣି ଶୁଝଇଟି ସେହୁ
ଦଇବ ଘଟନ ଆନ କରିବ ବା କେହୁ ।
ଏହା ଦେଖି ଯହୁଁ ଆମ୍ଭେ ଥିଲୁ ଖଣ୍ଡେ ଦୂର
ବିପରୀତ ଦେଖିଲୁ ହେ ପୁଣି ନୃପବର ।
ଯୋଜନେକ ଉତ୍ସର୍ଗ ଯେ ଶିମିଳୀ ବୃକ୍ଷଟା
ତାଳପତ୍ର ନାହିଁ ଦେହେ କେବଳ ଯେ କଣ୍ଟା ।
ତିନିଶ ଗଜ ଦଉଡ଼ି ମୋଟ ଯେ ଦୋସରି
ତୀକ୍ଷଣମୁନା ତାକୁଡ଼ିର କଣ୍ଟା ମୁନ ସରି ।
ଅତିଅନ୍ତ ଉଚ୍ଚ ପୁଣି ବୃକ୍ଷାଳ ଆରମ୍ଭ
ତାଳପତ୍ର ନାହିଁ ତାର ଯେସନେକ ଖମ୍ବ ।
ଅନେକ ଯୁବତୀ ତହିଁ ଅଛନ୍ତି ଯେ ଜଡ଼ି
କୋଳାଗ୍ରତ କରିବାକୁ ହସ୍ତରେ ଯେ ଭିଡ଼ି ।
ଅଛନ୍ତି ମୂଳରୁ ଶାଖାଯାଏ ନିଜଘରେ
ତୀକ୍ଷଣ କଣ୍ଟାମାନ ଭେଦିଅଛନ୍ତି ଶରୀରେ ।
ମୁଖ ମଣ୍ଡଳ ହୃଦୟ ଆଦି ପେଟ ଅଣ୍ଟା
ଜାନୁ ଚରଣରେ ଲାଗିଅଛି ସେହି କଣ୍ଟା ।
ରଜ୍ଜୁ ବିହୀନେ ହୋଇଛି ଇଚ୍ଛାରେ ବନ୍ଧନ
ମୁଖକତି କଣ୍ଠପିଠି ଫୁଟିଅଛି ମୁନ ।
ବସନ ବିହିନେ ସର୍ବେ ଉଲଗନ ତହିଁ
ଏକର ଶିରେ ଆରେକ ନାରୀ ଅଛି ରହି ।
ଏମନ୍ତ ଅନେକ ସ୍ତିରୀ ନ ଯାଇ ଗଣିତା
କଣ୍ଟାତରୁ ଆଶ୍ରେକରି ଅଛନ୍ତି ବନିତା ।
ନିର୍ଦ୍ଦୟ ଚଣ୍ଡାଳ ପୁଅ ନିରପେକ୍ଷ ହାଡ଼ି
ବୁଲାଇ ପିଟନ୍ତି ଚଉକତି ଲୁହାବାଡ଼ି ।
ଉଚ୍ଚ ଯୁବତୀମାନଙ୍କୁ ଫିଙ୍ଗଇ ପଥର
ସବୁରି ଅଙ୍ଗରୁ ରକ୍ତ ବହେ ଝରଝର ।
ଶରୀର ଆକୁଳ ହୁଏ ଲାଗି କଣ୍ଟାମାନ
ରୁଧିରରେ ଜର ଜର ଦିଶେ ରଙ୍ଗବର୍ଣ୍ଣ ।
ବିକାଳ ବୋଇଲା ଶୁଣ ଆହେ ମୁନିବର
ଉଗ୍ରସେନ ଖମ୍ବ ଏଟି ଦିଶଇ ଆଗର ।
ଅନେକ ଯୁବତୀ ତହିଁ ଅଛନ୍ତି ଯେ ଜୋଡ଼ି
ନିରପେକ୍ଷ ଚାଣ୍ଡାଳ ଯେ ପିଟେ ଲୁହାବାଡ଼ି ।
ସେ ହେତୁ ବିକଳ ହେଉଅଛନ୍ତି ଯୁବତୀ
ଏଥିର ଚରିତ ଆହେ ଶୁଣ ମହାଯତି ।
ଅନେକ କାଳରେ ସ୍ୱାୟମ୍ଭୁବ ମନ୍ୱାନ୍ତରେ
ଅସ୍କନ୍ଧ ନାମରେ ଇନ୍ଦ୍ର ବସେ ସ୍ୱର୍ଗପୁରେ ।
କାଞ୍ଚନଲତା ନାମରେ ତାହାର ନନ୍ଦିନୀ
ଅପୂର୍ବ ସୁନ୍ଦରୀ ସେହୁ ତ୍ରୈଲୋକ୍ୟ ମୋହିନୀ ।
ନାହିଁ ତାକୁ ପଟାନ୍ତର ତ୍ରିଭୁବନେ ଆନ
ରୂପ ଗୁଣ ବୟସରେ ଦିଶେ ସେ ଲାବଣ୍ୟ ।
ଅବିବାହୀ ହୋଇ ସେହି ଥାଏ ସ୍ୱର୍ଗପୁରେ
ଖଟନ୍ତି ସହସ୍ରେ ପରିବାରୀ ତା ପୟରେ ।
କେତେହେଁକ ଦିନେ ସେହି ସୁରପତି ବାଳୀ
ନନ୍ଦନ ବନକୁ ଗଲାବେଳେ ପୁଷ୍ପ ତୋଳି ।
ସହସ୍ରେକ ପରିବାରୀ ଅଛନ୍ତି ତା ମେଳେ
ବିପିନେ ପଶି ବୁଲନ୍ତି ସେହୁ କୁତୂହଳେ ।
ନାନାବିଧ ଫଳ ପୁଷ୍ପ ତୋଳନ୍ତି ଯୁବତୀ
ଜେମାଙ୍କ ସଙ୍ଗେ ଥିବାରୁ ନାହିଁ ତାଙ୍କ ଭୀତି ।
ତୋଟା ଅଧିକାରୀ ଅଟେ ବିଶ୍ୱକର୍ମା ବସି
ସୁର ନରମାନଙ୍କୁ ସେ ବନେ ଜଗିଛନ୍ତି ।
ନନ୍ଦନ ବନରେ ବୁଲୁଥିଲା ଏକାନ୍ତରେ
କାଞ୍ଚନଜିତା କନ୍ୟାକୁ ଦେଖିଲା ନେତ୍ରରେ ।

Digitized by srujanika@gmail.com

କନ୍ୟା ରୂପ ଦେଖି ସେହି ବିଶ୍ୱକର୍ମା ସୁତ
ମଦନ ଶର ଜ୍ୱାଳାରେ ହେଲା ମୋହଗତ ।
ଲଜ୍ଜା ଦୂରକରି ଯାଇ ଓଗାଳିଲା ଆଗେ
କନ୍ୟାକୁ ମୃଦୁ ବଚନେ ବୋଇଲା ସୁଆଗେ ।
ଉଗ୍ରସେନ ବୋଇଲାକ ଶୁଣସିରେ ସଖୀ
ମଦନ ଶରାଘାତରେ ହେଲି ମୁଁ ନିର୍ମାଖୀ ।
ମଦନ ଅନଳେ ପୋଡ଼େ ମୋର ଅପଘନ
ତୋ ରୂପ ସାଗରେ ମୁହିଁ କରିବଇଁ ସ୍ନାନ ।
ତୋହର ତହିଁ ଅଛଇ ସ୍ୱର୍ଗ ତୀର୍ଥଫଳ
ଦିଶେ ପୂର୍ଣ୍ଣଚନ୍ଦ୍ର ପ୍ରାୟେ ତୋ ମୁଖ ନିର୍ମଳ ।
ଅମିୟ ରସକୁ ଜିଣି ବଚନ ତୋହରି
ଅଧରକୁ ବିମ୍ବଫଳ ନୁହେଁ ସମସରି ।
ଶ୍ରବଣରେ ରତ୍ନକାପ ଜିଣେ ରସାମଣି
ଶୀତଳ ମୋତିବର ତୋ ନାସାର ବସଣି ।
ପବିତ୍ର ପୂର୍ଣ୍ଣଜଳ ତୋ ଲୋଚନ ତରଙ୍ଗ
ସିନ୍ଧୁ ଶିଖା ପ୍ରାୟେ ଦିଶେ ତୋହର ଅପାଙ୍ଗ ।
ତୋ ହୃଦ ହେମଲତାରେ ସୁଧାଫଳ ସ୍ଥାନ
ତୋହର ଗୁଣ ସାଗରେ ବୁଡ଼ିଲା ମୋ ମନ ।
କମଳ ମୃଣାଳ ଜିଣି ତୋର ବେନି ବାହୁ
ତାଡ଼ ଚୂଡ଼ୀ ମୁଦ୍ରିକାରେ ଦିଶେ ଦାଉ ଦାଉ ।
ଗଜରି ମଝା ତୋହର ସୁଘଟନ ପିଠି
ଲାବଣ୍ୟ ଗୁଣର ନିଧି ତୋର ରୂପଗୋଟି ।
ଉଲଟ କଦଳୀ ସମ ତୋର ଜାନୁ ବେନି
ଧନ୍ୟ ତୁ ଜନ୍ମିଲୁ ସୁରପୁରେ ଦେହ ଘେନି ।
ତୋହର ରୂପକୁ ଦେଖି ହୋଇଲଇଁ ବାଇ
ମୋହର ପ୍ରାଣକୁ ରଖ ଶରଚନ୍ଦ୍ରମୁହିଁ ।
ସୁରତି ଦାନ ଦେଇ ତୁ ମୋର ପ୍ରାଣ ରଖ
ଏତେକ ବୋଲି କନ୍ୟାକୁ ଧଇଲା ସେ ମୂର୍ଖ ।
ଅନୂଢ଼ା କନ୍ୟା ସେ ପୁଣ ସ୍ୱଭାବେ ଅବଳା
ନ ଜାଣଇ ସୁରତିର ସୁଖ ରସ କଳା ।
କୁମର ଧରନ୍ତେ ସେହି ଅସୁଖ ମଣିଲା
ଛାଡ଼ ଛାଡ଼ ବୋଲିକରି ଉଚ୍ଚେ ଡାକ ଦେଲା ।
କାଞ୍ଚନଜିତା ବୋଲେ ନ ଧର ମୋତେ ଛାଡ଼
ବିଦ୍ୟାଧର ହୋଇଣ ତୁ ଅଟୁ ବଡ଼ ରାଢ଼ ।
ମୁହିଁ ରାଜଜେମା ଇନ୍ଦ୍ର ରାଜାର ଦୁଲାଳୀ
ଆମ୍ଭର ଭୃତ୍ୟ ଅଟୁ ତୁ ଗୋଟା ରଖୁଆଳି ।
ଏଡ଼େକ ଭରସା ତୋର କେବଣ ଗରବ
କି ତୋହର ଲଜ୍ଜା ଜ୍ଞାନ ହାରିଲା ଦଇବୁ ।
ଲାଜ ଭୟ ଜ୍ଞାନମାନ ତୋର କିଛି ନାହିଁ
ଅଜ୍ଞାନେ ମୋତେ ରେ ମୂଢ଼ ଧଇଲୁ କିମ୍ପାଇଁ ।

ଏତେ ବୋଲି କୁମରକୁ ପକାଇଣ ଦେଲା
ବେଢ଼ି ମାର ବୋଲିକରି ସଖୀଙ୍କି କହିଲା ।
କନ୍ୟାର ଆଜ୍ଞା ପାଇଣ ଯୁବତୀ ସକଳ
ଉଗ୍ରସେନ ଗନ୍ଧର୍ବକୁ ବେଢ଼ି କଲେ ଗୋଳ ।
ଯୁବତୀମାନଙ୍କ ମେଳି ଦେଖି ଉଗ୍ରସେନ
ଏକ କାନକୋଳି ବୃକ୍ଷ ଉପାଡ଼ି ବହନ ।
ଗୋଡ଼ାଇ ନାରୀଙ୍କି ପିଟେ ଛାଟେକ ଘେନିଣ
କଣ୍ଟା ବାଜି ସମସ୍ତଙ୍କ ଦେହି ବିଦାରିଣ ।
କାଞ୍ଚନଜିତାକୁ ସେହୁ ରୋଷେ ଛାଟେ ପିଟି
ରୁଧିର ବହଇ ସୁକୁମାର ଅଙ୍ଗ ଫୁଟି ।
ଭୟରେ ପଳାଇ ଗଲେ ସକଳ ଯୁବତୀ
ଗୋଡ଼ାଇଣ ଉଗ୍ରସେନ ପିଟେ ପଛକତି ।
ବିପିନ ମଧ୍ୟେ ରହିଲେ ସେହୁ ଏକା ହୋଇ
ଯୁବତୀମାନେ ସେଠାରୁ ଗଲେକ ପଳାଇ ।
ସୁରପତି ଆଗେ କାନ୍ଦି କହିଲେ ସଭିଏଁ
ସାବଧାନ ହୋଇଶୁଣ ଆହେ ସୁରରାୟେ ।
କାଞ୍ଚନବତୀ କନ୍ୟା ସେ ସସ୍ର ବାଳୀ ମେଳେ
ନନ୍ଦନ ବନରେ ଫୁଲ ତୋଳୁ ସୁଖଭୋଳେ ।
ଉଗ୍ରସେନ ଗନ୍ଧର୍ବ ସେ ଓଗାଳିଲା ଆସି
ତୁମ୍ଭ ନନ୍ଦିନୀଙ୍କି ବଳେ ଧଇଲା ଆକର୍ଷି ।
ଆମ୍ଭେମାନେ ସର୍ବେ ଦେଖି କଲୁ ମହାଗୋଳ
ତହିଁକି ହୋ ଛାଟ ଘେନି ପିଟିଲା ସକଳ ।
କାନକୋଳି କଣ୍ଟାଡାଳେ ପିଟିଲା ସବୁନ୍ତି
କଣ୍ଟାରେ ଦେହ ଆମ୍ଭର ହୋଇଲା ବିକର୍ତ୍ତି ।
ତାହା ଶୁଣି ସୁରପତି ତହୁଁ କୋପ କଲେ
ଉଗ୍ରସେନ ଗନ୍ଧର୍ବକୁ ଅଭିଶାପ ଦେଲେ ।
ବୋଇଲେ ପାପିଷ୍ଠ ମୋର ତୋଟାରେ ନଥାଉ ।
ସଂଯବନୀ ବନେ କଣ୍ଟାବୃକ୍ଷ ହୋଇ ରହୁ ।
କଣ୍ଟା ଘେନି ତୁମ୍ଭଙ୍କୁ ଯେ ପିଟିଲା ଗୋ ବାଳୀ
ଏହି ଅପରାଧରୁ ସେ ହୋଇବ ଶିମୁଳି ।
ବ୍ରହ୍ମା ଦେହ ଥିବାଯାକେ ଦେହେ କଣ୍ଟା ଧରି
ପୋତାହୋଇ ରହିଥିବ ସଂଯିବନୀ ପୁରୀ ।
ଯୁବତୀଙ୍କି ଦେଖି ଯେବେ ବଢ଼ିଲା ତା ସ୍ନେହ
ପାପୀସ୍ତିରୀମାନେ ଲାଗିଥିବେ ତାହା ଦେହ ।
ସ୍ତନ ଯୋନିମୁଦ୍ରା ଲାଗିଥିବ ତାର ଅଙ୍ଗେ
ଅନୁକ୍ଷଣେ ବହୁଥିବ ରୁଧିର ସର୍ବାଙ୍ଗେ ।
କଣ୍ଟାରେ ଯୁବତୀଙ୍କର ଦେହ ଥିବ ଜଡ଼ି
ଉପରେ ଚାଣ୍ଡାଳ ପିଟୁଥିବେ ଲୁହାବାଡ଼ି ।
ଏହିପରି ଶାପ ଯହୁଁ ଦେଲେ ଭଗବାନ
ତେଣୁ ଶିମୁଳି ବୃକ୍ଷ ଯେ ହେଲେ ଉଗ୍ରସେନ ।

Digitized by srujanika@gmail.com

ଜନ୍ତୁପତି ଏ ବୃକ୍ଷର ଶାଖାମାନ ଛେଦି
ପାଶ ଦଉଡ଼ିରେ ଅଛି ଯୁବତୀଙ୍କି ବାନ୍ଧି ।
ନିରପେକ୍ଷ ହାଡ଼ି ଅଟେ ଏହା ରଖୁଆଳ
ଉଗ୍ରସେନ ଦଣ୍ଡ ଏହୁ ଜାଣ ତପଶୀଳ ।
ଯେଉଁ ସ୍ତିରୀମାନେ ସ୍ୱାମୀଠାରେ ଅଭକତ
ପରପୁରୁଷକୁ ଦେଖି ବଳେ ଯାହା ଚିତ୍ତ ।
ଅନବରତେ କାମରେ ଯାର ଥାଇ ମତି
ଗୁରୁଜନେ ନିନ୍ଦେ ଯେହୁ ପରରେ ଭକତି ।
ପତିକି ନ ସେବି ଯେହୁ ସେବଇ ଦେବତା
ବହୁ ଶ୍ରଦ୍ଧା ଯାହାର ଦେଖିବାକୁ ଯାତ୍ରା ।
ବିବାଦ ଆବୋରି ଯେହୁ କଳି ଇଚ୍ଛୁଥାଇ
ପରପୁରୁଷକୁ ପରିହାସେ ଯେ କହଇ ।
ସ୍ୱାମୀକୁ ନିନ୍ଦି ଯେ କରେ ପରକୁ ପ୍ରଶଂସା
ଶାଶୂ ଶ୍ୱଶୁରଙ୍କୁ ଯେହୁ ବୋଲଇ କୁଭାଷା ।
ଗୃହସ୍ଥକୁ ବୁଝାଇ ଯେ ଛିଦ୍ର କଥାମାନ
ପୂର୍ଣ୍ଣ ଗୃହକୁ ଭାଙ୍ଗି ଯେ କରେ ଭିନ୍ନ ଭିନ୍ନ ।
ତୁକାର ଭାଷା ଯେ ନାରୀ କହଇ ପତିକି
ସେବା କରିବାକୁ ଯେହୁ ନ ଯାଏ କତିକି ।
ମିଛେ ପକାଏ ଯେ ଜଗନ୍ନାଥଙ୍କର ରାଣ
ପୁତ୍ରର ମୁଣ୍ଡ ଛୁଇଁ ଯେ ରଖେ ନିଜଟାଣ ।
କଳି କରିବାକୁ ଯେହୁ ଉଠେ ବୀର ହୋଇ
ସ୍ୱାମୀଙ୍କୁ ପଛ କରିଣ ଆପଣେ କୁହଇ ।
ମାଗନ୍ତା ଜନକୁ ଯେହୁ କରଇ ନିରାଶ
ବନ୍ଧୁ କୁଟୁମ୍ବକୁ ଯେହୁ ନ ବସାଏ ପାଶ ।

ମିଛେ କଳି ଲଗାଏ ଯେ କୁଳବଧୂ ତୁଲେ
ଖାଇବାକୁ ପିଇବାକୁ ନ ଦିଅଇ ଭଲେ ।
ସ୍ୱାମୀକି ଯେବଣ ସ୍ତିରୀ କରାନ୍ତି ବିମୁଖ
ଆପଣା ଆଚାରେ ରଖି ଦିଏ ପୁଣି ଦୁଃଖ ।
ପାପବୁଦ୍ଧି ଆଚରି ଯେ ଉଚ୍ଛିଷ୍ଟ ଖୁଆନ୍ତି
ସର୍ବଦା ଯେ କଟୁକଥା ସ୍ୱାମୀକି କହନ୍ତି ।
ସପତଣୀର ଆଶାକୁ ଖଣ୍ଡନ୍ତି ଯେ ସ୍ତିରୀ
ପରର ପଦାର୍ଥ ଯେହୁ ଆଣେ ଚୋରିକରି ।
ପରଗୃହ ଛିଦ୍ରକଥା ପକାଏ ଯେ ନିତି
ପରକୁ ବାଛୁଥାଏ ଯେ ଆପଣେ ଅସତୀ ।
ରଜଃବତୀ ହୋଇ ଯେହୁ ପୁରୁଷ ଛୁଅଇଁ
ଅଶୁଚିମନ୍ତ ହୋଇ ଯେ ପାକଶାଳେ ଯାଇ ।
ଘରର ଝାଟୁଆ ଯେହୁ ପୂରାଏ ଚୁଲିରେ
ସୁବେଶ ହୋଇଣ ଯେହୁ ବୁଲଇ ଦାଣ୍ଡରେ ।
ଆତ୍ମଘାତୀ ହୋଇ ଯେହୁ ମରେ ଅଭିମାନେ
ସାହସ କରି ପଡ଼ଇ ଯେହୁ ହୁତାଶନେ ।
ଜନ୍ତୁ ବଧିବାକୁ ଯେହୁ ନ କରଇ ଭୟ
ଭୋକୀ ଶୋଷୀ ଦେଖି ଯେହୁ ହୁଅଇ ନିର୍ଦ୍ଦୟ ।
ମାଉଁସ ରାନ୍ଧି ଭକ୍ଷନ୍ତି ଯେବଣ ଯୁବତୀ
ଦୁଃଖ ସମୟରେ ଯେହୁ ସ୍ୱାମୀକି ଲେଛନ୍ତି ।
ଦୁଃଖ ଦୁହିତାକୁ ଦିଏ ଅଦୋଷେ ଯେ ଗାଳି
ଅନୁଚିତ କାରଣେ ଯେ କରୁଥାନ୍ତି କଳି ।
ଏମନ୍ତ ଯୁବତୀକି ଯେ ଉଗ୍ରସେନ ଦଣ୍ଡ
କଣ୍ଟାରେ ତାହାର ଗୁନ୍ଥି ଦେଉଥାନ୍ତି ପିଣ୍ଡ ।

ସ୍ୱାମୀ ଦ୍ରୋହୀ ପରପୁରୁଷରତା ସ୍ତ୍ରୀମାନଙ୍କ ପ୍ରତି ଯମଦଣ୍ଡ

Digitized by srujanika@gmail.com

ବସ୍ତ୍ର ବିହୀନେ ଯେ ଦିଶୁଥାଇ ସର୍ବରୂପ
କ୍ଷୁଧା ତୃଷା ବ୍ୟାଧି ପୁଣି ଚଣ୍ଡାଳର କୋପ ।
ଏତେକ ଅବସ୍ଥାମାନ ସହେ ସେ ଯୁବତୀ
ନ ଜାଣି ସଂସାରେ ଯେହୁ ପାପ ଅରଜନ୍ତି ।
ଯେଉଁ ପୁତ୍ରବତୀ ନାରୀ ସଦଜ୍ଞାନ ଜାଣି
ବାଳକାଳେ ଆଶା କରିଥାଏ ନିଶାମଣି ।
ଯୁବା ବୟସରେ ସେବେ ପତିର ପାଦରେ
ଗୃହସ୍ଥକୁ ଦେବ ପ୍ରାୟେ ମଣଇ ହୃଦରେ ।
ସକଳ କର୍ମ ଧର୍ମ ଯେ ବିଧିମତେ କରି
ଗୁରୁଜନମାନଙ୍କୁ ସେ ମନେ ଭୟକରି ।
ପୁତ୍ର ଦୁହିତା ଆଦି ସେ କୁଟୁମ୍ବ ପାଳିବ
ସକଳ ଅନୁକ୍ରମରେ ଦେବ ଦିଆଇବ ।
ପରପୁରୁଷଙ୍କୁ ଦେଖୁଥିବ ପିତା ସମ
ଜନ୍ତୁଙ୍କୁ ନ ବଧିବା ଯେ ସ୍ତିରୀଙ୍କର ଧର୍ମ ।
ସ୍ୱାମୀର ଅନ୍ତେ ଯେବେ ସେ ଦେହ ଧରିଥିବ
ବୃଦ୍ଧ ସମୟରେ ତେବେ ବିଷ୍ଣୁଙ୍କୁ ସେବିବ ।
ଚିନ୍ତିବ ହରିଙ୍କ ନାମ କରି ଏକାଦଶୀ
ତରିଯିବ ସଂସାରରୁ ହେବ ସ୍ୱର୍ଗବାସୀ ।
ଏଥି ଉତ୍ତାରୁ ଶୁଣିବା ହେଉ ମୁନିବର
ଉଗ୍ରସେନ ପଛେ ଅଛି ଯେଉଁ ସରୋବର ।
ଡାହାଣେ ଦିଶେ କଂସାର ଯେଉଁ ଚାରି ହୁଡ଼ା
ବିବିଧ ତରୁଶାଖା ଯେ ଗଗନକୁ ବଢ଼ା ।
ତହିଁର ଭିତରେ ଯେଉଁ ପୁର ପଞ୍ଚତାଳ
ଯୋଜନେକ ଆୟତନେ ପୂରିଅଛି ଜଳ ।
ନିର୍ମଳ ସଲିଳ ଯହୁଁ ଦିଶେ ପରଚଣ୍ଡ
ନାମ ତାହାର ଅଟଇ ସେ ଦୁର୍ବାସା କୁଣ୍ଡ ।
ଫୁଟଇ ବହୁ କୁମୁଦ ସେହି ସରୋବରେ
ଶାବଳ ପରାୟେ ଜୋକ ଅଛନ୍ତି ଜଳରେ ।
ହିମ ଯୋଗୁଁ ନ ବସନ୍ତି ପକ୍ଷୀଏ ତା କୂଳେ
ଦେଖିବା ଜନର ଭୟ ଜନ୍ମେ ହୃଦସ୍ଥଳେ ।
ପାପୀଜନଙ୍କୁ ବୁଡ଼ାଇ ଅଛନ୍ତି ଯେ ତହିଁ
ତହିଁର ପ୍ରସ୍ତାବ ଶୁଣ ଆହେ ପୁଣ୍ୟଦେହୀ ।
ହିମଗିରି ହିମବନ୍ତ ଋଷିଙ୍କର ସୁତ
ପୁଣି ସମୟେ ଗଉରୀ ହେଲେ ତହୁଁ ଜାତ ।
ପ୍ରତ୍ୟକ୍ଷେ ପାର୍ବତୀ ହେଲେ ବିଶ୍ୱର ଘରଣୀ
ହିମବନ୍ତ ଈଶ୍ୱରଙ୍କୁ ବରିଲା ତା ଜାଣି ।
ବରବେଶ ହୋଇ ଚଳିଗଲେ ତ୍ରୟନେତ୍ର
ଇନ୍ଦ୍ର ଚନ୍ଦ୍ର କୁବେର ଯେ ପବନ ନୈରତ ।
ଯମ ଧର୍ମ ବରୁଣ ଯେ ଅଗ୍ନି ବିଶ୍ୱଦେବ
ଗ୍ରହ ନକ୍ଷତ୍ରକୁ ଆଦିକରି ଯେତେ ଦେବ ।
ବ୍ରହ୍ମା ସହିତେ ବିଜୟେ କଲେ ଋଷିଗଣେ
ଈଶ୍ୱର ଗଉରୀଙ୍କର ବିଭାର କାରଣେ ।
ସକଳ ଦେବତାମାନେ ବସିଛନ୍ତି ବେଢ଼ି
ବ୍ରହ୍ମା ବିଭା କରନ୍ତି ଯେ ବେଦମନ୍ତ୍ର ପଢ଼ି ।
ହିମବନ୍ତ କୋଳେ ଉପଦେବୀ ଛନ୍ତି ବସି
ବ୍ରହ୍ମାର କୋଳରେ ବସିଅଛନ୍ତି ଯେ କାଶୀ ।
ଏମନ୍ତ ସମୟେ ହିମବନ୍ତ ଋଷିବଳା
ହେମବନ୍ତ ନାମରେ ଯେ ଈଶ୍ୱରଙ୍କ ଶଳା ।
ନୃପତି କୁମର ତାର ଗର୍ବେ ପୂର୍ଣ୍ଣମତି
ଉଭା ହୋଇଥିଲେ ଈଶ୍ୱରଙ୍କ ପଛକତି ।
ବ୍ରହ୍ମା ବୋଇଲେ ହୋ ଆସ ଆସ ରତ୍ନନିଧି
ଈଶ୍ୱରଙ୍କ ପାଦ ଧୁଅ ଶାସ୍ତ୍ରର ଯେ ବିଧି ।
ବିବାହ ସମୟେ ସେ କନ୍ୟାର ସାନଭାଇ
ହସ୍ତେ ଜଳ ଘେନି ବର ପାଦ ଦେବ ଧୋଇ ।
ବ୍ରହ୍ମାର ବଚନେ ହିମବନ୍ତର ଯେ ବଳା
ପବିତ୍ର ଜଳରେ ହର ଚରଣ ଧୋଇଲା ।
ଦୁଷ୍ଟ ସ୍ୱଭାବ ଆବର ପରିହାସ ରଙ୍ଗେ
ବିଧାଏକ ପ୍ରହାରିଲା ଈଶ୍ୱରଙ୍କ ଅଙ୍ଗେ ।
ଈଶ୍ୱରଙ୍କର ଶରୀରେ ବଜ୍ରମୁଷ୍ଟି ଘାତ
ପ୍ରାଣ ପାଇଣ ବିମୁଖ ହେଲେ ବିଶ୍ୱନାଥ ।
ଦକ୍ଷିଣ ପାଶେ ବସିଛି ଜନ୍ତୁର ଅଇରି
ତାଙ୍କୁ ଆଜ୍ଞା ଦେଲେ ଯାକୁ ନିଅ ବାଳ ଧରି ।
ସଞ୍ଜୀବନୀ ପୁରେ ନେଇ ବାନ୍ଧି ଥୋଇଥିବୁ
ଆମ୍ଭର ତହୁଁ ତୁ ଆଜ୍ଞା ପାଇଲେ ଛାଡ଼ିବୁ ।
ଈଶ୍ୱରଙ୍କ ଆଜ୍ଞାରେ ସେ କାଳ ଦଣ୍ଡପାଣି
ହେମବନ୍ତକୁ ବାନ୍ଧିଲେ ନିବିଡ଼ ବାନ୍ଧେଣି ।
ବିଭା ସାରିଣ ଈଶ୍ୱର ଗଲେ କଇଳାସ
ହେମବନ୍ତକୁ ଘେନି ଯମପୁରରେ ପ୍ରବେଶ ।
ଶୁଦ୍ଧ କାଞ୍ଚନରେ ପୁର ଗୋଟିଏ ଭିଆଇ
ତହିଁରେ ଥୋଇଲେ ହେମବନ୍ତେ ଜନ୍ତୁସାଇଁ ।
ଚର୍ମ ଦଉଡ଼ିରେ ତାକୁ ଯତ୍ନ କରି ବାନ୍ଧି
କଂସା ପାଚେରୀରେ ସେହି ପୁରକୁ ନିରୋଧୀ ।
ଲୁହାର ଗୋଟିଏ ଠେଙ୍ଗା କରି ଜୀବନ୍ୟାସ
କାକ ଜୀବ ଗୋଟାଏକ ରଖି ତାଙ୍କ ପାଶ ।
ତାକୁ ଏମନ୍ତ କରିଯେ ଗଲେ ଯମରାୟ
ବିକଳେ କାନ୍ଦଇ ହିମବନ୍ତର ତନୟ ।
ଯମର କାଳ ଦଣ୍ଡ ସେ ନ ପାରଇ ସହି
ଅବିରତେ ନୟନରୁ ଜଳଧାର ବହି ।
ହେମବନ୍ତର ଲୋଚନୁ ବହେ ଯେତେ ପାଣି
ସେ ଲୋତକ ଜଳେ ପୂର୍ଣ୍ଣ ହେଲା ପୁଷ୍କରିଣୀ ।

Digitized by srujanika@gmail.com

ଯୋଜନେକ ଆୟତନେ ପୂରିଲା ସେ ଜଳ
ଅତି ନିରିମଳ ପାଣି ତହିଁକି ଶୀତଳ ।
ହୈମବନ୍ତ ବୁଡ଼ି ରହିଅଛି ସେହି ଜଳେ
ଲୁହା କାକ ତାହାକୁ ଯେ ଜଗିଅଛି କୂଳେ ।
ଏମନ୍ତ ଏକବରଷ ସମ୍ପୂର୍ଣ୍ଣ ହୁଅନ୍ତେ
ପାର୍ବତୀ ଯେ ଜଣାଇଲେ ଈଶ୍ୱର ଅଗ୍ରତେ ।
ବୋଇଲେ ଭାଇକୁ ମୋର ଯମ ନେଲା ବାନ୍ଧି
ବନ୍ଦିରୁ ମୁକତି ତାକୁ କର ପ୍ରାଣନିଧି ।
ବ୍ୟାକୁଳ ହୋଇଣ ଯହୁଁ କହିଲେ ଗଉରୀ
ଭୃକୁଟୀକି ରାଇ ପେଶି ଦେଲେ ଶୂଳଧାରୀ ।
କୁମୁଦ ପୁଷ୍ପ ଗୋଟିଏ ଦେଲେ ତାର କରେ
ବୋଇଲେ ତୁ ବେଗେ ଯାଅ ସଞ୍ଜୀବନୀପୁରେ ।
ଜନ୍ତୁପତିକି ତୁ ଏହି·ପୁଷ୍ପ ଗୋଟି ଦେଇ
ହୈମବନ୍ତକୁ ବନ୍ଦିରୁ ଆଣ ମୁକୁଳାଇ ।
ଆଜ୍ଞା ପାଇଣ ଭୃକୁଟି ବେଗେ ଚଳିଗଲା
ଈଶ୍ୱର ସନ୍ତକ ନେଇ ଯମ ହସ୍ତେ ଦେଲା ।
ବୋଇଲା ଈଶ୍ୱରଙ୍କର ଆଜ୍ଞା ଘେନି ଶିରେ
ହୈମବନ୍ତକୁ ଦେବୁ ଯେ ମୋହର ଗୋଚରେ ।
ତାହା ଶୁଣି ଜନ୍ତୁପତି ଉଠିଲା ବହନ
ଭୃକୁଟୀକୁ ସଙ୍ଗେ ଘେନି କଲାକ ଗମନ ।
ହୈମବନ୍ତକୁ ସେ ବନ୍ଦୀ କରିଥିଲେ ଯହିଁ
ବେନିଜନେ ଯାଇକରି ମିଳିଲେକ ତହିଁ ।
ଦେଖିଲେକ ଜଳମୟ ହୋଇଅଛି ହ୍ରଦ
ଲୁହାକାକକୁ ପୁଚ୍ଛିଲେ ତହିଁର ସମ୍ବାଦ ।
ଲୁହାର କାକ କହିଲା କରପତ୍ର ଯୋଡ଼ି
ହୈମବନ୍ତ ଏହି ଜଳ ମଧ୍ୟେ ଅଛି ବୁଡ଼ି ।
ତାହାର ଅଶ୍ରୁଜଳରେ ପୂର୍ଣ୍ଣ ଏହି ପାଣି
ଆଜ୍ଞାଦେଲେ ଛାମୁରେ ମୁଁ ତାକୁ ଦେବି ଆଣି ।
ଜନ୍ତୁପତି ବୋଇଲେକ ବେଗେ ଘେନି ଆସ
ତାହା ଶୁଣି ଲୁହାକାକ ମନରେ ହରଷ ।
ହିମ ଜଳଧିରେ ବୁଡ଼ିଗଲା କାକ ବେଗେ
ହୈମବନ୍ତକୁ ଆଣିଣ ଦେଲା ଯମ ଆଗେ ।
ଜନ୍ତୁପତି ତା ବନ୍ଧନ ବେଗେ ଫେଡ଼ିଦେଲା
ଭୃକୁଟୀ ଗୋଚରେ ହୈମବନ୍ତ ସମର୍ପିଲା ।
ଭୃକୁଟୀ ହୈମବନ୍ତ ଯେ ଗଲେ କଇଳାସ
ଲୁହାକାକକୁ ଯେ ଯମ ହକାରିଲା ପାଶ ।
ବୋଇଲା ସର୍ବଦା ତୁହି ରହି ଏହି କୁଣ୍ଡ
ପାପୀଜନମାନଙ୍କୁ ଯେ ଦେଉଥିବୁ ଦଣ୍ଡ ।
ଯେଉଁ ଚର୍ମ ଦଉଡ଼ିରେ ହୈମବନ୍ତ ଥିଲେ
ତାହାକୁ ସେ ଜନ୍ତୁପତି ଜୀବନ୍ୟାସ ଦେଲେ ।
ଈଶ୍ୱର ସନ୍ତକ କରି ଦେଇଥିଲେ ଯାହା
ସେ ଜଳେ ତାକୁ ପକାଇ ଦେଲେ ଜନ୍ତୁନାହା ।
ସେହି କୁମୁଦ ବନରେ ରହିଥାଇ କାକ
ଜଳ ଭିତରେ ଶାବଳ ପରି ଥାଏ ଜୋକ ।
ଯେବଣ ପାପୀକି ଦଣ୍ଡ ଦିଏ ଜନ୍ତୁପତି
ତାହା ଆଗେ କହିବା ହୋ ଶୁଣ ମହାଯତି ।
ସଂସାରେ ଜନ୍ମି ନ ଶୁଣେ ଯେହୁ ପୁଣ୍ୟକଥା
ପାଶେ ତୀର୍ଥଜଳ ଥାଉଁ ନ ବୁଡ଼େ ଯା ମଥା ।
ବ୍ରତ ଉପବାସେ ଯେହୁ ନ ସେବିଲା ହରି
ସ୍ୱହସ୍ତେ ପୋତିଲା ଜନ୍ତୁ ଯେହୁ ବଧ କରି ।
ଆଶା ଦେଖାଇ ପରେ ଯେ କରଇ ନିରାଶ
କରନ୍ତି ସେ ଶାସ୍ତ୍ରକଥା ଶୁଣି ଉପହାସ ।
ଅଠାକାଠି ପାତି ଯେହୁ ନାଶନ୍ତି ଚଢ଼ାଇ
ମୀନ ମାରନ୍ତି ଯେ ଜନ ବଡ଼ାଶୀ ପକାଇ ।
କ୍ରୟବିକ୍ରୟ କରନ୍ତି ଯେହୁ ଛନ୍ଦକୂଟ
ମିତ୍ରକୁ ଭଣ୍ଡିଣ ଯେହୁ କରନ୍ତି କପଟ ।
ବାଟ ଜଗି ଯେଉଁ ଜନ ପଥିକୀ ମାରନ୍ତି
ବିପଥ କହିଣ ପଥବଣା ଯେ କରନ୍ତି ।
ଜପ ତପ ଭଗ୍ନ କରିଥାନ୍ତି ଯେଉଁ ପ୍ରାଣୀ
ଦେବତାଙ୍କୁ ବୋଲନ୍ତିଟି ଯେହୁ ମନ୍ଦବାଣୀ ।
ଜାତିରେ ଜନମି ଯେହୁ ଅଜାତିରେ ପଶି
ସୁଜନେ ନିନ୍ଦି କୁଜନ ଗୋଷ୍ଠୀରେ ଯେ ବସି ।
ଏମନ୍ତ ପ୍ରାଣୀମାନେ ଯେ ଯାନ୍ତି ଯମଆଳେ
ଚିତ୍ରଗୁପତ ପକାନ୍ତି ତାଙ୍କୁ ହିମ ଜଳେ ।
ହିମ ଲାଗି ତାଙ୍କ ଦେହ ମାଂସ ପଡ଼େ ଝଡ଼ି
ଜଳକାକ ପଛରୁ ଯେ ଭକ୍ଷଇ କାମୁଡ଼ି ।
ଶୀତେ ଥରହର ହୋଇ କମ୍ପେ କଳେବର
ଜୋକ ଲାଗୁଥାନ୍ତି ତାର ନାସା ଶ୍ରବଣର ।
ଉପରକୁ ଚାହିଁଲେ ସେ ହାଣେ ଲୁହାକାକ
ମଧ୍ୟରେ ଯେ ହିମଜଳ ତଳେ ଘୋର ପଙ୍କ ।
ପାପୀମାନେ ପଡ଼ିଥାନ୍ତି ନିସତେ ସେ ଜଳେ
କୁମୁଦମୂଳ ଧରନ୍ତି ପ୍ରାଣର ବିକଳେ ।
ଏଡ଼େ ଘୋର ଦଣ୍ଡ ଏହି ହିମରତୁ ଜଳ
ପାପୀମାନଙ୍କୁ ପ୍ରତ୍ୟକ୍ଷ ଏହୁ କାଳାନଳ ।
ଯେବଣ ଜନ ଶ୍ରବଣପଥେ ଏହା ଶୁଣି
ରାବଇ ସେ ହରିନାମ ମନେମନେ ପୁଣି ।
ସୂର୍ଯ୍ୟଦେବତାଙ୍କୁ ଯେହୁ କରଇ ଭକତି
ସେହି ନର ନ ଆସଇ ହିମଚଳ କତି
ଯମକୁ ମାଗିଅଛନ୍ତି ଆପଣେ ମାର୍ତ୍ତଣ୍ଡ
ବୋଇଲେ ମୋ ସେବକକୁ ନଦେବୁ ଏ ଦଣ୍ଡ ।

Digitized by srujanika@gmail.com

ରବିବାର ଦିନ ଯେହୁ ମୋହର ଭକତି
ତାର ଦୋଷ ନ ଘେନିବୁ ଆହେ ଜନ୍ତୁପତି ।
ତପନତୁ ଆଶ୍ରେକରି ମରିବେ ଯେ ଶୀତେ
କିମ୍ବା ମର୍ତ୍ତ୍ୟଲୋକ ପ୍ରାଣୀ ଭଜିବେଟି ମୋତେ ।
ତୁହି ଯେ ଆମ୍ଭର ପୁତ୍ର ପଣ୍ଡିତ ବିବେକ
ଗୁରୁଦକ୍ଷିଣା ତୁ ଦେବୁ ମୋତେ ହେ ଏତେକ ।
ଜନ୍ତୁପତି ବୋଇଲାକ ଯାହା ତୁମ୍ଭ ଆଜ୍ଞା
ମୋହର ବଳେ କି କରି ହୋଇବ ଅବଜ୍ଞା ।
ରବିବାର ଦିନ ଯେହୁ ସେବିବ ତୁମ୍ଭଙ୍କୁ
ସବୁ ଦୋଷ ଉପେକ୍ଷା ଯେ କରିବି ତାହାଙ୍କୁ ।
କେବଳ ବିମାନ ବସି ଏଥକୁ ଆସିବ
ମୋତେ ଭେଟି ତୁମ୍ଭ ପାଶେ ଯାଇ ସେ ବସିବ ।
ପିତାର ଆଗେ ଏମନ୍ତ ସତ୍ୟ ଯମ କଲେ
ଶୁଣିଣ ରାଜନ ଯମ ତାହା ଆଜ୍ଞା ଦେଲେ ।
ଏତେ ବୋଲିକରି ତହୁଁ ବିମାନ ବାହିଲେ
ତୃତୀୟ ଦ୍ୱାରେ ଯାଇଣ ପ୍ରବେଶ ହୋଇଲେ ।
କହନ୍ତି ଯେ ମାରକଣ୍ଡ ଶୁଣ ହୋ ରାଜନ
ସଂଯୀବନୀ ପୁରର ଏ ଦୁର୍ଲଭ ବଚନ ।
ଏକ ଚିତ୍ତ ହୋଇ ଯେହୁ ଏକଥା ଶୁଣନ୍ତି
ଧର୍ମ ଉଦୟ ହୁଅନ୍ତି ପାପ ଛାଡ଼ିଯାନ୍ତି ।
ତୃତୀୟ ଦ୍ୱାରେ ଯାଇଣ ଚତୁର୍ଥର କଥା
କହୁଛନ୍ତି ତାହା ଏବେ ଶୁଣ ମହାରଥା ।
ତମ୍ଭାରୁ ପାଚେରୀ ଯାର ଉଚ୍ଚ ଯୁଣ ଦଶ
ଅତିହିଁ ସେ ଦମ୍ଭ ଲମ୍ବ ତାର ପାଞ୍ଚକୋଶ ।
ବେନିଯୁଣ ଓସାର ସେ ଚତୁର୍ଥ ଦ୍ୱାରଟା
ମାଣିକ୍ୟର ବେନି ଯୁଣ ସୁବର୍ଣ୍ଣର ପଟା ।
ପ୍ରାସାଦ ପ୍ରାକାର ଦ୍ୱାର ସୁଘଟଣ ଶୋଭା
ରତ୍ନର କିଳିଣୀ ଝଟକଇ ବଡ଼ ପ୍ରଭା ।
ବିଚିତ୍ର ପିତୁଳା ନବରତ୍ନରେ ଯେ ଜଡ଼ି
ଶୋଭା ପାଉଛନ୍ତି ସେହି ଦ୍ୱାରେ ଯୋଡ଼ି ଯୋଡ଼ି
ବେନି ସିଂହ ଖମ୍ଭରେ ଯେ ବାନ୍ଧିଛନ୍ତି ଚାର
ବେନି ଖମ୍ଭ ମୂଳେ ସ୍ଥିତି ଲୀଳା ରତ୍ନସାର ।
ତହିଁ ବସିଛନ୍ତି ବେନି ପୁରୁଷ ଯେ ବୀର
କେତୁ ମଙ୍ଗଳ ଜାଣିଣ ଦେହ ତାହାଙ୍କର ।
ଅତି ବିକଟାଳ ତାଙ୍କ ଶରୀରର ଜ୍ୟୋତି
ଡଗରେ କହନ୍ତି ଶୁଣ ଆହେ ମହାମତି ।
ଏହି ଦ୍ୱାରେ ବସିଛନ୍ତି ଯେ ପୁରୁଷ ଦୁଇ
ତାଙ୍କ ନାମ କ୍ଷୁଧା ତୃଷା ସେହି ଦୁଇଭାଇ ।
ଡାହାଣରେ ବସିଅଛି ଯେବଣ ପୁରୁଷ
ପିଙ୍ଗଳ ବା ରୋମାବଳୀ ଖାଙ୍କର ତା କେଶ ।
ଧୂମମୟ ଦେହ କପାଳରେ ଭସ୍ମଚିତା
ବହୁତ ରୋମେ ତା ଦେହ ଦିଶଇ ଶୋଭିତା ।
ବିସ୍ତାର ହୃଦ କଙ୍କାଳ ଖାଙ୍କର ତା ପେଟ
ଲୁହାଖମ୍ଭ ପ୍ରାୟେ ମଣି ଅତ୍ୟନ୍ତ ଯେ ମୋଟ ।
କୁଠାର ପରଶୁ ଦୁଇ ଶୋହେ ବେନି କରେ
ବଜ୍ରମାଳା ଗୋଟା ଶୋଭା ପାଏ ତା ଉରରେ ।
କଟୀରେ ରତନ ପଦ୍ମ ଆସନରେ ବସି
ନୟନ ଦୁଇ ତରାଟି ଭୂମିକା ଆକର୍ଷି ।
କ୍ଷଣ କ୍ଷଣକରେ ମୁଖ କରେ ବିକରାଳ
ମୁଖ ବାଟେ ତା ଗର୍ଭରୁ ବାହାରେ ଅନଳ ।
କ୍ଷୁଧା ବୋଲିକରି ଏହୁ ଯମର ଦୁଆରୀ
ଅଛଇ ସେ ସମସ୍ତଙ୍କ ଦେହେ ବିଜେକରି ।
ବାମ ପାଖେ ବସିଅଛି ଯେବଣହିଁ ବୀର
ଲୋହିତ ବର୍ଣ୍ଣ ଦିଶଇ ତାହାର ଶରୀର ।
ବିକଟ ବଦନ ତାର ମୁକୁଳିତ କେଶ
ଗଳେ ଚମଡୋର କଟୀଦେଶେ କଷାବାସ ।
ଶରୀରରେ ରଙ୍ଗମାଟି ଦିଶଇ ଆରକ୍ତ
ତା ମୁଖରୁ ଘନଘନ ବହଇ ମରୁତ ।
ବେନି କର ମାଡ଼ି ବସିଅଛି ପାତି ଜାନୁ
ଥରହର ହୋଇ କମ୍ପୁଅଛି ତାର ତନୁ ।
ଅବିରତେ ତୁଣ୍ଡରୁ ଯେ ଉଡୁଅଛି ଧୂଳି
ଉତ୍ତର ମୁଖରେ ବସିଅଛି ମହାବଳୀ ।
ଏହି ସେହି ତୃଷା ରୂପ ଅଟେ ମହାବୀର
କ୍ଷୁଧା ତୃଷା ନାମ ଅଟେ ଏହି ଦୁହିଁଙ୍କର ।
ଦୁର୍ଗାର ସଙ୍ଗତେ ଜାତ ଏ ଅନଳୁ ହୋଇ
ଅଛନ୍ତି ଯମର ଦ୍ୱାରୀ ରୂପେ ଦୁହେଁ ରହି ।
ସର୍ବଦେବଙ୍କର ତେଜ ରୂପକୁ ଏ ଘେନି
ରହନ୍ତି ଜନ୍ତୁଙ୍କ ଦେହେ ଏହି ଭାଇ ବେନି ।
ଯମର ଯେ ପ୍ରୀତିପଣେ ଥାଆନ୍ତି ଏ ପୁରେ
ଇଚ୍ଛାସୁଖେ ବସନ୍ତି ଏ ଯମ ଗଡ଼ଦ୍ୱାରେ ।
ଏଠାରେ ବସିଅଛନ୍ତି ଏ ରୂପେ ଏ ରଙ୍ଗେ
ବିହରେ ଅନନ୍ତ ମୂର୍ତ୍ତି ଧରି ସର୍ବ ଅଙ୍ଗେ ।
ପାପୀ ଜନମାନେ ଯେବେ ଆସନ୍ତି ଏ ଦ୍ୱାରେ
ସେହି ପୁରୁଷେ ବସନ୍ତି ତାହାଙ୍କ ଶରୀରେ ।
ଯେ କାଳେ ପ୍ରାଣୀଙ୍କୁ ଲାଗେ ଏହାଙ୍କର ତାପ
କାଳରୂପ ଧରି ସେହି ଦିଶଇ ବିରୂପ ।
କ୍ଷୁଧା ତୃଷାରେ ବିକଳ ହୁଏ ତାର ଆତ୍ମା
ଏଥୁ ଅନନ୍ତରେ ଶୁଣ ଆହେ ମହାତମା ।
ଏ ଦ୍ୱାର ଜିଣି ଗମିଲେ ସଞ୍ଜୀବନୀ ପୁର
ଦେଖେ ଦିବ୍ୟଶୋଭା ନାନାବିଧ ରଙ୍ଗେଘର ।

Digitized by srujanika@gmail.com

ଯମଗଣଙ୍କର ଯେଉଁପରି ଗୃହବାସ
ରାଜାଙ୍କ ନବର କିବା ମନ୍ତ୍ରୀଙ୍କ ଉଆସ ।
ଯେମନ୍ତ ଏ ପୁରେ ରହିଛନ୍ତି ପୁରବାସୀ
ଭିତରକୁ ଗଲେ ସବୁ ଦେଖିବ ହେ ଋଷି ।
ଏତେ ବୋଲିକରି ତହୁଁ ଚଳିଲା ବିମାନ
ଦ୍ୱାରଜିଣି ଦେଖିଲୁ ଯେ ବିଚିତ୍ର ଭବନ ।
ଅପୂର୍ବ ମନ୍ଦିର ଜିଣେ କୁବେରର ପୁର
ସୁବର୍ଣ୍ଣ ରତ୍ନ ମଣିରେ ଗଠିତ ସୁନ୍ଦର ।
ପନ୍ତି ପନ୍ତି ହୋଇ ତହିଁ ଗୃହେ ବିରାଜନ୍ତି
କୋଶକ ଓସାର ଦାଣ୍ଡ ପରିସର ଅତି ।
ସହସ୍ରେକ ପୁର ହୋଇ ବସିଛି ପାଟଣା
ସମସ୍ତଙ୍କର ଘର ସେ ସୁବର୍ଣ୍ଣେ ଘଟଣା ।
ମର୍କତର ପୀଢ଼ା ପୁଣି ସୁବର୍ଣ୍ଣର ଚାଳ
ରୂପାର ଯେ କାନ୍ଥବାଡ଼ ଦିଶଇ ଧବଳ ।
ପଞ୍ଚବର୍ଣ୍ଣରେ ସେ କାନ୍ଥଦିଶଇ ଶୋଭିତା
ଦୁଆରେ ତୋରଣମାନ ଲମ୍ବଇ ମୁକୁତା ।
ସମସ୍ତଙ୍କର ପୀଢ଼ାରେ ସୁବର୍ଣ୍ଣ କଳସ
ନାନା ବର୍ଣ୍ଣରେ ପତାକା ଉଡ଼େ ଚଉପାଶ ।
ପ୍ରତିଦ୍ୱାରେ ବସିଅଛି ପୂର୍ଣ୍ଣକୁମ୍ଭମାନ
କୁବେର ପୁର ପ୍ରାୟେକ ଦିଶଇ ଶୋଭନ ।
ରମ୍ଭାକୁ ଯେ ପଟାନ୍ତର ସକଳ ଯୁବତୀ
ପୁତ୍ର ଦୁହିତାମାନେ କି ଇନ୍ଦ୍ରର ସନ୍ତତି ।
ବୃଦ୍ଧ ହୋଇଣ ଗୋଟିଏ ନାହାନ୍ତି ସେ ପୁରେ
ଯୁବା ବାଳକ କେବଳ ସବୁଙ୍କରି ଘରେ ।
ବସ୍ତ୍ର ଅଳଙ୍କାରରେ ଯେ ସମସ୍ତ ଶୋଭିତା
ରୋଗଶୋକ ବିହୀନ ସେ ସମସ୍ତ ଶୋଭିତା ।
ମୃତ୍ୟୁ ବାଧା ତାହାଙ୍କୁ ଯେ କେବେ ନ ବାଧଇ
ଜନ୍ତୁପତିର ପ୍ରସାଦେ କେବେ ନ ବାଧଇ ।
ନାନା କଉତୁକେ ବିହରନ୍ତି ସର୍ବଜନ
ଆଲଟ ଚାମର ଚତୁଃସମ ଯେ ଚନ୍ଦନ ।
ଅପୂର୍ବ ପଦାର୍ଥ ତହିଁ ପୂର୍ଣ୍ଣ ହୋଇଛନ୍ତି
ଯୋଜନେକ ପରିଯନ୍ତେ ଦାଣ୍ଡ ଚଉକତି ।
ହାତକରେ ଲୁହାବାଡ଼ି ହାତେକ ପଥର
ନାନା ଦ୍ରବ୍ୟମାନ ବାଡ଼ି ଅଛନ୍ତି ଅପାର ।
ନିଆଁ ଖପରାମାନ ଯେ ସନ୍ନିଧିରେ ଥୋଇ
ଜଗି ବସି ଅଛନ୍ତି ଯେ ମୌନବ୍ରତ ହୋଇ ।
ତାହା ଦେଖିକରି ଆମ୍ଭେ ପୁଛିଲୁ ଦୂତଙ୍କୁ
ବୋଇଲୁ କିମ୍ପାଇ ବାଡ଼ି ଅଛନ୍ତି ଦ୍ରବ୍ୟକୁ ।
ଡରରେ ବୋଇଲେ ଆହେ ଶୁଣିମା ଗୋସାଇଁ
ଏ ପଦାର୍ଥ ବଢ଼ା ହୋଇଅଛି ଯାହା ପାଇଁ ।
ଯେଉଁ ପ୍ରାଣୀମାନେ ଦେଖି ଆସୁଛନ୍ତି ମଞ୍ଜୁ
ତାହାଙ୍କ ନିମନ୍ତେ ଏହା ଆଗକରି ସଞ୍ଜୁ ।
ଯେ ଯାହା ଦେଇଥାଏ ସେ ପାଏ ତାହା ଏଥି
ନୋହିଲେ ବହୁତ ଦୁଃଖ ଏଠାରେ ପାଆନ୍ତି ।
ଯେବଣ ପ୍ରାଣୀଙ୍କି ଏଥି କରନ୍ତି ନିରାଶ
ତା ତୁମ୍ଭ ଆଗେ କହିବା କରିଣ ବିଶେଷ ।
ଦାତା ନୋହିଲା ଯେ ମଞ୍ଚପୁରେ ଜାତ ହୋଇ
ଶକ୍ତି ଅନୁରୂପ ଗୁରୁଦେବ ନ ସେବଇ ।
ନବତମ ବସ୍ତ୍ର ସେ ନ ଦିଏ ଦେବତାଙ୍କୁ
ଭଲଦ୍ରବ୍ୟ ଭୁଞ୍ଜେ ଯେ ନ ଦେଇ କୁଟୁମ୍ବଙ୍କୁ ।
ଖାଇବା ଦ୍ରବ୍ୟ ଭାଗନ୍ତି ଯେବଣ ପରାଣୀ
ଗୋରୁ ଖାଉଥିଲେ ଗୋଳ କରନ୍ତି ସେ ପୁଣି ।
ଜଳ ଭିତରେ ଯେମାନେ ପକାନ୍ତି ଉଚ୍ଛିଷ୍ଟ
ତିଆରି କହିଲେ ଯେହୁ ହୁଏ ଜ୍ଞାନଭ୍ରଷ୍ଟ ।
ଅପ୍ରତିଷ୍ଠା ଦ୍ରବ୍ୟ ଯେହୁ କରନ୍ତି ଭୋଜନ
ମାତା ପରଷିଲେ ହୋନ୍ତି ଅସନ୍ତୋଷ ମନ ।
ପଶୁ ପ୍ରାୟ ପାଉଥିଲେ ଯେହୁ ଖାଉଥାଇ
ଆପଣାର ଅଙ୍ଗକୁ ଯେ ଶୌଚ ନ କରଇ ।
ପରକର୍ମ ଧର୍ମ ଦେଖି ଯେ ପ୍ରାଣୀ ହସନ୍ତି
ସଂଗ୍ରାମରେ ପଶି ପୁଣି ପଛକୁ ଘୁଞ୍ଚନ୍ତି ।
ସାଆନ୍ତକୁ ପଛେ ନିନ୍ଦା କରନ୍ତି ଯେ ପ୍ରାଣୀ
ସେବକଙ୍କ ମନ ଯେହୁ ସାଆନ୍ତ ନ ଜାଣି ।
ଦକ୍ଷିଣ ମୁଖ ହୋଇ ଯେ କରନ୍ତି ଭୋଜନ
ଉତ୍ତରକୁ ଶିର କରି ଶୁଅନ୍ତି ଯେ ଜନ ।
ଉଦୟାସ୍ତେ ଧର୍ମେ କର୍ମେ କରେ ଯେହୁ ଶଙ୍କା
ପରେ ଅପଘାତ କରି ପାରନ୍ତି ସେ ଡକା ।
ଦୋଷେ ଥାଇ ମିଛେ ଯେହୁ ନିୟମ କରନ୍ତି
ସଭାରେ ବସି ସେମାନେ ସମକ୍ଷ ହୁଅନ୍ତି ।
ମୂଳିଆ ମୂଳରୁ ଊଣା କରନ୍ତି ଯେ ପ୍ରାଣୀ
କାନ୍ତାରେ କାତର ଯେହୁ ସାମାନ୍ୟ ଗଉଣୀ ।
ଦୁଃଖ ପାଇଲେ ଦାତାଙ୍କୁ ଯେହୁ ଗାଳି ଦ୍ୟନ୍ତି
ରୋଗୀ ହୋଇ ଯେଉଁ ପ୍ରାଣୀ ଔଷଧ ନିନ୍ଦନ୍ତି ।
କୁଟୁମ୍ବକୁ ନ ପୋଷି ଯେ ଆଗେ ହୋଇ ସୁଖୀ
ଆର୍ତ୍ତ ହୁଅନ୍ତି ଯେ ପରସ୍ତିରୀ ଧନ ଦେଖି ।
ଏ ପ୍ରାଣୀମାନେ ଆସନ୍ତି ଯେବେ ଏ ପଥରେ
ପ୍ରବେଶ ହୁଅନ୍ତି ଗଡ଼ ଚତୁର୍ଥ ଦୁଆରେ ।
ଏହି କ୍ଷୁଧା ତୃଷା ଦୁହେଁ ପଶନ୍ତି ତା ଦେହେ
ଯାହାକୁ ସେ ମାଗେ ତାକୁ କେ କିଛି ନ ଦିଏ ।
ଉଦର ଲୋଭ ତା କ୍ରୋଧ ଅନଳକୁ ଜିଣି
ତୃଷାରେ ଅତି ଆକୁଳ ହୁଏ ସେହୁ ପ୍ରାଣୀ ।

Digitized by srujanika@gmail.com

କାକୁସ୍ଥରେ ମାଗିଲେ ନ ଦିଏ କେ ଉଦକ
ପାପୀଙ୍କୁ ନ ଦିଅ ବୋଲି ବୋଲୁଥାନ୍ତି ଲୋକ ।
ନଗ୍ରେ ପଶି ଏ ଅପୂର୍ବ ଦ୍ରବ୍ୟ ସେ ଦେଖଇ
ଖାଇବାକୁ ଆତୁରେ ତା ମନ ହେଉଥାଇ ।
ହସ୍ତ ପ୍ରସାରିଣ ଲୋକମାନଙ୍କୁ ମାଗନ୍ତେ
ଦେଇ ନ ଥିଲେ ସେ ନେଇ ପାରିବ କେମନ୍ତେ
କ୍ଷୁଧା ତୃଷାରେ ଧଇର୍ଯ୍ୟ ନ ପାରନ୍ତି ରଖି
ବିକଳ ହୁଅନ୍ତି ଏହୁ ପଦାର୍ଥକୁ ଦେଖି ।
ବଳେ ଖାଇ ଲୋଡ଼ିଲେକ ପିଟେ ବାଡ଼ି ଘେନି
ପଥର ପକାଇ ପୁଣି ଫୋପାଡ଼ନ୍ତି ବହ୍ନି ।
ଅନେକ ମାଡ଼ ମାରନ୍ତି ତାକୁ ବେଢ଼ିକରି
ସେ ସମସ୍ତ ଦେଖି ପାପୀମାନେ ଯାନ୍ତି ଡରି ।
ଶୁଣ ଆହେ ମହାରଷି ସାଂସାରିକ ଧର୍ମ
ବ୍ରହ୍ମା ବିଷ୍ଣୁ ରୁଦ୍ର ଯେବେ ହୁଅନ୍ତି ଜନମ ।
ଏ ତିନିପୁର ସୃଜିଲେ ସେହୁ ବଂଶୀଧାରୀ
ଥାପିଲେକ ନାନା ଜୀବ ତ୍ରିଗୁଣକୁ କରି ।
ବିଧାତାର ଅଂଶ ଜାଣ ଅଟନ୍ତି ବ୍ରାହ୍ମଣ
ସବୁହୁଁ ଉତ୍ତମ ଜାତି ପୁଣ ବଡ଼ ଜାଣ ।
ଯୋଗ୍ୟବନ୍ତ ଭାଗ୍ୟବନ୍ତ ସଂଯମୀ ସନ୍ନ୍ୟାସ
ବୁଲନ୍ତି ଈଶ୍ୱର ପ୍ରୀତି ଅର୍ଥେ ଦେଶ ଦେଶ ।
ଆବର ଯେତେକ ଜନ୍ମ ଅଛନ୍ତି ସଂସାରୀ
ପାଳନ୍ତି ସେ ରାଜ୍ୟ ଧର୍ମ ବିଷ୍ଣୁ ଆଶ୍ରେକରି ।
ବିଷ୍ଣୁପରି ମଣନ୍ତି ଯେ ସଂସାରର ଚିନ୍ତା
ସଂସାରର ଲୋକମାନେ ବିଷ୍ଣୁର ଭକତା ।
ତେଣୁ ଏହି ସଂସାରରେ ବିଷ୍ଣୁଭାବ ଘେନି
ବିଷୟାମାନ ଆବୋରି ପାଳନ୍ତି ମେଦିନୀ ।
ସଂସାର ଧାରଣା ସେହୁ ଆବୋରିଲେ ଯହୁଁ
ବ୍ରାହ୍ମଣ ସେ ସନ୍ନ୍ୟାସୀଙ୍କୁ ଆବୋରିଲେ ତହୁଁ ।
ସଂସାରିକ ଦେବତା ସେ ସନ୍ନ୍ୟାସୀ ବ୍ରାହ୍ମଣ
ତାହାଙ୍କୁ ନ ସେବିଲେ ନ ପାନ୍ତି କେ କାରଣ ।
ବ୍ରାହ୍ମଣ ସନ୍ନ୍ୟାସୀଙ୍କୁ ଯେ ଦେଇଥାଏ ଯାହା
ସଞ୍ଜୀବନୀ ପୁରେ ଆସି ପାଆନ୍ତି ସେ ତାହା ।
ପୁଣି ହିଁ ସଂସାରେ ସେହୁ ହୋଇଲେ ଜନମ
ସେ ଶୁଭ ଫଳ ଭୁଞ୍ଜନ୍ତି ଆପଣା କରମ ।
ବ୍ରାହ୍ମଣ ସନ୍ନ୍ୟାସୀଙ୍କୁ ଯେ ନୁହଇ ଭକତି
ସେ ପରାଣୀ ଆଉ କାହିଁ ପାଇବ ସଦ୍‌ଗତି ।
ବ୍ରାହ୍ମଣ ସନ୍ନ୍ୟାସୀ ପୁଣି ଦେବତା ପୂଜିବେ
ସଂସାରରେ ଜପତପ କରି ରହିଥିବେ ।
ଦେବତା ନ ତୋଷି ଯେହୁ ପେଟ ପାଇଁ ବାଡ଼ି
ସେ ମନୁଷ୍ୟ ଯାଇ ଥାଇ ନରକରେ ପଡ଼ି ।

ସ୍ୱରୂପ ବଚନ ଏହି କହିଲୁ ଯେ ବାଣୀ
ଚିତ୍ରଗୁପତଙ୍କ ମୁଖୁ ଏହିପରି ଶୁଣି ।
ବ୍ରାହ୍ମଣ ପଣ୍ଡିତେ ଦେବେ ସଂସାରୀଏ ଦାନ
ଭୋକି ଶୋଷୀ ଦେଖି ଭୁଞ୍ଜାଇଣ ଥିବେ ଅନ୍ନ ।
ଜନ୍ତୁଠାରୁ ଦୟା କରିଥିବେ ଅନୁବ୍ରତେ
ପରକୁ ଯେ ହିଂସା ରାଗ ନ ଧରିବ ଚିତ୍ତେ ।
ନିଜ ଜାତି ମଧ୍ୟେ ଧର୍ମ କରିବେ ଆଚାର
ଶକ୍ତି ଅନୁକ୍ରମେ ଯାହା ଥିବଟି ତାହାର ।
ଏମନ୍ତ ପ୍ରାଣୀ ଯଦ୍ୟପି ଏ ଦେଶେ ଆସଇ
ଦୃଷ୍ଟିରେ ଅନାଇଲେ ତା ଉଦର ପୂରଇ ।
ପ୍ରସନ୍ନ ମୁଖରେ ସେହୁ ଯମକୁ ଭେଟଇ
ଦୁଷ୍ଟ ତାଙ୍କୁ ଦେଖି କିଛି କରି ନ ପାରଇ ।
ଜନ୍ତୁପତି ସେ ଲୋକଙ୍କୁ ଦିଶେ ଶାନ୍ତ ମୂର୍ତ୍ତି
ଯେସନେକ ବିଷ୍ଣୁକଳା ଶ୍ୟାମଅଙ୍ଗ ଜ୍ୟୋତି ।
କନକ ଆସନରେ ଯେ ବସିଥାଇ ଯମ
ଲାବଣ୍ୟ ମୂରତି ଅତି ଶୋଭା ଅନୁପମ ।
ଶଙ୍ଖ ଚକ୍ର ଚିହ୍ନ ତାର ବିରାଜଇ ଦେହେ
ରାଜୀବ ଲୋଚନ ଚାହେଁ ଶାନ୍ତବାକ୍ୟ କହେ ।
ସୁସ୍ୱର ସୁଲଳିତରେ ଭାଷେ ମୃଦୁବାଣୀ
ପୁଣ୍ୟବନ୍ତ ଲୋକ ହୁଏ ଉସତ ତା ଶୁଣି ।
ରୂପ ଦେଖି ଆନନ୍ଦିତ ହୁଏ ତାର ମନ
ଅପୂର୍ବ ସ୍ଥାନ ପାଇ ସେ ବସଇ ଆସ୍ଥାନ ।
ବଡ଼ ଗୌରବ କରନ୍ତି ତାକୁ ମନ୍ତ୍ରୀ ବେନି
ଜୁଆଇଁ ଶ୍ୱଶୁର ଘରେ ହୁଏ ଯେହ୍ନେ ମାନୀ ।
ଚିତ୍ରଗୁପତ ତେସନ ଭାବେ ତାଙ୍କୁ କରି
ଅନ୍ୟଜନ ଭଲ କଥା ବୁଝନ୍ତି ପଚାରି ।
ପାପୀଜନମାନେ ଯେବେ ଭିତରେ ପଶନ୍ତି
ଦେଖନ୍ତି ଜନ୍ତୁପତିର ବିକଟ ମୂରତି ।
କୃତାନ୍ତକ ରୂପ ଧରି ବସିଥାଇ ଯମ
ଦୂରୁ ଦେଖିଣ ପାପୀଙ୍କି ହୁଏ ତମ ତମ ।
ରୂପ ଦେଖିକରି ଭୟେ କମ୍ପଇ ଶରୀର
ନିକଟକୁ ଯିବାକୁ ଯେ ହୁଅଇ କିଂକର ।
ଆମ୍ଭଙ୍କୁ ବୋଲଇ ଆହେ ଏହା କର ଦୂତେ
ଏହିଠାରେ ପଛେ ଦଣ୍ଡ ଦିଅ ଯେତେ ଯେତେ ।
ଛାମୁକୁ ଯିବାକୁ ସେହୁ ନୁହନ୍ତି ଭାଜନ
ପ୍ରଚଣ୍ଡ ଅନଳ ଜାଣି ଯେ ଜନ୍ତୁ ରାଜନ ।
ଏଠାରେ ଆମ୍ଭଙ୍କୁ ପଛେ ଯେତେ ଦଣ୍ଡ ଦିଅ
କୃତାନ୍ତକ ଦେବତାର ଛାମୁକୁ ନ ନିଅ ।
ଏତେ ବୋଲି ପଛକୁ ସେ ହୁଅନ୍ତି ଓଟାରି
ବଳେ ଆମ୍ଭେ ନେଉ ଯମ ଛାମୁକୁ ଯେ ଧରି ।

Digitized by srujanika@gmail.com

ଆସ୍ଥାନର ତଳେ ତାକୁ ଉଭାକରୁ ନେଇ
ଉଭା ହୋଇ ପାପୀ ଥାଇ ତଳକୁ ଅନାଇଁ ।
ଭୟେ ଥରହର କମ୍ପୁଥାଇ ତାର ଦେହୀ
ଆସ୍ଥାନର ଉପରକୁ ନ ପାରଇ ଚାହିଁ ।
ପାପଭାର ଯେ ପାପୀର ହୃଦେ ଥାଏ ବସି
ତେଣୁକରି ଆତ୍ମା ତାର ଦେଉଥାଇ ଧ୍ୱଂସି ।
କୋପେ ତହୁଁ ଜନ୍ତୁପତି ବୋଲଇ ବଚନ
କିରେ ପାପୀ ତୋର କହ କେତେ ପାପପୁଣ୍ୟ ।
ତୋହର ପାଞ୍ଜିରେ ନାହାନ୍ତି କି ପୁଣ୍ୟ ଲେଖି
କେତେ ପାପ କଲୁ ପୁଣ୍ୟ ଭାଗକୁ ଉପେକ୍ଷି ।
ମାୟାମୋହ ସଂସାରରେ ହୋଇଲୁ ଜନମ
ମରିବୁ ବୋଲି ତୋହର ନ ଥିଲା କି ଜ୍ଞାନ ।
ଜନ୍ତୁପତି ବୋଲି ଅଛି ତୁହି କି ନ ଜାଣୁ
ପଣ୍ଡିତ ଜନମାନଙ୍କ ମୁଖରୁ ନ ଶୁଣୁ ।
ତୋହ ଥିବା ରାଜ୍ୟେ ନଥିଲେ ସୁଜ୍ଞଜନେ
ଯମଦଣ୍ଡ କଥା କି ନ ଶୁଣିଲୁ ତୁ କର୍ଣ୍ଣେ ।
ଦେହ ବହିଥିଲୁ ତୁରେ ସଂସାର ଧର୍ମକୁ
କିଛି ହିଁ କାରଣ ତୁହି ନକଲୁ ଆତ୍ମାକୁ ।
ନୟନ ଦୁଇଯେ ବିହି ଦେଇଅଛି ତୋତେ
ବିଷ୍ଣୁନାଥଙ୍କର ରୂପ ଦେଖିବା ନିମନ୍ତେ ।
ଲୋଚନପଥେ ଦେଖିଣ ହୋଇବୁ ମୁକତି
ତହିଁକି ନ ରସି କରୁ ଛନ୍ଦ ବନ୍ଧ ବୃତ୍ତି ।
ଶ୍ରବଣ ବେନି ଘେନି ନ ଶୁଣି ହରିକୀର୍ତ୍ତି
ଧର୍ମଶାସ୍ତ୍ର ଶୁଣିଥିଲେ ପାଆନ୍ତୁ ମୁକତି ।
ଏକଥା ନ ଶୁଣି ତୁହି ଆନମାର୍ଗେ ପଶି
ବିକଟ କଥା ଶୁଣିଲୁ ଆନନ୍ଦରେ ରସି ।
ତୁଣ୍ଡ ଦେଇଛି ଭୁଞ୍ଜିବୁ ଭଲ ଭଲ ଦ୍ରବ୍ୟ
ଗାଇବାକୁ ହରିନାମ ଚିନ୍ତି ବାସୁଦେବ ।
କହିବାକୁ ପ୍ରୀତିବାଣୀ ଧର୍ମ କଥା ମାନ
ଆପଣେ ନିସ୍ତରି ପୁଣ ତାରିବୁ ଅଜ୍ଞାନ ।
ଏହା ନ କରିଣ ତୁହି ଭାବୁ ମନ୍ଦବାଣୀ
ସଦା କହୁ ସଂସାରର ଯେ ମନ୍ଦ କାହାଣୀ ।
ପରର ପ୍ରମାଦ ପାଞ୍ଚ ନିଜ ଭଲ ଆଶେ
ଏହା ତୁହି କରୁଥାଉ ରଜନୀ ଦିବସେ ।
ମାଉଁସ ସୁଆଦ ମଣି ଜନ୍ତୁ ପ୍ରାଣ ଘେନୁ
ତୁ ଏଡ଼େ ଅଜ୍ଞାନୀ ଜନ ଜନ୍ତୁକୁ ନ ଚିହ୍ନୁ ।
ଶିର ଉପରେ ତୋହର ସ୍ଥାପିଲି ବିଷ୍ଣୁଙ୍କୁ
ସଂସାରରୁ ତରିବୁ ତୁ ଚିନ୍ତିଲେ ତାହାକୁ ।
ଉଦର ନିମନ୍ତେ ତୁହି ନ ଚିହ୍ନିଲୁ ଆଦି
ଦୁଃଖ ଦେଲୁ ଯେ ଅଚଳ ବୋଝ ଦେଇ ଲଦି ।
ହସ୍ତ ଦୁଇଗୋଟି ତୋତେ ଅଛଇ ଯେ ଦେଇ
ଆପଣା ସୁକର୍ମ ଧର୍ମ କରିବାର ପାଇଁ ।
ଉପରହସ୍ତ କରିଣ ପରେ ଦେବୁ ଦାନ
ଦରିଦ୍ର ଦେଖିଣ ଦେବୁ ଯେ ଯଥା ଭୋଜନ ।
ଅତି ସୁସଜ୍ଞ କରିବୁ ଦେବତାଙ୍କ କ୍ଷେତ୍ର
ତେବେ ସେ ଜନ୍ମ ତୋହର ହୋଇବ ପବିତ୍ର ।
ଏହା ନ କରି ଭାଙ୍ଗିଲୁ ପରର ଯେ କୀର୍ତ୍ତି
ବଡ଼ିମା ପଣରେ ଦଣ୍ଡ ଦେଉ ପୁଣି ଅତି ।
ଅଦୋଷୀ ବୃକ୍ଷରୁ ହସ୍ତେ ଶସ୍ତ୍ର ଘେନି ହାଣୁ
ଜୀବ ଜଗନ୍ନାଥ ବୋଲି କରି ତୁ ନ ଜାଣୁ ।
ପାଦ ଦୁଇ ଦେଲୁ ତୋତେ ତୀର୍ଥ ଗମିବାକୁ
ଶିବ ଆଳୟକୁ ଯାଇଁ ଶାପ ହରିବାକୁ ।
ଏହା ନକରି ବୁଲିଲୁ ରଜନୀ ଦିବସେ
ପରଧନ ଯୁବତୀକୁ ହରିବାର ଆଶେ ।
ଶରୀର ଦେଲୁ ଯେ ସାଧିବାକୁ ବ୍ରହ୍ମଜ୍ଞାନ
କାଳେ ଭୋଗକରି ସଂସାରର କଥାମାନ ।
ଏକଥା ନ କରି ତୁହି କଲୁ ଅନାଚାର
ଜନ୍ମ ମରଣକୁ ତୋର ନୋହିଲାକ ଡର ।
ଆପଣା ସୁଖେ ଯେ ଆବୋରିଲୁ ମାୟାମୋହ
ପାପବୁଦ୍ଧି ଘେନିଣ ଯେ ହରାଇଲୁ ଦେହ ।
ସଂସାରେ ବନ୍ଧୁ କୁଟୁମ୍ବ ଆବୋରିଲୁ ଯେତେ
ଗୋଟିଏ ନଇଲେ କେହି ତୋହର ସଙ୍ଗତେ ।
ମିଛକୁ ଯେ ଆବୋରି ତୁ ଥିଲୁ ଯହିଁ ପାଇଁ
ସେ କଥାମାନଙ୍କୁ ଏବେ ହରାଇଲୁ କାହିଁ ।
ପାପକୁ ଆଚରି ଯେଉଁ ଧନ ସଞ୍ଚିଥିଲୁ
ତହିଁରୁ ତ ପଦାର୍ଥେକ ସଙ୍ଗେ ନ ଆଣିଲୁ ।
ଯେଉଁ କୁଟୁମ୍ବଙ୍କ ପାଇଁ ଅର୍ଜିଥିଲୁ ଧନ
ସେମାନେ ତୋହର ପିଣ୍ଡ କଲେଣି ଦହନ ।
ଏଥକୁ ତୁ ମାରୁଥିଲୁ ବହି ମହାଭାର
କେହି ଗୋଟିଏ ସାହାଯ୍ୟ ନ କଲେ ତୋହର ।
ଆତ୍ମାକୁ ନ ଚିହ୍ନି କଲୁ ପିଣ୍ଡକୁ ତୁ ସଜ
ସେ ପିଣ୍ଡଗୋଟି ଏବେ ତୋ ହୋଇଲା ଦହିର୍ଯ୍ୟ
ତୁହି ଯେ ଏକା ହୋଇଣ ଅଇଲୁ ଏ ପୁରେ
କେହୁ ରକ୍ଷା କରିବ ଏ ଯମଦଣ୍ଡ ଠାରେ ।
ଧର୍ମବନ୍ତ ପୁରୁଷରେ ଯମ ଧର୍ମବନ୍ତ
ତୁ କିମ୍ପା ଧର୍ମ କର୍ମର ନୋହିଲୁ ଆଶ୍ରିତ ।
ଆମ୍ଭର ନାମଟି ଯେଣୁ ଅଟେ କୃତାନ୍ତକ
ପାପୀଙ୍କୁ ନିର୍ଦ୍ଦୟ ଦଣ୍ଡ ଦେଉ ଯେ ଅନେକ ।
ତୁହି ମହାପାପୀ ତୋତେ ପକାଇବି ପିଞ୍ଜି
ଏତେ ବୋଲି ଯମରାଜା କହେ ହୋଇ ଗର୍ଜି ।

Digitized by srujanika@gmail.com

ଜନ୍ତୁପତିଙ୍କର ଏହା ନିରପେକ୍ଷ ବାଣୀ
ପାପୀଜନଙ୍କ ଶରୀର କମ୍ପୁଥାଇ ଶୁଣି ।
ଭୟେ ମାନ୍ୟ କରିଣ ଯେ କହନ୍ତି ଉତ୍ତର
ଶରୀର ଯେ କମ୍ପମାନ ଯୋଡ଼ି ବେନିକର ।
ବୋଲଇ ମୁଁ ଯେଉଁ ପାପ ଅରଜିଛି ପୂର୍ବେ
ଛାମୁରେ ନାସ୍ତି ତା କରି ପାରିବିକି ଏବେ ।
ଦଣ୍ଡ ଦିଅ ଆହେ ସ୍ୱାମୀ ଯେ ତୋହର ଇଚ୍ଛା
ଏତେ ବୋଲିକରି ପାପୀ ପଡ଼ିଯାଏ ମୂର୍ଚ୍ଛା ।
ତଦନ୍ତରେ ଯମ ରାଜା ମନ୍ତ୍ରୀକି ଅନାଇ
ପଚାରନ୍ତି କେଉଁ ଦଣ୍ଡ ଏହାକୁ ଯୋଗାଇ ।
ଚିତ୍ରଗୁପତ ତାହାକୁ କହନ୍ତି ବିଚାରି
ତତକ୍ଷଣେ ଯମଗଣ ନିଅନ୍ତି ଯେ ଧରି ।
କେତେ ଧରିଣ ପାପୀଙ୍କି ଅନ୍ତରୀକ୍ଷେ ନେଇ
ନଗ୍ରବାହାରେ ଦଣ୍ଡନ୍ତି ନାନା କଷ୍ଟ ଦେଇ ।
ଯେତେ ଦିନକୁ ତାହାର ଦଣ୍ଡ ବହିଥାନ୍ତି
କେତେ ଦିନ ଅନ୍ତେ ପୁଣି ଛାମୁକୁ ଆଣନ୍ତି ।
ଚିତ୍ରଗୁପତେ ବିହନ୍ତି ପୁଣି ଆନ କର୍ମ
ପାପ ଅଙ୍ଗ ଘେନି ମର୍ତ୍ତ୍ୟେ ହୁଅଇ ଜନମ ।
ପାପ ଅଙ୍ଗ ଘେନି ମର୍ତ୍ତ୍ୟେ ହୋଇ ତାର ହତ
ଏ କଥାତ ଏକମନେ ଶୁଣ ହୋ ସୁରଥ ।
ଦେହ ବହି ପୁଣି ସେହି ସହେ ଏତେ କଷ୍ଟ
ଅନେକ ଯୁଗଯାଏ ତା ଜ୍ଞାନ ହୁଏ ନଷ୍ଟ ।
ବେଳୁବେଳ ଅଗତିକି ଯାଇ କେତେବେଳେ
ଜନ୍ତୁପତି ଅବା ଦୟା କରେ ଯେତେବେଳେ ।
ପାପରୁ ନିସ୍ତାରି ପୁଣି ଦିଅନ୍ତି ଜନମ
ଏମନ୍ତେ ଯମ ବୁଝାଇ ପାପ ପୁଣ୍ୟ କର୍ମ ।
ଏତେ ମତେ ଅଗତିକି ପ୍ରାଣୀଏ ନ ଯାନ୍ତି
ଧର୍ମ ଶାସ୍ତ୍ର ପୁରାଣ ଯେ ଶ୍ରବଣେ ଶୁଣନ୍ତି ।
ଏତେ କହି ଡଗର ଯେ ବାହୁଛନ୍ତି ଯାନ
ସଞ୍ଜୀବନୀ ଦାଣ୍ଡେ ରଥ ଗମେ ଘନଘନ ।
କଟକ ପଶ୍ଚିମ ଭାଗେ ଯମର ନଗର
ସିଂହଦ୍ୱାରରେ ମିଳିଲା ଯାଇ ରଥୁବର ।
ଧନ୍ୟ ସେହି ସିଂହଦ୍ୱାର ଅପୂର୍ବ ଯେ ଦିଶେ
ଉତ୍ସର୍ଗ ଯୋଜନ ତାର ଓସାର ଯେ କୋଶେ ।
ସୁବର୍ଣ୍ଣର ପାଚେରୀଯେ ପୁର ଚଉକତି
ମାଣିକ୍ୟର ଦୁଆର ଯେ ଦିଶେ ରଙ୍ଗଜ୍ୟୋତି ।
ଲୁହାର ଯେ ବେନି ସିଂହ ଉଭାଛନ୍ତି ଦ୍ୱାରେ
ପାଦଟେକି ବସିଛନ୍ତି ବିକ୍ରମ ରୂପରେ ।
ବେନି ପାରୁଶେ ଅଛନ୍ତି କୋଟି ବାଦ୍ୟକାର
ବଜ୍ରାଘାତ ଜିଣି ବାଜୁଛଇ ଯେ ତୂର ।
ସିନ୍ଧୁଘୋଷ ଜିଣି ଶୁଭେ ମୁଖର ଚହଳ
ଅସଂଖ୍ୟ ଲୋକ ସେଠାରେ ହୋଇଛନ୍ତି ମେଳ ।
ଦ୍ୱାରୀ ପଢ଼ିଆରୀମାନେ କରେ ଧରି ବେତ
ପିଟନ୍ତି ସହସ୍ରଜଣ ତହିଁ ଅବିରତ ।
ପିଟିବାର ଶବଦ ଯେ ବାଦ୍ୟରୁ ଅଧିକ
ପେଲାପେଲି ହୋଇ ପଶୁଅଛନ୍ତି ଯେ ଲୋକ ।
ନିଅନ୍ତା ନେଉଛି ଆସନ୍ତା ଯେ ଆସୁଛନ୍ତି
କାହାକୁ ଛତା କାହାକୁ ଚାମର ବିଞ୍ଚନ୍ତି ।
କାହାକୁ ନେଉଅଛନ୍ତି ପହଣ୍ଡ ମଣାଇ
କାହାକୁ ବାନ୍ଧି କରିଣ ନ୍ୟନ୍ତି ଘୋଷରାଇ ।
ଏମନ୍ତେ କାହାକୁ ନେଇ ପିଟୁଛନ୍ତି ବାଡ଼ି
କାହାକୁ ନେଉଅଛନ୍ତି ନାନା ସ୍ତୁତି ପଢ଼ି ।
ଭିଡ଼ଘାତେ କାହା ଅଙ୍ଗ ହେଉଅଛି ଦଳି
ରକ୍ତରେ ଦୁଆରେ ଦିଶେ ଜବାପୁଷ୍ପ ଭଳି ।
ସେ ଯମର ନଗର ଯେ ପୁର ସିଂହଦ୍ୱାର
ବିକଟ ଦ୍ୱାର ବୋଲି ଯେ ନାମଟି ତାହାର ।
ଏହା ପଶ୍ଚିମ ଭାଗରେ ପନ୍ଦର ଯୋଜନ
ଶତେକ ଯୋଜନ ଜିଣି ଯମର ଆସ୍ଥାନ ।
ପ୍ରଥମ ଦ୍ୱାରେ ଗମିଲେ ଯମର ପାଟଣା
ଏକ ଏକ ପୁର ଦିଶେ ବିଚିତ୍ର ଘଟଣା ।
ପାଚେରୀକେ ପାଚେରୀକେ ବିଚିତ୍ର ଭୁବନ
ଭିନ୍ନ ଭିନ୍ନ ପରି ସେକି ଦିଶଇ ଶୋଭନ ।
ଦେଉଳ ମଣ୍ଡପ କେତେ ଅଟାଳି ଜଗତୀ
ବିପୁଳ ଘର ସକଳ ଦିଶେ ପନ୍ତି ପନ୍ତି ।
ପୂର୍ବତୋଟା ସେ ପୁରରେ ଦିବ୍ୟ ତରୁବର
କୂପ ବାମ୍ଫୀ ନଦନଦୀ ଦିବ୍ୟ ସରୋବର ।
ନାନା ପକ୍ଷୀମାନେ ତହିଁ କ୍ରୀଡ଼ାରେ ଉନ୍ମତ୍ତ
ଜୀବଜନ୍ତୁମାନେ ସର୍ବେ ଦିଶନ୍ତି ଶୋଭିତ ।
ସେ ପୁରର ଜନମାନେ ସର୍ବେ ଜନଯୁବା
ରୂପଗୁଣେ ପଟାନ୍ତର କିସ ତାଙ୍କୁ ଦେବା ।
ନବର ପୁର ବେଢ଼ିଣ ଅଛନ୍ତି ଗହଳେ
ଆରୋଗ୍ୟ ଐଶ୍ୱର୍ଯ୍ୟେ ବର୍ତ୍ତନ୍ତି ସକଳେ ।
ଯେତେ ଲୋକ ଆତଯାତ୍ର ମଞ୍ଚରେ ହୁଅନ୍ତି
ସେହି ଲୋକମାନେ ତହିଁ ଦୁଃଖ ଭୋଗୁଛନ୍ତି ।
ତିନିଦ୍ୱାର ଜିଣି ଆମ୍ଭେ ଭିତରକୁ ପଶୁ
ବାଟ ନ ଦିଶଇ ଲୋକଙ୍କର ଯାଉଁ ଆସୁ ।
ମୁଖଧ୍ୱନି ଶୁଭଇ ଯେ ସିନ୍ଧୁ ଘୋଷ ପ୍ରାୟେ
ତିଳ ତଳେ ନ ପଡ଼ଇ ଲୋକଙ୍କର ଘାଏ ।
ପାପୀଜନମାନେ ମାଡ଼ି ପଡ଼ନ୍ତି ଗହଳେ
ପୁଣ୍ୟବନ୍ତ ଲୋକ ସେଠି ଯାଆନ୍ତି ସଧୀରେ ।

Digitized by srujanika@gmail.com

ଦ୍ୱାରକୁ ଦ୍ୱାରର ଶୋଭା ଭିନ୍ନ ଭିନ୍ନ ବଢ଼ି
ଧାଡ଼ି ଧାଡ଼ି ହୋଇ ତହିଁ ପଡ଼େ ବେତବାଡ଼ି ।
ଠେଲାଠେଲି ହୋଇ ବଳେ ପଶୁଛନ୍ତି ଲୋକେ
ପେଲାପେଲି ହୋଇ ତହିଁ ଯାଉଛନ୍ତି ଥୋକେ ।
ପାପୀଙ୍କି ନିଅନ୍ତି ଯମଗଣେ ବାଳ ଧରି
ମାଡ଼ମାରି ତାହାର ଯେ ବଳ ଦର୍ପ ହରି ।
ଠାବେ ଠାବେ ଦଣ୍ଡ ଦେଉଅଛନ୍ତି ସେ ଯେତେ
ପଦ ପଦ କରି ତାହା କହିବାକ କେତେ ।
କହନ୍ତେ ସେ ଅଗୋଚର ଶୁଣନ୍ତେ ବହନ
ସଂକ୍ଷେପି ତା କହିବାକୁ କେ ଅବା ଭାଜନ ।
ସୁଜ୍ଞଜନମାନେ ମୋର ନ ଘେନିବ ଦୋଷ
ତୁଚ୍ଛ ବୁଦ୍ଧି ମୋହର ଯେ ଅଳପ ବୟସ ।
ମାର୍କଣ୍ଡ ଋଷିଙ୍କୁ ଯାହା ନ ଗଲା ଗୋଚର
ମୁଁ ମାନବ ଜନ୍ମ ସିନା କି ଭରଷା ମୋର ।
କିଛି ଦୟା ମୋତେ ଯେଣୁ କଲେ ଜଗନ୍ନାଥ
ଜନହିତେ ବଖାଣିଲି ଏଣୁ ଏହି ଗ୍ରନ୍ଥ ।
ସୁଜ୍ଞାନୀ ଲୋକଙ୍କ ଏହି ଅଟେ ହିତବାଣୀ
ପାପୀଜନମାନଙ୍କୁ ଏ ବଜ୍ରସମ ଜାଣି ।
ଶ୍ରୀ ମାର୍କଣ୍ଡ ପୁରାଣ ଏ ଯମଦଣ୍ଡ କଥା
ଏକ ମନରେ ଶୁଣିଲେ ଖଣ୍ଡେ ଭବବ୍ୟଥା
ସୁଜ୍ଞଜନମାନେ ମୋର ଭକତି ଘେନିବା
ରାମନାମ ଭାବି ଭବ ସାଗରୁ ତରିବା ।
ଯମଦଣ୍ଡରୁ ଯଦ୍ୟପି ପାଇବ ନିର୍ବାର
ଭଜ ହରିହରି ତୁଣ୍ଡେ ଯାଏ ପାପ ଦୂର ।
ନରକ ବ୍ୟବସ୍ଥା ଶୁଣ ଏମନ୍ତ ଅଟଇ
ମହାଦେବ ଦାସ ଏହା ଗୀତରେ କହଇ ।

–x–

ଯମର ଆସ୍ଥାନ ବର୍ଣ୍ଣନା

ଏଥୁ ଅନନ୍ତରେ ଶୁଣ ସୁରଥ ନୃପତି
ମାର୍କଣ୍ଡ ମୁନି ଚରଣେ କରିଣ ଭକତି ।
ପଚାରଇ କରପତ୍ର ଯୋଡ଼ି ନୃପବର
କହିବା ଯେ ମହାମୁନି ଯମ ବ୍ୟବହାର ।
କେତେ ଦୂରେ ଯାଇ ଯମରାଜାଙ୍କୁ ଭେଟିଲ
କି କି କଥା ତୁମ୍ଭେ ତାଙ୍କ ସଙ୍ଗରେ କହିଲ ।
କୃତିହା ମହାଋଷିଙ୍କି ଆଣିଲ କି ଭଲେ
ଜନ୍ତୁପତି ତୁମ୍ଭଙ୍କୁ ଯେ କି ଭାଷା କହିଲେ ।
ଏକଥା ସଂକ୍ଷେପି ମୋତେ କହ ମୁନିବର
ଏତେ ବୋଲି ରାଜା ଶିରେ ଯୋଡ଼ିଲେକ କର ।
ବୋଲନ୍ତି ଯେ ମାରକଣ୍ଡ ଶୁଣିମା ରାଜନ
ଯମରାଜାଙ୍କୁ ଦେଖିଲି ଯାଇଣ ଯେସନ ।

ସେକଥା ତୋହର ଆଗେ କହିବା ନୃପତି
ଯମର ନବର ଗୋଟି ଆଶ୍ଚର୍ଯ୍ୟ ଯେ ଅତି ।
ନୟନରେ ଦେଖିଲୁ ଯେ ଯମର ଭୁବନ
ଆଡ଼ଦୀର୍ଘେ ଯେ ନବର ଷାଠିଏ ଯୋଜନ ।
ଶତେକ ଦ୍ୱାର ଜିଣିଣ ଯମର ଆସ୍ଥାନ
କାଳ ବିକାଳ ସଙ୍ଗରେ ଗଲୁ ବେନିଜନ ।
ସଙ୍ଗ ହୋଇଣ ସମସ୍ତେ ରଥେ ବସିଥିଲୁ
ଜଡ଼ଦ୍ୱାର ଜିଣି ସେହୁ ରଥୁ ଓହ୍ଲାଇଲୁ ।
ପାଦରେ ଚାଲି ଗମିଲୁ ଦଶଦ୍ୱାର ଜିଣି
ଏଥୁ ଅନନ୍ତରେ ପୁଣ ଶୁଣିବା କାହାଣୀ ।
ଯାଇ ଯମର ଆସ୍ଥାନ ସନ୍ନିଧେ ମିଳିଲୁ
ଶୁଣ ମହୀପତି ତହିଁ ଯେମନ୍ତେ ଦେଖିଲୁ ।
ଷୋଳପୁର ଜଗତୀ ଯେ ଯୋଜନ ଉସ୍ୱର୍ଗ
କି ଜାଣି ତାହାର ଶୋଭା ଦିଶେ ଦ୍ୱିତୀସ୍ୱର୍ଗ ।
ସୁବର୍ଣ୍ଣର ଖମ୍ବ ସବୁ ନୀଳ ପୀଢ଼ମାନ
ଉପରେ ରୂପାର ଚାଳ ଦିଶଇ ଶୋଭନ ।
ମାଣିକ୍ୟର କଣିକାଣ୍ଡ ହୀରା ତୁଣ୍ଡିପଟା
ମୁକତି ହିରଣ୍ୟ କୁରୁବିନ୍ଦ ଯେ ଲେଉଟା ।
ଉପରେ ଯେ ଚନ୍ଦ୍ରାତପ ମର୍କତ ନିର୍ମାଣ
ଖଞ୍ଜା ହୋଇଅଛି ତହିଁ ପୁଣି ଅଷ୍ଟରତ୍ନ ।
ତା ମଧ୍ୟରେ ଶତଦଳ ପାଖୁଡ଼ା କମଳ
ମାଣିକ୍ୟ ଦେଶରେ ତହିଁ ଖଞ୍ଜିତ ପ୍ରବାଳ ।
କେରି କେରି କରି ଖଞ୍ଜି ଅଛଇ ମୁକୁତା
ଲମ୍ବଇ ରତନ ମାଳା ପାଟସୂତା ଗୁନ୍ଥା ।
କାଚର ପାଣି ପାଟିଆ ଆଣି ଧାଡ଼ି ଧାଡ଼ି
କ୍ଷୁଦ୍ର ମୋତି ଝରା ତହିଁ ଲମ୍ବେ କେରି କେରି ।
ବିଶାଶତେ ଖମ୍ବ ତହିଁ ନୀଳାରେ ଗଠନ
କି ଜାଣି ବିରାଜିଅଛି କନକ ଭୂଷଣ ।
ଖମ୍ବଙ୍କର ମୂଳେ ପୁଣି ସୁବର୍ଣ୍ଣ ବେଦିକା
ଅମୂଲ୍ୟ କାଞ୍ଚନ ତହିଁ ହୀରାରେ ନାୟିକା ।
ସୁବର୍ଣ୍ଣ ପିତୁଳାମାନ ଖମ୍ବ ଚଉକତି
ଶଏ ଅଷ୍ଟଉତ୍ତର ଯେ ଖମ୍ବେ ବସିଛନ୍ତି ।
ପୁରେ ପୁରେ ଜଗତୀ ଯେ ଭିନ୍ନେ ଭିନ୍ନେ ଜଡ଼ି
ପିତୁଳାମାନ ଯତନେ କରିଅଛି ଗଢ଼ି ।
ଜୀବନ୍ୟାସ ପାଇଛନ୍ତି ସକଳ ପିତୁଳା
ପ୍ରସନ୍ନ ମୁଖ ତାଙ୍କର ଲୋକ ବେନି ଡୋଳା ।
ଦୂରକୁ ଦିଶନ୍ତି ସେହୁ ହସିବା ପରାୟେ
ଦେବତାଗଣଙ୍କୁ ଜିଣି ଦିଶେ ତାଙ୍କ କାୟେ ।
ପୁରେ ପୁରେ ଲୋକ ଥାଇ ଅତ୍ୟନ୍ତ ଗହଳ
ଗହଗହ ସଭା ପୁଣି ଶୁଭଇ ଚହଳ ।

Digitized by srujanika@gmail.com

ପାଞ୍ଚ ସାତ ପାବଚ୍ଛ ଯେ ଉପର ପୁରକୁ
ଚାରୋଟି ପ୍ରତିମା ତୁଲ୍ୟ ଦିଶେ ଏକ ଏକୁ ।
ସ୍ଫଟିକ ପାବଚ୍ଛ ବନ୍ଧା ହୋଇଛି ଯତନେ
ପୁରକୁ ପୁର ରଖିଛି ବାଟ ଭିନ୍ନେ ଭିନ୍ନେ ।
ଦୁଆରକୁ ଦୁଆରଯେ ଅପୂର୍ବ ଘଟନ
ଉପରକୁ ଉପରଯେ ଜଗତୀ ଲକ୍ଷଣ ।
ସୁବର୍ଣ୍ଣର ପୀଢ଼ାମାନ ମୁକ୍ତା ଚଉସରି
ନୀଳଖମ୍ଭମାନ ତହିଁ ଦିଶେ ଧାଡ଼ି ଧାଡ଼ି ।
ପଞ୍ଚକୋଶ ଆକୃତି ସେ ସ୍ଥାନ ପରିମଳ
ଉପରେ ରୂପରେ ଚାଳ ଦିଶେ ମହାଜ୍ୱଳ ।
କୋଟିଏ କୃଷ୍ଣ ଚାମର ଲମ୍ବେ ଚଉକତି
ରଙ୍ଗ ପାଟ ସୂତାରେ ଯେ ଗୁନ୍ଥା ଗଜମୋତି ।
ତହିଁ ପାଖରେ ମାଣିକ୍ୟ ଗୁନ୍ଥି ଘନ କରି
କଳାସୂତା ପାଟେ ତାହା ଲମ୍ବେ କେରି କେରି ।
ଝଲକା ପାତିଆ ତହିଁ ଲମ୍ବେ ରେଖ ରେଖ
ପାଟ ପତନୀକି କୁଞ୍ଚି ବାନ୍ଧି ଚାରିପାଖେ ।
କଟୀତଟରେ ଚାନ୍ଦୁଆ ଅଛି ପୁଣି ଟାଣି
ନିଘଞ୍ଚ ହୋଇଣ ତହିଁ ଲମ୍ବେ ନୀଳମଣି ।
ଧନ୍ୟ ବିଶ୍ୱକର୍ମା ସେହୁ ଜଗତୀ ଗଢ଼ିଲା
ବିମାନ ପରାୟେ କରି ବସନ ମଣ୍ଡିଲା ।
ଅପୂର୍ବ ବସନମାନ ମଣ୍ଡିଅଛି ଯେତେ
କୁବେର ଭଣ୍ଡାରେ ଆମ୍ଭେ ଦେଖିନାହୁଁ ତେତେ ।
ଜଗତୀ ଉପରେ ପୁଣି କାଚର କଳସ
ମାଣିକ୍ୟର ଝରା ବେଢ଼ି ଅଛି ଚଉପାଶ ।
କଳସ ଉପରେ ପୁଣି ଉଡ଼ଇ ପତଙ୍ଗ
ବିପତନ ହୋଇ ତହିଁ ପତନୀ ଦେବାଙ୍ଗ ।
ଆସ୍ଥାନର ଆଠକୋଣେ ଆଠଟି ମଣ୍ଡପ
ଅଷ୍ଟରତନେ ନିର୍ମିତ ପରେ ଚନ୍ଦ୍ରାତପ ।
ମଧ୍ୟସିଂହାସନ ପରେ ବିଜେ ଜନ୍ତୁପତି
ଦେବତାଏ ବେଢ଼ିଛନ୍ତି ତାର ଚଉକତି ।
ଆସ୍ଥାନ ତଳେ ଅଛନ୍ତି ସୈନ୍ୟ ପଟୁଆର
ଦ୍ୱାଦଶ ଯୂଣ ମାଡ଼ିଣ ନିଘଞ୍ଚରେ ପୂର ।
ଚଉଦ କୋଟି ରଥୀ ଯେ ଅଛନ୍ତି ଉଭାରି
ବସିଛନ୍ତି ସର୍ବେ କାଳପୁରୁଷର ପରି ।
ପଞ୍ଚଅର୍ବୁଦ ଅଛନ୍ତି ପୁଣି ମତ୍ତଗଜ
ଆବୋରି ଅଛନ୍ତି ଯୋଦ୍ଧା ହୋଇ ଦିବ୍ୟସଜ ।
ଦଶ ମେବଚ୍ଛ ରାଉତ ମହାବଳବନ୍ତ
ଅଶ୍ୱ ଆରୋହିଣ ସର୍ବେ ଧରିଛନ୍ତି କୁନ୍ତ ।
ପଏଦାର ସଇନି ଯେ ତେତିଶ କ୍ଷଉଣୀ
ଯାନ୍ତି ଆସନ୍ତି ସଇନି ପାରିବ କେ ଗଣି ।

ଧ୍ୟାନରେ ବସିଣ ଆମ୍ଭେ ସବୁକଥା ଜାଣୁ
ଦୂତଙ୍କଠାରୁ ବହୁତ କଥା ପୁଣି ଶୁଣୁ ।
ଶୁଣି ତୁହି ରାଜା ଅବା ବିଚାରିବୁ ମନେ
ତୁମ୍ଭଙ୍କୁ କହନ୍ତି କେଉଁକଥା ଦୂତମାନେ ।
ତୁମ୍ଭେ ଅତି ବିଜ୍ଞବର ସକଳ କଥାକୁ
ଆଉ କାହିଁପାଇଁ ତେବେ ପଚାର ତାହାଙ୍କୁ ।
ଏମନ୍ତ କରି ବିଚାର କରୁ ଅବା ମନ
ତହିଁର ଚରିତ ତୋତେ କହିବା ରାଜନ ।
ଆମ୍ଭେ ମଧ ମହାରଷି ସର୍ବଜ୍ଞ ପୁରୁଷ
ଧ୍ୟାନେ ଚିନ୍ତାକଲେ ଦୃଶ୍ୟ ହୁଅଇ ଅଦୃଶ୍ୟ ।
ତେଣୁ ଯାଉଁ ଯାଉଁ ସାଙ୍ଗ ସଙ୍ଗ ହୋଇକରି
ଦୃଷ୍ଟିରେ ଯେ ପଡ଼େ ବୁଝୁ ତାହା ତଥ୍ୟକରି ।
ନିକଟ କଥା ଦୂତଙ୍କୁ ଶୁଣୁ ପଚାରିଣ
ଦୂର କଥାମାନ ଜାଣୁ ମନେକର ଧ୍ୟାନ ।
ଶୁଣ ଆହେ ମହୀପତି ଏଥୁ ଅନନ୍ତରେ
ଗତ କଥାମାନ ସବୁ କହନ୍ତି ଡଗରେ ।
ଯମର ଆସ୍ଥାନ ତଳେ ଆମ୍ଭେ ଅଛୁ ରହି
ସଭା ଲୋକଙ୍କର ଆମ୍ଭ ପ୍ରତି ଲକ୍ଷ୍ୟ ନାହିଁ ।
ଗହଳର ଭିତରେ ଯେ ଆମ୍ଭେ ଅଛୁ ପଶି
ଯମଦୂତେ ବୋଇଲେ ଯେ ଶୁଣ ମହାରଷି ।
ଦେଖ ଜନ୍ତୁପତି ଏ ଯେ ବିଜୟ ଆସ୍ଥାନେ
ଷୋଳପୁରେ ଜଗତ ଉପର ମଧ୍ୟସ୍ଥାନେ ।
ଷୋଳପୁରମାନଙ୍କରେ ଛନ୍ତି ଯେତେ ଜନ
ସେ ସମସ୍ତ ଯମଗଣ ଆମ୍ଭର ସମାନ ।
ଉତ୍ତମ ଲୋକ ସଭାର ମଧ୍ୟେ ବସିଛନ୍ତି
ମନ୍ତ୍ରୀ ଆଜ୍ଞା ଦେଲେ ସେହୁ ଜନ୍ତୁଙ୍କୁ ଆଣନ୍ତି ।
ବାହାରେ କେତେକ ଲୋକ ଅଛନ୍ତି ଉଭାରି
ଶତ୍ରୁ ଉପଗତ ହେଲେ ଯାନ୍ତି ଯୁଦ୍ଧକରି ।
ଦକ୍ଷିଣରେ ପାଚେରୀକୁ ଅବଧାନ କର
ପାଷାଣ ଖମ୍ଭ ଅଛଇ ଗୁରୁଜ ଉପର ।
ସେ ଖମ୍ଭରେ ବାନ୍ଧିଛନ୍ତି ଯେବଣ ମଇଁଷି
ଯମର ବାହନ ସେହି ଜାଣ ମହାରଷି ।
ଗିରିବର ସମାନରେ ଦିଶେ ତାର ଅଙ୍ଗ
ଗଗନର ଆଦ୍ରାବଳି ପ୍ରାୟ ବେନି ଶୃଙ୍ଗ ।
ପର୍ବତର ଗୁମ୍ଫା ପ୍ରାୟ ଦିଶେ ନାକପୁଡ଼ା
ସମ୍ପୂର୍ଣ୍ଣ ଦେଉଳ ପ୍ରାୟେ ଦିଶେ ନାକଯୋଡ଼ା ।
ଚକ୍ଷୁ ସ୍ଥିରକରି ଚାହିଁଦେଲେ କର୍ଣ୍ଣ ଟେକି
ନୂତନ ଲୋକମାନଙ୍କୁ ଲାଗଇ ଭେଳିକି ।
କେଜାଣି ସେକ୍ଷଣି ଆସି ବସିବ ଯେ ମାଡ଼ି
ବଜ୍ରଖମ୍ଭ ମାଡ଼ିଅଛି ନାହିଁ ଯେ ଦଉଡ଼ି ।

Digitized by srujanika@gmail.com

ପିଙ୍ଗଳ ଯେ ରୋମାବଳୀ ଦିଶଇ ଶରୀରେ
ନ ଜାଣି କି ବେଣାଘାସ ଚଳଇ ଉପରେ ।
ଅତ୍ୟନ୍ତ ବିଶାଳ ପୁଣି ମୋଟ ପାଦ ଚାରି
କମ୍ପଇ ଏ ସଞ୍ଜୀବନୀପୁର କଲେ ଖୁରି ।
ଗୁଣନିଧି ଗନ୍ଧର୍ବର ଯାକୁ ବଡ଼ ଶଙ୍କା
ଏହି ମହାମଇଁଷି ଯେ ଅଟେ ରଣରଙ୍କା ।
ମହିଷାସୁର ଅଟଇ ଏହାର ସାନୁଜ
ଆଣିଲେ ତାହାକୁ ବାଲ୍ୟକାଳେ ଜନ୍ତୁରାଜ ।
ଯେଉଁ ମହାପାପୀ ପୁରାଣକୁ ନିନ୍ଦାକରି
ମଇଁଷି ଆଗେ ପକାନ୍ତି ତାର ବାଳ ଧରି ।
ଏହି ମଇଁଷି ତାହାକୁ ବହୁ ଦୁଃଖ ଦେଇ
ଏଥୁ ଅନନ୍ତରେ କଥା ଶୁଣିବା ଗୋସାଇଁ ।
ଦକ୍ଷିଣ ପାଚେରୀଠାରେ ଅଛି ଯେ ଗୁରୁଜ
ପୋହଳା ଖମ୍ବରେ ବନ୍ଧାଅଛି ମତ୍ତଗଜ ।
ଚିତ୍ରଗୁପତଙ୍କର ସେ ଅଟନ୍ତି ବାହନ
ମହାମେଘ ଜିଣି ଦିଶେ ତାହାଙ୍କର ବର୍ଣ୍ଣ ।
ଖଣ୍ଡଗିରି ପ୍ରାୟେ ଦିଶେ ତାର ବେନି କର୍ଣ୍ଣ
ଝର ଝର ମଦ ଦେହୁ ଗଳେ ଅନୁକ୍ଷଣ ।
ଗର୍ଜଇ ସେ ଥୋରହସ୍ତ ଟେକି ଅତି ରୋଷେ
ବୃଶାଳ ତା ଦାନ୍ତ ବେନି ଶାଳଗଜା କି ସେ ।
ଐରାବତ ଗଜର ଅଟେ ପଣନାତି
ପ୍ରସନ୍ନେ ଆମ୍ଭ ମନ୍ତ୍ରୀକି ଦେଲେ ସୁରପତି ।
ଯେଉଁ ମହାପାପୀ ରାଜାଠାରେ ଦ୍ରୋହକରେ
ତାହାକୁ ପକାନ୍ତି ଏହି ହସ୍ତୀର ଛାମୁରେ ।
ଅନେକ ଦୁଃଖ ଦିଅଇ ଏ ଯେଉଁ ପ୍ରାଣୀକି
ତାହାର ଦୁଃଖ କହିଲେ ଆଉ ସରଇକି ।
ଉତ୍ତର ଗୁରୁଜ ଖମ୍ବ ମାଣିକ୍ୟ ତା ମୂଳ
ବ୍ୟାଘ୍ରେକ ବନ୍ଧା ହୋଇଛି ଦେଖ ତପଶୀଳ ।
ଚିତ୍ରପଟ ପ୍ରାୟ ଦିଶେ ଦେଖ ତାର ଦେହ
ବିଂଶନଖ ତୀକ୍ଷଣ ଅତି ବିକଟାଳ ମୁହଁ ।
କାଳାନ୍ତକ ରଡ଼ି ତାର ଜିଣି ମେଘଧ୍ୱନି
ଶବଦରେ କମ୍ପମାନ ହୁଏ ସଂଯୀବନୀ ।
ଏମନ୍ତ ସେ ବ୍ୟାଘ୍ର ଗୋଟି ଅଟେ ମହାବଳୀ
ସଂଗ୍ରାମକଲେ ଗୋଟିଏ ଲୋକ ପାରେ ଗିଳି ।
ଆହେ ମୁନି ସେ ବ୍ୟାଘ୍ରକୁ ଆଣିଥିଲୁ ଯହୁଁ
ଶୁଣିବା ସାବଧାନେ ସେ କଥା ଆମ୍ଭେ କହୁଁ ।
ଈଶ୍ୱର ପାର୍ବତୀଙ୍କର ଉଦ୍ୟାନ ବନରେ
କଉତୁକେ ବୁଲନ୍ତି ସେ ନିତି ଅନ୍ଧକାରେ ।
ବିପୁଳକକ୍ଷ ନାମରେ ଏକ ଯକ୍ଷ ବୀର
ଅଙ୍ଗାର ପନ୍ନଗର ସେ ଅଟଇ କୁମର ।

ମହାନିଶା କାଳରେ ସେ ବୁଲଇ ବନରେ
ଗର୍ବେଶ୍ୱର ପଣେ ବଡ଼ ଆନନ୍ଦ ମନରେ ।
ନିଶାକାଳେ ବନରେ ସେ ବୁଲେ ଏକାନ୍ତରେ
ଈଶ୍ୱର ପାର୍ବତୀଙ୍କୁ ଯେ ଭେଟିଲା ସେଠାରେ ।
ଶଙ୍କା ଦେବାପାଇଁ ବୃକ୍ଷ ଛାଇରେ ଲୁଚିଲା
ବ୍ୟାଘ୍ର ପ୍ରାୟେ ହୋଇ ତାଙ୍କ ପଛେ ଘୁମୁରିଲା ।
ପାର୍ବତୀ ଦେବୀ ଶୁଣିଣ ମନେ ଭୟ କଲେ
ଈଶ୍ୱର ଜାଣି ତାହାକୁ କୋପେ ଶାପ ଦେଲେ ।
ବୋଇଲେରେ ଚଣ୍ଡାଳ ତୁ ବିଦ୍ୟାଧର ହୋଇ
ନିଶାରେ ଆମ୍ଭଙ୍କୁ ଡରାଇଲୁ କାହିଁପାଇଁ ।
କେମନ୍ତେ ତୁ ଏହି ବନେ ପଶିଲୁରେ ବାଇ
ଯେଉଁବନେ ପଶିବାକୁ ବାସବ ଡରଇ ।
ଏ ବନରେ ପଶିଲୁ ତୁ କେଉଁ ଭରସାରେ
ଆମ୍ଭଙ୍କୁ ଡରାଉ ପୁଣି ତୁ ବ୍ୟାଘ୍ର ରୂପରେ ।
ଯାହା ତୁହି ଇଛା କରୁ ସେହି ପଶୁ ହୁଅ
ବ୍ରହ୍ମାଙ୍କ ଦିବସେ ପୁଣି ନିଜ ତନୁ ପାଅ ।
ଆବର ଏହି ବନରେ ନ ଥାରେ ଚଣ୍ଡାଳ
ରହିଲେ ତ ଏହିକ୍ଷଣି ପୂରିବ ତୋ କାଳ ।
ସଞ୍ଜୀବନୀ ପୁରେ ବାନ୍ଧିଦ୍ୟନ୍ତୁ ତୋତେ ନେଇ
ଏତେ ବୋଲିଣ ଈଶ୍ୱର ଗଲେ ଶାପ ଦେଇ ।
ମୁହିଁ ଯେ ମଞ୍ଚପୁରରେ ବୁଲୁଥିଲି ନିଶି
ଈଶ୍ୱର ଆଜ୍ଞାରେ ବାନ୍ଧିଲଇଁ କାଳଫାଶୀ ।
ସଞ୍ଜୀବନୀ ପୁରେ ତାକୁ ବାନ୍ଧିଲଇଁ ଆଣି
ଏଥୁ ଅନନ୍ତରେ ଶୁଣ ଆନ ଯେ କାହାଣୀ ।
ଯେଉଁ ମହାପାପୀ ପୁଣି ନିନ୍ଦେ ଦେବତାଙ୍କୁ
ଏ ମହାପଶୁ ପାଖରେ ପକାଉ ତାହାକୁ ।
ବିବିଧ ଦଣ୍ଡ ତାହାକୁ ଦିଆଉ ଯେ ନେଇ
ଏଥୁ ଅନନ୍ତରେ ଶୁଣ କଥା ମନଦେଇ ।
ପୂର୍ବପାଖ ପାଚେରୀ ଯେ ମଧ୍ୟ ସିଂହଦ୍ୱାରେ
ହଂସପକ୍ଷୀ ବିରାଜଇ ସ୍ୱର୍ଣ୍ଣ ପିଞ୍ଜରୀରେ ।
ଜଳର ସଖା ଏ ମୁନି ଅଟେ ରାଜହଂସ
ମହାବ୍ୟାଧି ନାମ ବହି କରଇ ବିଳାସ ।
ବିହିର ନିଃଶ୍ୱାସୁ ଏହୁ ହୋଇଥିଲା ଜାତ
ପକ୍ଷୀର ସ୍ୱରୂପ କିନ୍ତୁ ପ୍ରାଣୀର କୃତାନ୍ତ ।
ଏହି ମହାତ୍ମା ଆଶ୍ରୟ କରଇ ଯାହାକୁ
ଜୀବ ଥାଉ କାଳଦଣ୍ଡ ଲାଗଇ ତାହାକୁ ।
ବିନାକାର୍ଯ୍ୟେ ଗୁରୁଙ୍କୁ ଯେ ଜନ ଦଉଡ଼ାଇ
ସେହି ମହାପାପୀକି ଏ ବ୍ୟାଧି ଆବୋରଇ ।
ଆସ୍ଥାନର ଉପରକୁ ଲୟକର ଋଷି
ଯେଉଁ ଯେଉଁମାନେ ସଭା ମଧ୍ୟେ ଛନ୍ତି ବସି ।

Digitized by srujanika@gmail.com

ମଧ୍ୟରେ ଅଛଇ ଯେଉଁ ସ୍ୱର୍ଣ୍ଣ ସିଂହାସନ
ସୁସଞ୍ଚରେ ପଡ଼ିଅଛି ଅମୂଲ୍ୟ ରତନ ।
ତହିଁର ଉପରେ ଦେଖ ବିଜେ ଜନ୍ତୁପତି
ଶିରର ଉପରେ ଉଡ଼େ ତାର ବୀରଛତ୍ରୀ ।
କୃଷ୍ଣବର୍ଣ୍ଣ ପ୍ରାୟେ ଦିଶେ ତାଙ୍କର ଶରୀର
କୋଦଣ୍ଡ ଯେ କାଳଦଣ୍ଡ ଶୋହେ ବେନିକର ।
ନାନା ରତ୍ନେ ଗଠିତ ଯେ ଶିରରେ ମୁକୁଟ
କର୍ଣ୍ଣରେ କୁଣ୍ଡଳ ବେନି ଦିଶେ ଝଟଝଟ ।
ନୀଳମଣି ମାଣିକ୍ୟଯେ କଣ୍ଠରେ ଶୋଭିତ
ଅଷ୍ଟରତନ ତହିଁରେ ହୋଇଛି ଜଡ଼ିତ ।
ପିନ୍ଧିଅଛି ସରୁସରୁ ପୀତବର୍ଣ୍ଣ ପାଟ
ରତ୍ନ ଓଢ଼ିଆଣୀ ତହିଁ ଦିଶେ ଝଟଝଟ ।
କରେଣ କଚଟି ଯେହ୍ନେ ଅରୁଣ କିରଣ
ବାହୁରେ ରତ୍ନ ବାହୁଟି ବାଜେ ଝୁଣଝୁଣ ।
ଶିଖୀପୁଚ୍ଛର ଆଲଟ ପଡ଼ଇ ଶିରରେ
ଚଉପାଶେ ପଡ଼େ କୃଷ୍ଣ ଚାମର ହଜାରେ ।
ନୀଳାଦ୍ରି ରତ୍ନ ଗୁଡ଼ାଏ ଛାମୁରେ କୁଢ଼ାଇ
ବସିଅଛି ପୁଣ ନିଜ ଗଦାକୁ ଅନାଇ ।
ଯେଉଁ ଚରଣକୁ ଏକ ଦୃଷ୍ଟିରେ ଚାହାନ୍ତି
ଆଣ୍ଠୁ ପରିଜନ୍ତେ ପୋଡ଼େ ସେହି ପାଦ ଗୋଟି ।
ସେ ନାଶଗଲେ ଆରେକ ଚରଣକୁ ଚାହିଁ
ପୋଡ଼ିବାର କଅଁଳଇ ଶିବ ବର ପାଇ ।
ଏମନ୍ତ ବେନି ଚରଣ ହୁଏ ଆତଜାତ
ଝରଝର ଚରଣରୁ ବହଇ ଶୋଣିତ ।
ସିଂହାସନ ତଳେ ଅଛି ଏକ ତମ୍ବାକୁଣ୍ଡ
ସବୁ ରୁଧିର ତହିଁରେ ହେଉଅଛି ରୁଣ୍ଡ ।
ସେ କୁଣ୍ଡ ଭିତରେ ପୁଣି ସ୍ତିରୀ ଏକ ଅଛି
ଗତ ଦୋଷୁ ଶୋଣିତ ସେ ଭକ୍ଷଣ କରୁଛି ।
ଏଥିର ଚରିତ ଶୁଣ ଆହେ ମୁନିବର
ଏତେ କଷ୍ଟ ପାଇଲାକ ଯହୁଁ ନାଶକର ।
ଆଦିତ୍ୟଙ୍କର ଘରଣୀ ଛାୟା ମହାସତୀ
ପୁତ୍ର ଦୁହିତା ତାହାର ଗର୍ଭରୁ ଉପୁଡ଼ି ।
ପୁତ୍ରନାମ କୃତାନ୍ତକ ଦୁହିତା ଯମୁନା
ଆଦିତ୍ୟଙ୍କ ବୀର୍ଯ୍ୟେ ଏହୁ ଉପୁଜିଲେ ସିନା ।
ସ୍ୱାମୀର ଭକତି ବଡ଼ ଛାୟା ମହାସତୀ
ଅନୁବ୍ରତେ ଖଟେ ସେହୁ ଆଦିତ୍ୟଙ୍କ କତି ।
ସୂର୍ଯ୍ୟର କୋଟି କିରଣ ମହା ତେଜରାଶି
ପ୍ରିୟା ତପଗୁଣେ ସେହି ଦ୍ୱିଗୁଣେ ପ୍ରକାଶି ।
ଦିନୁଦିନ ସେ କିରଣ ଅଧିକ ଯେ ହୋଇ
ଛାୟାଦେବୀ ତାହାକୁ ଯେ ନ ପାରିଲେ ସହି ।
ଭୟରେ ସେ ମହାସତୀ ହୋଇଲେ ଅନ୍ତର ।
ଶରୀରରୁ ଜାତ କଲେ ଦିବ୍ୟରୂପ ସାର ।
ଛାୟା ଯାକୁ ଜାତକଲେ ମାୟା ତାଙ୍କ ନାମ
ରୂପ ଗୁଣ ବୟସରେ ଆପଣାର ସମ ।
ସେ ମାୟାଦେବୀଙ୍କୁ ଚାହିଁ କହେ ଛାୟାଦେବୀ
ବିରଞ୍ଚି ନାରାୟଣଙ୍କୁ ତୁହି ଥାଅ ସେବି ।
ପୁତ୍ର ଦୁହିତାମାନଙ୍କ ପାଳନ ଆଚରି
ସ୍ୱାମୀକି ତୁ ସେବାକରି ଥାଅ ମୋହ ପରି ।
ଆଦିତ୍ୟଙ୍କର ତେଜ ମୁଁ ନ ପାରିଲି ସହି
ତେଣୁ ମୁଁ ତପ କରିବି ଗୋପନରେ ରହି ।
ତପବଳେ ବହୁତେଜ ହୋଇଲେ ମୋହର
ପୁଣି ଆସି ଖଟିବି ମୁଁ ସ୍ୱାମୀଙ୍କ ପୟର ।
ଏତେ ବୋଲି ଛାୟାଦେବୀ ଗଲେ ତପ ଆଶେ
ଗୋପନ ହୋଇ ରହିଲେ ମେରୁକ୍ରୋଟ ଦେଶେ
ଆଦିତ୍ୟଙ୍କ ମନ୍ଦିରରେ ରହି ମାୟାଦେବୀ
ଗୃହଧର୍ମ ପାଳି ପୁଣି ସ୍ୱାମୀ ପାଦ ସେବି ।
ଦିନକର ନାଥ ଜାଣି ନ ପାରନ୍ତି ତାହା
ଛାୟା ପରାୟ ମଣିଣ ବହୁତ ସେନେହା ।
ଆଦିତ୍ୟଙ୍କ ବୀର୍ଯ୍ୟେ ମାୟାଦେବୀ ଗର୍ଭଗତେ
ଉପୁଜିଲା ମହାକାଳ ନାମେ ଏକ ପୁତ୍ରେ ।
ଛାୟାପୁତ୍ର ଯମ ମାୟା ପୁତ୍ର ମହାକାଳ
ଦୁହେଁ ମହାବଳୀ ପୁତ୍ର ଆଦିତ୍ୟଙ୍କ ବାଳ ।
ଏହିମତେ ଗଲା କେତେ ଦିବସ ଅନ୍ତରେ
ଅମୃତ ବଣ୍ଟନ ହେଲା ସ୍ୱର୍ଗ ଭୁବନରେ ।
ମାଳତୀ ଦେବୀ ଗଲେ ଯେ ମାୟାଦେବୀ ତୁଲେ
କୃତାନ୍ତକ ସେ ଅମୃତ ଦେଖିଣ ମାଗିଲେ ।
ଜନନୀ ବୋଲେ ଆସନ୍ତୁ ତୁମ୍ଭ ନିଜ ମାତ
ତାହାଙ୍କ ସଙ୍ଗତେ ତୁମ୍ଭେ ଭୁଞ୍ଜିବ ଅମୃତ ।
ମାତାଏ କହନ୍ତେ ସେ ନ ବୁଝିଲା ବାଳୁତ
ସାବତ ମାତାର ଦୟା ନ ବସଇ ଚିତ୍ତ ।
ବହୁପ୍ରକାରେ ବାଳୁତ ଯହୁଁ କଲା ଅଳି
ରାଗେଣ ମାତା ପୁତ୍ରକୁ ହୋଇଲେକ ଚଳି ।
ବୋଇଲେ ମୋତେ କେତେ ତୁ ଚିଟା ହୋଇଲାଗୁ
କହିଲେ ନ ବୁଝୁ ପୁଣି ନାହିଁ ନାହିଁ ମାଗୁ ।
ଆଜୁ ତୋହର ନୟନ ପଡ଼ିବ ଯେ ଠାଇଁ
ପୋଡୁ ସେହୁ ପଦାର୍ଥ ଯେ ମହାଜ୍ୱାଳା ପାଇ ।
ତାହା ଶୁଣି କୋପକଲା ବାଳୁତ ନନ୍ଦନ
ମାତାଙ୍କୁ ଗୋଇଠା ଏକ ମାଇଲା ବହନ ।
ପାଦ ଘାତରେ ବିମୁଖ ହେଲେ ମହାସତୀ
କୃତାନ୍ତକ ଦେବତାଙ୍କୁ କୋପେ ଶାପ ଦ୍ୟନ୍ତି ।

Digitized by srujanika@gmail.com

ବୋଇଲେ ତୋର ଚରଣେ କୁଷ୍ଠବ୍ୟାଧି ହେଉ
ବସିବା ଠାବରେ ସେହି ଚରଣ ମିଳାଉ ।
ଜନ୍ତୁପତି ପଣ ଯେଣୁ ଯୋଗ ଅଛି ତୋତେ
ସଂଯୀବନୀ ପୁରେ ତୁହି ବସିବୁ ନିଶ୍ଚିନ୍ତେ ।
ଗ୍ରହଙ୍କର ମଧ୍ୟେ ତୋର ନାମ ଶନୈଶ୍ଚର
ଯମରାଜା ପଣେ ପାଇ ଜନ୍ତୁ ନାଶ କର ।
ଶୁଣ ଆହେ ମହାଋଷି ପୂର୍ବର ବୃତ୍ତାନ୍ତ
ମାତାର ଶାପେ ହୋଇଲେ ଯମ ବ୍ୟାଧିମନ୍ତ ।
ଏହି ସେହି ସୂର୍ଯ୍ୟସୁତ ଏହା ନାମ ଶନି
ଜନ୍ତୁରାଣ ପଣେ ବିଜେ ପୁର ସଞ୍ଜୀବନୀ ।
ଆରେକ ମୂର୍ତ୍ତିର ନାମ ଅଟେ ଶନୈଶ୍ଚର
ରାଜା ହୋଇ ବସିଛନ୍ତି ସୁଧର୍ମା ସଭାର ।
ମାତାଙ୍କର ଶାପରେ ଏ ହେଲେ ଦୁଇ ମୂର୍ତ୍ତି
ଏଣୁକରି ଅଟଇ ଏ ମାୟାରେ ସନ୍ତତି ।
ମାତାଙ୍କ ଶାପେ ଗୋଡ଼ରେ ହେଲା କୁଷ୍ଠବ୍ୟାଧି
ଲୋଚନରୁ ଅଗ୍ନିଶିଖା ହୋଇଲା ପ୍ରସିଦ୍ଧି ।
ତେଣୁକରି ଯମରାଜା ତାହାକୁ ନ ଚାହିଁ
ଆପଣାର ଚରଣକୁ ଥାନ୍ତି ଦୃଷ୍ଟି ଦେଇ ।
ଦୃଷ୍ଟି ପଡ଼ିଲାରୁ ସେଇ ପାଦ ଜଳୁଥାଇ
ଅନନ୍ତରେ ଆନ କଥା ଶୁଣ ମନ ଦେଇ ।
ନିର୍ବାଣ ନାମରେ ଥିଲା ବିଶ୍ୱକର୍ମା ଏକ
ଦ୍ୱାଦଶ ବିଶ୍ୱକର୍ମାଙ୍କ ଉପରେ ନାୟକ ।
ଛାୟାଦେବୀଙ୍କ ପିଅର ସଙ୍ଗେ ସେହି ମିତ୍ର
କୃତାନ୍ତ ଦେବତା ଅଟେ ଛାୟାଦେବୀ ପୁତ୍ର ।
ତେଣୁ ସେହି ମହାତ୍ମା ଯେ ଯମ ପାଶେ ଥାଇ
ଚରଣମାନ ଯେ ବେଗେ ନିର୍ମାଣ କରଇ ।
ଯମ ଯେ ଚାହାନ୍ତେ ସେହି ହୁଅଇ ଦହିର୍ଯ୍ୟ
ଯାହା ସେ କର୍ମରେ ଅର୍ଜିଅଛି ଜନ୍ତୁରାଜ ।
ଜନ୍ତୁପତି ତଳକୁ ସେ ଦୃଷ୍ଟି ଦେଇଥାଇ
ବେକ ବ୍ୟଥା କଲେ ପାପୀମାନଙ୍କୁ ଅନାଇଁ ।
ପାପୀମାନଙ୍କ ଶରୀର ହୁଅଇ ଦହିର୍ଯ୍ୟ
ପୁଣି ନିଜ ଚରଣକୁ ଚାହେଁ ଜନ୍ତୁରାଜ ।
କୃଷ୍ଣବର୍ଣ୍ଣ ଦେଖିଲେ ସେ ହୁଅଇ ସନ୍ତୋଷ
କଳା ଦ୍ରବ୍ୟମାନ ତହିଁ ଅଛି ଚଉପାଶ ।
ବସ୍ତ୍ର ଅଳଙ୍କାର ଆଦି ଚାମର ସହିତେ
କୃଷ୍ଣବର୍ଣ୍ଣ ଦିଶଇ ସେ ଆପଣା ସଙ୍ଗତେ ।
ତେଣୁ ବୋଲନ୍ତି ଯେ ଜନ୍ତୁପତି କୃଷ୍ଣମୁନି
ବ୍ୟାଧିମନ୍ତ ହୋଇଲେ ସେ ମାତା ଶାପ ଘେନି
ଶନୈଶ୍ଚର ପାଦେ କୁଷ୍ଠବ୍ୟାଧି ହେବା ଚାହିଁ
ମନେ ବହୁ ଚିନ୍ତାକଲେ ଆଦିତ୍ୟ ଗୋସାଇଁ ।
ଆବର ଦେଖିଲେ ସଦା ତଳକୁ ବଦନ
ଅଗ୍ନି ଶିଖା ଜିଣିକରି ବିକାଶ ଲୋଚନ ।
ପର ହିତରେ ସେ ଚାହିଁ ନ ଥାଏ କାହାକୁ
ବସିଅଛି ଶନୈଶ୍ଚର ଅନାଇ ପାଦକୁ ।
ଗୋଡ଼ରୁ ଶୋଣିତ ବହିପଡ଼େ ଝରଝର
ଦେଖିଣ ଆକୁଳ ହେଲେ ପ୍ରଭୁ ପ୍ରଭାକର ।
ପୁତ୍ରକୁ ପଚାରନ୍ତି ସେ କହ ବାବୁ ମୋତେ
ଏଡ଼େ ବଡ଼ ପରମାଦ ବିହିଲା କେ ତୋତେ ।
କ୍ରୋଧଭରେ ହୋଇ ପୁଣି କହେ ଶନୈଶ୍ଚର
ସାବଧାନ ହୋଇ ଶୁଣ ଆହେ ଦିବାକର ।
ମାତା ମୋର ମନେ କ୍ରୋଧ କରାଇଲେ ଜାତ
ରାଗ ପାଇଣ ପ୍ରହାର କଲି ମୁହିଁ ନାତ ।
କୋପେ ସେ ଜନନୀ ମୋତେ ଶାପ ଦେଲେ ହାଦେ
ବୋଇଲେକ କୁଷ୍ଠବ୍ୟାଧି ହେଉ ତୋର ପାଦେ
ଆବର ବୋଇଲେ ତୁହି ଯେଣିକି ଚାହିଁବୁ
ସେହିକ୍ଷଣି ତୋ ଦୃଷ୍ଟିରେ ଜଳିଯିବ ସବୁ ।
ତେଣୁ କରି ବସିଅଛି ମୁହିଁ ମଥା ପୋତି
କି ବୁଦ୍ଧି କରିବି ମୋତେ କହିବା ସୁଗତି ।
ଶୁଣି ସୂର୍ଯ୍ୟ ଦେବତା ଯେ ପାଇ ମନେ ତାପ
ବୋଇଲେ ପୁତ୍ରେ ପଡ଼ିଲା କିମ୍ବା ମାତା ଶାପ ।
ନିରନ୍ତରେ ପୁତ୍ର ଅଟେ ମାତା ଦୋଷକାରୀ
ସର୍ବଦା ନାନାପ୍ରକାରେ ଲାଗେ ଦ୍ୱନ୍ଦ୍ୱ କରି ।
ତହିଁକି ଶାପ ଯଦ୍ୟପି ଦେଉଥିବ ମାତ
ପୁତ୍ରକୁ ସେ ଶାପ ଯେବେ ହେବ ପରାପତ ।
ସଂସାରର ଚେଷ୍ଟା ତେବେ କିପରି ହୋଇବ
ପୂର୍ବରୁ ତେଣୁ ଭିଆଣି ନାହିଁ ତ ଦଇବ ।
ଏବେ ପୁତ୍ରକୁ ପଡ଼ିଲା କିମ୍ବା ମାତା ଶାପ
ଛାୟା ଅବା ନୁହଇ ଏ ଅଟେ ମାୟାରୂପ ।
କେବଣ ଚରିତ ଏହା କେବଣ ଉପାୟେ
ଏମନ୍ତ ବୋଲି ଆଦିତ୍ୟ କରିଲେକ ଲୟେ ।
ଧ୍ୟାନରେ ସେ ଜାଣିଲାକ ନୁହେଁ ନିଜ ନାରୀ
ମାୟା ଯୁବତୀ ଅଟଇ ଏକୁ ଅନ୍ୟସ୍ତିରୀ ।
ଏ ମୋହର ତେଜ ସହି ନ ପାରିଲା ଛାୟା
ଡରେ ମହାସତୀ ତେଣୁ ଗୋପ୍ୟ କଲା କାୟା ।
ଆଗରୁ ଗୋଟିଏ ମାୟା ସ୍ତିରୀ ଜାତ କରି
ଗୋପ୍ୟ ହୋଇ ରହିଛନ୍ତି ଯାଇ ରତ୍ନଗିରି ।
ତାର ମନ୍ଦ ବୁଦ୍ଧିରୁ ମୋ ପୁତ୍ର ନାଶ ଗଲା
କିମ୍ପାଇଁ ସେ ଛାୟାଦେବୀ ଏହା ବିଚାରିଲା ।
ଏତେ ବୋଲି ମନ ମଧ୍ୟେ ଭାଳି ଦିନମଣି
ମେରୁକୁ ମାଗିଲେ ଯାଇଁ ଆପଣା ଘରଣୀ ।

Digitized by srujanika@gmail.com

ବୋଇଲେକ ତୋର ତହିଁ ଅଛି ମୋର ନାରୀ
ତପ କରୁଅଛି ମୋହ ତେଜକୁ ସେ ଡରି ।
ଛାୟା ମହାସତୀର ଯେ ଅଟୁ ତୁହି ପିତା
ଛାୟା ମହାସତୀ ଅଟେ ତୋହର ଦୁହିତା ।
ତେଣୁ ସେହି ମହାସତୀ ଅଇଲା ତୋ ପାଶ
ଆମ୍ଭର ତେଜକୁ ପାଇଲା ସେ ମହାତ୍ରାସ ।
ଆମ୍ଭର ଆଜ୍ଞାରେ ଏବେ ଛାୟା ଦିଅ ମେରୁ
ଆସୁ ସେ ଆମ୍ଭ କତିକି କିଛି ନ ବିଚାରୁ ।
ମେରୁ ବୋଇଲା ତାହାକୁ ପଚାରୁଛି ଯାହା
ସାବଧାନେ ଶୁଣ ଛାୟାଦେବୀ ପ୍ରାଣନାହା ।
ତୁମ୍ଭର ତେଜ ସେ ଯେଣୁ ନ ପାରିଲା ସହି
ତେଣୁ ସେ ଗୁପତେ ଅଛି ଆମ୍ଭ ପୁରେ ରହି ।
ମୋହ ଆଗେ କହିଲା ନ ଯିବି ତାଙ୍କ ପାଶ
ସହି ନ ପାରଇ ତାଙ୍କ କିରଣ ହତାଶ ।
ମୋର ଭକ୍ତି ଘେନି ଦୟାକରି ଯେବେ ପ୍ରଭୁ
କିରଣ ଛେଦି ପକାଇ ଦେବେ ଯେବେ ସବୁ ।
ତେବେ ନିଶ୍ଚେ ତାହାଙ୍କର ହେବି ମୁହିଁ ଦାସୀ
ଏମନ୍ତ ବୋଲି ବୋଇଲା ସେହି ଶୁଭ୍ରକେଶୀ ।
ମେରୁଗିରି ବୋଇଲା ହେ ଶୁଣ ଦିବାକର
ପତ୍ନୀକି ନେବାର ହେଲେ ତେଜ ଦୂରକର ।
ମୁହିଁ ସ୍ତୁତି କରି ମଧ୍ୟ କହୁଅଛି ତୋତେ
ତେବେ ପ୍ରଦକ୍ଷିଣ ନିତ୍ୟେ କରିବୁ ତୁ ମୋତେ ।
ଯେଣୁ ଅଙ୍ଗରୁ ମୋହର ବହେ ଗଙ୍ଗାଜଳ
ତେଣୁ ଧୈର୍ଯ୍ୟ ଧରିଅଛି ମୋର କଳେବର ।
ନୋହିଲେ ତରଳ ହୋଇଯାନ୍ତା ମୋର ତନୁ
ଏଥକୁ ଯେ ପ୍ରତିକାର ଦେବେ ଦେବ ଭାନୁ ।
ତୁହି ଯେବେ ଏଡ଼େ ତେଜ ବହିବୁ ଉଦୟେ
ନିଶ୍ଚୟ ସେ ଭାର ମୁଁ ଯେ ନସହେ କେବେହେଁ
ଏମନ୍ତ ବୋଲିଣ ମେରୁ ସ୍ତୁତି କଲା ଯହୁଁ ।
ଦିନକର ନାଥ ତାଙ୍କୁ ଦୟାକଲେ ତହୁଁ ।
ବିଶ୍ୱକର୍ମା ଆଣିଲେକ ତହୁଁ ହକରାଇ
କାନ୍ଧରେ ବିଜୟ କଲେ ଆଦିତ୍ୟ ଗୋସାଇଁ ।
ପ୍ରିୟା ପ୍ରୀତି ଅର୍ଥେ ସେ ସୁଗିରି ସ୍ତୁତି ଶୁଣି
ଦେହ କ୍ଷୁଦ୍ରକଲେ ଦିନକର ଚୂଡ଼ାମଣି ।
କୋଟିଏ କିରଣ ଥିଲେ ଆଦିତ୍ୟ ଦେବତା
ସହସ୍ର କିରଣ ତହୁଁ ରଖିଲେ ଦେବତା ।
ତାହା ଦେଖିଣ ସେ ମେରୁ ବହୁ ସ୍ତୁତି କଲା
ଛାୟାକୁ ଧର୍ମ ପାଖରେ ନେଇ ସମର୍ପିଲା
ତହୁଁ ଦେବ ଦିବାକର ପ୍ରିୟାକୁ ଘେନିଣ
ଉଦୟ ଅସ୍ତ ହୋଇଲେ ଗଗନ ମାର୍ଗେଣ

ମାୟାକନ୍ୟା ସଙ୍ଗେ ସେ ଯେ ସଂସର୍ଗ ନକଲେ
ଏକା ଜନ୍ତୁପତି ଯେଣୁ ପ୍ରଭାବ ପାଇଲେ ।
ଅନେକ ଔଷଧ କଲେ ଦେଲେ ଦାନପୁଣ୍ୟ
ଶାପର ଅନ୍ତ ନିମନ୍ତେ ପ୍ରଭୁ ନିରଞ୍ଜନ ।
କେବେହେଁ ଭଲ ନୋହିଲା ସେହୁ କାଳବ୍ୟାଧି
କେ ଆନ କରିବ ଅର୍ଜିଲାର କର୍ମବିଧି ।
ଗୁରୁଜନଙ୍କ ବଚନ ନୁହଁଇ ଯେ ଆନ
ମେଣ୍ଟି ନ ପାରିଲେ ତାହା ଜନ୍ତୁଙ୍କ ରାଜନ ।
ଯେ ଜନ ପାପ ପୁଣ୍ୟକୁ ଅଟଇ କାରେଣୀ
ତାହାକୁ ମଧ୍ୟ ପଡ଼ିଲା ଗୁରୁଜନ ବାଣୀ ।
ସଂସାର ଜନମାନେ ନ ଜାଣନ୍ତି ଦୋରେହା
ଗୁରୁଜନମାନଙ୍କରେ ହୁଅନ୍ତି ଦୋରେହା ।
ସେ ପ୍ରାଣୀମାନଙ୍କଠାରେ ହୁଅଇ ଯେ କୁଷ୍ଠ
ଏଥୁ ଅନନ୍ତରେ ଶୁଣ ଆହେ ତପୋନିଷ୍ଠ ।
ମାତା ଶାପେ ଯମ ହେଲା କୁଷ୍ଠ ବ୍ୟାଧି ମନ୍ତ
ତେଣୁ ସେ ପାଦ ମିଳାଇ ବହଇ ଶୋଣିତ ।
ତମ୍ଭାର କୁଣ୍ଡ ଭିତରେ ବହଇ ରୁଧିର
ତାହା ଯେଉଁ ସ୍ତିରୀ ସଦା କରଇ ଆହାର ।
ସେହି ସ୍ତିରୀ ପୂର୍ବଜନ୍ମେ ଅଟେ ଯେଉଁ ଜାତି
ତାହା ତୁମ୍ଭ ଆଗରେ କହିବା ମହାଯତି ।
ବହୁତ କାଳ ଦ୍ୱାପର ଯୁଗ ଅବଶେଷ
କଳପ ଦ୍ୱୀପ ବୋଲିଣ ଏକ ମହାଦେଶ ।
ବିଶାଖା ନାମେ ପର୍ବତ ସାନ୍ଦ୍ରନଦୀ କୂଳେ
କୁଶପୁର ବୋଲି ଏକ ଗ୍ରାମ ତହିଁ ତଳେ ।
ସେ ଗ୍ରାମର ପୂର୍ବଭାଗେ ବ୍ରାହ୍ମଣ ଶାସନ
ଚନ୍ଦ୍ରପାଣି ବୋଲି ତହିଁ ଥିଲା ଏକ ଜନ ।
ସେ ବିପ୍ର ଭାରିଜା ନାମ ଅଟଇ ସୁକାନ୍ତୀ
ସ୍ୱାମୀର ସୋହାଗୀ ସେହି ଅତି ପ୍ରିୟବତୀ ।
ଚନ୍ଦ୍ରପାଣି ବ୍ରାହ୍ମଣଯେ ଅଟେ ଋକ୍‌ବେଦୀ
ଜାଣଇ ସକଳ ଶାସ୍ତ୍ର ବହୁତ ପ୍ରସିଦ୍ଧି ।
ପୁରାଣ ପାଠକରି ସେ ଜାଣେ ପାପପୁଣ୍ୟ
ପାପକୁ ସେ ଅନୁମାନି ଧର୍ମେ ଦେଲା ମନ ।
ଯାବତ ଧର୍ମ ପାଳଇ ବ୍ରତ ଏକାଦଶୀ
ମାସ ପୂର୍ଣ୍ଣରେ ବଞ୍ଚଇ ହୋଇ ନିରାମିଷୀ ।
ବହୁତର ନିଷ୍ଠାବନ୍ତ ହୋଇଥାଇ ଅଙ୍ଗ
ଘୋଷଇ ସେ ହରିନାମ ବସେ ସାଧୁସଙ୍ଗ ।
ଯେତେବେଳେ ସେ ବ୍ରାହ୍ମଣ ଧର୍ମେ ଦେଲା ମନ
ବ୍ରତ ଉପବାସେ ଦେହ ହୁଅଇ ତା କ୍ଷୀଣ ।
ତାହା ଦେଖି ତା ଭାରିଯା ଭାଳେ ନିତ୍ୟମନେ
ସ୍ୱାମୀର ଆଗରେ ପୁଚ୍ଛାକଲା ଏକଦିନେ ।

Digitized by srujanika@gmail.com

ସୁକାନ୍ତୀ କହିଲା ଶୁଣ ଆହେ ପ୍ରାଣନାହା
ଦିନୁଦିନ ଦୁର୍ବଳ ଯେ ହୁଏ ତୁମ୍ଭ କାୟା ।
କିମ୍ପା ତୁମ୍ଭେ ବାରବ୍ରତ ଉପବାସ କର
ଷଡ଼ବ୍ରତ ଚତୁର୍ଦ୍ଦଶୀ ଆଉ ବିଷ୍ଣୁବାର ।
ଆମିଷ ନ ଭୁଞ୍ଜି କଲ ଆହାରକୁ ତୁଚ୍ଛ
ଆତ୍ମାକୁ ଦୁଃଖ ଦେଇଣ କେଉଁ ଧର୍ମ ଇଚ୍ଛ ।
ଜୀବ ଥାଉଁ ଥାଉଁ ଦୁଃଖ ଆତ୍ମାକୁ କି ଦେଉ
ମଲା ଉତ୍ତାରେ ଭୁଞ୍ଜିବ ସୁଖ ପୁଣି କାହୁଁ ।
ଏମନ୍ତ ବୋଲିଣ ତୁମ୍ଭେ କରୁଅଛ ଆଶ
ସୁଖ ଭୋଗ ଛାଡ଼ି ଦିଅ ଆତ୍ମାକୁ ଯେ ପ୍ରାସ ।
ମୋହର ବୋଲ କରିଣ ଏହା ସବୁ ଛାଡ଼
ମଲା ପିଣ୍ଡ ପରେ କିମ୍ପା ନ ଯାଇ ଶଗଡ଼ ।
ଜୀଇଁଥିବାଯାକ ଖାଇ ହୋଇଥିବା ସୁଖୀ
ମରିଗଲେ ଲୋଡ଼ିଲେତ ଆଉ ପାଇବାକି ।
ମୋହର ଶପଥଟି ନକର ଏହିମାନ
ଦୁଇପ୍ରାଣୀ ସୁଖେ ରହି ବଞ୍ଚିଥିବା ଦିନ ।
ଗୃହସ୍ଥ ବୋଇଲା ତୁହି କିଛି ହିଁ ନ ଜାଣୁ
ସବୁଦିନେ ଜୀଇବାର ପ୍ରାୟେକ କି ମଣୁ ।
ଦେହୁଁ ପ୍ରାଣ ଛାଡ଼ିଗଲେ ପରେ ସବୁ ସୁଖ
ପୁଣ୍ୟ କରିଥିଲା ପରେ ନ ପାଇବ ଦୁଃଖ ।
ସଂସାରର ସୁଖମାନ ପିଣ୍ଡେ ଏକା ଲେଖା
ବାରବ୍ରତ ଧର୍ମ ଜାଣ ଆତ୍ମାର ଏ ଶାଖା ।
ଆତ୍ମର ନିମନ୍ତେ ସିନା ସବୁ ବିଚାରିଣ
ଏହି ପିଣ୍ଡ ଗୋଟିକ ଯେ ଅଟେ ଅକାରଣ ।
ଆତ୍ମା ଗଲେ ପିଣ୍ଡକୁ ଯେ ନ କରଇ ଦୟା
କେବଳ କୁଟୁମ୍ବଯାକ ଅଟେ ମୋହମାୟା ।
ସେମାନେ ମଣନ୍ତି ତାକୁ ଶତ୍ରୁ ଜନ ପ୍ରାୟେ
ପ୍ରଚଣ୍ଡ ଅଗ୍ନିରେ ଦଗଧ ହୁଏ ତାର କାୟେ ।
ଆତ୍ମା ପୁରୁଷକୁ ଧରି ନ୍ୟନ୍ତି ଯମଦୂତ
ଧର୍ମ ସାକ୍ଷୀ ଥିଲେ ସେହୁ ତରଇ ନିୟତ ।
ତୁହି ଯେଣୁ ସ୍ତିରୀଜନ ଏମାନ ନ ଜାଣୁ
ଖାଇବା ପିଇବା ଏକା ନିଧି ପ୍ରାୟେ ମଣୁ ।
କେ କାହାର ବୋଲିଣ ଯେ ନାହିଁ ତୋର ଜ୍ଞାନ
ମାୟାମୋହକୁ ଆବୋରି ଉଷତ ତୋ ମନ ।
ଚଉରାଶୀ ଖଣ୍ଡ ଜ୍ଞାନ ସର୍ଜିଲା ଦଇବ
ଏକ କଥାଏ ପାଳିଲେ ସଂସାରୁ ତରିବ ।
ମୁହିଁ ଯେ ବ୍ରାହ୍ମଣ କୁଳେ ହୋଇଲି ଉତ୍ପତ୍ତି
ଧର୍ମ ନ ପାଳିଲେ କାହୁଁ ପାଇବି ମୁକତି ।
ତୁହି ଯେଣୁ ଏଥକୁ ଗୋ ନିରୋଧ ନକର
କର୍ମହୀନ ଜନେ ନାହିଁ ସଂସାରରେ ପାର ।

ତାହା ଶୁଣି ଘରଣୀ ଯେ ହସିଲା ଅଳପ
ବୋଇଲା ଯାହା କହ ଯେ ନୁହଇ ସ୍ୱରୂପ ।
ମୁହିଁ ଯାହା ବୁଝିଅଛି କେହି ନ ବୁଝଇ
ଦେହକୁ ଦୁଃଖ ଦେଇ କି ସଂସାରୁ ତରଇ ।
ଜୀଅନ୍ତା ନ ନିଅନ୍ତି ତ ଧରି ଯମଗଣେ
ତହିଁକି ଭୁଲି କିମ୍ପାଇଁ ମର ଅକାରଣେ ।
ଗୃହସ୍ଥ ବୋଲଇ ତୁହି ହେଲୁ ନିଶ୍ଚେ ବାଇ
ଜୀବନେ ଥିଲେ ସିନା ସେ ଜୀଅନ୍ତା ହୁଅଇ ।
ଆତ୍ମାକୁ ସିନା ସକଳ ଦୁଃଖ ସୁଖ ଲାଗେ
ତାହାର ବିହୀନେ ପିଣ୍ଡ ରହେ ପୃଥ୍ୱୀଭାଗେ ।
ପ୍ରତ୍ୟକ୍ଷ ମୂଢ଼ ପରାଣୀ ଦେଖଇ ନୟନେ
ମରିବାଯାଏ ହିଂସା ନ ଛାଡ଼ିବ ସେ ମନେ ।
ତୋହର ଯେ ସ୍ତିରୀବୁଦ୍ଧି ନ ବୁଝୁ କହିଲେ
ଏତେକ ବୋଲିଣ ବିପ୍ର ସ୍ନାନ କରି ଗଲେ ।
ସୁକାନ୍ତୀ ବ୍ରାହ୍ମଣୀ ମନେ ବିଚାରଇ ରହି
ମୋହର ବୋଲ ଯେବେ ନ କରେ ପ୍ରାଣସାଇଁ ।
ମୁହିଁ ତେବେ ଏହାଙ୍କର ଖଣ୍ଡିବଇଁ ତପ
ଏଥକୁ ଯେତେକ ପଛେ ଲାଗୁ ମୋତେ ପାପ ।
ଆଜି ତ ପୂର୍ଣ୍ଣମାତିଥି ରବିବାର ହୋଇ
ଭୋଜନକାଳେ ଆମିଷ ଦେବଇଁ ଲୁଚାଇ ।
ଏତେକ ବୋଲି ବିଚାର କରି ସେ ବ୍ରାହ୍ମଣୀ
ଅଇଲେକ ସ୍ନାନ ସନ୍ଧ୍ୟା ସାରି ଚକ୍ରପାଣି ।
ପାଦ ପଖାଳିଣ ଆସି ପଶିଲେ ସଦନେ
ପୂଜା ବୈଶ୍ୱଦେବା ଅନ୍ତେ ବସିଲେ ଭୋଜନେ ।
ଅନ୍ନ ବ୍ୟଞ୍ଜନ ଆଣିଣ ପରଷିଲା ନାରୀ
ଗୁପତେ ଆମିଷ ସବୁ ଦ୍ରବ୍ୟ ଅଛି ଭରି ।
ଭୁଞ୍ଜନ୍ତେ ସେ ବିପ୍ରମଣି ଭୁଞ୍ଜିଲେ ଆମିଷ
ଅନ୍ନକୁ ଛାଡ଼ିଣ ବେଗେ ଉଠିଲା ପୁରୁଷ ।
ଭାରିଯାକୁ ବୋଇଲା ତୁ ଏଡ଼େ କୃତ୍ୟ କଲୁ
ରବିବାର ଦିନ ମୋତେ ଆମିଷ ଯେ ଦେଲୁ ।
ଅଜ୍ଞାନରେ ଭୁଞ୍ଜାଇଲୁ ତୁ ମୋତେ ଆମିଷ
ଗୁପତ କରିଣ ଦେଲୁ ଏଡ଼େ ତୋ ସାହସ ।
ତୁ ମୋହର ପ୍ରିୟବତୀ ଅଟୁନା ଜଗତେ
ଏ ଦୋଷକୁ ଶାପ ମୁହିଁ ଦେଉଅଛି ତୋତେ ।
ଆମିଷରେ ତୁହି ଯେଣୁ ବଢ଼ାଇଲୁ ପ୍ରୀତି
ଶୋଣିତ ଆହାର ତୋତେ ଦେବ ଜନ୍ତୁପତି ।
ସର୍ବଦା ରୁଧିର ପାନ କରିବୁ ତୁ ଯହିଁ
ଯମରାଜା ରଖିବ ଯେ ତୋତେ ସେଇଠାଇଁ ।
ଯେତେକାଳ ଯାଏ ଯମରାଜା ରହିଥିବ
ସେତେକାଳ ପରିଯନ୍ତେ ରୁଧିର ସେ ଦେବ ।

Digitized by srujanika@gmail.com

ମୁହିଁ ସେ ପତି ତୋହର ଅଟଇ ଦେବତା
ମୋର ଶାପ ତୋତେ କେବେ ନ ହେବ ଅନ୍ୟଥା
ଏମନ୍ତ ଶାପ ବ୍ରାହ୍ମଣ ପତ୍ନୀକି କହିଲା
କେତେହେଁକ ଦିନରେ ସେ ଏଥକୁ ଅଇଲା ।
ତାର ପାପ ପୁଣ୍ୟ ଯମରାୟେ ସେ ବୁଝିଲେ
ଆପଣା ରୁଧିର ତାକୁ ଆହାରାର୍ଥେ ଦେଲେ ।
ବୋଇଲେ ମୋ ପାଦୁ ଯେତେ ବାହାରେ ଶୋଣିତ
ଦେଖିବାର ଲୋକମାନେ ମଣନ୍ତି ବିକୃତ ।
ଆସ୍ଥାନରେ ବସିଥିଲେ ମୋତେ ଦେଖି ଲୋକ
ଉପରୋଧେ ନ ବୋଲନ୍ତି ହୁଅନ୍ତି ବିମୁଖ ।
ଦଇବ ତହିଁକି ଉପାୟେକ ଭିଆଇଲା
ଏହି ବ୍ରାହ୍ମଣୀକି ଏହା ପତି ଶାପ ଦେଲା ।
ଆମ୍ଭର ରୁଧିର ଏହୁ ଭକ୍ଷୁଥାଇ ନିତି
ଘୋରସ୍ତର ତପ ଯହିଁ ଭାଙ୍ଗିଲା ଯୁବତୀ ।
ଆମିଷ ଆହାରେ ବହୁ ଏହାର ଶରଧା
ରୁଧିର ଭକ୍ଷିଣ ଏହୁ ଖଣ୍ଡୁ ସିନା ବାଧା ।
ଏମନ୍ତ ପ୍ରକାରେ ତାକୁ କହି ଜନ୍ତୁପତି
କହନ୍ତି ସେ ଯମଦୂତେ ଶୁଣ ବ୍ରହ୍ମଯତି ।
ସୁକାନ୍ତୀ ବ୍ରାହ୍ମଣୀ ନାଶକଲା ସ୍ୱାମୀ ବ୍ରତ
ତେଣୁ କରି ଖାଉଅଛି ଯମର ଶୋଣିତ ।
ତମ୍ବାକୁଣ୍ଡ ଭିତରେ ଯେ ଅଛଇ ଯୁକତେ
ନିରଳସରେ ରୁଧିର ପିଏ ଅନୁବ୍ରତେ ।
ଆସ୍ଥାନର ପୂର୍ବଭାଗେ ମୁକ୍ତିମଣ୍ଡପର
ଶାରଙ୍ଗଧର ନାମରେ ବିଜେ ଚକ୍ରଧର ।
ଦେଖ ଏ ବିଷ୍ଣୁ ପ୍ରତିମା ମର୍କତ ଗଠନ
ଶଙ୍ଖଚକ୍ର ଗଦାପଦ୍ମ ଶୋଭଇ କରେଣ ।
ପଦ୍ମ ଆସନ ଉପରେ ବିଜୟ ଶ୍ରୀପତି
ସୁବର୍ଣ୍ଣର ମହାଲକ୍ଷ୍ମୀ ରୌପ୍ୟ ସରସ୍ୱତୀ ।
ବେନି ପାରୁଷରେ ଶୋଭା ପାନ୍ତି ବେନି ନାରୀ
ଶ୍ରୀମୁଖକୁ ଚାହିଁଛନ୍ତି ଏକ ଦୃଷ୍ଟିକରି ।
ଅନେକ ପ୍ରତିମା ତହିଁ ଦେବତା ଗଠନ
ଚଉକତି ବେଢ଼ିଛନ୍ତି ଦେବ ନାରାୟଣ ।
ସେହି ବିଷ୍ଣୁ ଦେବତାଙ୍କୁ ଯମ ପୂଜାକରି
ଜନ୍ତୁମାନଙ୍କ ଉପରେ ଅଟେ ଅଧିକାରୀ ।
ସେହି ବିଷ୍ଣୁ ପ୍ରତିମାର ସିଂହାସନ ତଳେ
ଯେବଣ ବେନି ପୁରୁଷ ଛନ୍ତି ଏକମେଳେ ।
ସେ ବେନି ଚିତ୍ରଗୁପ୍ତ ଯେ ଯମର କାରଣ
ନାନା ଜୀବଜନ୍ତୁ କରିଅଛନ୍ତି ଭିଆଣ ।
ଏ ଚଉଦ ଭୁବନରେ ଯେତେ ଦେହବନ୍ତ
ଏହାଙ୍କ ପାଞ୍ଜିରେ ସର୍ବେ ହୁଅନ୍ତି ଗଣିତ ।

ସକଳ ଗୁରୁଙ୍କର ଏ ଅଟେ କର୍ମଗୁରୁ
ଏହାଙ୍କର ବୋଲେ ଆମ୍ଭେ ଜନ୍ମ ମୃତ୍ୟୁ କରୁ ।
ବିଷ୍ଣୁର ବେନି ଲୋଚନୁ ହୋଇଲେ ଉତ୍ପତ୍ତି
ସବୁକଥା ଆମ୍ଭଙ୍କୁ ଏ କହି ବେଦପତି ।
ସଂଯୀବନୀପୁରକୁ ଏ କାରେଣୀ ଅଟନ୍ତି
ନିଦା ବିଷ୍ଣୁ ଆଜ୍ଞାରେ ଯେ ଯମକୁ ଖଟନ୍ତି ।
ଜାଣନ୍ତି ଏ ଚରାଚର ପୃଥ୍ୱୀ ପାପ-ପୁଣ୍ୟ
ଧାତା ଦିବସେକ ଏହାଙ୍କର ପରଦିନ ।
ଏହାଙ୍କର ଦିବସେକ ବେନିଯୁଗ ଯାଏ
ଯାବତ ଭିଆଣ ଯାଙ୍କ ପାଞ୍ଜିରେ ଯେ ରହେ ।
ଅନେକ କାଳ ବଞ୍ଚନ୍ତି ଏହୁ ଦେବ ଘେନି
ପ୍ରଳୟ କାଳେ ରହନ୍ତି ଏହୁ ନେତ୍ର ବେନି ।
ଯେଉଁ ପାଞ୍ଜିରେ ଲେଖନ୍ତି ଏହୁ ଗତାଗତ
ଅନନ୍ତକୋଟି କଳ୍ପେ ସେ କେବେ ନୁହେଁ ହତ ।
ଚଉଦ କୋଟି ଜାଣ ଯେ ଏହାଙ୍କର ପାଞ୍ଜି
ଏତେକ ଭିତରେ ଏହି ସବୁ କର୍ମ ଖଞ୍ଜି ।
କୀଟଠାରୁ ବ୍ରହ୍ମଯାଏ ଯେତେକ ଜୀବନ
ସମସ୍ତେ ହୁଅନ୍ତି ଏହି ପାଞ୍ଜିରେ ଲେଖନ ।
ଯାହାର ଏ ନାମଧରି ପୋଛନ୍ତି କରେଣ
ଦିଗପାଳ ହୋଇଲେ ସେ ମରନ୍ତି ତକ୍ଷଣ ।
ଲେଖନ କରେ ଘେନିଣ ପାଞ୍ଜିକି ଚାହିଁଲେ
ତତକ୍ଷଣେ ଅକ୍ଷର ଦିଶିଯାଏ କଳପିଲେ ।
ବୁଦ୍ଧିକି ତାହାଙ୍କର ଯେ ନାହିଁ ପଟାନ୍ତର
ବୁଝିବା ମଣିବା ପ୍ରତ୍ୟକ୍ଷରେ ବେଦବର ।
କରତା ଈଶ୍ୱର ଏହୁ କର୍ମ ଗୁଣନିଧି
ଧାର୍ମିକ ବିବେକ ସର୍ବଗୁଣରେ ଏ ସିଦ୍ଧି ।
ଏ ତିନି କରଣଙ୍କର ମହିମା ଅଶେଷ
ଆମ୍ଭ ବଳେ ଏହା ସବୁ କରି ନୁହେଁ ଶେଷ ।
ସକଳ ପ୍ରାଣୀ ଶରୀରେ ଥାଆନ୍ତି ଏ ବସି
ଏହାଙ୍କ ଲୋଚନ ବେନି ଜାଣ ରବି ଶଶୀ ।
ପାପ ପୁଣ୍ୟ ନିତ୍ୟ ଜନେ ଯେତେକ କରନ୍ତି
ନିଦ୍ରାକାଳରେ ଆସି ଏ ପାଞ୍ଜିରେ ଲେଖନ୍ତି ।
ତେଣୁକରି ଏହାକୁ ଯେ କିଛି ନୁହେଁ ବଣା
ଯହୁଁ ସବୁଠାରେ କରିଅଛନ୍ତି ଏ ଠଣା ।
ଏହାଙ୍କ ଜନନୀ ଜାଣ ଅଟେ ନିଦ୍ରାବତୀ
ସବୁଙ୍କର ମନ ଜ୍ଞାନ ମୋହେ କାଳରାତ୍ରି ।
ଯାହାକୁ ମୋହଇ ସେହୁ ଆସେ ସଞ୍ଜୀବନୀ
ପାଞ୍ଜିରେ ଲେଖନ୍ତି ସେହୁ ପାପପୁଣ୍ୟ ବେନି ।
ପାପପୁଣ୍ୟ ଦେଖୁ ଘୋଟେ ପାପୀଙ୍କ ଯେ କାଳ
ଦିନୁ ଦିନୁ ଆୟୁଷ ଯେ ତୁଟଇ ସକଳ ।

Digitized by srujanika@gmail.com

ବୟସ ଯେ ବଢୁ ବଢୁ ଆୟୁ ହୁଏ ଊଣା
ଲଭଇ ସେ ମୃତ୍ୟୁ ଗତି ଜ୍ଞାନ ହୁଏ ବଣା ।
ଏ ପ୍ରକାର ଏ ସଂସାରେ କେତେ ଆତଯାତ
ବଦନ୍ତି ଯେ ଯମଦୂତେ ଶୁଣ ତପୋବନ୍ତ ।
ଜଗତୀର ଅଗ୍ନିକୋଣେ ମାଣିକ୍ୟ ମୁଣ୍ଡାଇ
ତହିଁକି ଯେ ଅବଧାନ କରିବା ଗୋସାଇଁ ।
ମଧରେ ବସଇ ଯେହୁ ମଣି ସିଂହାସନ
ତମ୍ଭାର ପ୍ରତିମା ବିଜେ ଯଥା ହୁତାଶନ ।
ପ୍ରତ୍ୟକ୍ଷ ପ୍ରତିମା ରୂପେ ହୁତାଶନ ବିଜେ
ପଞ୍ଚମୂରତି ଶିଖା ଯେ ଶରୀର ବିରାଜେ ।
ମର୍କତ ଖମ୍ଭ ମନ୍ଦାରମାଳ ଯେ ଗଳାରେ
ପ୍ରଚଣ୍ଡ ମୁଦ୍‌ଗର ଦୁଇ ଶୋହେ ବେନିକରେ ।
କନକର ପିଢ଼ାରେ ଯେ ବହନ ବିଜୟେ
ଚଉକତିରେ ଅନେକ ଜନ ବେଢ଼ି ରହେ ।
ସେ ଲୋକମାନେ ସମସ୍ତେ ଜାଣ ପିତୃଗଣ
ମଝିରେ ମାନବ ଯେହୁ ଜାତିରେ ବ୍ରାହ୍ମଣ ।
ଅଗ୍ନି ସେବା କରି ବସି ଅଛନ୍ତି ସେ ଏଥେ
ତେଣୁ ସେହି ଅଗ୍ନିହୋତ୍ରୀ ବୋଲାନ୍ତି ଜଗତେ ।
ବହୁତ ପୁଣ୍ୟବନ୍ତ ଯେ ଅଟନ୍ତି ଏମାନେ
ବିଚିତ୍ର ଅଙ୍ଗ ଘେନିଣ ବସନ୍ତି ଏ ସ୍ଥାନେ ।
ଯେଉଁ ବ୍ରାହ୍ମଣ ଅନେକ ତପ କରିଥାଇ
ଯମ ଆସ୍ଥାନେ ବସନ୍ତି ସେହି ଠାବ ପାଇ ।
କିପରି ଲୋକ ପାରନ୍ତି ଏ ଆସ୍ଥାନେ ବସି
ତୁମ୍ଭର ଆଗେ କହିବା ତାହା ମହାଋଷି ।
ବ୍ରାହ୍ମଣ କୁଳରେ ଯେହୁ ହୋଇଥାଇ ଜନ୍ମ
ତାର ସୁଜ୍ଞାନ ପ୍ରସନ୍ନେ ଜାଣେ ଶାସ୍ତ୍ରଧର୍ମ ।
ପିତା ଗୁରୁଙ୍କ ମୁଖରୁ ଜ୍ଞାନକଥା ଶୁଣି
ଘେନଇ ଧର୍ମର ଭାଷା ମନେ ତାହା ଗୁଣି ।
ବିଦ୍ୟା ପଠନ କରନ୍ତି ଜାଣି ଧର୍ମନୀତି
ବହୁତ କାଳରୁ ଯାର ପାପେ ଥାଇ ଭୀତି ।
ବ୍ରତ ହୋଇକରି କାନ୍ଧେ ଘେନଇ ପଇତା
ପଢ଼ିବ ବେଦବାକ୍ୟ ଯେ ହୋଇବ ସୁଜ୍ଞାତା ।
ତିନିସନ୍ଧ୍ୟାରେ ଯେ ସ୍ନାନ କରିଥିବ ନିତ୍ୟେ
ମଳିନ ଦେହ ନୋହିବ ସେହି କଦାଚିତେ ।
ଜାଣି ଗାୟତ୍ରୀ ସାବିତ୍ରୀ ଆଦି ମନ୍ତ୍ରସାର
ତୋଷିବ ସେ ଦେବତାଙ୍କୁ ପୂଜି ବୈଶ୍ୱାନର ।
ଯାବତ ସେ ବାରବ୍ରତ ସବୁ ଆଚରିବ
ବିଷ୍ଣୁ ଶିବ ମୂର୍ତ୍ତି ନିତ୍ୟ ଦର୍ଶନ କରିବ ।
ଆଦିତ୍ୟ ଉଦୟ ନୋହୁ ସମର୍ପିବ ଜଳ
ଦେବୀଙ୍କୁ ପୂଜିବ ଯେହୁ ଦେଇ ଗନ୍ଧଫୁଲ ।
ଶୂଦ୍ରକୁ ନ ବୋଲିବ ସେ ଆଜ୍ଞା ଅବଧାନ
ତପକୁ ଶ୍ରେଷ୍ଠ କରିଣ ନ ଘେନିବ ଦାନ ।
ଆପଣା କର୍ମ ଧର୍ମ ନ ଦେବ ଅନ୍ୟ ଜାତି
କୁକର୍ମର କଥାମାନ ନ ଶୁଣିବ ଶ୍ରୁତି ।
ଅଗୋଷ୍ଠୀ ଲୋକର ସଙ୍ଗେ ପ୍ରବେଶ ନୋହିବ
ବିବାଦ କଥାକୁ ଦେଖି ଅପସରି ଯିବ ।
କୋପ ନ କରିଣ ହେବ ନାହିଁ ଅସନ୍ତୋଷ
ଯାବତ ଜନ୍ତୁଙ୍କଠାରେ କରିବ ବିଶ୍ୱାସ ।
ସୂର୍ଯ୍ୟବାରେ ଚନ୍ଦ୍ରକ୍ଷୟେ ନ କରିବ ରତି
ଶୀତକୁ ସେ ନ ଡରିବ ପାଣିରେ ତା ପ୍ରୀତି ।
ଅନୀତି ଅନ୍ୟାୟ କିଛି କେଭେ ନ କରିବ
ପ୍ରାଣ ଥିବା ପରିଯନ୍ତେ ପାପେ ଡରିଥିବ ।
ସ୍ୱପୁତ୍ରକୁ କୁଳେ ରଖି ଆସେ ଯମପୁରେ
ଏମନ୍ତ ବ୍ରାହ୍ମଣ ଗୋଟି ବସିବ ସଭାରେ ।
ଯେବଣ ବ୍ରାହ୍ମଣ ହୋଇଥିବ କ୍ରିୟାହୀନ
ନଟ ଭାଟ ମଦ୍ୟପାନ ଚଉର୍ଯ୍ୟ ଅଜ୍ଞାନ ।
ସ୍ନାନ ସନ୍ଧ୍ୟା ନ କରେ ଯେ ନ ଚିହ୍ନେ ଦେବତା
ବେଦ ବିଦ୍ୟା ନ ପଢ଼ିଣ କଉତୁକେ ମତ୍ତା ।
ସ୍ୱଦାରକୁ ଉପେକ୍ଷି ସେ କରେ ପରେ ରତି
ଶୂଦ୍ର ସମାନ ହୋଇ ଯେ କାର୍ଯ୍ୟ ଆଚରନ୍ତି ।
ଗୋରସ ଲବଣ ବିକୁଥାନ୍ତି ଧନ ଆଶେ
ବଇଦପଣ କରନ୍ତି ବୁଲି ଦେଶେ ଦେଶ ।
ଯଜ୍ଞେ ମୋକ୍ଷଣ କରନ୍ତି ଯେହୁ ପଶୁ ଜୀବ
ଶୂଦ୍ରକୁ ବିକନ୍ତି ପୁଣି ଯେହୁ ଦାନ ଗାବ ।
ଅବିଦ୍ୟା ହୋଇଣ ଯେହୁ ହୁଅନ୍ତି ଅବିବେକ
ସମ୍ଭାଳ ଏମନ୍ତ ବ୍ରାହ୍ମଣଙ୍କୁ କୁମ୍ଭୀପାକ ।
ସ୍ୱରୂପ କହିଲୁ ଏହି ଅଟେ ତଥ୍ୟବାଣୀ
ଦକ୍ଷିଣ ମଣ୍ଡପର ଯେ ଶୁଣିବା କାହାଣୀ ।
ଦକ୍ଷିଣ ଜଗତୀ ତଳେ ଏକଳୟ କର
ଧବଳ ମଣ୍ଡପ ଗୋଟି ଦିଶେ ହୀରା ସାର ।
ରୂପା ସିଂହାସନ ତହିଁ ପିତୁଳାଏ ହେମ
ଚତୁର୍ମୁଖ ମୂର୍ତ୍ତି ପ୍ରତ୍ୟକ୍ଷରେ ବେଦ ବ୍ରହ୍ମ ।
ଅନେକ ଋଷି ଅଛନ୍ତି ତାଙ୍କ ଚଉକତି
ପ୍ରତିମା ରୂପରେ ସ୍ଥାପିଅଛି ଜନ୍ତୁପତି ।
ଜଗତର ପାପପୁଣ୍ୟ ବୁଝିବା ନିମନ୍ତେ
ବିଧାତା ପୁରୁଷ ସ୍ଥାପି ଅଛନ୍ତିଟି ଏଥେ ।
ଚିତ୍ରଗୁପତଙ୍କ ପାଞ୍ଜି ବଣା ହୋଇଗଲେ
ତକ୍ଷଣେ ଜାଣନ୍ତି ସବୁ ଧାତାଙ୍କୁ ଚାହିଁଲେ ।
ଏ ବ୍ରାହ୍ମଣଙ୍କୁ ଚାହିଁଲେ ପ୍ରତ୍ୟକ୍ଷ ଦିଶଇ
ଅନନ୍ତ କୋଟି ବାରତା ସକଳ ଜାଣଇ ।

Digitized by srujanika@gmail.com

ତେଣୁ ସେ ବହୁତ ପୂଜା ବିଧାନକୁ କରି
ଆସ୍ଥାନେ ବିଜେ କରନ୍ତି ଜନ୍ତୁର ଅଇରୀ ।
ବିଧାତା ବିଚାରି ଯାହା ଯାହାକୁ ଯା କହି
ତାହାର ଅଦୃଷ୍ଟ ବୋଲି ସେ କଥାକୁ ଲିହି ।
ସେ ବିଧାତା ପୁରୁଷର ଉତ୍ତମ ପାଗୁଶେ
ଅବଧାନ କରି ବସିଅଛନ୍ତି ପୁରୁଷେ ।
ଲୋହିତ ବର୍ଣ୍ଣ ପରାୟେ ଦିଶଇ ଶରୀର
ବିଶାଳକାୟ ଗୋଟିଏ ଅତି ମନୋହର ।
ତିନି ଗୋଟି ମୁଣ୍ଡ ନବ ନେତ୍ର ବେନି କର୍ଣ୍ଣ
ଅଗ୍ନିତାପ ଜିଣିକରି ବହଇ ପବନ ।
ଷଡ଼ ଗୋଟି ପାଦ ତାର ଷଡ଼ ଗୋଟି ପାଣି
ବିକଟ ମୂରତି ରୂପ ନୁହେଁ ପରିମାଣି ।
ଅଧର ଦିଶଇ ଯେହ୍ନେ ଜଳଧର ଜ୍ୟୋତି
ବିକଟ ଦିଶଇ ଅତି ତୀକ୍ଷ୍ଣ ଦେହକାନ୍ତି ।
ଗଳାରେ ଲମ୍ବଇ ପୁଣି ନର ଅସ୍ଥିମାଳ
ଷଡ଼ଭୁଜରେ ଶୋଭଇ ଦୀପ୍ତ କରବାଳ ।
ଶରୀରରୁ ଅଗ୍ନିଝାସ ଉଠଇ ପ୍ରଖର
ଦେବତା ଲୋକର ମନେ ଭୟର ସଞ୍ଚାର ।
କଟୀଦେଶେ ରଙ୍ଗବାସ ପାଦେ ବୀର ଘଣ୍ଟି
ଅନର୍ଗଳ ଶବଦ ଯେ କଣ୍ଠରୁ ପ୍ରକଟି ।
ଯମର ଆସ୍ଥାନେ ଥାନ୍ତି ନିଶ୍ଚିନ୍ତରେ ବସି
ବିକଟାଳ ଲୋଚନରେ ଚାହାଁନ୍ତି ଆକର୍ଷି ।
ଏହି ଯେ ଜାର ପୁରୁଷ ବ୍ୟାଧିଙ୍କର ଶ୍ରେଷ୍ଠ
ସଂସାର ଜନ୍ତୁଙ୍କୁ ଯେହୁ ଦେଖାନ୍ତି ଗରିଷ୍ଠ ।
ଈଶ୍ୱର କୃପାରୁ ଏହି ହୋଇଥିଲେ ଜାତ
ଯେଉଁଦିନ ହର କଲେ ଅନଙ୍ଗକୁ ହତ ।
ସେ ଦିନୁ ଯେଉଁ ପୁରୁଷ ଜନମ ହୋଇଲା
ତାହାର ତେଜ ନାଶିଣ କାମ ନାଶ ଗଲା ।
ତେଣୁ ତାହାକୁ ବିକଟ ରୂପ ଧାତା ଦେଲା
ସଂସାର ହିତେ ଏହାକୁ ଆଣିଣ ଥୋଇଲା ।
ଆପଣେ ବସିଲା ସଙ୍ଗେ ଘେନି ପରମେଷ୍ଠୀ
ସର୍ବ ପ୍ରକାରେ ଆଜି ଏ ସଂସାରରେ ଘୋଟି ।
ସବୁରି ଅଙ୍ଗେ ଏହାର ପ୍ରକାଶିଛି କୋପ
ଯାହାକୁ ଘୋଟଇ ତାର ଭାଙ୍ଗଇ ଯେ ଦର୍ପ ।
ଏହା ନିଜ ରୂପ ଦୃଶ୍ୟ ହୁଅଇ ଯାହାରେ
ତତ୍‌କ୍ଷଣେ ସେହୁ ପ୍ରାଣୀ ଆସେ ସମୟରେ ।
ଯମର ସଖା ଅଟେ ସେ ପ୍ରତ୍ୟକ୍ଷେ କୃତାନ୍ତ
ଯାହାକୁ ଆଶ୍ରେ କରଇ ହୁଅଇ ସେ ହତ ।
ସବୁ ବ୍ୟାଧିଙ୍କର ଏହି ଜ୍ୱର ଅଟେ ମୂଳ
ଆଉ ଯେତେ ବ୍ୟାଧି ସବୁ ଏହାର ଯେ ତଳ ।

ଆମ ପିତ୍ତ ଶ୍ଳେଷ୍ମ ଅଟେ ଏହାର ଯେ ମୁଣ୍ଡ
ଚୌଷଠି ରୋଗ ନିର୍ମିତ ଏହାର ଯେ ପିଣ୍ଡ ।
ନବନେତ୍ରେ ଏହାର ଯେ ନବସସ୍ର ଜ୍ୟୋତି
ଯାହାକୁ ଚାହିଁବ ତାର ସରିବ ବିଭୂତି ।
ଯେବଣ ନର ସର୍ବଦା ଈଶ୍ୱର ଭକତ
ତାହାକୁ ଏହାର କୋପ ନ ଲାଗେ ବହୁତ ।
ପୁଣି ଅବଧାନ କର ନଇର୍ରତ କୋଣେ
ନୈର୍ରତ ଦେବତା ଆସିଅଛନ୍ତି ଆପଣେ ।
ନୀଳାର ମଣ୍ଡପ ମାରାଗର ସିଂହାସନ
ବିଶାଳ ମୂରତି ଗୋଟି ଦିଶଇ ଶୋଭନ ।
ନିର୍ଧୂମ ଅନଳ ଜିଣି ବିରାଜଇ ଜ୍ୟୋତି
ମଧ୍ୟାହ୍ନ ଆଦିତ୍ୟ କିବା ନୈର୍ରତରେ ସ୍ଥିତି ।
ଉତ୍ସର୍ଗ କଣ୍ଠ ଦର୍ଶନ କରେ ମଟମଟ
ଗର୍ଜନ ଘୋର ରବ କି ଜାଣି ସିନ୍ଧୁତଟ ।
ଭିନ୍ନ ଭିନ୍ନ ଶବଦରେ ଗର୍ଜେ ଅବିଚ୍ଛିନ୍ନେ
ଭୀଷଣ ମୂରତି ତାଙ୍କ ଦିଶଇ ଗଗନେ ।
ଦୁଇ କରରେ ତାହାର ଶୋହେ ଗଦାବେନି
ବସିଛନ୍ତି ମହାଭଇରବ ମୂର୍ତ୍ତି ଘେନି ।
ଯମର ଆସ୍ଥାନ ଏହି ଅଟେ ମହାପାତ୍ର
ଦୁର୍ଗାଙ୍କର ନନ୍ଦନ ଏ ଆମ୍ଭ ନିଜ ତାତ ।
ଆମ୍ଭେ ଯେ କାଳ ବିକାଳ ଏହାଙ୍କ ନନ୍ଦନ
ଏବେନି ଭୁଜରୁ ଆମ୍ଭେ ହେଲୁ ଉତପନ୍ନ ।
ଏହାପରେ ଏହୁ ଭଇରବ ବୀରବଳା
ଅଯୋନି ସମ୍ଭୂତା ଜାତ ନିଃଶ୍ୱାସରୁ ହେଲା ।
ନିର୍ଣ୍ଣୟ ବଚନ ଏହୁ କହନ୍ତି ସଭାରେ
ତେଣୁ ନଇର୍ରତ ନାମ ବୋଲାନ୍ତି ସଂସାରେ ।
ନୈର୍ରତ ଦେବତା ପରି ଛନ୍ତି ଚଉକତି
ଯେତେକ ଅସ୍ତ୍ରଧାରୀଏ ବେଢ଼ି ବସିଛନ୍ତି ।
ସର୍ବେ ଅଟନ୍ତି ଏମାନେ ମଞ୍ଚର ମାନବ
ବସିଛନ୍ତି ଅବଲମ୍ବି ଉତ୍ପତ୍ତି ଏ ଠାବ ।
ପିତୃଗଣଙ୍କ ଉପରେ ବଂଶ ଆଶ୍ରେକରି
ଯମର ଆସ୍ଥାନେ ବସିଛନ୍ତି ଶାସ୍ତ୍ରଧରି ।
ଯେଉଁ କ୍ଷତ୍ରୀମାନେ ଆସିଅଛନ୍ତି ଏ ସ୍ଥାନେ
ସେ କଥା ହେ ମହାରଷି ଶୁଣ ଏକମନେ ।
ପବିତ୍ର ପୁଣ୍ୟବନ୍ତ ଏ ଜାଣ ନିଷ୍କଳଙ୍କା
ସମରେ ପଶିଲେ ନାହିଁ ତାହାଙ୍କର ଶଙ୍କା ।
ସ୍ୱାମୀଙ୍କ କାର୍ଯ୍ୟ କରଣେ ଏହୁ ନିଆଳସୀ
ପଛକୁ ଏ ନ ଘୁଞ୍ଚନ୍ତି ଯୁଦ୍ଧେ ଯେବେ ପଶି ।
ଶୂରବନ୍ତ ପଣେ ଏହୁ ନାଶନ୍ତି ବଇରୀ
ପ୍ରାଣ ଭୟେ ଆନ ସର୍ବେ ଯାନ୍ତି ଅପସରି ।

Digitized by srujanika@gmail.com

ଏମାନେ ନିର୍ଭୟ ଚିତ୍ତେ ଯାନ୍ତି ସଂଗ୍ରାମକୁ
ଜଗତଜନେ ପ୍ରଶଂସା କରନ୍ତି ଏହାଙ୍କୁ
କ୍ଷତ୍ରିୟ ପଣରେ ଯେହୁ ଅଟନ୍ତି କୁଶଳ
ରଣ ଯଜ୍ଞ ସେମାନଙ୍କୁ ଦିଏ ସୁମଙ୍ଗଳ ।
ନ ପଡ଼ନ୍ତି ହସ୍ତେ ଶସ୍ତ୍ର ଥିଲେ ଶତ୍ରୁ ପ୍ରାୟେ
ସ୍ୱାମୀ ଆଜ୍ଞା ପ୍ରତିପାଳି ହରାନ୍ତି ଏ କାୟେ ।
ସୁମାତା ସୁପିତାରେ ଯେ ହୋଇଥାଏ ଜାତ
ଅଦୋଷୀ ଜୀବଙ୍କୁ ସେହୁ ନ କରନ୍ତି ହତ ।
ପିଣ୍ଡ ପ୍ରଦାନକୁ ଯାର ସୁପୁତ୍ରଟି ଥାଇ
ତେମନ୍ତ କ୍ଷତ୍ରୀ ଆସି ଏ ସ୍ଥାନରେ ବସଇ ।
ଯେବଣ କ୍ଷତ୍ରୀ ଯୁଦ୍ଧକୁ ନୁହଇ ଭାଜନ
ବିଅର୍ଥ କରାନ୍ତି ସେହୁ ଆପଣା ଜୀବନ ।
ସତ୍ୟ ଲଙ୍ଘି ଯେହୁ ବିନାଶନ୍ତି ନିଜ ଧର୍ମ
ନିର୍ବଳ ଲୋକଙ୍କୁ ଯେହୁ ଦେଖାନ୍ତି ପ୍ରାକର୍ମ ।
ଯେବଣ ମୁଖ ଗୋଳକୁ ହୁଅନ୍ତି ଆଗୁସାର
ଶସ୍ତ୍ର ଦେଖିଲେ ସେମାନେ ହୁଅନ୍ତି କାତର ।
ସ୍ୱାମୀକି ଡରାଇ ଯେହୁ ଖାନ୍ତି ପଡ଼ିଭାତ
ସମର ଦେଖିଲାକ୍ଷଣି ହୁଅନ୍ତି ନିସତ ।
ବରଗିଲେ ବୋଲଇ ଯେ ହୋଇଅଛି ବ୍ୟାଧି
ମିଛେ ହେଁ ସାଆନ୍ତକୁ ହେ ମାଗନ୍ତି ଔଷଧି ।
ବଳ ନ ଥାଇଣ ଯେହୁ ବିବାଦ ଆବୋରି
ଶତ୍ରୁକୁ ଶରଣ ପୁଣି ମାଗଇ ଯେ ଡରି ।
ସମରେ ପଶିଲେ ଭୟେ କରନ୍ତି ଯେ ଜନ
ପର ଗୃହରେ ଲଗାନ୍ତି ଯେହୁ ହୁତାଶନ ।
ମିଛେ ହେଁ ବଡ଼ିମା କରୁଥାନ୍ତି ଭାଟପଣେ
ପରକୁ ନିନ୍ଦି ପ୍ରଶଂସା ହୁଅନ୍ତି ଆପଣେ ।
ସତ ଚଉର୍ଯ୍ୟ ଯାହାର ଦୁଇ କଥା ନାହିଁ
ଅଦୋଷୀ ଲୋକକୁ ଯେହୁ ବିନ୍ଧେ ଶସ୍ତ୍ର ବହି ।
ଯୁଦ୍ଧରେ ପାଞ୍ଚଇ ଯେହୁ କୁମନ୍ତ୍ରଣାମାନ
କୁହୁକ ଛାୟା ମାୟାଯେ ଗୁଟିକା ଅଞ୍ଜନ ।
ମହାଖଳ ପାରେକ ଯେ ମନ୍ଦ ମନ୍ଦ ବିଦ୍ୟା
ଶସ୍ତ୍ରରେ ଗରଳ ଦେଇଥାନ୍ତି ଯେଉଁ ଯୋଦ୍ଧା ।
ପକାଇବା ଶତ୍ରୁକୁ ଯେ ମାରନ୍ତି ଗୋଡ଼ାଇ
ଶରଣଜନଙ୍କୁ ଯେହୁ ଦ୍ୟନ୍ତି ବାହୁଡ଼ାଇ ।
କ୍ଷତ୍ରୀ ହୋଇ ସହଇ ଯେ ଝିଙ୍ଗାସ ବଚନ
ଦାରା ବଇରୀର ଯେହୁ ବୁହାନ୍ତି ବଦନ ।
ଜନନୀ ଅଭିମାନ ଯେ ସହେ ଦେହ ବହି
ପିତାଙ୍କର ବଚନକୁ ଯେ କରନ୍ତି ତ୍ରାହି ।
ସଂଗ୍ରାମେ ପିଠିଦେଇ ଯେ ଛାଡ଼ନ୍ତି ଜୀବନ
ଏ କ୍ଷତ୍ରୀମାନେ ହୁଅନ୍ତି ନରକେ ପତନ ।

ଅବଧାନ କର ଏ ଯେ ପଶ୍ଚିମ ଜଗତୀ
ପ୍ରବାଳ ମଣ୍ଡପ ଦିବ୍ୟ ସୁଘଟଣ ଜ୍ୟୋତି ।
ପିତ୍ତଳରୁ ସିଂହାସନେ ଏହାର ପ୍ରତିମା
ଅଷ୍ଟରତ୍ନେ ଲାଗି ହୋଇଅଛି ଅନୁପମା ।
ଏହି ଦେବୀଙ୍କର ନାମ ଅଟେ ହରଚଣ୍ଡୀ
ସଞ୍ଜୀବନୀପୁରକୁ ଏ ଅଟେ ମୂଳଗଣ୍ଡି ।
ଯେତେକ ହେମ ରତନ ଅଛି ଏହି ପୁରେ
ସମସ୍ତେ ଜାତ ହୁଅନ୍ତି ଦେବୀ ପ୍ରସନ୍ନରେ ।
ଏ ଦେବୀକି ପୂଜାକରି ଯେ ଯାହା ମାଗଇ
ତତ୍‌କ୍ଷଣେ ସେ କାମନା ତାର ପୂର୍ଣ୍ଣ ହୋଇ ।
ପ୍ରତିମା ରୂପେ ରହିଛି ଘଟେ ଆଦିନାରୀ
ଯମର ଭକତି ଘେନି ରହିଲେ ଏ ପୁରୀ ।
ଲୁହାର ଅଙ୍ଗ ଘେନି ଯେ ହୋଇଲେ ବିରୂପ
ବୁଝନ୍ତି ଆସ୍ଥାନେ ବିଜେକରି ପୁଣ୍ୟ ପାପ ।
ପାପ ପୁଣ୍ୟକୁ ଏ ବହୁ ବ୍ୟାଧି ଭିଆଇଲେ
ଆପଣା ଶରୀରୁ ବହୁ ବ୍ୟାଧି ଜାତକଲେ ।
ଯେଉଁ ବ୍ୟାଧିର ନାମ ଯେ ଅଟଇ ବସନ୍ତ
ଯାବତ କଣ୍ଠୁ ବ୍ୟାଧି ଯେ ଏହା ତହୁଁ ଜାତ ।
ସକଳ ଶରୀରେ ଏହୁ ଅଛି ବିଜେକରି
ଦଣ୍ଡ ଦିଅଇ ଏ ପାପ ପୁଣ୍ୟକୁ ବିଚାରି ।
ଦେବୀଗଣଙ୍କୁ ଯେ ନିନ୍ଦା କରଇ ଅଜ୍ଞାନେ
ଆପଣା ଦେହୁ ରୁଧିର ବହେ ଅନୁକ୍ଷଣେ ।
ଅବଶ୍ୟ ତାହା ଦେହରେ କଣ୍ଠୁ ବ୍ୟାଧି ହୁଏ
ଚାହୁଁ ଚାହୁଁ ଦେହଯାକ ତାର ମାଡ଼ିଯାଏ ।
ଦେବୀଙ୍କୁ ନିନ୍ଦା କ୍ରରେ ଯେ ହୁଏ କଣ୍ଠୁ ବ୍ୟାଧି
ଈଶ୍ୱର ବର ତହିଁକି ଅଟେ ମହୌଷଧି ।
ଈଶ୍ୱର ସୁଦୟା କଲେ ଖଣ୍ଡେ ସର୍ବ ପାପ
ଯମ ଧର୍ମବାଣୀ ଏହା ଅଟଇ ସ୍ୱରୂପ ।
ଲୌହଚଣ୍ଡୀ ଦେବୀଙ୍କର ଚଉକତି ଘେରି
ଯେତେକ ଯୁବତୀଛନ୍ତି ସେଠାବରେ ପୂରି ।
ସେମାନେ ସର୍ବେ ଅଛନ୍ତି ପତିବ୍ରତା ନାରୀ
ସ୍ୱାମୀଙ୍କର ସେବାରୁ ସେ ଏହି ରୂପ ଧରି ।
ଅବଧାନ କର ଜଗତୀର ବାୟୁ କୋଣେ
ବୈଦୁର୍ଯ୍ୟ ମଣ୍ଡପ ଘର ବିରାଜେ ଘଟଣେ ।
ମଧ୍ୟରେ ଶୋଭା ପାଉଛି ମୁକୁତାର ବେଦୀ
ବସନ୍ତର ପାଟତୁଳି ତହିଁ ଛନ୍ତି ଲଦି ।
ତହିଁ ଉପରେ ଅଛନ୍ତି ପୁରୁଷେକ ବସି
ସେ ବାୟୁ ଦେବତା ଶୁଣ ଆହେ ମହାଋଷି ।
ନୀଳବର୍ଣ୍ଣ ଅଙ୍ଗ ଗୋଟି ଘଟଣ ସୁସଞ୍ଚ
ପ୍ରତ୍ୟକ୍ଷେ ମରୁତ ସେହୁ କଶ୍ୟପର ବତ୍ସ ।

Digitized by srujanika@gmail.com

ଦିବ୍ୟ ଅଙ୍ଗ ଘେନିଣ ସେ ବସନ୍ତି ଆସ୍ଥାନେ
ମହାପାତ୍ର ପଣେ ଯମରାଜା ସନ୍ନିଧାନେ ।
ସକଳ ଜୀବଙ୍କୁ ସେହୁ ଅଟନ୍ତି କାରେଣୀ
ବିନାଶଇ ଏ ଯାହାକୁ ତହିଁ ଯମ ଆଣି ।
ପ୍ରତ୍ୟକ୍ଷରେ ବିଷ୍ଣୁ ଅଂଶ ଅଟନ୍ତି ମରୁତ
ସକଳ ଜୀବ ଦେହେ ଏ ହୁନ୍ତି ଆତଯାତ ।
ପ୍ରାଣ ପବନ ଏହୁ ଯେ ବାୟବ୍ୟ ଦେବତା
ଏହୁ ଜାଣ ସଂସାରର ସର୍ବ ଜୀବଆତ୍ମା ।
ଯେବଣ ପ୍ରାଣୀକି ଦଣ୍ଡ ନ ଦିଅଇ ଯମ
ସେ ଆତ୍ମା ଏହାଙ୍କଠାରେ କରଇ ବିଶ୍ରାମ ।
ଲୋଡ଼ା ହୋଇଲେ ନିଅନ୍ତି ପୁଣି ଏହା ତହୁଁ
ନିଅନ୍ତି ଏ ହତ ଜନ୍ତୁ ଆସୁଥାନ୍ତି ଯହୁଁ ।
ଏହି ବାୟୁ ଦେବତାର ଆସ୍ଥାନ ଉପର
ଯେତେ ଯେତେ ଲୋକ କରୁ ଅଛନ୍ତି ବିହାର ।
ଜାତିରେ ବୈଶ୍ୟ ଅନେକ ତପ ଏହୁ କଲେ
ପିତାଗଣ ହୋଇ ଦେବ ଆସ୍ଥାନେ ବସିଲେ ।
ବୈଶ୍ୟ ଜାତିର ଯେମନ୍ତ ପାଇ ମୋକ୍ଷଗତି
ସେ କଥା କହୁଛୁ ଆମ୍ଭେ ଶୁଣ ବ୍ରହ୍ମଯତି ।
ଆଦ୍ୟରୁ ଏ ଦେବୀକି ଯେ ବୈଶ୍ୟଜାତି ବୋଲି
ଏହାଙ୍କ ଇଷ୍ଟ ଅଟନ୍ତି ଦେବ ଦେବ ହରି ।
ବୈଶ୍ୟ ଜାତିରେ ଜନମ ଲଭିବେ ଯେମାନେ
ଇଷ୍ଟ କରିଣ ଘେନିବେ ଛାୟାର ରମଣେ ।
ଧର୍ମକୁ ଆଶ୍ରୟ କରି ସଦ୍‌ବୃତ୍ତି କରିବେ
ନିଷ୍କଳବନ୍ତ ହୋଇଣ କ୍ରିୟା ଆଚରିବେ ।
ବାଣିଜ୍ୟ ବ୍ୟବସାୟରେ ଯେ କୂଟ ନ କରିବ
କାହାଣକେ ଆପଣାର ପଣେ ଲାଭ ନେବ ।
ପଦିକାକେ ବୋଡ଼ିଏ ଯେ ପଣେ ପାଞ୍ଚକଡ଼ା
ବିଶେଷ ଲାଭକୁ କେବେ ନ କରିବ ଲୋଡ଼ା ।
ଅନ୍ନବସ୍ତ୍ର କଥାକୁ ହେ ଡର ନାହିଁ ତାର
ସୁଦୟା ତାହାକୁ କରୁଥାନ୍ତି ଚକ୍ରଧର ।
ଆବର ଏହି ଜାତିକି ଲେଖିଛି ଦଇବ
ବୈଦ୍ୟଶାସ୍ତ୍ର ପଢ଼ିଣ ଯେ ପ୍ରାଣୀ ନିସ୍ତାରିବ ।
ଗାରେଡ଼ୀ ମନ୍ତ୍ର ଔଷଧ ପ୍ରାଣୀ ଅର୍ଥେ ଶିଖି
ଉପକାର କରିବ ଯେ କଷ୍ଟ ଜନ ଦେଖି ।
ସୁବୁଦ୍ଧି ପୁତ୍ର ଯଦ୍ୟପି ଘରେ ତାର ଥିବ
ତେମନ୍ତ ପ୍ରାଣୀ ବସଇ ଆସି ଏହି ଠାବ ।
ଯେବଣ ବୈଶ୍ୟ ଜାତିର ଧର୍ମେ ନାହିଁ ଜ୍ଞାନ
ଛନ୍ଦମନ୍ଦ କରି ବହୁ ଲୋଭ କରେ ମନ ।
ବେଉସାରେ କପଟ ଯେ ପର ହାନି କରି
ବିକନ୍ତି ପଦାର୍ଥମାନ ପାପ ନ ବିଚାରି ।
ଧନବନ୍ତ ହୋଇ ଯେବେ ସୁଖେ ଦିନ ନେଇ
ନିଜ ଜୀବନ ସୁସଞ୍ଚ ତାର ନ କରଇ ।
ଅତ୍ୟାଚାର ପଣେ ଯେତେ ଧନ ଅରଜନ୍ତି
ଦେବକୀ ସେବା କରିଣ ମଦିରା ଭକ୍ଷନ୍ତି ।
ନିଜ କାର୍ଯ୍ୟ ନିମନ୍ତେ ଯେ ନାଶେ ପଶୁ ଜୀବ
ଜାତି ଅର୍ଥେ ତେଜି ଧରିଛନ୍ତି ଅନ୍ୟ ଭାବ ।
କୁମନ୍ତ୍ରଣା କରି ଯେହୁ ପରେ କରେ ନାଶ
ଏମନ୍ତ ବୈଶ୍ୟ ଜାତିର ନର୍କେ ହୁଏ ବାସ ।
ଅବଧାନ କରି ମୁନି ଉତ୍ତର ପାର୍ଶ୍ୱରେ
କାଚବାଡ଼ ଅଛି ପୁଣି ଜଗତୀ ଉପରେ ।
ମଣ୍ଡପ ମଧ୍ୟେ ମାରାଗମଣି ସିଂହାସନ
ଚଉକତିରେ ମଣ୍ଡପ ସୁସଞ୍ଚ ବିମାନ ।
ସେ ପୁରେ ବିଜୟ ଦେଖ ଯମର ପିଅର
ପ୍ରତିମା ରୂପରେ ପୂଜା ପାଏ ଦିବାକର ।
ତାହା ପତି ରୂପେ ଏକ ପ୍ରତିମା ଗଠନ
କମଳାସନେ ବିଜୟ କଲେ ଦରଶନ ।
ପୁଣ୍ୟବନ୍ତ ଜନଙ୍କର କିଛି ପାପ ଥିଲେ
ସ୍ୱାମୀକି ରକ୍ଷା କରନ୍ତି ଯମଦଣ୍ଡ ଭଲେ ।
ଧର୍ମବନ୍ତ ଲୋକଙ୍କୁ ଯେ ପଡ଼ିଲେ ପ୍ରମାଦ
ଏହି ପ୍ରତିମା ଭିତରୁ ଯେ ଶୁଭଇ ଶବଦ ।
ଯମଙ୍କୁ ଆଜ୍ଞା ଦିଅନ୍ତି ନ ଦଣ୍ଡ ଏହାକୁ
କିଞ୍ଚିତ ଦୋଷ ଏହାର ଛାଡ଼ିଦିଅ ଯାକୁ ।
ନ ଭାଙ୍ଗଇ ଏହାଙ୍କର ଆଜ୍ଞା ଜନ୍ତୁପତି
ଅଳପ ଅପରାଧୀଙ୍କି ଉପେକ୍ଷା କରନ୍ତି ।
ପାପୀମାନଙ୍କ ନିମନ୍ତେ ନ କହନ୍ତି ଧର୍ମ
ଭୁଞ୍ଜେ ପାପପୁଣ୍ୟ ତାର ଅର୍ଜିଲାର କର୍ମ ।
ପୁଣ୍ୟଜାତିମାନଙ୍କୁ ଯେ ରଖିବା ନିମନ୍ତେ
ଦିନକରନାଥ ବିଜେକଲେ ଆସି ଏଥେ ।
ଯମ ଧର୍ମରେ ଉଚିତ ପାଳନ୍ତି ସଂସାର
ଯେଣୁ ସକଳ ଜନଙ୍କ ଅଟନ୍ତି ଠାକୁର ।
ପୁଣି ଯମ ଦେବତାର ଉତ୍ତର ପାରୁଶେ
ବସିଅଛନ୍ତି ନିଶ୍ଚିନ୍ତେ ଉତ୍ତର ପୁରୁଷେ ।
ସାତବାର ତାର ପଞ୍ଚଦଶ ତିଥିମୂଳେ
ଯୋଗଲଗ୍ନ କରିଣ ଯେ ବସେ ଏକ ମେଳେ ।
ତାହାଙ୍କର ପୂର୍ବଭାଗେ ଜଗତୀ ପାଷାଣ
ସ୍ଫଟିକର ମଣ୍ଡପକୁ ଅନା ତପୋଧନ ।
ସୁବର୍ଣ୍ଣର ମଣ୍ଡପରେ ସ୍ଫଟିକର ଲିଙ୍ଗ
ଅତି ମନୋହର ଦିଶେ ତାହାଙ୍କର ଅଙ୍ଗ ।
ପଶ୍ଚିମ ମୂରତିରେ ସେ ବିଜୟ ଈଶାନ
ଦକ୍ଷିଣରେ ବିଘ୍ନରାଜ ପୂର୍ବେ ଷଡ଼ାନନ ।

Digitized by srujanika@gmail.com

ଉତ୍ତରରେ ଗଙ୍ଗାଦେବୀ ଛାମୁରେ ପାର୍ବତୀ
ଅନେକ ଯେ ରୁଦ୍ରଗଣ ଛନ୍ତି ଚଉକତି ।
ବିଜୟ ଦେଖି ସ୍ଫଟିକ ଗମ୍ଭିରୀ ଭିତରେ
କନକ ଦୁଦୁରା ଫୁଲ ଶୋଭଇ ଶିରରେ ।
ଅରଖ ବେଲପତ୍ରୀ ଯେ ଗଇଣ ଧୁସ୍ତୁର
ଚମ୍ପା ମଲ୍ଲୀ ଜାତି ଯୁଥୀ କୁମୁଦ କମଳ ।
ମଣ୍ଡିତ ଦେଖ ଅନେକ ପୁଷ୍ପେ ଶମ୍ଭୁଲିଙ୍ଗ
ଶକତି ମଣ୍ଡିତ ଝୀନପତନୀ ଦେବାଙ୍ଗ ।
ଧୂପ ଦୀପ ଚନ୍ଦନ ଯେ ଫୁଲ ଚୁଆ ଆଦି
ଘରର ଚଉକତି ଯେ ଉଠୁଛି ଆମୋଦି ।
ସୁଶୀତଳ ଭୂଇଁ ଅତି ସୁସଞ୍ଚ ଯେ ସ୍ଥାନ
ଏଥକୁ କି ପଟ୍ଟାନ୍ତର ଦେବା ନାହିଁ ଆନ ।
ବିଶ୍ୱକର୍ମାଙ୍କୁ ଘେନିଣ ଆପେ ଜନ୍ତୁପତି
ଏ ପୁର ନିର୍ମାଣ କଲେ ଜାଣ ଆହେ ଯତି ।
ଅନେକ କାଳ ସେବିଲେ ତହିଁ ବିଶ୍ୱନାଥ
କାଳେ ପ୍ରସନ୍ନ ତାହାଙ୍କୁ ହେଲେ ଶୂଳହସ୍ତ ।
ଈଶ୍ୱର ଆଜ୍ଞା ଦେଲେକ ମାଗି ଘେନ ବର
କରପତ୍ର ଯୋଡ଼ିକରି ବୋଲେ ଶନିଶ୍ଚର ।
ଆହେ ପ୍ରଭୁ ଯେବେ ହେଲେ ସୁପ୍ରସନ୍ନ ମୋତେ
ଏବେ ଅନୁଗ୍ରହ କର ମାଗୁଅଛି ତୋତେ ।
ମାତାର ଶାପେ ମୋହର ପାଦେ ହୁଏ କୁଷ୍ଠ
ମୂର୍ଖପଣେ ଗୋଇଠାଏ ମାଇଲି ମୁଁ ଦୁଷ୍ଟ
କେବେ ହେଁ ଭଲ ନୋହିଲା ମୋତେ କାଳବ୍ୟାଧି
ଏଥକୁ ମାଗଇ ପ୍ରଭୁ ତୋତେ ଅଉଷଧି ।
ପାପଅନ୍ତକ ବୋଲାଉ ଦେବ ଦେବ ହର
ଏ ମୋର ମହାକଲୁଷ ନିବାରଣ କର ।
ଈଶ୍ୱର ବୋଇଲେ ମାଗୁଅଛ ଯେଉଁ କଥା
ଆମ୍ଭର ବୋଲେ ଖଣ୍ଡନ ନୁହଇ ସର୍ବଥା ।
ନାନାଦି ପାପରୁ ଆମ୍ଭେ ପାପୀକି ନିସ୍ତରୁ
ଗୁରୁଜନଙ୍କ ଶାପକୁ ଆମ୍ଭେ ମଧ୍ୟ ଡରୁ ।
ଗୋମାତା ଆମ୍ଭଙ୍କୁ ଦେଲେ ଯେଉଁପରି ଶାପ
ଖଣ୍ଡି ନ ପାରିଲୁ କରି ଅନେକ ଯେ ତପ ।
ତୁହି ଆମ୍ଭଙ୍କୁ ଅନେକ ସେବା ଯେବେ କଲୁ
ଗୁରୁଜନ ଶାପକୁ ଯେ କାରଣ ମାଗିଲୁ ।
ତହିଁକି ସୁଗତି ତୋତେ କହିବା ଥୋକାଏ
ବସିଥିଲେ ତୋହର ନ ଯିବ ବ୍ୟାଧି କ୍ଷୟେ ।
କେବେହେଁ ସେ ଗୁରୁଶାପ ନୋହିବ ଯେ ହତ
ଅନୁକ୍ଷଣେ ବହୁଥିବ ତୋ ପାଦୁ ଶୋଣିତ ।
ଆମ୍ଭଙ୍କୁ ସେବା କରିଲୁ ଯେତେକ କାରଣ
ସେ କଥା କହିବା ତୋତେ ଏକମନେ ଶୁଣ ।
ଆକଟ କାର୍ଯ୍ୟ ପଡ଼ିବ ତୋତେ ଯେତେବେଳେ
ମଇଁଷି ପିଠିରେ ବସି ତୁହି ତେତେବେଳେ ।
ଆମ୍ଭଙ୍କୁ ଦର୍ଶନ କରି ହୋଇଲେ ବାହାର
ଦିନ ମାତ୍ରକେ ସେ ବ୍ୟାଧି ତୁଟିବ ତୋହର ।
ଦୁଇଦିନ ହୋଇଗଲେ ଆମ୍ଭ ବୋଲ ମିଛ
ଏହା ଶୁଣିଣ କହିଲା ଆଦିତ୍ୟର ବତ୍ସ ।
ସେ କଥା ଗୋଟି ହେ ସ୍ୱାମୀ ହୋଇବ କେମନ୍ତେ
କାର୍ଯ୍ୟବଳେ କେଉଁପରି ଦେଖିବି ମୁଁ ତୋତେ ।
ଈଶ୍ୱରଙ୍କୁ ସେବାକରି ଲଭିଲେ ଏ ଗତି
ଏହି ଦେହେ ଈଶ୍ୱରଙ୍କୁ ଖଟିଣ ଅଛନ୍ତି ।
ଶୁଣ ମହାଯତି ଶୂଦ୍ରଙ୍କର ଯଶ ଧର୍ମ
ଯେଉଁ ପ୍ରକାରେ ପାଇଲେ ଏହି ଶୁଭକର୍ମ ।
ଦିନେ ମାତ୍ର ବ୍ୟାଧି ଯେବେ ହୋଇଥିବ ଭଲ
ଯାଉଁ ଯାଉଁ ଦିନେ ଗଲେ ହେବି କଲବଲ ।
ଏତେ କହି ଦେବ ଯେବେ ଦୟାକଲୁ ମୋରେ
ତୁହି ଦେବ ବିଶ୍ୱନାଥ ରହ ମୋର ପୁରେ ।
ଆସ୍ଥାନ ଭିତରେ ମୋର ବିଜେ କରିଥାଅ
ପ୍ରସନ୍ନ ହୋଇଲୁ ଯେବେ ଏହି ଆଜ୍ଞା ଦିଅ ।
ଯମର ଭକତି ସେବା ଦେଖିଣ ଈଶ୍ୱର
ଭୋଳାନାଥ ଲିଙ୍ଗ ରୂପେ ରହିଲେ ଏ ପୁର ।
ଆସ୍ଥାନ ଉପରେ ବିଜେ ଯୋଗାଧି ଈଶ୍ୱର
ବହୁତ ପୂଜା ଏହାଙ୍କୁ କଲେ ଶନିଶ୍ଚର ।
କରୁଣାସାଗର ଦେବ ଦେବ ଗୁଣନିଧି
ଦରଶନେ ନିବାରନ୍ତି ଯମ କୁଷ୍ଠବ୍ୟାଧି ।
ଈଶ୍ୱର ଦେବ ମଣ୍ଡପ ପାଶ ଚଉକତି
ଯେତେ ଲୋକମାନେ ପୂରି ବସିଣ ଅଛନ୍ତି ।
ମଞ୍ଚର ଶୂଦ୍ର ଏମାନେ ବହୁ ନୃପ କରି
ପିତୃଗଣ ପରେ ରହି ଅଛନ୍ତି ଏ ପୁରୀ ।
ପ୍ରତ୍ୟକ୍ଷ ଏମାନେ ଦେବଗଣଙ୍କର ସମ
ମାନବ ଜନମ ହୋଇ ଲଭି ଏଡ଼େ କର୍ମ ।
ଈଶ୍ୱରଙ୍କ ସେବା କରି ଲଭିଲେ ଏ ଗତି
ଏହି ହେଲେ ଈଶ୍ୱରଙ୍କୁ ଖଟିଣ ଅଛନ୍ତି ।
ଶୁଣ ମହାଯତି ଶୂଦ୍ରଙ୍କର ଯଶ ଧର୍ମ
ଯେଉଁ ପ୍ରକାରେ ପାଇଲେ ଏହି ଶୁଭକର୍ମ ।
ଶୂଦ୍ର ବୋଲି କରିଣ ସେ ଯେବଣ ହିଁ ଜାତି
ବହୁତ ଆଚାର ତହିଁ ଲିହି ପ୍ରଜାପତି ।
ଆପଣାର ସଦବିଦ୍ୟା ନ କରିବ ନାଶ
ସେବିବ ନିତ୍ୟେ ବ୍ରାହ୍ମଣ କ୍ଷତ୍ରିୟ ଯେ ବୈଶ୍ୟ ।
ଭାବିବ ଯେ କୃଷ୍ଣ ନାମ ସେବିବ ଈଶ୍ୱରେ
ଗୁରୁ କରିଣ ମାନବ ସକଳ ଜୀବରେ ।

Digitized by srujanika@gmail.com

ଉତ୍ତମ କ୍ଷତ୍ରୀ ବିବେକି ଯେହୁ କୁଳଶୀଳ
ଗୁରୁ କରିଣ ମାନିବ ତାକୁ ସର୍ବକାଳ ।
ବାନ୍ଧବ ପରାୟେ ମଣୁଥିବ ସର୍ବ ଜାତି
ସକଳ ଜୀବର କୁଳେ ହୋଇଥିବ ପ୍ରୀତି ।
ପ୍ରଭୁ ପରେ ଭୟ ଥିବ ସେବକରେ ଦୟା
ଜ୍ଞାତିଜନ ସଙ୍ଗେ କେବେ ନ କରିବ ମାୟା ।
ନ କରିଣ ପ୍ରାଣୀଙ୍କର ପ୍ରମାଦ କେବେହେଁ
ସୁଦୟା ଯେ ରଖୁଥିବ ସବୁ ଜନ୍ତୁ ଦେହେ ।
ବଡ଼ପଣ ପାଇଲେ ଯେ ନୋହିବ ଗର୍ବିତ
ବନ୍ଧୁ ବାନ୍ଧବଙ୍କୁ କରି ଆପଣା ଆୟତ୍ତ ।
କ୍ରିୟାହୀନ ହୋଇ ଅକୀର୍ତ୍ତିରେ ନ ଚାଲିବ
ବିବାଦେ ନ ପଶିବ କୁଭାଷା ନ କହିବ
ସୁଖ ଦୁଃଖ ଦେଇ ଘେନି ଆପଣା କର୍ମକୁ
ଅଜ୍ଞାନୀପଣେ ନିନ୍ଦା ନ କରିବ କାହାକୁ ।
ସର୍ବଦା ଆଶ୍ରୟ କରୁଥିବ ବାସୁଦେବ
ସୁପୁତ୍ର କୋଳେ ରଖିଣ ଏ ପୁରେ ଆସିବ ।
ଏମନ୍ତ ଶୂଦ୍ର ଯେହୁ ସେ ଏ ପୁରେ ଆସିବ
ଈଶ୍ୱରଙ୍କ ଆଶ୍ରେକଲେ ଐଶ୍ୱର୍ଯ୍ୟ ପାଇବ ।
ଯେବଣ ଶୂଦ୍ରମାନେ ହୋ ନ ପାରନ୍ତି ପଢ଼ି
କୁମନ୍ତ୍ରଣା ବିଚାରନ୍ତି ସଦ୍‌ବିଦ୍ୟାକୁ ଛୁଡ଼ି ।
ଗୁରୁ ଗଉରବ ଭାବ ନ ଜାଣନ୍ତି କିଛି
ବିଟପେ ରସନ୍ତି ସେହୁ ନିଜକର୍ମ ଲେଛି ।
ମୂର୍ଖପଣ ଆଚରି ନ ପଢ଼େ ଯେ ଅକ୍ଷର
ଧର୍ମ ବାସନାରେ ଜ୍ଞାନ ନୁହଇ ତାହାର ।
ଦେବତାଙ୍କୁ ନିନ୍ଦଇ ଯେ ନ ଭଜଇ ହରି
ବ୍ରାହ୍ମଣ ବୈଷ୍ଣବ ଆଦି ସବୁ ନିନ୍ଦା କରି ।
ଗୁରୁଜନ ପାଦେ ଯେହୁ ଭକତି ନୁହଇ
ଧନ ଲୋଭ କରିଣ ଯେ ଦୁହିତା ବିକଇ ।
ପୁତ୍ର ଯେ ଗୁରୁ ପବିତ୍ର ନୁହଇ ଯେ ପ୍ରାଣୀ
ବିଦ୍ୟା ନ ପଢ଼ି କହନ୍ତି ପରେ ମନ୍ଦବାଣୀ
ସମ୍ପତ୍ତି ପ୍ରତି ଆଶେ ଯେ ହୀନସେବା କରି
ଜାତି ଅର୍ଥ ସହିତରେ ସମର୍ପନ୍ତି ନାରୀ ।
ତୁଚ୍ଛା ଜାତି ଘରେ ଯେହୁ କରନ୍ତି ଭୋଜନ
ନୀଚ ସଙ୍ଗତରେ ପଡ଼ି ହରାନ୍ତି ଯେ ଜ୍ଞାନ ।
ଲୋଭଲାଭ ଯୋଗୁଁ ଭାଟ ଘେନନ୍ତି ଅଜ୍ଞାନୀ
ପ୍ରଭୁ କାର୍ଯ୍ୟକୁ ନାଶନ୍ତି ନିଜ କାର୍ଯ୍ୟ ଘେନି ।
ଖଳବାଣୀ କହିଣ ଯେ ଭାବେ ପର ପ୍ରୀତି
ବଡ଼ପଣ ପାଇଲେ ଯେ ନ ଜାଣେ ସୁଜାତି ।
କୁଟୁମ୍ବେ ଦୁଃଖ ଦେଇ ଯେ ଆପେ ହୁଏ ସୁଖୀ
ପରର ସମ୍ପଦ ଯେହୁ ନ ପାରନ୍ତି ଦେଖି ।
ଅପୁତ୍ରକ ହୋଇଣ ଯେ ଲଭଇ ମରଣ
ନର୍କରେ ବାସ ତାହାକୁ ଦିଏ ଜନ୍ତୁରାଣ ।
ଏକଥା ସ୍ୱରୂପ ଅଟେ ଶୁଣ ବ୍ରହ୍ମପତି
ଯମର ଆସ୍ଥାନେ ରହିଛନ୍ତି ଚାରିଜାତି ।
ଦେବତା କିନ୍ନର ଆଉ ଗର୍ନ୍ଧବ ରାକ୍ଷସ
ନରଲୋକ ଆଦିକରି ଉରଗ ପିଶାଚ ।
ପାପୀ ଅପାପୀକି ଆଦି ଯେତେ ଦଣ୍ଡଧାରୀ
ସମସ୍ତେ ରହିଅଛନ୍ତି ସଞ୍ଜିବନୀ ପୁରୀ ।
ଏହି ଜାଣ ମୂଳ କଥା ଏବେ ଆତଯାତ
ସକଳ ପ୍ରାଣୀଏ ଏଥି ହୋଇଛନ୍ତି ସ୍ଥିତ ।
ବ୍ରାହ୍ମଣ ବୈଶ୍ୟ କ୍ଷତ୍ରୀୟ ଶୂଦ୍ର ଚାରି ଜାତି
ଆସ୍ଥାନେ ବସି ଲଭିବେ ଏ ପରମ ଗତି ।
ଆବର ଯେତେକ ଜାତି ଅଛନ୍ତି ସଂସାରେ
ଏହାର ପିତାଙ୍କ ବାସ ଜାଣ ତଳପୁରେ ।
ବାୟୁ ଦେବତା ଅଙ୍ଗରୁ ସ୍ୱରୂପକୁ ଘେନି
ମୂର୍ତ୍ତିମନ୍ତ ହୋଇ ବସିଲେକ ସଞ୍ଜୀବନୀ ।
ଅବଶ୍ୟ ତାହାର ରହିଥାନ୍ତି ପୁତ୍ରନାତି
ସେମାନେ ପିଣ୍ଡ ଦିଅନ୍ତେ ଯାହା ସେ ଲଭନ୍ତି ।
ତହିଁକି ଆଶ୍ରୟ କରିଥାନ୍ତି ପିତୃଗଣେ
ଯେ ଯାହା ଦିଅନ୍ତି ତାହା ପାଆନ୍ତି ତକ୍ଷଣେ ।
ଅମୃତ ପାକ ଜାଣିଣ ଭୁଞ୍ଜନ୍ତି ହରଷେ
ବଂଶର କଲ୍ୟାଣ ସେହୁ କରନ୍ତି ସନ୍ତୋଷେ ।
ତିନି ପୁରୁଷ ଯାଏ ସେ ଆଶା କରିଥାନ୍ତି
ଚତୁର୍ଥ ପୁରୁଷକୁ ସେ ଜନମ ଲଭନ୍ତି ।
ଏହାକୁ ନିରାଶ କରି ସେହୁ ମଞ୍ଚେ ଥାଇ
ନିଶ୍ଚୟ ତାର ସୁକୃତି ସବୁ କ୍ଷୟ ଯାଇ ।
ଶକତି ଥାଉଁ ପିତାକୁ ନିରାଶ ନ କରି
ଏଥୁ ଅନନ୍ତରେ ଶୁଣ ଆହେ ତପଚାରୀ ।
ପବିତ୍ର ଏ ପୁଣ୍ୟମୟ ଯମପୁର ସ୍ଥାନ
ବସନ୍ତି ଏ ପୁରେ ବହୁ ପୁଣ୍ୟ ଥିବା ଜନ ।
ସଂସାରରେ ଧର୍ମବ୍ରତ ପାଳନ୍ତି ଯେ ପ୍ରାଣୀ
ଏ ସ୍ଥାନେ ବସାଉ ସୁଖେ ଆମ୍ଭେ ତାକୁ ଆଣି ।
ବହୁମତେ ସୁକର୍ମ ଯେ ପାଳନ୍ତି ସେ ରହି
ମଞ୍ଚରେ ଜନମି ପୁଣି ଦେବ ଅଙ୍ଗ ବହି ।
ବେଦମତେ କର୍ମମାନ କରନ୍ତି ଯେ ନର
ଅବଶ୍ୟ ବସଇ ସେହୁ ସୁଧର୍ମା ସଭାର ।
ଆତ୍ମା ଥାଉଁ ଥାଉଁ ଯେହୁ ଘୋଷେ ହରିନାମ
ସେ ଜନ ଅବଶ୍ୟ ପାଏ ବିଷ୍ଣୁଙ୍କ ଆଶ୍ରମ ।
ଆତ୍ମା ପୁରୁଷ ଅନନ୍ତ ନାମ ଅଟେ ତାର
ଆତଜାତ କରିଣ ସେ ହୁଅଇ ବାହାର ।

Digitized by srujanika@gmail.com

ପରମ ଗତିକି ଶେଷେ ପାଆନ୍ତି ନିୟତ
ପୁଣ୍ୟ ଜାତି ତୁଲେ ସେହୁ ହୁଅନ୍ତି ଏକତ୍ୱ ।
ଆବର ଯେତେକ ଧର୍ମ ପ୍ରାଣୀକି ଦେଖିଲା
ଶୁଭ ଯୋଗ ସମ୍ପଦ ଯେ ତହିଁକି ଗଢ଼ିଲା ।
ଅନେକ ତପ କଲେ ସେ ହୁଏ ବଡ଼ଲୋକ
ବଡ଼ଲୋକ ହୋଇକରି ହରାନ୍ତି ବିବେକ ।
ବିବେକ ନାଶଗଲେ ଯେ ଅଗତିକି ଯାନ୍ତି
ଅଗତି କରି ସେମାନେ ସମ୍ପଦ ଇଚ୍ଛନ୍ତି ।
ପାପ ପୁଣ୍ୟ ଦୁଇ ସେହି ପ୍ରାଣୀ ଅଙ୍ଗେ କଲେ
ବୁଝାମଣା ପଦଗୋଟି ଯମହାତେ ଦେଲେ ।
ଜନ୍ତୁପତି ବୁଝିକରି ଦିଏ ତାକୁ ଦଣ୍ଡ
ଶୁଣିଲତ ଯମପୁର କଥା ମାରକଣ୍ଡ ।
ଆହେ ହରି ମହାଦେବ ଦାସ ତୁମ୍ଭ ଦାସ
ତାହାଙ୍କୁ ଏ ଯମପୁରେ ନ ଦିଅନ୍ତୁ ବାସ ।

-x-

ସୁଖ ଦୁଃଖର କାରଣ

ଶୁଣିବା ଯେ ସାଧୁଜନେ ଏ ପବିତ୍ର ଗ୍ରନ୍ଥ
ମାରକଣ୍ଡ ଋଷିଙ୍କି ଯେ ପୁଚ୍ଛିଲ ସୁରଥ ।
ବୋଇଲା ହେ ମହାଋଷି କଥା ଏକ କହ
ଏ ମୋର ଅଶେଷ ଦିନ ପାପରାଶି ଦହ ।
କାଳ ବିକାଳ ଯେ ସବୁ କହିଲେ ତୁମ୍ଭଙ୍କୁ
ସଂସାରର ଚିନ୍ତା ଯେବେ ଲାଗେ ଦଇବକୁ ।
ଜଗତର ଜନ୍ତୁ ଯେବେ ତାହାର ସଞ୍ଜିଲା
କିମ୍ପା ସେ ପ୍ରାଣୀମାନଙ୍କୁ ଦୁଃଖସୁଖ ଦେଲା ।
ସେହୁ ଯେବେ ନ କରନ୍ତେ ପାପପୁଣ୍ୟ ମତ
ସଂସାର ଲୋକ ହୁଅନ୍ତେ କିମ୍ପା ଆତଜାତ ।
ଜାତକଲା ଲୋକଙ୍କୁ ଯେ କିମ୍ପା କରେ ରୋଷ
ସଂସାର ଲୋକ ତାଠାରେ କଲେ କେଉଁ ଦୋଷ
ଏଥିର ତଦନ୍ତ ମୋତେ କହ ଯତିଈଶ
ତୁମ୍ଭ ମୁଖୁ ଶୁଣି ମୁହିଁ ହୋଇବି ସନ୍ତୋଷ ।
ରାଜାର ଭକତି ଦେଖି ସେହି ମହାଋଷି
ପ୍ରସନ୍ନମୁଖ ହୋଇଣ ବଚନ ପ୍ରକାଶି ।
ବୋଇଲେ ସେ ଏକମନେ ଶୁଣ ହେ ରାଜନ
ତୁ ଯାହା ପୁଚ୍ଛିଲୁ ଶୁଣ ତହିଁର ବିଧାନ ।
ଦଇବ ବୋଲି ଅଟଇ ଯେବଣ ପୁରୁଷ
ସ୍ୱୟଂ ବିଷ୍ଣୁ ସ୍ୱରୂପରେ ହୁଏ ଯେ ପ୍ରକାଶ ।
ସେ ଦଇବ ପୁରୁଷ ଯେ ସର୍ଜିଲା ମେଦିନୀ
ଜୀବଜନ୍ତୁ ସରଜିଲା ବେଦଅର୍ଥ ଘେନି ।
ନିର୍ଗୁଣ ନିର୍ଦ୍ଦୟ ଯେହୁ ନିର୍ଦ୍ଦୋଷୀ ନିଷ୍ପାପୀ
ବିବେକ ସେ ବୁଦ୍ଧିମନ୍ତ ସୁନ୍ଦର ନିକୋପୀ ।
ଦୟା ଧର୍ମବନ୍ତ ପୁଣି ବିବେକୀ ସୁଜ୍ଞାନୀ
ହିଂସା ତାପ ବିହୀନେ ସେ ଗର୍ବ ଦୋଷ ମାନି ।
ଧର୍ମବଳକୁ ଘେନିଣ ହେଲେ ବଳବନ୍ତ
ସାନବଡ଼ ହୋଇ କେହି ନୋହିଲେ ମାନିତ ।
ପୁଣ୍ୟବନ୍ତ ବଳେ ହେଲେ ସମସ୍ତ ସମାନ
ଏକକୁ ଆରେକ ନ ମାନିଲେ ଜନ୍ତୁରାଣ ।
କୀଟୁ ବ୍ରହ୍ମଯାଏ ଏକ ରୂପ ଏକ ଦେହୀ
ଚଉଦ ବ୍ରହ୍ମାଣ୍ଡ ମଧ୍ୟେ ଯେତେ ଦେହ ବହି ।
ସମସ୍ତେ ଯେ ଏକ ମୂର୍ତ୍ତି ହେଲେ ଦେହବନ୍ତ
ଦେବତାଙ୍କ ସଙ୍ଗତରେ ବସିଲେ ଦୈବତ ।
ଦୈତ୍ୟଙ୍କର କୋଳେ ଯାଇ ବସନ୍ତି ମାନବେ
ଗ୍ରାମରେ ସଭା ବସାନ୍ତି ଯାଇ ବନଜୀବେ ।
ରାଜା ସଙ୍ଗରେ ବସନ୍ତି ପ୍ରଜା ଏକ ମେଳେ
ଏକକୁ ଆରେକ ଯହୁଁ ନୋହି ଖଳବଳେ ।
ଚଉଦ ଭୁବନ ଯାକ ଦିଶିଗଲା ମେଳା
ମାୟା ବିନେ କେଉଁ ସ୍ଥାନେ ଉଜାଡ଼ି ନୋହିଲା
ମଞ୍ଚପୁର ଲୋକେ ସ୍ୱର୍ଗପୁରେ ଚଳିଗଲେ
ପାତାଳପୁରରୁ ଲୋକେ ମଞ୍ଚକୁ ଅଇଲେ ।
ମାନବ ଦେବଙ୍କ ଲାଗି ଗଲା ବନ୍ଧୁପଣ
ସମ୍ବନ୍ଧ କଲେ ମାନବ ବନଜନ୍ତୁଗଣ ।
ଏକଇ ଆଚାର କଲେ ବ୍ରାହ୍ମଣ ଚାଣ୍ଡାଳେ
ଧ୍ରୁବ ମଣ୍ଡଳକୁ ଜିଣି ନରଲୋକେ ଗଲେ ।
ସବୁଙ୍କରି ମୁଖୁ ଶୁଣାଗଲା ବେଦଧ୍ୱନି
ତାହା ଶୁଣିଣ ଆଶ୍ଚର୍ଯ୍ୟ ହେଲେ ପଦ୍ମଯୋନି ।
ବିଚାରିଲେ ସଂସାରତ ହେଲା ଏକ ଗୋଳ
ସାନ ବଡ଼ ଏଥିରେ କେ ନୋହିଲା ସଙ୍ଖୋଳ ।
ଧର୍ମବଳେ ସେ ସମସ୍ତେ ହୋଇଲେ ଏକତ୍ୱ
ଉଚ୍ଚ ନୀଚ ଏଥିରେ କେ ନୋହିଲା ବାରିତ ।
କେହି ଯେ କାହାର ଜଣେ ନୋହିଲେ ମାନିତ
କୀଟୁ ବ୍ରହ୍ମଯାଏ ସବୁ ହୋଇଲେ ଏକତ୍ୱ ।
ବିଧାତା ପଣକୁ ପୁଣି ସର୍ବେ କଲେ ଆଶ
ନିଶ୍ଚୟ ପଣ ମୋହର ଅଳ୍ପେ ଯିବ ନାଶ ।
ଭରସା ପାଇଲେ ଏହି ଜୀବଜନ୍ତୁମାନେ
ସମ୍ମୁଖେ ବସିଲେ ଆସି ମୋହର ଆସ୍ଥାନେ ।
ଧର୍ମବଳେ ହୋଇଲେ ଯେ ଅତ୍ୟନ୍ତ ପ୍ରବଳ
ବିଷ୍ଣୁଙ୍କ କ୍ରୀଡ଼ାକୁ ଏହା ନୋହିଲା ଯେ ଭଲ ।
ଏତେକ ବୋଲି ଦଇବ ବିସ୍ମିତ ବଦନେ
ଯୋଗମାୟାକୁ ସ୍ମରଣ କଲେ ତତକ୍ଷଣେ ।
ସେ ଯୋଗମାୟା ଅଲେଖ ପ୍ରଭୁ ଠାକୁରାଣୀ
ବିଧାତା ଅଙ୍ଗରେ ଦୃଶ୍ୟ ହେଲେ ଗୋସାମଣି ।

Digitized by srujanika@gmail.com

ବିଧାତା ପୁରୁଷ ତହିଁ କରିଲେ ମାୟାକୁ
ତୁହି ଦେବ ମୋହିବୁ ଗୋ ଜଗତଜନଙ୍କୁ ।
ସଂସାରର ଜନମାନେ ନ ମାନିଲେ ମୋତେ
ବଡ଼ିମାପଣେ ବସିଲେ ମୋହର ସଙ୍ଗତେ ।
ସମସ୍ତେ ଚିହ୍ନିଲେ ଏକା ନିରାକାର ଜ୍ୟୋତି
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ଜାତି ।
ଦେବ ଅସୁର କିନ୍ନର ନର ଯକ୍ଷଗଣ
ଜଣଜଣକେ ସମସ୍ତେ କଲେ ବ୍ରହ୍ମପଣ ।
ଯେ ଯାହାର ଇଚ୍ଛାରେ ସେ କର୍ମମାନ କଲେ
ମୋହର ବୋଲକୁ ଆଉ ଜଣେ ନ ମାନିଲେ ।
ତୁ ଦେବୀ ଯେବେ ନୋହିବୁ ମୋତେ ସାହାପକ୍ଷ
ଜଗତଜନ ହୋଇଲେ ଇନ୍ଦ୍ର ସମକକ୍ଷ ।
ବିହିର ବଚନେ ତହୁଁ ବୋଲେ ମାୟାଦେବୀ
ତୋହର ବଚନେ ମୁହିଁ ଜଗତେ ମୋହିବି ।
ଏହିକ୍ଷଣି ବସିବି ମୁଁ ଯାଇ ସର୍ବ ଅଙ୍ଗେ
ସମସ୍ତେ ଆସି ଗୁହାରି କରିବେ ତୋ ଆଗେ ।
ଏତେ ବୋଲି ଦେବୀ ଯାଇଁ ଘୋଟିଲେ ସଂସାର
ମାୟାରୂପ ବିକାଶିଲେ ସବୁରି ଅଙ୍ଗର ।
ତତକ୍ଷଣେ ପ୍ରାଣୀମାନେ ହେଲେ ଆବୁଆନ
ଏକକୁ ଆରେକ ପୁଣି ହୋଇଲେ ଅଜ୍ଞାନ ।
ମନ୍ଦ କର୍ମମାନ କହି ଆରମ୍ଭିଲେ କଳି
ଏକକୁ ଆରେକ ଲାଗିଲେକ ବାରୁଆଳି ।
କେ କାହାକୁ ଧରଇ କେ କାହାକୁ ମାରଇ
କେ କାହାର ପଦାର୍ଥକୁ ଛଡ଼ାଇ ନିଅଇ ।
କେ ବୋଲଇ ମଲି ମଲି କେ ପାରଇ ଡକା
କେ ବୋଲଇ କମରରୁ ପଦାର୍ଥ ମୋ ପକା ।
ଦେବ ମାନବ ମଧରେ ଆରମ୍ଭିଲା ଗୋଳ
ଜୀବକୁ ଜୀବ ଧରିଣ ଭକ୍ଷିଲେ ସକଳ ।
ଗରିଷ୍ଠ ଲୋକ ମାନେ ଯେ ମାରନ୍ତି ଗୋଡ଼ାଇ
ସାନଲୋକମାନେ ଯାଉଅଛନ୍ତି ପଳାଇ ।
ସମସ୍ତେ ମିଳିଲେ ଯାଇ ବିଧାତା ଛାମୁରେ
ଡକାହେଲା ବୋଲି ଡାକ ଦ୍ୟନ୍ତି ଉଚ୍ଚସ୍ୱରେ ।
ବ୍ରହ୍ମା ବୋଇଲେ ହେ ତୁମ୍ଭେ କିମ୍ପା ଗୋଳକର
ଏକକୁ ଆରେକ କିମ୍ପା ହିଂସାଭାବ ଧର ।
ଆମ୍ଭର ବୋଲ ସମସ୍ତେ ମନଦେଇ ଶୁଣ
ପବିତ୍ର ପଣରେ ଏବେ ହୁଅ ସର୍ବେ କ୍ଷୀଣ ।
ଯେ ଯାହାର ମନ୍ଦିରକୁ ଏବେ ଯାଅ ତୁମ୍ଭେ
ପ୍ରତିପାଳି ଥିବ ଯାହା କହୁଅଛୁ ଆମ୍ଭେ ।
ସ୍ୱର୍ଗପୁରରେ ବସନ୍ତି ଯେତେକ ଦେବତା
ସକଳ ଲୋକଙ୍କର ଏ ନାଶିବେକ ଚିନ୍ତା ।
ଏହାକୁ ଅଣଆୟତ୍ତେ ହେବ ଅବା ଯେହି
ଯାହାକୁ ସାଧିବ ଯମ ଆମ୍ଭ ଆଜ୍ଞା ପାଇ ।
ଯାବତ ଜୀବଜନ୍ତୁଙ୍କ ଯେତେ ପାପପୁଣ୍ୟ
ଏହାକୁ ମଣିବ ଏକା ଆଦିତ୍ୟ ନନ୍ଦନ ।
ରାଜ୍ୟେକ ଏକ ନୃପତି ଗ୍ରାମେକ ପ୍ରଧାନେ
ବଳ ଦୁର୍ବଳ ସକଳ ବୁଝିବେ ଏମାନେ ।
କୁଟୁମ୍ବ ଭିତରେ କର୍ତ୍ତା ହେବ ଯେଉଁ ପ୍ରାଣୀ
ତାହା ଗୃହ କଥାମାନ ବୁଝିବ ଯେ ପ୍ରାଣୀ ।
ଜ୍ୟେଷ୍ଠକୁ କନିଷ୍ଠ ଜନ କରିବ ସତ୍କାର
ରାଜାକୁ ପ୍ରଜା ସାମନ୍ତେ ଖଟିବେ ଚାକର ।
ଏମନ୍ତ ପ୍ରକାରେ ରାଜ୍ୟ ପାଳନର ନୀତି
ପାପ କଲେ ବୁଝିବେ ତା ନିଶ୍ଚେ ଜନ୍ତୁପତି ।
ଏମନ୍ତ ବୋଲି ତାହାଙ୍କୁ ଧାତା ଦେଲା ଦୀକ୍ଷା
ଚତୁର୍ମୁଖ ବ୍ରହ୍ମା ପୁଣ ହୋଇଲେ ସୁରକ୍ଷା ।
କେହି ପାଳିଲେ ବ୍ରହ୍ମାର ଉଚିତ ବଚନ
ମାୟାରେ ପଡ଼ି କେତେକ ହରାଇଲେ ଜ୍ଞାନ ।
ଆବୋରିଲେ କାମ କ୍ରୋଧ ଆଦି ମାୟା ମୋହ
ଦିବ୍ୟଜ୍ଞାନ ହରାଇଣ ବ୍ୟର୍ଥ କଲେ ଦେହ ।
ଦଇବ ମାୟାରେ ସର୍ବେ ହୋଇଲେ କାରେଣୀ
ଶୁଣ ହେ ସୁରଥ ରାଜା କହ୍ନମୁନି ଭଣି ।
ଯାହା ତୁହି ପୁଛାକଲୁ ଶୁଣ ନୃପବର
ବ୍ରହ୍ମାଙ୍କୁ ତ ନ ମାନିଲେ ଯହୁଁ ଏ ସଂସାର ।
ତେଣୁ ରହି ସଂସାରକୁ ଧାତା କଲେ ନାଶ
ଜଗତଜନଙ୍କ ଅଟେ ଏହି ସବୁ ଦୋଷ ।
ଏମନ୍ତେ ପୁଛିଲେ ଯାହା ସୁରଥ ରାଜନ
ସଞ୍ଜୀବନୀପୁରର ତୁ ଯାବତ ବିଧାନ ।
ଆମ୍ଭ ଆଗେ ଏହା କହିଥିଲେ ଯମଦୂତେ
ଠିକଠିକ କରି କହିଦେଲୁ ଆମ୍ଭେ ତୋତେ ।
ସଂକ୍ଷେପି କହନ୍ତେ ସିନା ଅଟଇ ଦହନ
କହନ୍ତେ ଯେ ଅଗୋଚର ନ ହୋଇ ଲିଖନ ।
ତୁହି ଯାହା ପୁଛାକଲୁ ଶୁଣହୋ ନୃପତି
ଯମରାଜାଙ୍କ ମୁଖରୁ ଶୁଣିଲୁ ଯେ ରୀତି ।
ଯମଙ୍କ ପାଶରେ କାଳ ବିକାଳ ଏ ବେନି
ଆମ୍ଭଙ୍କୁ ବୋଇଲେ ଶୁଣ ଆହେ ମହାମୁନି ।
ଏହିଠାରେ ଆହେ ମୁନି ଥିବ ଠିଆହୋଇ
ଜନ୍ତୁପତିର ଛାମୁରେ ଜଣାଉ ଯେ ଯାଇ ।
ଏ କୃତିହା ମହାରଷି ଥିବେ ତୁମ୍ଭ ସଙ୍ଗେ
ଏତେ ବୋଲିକରି ଦୂତେ ଚଳିଗଲେ ବେଗେ ।
କହନ୍ତି ମାର୍କଣ୍ଡ ଶୁଣ ସିନ୍ଧୁ ନରବର
କହିବା କୃତିହା ରଷି ଦଣ୍ଡରେ ବିଚାର ।

Digitized by srujanika@gmail.com

ମାର୍କଣ୍ଡ ଋଷି ସେଠାରେ ବିଜେ କରିଛନ୍ତି
ମହାଦେବ ଦାସ ଏହା ଗୀତରେ କହନ୍ତି ।
-x-

ଯମରାଜା ଓ ମାର୍କଣ୍ଡ ଭେଟ
କୃତିହା ମହାଋଷିଙ୍କର ମୁକ୍ତି ବିଚାର

କହନ୍ତି ମାର୍କଣ୍ଡ ଶୁଣ ସିନ୍ଧୁ ନରବର
କହିବା କୃତିହା ଋଷି ପାପର ବିଚାର ।
ଆସ୍ଥାନ ଉପରେ ଯାଇ ଯମର ଛାମୁରେ
କହନ୍ତି ଯେ କରପତ୍ର ଯୋଡ଼ି ଦୁଇ ଚାରେ ।
ବୋଇଲେ ହେ ସାବଧାନେ ଶୁଣ ଜନ୍ତୁପତି
ମଞ୍ଚପୁରୁ ଆସିଲାକ ଆଜି ଏକ ଯତି ।
ଜାନୁକ ମହର୍ଷିଙ୍କର ଅଟଇ ସେ ସୁତ
ଇଚ୍ଛାସୁଖେ ପ୍ରାଣତ୍ୟାଗ କଲା ତପୋବନ୍ତ ।
ବାଳୁତ କାଳେ ସେ ଏକ ବେଙ୍ଗ ଥିଲା ମାରି
ସେ ଦୋଷେ ଏହାକୁ ଆମ୍ଭେ ଆଣିଥିଲୁ ଧରି ।
ମାରକଣ୍ଡ ମହାଋଷି ଦେଖି ତାକୁ ପଥେ
ରାଣ ପକାଇ ଗୁହାଇ ବସି ଆମ୍ଭ ରଥେ ।
କୃତିହା ମହାଋଷିଙ୍କ ବନ୍ଧନ ଫେଡ଼ିଣ
ରଥରେ ଘେନିଣ ତାକୁ ବସିଲେ ଆପଣ ।
ଆମ୍ଭଙ୍କୁ ବୋଇଲେ କିମ୍ପା ଋଷିଙ୍କୁ ଧଇଲ
ଏ କଥା ତୁମ୍ଭର କଥା ଯମକୁ କହିଲ ।
ଜାଣିବା ତୁମ୍ଭର କଥା ଯମକୁ କହିଲେ
ଏତେ ବୋଲିଣ ଅଇଲେ ଋଷି ଆମ୍ଭ ତୁଲେ ।
ଆସ୍ଥାନ ତଳେ ଅଛନ୍ତି ସେହି ଉଭା ହୋଇ
ଆମ୍ଭେ ଅଇଲୁ ଛାମୁରେ ଜଣାଇବା ପାଇଁ ।
ତାହା ଶୁଣି ଜନ୍ତୁପତି ଉଠିଲା ବହନ
ଚରଣରେ ଦୃଷ୍ଟିପାତି ତଳକୁ ବଦନ ।
ଦୂତଙ୍କୁ ସେ ଆଜ୍ଞା ଦେଲେ ଯାଅ ବେଗ ହୋଇ
ସେ ମାରକଣ୍ଡ ଋଷିଙ୍କୁ ଘେନି ଆସ ଯାଇ ।
ଚିତ୍ରଗୁପତକୁ ଚାହିଁ ବୋଲେ ଜନ୍ତୁପତି
ପାଛୋଟି ଯାଇଣ ତୁମ୍ଭେ ଆଣ ବ୍ରହ୍ମଯତି ।
ଜନ୍ତୁପତିର ବଚନେ ସେ ଚିତ୍ରଗୁପତେ
ଆମ୍ଭଙ୍କୁ ଭେଟିଲେ ଆସି ଦୂତଙ୍କ ସଙ୍ଗତେ ।
କହିଲେକ ନମସ୍କାର କରି ମନ୍ତ୍ରୀଗଣେ
ଏ ଆସନ ଉପରକୁ ଆସିବା ଆପଣେ ।
ଆମ୍ଭଙ୍କୁ ପେଶିଲେ ଜନ୍ତୁପତି ତୁମ୍ଭ ପାଶ
ବୋଇଲେ ମୁନିଙ୍କୁ ଆସ୍ଥାନକୁ ଘେନି ଆସ ।
ଆସ୍ଥାନ ଉପରେ ଯମ ଛନ୍ତି ଉଭା ହୋଇ
ବହନ ହୋଇଣ ବିଜେ କରିବା ଗୋସାଇଁ ।
ପୁଣି ସୁପ୍ରସନ୍ନ ଆଜ୍ଞା ଦେଲୁ ସେ ଦୂତଙ୍କୁ
ଆସୁଛନ୍ତି ବୋଲି କହ ଯାଇ ତୁ ଯମକୁ ।
ଆମ୍ଭ ବୋଲ ଶୁଣି ମନ୍ତ୍ରୀ ଚଳିଲେକ ବେଗେ
ଆସ୍ଥାନକୁ ଉଠିଗଲୁ ଆମ୍ଭେ ସେହି ଲାଗେ ।
କୃତିହା ଋଷି ଦକ୍ଷିଣ ଭୁଜ ଆମ୍ଭେ ଧରି
ଆସ୍ଥାନ ପରେ ଦେଖିଲୁ ଜନ୍ତୁଙ୍କ ଅଇରି ।
ଦେଖିଣ କହିଲେ ପାତ୍ରମନ୍ତ୍ରୀ ସେହି ଲାଗେ
ମାରକଣ୍ଡ ମହାଋଷି ବିଜେ କଲେ ଆଗେ ।
ଯେଉଁ ମହାଋଷି ଆଜି ହୋଇଲେ ନିଧନ
ସେ ଋଷି ଛାମୁରେ ଆସି କରନ୍ତି ଦର୍ଶନ ।
ଏ ବ୍ରହ୍ମଋଷିର ନାମ ଅଟଇ କୃତିହା
ବାଳୁତ କାଳରେ ପଶିଗଲା ଜନ୍ତୁଦ୍ରୋହା ।
ସେ ଦୋଷେ ବାନ୍ଧିଲୁ ଆମ୍ଭେ ତାକୁ ରଥ ଦଣ୍ଡେ
ଦୟାକରି ଛଡ଼ାଇ ସେ ଦେଲେ ମାରକଣ୍ଡେ ।
ତୁମ୍ଭ ଛାମୁକୁ ଅଇଲୁ ସେ ଋଷିକୁ ଘେନି
ଏଥକୁ କି ଆଜ୍ଞା ହେବ କହ ନୃପମଣି ।
ଯମ ଶୁଣି ମାରକଣ୍ଡ ଋଷି ଆସିବାର
ମସ୍ତକ ଉପରେ ରଖି ଯୋଡ଼ି ବେନି କର ।
ବୋଇଲେ ମୋ ନମସ୍କାର ମାର୍କଣ୍ଡ ଋଷିଙ୍କି
କେବଣ ଭାଗ୍ୟେ ବିଜୟ ମୋହର ତହିଁକି ।
କୃତାର୍ଥ ହେଲା ସଫଳ ଆଜି ମୋର ଦିନ
ପ୍ରତ୍ୟକ୍ଷରେ ଦେଖିଲି ଯେ ଦ୍ୱିତୀ ନିରଞ୍ଜନ ।
ପବିତ୍ର ହୋଇଲା ମୋର ପୁର ସଞ୍ଜୀବନୀ
ଅନେକ ଭାଗ୍ୟେ ଭେଟିଲି ମୁହିଁ ବ୍ରହ୍ମଜ୍ଞାନୀ ।
କେଉଁ କାର୍ଯ୍ୟେ ଋଷି ମୋର ପୁରକୁ ଆଗତ
ବସିକରି ତାହା ମୋତେ କହ ତପୋବନ୍ତ ।
କୃଷ୍ଣାଜିନ ଛାଲ ଏକ ନେଇ ଦେଲେ ଦୂତ
ତାହା ମାଡ଼ିକରି ଆମ୍ଭେ ବସିଲୁ ଯୁକତ ।
ଜନ୍ତୁପତି ଯାଇ ତହୁଁ ବସିଲା ଆସ୍ଥାନେ
ଆସିଲେ ଚିତ୍ରଗୁପତ ସହ ସର୍ବଜନେ ।
କୃତିହା ମୁନି ଅଛନ୍ତି ତଳେ ଉଭାହୋଇ
କେମନ୍ତେ ବସିବେ ତାକୁ ରାଜା ଆଜ୍ଞା ନାହିଁ ।
ଶୁଣ ଆହେ ସିନ୍ଧୁ ରାଜା ବଦନ୍ତି ମାର୍କଣ୍ଡେ
ଏଥୁ ଅନନ୍ତରେ ଯାହା ଶୁଣ ଜ୍ଞାନଖଣ୍ଡେ ।
ଯମ ଆସ୍ଥାନେ ଆସନ ପାଇ ଆମ୍ଭେ ବସି
ପ୍ରଥମେ ଉଚିତ ବାକ୍ୟେ ଯମକୁ ସମ୍ଭାଷି ।
ବୋଇଲୁ ହେ ଜନ୍ତୁପତି ଶୁଭ ହେଉ ତୋତେ
ରାଜଧର୍ମ ଶ୍ରୀ ପାପତ ହେଉଥାଉ ନିତ୍ୟେ ।
ଯାବତ କଥା ତୋହର କୁଶଳ ତ ରାଜା
କୁଟୁମ୍ବ ଭଣ୍ଡାର ବନ୍ଧୁ ଧନଜନ ପ୍ରଜା ।

Digitized by srujanika@gmail.com

ମନ୍ତ୍ରୀ ଅମାତ୍ୟ ଯେ ରଥ ଗଜ ଆଉ ଅଶ୍ୱ
ସଇନବଳ ପଦାତି ଆବର ତୋ ଦେଶ ।
ଦୂତଙ୍କୁ ତୋର ଆୟତ୍ତ ହୁଅନ୍ତିଟି ଜୀବେ
ତୋତେ ପ୍ରୀତିପଣେ ରହିଥାନ୍ତିଟି କି ଦେବେ ।
ପାପପୁଣ୍ୟ ଦୁଇକଥା ବୁଝଟିକି ଭଲେ
କୋପ ନ କରନା କିଛି ମନ୍ତ୍ରୀଏ କହିଲେ ।
ଅତିହିଁ ନିର୍ଦ୍ଦୟ ଚିତ୍ତ ନୋହିବୁଟି ବାବୁ
ସକଳ ବାର୍ତ୍ତା ସୁଲଭ କହ ତୋର ସବୁ ।
ଜନ୍ତୁପତି କହିଲେ ହେ ଶୁଣ ମହାମୁନି
ସକଳ କୁଶଳ ତୁମ୍ଭ ପାଦରେଣୁ ଘେନି ।
ତୁମ୍ଭେ କେଉଁ କାର୍ଯ୍ୟେ ବିଜେ କଲ ସଞ୍ଜୀବନୀ
ସେ କଥା କହିବା ଆଗ ମୋତେ ବ୍ରହ୍ମମୁନି ।
ଯମ ବୋଲେ ଶୁଣ ଆମ୍ଭେ ବନ୍ଧନ ପ୍ରକାଶି
ଶୁଣ ତୁହି ଜନ୍ତୁନାଥ ଦିବାକର ଶିଷି ।
ତୁହି ଯେଣୁ ମହାରାଜା ଜନ୍ତୁଙ୍କ ଈଶ୍ୱର
କରତା ପୁରୁଷ ତୁହି ହର୍ତ୍ତା ନାଶ କର ।
ବିହି ବିହି ପୁରୁଷ ତୁ ଜାଣୁ ସର୍ବବିଧି
ତୋହର ନାମ ଗୋଟିକ ସଂସାରେ ପ୍ରସିଦ୍ଧି ।
ତୁହି ଯେ ପ୍ରାଣୀକି କରୁ ଜାତକ ଅନ୍ତକ
ତୋହଠାରେ ବଳ ନାହିଁ ସଂସାରେ କେ ଟେକ ।
ବହୁତ ଦୂର ବାରତା ମିଳଇ ତୋ ପାଶେ
ଜଗତଯାକ ବାନ୍ଧି ତୁ ପାରୁ କାଳପାଶେ ।
ସତ୍ୟରେ ତୁ ଆତଯାତ କରୁ ଏ ସଂସାର
ଯେସନେକ କୂଳକୁ ନ ଲଙ୍ଘଇ ସାଗର ।
ସେହିମିତି ଚିନ୍ତା ତୋତେ ଲାଗେ ଜଗତର
ଧର୍ମଙ୍କ ନନ୍ଦନ ତୁହି ଜ୍ଞାନୀଙ୍କର ବର ।
ଏ ତୋହର ମହିମା ଯେ ଶୁଣିକରି ବାବା
ନିରତ ବିଚାରୁଥାଉ କେମନ୍ତେ ଦେଖିବା ।
ତହିଁକି ବିଧାତା ପୁଣି ଲିହିଲା ଘଟଣ
ମଞ୍ଚପୁରେ ଛାଡ଼ିଲେ ଏ ଯତି ଆଦି ପ୍ରାଣ ।
ଜାନୁକ ମହାଋଷିର ଅଟେ ଏ ତନୟ
କୃତିହା ନାମରେ ଏହୁ ପୁଣ୍ୟ ଧର୍ମମୟ ।
ଚଉଦ ମନୁ ପର୍ଯ୍ୟନ୍ତେ କାଟିଲା ଏ କାଳ
ଇଚ୍ଛାସୁଖେ ପ୍ରାଣତ୍ୟାଗ କଲା ତପୋଶୀଳ ।
ସ୍ୱର୍ଗକୁ ଏ ଯାଉ ଯାଉ ଧଇଲେ ତୋ ଦୂତେ
କାଳପାଶ ହସ୍ତେ ଘେନି ବାନ୍ଧିଲେ ତୁରିତେ ।
ସଞ୍ଜୀବନୀପୁରକୁ ସେ ଘେନି ଆସୁ ଆସୁ
ଆତଙ୍କେ ସ୍ମରିଲେ ସୁରମୁନି ସହସ୍ରାଂଶୁ ।
ଆମ୍ଭେ ବସିଥିଲୁ ଏହି ଆଦିତ୍ୟ ରଥରେ
ପୁରାଣ ଯେ କହୁଥିଲୁ ତୋ ପିତା ଛାମୁରେ ।
ଏ କୃତିହା ମହାଋଷି ସ୍ମରିଲାକ ଯହୁଁ
ଆମ୍ଭଙ୍କୁ ସେ ଦିବାକର ପେଶିଦେଲେ ତହୁଁ ।
ତାହାଙ୍କ ବୋଲେ ଅଇଲୁ ଆମ୍ଭେ ବେଗ ହୋଇ
କାଳପୁରୁଷଙ୍କୁ ଶୂନ୍ୟେ ଭେଟିଲୁ ସେ ଯାଇଁ ।
ଦୂତଙ୍କୁ ତୋର ମାଗିଲୁ ମୁନିଙ୍କର ଦୋଷ
କଦାଚିତେ ନ ଦେଲେ ଏ ନିର୍ଦ୍ଦୟ ପୁରୁଷ ।
ରାଗି ବନ୍ଧନ ଫେଡ଼ିଲୁ ଆମ୍ଭେ ଯହୁଁ ବଳେ
ତୁମ୍ଭ ଛାମୁକୁ ଅଇଲୁ ହୋଇ ଏକମେଳେ ।
ତୁ ଏବେ ଋଷିର ପାପପୁଣ୍ୟକୁ ବିଚାର
ଯେତେ ଦୋଷ ଥିଲେ ଆମ୍ଭ ଯୋଗୁଁ କ୍ଷମା କର ।
ପିତା ମଧ୍ୟ ତୋର କହିଅଛନ୍ତି ଯେ ତୋତେ
ଏ ଋଷିର ନ ଘେନିବ ଦୋଷ ଜନ୍ତୁନାଥେ ।
ଶୁଣ ହୋ ସୁରଥ ରାଜା କହନ୍ତି ମହର୍ଷି
ଏହା ଶୁଣି କହିଲାକ ଦିବାକର ଶିଷି ।
ଯେବଣ ବାର୍ତ୍ତା କହିଲ ଆହେ ମାରକଣ୍ଡେ
ମନ୍ତ୍ରୀକି ପୁଛେ ରହିବା ହେଉ ଏଥେ ଦଣ୍ଡେ ।
କହ ହେ ଚିତ୍ରଗୁପତ ଏ ଋଷିର ଧର୍ମ
କେତେକ ପୁଣ୍ୟ ଏହାର କେତେ ପାପକର୍ମ ।
ରାଜାର ବାକ୍ୟେ କହନ୍ତି ଏ ଚିତ୍ରଗୁପତ
ଶୁଣ ସାବଧାନେ ଆହେ ଦିବାକର ସୁତ ।
ସୁନିର୍ମଳ ନିରାକାର ବୋଲି ଏକ ମନୁ
ତାହାର ନନ୍ଦନ ହୋଇଲାକ ଯମଧେନୁ ।
ସେହି ଯମଧେନୁ ଋଷି ବହୁ ତପ କରି
ଧାତାପଣେ ପାଇଲାକ ଯୁଗ ଲକ୍ଷ ଚାରି ।
କାଳେ ସେ ବିଧାତା ପୁଣି ହୋଇଲେ ଅନ୍ତର
ଜୈମିନୀ ନାମରେ ହେଲା ତାହାଙ୍କ କୁମର ।
ସେହି ଜୈମିନୀ ସମୟେ ଇନ୍ଦ୍ରପଦ ଘେନି
ଶଏ ଦଶଗଣ୍ଡା ଯୁଗ ପାଳିଲେ ମେଦିନୀ ।
କାଳେ ଶକ୍ରରାୟେ ଇନ୍ଦ୍ରପଦକୁ ଉପେକ୍ଷି
ଘେନିଲା ସମ୍ପୂର୍ଣ୍ଣ ଦୀକ୍ଷା ଧର୍ମ ଭାବ ଲେଖି ।
ସେହି ଜୈମିନୀ ନନ୍ଦନ ନାମ ଯଦୁମାଳା
ଜାନୁକ ଋଷି ବୋଲିଣ ତାହାଙ୍କର ବାଳା ।
ସେ ଜାନୁକ ଋଷି ପୁଣି ମହା ପୁଣ୍ୟମୟ
ଏ କୃତିହା ମହାଋଷି ତାହାଙ୍କ ତନୟ ।
ସୁଧର୍ମା ସାଧବୀ ବୋଲି ଏହାଙ୍କର ମାତ
କୃତିହା ବଚନେ ଏହୁ ହୋଇଲେକ ଜାତ ।
ତେଣୁ ଏହି ଋଷି ନାମ କୃତିହା ଯେ ହୋଇ
ସାତବରଷର ପୁଣି ହୋଇଥିଲା ଏହି ।
କଉତୁକେ ବୁଲଇ ଯେ ବାଳୁତଙ୍କ ମେଳେ
କୃତିହା ବନ ମଧ୍ୟରେ ଭାର୍ଗବୀର କୂଳେ ।

Digitized by srujanika@gmail.com

ମଣ୍ଡୂକ ଏକଗୋଟି ଏ ନଦୀରୁ ଧଇଲା
ଗୁଳୁଚି ନଇ ଖଣ୍ଡକେ ତାହାକୁ ବାନ୍ଧିଲା ।
ଶରଧା କରିଣ ଫାଶ ଲଗାଇଲା ବେଳେ
ଅରଖ ବୃକ୍ଷ ଡାଳରେ ବାନ୍ଧିଲା କୌତୁକେ ।
ଯତନ କରି ଉଚିତ ସ୍ନାନ କରି ଗଲା
ସେ ମଣ୍ଡୂକ ଜୀବଗୋଟି କାକପକ୍ଷୀ ନେଲା ।
ସେ ଜୀବହତ୍ୟାରେ ଏହୁ ହୋଇଲା କାରେଣୀ
ଏଥକୁ ପାଞ୍ଜିରେ ମୁହିଁ ଲେଖିଅଛି ଜାଣି ।
ଏହା ବ୍ୟତିରେକେ ଯାର ନାହିଁ ଆନ ପାପ
ଶୁଣିଲ ତ ସାବଧାନେ କହିଲୁ ସ୍ୱରୂପ ।
ଚଉଦ ମନୁଯାଏ ହେ ବହୁ ତପ କରି
କାଳ ସମାପତେ ଅଇଲାକ ଏହୁ ପୁରୀ ।
ଏଥକୁ ଆସିଅଛନ୍ତି ମାରକଣ୍ଡ ଦ୍ୱିଜ
ଯାହା ଇଚ୍ଛା ନିବାରିଣ କହ ମହାରାଜ ।
ଜନ୍ତୁପତି ବୋଇଲେ ଏ ହେଲେ ଦୋଷକାରୀ
ଅଦୋଷୀ ଜୀବକୁ ଯେଣୁ ଛନ୍ତି ନାଶ କରି ।
ଆବର ବିଶେଷ ତହିଁ ଉପୁଜିଲା ଜୀବ
ତହିଁର ଶାସ୍ତି ଏ ତହିଁ ନିଶ୍ଚୟ ପାଇବ ।
ପୁଣ୍ୟ ଯେବେ କରିଅଛି ଭୁଞ୍ଜିବ ଯେ ପଛେ
କଲାର କୃତ୍ୟକୁ ଏ ଯେ ପାଇବ ପ୍ରତ୍ୟକ୍ଷେ ।
ମାର୍କଣ୍ଡ ଋଷି ଅଇଲେ ଯେବେ ଏଥିପାଇଁ
ପାପ ପୁଣ୍ୟ ବିଚାର ହେ ଉଚିତ ଅଟଇ ।
ଯେ ଯାହା ଅରଜିଥାଇ ଭୁଞ୍ଜିବ ସେ ତାହା
ଏ କଥାକୁ କାହାକୁ କେ ନୋହିବଟି ସାହା ।
ଆହୁରି କଥାଏ ପୁଣି ଲିହିଛି ପୁରାଣେ
ଯେହୁ ତାହାର ନିମନ୍ତେ କହେ ପ୍ରିୟପଣେ ।
କେହୁ ଯଦ୍ୟପି ତାହାର ଆବୋରଇ ଦୁଃଖ
ତେବେ ସିନା ପ୍ରୀତିପଣ ରହିବ ପ୍ରତ୍ୟକ୍ଷ ।
ଏପରି କଥା ହୁଅନ୍ତେ ଜଗତାନନ୍ଦ ପୁରେ
ଶୂଦ୍ରେକ ସଙ୍ଗ ହୋଇଲା ରଜକ ସଙ୍ଗରେ ।
ଶୂଦ୍ରର ନାମ କେଶବ ଧୋବା ନାମ ହୀର
ଅତିଅନ୍ତ ପ୍ରୀତି ହେଲେ ସେହି ବେନି ବୀର ।
ମଇତ୍ରଭାବେ ରହିଲେ ସେହି ବେନି ଜଣେ
କେହି କାହାକୁ ହିଁ ପୁଣି ନ ଛାଡ଼ନ୍ତି କ୍ଷଣେ ।
ଅନବରତରେ ଦୁହେଁ ହୋଇଥାନ୍ତି ସଙ୍ଗ
ଥୋକାଏ ଦିନେ ଲଭିଲା ଶୂଦ୍ର ମୃତ୍ୟୁଯୋଗ ।
ଆଣନ୍ତେ କାଳ ବିକାଳ ତାକୁ ସଂଜୀବନୀ
ମିଳିଲେ ନିପ୍ରୋହି ବନ ପାଶେ ତାକୁ ଘେନି ।
ସେ ବନର ପୂର୍ବଭାଗେ ଅଛି ଏକ ଶୂଳ
ଅତି ତୀକ୍ଷଣ ହୋଇ ମନ ବଳିଣ ବିଶାଳ ।

ଅଠର ହାତ ଉସର୍ଗ ସେହି ଶୂଳକାଠ
ବଳିଣ ତା ଶିଖା ଖଣ୍ଡ ତଳ ଅଛି ଆଣ୍ଟ ।
ଅତି ଦମ୍ଭେ ଶୂଳ ତହିଁ ହୋଇଅଛି ପୋତା
ତା ଦେଖି ଦୂତକୁ ଶୂଦ୍ର ପୁଚ୍ଛିଲା ବାରତା ।
ଏ ଶୂଳ କିମ୍ପାଇ ପୋତା ହୋଇଅଛି ପଥେ
କାହାକୁ ଆଣିକରି କେ ବସାଇବ ଏଥେ ।
ଦୂତ୍ତ ବୋଇଲା ପୁଚ୍ଛିଲ ଯେବଣ ଉତ୍ତର
ତହିଁର ତଦନ୍ତ ତୋତେ କହିବା ହେ ନର ।
ଯେଉଁ ଗ୍ରାମରୁ ଆଣିଲୁ ଆମ୍ଭେ ତୋତେ ଆଜ
ହୀରାଧନ ନାମେ ତହିଁ ରଜକ ତନୁଜ ।
ସେହୁ ବାଳକ କାଳରେ ଖେଳ କୁତୂହଳେ
ଝିଣ୍ଟିକା ଗୋଟିଏ ନେଇ ବସାଇଲା ଶୂଳେ ।
ଗୋହିରା କଣ୍ଟା ଗୋଟାକେ ଶୂଳି ତାକୁ ଦେଲା
ପତଙ୍ଗ ଜୀବ ଗୋଟିକ ପ୍ରାଣତ୍ୟାଗ କଲା ।
ଅଦୋଷରେ ରଜକ ଯେ କଲା ଜନ୍ତୁ ହତ୍ୟା
ସେଦିନ ରାତିରେ ଆମ୍ଭେ ପାଇଲୁ ବାରତା ।
ତାହା ବିସ୍ମରଣ ହେବ ଆମ୍ଭ ମନୁ ବୋଲି
କରଣଙ୍କ ଆଜ୍ଞାରେ ଏ ଶୂଳକୁ ପୋତିଲି ।
ଆବର ବେନି ମାସେ ସେ ରଜକ ମରିବ
ମାସେ ପରିଯନ୍ତେ ଏହି ଶୂଳିରେ ବସିବ ।
ତାହା ଶୁଣିଣ ଯେ ଶୂଦ୍ର ବହୁ ଶୋକ କଲା
ବେନି କର ଯୋଡ଼ିକରି ଦୂତଙ୍କୁ ବୋଇଲା ।
ବୋଇଲା ହେ ସାବଧାନେ ଶୁଣିମା ଗୋସାଇଁ
ସେହୁ ରଜକ ମୋହର ମଇତ୍ର ଅଟଇ ।
ଭିନ୍ନ ଆତ୍ମା କେବେ ନୋହୁ ଆମ୍ଭେ ଦୁଇ ମିତ୍ରେ
ପ୍ରୀତି ଛଡ଼ାଇ ଆଣିଲ ତୁମ୍ଭେ ବାନ୍ଧି ମୋତେ ।
ନିତି ପ୍ରତି ବିଚାରିଣ ଥାଉଁ ଆମ୍ଭେ ବେନି
ଏକା ବେଳକରେ ଯିବା ପୁର ସଂଜୀବନୀ ।
କେବଣ ପାପରେ ସେହୁ ହୋଇଲା ରଜକ
ସଦା ଜ୍ଞାନୀ ପ୍ରାଣୀ ସେହି ଅତ୍ୟନ୍ତ ବିବେକ ।
ମୋହର ଜାଣନ୍ତେ ତାର କିଛି ନାହିଁ ଦୋଷ
ଦୁଇମିତ୍ର ଆମ୍ଭେ କରିଥିଲୁ ଏ ବିଶ୍ୱାସ ।
ସେ ଯଦ୍ୟପି ଜନ୍ତୁବଧ କରିଛି ଅଜ୍ଞାନେ
ଏତେ କଷ୍ଟ ପାଇବ ସେ ଆସି ଏହି ସ୍ଥାନେ ।
ମିତ୍ର କଷ୍ଟ ବ୍ୟଥା ଆଜ ହୋଇଲାକ ମୋତେ
ମିତ୍ର ଆସିବାଯାଏ ମୁଁ ବସିଥିବି ଏଥେ ।
ଦୁଇମିତ୍ର ସଙ୍ଗ ହୋଇଯିବୁ ଏକାବେଳେ
ତାହା ବୋଲ ଶୁଣି ଦୂତେ ସନମତ କଲେ ।
ସେ ଅଦୋଷୀ ବାପୁଡ଼ାକୁ ଶୂଳେ ବସାଇଲେ
ମିତ୍ର ଅନିସାରେ ଶୂଦ୍ର ବସିଲାକ ଶୂଳେ ।

Digitized by srujanika@gmail.com

ଏଥି ଉତ୍ତାରୁ ଶୁଣିମା ହେଉ ତପଶୀଳ
ଆବର ଘଟିଲା କଥା ଏକ କୁତୂହଳ ।
ଜଗତାନନ୍ଦ ପୁରରେ ହୋମ ନାମେ ତେଲି
ଆୟୁଷ ଥାଉ ଅଇଲା ଅଣହୁତା ବୁଲି ।
ସେହି ଶୂଦ୍ର କଥାକୁ ସେ ପଥେ ଦେଖିଗଲା
ସେ କଥାକୁ ହୀରାଧୋବା ଆଗରେ କହିଲା ।
ମିତ୍ର କଷ୍ଟ ଶୁଣିଣ ସେ ଧୋବା ହୀରାଧର
ଅନଳରେ ଝାସ ଦେଇ ଛାଡ଼ିଲା ଶରୀର
ପୁଷ୍ପକ ଆରୋହିଣ ସେ ଅନ୍ତରୀକ୍ଷେ ଗଲା
ମିତ୍ରଙ୍କୁ ଘେନିଣ ଯାଇ ସ୍ୱର୍ଗରେ ବସିଲା ।
କହନ୍ତି ଯମଦେବତା ଶୁଣ ମହାଯତି
ସତ୍ୟବନ୍ତ ପ୍ରାଣୀମାନେ ଲଭନ୍ତି ସ୍ୱର୍ଗତି ।
ପ୍ରାଣୀମାନଙ୍କର ସତ୍ୟ ଅଟେ ତପ ରାଜା
ସତ୍ୟ ହାନି ଲୋକମାନେ ସଂସାରେ ଅପୂଜା ।
ସତ୍ୟ ପାଳିଲେ ଯେ ସେହି ଧୋବା ଶୂଦ୍ର ବେନି
ବସିଲେକ ସ୍ୱର୍ଗପୁରେ ଦେବ ଦେହ ଘେନି ।
କୃତିହା ଋଷିଙ୍କ ପାଇଁ ଆପଣ କହୁଛ
ଏହାର ପାପକୁ କେହୁ ହେବ ସମକଛ ।
ପୁଣ୍ୟ କଲେ ଯେ ପାତକ କେବେ ନୁହେଁ କ୍ଷୟେ
ଅବଶ୍ୟ ପାପ ପୁଣ୍ୟକୁ ଭୋଗ କର ଦେହେ ।
ଶରୀର ଦୁଃଖ ପାଇଲେ ପାପ କ୍ଷୟ ଯାଇ
ସୁଖଭୋଗ ପାଇଲେ ଯେ ପୁଣ୍ୟହତ ହୋଇ ।
ଯାହାକି ସେ ପ୍ରଜାପତି କରିଛି ଲିଖନ
କାହାର ବଳରେ କରି ପାରିବ ତା ଆନ ।
ଆବର ଦଇବ ପୁଣି ଲିହିଛି କଥାଏ
ଯେବଣ ପ୍ରାୟଶ୍ଚିତ୍ତରେ ଯେଉଁ ପାପ କ୍ଷୟେ ।
ପୁରାଣ ବିଧାନରେ ନ କଲେ ପ୍ରାୟଶ୍ଚିତ୍ତ
ଅବଶ୍ୟ ସେ ପାପେ ସେହୁ ହୋଇବ ଯେ ହତ ।
ନୋହିଲେ ଶରୀର ଭୋଗ କରଇ ସେ ପାପ
କେବେହେଁ କ୍ଷୟ ନ ପାଇ ଯେତେକଲେ ତପ ।
ଶୁଣ ହୋ ସୁରଥ ରାଜା କହ୍ନପତି ଭଣି
କୃତାନ୍ତ ମୁଖରୁ ଆମ୍ଭେ ଏସନକ ଶୁଣି ।
ଆମ୍ଭର ମନ ହୋଇଲା ଅତ୍ୟନ୍ତ ବିରସ
ଭଣଇ ଯେ ପୁଣ୍ୟଧ୍ୱନି ମହାଦେବ ଦାସ ।

–x–

କର୍ମ ବିପାକ

ତାହା ଶୁଣିକରି ଆମ୍ଭେ ପୁଛିଲୁ ଯମକୁ
କହ ତୁ ହେ ପ୍ରାୟଶ୍ଚିତ୍ତ ଏ ସବୁ ପାପକୁ ।
ତୋହର ତହୁଁଟି ଆମ୍ଭେ ଶୁଣିଥିବୁ ଯାହା
ସଂସାରଜନଙ୍କୁ ଯାଇଁ କହିବୁ ଯେ ତାହା ।
ତେବେ ପ୍ରାଣୀଙ୍କର ଜ୍ଞାନ ହୋଇବ ଉଦିତ
ଅଜ୍ଞାନରେ ପାପ କଲେ କରିବ ପ୍ରାୟଶ୍ଚିତ୍ତ ।
ଆମ୍ଭର ଆସିବା ହେଉ ପ୍ରାଣୀଙ୍କର ହିତ
କହ କେବଣ ପାପକୁ କେଉଁ ପ୍ରାୟଶ୍ଚିତ୍ତ ।
ବଦନ୍ତି ଯେ ଜନ୍ତୁରାୟେ ଶୁଣ ମହାମୁନି
ଯାହା ତୁହି ପୁଛା କଲୁ ଯହିଁ ଯେଉଁ ଧ୍ୱନି ।
ଯେବଣ ପାପକୁ ଅଟେ ଯେଉଁ ପ୍ରାୟଶ୍ଚିତ୍ତ
ସେ କଥାକୁ ଏକମନେ ଶୁଣ ତପୋବନ୍ତ ।
ବ୍ରାହ୍ମଣ ହତ୍ୟାକଲେ ବୁଡ଼ଇ ଅବିବେକ
କଳ୍ପେ ପରିଯନ୍ତେ ଜାଣ ଆଶ୍ରାକରେ ନର୍କ ।
ତଦଅନ୍ତେ ପୁଣି ସେହି ନର୍କରୁ ଉତୁରି
ଶତେ ଜନ୍ମଯାଏ ତନୁ ପଡ଼େ ପାପ ଧରି ।
ଏଥକୁ ତ୍ରିଶୂଳୀ ତପ ପ୍ରାୟଶ୍ଚିତ୍ତ କଲେ
ବ୍ରହ୍ମହତ୍ୟା ଦୋଷ ତରିଯାଏ ପ୍ରାଣୀ ଭଲେ ।
ସ୍ତିରୀହତ୍ୟା କଲେ ନର ତିନିଯୁଗଯାଏ
ରଉରବ ନର୍କେ ପଡ଼ିଥାଇ ତାର କାୟେ ।
ତଦଅନ୍ତେ ପୁଣି ନପୁଂସକ ତନୁ ଧରି
ମଞ୍ଚରେ ଜନମ ହୁଏ ଯେହୁ ବେଳ ଚାରି ।
ଉଗ୍ର ତପ କଲେ ଏହି ଫଳ କ୍ଷୟ ପାଇ
ନୋହିଲେ ଶରୀରେ ସେହୁ ପାପ ଭୋଗୁଥାଇ ।
ଗୋହତ୍ୟା ପାପ କରିଲେ ଜ୍ଞାନ ହୁଏ ଧ୍ୱଂସ
ଯୁଗ ପରିଯନ୍ତେ ଲଭେ ନରକରେ ବାସ ।
ତଦଅନ୍ତେ ପୁଣି ଜନ୍ମ ଲଭଇ ଘୁଷୁରି
ଗଜଘଣ୍ଟ ଦାନ ଦେଲେ ଏ ପାପୁ ନିସ୍ତରି ।
ଗୁରୁପତ୍ନୀ ହରଇ ଯେ କାମେ ବଶହୋଇ
ସହସ୍ର ବର୍ଷ ସେ ନର ନର୍କରେ ପଡ଼ଇ ।
ଶତେ ଜନ୍ମ ପରିଯନ୍ତେ ହୁଅଇ ଛାଗଳ
ଏଥକୁ କରିବ ପ୍ରାୟଶ୍ଚିତ୍ତ ଚଣ୍ଡକାର ।
ଶୂଦ୍ରକୁଳେ ଜନମି ଯେ ଭକ୍ଷଇ ମଦିରା
ଶତେକ ଜନ୍ମ ଭକ୍ଷନ୍ତି ସେହୁ ନର୍କଧାରା ।
ତଦନ୍ତେ ପୁଣି ଅଛବେ ହୁଅଇ ସେ ଜାତ
ବେଲୁବେଳ ତାହାର ଯେ ଜ୍ଞାନ ହୁଏ ହତ ।
ଗୁରୁଙ୍କୁ ନିନ୍ଦା କରିଲେ ମହାପଶୁ ହୁଏ
ଅଜ୍ଞାନ ହୋଇଥାଏ ସେ ବାର ଜନ୍ମଯାଏ ।
ଏଥକୁ ସେ ପ୍ରାୟଶ୍ଚିତ୍ତ ଅନ୍ତେ ଦେଶାନ୍ତର
ମହାପ୍ରସ୍ଥାନ କଲେ ଏ ପାପୁଁ ହୁଏ ପାର ।
ଜଳଘାଟରେ ମାରନ୍ତି ଜନ୍ତୁ ଯେଉଁ ପ୍ରାଣୀ
ହିମକୁଣ୍ଡ ମଧ୍ୟେ ତାକୁ ପକାନ୍ତି ଯେ ଆଣି ।

Digitized by srujanika@gmail.com

ସତୁରି ବରଷେ ସେହୁ ତେଜେ ମହାହିମ
ବ୍ୟାଧ ଜାତିରେ ସେ ନର ଲଭଇ ଜନମ ।
ଏ କଥାକୁ ପ୍ରାୟଶ୍ଚିତ୍ତ ଦଇବ କହିଲେ
ନିଜ ମାଂସ କାଟିକରି ଗୃଧ୍ରୀଣୀକି ଦେଲେ ।
ତେବେ ତାର କ୍ଷୟ ପାଇ ଜନ୍ତୁବଧ ଦୋଷ
ନୋହିଲେ ପଶୁଯୋନି ଯେ ଲଭଇ ଅବଶ୍ୟ ।
ବୈଶ୍ୟ ଜାତିରେ ଜନମି ଯେବେ ପ୍ରାଣୀ ନାଶେ
ଲେଉଟି ପଡ଼ଇ ସେହୁ ଘୋର ନର୍କବାସେ ।
ଈଶ୍ୱରଙ୍କୁ ନିନ୍ଦାକଲେ ଲଭନ୍ତି ଅଗତି
ଶତେ ଜନମଯାଏ ନ ଦେଖନ୍ତି ସନ୍ତତି ।
ଏଥକୁ ପ୍ରାୟଶ୍ଚିତ୍ତ ଯେ ଦେବ ହେମଦାନ
ଆବର ଈଶ୍ୱର ଶିରେ କଲେ ଗୋ ଦହନ ।
ବ୍ରାହ୍ମଣଙ୍କୁ ନିନ୍ଦାକଲେ ଅଳ୍ପାୟୁଷ ହୋଇ
ଜନମ ମରଣ ତାର ନିତ୍ୟେ ହେଉଥାଇ ।
ଏଥକୁ ଯେ ପ୍ରାୟଶ୍ଚିତ୍ତ ଅଟେ ହେମଦାନ
କଲେ ସେହି ମହାପାପ ହୁଅଇ ଦହନ ।
ଅଗ୍ନି ଲଗାଇଣ ସେହୁ ପୋଡ଼ଇ ବିପିନ
ଚଉର୍ଯ୍ୟପଣ ଆଚରି ହରଇ ସୁବର୍ଣ୍ଣ ।
ବିଷ୍ଣୁଙ୍କୁ ନିନ୍ଦା କରଇ ଯେଉଁ ମହାପାପୀ
ଅବଶ୍ୟ କୁଷ୍ଠବ୍ୟାଧି ତାର ଶରୀରରେ ବ୍ୟାପୀ
ଏଗାର ଜନମ ଯାଏ ହୁଏ ବ୍ୟାଧିମନ୍ତ
ଈଶ୍ୱରଙ୍କୁ ସେବାକଲେ ହରେ ଦୋଷ କୃତ ।
ହରି ପାରନ୍ତି ଏ ତିନି ପାପ ତ୍ରିପୁରାରି
ଆନ ପ୍ରାୟଶ୍ଚିତ୍ତ କଲେ ଏ ପାପୁ ତ ତରି ।
ଦାତବ୍ୟଜନଙ୍କୁ ଯେହୁ ବାରେ ଦେବା କାଳେ
ଜଡ଼ ହୋଇଣ ସେ ଜାତ ହୁଏ ରବିତଳେ ।
ଏଥକୁ ତ ପ୍ରାୟଶ୍ଚିତ୍ତ ଶୁଣିମା ଗୋସାଇଁ
ନିଜ ଜିହ୍ୱା କାଟିଣ ଯେ ଅନଳେ ପକାଇ ।
ପରଦ୍ରବ୍ୟ ହରଣେ ଯେ ନ ମଣନ୍ତି ପ୍ରାସ
ଦରିଦ୍ରେ ଜନ୍ମ ହୁଅଇ ସେ ବେଳ ତିରିଶ ।
ଏଥକୁ ତ ପ୍ରାୟଶ୍ଚିତ୍ତ ରୋପି ଚ୍ୟୁତବନ ।
ଗ୍ରୀଷମ କାଳରେ ପଥେ ଦେବ ଜଳଦାନ ।
ଜଳ ନିନ୍ଦା କଲେ ସଦା ହୁଅଇ ସେ କେଶୀ
ଏଥକୁ ଯେ ପ୍ରାୟଶ୍ଚିତ୍ତ ହୋଇଣ ଭିକ୍ଷାସୀ
ଶାସ୍ତ୍ର ଶୁଣି ନ ଦିଅଇ ଯେ ଦକ୍ଷିଣା ଦାନ
ଦ୍ୱାଦଶ ଜନମଯାଏ ବଧିର ତା କାନ ।
ଏଥକୁ ଯେ ପ୍ରାୟଶ୍ଚିତ୍ତ ହୋଇଣ ଭିକ୍ଷାସୀ ।
ଲୋଚନରେ ଦେଖିଥିବ ଦେବରୂପ ରାଶି ।
ବିଶ୍ୱାସ କରଇ ଯେହୁ ପ୍ରାଣୀ କରେ ନାଶ
ଲୋଚନ ବେନିଟି ତାର ହୁଅଇ ଅଦୃଶ୍ୟ ।
ସ୍ୱାମୀଦ୍ରୋହ କଲେ ହରାଏ ସେ ବେନି ଆଖି
ପାଞ୍ଚ ଜନମଯାଏ ସେ ହୁଏ ନିରିମାକ୍ଷୀ ।
ପ୍ରଚଣ୍ଡାନଳରେ ଯେବେ ଦହିପାରେ କାୟ
ତେବେ ମହାପାପ ହୁଏ ଶରୀରରୁ କ୍ଷୟ ।
ବାଟତରୁର ଛେଦନ କରେ ଯେହୁ ଡାଳ
ତିନି ଜନମଯାଏ ସେ ହୁଅଇ ପଙ୍ଗୁଳ ।
ଛତା ଦାନ ବ୍ରାହ୍ମଣଙ୍କୁ ଯେବେ ସେ ଦିଅଇ
ତେବେ ସେ ମହାପାପ ତା ଶରୀରୁ ତୁଟଇ ।
ଖାଇବା ଗ୍ରାସ ଭଙ୍ଗାଇଦିଏ ଯେଉଁ ଜନ
ଲୋଚନ ପଥରେ ସେହୁ ନ ଦେଖଇ ଧନ ।
ଷଡ଼ ଜନମଯାଏ ସେ ହୁଏ ବଡ଼ ଦୁଃଖୀ
ଜଳକୀର୍ତ୍ତି କରିଲେ ସେ ହୁଏ ପୁଣି ସୁଖୀ ।
ପର କୀର୍ତ୍ତିକି ଯେ ନର କରଇ ଭଞ୍ଜନ
ଭଲ ହୋଇ ତାହାକୁ ନ ମିଳିବ ସଦନ ।
ଦେବାଳୟଟି ସୁସଞ୍ଚ ଯେବେ କରିପାରି
ତେବେ ସେ ମହାପାପରୁ ଅନାୟାସେ ତରି ।
ପରର ବାରବ୍ରତ ଯେ ଭାଙ୍ଗଇ ବିଗୁଣେ
ବିରୂପ ରୂପ ସେ ନର ଲଭଇ ଆପଣେ ।
ପଞ୍ଚ ଜନ୍ମଯାଏ ସେହୁ ହୁଏ ଅସୁନ୍ଦର
ଦୁର୍ଗାଙ୍କୁ ସେବାକଲେ ସେ ପାପୁ ହୁଏ ପାର ।
ପରଗୃହେ ରାଗେ ଯେହୁ ଲଗାନ୍ତି ଅନଳ
ଆପଣା କୁଳେ ସେ କେବେ ନ ଦେଖେ ମଙ୍ଗଳ ।
ଆଗତ ଜନ୍ମକୁ ସେହୁ ହୁଏ ଅପୁତ୍ରକ
ତଦଅନ୍ତେ ପୁଣି ଯାଇ ଲଭେ କୁମ୍ଭୀପାକ ।
ଏଥକୁ ଯେବେଣ ପ୍ରାଣୀ ସୁଜ୍ଞାନୀ ହୁଅନ୍ତି
ବିପୁଳ ଘର ତୋଳିଣ ବିପ୍ରେ ଦାନ ଦ୍ୟନ୍ତି ।
ଯେବେ ସେହି ମହାପାପ କ୍ଷୟ ଯାଇ ଭଲେ
ନରକ ଗତି ଲଭନ୍ତି ଏମନ୍ତ ନ କଲେ ।
ପରକୁ ଔଷଧ ଯେହୁ ଦିଅନ୍ତି କପଟେ
ଆହାର ପକ୍ୱ ନୁହଇ ଦିଅନ୍ତି କପଟେ ।
ବିଂଶଜନ୍ମ ଯାଏ ତାର ହୁଏ ମଦ ଅଗ୍ନି
ଏଥକୁ ଯେ ପ୍ରାୟଶ୍ଚିତ୍ତ ବ୍ରାହ୍ମଣ ଭୋଜନି ।
ସଭାରେ ବସିଣ ଯେହୁ କହଇଟି ମିଛ
ଭୂମିରେ ଭୂତ ଜନ୍ମ ସେ ହୁଅଇ ପ୍ରତ୍ୟକ୍ଷ ।
ତେରଜନ୍ମଯାଏ ସେହୁ ହୁଏ ବଡ଼ ଦୁଃଖୀ
କାର୍ତ୍ତିକ ହବିଷ୍ୟ ଅଛି ଏଥକୁ ଯେ ଲେଖି ।
ଶାସ୍ତ୍ର ଶୁଣି ଯେ ନର ସୁଜନ ନିନ୍ଦାକରେ
ସତଷଠି ବରଷ ପଡ଼ଇ ନରକରେ ।
ଶ୍ୱାନ ରୂପରେ ପୁଣି ସେ ମର୍ତ୍ତ୍ୟେ ହୁଏ ଜାତ
ଏମନ୍ତ ଯେ ଆତଯାତ ହୁଏ ବେଳ ସାତ ।

Digitized by srujanika@gmail.com

ଏଥକୁ ପ୍ରାୟଶ୍ଚିତ୍ତ ଯେ ଏକା ଏକାଦଶୀ
ନୋହିଲେ ଆନ ମତେ ସେ ପାପ ନୋହେ ଧ୍ୱଂସୀ ।
ପରକୁ ଉଚ୍ଛିଷ୍ଟ ଯେହୁ ଦିଅନ୍ତି ଲୁଚାଇ
ମଞ୍ଜାରୀ ରୂପରେ ସେହୁ ଉଚ୍ଛିଷ୍ଟ ଭକ୍ଷଇ ।
ଏଥକୁ ପ୍ରାୟଶ୍ଚିତ୍ତ ଯେ ବୈଶାଖର ଛାଇ
ଅନ୍ନ ଜଳ ଛତ୍ର ଦେଲେ ସେ ପାପୁ ତରଇ ।
ବିବାହୀ ନାରୀ ଅଦୋଷୀ କରେ ଯେହୁ ତେଜ୍ୟା
ପିତୃଲୋକମାନେ ତାର ହୁଅନ୍ତି ଅପୂଜା ।
ଆପେ ଅଶ୍ୱ ହୋଇ ମଞ୍ଚପୁରେ ହୁଏ ଜାତ
କାମଦେବ ତାପ ଆପେ ସହଇ ବହୁତ ।
ବ୍ରାହ୍ମଣକୁ ବ୍ରତ କଲେ ଖଣ୍ଡେ ସେହି ଦୋଷ
ନୋହିଲେ ସେ ଅଶ୍ୱ ଜନ୍ମ ଲଭେ ବେଳ ଦଶ ।
ମିତ୍ରଠାରେ ଦ୍ରୋହ କଲେ ଲଭେ ଗୋରୁ ଜନ୍ମ
ଏଥକୁ ଯେ ପ୍ରାୟଶ୍ଚିତ୍ତ ମକର ସ୍ନାହାନ ।
ଥୋଇଲା ଦ୍ରବ୍ୟକୁ ଯେହୁ କରନ୍ତି ଗୁପତ
ଭଲ୍ଲୁକ ଜନ୍ମ ହୁଅନ୍ତି ସେହୁ ବେଳ ସାତ ।
ପ୍ରାୟଶ୍ଚିତ୍ତ ଯେ ଉଦୟ ମୁଖୀ ଗୋରୁଦାନ
ନ ଦେଲେ ଅବଶ୍ୟ ସେହୁ ଲଭେ ହୀନଜନ୍ମ ।
ଋଣ କରି ଯେହୁ ନର ନ ପାରଇ ଶୁଝି
ତାହାକୁ ଠାବ ନ ମିଳେ ତ୍ରିଭୁବନ ମଝି ।
ଏଥକୁ ପ୍ରାୟଶ୍ଚିତ୍ତ ଯେ ସାହୁ ବୋଧା କଲେ
ଏମନ୍ତ ନ କଲେ ସେହୁ ନର୍କେ ପଡ଼େ ଭଲେ ।
ଦାନ ବୃତ୍ତି ଯେଉଁ ନରେ କରନ୍ତି ଅଜ୍ଞାନେ
ଚାଣ୍ଡାଳ କ୍ଷେତ୍ରରେ ଜାତ ହୁଅନ୍ତି ସେମାନେ ।
ଗୋଦାବରୀ କ୍ଷେତ୍ରେ ଗୋରୁ ଦାନ ଶତେ ଦେଲେ
ତେବେ ସେହି ମହାପାପ ଅଙ୍ଗୁଁ ଯାଏ ଭଲେ ।
ପରର ଆଶା ଖଣ୍ଡନ କରେ ଯେହୁ ପ୍ରାଣୀ
ପାଞ୍ଚରେ ନୁହଇ ସେହୁ ଅରେଣୀ କାରେଣୀ ।
କରିପାରେ ଯେବେ ପର ଅର୍ଥେ କାୟବ୍ରତ
ତେବେ ସେ ତରେ ନିରାଶ ପାପରୁ ନିୟତ ।
ଭଲ ଦ୍ରବ୍ୟ ପାଇ କୁଟୁମ୍ବକୁ ନ ଦିଅଇ
ବେନି ଜନ୍ମଯାଏ ସେହୁ ଗୃଧ୍ର ପକ୍ଷୀ ହୋଇ ।
ଏଥକୁ ଯେ ବସ୍ତ୍ରଦାନ ଅଟେ ପ୍ରାୟଶ୍ଚିତ୍ତ
ନୋହିଲେ ଅଗ୍ନିମୁଖରେ ସମର୍ପିତ ଘୃତ ।
ଯେବଣ ଜନ ନାଶଇ ଆପଣାର ବଂଶ
ଜମ୍ବୁକ ହୋଇ ଭକ୍ଷଇ ସେହୁ ନାନା ମାଂସ ।
ଗୟାତୀର୍ଥେ ଦାନ ଦେଇ ପାରିବଟି ଯେବେ
ବଂଶଦ୍ରୋହୀ ଶାପ କ୍ଷୟ ପାଇ ତାର ତେବେ ।
ଆଶା ଦେଖାଇ ଯେ ଜନ କରଇ ନିରାଶ
କେବେହେଁ ଭଲେ ତାହାକୁ ନ ମିଳଇ ଗ୍ରାସ ।
ଆଦିତ୍ୟଙ୍କ ସେବା ଯେବେ କରେ ରବିବାରେ
ତେବେ ସେ ବାପୁଡ଼ା ସେହି ସଂସାରରୁ ତରେ ।
ବନଶୀ ପକାଇ ଯେହୁ ବିନାଶଇ ମୀନ
କୃମିପୋକ ହୋଇ ହୁଏ ନରକେ ପତନ ।
ଏଥକୁ ଯେ ପ୍ରାୟଶ୍ଚିତ୍ତ ଶୁଣ ମହାଋଷି
କର୍ପୂରବତୀ ଜାଳିବ ସେ ଦିବାନିଶି ।
ଅଦୋଷୀକି ଦଣ୍ଡ ଯେହୁ ଦିଏ ଅକାରଣେ
ଆପେ ସେ ଦଣ୍ଡକୁ ଭୋଗ କରେ ଶତେଗୁଣେ ।
ଏଥକୁ ପ୍ରାୟଶ୍ଚିତ୍ତ ଯେ ଲିହି ନାହିଁ କିଛି
ଯାହା ଯାହା ପୁରାଣରେ ବିହି ଲିହିଅଛି ।
ପର କୁଟୁମ୍ବକୁ ଯେହୁ କରଇ ନିର୍ମାଖୀ
ପୁତ୍ର ଦୁହିତା ମୁଖ ସେ ନ ପାରଇ ଦେଖି ।
ଏଥୁ ତରିବେ ଦୁର୍ଭିକ୍ଷେ ହେବେ ଯେବେ ଦାତା
ପୁରାଣରେ ବାଣୀ ଯାହା ଲିହିଛି ବିଧାତା ।
ଖଚ କହିଣ ବୃତ୍ତାନ୍ତି ଯେହୁ ପରଘର
ମୃତ୍ୟୁକାଳେ କଷ୍ଟ ସେହୁ ପାଆନ୍ତି ଅପାର ।
କାଟିଲା ମୁଣ୍ଡ ପାରନ୍ତି ଯେବେ ରକ୍ଷାକରି
ତେବେ ସେ ଅଙ୍ଗରୁ ଯାଏ ପାପ ଅପସରି ।
ଜନ୍ତୁପତି କହିଲେ ଯେ ଶୁଣ ପୁଣ୍ୟରୂପୀ
ପଥରେ ଟୋପର ଖୋଳେ ଯେଉଁ ମହାପାପୀ ।
ସହସ୍ରେ ବରଷ ହୁଏ ସେହୁ କୂପବେଙ୍ଗ
ଏଥକୁ ଲିହିଛି ଦାନ ଦେବେ ଯେ ତୁରଙ୍ଗ ।
ମିତ୍ରର ପତ୍ନୀକି ଯେହୁ ହରଇ ଅଜ୍ଞାନେ
ପଞ୍ଚଶତ ବର୍ଷ ସେହୁ ପଡ଼େ ନର୍କସ୍ଥାନେ ।
ସୁବର୍ଣ୍ଣ ପିତୁଳା ଦାନ ତେବେ ଦେଇ ତରେ
ନୋହିଲେ ଅବଶ୍ୟ ସେହୁ ପଡ଼ଇ ନର୍କରେ ।
ସହସ୍ରେ ଜନମ ପୁଣି ହୁଅଇ ବାୟସ
ଯୁଗ ଅନ୍ତରେ ତରଇ ପୁଣି ସେ ପୁରୁଷ ।
ଧନ ଘେନିଣ ଯେ ନର ବିକନ୍ତି ଦୁଲଣୀ
କେବେ ଦୟା ନ କରନ୍ତି ତାକୁ କମଳିନୀ ।
ଚଉଦ ମନୁଯାଏ ସେ ବହୁ ଦୁଃଖ ପାଇ
ସାଗରେ ଝାସିଲେ ଏହି ପାପ କ୍ଷୟ ପାଇ ।
ନିନ୍ଦା କରନ୍ତିଟି ଯେହୁ ଚଣ୍ଡୀ ଶାସ୍ତ୍ର ପଦ
ହୁଅନ୍ତି ସେ ଶତଜନ୍ମ ଯାଏ ଶିରଚ୍ଛେଦ ।
ଜାତ ହୋଇଥାଏ ପରପଞ୍ଚ ରୂପ ଧରି
କୁକ୍କୁଟ ପଶୁ ଯେ ମେଷ ମଇଁଷି ଘୁଷୁରି ।
ମଞ୍ଚ ମଣ୍ଡଳେ ପରକୁ ଯେହୁ ବିଷ ଦ୍ୟନ୍ତି
ଜାତ ହୋଇ ଶିରଚ୍ଛେଦ ସେହୁ ହେଉଥାନ୍ତି ।
ଏଥକୁ ଯେ ପ୍ରାୟଶ୍ଚିତ୍ତ ଶୁଣ ମୁନିବର
ପର୍ବତ ଦାନ ଦେଲେ ଏ ପାପୁ ହେବି ପାର ।

Digitized by srujanika@gmail.com

ପତି ନାଶ କରଇ ଯେ ହୁଏ ସେ କୁମ୍ଭୀର
ସେହି ପାପ କ୍ଷୟ ପାଇ ଗଲେ ଦେଶାନ୍ତର ।
ନୃପତିକି ନିନ୍ଦା କଲେ ହୁଅଇ ମୂଲିଆ
କେବେ ଦୟା ନ କରନ୍ତି ତାକୁ ବିଷ୍ଣୁପ୍ରିୟା ।
ମାସେ ଆଦିତ୍ୟ ବିଷ୍ଣୁଙ୍କୁ ଯେବେ ସେବା କରି
ଦରିଦ୍ର ଅବସ୍ଥାରୁ ସେ ତେବେ ହୁଏ ପାରି ।
ମୂଲିଆକୁ ମୂଲ ଦେଇ ସଞ୍ଚନ୍ତି ଯେ ପ୍ରାଣୀ
ବନ୍ଧୁରେ ଲଭନ୍ତି ସେହୁ ବହୁ ମାନହାନି ।
ଏଥକୁ ଯେ ପ୍ରାୟଶ୍ଚିତ୍ତ ଦଇବ କହିଲେ
କୃଷି ଉପୁଜାଇ ତାହା ଗୋରୁଙ୍କୁ ଯେ ଦେଲେ ।
କବିଙ୍କି ନିନ୍ଦଇ ଯେହୁ ବାହାପିଆ ପଣେ
ନିଶ୍ଚୟ ଦୋରେହା ଯେହୁ ବିଷ୍ଣୁର ଚରଣେ ।
ଅଠର ବେଳ ଗର୍ଦ୍ଦଭ ଜନମ ହୁଅନ୍ତି
ଦେଉଳ ତୋଳାଇଲେ ସେ ପାପରୁ ତରନ୍ତି ।
ଜନନିନ୍ଦା ଯେ କରଇ ହୁଏ ସେହୁ ବାଇ
ଯଜ୍ଞ କରିପାରିଲେ ସେ ପାପୁ ତରିଯାଇ ।
ଅକ୍ଷର ନିନ୍ଦା କରିଲେ ହୁଅନ୍ତି ମୂରୁଖ
ତିନି ଜନ୍ମଯାଏ ପୁଣି ହୁଅଇ ସେ ମୂକ ।
ସେହି ପାପ କ୍ଷୟ ଯାଇ ଗଣେଶ ପୂଜିଲେ
ଶୁଣ ଆହେ ମହାରଷି କୃତାନ୍ତ କହିଲେ ।
ପାପକୁ ପ୍ରାୟଶ୍ଚିତ୍ତ ଯେ ଏମନ୍ତ ପ୍ରକାରେ
ତହିଁକି ଯେ ପ୍ରାୟଶ୍ଚିତ୍ତ କହିଲି ଛାମୁରେ ।
ଯେ ଯା ପ୍ରାୟଶ୍ଚିତ୍ତ କଲେ ପାପ ଯାଇ ନାଶ
ନୋହିଲେ ଅଙ୍ଗରେ ଭୋଗ କରଇ ଅବଶ୍ୟ ।
ଅଦୋଷେ ଯାହାକୁ ଯେହୁ ଦଣ୍ଡେ ଅକାରଣେ
ସେହି ପୁଣି ସେ ଦଣ୍ଡକୁ ପାଏ ଶତେ ଗୁଣେ ।
ଏଥକୁ ଯେ ପ୍ରାୟଶ୍ଚିତ୍ତ ଲିହି ନାହିଁ ଆନ
ଯାହା ସେହି ପ୍ରଜାପତି କରିଛି ଲିଖନ ।
ଏ ମହାରଷି ଅଦୋଷେ ଜୀବ ହସ୍ତେ ଧରି
ଅକାରଣେ ଧରି ପୁଣି ପର ହାତେ ମାରି ।
ପାଇବ ତହିଁର ପରାଭବ ଏହି ରଷି
ତୁମ୍ଭେ କହ କାହିଁପାଇଁ ଏଥେ ଅଛ ବସି ।
ମୋହଠାରେ ତୁମ୍ଭର ଯେ ଦୟାଭାବ ଥିଲେ
ଆନ ମତେ ଆସିବ ଯେ ଯେତେବେଳେ ହେଲେ
ପାପୀଙ୍କ ନିମନ୍ତେ ତୁମ୍ଭେ ନ କହିବ କିଛି
ଚରଣ ଧରି ତୁମ୍ଭର ଏତେକ ମାଗୁଛି ।
ଏମନ୍ତ ବିନୟ କରି କହିଲା ବିଶେଷ
ଭଣଇ ଯେ ପୁଣ୍ୟଶ୍ଳୋକ ମହାଦେବ ବ୍ୟାସ ।

-x-

ଗଣେଶଙ୍କର ମୂଷିକ ବାହନ ହେବାର କାରଣ ଓ କୃତିହା ମହର୍ଷିଙ୍କ ମୋକ୍ଷଣ

ଶୁଣ ତୁ ସୁରଥ ରାଜା ବଦନ୍ତି ମହର୍ଷି
ଯମ ବାକ୍ୟ ଶୁଣି ଆମ୍ଭେ ବଚନ ସମ୍ଭାଷି ।
ବୋଇଲି ତୋହର କଥା ଶୁଣିଲି ମୁଁ ସବୁ
ବଜ୍ର ହୁଁ ଅଧିକ ଟାଣ ତୋ କଥାକୁ ବାବୁ ।
ଏଡ଼େ ନିର୍ଦ୍ଦୟ ବୋଲିଣ ନ ଜାଣଇ ତୋତେ
ଏଣୁ ତୋତେ କୃତାନ୍ତକ ବୋଲନ୍ତି ଜଗତେ ।
ଏ କଥା ଛାର ପାଇଁକି ଆମ୍ଭେ ଅଛୁ ଆସି
ଆବର ବିଶେଷ ତୋର ପିତା ଅଛି ପେଶି ।
କିଛି ହିଁ ଉପରୋଧ ଯେ ନକଲୁ ଆମ୍ଭଙ୍କୁ
କେତେ ପ୍ରତାପେ କହିଲୁ କିଞ୍ଚିତ କଥାକୁ ।
ଧର୍ମର ନନ୍ଦନ ହୋଇ ଏଡ଼େକ ନିର୍ଦ୍ଦୟା
ନିପ୍ରୋହି କରି ଗଢ଼ିଲା ଧାତା ତୋର କାୟା ।
ଅନେକ ଯମ ଦେଖିଛୁ ଆମ୍ଭେ ଦେହ ବହି
ନିର୍ଦ୍ଦୟ ନୁହନ୍ତି ତୋହ ପରା ଜଣେ ଦେହି ।
ଏ କଥା ଶୁଣି ବୋଲଇ ଭାସ୍କର କୁମର
ଯେବଣ କଥା ବୋଇଲ ମୋତେ ମୁନିବର ।
ନିର୍ଦ୍ଦୟ ବୋଲି କହିଲ ମୋତେ ମହାଯତି
ପାପୀଙ୍କୁ ନିର୍ଦ୍ଦୟ ବୋଲି ସିନା ଲାଗେ ଭୀତି ।
ଏତେ ପ୍ରକାରରେ ଏହି ସଂସାରର ଜନେ
କରନ୍ତି ସେ ନାନା ପାପ ମରନ୍ତି ଅଜ୍ଞାନେ ।
କିଞ୍ଚିତେ ଯେବେ ଲଭନ୍ତି ମୁହିଁ ଅନୁରାଗ
ତ୍ୟାଗ କରନ୍ତି ସଂସାର ଜନେ ଧର୍ମଭାଗ ।
ନାନାବିଧ ଦଣ୍ଡମୁହିଁ ଦିଏ ଏତେ ରୂପେ
ଏତେକେହେଁ ପ୍ରାଣୀମାନେ ଝାମ୍ପୁଥାନ୍ତି ପାପେ ।
ପାପଭାଗ ଗୋଟାକ ଯେ ମଧୁଭାଣ୍ଡ ଜାଣି
ତହିଁରେ ଯଦ୍ୟପି ମାଛି ବସଇ ନ ଜାଣି ।
ସ୍ୱାଦୁ ଲୁବ୍‌ଧେ ତହିଁ ପଡ଼ି ହରାନ୍ତି ଜୀବନ
ସଙ୍ଗ ମାଛିମାନେ ତାହା ଦେଖନ୍ତି ନୟନ ।
ପ୍ରତ୍ୟକ୍ଷେ ସଙ୍ଗ ମଧ୍ୟରୁ ଜଣେ ଥାଉ ବୁଡ଼ି
ଏ ପୁଣି ବସନ୍ତି ତହିଁ ମଧ୍ୟେ ଯାଇ ଉଡ଼ି ।
ସଭିଏଁ ଏକ ଯୋଗରେ ହରାନ୍ତି ଜୀବନ
ଆଶା ଲୁବ୍‌ଧେ ସକଳେ ହରାନ୍ତି ସଦ୍‌ଜ୍ଞାନ ।
ସେହି ପରକାରେ ଏହି ସଂସାରର ଭାବ
ଯେହ୍ନେ ମଧୁଭାଣ୍ଡେ ପଡ଼ି ମରନ୍ତି ପତଙ୍ଗ ।

Digitized by srujanika@gmail.com

ସଂସାରର ଜନମାନେ ସେହି ପରକାରେ
ଜାଣୁ ଜାଣୁ ଝାସ ଦେଉଅଛନ୍ତି ପାପରେ ।
ମୋହର ଦଣ୍ଡକୁ ଯେତ୍ନ କରିଅଛି ଭୀତି
ସଂସାର ସାଗରେ ସେହୁ ପାଉଛନ୍ତି ଗତି ।
ନ ଜାଣିଣ ପ୍ରାଣୀମାନେ ଯାଉଛନ୍ତି ନାଶ
ତୁମ୍ଭେମାନେ କାହିଁପାଇଁ ଏଥେ କହି ଆସ ।
ଦେବତାଙ୍କର ଇଷ୍ଟ ଯେ ଅଟ ତୁମ୍ଭେମାନେ
ଅଧିକାର ତୁମ୍ଭର ଯେ ନାହିଁ ପାପ ପୁଣ୍ୟେ ।
ଧାତା ମୋତେ ଦେଇଛନ୍ତି ଏହି ଅଧିକାର
ବୁଝିବି ମୁଁ ପାପପୁଣ୍ୟ ସର୍ବ ଜନଙ୍କର ।
ଏ କଥାରେ କାହାର ହିଁ ବଳ ନାହିଁ ହୃଦେ
ମୁଁ ଏବେ ଦୟିନୀ କରୁଅଛି ତୁମ୍ଭ ପାଦେ ।
ଏଥକୁ ଅଇଲୁ ଯେଣୁ ନିସ୍ତରିଲି ମୁହିଁ
କଥା ଏକ ପଚାରିବି ଶୁଣିବା ଗୋସାଇଁ ।
ବୋଇଲେ ଆମ୍ଭେ ଦେଖିଛୁ ଅନେକ ଯେ ଯମ
କହ ମହାରଷି କି କି ତାହାଙ୍କର ନାମ ।
କେବଣ ଆଚରେ ରାଜକାର୍ଯ୍ୟ କରୁଥିଲେ
କେବଣ କୀରତି କରି ପୁଣି କାହିଁ ଗଲେ ।
କହ ଆହେ ମହାରଷି ତହିଁର ବିଧାନ
ଶୁଣିବା ତୁମ୍ଭର ମୁଖୁଁ ଗତ କଥାମାନ ।
ଯମ ବଚନେ କହିଲ ଆମ୍ଭେ ତାକୁ ଯାହା
ଶୁଣ ତୁହି ସେହି କଥା ସିନ୍ଧୁଦେଶ ନାହା ।
ଯମ ପୁଚ୍ଛିବାରୁ ତାକୁ କହିଲୁ ସେ ବାଣୀ
ଶୁଣ ତୁହି ଏକମନେ ତହିଁର କାହାଣୀ ।
ପ୍ରଥମରେ ସଂସାରର ସଞ୍ଚାରଣ କାଳେ
ବୃଦ୍ଧ ଧାତା ନାମେ ଏକ ବ୍ରହ୍ମା ସେହି ବେଳେ ।
କର୍ମନାଶ ବୋଲି କରି ବ୍ରହ୍ମାଙ୍କ କୁମର
ସମପଦ ତାହାଙ୍କୁ ସେ ଦେଲେ ବେଦବର ।
ସତସ୍ତରୀ ଯୁଗ ସେହି ହେଲା ଜନ୍ତୁପତି
କାଳେ ସେହି ରାଜନ ଯେ ଅର୍ଜିଲା ଅକୀର୍ତ୍ତି ।
ଦେବତାଙ୍କ ଉପରେ ସେ ମୃତ୍ୟୁଦଣ୍ଡ କଲା
ତେଣୁ କରି ତାହାର ଯେ ପଦଚ୍ୟୁତ ହେଲା ।
ତହୁଁ ଯମ ହୋଇଲା ଯେ ବିଶ୍ୱକର୍ମା ସୁତ
ତ୍ରିତାପ ଅଗ୍ନି ସମାନ ମହିମା ବିଦିତ ।
ଦଶଗଣ୍ଡା ଯୁଗ ସେହୁ ଯମ ପଣ କଲା
ଦୁର୍ବାସା ରଷି ଶିଷ୍ୟକୁ ବଳେ ବାନ୍ଧିନେଲା ।
ସେ ଦୋଷେ ଦୁର୍ବାସା ରଷି କଲେ ତାକୁ ନାଶ
ତହୁଁ ପୁଣି ରାଜା ହେଲେ ସୁରପତି ଶିଷ୍ୟ ।
ବଜ୍ରବାଳ ବୋଲି ନାମ ଅଟଇ ତାହାର
ତିନି ମନୁଯାଏ ସେହୁ ପାଳିଲା ସଂସାର ।

ବିଧାତା ହୋଇବା ପାଇଁ ମନ କଲା ଯହୁଁ
ଜାଣିକରି ଦଇବ ଯେ ନାଶ କଲା ତହୁଁ ।
ବ୍ରଜକାଳ ଅନ୍ତେ ବିଶ୍ୱଦେବଙ୍କର ପୁତ୍ର
ଜନ୍ତୁପତି ପଣେ ଧଇଲାକ ରାଜଛତ୍ର ।
ବିରାଜସୁର ନାମରେ ଅଟଇ ଯେ ଯମ
ପାଞ୍ଚକୋଟି ବରଷ ସେ ବୁଝିଲାକ ଧର୍ମ ।
ଜନ୍ତୁଙ୍କର ବଇକୁଲ୍ୟ ସହି ନ ପାରିଲା
ସଞ୍ଜୀବନୀପୁର ଛାଡ଼ି ବିଷ୍ଣୁଲୋକେ ଗଲା ।
ତହିଁପୁରେ ପୁଣି ଯମ ହୋଇଲା ଭୂମନୁ
ଶୁକ୍ର ମହାମୁନିଙ୍କର ଅଟଇ ସେ ସୂନୁ ।
ବିଶାଶଏ ଯୁଗ ଯମ ହୋଇଲାକ ସେହି
ଅନନ୍ତ ନାଗପୁରେ ସେ କଳି କଲା ଯାଇ ।
ବାନ୍ଧି ଘେନିଣ ଆସନ୍ତେ ସେହି ନାଗସୈନ୍ୟ
ବାସୁକୀର କୋପେ ସେହୁ ହୋଇଲା ଦହନ ।
କାଳିଞ୍ଜନ ଫଣୀ ପୁଣି ହେଲେ ଜନ୍ତୁରାଜା
ରଷିଗଣ ମିଶି ତାଙ୍କୁ ଦିଆଇଲେ ଲଜ୍ଜା ।
ବୋଇଲେ ମୁନି ହୋଇଣ ରାଜପଣ କଲା
ଜନ୍ତୁ ବଧିବା ପାଇଁକି ଶରଧା ପାଇଲା ।
ଏମନ୍ତ ବୋଲି ମୁନିଏ କହିଲେକ ଯେଣୁ
ଯମପଣ ସେହି ମୁନି ଛାଡ଼ିଲେକ ତେଣୁ ।
ତହିଁ ପୁଣି ଯମରାଜା ହେଲା କୃତକେଶୀ
କୃତିହା ରଷିଙ୍କର କନିଷ୍ଠ ବାଳଶିଷି ।
ସତୁରୀ ଲକ୍ଷ ବର୍ଷ ସେ ଯମପଣ କଲା
ଏମନ୍ତ ବିକୃତ ପୁଣ୍ୟ ତାର ଉପୁଜିଲା ।
ଆଦିତ୍ୟ ନାମରେ ଜାଣ ଏକ କଳିଯୁଗେ
ମେଷ ସଙ୍କରାନ୍ତିକି ଗ୍ରୀଷ୍ମଋତୁ ଲାଗେ ।
ବୈଶାଖ ଶୁକ୍ଳ ଦ୍ୱିତୀୟା ତିଥି ଶନିବାରେ
ଦିଗବିଜେ କରିବାକୁ ସେ ଯମ ବାହାରେ ।
ଭ୍ରମଣ କରି ମିଳିଲା ଯାଇ କଇଳାସେ ।
ଈଶ୍ୱରନନ୍ଦନ ଗଣେଶ୍ୱରଙ୍କର ପାଶେ ।
ଜନ୍ତୁପତି ଗଣେଶଙ୍କୁ ଦେଖିଲା ଆସନେ
ଯୋଗେ ନିସ୍ତବ୍ଧ ସେହୁ ଆତ୍ମାତତ୍ତ୍ୱଜ୍ଞାନେ ।
ମହାଯୋଗେଶ୍ୱର ସେ ଯେ ନିର୍ଗୁଣ ପୁରୁଷ
ଅମୃତଲଡୁ ପାନରେ ସର୍ବଦା ସେ ତୋଷ ।
ଈଶ୍ୱର ପିଅର ଯାର ପାର୍ବତୀ ଯା ମାତ
ଯୋଗାଧି ପୁରୁଷ ସେହୁ ପରମ ପୁରୁଷ ।
ମନୁଷ୍ୟ ଶରୀର ସବୁ ଏକା ରାଜମୁଖ
ଦେଖି ଜନ୍ତୁପତି ତାହା ମଣିଲା ଅସୁଖ ।
ବୋଇଲା ଏହୁ ପୁରୁଷ ବିରୂପ ଘଟଣ
କାହିଁ ଦେଖି ନାହିଁ ମୁହିଁ ଏଡ଼େ ବିଡ଼ମ୍ବନ ।

Digitized by srujanika@gmail.com

ମନୁଷ୍ୟ ଶରୀର ପୁଣି ଗଜମୁଣ୍ଡ ଗୋଟି
ବାମନ ମୂରତି ସ୍ଥୂଳ ଅଟଇ ପେଟଟି ।
ଦୀର୍ଘ ଦୁଇ କର୍ଣ୍ଣ କ୍ଷୁଦ୍ର କ୍ଷୁଦ୍ର ବେନି ଆଖି
ଡରିବେ ଅପରିଚିତ ଲୋକ ଏହା ଦେଖି ।
ଦେବତା ରୂପକୁ ଏହୁ ନୁହଇ ଘଟଣ
ମୁହିଁ ତେବେ ହରିନେବି ଏହାର ଯେ ପ୍ରାଣ ।
ଏତେ ବୋଲି କାଳଦଣ୍ଡ ଶମନ ପେଶନ୍ତେ
ଯୋଗବଳେ ତାହା ଜାଣିପାରି ଉମାସୁତେ ।
ବିଚାରିଲେ ବିଜେକଲା ଯମ ଏ ସ୍ଥାନକୁ
ଏଡ଼େ ମୂର୍ଖ ବାଇ ପୁଣି ନେବ ଏ ଆମ୍ଭଙ୍କୁ ।
ଆଜ ଜାଣିବା ଏହାର କେତେ ବଳବୀର୍ଯ୍ୟ
ଲେଉଟି ଯାଇ ଦେଖିବ ଯେବେ ନିଜ ରାଜ୍ୟ ।
ଏତେକ ମନେ ବିଚାରି ଈଶ୍ୱରଙ୍କ ଶିଷି
ଗଳାରୁ ପଇତା କାଢ଼ି କଲେ କାଳଫାଶୀ ।
ମନ୍ତ୍ର ପଢ଼ିଣ କହନ୍ତେ ତାକୁ ଗଣପତି
ସଞ୍ଜୀବନୀ ନାଥକୁ ସେ ବାନ୍ଧିଲା ତଡ଼ତି ।
ଗଣପତି ଯେ ତାହାକୁ ବାନ୍ଧି ଘେନିଗଲେ
ନିଜ ଜାନୁ ତଳେ ତାକୁ ମାଡ଼ିଣ ବସିଲେ ।
କାଳ ବିକାଳ ଯେ ଆସିଥିଲେ ରାଜା ସଙ୍ଗେ
ପଳାଇଯାଇ କହିଲେ ଧାତାଙ୍କର ଆଗେ ।
ବାରତା ପାଇ ଅଇଲେ ତହିଁ ବେଦବର
ସକଳ ଦେବେ ଅଛନ୍ତି ତାହାଙ୍କ ସଙ୍ଗର ।
ଗଣପତିଙ୍କି କହିଲେ ସକଳ ବାରତା
ଜନ୍ତୁପତିଙ୍କି ଧଇଲା କିମ୍ପା ମହାଜ୍ଞାତା ।
ଏ ମହାଦେବତା ପୁଣି ଅଟେ ଜନ୍ତୁପତି
ଏହାକୁ ବାନ୍ଧି ରଖିବା ନୁହଇ ଯୁକତି ।
ଏ ଯେ ସକଳ ଜୀବଙ୍କୁ ଦଣ୍ଡମଣ୍ଡ କରି
ତୁମ୍ଭେ କିମ୍ପାଇ ଧଇଲ ଏହା ନ ବିଚାରି ।
ଗଣେଶ କହିଲେ ଏହୁ ଅଟେ ବଡ଼ ଦୋଷୀ
ଜଗତେ ଦହିଲା କରେ ଧରି କାଳଫାଶୀ ।
ଆମ୍ଭଙ୍କୁ ନେବ ବୋଲିଣ ଏଠାକୁ ଅଇଲା
ଜନ୍ତୁଙ୍କୁ ବଧି ଏହାର ସାହସ ହୋଇଲା ।
ତେଣୁ କରି ଏହାକୁ ଯେ ପକାଇଲି ବାନ୍ଧି
ତୁମ୍ଭେ ଯେ ଦେବତା କହ ଏଥକୁ ଯେ ବୁଦ୍ଧି ।
ବ୍ରହ୍ମା ବୋଇଲେ ଏକଥା ସ୍ୱରୂପ ନୁହଇ
ତୋତେ ନେବାକୁ ସେହି କି ଭାଜନ ଅଟଇ ।
ତୁହି ଦେବ ଉମାସୁତ ଦ୍ୱିତୀୟ ଈଶ୍ୱର
ତୋହର କୋପକୁ ପୁଣି ମୋର ବହୁ ଡର ।
ସକଳଗଣ ଉପରେ ଅଟୁ ତୁହି ପତି
ତୋହର ପ୍ରାଣ ହରିବ କାହୁଁ ଜନ୍ତୁପତି ।

ତୋତେ ଯେବେ ଯମ ନେଇ ପାରନ୍ତାଟି ବଳେ
ମୂଷା ପ୍ରାୟ ହୋଇ ରହନ୍ତା କି ଜାନୁ ତଳେ ।
ଏହି ପ୍ରତ୍ୟକ୍ଷରେ ତୋର ହୋଇଲା ବାହନ,
ଏଥକୁ ବିଘ୍ନରାଜା ନ ଧର ଆନ ମନ ।
ଶୁଣ ହୋ ଯମ କହନ୍ତି ପୁଣି ବ୍ରହ୍ମବେତ୍ତା
ପ୍ରସ୍ତାବବାକ୍ୟେ କହିଲେ ଯାହାକି ବିଧାତା ।
ସେହି କଥା ତତକାଳେ ହୋଇଲା ପ୍ରମାଣ
ଇନ୍ଦୁର ଗୋଟିଏ ହେଲା ସେହି ଜନ୍ତୁରାଣ ।
କେହୁ ଆନ କରିବ ଯେ ଦଇବ ବଚନ
ଜନ୍ତୁପତି ହୋଇଲେ ଯେ ଗଣେଶ ବାହନ ।
ତାହା ଦେଖିଣ ବିଧାତା ବହୁ ଚିନ୍ତା କଲେ
ତୋ ବଚନ ଆନକରି ନ ପାରେ ବୋଇଲେ ।
ତହୁଁ ପିତାମହ ଦେବଗଣଙ୍କର ତୁଲେ
ସୁଧର୍ମା ସଭାରେ ଯାଇ ବିହରଣ କଲେ ।
ଆଦିତ୍ୟ ଦେବଙ୍କୁ ଯାଇ କହିଲେକ ଧାତା
ବୋଇଲେକ ଶନିଙ୍କର ତୁମ୍ଭେ ଅଟ ପିତା ।
ମାତାର ଶାପେ ଏବେ ସେ ବ୍ୟାଧିମନ୍ତ ହୋଇ
କେଣିକି ହିଁ ନ ପାରଇ ମଧ୍ୟ ଆସି ଯାଇ ।
ବସିବା ଠାବରେ ସେହୁ ବୁଝୁ ପାପ ପୁଣ୍ୟ
ହେଉ ବୋଲି ବୋଇଲେ ଯେ ଗଗନ ଶୋଭନ ।
ତେଣୁ ସେହି ପିତାମହ ଶାଢ଼ି ତୋତେ ଦେଲେ
ଜୀବଜନ୍ତୁଙ୍କ ଉପରେ ଅଧିକାର କଲେ ।
ସେହିଦିନୁ ତୁ ଯେ ଜନ୍ତୁଠାରେ ଅଧିକାରୀ
ଆଜକୁ ହୋଇଲା ତାହା ଯୁଗ ଲକ୍ଷ ଚାରି ।
ଏତେ ଦିନେ ଅଇଲୁ ଯେ ଆମ୍ଭେ ତୋର ପାଶ
କୃତିହା ମହାରଷିର ମାଗୁଅଛୁ ଦୋଷ ।
ଆମ୍ଭେ ଯେ ତୋହର ଗୁରୁ ହୋଇଛୁ ଯୁକତେ
ଗୁରୁଦକ୍ଷିଣା ମାଗୁଛୁ ଆମ୍ଭେ ତୋର ଏତେ ।
ତୁହି ଯେଣୁ ପୁଛାକଲୁ ଗତ କଥାମାନ
ଆମ୍ଭେ କହନ୍ତେ କି ଶୁଣି କଲୁ ଅବଧାନ ।
ଯେଉଁମାନେ ଏହିଠାରେ ରାଜା ହୋଇଥିଲେ
କଥା ମାତ୍ର ସେ ରହିବ କେଣେ ଚାଲିଗଲେ ।
ସବୁଦିନେ ପ୍ରାଣୀର ନ ଥାଇ ଅଧିକାର
ଯାହା କରିଥାଏ ତାହା ରହେ ଚିରକାଳ ।
ତୁ ଯେ ପଣ ପାଇକରି ତପୀଙ୍କ ନ ଲେଖୁ
ଏ ପଣ ସରିବ କିଛି ଦିନେ ଦେଖୁ ଦେଖୁ ।
ଆମ୍ଭେ ତପୀମାନେ ରହିଥିବୁ ସର୍ବକାଳେ
ତୁମ୍ଭର ଗତ ଆଗତ ଦେଖୁଥିବୁ ଡୋଳେ ।
ଏତେ ଶୁଣିକରି ଯମ କହିଲାକ ହସି
ଯେବଣ କଥା କହିଲ ତୁମ୍ଭେ ମହାରଷି ।

Digitized by srujanika@gmail.com

ଯେଉଁ ବିଷୟରେ ଯେହୁ ପାଇଥାଇ ପଣ
ସେ କଥାରେ ସେହି ପୁଣି ଅଟେ ବଡ଼ ଜାଣ ।
ତହିଁର ସେ ଭଲମନ୍ଦ ବୁଝିବଟି ଭଲେ
ଅଧର୍ମ ବୁଝିବ ସିନା ସର୍ବନାଶ ଗଲେ ।
ତୁମ୍ଭେ ଯେ ବୋଇଲ ଆମ୍ଭେ ଅଟୁ ତପୀଜନ
ତପୀ ହୋଇକରି କିମ୍ପା କର ପାପମାନ ।
ପାପ ଆଚରିଲେ ଜାଣ ନିଶ୍ଚେ ଦଣ୍ଡ ପାଇ
ବିଷ୍ଣୁଙ୍କଠାରୁ ବଡ଼ ତ ନୋହିବ ନା କେହି ।
ସେହି ମାତାଙ୍କୁ ବୋଇଲେ ଯହୁଁ ମନ୍ଦବାଣୀ
ସେ ଦୋଷରେ ଦେହ ବହି ଜନ୍ମିଲେ ଧରଣୀ ।
ବ୍ରହ୍ମା ନିନ୍ଦା କଲେ ଆଦିମାତ ଯେ ଯୁବତୀ
ତାହାଙ୍କର ଶାପେ ପୁଣି ହେଲେ ପଶୁପତି ।
ନ ଜାଣି ଗୋବଧ କଲେ ଦେବ କାଶୀବାସୀ
ସେ ପାପେ ସେହି ଈଶ୍ୱର ହୋଇଲେ ଭିକ୍ଷାସୀ ।
ଚନ୍ଦ୍ର ଦେବତା ଗୁରୁଙ୍କଠାରେ କଲେ ଦ୍ରୋହ
ସେହି ଦୋଷେ ଛିଦ୍ର ହେଲା ତାହାଙ୍କର ଦେହ ।
ଗ୍ରୀଷ୍ମକାଳେ ସେ ଜନ୍ତୁଙ୍କୁ ହୋଇଲେ ଅଦୟା
ତେଣୁ କଳଙ୍କ ବହିଲା ତାହାଙ୍କର କାୟା ।
ଇନ୍ଦ୍ର ହରିଲା ଗୌତମ ଋଷିଙ୍କର ନାରୀ
ତେଣୁ ସେ ସହସ୍ର ଯୋନି ହେଲା ବଜ୍ରଧାରୀ ।
ଆଦିତ୍ୟ ଦେବତା ପୁଣି ଦୁଷ୍ଟସଙ୍ଗେ ବସିଲେ
ରାହୁର ହାତରେ ପରାଭବ ସେ ପାଇଲେ ।
ଚତୁର୍ମୁଖ ଧାତା ପୁଣି ହରିଲେ ଦୁହିତା
ତେଣୁକରି ଅପୂଜ୍ୟ ସେ ହୋଇଲେ ବିଧାତା ।
ଅନଳ ଦେବତା ପୁଣି କହିଲେକ ମିଛ
ଗୁରୁଶାପରେ ସେ ପୁଣି ଭକ୍ଷିଲେ ଅଭକ୍ଷ ।
କୁବେର ଦେବତା ପୁଣି ବହି ମତ୍ତଗର୍ବ
ତେଣୁ ତାହାର ଲୋଚନ ହେଲା ବକ୍ରଭାବ ।
ପବନ ଦେବତା ଯହୁଁ ଭାଙ୍ଗିଲେ ଜଳଧି
ତେଣୁକରି ଅମୋକ୍ଷ ଯେ ହେଲେ ମହୋଦଧି ।
ଅଷ୍ଟାଙ୍ଗ ଋଷି ଦୁର୍ଗାଙ୍କୁ ଯେଣୁ ନିନ୍ଦାକଲେ
ତେଣୁ ସେହି ମହାଋଷି ଅଷ୍ଟବକ୍ର ହେଲେ ।
ଏତେକ ଲୋକମାନଙ୍କୁ ନ ଗଲା ମେଣ୍ଟିଣ
ଯେଉଁମାନେ ଅଟନ୍ତି ଏ ସୃଷ୍ଟିର ଧାରଣ ।
ସେମାନେ ପାପ କରିଣ ପାଇଲେ ପ୍ରାଭବ
ସାମାନ୍ୟ ଲୋକର ବହୁତର ମତ୍ତଗର୍ବ ।
ମୁହିଁ ଯେ ବାଳକ କାଳେ ମାତା ଦ୍ରୋହ କଲି
ରାଗେ ଜନନୀଙ୍କି ଏକ ଗୋଇଠା ମାଇଲି ।
ସେ ଦୋଷେ ଚରଣେ ମୋର ହେଲା କୁଷ୍ଠବ୍ୟାଧି
ଅନୁବ୍ରତେ ଶରୀର ଯେ ହେଉଛି ଦଗ୍ଧି ।
ଏ ବେଦନାମାନ ମୋର କହିବି କାହାକୁ
ନ ଜାଣିଣ ଅର୍ଜିଅଛି ଆପଣା କର୍ମକୁ ।
ଦେବତାମାନେ ଅଟନ୍ତି ଦେଖ କେଡ଼େ ଶ୍ରେଷ୍ଠ
ପାପ ଅନୁକ୍ରମେ ପୁଣି ଭୁଞ୍ଜୁଛନ୍ତି କଷ୍ଟ ।
ତୁମ୍ଭେ ଯେ ମହାଭାଗ ଏକଥା ନ ବିଚାର
ମୋତେ ଅନିମିତ୍ତେ କୋପ କାହିଁପାଇଁ କର ।
ଦଇବ ପୁରୁଷ ମୋତେ କରିଛି ଏମନ୍ତ
ପାପୀକି ନ ଦଣ୍ଡିଲେ ମୁଁ ନୁହଇ କୃତାନ୍ତ ।
ତୁମ୍ଭେ ମହାଋଷି କିଛି ଏଥକୁ ନ କହ
ପଦରଜ ଦେଇକରି ବିଜେ କରିଥାଅ ।
ଜନ୍ତୁପତି ଯହୁଁ ମୋତେ ଏମନ୍ତ କହିଲା
ଅନେକ କୋପ ଆମ୍ଭର ଶରୀରେ ବ୍ୟାପିଲା ।
ଯମକୁ ବୋଇଲେ ତୁହି ଏଡ଼େ ନିରପେକ୍ଷ
ଆମ୍ଭରି ବୋଲକୁ ଭାଙ୍ଗି କହୁଛୁ ପ୍ରତ୍ୟକ୍ଷ ।
ଯେବଣ ଦଇବ ତୋତେ ଦେଇଅଛି ଶାଢ଼ି
ସେହୁ ପୁଣି ଆମ୍ଭଙ୍କୁ ଯେ କହଇ କରଯୋଡ଼ି ।
ବିଷ୍ଣୁ ତହିଁ ଆମ୍ଭେ ତାକୁ ଦେଉ ଅଧିକାର
ତେବେ ସେହି ପିତାମହ ଭିଆଇ ସଂସାର ।
ତୁହି ସେ ଧାତାର ତହୁଁ ଯମପଣ ପାଇ
ଆମ୍ଭର ସଙ୍ଗେ କହୁଛୁ ତାହା ପରିଘାଇ ।
ନୋହିଲେ ଦଇବ ଦଣ୍ଡୁ ଅଛଇ କି ତୋତେ
ମିଳାଇ ପଡୁଛି ବେନି ଗୋଡୁ ଅନୁବ୍ରତେ ।
କିଞ୍ଚିତ କଥାକୁ ତୋତେ ଏଡ଼େକ ଗରିଷ୍ଠ
ଆମ୍ଭେ ମହାଋଷି ଆମ୍ଭ ଆଜ୍ଞା କର ଭ୍ରଷ୍ଟ ।
ଏ କୃତିହା ମହର୍ଷିକି ଦଣ୍ଡୁ ଯେବେ ତୁହି
ନିଶ୍ଚେ ଜାଣିଥା ଘଟିବ କହୁଛି ଯା ମୁହିଁ ।
ଜନ୍ତୁପତି ପଣ ନିଶ୍ଚେ ସରିବ ତୋହର
ସମୟେକ ମୃତ୍ୟୁ କଷ୍ଟ ପାସୋରିବେ ନର ।
ଏହି କଥା ଜାଣ ଦେବ ଆହେ ଜନ୍ତୁରାଜ
ବିମୁଖ ହୋଇଣ ଆମ୍ଭେ ବାହୁଡ଼ିଲେ ଆଜ ।
ଏ କଥା ଶୁଣି ବୋଇଲା ପୁଣି ଜନ୍ତୁସାଇଁ
କିମ୍ପାଇଁ ବିମୁଖ ତୁମ୍ଭେ ହେଉଛ ଗୋସାଇଁ ।
ତପୀ ହୋଇକରି କିମ୍ପା କର ଏଡ଼େ କୋପ
କୋପ ଯୋଗୁଟି ହୁଅଇ ଜାଣ ମହାପାପ ।
କୋପଟି ପ୍ରାଣୀଙ୍କ ଦେହେ ଅଟେ ମହାକାଳ
କୋପ ଯେ ଅଟଇ ଏକା ପରମ ଚଣ୍ଡାଳ ।
କୋପ ଆଚରିଲେ ଦେହୁ ଜ୍ଞାନ ହୁଏ ଧ୍ୱଂସ
କୋପରେଟି ପ୍ରାଣୀମାନେ ଯାଉଛନ୍ତି ନାଶ ।

Digitized by srujanika@gmail.com

ତୁମ୍ଭେ ଅଟ ମହାଜ୍ଞାତା ପରମ ପଣ୍ଡିତ
ବିବେକୀ ଲୋକ କରିବ କିମ୍ପା ଏଡ଼େ କୃତ୍ୟ ।
ସଂଜୀବନୀ ପୁରେ ଛନ୍ତି ବହୁତର ଜନ
ପାପୀ ଅପାପୀ ଆବର ଦେବତା ସୁଜନ ।
ଏତେ ଲୋକଙ୍କୁ ବିନାଶ ତୁମ୍ଭେ କରି ଗଲେ
ତୁମ୍ଭର ଯେ ଜପ ତପ ରହିବ କି ଭଲେ ।
ଏକ କୋଟି ଜୀବ ନାଶି ଏହି ତପଚାରୀ
ପ୍ରତ୍ୟକ୍ଷ ଦେଖୁଛ ହେଉଛନ୍ତି କେତେ ସରି ।
ବନ୍ଧନ ହୋଇଥିଲା ସେ ଆପଣେ କହିଲ
ଏତେ ମତେ କଥାନିକି ନ ହୁଅଇ ଭଲ ।
ଯେତେକ ପାପୀମାନଙ୍କୁ ଦେଖିଲ ହେ ବାଟେ
କୋପ ପ୍ରତିଫଳରେଟି ପଡ଼ିଲେ ସଙ୍କଟେ ।
ପାପପୁଣ୍ୟ କଥାମାନ ବୁଝୁଅଛ ସବୁ
କେମନ୍ତ ବୋଲୁଛ ପୁଣ ସମସ୍ତ ଧ୍ୱଂସିବୁ ।
ବିଚାରକୁ ଯୋଗାଇଲେ ନାଶିଥାଅ ମୋତେ
ପାପୀଙ୍କ ଉପେକ୍ଷା ମୁଁ ନ କରେ କଦାଚିତେ ।
ତାହା ଶୁଣି ଆମ୍ଭର ନ ସ୍ଫୁରିଲା ବଚନ
ଏଥୁ ଅନନ୍ତରେ କଥା ଶୁଣ ତୁ ରାଜନ ।
ଆମ୍ଭର ମଉନବ୍ରତ ଦେଖି ଜନ୍ତୁରାଏ
ଦରହସିତ ବଦନେ କହିଲା କଥାଏ ।
ଯମ ବୋଇଲା ଗୋସାଇଁ ହୋଇଲତ ତୁନି
ଏ ଭାଷାକୁ ସମସ୍ୟା ନ ଦେଲୁ ଆମ୍ଭେ ଶୁଣି ।
ପୁଣି ବୋଲଇ ତୁମ୍ଭଙ୍କୁ କି କହିବି ଆଉ
ମେଲାଣି ଦିଅ ଆମ୍ଭଙ୍କୁ ଆଶ୍ରମକୁ ଯାଉ ।
କୃତିହା ମହାରଷିଙ୍କୁ ସମର୍ପିଲୁ ତୋତେ
କହ ତୁ ବିହିବୁ ଆଉ କେଉଁ ଦଣ୍ଡ କେତେ ।
ତୋ ପିତା ଆମ୍ଭଙ୍କୁ ଏଥେ ପେଶିଲେ କିମ୍ପାଇ
ତୋ ପିତା ଆଗେ କହିବ ସିନା ଆମ୍ଭେ ଯାଇ ।
ଏ କଥା ଛାରକୁ ତୁହି ନକଲୁ ଉପେକ୍ଷା
କହନ୍ତେ ତା ବେଳୁଁ ବେଳ ମଣିଲୁ ତୁ କକ୍ଷା ।
କେତେ ହେଁ କହିବା ସେହି କଥା ଦ୍ୱିହି ଦ୍ୱିହି
ଆମ୍ଭର ତ ପ୍ରଭୁପଣ ନାହିଁ ତୋର ତହିଁ ।
ପ୍ରୀତି ପଣରେ କଥାଏ ମାଗିଲି ଯେ ବେଳେ
ତୋହର ନାସ୍ତି କଲେ କି ନେବା ଆମ୍ଭେ ବଳେ ।
ଏ କଥା ଶୁଣି ବୋଇଲେ ପୁଣି ଜନ୍ତୁପତି
କି ପାଇଁ ପ୍ରଭୁ ନୋହିବ ତୁମ୍ଭେ ମହାଯତି ।
ଦେବଙ୍କର ଇଷ୍ଟ ତୁମ୍ଭେ ତପୀଙ୍କ ଉତ୍ତମ
ପ୍ରତ୍ୟକ୍ଷେ ମୋହର ତୁମ୍ଭେ ପିତାମହ ସମ ।
କେତେକ ଯୁକତି ମୁହିଁ କହୁଛି ତୁମ୍ଭଙ୍କୁ
ପରମଗତି ବାଣୀ ଏ ଜଗତ ଜନଙ୍କୁ ।
ତୁମ୍ଭଙ୍କୁ ଏଡ଼େ କରି ମୁଁ ନ କଲେ ନିରାଶ
ସଂସାରଜନେ କରିବେ ମୋତେ ଉପହାସ ।
ତୁମ୍ଭେ ଯାଇ ଏହି କଥା କହିଲେ ତାହାଙ୍କୁ
ସଂସାରର ଜନମାନେ ଡରିବେ ପାପୀଙ୍କୁ ।
ଆବର କଥାଏ ଶୁଣ ଆହେ ମହାରଷି
ଉତ୍ତର ପାରୁଶେ ଦେଖ ଅଛନ୍ତି ସେ ବସି ।
ସେହି ଯଦ୍ୟପି କହିବେ ନିର୍ଦ୍ଦୋଷ ଏ ମୁନି
ତୁମ୍ଭେ ତେବେ ଏ ରଷିଙ୍କୁ ସଙ୍ଗେ ଯିବ ଘେନି ।
ଏହି ବଚନ କହିଲେ ଯହୁଁ ଜନ୍ତୁରାୟେ
ଶୁଣିଣ ତାପ ଆମ୍ଭର ଛାଡ଼ିଲା ଥୋକାଏ ।
ଯମକୁ ବୋଇଲୁ ବାବୁ କହିଲୁ ତୁ ଯାହା
ଆମ୍ଭର ମନକୁ ଏବେ ଯୋଗାଇଲା ତାହା ।
ଧର୍ମ ଦେବତା କହନ୍ତି ଏବେ ଏହା ସତ
ପୁଚ୍ଛିବା ରଷିରାୟର ପାପ ପୁଣ୍ୟ ମତ ।
ଆମ୍ଭର ମୁଖରୁ ଶୁଣି ଏମନ୍ତ ବଚନ
ଉତ୍ତରେ ଥିବା ପ୍ରତିମା ଡାକିଲେ ରାଜନ ।
ହୀରାର ପ୍ରତିମା ତହିଁ ବଚନ ପ୍ରକଟି
ଶୁଣ ତୁ ହୋ ଜନ୍ତୁପତି ଆମ୍ଭ ବାକ୍ୟ ଗୋଟି ।
କୃତିହା ମହାରଷି ଯେ ଅଟନ୍ତି ଅପାପୀ
କିଞ୍ଚିତ ଦୋଷରେ କ୍ଷୟ କଲେ ଜ୍ଞାନ ତପୀ ।
ଏଥକୁ କହୁଅଛନ୍ତି ମାରକଣ୍ଡ ରଷି
ଯେତେ ପାପ ଥିଲେ ଏହି ଅଟନ୍ତି ନିର୍ଦ୍ଦୋଷୀ ।
ମାରକଣ୍ଡ ବୋଲିଣଟି ଯେହୁ ମହାମୁନି
ଏହାଙ୍କ ଆଜ୍ଞା ଭାଙ୍ଗି ନ ପାରେ ପଦ୍ମଯୋନି ।
କିଞ୍ଚିତ ପ୍ରାୟ ଏହାଙ୍କ ବଚନ ତୁ ମଣୁ
ପ୍ରତ୍ୟକ୍ଷରେ ବେଦବର ବୋଲି କି ଜାଣୁ ।
ମାରକଣ୍ଡ ରଷି କହୁଅଛନ୍ତି ଯହିଁକି
ତୁହି କେମନ୍ତେ ତା ନାସ୍ତି କରୁଛୁ ତହିଁକି ।
ମାର୍କଣ୍ଡ ରଷିଙ୍କୁ ଏବେ ନମସ୍କାର ହୁଅ
କୃତିହା ମହାରଷିଙ୍କି ସମର୍ପଣ ଦିଅ ।
ଯେମନ୍ତେ ବୋଧ ହୁଅନ୍ତି ମାରକଣ୍ଡ ଯତି
ସେ ପ୍ରକାରେ ତାହାଙ୍କୁ ତୁ ହୋଇବୁ ଭକତି ।
ଏ ବଚନ ଶୁଣିକରି ଜନ୍ତୁଙ୍କ କାରେଣୀ
ଶିରରେ କର ଦେଇଣ ବୋଇଲେ ଏ ବାଣୀ ।
ଆହେ ମହାରଷି ତୁମ୍ଭେ ଶୁଣ ସାବଧାନେ
ଯେତେକ ଦୋଷ ମୁଁ କଲି ନା ଜାଣି ଅଜ୍ଞାନେ ।
ନ ଘେନିବ ସେ ଅପ୍ରାଧମାନ ବ୍ରହ୍ମଜ୍ଞାନୀ
କୃତିହା ମହାରଷିଙ୍କୁ ସଙ୍ଗେ ଯାଅ ଘେନି ।
ଅଜ୍ଞାନେ ଏ ଯେଉଁ ପାପ ରଷି କରିଥିଲା
ତୁମ୍ଭର କହନ୍ତେ ସେହି ସବୁ ଦୂରଗଲା ।

Digitized by srujanika@gmail.com

ଏବେ ଏହି ମହାରଷି ଦେବ ଅଙ୍ଗ ହୋନ୍ତୁ
ତୁମ୍ଭ ପ୍ରସାଦେ ସୁଧର୍ମା ସଭାରେ ବସନ୍ତୁ ।
ଘୋର ତପ କଲା ଚତୁର୍ଦ୍ଦଶ ମନୁଯାଏ
ତହିଁକି ଶତେ ଗୁଣରେ ଧରୁ ଦେବକାୟେ ।
ଅମର ସଭାରେ ବସୁ ଦିବ୍ୟ ଦେହ ପାଇ
ପାଦପଦ୍ମେ ତୁମ୍ଭଙ୍କୁ କି ଦେବଇଁ ଗୋସାଇଁ ।
ତୁମ୍ଭଙ୍କୁ ଯେ ଅପୂରୁବ କେଉଁ ଦ୍ରବ୍ୟ ଅବା
ନ ଜାଣଇ ତୋ ବିହିତ ଆଜ୍ଞା ମୋତେ ଦେବା ।
କେଉଁ କଥା ଆଜ୍ଞା ହେବ ଏହି ଅଧୀନକୁ
ସତ୍ୟ ସତ୍ୟ ତାହା ମୁହିଁ ଦେବଇଁ ତୁମ୍ଭଙ୍କୁ ।
ଆମ୍ଭେ ବୋଇଲୁ ଯେ ଆଉ ତୋତେ କି ମାଗିବୁ
ଯହିଁକି ତ ଆସିଥିଲୁ ତାହା ଦେଲୁ ବାବୁ ।
ଆବର ଯେବେ ତୋହର ହୋଇଲା ସଦୟେ
ତୋଷମନେ ଦେବୁ ଯାହା ମାଗିବି କଥାଏ ।
ଜନ୍ତୁପତି ବୋଲେ ନିଶ୍ଚେ ଦେବି ତୋଷମନେ
ଯାହା ଆଜ୍ଞା ଦେବ ସ୍ୱାମୀ ତୁମ୍ଭର ବଚନେ ।
ଆମ୍ଭେ ତହିଁ ବୋଇଲୁ ତୁ ଶୁଣ ଧର୍ମସୁତ
ସଂସାରେ ଯେଉଁମାନଙ୍କୁ କରିବୁ ତୁ ଜାତ ।
ତୁହି ଯେଣୁ ତାହାଙ୍କର ଅଟୁ ଧର୍ମବାପ
କିଞ୍ଚିତ ଅପରାଧକୁ ନ କରିବୁ କୋପ ।
ଜନମ ଆଦ୍ୟରୁ ଚତୁର୍ଦ୍ଦଶ ବର୍ଷଯାଏ
ନ ଧରିବୁ ଯେତେ ଦୋଷ କଲେ ଜନ୍ତୁରାୟେ ।
ପରେ ମହାପାପ କଲେ ଦେଖିବୁରେ ବାବୁ
ଆଦ୍ୟରୁ ଦୋଷମାନ ଯେ ଉପେକ୍ଷା କରିବୁ ।
କିଞ୍ଚିତ ଦୋଷରେ ଦଣ୍ଡ ଦେବୁ ବଡ଼ ହେଲେ
ବାଳକମାନଙ୍କ ଦୋଷ ନ ଘେନିବୁ ଭଲେ ।
ତୋହର ଯାଚି ଦେଲାକୁ ମାଗିଲୁ ଯେ ଏତେ
ଦିଅବା ନ ଦିଅ ଯାହା ଯୋଗାଇ ତୋ ଚିତ୍ତେ ।
ଜନ୍ତୁପତି ବୋଲଇ ଯେ ମାଗିଲଣି ମୋତେ
ଆଗୁଁ ସତ୍ୟ କରିଅଛି ନ ଦେବି କେମନ୍ତେ ।
ଜନ୍ତୁଙ୍କ ହିତେ ମାଗିଲ ମୁନି ମୋତେ ଯାହା
ହେବ ସେହି ରୂପ ଆନ କରିବ କେ ତାହା ।
ଆଜହୁଁ ଏହି ପ୍ରକାରେ ପାଳିବ ସଂସାର
ପାପ ନ ଲେଖିବି ଚତୁର୍ଦ୍ଦଶ ବରଷର ।
ପଞ୍ଚ ମହାପାପ ଏଥି ଉତାରେ ଯେତେକ
ପଞ୍ଚଦଶ ବରଷରୁ ଲେଖିବି କେତେକ ।
ଏବେ ଆହେ ମୁନି ମୋତେ ପାଦରଜ ଦିଅ
କଳ୍ପନା ପୂରଣ କରି ବିଜେ କରି ଯାଅ ।
ବହୁତର ଅନୁଗ୍ରହ କରିବ ସେଠାରେ
ଆଶୀର୍ବାଦ କରୁଥିବ ସକଳ ଦିନରେ ।

ଏତେ ବୋଲିଣ ସେ ଯମ ଶିରେ କର ଯୋଡ଼ି
ସାଷ୍ଟାଙ୍ଗ ହୋଇଣ ଆମ୍ଭ ପାଦତଳେ ପଡ଼ି ।
ବେଗେ ତୋଳିକରି ଆମ୍ଭେ ଧଇଲୁ ଯମଙ୍କୁ
କୋଟି ଧର୍ମ ପ୍ରାପ୍ତ ହେଉ ବୋଇଲୁ ତୁମ୍ଭଙ୍କୁ ।
ସଞ୍ଜୀବନୀପୁରେ ସଦା ଥାଅ ତୁ ନିଶ୍ଚିନ୍ତେ
ଆବର କଥାଏ ବାବୁ ମାଗୁଅଛି ତୋତେ ।
ଯେବଣ ବାଟରେ ଆମ୍ଭେ ଅଇଲୁ ତୋ ପୁର
ସେ ପଥେ ଯିବାକୁ ହେବ ବହୁତ ଉଚ୍ଛୁର ।
ସୁଧର୍ମା ସଭା ଦେଖିଣ ଯିବା ବିଜେକରି
ସଭା ମଧ୍ୟେ ରଖିଯିବୁ ଏହି ତପଚାରୀ ।
ଏଥକୁ ତୁ ଲୋକ ଜଣେ ଦେବୁ ଆମ୍ଭ ତୁଲେ
ନୋହିଲେ ବଣା ହୋଇବୁଁ ଏକା ହୋଇଗଲେ ।
ଜନ୍ତୁପତି ବୋଇଲେ ଯେ ଯାନ୍ତୁ ଆମ୍ଭ ଲୋକ
ବିଗ୍ରହ ନାମେ ରାଇଲେ ଏକଇ ସେବକ ।
ବୋଇଲେ ବିଗ୍ରହ ତୋର ରଥ ସାଜି ଆଣ
ସ୍ୱର୍ଗପୁରେ ସଜହୋଇ ଯିବ ଏହିକ୍ଷଣ ।
ଏ ବେନି ଋଷିଙ୍କୁ ତୁହି ବସାଇ ରଥରେ
ଛାଡ଼ିଦିଅ ଯାଇ ସ୍ୱର୍ଗ ଗଙ୍ଗାନଦୀ ତୀରେ ।
ଆଜ୍ଞା ପାଇଣ ବିଗ୍ରହ ଚଳିଲେ ବହନ
ବେଗକରି ଆଣିଲା ସେ ସୁବର୍ଣ୍ଣ ବିମାନ ।
ରଥ ଉପରେ ବସିଲୁ ଆମ୍ଭେ ଦୁଇ ଯତି
ଘେନିକରି ବିଗ୍ରହ ଯେ ଚଳିଗଲା ଧାତି ।
ଯାଆନ୍ତେ ପ୍ରବେଶ ହେଲୁ ସୁର ନଦୀକୂଳେ
ଆମ୍ଭଙ୍କୁ ଛାଡ଼ି ଫେରିଲା ଦୂତ ଯମଆଳେ ।
ସେଠାରୁ ଆମ୍ଭେ କୃତିହା ମହାରଷି ଘେନି
ସୁଧର୍ମା ସଭାରେ ଯାଇ ପ୍ରବେଶିଲୁ ବେନି ।
ଦେଖିଣ ସେ ସୁରନାଥ ବହୁ ପୂଜା କଲା
ବସିବା ପାଇଁ ସୁବର୍ଣ୍ଣ ଆସନ ଯେ ଦେଲା ।
ପଚାରିଲା ଶିରେ କରଦେଇ ସୁରରାୟ
କହିବା ହେ ମହାରଷି କି କାର୍ଯ୍ୟେ ବିଜୟ ।
ପବିତ୍ର ହେଲା ମୋହର ଏ ସୁଧର୍ମା ସଭା
ଦିଶିଲେ ଅମରବୃନ୍ଦଯାକ ମହାଶୋଭା ।
ଲୋଚନରେ ଦେଖି ମୁହିଁ ହୋଇଲି ମୁକତ
କହ ଆହେ ମହାରଷି କି କାର୍ଯ୍ୟେ ଆଗତ ।
ଆମ୍ଭ ତହୁଁ କହିଲୁ ହେ ଶୁଣ ସୁରପତି
ପ୍ରାଣ ହାରିଲେକ ଯହୁଁ ଏ କୃତିହା ଯତି ।
ଯମଦୂତେ ବାନ୍ଧି ନେଉଥିଲେ ଯେ ତାହାଙ୍କୁ
ଆଦିତ୍ୟ ତାହା ଦେଖିଣ ପେଶିଲେ ଆମ୍ଭଙ୍କୁ ।
ବୋଇଲେ କଷଣୁ କର ଏ ଋଷିଙ୍କୁ ପାର
ତାହାଙ୍କର ବୋଲେ ଗଲୁ ସଞ୍ଜୀବନୀପୁର ।

Digitized by srujanika@gmail.com

ଯମଙ୍କୁ ମାଗି ଆଣିଲୁ ଏହି ମହାଋଷି
ତୋହର ସଭାରେ ଥିଲେ ଦେବ ରୂପେ ବସି ।
ଯାଙ୍କଠାରେ ବହୁତର ଦୟା ଥିବୁ କରି
ଆମ୍ଭଙ୍କୁ ତୁ କେଉଁ ରୂପେ ଦେଖୁ ବଜ୍ରଧାରୀ ।
ଏହାଙ୍କୁ କରିବୁ ସେହି ରୂପେ ଆରାଧିତ
ବହୁତର ଧର୍ମ ତୋତେ ହୋଇବ ପ୍ରାପତ ।
ଯେତେ ଦୂର ପାଇଅଛୁ ତୋର ଇନ୍ଦ୍ରପଣ
ଆମ୍ଭେ କହୁଅଛୁ ତାହା ହୋଇଲା ଦ୍ୱିଗୁଣ ।
ମଧ୍ୟ ପୁରକୁ ତ ଏବେ ଯାଉଅଛୁ ଆମ୍ଭେ
ସୁଖେ ସ୍ୱର୍ଗରେ ଏହାଙ୍କୁ ରଖିଥିବ ତୁମ୍ଭେ ।
ତହୁଁ ସୁରପତି ବୋଲେ ତୁମ୍ଭର କଲ୍ୟାଣେ
ଅମର ସଭାରେ ମୁହିଁ ବସେ ଇନ୍ଦ୍ରପଣେ ।
ତୁମ୍ଭେ ଏକା ଦୟା ରଖିଥିବ ମୁନି ମୋତେ
ମୁହିଁ ତୁମ୍ଭର ଭକତ ଅଟଇ ଯୁକତେ ।
ଏହି ଋଷିଙ୍କ ପାଇଁ ଯେ କହିଲ ଗୋସାଇଁ
ତୁମ୍ଭର ସମାନ କରି ଦେଖୁଥିବି ମୁହିଁ ।
ତୁମ୍ଭେ ମର୍ତ୍ତ୍ୟମଣ୍ଡଳକୁ ବିଜେ ଏବେ କର
ଏତେ ବୋଲି ମାତଳିକି ରାଇ ସୁନାସୀର ।
ବୋଇଲେ ଋଷିଙ୍କୁ ବିମାନରେ ଘେନିଯିବୁ
ତାମ୍ରଗିରି ବନେ ଯାଇ ଛାଡ଼ିଣ ଆସିବୁ ।
ଇନ୍ଦ୍ରର ବଚନ ଶୁଣି ଚଳିଲା ମାତଳି
ଆଣିଲା ବିମାନ ଏକ ସୂର୍ଯ୍ୟରଥ ଭଳି ।
ସେ ରଥେ ବସି ଅଇଲୁ ଆମ୍ଭେ ମର୍ତ୍ତ୍ୟପୁର
ପ୍ରବେଶ ହୋଇଲୁ ତାମ୍ରଗିରି ବନସ୍ତର ।
ବିମାନ ଘେନି ସ୍ୱର୍ଗକୁ ଗଲା ଦେବଦୂତ
ଶୁଣ ହୋ ସୁରଥ ରାଜା କହେ ତପୋବନ୍ତ ।
ତୁହି ପୁଛାକଲୁ ଯମଦଣ୍ଡର ଚରିତ
କହିଲୁ ଶୁଣିଲୁ ଟିକି ଆହେ ନରନାଥ ।
ପବିତ୍ର ପୁରାଣ ଏହା ଯମ ଧର୍ମ କଥା
ଶୁଣନ୍ତେ ତୁଟଇ ସଂସାରର ମୋହ ବ୍ୟଥା ।
ଏ ଶାସ୍ତ୍ର ଶୁଣିଲେ ପାପେ ନ ହୁଅଇ ଭୀତି
ଭୟ ଉପୁଜିଲେ ଲଭେ ସେ ପରମ ଗତି ।
ଜଗତ ଜନଙ୍କ ଏହା ପରମ କାରଣ
ପାପ ଛେଦିବା ପାଇଁ ଏ ଜାଣ ଅଗ୍ନିବାଣ ।
ତୁହି ଯେ ପଣ୍ଡିତ ପ୍ରତ୍ୟକ୍ଷରେ ମହାବିଜ୍ଞ
ପାଇଲୁ ପବିତ୍ର ଧ୍ୱନି ଶୁଣି ସ୍ୱର୍ଗଭୋଗ ।

-x-

ଦେବୀପୁରାଣ ମାହାତ୍ମ୍ୟ

ମାର୍କଣ୍ଡଋଷିଙ୍କ ମୁଖୁ ଏସନକ ଶୁଣି
ସେ ସୁରଥ ନରପତି ଯୋଡ଼ି ବେନିପାଣି ।
କୃତ୍ୟ କୃତ୍ୟ ହୋଇକରି ବୋଲଇ ବଚନ
ଭୋ ଋଷି କିଞ୍ଚିତ ଭକ୍ତି ଏ ମୋହର ଘେନ ।
ତୁମ୍ଭ ପ୍ରସାଦେ ଶୁଣିଲି ଏହି ଶୂନ୍ୟବାଣୀ
ମହାପାପ ଖଣ୍ଡିଲି ମୁଁ ମନେ ମନେ ଗୁଣି ।
ଆଉ କଥା ଏକ ମୋତେ କହିବା ମହର୍ଷି
ଶୁଣିଲଇଁ ଯମଦଣ୍ଡ ଭୀତି ଯେ ବିଶେଷି ।
ଶରୀରେ ଭେଦିଲା ମୋର ସବୁ କଥାମାନ
ଭୟ ପାଇ ଦେହ ମୋର ହୁଏ ଛନ୍ନ ଛନ୍ନ ।
ଏଥକୁ ଉପାୟ ମୋତେ କହ ମୁନିବର
କେମନ୍ତ ନ ଯିବି ମୁହିଁ ସଞ୍ଜୀବନୀପୁର ।
କେଉଁ ଦେବଙ୍କୁ ଶରଣାଗତ ନର ହେଲେ
ସଞ୍ଜୀବନୀ ଦେବତାଙ୍କୁ ନ ଦେଖନ୍ତି ଭଲେ ।
ସେହି କଥା ଆଜ୍ଞା ମୋତେ ହେଉ ମହାଯତି
ନ ଦେଖିବି କେଉଁ ଜପକଲେ ଯମମୂର୍ତ୍ତି ।
ବଦୟନ୍ତି ମାରକଣ୍ଡ ଶୁଣ ହୋ ରାଜନ
ତହିଁ ପାଇଁ କାରଣ ଯେ ଅଛଇ ଲିଖନ ।
ଶ୍ରୀଦୁର୍ଗା ନାମେ ଅଛନ୍ତି ଯେବଣ ଦେବତୀ
ତାଙ୍କୁ ଆଶ୍ରେକଲେ ନ ଦେଖିବ ଯମମୂର୍ତ୍ତି ।
ନ ଯାଇ ଦକ୍ଷିଣପଥେ ସଞ୍ଜୀବନୀ ପୁରୀ
ଯେତେକ ପାତକ କଲେ ସବୁ ଯାଇ ପୋଡ଼ି ।
ଦଇବ ପୁରୁଷ ଯାହା କରିଛି ଭିଆଣ
ଦେବୀ ସେବକେ ଦଣ୍ଡ ନ ଦିଏ ଯମରାଣ ।
ଶ୍ରୀଦୁର୍ଗାଦେବୀ ଜଗତଜନ ଅଧିକାରୀ
ତାହାର ସେବକଙ୍କୁ ନ ଦଣ୍ଡେ ଦଣ୍ଡଧାରୀ ।
ସେହି ଦେବୀର ମହିମା ଯେବଣ ପୁରାଣ
ତୁହି ଆହେ ମହୀପତି ତାହା ପୁଣ ଶୁଣ ।
ତୋହର ପୁଣ ସକଳ ହେଉ ଯେ ଉତ୍ପନ୍ନ
ଛେଦିବୁ ତୁ ମାୟାମୋହ ଆଦି ପାପମାନ ।
ସୁରଥ ବୋଇଲା ପ୍ରଭୁ ଅନୁଗ୍ରହ କର
କେମନ୍ତେ ଦେବୀପୁରାଣ କହ ମୁନିବର ।
କେଉଁ ଶାସ୍ତ୍ର ଶୁଣିଲେ ନ ଦଣ୍ଡେ ଜନ୍ତୁରାଜ
ସେ କଥା ଜାଣିଲେ ଆଉ ଆନରେ କି କାର୍ଯ୍ୟ
ଆବର କଥାଏ ପୁଛାକଲେ ମହାଯତି
ସେ ଶାସ୍ତ୍ର ଶୁଣି କେ ପୂର୍ବେ ଲଭିଲେ କି ଗତି ।
ସେ କଥାଟି ଆଗ ମୋତେ କହିବା ଗୋସାଇଁ
ଚଣ୍ଡୀପୁରାଣ ଶୁଣିବି ତେବେ ମନଦେଇ ।
ମାରକଣ୍ଡ ବୋଇଲେ ହୋ ଶୁଣ ନରପତି
ସାବର୍ଣ୍ଣି ନାମେ ମନୁ ଯେ ସୂର୍ଯ୍ୟର ସନ୍ତତି ।
ସେ ମନୁକୁଳେ ସୁରଥ ବୋଲି ନରରାୟ
ବଡ଼ଇ ଭାଗ୍ୟବନ୍ତ ସେ ତୋହର ପରାୟ ।

Digitized by srujanika@gmail.com

ପ୍ରମାଣରେ ହିଁ ତୋହର ହୋଇଲା ସେ ମିତ୍ର
ସପତଦ୍ୱୀପର ସେହୁ ହେଲା ଏକଛତ୍ର ।
ଦଣ୍ଡଛତ୍ର କିଛି ସେ ନ ଥାଇ ସଙ୍ଗେ ଘେନି
ଏକ ଅଶ୍ୱ ଚଢ଼ିକରି ବୁଲିଲା ମେଦିନୀ ।
ଅତିହିଁ ପ୍ରାକର୍ମୀ ସେହୁ ହେଲା ଯହୁଁ ରାୟ
ଦେବତାମାନେ ତାହାଙ୍କୁ ଦେଖି କଲେ ଭୟ ।
ଅଦଭୂତେ ଗଗନରୁ ଶୁଭିଲା ଶବଦ
ସୁରଥ ନରପତିର ବକ୍ଷସ୍ଥଳେ ଛେଦ ।
ତାହା ଶୁଣି ମହାରାଜା ପଳାଇଲା ଡରେ
ଅଶ୍ୱ ଛାଡ଼ି ବିପିନରେ ପଶିଲା କାତରେ ।
ଆତଙ୍କ ଲଭି ପଳାଇ ଗଲେ ନରପତି
କି ତାକୁ ଶତ୍ରୁ ଗୋଡ଼ାଇ ଅଛି ପଛକତି ।
ପଳାଇଲା ମହାରାଜ ଭୟ ପାଇ ମନେ
ଆମ୍ଭଙ୍କୁ ଦେଖିଲା ସେ କୁମର ନାମେ ବନେ ।
ଅତି ଭୟାତୁର ରୂପ ଦେଖି ସେ ରାଜାଙ୍କୁ
ଆଶ୍ୱାସନା କରି ଆମ୍ଭେ ରଖିଲୁ ତାହାଙ୍କୁ ।
ରାଜାଙ୍କୁ ଯେ ପଚାରିଲୁ କାହାକୁ ତୋ ଭୟ
କିମ୍ପାଇଁ ବେଗେ ପଳାଉଅଛୁ ମହାରାୟ ।
ରାଜା ବୋଇଲାକ ମୋତେ ଶତ୍ରୁ ଉପଗତ
ତୁମ୍ଭର ଶରଣ ମୋତେ ରଖ ତପୋବନ୍ତ ।
ଆମ୍ଭେ ବୋଇଲୁ ରଖିବୁ ତୋତେ ହେ ରାଜନ
ଧଇର୍ଯ୍ୟ ଧରିଣ ଶୁଣ ଆମ୍ଭର ବଚନ ।
ଯେଁବଣ ଶତ୍ରୁକୁ ତୁହି ପଳାଉଛୁ ଡରି
ତହିଁର ଚରିତ ଏବେ ଶୁଣ ଦଣ୍ଡଧାରୀ ।
ମହାରାଜା ହୋଇଥିଲୁ ତୁହି ଏ ଜଗତେ
ଅନେକ ଶତ୍ରୁ ନାଶିଛୁ ତୁହି ତ ସ୍ୱହସ୍ତେ ।
ସେ ପାପ ଅଙ୍ଗେ ହୁଅନ୍ତେ ତୋର ବର୍ଦ୍ଧମାନ
ଦେବତାମାନେ ତୋ ପ୍ରତି ହୋଇଲେ ବିମନ ।
ତହିଁକି ଦେବତାମାନେ ଭୟ ଭିଆଇଲେ
ଖଳ ପେଶିଣ ବିକୃତ ତୋତେ କରାଇଲେ ।
ଅଦଭୂତରେ ଶୁଭିଲା ଶୂନ୍ୟେ ଦୈବବାଣୀ
ତୁହି ତହିଁକି ପଳାଉ ଶତ୍ରୁ ପ୍ରାୟ ମଣି ।
ଏବେ ତୁ ଚଣ୍ଡୀପୁରାଣ ଶୁଣ ମହାରାୟ
ସକଳ ପାପ ତୋହର ହୋଇବ ଯେ କ୍ଷୟ ।
ତାହା ଶୁଣି ମହୀପତି ସନମତ କଲା
ସର୍ବ ତ୍ୟାଗକରି ଚଣ୍ଡୀପୁରାଣ ଶୁଣିଲା ।
ଶୁଣନ୍ତେ କଳୁଷ ମନ ହେଲା ତାର ନାଶ
ଧର୍ମଭାବ ଗୋଟା ତାର ହୋଇଲା ପ୍ରକାଶ ।
ପୁଣି ହିଁ ସଂସାରେ ତାହା ହୋଇଲା ଉଦିତ
ତ୍ରିଭୁବନେ ସେ ମହିମା ହୋଇଲା ବିଖ୍ୟାତ ।
ସପତ ଦ୍ୱୀପରେ ସେହୁ ହେଲା ମହାରାଜା
ନବଖଣ୍ଡ ପୃଥିବୀରେ ପାଇ ପୁଣି ପୂଜା ।
ଲକ୍ଷେ ବରଷ ପୁଣି ସେ ହୋଇଲା ନୃପତି
ସେହି ଦେହରେ ପାଇଲା ପୁର ବାରସ୍ୱତୀ ।
ଏସନକ ମହିମା ହେ ଶ୍ରୀଚଣ୍ଡୀ ପୁରାଣ
ଶୁଣନ୍ତେ ଯେ ମହାପାପ ହୁଅଇ ଖଣ୍ଡନ ।
ଧର୍ମ ଅର୍ଥ କାମ ମୋକ୍ଷ ଏହି ବର୍ଗ ଚାରି
ପ୍ରାପତ ହୁଅଇ ନିଶ୍ଚେ ଯାହା ବାଞ୍ଛା କରି ।
ଏ ବଚନ ଶୁଣିକରି ସେ ସୁରଥ ରାୟ
ମାର୍କଣ୍ଡ ଚରଣେ ହେଲା ବହୁତ ବିନୟ ।
କୃତ୍ୟକୃତ୍ୟ ହୋଇଣ ସେ କହେ କରଯୋଡ଼ି
ବିନୟେ ସ୍ତୁତିଲା ମୁନି ପାଦତଳେ ପଡ଼ି ।
ପୁନରପି ଉଭାହୋଇ କହେ ନରରାଣ
କହିବାକୁ ମହାରଷି ଶ୍ରୀଚଣ୍ଡୀ ପୁରାଣ ।
ବହୁତ ମହିମା ଅଟେ ସେହି ଦେବୀଙ୍କର
ଶୁଣିଲେ ତରିବି ଏହି ସଂସାର ସାଗର ।
ସଞ୍ଜୀବନୀ ପୁରେ ଯିବା ନୋହିବ ମୋହର
ଲଭିବି ମୁଁ ସଦ୍‌ଗତି ଯିବି ସ୍ୱର୍ଗପୁର ।
ଏହିପରି ବାଞ୍ଛା ମୋର କଲି ବିଚାରିଣ
ଏକମନ ହୋଇ ପୁଣ ଶୁଣିବି ପୁରାଣ ।
ବଦୟନ୍ତି ମାରକଣ୍ଡ ଶୁଣ ନରପତି
ଏକମନେ ଦେବୀଙ୍କର ସେ ଦିବ୍ୟ କୀରତି ।
ଋଷିଙ୍କର ଆଜ୍ଞା ପାଇ ବସିଲା ରାଜନ
ପୁରାଣ ଶୁଣିବା ପାଇଁ ଆନନ୍ଦ ତା ମନ ।
ପଚାରଇ କରପତ୍ର ଯୋଡ଼ି ନୃପନିଧି
କହ ପୁଣ୍ୟନିଧି ଚଣ୍ଡୀପୁରାଣର ବିଧି ।
କେଉଁ ପରକାରେ ଦେବୀ ମଞ୍ଜେ ହେଲେ ଜାତ
କେଉଁ ପ୍ରକାରେ ଦୂରନ୍ତ ବଳ କଲେ ହତ ।
ଆଦ୍ୟ ପ୍ରାନ୍ତ କରି ମୋତେ କହିବା ଏ ବାଣୀ
ପରମ ଗତି ଲଭିବି ମୁଁ ଯେ ଏହା ଶୁଣି ।
ତୁମ୍ଭର ପ୍ରସାଦେ ମୁହିଁ ହୋଇବି ମୁକତ
ଖଣ୍ଡନ ହୋଇବ ମୋର ଜନ୍ମର ଦୁଷ୍କୃତ ।
ମାର୍କଣ୍ଡେୟ ପୁରାଣ ଏ ଅଟେ ଦିବ୍ୟବାଣୀ
ମହାଦେବ ଦାସ ଏହା ଗୀତରେ ବଖାଣି ।

-x-

ପ୍ରଳୟ ବର୍ଣ୍ଣନ

ରାଜାର ଏ ଶୁଦ୍ଧଚିତ୍ତ ଦେଖି ମହାଋଷି
ପୁରାଣ ପୁସ୍ତକଗୋଟି ଫେଡ଼ି ଜ୍ଞାନରାଶି ।

Digitized by srujanika@gmail.com

କହନ୍ତି ପ୍ରସନ୍ନ ମୁଖ ହୋଇ ମହାମୁନି
ଶୁଣ ଆହେ ମହୀପତି ସେହି ପୁଣ୍ୟଧ୍ୱନି ।
ଅଷ୍ଟାଦଶ ଯୁଗାନ୍ତର ଅଟେ ଏହି ବାଣୀ
ଏ ପୃଥିବୀ ନୋହିଥିଲା ଏପରି ଧରଣୀ ।
ପ୍ରମଦା ନାମ ସେକାଳେ ଅଟଇ ତାହାର
ନବଲକ୍ଷ ଖଣ୍ଡ ବହିଥିଲା ଭାରାଭର ।
ବ୍ରହ୍ମା ନାମେ ଧାତା ପୁଣ ସୋମ ନାମେ ଇନ୍ଦ୍ର
ବିହିତ ନାମରେ ସୂର୍ଯ୍ୟ ବିବେକ ଯେ ଚନ୍ଦ୍ର ।
ତ୍ୟାଗ ନାମ ଅଗ୍ନି ଜାଣ ପ୍ରଚଣ୍ଡ ମରୁତ
ସୁଜ୍ଞାନ ନାମେ ବରୁଣ କର୍କଶ କୃତାନ୍ତ ।
ବିଜୟ ନାମେ କୁବେର ସାଧବ ଯେ ମନୁ
ବିକରାଳ ନାମେ ସେହି ମନୁଙ୍କର ସୂନୁ ।
ସୁରପତି ହେବାକୁ ଯେ ଭାଳେ ବିକରାଳ
ଜାଣି ତାର ତୁଲେ ଯୁଦ୍ଧ କଲା ଆଖଣ୍ଡଳ ।
ବିଷମ ସମର ଦେଲା ସେ ସୁସଞ୍ଜ ପୁରେ
ଇନ୍ଦ୍ର ନାଶଗଲା ଏକ ମନୁ ସମ୍ବତ୍ସରେ ।
ଈଶ୍ୱର ନନ୍ଦନ ଅଟେ ସେହି ସୁରପତି
ତା ନିଧନ ଶୁଣି କୋପ କଲେ ପଶୁପତି ।
ନାଭିକମଳ ରୁଦ୍ରଙ୍କୁ ପେଶି ତ୍ରିଲୋଚନ
ବୋଇଲେ ବିକରାଳକୁ କରିବୁ ନିଧନ ।
ଆଜ୍ଞା ପାଇ ସେହି ଭୀମ ବେଗେ ଚଳିଗଲେ
ସୁଧର୍ମା ସଭାରେ ମନୁସୁତଙ୍କୁ ଦେଖିଲେ ।
ଦେଖିକରି ରୁଦ୍ରସୁତ କୋପେ ପରଚଣ୍ଡ
ଭୈରବ କଟାରେ କାଟିଦେଲେ ତାର ମୁଣ୍ଡ ।
ଆବର ସଭାରେ ଥିଲେ ଯେତେକ ତ୍ରିଦଶ
ତାଙ୍କ ସାକ୍ଷାତେ କହିଲେ ସେହି ହରଶିଷ୍ୟ ।
ସକଳ ଦେବତା ଏଥେ ସାବଧାନେ ଶୁଣ
ଈଶ୍ୱର ଆଜ୍ଞା ତୁମ୍ଭଙ୍କୁ ବିଧାତାଙ୍କ ରାଣ ।
ବ୍ରହ୍ମା, ବିଷ୍ଣୁ, ସଦାଶିବ ଜାଣିବା ପର୍ଯ୍ୟନ୍ତେ
ନ କରିବ କାହାକୁ ହିଁ ଇନ୍ଦ୍ର କଦାଚିତେ ।
ଏହାଙ୍କର ଆଜ୍ଞା ମେଣ୍ଟି ଇନ୍ଦ୍ର ହେଲେ ହାଦେ
ନିଶ୍ଚୟ ଦୋରେହା ହେବ ବିଧାତାର ପାଦେ ।
ଏତେକ ବୋଲିଣ ଚଳିଗଲା ଶିବଦୂତ
ମିଳିଲାକ କଇଳାସ କନ୍ଦରେ ତୁରିତ ।
ଈଶ୍ୱରଙ୍କୁ ଦେଖିଲା ସେ ବସିଛନ୍ତି ଧ୍ୟାନେ
ସମସ୍ୟା ନ ଦେଇ ଭୀମ ରହିଲା ମଉନେ ।
ଶୁଣ ହେ ସୁରଥ ରାଜା ମହର୍ଷି ବଦନ୍ତି
ଯୋଗଧ୍ୟାନେ ବସିଥିଲେ ତହିଁ ଉମାପତି ।
ନାରାୟଣ ପୁରୁଷ ପରମରସ ଭୋଳେ
ଯୋଗଧ୍ୟାନରେ ବସିଣ ଅଛନ୍ତି ନିଶ୍ଚଳେ ।

ବିଧାତା ପୁରୁଷଙ୍କ ଯେ ହୋଇଲା ଦିବସେ
ଆହ୍ନିକ ସାରିକରି ଶୋଇଲେ ଆଳସ୍ୟେ ।
ବାସବ ଦେବତା ଯହୁଁ ହୋଇଲେ ଅନ୍ତର
ଅନ୍ୟ ଦେବତାମାନେ ନ ପାଇଲେ ସଂସାର ।
ବିଚାରିଲେ ମେଘ ଆଉ ପବନ ଏମନ୍ତ
ଆମ୍ଭ ଉପରେ ପଣ କି ପାଇଲେ ଆଦିତ୍ୟ ।
ଇନ୍ଦ୍ର ଦେବତା ଯାହାଙ୍କୁ ଦିଏ କାହା ମୂଳେ
ଆମ୍ଭେ ସୃଷ୍ଟି ପାଳିଥାଉଁ ପ୍ରଜାଙ୍କ ମଙ୍ଗଳେ ।
କିମ୍ବା ଏ କରିଲେ ଆମ୍ଭ ପରେ ପ୍ରଭୁପଣ
ଆମ୍ଭେ ସୃଷ୍ଟି ପାଳିବୁ ଏ ଦେହେ ଯକ୍ଷଗଣ ।
ଚାଲ ଏବେ ଆମ୍ଭେ ଯାଇ ବରଷିବା ଜଳ
ସାରିବା ସୃଷ୍ଟି ଯାତନା ସଂସାର ସକଳ ।
ଏତେ ବୋଲିକରି ମେଘ ପବନର ବଳେ
ଘୋଟିଲେ ସକଳ ସିନ୍ଧୁଜଳ ଏକାବେଳେ ।
ଛାଡ଼ିଲେ ଯେ ଘୋର ଧାର ଜଳ ଅବିକ୍ଷଣ
ଦିଶିଲା ଯେ ସ୍ୱର୍ଗ ମଞ୍ଚ ଦୁଇ ଏକବର୍ଣ୍ଣ ।
ଅଖଣ୍ଡିତ ଧାରାମାନ କୁମ୍ଭମୁଖ ଜାଣି
ନବଦ୍ୱୀପ ଆୟତନେ ବରଷିଲେ ପାଣି ।
ଅବିଶ୍ରାନ୍ତ ହୋଇ କରି ବରଷଇ ଜଳ
ମେଘରେ ଯେ ଆଚ୍ଛାଦିତ ଗଗନ ମଣ୍ଡଳ ।
ଅବିକ୍ଷଣେ ଗଗନରୁ ହୁଏ ବଜ୍ରପାତ
ନିବିଡ଼ ଘୋର ଅନ୍ଧାର ଦିଶିଲା ଜଗତ ।
ଝଟକଇ ବିଜୁଳିର ଆଭା ଚଉକତି
ବଜ୍ରସୂଚୀ ଘାତରେ ସେ କମ୍ପେ ବସୁମତି ।
ଗର୍ଜଇ ଯେ ମହାକର୍ଣ୍ଣ ଭୟଙ୍କର ବାତେ
ପର୍ବତେ ନଷ୍ଟ ହୁଅନ୍ତି ଜଳଧାରାପାତେ ।
ଭାଙ୍ଗିଲା ପବନେ ଆତଯାତ ବନଗିରି
ଜୀବଜନ୍ତୁମାନେ ସବୁ ହୋଇଲେ ସଂହାରି ।
ଜଗତରେ ଘୋଟିଥିଲା ଅଗ୍ନି ତେଜରାଶି
ଜଳ ପବନ ଘାତରେ ହୋଇଲେ ବିନାଶି ।
ଶୁଣ ହେ ସୁରଥ ରାଜା ସଂସାରର ବାଣୀ
ଯେମନ୍ତେ ହୋଇ ବିନାଶ ପାଇଲା ଧରଣୀ ।
ପ୍ରତ୍ୟକ୍ଷ ନୟନେ ଆମ୍ଭେ ଦେଖିଅଛୁ ଯାହା
ତୋହର ଆଗେ ସ୍ୱରୂପ କହୁଅଛୁଁ ତାହା ।
ଏକମନ ହୋଇ ଶୁଣ ତୁହି ହୋ ନୃପତି
ଖଣ୍ଡିବୁ ତୁ ମହାଭାଗ ଲଭି ପୁଣ୍ୟଗତି ।
ଶ୍ରୀ ବ୍ରହ୍ମାଣ୍ଡ ପୁରାଣର ଅଟେ ଏହା ବାଣୀ
ଏ ଉତ୍ତାରେ ମାତା ହୋଇଲେକ ଗୋସାମଣି ।
ତେଣୁ ଆଦିବାଣୀ ଯାହା କହୁଅଛି ତୋତେ
ମୂଳରୁ ଶୁଣିଲେ ସିନା ବୋଧହେବ ଚିତ୍ତେ ।

Digitized by srujanika@gmail.com

ଶୁଣ ତୁ ହୋ ମହୀପତି ଅତି ପୁଣ୍ୟବାଣୀ
ଚାରି ମେଘଯାକ ତହୁଁ ବରଷିଲେ ପାଣି ।
ଥର ଥର ହୋଇକରି କମ୍ପିଲା ଧରଣୀ
ସପତ ବ୍ରହ୍ମାଣ୍ଡ କମ୍ପାଇଲା କାଳପାଣି ।
ଜୀବଜନ୍ତୁମାନେ ତହୁଁ ହୋଇଲେ ବିନାଶ
ଏକଖଣ୍ଡ ହୋଇଗଲା ମେଦିନୀ ଆକାଶ ।
ନବଖଣ୍ଡ ମେଦିନୀ ଯେ ସପତ ସାଗର
ଜଳମୟ ସକଳ ଯେ ହେଲା ଏକାକାର ।
ମହାର୍ଣ୍ଣବ ପରାୟକେ ଦିଶିଲା ଧରଣୀ
ପ୍ରଳୟ ହୋଇଲା ବୋଲି ଦେବଲୋକେ ଭଣି ।
ବିଚାରିଲେ ସଂସାର ତ ହେଲା ଜଳମୟ
ଏକେତ ଚର ଅଚର ସବୁ ହେଲା କ୍ଷୟ ।
ଦେଖ ଦେଖ କି ଆକୁଳ ହୁଏ ମହୀସ୍ଥଳୀ
ମହାଗିରିମାନେ ଯହିଁ ପଡ଼ିଛନ୍ତି ଢଳି ।
ପ୍ରଚଣ୍ଡ ପବନ ପୁଣି ମହାର୍ଣ୍ଣବ ପାଣି
ହାନ୍ଦୋଳା କରନ୍ତେ କମ୍ପୁଅଛଇ ଧରଣୀ ।
ଗଗନକୁ ହେଠାଇ ଯେ ଟେକିଲା ଲହରୀ
ବଜ୍ରାଘାତରେ ମନ୍ଦରଗିରି ହୁଏ ଚୂରି ।
ଗଗନେ ଗମନ କଲେ ଦେଖ ମହାଜଳ
ଦେଖିକରି ଭୟକଲେ ଦେବତା ସକଳ ।
ଗଗନକୁ ଉପେକ୍ଷିଣ ଲୁଚିଲେ ସ୍ୱର୍ଗରେ
ଶୁଣ ତୁ ହୋ ମହୀପତି ଏଥୁ ଅନନ୍ତରେ ।
କରନ୍ତି ଯେ ମେଘମାଳ ଘୋର ଜଳବୃଷ୍ଟି
ଦେଖୁଁ ଦେଖୁଁ ଜଳଧାରା ଘୋଟିଗଲା ସୃଷ୍ଟି ।
ମନେ ବିଚାରିଲେ ଏବେ ପ୍ରଳୟ ହୋଇଲା
ଯହୁଁ ସେ ସୁରଥ ବିଷ୍ଣୁଲୋକକୁ ଗମିଲା ।
ନିଶ୍ଚୟ ଏ ଘାନ୍ତି ଶେଷ ହେବେ ସୁରଗଣ
ନିକଟ ହୋଇଲା ଆସି ଆମ୍ଭର ମରଣ ।
ଯଦ୍ୟପି ମରିବ ତେବେ ନ କରିବ ହେଳା
ଆକାଶଗଙ୍ଗାର ବରଷିବ ଜଳଧାରା ।
ଏତେ ବୋଲିକରି ମେଘ ପବନର ବଳେ
ଜାଣିଣ ପଥର ବରଷନ୍ତି ଏକମେଳେ ।
ଘୋର ଗରଜନ ମହା ପବନର ନାଦ
ଦେବଲୋକେ ଶୁଣିକରି ଲଭିଲେ ବିଷାଦ ।
ମେରୁ କମ୍ପମାନ ହେଲା ଜଳ ଟଳ ଟଳ
ସତେ କି ସ୍ୱର୍ଗ ଭୁବନ ପଡ଼ିଯିବ ତଳ ।
ଅତି ଅଗୋଚର ଅଟେ ଏ ସଂସାର ବାଣୀ
କୁରୁମ ଯେ ଚମକଇ ଆକୁଳ ନାଗୁଣୀ ।
ଯୁଗ ପରିଯନ୍ତେ ହେଲା ବରଷା ଦୁସ୍ତର
ଦଶଦିଗ ପୂର୍ଣ୍ଣକଲା ସେହି ଜଳଧାର ।

ଜଳଧାର ପତନରେ ପୂରିଲା ଧରଣୀ
ବିଶ୍ୱ ଭାରାଭର ଏବେ ଆଚ୍ଛାଦିଲା ପୁଣି ।
ପଡ଼ିଗଲେ ମହାଦେବୀ ରସାତଳେ ଯାଇ
ବ୍ରହ୍ମଲୋକ ଜିଣି ସେହୁ ଶବଦ ଶୁଭଇ ।
ଅଶେଷ ବାରିଧି ହୋଇଗଲାକ ଆକୁଳ
ସୂର୍ଯ୍ୟମଣ୍ଡଳକୁ ଜିଣି ଉଚ୍ଛୁଳଇ ଜଳ ।
ମେଦିନୀ ଟଳନ୍ତେ ଝଳିପଡ଼େ ଅଷ୍ଟଗିରି
ଗଗନ ଭୁବନ ମେରୁଗିରି ଅଛି ଧରି ।
ପ୍ରଳୟ ଜଳ ଯାଇଣ ଘୋଟନ୍ତେ ଆକାଶ
ନାଗଲୋକ ସହିତରେ ପୃଥ୍ୱୀ ଗଲା ନାଶ ।
ପ୍ରଳୟ ମେଘର ସଦା ଘୋରରବ ବାଣୀ
ପ୍ରଚଣ୍ଡ ପବନ ବହି ଉଠଇ ଉଜାଣି ।
ବେଳୁବେଳ ଜଳ ଯାଇ ଘୋଟିଲା ଗଗନେ
ଦେଖିକରି ଭୟ କଲେ ସୁରଲୋକମାନେ ।
ମନେ ମହାଭୟ ପାଇ ପଳାଇଣ ସୁରେ
ଯାଇକରି ଉଠିଛନ୍ତି ସୁଧର୍ମା ସଭାରେ ।
ପ୍ରଳୟ ପାଣିକି ଦେଖି ମନର ତରସ୍ତେ
ସୁଧର୍ମା ସଭାରେ ଯାଇ ମିଳିଲେ ସମସ୍ତେ ।
ଚନ୍ଦ୍ର ସୂର୍ଯ୍ୟ ବରୁଣ ଯେ କୁବେର ନୈର୍ଋତ
ବିହନ୍ତା ବିଷ୍ଣୁ ଦେବାଦି ସକଳ ମରୁତ ।
ତାର ବାର କରଣ ଯେ ନବଗ୍ରହ ଯୋଗ
ଦଶଦିଗପାଳ ଚାରି ମେଘ ତହିଁ ଯୋଗ ।
ଚାରିବେଦ ଆବେର ଯେ ଷଟ୍‌ଶାସ୍ତ୍ର ସହିତେ
ଅଇଲେ ସକଳ ଜୀବ ଘେନି ଜନ୍ତୁନାଥେ ।
ସିଦ୍ଧଗଣ ସାଧକ ଯେ ଭଗବନ୍ତ ଋଷି
ପ୍ରଳୟ ଜଳ ଦେଖିଣ ସଭା କଲେ ଆସି ।
ଦେବସ୍ତିରୀ ବିଦ୍ୟାଧରୀ ଗନ୍ଧର୍ବ କିନ୍ନର
ସମସ୍ତେ ଉଠିଲେ ଆସି ସୁଧର୍ମା ସଭାର ।
ଅଶେଷ ବ୍ରହ୍ମାଣ୍ଡ ମଧ୍ୟେ ଯେତେ ସିଦ୍ଧଅଙ୍ଗ
ସୁଧର୍ମା ସଭାରେ ସର୍ବେ ହେଲେ ଏକ ସଙ୍ଗ ।
ଧନ୍ୟ ସେହି ସୁରସଭା ବଡ଼ଇ ଦୁର୍ଲ୍ଲଭ
ଯେତେକ ଲୋକ ମିଳନ୍ତି ସବୁହିଁଏ ଠାବ ।
ପ୍ରଳୟ କାଳରେ ତହିଁ ସର୍ବ ସୁରଗଣ
ସୁରଗିରି ଶିଖରେ ଯେ କଲେ ବିହରଣ ।
ଅଚିନ୍ତା ହୋଇ ସୁଧର୍ମା ସଭା ମଧ୍ୟେ ବସି
ବେଳୁବେଳ ପ୍ରଳୟ ଯେ ଘୋଟିଲା ଆକର୍ଷି ।
ଦେବତାଙ୍କ ଆତଙ୍କ ଯେ ଦେଖି ଦେବଗିରି
ବେଗ ବେଗ ବଢ଼ଇ ସେ ବିଶ୍ୱରୂପ ଧରି ।
ପ୍ରଳୟ ସାଗର ଘୋଟିଗଲା ଶୂନ୍ୟମାର୍ଗେ
ଦେଖି ସେହୁ ସତୁସଭା ବଢ଼େ ବେଗେ ବେଗେ ।

Digitized by srujanika@gmail.com

ପ୍ରଳୟ ପୟୋଧିଜଳ ଦିଶେ ଦିବ୍ୟ ଶୋଭା
ଦେବତାଙ୍କୁ ଘେନି ରହିଛନ୍ତି ସୁରସଭା ।
ଶୂନ୍ୟକୁ ବଢ଼ଇ ଦେବତାଙ୍କ ମନ ଜାଣି
କେବେହେଁ ଲଙ୍ଘି ନ ପାରେ ତାକୁ କାଳପାଣି ।
ଏହି ରୂପେ ରହିଲା ସେ ଶତଯୁଗ ଯାଏ
ଅଚିନ୍ତେ ରହିଅଛନ୍ତି ସର୍ବ ଦେବତାଏ ।
ଶୁଣ ଆହେ ମହାରାଜା କହେ ମହାମୁନି
ପ୍ରଳୟ କାଳର କଥା ପୁଣ୍ୟ ବେଦଧ୍ୱନି ।
ପଢ଼ନ୍ତେ ଶୁଣନ୍ତେ ଲୋକ ଦିବ୍ୟଗତି ପାଇ
ସକଳ କଷ୍ଟରୁ ତରି ଚୌବର୍ଗ ଲଭଇ ।
ପ୍ରଳୟକାଳ ଜଳରେ ବିଶ୍ୱ ଗଲା ନାଶ
ଦେବତାଙ୍କୁ ମାରିବାକୁ କରିଛି ସାହସ ।
ଦେବଲୋକେ ସଭା ମଧ୍ୟେ ଥିବାରୁ ଯେ ବସି
ପ୍ରଳୟ ଜଳ ତାହାକୁ ନ ପାରେ ଆକର୍ଷି ।
ପ୍ରତ୍ୟକ୍ଷେ ପ୍ରଳୟ ଜଳ ଅଟେ ଗୋସାମଣି
ସକଳ ଭକ୍ଷିବ ବୋଲି ଦେଲା କାଳପାଣି ।
ମହାଯୋଗୀ ପୁରୁଷ ଯେ ଅଟେ ହିମଗିରି
ତେଣୁ ଲଙ୍ଘି ନ ପାରଇ ତାକୁ ଶାକମ୍ଭରୀ ।
ତହିଁକି ବିଧାତା ଏକ ଉପାୟ ସୃଜିଲା
ଦେବାନ୍ତକ ଚକ୍ର ସିନ୍ଧୁ ମଧ୍ୟେ ରହିଥିଲା ।
ପ୍ରଳୟ ଜଳ ଘୋଟିଲା ଯହୁଁ ଅନ୍ତରାଳ
ଆକର୍ଷି ଘୋଟିଲା ସେହି ମେରୁଗିରି ତଳ ।
ଚକ୍ର ଆଘାତରେ ମେରୁ ହେଲା ଖଣ୍ଡ ଖଣ୍ଡ
ପଡ଼ିଲେ ସର୍ବ ଦେବ ଅଗାଧ ସିନ୍ଧୁ ଗଣ୍ଡ ।
ଦେବତାଙ୍କ ଚକ୍ର ସବୁ କାଟି ପକାଇଲା
ଜଳଚର ସହିତରେ ସର୍ବନାଶ କଲା ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ହେଲା ଅନ୍ଧକାର
ଧର୍ମ ଲୋକ ପରିଯନ୍ତେ ବଢ଼ିଲା ସାଗର ।
ଧର୍ମ ନାଶ କରି ବ୍ରହ୍ମା ନିକଟେ ପ୍ରବେଶ
ଦଇବ ସହିତେ ସର୍ବେ ଗଲେକ ବିନାଶ ।
ବିଷ୍ଣୁ ଲୋକ ସହ ରୁଦ୍ରଲୋକ ଆଦିକରି
ଦେବ ଦଇତ ମାନବ ନାନା ବର୍ଣ୍ଣ ଚାରି ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସହିତେ
ସର୍ବେ ନାଶ ଗଲେ ଥିବେ ଏ ସଂସାରେ ଯେତେ ।
ଶୂନ୍ୟ ଠୁଳ ପରିଯନ୍ତେ ଆଚ୍ଛାଦିଲା ପାଣି
ଏଥୁ ଅନନ୍ତରେ ଶୁଣ ଆହେ ନୃପମଣି ।
ଯେତେବେଳେ ସବୁ ସୃଷ୍ଟି ପ୍ରଳୟ ହୋଇଲା
ଜୀବଙ୍କୁ ବିନାଶ କରି ଜଳଧି ଘୋଟିଲା ।
ସକଳ ଲୋକ ଉପରେ ନିରାକାର ସ୍ୱାମୀ
ବିରାଟ ପୁରୁଷ ସେ ଯେ ସର୍ବ ଅନ୍ତର୍ଯାମୀ ।

ଅନାଦି ପୁରୁଷ ସେହି ଅନାଦି ଅଚିନ୍ତ୍ୟ
ପ୍ରଳୟ କାଳରେ ସେହି ହେଲେ ଦେହବନ୍ତ ।
ଅକ୍ଷୟ ତରୁବର ଯେ ତରୁ ନାମେ ବଟ
ପ୍ରଳୟ ପାଣିରେ ସେହି ଅଟଇ ଅତୁଟ ।
ମହାଜଳର ଭିତରେ ବୁଡ଼ି ବୃକ୍ଷ ଗୋଟି
ଶାଖା ଅଗ ଖଣ୍ଡିକି ଯେ ଦିଶୁଅଛି ଫୁଟି ।
ସେ ବଟପୁଟ ଉପରେ ଦ୍ୱାଦଶ ଅଙ୍ଗୁଳ
ପୂର୍ଣ୍ଣମୀ ଶଶୀ ପରାୟେ ଦିଶଇ ଉଜ୍ଜ୍ୱଳ ।
ସେ ବଟପୁଟକୁ ଦେଖି ତୋଷ ଭାବଗ୍ରାହୀ
ବାଳକ ରୂପକୁ ଧରି ବିଜେକଲେ ତହିଁ ।
ଉତ୍ତାନଶାୟୀ ହୋଇଣ ଶୋଇଲେ ମୁକୁନ୍ଦ
ସଂସାରର ଖେଳଘର ଭାଙ୍ଗି ସର୍ବ ଦ୍ୱନ୍ଦ୍ୱ ।
ବଟପୁଟର ଉପରେ ଦିବ୍ୟ ରୂପ ଧରି
ଯୋଗନିଦ୍ରା ଗଲେ ସଂସାରର ଚିନ୍ତା ସାରି ।
ପରମ ପୁରୁଷ ତହିଁ ଶୋଇଲେ ନିଶ୍ଚିନ୍ତେ
ଅନନ୍ତକୋଟି ବ୍ରହ୍ମାଣ୍ଡ ରଖି ଗର୍ଭଗତେ ।
ମହାଜଳରେ ଯେତେକେ ହୋଇଥିଲେ ହତ
ସକଳ ଜୀବଆତ୍ମା ଯେ ହୋଇଲେ ଏକତ୍ୱ ।
ନିରାକାରଙ୍କ ଅଙ୍ଗରେ ବିଶ୍ରାମିଲେ ଯାଇଁ
ତେଣୁ ସେହି ମୂର୍ତ୍ତିମନ୍ତ ହୋଇଲେ ଗୋସାଇଁ ।
ସକଳ ଜନ ହୃଦୟ ମଧ୍ୟରେ ସମ୍ଭାଳି
ତେଣୁ ସେ ସ୍ୱାମୀର ନାମ ଅଟେ ବନମାଳୀ ।
ନାନାଦି ସ୍ୱରୂପ ଯହୁଁ ହୋଇଲେ ଏକତ୍ୱ
ତେଣୁ ନିରାକାର ନାମ ବିହିଲେ ଅଚ୍ୟୁତ ।
ଶବଦ ଲୀନ କରିଣ ନିଶବଦ ହୋଇ
ଦେବ ଅଙ୍ଗ ଧରି ଯୋଗନିଦ୍ରା ଭାବଗ୍ରାହୀ ।
ଶୁଣନ୍ତ ମହାରାଜା ସେ ଯେବଣ ପୁରୁଷ
ଜଳଧି ଉପରେ ହୋଇଅଛନ୍ତି ପ୍ରକାଶ ।
ନିଗମ ଅଙ୍ଗ ପରି ସେ ଏକଆତ୍ମା ପୁଣ
ସବୁଠାରେ ଠୁଳ ହୋଇଲେକ ଏକ ଜଣ ।
ପରମ ଆତ୍ମା ଅଟନ୍ତି ସେହି ଆଦିମୂଳ
ତହୁଁ ରାଜା ଆତଯାତ ହୁଅନ୍ତି ସକଳ ।
ସେହି ପରଂବ୍ରହ୍ମ ଜାଣ ନିରାକାର ରୂପୀ
ଭାବନା ଭାବକୁ ଘେନି ବହୁରୂପେ ବ୍ୟାପୀ ।
ପ୍ରଳୟ କାଳରେ ସେହୁ ସର୍ବଜୀବ ନାଶି
ଏକଇ ଅଙ୍ଗ ଘେନିଣ ହେଲେ କଳ୍ପବାସୀ ।
ସାମାନ୍ୟ ଜୀବଗୋଟି ଯେ ଯେବେକ ପ୍ରମାଣେ
ବଟପୁଟେ ଶୋଇଲେକ ପ୍ରଭୁ ନାରାୟଣେ ।
ନିର୍ମଳ ଅଙ୍ଗୁ ବିରାଜେ ସୁଧାଂଶୁର ଜ୍ୟୋତି
ଗର୍ଭେ ବିକାଶଇ ପୁଣି ଅଶେଷ ଧରିତ୍ରୀ ।

Digitized by srujanika@gmail.com

ଏ ବଚନ ଶୁଣି ପୁଣି ସେ ସୁରଥ ରାଜା
କଣ୍ଠମୁନିଙ୍କ ଚରଣେ କଲା ଦିବ୍ୟପୂଜା ।
କରପତ୍ର ଯୋଡ଼ି ପୁଣି ପଚାରେ ନୃବର
ଭୋ ମହାରଷି କହିବା ମୋତେ ପ୍ରତିକାର ।
କଥା ପୁଚ୍ଛିବାକୁ ମୋତେ ଲାଗୁଅଛି ଭୟ
ନିନ୍ଦାକଲେ ତ ସୁକୃତମାନ ଯିବ କ୍ଷୟ ।
ନୋହିଲେ ମନକୁ ମୋର ନ ହୁଏ ପରତେ
ସନ୍ଦେହ ପଡ଼ିଲା ତାହା ଫେଡ଼ି କହ ମୋତେ ।
ତୁମ୍ଭେ କହିଲ ହେ ଦେବ ପ୍ରଳୟ କାଳରେ
ବଟପୁଟେ ଶୋଇଲେ ପରମ ନିରାକାରେ ।
ସାମାନ୍ୟ ଅଙ୍ଗକୁ ସ୍ୱାମୀ ଧଇଲେ ଅଚ୍ୟୁତ
ଅଶେଷ ଧରଣୀ କେହ୍ନେ ସ୍ଥିତ ଗର୍ଭଗତ ।
ଯେତେବେକ ପ୍ରମାଣ ଅଟେ ଯେବଣ ଶରୀର
କାହିଁରେ ସଂହାରିଲେ ସେ ତେତେ ଭାରାଭର ।
ଆଉ ଏକ କଥା ମୋତେ କହ ମହାମୁନି
କେତେ କାଳରେ ପ୍ରଳୟ ହୋଇଲା ମେଦିନୀ ।
କେତେ କାଳେ ବ୍ରହ୍ମଲୋକ ହୁଅଇ ବିନାଶ
କେତେ କାଳରେ ଜଳଧି ଘୋଟଇ ଆକାଶ ।
କେତେ କାଳରେ ନୂତନ ହୁଏ ପୁଣି ସୃଷ୍ଟି
ଏ କଥା ସଂକ୍ଷେପି ମୋତେ କହ ତପୋନିଧି ।
ତେବେ ସିନା ଯେ କାରଣ ହେବ ଶୁଣିବାର
ଆହେ ମହାରଷି ମୋତେ ପ୍ରତିକାର କର ।
ରାଜାର ଯେ ଶୁଦ୍ଧଚିତ୍ତ ଦେଖି ମହାରଷି
ପ୍ରଳୟକାଳର ବାଣୀ କହନ୍ତି ବିଶେଷି ।
ଶୁଣ ତୁହୋ ମହାରାଜା ଦିବ୍ୟଜ୍ଞାନ ବାଣୀ
ଅଶେଷ ଜନ୍ମର ପାପ ଧ୍ୱଂସ କର ଶୁଣି ।
ତୁହି ଯାହା ପୁଚ୍ଛାକଲୁ ଯୁଗାନ୍ତର ବାଣୀ
ତହିଁର ତଦନ୍ତ ତେବେ ଶୁଣ ନୃପମଣି ।
ଷଡ଼ନିଃଶ୍ୱାସରେ ମୁହୂର୍ତ୍ତେକ ବୋଲି କହି
ଚାରି ମୁହୂର୍ତ୍ତକେ ଲିତା ଏକ ଯେ ବୋଲାଇ ।
ଚାରି ଲିତା ହୋଇଲେ ଯେ ବିଶ୍ୱା ବୋଲି ଗଣି
ଷୋଳ ବିଶ୍ୱାରେ ଦଣ୍ଡେକ ବୋଲି ପରିମାଣି ।
ଏ ବିଧି ଷାଠିଏ ଦଣ୍ଡେ ରାତ୍ରେକ ଦିବସ
ସେପରି ତିନିଶ ଦିନେ ହୁଏ ଏକମାସ ।
ଏମନ୍ତେ ବାରମାସରେ ବରଷେକ ଭୋଗ
ସତର ଲକ୍ଷ ଅଠେଶି ସହସ୍ରେ ସତ୍ୟଯୁଗ ।
ତ୍ରେତା ବାର ଲକ୍ଷ ଛାୟାଣୋଇ ସସ୍ର ବର୍ଷ
ଦ୍ୱାପର ଆଠ ଲକ୍ଷ ଚୌଷଠି ସହସ୍ରେ ଶେଷ ।
ଚାରି ଲକ୍ଷ ବତ୍ରିଶ ସହସ୍ରେ କଳି ଶେଷ
ଶୁଣିଣ ସୁରଥ ରାଜା ହୋଇଲେକ ତୋଷ ।

ସତ୍ୟ ଯେ ତ୍ରେତା ଦ୍ୱାପର କଳି ଯେବେ ସରେ
ଏତେକ ଗଣ୍ଡାଏ ଯୁଗ ବୋଲି ନୃପବରେ ।
ଧାତାଙ୍କୁ ଏ ବିଧି ସସ୍ର ଗଣ୍ଡା ଯୁଗ ଦିନେ
ରାତ୍ରିହି ସହସ୍ର ଗଣ୍ଡା ହୁଏ ବିଦ୍ୟମାନେ ।
ଦିବସ ଅନ୍ତେ ରଜନୀ ଯହୁଁ ପରବେଶ
ସନ୍ଧ୍ୟା ଶେଷ କରି ବ୍ରହ୍ମା ଶୟନେ ଆଳସ ।
ସପ୍ତପୁରର ଅନ୍ତେ ବଇକୁଣ୍ଠ ଅଛି
ତହିଁ ନିଦ୍ରା ଯାଇଛନ୍ତି ପ୍ରଭୁ ଶିରୀବସି ।
ସେ ବିଷ୍ଣୁ ନାଭିରୁ ଏକ ପଦ୍ମଫୁଲ ଫୁଟି
ରାତ୍ରେକ ଶୋଇଲେ ତହୁଁ ଯହୁଁ ପରମେଷ୍ଠୀ ।
ରାତ୍ରେକ ଶୋଇଲେ ବ୍ରହ୍ମାଣ୍ଡେ ଘୋଟିଯାଏ ଜଳ
ଇନ୍ଦ୍ରାଦି ସହିତେ ନାଶ ଯାଆନ୍ତି ସକଳ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ଯେ ବର୍ଣ୍ଣ
ଭୂପୁର ଯେ ଭବପୁର ଆଦି ଅବସ୍ଥାନ ।
ବ୍ରହ୍ମ ଯାମିନୀରେ ସର୍ବେ ହୁଅନ୍ତି ବିନାଶ
ପୁଣି ଧାତାଙ୍କୁ ଯେ କାଳେ ହୁଅଇ ଦିବସ ।
ନିଦ୍ରା ଭଗ୍ନ ହୋଇଲେ ସେ ଉଠି ପଦ୍ମଯୋନି
ପୁଣି ସୃଷ୍ଟିକି ସୃଜଇ ବେଦଶାସ୍ତ୍ର ଘେନି ।
ସୃଷ୍ଟି ସୃଜିଥିବାରୁ ବ୍ରହ୍ମାଣ୍ଡ ବ୍ରହ୍ମକୃତ
ଦିବସର ପ୍ରତିପାଳି ରାତ୍ରେ କରେହତ ।
ଏ ବିଧି ଧାତାଙ୍କୁ ହେଲେ ରଜନୀ ଦିବସେ
ତିନିଶ ଷାଠିଏ ଦିନେ ହୁଅଇ ବରଷେ ।
ସାତଶ କୋଡ଼ିଏ ଜନ୍ମ ହୁଅନ୍ତି ଏତେକେ
କରାଉଛନ୍ତି ସଂସାରେ ଆତଯାତ ଥୋକେ ।
ଏହି ପ୍ରକାରେ ହୋଇଲେ ବରଷେ ଗଣିତା
ଶତେ ଅଷ୍ଟୋତ୍ତର ବର୍ଷ ଜୀଅଁଇ ବିଧାତା ।
ଏ ବିଧାତା ପୁରୁଷର ଆୟୁ ଶେଷକାଳେ
ଶୁଅଇ ଦେବନାଶନ ବଟ ବୃକ୍ଷ ଡାଳେ ।
ସେ ଦେବନାଶନ ବଟେ ଶୋଇଲେ ଏକାନ୍ତେ
କାରୁଣ୍ୟ ଜଳ ଘୋଟଇ ସକଳ ଜଗତେ ।
ସକଳ ଜୀବ ଜନ୍ତୁଏ ହୁଅନ୍ତି ନିପାତି
ସକଳ ଆତ୍ମା ସଂହାରେ ଆଣି ଜନ୍ତୁପତି ।
ସକଳ ଜୀବକୁ ଘେନି ଯାଇ ଜନ୍ତୁରାୟେ
ପ୍ରଳୟ କାଳରେ ଆଦି ଗର୍ଭରେ ସମ୍ଭାଏ ।
ସେ ଧର୍ମଦେବତା ଜନ୍ତୁମାନଙ୍କୁ ସଂହାରି
ଅନେକ କାଳ ଯାଏ ସେ ରହେ ଦେହ ଧରି ।
ଧର୍ମକୁ ସେ ଅନାୟତ ହୁଏ ତେତେବେଳେ
ବିଶ୍ରାମ କରଇ ଯାଇ ବ୍ରହ୍ମା କମଣ୍ଡଳେ ।
ଧର୍ମ ଯେଉଁ ସମୟରେ ହୁଅନ୍ତି ଗୋପନ
କଳ୍ପେକ ହୋଇଲା ବୋଲି ହୁଅଇ ଲିଖନ ।

Digitized by srujanika@gmail.com

ବ୍ରହ୍ମା କମଣ୍ଡଳେ ଯାଇଁ ଆଦିତ୍ୟ ରହିଲେ
ବିଧାତା ଜାଣି ଗର୍ଭରେ ତାହା ସଂହରିଲେ ।
କମଣ୍ଡଳୁ ଗର୍ଭେ ଥାଇ ବିଧାତା ପୁରୁଷ
ଧ୍ୟାନେ ଚିନ୍ତା କରଇ ସେ ବିଷ୍ଣୁ ବିଶ୍ୱବାସ ।
ବିଧାତାର ମନ ଜାଣିକରି ବାସୁଦେବ
ବିଶ୍ୱ ଗର୍ଭରେ ଦିଅନ୍ତି ତାକୁ ନେଇ ଠାବ ।
ବିଧାତାକୁ ସଂହରିଣ ବିଷ୍ଣୁ ଗର୍ଭଗତେ
ଈଶ୍ୱରଙ୍କ ଗର୍ଭେ ଯାଇ ରହିଲେ ନିଶ୍ଚିନ୍ତେ ।
ଈଶ୍ୱର ସଂହାର କରି ବିଶ୍ୱ ଭାରାଭର
ଯୋଗବଳେ ରହିଲେ ଯେ ଯୁଗ ଗଣ୍ଡା ବାର ।
ପ୍ରଳୟର ଜଳ ଯହୁଁ ହେଲା ଅକଳଣା
ସେ ଯୋଗାଧି ପୁରୁଷର ହେଲା ଯୋଗ ବଣା ।
ଜଟା ମଧ୍ୟେ ରହିଥିଲେ ଦେବ ସୁଧାକର
ରହିଲେ ତାହାଙ୍କ ଗର୍ଭ ମଧ୍ୟେ ଦିଗମ୍ବର ।
ସହି ନ ପାରିଣ ରୁଦ୍ର ତାପ ଶଶଧର
ଆତଙ୍କେ ସେ ସୁମରିଲେ ନିତ୍ୟ ନିରାକାର ।
ନିରାକାର ପୁରୁଷ ଯେ ଶୂନ୍ୟେ ଥିଲେ ବ୍ୟାପୀ
ଚନ୍ଦ୍ର ଦେବତାଙ୍କୁ ସଂହରିଲେ ପୂର୍ଣ୍ଣରୂପୀ ।
ଚନ୍ଦ୍ର ନାଶ ଗଲେ ଚନ୍ଦ୍ର ପ୍ରଳୟ ହୋଇଣ
ସବୁ ଆତ୍ମା ସଂହରିଲେ ମର୍ତ୍ତ୍ୟେ ନାରାୟଣ ।
ଦଇବ ସହିତେ ସବୁ ନାଶ ଯହୁଁ ଯାଇ
ତେଣୁ ଦଇବୀ ପ୍ରଳୟ ବୋଲି ତାକୁ କହି ।
ସେ ଦଇବୀ ପ୍ରଳୟ ଯେ ଘୋଟିଲା ଜଗତ
ଦେହ ଧରି କରି ଏହା ରହିଲେ ଅଚ୍ୟୁତ ।
ତୁହି ପୁଚ୍ଛିଲୁ ପ୍ରଳୟ ହୁଏ କେତେ କାଳେ
ଅସଂଖ୍ୟ କଥା କହିଲୁ ତୋତେ ଧର୍ମବଳେ ।
ସାମାନ୍ୟ ବିଷ୍ଣୁ ବୋଲିଣ ପଚାରିଲୁ ଯାହା
ସେ କଥା କହିବା ଶୁଣ ଆହେ ନରନାହା ।
ନିରାକାର ବୋଲିକରି ଯେବଣ ପୁରୁଷ
ତାହାଙ୍କ ମହିମା ବ୍ରହ୍ମା ନ ଜାଣଇ ଲେଶ ।
ନିର୍ଗୁଣ ପୁରୁଷ ତାର ବର୍ଣ୍ଣ ଚିହ୍ନ ନାହିଁ
ଏକେ ତୋତେ ବୋଲି ତାକୁ ନ ଜାଣନ୍ତି କେହି ।
ଅଜେୟ ପୁରୁଷ ସେହି ସର୍ବଦା ସେ ସ୍ଥିତ
ସଂସାରର ଚେଷ୍ଟା ଯାର କଉତୁକ ମତ ।
ଇଚ୍ଛାରେ ପାଳଇ ଇଚ୍ଛା କଲେ ସଂହାରଇ
ଏକ ସ୍ୱରୂପେ ଅନେକ ଦେହ ସେ ଧରଇ ।
ଜ୍ୟେଷ୍ଠପୁତ୍ର ଧରେ ସେହି କନିଷ୍ଠ ଯେ ସେହି
ଆକାର ବର୍ଜିତ ନିରାକାର ଯେ ଅଦେହୀ ।
ସକଳ ଆତ୍ମା ସ୍ୱରୂପ ଅଟେ ସେହି ମୂଳ
ମହାପୁରୁଷ ବୋଲାଇ ତେଣୁ ଶୂନ୍ୟଠୁଳ ।

ସେହି ଠୁଳ ପୁରୁଷ ଯେ ପ୍ରଳୟ କାଳରେ
କୌତୁକେ ଶୋଇଲେ ବଟପୁଟର ଶିଖରେ ।
ଅଶେଷ ବ୍ରହ୍ମାଣ୍ଡ ଭରି ନିଜ ଗର୍ଭଗତେ
ଏ କଥା ଶୁଣି ସଂଶୟ ଲାଗିଲାକ ମୋତେ ।
ସେ କଥା ଆଗେ କହିବ ତୋର ବିଦ୍ୟେମାନେ
ଯାହା ଆମ୍ଭେ ପ୍ରତ୍ୟକ୍ଷରେ ଦେଖୁଛୁ ନୟନେ ।
ସେକଥା ତୋହର ଆଗେ କହିବା ସ୍ୱରୂପ
ଶୁଣ ତୁହି ଏକମନେ ସିନ୍ଧୁଦେଶ ନୃପ ।
ଯେବଣ ଦିନେ ପ୍ରଳୟ ଘୋଟିଲା ସଂସାରେ
ଆମ୍ଭେ ଯେ ଥିଲୁ ଗଗନଧ୍ୱନି ଗିରିବରେ ।
ସେ ଗିରିବର ପ୍ରଳୟ କାଳରେ ଟଳନ୍ତେ
ମହା ଅର୍ଣ୍ଣବ ଭିତରେ ପଡ଼ିଲୁ ଯୁଗାନ୍ତେ ।
ବିଷ୍ଣୁର ବରେ ଅମର ଆମ୍ଭର ଯେ କାୟ
ବ୍ରହ୍ମା କପାଳରେ ମଧ ନୋହୁ ଆମ୍ଭେ କ୍ଷୟ ।
ଦଇବୀ ପ୍ରଳୟକାଳେ ମହାର୍ଣ୍ଣବ ଜଳେ
ଆକୁଳ ହୋଇ ପଡ଼ିଥିଲୁ ଯେ ଅଥଳେ ।
ହେଠବୁଡ଼ ହୋଇ ଆମ୍ଭେ ଯାଉଁଥାଉଁ ଭାସି
ବିଷ୍ଣୁଙ୍କର ବରକୁ ଯେ ମନେ ମନେ ଘୋଷି ।
ଆତଙ୍ଗ ହୋଇଣ ଡାକଦେଲୁ ଏକବାର
ତତକ୍ଷଣେ ସୁପ୍ରସନ୍ନ ହେଲେ ନିରାକାର ।
ଭାବକୁ ପ୍ରସନ୍ନ ଯହୁଁ ଭକତ ସୋଦର
ଆତଙ୍କ ନାଶନ ଅଟେ ମହିମା ଯାହାର ।
ପ୍ରଳୟ କାଳରେ ସେହି ବଟପୁଟେ ଥାଇ
ଏ ମୋହର ଆତଙ୍କ ଯେ ଶୁଣିଲେ ଗୋସାଇଁ ।
ଯବେକ ପ୍ରମାଣ ଅଟେ ଯେବଣ ଶରୀର
ଯୋଜନେକ ଲମ୍ବ ତହୁଁ ଭୁଜେକ ବାହାର ।
ସେ ଜଳ ଭିତରୁ ମୋତେ ଅନ୍ତରୀକ୍ଷେ ନେଲେ
ମୁଖ୍ଯକୁ ବିସ୍ତାର କରି ଗର୍ଭେ ସଂହରିଲେ ।
ମୁହିଁ ଯାଇଣ ତାହାଙ୍କ ଗର୍ଭରେ ପଶିଲି
ପ୍ରଳୟକାଳ ଦୁରିତ ତକ୍ଷଣ ନାଶିଲି ।
ବିଷ୍ଣୁନାଥଙ୍କ ଗର୍ଭରେ ପଶିଲି ନିଶ୍ଚିନ୍ତେ
ଦ୍ୱିତୀୟ ପୃଥିବୀ ପ୍ରାୟେ ଲାଗିଲା ତ ମୋତେ ।
ମନେ ମନେ ବିଚାରିଲି ପ୍ରଳୟ ତୁଟିଲା
ନୂତନ ସୃଷ୍ଟି ତ ଏବେ ଉଦିତ ହୋଇଲା ।
ସେ ବିଶ୍ୱଗର୍ଭ ଭିତରେ ଅଛଇ ମହାମହୀ
ଚଉଦ ଭୁବନ ସହ ପୂରିଅଛି ତହିଁ ।
ନବଖଣ୍ଡ ମେଦିନୀ ଯେ ସପତ ସାଗର
ମେରୁ ସହିତରେ ପୁଣି ଅଷ୍ଟ ଗିରିବର ।
ଦ୍ୱାଦଶ କ୍ଷେତ୍ର ଯେ ପଞ୍ଚ ବଇକୁଣ୍ଠ ମୂଳେ
ଗଙ୍ଗାକୁ ଆଦି କରିଣ ପୃଥିବୀ ଶୟଳେ ।

Digitized by srujanika@gmail.com

ନଦୀ ଗିରି କନ୍ଦର ଯେ ନାନା ଦେଶମାନ
ଛପନ କୋଟି ଯେ ଜୀବ ସହ ନାନା ବର୍ଣ୍ଣ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି କରି
ବିଷ୍ଣୁ ନାଥଙ୍କ ଗର୍ଭରେ ଅଛି ଦେହ ଧରି ।
ପାତାଳ ବୈକୁଣ୍ଠପୁରେ ନାଗପୁଚ୍ଛ ଶେଯେ
ଅଚିନ୍ତାରେ ନିଦ୍ରା ଯାଇଛନ୍ତି ଦେବରାଜେ ।
ପାଦତଳେ ବସିଛନ୍ତି ଲକ୍ଷ୍ମୀ ସରସ୍ୱତୀ
ସହସ୍ରଫଣା ଉପରେ ବିଜୟ ଶ୍ରୀମୂର୍ତ୍ତୀ ।
ଅଷ୍ଟକୁଳନାଗ ଆଉ ମଣ୍ଡୁକୀ ସହିତେ
ଗଜ ଆଦିକରି ଛନ୍ତି ବିଷ୍ଣୁ ଗର୍ଭଗତେ ।
ଅମରାଧି ଭୁବନ ସେ ସୁଧର୍ମା ସଭାରେ
ସକଳ ଦେବଙ୍କୁ ପୁଣି ଦେଖିଲୁ ନେତ୍ରରେ ।
ଇନ୍ଦ୍ର ଚନ୍ଦ୍ର କୁବେର ଯେ ପର୍ବତ ନୈର୍ଋତ
ଏକାଦଶ ରୁଦ୍ର ଆଉ ଦ୍ୱାଦଶ ଆଦିତ୍ୟ ।
ଯମ ବୈଶ୍ୱାନର ଆଦି ଦଶ ଦିଗପାଳ
ତାର ବାର ଯୋଗ ଯେ କରଣ ମେଘମାଳ ।
ଚାରିଯୁଗ ସହିତରେ ଯେ ସମ୍ବରଆଦି
ଆସ୍ଥାନ ପୂର୍ଣ୍ଣରେ ବସିଛନ୍ତି ଜମ୍ଭଭେଦୀ ।
ଐରାବତ ଗଜ ଆଉ ଉଚ୍ଚୈଶ୍ରବା ଅଶ୍ୱ
ମନୋହର ବିମାନ ଯେ ଅଛି ତହିଁ ପାଶ ।
ଆକାଶ ଗଙ୍ଗା ସହିତେ ନନ୍ଦନ ବନସ୍ତ
ବିଷ୍ଣୁଙ୍କ ଗର୍ଭ ଭିତରେ ଦେଖିଲେ ସମସ୍ତ ।
ଗନ୍ଧର୍ବ କୁମର ଦେବସ୍ତିରୀ ଅପସରୀ
ସୁର ଯେ ଅସୁର ଆଦି ସର୍ବେ ଛନ୍ତି ପୂରି ।
ବ୍ରହ୍ମାଙ୍କର ସହିତରେ ଋଷି ମୁନିଗଣ
ଗାବନ୍ତି ନିଗମ ଶ୍ରୁତିଶାସ୍ତ୍ର ଯେ ପୁରାଣ ।
ବିଷ୍ଣୁ କୀର୍ତ୍ତିମାନ କରୁଅଛନ୍ତି ବଖାଣ
ପୁଣ୍ୟ କଥାମାନ କହୁଅଛନ୍ତି ବ୍ରାହ୍ମଣ ।
ନୃତ୍ୟ ଗୀତମାନ ହେଉଅଛି ଠାବେ ଠାବେ
କେ ଅନ୍ତ କରିବ ଯେତେ ଅଛି ବିଷ୍ଣୁ ଗର୍ଭେ ।
ବିଷ୍ଣୁଙ୍କର କଉତୁକ ଲୀଳା ଅବତାର
ଠାବେ ଠାବେ ପରକାଶ ହୋଇଛି ଅପାର ।
ଚଣ୍ଡୀ ରାମାୟଣ ଆଉ ଭାରତ ସହିତେ
ଅନେକ ପୁରାଣ ଅଛି ବିଷ୍ଣୁ ଗର୍ଭଗତେ ।
ଏ ଚଉଦ ଭୁବନରେ ଯେତେ କୀର୍ତ୍ତିମାନ
ନିରାକାର ଗର୍ଭେ ହୋଇଅଛନ୍ତି ସ୍ଥାପନ ।
ସେ କଥା ଦେଖି ଆନନ୍ଦ ମୋର ପଞ୍ଚମନ
କୌତୁକେ ବୁଲି ଦେଖିଲି ମୁହିଁ ସର୍ବସ୍ଥାନ ।
ଅନେକ କାଳ ପର୍ଯ୍ୟନ୍ତ ବୁଲିଲି ଗର୍ଭରେ
ଯୋଗେ ଯାଇଣ ମିଳିଲି ଗଙ୍ଗା ନଦୀତୀରେ ।

ସେ ନଦୀତୀରେ ବସିଣ ଆରମ୍ଭିଲି ତପ
ଶୁଣ ଆହେ ମହାରାଜା ସିନ୍ଧୁଦେଶ ନୃପ ।
ବିଷ୍ଣୁଙ୍କ ଗର୍ଭରେ ଆମ୍ଭେ ପ୍ରଳୟ କାଳରେ
ଅଚିନ୍ତା ହୋଇ ରହିଲୁ ଗଙ୍ଗାନଦୀ ତୀରେ ।
ତୁହି ଯେଣୁ ପଚାରିଲୁ ବିଷ୍ଣୁ ଆଦିବାଣୀ
ତଦନ୍ତ କରି କହିଲୁ ମୋତେ ନୃପମଣି ।
ଦେଖିବାକୁ ଦେହ ଯବ ଅଙ୍ଗୁଷ୍ଠିର ପରି
ଗର୍ଭରେ ପଶି ଦେଖିଲି ସର୍ବ ଅଛି ପୂରି ।
କେହି ନ ଜାଣନ୍ତି ବିଷ୍ଣୁ ମାୟାର ତଦନ୍ତ
ନୋହିଲେ କେମନ୍ତେ ନାମ ବୋଲାନ୍ତି ଅନନ୍ତ ।
ଯୋଗାଧି ପୁରୁଷ ସେହି ମାୟାର କାରଣ
ତାହାଙ୍କର ମାୟା କେହି ନ ଜାଣନ୍ତି ପୁଣ ।
ଶୂନ୍ୟ ପୁରୁଷ ଯେ ସେହି ଅଣାକାର ରୂପୀ
ସକଳ ବ୍ରହ୍ମାଣ୍ଡ ମାୟାରୂପେ ଛନ୍ତି ବ୍ୟାପୀ ।
ପ୍ରଳୟ କାଳେ ଅଛନ୍ତି କଉତୁକ ରୂପେ
ବଟପୁଟ ମଧ୍ୟେ ରହିଅଛନ୍ତି ସେ ଗୋପ୍ୟେ ।
ଅଶେଷ କୋଟି ଧରଣୀ ସଂହାର ଗର୍ଭରେ
ଯେସନେକ ଦିନକର ସମ୍ଭାଇ ଘଟରେ ।
ସେହି ସଦୃଶେ ଜଗତ ତହିଁ ଅଛି ପୂରି
ତେଣୁ ବୋଲାଇ ସେ ବିଶ୍ୱଗର୍ଭ ନରହରି ।
ସେ ପ୍ରଭୁଙ୍କର ମହିମା ଅଗୋଚର ମୋତେ
ତଦନ୍ତ କରି ମୁଁ ତାହା କହିବଇଁ କେତେ ।
କେବଳ ତୁ ଆଦିବାଣୀ ଜାଣିବାର ପାଇଁ
ଠିକ୍ ଠିକ୍ କରି ତୋତେ କହିଲି ବୁଝାଇ ।
ବିଷ୍ଣୁଙ୍କର ଦିବ୍ୟକିର୍ତ୍ତୀ ଶୁଣନ୍ତେ ରାଜନ
ହେଲେ ତୁଟିଯିବ ଏହି ସଂସାର ବନ୍ଧନ ।
ବନ୍ଦଇ ଶ୍ରୀ ଦୁର୍ଗାଦେବୀ ଜଗତ ତାରିଣୀ
ଦୁଃସହ ଦୈତ୍ୟଙ୍କୁ ନାଶି ରଖିଲୁ ଧରଣୀ ।
ଦେବତାମାନଙ୍କୁ ରଖି ଭକ୍ଷିଲୁ ଅସୁର
ରକ୍ଷିଣୀ ଭକ୍ଷିଣୀ ନାମ ତେଣୁ ଅଟେ ତୋର ।
ଜଗତକୁ ପାଳିଲେ ଯେ ଜଗଜ୍ଜନ ମାତ
ତୋହରି ସଞ୍ଚିଲା ସିନା ଅଶେଷ ଜଗତ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି କରି
ରିପୁ ଘେନି ଜାତ ହେଲେ ଅଙ୍ଗରୁ ତୋହରି ।
ତେଣୁକରି ନାମ ତୋର ବୋଲାଇ ଅରୂପା
ପାଇଲୁ ପରମ ଗତି ଜପିଣ ଅଜପା ।
ଅଷ୍ଟାଙ୍ଗ ଯୋଗକାରିଣୀ ତୁହି ମହାକାୟା
କେହି ଜାଣିପାରେ ନାହିଁ କେତେ ତୋର ମାୟା ।
ଅଚିନ୍ତା ନାମ ତୋହର ଅନନ୍ତ ମହିମା
ପ୍ରଥମରେ ଦୁର୍ଗାଦେବୀ ଦ୍ୱିତୀୟରେ ଉମା ।

Digitized by srujanika@gmail.com

ତୃତୀୟରେ କାତ୍ୟାୟିନୀ ଚତୁର୍ଥେ ଇନ୍ଦ୍ରାଣୀ
ପଞ୍ଚମେ ହୋଇଲୁ ଦେବୀ ଶିବର ଘରଣୀ ।
ଷଷ୍ଠେ କୌମାରୀ ସପ୍ତମେ ତୁ ମାତଃ କାଳିକା
ଅଷ୍ଟମରେ ଜୟଚଣ୍ଡୀ ନବମେ ଅମ୍ବିକା ।
ଦଶମରେ ନାରାୟଣୀ ଏଗାରେ ପାର୍ବତୀ
ଦ୍ୱାଦଶେ ଯୋଗିନୀ ତ୍ରୟୋଦଶେ ଭଗବତୀ ।
ଚତୁର୍ଦ୍ଦଶେ ତ୍ରିପୁରା ତୁ ପନ୍ଦରେ ମଙ୍ଗଳା
ଷୋଡ଼ଶେ କୁମାରୀ ତୁହି ସୁରଙ୍ଗୀ ଅବଳା ।
ସତରେ ତୁ ସତ୍ୟବତୀ ଅଠରେ ବାରାହୀ
ସହସ୍ରେକ ନାମ ତୋର କୋଟି ମାୟାଦେହୀ ।
ଏହି ଅଷ୍ଟାଦଶ ନାମ ମୋକ୍ଷର କାରଣ
ପ୍ରତିଦିନ ଏକବାର ପଢ଼ନ୍ତି ଯେ ଜନ ।
ପାପ ଆଦି ମହାପାପ ହୁଅଇ ଦହନ
ଗ୍ରହ ରୋଗ ପୀଡ଼ା ଆଦି ଭୟ କ୍ଳେଶମାନ ।
ଜୀବନ୍ତେ ଅନ୍ନ ବସନ ମିଳେ ତାକୁ ଭଲେ
ବଇକୁଣ୍ଠ ପାଇ ପୁଣ ଜୀବନ ତେଜିଲେ ।
ଜୟ ଜୟ ଚଣ୍ଡୀ ମୋତେ ଉଦ୍ଧାର ସଂସାରୁ
ତୁହି ମୋର ମାତା ପିତା ତୁ ପରମ ଗୁରୁ ।
ତୋ ପାଦ ବିନୁ ମୋହର ଅନ୍ୟ ଆଶ୍ରା ନାହିଁ
ଦୁର୍ଗତି ତାରିଣୀ ମାଗୋ କର ମୋତେ ତ୍ରାହି ।
ମହାଦେବ ଦାସ ଭାବେ ସେ ନାମକୁ ନିତ୍ୟେ
ମାୟାମୋହ ସଂସାରରୁ ତରିବା ନିମନ୍ତେ ।

-x-

ସୃଷ୍ଟି ପ୍ରକ୍ରିୟା

ଶୁଣିବା ହେ ସାଧୁଜନେ ଅପୂର୍ବ ବଚନ
ଯେବଣ ଶାସ୍ତ୍ର ଶୁଣିଲେ ଲଭି ପୁଣ୍ୟଧନ ।
ଦୁର୍ଲଭ ବାକ୍ୟ ମାର୍କଣ୍ଡ ଋଷିଙ୍କର ଶୁଣି
କରଯୋଡ଼ି କହଇ ଯେ ସୁରଥ ନୃପମଣି ।
ଆହେ ମହାଋଷି ମୋର ଭକତି ଘେନିବା
ପବିତ୍ର ପୁରାଣ ମୋତେ ବିଶେଷି କହିବା ।
ଜଗତରେ ଘୋଟିଲା ସେ ପ୍ରଳୟ ଜଳଧି
ବଟପୁଟ ମଧ୍ୟେ ନିଦ୍ରାଗଲେ ଦୟାନିଧି ।
ସଚରାଚର ସୃଷ୍ଟି କି ଗର୍ଭରେ ପୂରାଇ
ଯୋଗନିଦ୍ରା ଗଲେ ସେହି ଜଗତ ଗୋସାଇଁ ।
କେତେ କାଳରେ ସେ ନିଦ୍ରା ଭାଙ୍ଗିଲା ତାଙ୍କର
କେମନ୍ତ କରିଣ ପୁଣି ସୃଜିଲେ ସଂସାର ।
ଏହି ବିସ୍ତାରି କହିବା ହେଉ ମୋର ଆଗେ
ଲଭିବି ମୁଁ ପୁଣ୍ୟଗତି ତୁମ୍ଭ ଅନୁରାଗେ ।
ରାଜାର ବାକ୍ୟେ କହନ୍ତି ସେହି ବ୍ରହ୍ମଋଷି
ଶୁଣ ତୁ ହୋ ମହାରାଜା ପୁଣ୍ୟରଥ ବଂଶୀ ।

କାରୁଣ୍ୟ ଜଳରାଶି ଯେ ଘୋଟିଲା ସଂସାର
ସକଳ ବିନାଶ କରି ପ୍ରଭୁ ନିରାକାର ।
ପାଦତଳେ ବସିଛନ୍ତି ଅନାଦି ଶକତି
ଏକରୁ ବେନି ସ୍ୱରୂପ ସେହି ମାୟାବତୀ ।
ଜଳଶଯ୍ୟାରେ ବିଜୟ ଅନାଦି ପୁରୁଷ
ଶୁଣ ତୁହି ଏକମନେ ପୁରାଣର ରସ ।
ଅଚିନ୍ତାରେ ନିଦ୍ରା ଯାଇଛନ୍ତି ସ୍ୱାମୀ ଭୋଳେ
କୋଟିଏ ସହସ୍ର ଯୁଗ ବହିଗଲା ହେଲେ ।
ପୁରାଣ ପୁରୁଷ ସୁଖେ ନିଦ୍ରାରେ ଅଚେତ
ଜଳମୟ ଏ ସଂସାର ହୁଏ ଆକୁଳିତ ।
ପ୍ରଳୟ ନାରାୟଣଙ୍କ ପାଦତଳେ ଥାଇ
ମନେ ବିଚାରିଲେ ଯୋଗନିଦ୍ରା ମହାମାୟୀ ।
କୋଟି ସହସ୍ର ଯୁଗ ତ ହୋଇଲାକ ଆସି
ଆସନ ତ ନ ତେଜିଲେ ପ୍ରଭୁ ବ୍ରହ୍ମରାଶି ।
ରାତ୍ର ଦିବସ ହୋଇବ ଆଉ କେଉଁ ମତେ
ଏଥକୁ ଉପାୟ ଅବା କରିବା କେମନ୍ତେ ।
ପରମପୁରୁଷ ହେଲେ ନିଦ୍ରାରେ ମୋହିତ
ବେଦମୟ ଅଙ୍ଗ ହେଲା ନିଦ୍ରାରେ ମୋହିତ ।
ଚଉରାଶି ଗଣ୍ଡା ଯୁଗ ଏଥକୁ ଧାରଣ
ଆତ୍ମା ସଞ୍ଚବେ ଅଶେଷ ଜନ୍ତୁଙ୍କର ପୁଣ ।
ଶବଦରୁ ଶଙ୍କର ଯେ ନିଶବଦୁ ଲୀନ
ଉପାୟେ କରିବି ମୁହିଁ ଏହି ଭିନ୍ନ ଭିନ୍ନ ।
ନିଦ୍ରାର ସ୍ୱପନ ଯେଣୁ ଅଟଇ ବଇରୀ
ସ୍ୱପନେ ଶ୍ରମ ପାଇଲେ ନିଦ୍ରା ଅପହରି ।
ମୁଁ ଏବେ ମହାପ୍ରଭୁଙ୍କୁ ସ୍ୱପନ ଦେଖାଇ
ଭାଙ୍ଗିବଇଁ ଯୋଗନିଦ୍ରା ଲୋକ ହିତ ପାଇଁ ।
ଏତେ ବୋଲି ଆଦିଦେବୀ ମହାରୂପ ଧରି
ଛାୟା ବିକାଶିଲା ସେହି ତ୍ରିପୁର ସୁନ୍ଦରୀ ।
ଜଗତ ଈଶ୍ୱର ପ୍ରଭୁ ଶୋଇଛନ୍ତି ଭୋଳେ
ସ୍ୱପନ ଦେଖନ୍ତି କଉତୁକେ ବେନି ଡୋଳେ ।
ତ୍ରିଲୋକ୍ୟ ମୋହିନୀ ସେହି ଅପୂର୍ବ ସୁନ୍ଦରୀ
ଚାରୁ ସୁଲକ୍ଷଣୀ ଦେବୀ ଦିବ୍ୟରୂପ ଧରି ।
ନିଦ୍ରାରେ ତାହାଙ୍କ ରୂପ ଦେଖିଣ ଅଚ୍ୟୁତ
ମନେ ମନେ ମହାପ୍ରଭୁ ହୋଇଲେ ମୋହିତ ।
ସତ୍ୟ ପ୍ରାୟ ମଣିକରି କରନ୍ତେ ଶୃଙ୍ଗାର
ଯୋଗନିଦ୍ରା ଭାଜିଗଲା କ୍ଷଣେ ଶୁକ୍ରଧର ।
ଚେତାହୀନ ହୁଅନ୍ତେଣ ଦେହ ଶ୍ରମ ପାଏ
ଉଠିଲେକ ନିଦ୍ରାଭଙ୍ଗ ହୋଇ ଦେବରାୟେ ।
ଶ୍ରୀଅଙ୍ଗରୁ ଦିବ୍ୟତେଜ ପଡ଼ନ୍ତେଣ ଖସି
ବାମ କରତଳେ ତାହା ଧରି ହୃଷିକେଶୀ ।

Digitized by srujanika@gmail.com

ଅଙ୍ଗୁଷ୍ଠି ସନ୍ଧିରେ ବୀର୍ଯ୍ୟ ତିନିଧାର ହୋଇ
ଗଳିପଡ଼ିଲା ସେ ମହାଜଳ ମଧ୍ୟେ ଯାଇ ।
ଅକ୍ଷୟ ବୀର୍ଯ୍ୟ ଯେ ଶିରୀଅଙ୍ଗରୁ କ୍ଷରିଲା
ମହାଜଳେ ପଡ଼ିକରି କ୍ଷୟ ଯେ ନୋହିଲା ।
ତିନିପୁତ୍ର ହୋଇଲେକ ତହୁଁ ଉତପତ୍ତି
କହନ୍ତେ ଯେ ଅଗୋଚର ତାହାଙ୍କ ମୂରତି ।
ଏ ବଚନ ଶୁଣିକରି ପୁଛିଲା ସୁରଥ
ବିନୟଭାବ ହୋଇଣ ଯୋଡ଼ି ବେନିହସ୍ତ ।
ଭୋ ମହାଋଷି ମୁହିଁ ଯେ କଥାଏ ପୁଚ୍ଛଇ
ତହିଁର ଚରିତ ମୋତେ କହିବା ବୁଝାଇ ।
ନିରାକାର ବୋଲିକରି ଯେବଣହିଁ ସ୍ୱାମୀ
ଅଲେଖ ପୁରୁଷ ଯେହୁ କି ବର୍ଣ୍ଣିବି ମୁହିଁ ।
ଅକ୍ଷରେ ନ ମିଶାଇ ଯେ ବେଦରୁ ବାହାର
ସାହା ସଖା ଶବଦ ଯେ ନ ଥାଇ ଯାହାର ।
ସେ କେମନ୍ତେ ନିଦ୍ରାକାଳେ ଦେଖିଲେ ସ୍ୱପନ
କେଉଁ ଯୁବତୀ ମୋହିଲା ତାହାଙ୍କର ମନ ।
ନିବିଡ଼ ଅଙ୍ଗୁ ଖସିଲା କେହ୍ନେ ବ୍ରହ୍ମବୀର୍ଯ୍ୟ
ଏ କଥା ଶୁଣିଣ ମୋତେ ଲାଗିଲା ଆଶ୍ଚର୍ଯ୍ୟ ।
ଯେମନ୍ତେ ପ୍ରତେ ଯିବି ତା କହ ମହାମୁନି
ଏତେ ବୋଲି ସ୍ପର୍ଶ କଲେ ଭୂମିରେ ମୂର୍ଦ୍ଧନୀ ।
ରାଜାର ଭକତି ଦେଖି ସେହି ବ୍ରହ୍ମବେତ୍ତା
ବଦୟନ୍ତି ମାରକଣ୍ଡ ଶୁଣ ମହାଜ୍ଞାତା ।
ଗହନ କଥା ଏହା ଯେ ପଚାରିଲୁ ଆଣି
ଶୁଣ ଆହେ ମହାରାଜା ଦିବ୍ୟଜ୍ଞାନ ବାଣୀ ।
ଅନାଦି ପୁରୁଷ ଯେହୁ ଅଟେ ଯୋଗ୍ୟବନ୍ତ
ଶାଖା ଦେବୀଙ୍କର ସେ ଯେ ସହଜେ ବେଦାନ୍ତ
ଅନାଦି ନାମରେ ଯେହୁ ତାହାଙ୍କର ପ୍ରିୟା
ଯୋଗନାଶିନୀ ବୋଲାଇ ସେହି ଯୋଗମାୟା ।
ପ୍ରଳୟକାଳେ ପାଇଲା ସେହି ଅଧିକାର
ବିଷ୍ଣୁ ନିଦ୍ରାଗଲେ ସେହି ଘୋଟଇ ସଂସାର ।
ପ୍ରଳୟକାଳେ କଲେ ଏ ସଂସାର ନାଶ
ମହାରାତ୍ରି ସ୍ୱରୂପରେ ଘୋଟଇ ଆକାଶ ।
ଭାବିନୀ ରୂପେ ବସିଲା କୃଷ୍ଣଙ୍କର କୋଳେ
ନିଦ୍ରାବତୀ ରୂପରେ ସେ ବସେ ବେନି ତୋଳେ ।
କାମାକ୍ଷୀ ରୂପରେ ପୁଣି ଶ୍ରୀଅଙ୍ଗ ପୀଡ଼ିଲା
ମୋହିନୀ ରୂପ ଧରିଣ ରତିରଙ୍ଗ ଦେଲା ।
ଯୋଗିନୀ ରୂପେ ପୀଡ଼ିଲା ପୁଣି ଯୋଗବାଟ
ଚଞ୍ଚଳା ରୂପ ଧରିଣ ବେଢ଼ିଲା କବାଟ ।
ପଦ୍ମିନୀ ରୂପ ଧରିଣ ହୃଦପଦ୍ମେ ବସି
ମହାମେରୁ ରୂପେ ପୁଣି ବହିଲାଗ ଶଶୀ ।
ଅନନ୍ତ ରୂପେ କାଟିଲା ସେହି ବ୍ରହ୍ମରନ୍ଧ୍ର
ଚତୁର୍ଥ୍ୟ ରୂପରେ ହରିଆଣେ ବ୍ରହ୍ମରନ୍ଧ୍ର ।
ଧାରଣା ରୂପରେ ଟେକି ଆଣିଲା ଉଜାଣି
ଚେତନା ରୂପରେ ନିଦ୍ରା ଭାଙ୍ଗିଲାକ ପୁଣି ।
ସଂସାର ପାଳନ ଅର୍ଥେ ତ୍ରିପୁରା ଯୁବତୀ
କାଢ଼ିଲା ସେ ନିରାକାର ଅଙ୍ଗୁ ଦିବ୍ୟଜ୍ୟୋତି ।
ବିଷ୍ଣୁଙ୍କର ସେ କଥାରେ ଅଟେ ସିଦ୍ଧକାର
ଦୁହିଙ୍କର ଅନୁମତେ ଖସେ ସୁଧାଧାର ।
ତୁ ରାଜା ଆନ ବିଚାର ନ କର ଏଥକୁ
ବିଷ୍ଣୁ କଉତୁକ କଳିକାଳ ନିମିତ୍ତକୁ ।
ସେହି ବିଷ୍ଣୁଙ୍କ ଚରଣେ ଥାଇ ମୋର ମନ
ମହାଦେବ ଦାସ ଭାବି କଲେକ ରଚନ ।

-x-

ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ବିବରଣ

ଏଥୁ ଅନନ୍ତରେ କଥା ଶୁଣ ହେ ରାଜନ
ପ୍ରଳୟ ଜଳେ ପଡ଼ିଲା ବିଷ୍ଣୁ ରେତମାନ ।
ତ୍ରିଭଙ୍ଗୀ ସ୍ୱରୂପ ତହୁଁ ହେଲା ଅବତାର
ରୂପ ଗୁଣରେ ଦ୍ୱିତୀୟ ନାହିଁ ପଟାନ୍ତର ।
ପ୍ରଥମରେ ଯେଉଁ ପୁତ୍ର ହେଲା ଉତପନ୍ନ
ଅପୂର୍ବ ହେମକାନ୍ତି ଯେ କୋଟିଏ ବଦନ ।
ଏକଗୋଟି ଭୁଜ ପୁଣି ହୃଦୟ ବିସ୍ତାର
ଉଗ୍ର କଣ୍ଠତଟ ଅତି ସୁସଞ୍ଚ ଉଦର ।
ସୁଗଠନ ମଝା ବଳିନ ଯେ ବେନି ଜାନୁ
ଅପୂର୍ବ ଦିବ୍ୟ ଜ୍ୟୋତିରେ ବିରାଜଇ ତନୁ ।
ଶୁକଳ ବସନ କଟିତଟରେ ଯେ ଶୋହେ
ଅପୂର୍ବ ପ୍ରତିମା ଅନାଦିର ମନ ମୋହେ ।
ସୁବର୍ଣ୍ଣ ପଇତା ଶୋହେ ଗଳ ନବଗୁଣ
ଲଳିତ ଶାନ୍ତମୂର୍ତ୍ତି ଯେ ସ୍ୱରୂପେ ବ୍ରାହ୍ମଣ ।
ଶୁକ୍ଳବର୍ଣ୍ଣ କର୍ଣ୍ଣପୁଟେ ଶୋହେ ରୁଦ୍ର କଡ଼ି
କନ୍ଧରେ ଯେ ଉତ୍ତରୀୟ ନାନାରତ୍ନେ ଜଡ଼ି ।
କର ପଲ୍ଲବରେ ଶୋଭାପାଏ ରତ୍ନମୁଦି
କର୍ଣ୍ଣ ପାଦଯାଏ ସର୍ବାଳଙ୍କାରେ ସମ୍ପାଦି ।
ଗାଇଲେ ଶୂନ୍ୟରେ ଉଭାହୋଇ ବେଦବାଣୀ
ସନ୍ତୋଷ ହେଲେ ଅନାଦି ପୁରୁଷ ତା ଶୁଣି ।
ବ୍ରହ୍ମା ବୋଲି ତାହାଙ୍କୁ ଯେ ରାଇଲେ ମୁକୁନ୍ଦ
କୋଳେ ବସାଇଣ ତାକୁ ହୋଇଲେ ଆନନ୍ଦ ।
ଦ୍ୱିତୀୟରେ ଯେଉଁ ପୁତ୍ର ହେଲା ଉତପତି
ସୁନ୍ଦର ଗଢ଼ନ ନୀଳ ଇନ୍ଦୀବର ଜ୍ୟୋତି ।
ସୁପ୍ରସନ୍ନ ବଦନ ଯେ ପୂର୍ଣ୍ଣଶଶୀ ଆଭା
ସର୍ବଅଙ୍ଗେ ବିରାଜଇ ଆଲୋକିତ ପ୍ରଭା ।

Digitized by srujanika@gmail.com

ମର୍କତ କୁଣ୍ଡଳ ଯୋଡ଼ି କର୍ଣ୍ଣତଟେ ଲୁଳେ
ରବି ଶଶୀ ମଣି ଶୋହେ ହୃଦତଟ ତଳେ ।
ବଳିନ ବିସ୍ତାର ଅଟେ ଚାରି ଭୁଜଦଣ୍ଡ
ଶଙ୍ଖ ଚକ୍ର ଗଦା ପଦ୍ମ ଆବର କୋଦଣ୍ଡ ।
ବାହୁଟି କିରୀଟି ବିଦମୁଦି କରତଳ
ବିବିଧ କୁସୁମରେ ଶ୍ରୀଅଙ୍ଗ ପରିମଳ ।
ନାନା ମଣିଗଣ ଶୋଭାପାଉଛି ଶ୍ରୀଅଙ୍ଗେ
କି ଜାଣି ବିଜୁଳି ଜଳଧର ଅଙ୍ଗେ ଅଙ୍ଗେ ।
ତେଣନ କି ପଟାନ୍ତର ଦିଶେ ଆଦି ତନୁ
ସୁରଙ୍ଗ ଅଧର କିବା ପ୍ରଭାତର ତନୁ ।
କଟିରେ ପୀତବସନ ରତ୍ନ ଓଢ଼ିଆଣି
ଚରଣରେ ନୂପୁର ଯେ ଶୋହେ ରତ୍ନମଣି ।
ବେଳୁ ବେଳ ଦିବ୍ୟରୂପ ହୋଇଲା ପ୍ରକାଶ
ଦେଖି ତୋଷମନ ହେଲେ ଅନାଦି ପୁରୁଷ ।
ଆପଣାର ରୂପ ସେହି ପୁତ୍ରକୁ ହିଁ ଦେଲେ
ବିଷ୍ଣୁନାଥ ବୋଲି ତାଙ୍କୁ ଶ୍ରୀମୁଖେ କହିଲେ ।
ହସ୍ତ ଧରିକରି ତାକୁ ବସାଇଲେ କୋଳେ
ପୁଣିହିଁ ପୁତ୍ରେକ ଜାତ ହୋଇଲେ ଶୟଳେ ।
ସେହି ପୁତ୍ରର ମହିମା ଅତି ଅଗୋଚର
ପ୍ରତ୍ୟକ୍ଷରେ ଅନାଦି ପୁରୁଷ ଅବତାର ।
ଶରୀର ନିର୍ମଳ ଯେହ୍ନେ ଅକଳଙ୍କ ଶଶୀ
ଜ୍ୟୋତିର୍ମୟ ଅଙ୍ଗ ନିନ୍ଦେ କାମ ତେଜରାଶି ।
ପାଞ୍ଚ ଗୋଟି ବଦନ ଯେ ପଞ୍ଚଦଶ ନେତ୍ର
ଶ୍ରୀକରେ ଖଟ୍ୱାଙ୍ଗ ଆଉ ଶୂଳ ପାଶୁପତ ।
କଟିଦେଶେ ନୀଳାମ୍ବର ପନ୍ନଗ ପଇତା
କର୍ଣ୍ଣରେ କୁଣ୍ଡଳ ଯୋଡ଼ି ଅପୂର୍ବ ଶୋଭିତା ।
ପଞ୍ଚସ୍ତରୀ ଫଣୀ ଶିରେ ଜଗତକୁ ମୋହେ
କଣ୍ଠରେ ଯେ ମଣିଗଣ ଅତି ଶୋଭା ପାଏ ।
ସୁନିର୍ମଳ ସୁଧା ଅଙ୍ଗ ଦିବ୍ୟ ରସନିଧି
ଅଷ୍ଟାଙ୍ଗ ଯୋଗ ପୁରୁଷ ପରଂଜ୍ଞାନ ବୁଦ୍ଧି ।
ଧୈର୍ଯ୍ୟ ଗୁଣ ବୁଦ୍ଧି ସ୍ତବଧ ଚରଣକୁ ଚାହିଁ
ପରମ ସନ୍ତୋଷ ମତ ଦେଲେ ଭାବଗ୍ରାହୀ ।
ଭୁଜ ଧରିଣ ତାହାଙ୍କୁ ବସାଇଲେ କୋଳେ
ପ୍ରସନ୍ନ ହୋଇ ଈଶ୍ୱରପଣ ତାଙ୍କୁ ଦେଲେ ।
ଏ ବିଧିରେ ବ୍ରହ୍ମା ବିଷ୍ଣୁ ଶିବ ପୁତ୍ର ତିନି
ସେ ଅନାଦି ତିଆରନ୍ତି ତାଙ୍କୁ କୋଳେ ଘେନି
ବୋଇଲେ ଯେ ଏହିକ୍ଷଣି ତୁମ୍ଭେ ତିନି ଯାଅ
ପ୍ରଳୟକୁ ନାଶକରି ସଂସାର ଭିଆଅ ।

ଆଜ୍ଞା ପାଇ କୁମରେ ଯେ ଉଠି ଧାତିକାରେ
ନମସ୍କାର କରି ଚଳିଗଲେ ତତପରେ ।
ମହାଜଳ ମଧ୍ୟେ ଚଳିଗଲେ ନାରାୟଣ
ଶୂନ୍ୟାସନେ ରହିଲେକ ଆଦି ନାରାୟଣ
ମନରୁ ଭିଆଇଲେକ ଅପୂର୍ବ ଭବନ
ଯୋଗ ଆରୋହି ରହିଲେ ତହିଁ ନିରଞ୍ଜନ ।
ଏଥୁ ଅନନ୍ତରେ କଥା ଶୁଣ ତୁ ରାଜନ
ଶୁଣନ୍ତେ ପାପ ତୋହର ହୋଇବ ଦହନ ।
ବିଷ୍ଣୁର ଯେ ଆଦିଜନ୍ମ ଶୁଣିବା ଦୁଲର୍ଭ
ଶୁଣନ୍ତେ ସକଳ କାର୍ଯ୍ୟ ହୋଇବ ସୁଲଭ ।
ପାପୀଜନମାନଙ୍କର ପାପ ହେବ କ୍ଷୟ
ଅପୁତ୍ରକ ଲୋକମାନେ ଲଭନ୍ତି ତନୟ ।
ବ୍ୟାଧିମନ୍ତ ଲୋକମାନେ ହୁଅନ୍ତି ଅକ୍ଳେଶୀ
ଜ୍ଞାନବନ୍ତ ଲୋକଙ୍କୁ ଦ୍ୱିଗୁଣ ଜ୍ଞାନ ଦିଶି ।
ଜ୍ଞାନୀ ଅଜ୍ଞାନ ଯେ ପାପୀ ଅପାପୀ ସହିତେ
ତରନ୍ତି ଏକ ମେଳରେ ଏ ଶାସ୍ତ୍ର ଶୁଣନ୍ତେ ।
ତୁହୋ ମହାରାଜା ଅଟୁ ଭାଗ୍ୟବନ୍ତ ପ୍ରାଣୀ
ମଞ୍ଚେ ଜାତ ହୋଇକରି ଶୁଣିଲୁ ଏ ବାଣୀ ।
ସକଳ ପାପ ତୋହର ହୋଇଲା ବିନାଶ
ଅପ୍ରମାଦେ ଲଭିବୁ ତୁ ସ୍ୱର୍ଗ ସୁଖ ବାସ ।
ଏଥୁଅନ୍ତେ ଅନାଦିର ସେହି ତିନି ପୁତ୍ରେ
ପିତାଙ୍କର ଆଜ୍ଞା ପାଇ ଗଲେ ଜଳକ୍ଷେତ୍ରେ ।
ଥୋକାଏକ ଦୂର ଯାଇ କରନ୍ତି ବିଚାର
ବ୍ରହ୍ମାଏ ବୋଲଇ ଶୁଣ ଆହେ ଚକ୍ରଧର ।
ସୃଷ୍ଟି ସୃଜିବା ପାଇଁ ଯେ ଆଜ୍ଞା ଦେଲେ ସ୍ୱାମୀ
କେମନ୍ତେ କରି ପାରିବି ପୃଥ୍ୱୀ ନିରିମାଣି ।
ଜୀବଜନ୍ତୁ କଥାମାନ ସବୁ ଲାଗେ ମୋତେ
ନୂତନ ପୃଥ୍ୱୀ ହୋଇବ କହ କେଉଁମତେ ।
ନାରାୟଣ ବୋଇଲେ ଯେ ଅଛି ଏକ ବୁଦ୍ଧି
କେମନ୍ତେ ତୁଟିବ ଏହି ପ୍ରଳୟ ପୟୋଧି ।
ପ୍ରଳୟ ତୁଟିଲେ ମୁହିଁ କରିବି ସଂସାର
ଏହା ଶୁଣି ବୋଇଲେକ ଦେବ ଦେବ ହର ।
ପ୍ରଳୟ ସାଗର ସବୁ ଶୁଖାଇବି ମୁହିଁ
ଏଥକୁ ଚିନ୍ତା ତୁମ୍ଭେ ନ କର ବେନି ଭାଇ ।
ଶ୍ରୀହରି ବୋଇଲେ ହର ଉପାୟ ଯେ କର
ଏ ଅପ୍ରମିତ ପ୍ରାଣୀ କି ବେଗକରି ହର ।
ବିଷ୍ଣୁନାଥଙ୍କର ଆଜ୍ଞା ପାଇ ପଶୁପତି
ଅଙ୍ଗୁ ଜାତକରେ ଭୟଙ୍କର ତେଜ ଜ୍ୟୋତି ।

Digitized by srujanika@gmail.com

ବଦୟନ୍ତି ମାରକଣ୍ଡ ଶୁଣ ହେ ନୃପତି
ଈଶ୍ୱର ଅଂଶୁ ବାହାର ହେଲା କେଉଁ ମୂର୍ତ୍ତି ।
ପ୍ରତ୍ୟକ୍ଷେ ସେ ଦିନକର ଧର୍ମର ପ୍ରକାଶ
କୋଟିଏ ଅନଳ ଜ୍ୟୋତି ଅନଳ ସଦୃଶ ।
ପ୍ରଚଣ୍ଡ ଉଗ୍ର ମୂରତି ସେହି ଚଣ୍ଡୀଙ୍କର
ପ୍ରକାଶରେ ତେଜ ହ୍ରାସ ଜ୍ୟୋତି ଯେ ପ୍ରଖର
ରୁଦ୍ରତେଜ ଜ୍ୟୋତି ଯହୁଁ ଘୋଟିଲା ଗଗନେ
ପ୍ରଳୟ ଅନ୍ଧକାର ଯେ ତୁଟିଲା ବହନେ ।
ଧୀରେ ଧୀରେ ହୋଇଣ ଯେ ପଡ଼ିଲାକ ଖସି
ଯେସନେକ କୃଷ୍ଣପକ୍ଷେ ସଙ୍କୁଚିତ ଶଶୀ ।
ଛପନଲକ୍ଷ ଯୋଜନ ସିନ୍ଧୁ ବଢ଼ିଥିଲା
ବତିଶ ଲକ୍ଷ ଯୋଜନ ବେଗେ ଛାଡ଼ିଗଲା ।
ଚୌବିଂଶ ଯୋଜନ ଆଉ ରହିଲାକ ଜଳ
ସେହିଠାରୁ ଜଳପୁର ବୋଲାଇ ପାତାଳ ।
ଏଥିଅନ୍ତେ ଏ ଅପୂର୍ବ ଶାସ୍ତ୍ରର ଯେ ବିଧି
ସ୍ୱର୍ଗ ତେଜିକରି ଯହୁଁ ତୁଟିଲା ଜଳଧି ।
ଦେଖିଣ ଆନନ୍ଦ ହେଲେ ସେହି ଦେବ ତିନି
ବିଚାରନ୍ତି କେମନ୍ତେ ଯେ ହୋଇବ ମେଦିନୀ
ଅନାଦି ନାରାୟଣଙ୍କ ଆଜ୍ଞା ଘେନି ଶିରେ
ବୁଲନ୍ତି ସେ ତିନି ଦେବ ଜଳଧି ଉପରେ ।
କେମନ୍ତେ ସଂସାର ପୁଣି ହେବ ଉତପତ୍ତି
ଅନ୍ତ ନ ଜାଣି ବୁଲନ୍ତି ସେହି ତିନି ମୂର୍ତ୍ତି ।
ବୁଲିଲେ ଅନେକ କାଳଯାଏ ଶୂନ୍ୟପଥେ
ଶରୀରରେ ଶ୍ରମ ନିଦ୍ରା ଘେନି ଜଗନ୍ନାଥେ ।
ଅଳସେ କହନ୍ତି ଜଗନ୍ନାଥ ଧାତା ଆଗେ
ନିଦ୍ରା ଅଳସ ଘୋଟିଲା ଆସି ମୋର ଅଙ୍ଗେ ।
ଅଳସ ଖଣ୍ଡିବାଯାଏ କ୍ଷଣେ ହୁଅ ସ୍ଥିର
ତଦଅନ୍ତେ ପୁନରପି କରିବା ସଂସାର ।
ବିଷ୍ଣୁ ଆଜ୍ଞା ପାଇ ସ୍ଥିର ହେଲା ବେଦବର
ପନ୍ନଗ ଶଯ୍ୟା ଗୋଟିଏ ହୋଇଲେ ଈଶ୍ୱର ।
ତଥିଉପରେ ହରି ଯେ ଯୋଗନିଦ୍ରା ଗଲେ
ଆତ୍ମାକୁ ଲୟକରି ଯେ ବିଧାତା ରହିଲେ ।
ଅପୂର୍ବ ରସ ଏ ବ୍ରହ୍ମା ବିଷ୍ଣୁ ହର ଜନ୍ମ
ପୁଣ୍ୟଯଶା ମହାଦେବ କଲେକ ରଚନ ।

-x-

ମଧୁକୈଟଭ ଦୈତ୍ୟ ବଧ

ଶୁଣ ଆହେ ମହାରାଜା କହିଛନ୍ତି ଯତି
ପ୍ରଳୟ ଜଳ ଉପରେ ଶୋଇଲେ ଶ୍ରୀପତି ।
ନିରାକାର ପୁରୁଷଙ୍କୁ ଧ୍ୟାନ କରି ମନେ
ଯୋଗନିଦ୍ରା ଗଲେ ହରି ପନ୍ନଗ ଆସନେ ।
ଏମନ୍ତେ ସେ କିଛି ଦିନ ଦେବଯୋଗ୍ୟ ଘେନି
ବିଷ୍ଣୁ କର୍ଣ୍ଣମୂଳୁ ଜାତ ହେଲେ ଦୈତ୍ୟ କେଳି ।
ତାହାଙ୍କର ନାମ ଅଟେ ମଧୁକଇଟଭ
ଲୋହିତ ବର୍ଣ୍ଣ ଅଙ୍ଗ ଯେ ବିକଟ ସ୍ୱଭାବ ।
ହୁଁକାର ଘୋର ଶବଦ ବିସ୍ତାର ଶରୀର
କି ଜାଣି ପଟାନ୍ତର ଯେ ଲୌହ ଗିରିବର ।
ପ୍ରଳୟ ଜଳରେ ଉଭା ହେଲେ ବେନି ବୀର
ଆଣ୍ଠୁଏ ଆଣ୍ଠୁଏ ତାଙ୍କୁ ହୋଇଲା ସାଗର ।
ଜଣ ଜଣଙ୍କର ରୂପ ହେଲା ଆନୁଆନ
କ୍ଷଣକେ ଉଗ୍ର ମୂରତି କ୍ଷଣକେ ସାମାନ୍ୟ ।
ଦେଖୁ ଦେଖୁ ସେହି ଦୁହେଁ ହେଲେ ଏକା କାୟେ
ପୃଥ୍ୱୀ ବିକାଶ ପାଇଲେ ଏକ ଅଙ୍ଗ ପ୍ରାୟେ ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଛନ୍ତି ଯେଉଁଠାଇଁ
ବେଗେ ମହାବୀର ତାଙ୍କୁ ଆକର୍ଷିଲେ ଯାଇ ।
ଛାଡ଼ିଲେ ସେ ଏକ ମୂର୍ତ୍ତି ହୋଇ ସିଂହରଡ଼ି
କି ଜାଣି ତା ପଟାନ୍ତର କୋଟି ଘଡ଼ଘଡ଼ି ।
ବିକଟାଳ ରୂପ ଦେଖି କରି ବେଦବର
ପଳାଇ ପଶିଲେ ସେହି ସାଗର ଭିତର ।
ଈଶ୍ୱରଙ୍କୁ ଆଦି କରି ପଶିଲେ ସାଗର
ଗଗନରେ ଗୋପ୍ୟ ହେଲେ ପ୍ରଭୁ ଦିବାକର ।
ରଡ଼ି ଶୁଣିକରି ନିଦ୍ରା ତେଜିଲେ ଶ୍ରୀପତି
ଉଠିଣ ଦେଖିଲେ ଦାନବର ଘୋର ମୂର୍ତ୍ତି ।
ବିଷ୍ଣୁଙ୍କୁ ଦେଖି ଧାମଇଁ ଦୈତ୍ୟ ବିକରାଳ
ମନ୍ଦ ମନ୍ଦ ହସିଲେ ସେ ପ୍ରଭୁ ସୃଷ୍ଟିପାଳ ।
ମଧୁ ଦଇତ ବୋଇଲା ଛାଡ଼ ତୋର ହସ
ନିଶ୍ଚୟ ଆଜି ତୋହର ଖାଇବି ମାଉଁସ ।
ଏତେ ବୋଲି ଛାଡ଼ିଲା ସେ ଦୈତ୍ୟ ଘୋର ରଡ଼ି
ବିଷ୍ଣୁର ସ୍ୱରୂପ ଧରି ସ୍ୱର୍ଗେ ଗଲା ବଢ଼ି ।
ନଉସହସ୍ର ଯୋଜନ ହେଲା ଉଚ୍ଚସାର
ଚାଳିଶ ଯୋଜନ ଯାଏ ହୋଇଲା ବିସ୍ତାର ।
ବିକଟାଳ ଶବଦ ଯେ ଘୋର ରଡ଼ି ଦେଇ
ବିଷ୍ଣୁ ଅଙ୍ଗେ ବିଧା ଏକ ପ୍ରହାରିଲା ନେଇ ।
ଦେଖିଣ ଆଶ୍ଚର୍ଯ୍ୟ ହେଲେ ସେହି ମଧୁଅରି
ଚକ୍ରକୁ ହସ୍ତେ ଧଇଲେ ବିଶ୍ୱରୂପ ଧରି ।
ଗଦା କମ୍ବୁ ପଦ୍ମ ଘେନି ହେଲେ ଚତୁର୍ଭୁଜ
ତାହା ଦେଖି ବେନି ମୂର୍ତ୍ତି ହୋଇଲେ ଦନୁଜ ।

Digitized by srujanika@gmail.com

ବିଷ୍ଣୁଙ୍କର ଆୟୁଧ ଯେ ଘେନିଲେ ଛଡ଼ାଇ
ସମୁଦ୍ରର ଭିତରକୁ ଦେଲେ ଫୋପଡ଼ାଇ ।
ଏକ ମୂର୍ତ୍ତି ହୋଇକରି ବିଷ୍ଣୁଙ୍କୁ ଧଇଲେ
ଆକର୍ଣ୍ଣ କରି ଝିଙ୍କନ୍ତେ ଟାଳି ନ ପାରିଲେ ।
ପୁଣି ପୁଣି ଦଇତ୍ୟ ଯେ ଝିଙ୍କେ ଆଣ୍ଟକରି
ବିଶ୍ୱରୂପ ଧରିଅଛି ପ୍ରଭୁ ଦଇତ୍ୟାରି ।
ଦାନବ ଚଳାନ୍ତେ ନ ଚଳିଲେକ ଅଚ୍ୟୁତ
ମହାବାତ ଯୋଗେ ଯେଉଁପରି ପରବତ ।
ତେସନ ପଟାନ୍ତର ଯେ ରହିଛନ୍ତି ହରି
ମଧୁ ମହାଦୈତ୍ୟ ତହୁଁ ପଦ୍ମପାଦ ଧରି ।
ଆଣ୍ଟେ ଓଟାରନ୍ତେ ଦେଲେ ଚରଣେ ଛିଞ୍ଚାଡ଼ି
ମଧୁ କଇଟଭ ଗଲେ ମହାଜଳେ ପଡ଼ି ।
ମଧୁ ଦାନବ ଧାଇଁଲା ପୁଣି ଅତି ବେଗେ
ପ୍ରତିଜ୍ଞା କରିଣ ମିଳିଲା ନାରାୟଣ ଆଗେ ।
ପହିଜ କରିଣ କେତେ ବୋଇଲା ଚଣ୍ଡାଳ
ନିଶ୍ଚେ ଆରେ ନାରାୟଣ ପୂରିଲା ତୋ କାଳ ।
ଶ୍ରୀହରି ବୋଇଲେ ଆରେ ଦାନବ ପାମର
ତୋହ ଯୋଗୁଁ ବହୁ କାର୍ଯ୍ୟ ହୋଇବ ମୋହର ।
ଏ ତୋହର ପିଣ୍ଡକୁ ମୁଁ ମର୍ଦ୍ଦି କରତଳେ
ମେଦିନୀ କରି ସ୍ଥାପିବି ତାହା ମହାଜଳେ ।
ତେବେ ସେ ସଚରାଚର ହୋଇବ ଜଗତ
ତେଣୁ ଆମ୍ଭେ କରିବୁ ଯେ ତୋତେ ନିଶ୍ଚେ ହତ ।
ଏହିପରି କାର୍ଯ୍ୟବଶେ ପ୍ରଳୟ ଅନ୍ତରେ
ଅବଶ୍ୟ ତୁ ଜାତ ହତ ହେଉ ଆମ୍ଭ କରେ ।
ତେଣୁ ଆମ୍ଭ ନାମ ହୋଇଅଛି ମଧୁରିପୁ
ନିଶ୍ଚୟ ତ ମେଦମେଦା କରିବି ତୋ ବପୁ ।
ଶୁଣିଣ ଦାନବ କୋପ ହୋଇ ଗୁରୁତର
ଦ୍ୱିଗୁଣେ ବଢ଼ାଇଲା ଯେ ଆପଣା ଶରୀର ।
ଆକର୍ଷି ଧରିଲା ବଳେ ବିଷ୍ଣୁ ଚାରିଭୁଜ
ହିଆକୁ ହିଆ ଦେଇଣ ଠେସିଲା ଦନୁଜ ।
ଲିତାଏ ପ୍ରଭୁଙ୍କୁ ଚଳି ନ ପାରିଲା ଦୈତ୍ୟ
ଦନୁଜ ହୃଦରେ ନାତେ ମାଇଲେ ଅଚ୍ୟୁତ ।
ଉତ୍ତାନଶାୟୀ ହୋଇ ସେ ପଡ଼ି ଜଳଭାଗେ
ମହା ଗର୍ଜନ କରିଣ ଉଠି ବଡ଼ ବେଗେ ।
ଧାମଇଁ ଦଇତ୍ୟ କ୍ରୋଧେ ହୋଇ ବେନି ମୂର୍ତ୍ତି
ବେଗେ ଆକର୍ଷିଲା ବିଷ୍ଣୁଙ୍କର ବେନି କତି ।
କୋପେ ତହୁଁ ନାରାୟଣ ଦୈତ୍ୟ କେଶ ଧରି
ଆକର୍ଷିଣ ବୁଲାଇଲେ ଚକ୍ରଗତି କରି ।
ନଟୁ ପ୍ରାୟେକ କରିଣ ବୁଲାଇଲେ ବେଗେ
ମଧୁକୈଟଭ ଧଇଲେ ତହୁଁ ଏକ ଅଙ୍ଗେ ।
ମହାର୍ଣ୍ଣବେ ଦାନବ ଯେ ବିକ୍ରମ ମୂରତି
ଲୋହିତ ବରଣ ଦେହ ପିଙ୍ଗଳ ଯେ ଜ୍ୟୋତି ।
ଟହ ଟହ ହସ ଗହ ଗହ ଘୋର ବାଣୀ
ବିଷ୍ଣୁଙ୍କୁ ବଜ୍ରମୁଥେକ ପ୍ରହାରିଲା ଆଣି ।
ଦାନବର ମୁଥ ବଞ୍ଚାଇଣ ଦଇତ୍ୟାରି
ବଦନକୁ ଚାପୁଡ଼େ ଯେ ପଦ୍ମକରେ ମାରି ।
ବିଷ୍ଣୁ ପ୍ରହାରେ ଦାନବ ହେଲା ମୂରୁଛିତ
ହୁଙ୍କାର ଭାବରେ ପୁଣି ଉଠିଲା ତୁରିତ ।
ଧଇଲା ସେ ନାରାୟଣ ଭୁଜ ଅତି ବେଗେ
ଘୋର ନାଦ କରି ଟଣାଟଣି କଲା ରଙ୍ଗେ ।
କେବେହେଁ ଆସନରୁ ସେ ନ ପାରିଲା ଟାଳି
ନିର୍ବନ୍ଧେ ଭୁଜ ଧରିଣ ଅଛି ମହାବଳୀ ।
ନାରାୟଣ ନିଜ ଭୁଜ ଛିଞ୍ଚାଡ଼ି ପକାନ୍ତେ
ଦାନବ କରରୁ ଛାଡ଼େ ନାହିଁ କଦାଚିତେ ।
ଶୂନ୍ୟପୁରରେ ରହିଣ ଦାନବ ଶ୍ରୀହରି
ଲାଗିଲେକ ବହୁ ଯୁଦ୍ଧ ଯେହ୍ନେ ମତ୍ତକରୀ ।
ଅଟନ୍ତି ସେ ଅପ୍ରମିତ ବଳି ବେନିଜନେ
ଅବିଶ୍ରାମ ଯୁଦ୍ଧ କଲେ ନିଶାଖା ଗଗନେ ।
ପିତା ପୁତ୍ରଙ୍କର ହେଲା ଯୁଦ୍ଧ ଅପ୍ରମିତ
ସଂକ୍ଷେପି କହନ୍ତେ ତାହା ନୁହଇ ତଦନ୍ତ ।
ପାଞ୍ଚ ସହସ୍ର ବରଷ ପରିଯନ୍ତେ ରଣ
ମଧୁ ଦଇତ୍ୟର ତୁଳେ କଲେ ନାରାୟଣ ।
କେହି କାହାକୁ ସମରେ ନ ପାରିଲେ ଜିଣି
ଆୟୁଧ ବିହାନେ ଦୁହେଁ ଯୁଦ୍ଧ କଲେ ପୁଣି ।
ବିଚିତ୍ର ସମର କଲେ ଅପୂର୍ବ ବିନ୍ଧାଣ
ଅବିଶ୍ରାମରେ ହୋଇଲା ଦୁରାପଦ ରଣ ।
ଜଳ ଭିତରେ ହେଉଛି ଦୁଃସହ ସମର
ଶୁଣନ୍ତେ ଦୁର୍ଲଭ କହନ୍ତେ ସେ ଅଗୋଚର ।
କୋଳାହଳ ଧ୍ୱନିରେ ଯେ ଅନ୍ତରୀକ୍ଷ ପରେ
ଧ୍ୱନି ସମ୍ଭାଉଛି ଯାଇ ମହାଶୂନ୍ୟ ପରେ ।
ଏମନ୍ତ ସମର କଲେ ଦୈତ୍ୟ ଚକ୍ରପାଣି
କେବେହେଁ ସେ ଦାନବକୁ ନ ପାରିଲେ ଜିଣି ।
ନାରାୟଣଙ୍କ ଶ୍ରମ ଯେ ଜାଣିଲେ ବିଧାତା
ଜଳପୁରେ ଥାଇ କଲେ ମାତାଙ୍କୁ ସେ ଚିନ୍ତା ।
ସେ ମହା ଦାନବ ଭୟେ ଗୋପନରେ ଥାଇ
ଆଦିନାରୀଙ୍କୁ ଧ୍ୟାନରେ ସୁମରିଲେ ବିହି ।
ଜୟ ତୁ ତ୍ରିପୁରା ମାଗୋ ଅନାଦି ମୁକତି
ଅନ୍ନପୂର୍ଣ୍ଣା ଆଦିମାତା ତ୍ରୈଲୋକ୍ୟ ଧରିତ୍ରୀ ।
ଶୂନ୍ୟରୁ ସମ୍ଭୂତା ମାଗୋ ଜଗତ ଜନନୀ
ପ୍ରଳୟ କାରେଣୀ ମାଗୋ ବ୍ରହ୍ମା ନିରଞ୍ଜନୀ ।

Digitized by srujanika@gmail.com

ତ୍ରିସନ୍ଧ୍ୟା ମୋହିନୀ ତ୍ରିଭୁବନ ବିଶ୍ୱରୂପା
ପଞ୍ଚମ ତତ୍ତ୍ୱଜ୍ଞାନୀ ଯେ ଅବନା ଅଜପା ।
ଉପାୟରେ ଆତଯାତ କରୁ ତୁ ମେଦିନୀ
ସକଳ କାଳେ ଓଁକାର ଅଙ୍ଗେ ଥାଉ ଘେନି ।
ଅନାଦି ଭବାନୀ ମାଗୋ ପ୍ରସନ୍ନେ ସୁଦେହୀ
ତୁ ସର୍ବ ସଞ୍ଚିଲୁ ତୋତେ ନ ସଞ୍ଚିଲା କେହି ।
ତୁ ଆଦି ଅନ୍ତକାରେଣୀ ଅଟୁ କୃପାଅଙ୍ଗୀ
ଦୁଃସହ ଦୈତୀକୁ ମାଗୋ ତୁହି ପାରୁ ଭାଙ୍ଗି ।
ଜଗତବନ୍ଦିନୀ ଦେବୀ ଜଗତର ଶିରୀ
ତୁହି ସେ ସକଳ ମାତା ଶ୍ରୀମତୀ ସୁନ୍ଦରୀ ।
ତୁହି ସର୍ବଭୂତା ମାଗୋ ସକଳ ସମ୍ପଦ
ଶ୍ରୀମନ୍ତ ଲୋକମାନେ ଯେ ସେବନ୍ତି ତୋ ପାଦ
ତୁହି ସାଧୁମାନଙ୍କର ଅଟୁ ଶିର ଦାତା
ମହାଭୟ ବିନାଶିନୀ ସୁଗତି ଦିଅନ୍ତା ।
ତୁହି ମହାମାୟା ମହାଦେବୀ ମହାବୁଦ୍ଧି
ତୋତେ ଯେ ସ୍ମରଣ କଲେ ସର୍ବ କାର୍ଯ୍ୟସିଦ୍ଧି ।
ତୁହି ଯେ ମହୀପାଳିନୀ ବୋଲାଉ ଜଗତେ
ମହାଭୟେ ପ୍ରାଣୀମାନେ ସୁମରନ୍ତି ତୋତେ ।
ତୁହି ମାଗୋ ମହାଭୟ ନାଶୁ ପ୍ରାଣୀଙ୍କର
ଦୁଷ୍ଟ ନିବାରିଣୀ ସର୍ବଜନଙ୍କ ସୋଦର ।
ସକଳ କାଳରେ ତୁହି ଜନ ଉଦ୍ଧାରିଣୀ
ତୁ ଏଥକୁ ସାହା ପକ୍ଷ ହୁଅ ଗୋସାମଣି ।
ତୁହି ସାହା ନୋହିଲେ ନ ମରଇ ଅସୁର
ଭୋ ଦେବୀ ଏଥକୁ ବାରେ ପ୍ରତିକାର କର ।
ଏମନ୍ତେ ବହୁତ ସ୍ତୁତି କଲେ ଦଇବତ
ମହାଶୂନ୍ୟ ଭେଦି ବିଜେ ଜଗତର ମାତ ।
ଦିବ୍ୟ ରୂପକୁ ଧରିଣ ତ୍ରିପୁରା ସୁନ୍ଦରୀ
ନାରାୟଣ ପାରୁଶରେ ବିଜେ ଶାକମ୍ଭରୀ ।
ମହାମାୟାଙ୍କର ରୂପ ଦେଖିଣ ଦଇତ୍ୟ
ସମର ଉପେକ୍ଷି ତହିଁ ହେଲା ସ୍ତମ୍ଭୀଭୂତ ।
ମୋହିଲେ ଦାନବ ମନ ସେହି ଆଦିନାରୀ
କୋମଳ ବାକ୍ୟେ ତାହାକୁ ବଚନ ପଚାରି ।
କିହୋ ମହାବୀର ତୁହି କିମ୍ପା ଯୁଦ୍ଧ କରୁ
ମୂର୍ଖ ବୁଦ୍ଧି ଆଚରିଣ ଶ୍ରମ ପାଇ ମରୁ ।
ଏହି ସେ ନାରାୟଣ ଯେ ଅକ୍ଷୟ ପଦାର୍ଥ
ଏହାଙ୍କୁ ଜିଣିବାକୁ ତୁ ନୋହୁ ସାମରଥ ।
ବିନା କାର୍ଯ୍ୟେ କାହିଁ ପାଇଁ ପାଉଅଛୁ ଦୁଃଖ
ଆମ୍ଭ ବୋଲ କରି ଏବେ ସମର ଉପେକ୍ଷ ।
ଦନୁଜ ବୋଇଲା ଆଗୋ ଶୁଣ ଆଦିନାରୀ
ମୋତେ ଯେବେ ନିଷ୍ଟେ ତୁହି ଆସିଛୁ ତିଆରି ।
ତୋହର ବଚନେ ମୁଁ ଯେ ତେଜିବି ସମର
ଏଣୁ କିସ କାର୍ଯ୍ୟ ତେବେ ତୋହର ମୋହର ।
ତୁହି ଯଦ୍ୟପି ମୋହର ହୋଇବୁ ଭାରିଯା
ତେବେ ମୁହିଁ ସମରକୁ କରିବଇଁ ତେଜ୍ୟା ।
ଏହି କଥାଟି ମୋହର ଅଟେ ସତ୍ୟବାଣୀ
ବୋଲନ୍ତି ଦାନବ ବାକ୍ୟ ଶୁଣି ଗୋସାମଣି ।
ତୁହି ଆହେ ମହାବୀର ବାଞ୍ଛାକଲୁ ଯାହା
ନିଶ୍ଚୟ ସେ ପରାହତ ହେବ ତୋତେ ତାହା ।
ମୁହିଁ ଯଦ୍ୟପି ଘରଣୀ ହୋଇବି ତୋହର
ତୁହି ପୁଣି କିସ ମୋତେ ଦେବୁ ଉପହାର ।
ଦାନବ ବୋଇଲା ଯାହା ମାଗିବୁ ତୁ ମୋତେ
ସତ୍ୟ କରୁଛି ନିଶ୍ଚୟ ତାହା ଦେବି ତୋତେ ।
ମାଗ ମାଗ ସୁନ୍ଦରୀ ଗୋ ଯାହା ତୋର ଇଚ୍ଛା
ଏକ୍ଷଣି ପୂର୍ଣ୍ଣ କରିବି ତୋର ମନୋବାଞ୍ଛା ।
ଏହି କଥା ସତ୍ୟ ସତ୍ୟ ଅଟଇ ମୋହର
ଏତେ ବୋଲେ ଶିର ଝୁଣି କହେ ମହାବୀର ।
ଆଦିନାରୀ ବୋଲେ ସତ୍ୟ ଯେବେ ତୋର ବାଣୀ
ମାଗୁଅଛି ଯାହା ତାହା ଦେବୁ ଏହିକ୍ଷଣି ।
ଶୁଣ ଆରେ ମହାବୀର କହୁଅଛି ତୋତେ
ଏ ତୋର ଶିର କମଳ କାଟିଦେବୁ ମୋତେ ।
ଶୁଣିକରି ମଧୁଦୈତ୍ୟ ହେଲା ସ୍ତମ୍ଭୀଭୂତ
ବୋଇଲା ସେ ଯାହା ମୁହିଁ କରିଅଛି ସତ୍ୟ ।
ଦେବି ଏ ଶିର କମଳ କାଟି ତୁହି ଘେନ
ଆବର ସୁନ୍ଦରୀ ଶୁଣ ମୋହର ବଚନ ।
ଏ ତୋର ଜଘନେ ମୋତେ ଆସନ ଯେ ଦିଅ
ତଦନ୍ତେ ମୋହର ଶିର କାଟିକରି ନିଅ ।
ଶୁଣିଣ ଜଗତଧାତ୍ରୀ ବିଜୟ ଆସନେ
ଦନୁଜକୁ ବୋଇଲେ ରେ ବସ ମୋ ଜଘନେ ।
ଏଥୁ ଅନନ୍ତରେ ନାରାୟଣ ଚକ୍ରପାଣି
ଚକ୍ରକୁ ଯେ ସୁମରଣା କଲେ ତତକ୍ଷଣି ।
ତକ୍ଷଣେ ଚକ୍ର ଆସିଣ ହେଲା ଉପଗତ
ଦକ୍ଷିଣ କରେ ଘେନିଲେ ତାହା ଜଗନ୍ନାଥ ।
ଦେବୀଙ୍କ ଅଙ୍ଗେ ଦଇତ୍ୟ ବସନ୍ତେଣ ଯାଇ
ତତକ୍ଷଣେ ଅନ୍ତର୍ଦ୍ଧାନ ହେଲେ ମହାମାୟୀ ।
ମାୟାରେ ସ୍ଥାପିଲେ ଏକ ଧବଳ ଶଇଳ
ମଧୁଦୈତ୍ୟ ବସିଲା ସେ ଗିରିର ଉପର ।
ସୁଦର୍ଶନ ଚକ୍ର ପେଶିଦେଲେ ଦେବରାୟ
ବେନିଖଣ୍ଡ ହୋଇ ଛିଡ଼ିଗଲା ଦୈତ୍ୟ କାୟ ।
ତତକ୍ଷଣେ ଗିରିମାତା ହେଲେ ଅନ୍ତର୍ଦ୍ଧାନ
ଏଥୁ ଅନନ୍ତରେ କଥା ଶୁଣ ହେ ରାଜନ ।

Digitized by srujanika@gmail.com

ମଧୁକଇଟଭ ପ୍ରାଣ ଛାଡ଼ିଣ ପାର୍ଥିବ
ଗଗନ ପଥରେ ଚଳି ଯାଉଅଛି ଜୀବ ।
ଜଗନ୍ନାଥ ତାହା ନେଇ ପଦ୍ମକରେ ଧରି
ମୁଖକୁ ବିସ୍ତାର କରି ଗର୍ଭେ ନେଇ ଭରି ।
ଏ ରୂପେ ମଧୁକୈଟଭ ହୋଇଲା ନିଧନ
ଗୀତରେ କହିଲେ ଏହା ମହାଦେବ ହୀନ ।

-x-

ମେଦିନୀ ନିର୍ମାଣ ଓ ଅକ୍ଷୟଶିଳା ବିଷୟ ବର୍ଣ୍ଣନ

ରହିଲା ଯେ ମଧୁଦୈତ୍ୟ ଆତ୍ମା ପ୍ରଭୁ ଅଙ୍ଗେ
ଏଥୁ ଅନନ୍ତରେ ଶୁଣିବାକ ଦିବ୍ୟ ରଙ୍ଗେ ।
ଦାନବ ରଡ଼ି ଶୁଭିଲା ମହା ଉଗ୍ର ହୋଇ
ହର ବ୍ରହ୍ମା ରହିଥିଲେ ଜୟପୁରେ ଯାଇ ।
ମନରେ ବିଚାର କଲେ ଦୈତ୍ୟ ଗଲା କ୍ଷୟ
ନାରାୟଣ ଯୋଗେ ପୁଣି ମାତାଙ୍କ ଉପାୟ ।
ଏବେ ଜାଣ ସଞ୍ଚାରଣ ହେବ ବସୁମତି
ଏତେ ବୋଲିଣ ଆସନ୍ତି ଦୁହେଁ ଶୀଘ୍ର ଗତି ।
ଦନୁଜକୁ ନାରାୟଣ ସ୍ୱାମୀ କରି ନାଶ
ତାର ମୃତପିଣ୍ଡ କରେ ଧରି ହୃଷିକେଶ ।
ବିଶ୍ୱରୂପ ଧରି ତହିଁ ପ୍ରଭୁ ଦେବରାୟ
କରତଳେ ମର୍ଦ୍ଦିଲେ ସେ ଦାନବର କାୟ ।
ଅସ୍ଥି ଚର୍ମ ରୁଧିର ଯେ ମାଂସ ସହିତ
ମର୍ଦ୍ଦିଲେ ବାହୁରେ କୁମ୍ଭକାର ମାଟିବତ ।
ମଣ୍ଡଳାକାରରେ କରତଳେ ତା ବିରଚି
ଅଗାଧ ଜଳେ ତାହାକୁ ରଖିଲେକ ସଞ୍ଚି ।
ଦାନବ ମେଦମେଦାରେ ମେଦିନୀ କରିଣ
ତଥିପରେ ବିଜେକଲେ ଦେବ ନାରାୟଣ ।
ଏ ଅନ୍ତେ ମିଳିଲେ ଆସି ବିଧାତା ଈଶ୍ୱର
ଦେଖିଣ ଅତି ଆନନ୍ଦ ହୋଇଲେ ମନର ।
ଗଗନେ ଉଦୟ ଆସି ହେଲେ ଦିନମଣି
ତାହାଙ୍କର ତେଜ ଲାଗି ଶୁଖିଲା ଧରଣୀ ।
ମେଦିନୀ ଉପରେ ତହିଁ ବ୍ରହ୍ମା ବିଷ୍ଣୁ ହର
ଗମନ କରନ୍ତେ ସେହୁ ହୋଇଲା ଅସ୍ଥିର ।
ନାବ ପରାୟ ହୋଇ ଭାସିଲାକ ଜଳେ
ଚକ୍ର ପ୍ରାୟେକ ହୋଇ ସେ ବୁଲେ ଅନ୍ତରାଳେ ।
ତାହା ଦେଖିଣ ବିଧାତା ମନରେ ବିଖଣ୍ଡ
ମେଦିନୀ ମଧ୍ୟରେ ନେଇ ପୋତିଲେ ତ୍ରିଦଣ୍ଡ ।
ଧନ୍ୟ ସେହି ତ୍ରିଦଣ୍ଡ ଯେ ଅମୂଲ୍ୟ ସୁବର୍ଣ୍ଣ
ବିଧାତାର ମନରୁ ଯେ ହେଲା ଉତପନ୍ନ ।

ତହିଁର ମହିମା ଶୁଣ ଆହେ ମହୀପତି
ଷାଠି ସହସ୍ର ଯୋଜନ ତାର ଚଉକତି ।
ଲକ୍ଷେକ ଯୋଜନ ସେ ବହନ ଫୁଟିକଲା
ଅଷ୍ଟବିଂଶ ଯୋଜନ ଯେ ତଳେ ନିକିଳିଲା ।
ଅକ୍ଷୟ ଶିଳା ଉପରେ ବିଜେ କଲେ ଯାଇ
ବିଶ୍ୱରୂପ ଧରି ସେହୁ ଧଇଲାକ ମହୀ ।
ପାଞ୍ଚଲକ୍ଷ ଯୋଜନ ସେ ଉପରେ ରହିଲା
ଏମନ୍ତ ପ୍ରକାରେ ସେହୁ ମେଦିନୀ ଧରିଲା ।
ଯହୁଁ ଧଇଲା ଅଶେଷ ଭାରାଭର ସେହି
ମେରୁ ବୋଲିଣ ତାହାର ନାମ ଦେଲେ ବିହି ।
ମଧୁକଇଟଭର ସେ ଅଟଇ ଶରୀର
ହୃଦୟ ମେଦିନୀ ତାର ଶିର ସ୍ୱର୍ଗପୁର ।
ଏ ବଚନ ଶୁଣି ସେହୁ ସୁରଥ ନୃବର
ମାରକଣ୍ଡକୁ ପୁଛିଲେ ଯୋଡ଼ି ବେନିକର ।
କହ ହେ ମୁନି ଅକ୍ଷୟଶିଳାର ଯେଁ ଭୀତି
କେମନ୍ତେ ସେ ଉପୁଜିଲେ କାହିଁରୁ ଉତ୍ପତ୍ତି ।
ପ୍ରଳୟ କାଳରେ ସେହୁ କେମନ୍ତ ରହିଲା
ସମସ୍ତେ ନାଶଗଲେ ସେ କିମ୍ପାଇ ନ ଗଲା ।
ରହିଲା ସେ ତଳପୁରେ କେମନ୍ତ ପ୍ରକାରେ
କେମନ୍ତେ ରହିଲା ମେରୁ ତହିଁର ଉପରେ ।
ଏ କଥା ସଂକ୍ଷେପି ମୋତେ କହ ମୁନି ବାରେ
ଯଦ୍ୟପି ତୋହର କୃପା ଅଛି ମୋହଠାରେ ।
ରାଜାର ଭକତି ଦେଖି ତୋଷ ମହାମୁନି
ଅକ୍ଷୟଶିଳା ପ୍ରସ୍ତାବ କହନ୍ତି ସୁଜ୍ଞାନୀ ।
ଶୁଣ ତୁ ହୋ ମହାରାଜା ପରମ ପଣ୍ଡିତ
ଅକ୍ଷୟଶିଳା ବୋଲିଣ ଯେଉଁ ପରବତ ।
ପ୍ରତ୍ୟକ୍ଷେ ବିଷ୍ଣୁ ଅକ୍ଷୟ ଅଟେ ତାର ଦେହୀ
ସପତପୁର ଅନ୍ତରେ ଗୁପ୍ତେ ଛନ୍ତି ରହି ।
ପାଷାଣ ଅଙ୍ଗ ଧରିଣ ରହିଛନ୍ତି ତଳେ
ଅଶେଷ ଭାରାଭରକୁ ଧରିଛନ୍ତି ହେଳେ ।
ସର୍ବଦା କାଳରେ ସେହୁ ଅକ୍ଷୟ ଶରୀର
ଅନନ୍ତ କୋଟି କଳ୍ପେ ସେ ନୁହଇ ଅନ୍ତର ।
ନାରାୟଣ ପୁରୁଷ ନିର୍ଗୁଣେ ପୂର୍ଣ୍ଣଦେହୀ
ଭେଦାଭେଦ ହାଦେ କିଛି ତହିଁରେ ଯେ ନାହିଁ
କେତେ ବଳ ବହଇ ସେ କେତେ ଦୃଢ଼ସ୍ଥଳୀ
ଏ କଥାଗୋଟି କେହି ଯେ ନ ପାରନ୍ତି କଳି ।
ମୁଗୁନି ପଥରଗିରି ଅତି ସୁନିର୍ମଳ
ତଥିପରେ ଥାଇ ଯେ କାରୁଣ୍ୟ ମହାଜଳ ।
ବ୍ରହ୍ମା ନିଦ୍ରାଗଲେ ସେହୁ ଘୋଟଇ ଗଗନେ
ତେବେ ସେ ନାଶ ହୁଅନ୍ତି ସର୍ବ ସୁରଜନେ ।

Digitized by srujanika@gmail.com

ଅନେକ ବାର ମେଦିନୀ ହେଲା ହତ ଜାତ
ଅକ୍ଷୟଶିଳା ପାଷାଣ ସର୍ବକାଳେ ସ୍ଥିତ ।
ତଥିତଳେ କିସ ଅଛି ନ ଜାଣନ୍ତି କେହି
ନାରାୟଣ ମାୟା ଅଗୋଚର ଯେ ଅଟଇ ।
ତହି ଯଣୁ ପୁଚ୍ଛାକଲୁ ସେ ଶିଳାର ବାଣୀ
ପ୍ରତ୍ୟକ୍ଷେ ସେ ବିଷ୍ଣୁ ଅଙ୍ଗ ବୁଝ ପରିମାଣି ।
ସେ ଶିଳା ଉପରେ ଯାଇ ବିଶ୍ରାମଇ ମେରୁ
ମେରୁ ଉପରେ ଯେ ରହିଅଛି ସର୍ବଗୁରୁ ।
ଅକ୍ଷୟଶିଳା ଗୋଟିକ ଅକ୍ଷୟ ଯେ ସ୍ଥାନ
ସେଠାରୁ ଜାତ ହୋଇଛି ସର୍ବ ପୁରମାନ ।
ଏଥୁ ଅନନ୍ତରେ ଶୁଣ ଆହେ ନରପତି
ନାରାୟଣ ସ୍ୱାମୀ ଯହୁଁ ସୃଜିଲେକ କ୍ଷିତି ।
ନିଶ୍ଚଳ ଅର୍ଥେ ପୋତିଲେ ବିଧାନ ତ୍ରିଦଣ୍ଡ
ତଥାପି ସ୍ଥିର ନୋହିଲେ ତହୁଁ ସେ ବ୍ରହ୍ମାଣ୍ଡ ।
ମେରୁର ଚାରିକତି ଯେ ବୁଲଇ ଚକ୍ରପାଣି
ତାହା ଦେଖିଣ ବିମନ ହେଲେ ଚକ୍ରପାଣି ।
ଆପଣା ଅଙ୍ଗରୁ ଉପାଡ଼ିଲେ ଅଷ୍ଟ ରୋମ
ଅଷ୍ଟ କୋଣେ ପୋତିଲେ ସେ କରି ଅତି ଶ୍ରମ
ସେହି ଅଷ୍ଟରୋମ ଜାଣ ହେଲା ଅଷ୍ଟଗିରି
ତାହାଙ୍କର ନାମ ତୁହି ଶୁଣ ଦଣ୍ଡଧାରୀ ।
ପୂର୍ବେ ଉଦେଗିରି ନୀଳଗିରି ଅଗ୍ନିକୋଣେ
ମନ୍ଦଗିରି ନାମ ଯେ ବିହିଲେ ଦକ୍ଷିଣେ ।
ନୈଋତ କୋଣେ ଅଛଇ ବିନ୍ଧ୍ୟ ପରବତ
ପଶ୍ଚିମରେ ଅସ୍ତାଚଳ ତାଙ୍କ ନାମ ଶ୍ୱେତ ।
ରହିଲା ମନ୍ଦର ନାମେ ଗିରି ବାୟୁ କୋଣେ
ଉତ୍ତରରେ ହିମବନ୍ତ କୈଳାସ ଈଶାନେ ।
ଏ ବିଧିରେ ଅଷ୍ଟକୋଣ ଅଷ୍ଟଗିରି ସ୍ଥିତି
ବିଷ୍ଣୁର ତେଜ ଘେନି ସେ ଆବୋରିଲେ କ୍ଷିତି
ତଥାପି ମେଦିନୀ ପୁଣି ହୋଇଲା ଅସ୍ଥିର
ତହିଁକି ଉପାୟ ପୁଣି ସୃଜିଲେ ଈଶ୍ୱର ।
ଅଷ୍ଟାଙ୍ଗ ଯୋଗେ ମାତାଙ୍କୁ ବସି ଧ୍ୟାନ କଲେ
ତତ୍‌କ୍ଷଣେ ଅଷ୍ଟଚଣ୍ଡିକା ଉତ୍ପନ୍ନ ହୋଇଲେ ।
ଏ ଅଷ୍ଟଚଣ୍ଡୀଙ୍କୁ ଧାତା ବହୁ ପୂଜାକରି
ସ୍ଥାପିଲେ ସେ ଅଷ୍ଟଗିରି ଶିଖେ କୁଶଧାରୀ ।
ସେ ଦେବୀମାନେ ଗିରିକି ବସିଲେକ ମାଡ଼ି
ପୂର୍ବେ ବ୍ରାହ୍ମଣୀ ରହିଲେ ଶ୍ୱେତହଂସ ଚଢ଼ି ।
ଅଗ୍ନି କୋଣ ପର୍ବତରେ ଦେବୀ ହେ କୌମାରୀ
ମୟୂର ବାହନେ ରହିଲେକ ନୀଳଗିରି ।
ଦକ୍ଷିଣ ଦିଗ ମନ୍ଦର ଗିରି ଶିଖ ସ୍ଥାନେ
ବାରାହୀ ରୂପରେ ବିଜେ କେଶରୀ ବାହନେ ।
ନଇଋତ କୋଣରେ ଯେ ବିନ୍ଧ୍ୟଗିରି ମାଡ଼ି
ବିଜେ କଲେ ନାରାୟଣୀ ଖଗବର ଚଢ଼ି ।
ପଶ୍ଚିମ ଦିଗ ଭାଗରେ ଶ୍ୱେତଗିରି ଶିରେ
ବିଜେ କଲେକ ଇନ୍ଦ୍ରାଣୀ ଖଗ ଆସନରେ ।
ବାୟବ୍ୟ କୋଣେ ମନ୍ଦର ପର୍ବତ ଯେ ସ୍ଥିତି
ନର ବାହନେ ବିଜୟ ଚାମୁଣ୍ଡା ମୂରତି ।
ଉତ୍ତରଦିଗେ ସ୍ଥିତ ଯେ ହିମବନ୍ତ ଗିରି
ବୃଷର ବାହନେ ବିଜେକଲେ ମାହେଶ୍ୱରୀ ।
ଅଇଶାନ୍ୟ କୋଣରେ ଯେ କଇଳାସ ସ୍ଥାନେ
ବିଜେ କଲେ ଆଦିଲକ୍ଷ୍ମୀ ମକର ବାହନେ ।
ଏ ବିଧି ଅଷ୍ଟକୋଣେ ଯେ ଅଷ୍ଟଚଣ୍ଡୀ ସ୍ଥିତି
ସ୍ଥାପିଲେକ ଯଜ୍ଞମୂର୍ତ୍ତି କରି ବେଦପତି ।
ବସନ୍ତେ ଯେ ଗିରିବର ମାଡ଼ି ଅଷ୍ଟଚଣ୍ଡୀ
ନିଶ୍ଚଳ ହୋଇଲା ତେବେ ଯାଇ ମହୀଖଣ୍ଡି ।
ତଦନ୍ତରେ ହର ନାରାୟଣ ପଦ୍ମଯୋନି
ମେରୁଗିରି ଶିଖରେ ଯେ ବିଜେ କଲେ ତିନି ।
ଯେବଣ ଠାବରେ ଯାଇ ହୋଇଲେ ସେ ଉଭା
ସେହି ସ୍ଥାନରେ ସୁଧର୍ମା ନାମେ ହେଲା ସଭା ।
ଅଦ୍‌ଭୁତ ସେହି ସଭା ହୋଇଣ ଘଟଣ
ସୃଷ୍ଟି ଦେବତାଏ ତହିଁ କଲେ ବିହରଣ ।
ସେ ପର୍ବତ ପୁଣ୍ୟସ୍ଥାନେ ମଣ୍ଡପରେ ବସି
ବ୍ରହ୍ମାଙ୍କ ମୁଖକୁ ଚାହିଁ ହୃଷିକେଶ ଭାଷି ।
ଅସୁର ମେଦମେଦାରେ ହେଲା ତ ଧରଣୀ
ଜୀବଜନ୍ତୁମାନେ ଏବେ ରଖାଅ ଯେ ଆଣି ।
ଏ ବଚନ ଶୁଣିକରି କହିଲେ ଦଇବ
ଯେବଣ ପୃଥ୍ୱୀ ସୃଜିଲ ତୁମ୍ଭେ ବାସୁଦେବ ।
ମେଦମେଦା ମରଦିଶ ପୃଥ୍ୱୀ କରି ସ୍ଥିତ
ସ୍ୱରୂପରେ ପରକାଶ ଏଥି ଆଦିମାତ ।
ତେଣୁକରି ଶୁଦ୍ଧ ହୋଇଲାକ ଏ ମେଦିନୀ
ବସୁଧା ହୋଇଲା ଏହି ଦେବୀ ସଖା ଘେନି ।
ଏଥି ଉପରେ ହୋଇବ ବହୁତ ଯେ ବିଧି
ନବଖଣ୍ଡ ମେଦିନୀ ଯେ ସପ୍ତ ବାରାନିଧି ।
ବନଗିରି କନ୍ଦର ଯେ ଉଚ୍ଚ ସଞ୍ଚ ସ୍ଥାନ
ନାନାଦି ଜୀବଜନ୍ତୁ ଏ ଆନ ଆନ ବର୍ଣ୍ଣ ।
ଅନେକ ପୁର ଯେ ଏଥି ହୋଇବ ରଚନ
ବିବିଧ ପ୍ରକାରେ ପୁଣି ଦିଶିବ ଶୋଭନ ।
ଅନେକ ଅବତାର ଯେ ହେବ ତୁମ୍ଭେ ଏଥି
ତେବେ ସେ ଭାରା ଖଣ୍ଡନ ହୋଇବାକ ପୃଥ୍ୱୀ ।
ଏ ମଞ୍ଚଭୁବନ ଗୋଟି ଅଟେ ମୂଳସ୍ଥାନ
ଏ ପ୍ରତି ତୁଲେ ହୋଇବ ଚଉଦ ଭୁବନ ।

Digitized by srujanika@gmail.com

ଚଉଦ ଭୁବନ ଲୋକେ ସମ୍ପୂର୍ଣ୍ଣ ହୋଇବ
ତେବେ ସେ ବିଷ୍ଣୁ ରଚନା ସୁନ୍ଦର ଦିଶିବ ।
ଏତେକ ଭିଆଇବେ ଯେ ଦଇବ ପୁରୁଷ
ଆମ୍ଭର ଦେହରୁ ଯେହ୍ନେ ହେବ ପରକାଶ ।
ନାରାୟଣ ବୋଇଲେକ ବେଗେ ଜାତ କର
ବିଷ୍ଣୁଙ୍କର ଚରାଚର ଜୀବ ଖେଳଘର ।
ଏହିପରି ବସୁମତୀ ନିର୍ମାଣ କରିଲେ
ମହାଦେବ ଦାସ ତାହା ଗୀତରେ କହିଲେ ।

-x-

ଦକ୍ଷ ପ୍ରଜାପତିଙ୍କ ଜନ୍ମ

ବିଧାତା ପୁରୁଷ ତହୁଁ ବିଷ୍ଣୁର ବଚନେ
ନିରାକାର ରୂପ ଚିନ୍ତା କଲେ ଏକଧ୍ୟାନେ ।
ଧ୍ୟାନେ ବସି ଚିନ୍ତାକରୁ କରୁ ଦିବ୍ୟଜ୍ୟୋତି
ନିଜ ଅଙ୍ଗରୁ ପୁରୁଷ କଲେ ଉତପତ୍ତି ।
ଅପୂର୍ବ ପୁରୁଷ ତାର ଦେହେ ଦିବ୍ୟଶୋଭା
ପଟାନ୍ତର ନାହିଁ ସେହୁ ନିରଞ୍ଜନ ପ୍ରଭା ।
ଦ୍ୱିତୀୟ ବେଦବରଙ୍କ ପ୍ରାୟେ ତାର ମୂର୍ତ୍ତି
ସକଳ ରୂପ ଘେନିଣ ବ୍ରହ୍ମା ଉତପତ୍ତି ।
ବିବେକ ଗୁଣବନ୍ତ ସେ ସୁବୁଦ୍ଧି ପଣ୍ଡିତ
ଧାର୍ମିକ ଶଉର୍ଯ୍ୟବନ୍ତ ଧୀର ଶାନ୍ତ ଚିତ୍ତ ।
ରୂପେ ରୂପବନ୍ତ ପୁଣି ବିଦ୍ୟାରେ କୁଶଳ
କ୍ଷତ୍ରିୟ ଗୁଣନିଧି ସେ ସୁଜ୍ଞାନୀ ସୁଶୀଳ ।
ଦୟାବନ୍ତ ତେଜୋବନ୍ତ ସମର୍ଥ ପ୍ରତାପୀ
ଶୂରବନ୍ତ ସତ୍ୟାଚାର ବଳିଷ୍ଠ ନିଷ୍ପାପୀ ।
ସାଧକ ଦକ୍ଷକେ ଗୁଣେ କରତା ଅନ୍ତକ
ପୂର୍ଣ୍ଣ ହୋଇଅଛି ପୁଣି ଲକ୍ଷଣ ଅନେକ ।
ଏମନ୍ତ ବହୁତ ପୁଣି ଘେନି ଅବତାର
ଦେଖି ପ୍ରଶଂସିଲେ ତାଙ୍କୁ ବ୍ରହ୍ମା ବିଷ୍ଣୁ ହର ।
କୁମର ରୂପ ଦେଖିଣ ବିଧାତା ଆନନ୍ଦ
ଦକ୍ଷ ବୋଲିକରି ତାଙ୍କ ନାମ ଦେଲେ ତାତ ।
କୋଳେ ଧରିଣ ତାହାଙ୍କୁ ବହୁତ ତିଆରି
ଚାରିବେଦ ଅର୍ଥ କହିଦେଲେ ବ୍ୟକ୍ତ କରି ।
ଷଡ଼ଶାସ୍ତ୍ର ସହିତରେ ଅଠର ପୁରାଣ
ବତିଶ ସ୍ମୃତି ଯେ ପୁଣି ନବ ବ୍ୟାକରଣ ।
ବିଷ୍ଣୁର ସହସ୍ରନାମ ଅବତାର ଲୀଳା
କବଚ ଅପରାଜିତା ଚଣ୍ଡୀ ମହାଖଳା ।
ନବନାଟକ ଆଦି ଶ୍ରୀହରି ବିଦ୍ୟମାନ
ଅଷ୍ଟାଙ୍ଗ ଯୋଗର ବିଧି ଚଉରାଶୀ ଜ୍ଞାନ ।
ମନ ସଞ୍ଜମନ ପୁଣି ସାଧନ ଆସନ
ଏମନ୍ତ ପ୍ରକାରେ ଯେତେ ଶାସ୍ତ୍ରଜ୍ଞାନମାନ ।
ଧ୍ୟାନ ଧାରଣା ନ୍ୟାସ ସେ ନ୍ୟାୟ ନିତ୍ୟାଚାର
ପୂଜା ବୈଶ୍ୱଦେବ ଆଦି ଯାବତ ବେଭାର ।
ଦାନ ଧ୍ୟାନ ବ୍ରତ ପୁଣି ଭବିଷ୍ୟ ଆଗତ
ଛତିଶ ବ୍ରତର ପରେ ପାର୍ବଣ ଯାବତ ।
ଔଷଧ ଯନ୍ତ୍ର ମନ୍ତ୍ର ଯେ ଠୁଣିକା ପ୍ରସନ୍ନ
କୁହୁକ ଭଲ୍ଲୁକ ପୁଣି ଗୋଟିକା ଅଞ୍ଜନ ।
ବେଦାନ୍ତ ବ୍ରହ୍ମଜ୍ଞାନ ସାବିତ୍ରୀ ଗାୟତିରୀ
ଅବ୍ୟକ୍ତ ବ୍ୟକ୍ତ ଅଜପା ଜପା ଆଦିକରି ।
ପାଦୁକା ଧୂପଗଣ୍ଡି ଯେ ମୃତସଞ୍ଜୀବନୀ
କହନ୍ତି ଦକ୍ଷବ୍ରହ୍ମାଙ୍କ ଆଗେ ବ୍ରହ୍ମଜ୍ଞାନୀ ।
ଚାରିବର୍ଣ୍ଣ ମୂଳରେ ଛପନକୋଟି ଜୀବ
ଚଉଦ ଭୁବନ କଥା ଯେତେକ ବସିବ ।
ଓଁ କାର ଆକାର ପୁଣି ମକାର ଉକାର
ଏ ଚାରିବାଣୀ ମୂଳରେ ଶବଦ ଅପାର ।
ବୟାଳିଶି ରାଗିଣୀ ଯେ ବାର ତାଳ ଘେନି
ପଞ୍ଚକ ଶବଦ ଆଉ ଚାରିବେଦ ଧ୍ୱନି ।
ଛପନ କୋଟି ଯେ ଜୀବ କୋଟି କୋଟି ମୂର୍ତ୍ତି
ବୁଝାଇ କହନ୍ତି ନାମ ଧରି ବେଦପତି ।
ଜନ୍ତୁଙ୍କର ନାମ ଆଉ ମନୁଷ୍ୟଙ୍କ ଜାତି
ନାଗଲୋକ ସ୍ୱରୂପ ଯେ ଦେବତା ମୂରତି ।
ପାଟଣା ଯେ ତୀର୍ଥ ଛତ୍ରପୁର ବନଗିରି
ପୃଥିବୀ ସାଗର ପୁଣି ନଦୀ ଆଦିକରି ।
ରାଜା ପରଜା ସେ ବିଧି ଭିଆଣ ସଂସାର
ଯେବଣ ଜାତିର ଅଟେ ଯେବଣ ଆଚାର ।
କହନ୍ତି ଦକ୍ଷବ୍ରହ୍ମାଙ୍କ ଆଗେ କୁଶଧାରୀ
ଆଶ୍ୱାସିତ କରି ସର୍ବ କହନ୍ତି ତିଆରି ।
ବୋଇଲେ ରେ ବତ୍ସ ତୁହି ଏକମନେ ଶୁଣ
ଅତି ପୁଣ୍ୟବନ୍ତ ହେବୁ ଦକ୍ଷ ତୋର ନାମ ।
ସଂସାର ନିମନ୍ତେ ତୁହି ହେଲୁ ଉତପନ୍ନ
ପ୍ରତ୍ୟକ୍ଷରେ ବ୍ରହ୍ମା ତୁହି ଦ୍ୱିତୀ ନିରଞ୍ଜନ ।
ଏବେ ସଂସାର ଭିଆଅ ତୁହି ପୂର୍ବମତେ
ଯାବଣ ଭିଆଅ ଆମ୍ଭେ କହିଦେଲୁ ତୋତେ ।
ସକଳ ଯୁଗେ ପୃଥିବୀ ସଞ୍ଚାରଣ କାଳେ
ଆମ୍ଭେ ଜାତ ହେଉଥାଉଁ ଅନାଦିର କୋଳେ ।
ତୁ ପୁଣି ଆମ୍ଭ ମନରୁ ଉତପତି ହେଉ
ବେଦବାକ୍ୟ ଘେନିକରି ସଂସାର ଭିଆଉ ।
ବେଦ ବୋଲିଣ ଅଟଇ ଯେବଣ ବଚନ
କୋଟି ଜନ୍ମାନ୍ତରେ ପୁଣି ନୁହଇ ସେ ଆନ ।
ସୃଷ୍ଟି ଅନ୍ତକାଳେ ଥାଇ ବିଷ୍ଣୁ ନିଜ ଅଙ୍ଗେ
ବେଦରେ ପୂର୍ଣ୍ଣ ହୋଇଣ ଥାଆନ୍ତି ଶ୍ରୀରଙ୍ଗେ ।

Digitized by srujanika@gmail.com

ବେଦମୟ ଅଙ୍ଗ ଜାଣ ବେଦମୟ ଆତ୍ମା
ଏମନ୍ତ ହୋଇଣ ଯେହୁ ଯେବଣ ମହାତ୍ମା ।
ସେ ପୁରୁଷ ଅଙ୍ଗୁ ତ୍ରିଗୁଣର ତେଜ ଘେନି
ବ୍ରହ୍ମା ବିଷ୍ଣୁ ହର ଆମ୍ଭେ ଜନ୍ମ ହେଲୁ ତିନି ।
ବେଦ ଅଙ୍ଗୁ ଯେଣୁକରି ହୋଇଲୁ ସମ୍ଭୂତ
ତେଣୁ ଆମ୍ଭ ଅଙ୍ଗରୁ ଯେ ସ୍ଫୁରେ ବେଦ ତତ୍ତ୍ୱ ।
ଏ ବେଦର ଅର୍ଥ ଯେହୁ ଜାଣେ ପରିମାଣି
ଭିଆଇ ପାରଇ ସେହୁ ଅଶେଷ ଧରଣୀ ।
ତୋହରି ଆଗେ କହିଲୁ ଆମ୍ଭେ ଅର୍ଥତତ୍ତ୍ୱ
ତୁହି ଏବେ ଦକ୍ଷବ୍ରହ୍ମା ଭିଆଅ ଜଗତ ।
ଅନେକ ପ୍ରକାରେ ଭିଆଇଣ ବେଦବର
ଜଗତ ଭିଆଅ ପାଞ୍ଚି ଦେଲେ ତାର କର ।
ଜୀବ ସ୍ୱରୂପ ସକଳ ଯେ ଉପଲେଖନ
ଲିହିବା ବିହିବା ଆଦି ସକଳ ବିଧାନ ।
ଯତନେ ଦକ୍ଷଙ୍କ କରେ ଦେଲେ ବେଦବର
ବୋଲନ୍ତି ବେଗେ ଯାଇଣ ଭିଆଅ ସଂସାର ।
ପୂର୍ବେ ପ୍ରକୃତିର ତୁଲେ ସଂସାର କରିବୁ
ଅନାଦିନାଥଙ୍କଠାରେ ପ୍ରଶଂସା ପାଇବୁ ।
ବଚନ ଶୁଣିକରି ଦକ୍ଷ ନାମେ ବିହି
କରପତ୍ର ଯୋଡ଼ିକରି କହେ ଉଭାହୋଇ ।
ସାବଧାନେ ଶୁଣିବା ଭୋ ପ୍ରଭୁ ବେଦବର
ଜଗତକୁ ପରଂବ୍ରହ୍ମ ରୂପେ ଚିନ୍ତାକର ।
ସଂସାର ନିମନ୍ତେ ଆଜ୍ଞା ହୋଇଲାକ ମୋତେ
ଆବର ଜଣେକ ଦେବ ମୋହର ସଙ୍ଗତେ ।
ସଙ୍ଗତେ ଜଣେ ନ ଥିଲେ ନୁହେଁ କାର୍ଯ୍ୟକରି
କୁଶନାଡ଼ ଦିଅ ଏହି ମୂର୍ତ୍ତିମନ୍ତ କରି ।
ଧାତା ତହୁଁ ବୋଇଲେରେ ଶୁଣ ବାବୁ ଦକ୍ଷ
ଦୁଇଜଣ ହୋଇଲେ ଯେ ହୁଏ ଅରିପକ୍ଷ ।
ଏକ ଜଣକେ ହୁଅଇ ସର୍ବ କାର୍ଯ୍ୟ ସିଦ୍ଧି
ପାଞ୍ଚଜଣ ହୋଇଲେ ଯେ ହୁଅଇ ବିରୋଧୀ ।
ଅନାଦିର ତହୁଁ ଆମ୍ଭେ ତିନିଜଣ ଜାତ
କେହି ଏଥୁ ଭିଆଇ ନ ପାରଇ ଜଗତ ।
କାହାରି ମନ ଯହୁଁ କେ ନ ଜାଣି ପାରିଲୁ
ତେଣୁ ସିନା ତୋତେ ଆମ୍ଭେ ମନୁ ଜାତ କଲୁ ।
ତୁ ଏବେ ଏକା ହୋଇଣ ଭିଆଅ ସଂସାର
ସଂସାର ଭିଆଇ କରି କର ସବୁ ସାର ।
ଦକ୍ଷବ୍ରହ୍ମା ବୋଇଲେ ନ ହେବ ଅଇରି ତ
ଏକ ଅଙ୍ଗରୁ ତ ସିନା ଦୁହେଁ ହେବୁ ଜାତ ।
ଏଥକୁ କିପାଇଁ ଆମ୍ଭେ ହୋଇବୁ ବଇରୀ
କୁଶବଟୁ ଦିଅ ତୁମ୍ଭେ ମୂର୍ତ୍ତିମନ୍ତ କରି ।
ଦକ୍ଷ ପ୍ରଜାପତି ଜନ୍ମ ହୋଇଲା ସମ୍ପୂର୍ଣ୍ଣ
ଦୀନ ମହାଦେବ ଦାସ କରିଲେ ରଚନ ।

-x-

ନାରଦ ଜନ୍ମ ଓ ସଂସାର ସର୍ଜନ

ଶୁଣ ହେ ସୁରଥ ରାଜା ବଦନ୍ତି ମାର୍କଣ୍ଡ
ଏ ପବିତ୍ର ବାକ୍ୟ ଶୁଣି ଦୁରିତ ତୋ ଖଣ୍ଡ ।
ଦକ୍ଷ ନାମେ ବିଧାତା ଯେ ସୃଷ୍ଟି ସୃଜିବାକୁ
ପିତାଙ୍କୁ ସଖା ଜଣେକ ମାଗଇ ସାଙ୍ଗକୁ ।
ପିତାଙ୍କ ଅଙ୍ଗୁଷ୍ଠିରେ ଯେ କୁଶବଟୁ ଥିଲା
ଦକ୍ଷବ୍ରହ୍ମା ବୋଲେ ସେହୁ କୁମାରେ ହୋଇଲା ।
କୁଶନାଡ଼େ ଦିଅ ଯହୁଁ କରିଲା ଶବଦ
ତେଣୁ ସେ ପୁତ୍ରର ନାମ ହୋଇଲା ନାରଦ ।
ଅପୂର୍ବ ସୁନ୍ଦର ସେହୁ ଦୁର୍ଲଭ ପ୍ରତିମା
ସ୍ୱୟଂ ଅବତାର ହୋଇଲେକ ବେଦବ୍ରହ୍ମା ।
ଜାତ ହୋଇ ସେ କୁମର ପିତାର ଅଗ୍ରତେ
ବୋଇଲେ ଭୋ ସ୍ୱାମୀ ଆଜ୍ଞାଦେବା ହେଉ ମୋତେ ।
ନୂତନ ସୃଷ୍ଟି ଭିଆଣ କରିବି ଯେ ମୁହିଁ
ଦକ୍ଷଙ୍କର ବଳେ ନୋହେ ସଂସାର ଭିଆଇ ।
ଏ ଯେବେ ପାରନ୍ତା କିମ୍ପା ଲୋଡ଼ନ୍ତାଟି ସଙ୍ଗ
ଶୁଣି ମନେ ଦକ୍ଷବ୍ରହ୍ମା ପାଇଲେ ଯେ ଖଙ୍ଗ ।
କୋପମୁଖ ହୋଇକରି ନାରଦଙ୍କୁ ଚାହିଁ
ବୋଇଲେ ତୁ ଖଳ କଥା କହିଲୁ କିମ୍ପାଇଁ ।
ପିତାର ଛାମୁରେ ପୁଣି କହୁ ଖଳବାଣୀ
ଖଳ ବୋଲିଣ ବୋଲନ୍ତୁ ତୋତେ ସର୍ବ ପ୍ରାଣୀ ।
ଦେବତାଙ୍କ ଖଳ କଥାମାନ ତୁହି ଘେନ
କଳହ ଆଚରେ ତୁହି ବଞ୍ଚ ସଦା ଦିନ ।
ପରାପରେ କହିଦେଇ ଅହଙ୍କାର ବାଣୀ
କଉତୁକ ଦେଖିଲେ ତୁ ପାଇବୁ ଆରଣି ।
ଜଗତ ମଧ୍ୟରେ ମନ୍ଦ ଅସାର ଯେତେକ
ତୋତେ ପଟାନ୍ତର ହେଉଥିବେ ସର୍ବଲୋକ ।
କେବେହେଁ ଯେ ସ୍ଥିରବୁଦ୍ଧି ନୋହିବ ତୋହର
ଜୀବିକା ହେଉ ତୋହର କଳି ବ୍ୟବହାର ।
ମୁହିଁ ଯେବେ ଜ୍ୟେଷ୍ଠଭାଇ ଅଟେ ତୋର ଗୁରୁ
ଏ ମୋର ଶାପ ତୋହର ଅଙ୍ଗେ ଭୋଗ କରୁ ।
ଏହା ଶୁଣି ସେ ନାରଦ କଲେ ପ୍ରତିବାକ୍ୟ
ବୋଇଲେ ତୁ କେତେ ଶାପ ଦେଉ ମୋତେ ଦକ୍ଷ ।
ଯେତେ ଶାପ ବିହିଲୁ ତୁ ମୋତେ କ୍ରୋଧ ମୁଖେ
ଏ କଥାମାନ ରୁଚିଲା ମୋତେ ଅତି ସୁଖେ ।
ମୁହିଁ ଯେବେ ଖଳଜନ ହୋଇବି ସଂସାରେ
ତୋହର ଶିରୀକି ହତ କରିବି ନିଶ୍ଚେ ରେ ।

Digitized by srujanika@gmail.com

ଜଗତେ ଅପକୀରତି ହେଉ ପଛେ ମୋତେ
ମୁହିଁ ତୋହର ସଙ୍ଗେ ନ ଯିବି କଦାଚିତେ ।
ଦକ୍ଷବ୍ରହ୍ମା ବୋଇଲେ ନ ଆସ ମୋର ପାଶ
ତୋହର ସଙ୍ଗତେ ଥିଲେ ନାହିଁ ମୋତେ ଯଶ ।
ଆଦ୍ୟରେ ଏ କଥାମାନ ଉପୁଜିଲା ଯହୁଁ
କାଳେ ଆଉ ଭଲକଥା ହୋଇବାକ କାହୁଁ ।
ନିଶ୍ଚୟ ଜାଣିଲି ଭାଇ ଅଟଇ ବଇରୀ
ଆଦ୍ୟୁ ପିତା ଯାହା କହିଥିଲେକ ତିଆରି ।
ଏହିକ୍ଷଣି ସେହି କଥା ଫଳିଲା ପ୍ରତ୍ୟକ୍ଷ
ଏତେ ବୋଲି ଧାତା ଆଗେ କହନ୍ତି ସେ ଦକ୍ଷ ।
ଭୋ ପିତା ମୋତେ କଥାଏ କହିବା ମଣାଇ
ଋଷି ହୋଇ ଏପରି ଏ ହୋଇଲେ କିମ୍ପାଇଁ ।
ମୋ ମନ୍ଦକର୍ମ କିବା ଏହାଙ୍କ ପ୍ରାକୃତ
କହ ଆହେ ବ୍ରହ୍ମଜ୍ଞାନୀ ଏଥିର ତଦନ୍ତ ।
ଶୁଣି ଦକ୍ଷବ୍ରହ୍ମା କହୁଛନ୍ତି ବେଦବରେ
କୋଟିଏ ମନରୁ ଅନ୍ତେ ପ୍ରଳୟ ଅନ୍ତରେ ।
ନିର୍ବାଣ ନିର୍ବିକାର ଯେ ନିରାକାର ଜ୍ୟୋତି
ସେ ଜ୍ୟୋତିରୁ ଆଦ୍ୟେ ଅନାଦିର ବେଦମୂର୍ତ୍ତି ।
ତାହାଙ୍କଠାରୁ ଉତ୍ପତ୍ତି ଆଦିମୂଳ ହରି
ତାହାଙ୍କ ନାଭିକମଳୁ ଧାତା ଅବତରି ।
ସେ ବ୍ରହ୍ମା ଚାରି ବଦନ ହେଲେ ଅଷ୍ଟକର
ଯାହାର ଦିନକ ଅନ୍ତେ ଘୋଟଇ ସାଗର ।
ସେହି ଧାତା ଜଗତକୁ ଭିଆଇବା ପାଇଁ
ମନରୁ ଉତ୍ପନ୍ନ କଲା ଦିବ୍ୟ କନ୍ୟା ଦୁଇ ।
ସାବିତ୍ରୀ ଗାୟତ୍ରୀ ବୋଲି ସେହି ଦୁଇ ନାରୀ
ତାହାଙ୍କୁ ଯେ ପ୍ରତିଗ୍ରହ କଲା କୁଶଧାରୀ ।
ସେ ଦୁହିଙ୍କ ତହୁଁ ଜନମିଲେ ଦୁଇ ବସ୍ତ
ସାବିତ୍ରୀ ପୁତ୍ର ନାରଦ ଗାୟତ୍ରୀର ଦକ୍ଷ ।
ସେହି ଦୁଇ ପୁତ୍ର ଜାଣ ତୁମ୍ଭେ ଦୁଇ ମୂର୍ତ୍ତି
ଶୁଣ ଦକ୍ଷବ୍ରହ୍ମା ନାରଦର ପୂର୍ବଗତି ।
ପୂର୍ବେ ଏହାଙ୍କୁ ଯେ ବୋଇଲାକ ପଦ୍ମଯୋନି
ତୁମ୍ଭେ ଦୁହେଁ ଯାଇକରି ଭିଆଅ ମେଦିନୀ ।
ନାରଦ ବୋଇଲେ ମୁଁ ଭିଆଇ ନ ପାରଇ
ତାହା ଶୁଣିଣ ଦକ୍ଷକୁ ବ୍ରହ୍ମା ଆଜ୍ଞା ଦେଇ ।
ଆହେ ଦକ୍ଷ ପ୍ରଜାପତି ସଂସାର ଭିଆଅ
ସକଳ ଲୋକ ମଧ୍ୟରେ ବହୁ ଯଶ ପାଅ ।
ପିତାମହ ଆଜ୍ଞା ଶୁଣି ଦକ୍ଷ ପ୍ରଜାପତି
ସଂସାର ଯେ ଭିଆଇବା ପାଇଁ ଗଲେ ଧାତି ।
ତାହା ଦେଖିଣ ନାରଦ ମନରେ ବିରସ
ବୋଇଲେକ ଦକ୍ଷ ବ୍ରହ୍ମା ପାଇବେ ଯେ ଯଶ ।

ଯେମନ୍ତେ ନ ପାରଇ ସେ ସଂସାର ଭିଆଇ
ତେମନ୍ତ ଉପାୟମାନ କରିବଇଁ ମୁହିଁ ।
ଏତେ ବୋଲିଣ ନାରଦ ଶୂନ୍ୟରେ ରହିଲେ
ଦକ୍ଷ ପ୍ରଜାପତି ତହୁଁ ସୃଷ୍ଟି ଭିଆଇଲେ ।
ମନରୁ ଯେ ଜାତ କଲେ ଷାଠିସସ୍ର ସୁତ
ତାହାଙ୍କୁ ବୋଇଲେ ତୁମ୍ଭେ ଭିଆଅ ଜଗତ ।
ପିତା ଆଜ୍ଞା ପାଇକରି ଚଳିଲେ କୁମରେ
ନାରଦ ମହାଋଷିଙ୍କି ଭେଟିଲେ ପଥରେ ।
ନାରଦ ବୋଇଲେ କିସ ଅର୍ଥେ ବୁଲୁଅଛ
ସଂସାର ଭିଆଇବୁ କହିଲେ ଦକ୍ଷ ବସ୍ତ ।
ନାରଦ ବୋଇଲେ କିସ ଅର୍ଥେ ବୁଲୁଅଛ
ସଂସାର ଭିଆଇବୁ କହିଲେ ଦକ୍ଷ ବସ୍ତ ।
ନାରଦ ବୋଇଲେ ତୁମ୍ଭେ ବିଷ୍ଣୁ ନ ଭେଟିଲେ
ଜାଣିବ ସୃଷ୍ଟି ଭିଆଣ କଥା କାହୁଁ ଭଲେ ।
ଆଗେ ତୁମ୍ଭେମାନେ ଯାଇ ବିଷ୍ଣୁ ଠାବକର
ତଦନ୍ତରେ ପୁଣି ଯାଇଁ ସୃଜିବ ସଂସାର ।
ନାରଦଙ୍କ ବାକ୍ୟେ ସେହୁ ବିଷ୍ଣୁ ଲୋଡ଼ିଗଲେ
ଅନେକ କାଳ ବୁଲିଣ ତଥ୍ୟ ନ ପାଇଲେ ।
ପୁଣି ଲକ୍ଷେ ପୁତ୍ର ଜାତକଲେ ପ୍ରଜାପତି
ତାହାଙ୍କୁ ବୋଇଲେ ତୁମ୍ଭେ ଭିଆଅ ଧରିତ୍ରୀ ।
ସେହି ଯାଇ ନାରଦକୁ ଭେଟିଲେକ ପଥେ
ନାରଦ ବୋଇଲେ ତୁମ୍ଭେ ବୁଲ କିସ ଅର୍ଥେ ।
କୁମରେ ବୋଇଲେ ଆମ୍ଭେ ସୃଷ୍ଟି ଭିଆଇବୁ
ନାରଦ ବୋଇଲେ ତୁମ୍ଭେ ଶୁଣସିରେ ବାବୁ ।
ତୁମ୍ଭର ଅଗ୍ରଜ ଷାଠି ସହସ୍ର ସେ ବସ୍ତ
ଏହି ପଥେ ଗଲେ ସର୍ବେ ଦେଖିଲୁ ପ୍ରତ୍ୟକ୍ଷ ।
ତାହାଙ୍କୁ ଦେଖିଣ ତୁମ୍ଭେ ଭିଆଅ ମେଦିନୀ
ଜ୍ୟେଷ୍ଠଙ୍କୁ ତନ ମାନିଲେ ହେବ ଧର୍ମ ହାନି ।
ଶୁଣି ଦକ୍ଷସୁତ ଗଲେ ଭାଇଙ୍କୁ ଯେ ଲୋଡ଼ି
ଭେଟ ନ ପାଇଲେ ସେହୁ ବହୁ ଦୁଃଖେ ପଡ଼ି ।
ବଣାହୋଇ ଗଲେ ଲକ୍ଷେ ଷାଠିସସ୍ର ଯତି
ପୁତ୍ର ନ ପାଇ ଆକୁଳ ହେଲେ ପ୍ରଜାପତି ।
ଧ୍ୟାନରେ ଜାଣିଲେ ଏହା ନାରଦର କୃତ୍ୟ
ଯାଇଁ ଜଣାଇଲେ ସବୁ ପିତାଙ୍କ ଅଗ୍ରତ ।
ଆହେ ପିତାମହ ଶୁଣ ନାରଦଙ୍କ ବୁଦ୍ଧି
ହିଂସା ଘେନିକରି ମୋର ସଙ୍ଗତେ ବିବାଦୀ ।
ଅନେକ ପୁତ୍ର ମୋହର ନାଶିଲେ କପଟେ
ତୁମ୍ଭେ ପିତାମହ ସବୁ ବୁଝ ଯୋଗ ବାଟେ ।
ସ୍ୱରୂପ ବଚନ ସବୁ ଜାଣି ବେଦପତି
ନାରଦ ମୁନିଙ୍କୁ କୋପେ ଶାପ ଯେ ଦିଅନ୍ତି ।
ବୋଇଲେ ଜନ୍ମେ ଜନ୍ମେ ତୁ ହୁଅ ଖଳଜନ
ବ୍ରହ୍ମଋଷି ହୋଇ କଳି ଦେଖି ନିଅ ଦିନ ।

Digitized by srujanika@gmail.com

ଏମନ୍ତେ ଯେ ଶାପ ପାଇ ନାରଦ ମହର୍ଷି
ଅନେକ ସେବା କରି ସେ ମନାଇଲେ କାଶୀ ।
ଈଶ୍ୱର ପ୍ରସନ୍ନେ ମୁନି ମାଗିଲେକ ବର
ବୋଇଲେ ଦକ୍ଷ ବ୍ରହ୍ମା ଯେ ବଇରୀ ମୋହର ।
ବ୍ରହ୍ମାଙ୍କୁ କହିଣ ଶାପ ବିହିଲେକ ମୋତେ
କଳହ ପ୍ରିୟ ମୋହର ହୋଇବ ଯୁକତେ ।
ତେଣୁକରି ତୁମ୍ଭଙ୍କୁ ମୁଁ ମାଗୁଅଛି ବର
ଜନ୍ମେ ଜନ୍ମେ ବଇରୀ ମୁଁ ହୋଇବି ତାହାର ।
ଉପାୟ କରି ହରିବି ତାର ଯଶ ଶିରୀ
ଏମନ୍ତ ଆଜ୍ଞା ଦେବାକ ମୋତେ ତ୍ରିପୁରାରୀ ।
ଈଶ୍ୱର ବୋଇଲେ ତୁହି ମାଗିଲୁ ଯେ ବର
ଜନ୍ମେ ଜନ୍ମେ ପ୍ରାପତ ଯେ ହେଉ ଏହା ତୋର ।
ଶୁଣ ଆହେ ପ୍ରଜାପତି ଆଦି ଧାତାବାଣୀ
ଏମନ୍ତ ହୋଇ ତୁମ୍ଭର ପୂର୍ବର କାହାଣୀ ।
ଜନ୍ମେ ଜନ୍ମେ ତୋର ବୈରୀ ଅଟଇ ନାରଦ
ବ୍ରହ୍ମାଣ୍ଡ ପୁରାଣେ ଅଛି ଏସନକ ପଦ ।
ଏଥକୁ ଚିନ୍ତା ତୁମ୍ଭେ ନ କର ପ୍ରଜାପତି
ଏକା ହୋଇ ଯାଇ ତୁମ୍ଭେ ଭିଆଅ ଧରିତ୍ରୀ ।
ପୂର୍ବ ବାକ୍ୟ ଶୁଣି ସ୍ଥିର ହେଲେ ଦକ୍ଷବ୍ରହ୍ମା
ପିତାଙ୍କର ଆଜ୍ଞା ଶିରେ ଧଇଲେ ମହାତ୍ମା ।
ଦକ୍ଷବ୍ରହ୍ମଠାରୁ ହେଲା ସଂସାର ଉତ୍ପତ୍ତି
ମହାଦେବ ଦାସ ଏହା ଗୀତରେ କହନ୍ତି ।

-x-

ସପ୍ତପାତାଳ ଓ ସପ୍ତସ୍ୱର୍ଗ ସର୍ଜନା

ସଂସାର ସୃଜିବା ପାଇଁ ଚଳିଲେ ବହନ
ବିଧ୍ମତେ କରିଲେ ଯେ ଚଉଦଭୁବନ ।
ଅତିତଳ ମହାତଳ ସୁତଳ ବିତଳ
ତଳାତଳ ରସାତଳ ଉପରେ ପାତାଳ ।
ତଥିର ଉପରେ ସଞ୍ଚ ତା ଉପରେ ସ୍ୱର୍ଗ
ପ୍ରତ୍ୟେକ ନାମରେ ସଞ୍ଚୁ ପୁରେକ ଉତ୍ସବ ।
ସେ ଭୂମି ଉପରେ ପୁଣି ଶୂନ୍ୟନାମେ ପୁର
ତଥି ଉପରେ ଗୋମତୀ ପୁର ଶୋଭାକର ।
ଗୋମତୀ ଉପରେ ପୁଣି ନିରାକାର ସ୍ଥାନ
ଏମନ୍ତେ ଚଉଦପୁର ହେଲା ବିଦ୍ୟମାନ ।
ତଥି ଉପରେ ଶୋଭିତ ପୁଣି ଶୂନ୍ୟପୁର
ସେ ପୁରେ ବିଜୟ ଅବ୍ୟକତ ନିରାକାର ।
ସେ ନିରାକାର ସ୍ୱାମୀଙ୍କ ହୃଦଗତେ ଚିନ୍ତି
ଚଉଦ ଭୁବନ ମଧ୍ୟେ ସ୍ଥାପି ବିଷ୍ଣୁମୂର୍ତ୍ତି ।
ଭୂମିରେ ରଚିଲେ ଏକ ବଇକୁଣ୍ଠପୁର
ପୁରେକ ସ୍ଥାପିଲେ ଯାଇଁ ବିଷ୍ଣୁ ଅବତାର ।
ଭିନ୍ନ ଭିନ୍ନ ମୂର୍ତ୍ତି କରି ସ୍ଥାପି ନାରାୟଣ
ବିଷ୍ଣୁ ସେ ସକଳ ପୁରେ ଧାରଣ କାରଣ ।
ଯାବତ ଜନ୍ତୁଏ ଏବେ ହୋଇବେ କେମନ୍ତେ
ଏଥକୁ ଉପାୟ କହିଦେବା ହେଉ ମୋତେ ।
ବ୍ରହ୍ମା ବୋଇଲେ ହୋ ତୁହି ପୁଚ୍ଛିଲୁ ଯେ ବାଣୀ
ଏକମନ ହୋଇ ଶୁଣ ତହିଁର କାହାଣୀ ।
ମୂଳରୁ ଶତ ବରଷ ଧାତା ନିର୍ଭାକଲା
ପୁଣିହି ଯାଇ ସୁଧର୍ମା ସଭାରେ ମିଳିଲା ।
ବ୍ରହ୍ମା ବିଷ୍ଣୁ ଶିବ ତିନି ଦେବଙ୍କର ପାଦେ
ଦକ୍ଷ ପ୍ରଜାପତି ଯାଇ ନମଇ ଆନନ୍ଦେ ।
ଦକ୍ଷକୁ ଚାହିଁ ନାରଦ କଲେ ପ୍ରଣିପାତ
ଯେ ଯାହାର ଅନୁରୂପେ କୁଳରେ ରଚିତ ।
ଦକ୍ଷ ପ୍ରଜାପତି ମୁଖ ଚାହିଁ ବେଦବର
ପୁଚ୍ଛନ୍ତି କେଉଁପରିରେ ସଞ୍ଚିଲୁ ସଂସାର ।
ଦକ୍ଷ ବୋଇଲେ ସଞ୍ଚିଲୁ ମୁହିଁ ପୂର୍ବମତେ
ଯେତେ ଯେତେ ଭୂମି ଥିଲା ଗତାଗତେ ।
ସେହି ପରକାରେ ସୃଷ୍ଟି ଆତ ଜାତ ହୁଏ
ମେରୁ ମୂଳଠାରୁ ନିରାକାର ବ୍ରହ୍ମଯାଏ ।
ସ୍ଥାପିଲି ମୁଁ ଚତୁର୍ଦ୍ଦଶପୁର ଏତେ କାଳେ
ଚାରି ଚାରି ଲକ୍ଷ ଯୋଜନରେ ପୁରେ ପୁରେ ।
ଅତିତଳ ଉପରେ ଯେ ରସାତଳ ବୋଲି
ଯୋଜନ ଅନ୍ତରେ ଏକ ପୁର ଭିଆଇଲି ।
କ୍ରମେ ଭୂତଳ ବିତଳ ଆବର ସୁତଳ
ଅତଳ ମହାତଳ ଯେ ତା ତଳେ ପାତାଳ ।
ତହିଁପରେ ମଞ୍ଚ ମଞ୍ଚ ଉପରେ ସ୍ୱରଗ
ସତ୍ୟ ନାମରେ ପୁର ଯେ ତହିଁରେ ଉତ୍ସର୍ଗ ।
ସେ ପୁର ଉପରେ ସୁବର୍ଣ୍ଣର ପୀଢ଼ ପୁର
ତଥିପରେ ଯେ ଗୋମତୀ ପୁର ଶୋଭାକର ।
ଗୋମତୀ ପୁର ଉପରେ ନିରାକାର ସ୍ଥାନ
ଏହିପରି ଚତୁର୍ଦ୍ଦଶ ପୁର ବିଦ୍ୟମାନ ।
ତହିଁ ଉପରେ ସ୍ଥିତ ଯେ ଠୁଳ ଶୂନ୍ୟପୁର
ସେ ପୁରରେ ବିଜୟ ସେ ପ୍ରଭୁ ନିରାକାର ।
ସେହି ନିରାକାରଙ୍କର ହୃଦପଦ୍ମ ଚିହ୍ନ
ସର୍ବତ୍ର ସ୍ଥାପିଲି ପୁଣି ବିଷ୍ଣୁ ମୂର୍ତ୍ତିମାନ ।
ଭୂମିରେ ସ୍ଥାପିଲି ନିତ୍ୟ ବଇକୁଣ୍ଠ ପୁର
ସେହି ପୁରେ ବିଷ୍ଣୁଙ୍କର ନିତ୍ୟ ଅବତାର ।
ଭିନ୍ନ ଭିନ୍ନ ମୂର୍ତ୍ତିରେ ମୁଁ ସ୍ଥାପି ନାରାୟଣ
ସେ ବିଷ୍ଣୁ ଉପରେ ସର୍ବ ଧାରଣ କାରଣ ।
ଅନନ୍ତର ଜୀବଜନ୍ତୁ ହୋଇବେ କେମନ୍ତେ
ଏଥକୁ ଉପାୟ କହିଦେବା ହେଉ ମୋତେ ।

Digitized by srujanika@gmail.com

ବ୍ରହ୍ମା ପୁଣି କହିଲେ ତୁ କହିଲୁ ଯେ ବାଣୀ
ଏକମନେ ଶୁଣ ଏବେ ତହିଁର କାହାଣୀ ।
ମେରୁ ମୂଳରେ ତୁ ସ୍ଥାପିଅଛୁ ଯେଉଁ ପୁର
ସେ ପୁରେ ବିଜେ କରିବେ ଦେବ ଚକ୍ରଧର ।
ତାହାଙ୍କ ନାଭିରୁ ଏକ କମଳ ଫୁଟିବ
ସେ କମଳ ଭିତରୁ ଯେ ବ୍ରହ୍ମା ଜାତ ହେବ ।
ସେହି ବ୍ରହ୍ମା ଅଟଇ ଯେ ଜଗତର ତାତ
ସର୍ବଦା ବିଷ୍ଣୁଙ୍କ ନାଭି କମଳେ ତା ସ୍ଥିତ ।
ସେହି ବ୍ରହ୍ମାଙ୍କର ଭେଟ ପାଇବୁ ଯେ ଦିନ
ଚଉଦ କନ୍ୟା ତୋହର ହୋଇବେ ଉତ୍ପନ୍ନ ।
ଜ୍ୟେଷ୍ଠ କନ୍ୟା ଗୋଟି ନେଇ ବ୍ରହ୍ମାଙ୍କୁ ତୁ ଦେବୁ
ଆଉ କନ୍ୟାକୁ ଘେନିଣ ପାତାଳକୁ ଯିବୁ ।
ବିଷ୍ଣୁଙ୍କ ଅଂଶରେ ଜାତ କଶ୍ୟପ ମହର୍ଷି
ପାତାଳ ପୁରରେ ସେହୁ ତପେ ଥିବେ ବସି ।
ସେ ଋଷିଙ୍କି ନେଇ ତୋର ଦୁହିତାକୁ ଦେବୁ
ସମ୍ବତ୍ସର ଯାଏ ତୁହି ସେ ପୁରେ ରହିବୁ ।
କଶ୍ୟପ ଋଷି ବୀର୍ଯ୍ୟେ ସେ ଦୁହିତାଙ୍କ ଗର୍ଭୁ
ନାନାଦି ଜୀବଜନ୍ତୁ ଏ ଉପୁଜିବେ ସବୁ ।
ଚଉଦ ଭୁବନେ ଯାହା ନିଯୋଗିବୁ ଆଣି
ତେବେ ଯେ ପୂର୍ଣ୍ଣ ହୋଇବ ସକଳ ଧରଣୀ ।
ମାରକଣ୍ଡ ପୁରାଣ ଏ ଅଟେ ଦିବ୍ୟବାଣୀ
ମହାଦେବ ଦାସ ଏହା ପରାକୃତେ ଭଣି ।

-x-

କାମଦେବ ଜନ୍ମ

ଏମନ୍ତ ଶୁଣି ଆନନ୍ଦ ହୋଇ ପ୍ରଜାପତି
ଏଥୁ ଅନନ୍ତରେ ଶୁଣ ଆହେ ନରପତି ।
ସୃଷ୍ଟିର ସ୍ଥାପନ କଥା କୁହନ୍ତେ ବଖାଣ
ଅତି ତୋଷ ହୋଇଲେକ ଶୁଣି ନାରାୟଣ ।
ମନର ଆନନ୍ଦ ସେହୁ ପ୍ରମୋଦିତ ଚିତ୍ତ
ଶରୀର ଭିତରୁ କଲେ ପୁତ୍ରେକ ସେ ଜାତ ।
ସୁଲଳିତ ସୁକୁମାର ନୀଳବର୍ଣ୍ଣ ଅଙ୍ଗ
ପ୍ରସନ୍ନ ବଦନ ପୁଣି ଅଧର ସୁରଙ୍ଗ ।
କୁଟିଳ କୁନ୍ତଳେ ଶୋଭା ଯେ କବରୀ ଭାର
ବିବିଧ ପୁଷ୍ପର ଗଭା ସମ୍ମୁଖରେ ଚୂଳ ।
ସୁସଞ୍ଚ ନାସିକା ସମ ବିଶିଖ ଲୋଚନ
ଚାହାଁନ୍ତେ ସେ ମୋହୁଛନ୍ତି ସଭିଙ୍କର ମନ ।
ବେନି କର୍ଣ୍ଣରେ କୁଣ୍ଡଳ ବେନି ଢଳ ଢଳ
ଗଳାରେ ଲମ୍ବି ଅଛଇ ଦିବ୍ୟ ବନମାଳ ।
ବିବିଧ ପଦକ ନାନା ରତନର ମାଳ
ବିସ୍ତାର ବକ୍ଷସ୍ଥଳରେ ଲମ୍ବାଇ ଗହଳ ।
ଆଜାନୁଲମ୍ବିତ ଭୁଜ ଶାଳବୃକ୍ଷ ଜାଣି
କଚଟି ବାହୁଟି ନାନା ମୁଦ୍ରିକା ଖଞ୍ଜାଣି ।
ବାମରେ କୋଦଣ୍ଡ ସାଜେ ଦକ୍ଷିଣେ ପିଷ୍କର
କଟିରେ ନୀଳବସନ ମେଖଳା ହୀରାର ।
ସବଳିନ ବେନି ଜାନୁ କିବା ରମ୍ଭାବୃକ୍ଷ
ସୁସଞ୍ଚ ଚରଣ ବେନି କମଳ ପ୍ରତ୍ୟକ୍ଷ ।
କନକ ନୂପୁର ଶୋଭା ପାଇ ସେ ପୟରେ
ଉପମା ଦେବାକୁ ନାହିଁ ତିନି ଭୁବନରେ ।
ଦିବ୍ୟ ନଟବର ବେଶ କୃଷ୍ଣ ଅଙ୍ଗୁ ଜାତ
ଅଭିନବ ଅଙ୍ଗଶୋଭା ନୁହଇ ବର୍ଣ୍ଣିତ ।
ସୁରଙ୍ଗ ଅଧର ଶୋଭା ମନ୍ଦ ମନ୍ଦ ହାସେ
ବଚନ ପ୍ରକାଶନ୍ତେ କି ଅମିୟ ବରଷେ ।
ଅପୂର୍ବେ କେ କଳାନିଧି ଦେଖି ରୂପ ତାର
କନ୍ଦର୍ପ ବୋଲିଣ ନାମ ଦେଲେ ଚକ୍ରଧର ।
ଧାତା ତହିଁ ବୋଇଲେ ସେ ସଂସାର ପାଳିବ
ଏହାର ଉପାୟେ ସିନା ଜନ୍ତୁ ଜାତ ହେବ ।
ବିଷ୍ଣୁର ମନରୁ ଏହୁ ହୋଇଲାକ ଜାତ
ତେଣୁ ଯେ ଏହାର ନାମ ହୋଇଲା ମନ୍ମଥ ।
ଦକ୍ଷ ବୋଇଲା ଏହୁତ ନୋହିଲା ମନକୁ
ମନସିଜ ନାମ ଗୋଟି ଦେବାକ ଏହାକୁ ।
ନାରଦ ବୋଇଲେ ଏହା ନାମ ଚନ୍ଦ୍ରକେତୁ
ଜାତ କରିବୁ ଏହୁ ଯେ ସର୍ବ ଜୀବଜନ୍ତୁ ।
ଈଶ୍ୱର ଚାହିଁଲେ ଯହୁଁ ମନସିଜ ମୁଖ
ତକ୍ଷଣେ ତାହାଙ୍କୁ ଘୋଟିଲାକ କାମ ଦୁଃଖ ।
ଅଳପ ବକ୍ର କରିଣ ଚାହିଁଲେ ମଦନ
ହେଳେ ବନ୍ଦିକଲା ଈଶ୍ୱରଙ୍କ ପଞ୍ଚମନ ।
କୋଦଣ୍ଡ କରେ ଧରିଣ ବସାଇଲେ ଶର
ଆମଞ୍ଚନ କରନ୍ତେ ଯେ ଢଳିଲେ ଶଙ୍କର ।
ପୁରୁଷ ରୂପକୁ ଚାହିଁ ପୁରୁଷ୍ଟ ଯେ ମୋହି
କାଳେ ମୋହ ଗଲେ ତହିଁ ଈଶ୍ୱର ଗୋସାଇଁ ।
ଯହୁଁ ସେହି କାମଦେବ ଈଶ୍ୱରେ ପୀଡ଼ିଲା
ହରିରିପୁ ନାମ ତେଣୁକରି ସେ ବହିଲା ।
ସେ ଅକାମୀ ପୁରୁଷର ଧୈର୍ଯ୍ୟ କଲା ଭଙ୍ଗ
ତେଣୁକରି ନାମ ତାର ହୋଇଲା ଅନଙ୍ଗ ।
ଅନାଦି ରୂପ ଧରିଣ ଅନାଦି ଈଶ୍ୱର
ମାତାଙ୍କୁ ସୁମରି ସେହି ଢଳିଲେ ନିର୍ଭର ।
ଅଲେଖ ମନ୍ଦିରରେ ସେ ଅନ୍ନପୂର୍ଣ୍ଣା ଥିଲେ
ଈଶ୍ୱରଙ୍କ ବେଦନା ସେ ଧ୍ୟାନରେ ଜାଣିଲେ ।
ତତକ୍ଷଣେ ଦେବୀ ଶୂନ୍ୟପୁରୁ ଅପସରି
ଧାତିକାରେ ଚାହିଁଦେଲେ ଦିବ୍ୟତନୁ ଧରି ।

Digitized by srujanika@gmail.com

ସୁଧର୍ମା ସଭାରେ ଆସି ମିଳିଲେ ସେ ବେଗି
ଦେଖି ସୃଷ୍ଟି କରତା ଆସନ ପରିତ୍ୟାଗି ।
ବ୍ରହ୍ମା ବିଷ୍ଣୁ ଦକ୍ଷ ଧାତା ଅନଙ୍ଗ ନାରଦେ
ପ୍ରଣମିତ ହୋଇଲେ ସେ ଅନ୍ନପୂର୍ଣ୍ଣା ପାଦେ ।
ଈଶ୍ୱର ଅଛନ୍ତି ଏକମାତ୍ର ମୋହ ଯାଇ
କୋଳେ ଧରିଣ ଧଇଲେ ଦେବୀ ତାଙ୍କୁ ଯାଇ ।
ଆଶ୍ୱାସନା କରି ତାଙ୍କ ଦେହ ସମାର୍ଜନ୍ତେ
ମୋହ ତେଜ କରି ଦେବ ଉଠିଲେ ତ୍ୱରିତେ ।
ସ୍ତିରୀଅଙ୍ଗ ଲାଗନ୍ତେ ଯେ ଅଧୀର ଶରୀର
ମଦନ ଜ୍ୱାଳାରେ ଜ୍ଞାନ ହରାଇଲେ ହର ।
ଆଦିନାରୀ ରୂପ ଦେଖିକରି ସଦାନନ୍ଦ
ଲଜ୍ଜା ଦୂର କରି ରତିରସେ ମନ ଖେଦ ।
ମାତାଙ୍କୁ କୋଳ କରିଣ ଧଇଲେ ଈଶ୍ୱର
ସୃଷ୍ଟି କରିବା ପୁରୁଷେ ହୋଇଲେ ଅନ୍ତର ।
ମାତା ପୁତ୍ର ଦୁହେଁ ହୋଇଛନ୍ତି ରତିଭାବ
ଦେଖି ବିସ୍ମୟ ହୋଇଲେ ଧାତା ବାସୁଦେବ ।
ସହି ନ ପାରି କହିଲେ ସେହି ମନ୍ଦବାଣୀ
ଜାଣିଣ ତାହାଙ୍କୁ ଶାପ ଦେଲେ ଗୋସାମଣି ।
ଧାତାଙ୍କୁ ବୋଇଲେ ତୁହି ନାରୀ ରୂପ ହୁଅ
ବିଷ୍ଣୁଙ୍କୁ ବୋଇଲେ ତୁହି ଜନ୍ମ ମୃତ୍ୟୁ ପାଅ ।
ଏସନ ରୀତି ଜାଣିଣ ପ୍ରଭୁ ନିରାକାର
ଅନାଦି ଶକ୍ତିଙ୍କୁ କଲେ ଗୋରୁ ଅବତାର ।
ମାତାର ରୂପ ଧରିଣ ଅନାଦି ଈଶ୍ୱରୀ
ଗୋମାତା ରୂପେ ରହିଲେ ଜ୍ଞାନ ଧ୍ୟାନ କରି ।
ଅନାଦିର ଅପକୀର୍ତ୍ତି ଦେଖି ତ୍ରିଲୋଚନ
ବାଳୁତ ଭାବେ କରନ୍ତି ଚିନ୍ତା ଅନୁକ୍ଷଣ ।
ବ୍ରହ୍ମା ବିଷ୍ଣୁ ଈଶ୍ୱରଙ୍କୁ ଅନେକ ତିଆରି
କେବେହେଁ ଧୈର୍ଯ୍ୟପତି ନ ହେଲେ ଆଦିନାରୀ
ଏମନ୍ତ ଚରିତ ଦେଖି ଦକ୍ଷ ପ୍ରଜାପତି
ଈଶ୍ୱରଙ୍କୁ ପୁଣି ଅତି ବିନୟେ କହନ୍ତି ।
ବୋଇଲେ ହୋ ଚିନ୍ତା ତୁମ୍ଭେ ଛାଡ଼ ପଶୁପତି
ମାତାଙ୍କୁ ଦୁଷିଲୁ ଜ୍ଞାନ ହୀନ ତୋର ମତି ।
ଜଗତରେ ଅପକୀର୍ତ୍ତି ପାଇଲ ବହୁତ
ଏମନ୍ତ କଥା ତୁମ୍ଭର ନୁହଁଇ ଉଚିତ ।
ଏବେ ମାତାଠାରୁ ପ୍ରୀତି ଛାଡ଼ି ଦେବରାଜ
ଅପୂର୍ବ କନ୍ୟା ଦେବଇଁ ମୁଁ ତୁମ୍ଭଙ୍କୁ ଆଜ ।
କାମଦେବଙ୍କ ଜନମ ହୋଇଲା ସମ୍ପୂର୍ଣ୍ଣ
ମହାଦେବ ଦାସ ଏହା କଲେ ବିରଚନ ।

–୪–

ପାର୍ବତୀଙ୍କ ଜନ୍ମ ଓ ବିଭା

ଏତେ ବୋଲିକରି ସେହି ଦକ୍ଷ ପ୍ରଜାପତି
ଗାୟତ୍ରୀ ପଢ଼ି ଦେବୀଙ୍କୁ କଲେ ସେହୁ ସ୍ତୁତି ।
ଗାୟତ୍ରୀ ଜାଣିଲେ ଦକ୍ଷ ବ୍ରହ୍ମାର ଯେ ମନ
ତତକ୍ଷଣେ ଦେବୀ ତାଙ୍କୁ ହୋଇଲେ ପ୍ରସନ୍ନ ।
ଭାବକୁ ଭାବନା ସେହି ଅନାଦି ଈଶ୍ୱରୀ
ଅନନ୍ତ ମୂର୍ତ୍ତି ତକ୍ଷଣେ ପାରଇ ସେ ଧରି ।
ଦକ୍ଷବ୍ରହ୍ମା ମନ ଜାଣିକରି ମହାମାୟୀ
ତକ୍ଷଣେ ଜାତ ହୋଇଲେ ମୂର୍ତ୍ତିମତୀ ହୋଇ ।
ଓଁକାର ଶବଦ କଲେ ଦିବ୍ୟରୂପ ଧରି
ମୁଖରୁ ଜାତ ହୋଇଲେ ଅନାଦି ଈଶ୍ୱରୀ ।
ଦକ୍ଷ ପ୍ରଜାପତି ଆଗେ ହୋଇଲେ ସେ ଉଭା
ଶରୀର କାନ୍ତି ବିକାଶ କନକର ପ୍ରଭା ।
ଅପୂର୍ବ କବରୀ ଭାର ଶୋହେ ତାଙ୍କ ଶିରେ
ବକୁଳ କୁସୁମମାଳା ଶୋଭେ ତଥିପରେ ।
ନୀଳମେଘରେ ଯେସନେ ଉଦେ ଅର୍ଦ୍ଧଶଶୀ
ଖୋଷା ଫିଟିକରି ପୁଷ୍ପ ତେସନ ବିକାଶି ।
କପାଳେ ଶୋଭଇ ଯେହ୍ନେ ଏକଖଣ୍ଡ ଚାନ୍ଦ
ବେନିକର୍ଣ୍ଣ ଜାଣ ତାର କାରାମୟ ଫାନ୍ଦ ।
ହୀରାଚକ୍ର କାପ ତଥି ଉପରେ ଖଞ୍ଜିଲେ
କି ଜାଣି ଗୁରୁ ଶୁକ୍ର ସେ ପାଶେ ବନ୍ଦିକଲେ ।
ବେଣ୍ଟୁଲି ଦୁଇ ଶ୍ରବଣ ଶିଖରେ ଯେ ବସେ
ରତ୍ନଲିଙ୍ଗ କି କଣୟ ପର୍ବତର ପାଶେ ।
ଶ୍ରବଣ ବେନି ମଧ୍ୟରେ ରତ୍ନଫୁଲ ଦୁଇ
ମେରୁର ଶୃଙ୍ଗରେ କିବା ତାର ଦୁଇ ଥାଇ ।
କପୋଳ ଚନ୍ଦନପାଟି ମଧ୍ୟରେ ସିନ୍ଦୂର
କ୍ଷୀରସିନ୍ଧୁ ମଧ୍ୟରେ କି ଉଦେ ଦିନକର ।
କୁରଙ୍ଗ ଲୋଚନେ ଶୋହେ କଜ୍ଜଳର କଳା
ଶ୍ୱେତପଦ୍ମ ନେତ୍ରରେ ଯେ ଭୃଙ୍ଗ ବେନି ଡୋଳା ।
ଭ୍ରୂଲତା ତା କାମଧେନୁ କଳାରେଖା ଗୁଣ
ଚାହାଣି ଛଟକ ତାର କାମ ତୀକ୍ଷ୍ଣ ବାଣ ।
ମନୋହର ନାସିକା ଯେ ତିଳଫୁଲ ଜାଣି
ସୁବର୍ଣ୍ଣ ପଦ୍ମରେ କିବା ଲମ୍ବେ ନୀଳମଣି ।
ସୁରଙ୍ଗ ଅଧର କିବା ପକ୍ୱବିମ୍ବ ଜ୍ୟୋତି
ବର୍ତ୍ତୁଳ ମୁକ୍ତା ଘଟଣ ଜାଣି ଦନ୍ତପତି ।
ଦରହସିତ ମୁଖରେ କୋମଳ ବଚନ
କି ଜାଣି ମଧୁ ମାସରେ କୋକିଳ ନିସ୍ୱନ ।
ଦକ୍ଷିଣାବର୍ତ୍ତ ଶଙ୍ଖଙ୍କୁ କଣ୍ଠ ସମ କରି
ବେଢ଼ା ଶୋଭା ପରକାଶେ ମୁକ୍ତା ଚାପସରି ।

Digitized by srujanika@gmail.com

ବିସ୍ତାର ଯେ ବକ୍ଷସ୍ଥଳେ ସୁସଞ୍ଚ ଉଦର
ଅତି କ୍ଷୀଣ ମଝା ଯେହ୍ନେ ଡମ୍ବରୁ ଆକାର ।
ଦେବାଙ୍ଗ ବସନ ପହୁରିଣ ସେହି ଦେବୀ
ଉପରାଣ ପାଟଖଣ୍ଡି କ୍ଷୀରୋଦ୍ରି ସମ୍ଭବି ।
କଟିରେ କଟିମେଖଳା ରତ୍ନ ଓଢ଼ିଆଣୀ
ବିବିଧ ଅଳଙ୍କାର ଯେ ଶ୍ରୀଅଙ୍ଗେ ମଣ୍ଡଣି ।
ବଳିନ ବେନିଭୁଜ ଯେ କମଳ ମୃଣାଳ
ହୀରାବସା ତାଡ଼ ଦୁଇ ଶୋହେ ବାହୁମୂଳ ।
କଣୟ ଘଟଣ ଦଶ ଅବତାର ପଡ଼ି
ବେନିକରେ ଶୋଭାପାଏ ବେନି ରତ୍ନଚୁଡ଼ି ।
ସୁସଞ୍ଚ ଦଶ ଅଙ୍ଗୁଷ୍ଠି ଚମ୍ପାକଢ଼ି ଜାଣି
ନାନା ରତ୍ନରେ ଜଡ଼ିତ ମୁଦ୍ରିକା ମଣ୍ଡଣି ।
ଅର୍ଦ୍ଧଚନ୍ଦ୍ର ଜିଣି ଶୋହେ ହସ୍ତ ନଖପନ୍ତି
ବେନି କରତଳ ବର୍ଣ୍ଣ ରକତର ଜ୍ୟୋତି ।
ସ୍ଥାପିଲା କି ସ୍ୱର୍ଣ୍ଣ ରମ୍ଭା ବୃକ୍ଷ ଲେଉଟାଇ
ତେସନକ ପଟାନ୍ତର ଦିଶେ ଜାନୁ ଦୁଇ ।
ଲୋକନନ୍ଦ ପରାଯେ ସେ ଶୋହେ ବେନିପାଦ
ଅଶୋକ କଳିକା ତଥି ହୋଇଛି କି ଭେଦ ।
ତେସନେ ପଟାନ୍ତର ଯେ ପୟର ଅଙ୍ଗୁଳି
ପାଦ ତଳିରେ ଅଳତା ଚିତ୍ରର ଆବଳି ।
ହୀରାର ବେନି ବଳା ଯେ ଅପୂର୍ବ ଘଟନ
ଶୋଭା ପାଉଅଛି ସେହି ଦେବୀଙ୍କ ଚରଣ ।
କନକ ଝୁଣ୍ଟିଆ ଆଙ୍ଗୁଳିର ଅଗ୍ରେ ଶୋହେ
ଅପୂର୍ବ ପ୍ରତିମା ତିନି ଭୁବନକୁ ମୋହେ ।
ଯେତେକ ରତ୍ନ ଦେବୀର ଅଙ୍ଗରେ ଦୀପନ
ଶରୀର ଜ୍ୟୋତିରେ ତାହା ଦିଶଇ ନିଉନ ।
ରୂପକୁ ସେ ରସାଣିତ ସୁନ୍ନା ନୋହେ ସରି
ଆବର ତା ପଟାନ୍ତର ତହିଁକି କି କରି ।
ଏକେ ଚମ୍ପକ ବରଣ ଅଟେ କଳେବର
ତହିଁ ରତ୍ନ ଖଞ୍ଜା ହୋଇ ଦିଶେ ଶୋଭାକର ।
ମନରୁ ପାରନ୍ତି ସେହୁ ଜଗତ ଭିଆଇ
ଯତନେ ଦକ୍ଷବ୍ରହ୍ମାର ହେଲେ ଜେମାଦେଈ ।
ଦେଖି ଦକ୍ଷର ଆନନ୍ଦ ହେଲା ପଞ୍ଚମତି
ସେ ଦୁହିତା ନାମ ଦେଲା ଅବଳା ପାର୍ବତୀ ।
ସେ ଅବଳା ପାର୍ବତୀ ଯେ ପରମ ଈଶ୍ୱରୀ
ଯତନେ ଦେହ ଧଇଲେ ଦେବୀ ଆଦିନାରୀ ।
ଅପୂର୍ବ ସୁନ୍ଦରୀ ଜଗଜ୍ଜନଙ୍କର ମାତ
ସର୍ବରୂପ ଗୁଣ ଯାର ଅଙ୍ଗୁ ହୁଏ ଜାତ ।
ତାହାର ରୂପକୁ କିସ ଦେବା ପଟାନ୍ତର
ଜଗଜ୍ଜନନୀ ସନ୍ତୋଷୀ ରୂପେ ଅବତାର ।
ମେରୁଗିରି ଶିଖରେ ଯେ ଦକ୍ଷର ପାରୁଶେ
ବିଜୟୀ ମହାମାୟୀ ଯେ ତରୁଣୀ ବୟସେ ।
ଆପଣେ ଶ୍ରୀକରେ ଦିବ୍ୟ ମୁକ୍ତାମାଳ ଘେନି
ଭାବେ ଈଶ୍ୱର ଦେବଙ୍କୁ ବରିଲେ ଭବାନୀ ।
ଆନନ୍ଦ ହୋଇଲେ ଦେଖି ଦକ୍ଷବ୍ରହ୍ମା ତାଙ୍କୁ
ବରିଲେ ମାଳ ଚନ୍ଦନ ଦେଇ ଈଶ୍ୱରଙ୍କୁ ।
ପାର୍ବତୀ କନ୍ୟାକୁ ପୁଣ ଦିବ୍ୟବେଶ କରି
ଈଶ୍ୱରଙ୍କୁ ବିଭାକଲେ ସୁବାକ୍ୟ ଉଚ୍ଚାରି ।
ବର କନ୍ୟା ଦୁହେଁ ପଟାନ୍ତର ଅନୁରୂପେ
ପାର୍ବତୀ ଯେ ବିଜେ କଲେ ଈଶ୍ୱର ସମୀପେ ।
ଏମନ୍ତ ସୁନ୍ଦର ତାଙ୍କୁ ଦେଖିଲା ଉପମା
ରସାଣ ରଜତ ବାଡ଼େ କନକ ପ୍ରତିମା ।
ଦେଖିଣ ଆନନ୍ଦ ହେଲେ ଦକ୍ଷ ପ୍ରଜାପତି
ପଟାନ୍ତର ଈଶ୍ୱରଙ୍କୁ କେବଳ ପାର୍ବତୀ ।
ଈଶ୍ୱରଙ୍କୁ ଚାହିଁକରି ବହୁ ପୁରଃସରି
ପାତାଳପୁରକୁ ଦେଲେ ଯଉତୁକ କରି ।
ପାର୍ବତୀ ବିବାହ କାର୍ଯ୍ୟ ହୋଇଲା ସମ୍ପୂର୍ଣ୍ଣ
ତାଙ୍କ ପାଦପଦ୍ମେ ରହୁ ମହାଦେବ ମନ ।

-x-

ସରସ୍ୱତୀଙ୍କ ଜନ୍ମ ଓ ବିଭା

ବଦନ୍ତି ମାର୍କଣ୍ଡ ଋଷି ଶୁଣ ହେ ନୃପତି
ଏଥୁ ଅନନ୍ତରେ ସେହି ଦକ୍ଷ ପ୍ରଜାପତି ।
ଈଶ୍ୱର ପାର୍ବତୀଙ୍କର ବିଭା ବିଧି ସାରି
ଆନନ୍ଦ ହୋଇ ବସିଲେ ଚିତ୍ତ ଶୁଦ୍ଧି କରି ।
ଦକ୍ଷିଣ ନାସିକା ଦ୍ୱାରେ ଚଳନ୍ତେ ମରୁତ
ଅପୂର୍ବ କନ୍ୟାଏ ପୁଣି ହେଲା ତହୁଁ ଜାତ ।
ଦକ୍ଷବ୍ରହ୍ମା ନାସିକାରୁ ଜାତ ହୋଇ ନାରୀ
ଛାମୁରେ ଉଭା ହୋଇଲେ ଦିବ୍ୟରୂପ ଧରି ।
ଚାରୁ ସୁଲକ୍ଷଣୀ ସେହି ବାଳୀ ନବଯୁବା
ସେ କନ୍ୟା ରୂପକୁ କିସ ପଟାନ୍ତର ଦେବା ।
ସମ୍ପୂର୍ଣ୍ଣ କଳାନିଧିର ଯେସନକ କାନ୍ତି
ତେସନ ପଟାନ୍ତର ତା ଦିଶେ ଅଙ୍ଗଜ୍ୟୋତି ।
ଅକଳଙ୍କ ଶରୀର ତା ପୂର୍ଣ୍ଣ ସର୍ବଗୁଣେ
ଏମନ୍ତ ଯୁବତୀ ଆନ ନାହିଁ ବିଚକ୍ଷଣେ ।
ସମ୍ପୂର୍ଣ୍ଣ ଚନ୍ଦ୍ରବଦନୀ ନାସା ତିଳଫୁଲ
ଚାଚେରୀ କବରୀ ଭାର ନୀଳ ମେଘ ତୁଲ ।
ସୁଘଟନ କପାଳେ ଅଳକାପନ୍ତି ଶୋହେ
ନୟନ ଚକୋର ଚନ୍ଦ୍ର ଆଶେ କିବା ରହେ ।
ଘଟନ ବେନି କର୍ଣ୍ଣ ଯେ ପାଟଳି ଉପମ
ସୁରଙ୍ଗ ଅଧର ଶୋଭା ବନ୍ଧୁଲୀର ସମ ।

Digitized by srujanika@gmail.com

ହୀରାକୁ ଝଲି ଦଶନ କୁନ୍ଦକଢ଼ି ଜିଣି
ସୁରଙ୍ଗ ଅତି କୋମଳ ତାର ଠାଣିମାଣି ।
ସୁସଙ୍ଗ ଶଙ୍ଖ ସମାନ ଅଟେ କଣ୍ଠତଟ
ବିସ୍ତୃତ ତ୍ରିବଳୀ ଅତିରଞ୍ଜିତ ତା ପେଟ ।
ଗଭୀର ତା ନାଭିକ୍ରୋଟ ସିଂହମଝା ଗୋଟି
ବଳିନ ତା ଭୁଜ ବେନି ରମ୍ଭାପତ୍ର ପିନ୍ଧି ।
ସୁଘଟନ ଜାନୁ ବେନି ପଦ୍ମପାଦ ପାଣି
ପଦ୍ମିନୀ ଅଂଶରେ ଜାତ ଦକ୍ଷର ଦୁଲଣୀ ।
ଶୁକଳ ବସନ ଦେବୀ ଅଙ୍ଗେ ପରିଧାନ
ଉପରାଣ ଶାଢ଼ି କିବା ପାଟଳି ବସନ ।
ଭୁଜେ ରତ୍ନଚୁଡ଼ି ଶୋହେ ପାଦେ ସୁନାବଳା
ଅଙ୍ଗୁଷ୍ଠିରେ ମୁଦ୍ରିକା ଯେ କଟିରେ ମେଖଳା ।
ଭୁଜେ ସୁନାତାଡ଼ ଗଳେ ଶୋହେ ଚାପସରି
ହୃଦରେ ମୁକୁତାମାଳ ଲମ୍ବଇ ତ୍ରିସରି ।
ଅମୂଲ୍ୟ ରତ୍ନ ଜଡ଼ିତ ନାସାର ବସଣୀ
କର୍ଣ୍ଣର ତାଡ଼କ ଜିଣେ ସୁବର୍ଣ୍ଣ ରସାଣୀ ।
କର୍ଣ୍ଣେ ରତ୍ନଫୁଲ ଦୁଇ ପୁଣି ହିରାକଢ଼ି
ଶିରରେ ସୀମନ୍ତ ନବରତନରେ ଜଡ଼ି ।
କୁସୁମ ମଣ୍ଡିତ ଅତିରଞ୍ଜିତ ଯେ ଗଭା
କପୋଳ ତିକଳ ମୃଗ ପଦ ପାଏ ଶୋଭା ।
ଅତି ରୁଚିର ଜାଜ୍ଜ୍ୱଲ୍ୟମାନ ଜ୍ୟୋତି ଘେନି
ପରମ ସାଧବୀ ସେ ଯେ ରୂପେଣ ପଦ୍ମିନୀ ।
ପଦ୍ମିନୀ ପଦ୍ମଲୋଚନୀ ପଦ୍ମ ପ୍ରାୟ କର
ପବିତ୍ର ରୂପରାଶି ଯେ କମଳ ପୟର ।
ସକଳ ସାରସ୍ୱତ ଯେ ଏକଠାବ କରି
ଦକ୍ଷପ୍ରଜାପତି କଲେ ସର୍ଜନା ଯେ ନାରୀ ।
ଉତ୍ତମ ଗୁଣ ସୁନ୍ଦର ରୂପ ତାର ଚାହିଁ
ସରସ୍ୱତୀ ନାମ ତାର ଦେଲେ ଦକ୍ଷ ବିହି ।
ପ୍ରତ୍ୟକ୍ଷେ ସେ ସରସ୍ୱତୀ ଦେବୀ ବିଷ୍ଣୁପ୍ରିୟା
ଦକ୍ଷବ୍ରହ୍ମା ନନ୍ଦିନୀ ସେ ସାକ୍ଷାତରେ ଶ୍ରୀୟା ।
ସଂସାର ହତକାଳେ ସେ ଗୁପ୍ତେ ରହିଥିଲା
ଯତନେ ଦେହ ବହି ସେ ପ୍ରକାଶ ପାଇଲା ।
କହନ୍ତି ସେ ମାରକଣ୍ଡ ଶୁଣ ହେ ସୁରଥ
ସରସ୍ୱତୀଙ୍କି ବିବାହ କଲେ ଜଗନ୍ନାଥ ।
କମଳ ପୁଷ୍ପମାଳାଏ ଶ୍ରୀକରେ ଘେନିଣ
ବିଷ୍ଣୁଙ୍କୁ ସ୍ୱାମୀ ରୂପରେ କଲେକ ବରଣ ।
ଦ୍ୱିତୀୟ ବେଦ ପଢ଼ି ସେ ଦକ୍ଷ ପ୍ରଜାପତି
ଯାବତ ମଙ୍ଗଳ ବାକ୍ୟମାନ ଉଚ୍ଚାରନ୍ତି ।
ଏକାସନେ ବସିଲେକ ବିଷ୍ଣୁ ସରସ୍ୱତୀ
ମନ୍ତ୍ର ପଢ଼ିଣ ଆଶିଷ ଦ୍ୟନ୍ତି ପ୍ରଜାପତି ।
ଶଙ୍ଖେ ପାଣି ଘେନି ଦେଲେ ନାରାୟଣ କର
ବିଧାନରେ ଯଉତୁକ ଦେଲେ ମଞ୍ଜପୁର ।
ଅନେକ ଉତ୍ସବେ ଦେଲେ ନାରାୟଣ ବିଭା
ଅମର ମଣ୍ଡଳେ ଦେଖାଗଲା ଦିବ୍ୟ ଶୋଭା ।
ବ୍ରହ୍ମାଣ୍ଡ ଅଧିକାରୀଙ୍କ ଏ ମଙ୍ଗଳ କଥା
ଶୁଣନ୍ତେ ଯେ ନ ଲାଗଇ ଜନ୍ମ ମୃତ୍ୟୁ ବ୍ୟଥା ।
ଏକମନ ହୋଇ ଯେଣୁ ଶୁଣନ୍ତି ଏ କୀର୍ତ୍ତି
ମହାଦେବ ଦାସ ବୋଲେ ନାହିଁ ତାର ଭୀତି ।

-x-

ସାବିତ୍ରୀଙ୍କ ଜନ୍ମ ଓ ବିଭା

ଏଥୁ ଅନନ୍ତରେ ରାଜା ଶୁଣ ଦିବ୍ୟରୀତି
ଲଭିଲେ ଯେ ନାରାୟଣ ସ୍ୱାମୀ ସରସ୍ୱତୀ ।
ଦକ୍ଷ ପ୍ରଜାପତି ଅଟେ ଦ୍ୱିତୀ ବେଦବର
କରନ୍ତା ବିହ୍ମନ୍ତା ସେହି ପୁରୁଷ ପ୍ରବର ।
ମେରୁଗିରି ଶିଖେ ପୁଣ ବସିଲେ ପୁରୁଷ
ପୁଣି ହିଁ ଏକ ଦୁହିତା କଲେ ପରକାଶ ।
ସେ କନ୍ୟାର ମହିମା ଯେ ଅତି ଅଗୋଚର
ପ୍ରଜାପତି କପାଳରୁ ହେଲେ ଅବତାର ।
ଜାତ ହୋଇ ହେଲେ ଦେବୀ ଛାମୁରେ ଯେ ଉଭା
ସୁଧର୍ମା ମଣ୍ଡପ ଦେଖାଗଲା ମହାଶୋଭା ।
ସମସ୍ତଙ୍କ ମଧରେ ସେ ସୁନ୍ଦର ରମଣୀ
ଶରୀର ବିକାଶେ ରତ୍ନ ମର୍କତକୁ ଜିଣି ।
ବସନ୍ତ ପତନୀ ଶୋଭା ଦିଶଇ ଅଙ୍ଗରେ
ସୁରଙ୍ଗପାଟ ଦୋଷଡ଼ା ତହିଁର ଉପରେ ।
କୃଷ୍ଣବର୍ଣ୍ଣ ରତ୍ନମାନ ଅଙ୍ଗେ ଆଭରଣ
କି ଜାଣି ନୀଳ ମେଘରେ ତଡ଼ିତର ବର୍ଣ୍ଣ ।
ସର୍ବଗୁଣେ ସୁନ୍ଦରୀ ସେ ସୁଲକ୍ଷଣୀ ନାରୀ
ପଟାନ୍ତର ଦେବାକୁ କେ ନାହିଁ ସମସରି ।
ସୁନ୍ଦରୀ ବୁଦ୍ଧିମତୀ ସେ ପ୍ରସନ୍ନ ବଦନୀ
ଧୀରବୁଦ୍ଧି ବିବେକିନୀ ଅତି ସୁଲକ୍ଷଣୀ ।
ଜଗତ ଜନନୀ ପ୍ରାୟେ ଦିଶଇ ତା ମୂର୍ତ୍ତି
ଦେଖିଣ ପରମ ତୋଷ ହେଲେ ପ୍ରଜାପତି ।
କନ୍ୟାର ରୂପ ଦେଖିଣ ମନେ ବିଚାରିଲେ
ସୁବୁଦ୍ଧି ପଣ ଦେଖି ସାବିତ୍ରୀ ନାମ ଦେଲେ ।
ଶ୍ରୀ କରରେ ବନମାଳି ଘେନି ପ୍ରଜାପତି
ପିତାମହକୁ ସେ କନ୍ୟା ବରିଲେ ତଡ଼ତି ।
କରପତ୍ର ଯୋଡ଼ି କରି କହନ୍ତି ବଚନ
ଆହେ ପ୍ରଭୁ ପିତାମହ ଭକ୍ତି ମୋର ଘେନ ।
ଅଯୋନି ସମ୍ଭୂତା ତିନି ପୁରର ଏମାଏ
ଏ ମୋର କୋଳେ ଦୁହିତା ତିନିଗୋଟି ହୁଏ ।

Digitized by srujanika@gmail.com

ପ୍ରତ୍ୟକ୍ଷ ତ୍ରିପୁରା ଏ ଯେ ତିନି ରୂପ ଧରି
ଏ ମୋର ଅଙ୍ଗରୁ ଜାତ ହେଲେ ତିନି ନାରୀ ।
ଜ୍ୟେଷ୍ଠ ଝିଅ ପାର୍ବତୀ ସେ ଈଶ୍ୱରଙ୍କୁ ଦେଲି
ଦ୍ୱିତୀୟ ନନ୍ଦିନୀ ସରସ୍ୱତୀ ନାମ ବୋଲି ।
ସେ କନ୍ୟାକୁ ବିଭାହେଲେ ଦେବ ନାରାୟଣ
ତୃତୀୟ କନ୍ୟାକୁ ବିଭା ହୋଇବେ ଆପଣ ।
ଶୁଣି ପିତାମହ ତହୁଁ ସନମତ କଲେ
ବିବାହ ଯୋଗାଡ଼ ଦକ୍ଷ ତହୁଁ ଆରମ୍ଭିଲେ ।
ଅନେକ ଉତ୍ସବ ହେଲା ସୁଧର୍ମା ସଭାରେ
ବିଧାତା ବିଭା ସମ୍ପତ୍ତି କହନ୍ତେ କେ ପାରେ ।
ଜାଣିବା ବିଭା ମଙ୍ଗଳ ବଚନ ଉଚ୍ଚାରି
ସାବିତ୍ରୀ କନ୍ୟାକୁ ବିଭା ହେଲେ କୁଶଧାରୀ ।
ଦକ୍ଷ ପ୍ରଜାପତି ଦୁହିତାର ବିଭା ସାରି
ବ୍ରହ୍ମାଙ୍କୁ ଯେ ଯଉତୁକ ଦେଲେ ସ୍ୱର୍ଗପୁରୀ ।
ବିଧାତା ଆବର ବିଷ୍ଣୁ ନାଥ ସଦାନନ୍ଦ
କନ୍ୟାମାନ ପାଳି ହେଲେ ମନରେ ଆନନ୍ଦ ।
ବ୍ରହ୍ମା ବିଷ୍ଣୁ ଈଶ୍ୱର ଏ ତିନି ଅବତାର
ଯେ ବ୍ରହ୍ମା ସେ ବିଷ୍ଣୁ ସେହି ଅଟନ୍ତି ଈଶ୍ୱର ।
ମହାଦେବ ଦାସ ସେବେ ସେହି ତିନିମୂର୍ତ୍ତି
ଏ ଭବ ସାଗରୁ ମୋତେ ଉଦ୍ଧର ଶ୍ରୀପତି ।

-x-

ଚତୁର୍ମୁଖ ବ୍ରହ୍ମା ଉତ୍ପତ୍ତି

ଏଥୁଅନ୍ତେ ସେ ସୁରଥ ନାମେ ମହାରାୟେ
ମାରକଣ୍ଡ ଚରଣରେ ହୋଇଣ ବିନୟେ ।
କରପତ୍ର ଯୋଡ଼ି ପଚାରଇ ନରପତି
ଭୋ ମହାଋଷି କହିବା ହେଉ ବିଷ୍ଣୁ କୀର୍ତ୍ତି ।
ପବିତ୍ର ଗ୍ରନ୍ଥ ପୁରାଣ ଏହୁ ପୁଣ୍ୟ ଧ୍ୱନି
ଲଭିବ ପରମ ଗତି ତୁମ୍ଭେ ତହୁଁ ଶୁଣି ।
ରାଜାର ଶ୍ରଦ୍ଧା ଦେଖିଣ ମାରକଣ୍ଡ ଋଷି
ଶ୍ରୀଚଣ୍ଡୀ ପୁରାଣ କଥା କହନ୍ତି ବିଶେଷି ।
ଶୁଣ ତୁହୋ ସିନ୍ଧୁ ଦେଶ ନୃପତି ସୁରଥ
ଶ୍ରୀଚଣ୍ଡୀ ପୁରାଣ ଏହା ଅଟେ ପରମାର୍ଥ ।
ବ୍ରହ୍ମା ବିଷ୍ଣୁ ଈଶ୍ୱର ଯେ ବିଭାବିଧି ସାରି
ବିଜେ କରିଅଛନ୍ତି ଯେ ମେରୁ ନାମେ ଗିରି ।
ଛାମୁରେ ଯେ ଦକ୍ଷ ପ୍ରଜାପତି ଉଭାହୋଇ
କରପତ୍ର ଯୋଡ଼ିକରି କହନ୍ତି ବିନୟୀ ।
ପିତାଙ୍କୁ କହିଲେ ତୁମ୍ଭେ ବିଜେକରି ଯାଅ
ଯଶୋବନ୍ତୀ ପୁରରେ ଯେ ନିଶ୍ଚିନ୍ତରେ ଥାଅ ।
ବିଷ୍ଣୁଙ୍କୁ ବୋଇଲେ ତୁମ୍ଭେ ସପତ ଅନ୍ତରେ
ବିଜେକରି ରହ ବ୍ରହ୍ମା ବଇକୁଣ୍ଠ ପୁରେ ।
ତଦନ୍ତେ ସେ ପ୍ରଜାପତି ଈଶ୍ୱରଙ୍କୁ ଚାହିଁ
ବୋଇଲେ କଇଳାସରେ ରହ ତୁମ୍ଭେ ଯାଇଁ ।
ପ୍ରଜାପତି କଥାରେ ସେ ତ୍ରିପୁରା ପାରୁଶେ
ଯେ ଯାହା ସ୍ଥାନରେ ଯାଇ ରହିଲେ ହରଷେ ।
ବ୍ରହ୍ମାଙ୍କ ପାଶେ ରହିଲେ ନାରଦ ମହର୍ଷି
କାମଦେବ ହୋଇଲେକ ବଇକୁଣ୍ଠବାସୀ ।
କଇଳାସରେ ରହିଲେ ଈଶ୍ୱର ପାର୍ବତୀ
ସୁଧର୍ମା ସଭାରେ ରହିଲେକ ପ୍ରଜାପତି ।
ଦକ୍ଷ ପ୍ରଜାପତି ରହିଲେକ ପୁଣ୍ୟସ୍ଥାନେ
ବିସ୍ମୟ ହୋଇ ବିଧାତା ବିଚାରଇ ମନେ ।
ବିଚାର କରଇ ଏବେ କି ବୁଦ୍ଧି କରିବି
ଜୀବଜନ୍ତୁମାନେ କେଉଁମତେ ଭିଆଇବି ।
ଅଟନ୍ତି ଏ ସଂସାରରେ କର୍ତ୍ତା ଯେଉଁମାନେ
ଅଚିନ୍ତା ହୋଇ ରହିଲେ ଯେ ଯାହାର ସ୍ଥାନେ ।
ସଂସାର ଭିଆଇ ମୁହିଁ ଅଇଲି ଯୁକତେ
ଯାବତ ବାରତା ବିହି ପଚାରିଲେ ମୋତେ ।
ସୃଷ୍ଟି ଭିଆଣ କଥା ଯେ ବିଷ୍ଣୁ ଆଗେ କହୁଁ
ଅନଙ୍ଗ ଜାତ ହୋଇଲେ ବିଶ୍ୱନାଥ ଦେହୁ ।
ତାହାକୁ ଦେଖିଣ ମୋହ ହେଲେ ଶୂଳପାଣି
ତେଣୁ ବିଜେ କଲେ ଆସି ଦେବୀ ଗୋସାମଣି ।
ସେ ଗୋସାମଣି ତ୍ରିପୁରା ଦେବୀ ମାହେଶ୍ୱରୀ
ଅବତାର ହୋଇଲେ ସେ ତିନିରୂପ ଧରି ।
ଅନାଦି ତିନି ପୁତ୍ରଙ୍କୁ ବିଭା ମୁହିଁ କଲି
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେ ଯଉତୁକ ଦେଲି ।
କନ୍ୟାମାନେ ପାଇକରି ବିହନ୍ତା ପୁରୁଷେ
ଅଚିନ୍ତା ହୋଇ ରହିଲେ ଯାଇ ଦିବ୍ୟବାସେ ।
ଏବେ କେମନ୍ତେ କରିବି ଜାତ ହନୁମାନ
ଚଉଦ ଭୁବନ ହୋଇ ଅଛଇ ଯେ ଶୂନ୍ୟ ।
ଚତୁର୍ମୁଖ ବ୍ରହ୍ମା ହେବ ଯେଉଁପରି ଜାତ
ତେବେ ନ ପାଇବି ମୁହିଁ ବାରତା ଯାବତ ।
ଏତେ ବୋଲି ସେ ବିହି ପୁରୁଷ ତହିଁ ବସି
ଧ୍ୟାନେ ସୁମରଣା କଲା ବଇକୁଣ୍ଠବାସୀ ।
ନାରାୟଣଙ୍କର ପାଦେ ଚିତ୍ତବୃତ୍ତି ଦେଇ
ପଢ଼ଇ ଯେ ଦିବ୍ୟସ୍ତୁତି ଏକମନ ହୋଇ ।
ଜୟ ତୁ ନାରାୟଣ ହେ ଜଗତ ତାରଣ
ଅନନ୍ତ କୋଟି କଳପ ଯାହାର ଭିଆଣ ।
ସକଳ ଜନ୍ତୁମାନଙ୍କ ପୁରାଣ ପୁରୁଷ
ଯୋଗୀଜନ ମନ ମାନସରୋବର ହଂସ ।
ଚଉରାଶି ଖଣ୍ଡ ଜ୍ଞାନେ ଯାହାଙ୍କୁ ଭାବନା
ଆତଙ୍କଭଞ୍ଜନ ନାଥ ଭକ୍ତ ବଜ୍ରସେହ୍ନା ।

Digitized by srujanika@gmail.com

କଳ୍ପନା ସିଦ୍ଧି କରତା କରୁଣା ବାରିଧି
ଦନୁଜ କୁଳାନ୍ତକ ଯେ ପ୍ରଭୁ ଦୟାନିଧି ।
ଅନାଦି ଅବତାର ଯେ ଅଭୟ ଅଚ୍ୟୁତ
ପଦ୍ମିନୀ ବଲ୍ଲଭ ନାଥ ସରସ୍ୱତୀ କାନ୍ତ ।
ରୁଚିର ପବିତ୍ର କଳେବର ନୀଳକାନ୍ତି ।
ଅମିୟ ସାଗର କିବା ନୀଳମେଘ ଭ୍ରାନ୍ତି ।
ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋହେ ଚତୁର୍ଭୁଜ
ସେ ସର୍ବମଙ୍ଗଳ ନାଥ ହେ ଦେବାଧିରାଜ ।
ଅନନ୍ତ ମୂରତି ସ୍ୱାମୀ ନାମ ତୋ ଅନନ୍ତ
ମହାବିଶ୍ୱ ରୂପ ତୋର ସଂସାରେ ପୂଜିତ ।
ଅଗମ୍ୟ ଆକାଶ ଅଟେ ଯାହାଙ୍କର ଶିର
ପାଦ ପାତାଳ ଯାହାର ହୃଦ ମଞ୍ଚପୁର ।
ଚଉଦ ବ୍ରହ୍ମାଣ୍ଡଯାକ କଳ୍ପନାର ସିଦ୍ଧି
ମନରୁ ଜାତ ହୁଅଇ ଯାର ଚତୁର୍ବିଧି ।
ଚଉବର୍ଗ ଦାନୀ ଯେହୁ ସର୍ବ କର୍ମକର୍ତ୍ତା
ଅନେକ କୋଟି ବ୍ରହ୍ମାଣ୍ଡେ ଯେହୁ ଜୀବଦାତା ।
ନମୋ ପୁରାଣ ପୁରୁଷ ନାରାୟଣ ଅଂଶ
ନମସ୍ତେ ଶ୍ରୀ ନାରାୟଣ ସଞ୍ଚ ଚତୁର୍ଦ୍ଦଶ ।
ନମସ୍ତେ ଶ୍ରୀ ନାରାୟଣ ନିଗମର ସାର
ନମସ୍ତେ ଶ୍ରୀ ନାରାୟଣ କମଳାର ବର ।
ନମସ୍ତେ ଶ୍ରୀ ନାରାୟଣ ଶ୍ରୀ ମଧୁସୂଦନ
ନମସ୍ତେ ଶ୍ରୀ ନାରାୟଣ ଜଗତ ସ୍ଥାପନ ।
ନମସ୍ତେ ଶ୍ରୀ ନାରାୟଣ କ୍ଷୀରସିନ୍ଧୁବାସୀ
ନମସ୍ତେ ଶ୍ରୀ ନାରାୟଣ ବ୍ରହ୍ମ ପଦ୍ମକାଶି ।
ନମସ୍ତେ ଶ୍ରୀ ନାରାୟଣ ପନ୍ନଗ ଆସନ
ନମସ୍ତେ ଶ୍ରୀ ନାରାୟଣ ଜଗତ ମୋହନ ।
ନମସ୍ତେ ଶ୍ରୀ ନାରାୟଣ କୀଟବ୍ରହ୍ମ ଏକ
ନମସ୍ତେ ଶ୍ରୀ ନାରାୟଣ ଜଗତ ବ୍ୟାପକ ।
ନମସ୍ତେ ଶ୍ରୀ ନାରାୟଣ ପୁରୁଷ ଉତ୍ତମ
ନମସ୍ତେ ଶ୍ରୀ ନାରାୟଣ ବିଶ୍ରାମର ସ୍ଥାନ ।
ନମସ୍ତେ ଶ୍ରୀ ନାରାୟଣ ପରଂବ୍ରହ୍ମ ସ୍ୱାମୀ
ନମସ୍ତେ ଶ୍ରୀ ନାରାୟଣ ସର୍ବ ଅନ୍ତର୍ଯାମୀ ।
ନମସ୍ତେ ଶ୍ରୀ ନାରାୟଣ ନର୍କ ଉଦ୍ଧାରଣ
ନମସ୍ତେ ଶ୍ରୀ ନାରାୟଣ ଭାରା ନିବାରଣ ।
ନମସ୍ତେ ଶ୍ରୀ ନାରାୟଣ କଷ୍ଟରୁ ଉଦ୍ଧାର
ନମସ୍ତେ ଶ୍ରୀ ନାରାୟଣ ଶଙ୍ଖଚକ୍ର ଧର ।
ନମସ୍ତେ ଶ୍ରୀ ନାରାୟଣ ଭକ୍ତ ଉଦ୍ଧାରକ
ନମସ୍ତେ ଶ୍ରୀ ନାରାୟଣ ତ୍ରିଲୋକ ପାଳକ ।
କିଞ୍ଚିତ ଭକତି ମୋର ଘେନ ସାଧୁଜନେ
ବିଷ୍ଣୁର ଦିବ୍ୟ କୀରତି ଶୁଣ ଏକମନେ ।

ମାରକଣ୍ଡ ଋଷି ରାଜା ସୁରଥର ଆଗେ
ଶ୍ରୀଚଣ୍ଡୀପୁରାଣ କହୁଛନ୍ତି ଶାସ୍ତ୍ରଯୋଗେ ।
ଶୁଣ ତୁହୋ ମହୀପତି ଏଥୁ ଅନନ୍ତରେ
ଦକ୍ଷ ପ୍ରଜାପତି ଥାଇ ସୁଧର୍ମା ସଭାରେ ।
ବିଷ୍ଣୁଙ୍କୁ ଏ ସ୍ତବ କରି ପଢ଼େ ସ୍ତୁତିବାଣୀ
ଆହେ ସ୍ୱାମୀ ଅନୁଗ୍ରହ କର ଚକ୍ରପାଣି ।
ତୁମ୍ଭର ଆଜ୍ଞାରେ ମୁହିଁ ଜଗତ ଭିଆଇ
ତୁମ୍ଭ ଛାମୁକୁ ଅଇଲି କହିବାର ପାଇଁ ।
ଜଗତ ଭିଆଣ କଥା କହୁ ତୁମ୍ଭ ଆଗେ
ଆନ କଥାଗୋଟା ମନେ ପଡ଼ିଗଲା ଯୋଗେ
ଅଦଭୁତେ କାମଦେବ ହେଲା ଅବତାର
ଦେଖିଣ ମୋହିତ ହେଲେ ପ୍ରଭୁ ମହେଶ୍ୱର ।
କାହିଁପାଇଁ ତିନିକନ୍ୟା ଜାତକଲି ମୁହିଁ
ତୁମ୍ଭ ତିନି ଭାଇଙ୍କୁ ତା ବିଭା କରିଦେଇ ।
କନ୍ୟା ଘେନିକରି ତୁମ୍ଭେ ରହିଲ ନିଶ୍ଚିନ୍ତେ
ସଂସାର ଭିଆଣ ଏବେ ହେବ କେଉଁମତେ ।
ଏଥିକି ଉପାୟେ ମୋତେ କହ ଭାବଗ୍ରାହୀ
ଏତେ ବୋଲି ଦକ୍ଷ ରହେ ମୌନବ୍ରତୀ ହୋଇ
ମନ ନେତ୍ର ଚଇତନ ଆଦି ଦୃଢ଼ଧରି
ନାରାୟଣ ସ୍ୱାମୀଙ୍କୁ ସେ ଏକଲୟ କରି ।
ଦୃଢ଼ଚିତ୍ତେ ଯେଣୁ ଧ୍ୟାନ କରିଲେକ ଦକ୍ଷ
ସର୍ବ ଅନ୍ତର୍ଯାମୀ ତାହା ଜାଣିଲେ ପ୍ରତ୍ୟକ୍ଷ ।
ସପତ ଗିରି ଅନ୍ତରେ ଯେ ଅକ୍ଷୟଶିଳା
ତଥିପରେ ବିଜୟ ସେ ବଇକୁଣ୍ଠ ଲୀଳା ।
ସେ ଲୀଳା ବଇକୁଣ୍ଠେ ସେ ବ୍ରହ୍ମା ସିଂହାସନ
ବିରାଜ ନାମେଣ ତହିଁ ପନ୍ନଗ ଆସନ ।
ସେ ପନ୍ନଗ ପରେ ବିଜେ ନାରାୟଣ ସ୍ୱାମୀ
ଯୋଗନିଦ୍ରା ଯାଇଥିଲେ ତହିଁ ଅନ୍ତର୍ଯାମୀ ।
ପାଦ ତଳେ ବସିଛନ୍ତି ଦେବୀ ସରସ୍ୱତୀ
ଯନ୍ତ୍ରବୀ ଚାଳି ଗୀତ ଗାନ୍ଧାରେ ଗାବନ୍ତି ।
ଅଟନ୍ତି ସେ ଦ୍ୱାରେ ରକ୍ଷାକାରୀ କାମଦେବ
ନିଶ୍ଚିନ୍ତରେ ନିଦ୍ରା ଯାଇଛନ୍ତି ବାସୁଦେବ ।
ଏମନ୍ତ ସମୟେ ସେହି ନୀଳଗିରି ସ୍ଥାନେ
ଦକ୍ଷ ପ୍ରଜାପତି କହେ ସୁମରିଣ ଧ୍ୟାନେ ।
ସର୍ବ ଆତ୍ମାରେ ବ୍ୟାପକ ଈଶ୍ୱର ପୁରୁଷ
ବହୁ ଦୂର ବାର୍ତ୍ତା ତାଙ୍କ ସନ୍ନିଧେ ପ୍ରକାଶ ।
ଭାବକୁ ନିକଟ ସେହି ଭକ୍ତଗୁଣଗ୍ରାହୀ
ଭକତଜନେ ଅନ୍ତର ଯାହାଙ୍କର ନାହିଁ ।
ଦକ୍ଷ ପ୍ରଜାପତି ମନ ଜାଣି ହୃଷୀକେଶ
ନାଭିରୁ ପଦ୍ମଫୁଲେକ କଲେ ପରକାଶ ।

Digitized by srujanika@gmail.com

ସେ ପଦ୍ମର ମହିମା ତୁ ଶୁଣ ମହୀପାଳ
ତିନିଲକ୍ଷ ଯୋଜନ ସେ ଉତ୍ସର୍ଗ ମୃଣାଳ ।
ଦ୍ୱାଦଶ ଯୋଜନ ମୋଟ ଅଟଇ ଓସାର
ସହସ୍ର ପାଖୁଡ଼ା ତହୁଁ କଣୟ ଆକାର ।
କେଶର ମଧ୍ୟକେ ପଞ୍ଚବିଂଶ କେଶସ୍ଥଳୀ
ପୂର୍ବ ଭାଗରେ ମଣ୍ଡିତ ଗଭୀର ଆବଳୀ ।
ସାତକୋଶ ଯାଏ ଯାର ଜ୍ୟୋତି ପରକାଶ
ଗନ୍ଧେ ଆମୋଦଇ ସେହୁ ପୁର ଚତୁର୍ଦ୍ଦଶ ।
ବିଷ୍ଣୁଙ୍କର ପାଦତଳେ ଥିଲେ ସରସ୍ୱତୀ
ପଦ୍ମର ବାସନା ନାସେ ଘେନିଲେ ଯୁବତୀ ।
ନାସାତଟେ ଗନ୍ଧ ଯହୁଁ ହେଲା ଆମୋଦିତ
କୃଷ୍ଣବର୍ଣ୍ଣ ଭ୍ରମରେକ ହେଲା ତହୁଁ ଜାତ ।
ସେ ଭ୍ରମର ଉଡ଼ିଯାଇ ବସି ପଦ୍ମଫୁଲେ
କେଶର ଚୁମ୍ବନ୍ତେ ତହୁଁ ପୁରୁଷେ ଜନ୍ମିଲେ ।
କମଳ ଭିତରେ ଗୋପ୍ୟ ହୋଇଲା ଭ୍ରମର
ଅପୂର୍ବ ପୁରୁଷ ତହୁଁ ହୋଇଲା ବାହାର ।
ପ୍ରତ୍ୟକ୍ଷ ବିଧାତା ସେହୁ ଚତୁର ବଦନ
ବିଷ୍ଣୁଙ୍କର ଅଂଶ ଘେନି ହେଲା ଉତପନ୍ନ ।
ପଦ୍ମରୁ ଜାତ ହୋଇଲା ନାମ ପଦ୍ମଯୋନି
ବିବେକ ଧାମକ ସେହୁ ପରଂବ୍ରହ୍ମଜ୍ଞାନୀ ।
ଚତୁରମୁଖ ଅପୂର୍ବ ଶୋଭାର ଆଧାର
ବ୍ରହ୍ମା ବିଷ୍ଣୁ ଈଶ୍ୱର କି ଗମନ ଶିଖର ।
ଏ ଚାରି ଦେବତା କିବା ହେଲେ ଏକ ମୂର୍ତ୍ତି
ଶରୀର ତ ବିରାଜଇ ଚମ୍ପାପୁଷ୍ପ ଜ୍ୟୋତି ।
ସୁକୁମାର ଅଙ୍ଗ ଦରହାସ୍ୟ ମୁଖ ଚାରି
ଓଁକାର ଶବଦେ ଚାରି ବେଦ ଅଛି ପୂରି
ନଳିନୀ ପାଖୁଡ଼ା ପ୍ରାୟେ ତିଳକ କପୋଳେ
ଲୋଟଣୀ ଛନ୍ଦରେ ଜୁଡ଼ା ଲମ୍ବେ ବକ୍ଷସ୍ଥଳେ ।
ଅପୂର୍ବ ବଚନ ପୁଣି ଚାହାଣୀ ଶୀତଳ
ସୁଦୀର୍ଘ ନାସିକା ଓଷ୍ଠ ଜିଣି ବିମ୍ବଫଳ ।
ଡାଳିମ୍ବର ବୀଜ ପ୍ରାୟେ ବିରାଜେ ଦଶନ
ନିଗମ ପଢ଼ନ୍ତେ ଶୁଭ ଅଛଇ ଗହନ ।
ହୀରା ରୁଦ୍ରକଢ଼ି ଶୋଭାପାଏ କର୍ଣ୍ଣ ପୁଟେ
ପଇତା ଉତ୍ତରୀ ହୃଦୟର କନ୍ଧତଟେ ।
ଏକମୁଖୀ ରୁଦ୍ରାକ୍ଷ ଯେ ଶୋହେ ତିନିସରି
ଗଳାଠାରୁ ନାଭିଯାଏ ଲମ୍ବେ କେରି କେରି ।
ସୁବିସ୍ତାର ହୃଦୟରେ ଶୋହେ ଅଷ୍ଟହାର
ମେରୁକୁ ବେଢ଼ିଛି ଯେତେ ଅଷ୍ଟ ଗିରିବର ।
ଛତା ପୀଢ଼ ଗଡୁଆଦି ଶୋହେ ବେନିକର
ହସ୍ତରେ ଘେନିଅଛଇ ଲେଖନ ପତର ।
ସର୍ବବେଦ ପୋଥି ଆଉ ଅଗ୍ନି ବିଷ୍ଣୁଶିଳା
ଏ ବିଧିରେ ଅଷ୍ଟଭୁଜେ ଶୋଭା ଅନର୍ଗଳା ।
ଶୁକଳ ଅମ୍ବର କଟିତଟରେ ଶୋଭିତ
ଦୋଷଡ଼ା ପୀତପଟ୍ଟ ଯେ ମୋହଇ ଜଗତ ।
ବେନି ଚରଣ ତଳକୁ ନାହିଁ ପଟ୍ଟାନ୍ତର
ଲକ୍ଷେକ ଲକ୍ଷଣ ଖଟିଅଛନ୍ତି ପୟର ।
ଏମନ୍ତ ସ୍ୱରୂପ ହୁଏ ସେ ପୁରୁଷ ଜାତ
ପ୍ରତ୍ୟକ୍ଷରେ ବ୍ରହ୍ମା ସେହୁ ଅଟଇ ବିଧାତ ।
ଦଇବି ପ୍ରଳୟେ ସେହୁ ଥିଲେ ବିଷ୍ଣୁ ଅଙ୍ଗେ
ଧର୍ମ ପ୍ରକାଶନ୍ତେ ଜନ୍ମ ହୋଇଲେକ ରଙ୍ଗେ ।
କମଳର ସୁକେଶର ଭିତରେ ସେ ରହି
ସରସ୍ୱତୀଙ୍କି ପୁଛିଲେ କି କରିବି ମୁହିଁ ।
ଶାରଦା ଆଜ୍ଞା ଦେଲେକ ଶୁଣ ପଦ୍ମଯୋନି
ଦ୍ୱିତୀୟ ବିଧାତା ତୁହି ଅଟୁ ମହାଜ୍ଞାନୀ ।
ଯେବଣ କମଳୁ ତୁହି ହେଲୁ ଅବତାର
ତଥିର ଉପରେ ଅଛି ଚଉଦ ପୁଷ୍କର ।
ସେ ପୁଷ୍କର ଘେନିଣ ତୁ ଚଳସି ଦଇବ
ଜଗତର ଜୀବଜନ୍ତୁ ଭିଆଅ ତୁ ସର୍ବ ।
ଏମନ୍ତ ଆଜ୍ଞା ପାଇଣ ସେହୁ ପଦ୍ମଯୋନି
ଚଳିଲା ବଡ଼ ବେଗରେ ବ୍ରହ୍ମା ଆଜ୍ଞା ଘେନି ।
ବୈକୁଣ୍ଠପୁର ତେଜିଣ ହୋଇଲେ ବାହାର
କାମଦେବ ଆସି ତହୁଁ ମିଳିଲା ଦୁଆର ।
ବୋଇଲା କେଣେ ଯାଉ ତୁ ଚତୁର ବଦନ
କେଉଁ ବାଟ ଦେଇ ଯିବୁ ବିଷ୍ଣୁର ଭୁବନ ।
କିସ ଘେନିକରି ଏବେ ହୋଇଲୁ ବାହାର
ସମସ୍ୟା ଦେଇଣ ଯାଅ ମୋହରି ଆଗର ।
ବ୍ରହ୍ମା ବୋଇଲେ ଯେ ଆମ୍ଭେ ବିଷ୍ଣୁର ନନ୍ଦନ
ନାଭି କମଳରୁ ହୋଇଅଛୁ ଉତପନ ।
ସରସ୍ୱତୀ ଦେବୀ ଆଜ୍ଞା ବିହିଲେକ ମୋତେ
ଜୀବଜନ୍ତୁଙ୍କୁ ସର୍ଜିବା ପାଇଁ ଏ ଜଗତେ ।
ତେଣୁ ମୁହିଁ ଯାଉଅଛି ଘେନିଣ ପୁଷ୍କର
ତୁ ମହାତ୍ମା ବୀର ଏବେ ବିରୋଧ ନ କର
ତୋହର ମୋହର ନାହିଁ କିଛି ଭିନ୍ନା ଭିନ୍ନ
ବିଶେଷ ସୋଦର ଦୁହେଁ ବିଷ୍ଣୁର ନନ୍ଦନ ।
ତୁ ମନରୁ ଜନ୍ମିଲୁ ମୁଁ ନାଭିରୁ ଉତ୍ପତ୍ତି
ଆମ୍ଭ ଦୁହିଙ୍କ ପିଅର ଅଟନ୍ତି ଶ୍ରୀପତି ।
ମୁହିଁ ଏବେ ଯାଉଅଛି ସଂସାର ଭିଆଇ
ତୁହି ହୋ ମହାତ୍ମା ଥାଅ ଏହିଠାରେ ରହି ।
ଏମନ୍ତ ବଚନ ଶୁଣି ବୋଇଲେ ମନ୍ମଥ
ତୁହୋ ବିଷ୍ଣୁଙ୍କର ସୁତ ମୋର ସାନଭ୍ରାତ ।

Digitized by srujanika@gmail.com

ତୁହି ଯେବେ ଯାଉଅଛୁ ସଂସାର ଭିଆଇ
ମୁଁ ତୋ ଜ୍ୟେଷ୍ଠଭାଇ ମୋତେ କି ଦେବୁ ବଧାଇ ।
ବିଧାତା ବୋଲେ ବଧାଇ ମାଗୁ ଅଛେବ ମୋତେ
ଅପୂର୍ବ କନ୍ୟା ଗୋଟିଏ ପ୍ରାପ୍ତହେଉ ତୋତେ ।
ହେଉ ବୋଲନ୍ତେଣ ତହୁଁ କନ୍ୟା ହେଲା ଜାତ
ରୂପ ଅନୁରୂପ ସେହି ମୋହିଲା ଜଗତ ।
ସର୍ବଗୁଣେ ପରିପୂର୍ଣ୍ଣ ସୁନ୍ଦରୀ ରମଣୀ
ଦ୍ୱିତୀୟ ପାର୍ବତୀ କିବା ବିଜେକଲେ ପୁଣି ।
ସେହି ସଦୃଶ ଅଟଇ ବ୍ରହ୍ମାର ନନ୍ଦିନୀ
ଅପୂର୍ବ ପାର୍ବତ୍ୟ ସେହୁ ତ୍ରୈଲୋକ୍ୟ ମୋହିନୀ
ଯତନେ ବିଧାତା ଦେବା ପାଇଁ ଅନଙ୍ଗଙ୍କୁ
ଅତ୍ୟନ୍ତ ଘଟନ କରି ସର୍ଜିଲା ତାହାକୁ ।
ରତି ନାମେ କନ୍ୟା ସେହୁ ବ୍ରହ୍ମାଙ୍କ ନନ୍ଦିନୀ
କାମକୁ ପ୍ରଦାନ ତାହା କଲେ କୁଶପାଣି ।
ମହୀପାଳ ପଦ ତହୁଁ ଅନଙ୍ଗଙ୍କୁ ଦେଇ
ସେଠାବର ପଦ୍ମଯୋନି ଗଲେ ବେଗ ହେଇ ।
ଶୁଣ ହେ ସୁରଇ ରାଜା ବଦୟନ୍ତି ଯତି
ବିହିର ଜନମ କଥା ସୁପବିତ୍ର କୀର୍ତ୍ତି ।
ଏକମନ ହୋଇ ଯେଣୁ ଶୁଣେ ଏହିବାଣୀ
ଦଇବ ମାହାରୁ ତରିଯାଏ ସେହି ପ୍ରାଣୀ ।
ତୁହୋ ମହାରାଜା ଏହା ଶୁଣ ଏକମନେ
ପରମଗତି ଲଭି ବସିବୁ ସ୍ୱର୍ଗସ୍ଥାନେ ।
ଏଥୁଅନନ୍ତରେ ସେହୁ ଚତୁର୍ମୁଖ ବ୍ରହ୍ମା
କାମଦେବ ସନ୍ନିଧରୁ ଚଳିଲେ ମହାତ୍ମା ।
ମେରୁତଳ ତେଜିକରି ଭୂତଳେ ମିଳିଲେ
ଇନ୍ଦ୍ରମଣି ନାମେ ଏକ ବୈକୁଣ୍ଠେ ମିଳିଲେ ।
ଚିନ୍ତାମଣି ନାମେ ବିଷ୍ଣୁ ଥିଲେ ସେଠାବର
ନାରାୟଣ ମନ୍ତ୍ରେ ପୂଜାକଲେ କୁଶଧର ।
ଶ୍ରୀୟା ନାମେ ଲକ୍ଷ୍ମୀ ସେହି ବିଷ୍ଣୁ କୋଳେ ଦେଇ
ସେଠାବକୁ ପଦ୍ମଯୋନି ଗଲେ ବେଗ ହୋଇ ।
ରସାତଳପୁରେ ଏକ ସ୍ଥାନ ପଦ୍ମନିଧି
ତହିଁ ଏକ ବିଷ୍ଣୁ ସ୍ଥିତି ନାମ ଦାୟାନିଧି ।
ଦୟାରୂପ ପଞ୍ଚାକ୍ଷରେ ତାକୁ ପୂଜା କଲେ
ଦାରିଦ୍ର୍ୟଭଞ୍ଜନୀ ନାମ ଲକ୍ଷ୍ମୀ ତାକୁ ଦେଲେ ।
ତହିଁ ପୁଣି ଧାତା କଲେ ଅଧକୁ ଗମନ
ଚତୁର୍ଥେ ସୁତଳେ ଯାଇ ମିଳିଲେ ବହନ ।
କାକରୂପୀ ନାମ ତହିଁ ବୈକୁଣ୍ଠ ଶୋଭା
ବାମାଙ୍ଗ ନାମରେ ତହିଁ ବିଜେ ବିଷ୍ଣୁପ୍ରିୟା ।
କାମ ମନ୍ତ୍ରରେ ତାହାଙ୍କୁ ଦଇବ ପୂଜିଲେ
ସର୍ବଭୂତା ନାମେ ତହିଁ ଲକ୍ଷ୍ମୀଏ ସ୍ଥାପିଲେ ।
ଅତି ତଳେ ଯାଇ ପୁଣି ପ୍ରବେଶ ହୋଇଲେ
କୃତନ୍ତକ ନାମେ ବଇକୁଣ୍ଠେକ ଦେଖିଲେ ।
ମଣ୍ଡୂକି ନାରାୟଣ ସେ ପୁରେ ଛନ୍ତି ବସି ।
ବିଷ୍ଣୁ ତାରକ ମନ୍ତ୍ରରେ ପୂଜିଲେ ବିଶେଷି ।
ଜଗତମାତା ନାମରେ ଲକ୍ଷ୍ମୀ ତାଙ୍କୁ ଦେଇ
ତହିଁ ଉପରକୁ ଗଲେ ବେଗ ବେଗ ହୋଇ ।
ସୁତଳପୁରେ ଯାଇଣ ମିଳିଲେ ବହନ
ସୁଧାନିଧି ବଇକୁଣ୍ଠ ଦେଖିଲେ ନୟନ ।
କୂର୍ମରୂପେ ତହିଁ ଏକ ନାରାୟଣ ବିଜେ
ବ୍ରହ୍ମତାରକ ମନ୍ତ୍ରକୁ ପଢ଼ି ତାଙ୍କୁ ପୂଜେ ।
ପରମାସାଧବୀ ଲକ୍ଷ୍ମୀ ଦେବୀ ତାଙ୍କ ପାଶ
ମହାତଳପୁରେ ଯାଇ ହୋଇଲେ ପ୍ରବେଶ ।
ରୌଦ୍ରଗନ୍ଧ ନାମ ଏକ ବୈକୁଣ୍ଠପୁରରେ
ମାତଙ୍ଗ ନାରାୟଣଙ୍କୁ ଦେଖିଲେ ସେଠାରେ ।
ମାତଙ୍ଗ ଏକାକ୍ଷରକୁ ଦୀପ ପୂଜି ଧାତା
ଯୋଗାସିନୀ ଲକ୍ଷ୍ମୀଙ୍କୁ ସେ ସ୍ଥାପି ଜଗତ୍‌କର୍ତ୍ତା ।
ଅନନ୍ତ ବୈକୁଣ୍ଠେ ତହୁଁ ହୋଇଲେ ପ୍ରବେଶ
ସେଠାରେ ଭେଟିଲେକ ଦେବ ପୀତବାସ ।
ଅବନା ମନ୍ତ୍ରେ ପୂଜିଲେ ତାଙ୍କୁ ବେଦବର
ଅନ୍ନପୂର୍ଣ୍ଣା ଲକ୍ଷ୍ମୀ ସ୍ଥାପି ତାଙ୍କ ସନ୍ନିଧିର ।
ତହୁଁ ଯାଇ ମଞ୍ଚପୁରେ ମିଳି ଚଉମାଥ
ନୀଳଗିରି କନ୍ଦରରେ ଭେଟି ଜଗନ୍ନାଥ ।
ଗୋପାଳ ମନ୍ତ୍ରରେ କଲେ ତାହାଙ୍କୁ ଯେ ପୂଜା
ତ୍ରୈଲୋକ୍ୟପାଳିନୀ ଲକ୍ଷ୍ମୀ ସ୍ଥାପି କୁଶଧ୍ୱଜା ।
ସ୍ୱର୍ଗରେ ମିଳିଲେକ ପୁଣ ବେଦବର
ଅମର ବୈକୁଣ୍ଠେ ମିଳି ନମି ଚକ୍ରଧର ।
ଶ୍ରୀରାମତାରକ ମନ୍ତ୍ରେ ପୂଜା ତାଙ୍କୁ କରି
ଶୁଭ୍ରକେଶୀ ଲକ୍ଷ୍ମୀଙ୍କି ଯେ ସ୍ଥାପି କୁଶଧାରୀ ।
ତହିଁ ନଳୀନୀର ପୁତ୍ର ପଶିଲେ ଗଗନେ
ସଙ୍କେତପୁରେ ଯାଇଣ ମିଳିଲେ ବହନେ ।
ଧର୍ମନିଷ୍ଠ ବୈକୁଣ୍ଠରେ ଦେବ ଭାବଗ୍ରାହୀ
ଭଗବାନ ମନ୍ତ୍ରେ ତାଙ୍କୁ ପୂଜିଲେକ ବିହି ।
ରୁକ୍ମିଣୀ ନାମେ ଲକ୍ଷ୍ମୀଙ୍କୁ ଦେଇ ତାଙ୍କ ପାଶ
ଶୂନ୍ୟପୁରେ ପୁଣି ପିତା ହୋଇଲେ ପ୍ରବେଶ ।
ମୋକ୍ଷନିଧି ନାମେ ତହିଁ ବଇକୁଣ୍ଠ ଭୂମି
ସେ ପୁରରେ ନାରାୟଣ ସର୍ବ ଅନ୍ତର୍ଯାମୀ ।
ମାନସିକ ମନ୍ତ୍ର ପଢ଼ିକରି ତାଙ୍କୁ ଧାୟେ
ଚଞ୍ଚଳା ନାମରେ ଲକ୍ଷ୍ମୀ ସ୍ଥାପିଲେ ସେଠାଏ ।
ତହୁଁ ପଦ୍ମଯୋନି ଚଳିଗଲେ ଶୂନ୍ୟମାର୍ଗେ
ଗୋମତୀ ପୁରେ ମିଳିଲେ ଯାଇ ଅତି ବେଗେ ।

Digitized by srujanika@gmail.com

କୁମୁଦ ନାମେଣ ତହିଁ ବୈକୁଣ୍ଠ ଭୁବନ
କୃଷ୍ଣଚନ୍ଦ୍ର ନାମେ ତହିଁ ବିଷ୍ଣୁଙ୍କର ସ୍ଥାନ ।
ଗାୟତ୍ରୀ ମନ୍ତ୍ରେ ପୂଜିଲେ ତାଙ୍କୁ ବେଦବର
ରାଧିକା ନାମରେ ଲକ୍ଷ୍ମୀ ସ୍ଥାପି ସନିଧିର ।
ସେଠାବରୁ ବିଧାତା ଯେ ଅନ୍ତରୀକ୍ଷେ ଗଲେ
ନିରାକାରପୁରେ ଯାଇ ପ୍ରବେଶ ହୋଇଲେ ।
ସତ୍ୟକୃତ ବଇକୁଣ୍ଠେ ସୁଧାନିଧି ହରି
ବିଶ୍ୱେଶ୍ୱର ମନ୍ତ୍ରରେ ଯେ ତାଙ୍କୁ ପୂଜା କରି ।
ପାପନାଶିନୀ ନାମରେ ଲକ୍ଷ୍ମୀ ତହିଁ ରଖି
ତହିଁ ଉପରକୁ ପୁଣ ଗଲେ ଅଷ୍ଟଆଖି ।
ତିନିଲକ୍ଷ ଯୋଜନ ଯେ ଅନ୍ତରୀକ୍ଷେ ଗଲେ
ସେଠାବରୁ ଉପରକୁ ଗମି ନପାରିଲେ ।
ଶୂନ୍ୟପୁରେ ରହିକରି ନଳିନୀ ନନ୍ଦନ
ନିରାକାର ବିଷ୍ଣୁଙ୍କୁ ଯେ କଲେ ମନେ ଧ୍ୟାନ ।
ଶୂନ୍ୟରେ ଆସନ ଭିଡ଼ି ଅନ୍ତରୀକ୍ଷେ ରହି
ଅନ୍ତରେ ଚିନ୍ତଇ ଦିବ୍ୟଜ୍ୟୋତି ଭାବଗ୍ରାହୀ ।
ଅନ୍ତର୍ଗତେ ସ୍ତୁତି ପୁଣି କରେ ବେଦବର
ଜୟ ଜଗବନ୍ଧୁ ଜୟ ଜୟ ନିରାକାର ।
ଅନନ୍ତ ଗୁଣନିଧି ହେ ପରମ ପୁରୁଷ
ସର୍ବାଙ୍ଗ ଯେ ବେଦମୟ ଅଯୋନି ପ୍ରକାଶ ।
ଅବ୍ୟୟ ଅଚ୍ୟୁତ ସ୍ୱାମୀ ଅଭୟ ଶରୀର
ସକଳ ବ୍ରହ୍ମାଣ୍ଡ ଅଟେ ତୋର ଖେଳଘର ।
ଜଗତ ସଞ୍ଚିତ ନାଥ ପ୍ରଳୟ କରତା
ଧର୍ମଭାଗର ଲକ୍ଷଣ ମେଦିନୀ ଧରନ୍ତା ।
ଜୀବତ୍ମା ପୁରୁଷ ସବୁ ଜୀବର କାରଣ
ଯୋଗୀଜନ ମନହଂସ ମାନସ ନଳିନ ।
ଏକ ରୂପରୁ ଅନେକ ରୂପ ଜାତ ହୁଏ
କଉତୁକରେ ସକଳ ଭୁବନେ ବିଜୟେ ।
ଭାବକୁ ଯେ ଭକ୍ତବନ୍ଧୁ ବୋଲାନ୍ତି ଆପଣ
ସର୍ବ ଅନ୍ତର୍ଯାମୀ ନାଥ ପ୍ରଭୁ ନିରଞ୍ଜନ ।
ଦୟାସିନ୍ଧୁ ମାୟାଧର ସର୍ବ ଗୁଣନିଧି
ଅବିନାଶୀ ପ୍ରତିମା ତୁ ସଞ୍ଚ ସର୍ବନିଧି ।
ଅନନ୍ତ କୋଟି ବାହ୍ମାଣ୍ଡ ଯାର ଖେଳଘର
ବିରାଟ ପୁରୁଷ ନାଥ ମହିମା ଅପାର ।
ବ୍ରହ୍ମାଙ୍କୁ ଯେ ଆଦିକରି ସୁରାସୁର ଲୋକେ
ଜାତ ଅନ୍ତ ହୁଅନ୍ତି ଯେ ତୁମ୍ଭ ନିମିଷକେ ।
କୋଟି କୋଟି ଲୟ ହୁଏ ଯାର ପାଦତଳେ
ଯୋଗବ୍ରହ୍ମ ରୂପ ଧରିଅଛୁ ସର୍ବକାଳେ ।
କଉତୁକେ ସଞ୍ଚିଦେବ ବହୁତ ମେଦିନୀ
ଲୀଳାଭାବରେ ବିନାଶୁ ଚିନ୍ତାଭାବ ଘେନି ।
ନିରାକାର ଅନାଦି ତୁ ସ୍ୱାମୀ ଆଦିକନ୍ଦ
ଅନାଦି ଆଦିମୂଳ ତୁ ଅନାଦି ମୁକୁନ୍ଦ ।
ନୀଳାମ୍ବର ପୁରୁଷ ହେ ସର୍ବ ଅନ୍ତର୍ଯାମୀ
ମହାଦେବ ଦାସ ଭକ୍ତି ଘେନ ସର୍ବ ସ୍ୱାମୀ ।

-x-

ମାର୍କଣ୍ଡେୟଙ୍କ ଜନ୍ମ

ଶୁଣ ଆହେ ସାଧୁଜନ ପୁଣ୍ୟଗ୍ରନ୍ଥ ସାର
ବିଷ୍ଣୁ ମନ୍ତ୍ର ଧ୍ୟାନ କରି ଜପେ ବେଦବର ।
ପରଂବ୍ରହ୍ମ ପୁରୁଷ ହେ ପ୍ରଭୁ ନିରଞ୍ଜନ
ଭାବଗ୍ରାହୀ ନାମ ମୋର ବିନୟକୁ ଘେନ ।
ତୁମ୍ଭ ପ୍ରକୃତିରୁ ଜାତ ଯେବଣ ପୁରୁଷ
ମୁହିଁ ତାଙ୍କ ନାଭି କମଳରୁ ପରକାଶ ।
ସେ ବିଷ୍ଣୁର ପାଦତଳେ ସରସ୍ୱତୀ ଥିଲେ
ଜୀବଜନ୍ତୁ ଭିଆଇବା ପାଇଁ ଆଜ୍ଞା ଦେଲେ ।
ତେଣୁ ଉପରକୁ ଅଇଲି ମୁଁ ଧାତିକାରେ
ଅନେକ ଭୁବନ ଆସୁ ଦେଖିଲି ପଥରେ ।
ସକଳ ପୁରେ ଅଛନ୍ତି ପ୍ରତିମା ଶ୍ରୀହରି
ମୁଁ ତାହାଙ୍କୁ ପୂଜିଲି ଯେ ମନ୍ତ୍ରମୂର୍ତ୍ତି କରି ।
ଲକ୍ଷ୍ମୀ ପ୍ରତିମା ଯେ ସ୍ଥାପି ତାହାଙ୍କର କୋଳେ
ଏତେବେଳଯାଏ ବୁଲୁଥିଲି ସୁଖଭୋଳେ ।
ଯୋଗମାୟା ତ୍ରାସ ଯହୁଁ ଲାଗିଲା ସେଠାକୁ
ତେଣୁ ନ ଚଳିଲା ମୋର ଯାନ ଉପରକୁ ।
କି ବୁଦ୍ଧି କରିବି ଏବେ ଏହି ଶୂନ୍ୟପଥେ
ଦୟା କରିବାକୁ ମୋତେ ଆଦି ଲୋକନାଥେ ।
ଏତେକ ବୋଲି ବିଧାତା ମୌନବ୍ରତ ହୋଇ
ଅନାଦି ପୁରୁଷ ଚିନ୍ତାକଲା ମନଦେଇ ।
ଶୂନ୍ୟରେ ରହିଣ ତପ କରେ ବେଦବର
ଅଲେଖ ଭୁବନ ଗୋଟି କମ୍ପେ ଥରହର ।
ତପ ତାହାର ଜାଣିଲେ ଅଣାକାର ରୂପୀ
ଅନ୍ତରେ ଶରୀରେ ଛନ୍ତି ଅଛିଦ୍ରରେ ବ୍ୟାପୀ ।
ଶୁଣ ହୋ ସୁରଥ ରାଜା ବଦୟନ୍ତି ଯତି
ଯେବଣ ଦିନେ ବିଷ୍ଣୁଙ୍କୁ ହୋଇଲାକ ରାତି ।
ସେହିଦିନ ଜଗତ ଯେ ହେଲା ଜଳମୟ
କୀଟୁ ବ୍ରହ୍ମଯାଏ ସବୁ ହୋଇଗଲା କ୍ଷୟ ।
ଆମ୍ଭେ ଯେ ଅମର ହୋଇ ନାରାୟଣ ବରେ
ପ୍ରଳୟ କାଳରେ ଥିଲୁ ବିଷ୍ଣୁଙ୍କ ଗର୍ଭରେ ।
ଯୋଗବଳେ ତାହା ସବୁ ଦିଶୁଥିଲା ମୋତେ
ପ୍ରଳୟାଦି ସଂସାର ଯେ ହୋଇଲା ଯେମନ୍ତେ ।
ଚତୁର୍ମୁଖ ବ୍ରହ୍ମା ଯହୁଁ ହେଲା ଅବତାର
ଶୂନ୍ୟେ ଥାଇ ସୁମରଣା କଲା ନିରାକାର ।

Digitized by srujanika@gmail.com

ସେହି ବିଧାନର ମନ ଜାଣିଲେ ଅନନ୍ତେ
ଗର୍ଭ ଭିତରୁ ବାହାର କରିଦେଲେ ମୋତେ ।
ତାଙ୍କ ମୁଖ ବାଟେ ମୁହିଁ ହୋଇଲି ବାହାର
ଛାମୁରେ ଉଭା ହୋଇଲି ଯୋଡ଼ି ବେନିକର ।
ଯାବତ ପଦାର୍ଥ ମୋର ଅଟଇ ସକଳ
ଛତା ପୀଢ଼ା ଉତ୍ତରୀ ଯେ ଧୋତି ଜପାମାଳ ।
କର୍ଣ୍ଣେ ତମ୍ବା କୁଣ୍ଡଳ ଯେ କନ୍ଧରେ ପଇତା
ଗଡୁ ତମ୍ବାପାତ୍ରୀ କୁଶ ଅନଳ ଦେବତା ।
କୃଷ୍ଣାଜିନ ଛାଲ ଆଉ ଦଣ୍ଡ କମଣ୍ଡଳ
ଖଟୁଲି ବିଷ୍ଣୁଶିଳା ଯେ ରୁଦ୍ରାକ୍ଷର ମାଳ ।
ସ୍ୱାହା ସ୍ୱାଧ୍ୱା ପ୍ରୋକ୍ଷଣି ଯେ ମନ୍ତ୍ରଭାଗ ପୋଥି
ଏହି ପ୍ରକାରେ ଯାବତ ପଦାର୍ଥ ମୋ ଲେଖି ।
ପୁରାଣ କବଚ ବେଦ ଶାସ୍ତ୍ର ଗ୍ରନ୍ଥସାର
ଅଙ୍ଗରେ ସେ ଛାପାମୁଦ୍ରା ନାମ ଜପ ଡୋର ।
ତମ୍ବାର କାଛେଟି କୁଶବଟୁ ଯେ ଆବର
ଏମନ୍ତ ସକଳ ଦ୍ରବ୍ୟ ଘେନିଣ ମୋହର
ନିରାକାର ଦେବ ତହୁଁ ହୋଇଲେ ବାହାର
ଅନେକ ଯେ ଦେବବୃନ୍ଦ ଅଛନ୍ତି ସଙ୍ଗର ।
ଛାମୁରେ ଯେ କରପତ୍ର ଯୋଡ଼ିଛନ୍ତି ରହି
ଆଜ୍ଞା ଦେଲେ ମୋତେ ସେହି ପ୍ରଭୁ ଭାବଗ୍ରାହୀ ।
ବୋଇଲେ ଆଗରେ ବେଗେ ଯାଅ କଶ୍ରମୁନି
ଶୂନ୍ୟ ପଥରେ ରହିଣ ଅଛି ପଦ୍ମଯୋନି ।
ନିଦାବିଷ୍ଣୁ ନାଭିରୁ ସେ ହେଲେ ଉତପତ୍ତି
ଜଗତ ପାଳନେ ଆଜ୍ଞା ଦେଲେ ସରସ୍ୱତୀ ।
ଅଇଲେ ଅନେକ ଦୂର ଜିଣି ପୁଣ୍ୟବଳେ
ବଣା ହୋଇ ରହିଲା ଅଲେଖପୁର ତଳେ ।
ତୁ ତାହାକୁ ପଠିଆଇ ଦକ୍ଷବ୍ରହ୍ମା କତି
ଦୁଇ ବ୍ରହ୍ମା ଏକ ହୋଇ ପାଳିବେକ କ୍ଷିତି ।
ଏ ପ୍ରକାରେ ଆଜ୍ଞା ଯହୁଁ ଦେଲେ ନିରାକାର
ଶିରରେ ସେ ଆଜ୍ଞା ଘେନି ଚଳିଲା ତତ୍ପର ।
ଥୋକାଏକ ଦୂର ଯହୁଁ କରନ୍ତେ ଗମନ
ଶୂନ୍ୟରେ ଭେଟିଲି ମୁହିଁ ଚତୁର ଆନନ ।
ଦେଖିଲି ଶୂନ୍ୟରେ ବସିଛନ୍ତି ବେଦପତି
ଚାରି ମୁଖେ ବିରାଜଇ ଚତୁର୍ବେଦ ଜ୍ୟୋତି ।
ନିରାଶ ସେ ଶୂନ୍ୟପୁରେ ନିସ୍ତବ୍ଧ ଆସନେ
ନିରାକାର ପୁରୁଷକୁ ଧ୍ୟାନକରି ମନେ ।
ସୁବର୍ଣ୍ଣ ସ୍ତମ୍ଭ ପରାୟ ବିରାଜଇ କାୟ
କି ଜାଣି ସେ ଧୂମକେତୁ ଗଗନ ଉଦୟ ।
ମହାବ୍ରହ୍ମ ମୁନି ସେହୁ ବିଷ୍ଣୁ ତେଜ ମୂର୍ତ୍ତି
ପୂର୍ବ ମୁଖରେ ବସିଣ ଅଛି ବେଦପତି ।

ଆମ୍ଭେ ଯାଇ ଉଭାହେଲୁ ତାଙ୍କ ସନ୍ନିଧାନେ
ପୁଚ୍ଛାକଲୁ ତାହାଙ୍କୁ ଯେ କୋମଳ ବଚନେ ।
ବୋଇଲେ କାହୁଁ ହେ ତୁମ୍ଭେ ଅଇଲ ମହାତ୍ମା
ବଡ଼ାଇ ଦୁର୍ଲଭ ଅଟେ ତୁମ୍ଭର ମହିମା ।
କେ ତୋହର ପିଅର ଯେ କେ ତୋହର ମାତା
କିସ ନାମ ତୋହର ଯେ କିଏ ତୋ ଦେବତା ।
ନିଆଶ୍ରା ହୋଇଣ କିମ୍ପା ଶୂନ୍ୟେ ଅଛ ରହି
କାହାକୁ ଯେ ଭାଳୁଅଛ କେଉଁ କଥା ପାଇଁ ।
ଆମ୍ଭ ଆଗେ କହ ସବୁ ସ୍ୱରୂପ ଉତ୍ତର
ଆମ୍ଭେ ସେହି ମାରକଣ୍ଡ ଋଷି କୃପାକର ।
ମେଦିନୀର ଅନ୍ତକାଳେ ବିଷ୍ଣୁ ଗର୍ଭେ ଥିଲୁ
ପୁଣି ଉଦିତ ସମୟେ ବାହାର ହୋଇଲୁ ।
ତୁମ୍ଭେ କେଉଁ ପୁରୁଷ ହେ କହ ତଥ୍ୟକରି
କହିଲେ ଯେ ଏ ବଚନ ଶୁଣି କୁଶଧାରୀ ।
ଶୁଣ ଆହେ କଶ୍ର ଋଷି ପୁଚ୍ଛିଲୁ ଯେ ବାଣୀ
ଚଉଦ ଭୁବନ ତଳେ କାରୁଣ୍ୟକ ପାଣି ।
ସେ ଜଳ ଭିତରେ ଅଛି ବଇକୁଣ୍ଠ ନୀଳ
ବ୍ରହ୍ମା ସିଂହାସନ ପରେ ବିଜେ ଆଦିମୂଳ ।
ଉତାନ ହୋଇଣ ସେହୁ ଶୋଇଛନ୍ତି ଭୋଳେ
ତାହାଙ୍କର ନାଭିରୁ ଯେ ଫୁଟିଲା କମଳେ ।
ସେ ପଦ୍ମ କେଶରୁ ମୁହିଁ ହୋଇଲି ଯେ ଜାତ
ଶାରଦା ଆଜ୍ଞା ଦେଲେକ ଭିଆଅ ଜଗତ ।
ସେ ପଦ୍ମ କେଶରୁ ମଞ୍ଜି ଚଉଦଟି ନିଅ
ସେ ମଞ୍ଜି ଘେନିଣ ତୁମ୍ଭେ ସକଳ ଭିଆଅ ।
ତାହାଙ୍କର ଆଜ୍ଞାରେ ମୁଁ ପଦ୍ମଫୁଲ ଘେନି
ଭ୍ରମିଣ ଆସିଲଇଁ ଯେ ଅନେକ ମେଦିନୀ ।
ସକଳ ଭୁବନେ ଦୃଶ୍ୟହେଲା ବିଷ୍ଣୁରୂପ
ତେଣୁକରି ମୋହର ଯେ ବିକାଶିଲା ତପ ।
ସମସ୍ତଙ୍କୁ ମନ୍ତ୍ର ପଢ଼ିକରି ପୂଜାକଲି
ସକଳ ବିଷ୍ଣୁଙ୍କୁ ଏକ ଏକ ଲକ୍ଷ୍ମୀ ଦେଲି ।
ଚଉଦ ଭୁବନ ଜିଣି ଆସି ଏତେ ଦୂର
ଚିହ୍ନି ନ ପାରିଲି କିଏ ଚଉଦ ପୁଷ୍କର ।
ଜୀବଜନ୍ତୁ ଏଥୁ ଉପୁଜିବେ କେଉଁଭାବେ
ତୁ ମହାତ୍ମା ଜାଣିଥିଲେ କହ ମୋର ଆଗେ ।
ଏ ବଚନ ଶୁଣି ଆମ୍ଭେ ପ୍ରତିଭାଷା କହି
ଶୁଣ ଶୁଣ ପଦ୍ମଯୋନି ତୁମ୍ଭେ ପୁଣ୍ୟ ଦେହୀ ।
ପଦ୍ମପୁଷ୍କର ନିମନ୍ତେ ପୁଚ୍ଛିଲୁ ଯେ ତୁହି
ଏଥିର ମହିମା ତୋତେ ଗୋଚରତ ନାହିଁ ।
ଆଦି ବ୍ରହ୍ମା ପୁତ୍ର ନାମ ଦକ୍ଷ ପ୍ରଜାପତି
ଚଉଦ ଭୁବନେ ହୋଇଲାକ ଉତପତ୍ତି ।

Digitized by srujanika@gmail.com

ସେ ବ୍ରହ୍ମାଠାରେ ଅଛଇ ଗତାଗତ ପାଞ୍ଜି
ସେ ଏକା ଚିହ୍ନିପାରିବେ କୋକନଦ ମଞ୍ଜି ।
ତୁହି ଏବେ ବିଜେକର ସୁଧର୍ମା ସଭାକୁ
ମେରୁର ଉତ୍ତର ଭାଗେ ଭେଟିବୁ ତାହାକୁ ।
ଦୁଇ ବ୍ରହ୍ମା ମିଳି ତୁମ୍ଭେ ପାଳିବ ସଂସାର
ଏମନ୍ତ ଆଜ୍ଞା ଯେ ଦେଇଛନ୍ତି ନିରାକାର ।
ବହନ ହୋଇ ସେଠାକୁ ତୁମ୍ଭେ ବିଜେକର
ଆମ୍ଭେ ଯାଉଅଛୁ ଏବେ ମଧ୍ୟ ଭୁବନର ।
ସୁଧର୍ମା ସଭାରେ ଯେହୁ ତପେ ଅଛି ବସି
ଜାଣଇ ସେ ଷୋଳକଳା ପ୍ରତ୍ୟକ୍ଷେ ମହର୍ଷି ।
ଏତେ ବୋଲିଣ ଧାତାକୁ ନମସ୍କାର ହୋଇ
ମଞ୍ଚରୁ ଶୂନ୍ୟପୁରକୁ ଅଇଲୁ ଓହ୍ଲାଇ ।
ଏ ବଚନ ଶୁଣିକରି ସୁରଥ ନୃପତି
ମାର୍କଣ୍ଡ ଋଷିଙ୍କ ପାଦେ କରିଣ ଭକତି ।
କୃତ୍ୟ କୃତ୍ୟ ହୋଇଣ ସେ ପୁଚ୍ଛେ ମହାଶୟ
ବୋଲଇ ମନକୁ ମୋର ଲାଗେ ବଡ଼ ଭୟ ।
ଆପଣତ ବ୍ରହ୍ମ ଜାତ ଦ୍ୱିତୀୟ ବିଧାତା
ଅକ୍ଷୟ ପୁରୁଷ ତୁହି ସର୍ବକାଳେ ସ୍ଥିତା ।
ଅତି ବୃଦ୍ଧଯତି ଅଟୁ ପରଂବ୍ରହ୍ମ ଜ୍ଞାନୀ ।
ନିଷ୍କଳଙ୍କ ଆତ୍ମା ତୋର ଆହେ ମହାମୁନି ।
ଦେବେ ଅଧିକାରୀ ଯୋଗେ ସବୁଠାରୁ ବଳି
ତପରେ କେବଣ ଯତି ଅଛି ତୁମ୍ଭ ଭଳି ।
ସାଧନାକୁ ସାଧ୍ୟକଲ ବହୁକାଳ କୀର୍ତ୍ତି
ଯାହାର ନାମ ଧରି ନ ପାରେ ଜନ୍ତୁପତି ।
ପ୍ରଳୟକୁ ଯାହାଙ୍କର ମନେ ନାହିଁ ତ୍ରାସ
ଅଭୟ କୃଷ୍ଣପଞ୍ଜର ଯାର ନିଜବାସ ।
ନାରାୟଣ ଭକ୍ତି ଅଟେ ଯାହାଙ୍କର ଘର
ଏଡ଼େକ ମହିମା ଅଛି ଆଉ ବା କାହାର ।
ଏଡ଼େ ଲୋକ ହୋଇ କଲ ବ୍ରହ୍ମାଙ୍କୁ ଯେ ମାନ୍ୟ
ସ୍ୱଭାବେ ତ ପଦ୍ମଯୋନି ବୟସରେ ସାନ ।
ସାନକୁ ହେ ନମସ୍କାର ହୋଇଲ ଗୋସାଇଁ
ଏଥିର ଚରିତ ମୋତେ କହିବା ବୁଝାଇ ।
ବଦୟନ୍ତି ମାରକଣ୍ଡେ ଶୁଣ ନରପତେ
ଆଗହୁଁ ଏ କଥାଗୋଟି କହୁଅଛୁ ତୋତେ ।
ବିଷ୍ଣୁର ଗର୍ଭରୁ ଆମ୍ଭେ ହୋଇଣ ବାହାର
ପ୍ରଥମେ ଯାହାକୁ ପୁଣି ହେବୁ ନମସ୍କାର ।
ସେହି ଏହି ଜଗତରେ ଧାତାପଣ ପାଏ
ଏ କଥାରେ ଜାଣ କିଛି ନାହିଁ ନା ସଂଶୟେ ।
ଶୁଣ ଆହେ ନରପତି ଆମ୍ଭ ଆଦି ଜନ୍ମ
ଯେମନ୍ତ ପ୍ରକାରେ ଆମ୍ଭେ ହେଲୁ ଉତପନ୍ନ ।

ଯେମନ୍ତ ପ୍ରକାରେ ଆମ୍ଭେ କଲୁ ତପ ଘୋର
ଆବର ଯେଉଁ ପ୍ରକାରେ ହୋଇଲୁ ଅମର ।
ବ୍ରହ୍ମାଙ୍କୁ ଯେ ମାନ୍ୟ ଆମ୍ଭେ କରୁ ଯେଉଁ ଭାବେ
ସେ କଥା ସଂକ୍ଷେପି କହିଦେବା ତୋର ଆଗେ
ଶତକଳ୍ପ ଅନ୍ତରେ ଯେ ମହୀ ବିଶ୍ୱପ୍ରଭା
ଗଗନ ଶତେ ଯୋଜନ ଦିଶେ ମହାଶୋଭା ।
ଲକ୍ଷେକ ମନୁ ବହିଲା ରହି ଭରାଭର
କାଳ ବଶେ ତାଙ୍କୁ ପୁଣି ଘୋଟିଲା ସାଗର ।
ସେ ପୃଥ୍ୱୀ ନାଶ କରିଣ ପ୍ରଳୟ ଘୋଟନ୍ତେ
ବଟପୁଟରେ ଶ୍ରୀହରି ଶୋଇଲେ ନିଶ୍ଚିନ୍ତେ ।
ଅନେକ ଦିବସ ଅନ୍ତେ ନାରାୟଣ ସ୍ୱାମୀ
ନିଦ୍ରାଭଙ୍ଗ ହୋଇ ଉଠି ପ୍ରଭୁ ଅନ୍ତର୍ଯାମୀ ।
ସେ ପ୍ରଳୟ ସାଗରକୁ ଚାହିଁଲେ ଆକର୍ଷି
ଜଳ ସହ ପ୍ରଳୟ ଯେ ହେଲେ ବ୍ରହ୍ମରାଶି ।
ଜଳକୁ ନାଶ କରନ୍ତେ ଘୋଟିଲା ଅନଳ
ଅନାଦିର କପାଳରୁ ଗଡ଼ିପଡ଼େ ଝାଳ ।
ନାସାଅଗ୍ରେ ପଡ଼ିଣ ସେ ସମ୍ଭାଇ ମୁଖରେ
ଫୁଫୁକରି ପକାଇଣ ଦ୍ୟନ୍ତି ନିରାକାରେ ।
ବ୍ରହ୍ମବିନ୍ଦୁ ପଡ଼ନ୍ତେ ଯେ ଲିଭିଲା ବହନି
ତା ତହୁଁ ପୁରୁଷେ ଉପୁଜିଲାକ ମେଦିନୀ ।
ଅନାଦି ମୁଖରୁ ସେହୁ ହୋଇଲା ବାହାର
ମୁକୁଣ୍ଡ ନାମ ତାହାକୁ ଦେଲେ ନିରାକାର ।
ସେ ମୁକୁଣ୍ଡ ମହାଋଷି ଧାତାପଣ ପାଇ
ଅନାଦିର ଆଜ୍ଞା ପାଇ ଜଗତ ଭିଆଇ ।
ମଲ୍ଲିକା ନାମେ ଜଗତ ସେହୁ ଭିଆଇଲା
ଅଠରଗଣ୍ଡା ଯୁଗ ସେ ଧାତାପଣ କଲା ।
ସେ ବିଧାତା ପତ୍ନୀ ନାମ ତୁଳା ସତ୍ୟବତୀ
ତାହା ଗର୍ଭରୁ ଯେ ଆମ୍ଭେ ହେଲୁ ଉତପତ୍ତି ।
ପିତାଙ୍କର ନାମ ଯହୁଁ ହୋଇଲା ମୁକୁଣ୍ଡ
ତେଣୁ ଆମ୍ଭ ନାମ ହୋଇଲାକ ମାରକଣ୍ଡ ।
ମୁକୁଣ୍ଡ ବିଧାତା ମୋତେ ଧାତାପଣ ଦେଇ
ପତି ପତ୍ନୀ ଦୁହେଁ ଗଲେ ବଇକୁଣ୍ଠ ଭୂଇଁ ।
ଆମ୍ଭେ ଯହୁଁ ଧାତାପଣ ପାଇଲୁ ସଂସାରେ
ଭଲମନ୍ଦ ସେ ବିହିଲୁ ପ୍ରାଣୀଙ୍କ ଉପରେ ।
ପାପୀଜନମାନେ ତହୁଁ ପାଇଲେକ ଦୁଃଖ
କ୍ରୋଧଭାବ ଘେନିଣ ଯେ ହୋଇଲୁ ବିମୁଖ ।
ଧର୍ମ ନ ଜାଣିଣ ଦଇବକୁ ନିନ୍ଦାକଲେ
ଅଜ୍ଞାନମତେ ବହୁତ ଗାଳିମନ୍ଦ ଦେଲେ ।
ସେ କଥା ଜାଣିଣ ଆମ୍ଭେ ବହୁ ଚିନ୍ତା ପାଇ
ନିଦାବିଷ୍ଣୁ ଆଗରେ ତ ଜଣାଇଲୁ ଯାଇ ।

Digitized by srujanika@gmail.com

ବୋଇଲ ହେ ସାବଧାନେ ଶୁଣ ଦାମୋଦର
ସଂସାର ବିଧାତାପଣେ କାର୍ଯ୍ୟ ନାହିଁ ମୋର
ମୂର୍ଖ ଜନମାନେ ତା ନ ଜାଣି ପାପ କଲେ
ଦୁଃଖ ପାଇ ଦୋଷ ଦ୍ୟନ୍ତି ମୋହର ଉପରେ
ବହୁତ ଅପକୀର୍ତ୍ତି ମୁଁ ନ ପାରଇ ସହି
ଏ ବିପଦରୁ ହେ ଦେବ କରିବାକ ତ୍ରାହି ।
ଏମନ୍ତ ଛାମୁରେ ଆମ୍ଭେ ଜଣାଇଲୁ ଯହୁଁ
ଭାବଗ୍ରାହୀ ନାଥ ମୋତେ ଦୟାକଲେ ତହୁଁ ।
ସଂସାର ପାଳନେ ଯେଣୁ ମନେ ଭୟ କଲୁ
ତହିଁ ଏବେ ଆମ୍ଭେ ଅନ୍ୟ ବ୍ରହ୍ମା ନିଯୋଗିଲୁ ।
ନିଶ୍ଚିନ୍ତେ ହୋଇଣ ତୁହି ରହ ମାରକଣ୍ଡ
ଅନେକ କାଳ ବିନାଶ ନୋହୁ ତୋର ପିଣ୍ଡ ।
ସର୍ବକାଳେ ତୁହି ଏହି ଦେହ ଘେନିଥିବୁ ।
ପ୍ରଳୟ କାଳେ ତୁ ବିଷ୍ଣୁ ଗର୍ଭେ ସମ୍ଭାଇବୁ ।
ଆମ୍ଭ ନାଭି କମଳୁ ଯେ ପୁରୁଷ ଜନ୍ମିବ
ଚାରିମୁଖ ହୋଇ ସେହି ଜଗତ ପାଳିବ ।
ଜାତକ ଅନ୍ତକ ସେହୁ ହେବ ବେଳେ ବେଳେ
ତୁମ୍ଭେ ଏ ଦେହ ଘେନିଣ ଥିବ ସବୁକାଳେ ।
ନୂତନ ରୂପ ବହିଲେ ସେହି ପୁଣ୍ୟରୂପୀ
ତୁ ତାହାଙ୍କୁ ଗତକଥା କହିବୁ ସଂକ୍ଷେପି ।
ଏକ ବେଳେ ତୁମ୍ଭେ ତାକୁ ହେବ ନମସ୍କାର
ତେବେ ବ୍ରହ୍ମାପଦ ହେବ ପ୍ରତିଷ୍ଠା ତାହାର ।
ତୋର ଇଚ୍ଛାରେ ଛାଡ଼ିଲୁ ତୁହି ବ୍ରହ୍ମାପଣ
ଋଷିଙ୍କ ସଙ୍ଗେ ଗଣିତା ହେବୁ ଏକ ଜାଣ ।
ସମସ୍ତ ଋଷିଙ୍କ ମଧ୍ୟେ ହୋଇବୁ ଗରିଷ୍ଠ
ବିଧାତା ପଣକୁ ଏକା ହୋଇବୁ କନିଷ୍ଠ ।
ଏହି ଦେହ ଗୋଟି ତୋର ସବୁକାଳେ ଥିବ
ତୋର ତହୁଁ ବ୍ରହ୍ମାପଣ ବାରତା ପାଇବ ।
ଏମନ୍ତ ବୋଲିଣ ଆଜ୍ଞାଦେଲେ ସଦାନନ୍ଦ
ଶୁଣି ମୋର ମନେ ହେଲା ବହୁତ ଆନନ୍ଦ ।
କିଞ୍ଚିତ ରୂପରେ ଦୟା କଲେ ଚକ୍ରଧର
ତେଣୁ କରି ମୁହଁ ରାଜା ହୋଇଲି ଅମର ।
ନାରାୟଣ ଆଜ୍ଞା ଦେଇ ଅଛନ୍ତିଟି ଯହୁଁ
ତେଣୁ ଆମ୍ଭେ ବ୍ରହ୍ମାଙ୍କୁ ଯେ ନମସ୍କାର ହେଉଁ ।
ଆଉ କଥାଏ କହିବା ତୋତେ ଦଣ୍ଡଧାରୀ
ବ୍ରହ୍ମା ପଦକୁ ହେବ କି ଋଷିପଣ ସରି ।
ଚତୁର୍ମୁଖ ବ୍ରହ୍ମା ଯେଣୁ ପ୍ରତ୍ୟକ୍ଷେ ଦଇବ
ଋଷି ହୋଇ ମାନ୍ୟତାକୁ କେବା ନକରିବ ।
ମନ୍ତ୍ରମାନ ଯହୁଁ ସେହି କଲେ ଉପଜାତ
ତେଣୁ ତାହାଙ୍କ ମହିମା ଜଗତେ ବିଖ୍ୟାତ ।
ମାର୍କଣ୍ଡ ଜନମ ଏହା ସୁଧାସମ ବାଣୀ
ମହାଦେବ ଦାସ ଏହା ପଦରେ ବଖାଣି ।

-x-

ବିଷ୍ଣୁ ମାହାତ୍ମ୍ୟ

ସୁରଥ ଯେ ପୁଣି କହେ ଯୋଡ଼ି ବେନିକର
ଆଉ କଥାଏ କହିବା ହେଉ ମୁନିବର ।
ଅନେକ ଭୁବନ ସର୍ଜିଥିଲା ପ୍ରଜାପତି
ସବୁଠାବରେ ସ୍ଥାପିଲା ନାରାୟଣ ମୂର୍ତ୍ତି ।
ଚତୁର୍ମୁଖ ବ୍ରହ୍ମା ତାହା ସଜୀବ କରିଲେ ।
ମନ୍ତ୍ର ପଢ଼ିକରି ସମସ୍ତଙ୍କୁ ପୂଜାଦେଲେ ।
ଏମନ୍ତ ଅନେକ ବିଷ୍ଣୁ ହୋଇଲେ ସଂସାରେ
କିଏ ଏଥି ମୋକ୍ଷବାନ ହୋଇବ ବେଭାରେ ।
କେବଣ ବିଷ୍ଣୁ ଯେ ଏହି ସଂସାରେ କାରେଣୀ
କେବଣ ବିଷ୍ଣୁଙ୍କ ନାମ ସୁମରିବେ ପ୍ରାଣୀ ।
କେବଣ ବିଷ୍ଣୁ ଏଥି ଯେ ପାଳିବେ ସଂସାର
କେବଣ ବିଷ୍ଣୁ ସଂସାରେ ହେବେ ଅବତାର ।
କେବଣ ବିଷ୍ଣୁ ନାମ ଜପିବେକ ନର
କେବଣ ବିଷ୍ଣୁ ହୋଇବ ଏଥି ମୋକ୍ଷକାର ।
କେବଣ ବିଷ୍ଣୁଙ୍କୁ ସଂସାରର ଚିନ୍ତା ଲାଗେ
ତାହା ସଂକ୍ଷେପି କହିବା ହେଉ ମୋର ଆଗେ
କହନ୍ତି ଯେ ମାରକଣ୍ଡ ଶୁଣ ତୁ ସୁରଥ
ଏକରୁ ଅନେକ ରୂପ ହୁନ୍ତି ବିଷ୍ଣୁନାଥ ।
ସଂସାର ପାଳିବା ପାଇଁ ଯେହୁ ସେ କାରେଣୀ
ତେଣୁ ଜଗନ୍ନାଥ ନାମ ତାଙ୍କର ଯେ ଭଣି ।
ଜଗନ୍ନାଥ ସ୍ୱାମୀ ରୂପ ଅନେକ ଯେ ଧରେ
ଭାବେ ବିଜୟ କଲେକ ଚତୁର୍ଦ୍ଦଶ ପୁରେ ।
ଦକ୍ଷପ୍ରଜାପତି ସ୍ଥାପିଲେକ ଯେତେ ବିଧି
ପ୍ରତ୍ୟକ୍ଷେ ସେ ନାରାୟଣ ପ୍ରଭୁ ଦୟାନିଧି ।
ଅତିହିଁ ଉପରେ ପୁର ଅତି ତଳପୁର
ବିଜେ କରିଣ ଅଛନ୍ତି ଜଗତ ଠାକୁର ।
ଜାତକ ଅନ୍ତକ ଭେଦ ନୁହନ୍ତି ସେ ବେନି
ଆବର ଯେତେକ ବିଷ୍ଣୁ ତାଙ୍କ କଳା ଘେନି ।
ଚଉଦ ଭୁବନ ତିନିଗୁଣ କଳା ବହି
ଘେନନ୍ତି ଯେ ପୂଜାବିଧି ପ୍ରଭୁ ଭାବଗ୍ରାହୀ ।
ପୃଥ୍ୱୀଭାର ଅର୍ଥେ ତ୍ରୟୋଦଶ ରୂପ ଧରେ
ଦାସଜନ ରଖି ଦୁଷ୍ଟ ଜନଙ୍କୁ ନିବାରେ ।
ତ୍ରିପୁରା ଆଜ୍ଞାରେ ଏହୁ ଏହି ରୂପ ଧରି
ମତ୍ସ୍ୟ କୂର୍ମ ବରାହ ଯେ ସ୍ୱରୂପ କେଶରୀ ।
ମାଳତୀ ବାମନ ପର୍ଶୁରାମ ଯେ ଶ୍ରୀରାମ
ହଳଧର ପୁଣି କୃଷ୍ଣଚନ୍ଦ୍ର ଅନୁପମ ।

Digitized by srujanika@gmail.com

ବଉଦ୍ଧ କଳକୀ ଏହି ବିଧି ତାର ମୂର୍ତ୍ତି
ଅବତାର ହୋଇଣ ସେ ଦୈତ୍ୟ ନିବାରନ୍ତି ।
ମଞ୍ଚେ ଜାତହୋଇ ସେହୁ ନାଶନ୍ତି ଦୈତ୍ୟଙ୍କୁ ।
ଯେଉଁ ବିଷ୍ଣୁ ରହିଛନ୍ତି ଯେଉଁ ଯେଉଁ ପୁରେ
ସେ ପୁର ଲୋକ ସେବନ୍ତି ତାହାଙ୍କ ପୟରେ ।
ଯେ ନିଜ ବିଷ୍ଣୁଙ୍କୁ ତେଜି ଭଜଇ ଆନକୁ
କିଞ୍ଚିତେ ଧର୍ମ ଫଳ ସେ ଗଚ୍ଛଇ ତାହାକୁ ।
ଯେବଣ ପୁରେ ଯେବଣ ବିଷ୍ଣୁଛନ୍ତି ରହି
ସେ ପୁର ଲୋକ ନିସ୍ତାର କରନ୍ତି ଯେ ସେହି ।
ସେ ବିଷ୍ଣୁଙ୍କୁ ସେବାକଲେ ଦିବ୍ୟଗତି ପାଇ
ଅଜ୍ଞାନରେ ନିନ୍ଦାକଲେ ନରକକୁ ଯାଇ
ଆବର କଥାଏ ଏବେ ଶୁଣ ନରପତି
ଯାବତ ଜୀବଆତ୍ମା ସେ ନାରାୟଣ ମୂର୍ତ୍ତି ।
ଜୀବ ଜଗନ୍ନାଥଙ୍କର ନାହିଁ ଭିନ୍ନା ଭିନ୍ନ
ସେ ନାରାୟଣ ପୁରୁଷେ ସର୍ବ ଘଟେ ଲୀନ ।
ଆତ୍ମା ପରତେ ହୋଇଲେ ନ ଲାଗଇ ମାୟା
ଅକ୍ଷୟ ଅଜରାମର ହୁଏ ନିଜ କାୟା ।
ସେହି ଜଗନ୍ନାଥ ପଦେ ପଶିଣ ଶରଣ
ଦୀନହୀନ ମହାଦେବ ମାଗଇ ଶରଣ ।

-x-

ପିଣ୍ଡ ବ୍ରହ୍ମାଣ୍ଡ ଜ୍ଞାନ

ସୁରଥ ବୋଲେ କେମନ୍ତ ଆତ୍ମାକୁ ନ ଚିହ୍ନି
ଏ କଥା ଆଗେ କହିବା ହେଉ ମହାମୁନି ।
ପିଣ୍ଡରେ ପରମ ଆତ୍ମା କି ପ୍ରକାରେ ରହି
କେମନ୍ତ ପ୍ରକାରେ ତାହାଙ୍କର ଭେଦ ପାଇ ।
ବୋଲନ୍ତି ପିଣ୍ଡ ବ୍ରହ୍ମାଣ୍ଡ ଦୁହେଁ ଏକମତ
କେମନ୍ତ ହୋଇଣ ପିଣ୍ଡ ହୋଇଲା ଉଦିତ ।
ସେ କଥା ସଂକ୍ଷେପି ମୋତେ କହ ବ୍ରହ୍ମଋଷି
ଶୁଣି ମହାଭାଗ ମନୁ ହେଉ ମୋର ଧ୍ୱଂସି ।
ମୁନି ବୋଇଲେ ହେ ତାହା ଶୁଣସି ରାଜନ
କେମନ୍ତେ ଏ ପିଣ୍ଡ ଗୋଟି ହୋଇଲା ଉତ୍ପନ୍ନ ।
ଯେମନ୍ତ ହୋଇ ପିଣ୍ଡରେ ପଶନ୍ତି ଦେବତା
ସେହି କଥା ଏକମନେ ଶୁଣ ମହାରଥା ।
ଅନନ୍ତ କାଳ ବିଷ୍ଣୁର ମାୟାରୂପ ଘେନି
ସ୍ତିରୀ ପୁରୁଷ ଭାବରେ ଥାନ୍ତି ଭାବ ଜାଣି ।
ରଜ ବୀର୍ଯ୍ୟ ଆଶ୍ରାକରି ରହିଥାନ୍ତି ପ୍ରାଣୀ
ଯେଉଁ ସମୟରେ ଜୀବ ହୁଅଇ ଘଟଣୀ ।
ଦୁର୍ଗାଙ୍କର ଉପାୟେ ଯେ ହୁଅନ୍ତି ସୁମୂର୍ତ୍ତି
କର୍ମର ଫଳ ଘେନିଣ ଯେ ରୂପ ଆକୃତି ।
ଚାରିମାସ ପୂରି ପାଞ୍ଚମାସ ପରବେଶ
ଜୀବଆତ୍ମା ଏ ପିଣ୍ଡରେ ହୁଅନ୍ତି ପ୍ରକାଶ ।
ପିଣ୍ଡ ଆବୋରି ପିଣ୍ଡରେ ରହନ୍ତି ନିଶ୍ଚିନ୍ତେ
ବିଷ୍ଣୁଙ୍କୁ ଧ୍ୟାନ କରିଣ ମାତା ଗର୍ଭଗତେ ।
ଏମନ୍ତ ଯେ ରହିଥାନ୍ତି ଦଶମାସ ଯାଏ
ଜନମ ହୁଅଇ ପୁଣ ପ୍ରସବ ସମୟେ
କ୍ଷିତିରେ ପ୍ରବେଶ ହୁନ୍ତେ ଏ ପିଣ୍ଡ ପରାଣ
ରହନ୍ତି ଯେ ହୃଦପଦ୍ମ ମଧ୍ୟେ ନାରାୟଣ ।
ସକଳ ଦେବତା ସେହି ନାରାୟଣ ମୂର୍ତ୍ତି
ଯେ ଯାହା ଅଂଶେ ସନ୍ନିଧେ ଘେନି ଖଟିଛନ୍ତି ।
କ୍ଷିତିକି ଆଶ୍ରେ କରିଣ ହୁଅନ୍ତି ମୂର୍ଚ୍ଛିତ
ହରାଇ ସେ ଚଇତନ୍ୟ ଜ୍ଞାନ ଯାଇ ହତ ।
ଗତ ଜନମ କଥାକୁ ବିସ୍ମରିଣ ମନୁ
ଭ୍ରମଇ ମାୟାମୋହରେ ଧରି ନୂଆ ତନୁ ।
ବାଳକ ବୃଦ୍ଧ ତରୁଣ ଧରି ତିନିରୂପ
ଭୁଞ୍ଜଇ ଅର୍ଜିଲା ଦୁଃଖ ସୁଖ ପୁଣ୍ୟ ପାପ
ଗତ ଅରଜିଲା ଫଳ ଏ ଜନ୍ମେ ଭୁଞ୍ଜଇ
ଏ ଜନ୍ମେ ପୁଣ୍ୟ ସୁଜ୍ଞାନ ପୁଣି ଉପୁଜଇ ।
ସାଂସାରିକ ଧର୍ମେ ଯେବେ ପୁଣ୍ୟ ପାପ କରି
ସଞ୍ଚଇ ଆଗକୁ ତାହା ମନରେ ସୁମରି ।
ଜପ ତପ ବ୍ରତ ଯାଗ ତୀର୍ଥ ଅର୍ଥଦାନ
ସାଂସାରିକ ଧର୍ମ ଅଟେ ଜାଣ ହେ ଏମାନ ।
ଏହି ଷଡ଼ ପ୍ରକାରେ ଯେ କରେ ଆଚରଣ
ସଂସାର ଜନ ମଧ୍ୟେ ସେ ହୁଏ ବଡ଼ ଜାଣ ।
ଧନ ଜନ ରାଜ୍ୟପଦ ଆଦି ବଡ଼ପଣ
ସଂସାର ଧର୍ମକୁ ସେହୁ ପ୍ରାପ୍ତହୁଏ ପୁଣ ।
ମୁକତି ପଥକୁ ଇଚ୍ଛାକରେ ଯେଉଁ ପ୍ରାଣୀ
କହିବା ତହିଁର ଅର୍ଥ ତୋତେ ନୃପମଣି ।
ଜ୍ଞାନ ବ୍ୟତିରେକେ ଆନେ ମୁକତି ଯେ ନାହିଁ
ଜ୍ଞାନର ତଦନ୍ତ ଯାହା ନ ଜାଣନ୍ତି କେହି ।
ଯେବଣ ପ୍ରାଣୀ ଜ୍ଞାନରେ ସଦା ମନ ଦେଲା
ସଦ୍‌ଗୁରୁର ବଚନ ମନରେ ଘେନିଲା ।
ସଂସାରରେ ଚେଷ୍ଟା ସେହୁ ମଣେ ବିଷ ପ୍ରାୟ
ସକଳ ଘଟକୁ ସେହୁ ମଣେ ବିଷ୍ଣୁମାୟ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ଯେ ବର୍ଣ୍ଣେ
ସବୁ ନାରାୟଣ ପ୍ରାୟ ଦେଖଇ ନୟନେ ।
ଆପଣାର ଆତ୍ମାକୁ ତ ଯେତେକ ମୁର୍ହାସ
ତରୁଶାଖା ଛେଦନରେ ମଣେ ତେଡ଼େ ତ୍ରାସ ।
ନିନ୍ଦା ବଚନକୁ ମନେ ନ କରିଣ ଛଳ
ଶରୀରେ କଷ୍ଟ ପାଇଲେ ନୋହିବ ବିକଳ ।

Digitized by srujanika@gmail.com

ସର୍ବଦା ଆନନ୍ଦ ହେଉଥିବ ନିଜ ଚିତ୍ତେ
ମିଛ ନ କହି ବଞ୍ଚିବ ସେହି ସତ୍ୟବ୍ରତେ ।
ଲୋଭ ନ କରିବ କାମେ ନ କରିବ ପ୍ରୀତି
ମାତା ପରାୟେ ମଣିବ ସକଳ ଯୁବତୀ ।
ଆହାର ମୈଥୁନ ନିଦ୍ରା ଏହି ତିନିବିଧି
ଏମାନଙ୍କୁ ଦୂରକଲେ ଖଣ୍ଡେ ସର୍ବବ୍ୟାଧି ।
କୁଟୁମ୍ବମାନେ ଆଶ୍ରିତ ମୂଳେ ଦେଇ ଛାଡ଼ି
ଭ୍ରମିବ ଦୂର ମାର୍ଗରେ ମାୟାରଜ୍ଜୁ ଫେଡ଼ି ।
ସ୍ଥାବରରୁ ଆଣି ସୁକୋମଳ ପତ୍ରମାନ
ତାହା ଭକ୍ଷଣ କରିବ କରି ଜଳପାନ ।
ନିଗମ ସ୍ଥାନ ଦେଖିଣ ରହିବ ନିଶ୍ଚିନ୍ତେ
ସାଧନା ସାଧିବ ଆତ୍ମା ପରତେ ନିମନ୍ତେ ।
ଯେଉଁ ପ୍ରାକର୍ମେ ସାଧିବ ଯେଉଁ ଜ୍ଞାନବିଧି
ସେ କଥା ତୁ ଏକମନେ ଶୁଣ ନୃପନିଧି ।
ନିଗମ ବନରେ ଗିରିକ୍ରୋଟରେ ଯେ ସ୍ଥାନେ
ବସିବ ସେ ନିଶବଦ ସ୍ଥାନେ ଏକମନେ ।
ତୃଣ ଗୁଡ଼ିଏ ଯେ ଆଣି ଶେଯକରି ପାରି
ବସିବ ସେ ପୂର୍ବମୁଖ ହୋଇ ତାହା ମାଡ଼ି ।
ମୂଳ କମଳକୁ ଚାପି ରୁନ୍ଧି ଦଶଦ୍ୱାର
ନିଶ୍ଚଳେ ବସି ଧଇର୍ଯ୍ୟ କରିବ ଶରୀର ।
ବାହାର ଶବଦମାନ କରି ବିନଶ୍ୟତି
ଧୀର କରି ସାଧିବ ସେ ଚଞ୍ଚଳ ପ୍ରକୃତି ।
ପବନ ସଙ୍ଗତେ ଚଳାଇବ ନିଜ ମନ
ନିଜ ଶରୀରେ ଦେଖିବ ପଶି ସର୍ବଜନ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେ ଆଦି ସର୍ବଦିଶ
ଏହି ପିଣ୍ଡେ ହୋଇଅଛି ସବୁ ପରକାଶ ।
ସଦଗୁରୁ ସେବାକଲେ ପାଇବ ସୁବାଟ
ଏହା ଭେଦିଲେ ଶରୀର ହୁଅଇ ଅତୁଟ ।
ଅମନେ ମନ ଦେଇଣ ଖୋଜିବ ଶରୀରେ
ଦେଖିବ ଯେ ଦିବ୍ୟ ଜ୍ୟୋତି ଅନନ୍ତ ପ୍ରକାରେ ।
କଟୀ ଭାଗଠାରୁ ଜାଣ ପାଦତଳ ଯାଏ
ସପତ ପାତାଳ ଏଥି ହୋଇଛି ଉଦୟେ ।
ବେନି ଜାନୁରେ ଅଛନ୍ତି ଅଷ୍ଟକୁଳା ନାଗ
ମୂଳ କମଳ ହୋଇଛି ତହିଁ ଚାରିଭାଗ ।
ଯୋଗବଳେ ସେ ପଦାର୍ଥମାନ ଏକକରି
ଲିଙ୍ଗ ଚକ୍ରକୁ ହେ କାମ ରହିଛି ଆବୋରି ।
ତହିଁକି ଅଛଇ ଷଡ଼ ପାଖୁଡ଼ା ସେ ବେଢ଼ି
ପୂଜା କରିବ କାମାକ୍ଷୀ ମନ୍ତ୍ର ମୁଖେ ପଢ଼ି ।
ନାଭିଚକ୍ର ମଧ୍ୟରେ ଯେ ଦଶଦଳ ଘେନି
ରହିଛି ଅନନ୍ତ ନାଗ କଣ୍ଠେ ପଦ୍ମଯୋନି ।
ଦଶ ପାଖୁଡ଼ାରେ ଛନ୍ତି ଦଶ ଦିଗପାଳ
ସପତସିନ୍ଧୁ ଆବୋରି ରହିଅଛି ଜଳ ।
ଇଅଁଳା ପିଅଁଳା ଆଉ ସୁଷମନା ନାଡ଼ୀ
ଷୋଳ ଡମ୍ବରୁ ମଧ୍ୟରେ ବତିଶ ପାଖୁଡ଼ି ।
ମହୀମାନ ଶରୀରରେ କୂର୍ମ ଯେ ମଣ୍ଡୂକ
ରହିଛି ବିଧାତା ଆଶ୍ରେକରି ଏତେ ଲୋକ ।
ଚେତନା ଚଇତନ୍ୟ ଯେ ବୋଲାଇ ମନକୁ
ଗାୟତ୍ରୀ ମନ୍ତ୍ରରେ ପୂଜା କରଇ ଦୈବକୁ ।
ସେ ଦଇବ ହାତେ ଅଛି ଜଠର ଅନଳ
ମହାପାପ ସବୁ ତହିଁ କରିବ କବଳ ।
ହିଂସା ରାଗ ତମ ଆଦି ମାୟା ମୋହ କ୍ରୋଧ
ଅନଳ ପୂଜାରେ ଏହା କରିବ ସମିଧ ।
ଇଅଁଳା ପିଅଁଳା ସେ ଯେ ଭେଦିବ ପବନେ
ହୃଦୟ ପଦ୍ମକୁ ପୁଣି ଭେଦିବ ଚୈତନ୍ୟେ ।
ଦ୍ୱାଦଶ ଚକ୍ର ଭେଦିଣ କଇଳାସ ଗିରି
ବାମଭାଗେ ବିଜେ କରାଇବା ତ୍ରିପୁରାରୀ ।
ଦକ୍ଷିଣରେ ଗଣପତି ପଶ୍ଚିମେ କାର୍ତ୍ତିକ
ଉତ୍ତର ଭାଗରେ ଉମା କାମିନୀ ରୂପେକ ।
ପଞ୍ଚାକ୍ଷୀ ମନ୍ତ୍ରରେ ଯେ ତାଙ୍କୁ ପୂଜାକରି
ଥୋଇବ ଯେ ହୃଦପଦ୍ମ ମଧ୍ୟେ ଯତ୍ନକରି ।
ଷୋଳଚକ୍ର ଭେଦକରି କଣ୍ଠକମଳେଣ
ଶାରଦାଙ୍କୁ ଘେନି ଯହିଁ ବିଜେ ନାରାୟଣ ।
ସେ ନାରାୟଣ ପଛରେ ଅଛି ମେରୁ ଗିରି
ତ୍ରିଭଙ୍ଗୀରେ ବଙ୍କୁନାଳ ବହେ ତହିଁ ଫେରି
ସେ ବଙ୍କୁନାଳର ମୂଳେ କାମଦେବ ବାସ
ଚନ୍ଦ୍ରଙ୍କର ଘର ତହିଁ ଉପରେ ପ୍ରକାଶ ।
ବିନ୍ଦୁ ସାଗରେକ ଅଛି ତହିଁର ନିକଟେ
ସରସ୍ୱତୀ ପାଟଣା ଯେ ବସେ ତହିଁ ତଟେ ।
ନାରାୟଣ ମନ୍ତ୍ର ପଢ଼ି ବିଷ୍ଣୁ ପୂଜାକରି
ବଙ୍କୁନାଳେ ବନ୍ଧ ବାନ୍ଧି ବସ ଯତ୍ନକରି ।
ନ ଟଳିବ ବିନ୍ଦୁ ସାଗରକୁ ଚନ୍ଦ୍ରକଳା
ଧଇର୍ଯ୍ୟ ହୋଇ ରହିବ ନ ବୁଡ଼ିବ ଭେଳା ।
କାଉଁରୀ ମଣ୍ଡଳ ତଟେ ଚକ୍ର ଅଟେ ଶୋଭା
ସେଠାବରେ ଦେଖିବାକୁ ରବି ଶଶୀ ପ୍ରଭା ।
ତଥିର ଉପରେ ଜିଣି ତ୍ରିପୁରାକୁ ସେବି
ଏକ ଲୟରେ ଭାବନା ମନ୍ତ୍ର ପଢ଼ି ଭାବି ।
ପ୍ରାଣ ପବନକୁ ଘେନି ମନର ସଙ୍ଗତେ
ଚେତା ମନ୍ଦିରକୁ ଜିଣି ପଶି ଅନାହତେ ।
ଗୋଲକପୁର ଜିଣି ସେ ନିରାକାର ସ୍ଥାନ
ଏକଚିତ୍ତ ହୋଇ ତହିଁ ବଳାଇବ ମନ ।

Digitized by srujanika@gmail.com

ପରମହଂସର ଘରେ ପଶିବ ଏକାନ୍ତେ
ପଶ୍ଚିମଦ୍ୱାର ଜିଣିଣ ରହିବ ନିଶ୍ଚିନ୍ତେ ।
ଅଲେଖ ମନ୍ଦିରରେ ଯେ ନିରାକାର ଜ୍ୟୋତି
ଦିବ୍ୟପୁର କରି ତହିଁ ବିଜେ କରିଛନ୍ତି ।
ଅମୃତ ସ୍ୱରୂପ ଯେହୁ ଅପୂର୍ବ ସୁନ୍ଦର
ତାହାଙ୍କର ସ୍ଥାନକୁ ଯେ ନିଗମ ଦୁଆର ।
ଦ୍ୱାଦଶ ବର୍ଷ ରହିବ ତାକୁ ଆଶ୍ରେକରି
ଯୋଗମାୟା ତହିଁକି ଯେ ଅଟଇ ଦୁଆରୀ ।
ଦ୍ୱାଦଶ ବରଷେ ସେହୁ ହୁଅଇ ପ୍ରସନ୍ନ
ତେବେ ଭେଟିବ ଅଲେଖ ପ୍ରଭୁ ନିରଞ୍ଜନ ।
ନିରାକାର ସ୍ୱରୂପ ସେ ସୁଧାକର ଜ୍ୟୋତି
ବିଜୁଳି ସମାନ ତ୍ରାସ ରବି ତେଜ କାନ୍ତି ।
ଝଟକ ମାତ୍ରକେ ସେହି ଦିଶେ ଦିବ୍ୟରୂପ
ଦରଶନ ମାତ୍ରକରେ ଖଣ୍ଡେ ଭବ ତାପ ।
ଅନେକ ଜନ୍ମ ଦୂରିତ ହୁଅଇ ସେ କ୍ଷୟ
ଜନ୍ମ ମରଣର ଉପକ୍ଷେଇ ସବୁ ଭୟ ।
ଶତେ ପୁରୁଷ ତାର ତରଇ ଆପଣେ
ପାଞ୍ଚି ନ ପୋଛନ୍ତି ତାର ଯମର କରଣେ ।
ଏସନେ ମହିମା ଯେ ଯୋଗବାଟ କତା
ଆତ୍ମା ପରତେ ହୋଇଲେ ତୁଟେ ଭବବ୍ୟଥା ।
ଦୁର୍ଲଭ ବଚନ ଏହା ଯୋଗପଥ ଗୋଟି
ପଶ୍ଚିମ ଦ୍ୱାର ଭେଟିଲେ ପରମାତ୍ମା ଭେଟି ।
ପରଂବ୍ରହ୍ମ ପୁରୁଷ ସେ ନିତ୍ୟ ନିରାକାର
ପରମହଂସ ପିଠିରେ ଆସନ ତାହାର ।
ନିରାକାର ବଦନରୁ ବହେ ସୁରେଶ୍ୱରୀ
ତ୍ରିବେଣୀ ମୂରତି ଧରି ଭେଦି ମେରୁଗିରି ।
ଈଶ୍ୱର ଶିରେ ପଡ଼ିଣ ସଙ୍ଗମ ସାଗରେ
ହଂସ ଜଗିଣ ଅଛି ସେ ତ୍ରିବେଣୀ ଘାଟରେ ।
ସେ ହଂସ ମହିମା କହିବାକୁ ଅଗୋଚର
ଅକଳଙ୍କ ଶଶୀ ତାଙ୍କୁ ଜିଣି ପଟାନ୍ତର ।
ଓଲଟି ବସିଅଛି ଯେ ଝରମୁଣ୍ଡ ଜଗି
ନିଦ୍ରା ଯାଇଛନ୍ତି ବିଷ୍ଣୁଙ୍କର ଭାବଲାଗି ।
ସରୋବର ମଧ୍ୟେ ପାଣି ଶୁଖେ ଯେଉଁକାଳେ
ପରମହଂସର ନିଦ୍ରା ଭାଙ୍ଗେ ତେତେବେଳେ ।
ପ୍ରାଣକୁ ଘେନି ଉଡ଼ି ହୋଇ ତତବେଗ
ତେବେ ସେ ପିଣ୍ଡର ସବୁ ସରଇ ସୁହାଗ ।
ନ ଭାଜଇ ସେ ହଂସର ନିଦ୍ରା ଯେଉଁମତେ
ତହିଁକି ଚିନ୍ତା ଯେ କରୁଥିବ ଅନୁବ୍ରତେ ।
ଝରମୁଣ୍ଡ ଜଗି ଯେବେ ଟେକିବ ଉଜାଣି
ପୂର୍ଣ୍ଣହୋଇ ରହିବ ସେ ସରୋବର ପାଣି ।
ସରସୀ ଶୁଖିଲେ କେବେ ନ ଉଡ଼ିବ ହଂସ
ଅଜରାମର ହୋଇବ ପରାଣ ପୁରୁଷ ।
ଏମନ୍ତ ପ୍ରକାରେ ଯେହୁ ସାଧଇ ସାଧନା
ପରମ ଯୋଗୀ ବୋଲିଣ କହି ତାକୁ ସିନା ।
ସଂସାରକୁ ଭଣ୍ଡିବାକୁ ମିଛେ ହେଁ ଉଦାସ
ନୁହଇ ସେ ଦୁଇକୂଳ ମଧ୍ୟେ ହୁଏ ନାଶ ।
ସ୍ୱରୂପ କଥାଏ ଯୋଗ ମାର୍ଗର ଯେ ବାଣୀ
ସାଧିଲେ ସିଦ୍ଧ ହୋଇଣ ଭବୁ ତରେ ପ୍ରାଣୀ ।
ଯୋଗବ୍ରହ୍ମ ସାଧନ ଏ ଦୁଇ ପରକାର
ଏଥୁଁ ଯେଉଁ ପ୍ରାଣୀମାନେ ହୁଅନ୍ତି ବାହାର ।
ତାହାଙ୍କର ଜୀବନ ଯେ ସାର୍ଥକ ନୁହଇ
ଅଜ୍ଞାନମତେ ଜଗତେ ବୃଥା ଭ୍ରମୁଥାଇ ।
ତୁ ଯେ ମହାରାଜା ଅଟୁ ଜ୍ଞାନବନ୍ତ ପ୍ରାଣୀ
ଶୁଣିଲଟିକି ଏ ଯୋଗପଥର କାହାଣୀ ।
ପିଣ୍ଡ ବ୍ରହ୍ମାଣ୍ଡର କଥା ଅମୃତୁ ଅମୃତ
ମହାଦେବ ଦାସ କହେ ପିଅ ଶ୍ରୁତି ପଥ ।

-x-

ଜୀବସୃଷ୍ଟି

ସୁରଥ ନୃପତି ତହୁଁ ବେନିକର ଯୋଡ଼ି
ପୁଣି ପଚାରଇ ମୁନିଙ୍କର ପାଦେ ପଡ଼ି ।
ଭୋ ମହାରଷି ମୁହିଁ ଯେ ମୁକବି ହୋଇଲି
ପବିତ୍ର ଜ୍ଞାନ ବିଷୟ ଶ୍ରବଣେ ଶୁଣିଲି ।
ଏବେ କହ ମୋତେ ମୁନି ଶ୍ରୀଚଣ୍ଡୀ ପୁରାଣ
ଋଷି ଆଜ୍ଞାଦେଲେ ସାବଧାନ ହୋଇ ଶୁଣ ।
ଚତୁର୍ମୁଖ ବ୍ରହ୍ମା ଶୂନ୍ୟପରେ ରହିଥିଲେ
ଆମ୍ଭେ କହନ୍ତେ ସେ ଦକ୍ଷବ୍ରହ୍ମାଠାକୁ ଗଲେ ।
ସ୍ୱର୍ଗପୁରେ ଯାଇକରି ମିଳିଲେ ତତ୍‌ଗତି
ସୁଧର୍ମା ସଭାରେ ବସିଛନ୍ତି ପ୍ରଜାପତି ।
ନାରାୟଣଙ୍କ ଧ୍ୟାନରେ ଚିତ୍ତବୃତ୍ତି ଦେଇ
ବସିଅଛନ୍ତି ସେ ଦକ୍ଷ ମୌନବ୍ରତ ହୋଇ ।
ଏକାଳେ ମିଳିଲେ ପଦ୍ମଯୋନି ତାଙ୍କ କତି
ଯୋଗେଣ ଜାଣିଲେ ସେହି ଦକ୍ଷ ପ୍ରଜାପତି ।
କିଛି ଦୂରକୁ ପାଛୋଟି ଆସି ଘେନିଗଲେ
ସୁଧର୍ମା ସଭାରେ କୋଳକରି ବସାଇଲେ ।
ପ୍ରଜାପତି ବୋଇଲେ୍ ହୋ ଶୁଣ ଦଇବତ
ଆମ୍ଭେ ଦକ୍ଷ ବିହି ଆଦିବ୍ରହ୍ମାଙ୍କର ସୁତ ।
ତୁମ୍ଭେ ଉପୁଜିଲ ବିଷ୍ଣୁନାଭି କମଳରୁ
ସେ କଥା ସକଳ ମୁହିଁ ଜାଣେ ଯୋଗବଳୁ ।

Digitized by srujanika@gmail.com

ସରସ୍ୱତୀ ବୋଲେ ତୁହି ପଦ୍ମ ପୁଷ୍ପ ଘେନି
ଜନ୍ତୁ ଭିଆଇବା ପାଇଁ ଆସୁ ପଦ୍ମଯୋନି।
ଯେବଣ ପୁଷ୍ପ ତୁହିକୁ ହସ୍ତେ ଅଛୁ ଆଣି
ବେଗ କରି ତାହା ଦିଅ ମୋହର ଯେ ପାଣି।
ଚତୁର୍ମୁଖ ବ୍ରହ୍ମା ତହୁଁ ପ୍ରଜାପତି ବୋଲେ
କମଣ୍ଡଳୁ କାଢ଼ି ପୁଷ୍ପ ଦକ୍ଷ କରେ ଦେଲେ।
ଚତୁର୍ଦ୍ଦଶ ଗୋଟି ପୁଷ୍ପ ଦିବ୍ୟ ଶୋଭାକର
ଦକ୍ଷ ବ୍ରହ୍ମାଙ୍କ ହସ୍ତରେ ଦେଲେ ବେଦବର।
ଦକ୍ଷ ବ୍ରହ୍ମା କରରେ ଯେ ଘେନିଣ ପୁଷ୍ପର
ଚତୁର୍ଦ୍ଦଶ କନ୍ୟା ତହୁଁ ହୋଇଲେ ବାହାର।
ଅପୂର୍ବ ସୁନ୍ଦରୀ ସେହୁ ପଦ୍ମିନୀ ମୂରତି
ପ୍ରତ୍ୟକ୍ଷରେ ପଦ୍ମରସେ ହୋଇଲେ ଉତ୍ପତ୍ତି।
ଅଯୋନି ସମ୍ଭୂତା ସେହି ହେଲେ ସ୍ତିରୀଜନ୍ମ
ଦକ୍ଷମାତା ତାଙ୍କ ତାତ ଚତୁର ବଦନ।
ଏକୁ ଏକ ସୁନ୍ଦରୀ ଯେ ଚଉଦ କୁମାରୀ
ନାହିଁ ଆନ ପଟାନ୍ତର ଚତୁର୍ଦ୍ଦଶ ପୁରୀ।
ପଦ୍ମିନୀ ସାବିତ୍ରୀ ବୋଲି ଜ୍ୟେଷ୍ଠାକନ୍ୟା ନାମ
ରୂପକୁ ଅପଟାନ୍ତର ପାର୍ବତୀଙ୍କ ସମ।
ସେ କନ୍ୟାକୁ ଦେଖି ଚତୁର୍ମୁଖ ବ୍ରହ୍ମା ଲୋଭା
ପ୍ରଜାପତିଙ୍କୁ ବୋଇଲେ କର ମୋତେ ବିଭା।
ବିଧାତାଙ୍କ ବୋଲେ ଦକ୍ଷ ସନମତ କଲେ
ଜ୍ୟେଷ୍ଠା ଦୁହିତା ଗୋଟିକ ତାଙ୍କୁ ବିଭାଦେଲେ।
ବହୁ ଆନନ୍ଦ ସେ ହୋଇ ଦକ୍ଷ ପ୍ରଜାପତି
ପ୍ରସନ୍ନ ମୁଖରେ ପଦ୍ମଯୋନିଙ୍କି କହନ୍ତି।
ଭୋ ମହାତମା ବସିଣ ଥାଅ ଏ ସଭାର
ବ୍ରହ୍ମାଣ୍ଡେ ବିଧାତା ତୁହି ହୋଇଲୁ ନିକର।
ତୁହି ମୋହର ପିତା ମୁଁ ତୋହର ନନ୍ଦନ
ଏମନ୍ତ ବୋଲି ଅଛଇ ପୂର୍ବର ବଚନ।
ପ୍ରଳୟର ଅନ୍ତେ ସୃଷ୍ଟି ଭିଆଇବା କାଳେ
ଯେବଣ ବିଧାତା ଜାତହେଲା ବିଷ୍ଣୁ କୋଳେ।
ମୁହିଁ ତାହାର ମନରୁ ହୋଇଲି ସମ୍ଭୂତ
ବେଦଅର୍ଥ ଘେନିଣ ଯେ ସଞ୍ଚଇ ସମସ୍ତ।
ତେଣୁକରି ଦକ୍ଷ ମୋତେ ବୋଲନ୍ତି ସକଳେ
ବିହିର ମୁଁ ଧର୍ମପୁତ୍ର ଅଟେ କାଳେ କାଳେ।
ତୋହର ପୁରେ ମୁହିଁ ଯେ ବେଳୁ ବେଳ ଜାତ
ଏକଥା କହିଲେ ମୋତେ ନିରାକାର ସୁତ।
ଏବେ ତୁ ମୋହର ଅନ୍ତେ ବିଷ୍ଣୁକୀର୍ତ୍ତି ପାଳ
ଶୁଣିଣ ପରମ ତୋଷ କମଳ ଦୁଲାଳ।
ସାବିତ୍ରୀଙ୍କି ଘେନିକରି ସୁଧର୍ମା ସଭାରେ
ରହିଲେ ଦକ୍ଷବ୍ରହ୍ମାଙ୍କୁ ବୋଲେ ବେଦବରେ।

ସନ୍ତତିକି ଇଚ୍ଛାକରି ହର୍ଷ ଚତୁର୍ମୁଖେ
ରହିଲେ ସେ ସାବିତ୍ରୀଙ୍କୁ ଘେନି ଅତି ସୁଖେ।
ଦୁହିତାମାନଙ୍କୁ ଘେନି ଦକ୍ଷ ପ୍ରଜାପତି
ମେରୁଗିରି ତଳେ ବିଜେ କଲେକ ତତ୍ପତି।
କାରୁଣ୍ୟ ଜଳ ଯେ ଘେରି ଅଛଇ ସେ ପୁରେ
ଋଷିଗଣ ରହିଛନ୍ତି ତହିଁର ଭିତରେ।
ମରୀଚି ନାମରେ ଅଟେ ତାହାଙ୍କର ସୁତ।
ଜଗତେ ଅଟନ୍ତି ସେ ଅତ୍ୟନ୍ତ ବିଖ୍ୟାତ।
ସେ ମରୀଚି ମହାଋଷି ଜପ ତପ କରି
କଶ୍ୟପ ମହର୍ଷି ଜାତ ହେଲେ ମେରୁଗିରି।
ସେ କଶ୍ୟପ ମହାଋଷି ପରଂ ବ୍ରହ୍ମଜ୍ଞାନୀ
ପଣ୍ଡିତ ବିବେକୀ ପୁଣି ଧର୍ମବନ୍ତ ମୁନି।
ସୁନ୍ଦର ସୁମୂର୍ତ୍ତି ତାର ଧୀରପଣ ଦେଖି
ଦକ୍ଷ ପ୍ରଜାପତି ମନେ ହେଲେ ବଡ଼ ସୁଖୀ।
କଶ୍ୟପ ଋଷିଙ୍କୁ ବରି ଆଣି ପ୍ରଜାପତି
ପ୍ରଦାନ କଲେ ତାହାଙ୍କୁ ତେରଟି ଦୁହିତୀ।
ଦିତି ଅଦିତି କନ୍ୟା ଯେ ଆବର ବିନତା
ଅନନ୍ତା ଯେ ଶୁଭ୍ରକେଶୀ ସିଂହିକା ସୁମତା।
କାମିନୀ ମୋହିନୀ ଶିକ୍ଷା କାଳୀ ମାୟାବତୀ
ଏମନ୍ତ ଯେ ତେର କନ୍ୟା ଦକ୍ଷର ଦୁହିତୀ।
କଶ୍ୟପ ଋଷିଙ୍କୁ ତାହା ଶୁଦ୍ଧଚିତ୍ତେ ଦେଲେ
ସେ କନ୍ୟାମାନଙ୍କୁ ଋଷି ପ୍ରତିଗ୍ରାହ କଲେ।
କଶ୍ୟପଙ୍କ ସଙ୍ଗେ ସେହି କନ୍ୟାଙ୍କ ଗର୍ଭରେ
ବିହିଙ୍କ ଉପାୟେ ନାରାୟଣଙ୍କ ଆଗରେ।
ସକଳ ଜୀବଜନ୍ତୁଏ ହୋଇଲେ ସମ୍ଭୂତ
ଅଦିତି ଗର୍ଭୁ ଦେବତା ଦିତି ଗର୍ଭୁ ଦୈତ୍ୟ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ମୂର୍ତ୍ତି
ସେ ତେର କନ୍ୟାଙ୍କ ତହୁଁ ସମସ୍ତେ ଉତ୍ପତ୍ତି।
ଛପନ କୋଟି ଯେ ଜୀବଜନ୍ତୁ ନାନାବର୍ଣ୍ଣ
କଶ୍ୟପ ଋଷିଙ୍କ କୋଳେ ସବୁ ହେଲେ ଜନ୍ମ।
ସେ କଶ୍ୟପ ଋଷିଙ୍କର ଯେତେ ପାତ୍ରପାତ୍ରୀ
ପ୍ରଜାପତିଙ୍କ ଗୋଚରେ ହେଲେ ମହାଯତି।
ଦକ୍ଷ ପ୍ରଜାପତି ତାହା ତେର ଭାଗ କରି
ସ୍ଥାପିଲେ ତେର ଭୁବନେ ଯାହାକୁ ଯେପରି।
ଉଚ୍ଚ ନୀଚ ସମ ଏହି ରୂପେ ପ୍ରତି ପ୍ରତି
ସ୍ଥାପିଲେ ଯେ ସାନ ବଡ଼ କରି ପ୍ରଜାପତି।
ସକଳ ଭୁବନରେ ସେ ଜନ୍ତୁ ପୂର୍ଣ୍ଣକରି
ପିତାଙ୍କୁ ଭେଟିବା ପାଇଁ ଗଲେ ବ୍ରହ୍ମଚାରୀ।
ସ୍ୱର୍ଗଆଦି ଜିଣି ଗଲେ ସକଳ ଭୁବନ
ଯଶୋବନ୍ତୀ ନାମେ ଏକ ପୁର ବିଦ୍ୟମାନ।
ସେ ପୁରରେ କୁଶବନ୍ତୁ ନାମରେ ନବର
ବିହିତ ଆସ୍ଥାନେ ତହିଁ ବିଜେ ବେଦବର।

Digitized by srujanika@gmail.com

ପ୍ରଜାପତିର ଜନନୀ ପାଦେ ଅଛି ଖଟି
ବୀଣା ବଜାନ୍ତେ ନାରଦ ମୁନି ତପୋନିଷ୍ଠୀ ।
କୋଟିଏ ମୁଖରେ ଉଚ୍ଚାରଣ ହୁଏ ବେଦ
ଅଲେଖ ପୁର ତେଜିଣ ଶୁଭଇ ଶବଦ ।
ସକଳ ବ୍ରହ୍ମାଣ୍ଡକୁ ସେ ଅଟନ୍ତି କରତା
ଅନାଦି ସମ୍ଭୂତ ସେହୁ ବିହିତ ବିଧାତା ।
ରତ୍ନପୁରେ ସେହି ବ୍ରହ୍ମା ବିଜେ କରିଛନ୍ତି
ଛାମୁରେ ଦର୍ଶନ ଯାଇ କଲେ ପ୍ରଜାପତି ।
ନିଉଛାଳି କରି ପାଦପଦ୍ମେ ପଡ଼ି ଶୋଇ
ଉଠି ଉଭାହୋଇଣ ଯେ ଶିରେ କର ଦେଇ ।
ବ୍ରହ୍ମା ଆଜ୍ଞାଦେଲେ ତୋତେ ହେଉ ଯେ କଲ୍ୟାଣ
ଆସ ସନ୍ନିଧିକୁ ମୋର କୁଳର ମଣ୍ଡନ ।
ତୁହି ଆମ୍ଭ ପୁଅ ସୁପଣ୍ଡିତ ଗୁଣନିଧି
ଅସାଧ୍ୟ କାର୍ଯ୍ୟ ତୋହର ହସ୍ତେ ହେଉ ସିଦ୍ଧି ।
ତୋତେ ଭାର ଦେଇ ଆମ୍ଭେ ରହିଲୁ ନିଶ୍ଚିନ୍ତେ
ବାବୁ ତୁହି ସଂସାରକୁ ପାଳୁଛୁ କେମନ୍ତେ ।
ଜୀବଜନ୍ତୁମାନେ ହୋଇଲେଟି କି ସଂସାରେ
କୁଶଳ ବାରତା କହ ଆମ୍ଭର ଛାମୁରେ ।
ଦକ୍ଷବ୍ରହ୍ମା ବୋଇଲେ ଭୋ ଶୁଣ ପିତାମହ
କର୍ମରେ ଯହୁଁ ମୋହର ଆକର୍ଷିଲୁ ମୋହ ।
ସଂସାର ଭିଆଣ କଥା ବିଚାରିଲି ଚିତ୍ତେ
ବିଷ୍ଣୁଙ୍କୁ ଧ୍ୟାନ କରିଣ ରହିଲି ନିଶ୍ଚିନ୍ତେ ।
କରୁଣାସାଗର ଜାଣିପାରି ମୋର ଚିତ୍ତ
ନାଭିରୁ ଗୋଟିଏ ପଦ୍ମ ଫୁଲ କଲେ ଜାତ ।
ସେ ପଦ୍ମକେଶରୁ ଜାତ ଚତୁର୍ମୁଖ ଧାତା
ପେଶିଲେ ଜଗତ ପାଳିବାକୁ ତାଙ୍କୁ ମାତା ।
ସରସ୍ୱତୀ ଆଜ୍ଞାରେ ସେ ପଦ୍ମଫୁଲ ଘେନି
ଅଇଲେ ମୋହର ସନ୍ନିଧିକୁ ପଦ୍ମଯୋନି ।
ଚଉଦ ଗୋଟି ଯେ ଆଣିଥିଲେ ପଦ୍ମ ଫୁଲ
ସନ୍ତୋଷରେ ଦେଲେ ବ୍ରହ୍ମା ମୋର କରସ୍ଥଳ ।
ମୋହର କରେ ପଡ଼ନ୍ତେ ଚଉଦ ପୁଷ୍ପର
ଚଉଦ କନ୍ୟା ତହିଁରୁ ହେଲେ ଅବତାର ।
ଚତୁର୍ମୁଖ ବ୍ରହ୍ମାଙ୍କୁ ଯେ ଜ୍ୟେଷ୍ଠାକନ୍ୟା ଦେଲି
ଆଉ ଦୁହିତାଙ୍କୁ ଘେନି ପାତାଳକୁ ଗଲି ।
ଶଙ୍ଖ ସରୋବରେ ଥିଲେ କଶ୍ୟପ ମହର୍ଷି
ପବିତ୍ର ସେ ବଇଷ୍ଣବ ମରୀଚିଙ୍କ ଶିଷି ।
ସେ କଶ୍ୟପ ଋଷିଙ୍କି ମୋ ଦୁହିତାକୁ ଦେଲା ।
ଏକବର୍ଷ ପରିଯନ୍ତେ ସେ ପୁରେ ରହିଲା ।

କଶ୍ୟପ ଋଷିଙ୍କ କୋଳେ ବହୁ ପୁତ୍ର ହୁଏ
କିନ୍ନର ଅସୁର ସୁର ନର ଯକ୍ଷଯାଏ ।
ଭୂତ ପ୍ରେତ ପିଶାଚ ଯେ ନାଗଗଣମାନ
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ବର୍ଣ୍ଣ ।
ସାଧକ ସେ ସିଦ୍ଧି ଲୋକ କଚ୍ଛି ଜଳଚର
କଶ୍ୟପ ଋଷିର ତହୁଁ ହେଲେ ଅବତାର ।
ମୋହର ଗୋଚର ତାଙ୍କୁ ଦେଲେ ତପଚାରୀ
ମୁହିଁ ନିଯୋଗିଲି ତାହା ତେର ଭାଗ କରି ।
ତେର ଭୁବନେ ନେଇଣ ସ୍ଥାପିଲି ଅନେକ
ପ୍ରଥମରେ ବ୍ରହ୍ମଲୋକ ଦ୍ୱୟେ ପଦ୍ମଲୋକ ।
ତୃତୀୟରେ ଭୂତଗଣ ଚତୁର୍ଥେ ପିଶାଚ
ପଞ୍ଚମରେ କୂର୍ମଲୋକ ହୋଇଲା ପ୍ରକାଶ ।
ଷଷ୍ଠରେ ମଣ୍ଡୂକ ସପତମରେ ଉରଗ
ଅଷ୍ଟମରେ ନରଲୋକ ନବମେ ଦେବାଙ୍ଗ ।
ଦଶେ ତପଲୋକ ଏକାଦଶେ ଧର୍ମଲୋକ
ଦ୍ୱାଦଶରେ ଚନ୍ଦ୍ର ତ୍ରୟୋଦଶେ ନିଜଲୋକ ।
ତହିଁର ଉପରେ ଜାଣ ନିରଞ୍ଜନ ମହୀ
ତହିଁର ଉପରେ ନିରାକାର ଛନ୍ତି ରହି ।
ପଞ୍ଚଦଶ ଭୁବନରେ ତ୍ରୟୋଦଶ ଲୋକ
ମଧ୍ୟରେ ଭୁବନ କହିବାକୁ ଯେ ଅନେକ ।
ପଞ୍ଚଦଶ ବୈକୁଣ୍ଠ ଯେ ଦ୍ୱାଦଶ କୈଳାସ
ନବ ବ୍ରହ୍ମପୁର ଆଉ ସପ୍ତଜଳ ବାସ ।
ଦ୍ୱାଦଶ ସୂର୍ଯ୍ୟ ଭୁବନେ ଶୋହେ ନିରାକାର
ମଝିରେ ବସନ୍ତି ଚତୁର୍ଦ୍ଦଶ ରତ୍ନାକର ।
ତିନିଗୋଟି ବାରସ୍ୱତୀ ଏକ ସଞ୍ଜୀମନୀ
ଷଡ଼ଗୋଟି ଶୂନ୍ୟପୁର ଚଉଦ ମେଦିନୀ ।
ତିନିଲକ୍ଷ ନଦୀ ସହସ୍ରେକ ପୁଣ୍ୟତୀର୍ଥ
ପଞ୍ଚଦଶ କ୍ଷେତ୍ର ବାରଗୋଟି ଶ୍ରେଷ୍ଠ ଅର୍ଥ ।
ଚାରିବର୍ଗ ମୂଳେ ଚଉରାଶି ବର୍ଗଲୋକ
ଛତିଶ ଆବୃତି ଶାସ୍ତ୍ରେ ବର୍ତ୍ତନ୍ତି ତ୍ରୈଲୋକ୍ୟ ।
ଚଉଦ ଭୁବନେ ସମସରି ସର୍ବଜନେ
ବସିଲେ ଉତ୍ତମ ବୃନ୍ଦାରକେ ସ୍ୱର୍ଗସ୍ଥାନେ ।
ଯେବଣ ଭିଆଣ ହୋଇ ଅଛଇ ସମସ୍ତ
ତୁମ୍ଭର ଛାମୁରେ ତାହା କହିଲି ନିୟତ ।
ସଂସାରରେ ଜୀବଜନ୍ତୁମାନେ ଉପୁଜିଲେ
ଯେ ଯାହାର ଅନୁରୂପେ ସମସ୍ତେ ରହିଲେ ।
କଶ୍ୟପ ଋଷିଙ୍କ ଜ୍ୟେଷ୍ଠପୁତ୍ର ସେ ମଘବା
ସର୍ବଗୁଣେ ସୁନ୍ଦର ସେ ଦିବ୍ୟରୂପ ଶୋଭା ।

Digitized by srujanika@gmail.com

ଇନ୍ଦ୍ରପଣରେ ତାହାକୁ ସ୍ୱର୍ଗେ କରି ରାଜା
ଚଉଦ ଭୁବନ ଲୋକେ କରିବେ ଯେ ପୂଜା ।
ସକଳ ଦେବତା ତାର ବୋଲେ ରହିଥିବେ
ତାର ଆଶ୍ରିତରେ ତରିବେ ଯେ ସର୍ବ ଦେବେ ।
ସକଳ ଭୁବନେ ସେହି ପାଳିବେ ସ୍ୱଧର୍ମେ
ବୁଝିବେ ପ୍ରାଣୀଙ୍କ ପାପ ପୁଣ୍ୟ ସମଧର୍ମେ ।
ଚନ୍ଦ୍ର ସୂର୍ଯ୍ୟ ବରୁଣ ଯେ କୁବେର ନୈର୍ଋତ
ଜନ୍ତୁପତି ସହିତ ଯେ ଆବର ମରୁତ ।
ଶୁଭ ଅଶୁଭ ମଣିଲେ ଦଶଦିଗପାଳ
ଚାରିମେଘ ବରଷିଣ ପାଳିବେ ଶୟଳ ।
ବିଷ୍ଣୁନାଥ ଜାଣିବେ ଏ ସମସ୍ତଙ୍କ ଚିନ୍ତା
ଦୁର୍ଗମ ଭାର ନାଶିବେ ଈଶ୍ୱର ଦେବତା ।
ଚତୁର୍ମୁଖ ବ୍ରହ୍ମା ଯେହୁ ବିଷ୍ଣୁଙ୍କ କୁମର
ବିଧାତା ଗଣରେ ସେହୁ ସାଧିବ ସଂସାର ।
ତାହାର ତହୁଁ ଯେ ଜାତହେଲେ ଋଷିଗଣ
ତାହାର ଦ୍ୱାରା ଜଗତ ଲଭିବେ କାରଣ ।
ଜାଣିବେ ତୋର ଭୁବନ ଚିନ୍ତା ଦେବଲୋକେ
ତ୍ରିଦଶ ବୋଲନ୍ତି ତେଣୁକରି ବୃନ୍ଦାରକେ ।
ମଞ୍ଚପୁରେ ଦେଖିଲଇଁ ଯେବଣ ଜନ୍ତୁଙ୍କୁ
ସେ ପୂଜା କରିବେ ସେହି ଜଗତ ଲୋକଙ୍କୁ ।
ସକଳ ଲୋକେ କରିବେ ଯହୁଁ ତାଙ୍କୁ ମାନ୍ୟ
ମାନବ ନାମ ବହିଲା ତହିଁ ବିଦ୍ୟମାନ ।
ସ୍ୱର୍ଗ ମଞ୍ଚ ଛାଡ଼ିକରି ଆଉ ଯେତେ ସ୍ଥାନ
ବଞ୍ଚନ୍ତି ଅଚିନ୍ତା ଅଇଶ୍ୱର୍ଯ୍ୟେ ସର୍ବଜନ ।
ସକଳ ଭୁବନରେ ସେ ମଞ୍ଚପୁରେ ସାର
ବିଷ୍ଣୁଙ୍କର ନିର୍ମାଣ ଏ ଅଟେ ଯେଉଁ ପୁର ।
ଶୁଭ ଅଶୁଭ ସକଳ କର୍ମ ଧର୍ମ ବିଧି
ସୁଖ ସମ୍ପଦ ଦାରିଦ୍ର୍ୟ ଭୋଗ କଷ୍ଟ ବ୍ୟାଧି ।
ଭବପୁର ଲୋକଙ୍କୁ ଏ ସବୁ ଅଛି ଲାଗି
ଜନ୍ମ ମରଣ ଲଭନ୍ତି ତେଣୁ ବେଗି ବେଗି ।
ରଚିଲି ଅସୁର ସୁର ନର ତିନି ଭଳି
ଅବଶ୍ୟ ଏମାନଙ୍କର ଲାଗିଥିବ କଳି ।
ଏଥକୁ ବିଷ୍ଣୁ ଯେ ହେଉଥିବେ ଅବତାର
ଦୁଷ୍ଟ ନାଶି ଥୟ କରୁଥିବେ ମହୀଭାର ।
କଳି ଘୋର କଷ୍ଟୁ ବିନାଶିବେ ଗୋସାମଣି
ସଂସାର କରିବେ ଅନ୍ତକାଳେ ଶୂଳପାଣି ।
ପୃଥ୍ୱୀ ଭଲମନ୍ଦ ପାଳୁଥିବେ ଦେବଲୋକେ
ତେବେ ସେ ସୁସ୍ଥହୋଇଣ ରହିବେ ତ୍ରିଲୋକେ
ଏମନ୍ତ କରିଣ ମୁଁ ଯେ ବିହିଲି ସଂସାରେ
ପ୍ରାଣୀଙ୍କ ଗତି କହିଲେ ଅନେକ ପ୍ରକାରେ ।

ପୁରାଣ ପୁରୁଷ ଯେହୁ ନିତ୍ୟ ନିରାକାର
ବିଜୟ କରି ଅଛନ୍ତି ଅଶେଷ ଘଟର ।
ସକଳ ଦେବତା ଥାନ୍ତି ତାହାଙ୍କ ସଙ୍ଗରେ
ଯୋଗମାୟା ବସଇ ଯେ ବହୁ ପରକାରେ ।
କାମ କ୍ରୋଧ ଲୋଭ ମୋହ ହିଂସାଭାବ ଘେନି
କ୍ଷୁଧା ତୃଷା ନିଦ୍ରାବଶ ଜଠର ଯେ ଅଗ୍ନି ।
ଏହି ଅଷ୍ଟକୁ ଆୟତ୍ତ କରଇ ଯେ ନର
ଜନ୍ମ ମରଣ ନୋହିବ ତାକୁ ନିତ୍ୟାଚାର ।
ଏହି ଅଷ୍ଟଖଣ୍ଡି ଘେନି ପଚିଶ ପ୍ରକୃତି
ଶରୀର ଭିତରେ ଏହୁ କରନ୍ତି ଅନୀତି ।
ଏହାକୁ ବଶ କରି ଯେ ଚିହ୍ନେ ପଞ୍ଚଭୂତ
ସେହି ଯେ ଭବସାଗରୁ ତରଇ ନିୟତ ।
ଆପ ତେଜ ବାୟୁ ଆଉ ପୃଥିବୀ ଆକାଶ
ଏଥିର ଭିତରେ ଜାଣ ସତ୍ୟ ପରକାଶ ।
ସେ ସତ୍ୟ ପୁରୁଷଙ୍କୁ ଯେ ଚିନ୍ତେ ସର୍ବ ଘଟେ
ତାହାକୁ ମୁକତି ବାଟ ଦିଶଇ ନିକଟେ ।
ମୁକତି ବାଟର ପୁଣି ମହିମା ଏସନ
ଦୟା କ୍ଷମା ଶାନ୍ତି ଆଉ କୋମଳ ବଚନ ।
ଏହିପରି ଆଚରଣ କରିବେ ଯେ ପ୍ରାଣୀ
ଅଚିନ୍ତେ ତରିବେ ସେହୁ ଭବନଦୀ ପାଣି ।
ଜ୍ଞାନ ଲଭି ଇନ୍ଦ୍ରିୟକୁ ଯେ ବଶ କରନ୍ତି
ଜନ୍ମ ମରଣ ଦିଶଇ ତାଙ୍କୁ ଦିବା ରାତି ।
ଜଠରେ ବାସ କରି ଯେ ଭବେ ଜାତହୋଇ
ସଂସାରେ ଯେ ଭ୍ରମୁଥାଇ ମୁକତି ନ ପାଇ ।
ଏମନ୍ତ କରି ମୁହିଁ ଯେ ପ୍ରାଣୀକି ବିହିଲି
ପାପ ପୁଣ୍ୟ ଦୁଇ ଗୋଟି ଉଦେ କରାଇଲି ।
ଯେ ଯାହା ଆବୋରିବ ସେ ସେ ଗତି ପାଇବ
ମୋତେ ନିନ୍ଦା କଲେ ନରକରେ ସେ ପଡ଼ିବ ।
ଏମନ୍ତ ପ୍ରକାରେ ମୁହିଁ ବିହିଲି ସଂସାରେ
ପୂର୍ବର କରମ ବଶେ ତୁମ୍ଭର ଆଜ୍ଞାରେ ।
ଜମ୍ବୁ ଶାଲ୍ମଳୀ ଯେ ଶ୍ୱେତ କ୍ରୋଞ୍ଚକୁଶ ଶାକ
ସିଂହଳ ପଦ୍ମ ଆବର ଅଟଇ ଯେ ପ୍ଲକ୍ଷ ।
ଆବର ମୁଁ ନବପୁତ୍ର ମନୁ କଲି ଜାତ
ଧୀର ସୁନ୍ଦର ସେମାନେ ମୋହର ସଞ୍ଜାତ ।
ଏ ବିଧିରେ ନବପୁତ୍ର ହେଲେ ଅବତାର
ସୃଷ୍ଟି ପାଳିବାକୁ କଲେ ସମସ୍ତ ବିଚାର ।
ପୁତ୍ରଙ୍କ ବିବାଦ ଦେଖି ମନରେ ବିଚାରି
ନବଖଣ୍ଡ କରି କାଟିଦେଲି ବସୁନ୍ଧରୀ ।
ନବପୁତ୍ରଙ୍କୁ ଯେ ବାଣ୍ଟିକରି ଦେଲି ତାହା
ଯେ ଯାହା ବାଣ୍ଟରେ ସେହୁ ହେଲେ ନରନାହା ।

Digitized by srujanika@gmail.com

ଆପଣାର ନାମେ ସେହୁ ମେଦିନୀ ଭିଆଇ
ରହିଲେ ସେ ପରଜାଙ୍କୁ ପାଳି ତୋଷହୋଇ ।
ମେଦିନୀ ବାଣ୍ଟିଲି ମୁହିଁ ଯେଉଁ ଗାର କାଟି
ସେହି ଯେ ହୋଇଲା ଜାଣ ସିନ୍ଧୁ ସାତଗୋଟି ।
ଲବଣ ଯେ ଇକ୍ଷୁ ସୁରା ଘୃତ ଦଧି କ୍ଷୀର
ସଲିଳ ସିନ୍ଧୁକୁ ଘେନି ସପତ ସାଗର ।
ଏଥିର ଭିତର ଅଛି ପୃଥ୍ୱୀ ନବଖଣ୍ଡ
ଏମନ୍ତେଣ ସଞ୍ଚରଣ ହୋଇଲା ବ୍ରହ୍ମାଣ୍ଡ ।
ପୃଥିବୀରେ ନବଇନ୍ଦ୍ର ସ୍ୱର୍ଗେ ନରପତି
ପାତାଳରେ ମହାନାଗ ଅନନ୍ତ ମୂରତି ।
ଯଶୋବନ୍ତୀପୁରେ ହେଲା ବିଧାତାର ବାସ
ପାତାଳ ବଇକୁଣ୍ଠରେ ବିଜେ ପୀତବାସ ।
କଇଳାସରେ ଈଶ୍ୱର ଯମ ସଂଜୀମନୀ
ଅଳକାପୁରେ କୁବେର ସାଗରେ ଯେ ଅଗ୍ନି ।
ଲବଣେ ବରୁଣ ଦଧି ମଧ୍ୟେ ନିଶାକର
କ୍ଷୀର ସାଗର ଘେନିଣ ରହିଲେ ସମୀର ।
ଜ୍ୟୋତିପୁରରେ ଆଦିତ୍ୟ କୋଣେ ଅଷ୍ଟବସୁ
ବିଶ୍ୱଦେବା ରହିଲେ ଯେ ଭୁବନ ସିତାଂଶୁ ।
ବିଶ୍ୱକର୍ମା ରହିଲେ ଯେ ଚିତ୍ରଶାଳାପୁରେ
ଜୟନ୍ତୀପୁରେ ରହିଲେ ଅଶ୍ୱିନୀ କୁମାରେ ।
ରତ୍ନରେଖା ପୁରରେ ଯେ ରହିଲେ ଜାହ୍ନବୀ
ରହିଲେ ଯେ ଅଷ୍ଟଗିରି ପରେ ମହାଦେବୀ ।
ତିଥିବାର ଯୋଗଲଗ୍ନ କରଣ ଯେ ରାଶି
ବେଳ କାଳ ଗ୍ରହଗଣ ନକ୍ଷତ୍ର ବିଶେଷି ।
ଦିବା ନିଶି କରିବେ ଏ ମେରୁ ପ୍ରଦକ୍ଷିଣ
ଶୁଭାଶୁଭ କରିବେ ଏ ସଂସାର ଭିଆଣ ।
ଚତୁର୍ମୁଖ ବ୍ରହ୍ମା ସଙ୍ଗେ ଋଷିଗଣ ଘେନି
ବେଦବାକ୍ୟେ ପାଳିବେ ସେ ସମସ୍ତ ମେଦିନୀ ।
ଚାରିମେଘ ବରଷିବେ ବେଳକାଳ ଜାଣି
ଅଶେଷ ଅଦୋଷୀ ଦୋଷ ସହିବେ ଧରଣୀ ।
ବାସୁକି ନାଗ ସହିବ ପୃଥ୍ୱୀ ଭାରାଭର
ରହିବେକ ମେରୁ ଆଶ୍ରେ କରି ତିନିପୁର ।
ବିଷ୍ଣୁଙ୍କୁ ଆଶ୍ରୟ କରି ରହିବେ ଜଗତ
ସେହି ବିଷ୍ଣୁ ସର୍ବଘଟେ ପ୍ରାଣେ ପଞ୍ଚଭୂତ ।
ବିଷ୍ଣୁ ନାମଗୋଟି ସାର ସକଳ ବ୍ରହ୍ମାଣ୍ଡେ
ଅଧିକାରୀ ଅଟନ୍ତି ଯେ ବିଷ୍ଣୁ ସର୍ବ ପିଣ୍ଡେ ।
ବିଷ୍ଣୁଙ୍କୁ ଆଶ୍ରେ କରିଣ ତରନ୍ତେ ଯେ ପ୍ରାଣୀ
ତାହାଙ୍କୁ ସଂସାର ମଧ୍ୟେ ସାରକରି ଗଣି ।
ସକଳ ଜନ ଉପରେ ଦୁର୍ଲଭ ଯେ ଜନ
ସଂସାରରେ ବିଷ୍ଣୁଭକ୍ତ ଜନ ମୋକ୍ଷ ପାନ ।
ବିଷ୍ଣୁନାଥଙ୍କ ଅଭାବେ ବର୍ତ୍ତନ୍ତି ଯେତେକ
ଅଙ୍ଗାର ତୁଲେ ଗଣିତା ହୁଅନ୍ତି ତେତେକ ।
ଅଙ୍ଗାରରେ ଯେହ୍ନେ ସ୍ୱାଦୁ ବାସନା ଯେ ନାହିଁ
ବିଷ୍ଣୁର ଅପ୍ରୀତି ଲୋକ ତେସନ ଅଟଇ ।
ଏମନ୍ତ ଅନେକ କଥା ବିହିଲି ସଂସାରେ
ଯେ ଯେଡ଼େ ଲୋକ ରଖିଲି ତାଙ୍କୁ ସେହିପୁରେ
ଗୋଲକ ଭୁବନେ ଆଉ ବାଞ୍ଛାବଟ ମୂଳେ
ଯେ ଅଲେଖପୁର ତଳେ ଗୋମାତା ରହିଲେ ।
ରହିଲେକ ଠୁଳ ଶୂନ୍ୟପୁରେ ଜଗଜ୍ୟୋତି
ଯୋଗମାୟା ସବୁଠାରେ ହୋଇ ନାନାମୂର୍ତ୍ତି ।
ରହିଲେକ ତାକୁ ଆଶ୍ରେ କରି ଚତୁର୍ଦ୍ଦଶ
ସମ୍ପୂର୍ଣ୍ଣ ହୋଇ ପାଳିଲେ ଭୁବନ ଆକାଶ ।
କେଉଁଠାରେ ରହିବି ମୁଁ ଅବା ପିତାମହ
ପରଂବ୍ରହ୍ମ ନାଥ ମୋତେ ବିଚାରିଣ କହ ।
ବ୍ରହ୍ମା ବୋଇଲେ ବାବୁରେ ସକଳ ତୋହର
ରହ ତୋର ଇଚ୍ଛା ତୋତେ ଯୋଗାଇ ସେ ପୁର ।
ଏତେ ବୋଲି ବିଧାତା ଶ୍ରୀକରେ ଶାଢ଼ି ଘେନି
ଋଷିନ୍ଦ୍ର ପଣେ ବାନ୍ଧିଲେ ଦକ୍ଷର ମୂର୍ଦ୍ଧନି ।
ଦକ୍ଷ ପ୍ରଜାପତି ବ୍ରହ୍ମା ହସ୍ତୁ ଶାଢ଼ି ପାଇ
ବାହୁଡ଼ି ଅଇଲେ ସେହୁ ଓଳଗି ମେଲାଇ ।
ମଞ୍ଚପୁରରେ ମିଳିଲେ ଆସି ପ୍ରଜାପତି
ମନ୍ଦର ଗିରି ଦକ୍ଷିଣଭାଗରେ ଯେ କତି ।
ସର୍ବ ସାଧନୀ ମେଦିନୀ ନାମ୍ନେ ଗିରିତଳେ
ଶାଖାବତୀ ନଗର ଅଟଇ ତହିଁ କୂଳେ ।
ସେ ବନେ ଛନ୍ତି ମରୁତ ନାମେ ମହାଋଷି
ତାହାଙ୍କ ଆଗରେ ଦକ୍ଷ ମିଳିଲେକ ଆସି ।
ଦେଖିଣ ମରୁରଋଷି ହେଲେ କୃତ୍ୟ କୃତ୍ୟ
ଦକ୍ଷବ୍ରହ୍ମାଙ୍କ ଚରଣେ ହେଲେ ପ୍ରଣିପାତ ।
କହିଲେକ କରପତ୍ର ଯୋଡ଼ି ମହାମୁନି
କେଉଁ କାର୍ଯ୍ୟରେ ଏଥକୁ ବିଜେ ବ୍ରହ୍ମା ଜ୍ଞାନୀ ।
ପ୍ରଜାପତି ବୋଇଲେକ ଶୁଣ ତୁ ମରୁତ
ଆମ୍ଭେ ସେହି ଦକ୍ଷ ବ୍ରହ୍ମା ବିଧିର ବିଧାତ ।
ଚଉଦ ବ୍ରହ୍ମାଣ୍ଡ ସୃଜିଲଇଁ ମନ୍ତ୍ରବଳେ
ସକଳ ଜୀବଜନ୍ତୁ ସେ ସୃଜିଲେ ଶୟଳେ ।
ସକଳ ଦେବତାଙ୍କୁ ମୁଁ କଲି ଯେ କାରଣ
କଲି ବହୁ ବେଦ ବିଦ୍ୟା ଶାସ୍ତ୍ର ଯେ ପୁରାଣ ।
ସକଳ ଜୀବଜନ୍ତୁଙ୍କୁ ଗତିଜ୍ଞାନ ଦେଇ
ତୋଠାକୁ ଏବେ ଅଇଲି କିଛି କାର୍ଯ୍ୟ ପାଇଁ ।
ତୁମ୍ଭେ ସର୍ବଜ୍ଞ ଗାର୍ଗବ ଋଷିଙ୍କ ନନ୍ଦନ
କନ୍ୟା ଗୋଟିଏକ ମୋତେ କରିବାକୁ ଦାନ ।

Digitized by srujanika@gmail.com

ମରୁତ କହିଲେ ଋଷି କରିବା ବିଶ୍ରାମ
ଯାହା ଇଚ୍ଛାକଲୁ ତୋର ପୂରିବ ଯେ କାମ ।
ଏତକ ବୋଲି ମରୁତ ଋଷି ତପୋବନ୍ତ
ଦୋହରା ଅନଳେ ସେହୁ ସମର୍ପିଲେ ଘୃତ ।
ଅତିଅନ୍ତ ସୁନ୍ଦରୀ ସେ ବିଷ୍ଣୁର ଦୁଲାଳୀ
ଜ୍ୟେଷ୍ଠ ଚନ୍ଦ୍ରକାନ୍ତି ଦ୍ୱିତୀୟ ସେ ହେମାବଳୀ ।
ଏକୁ ଏକ ସୁନ୍ଦରୀ ସେ ବଳି ନବଯୁବା
ରୂପକୁ କି ପଟାନ୍ତର କୁସୁମ କରିବା ।
ସମ୍ପୂର୍ଣ୍ଣ ଚନ୍ଦ୍ରମୁଖୀ ଯେ ଲାବଣ୍ୟ ପ୍ରତିମା
ଅମୂଲ୍ୟ କନକ କାନ୍ତି ରୂପ ରାଜଜେମା ।
ଦେଖୁ ଦେଖୁ ତାହାଙ୍କର ମୂର୍ତ୍ତି ତେଜମାନ
ହେଳାରେ ମୋହୁଅଛନ୍ତି ଚଉଦ ଭୁବନ ।
ମରୁତ ମହର୍ଷି ସେହି କନ୍ୟାମୁଖ ଚାହିଁ
କର ଦୁଇ ଯୋଡ଼ି ଦକ୍ଷ ବିହି ଆଗେ କହି ।
ଭୋ ମହାଋଷି ଜଗତ କରତା ଈଶ୍ୱର
ଯାହାର ମନୁ ଉଦୟ ହେଲା ଏ ସଂସାର ।
ମୁଁ ତୋତୋ ତୋଷିବି ଅବା କେଉଁ ଦ୍ରବ୍ୟ ଦେଇ
ଆଜ୍ଞାରେ ଅପୂର୍ବ କନ୍ୟା ଜାତକଲି ଦୁଇ ।
ରୂପଗୁଣେ ସୁନ୍ଦରୀ ସେ ଦିବ୍ୟ ଅତି ଶୋଭା
ମନକୁତ ଯୋଗାଇଲେ ହୁଅ ଆପେ ବିଭା ।
ପ୍ରଜାପତି ବୋଇଲେକ ଆମ୍ଭର ସଦୃଶେ
ସାନଭାଇ ଅଛନ୍ତି ଯେ ପିତାଙ୍କର ପାଶେ ।
ନାରଦ ନାମେ ଅଟନ୍ତି ମୁନି ବ୍ରହ୍ମଜ୍ଞାନୀ
ବେଦଶାସ୍ତ୍ର ପୁରାଣରେ କୁଶଳ ସେ ମୁନି ।
ସୁନ୍ଦର ସୁକୁମାର ସେ ବିବେକୀ ପଣ୍ଡିତ
ତାହାଙ୍କୁ ବିଭାକର ଏ ଦୁହିତା କନିଷ୍ଠ ।
ମରୁତ ବୋଇଲେ ଯାହା ଯୋଗାଇ ତୁମ୍ଭଙ୍କୁ
ମୁଁ ନାସ୍ତିକରି ପାରିବି କି ତୁମ୍ଭ କଥାକୁ ।
ମରୁତ ମହାଋଷିଙ୍କ ସନମତ ବାଣୀ
ସାନନ୍ଦ ହୋଇଲେ ଦକ୍ଷ ପ୍ରଜାପତି ଶୁଣି ।
ନାରଦ ଋଷିଙ୍କୁ ତହିଁ ସୁମରିଲେ ମନେ
ତତକ୍ଷଣେ ନାରଦ ମିଳିଲେ ସନ୍ନିଧାନେ ।
ପ୍ରଜାପତି ପାଦତଳେ କରି ନମସ୍କାର
ନାରଦଙ୍କୁ ନମସ୍କାର କଲେ ମୁନିବର ।
ଯେ ଯାର ଉଚିତ ମାନ୍ୟ ଗଉରବ କରି
ମରୁତ ଋଷି ବ୍ରହ୍ମାଙ୍କ ସୁତକୁ ଯେ ବରି ।
ସଂକଳ୍ପ କରି ସେ ବିଧି ଦେଶକାଳ ବାକ୍ୟେ
ଅତ୍ୟନ୍ତ ହରଷ ହୋଇ ମନର ଉତ୍ସୁକେ ।
ଜ୍ୟେଷ୍ଠାକନ୍ୟା ନାମ ଗୋଟି ଅଟେ ଚନ୍ଦ୍ରକାନ୍ତି
ସେ କନ୍ୟାକୁ ବିଭାହେଲେ ଦକ୍ଷ ପ୍ରଜାପତି ।
କନିଷ୍ଠା ଦୁହିତା ନାମ ଅଟେ ହେମାବଳି
ଅମୂଲ୍ୟ ହେମ ପରାଏ ତାର ଅଙ୍ଗ ଝଳି ।
ସେ କନ୍ୟା ଗୋଟି ନାରଦ ମୁନି ବିଭାହେଲେ
ସନ୍ତୋଷେ ମରୁତ ମହାଋଷି ବିଭାହେଲେ ।
ସେ କନ୍ୟାକୁ ପାଇକରି ବ୍ରହ୍ମାଙ୍କ ନନ୍ଦନ
ଆନନ୍ଦହୋଇ ଚଳିଲେ ଯେ ଯାହାର ସ୍ଥାନ ।
ହେମାବଳୀ କନ୍ୟା ଦେଖି ଚଳିଲେ ନାରଦ
ଯଶୋବନ୍ତୀ ପୁରେ ଯାଇ ମିଳିଲେ ଆନନ୍ଦ ।
ଚନ୍ଦକାନ୍ତିଙ୍କୁ ଘେନିଣ ଦକ୍ଷ ପ୍ରଜାପତି
ମଠ କରି ରହିଲେ ଯେ ମନ୍ଦରାଦ୍ରି କତି ।
ପୁଣ୍ୟଭଦ୍ରା ନଦୀକୂଳେ ନିରାକୁଳ ବନ
କରୁଣା ବଟେକ ଅଛି ତହିଁ ସନ୍ନିଧାନ ।
ସେ ବଟ ତଳେ ଗୋଟିଏ ମଠ ସଜକରି
ରହିଲେ ସେ ଦକ୍ଷବ୍ରହ୍ମା ତପୀରୂପ ଧରି ।
ସଙ୍ଗତରେ ଘରଣୀ ଯେ ମରୁତର ଜେମା
ପରମା ସାଧବୀ ତାକୁ ନାହିଁ କେ ଉପମା ।
ସ୍ୱାମୀର ଚରଣେ ସେହୁ ସେବା କରିଥାଇ
ଆନନ୍ଦେ ଦିନ ନିଅନ୍ତି ପତି ପତ୍ନୀ ଦୁଇ ।
ଜଗତ ନିମନ୍ତେ କରୁଥାନ୍ତି ପୁଣ୍ୟଭୋଗ
ଯାଗଯଜ୍ଞ ସେ କରନ୍ତି ଦ୍ୟନ୍ତି ହବିର୍ଭାଗ ।
ବେଦ ଶାସ୍ତ୍ର ପୁରାଣ ଯେ ଶ୍ଳୋକ ଗୀତା ଅର୍ଥ
ନାନା ବିଦ୍ୟାମାନ ତହିଁ କରନ୍ତି ବିଖ୍ୟାତ ।
ବାରବ୍ରତ ଓଷା ଆଦି ଦେବପୂଜା ବିଧି
ଭବିଷ୍ୟତ କଥନ ଯେ ଜଉତିଷ ଆଦି ।
ଜ୍ଞାନ ଉପଦେଶ ଆଉ ସାଧକ ବିବେକ
ଗୋଟିକା ଅଞ୍ଜନ ପୁଣି କୁହୁକ ଭଲ୍ଲୁକ ।
ଗାରଡ଼ି ମହାଖେଳ ଯେ ଧରଣ ଧାରଣ
ଛବିଶ ବିଦ୍ୟା ସହିତେ ଯେତେକ ଭିଆଣ ।
ଆଚାର୍ ବିଚାର ନ୍ୟାୟ ନୀତିଶାସ୍ତ୍ରମାନ
ମାନ୍ୟ ଗଉରବ ଆଦି ଯାବତ ବିଧାନ ।
ଦେଶାଚାର ବାଣୀ ଆଉ କୁଳାଚାର ଧର୍ମ
ଆବର ଆରାଧନା ଯେ ଜାତି ଦଶକର୍ମ ।
ଭକ୍ଷ ଭୋଜନ ଆଦି ଯେ ବାଣିଜ୍ୟ ବେଉସା
ଦେବା ଦୟାଧର୍ମ ପୂର୍ଣ୍ଣ ଯାରେ କର ଆଶା ।
ଯେଉଁ ପୁର ଲୋକଙ୍କର ଯେଉଁ ଆଚରଣ
ଦକ୍ଷବ୍ରହ୍ମା ସେ ସମସ୍ତ କରନ୍ତି ଭିଆଣ ।
ଜଗତ ହିତ ଅର୍ଥରେ କରନ୍ତି ବିଖ୍ୟାତ
ମୁକ୍ତିଅର୍ଥେ ତପ ଯଜ୍ଞ କରନ୍ତି ବହୁତ ।
ସକଳ ବ୍ରହ୍ମାଣ୍ଡର ଯେ ଏକଇ କରତା
ଏହି ଯେ ବ୍ରହ୍ମ ପୁରୁଷ ବିହିତ ବିଧାତା ।

Digitized by srujanika@gmail.com

ଜଗତ ଜନ୍ତୁମାନଙ୍କୁ ସୁଖ ଭୋଗ ଦେଇ
ଆପଣେ ତପ କରନ୍ତି ବନବାସୀ ହୋଇ ।
ସକଳଜନ ପରେ ସେ କରତା ଈଶ୍ୱର
ଚଉଦ ଭୁବନ ଖ୍ୟାତ ମହିମା ଯାହାର ।
ଇନ୍ଦ୍ର ଆଦି ସହିତରେ ଦଶଦିଗପାଳେ
ନିତ୍ୟ ଆସି ଖଟିଥାନ୍ତି ତାଙ୍କ ପାଦତଳେ ।
ସକଳ ପୁର ଲୋକେ ଯେ ଆଜ୍ଞା ପାଳିଥାନ୍ତି
ଏକକୁ ଆରେକ ଖଳବଳ ଯେ ନୁହନ୍ତି ।
ପ୍ରଜାପତି ମହିମା ଯେ ବିଖ୍ୟାତ ଜଗତେ
ନାରଦ ତାହା ଦେଖିଣ ବିଚାରନ୍ତି ଚିତ୍ତେ ।
ଦକ୍ଷବ୍ରହ୍ମା ହୋଇଲେ ଯେ ସଂସାରେ ବିଖ୍ୟାତ
ମୋହର ନାମ ଆଉ ତ ନୋହିଲା ଉଦିତ ।
ଦକ୍ଷବ୍ରହ୍ମାଙ୍କର ଶିର ତୁଟିବ କେମନ୍ତେ
ଏତେ ବୋଲି ନାରଦ ଯେ ଭାଳୁଥାନ୍ତି ଚିତ୍ତେ ।
ଏହିମିତି ବିଚାରୁ ଯେ ବହୁକାଳ ଗଲା
ସତ୍ୟ ଯେ ସତରଲକ୍ଷ ବରଷ ସରିଲା ।
ଏମନ୍ତେ ଏକ ଦିବସେ ବୈଶାଖ ମାସରେ
ଶୁକଳପକ୍ଷ ଦଶମୀ ବୃହସ୍ପତି ବାରେ ।
କକଡ଼ା ଚନ୍ଦ୍ର ଅଶ୍ଳେଷା ନାମରେ ଯେ ତାର
ବିଷ୍ଟିନାମେ କରଣକୁ ଭୋଗ ଦଣ୍ଡ ବାର
ସେ ଦିନ ସେ ପ୍ରଜାପତି ବ୍ରହ୍ମା ପାଶେ ଗଲେ
ଯଶୋବନ୍ତୀ ପୁରେ ଯାଇ ପ୍ରବେଶ ହୋଇଲେ
କୁଶବଟୁ ନଗ୍ର ସହସ୍ରେକ ଦ୍ୱାର ଜିଣି
ଭାଗ୍ୟବନ୍ତ ସଭାରେ ମିଳିଲେ କୁଶପାଣି ।
କନକ ଆସନେ ବସିଛନ୍ତି ବେଦପତି
ଋଷିବୃନ୍ଦ ବେଢ଼ି ରହିଛନ୍ତି ଚଉକତି ।
ବେଦଶାସ୍ତ୍ର ସ୍ମୃତି ଶ୍ରୁତି ଆବର ପୁରାଣ
ନାନା ପାଠମାନ କରୁଅଛନ୍ତି ବଖାଣ ।
ଦକ୍ଷ ପ୍ରଜାପତି ଯାଇ ଏହିପରି ବେଳେ
ଦର୍ଶନ କରି ପଡ଼ିଲେ ବ୍ରହ୍ମା ପାଦତଳେ ।
ଦେଖିଣ ଆନନ୍ଦ ହେଲେ କୋଟିମୁଖ ଧାତା
ଦକ୍ଷକୁ ନେଇଣ କୋଳେ ବସାଇଲେ ପିତା ।
ମୁଖରେ ଚୁମ୍ବ ଦେଇଣ ହୃଦରେ ଲଗାଇ
ବହୁତ ପ୍ରଶଂସା ତାଙ୍କୁ କରନ୍ତେ ଯେ ବିହି ।
ଧନ୍ୟ ମୋର ନନ୍ଦନରେ କୁଳ ମୋକ୍ଷମାନ
ତୁହି ସିନା ଭିଆଇଲୁ ଚଉଦ ଭୁବନ ।
ପ୍ରଳୟ ଅନ୍ତେ ସର୍ଜନା କରିଲୁ ସଂସାର
ତୁହି ସିନା ସର୍ବ ଜନ୍ତୁମାନଙ୍କ ଠାକୁର ।
ସଞ୍ଚିଲୁ ଚଉମାର୍ଗ ଯାବତ କର୍ମବିଧି
ଧାର୍ମିକ ବିବେକ ସୁପଣ୍ଡିତ ଗୁଣନିଧି ।
ମାନସରୁ ଜାତ କଲୁ ଅଶେଷ କୀରତି
ତୁହି ସେ ବ୍ରହ୍ମପୁରୁଷ ପୃଥ୍ୱୀ ଉତପତ୍ତି ।
ଜଗତ ଈଶ୍ୱର ତୁହି ବିହିତ ବିଧାତା
ଅନନ୍ତ କୋଟି ବ୍ରହ୍ମାଣ୍ଡେ ତୁହି ସେ କରତା ।
ବାଣ୍ଟିଲୁ ଯେ ନବ ଭାଗ କରି ବସୁନ୍ଧରୀ
କାହାର ବଳେ ଏଡ଼େକ କର୍ମ ହୁଏ କରି ।
ତୋରେ ପଟାନ୍ତର ଆଉ ନାହିଁ କେ ଜଗତେ
ଅସଂଖ୍ୟ ମହିମା ତୋର ଅଗୋଚର ମୋତେ ।
ଏ ବଚନ ଶୁଣିକରି ନାରଦ ମହର୍ଷି
ବେନିକର ଯୋଡ଼ିକରି ବଚନ ପ୍ରକାଶି ।
ବୋଇଲେ ହୋ ସାବଧାନେ ଶୁଣ ବେଦପତି
କଥାଏ ବ୍ରହ୍ମା ସର୍ଜିଲେ ପୁଣି ଅପକୀର୍ତ୍ତି ।
ସ୍ଥାପିଲେ ଯେବଣ ମଞ୍ଚପୁରେ ଦଇତ୍ୟାରି
ଏ ତାହା ଭିଆଣ କଲେ ନବଭାଗ କରି ।
ଏହା ଯେ ଭାଙ୍ଗିଲେ ବିଷ୍ଣୁ କୀର୍ତ୍ତି ଅନୁଚିତେ
କୀର୍ତ୍ତି ଭଗ୍ନ ମହାପାପ ପାଇଲେ ଯୁକତେ ।
ପର କୀରତି ଭାଙ୍ଗିଲେ ଧର୍ମ କ୍ଷୟ ଯାଇ
ଅଦୋଷରେ ଅପଘାତ ଶରୀରେ ପଡ଼ଇ ।
ତୁମ୍ଭେ ତ ବିଷ୍ଣୁକୀର୍ତ୍ତିର ସବୁ କଥା ଜାଣ
ମୁଁ ଯାହା କହିଲି ତାହା ମନେ ମନେ ଗୁଣ ।
ଶୁଣିକରି ଦକ୍ଷବ୍ରହ୍ମା ହୋଇଲେ ସ୍ତବଧ
ବୋଇଲେ ସ୍ୱରୂପା ଯାହା କହିଲେ ନାରଦ ।
କିଏ ସେ ଆନ କରିବ ପୁରାଣର ଧ୍ୱନି
କୀର୍ତ୍ତିଭଗ୍ନ କଲେ ହୁଏ ସୁକୃତର ହାନି ।
ବଦୟନ୍ତି ମାରକଣ୍ଡ ଶୁଣ ନରପତି
ହୀନ ଖଳ ବିହିଲେକ ସେ ନାରଦ ଯତି ।
ଦକ୍ଷ ପ୍ରଜାପତି ଅଟେ ସୁବୁଦ୍ଧି ସୁଜ୍ଞାନ
ସତ୍ୟ ପ୍ରାଣେକ ମଣିଲେ ନାରଦ ବଚନ ।
କରପତ୍ର ଯୋଡ଼ିକରି ପୁଛିଲେ ବ୍ରହ୍ମାଙ୍କୁ
କହ ଆହେ ପିତାମହ କାରଣ ଆମ୍ଭଙ୍କୁ ।
ମୁହିଁ ଯେଣୁ ଧର୍ମପତି ଧର୍ମରେ ଆଶ୍ରିତ
ଧର୍ମବଳରେ ପାଳଇ ଅଶେଷ ଜଗତ ।
ବହୁତ କୀରତି ମୁଁ ଯେ ଧର୍ମଅର୍ଥେ କଲି
ନାରଦଙ୍କ ମୁଖରୁ ଏ ବଚନ ଶୁଣିଲି ।
ବିଚାର ହେ ପିତାମହ ତୁମ୍ଭେ ହୃଦଗତେ
ଏଥକୁ ପାପ ଲାଗିବ କିସ ହାଦେ ମୋତେ ।
ବ୍ରହ୍ମା ଯହୁଁ ବୋଇଲେ ହେ ଶୁଣ ପ୍ରଜାପତି
ଯାହା ପୁଛିଲୁ କହିବା ତାହାର ଯେ ଗତି ।
ବହୁତ ଗୁଣ ଯେବଣ ପରାଣୀର ଥାଇ
କିଞ୍ଚିତ ସେ ଅପରାଧ ତାକୁ ନ ଲାଗଇ ।

Digitized by srujanika@gmail.com

ତୁମ୍ଭେ ଯେଣୁ ସୃଷ୍ଟିକର୍ତ୍ତା ଦଇବ ପୁରୁଷ
କି ପାଇଁ ଲାଗିବ ତୋତେ ସେ କଥାରେ ଦୋଷ ।
ମନେ ଯେବେ ଭୀତି ଉପୁଜିଲାକ ତୋହର
ଧର୍ମ ବିକାଶିବ ତେବେ ଯଜ୍ଞ ଏକ କର ।
କିଞ୍ଚିତ ଦୋଷ ଥିଲେ ଯେ ହୋଇବ ଦହନ
ଋଷିଗଣ ବରିଣ ତୁ ତୋଷ ହୁତାଶନ ।
ସକଳ ଲୋକମାନଙ୍କୁ ଅନ୍ନଦାନ ଦିଅ ।
ଚତୁର୍ଦ୍ଦଶ ଭୁବନରେ ବହୁ ଯଶ ପାଅ ।
ଅଗ୍ନିଦେବ ସେବାକଲେ ବହୁ ପୁଣ୍ୟ ପାଇ
ଶରୀରୁ ନାନାଦି ପାପମାନ କ୍ଷୟ ଯାଇ ।
ଅଗ୍ନି ଯେଣୁ ଇଷ୍ଟ ଅଟେ ବ୍ରାହ୍ମଣ କୁଳକୁ
ଦେବ ଯେ ତୋଷହୁଅନ୍ତି ପୂଜିଲେ ଅଗ୍ନିକୁ ।
ଶୂଦ୍ର ବୈଶ୍ୟ କ୍ଷତ୍ରିୟ ଯେ ଏହି ଜାତି ତିନି
ଏହାଙ୍କର ଦେବତା ଯେ ଅଟନ୍ତି ଅଗିନି ।
ମୋହର ଦେବତା ଅଟେ ଦେବ ହୁତାଶନ
ତୁ ତାହାଙ୍କୁ ତୋଷିଲେ ଯେ ହେବୁ ତୋଷମନ
ତୁ ଏବେ ହୁତାଶନଙ୍କୁ କଲେକ ସନ୍ତୋଷ
ସକଳ ଧର୍ମ ତୋହର ହୋଇବ ପ୍ରକାଶ ।
ଦକ୍ଷବ୍ରହ୍ମା ବୋଇଲେ ଯେ କରିବି ମୁଁ ଯାଗ
ସକଳ ଦେବତାଙ୍କୁ ମୁଁ ଦେବି ହବିର୍ଭାଗ ।
ସର୍ବ ଭୂତଦେବତାଙ୍କୁ ଦେବି ଅନ୍ନଦାନ
ତୁ ସ୍ୱାମୀ ବ୍ରହ୍ମପୁରୁଷ ଭକ୍ତି ମୋର ଘେନ ।
ଏ ମୋହର ଯାଗରେ ତୁ ହୋଇବୁ ଆଚାର୍ଯ୍ୟ
ତେବେ ସେ ସୁଫଳ ହେବ ମୋର ସବୁକାର୍ଯ୍ୟ ।
ବ୍ରହ୍ମା ବୋଇଲେ ତୋହର ଆଶ୍ରମକୁ ଯାଅ
ଯାଗ ବିଧିର ସମ୍ଭାର ବହନ ଭିଆଅ ।
ସମ୍ଭାର ଭିଆଇ ସୁମରିବୁ ତୁ ଆମ୍ଭଙ୍କୁ
ଋଷିକୁଳ ଘେନି ଚଳିଯିବୁ ତୁମ୍ଭଠାକୁ ।
ଏ କଥା ଆମ୍ଭର ଜାଣ ସ୍ୱରୂପ ବଚନ
ତୁ ଏବେ ଭିଆଅ ଯାଇ ବେଗେ ସଞ୍ଜମାନ ।
ବ୍ରହ୍ମାଙ୍କର ଆଜ୍ଞା ପାଇ ଦକ୍ଷ ପ୍ରଜାପତି
ମଞ୍ଚ ଭୁବନକୁ ତହୁଁ ଅଇଲେ ତଡ଼ତି ।
ନିରାକୁଳ ବନେ ଯାଇ ପ୍ରବେଶ ହୋଇଲେ
ସେଠାବରେ ଭାରିଯାକୁ ଘେନି ବିଜେକଲେ ।
ହୈମବନ୍ତ ପର୍ବତରେ ବସିଲେ ନିଶ୍ଚଳେ
ଆପଣାର ହୃଦପଦ୍ମେ ବିଚାରଣ କଲେ ।
ବୋଇଲେ କରିବା ଯେବେ ମହାଯଜ୍ଞ ମଞ୍ଚେ
ଚଉଦ ଭୁବନ ଲୋକ ମିଳିବେ ସୁଘଞ୍ଚେ ।

ଦେବ ଦୈତମାନବ ଯେ କିନ୍ନର ଚାରଣ
ଚାରିବର୍ଣ୍ଣ ମୂଳେ କଲି ଯେତେକ ଭିଆଣ ।
ସମସ୍ତ ଏକଠାବରେ ମିଳିବେ ଯେ ଆସି
ଦେବଙ୍କ ତେଜେ ମାନବେ ହେବେ ବ୍ରହ୍ମରାଶି ।
ତେଣୁ ମୁହିଁ ହିମବନ୍ତେ କରିବି ନବର
ତେଜ ଶାପ ଶୀତଳ ଯେ ହୋଇବ କାକର ।
ଏମନ୍ତ ବିଚାରି ମନେ ଦକ୍ଷ ନାମେ ବିହି
ହିମବନ୍ତ ପର୍ବତରେ ପୂର୍ବଭାଗ ଚାହିଁ ।
ଶିଶିର ନାମରେ ଗିରି ଅଛି ସେହି ଭାଗେ
ବିଷ୍ଣୁତୋୟା ନଦୀ ବହେ ଉତ୍ତର ଯେ ଦିଗେ ।
ନିଧୂମ ନାମରେ ବନ ଅଛି ତାର ପାଶ
ଆଡ଼ଦୀର୍ଘ ବନ ଅଟେ ପାଞ୍ଚଶତ କ୍ରୋଶ ।
ସେ ବନ ପୂର୍ବେ ଅନଙ୍ଗ ନାମେ ଏକ ବଟ
ପର୍ବତଶିଳା ଅଛଇ ତହିଁର ନିକଟ ।
ସେ ଶିଳା ଉପରେ ରହି ଦକ୍ଷ ପ୍ରଜାପତି
ସଙ୍ଗତେ ଘରଣୀ ଅଛନ୍ତି ଯେ ଚନ୍ଦ୍ରକାନ୍ତି ।
ସେଠାବରେ ପ୍ରଜାପତି ପୁତ୍ର ଜାତ କଲେ
କାମଦକ୍ଷ ବୋଲିଣ ସେ ପୁତ୍ରନାମ ଦେଲେ ।
ସେ ପୁତ୍ରର ମହିମା ଯେ ଅସଂଖ୍ୟ କଥନ
ରୂପଗୁଣେ ସୁନ୍ଦର ଯେ ଦ୍ୱିତୀ ନିରଞ୍ଜନ ।
ପ୍ରତ୍ୟକ୍ଷେ ସେ ଦକ୍ଷବ୍ରହ୍ମା ଦ୍ୱିତୀ ରୂପ ଧରି
ଯଜ୍ଞକର୍ମ ନିମନ୍ତେ ସ୍ୱରୂପରେ ଅବତରି ।
ସେ କାମଦକ୍ଷକୁ ଚାହିଁ ବୋଲେ ପ୍ରଜାପତି
ଯାଗର ଭିଆଣ ତୁହି ଭିଆଅ ତଡ଼ତି ।
ଚଉଦପୁର ଲୋକଙ୍କୁ ନିମନ୍ତ୍ରିଣ ବେଗେ
ପ୍ରୀତି ଆଦର କରିଣ ଆଣ ଯା ସରାଗେ ।
ପ୍ରଜାପତିଙ୍କର ଆଜ୍ଞା ପାଇ କାମଦକ୍ଷ
ଆପଣାର ରୂପେ ଜାତକଲେ ଶତଦକ୍ଷ ।
ଏକକୁ ଆରେକ ସର୍ବ ଅତି ଗୁଣବନ୍ତ
ଧାର୍ମିକ ବିବେକୀ ବୁଦ୍ଧିମନ୍ତ ସୁପଣ୍ଡିତ ।
ସମସ୍ତେ ସୁରବନ୍ତ ଯେ ପ୍ରଜାପତି ସମ
ସେ ପୁତ୍ରକୁ ଚାହିଁ ପୁଣି ବୋଲେ ଦକ୍ଷକାମ ।
ଶତେ ଭ୍ରାତ ତୁମ୍ଭେ ଏବେ ଏହିକ୍ଷଣି ଯିବ
ଚଉଦ ଭୁବନ ଲୋକ ବରିଣ ଆଣିବ ।
ଯଜ୍ଞ ସମ୍ଭାର କରିବେ ଦକ୍ଷ ପ୍ରଜାପତି
ସକଳ ଲୋକଙ୍କୁ ତୁମ୍ଭେ ଲୋଡ଼ିଆଣ ଧାତି ।
ଆଜ୍ଞା ପାଇଣ ସେ କାମଦକ୍ଷ ପୁତ୍ରମାନେ
ଲୋକେ ନିମନ୍ତ୍ରଣେ ଗଲେ ଚଉଦ ଭୁବନେ ।

Digitized by srujanika@gmail.com

ଏଥୁ ଅନନ୍ତରେ କଥା ଶୁଣ ହେ ସୁରଥ
ପରମଜ୍ଞାନ ଯେ ଋଷି ବାକ୍ୟ ଛନ୍ଦ ଅର୍ଥ ।
ଦକ୍ଷବ୍ରହ୍ମାଙ୍କ କୀରତି ଅତି ପୁଣ୍ୟମୟ
ଏକମନେ ଶୁଣିଲେ ଯେ ପାପ ହେବ କ୍ଷୟ ।
ଯେ ଯାହା ବାଞ୍ଛା କରି ସେ କାର୍ଯ୍ୟହୁଏ ସିଦ୍ଧି
ପବିତ୍ର ପୁଣ୍ୟବନ୍ତ ଏ ବାଞ୍ଛା କଳ୍ପନିଧି ।
ମହାଦେବ ଦାସ ବହୁ ଜନମର ପୁଣ୍ୟେ
ପବିତ୍ର ପୁଣ୍ୟ କୀରତି ସୁମରଇ ମନେ !

-x-

ସୂର୍ଯ୍ୟଙ୍କ ସ୍ତବ

ବନ୍ଦଇ ଯେ ଦିନକର ଗଗନର ମଣି
ଯାହା ଆଶ୍ରିତେ ବର୍ତ୍ତନ୍ତି ସକଳ ପରାଣୀ ।
ନିର୍ମଳ ନିରାକୁଳ ଯେ ଜ୍ୟୋତିର୍ମୟ ତନୁ
ପ୍ରଚଣ୍ଡ ସୁଦୀର୍ଘ ମୂର୍ତ୍ତି ନିଦାଘ ଯେ ଭାନୁ ।
ଉଜ୍ଜ୍ୱଳ ସ୍ୱରୂପ ତୁହି ପରମ ଦେବତା
ପ୍ରାଣୀଙ୍କର ଦିବ୍ୟ ଚକ୍ଷୁ ଗଗନେ ଶୋଭିତା ।
ଅଶେଷ ବ୍ରହ୍ମାଣ୍ଡ ତୋର ତେଜରାଶି ଲାଗେ
ଜଗତକୁ ପାଳୁ ନାଥ ଦୟା ଅନୁରାଗେ ।
ଧର୍ମପୁରୁଷ ତୁ ସର୍ବ ତତ୍ତ୍ୱଜ୍ଞାନୀ ସ୍ୱାମୀ
ଅଚିନ୍ତା ଈଶ୍ୱର ତୁହି ଅଟୁ ଶୂନ୍ୟଗାମୀ ।
ବିଷ୍ଣୁର ସ୍ୱରୂପରେ ସେ ବ୍ରହ୍ମ ପରକାଶ
ମେରୁ ପ୍ରଦକ୍ଷିଣ କରି ଭ୍ରମିଣ ଆକାଶ ।
ଦିବାରାତ୍ର ଦୁହିଁଙ୍କର ତୁହି ସେ କରତା
ଧର୍ମଭାଗରେ ଜଗତ ଉଦ୍ଧାର କରନ୍ତା ।
ସପ୍ତ ତୁରଙ୍ଗମ ତୋର ଏକଚକ୍ର ରଥ
ସାରଥି ଅରୁଣ ଯହିଁ ବିନତାର ସୁତ ।
ସେ ଗଗନଧ୍ୱଜ ରଥେ ବିଜେ ସର୍ବକାଳେ
ଛାୟାଦେବୀ ଖଟନ୍ତି ତୋ ପାଦପଦ୍ମ ତଳେ ।
ଉଜ୍ଜ୍ୱଳ ଅଙ୍ଗ ତୋହର ଦିବ୍ୟ ରତ୍ନପ୍ରଭା
ତେଣୁ ତୋହର ଶରୀର ଦିଶେ ମହାଶୋଭା ।
ରଜତ ଅମ୍ବର ତୋର କଟିତଟେ ସାଜେ
ଇନ୍ଦ୍ର ନୀଳମଣି ତୋର ହୃଦରେ ବିରାଜେ ।
ତାଡ଼ ତୋଡ଼ର ବାହୁଟି ପୁଣ୍ୟ ଜଗତ୍‌କଳା
କର୍ଣ୍ଣରେ ଶୋଭଇ ତୋର ପାରିଜାତମାଳା ।
କନ୍ଧେ ସ୍ୱର୍ଣ୍ଣପଇତା ଉତ୍ତରୀ ପୀତପଟ
ମର୍କତ କୁଣ୍ଡଳ ବେନି ଶୋହେ କର୍ଣ୍ଣତଟ ।
ବଦନ ମଣ୍ଡଳ ତୋର ଅତି ପୁଣ୍ୟମୟେ
କପୋଳେ ତିଳକ ତିନିଲୋକ ଶୋଭାପାଏ ।
ଲଲାଟ ପଟେ କନକ ମୁକୁଟ ଯେ ଶୋଭା
ବକୁଳ କୁସୁମ ଶୋହେ ତ୍ରିମୁଣ୍ଡିଆ ଗଭା ।
ପଦ୍ମ ଆସନ ଉପରେ ବିମାନରେ ବସି
ଅଶେଷ ବ୍ରହ୍ମାଣ୍ଡକୁ ତୋ ତେଜ ପରକାଶି ।
ଚରଣେ ନୂପୁର ତୋର କରେ ପଦ୍ମଦଣ୍ଡ
ନମସ୍ତେ ଶ୍ରୀ ନାରାୟଣ ଉଦଣ୍ଡ ମାର୍ତ୍ତଣ୍ଡ ।
ଜୟ ତୁହି ଅନାଦି ସେ ସୂର୍ଯ୍ୟ ଅବତାର
ହେଲେ ଅନ୍ତ କରୁ ତୁହି ପ୍ରଳୟ ସାଗର ।
ଦାନବ ବିନାଶ ପାଇଁ ଆହେ ନିରଞ୍ଜନ
କଶ୍ୟପ ଋଷିର କୁଳେ ହୋଇଲୁ ଉତ୍ପନ୍ନ ।
ଅଦିତିଙ୍କର ଗର୍ଭରୁ ହୋଇଲୁ ତୁ ଜାତ
ତେଣୁକରି ତୋର ନାମ ହୋଇଲା ଆଦିତ୍ୟ ।
ଅର୍କଦୈତ୍ୟ ବିନାଶନେ ଅର୍କଅଂଶୁ ବୋଲି
ହୟ ଆରୋହଣେ ନାମ ଅଟେ ତୋର ହେଳି ।
ମାରିଣ ଘୋର ରକ୍ଷ ତୋ ନାମ ମାରକଣ୍ଡ
ତେଜରେ ତପନ ତୁହି ଜ୍ୟୋତିରେ ପ୍ରଚଣ୍ଡ ।
ସର୍ବ ଘଟେ ନାଥ ତୁହି ଅଟୁ ଯେ କରତା ।
ତେଣୁକରି ନାମ ତୋର ଅଟଇ ସବିତା ।
ଦିନକର ନାଥ ଦୀନବନ୍ଧୁ ଦିନମଣି
ତୀକ୍ଷ୍ଣ ତେଜରାଶି ଶୋହେ କମଳେ ତୋ ପାଣି ।
କାଳ ବିପଦହାରୀ ତୁ ଯମର ପିଅର
ଆହେ ସଂଜ୍ଞାପତି ମୋତେ ସଂସାରୁ ଉଦ୍ଧାର ।
ମନ ବଚନେ ମୁଁ ତୋତେ ଭାବଇ ଯେ ନିତି
ଭବସାଗରୁ ଉଦ୍ଧାର କର ଛାୟାପତି ।
ଯମଦଣ୍ଡକୁ ବହୁତ ମୋହର ଯେ ଡର
ଶ୍ରୀକୃଷ୍ଣଙ୍କ ନାମ ତେଣୁ ଭଜେ ହୃଦୟର ।
ଯମଭୟ ନାଶିନୀ ଯେ ଅଟେ ଦୁର୍ଗାଦେବୀ
ମୁହିଁ ତାହାଙ୍କ ମହିମା ବିଖ୍ୟାତ କରିବି ।
ସଂସାରଜନେ ଶୁଣିଣ ଲଭିବେ କାରଣ
ଦୟାକର ମୋତେ ହେ ବିରଞ୍ଚି ନାରାୟଣ ।
ତୋର ପ୍ରସନ୍ନେ କହିବି ମୁହିଁ ସର୍ବକଥା
ଖଣ୍ଡିବେ ସୁଜ୍ଞାନୀ ଜନ ଶୁଣି ଭବବ୍ୟଥା ।
ଦୁଷ୍ଟଲୋକମାନେ ନିନ୍ଦା କରନ୍ତି ନ ଜାଣି
ତାଙ୍କର ବୋଲକୁ ମୋର ଛଳ ନାହିଁ ପୁଣି ।
ବିଟପୀ ସ୍ତିରୀ ଯେସନେ ମ ମଣଇ ଲାଜ
ସକଳ ଦୂର କରିଣ ରତି ରସେ କାର୍ଯ୍ୟ ।
ଗୁରୁଜନ ବଚନ ସେ ନ ମାନଇ କିଛି
ରାଜାର ଦଣ୍ଡକୁ ଭୟ ମନରେ ନ ଗଛି ।
ରାତ୍ରି ଦିବସରେ ଏକା ରତିରସେ ଭୋଳ
ଯେ ଯେତେ ବୋଇଲେ ସେହୁ ନ କରଇ ଛଳ ।

Digitized by srujanika@gmail.com

ସେହିମିତି ଅଟଇ ଯେ ମୋହର ପ୍ରକୃତି
ଖଳଜନ ନିନ୍ଦାକୁ ମୁଁ ନ କରଇ ଭୀତି ।
ସକଳ ଚିନ୍ତା ମୁଁ ଛାଡ଼ି ରସି ହରିରସେ
ମନରୁ ନ ଛାଡ଼ଇ ମୁଁ ରଜନୀ ଦିବସେ ।
କୀରତି ବା ଅକୀରତି ସୁସ୍ଥାନୁ କୁସ୍ଥାନେ ।
ହସିବା ବସିବା କିବା ସାହାନ ଭୋଜନେ ।
ନିଦ୍ରାରେ ସ୍ୱପନେ ପଢ଼େ ଶୁଣେ ହରିକୀର୍ତ୍ତି
ଅନୁକ୍ଷଣେ ମନେ ତାହା ସ୍ଫୁରେ ବିପ୍ୟରୀତି ।
ବାଲି କୂପରୁ ଯେସନ ଝରୁଥାଏ ପାଣି
ତେସନେ ମୋ ମନୁ ଗ୍ରନ୍ଥ ସ୍ଫୁରୁଥାଇ ପୁଣି ।
ହୃଦୟରେ ସମ୍ଭାଳି ତା ନୋହିଲାକ ଯହୁଁ
ପୁସ୍ତକ ଆକାରେ କଲି ଲେଖିକରି ତହୁଁ ।
ସାଧୁଜନମାନେ ଶୁଣିବାକୁ ମନ ଦେଇ
ମୂର୍ଖକୁ ନିନ୍ଦା କରିବ ତୁମ୍ଭେ କାହିଁପାଇଁ ।
ଗଗନର ଚୂଡ଼ାମଣି ତିମିର ବାରଣ
ମହାଦେବ ଦାସକୁ ଯେ କରିବା କାରଣ ।

-x-

ଦକ୍ଷଯଜ୍ଞ ନିମନ୍ତେ ବିଶ୍ୱକର୍ମାର ଗୃହ ନିର୍ମାଣ

ଏଥୁ ଉତ୍ତାରେ ଶୁଣିବା ହେଉ ସାଧୁଜନେ
ଦକ୍ଷପ୍ରଜାପତି ସ୍ଥିତ ପବିତ୍ର ଆସ୍ଥାନେ ।
ସୁରଥ ରାଜାକୁ ପୁଣି କହନ୍ତି ମାର୍କଣ୍ଡ
ଏ ପବିତ୍ର ବାକ୍ୟ ଶୁଣି ତୋ ଦୁରିତ ଖଣ୍ଡ ।
କାମଦକ୍ଷର ପୁତ୍ରେ ଯେ ଲୋକ ଆଣିଗଲେ
ତହୁଁ ପ୍ରଜାପତି ଯେଉଁପରି କୃତ୍ୟ କଲେ ।
ସେ କଥାକୁ ଏକମନେ ଶୁଣ ନୃପବର
ଦକ୍ଷ ପ୍ରଜାପତି ଅଟେ ଜଗତ ଠାକୁର ।
ମନେ ଯେଉଁ ବାଞ୍ଛାକଲେ ହୁଅଇ ସଂସାର
ତାହାକୁ କିସ ଅପୂର୍ବ ଯଜ୍ଞର ସମ୍ଭାର ।
ବିଶ୍ୱକର୍ମାକୁ ସେ ସୁମରଣା କଲେ ମନେ
ତକ୍ଷଣେ ସେହି ମିଳିଲେ ଆସି ସନ୍ନିଧାନେ ।
ଅପୂର୍ବ ବିମାନ ସେହୁ ଆରୋହି ଅଇଲା ।
ପ୍ରଜାପତି ଛାମୁରେ ସେ ଦରଶନ କଲା ।
ବିଶ୍ୱକର୍ମାକୁ ଦେଖିଣ ଦକ୍ଷ ନାମେ ବିହି
କୋମଳ କରିଣ ତାକୁ ବଚନ ଯେ କହି
ଦକ୍ଷବ୍ରହ୍ମା କହିଲେ ତୁ ଶୁଣ ବିଶ୍ୱକର୍ମା
ଯଜ୍ଞଅର୍ଥେ ମୋତେ ଏହି ଆଜ୍ଞାଦେଲେ ବ୍ରହ୍ମା ।
ଯାଗର ବିଧି ରହିଲା ଆଉ ସାତଦିନ
ଅପୂର୍ବ ପୁର ଗୋଟିଏ ନିର୍ମାଣ ବହନ ।
ଏ ଦୁଇଦିନ ଭିତରେ କର ସର୍ବସିଦ୍ଧି
ଏମନ୍ତ ବୋଲିଣ ଆଜ୍ଞା ଦେଲେ ତପୋନିଧି
ବିହିର ଆଜ୍ଞା ପାଇଣ ସେହି ବିଶ୍ୱକର୍ମା
ପୁର ସଞ୍ଚା କରି ଡୋରି ପାତିଲା ମହାତ୍ମା ।
ଯାଗ ଅଙ୍ଗ ଭେଦି ଯାଇ ମଧ୍ୟେ ଶୁଭ ଦେଲା
ସୂତା ପଡ଼ିକରି ସେହୁ ଆହୁତି ସଞ୍ଚିଲା ।
ପୁର ସମାର୍ଜି କଳ୍ପନା କରନ୍ତି ଯେ ମନେ
ବିଚିତ୍ରଗତି ହୋଇ ଯେ ଅଛି ଘରମାନେ ।
ପାଞ୍ଚ କୋଶ ଆୟତନ ଉତ୍ତମ ସୁସଞ୍ଚେ
ଅପୂର୍ବ ଘର ଗୋଟିଏ ପ୍ରକାଶ ଯେ ମଞ୍ଚେ ।
ସାତପୁର ହୋଇଣ ଯେ ଲକ୍ଷେ ଧାଡ଼ି ଘର
ଅତିଅନ୍ତ ଘଟନ ଯେ ଅପୂର୍ବ ମନ୍ଦିର ।
ପନ୍ତି ପନ୍ତି ହୋଇ ତହିଁ ବସେ ରେଖମୂଳେ
ଅପୂର୍ବ ଘଟଣା ବିଷ୍ଣୁଭଦ୍ରା ନଦୀକୂଳେ ।
କଟକକୁ ବେଢ଼ିଣ ଯେ ସୁବର୍ଣ୍ଣ ପାଚେରୀ
ତିନିକୋଶ ଓସାର ତା ଉଚ୍ଚ ଯୂଣ ଚାରି ।
ତହିଁର ଭିତରେ ପୁଣି ବିଚିତ୍ର କଟକ
ଭଳି ପୂରି ନବର ଯେ ବସାଇ ଅନେକ ।
ସକଳ ଘରମାନ ଯେ ଅପୂର୍ବ ଗଠନ
ଅଷ୍ଟରତ୍ନ ଲାଗି କମ ହୋଇଛି ନିର୍ମାଣ ।
ଏକକୁ ଏକ ପୁର ଯେ ଭିନ୍ନ ଭିନ୍ନ ବେଢ଼ି
ଶୋଭା ପାଉଅଛି ନବ ରତନରେ ଜଡ଼ି ।
ସୁବର୍ଣ୍ଣ ଗଠିତ କେହ୍ବା ରୂପାରେ ନିର୍ମିତ
ବହୁତ ମୁକୁତା ତହିଁ ହୋଇଛି ଜଡ଼ିତ ।
ନୀଳାର କାନ୍ଥ କାହିଁ ଯେ ମାଣିକ୍ୟର ଦ୍ୱାର
କେବଣହିଁ ପୁରଗୋଟି ହୀରା ରତ୍ନସାର ।
ପ୍ରବାଳେ ଗଠନ କେହୁ ମର୍କତ ବୈଦୁର୍ଯ୍ୟ
କେବଣ ପୁର ଗୋଟା ଯେ କଲା ନାନାସଜ ।
କେବଣ ପୁର ଗୋଟାକୁ ମଣ୍ଡି ଅତି କମେ
କେବଣ ପୁର ଗୋଟାକୁ ମଣ୍ଡିଲା କୁସୁମେ ।
ଧାଡ଼ି ଧାଡ଼ି ଚାମର ଯେ ଅପୂର୍ବ ବସନ
ଯତ୍ନ କରି ଖଞ୍ଜିଲା ସେ ଚନ୍ଦ୍ରାତପମାନ ।
ପତର ଉପରେ ପୁଣି ସୁବର୍ଣ୍ଣ କଳସ
ବିବିଧ ବର୍ଣ୍ଣେ ପତାକା ଉଡ଼େ ଚଉପାଶ ।
ଅତି ଯତ୍ନ କରିଣ ସେ ପୁର ନିବାଡ଼ିଲା
ବିବିଧ ଦ୍ରବ୍ୟମାନ ତା ଭିତରେ ରଖିଲା ।
ଅନ୍ନ ବ୍ୟଞ୍ଜନ ଆବରି ପିଠାପଣା ସର
ଇକ୍ଷୁରସ ଗୋରସ ଯେ ବିବିଧ ପ୍ରକାର ।
ପକ୍ୱଫଳ ନାନାଦ୍ରବ୍ୟ କର୍ପୂର ତାମ୍ବୁଳ
ରଖିଲେ ସୁବର୍ଣ୍ଣ କୁମ୍ଭେ ଭରି ଗଙ୍ଗାଜଳ ।

Digitized by srujanika@gmail.com

ବସ୍ତ୍ର ଅଳଙ୍କାରେ ଖଟପରେ ଶେଯ ଦୋଳି
ସୁବାସିତ ଚତୁସମ ବାସ ପୁଷ୍ପମାଳୀ ।
ଯତନେ ସେ ବିଶ୍ୱକର୍ମା ଲୋକଙ୍କ ନିମନ୍ତେ
ଦକ୍ଷବ୍ରହ୍ମା ଆଜ୍ଞାରେ ସେ ସଞ୍ଚ ବହୁମତେ ।
ଅତି ଯତ୍ନରେ ଗଢ଼ିଲା ଅନେକ ମନ୍ଦିର
ଦେବତାଙ୍କ ପ୍ରାସାଦ ଯେ ରାଜାଙ୍କ ନବର ।
ମନ୍ତ୍ରୀମାନଙ୍କର ପାଇଁ ବିପୁଳ ସଦନ
ଋଷିଙ୍କୁ କୁଟୀର ପକ୍ଷୀ ପାଇଁ ଉପବନ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଚାରିଜାତି
ଯାଙ୍କୁ ଭିନ୍ନେ ଭିନ୍ନେ ପୁର ଯାହାକୁ ଯେ ପ୍ରୀତି ।
ଛତିଶ ପାଟକ ଅନ୍ୟ ଜାତି ଯେ ଅଠର
ଏହାଙ୍କ ନିମନ୍ତେ ଭିନ୍ନ ଭିନ୍ନ କଲା ଘର ।
ହାତୀ ଘୋଡ଼ାଶାଳମାନ ଆଉ ଜନଶାଳା
ଜୁଆଶାଳ ଯେ ନାଟପା ମନ୍ଦିର ହୋଇଲା ।
ଦେଉଳ ମଣ୍ଡପ ପୁଣି ଜଗତୀ ଅଟାଳି
ଘାଟ ପେଣ୍ଠ ପାଟଣା ଯେ ହାଟ ଦାଣ୍ଡଗଳି ।
କୂପବମ୍ମୀ ପୋଖରୀ ଯେ ଠାବେ ଠାବେ ସଞ୍ଚ
ମଇଦାନ ଦାଣ୍ଡ ଆଉ ଘରମାନ ଘଞ୍ଚ ।
ଚଉଦ ପୁର ଲୋକଙ୍କ ପାଇଁ ଯତ୍ନକରି
ସଞ୍ଚିଲାକ ବିଶ୍ୱକର୍ମା ନବରତ୍ନେ ପୁରୀ ।
ଦାଣ୍ଡରେ ସିଞ୍ଚିଲା ପୁଣି ଚନ୍ଦନର ଛେରା
ଅପୂର୍ବ ବସନମାନ ପଡ଼ିଲା ପାଏଡ଼ା ।
କର୍ପୂର ଧୂଳି ଚଉକେ ବହଳେ ଯେ ସିଞ୍ଚି
ସୁବାସିତ ଫୁଲମାନ ପକାଇଲା ବାଛି ।
ବିଚିତ୍ର ଛାମୁଣ୍ଡିଆ ଯେ ଆକାଶ ମଣ୍ଡଣି
ନିଘଞ୍ଚ କରି ଖଞ୍ଜିଲା ତହିଁ ରତ୍ନମଣି ।
ଦର୍ପଣ ଚାମର ତହିଁ ଖଞ୍ଜିଲା ବସନ
ଦ୍ୱାରେ ଦ୍ୱାରେ ସ୍ଥାପିଲେ ସେ ପୂର୍ଣ୍ଣକୁମ୍ଭମାନ ।
ସୁବର୍ଣ୍ଣ କଳସେ ପୂର୍ଣ୍ଣ କରି ଗଙ୍ଗାଜଳ
ତହିଁ ଉପରେ ଯେ ଚୂତପତ୍ର ନାରିକେଳ ।
ରୋହୀମାଛ ଦଧିକୁଣ୍ଡମାନ ଗଢ଼ିଅଛି
କଦଳୀ ଗଛ ଆବର ରାଜହଂସ ପକ୍ଷୀ ।
ବରକୋଳି ପତରରେ କୁଶ ଦୂବ ଛନ୍ଦି
ବିତାନ ଚାମରକୁ ଯେ ସାହିମୂଳେ ଖଞ୍ଜି ।
ଜଳଇ ମଙ୍ଗଳ ଦୀପାବଳି ସବୁଠାରେ
ସଞ୍ଚଇ ତା ବିଶ୍ୱକର୍ମା ଅତି ଯତନରେ ।
ମଳୟ ପବନକୁ ସେ ସୁମରିଲେ ମନେ
ପ୍ରତ୍ୟକ୍ଷେ ସମୀର ଆସି ମିଳିଲା ସେ ସ୍ଥାନେ ।
ଗନ୍ଧ ଘେନି ମନ୍ଦ ମନ୍ଦ ବହିଲା ସମୀର
ଚନ୍ଦନର ଆମୋଦରେ ମୋହିଲା ସେ ପୁର ।
ପୁଷ୍ପମାନଙ୍କେ ହୋଇଛି ଅପୂର୍ବ ବାସନା
ଫଳମାନଙ୍କର ସ୍ୱାଦୁ ସୁଧାରସେ ସିନା ।
ରେଣୁ ହୋଏ କେଶର ହେ ପାଷାଣ ସୁବର୍ଣ୍ଣ
ବସ୍ତ୍ର ଅଳଙ୍କାରମାନ ଦିଶଇ ଶୋଭନ ।
ଅତ୍ୟନ୍ତ ଜ୍ୟୋତିରେ ବିକଶିଲା ସେହି ପୁର
ଦିନକର ଜ୍ୟୋତିଙ୍କୁ ସେ ହେଲା ପଟାନ୍ତର ।
ସୂର୍ଯ୍ୟ ଜ୍ୟୋତିକି ସମାନ ହୋଇଲା ସେ ଯହୁଁ
ସାମାନ୍ୟ କହିବା ଅବା ସେ ପୁରକୁ କାହୁଁ ।
ବିଶ୍ୱକର୍ମା ଯେ ପୁରକୁ ଅଛଇ ନିର୍ମାଣି
ପ୍ରଜାପତି ସେ ପୁରକୁ ଅଟଇ କାରେଣୀ ।
କୃଷ୍ଣତୋୟା ଗଣ୍ଡକୀର କୂଳେ ଯେ ଘଟଣା
ଅଳକାପୁରକୁ ସେହୁ କୋଟିଗୁଣେ ଜିଣା ।
ବିଶ୍ୱକର୍ମା ଯେ ବିନ୍ଧାଣିପଣ ତହିଁ କରେ
ତହିଁକି କି ପଟାନ୍ତର ଦେବା ଏ ସଂସାରେ ।
ସେହି କଟକର ମଧ୍ୟେ ଅତି ପୁଣ୍ୟସ୍ଥାନ
ନବର ନିର୍ମାଣିଲା ସେ ଦ୍ୱାଦଶ ଯୋଜନ ।
ରୂପାର ପାଚେରୀ ସେହି ନବରକୁ ବେଢ଼ି
ଅତି ଯତ୍ନକରି ହାରମାନ ଅଛି ଗଢ଼ି ।
ମଧ୍ୟରେ ନବରତ୍ନ ସେ ଅପୂର୍ବ ଗଠନ
ସାତଶ ବଖରା ଘର କଲାକ ନିର୍ମାଣ ।
ଚାଳିଶ ହାତ ଅଟଇ ଘର ପିଢ଼ା ଉଚ୍ଚ
ଷାଠିଏ ହାତ ମନ୍ଦିର ଉପରକୁ ସଞ୍ଚ ।
ପଞ୍ଚାଶ ହାତ ବଖରା ଅତି ଦୀର୍ଘ ମାଳୀ
ଅପୂର୍ବ ସେ ପୁରଗୋଟା ଦିଶେ ଚନ୍ଦ୍ର ଭଳି ।
ମରକତର ପିଢ଼ା ଯେ ସୁବର୍ଣ୍ଣର ଚାଳ
ରୂପାର କାନ୍ଥ ସକଳ ଦିଶଇ ଧବଳ ।
ନୀଳାର ଖମ୍ବମାନ ଯେ ପ୍ରବାଳର ଶ୍ରେଣୀ
ମାଣିକ୍ୟର କାଣ୍ଡ ତହିଁ ମୁକୁତା ଖଞ୍ଜଣୀ ।
ଅଗରିର ରୁଅ କୁରୁବିନ୍ଦର ଯେ ଓଳି
ବିଦ୍ରୁମ ଗୋଟି ଗୋଟି ଯେ ପୁଷ୍ପରାଗ ଧୂଳି ।
ପୋଏଳାର ଓରାମାନ ମାଣିକ୍ୟ ଗୁରୁଜ
ଅନେକ ରତ୍ନ ଲାଗିଣ ହୋଇଅଛି ଉଜ ।
ନନ୍ଦାବର୍ତ୍ତକ ଘଟଣ ତହିଁର ଉପରେ
ବଖରାକୁ ବଖରା ଯେ ଭିନ୍ନ ଭିନ୍ନ କରେ ।
ହୀରାର ନାୟକା ପାଖୁଡ଼ା ଯେ ଶତଦଳ
ଅଷ୍ଟ ରତ୍ନରେ ନିର୍ମାଣ ହୋଇଛି କମଳ ।
ରେଖା ରେଖା ହୋଇ ତହିଁ ଲମ୍ବେ ଗଜମୋତି
ଝଲକ ଦର୍ପଣମାନପତ୍ର ପନ୍ତି ପନ୍ତି ।
କାଚର ପାଣିପାଟିଆ ପୋହଳାର ଆଣ୍ଟ
ମୁକୁତାର ଡ୍ରୋଣରେ ଯେ ଝୁଲେ ରଙ୍ଗପଟ ।

Digitized by srujanika@gmail.com

ଚନ୍ଦନକାଠ କବାଟ ଯେ ଦୁଆରବନ୍ଧ
ଆତଯାତ ଲୋକଙ୍କୁ ଯେ ଆମୋଦର ଗନ୍ଧ ।
ପଞ୍ଚବର୍ଣ୍ଣ ଚିତ୍ର କାନ୍ଥେ ହୋଇଛି ଲେଖନ
ନାନା ପରିବନ୍ଧରେ ଯେ ବିଚିତ୍ର ବିନ୍ଧାଣ ।
ଏକ କମରୁ ଯେ ଆର କମ ଯାଏ ଜିଣି
ଦେଖିଲା ଲୋକର ମନ ନେଉଅଛି କିଣି ।
ସୁସଜ୍ଜ ମନ୍ଦିରମାନ ଅଷ୍ଟରତ୍ନେ ଶୋଭା
ହେଲେ ଗଞ୍ଜୁଅଛି ପୁଣି ରବି ଶଶୀ ପ୍ରଭା ।
ନିର୍ମାଣେ ଅପୂର୍ବ ପୁରଗୋଟା ଅନୁପମା
ଅତି ଯତ୍ନ କରି ଗଢ଼ିଅଛି ବିଶ୍ୱକର୍ମା ।
ସୁବର୍ଣ୍ଣର କଳସ ସେ ବସାଇ ତହିଁରେ
ଧ୍ୱଜ ଚିହ୍ନ ଚିରାଳ ଯେ ଉଡ଼ଇ ପିଢ଼ାରେ ।
ଅପୂର୍ବ କୁସୁମ ଦରପଣ ଚାମରରେ
ବିଶ୍ୱକର୍ମା ମଣ୍ଡିଲା ତା ଯତ୍ନ ପରକାରେ ।
ଦେଖି ଆନନ୍ଦ ହୋଇଲା ଦକ୍ଷ ପ୍ରଜାପତି
ଯଜ୍ଞଶାଳ ଏକଗୋଟା ଭିଆଅ ତଡ଼ତି ।
ଆଜ୍ଞା ପ୍ରମାଣେ କଶ୍ୟପ ଋଷିର ଯେ ବାଳ
ପଞ୍ଚକୋଶ ଆୟତନେ କଲା ଯାଗଶାଳ ।
ସୁବର୍ଣ୍ଣର ଖମ୍ବ ମାଣିକ୍ୟର ପିଢ଼ାମାନ
କୋଶକ ଉଚ୍ଚ ସେହି ଯେ ମଣ୍ଡପ ବିଧାନ ।
ମାଣିକ୍ୟେ ହୋଇଛି ପାଞ୍ଚଶତେ ସ୍ତମ୍ଭ ଉଭା
ତଥିପରେ ଚାଳ ସୁନିର୍ମଳ ରୂପପ୍ରଭା ।
ଯତନ କରି ମଣ୍ଡିଲା ସେହି ସେ ମଣ୍ଡପ
ନବରତ୍ନ ଖଞ୍ଜିଲାକ ମଣ୍ଡି ଚନ୍ଦ୍ରାତପ ।
ମଣ୍ଡପର ଚାରିକତି ବସନର ଝରା
ଚାରିଦ୍ୱାରେ କମ ପୁଣି ବ୍ରହ୍ମଜାତି ହୀରା ।
ସୁବର୍ଣ୍ଣର ଚାଳ ପୁଣି ପୋଏଳା ବେଲୁରି
ରତ୍ନ ପାଟ ଝୁମ୍ପା ଝୁଲେ ମୁକ୍ତା କେରିକେରି ।
ମାଣିକ୍ୟର ଝରା କାଠ ଜଡ଼ିତ ଯେ ନୀଳା
ପାଣି ପାଟିଆ କାଠ ଯେ କୃଷ୍ଣବର୍ଣ୍ଣ କିଳା ।
ହୀରାର ଯେ ଚାରିକାଣ୍ଡ ମାଣିକ୍ୟର ତୁଣ୍ଡି
ପ୍ରବାଳର ନନ୍ଦାବର୍ତ୍ତ ରତ୍ନ ଉରାମୁଣ୍ଡି ।
ପୋଏଳାର ରୁଅ ସବୁ ମାରାଗର ବତା
ରେଖା ରେଖା କରି ତହିଁ ଖଞ୍ଜିଲା ମୁକୁତା ।
ସକଳପାଟ ସୂତା ଯେ ଥୋପି ଥୋପି କରି
ମଣ୍ଡପ ଚଉକତିରେ ଲମ୍ବେ କେରି କେରି ।
ଧାଡ଼ି ଧାଡ଼ି କରି ପୁଣି ଖଞ୍ଜିଲା ଦର୍ପଣ
ଅପୂର୍ବ କମ ପଡ଼ିଣ ବିଚିତ୍ର ଗଠନ ।
ଶୁକଳ ଅମ୍ବର ତହିଁ ମଣ୍ଡିଲା କେତେକ
ଝଲକ ପାଟିଆ କମ ଲମ୍ବଇ ଅନେକ ।
କୁଙ୍କୁ ପତନୀକର୍ପୂର ଧୂଳିର ଯେ ଗଦି
ମଣ୍ଡପ ଚୌକତି ମଣ୍ଡୁ ଅଛି ନାନା ଖଦି ।
ନାନାବିଧ କୁସୁମରେ ଧଣ୍ଡାମାଳମାନ
ମଣ୍ଡିଲେକ ଚଉକତି କେରି କେରି ଧାନ ।
ମଣ୍ଡପର ଉପର ଯେ ସୁବର୍ଣ୍ଣ କଳସ
ଉପରେ ପତାକା ଉଡ଼େ ଶୁକ୍ଳ ଝୀନବାସ ।
ଅପୂର୍ବ ଅତି ବିଚିତ୍ର କମ ଅଛି ପଡ଼ି
ଅନେକ ପାଟଣା ନବ ରତନରେ ଜଡ଼ି ।
ମଣ୍ଡପର ମଧ୍ୟରେ ଯେ ଯାଗକୁଣ୍ଡ ଖୋଳି
ସହସ୍ରେକ ହାତ କୁଣ୍ଡ ସେ ସୁବର୍ଣ୍ଣଶାଳୀ ।
ପାଞ୍ଚଶତ ପାବଚ୍ଛରେ କୁଣ୍ଡ ଶୋଭାବନ
ଦୀର୍ଘପ୍ରତି ତାହାର ଯେ କୋଶେ ଆୟତନ ।
ଗଢ଼ିଲେ ଯେ ଅତି ଯତ୍ନକରି ସର୍ବ ପୁରୀ ।
ପ୍ରତ୍ୟକ୍ଷେ ସେ ବିଶ୍ୱକର୍ମା ଧାତା ଅବତରି ।
ଦକ୍ଷବ୍ରହ୍ମା ଆଜ୍ଞାରେ ଯେ ହୃଷ୍ଟମତି ହୋଇ
ଦିବ୍ୟପୁର ଗୋଟା ଗଢ଼ିଲେ ଯେ ମନ ଦେଇ ।
ସକଳ ଦ୍ରବ୍ୟମାନ ସେ ପୁରରେ ସଞ୍ଚିଲା
ଦକ୍ଷକୁ ମେଲାଣି ମାଗି ସ୍ୱସ୍ଥାନକୁ ଗଲା ।
ଯେଉଁପୁର ବିଶ୍ୱକର୍ମା କଲାକ ନିର୍ମାଣ
ମହାଦେବ କହେ ତାର ନାହିଁଟି ତୁଳନ ।

-x-

ଦକ୍ଷଯଜ୍ଞକୁ ରାଜାମାନଙ୍କ ଆଗମନ

ଏଥିଅନ୍ତେ ସେହି କାମଦେବ ପୁତ୍ରମାନେ
ଲୋକଙ୍କୁ ଆଣିଣ ଗଲେ ଚଉଦ ଭୁବନେ ।
ସବୁପୁର ଲୋକଙ୍କୁ ସେ ଗଉରବ କରି
ଅକ୍ଷତ ଦେଇ କହିଲେ ବଚନ ତିଆରି ।
ବୋଇଲେ ପ୍ରଜାପତିଙ୍କ ତୁମ୍ଭଙ୍କୁ ଆଦେଶ
ଯଜ୍ଞକୁ ଯେ ଯିବ ତୁମ୍ଭେ ଆମ୍ଭ ସଙ୍ଗେ ଆସ ।
ମହାଯଜ୍ଞ କରୁଛନ୍ତି ଦକ୍ଷ ପ୍ରଜାପତି
ବିଷ୍ଣୁତୋୟା ନଦୀକୂଳେ ମେରୁଗିରି କତି ।
ନିର୍ଧୂମବନ ମଧ୍ୟରେ ପ୍ରଭାବତୀ ପୁରେ
ବିଜେ ଦକ୍ଷ ପ୍ରଜାପତି ସମ୍ପଦ ବେଭାରେ ।
ଧର୍ମ ଅର୍ଥର ନିମନ୍ତେ ଅବଧାନ ଯଜ୍ଞେ
ତୁମ୍ଭେମାନେ ସେଠାବକୁ ଯାଅ ବେଗେ ବେଗେ ।
ବ୍ରହ୍ମାଙ୍କୁ ହିଁ ଭେଟିବ ଯେ ଯଜ୍ଞାନ୍ନ ଭୁଞ୍ଜିବ
ମହାଯଜ୍ଞ ପରସାଦେ ପାତକ ଖଣ୍ଡିବ ।

Digitized by srujanika@gmail.com

ଏମନ୍ତ ବାରତାମାନ ପାଇ ସର୍ବଲୋକେ
ପ୍ରଭାବତୀପୁରକୁ ଯେ ଆସନ୍ତି ଉତ୍ସୁକେ ।
ବାରତା ବହିଣ ପୁତ୍ରେ ବେଗେ ବେଗେ ଯାନ୍ତି
ସମସ୍ତ ପୁର ଲୋକଙ୍କୁ ନିମନ୍ତି ଆଣନ୍ତି ।
ଭୂଲୋକ ଭୂବଲୋକ ଯେ ସ୍ୱର୍ଗପୁର ଦେବା
ଚଉଦଭୁବନ ମଧ୍ୟେ ଯେତେ ଥିଲେ ଅବା ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି କରି
ଜଳ ସ୍ଥଳ ଆକାଶରେ ଯେତେ ଦେହଧାରୀ ।
ସୁର ନର କିନ୍ନର ଯେ ନାଗଲୋକ ମୂଳେ
ଯେତେକ ଜୀବଜନ୍ତୁ ଏ ବର୍ତ୍ତନ୍ତି ଶୟଳେ ।
କାମଦକ୍ଷ ପୁତ୍ରଙ୍କର ଆଜ୍ଞା ପରମାଣେ
ଆସନ୍ତି ସକଳ କାର୍ଯ୍ୟ ଛାଡ଼ି ସର୍ବଜନେ ।
ଦକ୍ଷପ୍ରଜାପତି ଅଟେ ଜଗତ କାରେଣୀ
ତାଙ୍କ ଆଜ୍ଞା ଭାଙ୍ଗିପାରେ ଅବା କେଉଁ ପ୍ରାଣୀ ।
ଆବର ବିଶେଷ ଅଛି ବରୁଣର ଭାବ
ତେଣୁ ଆସନ୍ତି ହରଷ ମନେ ସର୍ବଜୀବ ।
ପ୍ରଭାବତୀ କଟକରେ ହୁଅନ୍ତି ପ୍ରବେଶ
ଆନନ୍ଦେ ରହନ୍ତି ତହିଁ ପାଇ ଦିବ୍ୟବାସ ।
ଯେବଣ ଜନ ରହିଲେ ଯାଇଁ ଯେଉଁ ପୁରେ
ନୂତନ ବିଧି ତାହାଙ୍କୁ ମିଳିଲା ସେଠାରେ ।
ଯେତେବେଳେ ଇଚ୍ଛା ଯେହୁ କରେ ଯେଉଁ ଦ୍ରବ୍ୟ
ମନରେ ସ୍ମରଣ କଲେ ପ୍ରାପ୍ତ ହୁଏ ସର୍ବ ।
ଦୁର୍ଲଭ ମହିମା ସେହି ପ୍ରଭାବତୀ ସ୍ଥାନ
ସମ୍ଭର୍ବେ ରହିଲେ ଆସି ସର୍ବ ପୁରଜନ ।
ଲୋକଙ୍କୁ ଘେନିଣ ତହିଁ କାମଦକ୍ଷ ଶିକ୍ଷ୍ୟେ
ଦର୍ଶନ କଲେ ଆସିଣ ପିତାଙ୍କର ପାଶେ ।
କାମଦକ୍ଷ ଦେଖି ସବୁ ଆନନ୍ଦ ହୋଇଲେ
ଦକ୍ଷବ୍ରହ୍ମା ଛାମୁରେ ଯେ ଯାଇ ଜଣାଇଲେ ।
କରପତ୍ର ଯୋଡ଼ିଣ ସେ କହିଲେ ଛାମୁରେ
ସକଳ ଲୋକ ମିଳିଲେ ପ୍ରଭାବତୀପୁରେ ।
ଦକ୍ଷବ୍ରହ୍ମା ବୋଇଲେ ଯେ କେଉଁକେଉଁମାନେ
ଠିକ ଠିକ କରି ତୁମ୍ଭେ କହସି ବଚନେ ।
କାମଦକ୍ଷ ବୋଇଲେକ ସାବଧାନେ ଶୁଣ
ଯେ ଲୋକମାନେ ମିଳିଲେ ଏହି ଯଜ୍ଞସ୍ଥାନ ।
କହିବି ବରିଷ୍ଠ ଲୋକଙ୍କର ନାମମାନ
ସଂକ୍ଷେପି ତା କହିବାକୁ ନୁହଇ ଭାଜନ ।
ଅଶେଷ ମହିମା ଅଟେ ତୁମ୍ଭ ଯଜ୍ଞବିଧି
କେମନ୍ତେ କହିବି ମୁଁ ସେ ଅଗମ୍ୟ ପୟୋଧି ।
ପ୍ରଥମରେ ଇନ୍ଦ୍ରଦେବ ଆସେ ସ୍ୱର୍ଗପୁରୁ
ତାହାଙ୍କ ସମ୍ପଦ କେବା ମୁଖେ କହିପାରୁ ।

ବହୁତ ସମ୍ପଦ ଘେନି ବିଜେ ସୁନାସୀର
ସଙ୍ଗତରେ ଚନ୍ଦ୍ର ସୂର୍ଯ୍ୟ ବାୟୁ ବୈଶ୍ୱାନର ।
ବରୁଣ କୁବେର ପୁଣି ଯମ ନଇର୍ଋତ
ଦଶଦିଗପାଳ ଆଦି ବିହନ୍ତା ଦୈବତ ।
ସତ୍ୟ ତ୍ରେତା ଯୁଗ ପୁଣ ଦ୍ୱାପର ଯେ କଳି
ଷାଠିଏ ସମ୍ବତ୍ସର ଯେ ଏହା ତୁଲେ ମିଳି ।
ଆବର୍ତ୍ତକ ସମ୍ବର୍ତ୍ତକ ଦ୍ରୋଣ ଯେ ପୁଷ୍କର
ଏ ଚାରି ମେଘର ମୂଳେ ସଇନ୍ୟ ଅପାର ।
ଗର୍ଜନ ତଡ଼ିତ ନିର୍ଘାତକୁ ଆଦିକରି
ମଧୁବନ ତୋଟାଆଦି ବାରସ୍ୱତୀ ପୁରୀ ।
ନବଗ୍ରହ ମୂଳେ ପଞ୍ଚଦଶ ତିଥି ଆସେ
ଏଗାର କରିଣ ପୁଣି ଏହାଙ୍କର ପାଶେ ।
ସତାଇଶ ନକ୍ଷତ୍ର ଯେ ସତାଇଶ ଯୋଗ
ସପତ ବାର ଅଇଲେ ଏହାଙ୍କର ସଙ୍ଗ ।
ବିଗ୍ରହ ବିଘ୍ନକର୍ତ୍ତା ବିକାଳ କାଳଗଣ
ଅଇଲେ ଚିତ୍ରଗୁପତ ଯମର କରଣ ।
ଅଷ୍ଟବସୁ ବିଶ୍ୱକର୍ମା ଅଶ୍ୱିନୀକୁମାର
ବିଶ୍ୱଦେବା ଅଇଲେକ ତାଙ୍କ ସଙ୍ଗତର ।
ଚାରିବେଦ ମୂଳେ ଅଷ୍ଟବସୁ ଯେ ପୁରାଣ
ଷଡ଼ଶାସ୍ତ୍ର ଜ୍ୟୋତିଷ ଯେ ନବ ବ୍ୟାକରଣ ।
ଯକ୍ଷଗଣ ଗନ୍ଧର୍ବାଦି ଅଙ୍ଗାର ପନ୍ନଗ
ଚିତ୍ରସେନ ଗୁଣନିଧି ସର୍ବେ ହୋଇ ସଙ୍ଗ ।
ହା ହା ହୁ ହୁ ଗନ୍ଧର୍ବ ବିପୁଳସେନ ବୀର
ବିଦ୍ୟାଧର ଗନ୍ଧର୍ବର ସଙ୍ଗେ ମାଳାଧର ।
ମଧୁର ରସାଳ ଆଉ ମଳୟ ବସନ୍ତ
ହିରଣ୍ୟ ବୀରକାୟ ଯେ ନୀଳେନ୍ଦୀ ଅନନ୍ତ ।
ସୁଧର୍ମାର ଅଧିକାରୀ ଇନ୍ଦ୍ର ଯକ୍ଷସେନ
ବୀରସେନ ହରିସେନ ଶଚୀର ନନ୍ଦନ ।
କଣୟ କୁନ୍ଦ ଗନ୍ଧର୍ବ ସୁନନ୍ଦା ମାତଳୀ
ହୟବର ସରଜନା ନାମ ମହାବଳୀ ।
କିନ୍ନର ଯେ କିଂପୁରୁଷ ଆମୋହ ମୋହନ
ସୁନ୍ଦର ସୁରପୂଜିତ ସର୍ବ ଦେବଗଣ ।
ବିଷ୍ଣୁ ଅଧିକାରୀ ଯେ ବିବେକସେନ ବୀର
ଯାର ପରିଚାଳକ ଶ୍ରୀମନ୍ତ ଦିନେଶ୍ୱର ।
ଅଶୀଲକ୍ଷ ଗନ୍ଧର୍ବ ଯେ ଇନ୍ଦ୍ରର ତନୟେ
ସବୁଙ୍କୁ ଘେନିଣ ବିଜେ କଲେ ସୁରରାୟେ ।
କୁବେର ନନ୍ଦନ ପୁଣି ଯେ ନଳ କୁବେର
ଦକ୍ଷ ଯେ ଗୋରକ୍ଷ ବେନି ଏହାଙ୍କ କୁମର ।
ଶଙ୍ଖନିଧି ପଦ୍ମନିଧି ମଣିଭଦ୍ରା ବୀର
ଉତ୍ତରନିଧି ଦକ୍ଷ ଯେ ଏହାଙ୍କ କୁମର ।

Digitized by srujanika@gmail.com

ଜଳ ତରଙ୍ଗ ବରୁଣ ମନ୍ତ୍ରୀ ଯେହୁ ବେନି
ମହାମନ୍ତ ପୁରୁଷ ଯେ ଯୁଗଆଦି ଘେନି ।
ବାରମାସ ସହିତରେ ଷଡ଼ରତୁ ଯାଏ
କଳ୍ପତରୁ ବୃକ୍ଷ ଗୋମାତା ଯେ ଆଦିମାଏ ।
ସୁଧର୍ମା ସଭା ସହିତେ ସମସ୍ତେ ଅଇଲେ
ପ୍ରଭାବତୀ ନିକଟରେ ପ୍ରବେଶ ହୋଇଲେ ।
ପାତାଳ ଭୁବନୁ ପୁଣି ଅଇଲେ ବାସୁକି
ମନ୍ତ୍ରବଳରେ ଧାରଣ କରାଇ ପୃଥ୍ୱୀକି ।
ଅଷ୍ଟକୁଳନାଗ ଯେହୁ ବହୁ ସୈନ୍ୟ ଘେନି
ପ୍ରବେଶ ହୋଇଲେ ଆସି ଆବର ରଜନୀ ।
ମୀନ ଲାଗେ ଯେ ପିଶାଚ ଲୋକଙ୍କର ମେଳେ
କୂର୍ମ ଭେକ ନାଗଲୋକ ଯେତେ ଏ ଶୟଳେ ।
ଦେବଲୋକ ଧର୍ମଲୋକ ମହାଜନ ଲୋକ
ତପଲୋକ ନିରାକାର ଗୋଲକ ବିଲୋକ ।
ଚତୁର୍ଦ୍ଦଶ ଭୁବନରେ ଯେତେ ଜୀବ ଥିଲେ
ସୁରପତି ସହିତରେ ସମ୍ଭାରେ ଅଇଲେ ।
ତେତିଶକୋଟି ଦେବଙ୍କ ଅଛଇ ସଇନୀ
ବେନି ପଦ୍ମ ଶଙ୍ଖ ବିମାନ ଯେ ପଦ୍ମ ତିନି ।
ଦ୍ୱାଦଶ ସାଗର ମହାମତ୍ତ ଗଜ ସାଜି
ଦଶପରାର୍ଦ୍ଧ ଯେ ମହା ବେଗ ଗତି ବାଜୀ ।
ତିରିଶକ୍ଷୌଣୀ ଗନ୍ଧର୍ବ ବିଂଶକ୍ଷୌଣୀ ଯକ୍ଷ
ସାଗର ବିଦ୍ୟାଧର ଯେ ଅଛନ୍ତି ପ୍ରତ୍ୟକ୍ଷ ।
ଅଙ୍କୁଶେ କିନ୍ନର ପାଞ୍ଚ କ୍ଷଉଣୀ ଉରଗ
ତେର କ୍ଷଉଣୀ ପିଶାଚ ଅଛନ୍ତି ତା ସଙ୍ଗ ।
ମହାଭୂତଗଣ ପୁଣି ପାଞ୍ଚ ଅକ୍ଷୌହିଣୀ
ଅସଂଖ୍ୟ ଦେବଲୋକ ତା କେ ପାରିବ ଗଣି ।
ଅନେକ ସଇନି ଘେନି ଆସି ସୁରପତି
ପ୍ରଭାବତୀ କଟକରେ ବିଜେ ଆଜ ରାତି ।
ମର୍ତ୍ତ୍ୟର ମାନବମାନ ଅଇଲେ ସମ୍ଭାରେ
ଗହଳ ହୋଇ ପୂରିଲା ପ୍ରଭାବତୀ ପୁରେ ।
ନବଦ୍ୱୀପରୁ ଅଇଲେ ନବକୋଟି ରାୟେ
ବଳିଷ୍ଠ ଶୂରବନ୍ତ ଯେ ତୁମ୍ଭର ତନୟେ ।
ଜମ୍ବୁଦ୍ୱୀପରୁ ଅଇଲେ ଜମ୍ବୁସେନ ରାଜା
ଲକ୍ଷେ ନୃପତିର ତୁଲେ ବାଇ ବୀରବାଜା ।
ବେନିସାଗର ଘୋଡ଼ା ଯେ ହୋଇ ମହାସଜ
କୋଟିଏକ ରହୁବର ପାଞ୍ଚକୋଟି ଗଜ ।
ପଦାତିବଳ ଅଛନ୍ତି ସତୁରି କ୍ଷଉଣୀ
ସକଳ ସମ୍ପଦ ଘେନି ବିଜେ ନୃପମଣି ।
ସଙ୍ଗେ ଅଛନ୍ତି ଅନେକ ଦେଶର ନୃପତି
ଦିଲ୍ଲୀ ମରହଟ୍ଟା ପୁଣି ମାଳବ ଭୂପତି ।
କାଶୀ କଉଶିକ ଅଙ୍ଗ ଧଙ୍ଗ କନାଉଜ
ଉଡ଼ଙ୍ଗ ବିବେକପୁର ଅନହଟ ରାଜ ।
ମନ୍ଦରଦେଶ ନୃପତି ଭୋଟଦେଶ ରାୟେ
ଆନନ୍ଦପୁର ନୃପତି ତାଙ୍କ ସଙ୍ଗେ ଥାଏ ।
ଅସ୍କନ୍ଦ ଦେଶର ରାଜା କଣୟ ନୃପତି
ତ୍ରିଚଟିପୁରର ରାଜା ଦ୍ୱାରକା ଭୂପତି ।
ଗୋପାଳ ନେପାଳ ଆଉ ଆଦି ଯମନିକ
ଜଳେଶ୍ୱର ଯେ ଯୋଜନ ବାଳିର ନାୟକ ।
ଶୂନ୍ୟପୁର ରାୟ ଆଉ ଭେଟ ନୃପତିର
ମଥୁରାର ରାଜା ଗୁଜୁରାଟ ଦଣ୍ଡଧର ।
ଅନାବର୍ତ୍ତନ ତିମିର ଦେଶ ତାରାହୁତି ।
ଜ୍ୟୋତିପୁର ରାଜା ଯେ ଡାହାଳ ଚକ୍ରବର୍ତ୍ତୀ ।
ହାଟକେଶ୍ୱର ନୃପତି ହରିହର ରାୟେ
କାଉଁରୀ ଶିବପୁରକୁ ବିଜେ ନୃପତିଏ ।
ଅଯୋଧ୍ୟା ପୁରର ରାଜା ଗଙ୍ଗାପୁର ରାଣ
କାଞ୍ଚିର ନୃପତି ସୈନ୍ୟ ସହିତେ ପ୍ରୟାଣ ।
ମିଥିଳାଦେଶ ମଙ୍ଗଳ ପୁରୀ ମାହେଶ୍ୱରୀ
ହରଚଣ୍ଡୀପୁରର ଯେ ଅଟେ ଦଣ୍ଡଧାରୀ ।
ସିଂହବେଣୀ ରାଜା ପୁଣି ସୁକୃତ ନୃପତି
କନକ ପୁରର ରାଜା ଶ୍ୟାମ ଚକ୍ରବର୍ତ୍ତୀ ।
ବିଜୟ ନଗ୍ର ଆସିକା ରାଜା ଗୋଳକୁଣ୍ଡ
କେଶରୀ ପୁରର ରାଜା ଚଣ୍ଡ ମହାଚଣ୍ଡ ।
ବିରଞ୍ଚି ମଣ୍ଡଳ ଚନ୍ଦ୍ରମଣ୍ଡଳର ରାୟେ
ଅଙ୍ଗ ବଙ୍ଗ କଳିଙ୍ଗ ଯେ ସର୍ବ ନୃପତିଏ ।
ପାଟଳି ପୁରର ରାଜା ଶୋଣିତ ନୃପତି
ନୀଳେନ୍ଦ୍ରପୁରର ରାଜା ନବୀନ ଭୂପତି ।
କାମିନୀ କୁଣ୍ଡଳ ରାଜା କୁରଙ୍ଗ ତୀରଣ
ମତ୍ସ୍ୟଦେଶ ସର୍ବପ୍ରାଣୀ ନରନାରାୟଣ ।
କାଞ୍ଚିକାବେରୀ ରାଜା ଯେ କପୋତି କପୋଳ
ଗଣଚକ୍ର ରାଜା ପୁଣି କାବେରୀ ଭୂପାଳ ।
ଏହି ବିଧିରେ ଅନେକ ଦେଶର ନୃପତି
ଯେ ଯାହାର ଅଙ୍ଗବଳ ଘେନିଣ ଆସନ୍ତି ।
ଅନେକ ରଥ ଗଜ ସେ ସଇନ ସମ୍ଭାରେ
ପରଜାଜନମାନଙ୍କୁ ଘେନି ସଙ୍ଗତରେ ।
ସକଳ ପୁରକୁ ତୁଚ୍ଛକରି ସର୍ବଜନେ
ତୁମ୍ଭର ଆଜ୍ଞା ପାଇଣ ଆସନ୍ତି ବହନେ ।
କୁଶଦ୍ୱୀପର ରାଜା ଯେ କୁଶନାଭ ରାୟେ
ଲକ୍ଷେ ରାଜା ଘେନି ମହାଯଜ୍ଞରେ ବିଜୟେ ।
ଦଶକୋଟି ରଥ ପାଞ୍ଚଶତ ପଦ୍ମହାତୀ
ଅୟୁତେକ ତୁରଙ୍ଗମ ପରାର୍ଦ୍ଧେ ପଦାତି ।

Digitized by srujanika@gmail.com

ଥାଟ ପାଟ ବଳ ଯେତେ ସର୍ବ ଘେନି ତୁଲେ
ପ୍ରଭାବତୀ କଟକରେ ପ୍ରବେଶ ହୋଇଲେ ।
ଶୀକଲ୍ୟ ଦ୍ୱୀପର ଯେ ଶାକଲ୍ୟ ନାରାୟଣ
ବେନିକୋଟି ରଥତୁଲେ କରେ ଆଗମନ
ଅନେକ ବଳ ଘେନିଣ ନିରେଖି ନୃପତି
ବେନି ଖର୍ବ ଅଶ୍ୱ ଆଉ ପରାର୍ଦ୍ଧେକ ହସ୍ତୀ ।
ଷାଠିଏ କ୍ଷଉଣୀ ଜାଣ ଅଙ୍ଗବଳ ସଙ୍ଗେ
ତୁମ୍ଭ ଆଜ୍ଞା ଶିରେ ଘେନି ଅଇଲେ ସେ ବେଗେ ।
କରଞ୍ଜି ଦେଶର ରାଜା କରଞ୍ଜି ନୃପତି
ଲକ୍ଷେ ରାଜା ଘେନି ବିଜେ କଲେ ଚକ୍ରବର୍ତ୍ତୀ ।
ଅର୍ବୁଦେକ ରଥ ପଞ୍ଚମେବଚ୍ଛ ଯେ ଗଜ
ଦ୍ୱାଦଶବୃନ୍ଦ ତୁରଙ୍ଗ ଘେନି ରାୟେ ସଜ ।
ବେନି ଅଙ୍କୁଶ ବଳ ଯେ ପ୍ରଜାଆଦି ଘେନି
ସକଳ ଜନ୍ତୁଙ୍କୁ ଘେନି ବିଜେ ନୃପମଣି ।
ଶ୍ୟାମନାମେ ରାଜନ ଯେ ଶ୍ୟାମଳ ଦ୍ୱୀପର
ଲକ୍ଷେ ରାଜା ତୁଲେ ବିଜେକଲା ନୃପବର ।
କୋଟିଏକ ପଦ୍ମ ଗଜ ଘେନି ମଦମତ୍ତା
ଚୋଖାର ତୁରଙ୍ଗ ଏକ ସାଗର ଗଣିତା ।
ପଏଦାର ସଇନ୍ୟ ଯେ ପଚାଶ କ୍ଷଉଣୀ
ଗ୍ରାମଜନଙ୍କୁ ଘେନିଣ ବିଜେ ନୃପମଣି ।
ଦୀର୍ଘନାମେ ନରବର ସିଂହଳ ଦ୍ୱୀପରେ
ଅଙ୍କୁଶ ଦ୍ୱୀପରେ ରାଜା ଅଙ୍କୁଶ କିଶୋରେ ।
ପଦ୍ମଦ୍ୱୀପରେ ରାଜା ସେ ପଦ୍ମ ନରରାୟେ
ପାଲିଙ୍କି ଦ୍ୱୀପର ରାଜା ପଲଙ୍କ ବିଜୟେ ।
ରମ୍ୟକ ଦ୍ୱୀପର ରାଜା ରମ୍ୟକ ଯେ ଆସି
ଏହି ପାଞ୍ଚ ନୃପତି ଯେ ଏକମେଳେ ପଶି ।
ପାଞ୍ଚଲକ୍ଷ ରାଜାଛନ୍ତି ଏହାଙ୍କର ତୁଲେ
ଦଶଗୋଟି ରଥ ଘେନି ସମ୍ଭାରେ ଅଇଲେ ।
ପାଞ୍ଚପଦ୍ମ ହସ୍ତୀ ବାର ପଦ୍ମ ଯେ ତୁରଙ୍ଗ
ତେଇଶି ସାଗର ସୈନ୍ୟ ଏହାଙ୍କର ସଙ୍ଗ ।
ଏମନ୍ତ ଦ୍ୱୀପରେ ନବ ନୃପମଣି
ନବଲକ୍ଷ ରାଜାଗଣ ଏହାଙ୍କ ଖଟଣି ।
ଏହାଙ୍କର ମୂଳେ ଛନ୍ତି ସୈନ୍ୟ ଯେ ଅପାର
ପାତ୍ର ଅମାତ୍ୟ ବହୁତ ସମ୍ପଦ ବେଭାର ।
ଅଇଲେ ସ୍ତିରୀ ପୁରୁଷ ଯେତେ ସର୍ବ ଲୋକ
ଗହଳେ ପୂରିଲା ପ୍ରଜାପତିର କଟକ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ବର୍ଣ୍ଣ
ମୂର୍ତ୍ତିମନ୍ତ ହୋଇ ସର୍ବକରନ୍ତି ଗମନ ।
ପର୍ବତମାନେ ଆସିଲେ ଦିବ୍ୟରୂପ ଧରି
ମେରୁ କନ୍ଦର ଆବର କପିଳାସ ଗିରି ।
ନୀଳଗିରି ଉଦେଗିରି ବିନ୍ଧ୍ୟଗିରି ଶତ
ପଞ୍ଚଧାରା ପର୍ବତ ଯେ ଗିରି ହିମବନ୍ତ ।
ଋଷ୍ୟମୁକ ପର୍ବତ ଯେ ତ୍ରିମୁଖୀ ଗୋମତ
ଚିତ୍ରକୁଟ ଗିରି ଆଉ ଚାମଣ୍ଡା ପର୍ବତ ।
ଗଉରୀ କନ୍ଦର ଗୋପାଳ ଯେ ଧୂମଶିରା
ମଳୟ ପର୍ବତ ମର୍ଦ୍ଦନ ଯେ ମହାଖଳା ।
ରମ୍ୟକ ଦ୍ୱୀପ ଆବର ଗନ୍ଧମାରଦନ
ମହାବାତ ପରବତ ତୁଲେ ମଧ୍ୟମାନ
ଗଗନଧ୍ୱନି ଗିରି ଯେ ଅଲକ୍ଷ ପର୍ବତ
ପାରେଶ୍ୱର ଗିରି ସଙ୍ଗତରେ ଅଗ୍ନିହୋତ୍ର ।
ରତ୍ନଧ୍ୱଜ ପରବତ ସ୍ୱର୍ଣ୍ଣକୁଟ ଗିରି
ଚାରୁରାଧା ଯେ ବାରୁଣାବନ୍ତ ଆଦିକରି ।
ମନୁପୁରୁ କନ୍ଦର ଯେ ତାମ୍ରଚୂଡ଼ ଶୈଳ
ଲୋକାଲୋକ ପରବତ ମହେନ୍ଦ୍ର ଶଇଳ ।
ମଣିନାଗ ପର୍ବତ ଯେ ସପ୍ତମନୁ ଗିରି
ଶିଖିଚୂଡ଼ ପରବତ ଗଣେଶ ଶୋଲରୀ ।
ରାଜଗିରି ପର୍ବତ ଯେ ବରାହ ଧବଳି
ବେଙ୍ଗା ବେଣୀ ପର୍ବତ ଯେ ଅଞ୍ଜନ ଆବଳି ।
ଲୋକନାମ ମଣ୍ଡୁକ ଯେ ଗିରି ମହାନାଗ
ଦେବଦତ୍ତ କନ୍ଦର ଯେ ସଲୋପି ତା ସଙ୍ଗ ।
କୁରୁମ ପରବତ ଯେ ଅଶ୍ରୁଧାରା ଗିରି
ମାଲ୍ୟବନ୍ତ ଗିରି ସୁବଳୟା ଆଦିକରି ।
ସରକୂପ ଗିରି ବ୍ରହ୍ମପାଦ ପରବତ
ବିଷ୍ଣୁଶିଳା ପର୍ବତ ଯେ କମଳା ସଙ୍ଗାତ ।
କୁମୁଦ ପର୍ବତ ବିରାୟଧ ମହାନାଗ
ଧର୍ମମତ ମହାଗିରି ଅଙ୍ଗିରା ପନ୍ନଗ ।
ଏମନ୍ତେ ବହୁ ପର୍ବତ ମହାଯଜ୍ଞେ ମିଳି
କାହାର କେତେ ଯେ ସୈନ୍ୟ ନ ହୁଅଇ କଳି ।
ପାଞ୍ଚ ଯେ ଅର୍ବୁଦ ଗିରି ଅଛି ମଞ୍ଚପୁରେ
ସମସ୍ତେ ଅଇଲେ ପୁଣି ମେରୁ ସଙ୍ଗତରେ ।
ରତ୍ନାକର ମେଳେ ଜଳଚରଙ୍କ ସଇନୀ
ମହାଯଜ୍ଞରେ ପ୍ରବେଶ ହେଲେ ତୀର୍ଥ ଘେନି ।
ଲବଣ ଇକ୍ଷୁ ଯେ ସୁରା ସର୍ପି ଦଧି ଦୁଗ୍ଧ
ଅଇଲେ ଲବଣ ସହ ସାତ ସିନ୍ଧୁ ମଧ ।
ପ୍ରୟାଗ ନର୍ମଦା ଗଙ୍ଗା ଗୟା ସରସ୍ୱତୀ
ଭାର୍ଗବ ଗଣ୍ଡୁକୀ ଗୋଦାବରୀ ପୁଣ୍ୟବତୀ ।
ସରଜୁ ଗନ୍ଧର୍ବ କାଳ ଋଷିକୁଲ୍ୟା ନଦୀ
ପାତାଳୀ ଗଣ୍ଡୁକୀ ଆଉ ପ୍ରମୋଦ ମାଗଧି ।
ଚିତ୍ରୋତ୍ପଳା ନଦୀ ବ୍ରହ୍ମା ମୁଖୁ ଯେ ବାହାରି
କଣୟ ବାହିନୀ ଆଉ ଗୋପାଳ ଗଉରୀ ।

Digitized by srujanika@gmail.com

ପୁଣ୍ୟଭଦ୍ରା କୁଶଭଦ୍ରା ମଣିଭଦ୍ରା ନଦୀ
ଦଶ୍ୱାଶ୍ୱମେଧ ଘାଟ ଯେ ଚନ୍ଦ୍ରଭାଗା ଆଦି ।
ବାରାହୀ ଯେ ପୁଣ୍ୟତୋୟା ସିପ୍ରା କୃଷ୍ଣବେଣୀ
କଉଶିକୀ ଯମୁନା ଯେ ନଦୀ ବୈତରଣୀ ।
ସର୍ବସିଦ୍ଧ ଯେ ସୁଭଦ୍ରା ନଦୀ ଜମ୍ବୁନଦ
ମାନସରୋବର କାଳିନ୍ଦୀ ଯେ ମହାଶୁଦ୍ଧ ।
ମହତଭଦ୍ରା ନଦୀ ଯେ ପାପ ବିନାଶିନୀ
ବିନ୍ଦୁସାଗର ତୀର୍ଥ ଯେ ସ୍ୱରୂପ ମନ୍ଦାଗ୍ନି ।
ଯାମନିକ ତୀର୍ଥ ଗଜବୋହିନୀ ଯେ ନଦୀ
ଉତ୍ତରକୋଣେ ସାଗର ତଳା ଯେହୁଭେଦୀ ।
ପଶ୍ଚିମରେ ମିଶାନଦୀ ସଙ୍ଗମ ତ୍ରିବେଣୀ
ତୁଙ୍ଗଭଦ୍ରା ନଦୀ ଯେ ଗୋମତୀ ତରଙ୍ଗିଣୀ ।
କଙ୍କଣତରା ନଦୀ ଯେ ଆବର ଭାସ୍କର
ବୃହସ୍ପତି ନଦୀ ଆଉ ଇନ୍ଦ୍ରାଣୀ ସାଗର ।
ଅମରାବତୀ ନଦୀ ଜଳୌକା ଜ୍ୟୋତି କଳା
ମୁକୁତାବତୀ ତୀର୍ଥ ଯେ ଶୁଭାଙ୍ଗୀ ଉତ୍ପଳା ।
ଏ ବିଧିର କୋଟିତୀର୍ଥ ସପ୍ତସିନ୍ଧୁ ମୂଳେ
ପ୍ରବେଶ ହୋଇଲେ ଆସି ବିଷ୍ଣୁଭଦ୍ରା ମେଳେ ।
ଏସନେକ ଅଇଲେ ଯେ ବହୁ ଜଳଚର
ମଗର କୁମ୍ଭୀର ମାଛ କଚ୍ଛ ଶିଶୁମାର ।
ଗେଣ୍ଡା ମୋତି କଉଡ଼ି ଯେ ଶଙ୍ଖ ଆଦିକରି
ବିଷ୍ଣୁତୋୟା ନଦୀରେ ରହିଲେ ଆସି ପୂରି ।
ବନ ଘନ ତେଜି ନାନାବିଧ ତରୁମାନେ
ପ୍ରଭାବତୀ ପୁରେ ଆସି ମିଳିଲେ ବହନେ ।
ଖଗ ମୃଗ ସହିତରେ ଯେତେ ଜୀବଜନ୍ତୁ
ଭୟେ ପ୍ରବେଶ ହୋଇଲେ ତୁମ୍ଭ ଆଜ୍ଞାହେତୁ ।
ଏକକୁ ଆରେକ ନାହିଁ କାହାକୁ ଯେ ହିଂସା
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ମିଶା ।
କଶ୍ୟପରଷି ଭାରିଯା ନାମ ତାର ଦିତି
ଯେତେକ ପୁତ୍ର ତାଙ୍କର ଗର୍ଭରୁ ଉତ୍ପତ୍ତି ।
ସେମାନେ ବହିଲେ ସର୍ବେ ଅସୁର ପ୍ରକୃତି
ଦୁଷ୍ଟପଣରେ ଦେବଙ୍କ ସଙ୍ଗରେ ଅପ୍ରୀତି ।
ପାତାଳ ଭୁବନେ ନିଶ୍ଚିନ୍ତରେ ରହିଥିଲେ
ଯାଗବିଧି ବାରତା ସେ ପାଇଣ ଅଇଲେ ।
ପ୍ରଭାବତୀ କଟକରେ ହେଲେ ପରବେଶ
ଶୁମ୍ଭ ନିଶୁମ୍ଭ ସହିତେ ଅନେକ ରାକ୍ଷସ ।
କାଳ ବିକାଳ ଯେ ଚଣ୍ଡ ମୁଣ୍ଡ ମହାଘଣ୍ଟ
ଏହାଙ୍କ ସଙ୍ଗେ ଅଇଲେ ଅନେକ ଦର୍ପିଷ୍ଟ ।
ଢେଲାମାଲ ବୈଧବ୍ୟ ଯେ କାନ୍ତିମାଲ ଦୈତ୍ୟ
ବିଶାଖ ପ୍ରଚଣ୍ଡ ପ୍ରମତ୍ତ ଯେ ମହାମତ୍ତ ।
ଶୋଣିତବୀର୍ଯ୍ୟ ଯେ ଧୂମ୍ରଲୋଚନ ଅସୁର
କର୍କଶ ଦନୁଜ ଅର୍ଦ୍ଧେକେୟ ପଞ୍ଚଶିର ।
ଜଳନ୍ଧର ଦୈତ୍ୟର ଯେ ମାମୁ ଶଙ୍ଖାସୁର
ରକ୍ତଭବ ଜୀବ ନରଅନନ୍ତ ଅସୁର ।
ଗୋପପୁର ଦୈତ୍ୟ ଆଉ ଶିରଚୂଡ଼ା କାଳ
ଦିଗ୍‌ଦହନ ଚିରାଳ ଯେ ସିନ୍ଧୁ ବଜ୍ରଶୂଳ ।
ମଣିଭଦ୍ରା ଦୈତ୍ୟ ଆଉ କୁମ୍ଭକ ମଗଧ
ଚାମର ନୀଳକେତୁ ଯେ କ୍ରୋଧ ମହାକ୍ରୋଧ ।
ଜ୍ୟୋତିଶ୍ଚନ୍ଦ୍ର ଦୈତ୍ୟକାଳ ବିକାଳ ଯେ ବୀର
ଲୋକବାହୁ ଦନୁଜ ଛାଗଳ ମୃତ ସର ।
କନ୍ଧ ମହାକବନ୍ଧ ବିଦ୍ରୁମ ମହାବାହୁ
ଅମରଙ୍କ ବଇରୀ ଯେ କାଳବୀର ରାହୁ ।
କର୍ଣ୍ଣ ମହାକର୍ଣ୍ଣ ମାଳବ ସେ କୁଳାନ୍ତକ
ଗୋମେଦଭକ୍ଷ ଦୈତ୍ୟ ଯେ ମହାମନ୍ତ୍ରୀକୋକ ।
ଯମଘଣ୍ଟ ଦଇତ ଯେ ନବକାଳକେତୁ
ରଣରଙ୍ଗା ଦନୁଜ ଯେ ବୈରୀ ଧୂମକେତୁ ।
ମେରୁଶୂଳ ଦନୁଜ ଯେ ପାପଳୀ ଦଇତ
କାଳୀ କୁକୁଟ ଆବର ମେଷ ଅନହତ ।
ରକ୍ତଶୋଷ ପଦାନିକ ଘାତକ ଗର୍ଜ୍ଜନ
ଦୈତ୍ୟମୁକ ଦନୁଜ ଯେ ସପତ ଲୋଚନ ।
କାମମେଘ ଅସୁର ଯେ ଜଳଦା ଦାନବ
ମୟପଞ୍ଚର ମଦନଦୈତ୍ୟ ମହାର୍ଣ୍ଣବ ।
ପ୍ରଳୟ ମନ୍ମନା ଆଉ ପନ୍ନଗ ତ୍ରିପଦ
ଗଗନଘୋଷ ନିର୍ଘୋଷ ବୀର ମହାନାଦ ।
ଚଉମୀ ସଉମୀ ପୁଣି କୁମ୍ଭକ ଦନୁଜ
ଗଗନା ପବନା ଘୋରମୁଖା ମହାତେଜ ।
ଅରପେକ୍ଷ ଦଇତ୍ୟ ଯେ କଟମ୍ଭା ଅସୁର
ହଂସଧ୍ୱଂସନ ଯେ ମହାଧ୍ୱଜ ମହାବୀର ।
ମଙ୍ଗଳ ମଉଳି ଯେ ପିଶାଚ ମହାପ୍ରେତା
ନିଶାଚର ବଳ ସବୁ ନ ଯାଇ ଗଣିତା ।
ଏ ଅନୁରୂପେ ଅଇଲେ ଅନେକ ରାକ୍ଷସ
ପ୍ରଭାବତୀ କଟକରେ ହୋଇଲେ ପ୍ରବେଶ ।
ସୁର ନର ଯକ୍ଷ ଆଉ ପିଶାଚ ଉରଗ
ସ୍ଥାବର ଜଙ୍ଗମ କୀଟ ଆବର ପତଙ୍ଗ ।
ଚତୁର୍ଦ୍ଦଶ ଭୁବନରେ ଯେତେ ଲୋକ ଥିଲେ
ତୁମ୍ଭର ଆଜ୍ଞା ପାଇଣ ସମସ୍ତେ ଅଇଲେ ।
ପ୍ରଭାବତୀ କଟକରେ ଦିବ୍ୟପୁରେ ଯାଇ
ଆନନ୍ଦେ ରହିଲେ ସର୍ବଜନେ ସୁଖପାଇ ।
ବିଶ୍ୱକର୍ମା ଭିଆଇଛି ବହୁତ ନବର
ତେଣୁ ସର୍ବଜନଙ୍କୁ ଯେ ମିଳିଅଛି ଘର ।

Digitized by srujanika@gmail.com

ଅସଙ୍ଖ୍ୟାଳା ଜନ କେତେ ନୁହଇ ନା କଳି
ପାଦଭରେ କମ୍ପମାନ ହୁଏ ମହୀସ୍ଥଳୀ ।
ଗହନ ଘୋର ଶବଦ ଶୁଭେ ଅନ୍ତରୀକ୍ଷେ
କଳ କଳ ଧ୍ୱନି ଶୁଭେ ସିନ୍ଧୁପ୍ରତିଲକ୍ଷେ ।
ନାନା ବାଦ୍ୟମାନ ଶୁଭୁଅଛି ଅକଳନା
ଦେବ ଦୁନ୍ଦୁଭି ଆବର ପଞ୍ଚସ୍ୱର ବୀଣା ।
ଶଙ୍ଖ ଦମ କାହାଳୀ ଯେ ମୁହରି ଶବଦ
ଟମକ ନିଶାଣ ଢୋଲ ଦମା ଭେରୀନାଦ ।
ଦାଉଣ୍ଡୀ ମର୍ଦ୍ଦଳ ବିଜିଘୋଷ ଚାଙ୍ଗୁ କଡ଼ା
ବୀର ପଖାଉଜ ପୁଣି କାହାଳୀ ଦୋସଡ଼ା ।
କଂସାଳ ଝଞ୍ଜାଳ କରତାଳ ଗିନି ଗଡ଼ି
ଅସୁରବଳ ବଜାନ୍ତି ବାଦ୍ୟ ତଡ଼ବଡ଼ି ।
ଦେବ ଜୟଧ୍ୱନି ମାନବଙ୍କର କୀର୍ତ୍ତନ
ବ୍ରାହ୍ମଣ ବେଦ ଦୈତ୍ୟଙ୍କର ଗରଜନ ।
ପଦାତିଙ୍କ ଡାକହାକ ରଥଙ୍କର ଘୋଷ
ଗଜଘଣ୍ଟ ଗରଜନ ତୁରଙ୍ଗଙ୍କ ହ୍ରେଷ ।
ନାନାବିଧ ଜୀବଙ୍କର ଆନ ଆନ ଭାବ
ଶୁଭଇ ଗୋଳଧ୍ୱନି କି ଜାଣ ମହାର୍ଣ୍ଣବ ।
ନିରନ୍ତରେ ଲୋକମାନେ ଆସୁଛନ୍ତି ବାହି
ରାତ୍ର ଦିବସେ ସନ୍ଧ୍ୟାରେ ଅବକାଶ ନାହିଁ ।
ଯେସନେ ନଦୀର ନୀର ବହେ ବରଷାରେ
ଅନୁକ୍ଷଣେ ସଙ୍ଗ ଯେହ୍ନେ ହୁଅଇ ସାଗରେ ।
ପ୍ରଳୟକାଳରେ ଯେଉଁପରି ସର୍ବ ଜୀବେ
ଏକରୁଣ୍ଡ ହୋଇ ଦେଖୁଥାଇ ବିଷ୍ଣୁଗର୍ଭେ ।
ସେହି ସଦୃଶରେ ସେହି ପ୍ରଭାବତୀ ପୁରେ
କେତେଲୋକ ମିଳିଲେ ତା ନ ଯାଇ ଗୋଚରେ ।
ଯେ ଯାହା ପୁରକୁ ତୁଚ୍ଛ କରି ଲୋକମାନେ
ମିଳିଲେ ତୁମ୍ଭର ଆଜ୍ଞା ଘେନି ଏହି ସ୍ଥାନେ ।
ଏଥକୁ ଆସି ନାହାନ୍ତି ଏକା ବେଦବର
ଋଷିଗଣ ସହିତରେ ପୁଣି ହରିହର ।
ତୁମ୍ଭେ ସୁମରଣା କଲେ ଆସିବେ ଏମାନେ
ଶୁଣି ପ୍ରଜାପତି ଆନନ୍ଦିତ ପଞ୍ଚମନେ ।
ଏକାନ୍ତେ ବସିଣ ଚିତ୍ତେ ଧାତାଙ୍କୁ ସୁମରି
ସ୍ତୁତିବାକ୍ୟ ପଢ଼ନ୍ତି ଯେ ମନରେ ବିଚାରି ।
ଜୟ ଜୟ ପିତାମହ ଜଗତ କାରଣ
ସକଳ ଲୋକଙ୍କ ପରେ ତୁହି ଶ୍ରେଷ୍ଠ ଜାଣ ।
ବିଷ୍ଣୁଙ୍କ ଅଗ୍ରଜ ତୁହି ଈଶ୍ୱରଙ୍କ ଗୁରୁ
ଅଶେଷ ଜନର ଚିନ୍ତା ତୁହି ଯେ ନିବାରୁ ।
ନିରାକାର ଅଚ୍ୟୁତ ତୁ ନିର୍ବାଣ ପ୍ରତିମା
ବିସ୍ତାରି କହିବ କେହୁ ତୋହର ମହିମା ।
ଚାରିମୁଖେ ବେଦବାକ୍ୟ ତୁହି ଯେ ଉଚ୍ଚାରୁ
ସ୍ଥାପିଲୁ ଯେ ଚତୁର୍ଦ୍ଦଶ ପ୍ରଳୟ ଅନ୍ତରୁ
ବିହିତ ବିଧାତା ତୁହି ପରମ ପୁରୁଷ
ଯାବତ ବ୍ରହ୍ମ ତୋହର ଶରୀରୁ ପ୍ରକାଶ ।
ଦେବଙ୍କର ଗୁରୁ ତୁହି ଯୋଗୀଙ୍କ ଈଶ୍ୱର
ତୁହି ଯେ ସକଳ ପ୍ରଭୁ ଦେବ ନିରାକାର ।
ଜୟ ଜୟ ନିରାକାର ଜଗତ କାରଣ
ମହାଦେବ ଦାସ ତୋର ମାଗଇ କାରଣ ।

–×–

ଦକ୍ଷଯଜ୍ଞକୁ ମୁନିମାନଙ୍କର ଆଗମନ

ଶୁଣ ତୁ ସୁରଥ ରାଜା ସିନ୍ଧୁ ଦେଶ ରାୟେ
ଦକ୍ଷ ପ୍ରଜାପତି କଲେ ବ୍ରହ୍ମାଙ୍କୁ ସେ ଲୟେ ।
ଜଣାନ୍ତି ଯେ କରପତ୍ରଯୋଡ଼ି ଅନ୍ତର୍ଗତେ
ପ୍ରଧାନ ପୁରୁଷ ହୁଅ ସୁପ୍ରସନ୍ନ ମୋତେ ।
ତୁମ୍ଭର ଆଜ୍ଞାରେ ମୁହିଁ ମଞ୍ଚପୁରେ ଆସି
ମହାଯଜ୍ଞର ସମ୍ଭାର ଭିଆଇଛି ବସି ।
ତୁ ସ୍ୱାମୀ ବିଜୟ କର ଋଷିବୃନ୍ଦ ଘେନି
ତେବେ ଯେ ତୋଷିବି ମୁହିଁ ଦେବ ବ୍ରହ୍ମଅଗ୍ନି ।
ଏମନ୍ତ ବୋଲିଣ ଦକ୍ଷ ସୁମରିଲେ ମନେ
ବିଧାତା ଜାଣିଲେ ତାହା ସଙ୍କେତ ଭୁବନେ ।
ଦକ୍ଷପ୍ରଜାପତି ମନ ଜାଣିଲେ ବିଧାତା
ମରାଳ ପିଠିରେ ଚଢ଼ି ବିଜେ କଲେ ଧାତା ।
ପ୍ରଭାବତୀ କଟକକୁ ବିଜେ ମହାଜ୍ଞାନୀ
ସକଳ ଧାତାଙ୍କ ମେଳେ ସର୍ବ ମହାମୁନି ।
ନାରଦ କଶ୍ୟପଋଷି ମାର୍କଣ୍ଡ ଅଗସ୍ତି
ଶୁକମୁନି ସନାତନ ଆବର ପୌଲସ୍ତି ।
କଣ୍ୱ କପିଳ ଆବର ଦୁର୍ବାସା ଗୋମତ
ବଇଶମ୍ପାୟନ ଋଷି ଯେହୁ ଶୁକ ତାତ ।
କୃତିହା ମହାଋଷି ଯେ ବିଭାଣ୍ଡକ ମୁନି
ଅନନ୍ତ ତପଶୀଳ ଯେ ବଶିଷ୍ଠ ସୁଜ୍ଞାନୀ ।
ସନକ ଜନକ ଆଉ ଋଷି ପଞ୍ଚଶିଖ
ବରତନ୍ତୁ ଦେବମୁଖ ତପସ୍ୱୀ ଜାନୁକ ।
ବିଶ୍ୱାମିତ୍ର ମୈତ୍ରୟ ଯେ କଣ୍ୱ ମହାଋଷି
ବାଲମୀକ ମୁନି ଏହାଙ୍କର ସଙ୍ଗେ ଆସି ।
ମହାତ୍ମା ଯଜୁଶୀଳ ଯେ ଗାର୍ଗ୍ୟ କାଳିଞ୍ଜନ
ଅଗସ୍ତ୍ୟ ଆଉ ଅଗସ୍ତି ମୁନି ଆଗମନ ।
ପରାଶର ମୁନି ଆଉ ବିଶ୍ରବା ମରୀଚି
ମୁଦ୍‌ଗଲ ଭରଦ୍ୱାଜ ଯେ ଲୋମଶ ଆରୀଚି ।

Digitized by srujanika@gmail.com

ଅତ୍ରି ଋଷି ଯେ ମରୁତ ଋଷି ମନ୍ଦକର୍ଣ୍ଣ
ତାରକ ମହାଋଷି ଯେ ସନକ ନନ୍ଦନ ।
ଅଙ୍ଗିରା ତପଚାରୀ ଯେ ଶରଭଙ୍ଗ ଋଷି
ବରୋହା ମହାଋଷି ଯେ ବଶିଷ୍ଠଙ୍କ ଶିଷି ।
ମୁନି ମହାମୁନି ଅନରଣ୍ୟ ଯେ ମନ୍ଦର
ଚ୍ୟବନ ମହାଋଷି ଯେ ତାଙ୍କ ସଙ୍ଗତର ।
ରୋମାଞ୍ଚ ଭୃଗୁ ରମ୍ୟକ ଶୁକ୍ର ତପଚାରୀ
ଜ୍ଞାନସିନ୍ଧୁ ଉଦ୍ଦାଳକ ଭାର୍ଗବାଦି କରି ।
ସୁମନ୍ତକ ଯମଦଗ୍ନି କାମ କାଳଅନ୍ତ
କୃତାନ୍ତ ଦର୍ପହରା ଅଙ୍ଗିରା ତପୋବନ୍ତ ।
ନାରାୟଣ ଋଷି ଜଇମିନି ମହାମୁନି
ତପନ ତାପନ ଯେ ପବନାଚାରୀ ଜ୍ଞାନୀ ।
କୃତିହା ପୁରୁଷ ପୁଣି ବିଦ୍ୟୁବର ଋଷି
ଅଶୀସସ୍ର ବାଳଖିଲ୍ୟା ସହ ବ୍ରହ୍ମଋଷି ।
ଅନୁଷ୍ଟୁପ ଋଷି ନାନାବିଧ ସୁରମୁନି
ଋଷ୍ୟଶୃଙ୍ଗ ମୁନି ପୁଣି କୃଷ୍ଣ ମହାମୁନି ।
କୃପାଜଳ ମହାମୁନି ଆସ୍ତିକ ମହର୍ଷି
ଅଷ୍ଟାଙ୍ଗ ଯୋଗ ମୁନି ନିର୍ବାଣ ଜ୍ଞାନରାଶି ।
ଦେବ ଆଚାର୍ଯ୍ୟ ଋଷି ଯେ ଗାର୍ଗ୍ୟ ସୁରମୁନି
ସତ୍ୟାନନ୍ଦ ଋଷି ଯେ ରତ୍ନାଙ୍ଗ ତପୋଧନି ।
ଏମନ୍ତ ଅନେକ ଋଷି ବ୍ରହ୍ମାଙ୍କ ସହିତେ
ବ୍ରହ୍ମଋଷି ବେଦଋଷି ରାଜର୍ଷି ସମେତେ ।
ଶିଷ୍ୟଙ୍କ ସହିତେ ଥିଲେ ଯେତେ ତପୋଧନ
କରନ୍ତି ଦକ୍ଷ ବ୍ରହ୍ମାର ଯଜ୍ଞ ଆଗମନ ।
ଯେ ଯାହାର ବାହନରେ ଚଢ଼ି ସର୍ବଋଷି
ମନ୍ତ୍ରବଳେ ମହାଶୂନ୍ୟେ ସର୍ବେ ଗମି ଆସି ।
ମନଯାନେ ଚଢ଼ିକରି କରନ୍ତି ଗମନ
କେହି ଶୂନ୍ୟମାର୍ଗେ କେହୁ ନିରାଶ ଆସନ ।
ନରାକୁଳଗୋତ୍ରୀ କେହୁ ପରଂବ୍ରହ୍ମଜ୍ଞାନୀ
ସାଧକ ବିବେକ ଆଉ ପରାନନ୍ଦ ମୁନି ।
ସକଳ ଯତିଙ୍କର ସନ୍ନ୍ୟାସ ବେଶମାନ
ବ୍ରହ୍ମଜ୍ଞାନୀ ଚରଣେ ନିର୍ଗୁଣ ସର୍ବଜନ ।
କଷାବାସ କାହାର ଯେ ଡୋର କଉପୁନୀ
ରଙ୍ଗ ଧୋତି କାହାର ଯେ ଶୁକଳ ପତନୀ ।
ତମ୍ଭା କାଛଟା ବକଳ କାର ପହରଣ
ରୁଦ୍ରାକ୍ଷମାଳା କାହାର ହୃଦରେ ଭୂଷଣ ।
ଭସ୍ମ ଆରୋପଣ କେହୁ ଅଟେ ସୂର୍ଯ୍ୟସେହ୍ନା
କେବଣ ମହାଋଷିର ତ୍ରିଦଣ୍ଡରେ ବାନା ।
କୃଷ୍ଣାଜିନ ଛାଲ କେହୁ ଘେନଇ କମ୍ବଳ
କାହାର କର୍ଣ୍ଣରେ ଶୋଭେ କନକ କୁଣ୍ଡଳ ।
କେଉଁ ମହାଋଷି କରେ ବେଣୁ ବାଡ଼ି ଧରି
ଛତା ପିଢ଼ା ଗଡୁ କେହି ଘେନି ରତ୍ନଝରି ।
ଆଶାକାଠି ପ୍ରୋକ୍ଷଣୀ କେ ଘେନି ସ୍ୱାହା ଶ୍ରୁବ
କେବଣ ହିଁ କରେ ତମ୍ବାପାତ୍ରୀ ଆଦି ଥିବ ।
ବେଦଶାସ୍ତ୍ର ଶୁଣିଣ ଯେ ମନ୍ତ୍ରଭାଗ ପୋଥି
ସୁବାସ ପୁଷ୍ପ ଧରିଛି କେହୁ ହାତେ ଗୁନ୍ଥି
କନକ ଖଟୁଲୀରେ କେ ବିଷ୍ଣୁଶିଳା ଘେନି
ଚଳନ୍ତି ଦୋହରା ଅଗ୍ନି ଘେନି କେଉଁ ମୁନି ।
ମୋହ ସଞ୍ଜାମାନ ଘେନି ଆସଇ କେ ଋଷି
ଗୁଆ ଘୃତ ତଣ୍ଡୁଳ ଯେ ଯବଧାନ ରାଶି ।
ପୁଷ୍ପ କୁଶ ଶ୍ରୀଫଳ ସେ ସଞ୍ଜାରେ ପୂରାଇ
ବାସୁଦେବ ପ୍ରତିମା କେ ଘେନିଣ ଆସଇ ।
ଈଶ୍ୱର ପ୍ରତିମା କେହି ଚଣ୍ଡୀ ଗଣପତି
ବାମନ ବରୁଣ ମୂର୍ତ୍ତି ଘେନି କେଉଁ ଯତି ।
ଯଜ୍ଞୋପବୀତ ଶୋଭଇ ସବୁରି କନ୍ଧରେ
ଭଉଁରୀ ଜପାମାଳୀ ଯେ ଜଟାଭାର ଶିରେ ।
ଜଟିରେ ଶ୍ରୀକପଡ଼ା ବା କର୍ଣ୍ଣେ ରୁଦ୍ରକଢ଼ି
ବଦନରେ କେଶମାନ ଉରେ ଅଛି ପଡ଼ି ।
ସବୁରି ଅଙ୍ଗୁଷ୍ଠିରେ ଯେ କୁଶବଟୁମାନ
ଦ୍ୱାଦଶଚିତା କା ଅଙ୍ଗେ ଷଡ଼ମୁଦ୍ରା ଚିହ୍ନ ।
ବିଧାତାକୁ ବେଢ଼ିଛନ୍ତି ସର୍ବ ଋଷିଗଣ
ଶୂନ୍ୟମଣ୍ଡଳରେ ସର୍ବେ କରନ୍ତି ଗମନ ।
ସାମ ଯଜୁଃ ଋକ୍ ଅଥର୍ବ ଏ ବେଦ ଚାରି
ଗାବନ୍ତି ଋଷିମାନେ ଓଁକାର ଧ୍ୱନି କରି ।
ପୁରାଣ ପଢ଼ନ୍ତି କେହୁ ଶାସ୍ତ୍ର ହିଁ ବଖାଣେ
ଚଣ୍ଡୀପାଠ ପଢ଼ି ନାମ ସହସ୍ରେକ ଗୁଣେ ।
ନୃସିଂହ କବଚ କେହୁ ପଢ଼େ ଅପ୍ରମିତା ।
ବ୍ୟାକରଣ ପଢ଼ନ୍ତି ଯେ ଶ୍ଳୋକ ଯେ ସଂହିତା ।
ଜଣେ ଜଣେ ପଢ଼ନ୍ତି ଯେ ମୁକ୍ତି ସ୍ତୁତିବାଣୀ
ବିଷ୍ଣୁଙ୍କୁ ଭାବଇ କେହୁ ରାମନାମ ଗୁଣି ।
ଶ୍ରୀହରିର ଅବତାର ଯେତେ କଥାମାନ
କୋମଳ ଧ୍ୱନିରେ କେହୁ କରଇ ଗାୟନ ।
କେବଣ ମହାଋଷି ଯେ ମୌନବନ୍ତ ହୋଇ
ନିରାକାର ପୁରୁଷଙ୍କୁ ମନେ ଅଛି ଧ୍ୟାୟି ।
ଶିବସ୍ତବ ପଢ଼ଇ କେ ବଖାଣଇ ସ୍ତୋତ୍ର
ଆତ୍ମାକୁ ଧ୍ୟାନ କରି କେ ଜପେ ମହାମନ୍ତ୍ର ।

Digitized by srujanika@gmail.com

ସପତାଙ୍ଗ ପଢ଼ି କେହୁ ଲଗ୍ନବେଳ ଖୋଜେ
ହରିଧ୍ୱନି କରିଣ କେ ନିଜ ମନ ରଞ୍ଜେ ।
କେବଣ ମହାଋଷି ଯେ ଧାତାଙ୍କ ଆଗରେ
ମଣିମା ମଣିମା ବୋଲି ଡାକନ୍ତି ଛାମୁରେ ।
ପଞ୍ଚବର୍ଣ୍ଣ କୁସୁମ ଯେ ଅଷ୍ଟରତ୍ନ ସଙ୍ଗେ
ବିଞ୍ଚି ବିଞ୍ଚି ଯାଉଛନ୍ତି ଧାତାଙ୍କର ଆଗେ ।
ସହସ୍ରେକ ବୀର ଛତ୍ର ଲକ୍ଷେ ପାଟଛତା
ଶିଖୀପୁଚ୍ଛ ତରାସ କେ କରିବ ଗଣିତା ।
ବେନିଲକ୍ଷ ଚାମର ଯେ ପଡ଼େ ଚଉକତି
ଆଗେ ପଛେ ଅଛି ଏକଗୋଟି ଫୁଲଛତି ।
ସହସ୍ରେକ ଖଦି ପଡ଼ିଅଛଇ ଛାମୁରେ
ଡାହାଣାବର୍ତ୍ତକ ଶଙ୍ଖ ବେନିକୋଟି ସ୍ବରେ ।
ଝଞ୍ଜାଳ ମୃଦଙ୍ଗ କରତାଳ ଅଳାବେଣୀ
ବଂଶୀ ଯନ୍ତ୍ରବାଦ୍ୟ କେହୁ ପାରିବ ତା ଗଣି ।
ଅସ୍ତୁକାର ପୁରୁଷେ କରନ୍ତି ବେଦଧ୍ୱନି
ମଙ୍ଗଳାଷ୍ଟକ ପାଠ କରନ୍ତି ବ୍ୟାସମୁନି ।
ଚତୁର୍ମୁଖ ବ୍ରହ୍ମା ଯାନ୍ତି ଆଗୁଆଣି ଥାଟେ
ଚଳନ୍ତି ଯେ ଋଷିଗଣ ସ୍ୱର୍ଗଗଙ୍ଗା ଘାଟେ ।
ସୁରନଦୀ ଜିଣିଣ ସେ ରତ୍ନଗିରି ଡେଇଁ
ବିରଞ୍ଚି ଗଗନେ ବାଟେ ମଞ୍ଚକୁ ଓହ୍ଲାଇ ।
ବଦରିକାଶ୍ରମ ଯେହୁ ହିମାଚଳ ଲାଗେ
କୈଳାସ ପର୍ବତ ଅଇଶାନ କୋଣଭାଗେ ।
ପରମ ଶ୍ରୀନାରାୟଣଛନ୍ତି ବିଜେକରି
ତାଙ୍କ ଉତ୍ତରେ ଶିଶିର ନାମେ ଅଛି ଗିରି ।
ସେ ଗିରି ଉତ୍ତରଭାଗେ ବିଷ୍ଣୁତୋୟା ନଦୀ
ଜମ୍ବୁନଦୀ ତଳେ ବହୁଅଛି ଧାରା ଭେଦୀ ।
ସେ ନଦୀ ପାର ହୋଇଣ ମୁନି ଋଷିମାନେ
ପ୍ରବେଶ ହୋଇଲେ ଯାଇ ନିର୍ଦ୍ଧୁମ କାନନେ ।
ଅପୂର୍ବ ବନ ଭିତରେ ଅପୂର୍ବ କଟକ
ଦରଶନମାତ୍ରେ ମୋହ କରୁଛି ତ୍ରିଲୋକ ।
ସେହି କଟକର ନାମ ଅଟେ ପ୍ରଭାବତୀ
ଋଷିଙ୍କୁ ଘେନି ବିଜୟ ତହିଁ ବେଦପତି ।
ଅପୂର୍ବ ପୁର ଦେଖିଣ ସର୍ବଋଷି ମୁନି
ଦକ୍ଷପ୍ରଜାପତିଙ୍କୁ ସେ କଲେ ଧନି ଧନି ।
ବୋଲନ୍ତି ସାଧୁ ମହିମା ତୋର ପ୍ରଜାପତି
ତୁହି କରିପାରୁ ସିନା ଏ ପବିତ୍ର କୀର୍ତ୍ତି ।
ପ୍ରତ୍ୟକ୍ଷେ ବିଧାତା ତୁହି ବିଶ୍ୱ ଅଧିକାରୀ
ଋଷିଇନ୍ଦ୍ର ପଣକୁ ତ ତୁହି ସମସରି ।
କିଞ୍ଚିତେ ଭିଆଇଲୁ ତୁ ଯେତେକ ସମ୍ଭାର
କଟକର ମହିମା ତ ଦେବେ ଅଗୋଚର ।
ଯେତେକ ଲୋକ ମିଳିଣ ଅଛନ୍ତି ଏ ପୁରେ
ଏହାଙ୍କୁ ଅନ୍ନ ଦେବାକୁ କେହୁ ଅବା ପାରେ ।
ଚତୁର୍ଦ୍ଦଶ ପୁର ଲୋକ ତୋର ବଶବର୍ତ୍ତୀ
ତେଣୁ ଯେ ନାମ ତୋହର ଅଟେ ପ୍ରଜାପତି ।
ଆମ୍ଭ ଜୀବ ଧନ୍ୟ ଅଟେ ଦେଖିଲୁ ଏ ପୁର
ଏବେ ଯେ ତପ ସଫଳ ହୋଇଲା ଆମ୍ଭର ।
ଏତେ ବୋଲି ସବୁ ମୁନି କରନ୍ତି ପ୍ରଶଂସା
ଏଥୁ ଅନନ୍ତରେ ଶୁଣିବାକ ଦିବ୍ୟଭାଷା ।
ପ୍ରଭାବତୀ ପୁରେ ପ୍ରଜାପତିଙ୍କର ଆଗେ
ଚାର ଆସିଣ ବାରତା ଜଣାଇଲା ବେଗେ ।
ଅବଧାନ ହୋଇ ଶୁଣିବାକୁ ପ୍ରଜାପତି
ବ୍ରହ୍ମା ବିଜୟ କଲେଣି ପୁର ପ୍ରଭାବତୀ ।
ଦକ୍ଷବ୍ରହ୍ମା ଶୁଣିକରି ଅଇଲେ ପାଛୋଟି
ବିଷ୍ଣୁତୋୟା ନଦୀକୂଳେ ଭେଟି ପରମେଷ୍ଠୀ ।
ବ୍ରହ୍ମାଙ୍କର ମୁଖ ଚାହିଁ ଦକ୍ଷ ପ୍ରଜାପତି
ନିଉଛାଳି କରି ପୁଣି ପଡ଼ିଲେ ଧରିତ୍ରୀ ।
ଉଠିଣ ଉଭାହୋଇ ଶିରେ ଦେଲେ ବେନିକର
ଦକ୍ଷ ପାଦରେ ନମନ୍ତି ସର୍ବ ମୁନିବର ।
ଯେ ଯାହାର ଅନୁରୂପ ମାନ୍ୟଧର୍ମ ସାରି
ସମ୍ଭର୍ବେ ବିଜେ କଲେକ ପ୍ରଜାପତି ପୁରୀ ।
ରାଜଦଣ୍ଡ ମଧ୍ୟେ ଚାଲୁଛନ୍ତି ମୁନିମାନେ
ଦେଖନ୍ତିତ ଆଗୁସାର ହୋଇ ପୁରଜନେ ।
ମାନବ କିନ୍ନର ଦେବ ଦୈତ୍ୟ ବିଦ୍ୟାଧର
ଦେଖନ୍ତି ଯେ ତିନିପୁର ଲୋକେ ବେଦବ୍ରର ।
ନ ଜାଣିବା ଲୋକମାନେ ପଚାରନ୍ତି ତହିଁ
ଜାଣିବାର ଲୋକମାନେ ଦିଅନ୍ତି ଚିହ୍ନାଇ ।
କେହି ବୋଲନ୍ତି ଦେଖିଣ ବିଧାତାର ମୂର୍ତ୍ତି
ଏହିଟି ବିଷ୍ଣୁ ନାଭିରୁ ହେଲେ ଉତ୍ପତ୍ତି ।
ସକଳ ମନ୍ତ୍ର ଏହୁ ଯେ କଲେକ ଭିଆଣ
କରିବେ ଏ ପ୍ରଜାପତି ଅନ୍ତେ ବ୍ରହ୍ମାପଣ ।
ଦେଖ ଦେଖ ମାରକଣ୍ଡ ଏ କପିଳ ଋଷି
ପ୍ରଳୟ କାଳରେ ଏହି ବିଷ୍ଣୁଗର୍ଭେ ପଶି ।
ସାତକଳ୍ପ ବଞ୍ଚିଛନ୍ତି ଏହି ମହାମୁନି
ସୃଷ୍ଟି ପାଳେ ଧାତା ଏହାଙ୍କର ବୋଲ ଘେନି ।
ଅଗସ୍ତି ବଶିଷ୍ଠ ବାଲମୀକ ବେଦବ୍ୟାସ
ଏକୁ ଏକ ଏମାନେ ଯେ ବିଧାତା ସଦୃଶ ।
ଶୁକ ସନକ ଯେ ସନାତନ ବ୍ରହ୍ମଚାରୀ
କହନ୍ତି ଚିହ୍ନିପାରିଲା ଲୋକ ନାମ ଧରି ।
ବିଧାତାଙ୍କୁ ଦେଖିକରି ନଗ୍ର ନରନାରୀ
ଆନନ୍ଦ ହୋଇ ବୋଲନ୍ତି ଉଚ୍ଛେ ହରି ହରି ।

Digitized by srujanika@gmail.com

ପ୍ରଭାବତୀ କଟକରେଯାନ୍ତି ଋଷିଗଣେ
ପଟୁଆର ପଡ଼ନ୍ତି ଯେ ଧାତାର ଗହଣେ ।
ପ୍ରଭାବତୀ କଟକରେ ହୋଇଲେ ପ୍ରବେଶ
ସେ ବିଧାତା ପାଦେ ନମେ ମହାଦେବ ଦାସ ।

-x-

ଦକ୍ଷଯଜ୍ଞରେ ଦେବତାମାନଙ୍କର ଯୋଗଦାନ

ଏଥୁ ଅନନ୍ତରେ ସେହି ମାରକଣ୍ଡ ଯତି
କହନ୍ତି ସୁରଥ ରାଜା ଆଗେ ଦକ୍ଷ କୀର୍ତ୍ତି ।
ଶୁଣ ତୁହୋ ମହାରାଜା ପବିତ୍ର ପୁରାଣ
ଦକ୍ଷ ନବରେ ପ୍ରବେଶ ହେଲେ ଋଷିଗଣ ।
ବ୍ରହ୍ମାଙ୍କର ସହିତରେ ସର୍ବ ବ୍ରହ୍ମଚାରୀ
ଯଜ୍ଞ ନୀତିରେ ସମ୍ଭାରେ ବସିଲେ ସେ ପୁରୀ ।
ଶିଷ୍ୟ ପୁତ୍ରମାନେ ଯେତେ ଋଷିଙ୍କର ଥିଲେ
ଚରଣମାନ ଧୋଇଣ ଉଦକ ପିଇଲେ ।
ଶୁଚିମନ୍ତ ହୋଇ ତହିଁ ସର୍ବ ତପଶୀଳେ
ସମ୍ବାଦ ପାଇ ବସିଲେ ପନ୍ତି ଧରି ତଳେ ।
ହୋମକୁଣ୍ଡ ପାଖରେ ସେ ସ୍ୱର୍ଣ୍ଣ ପିଢ଼ାମାନ
ତହିଁର ଉପରେ ପଡ଼ିଅଛି କୃଷ୍ଣାଜିନ ।
ତହିଁର ଉପରେ ବସିଲେକ ତପୀଜନ
ଗଡୁପାତ୍ରୀ ପୁସ୍ତକକୁ ରଖି ସନ୍ନିଧାନ ।
ଆସନ ପଦ୍ମାସନ ଯେ କୁଶରଜ୍ଜୁ ମାଡ଼ି
ଆତ୍ମାଶୁଦ୍ଧି କଲେକ ସେ ମନ୍ତ୍ରମାନ ପଢ଼ି ।
ବିଷ୍ଣୁଙ୍କର ନାମମାନ ସୁମରଣା କରି
ବସିଲେ ପବିତ୍ର ଯଜ୍ଞସ୍ଥାନେ ତପଚାରୀ ।
ରତ୍ନ ଆସନରେ ବିଜେ କଲେ ବେଦପତି
ଛାମୁରେ କହନ୍ତି କରଯୋଡ଼ି ପ୍ରଜାପତି ।
ଆହେ ପ୍ରଭୁ ଜଗତର କରତା ଦଇବ
ପ୍ରସନ୍ନ ହୋଇ ମୋହର ଭକତି ଘେନିବ ।
ତୁମ୍ଭର ଆଜ୍ଞା ପାଇ ମୁଁ ମଞ୍ଚକୁ ଅଇଲି
ମହାଯଜ୍ଞ ସମ୍ଭାର ମୁଁ ସର୍ବ ଭିଆଇଲି ।
ଚତୁର୍ଦ୍ଦଶ ଭୁବନରେ ଯେତେ ଦେହଧାରୀ
ସମସ୍ତଙ୍କୁ ଆଣିଲି ମୁଁ ନିମନ୍ତ୍ରଣ କରି ।
ଋଷିବୃନ୍ଦ ଘେନିକରି ଅଇଲ ଆପଣେ
ମୁହିଁ ପୂଜା କରୁଅଛି ତୁମ୍ଭର ଚରଣେ ।
ଋଷିଙ୍କୁ ଘେନି ଅନେକ ମନ୍ତ୍ରେ ଦିଅ ଘୃତ
ଦେବତାମାନେ ହୁଅନ୍ତୁ ତେଣୁ ତୋଷ ଚିତ୍ତ ।
ଆବର କଥା ଶୁଣିବା ହେଉ ପିତାମହ
ପ୍ରତ୍ୟକ୍ଷରେ ଚତୁର୍ମୁଖ ବ୍ରହ୍ମା ବିଷ୍ଣୁ ଦେହ ।
ସେହୁ ମୋହର ଅଟନ୍ତି ବଡ଼ ଉପକାରୀ
ଏହାଙ୍କୁ ଯେ ଅନୁଗ୍ରହ କର କୁଶଧାରୀ ।
ବିଧାତା ପଣରେ ଆଉ ନାହିଁ ମୋର ମନ
ତୁମ୍ଭର ପଦ୍ମପାଦରେ ହୋଇବି ମୁଁ ଲୀନ ।
ଚତୁରମୁଖ ବ୍ରହ୍ମାଙ୍କୁ ବ୍ରହ୍ମାପଣ ଦିଅ
ନିଶ୍ଚିନ୍ତ ହୋଇଣ ତୁମ୍ଭେ ବିଷ୍ଣୁପୁରେ ଥାଅ ।
ଏ ବଚନ ଶୁଣିକରି ନିରାକାର ସୁନୁ
ପ୍ରଜାପତିଙ୍କୁ ପ୍ରଶଂସା କଲେ ଆଦିମନୁ ।
ଧନ୍ୟ ତୁହି ପ୍ରଜାପତି ଋଷିକୁଳ ଚନ୍ଦ୍ର ।
ଜଗତ ପ୍ରତିପାଳନ ବ୍ରହ୍ମା କୁଳଚନ୍ଦ୍ର ।
ଅନେକ ମହିମା ତୋର ଅକଳନ କୀର୍ତ୍ତି
ଜନ୍ତୁଙ୍କର କରତା ତୋ ନାମ ପ୍ରଜାପତି ।
ମାଗିଲୁ ତୁ ପଦ୍ମଯୋନି ଅର୍ଥେ ଯେଉଁ ବର
ଅସ୍ତୁହେଉ ବୋଇଲେକ ତାହା କୁଶଧର ।
ତୋହର ଯଜ୍ଞ ସମ୍ଭାର ଅଗୋଚର ମୋତେ
କାହୁଁ ଆସି ଲୋକେ ମିଳି ଅଛନ୍ତି ଯେ କେତେ ।
କିଏ କିଏ ଆସିଛନ୍ତି କହ ନାମ ଧରି
ଦକ୍ଷବ୍ରହ୍ମା ବୋଇଲେ ତା ନୁହେଁ ଅନ୍ତକରି ।
ଦେବତା ଦଇତ ଯକ୍ଷ ଗନ୍ଧର୍ବ କିନ୍ନର
ଉରଗ ପିଶାଚ ଆଦିକରି ବିଦ୍ୟାଧର ।
ଚାରି ବର୍ଣ୍ଣ ମୂଳେ ଯେତେ ଚଉଦ ଭୁବନେ
ଦେହଧାରୀ ହୋଇ ରହିଥିଲେ ଯେତେ ଜନେ ।
ଗଉରବ କରିଣ ସେ ସମସ୍ତ ଆଣିଲି
ଏ ବିପୁଳ ମଧ୍ୟରେ ଯେ ଦିବ୍ୟ ଭୋଗ ଦେଲି ।
ଏକମାତ୍ର ଆସି ନାହାନ୍ତି ଯେ ହରିହର
ତୁମ୍ଭେ ଆଜ୍ଞାଦେଲେ ମୁହିଁ ପେଶିବି ଯେ ଚାର
ଏ ବଚନ ଶୁଣିଣ ଯେ କୋଟିମୁଖ ଧାତା
ନାରଦଙ୍କୁ ରାଇ ତହୁଁ ଆଜ୍ଞାଦେଲେ ପିତା ।
ବୋଇଲେ ହେ ମହାଋଷି ଏହିକ୍ଷଣି ଯିବ
ହରିହର ଦୁହିଁଙ୍କି ଯେ ନିମନ୍ତ୍ରି ଆଣିବ ।
ଦକ୍ଷ ବୋଇଲେ ଶୁଣିମା ହେଉ ପିତାମହ
କଥା ଗୋଟିଏ ଏଥିରେ ଅଛିଟି ସନ୍ଦେହ ।
ଏହି ଯଜ୍ଞସଭା ଅଟେ ଅତି ପୁଣ୍ୟସ୍ଥାନ
ଏଥକୁ କେମନ୍ତେ ବରିବାକ ତ୍ରିଲୋଚନ ।
ମହାଦେବ ହୋଇଣ ସେ ଯୋଗୀରୂପ ଧରେ
କେମନ୍ତେ ବସିବ କହ ଏ ଯଜ୍ଞସଭାରେ ।
ମଙ୍ଗଳ କାରଣ ଯୋଗୀ ଅଶୁଭ ଯୁକତେ
ଏ ଶୁଭ ଘରେ ଅଶୁଭ କରିବା କେମନ୍ତେ ।
ମଙ୍ଗଳ ଉତ୍ସବ ବିଭାଘର ଯଜ୍ଞସ୍ଥାନେ
ପୂଜା ବୈଶ୍ୱଦେବ ସ୍ନାନ ଆବର ଭୋଜନେ ।

Digitized by srujanika@gmail.com

ଏତେ ସ୍ଥାନରେ ଦେଖିଲେ ଯୋଗୀଙ୍କର ମୂର୍ତ୍ତି
କାର୍ଯ୍ୟ ନାଶଯାଇ ପୁଣି ହୁଏ ଅପକୀର୍ତ୍ତି ।
ଆନରେ ଯେ ଅପଚୟ ଲଭଇ ପରାଣୀ
ବେଦ ବାକ୍ୟ ପ୍ରମାଣରେ ଯଥାର୍ଥ ଏ ବାଣୀ ।
ବିଚାରି ଆଜ୍ଞାଦିଅ ଯେ ଯୋଗାଇ ତୁମ୍ଭଙ୍କୁ
ଉଚିତ ହେଲେ ଆଣିବା ବରି ଈଶ୍ୱରଙ୍କୁ ।
ବିଧାତା ବୋଇଲେ ଯେବେ ଏକଥା ପ୍ରମାଣ
ମଙ୍ଗଳ ଯୋଗରେ ଯୋଗୀ ନୁହନ୍ତି ବରଣ ।
ଯୋଗ ଯାତ୍ରାକୁ ଯୋଗୀ ଯେ ଅଶୁଭ ଯୁକତେ
ଈଶ୍ୱରଙ୍କୁ ପୂଜା କରିବାକୁ ଆନ ମତେ ।
ଏତେ ବୋଲିକରି ଧାତା ନାରଦଙ୍କୁ ଚାହିଁ
ଆଜ୍ଞା ଦେଲେକ ବିଷ୍ଣୁଙ୍କୁ ବରି ଆଣ ଯାଇଁ ।
ଉତ୍ତମ ଦେବତା ସେହୁ ପରମ କାରଣ
ସର୍ବ ମଙ୍ଗଳଦାୟକ ପୁରୁଷ ପୁରାଣ ।
ଜଗତକର୍ତ୍ତା ଯାବତ ବ୍ରତର ସେ ଗୁରୁ
ଯାହାର ନାମରେ ପ୍ରାଣୀ ତରନ୍ତି ସଂସାରୁ ।
ସକଳ ଯାତ୍ରାକୁ ସେହୁ ଅଟନ୍ତି ସୁଲଭ
ଅନଙ୍ଗ ମଙ୍ଗଳ ଭଗବାନ ପଦ୍ମନାଭ ।
ପରମାନନ୍ଦ ପରମ ଲୋକର ସେ ବନ୍ଧୁ
ବେଦ ନିସ୍ତାରଣ ପ୍ରଭୁ କୃପାମୟ ସିନ୍ଧୁ ।
ମଙ୍ଗଳ ଜନ ଆତ୍ମା ସେ ଶଙ୍ଖ ଚକ୍ରଧାରୀ
ଖଗବର ଆସନ ଯେ ଜଗତ ବିହାରୀ ।
ଶ୍ରୀବତ୍ସ ଲାଞ୍ଛନ ଯେହୁ କଉସ୍ତୁଭ ଧରି
ପୀତପଟ୍ଟ ପରିଧାନ ସିନ୍ଧୁସୁତା ବରି ।
ଏହି ନାମ ସୁମରି ଯେ କରେ ଅନୁକୂଳ
ସକଳ କାର୍ଯ୍ୟ ତାହାର ହୁଅଇ ମଙ୍ଗଳ ।
ଯେବଣ ଠାବରେ ବସି ବିଷ୍ଣୁ ନାମ ଧରି
ସେ ସ୍ଥାନଗୋଟି ହୁଅଇ ବଇକୁଣ୍ଠ ସରି ।
ଯେବଣ ସଭାରେ ଯେହୁ ନିନ୍ଦେ ବିଷ୍ଣୁ ନାମ
ସେ ସଭାଗୋଟି ହୁଅଇ ନର୍କ ଭୂମି ସମ ।
ଧର୍ମ ପୁରାଣରେ କଥା ଅଛଇ ଏମନ୍ତ
ସର୍ବ କାର୍ଯ୍ୟରେ ମଙ୍ଗଳ ଅଟନ୍ତି ଅନନ୍ତ ।
ଦକ୍ଷ ପ୍ରଜାପତି ମହାଯଜ୍ଞ ଆରମ୍ଭିଲେ
ସର୍ବସିଦ୍ଧି ହେବ ନାରାୟଣ ବିଜେ କଲେ ।
ତୁ ଏବେ ନାରଦ ଆଣ ବିଷ୍ଣୁଙ୍କୁ ଯେ ବରି
ତେବେ ସେ ଭାଗ୍ୟ ଦିଶିବ ଆମ୍ଭ ସବୁଙ୍କରି ।
ପିତାର ବାକ୍ୟେ ନାରଦ ଦେଲେକ ଉତ୍ତର
ବୋଇଲେକ ସାବଧାନେ ଶୁଣ ବେଦବର ।
ତୁମ୍ଭେ ବ୍ରହ୍ମା ବିଷ୍ଣୁ ଶିବ ଏହି ତିନିରୂପ
ଏଥେ କେହି ଭିନ୍ନ ନୁହେଁ ଜାଣ ଏକରୂପ ।

ନିରାକାରଙ୍କ ରୂପକୁ ତ୍ରିଗୁଣକୁ ଘେନି
ବ୍ରହ୍ମା ବିଷ୍ଣୁ ହର ତୁମ୍ଭେ ଅବତାର ତିନି ।
ଯେ ବ୍ରହ୍ମା ସେ ବିଷ୍ଣୁ ସେହି ଅଟନ୍ତି ଈଶ୍ୱର
କ୍ଷୀରରୁ ଜାତ ଯେହ୍ନେ ଲବଣୀ ଘୃତ ସର ।
ସେହି ପରକାରେ ତୁମ୍ଭେ ତ୍ରିଗୁଣ ପୁରୁଷ
ତୁମ୍ଭଠାରୁ ସିନା ହେଲା ଅଶେଷ ପ୍ରକାଶ ।
ତୁମ୍ଭେ ଯେ ତିନି ମୂରତି ଭିନ୍ନାଭିନ୍ନ ନୁହଁ
ବିଚାରେ ତ୍ରିଶାଖା ତରୁ ତୁମ୍ଭେ ଏକ ଦେହ ।
ତୁମ୍ଭେ ଯେଉଁ ସ୍ଥାନେ ବିଜେ କରିଅଛ ଆସି
ନିଶ୍ଚେ ତହିଁ ମିଳିଲେଣି ନାରାୟଣ କାଶୀ ।
ଆବର ଯାହାକୁ ତୁମ୍ଭେ ସୁମରିବ ମନେ
ତତକାଳେ ଆସି ସେହି ମିଳିବେ ଏସ୍ଥାନେ ।
ଦକ୍ଷବ୍ରହ୍ମା କଥା କେହୁ ନ କରନ୍ତି ଆନ
ଆବର କଥାଏ ଶୁଣ ଦୁର୍ଲଭ ବଚନ ।
କେତେ ଗୁଣ ଘେନି ଜନ୍ମ ହେଲେ ତୁମ୍ଭ ତହୁଁ
ଭାଗ୍ୟବନ୍ତ ପଣ କେହୁ ବିସ୍ତାରିଣ କହୁଁ ।
ଏଡ଼େକ ମହାଯଜ୍ଞକୁ ଉଦଯୋଗ କଲେ
ଆବର ଆଚାର୍ଯ୍ୟ ପଣେ ତୁମ୍ଭଙ୍କୁ ବରିଲେ ।
ଋଷିବୃନ୍ଦ ଘେନିକରି ତୋଷୁ ହୁତାଶନ
ଦକ୍ଷଙ୍କର ଯେ ବିକାଶ କରୁ ପୁଣ୍ୟମାନ ।
ସକଳ ଦେବତା ଆସି ପାନ୍ତୁ ହବିର୍ଭାଗ
ଭୋ ପିତାମହ ଆରମ୍ଭ କର ବେଗେ ଯାଗ ।
ମୁହିଁ ଯାଉଛି ବାହାର ଗଡ଼େ ରହିଥିବି
ନଗରର ହାନିଲାଭ ସକଳ ବୁଝିବି ।
ଅନର୍ଥକାରୀ ବଳିଷ୍ଟ ଯେହୁ ଉଗ୍ରଚିତ୍ତ
ଜାଣି ସକଳଙ୍କୁ ତହିଁ କରିବି ନିବର୍ତ୍ତ ।
ଏହା ଶୁଣି ବୋଇଲେକ କୋଟି ମୁଖ ଦୈବ
କେମନ୍ତେ ମୁନି ତୁମ୍ଭେ ଏସ୍ଥାନରୁ ଯିବ ।
ବ୍ରହ୍ମର୍ଷି ସଙ୍ଗେ ଗଣିତା ତୁମ୍ଭେ ଏକଜଣ
ଆବର ଯଜ୍ଞରେ ତୁମ୍ଭେ ହୋଇଛ ବରଣ ।
ଆମ୍ଭଙ୍କୁ ତ ଛାଡ଼ିକରି ବୁଲିଯିବ ତୁମ୍ଭେ
ସାବଧାନେ କହୁଅଛି ଶୁଣ କିନା ଏବେ ।
ଯେଉଁ ବ୍ରାହ୍ମଣ କାର୍ଯ୍ୟରେ ନିମନ୍ତ୍ରିତ ହୋଇ
ଯାଗ ଯଜ୍ଞ ଛାଡ଼ି ଯେବେ ଆନ କାର୍ଯ୍ୟେ ଯାଇ ।
ବିଦ୍ୟାକୁ ଛାଡ଼ିଣ ଯେହୁ ବକ୍ତାପଣ କରେ
ଅଘଟନ କଥାମାନ କରନ୍ତି ସଭାରେ ।
ବେଦଶାସ୍ତ୍ର ନ ପଢ଼ି ଯେ ବସନ୍ତିଟି ଦାନେ
ଦୂରକଥାମାନ ଯେହୁ କରେ ଅନୁମାନେ ।
ଅର୍ଥକୁ ନ ଜାଣି ଯେହୁ ବଖାଣନ୍ତି ଶ୍ଳୋକ
ଅକ୍ରିୟାବନ୍ତ ହୋଇ ଯେ ବାନ୍ଧେ ଆନ ଲୋକ ।

Digitized by srujanika@gmail.com

ସମସ୍ତଙ୍କୁ ନିନ୍ଦି କହେ ନିଜ ବଡ଼ପଣ
ପର ଧର୍ମ କର୍ମ ଯେହୁ କରନ୍ତି ଖଣ୍ଡନ ।
ପରେ ପରେ କହଇ ଯେ ଅହଙ୍କାର ବାଣୀ
କଉତୁକ କରି ଯେହୁ ଲଗାଏ ଅରଣୀ ।
ସକଳ କଥାକୁ ଯେହୁ ହୁଏ ଆଗୁସାର
ହସ୍ତେ ସଦା ଯଷ୍ଟି ଧରେ ସେହୁ ଦ୍ୱିଜବର ।
ବିନା କାର୍ଯ୍ୟରେ ଯେ ଜନ ବୁଲେ ଅନୁବ୍ରତେ
ପରକୁ ହିଂସା ଭାବ ଯେ ଧରିଥାନ୍ତି ଚିତ୍ତେ ।
ଜନ୍ତୁ ବଧିବାକୁ ଯେହୁ ନ କରନ୍ତି ଶଙ୍କା
ଅର୍ଜୁନ ନିମନ୍ତେ ଯେହୁ ଦୂରେ ଯାନ୍ତି ଏକା ।
ଭଣ୍ଡଶାସ୍ତ୍ର କହିଣ ଯେ କଉତୁକେ ମାତି
ଧର୍ମ ପୁରାଣ ଯେ ଜନ ନ ଶୁଣନ୍ତି ଶ୍ରୁତି ।
ରଙ୍ଗ କଳା ବସ୍ତ୍ର ସଦା ପିନ୍ଧନ୍ତି ଯେ ଦ୍ୱିଜ
ଶୂଦ୍ର ଲାଗି ବସ୍ତ୍ର ଯେହୁ କରନ୍ତି ଗ୍ରାହିର୍ଯ୍ୟ ।
ଜାତି ଅଜାତି ହେଉ ଯେ ଯାଉଛନ୍ତି ପେଲି
ଏମନ୍ତ ବ୍ରାହ୍ମଣକୁ ଯେ ଗୁହାରିଆ ବୋଲି ।
ଯେହୁ ଗୁହାରିଆ ସେହୁ ଜାଣ ଖଳଜନ
ଖଳଟି ନାଶ କରଇ ସର୍ବ କଥାମାନ ।
ତୁମ୍ଭଙ୍କୁ ତ ବ୍ରହ୍ମଋଷି ମହାମୁନି ବୋଲି
ଏ ଯଜ୍ଞ ଛାଡ଼ି କାହିଁକି ତୁମ୍ଭେ ଯିବ ବୋଲି ।
ନାରଦ ମୁନି ବୋଇଲେ ଶୁଣ ବେଦପତି
ତୁମ୍ଭେ କି ନ ଜାଣ ମୋର ଗତ ଶାପ ରୀତି ।
ଦକ୍ଷବ୍ରହ୍ମା ଶାପ ମୋତେ ଦେଲେ ଅକାରଣେ
ବୋଇଲେ ଏକଠାବରେ ନ ରହିବୁ କ୍ଷଣେ ।
ଏଣୁକରି ସଦା ମୋର ଜୀବିକା ବୁଲିବା
ତୁମ୍ଭେ ପିତାମହ ସବୁ ବିଚାରି ବୁଝିବା ।
ବୋଇଲେ ଯଜ୍ଞରେ ଊଣାହୋଇବେ ଯେ ଜଣେ
ତହିଁକି ଋଷି ଜଣେକ ଦେବା ଏହିକ୍ଷଣେ ।
ଏତେ ବୋଲିକରି ସେହୁ ନାରଦ ଉଠିଲେ
ଆପଣା ଅଙ୍ଗୁ ପୁରୁଷ ଏକ ଜାତ କଲେ ।
ସେ ପୁରୁଷର ନାମ ଅଙ୍ଗିରା ତପୋବନ୍ତ
ରୂପଗୁଣେ ଜନମ ସେ ନାରଦ ସଂଜାତ ।
ସେହି ଋଷିଙ୍କୁ ନାରଦ ସଭାରେ ବସାଇ
ପିତାଙ୍କର ମୁଖଚାହିଁ ଶିରେ କର ଦେଇ ।
ବୋଲନ୍ତି ଆଜ୍ଞା ଦେବାକୁ ମୋତେ ବେଦବର
ମନଯାନ ଚଢ଼ି ବୁଲି ଯିବି ମୁଁ ସଂସାର ।
ସକଳ ପୁରକୁ ତୁଚ୍ଛା କରି ସର୍ବଜନ
ଦକ୍ଷବ୍ରହ୍ମା ବରଣରେ ଅଇଲେ ଏ ସ୍ଥାନ ।
ତୁଚ୍ଛା ହୋଇକରି ଆଜି ଅପୂର୍ବ ଭୁବନ
ଦୁଷ୍ଟ ଦୈତ୍ୟମାନେ କାଳେ କରନ୍ତି ଭଗନ ।
ଆମ୍ଭର ଥିଲେ ସକଳ ଆକଟ ହୋଇବ
ସକଳ ପୁର ନିର୍ବାହ ହୋଇଣ ରହିବ ।
ବ୍ରହ୍ମା ବୋଇଲେ ଏ କଥା ଯଥାର୍ଥ ଅଟଇ
ଯାଅ ବାବୁତୋତେ ସବୁ ଭୁବନ ଲାଗଇ ।
ବିଳମ୍ବ ନ କରି ତୁହି ଯାଅସି ତୁରିତେ
ଯେମନ୍ତ ତୋ ବାଞ୍ଛା ତାହା ପ୍ରାପ୍ତ ହେଉ ତୋତେ ।
ଏମନ୍ତ ବୋଲି ମନରେ ବାଞ୍ଛିଲେ ନାରଦ
ଈଶ୍ୱର କୋପେ ସରିବ ଦକ୍ଷର ସମ୍ପଦ ।
ପ୍ରଭାବତୀ କଟକ ଯେ ନାରଖାର ହେଉ
ଏ ମହାଯଜ୍ଞର ସଞ୍ଚା ସବୁ ନାଶଯାଉ ।
ଏମନ୍ତ ବାଞ୍ଛାକରି ନାରଦ ତପୋନିଷ୍ଠୀ
ଦକ୍ଷ ବ୍ରହ୍ମାଙ୍କ ସଭାରୁ ଗଲେ ବେଗେ ଉଠି ।
ଏଥୁ ଅନନ୍ତରେ ସେହୁ ଦକ୍ଷ ପ୍ରଜାପତି
ସକଳ ଦେବଗଣଙ୍କୁ ଗୁହାଇଲେ କତି ।
ଇନ୍ଦ୍ର ଆଦିକରି ସର୍ବ ବୃନ୍ଦାରକଗଣେ
ଦକ୍ଷ ବ୍ରହ୍ମା ତିଆରି କହନ୍ତି ଜଣେ ଜଣେ ।
ଇନ୍ଦ୍ରକୁ ବୋଇଲେ ତୁହି ଶୁଣ ବଜ୍ରଧର
ତୋତେ ଲାଗଇଟି ଏହି ଯାଗଶାଳା ଦ୍ୱାର ।
କରେ ବେତ ଧରିଣ ତୁ ଦ୍ୱାରେ ଥିବୁ ବସି
ନିରଳସରେ ଜାଗ୍ରତ ଥିବୁ ଦିବାନିଶି ।
ଋଷି ବିପ୍ରଙ୍କୁ ଛାଡ଼ିବୁ ଏକା ଭିତରକୁ
ନିରୋଧ କରିବୁ ଆଉ ସକଳ ଲୋକଙ୍କୁ ।
ଏତେ ବୋଲି ତାହାଙ୍କୁ ଶ୍ରୀହସ୍ତେ ଦେଲେ ଶାଢ଼ି
ଶିରେ ଘେନି ଇନ୍ଦ୍ର ବସିଲେକ ଦ୍ୱାରମାଡ଼ି ।
ଅନନ୍ତ ନାଗକୁ ବୋଇଲେକ ପ୍ରଜାପତି
ତୁ ରହ ପଶ୍ଚିମେ ଦ୍ୱାର ଯାଗଶାଳ କତି ।
ନୈର୍ଋତକୁ ବୋଇଲେ ତୁ ଦକ୍ଷିଣରେ ରହ
ପବନକୁ ବୋଇଲେ ତୁ ଉତ୍ତରକୁ ଯାଅ ।
ମେରୁକୁ ବୋଇଲେ ତୋର ସଙ୍ଗେ ଅଷ୍ଟଗିରି
ନବର ସିଂହଦ୍ୱାରକୁ ରଖ ଯତ୍ନକରି ।
ଶୁମ୍ଭ ନିଶୁମ୍ଭ ମୂଳରେ ଦାନବକୁ ରାଇ
ବୋଇଲେ କଟକ ଗଡ଼ ଦ୍ୱାର ରଖ ଯାଇ ।
ସୂର୍ଯ୍ୟକୁ ବୋଇଲେ ତୁହି ଗଗନେ ଥାଇଣ
କଟକର ଭଲମନ୍ଦ ବୁଝିବୁ ଆପଣ ।
ବରୁଣକୁ ବୋଇଲେ ତୁ ଯାଗ ଘୃତ ଦେବୁ
ପବିତ୍ର ପୁଣ୍ୟ ସଲିଳ ଯୋଗାଉଣ ଥିବୁ ।
ବିଶ୍ୱଦେବା ଯୋଗାଇଲେ ଯଜ୍ଞ କାଠମାନ
ଗମ୍ଭାରି ଉଦମ୍ବର ଯେ ଅଗୁରୁ ଚନ୍ଦନ ।
ଅଷ୍ଟବସୁ ଦେବେ ତିଳ ତଣ୍ଡୁଳ ଯେ ଯବ
ଚିତ୍ରରଥ ସୁବାସିତ ପୁଷ୍ପ ଫଳ ଦେବ ।

Digitized by srujanika@gmail.com

କୁବେର ଚରଚିବେ ଯେ ସକଳ ଜୀବଙ୍କୁ
ଯେତେବେଳେ ଯାହା ଯାହା ଲାଗିବ ଯଜ୍ଞକୁ ।
ଚନ୍ଦ୍ରଦେବତା ଘେନିବେ ରୋଷ ଅଧିକାର
ସଙ୍ଗତରେ ଥିବେ ପାଞ୍ଚଗୋଟି ସୂପକାର ।
ବେନିଲକ୍ଷ ଯୋଗାଣିଆ ଲକ୍ଷେ କଟାଇତ
ଦିବ୍ୟଅନ୍ନ ବ୍ୟଞ୍ଜନ ଯେ ସିଞ୍ଝିବେ ନିରତ ।
ଷଡ଼ରସ ପ୍ରକାରରେ ରନ୍ଧା ହେଉଥିବ
ଯେ ଯାହା ଲୋଡ଼ିବ ସେହୁ ନିଶ୍ଚଳ ନୋହିବ ।
ପବନ ପରଶିବେ ଯେ ସବୁଙ୍କୁ ହିଁ ଅନ୍ନ
ସମସ୍ତେ ସୁସ୍ଥ ହୋଇ ଯେ କରିବେ ଭୋଜନ ।
ନଳ କୁବେର ଦେବେ ଯେ ସୁବର୍ଣ୍ଣ ଯୋଗାଡ଼ ।
ଲାଗି ହେବା ଦ୍ରବ୍ୟଯାକ ହେବ ଝଲିପୋଡ଼ ।
ମାତଳି ଯେ ନେଉଥିବ ଭୂଷଣ ବସନ
ଦିନକୁ ଦିନ ହେଉଥିବ ସେ ନୂତନ ।
ଋଷିଙ୍କୁ ଫଳମୂଳ ଯେ ଦେବେ ବେଦାସନ
କାଳ ଯେ ବିକାଳ ଦେବେ ଦୈତ୍ୟଙ୍କୁ ଭୋଜନ ।
ଆବର ବିଧିବିଧାନ ଯେ ଯାହା ଇଚ୍ଛଇ
ସେ କଥାକୁ ତୁଳାଇବେ ଚିତ୍ରଗୁପ୍ତ ଦୁଇ ।
ଅଙ୍ଗାରପନ୍ନଗ ମୂଳେ ସକଳ ଗନ୍ଧର୍ବେ
ରାତ୍ର ଦିବସ ଏ କଟକରେ ବୁଲୁଥିବେ ।
ଜନ୍ତୁପତି ଜଣାଇବ ସକଳ ବାରତା
ନବଗ୍ରହକୁ ଲାଗଇ ନବଗ୍ରହ ଚିନ୍ତା ।
କରିବେ ଯେ ଜଉତିଷ ପାଠ ବୃହସ୍ପତି
ସତାଇଶ ଯୋଗେ ବୁଝିବେକ ରାଜନୀତି ।
ବିଷ୍ଣୁଭଦ୍ରା କୂଳେ ହେବ ଏକଗୋଟି ଠଣା
ବଳ ଖଳ ହେଲେ ଏକା ଦେବଙ୍କୁ ବୋଲଣା ।
ବିଶ୍ୱକର୍ମା କରୁଥିବ ଘରମାନ ସଜ
ଦିନକୁ ଦିନେ ହୋଇବ ଭିନ୍ନେ ଭିନ୍ନେ ଭଜ ।
ଚାରିମେଘ ହୋଇବ ଯେ ଯାଗେ ଛାମୁଣ୍ଡିଆ
ଚାରିବେଦ ହୋଇବ ଯେ ଲେଙ୍କା ଭୁଡ଼ଙ୍ଗିଆ ।
ଅନ୍ତଃପୁର ବାରତା ଯେ କହିବ ମେଦିନୀ
ଯାଗକୁ ଯେ ସାବଧାନ ସର୍ବ ମହାମୁନି ।
ଆପଣେ ଯେ ପିତାମହ ହୋଇବେ ଆଚାର୍ଯ୍ୟ
ଚତୁର୍ମୁଖ ବ୍ରହ୍ମା ଆଉ ବ୍ୟାସ ମହାଦ୍ୱିଜ ।
ଉତ୍ତମ ପୁରୋହିତ ଯେ ମାରକଣ୍ଡ ଯତି
ବଶିଷ୍ଠ ହୋଇବେ ଜାଣ ଆଦି ଗଣପତି ।
ଆଦ୍ୟେରେ ଯେ ବାକ୍ୟକାରୀ ଅଗସ୍ତି ମହର୍ଷି
ଅତ୍ରିମୁନି ମହାଜ୍ଞାତା ଯାଗ ସର୍ବଦର୍ଶୀ ।
ଆବର ଯେତେକ ମୁନି ଯାଗରେ କାରଣ
ଦୂର୍ବାକ୍ଷତ ଦେଇକରି କରିବେ ବରଣ ।

ଅନଳ ଦେବତା ହେବେ ଯାଗ ଅଧିକାରୀ
ଯାଗନିକ ହୋଇବେ ସେ ଦକ୍ଷ ତପଚାରୀ ।
ନବଦ୍ୱୀପ ରାଜା ଯାଗ କରିବେକ ରକ୍ଷା
ଯେ ଯାହାର ଅନୁରୂପେ ଦେବେ ଦୀକ୍ଷାଶିକ୍ଷା ।
ଯେ ଯାହାର ଲୋକ ରହିଲେକ ଖଞ୍ଜାମୂଳେ
ଯାହାର ଯେମନ୍ତେ ଦକ୍ଷବ୍ରହ୍ମା ଆଜ୍ଞା ଦେଲେ ।
ନଗ୍ରଲୋକମାନେ ନାନା ଅଇଶ୍ୱର୍ଯ୍ୟ ବହି
ଆନନ୍ଦରେ ରହିଲେ ଯେ ସ୍ୱର୍ଗଭୋଗ ପାଇ ।
ଦକ୍ଷ ବ୍ରହ୍ମାଙ୍କ ଆଗରେ ଶିଶିର ଶଇଳୁ
ପଞ୍ଚଧାରା ନଦୀ ବହିଲାକ ଗିରିତଳୁ ।
ଚନ୍ଦନ ସୁତୈଳ ନୀର ଅଏଁଳା ହଳଦୀ
ଏ ବିଧିରେ ପଞ୍ଚଧାରା ହୋଇ ବହେ ନଦୀ ।
ପ୍ରଭାବତୀ କଟକରେ ଯେତେ ଲୋକ ଛନ୍ତି
ସେ ନଦୀରେ ଯାଇ ସର୍ବ ଶରୀର ବୁଡ଼ାନ୍ତି ।
ତୈଳ ହଳଦୀରେ କଲେ ଅଙ୍ଗକୁ ମାର୍ଜନ
ବିଷ୍ଣୁତୋୟା ନଦୀତୀରେ କରନ୍ତି ସେ ସ୍ନାନ ।
ସ୍ନାନସାରି ହୁନ୍ତି ଜଳ ମଧ୍ୟରୁ ବାହାର
ଶରୀର ଗୋଟି ଦିଶଇ ଅତି ଶୋଭାକର ।
ବଳବୀର୍ଯ୍ୟ ବିକ୍ରମ ଯେ ଦିଶେ ତେଜୋମୟ
ବୃଦ୍ଧଦେହ ଦେଖାଯାଏ ନବଯୁବା ପ୍ରାୟ ।
ସ୍ନାନସାରି ନଦୀକୂଳେ ଉଭାହୋଇ ଯାଇ
ବସ୍ତ୍ର ଅଳଙ୍କାର ଗନ୍ଧ ଦିଅନ୍ତି ସେ ନେଇ ।
ଯାହାର ମନରୁ ଯେଉଁ ବସ୍ତ୍ରଗୋଟି ରୁଚି
ସ୍ୱହସ୍ତରେ ବେନିଖଣ୍ଡ ନିଅନ୍ତି ଯେ ବାଛି ।
ପିନ୍ଧି ଉପରାଣ କରି ତେଜି ଗତବାସ
ଘେନନ୍ତି ଅଳଙ୍କାର ଯା ମନ ଯହିଁ ବଶ ।
ଅପୂର୍ବ ଯାନ ଚଢ଼ିଣ ମିଳନ୍ତି ସଦନେ
ଅମୃତ ଯୋଗାଡ଼ ଭୁଞ୍ଜୁଛନ୍ତି ତୋଷମନେ ।
ଭୁଞ୍ଜାନ୍ତି ସପତ ଘଡ଼ିମାନେ ସର୍ବପ୍ରାଣୀ
ଠାବରେ କରନ୍ତି ଆଚମନ ବାସପାଣି ।
ଭୃତ୍ୟ ପରଜନେ ସଦା ଖଟିଥାନ୍ତି ପାଶେ
ଉଚ୍ଛିଷ୍ଟ ନିଅନ୍ତି ଭୋଜନର ଅବଶେଷେ ।
ଚନ୍ଦନ ପାନ ଗୁଆ ଯେ କର୍ପୂର ବିଡ଼ିଆ
ସୁବର୍ଣ୍ଣଥାଳୀରେ ପାଖେ ହୋଇଥାଏ ଥୁଆ ।
ଯେ ଯାହା ଇଚ୍ଛାରେ ଭୁଞ୍ଜନ୍ତି ସର୍ବଜନେ
ଯାଚି ଦେଉଥାନ୍ତି ପୁଣି ଭୃତ୍ୟ ଲୋକମାନେ ।
ଚନ୍ଦନ ଚତୁଃସମ ସୁବାସ ପୁଷ୍ପମାନ
ମନ ଇଚ୍ଛାରେ ଯେ ଘେନିଥାନ୍ତି ସର୍ବଜନ ।
ଚଞ୍ଚଳ ଲୋକମାନେ ଯେ ନଗ୍ର ବୁଲିଯାନ୍ତି
ଅଳସୁଆ ଲୋକମାନେ ଶଯ୍ୟା ଆବୋରନ୍ତି ।

Digitized by srujanika@gmail.com

ଦ୍ୱାଦଶ ଘଡ଼ି ହୁଅନ୍ତେ ଆସ ଦିନମଣି
ପୁଣି ଭୋଜନ କରନ୍ତି ସକଳ ପରାଣୀ ।
ସନ୍ଧ୍ୟାଆଦି ସମାପନେ ପୁଣି ସର୍ବଜନ
ଇଚ୍ଛା ଅନୁରୂପେ ରାତ୍ରେ କରନ୍ତି ଭୋଜନ ।
ଆଚମନ ସାରି ସର୍ବେ ଉତ୍ତମ ପଲଙ୍କେ
ରଜନୀ ବଞ୍ଚନ୍ତି ସର୍ବେ ନାନା କଉତୁକେ ।
ପୁରୁଷ ଜଣକେ ବେନିଜଣେ ମାୟାନାରୀ
ନବଯୁବା ବୟସୀ ସେ ଅପୂର୍ବ ସୁନ୍ଦରୀ ।
ନିଶାକାଳେ ତାଙ୍କୁ ନିଜ କାମିନୀ ଯେସନେ
ପୁରୁଷଙ୍କୁ ସେବାକରେ କରୁଥାନ୍ତି ତେହ୍ନେ ।
ନିଶି ଅବଶେଷେ ଚାଲିଯାନ୍ତି ମାୟାନାରୀ
ସନ୍ନିଧେ ରହନ୍ତି ପୁଣି ଘେନି ନିଜସ୍ତିରୀ ।
ଏହି ପରକାରେ ଚତୁର୍ଦ୍ଦଶପୁର ଲୋକେ
ପ୍ରଜାପତି ନିକଟରେ ରହିଲେ କୌତୁକେ ।
ଫଳମୂଳ ଭୋଜନରେ ତୋଷ ଋଷିମାନେ
ଅସୁରେ ଆନନ୍ଦେ ହ୍ୱନ୍ତି ମାଂସ ସୁରାପାନେ ।
ଏ ବଚନ ଶୁଣିକରି ସୁରଥ ନୃବର
ମାରକଣ୍ଡଙ୍କୁ ପୁଚ୍ଛନ୍ତି ଯୋଡ଼ି ବେନିକର ।
ଆହେ ମହାଋଷି ମୁହିଁ କଥାଏ ପୁଚ୍ଛଇ
ଦକ୍ଷ ପ୍ରଜାପତି ମହାଯଜ୍ଞ ସେ କରଇ ।
ସକଳ ଜନ୍ତୁଙ୍କୁ ସେହି ଆଣିଲେ ଆଶ୍ୱାସି
ଅନ୍ନ ଭୁଞ୍ଜିବା ପାଇଁକି କରିଣ ବିଶ୍ୱାସୀ ।
ବିଶ୍ୱାସ କଲେ ଯେ ଲୋକ ତାହାଙ୍କ ବୋଲରେ
ଯେ ଯାହାର ବାସ ଛାଡ଼ି ରହିଲେ ଯଜ୍ଞରେ ।
ଏଥୁ ପୁଣି ଅପରାଧ କଲା ଯେଉଁ ଜଣ
କାହାକୁ ମାରି ଦିଅନ୍ତି ଅସୁର ଭୋଜନ ।
ଜନ୍ତୁବଧ ନ କଲେ ତ ମାଂସ ନାହିଁ ମିଳେ
ଏଥିର ଚରିତ ମୋତେ କହ ତପଃଶୀଳେ ।
ରାଜାର ବାକ୍ୟେ ବୋଲନ୍ତି ସେହି ବ୍ରହ୍ମବେତ୍ତା
ଶୁଣ ତୁ ହୋ ସିନ୍ଧୁ ଦେଶ ନୃପ ମହାଜ୍ଞାତା ।
ଦକ୍ଷପ୍ରଜାପତି ମହାଯାଗ ଆରମ୍ଭିଲେ
ଚଉଦ ପୁର ଲୋକଙ୍କୁ ନିମନ୍ତ୍ରି ଆଣିଲେ ।
ଅନେକ ସମ୍ଭାର ସେହୁ ଭିଆଇଲେ ହେଲେ
ଯୋଗାଡ଼ ଦେଖିଣ ଦକ୍ଷ ମନେ ମନେ ଭାଳେ ।
ବୋଇଲେ ଅନେକ ସିନା ଯୋଗାଡ଼ ମିଳିଲା
ଏତେ ଲୋକ ପଦାର୍ଥ ବିଶ୍ୱାସ ନ ସରିଲା ।
ଆବର ଦୂରଲୋକ ଯେ ଆସୁଛନ୍ତି ଦୁଃଖେ
ଥୋକାଏ ଦିନ ରହନ୍ତୁ ଏଥି ଅତି ସୁଖେ ।
ଦକ୍ଷଯଜ୍ଞର ସମ୍ବାଦ ଅମୃତ ଗଳିତ
ମହାଦେବ ଦାସ କହେ ପିଅ ଶ୍ରୁତିପଥ ।

-x-

ଜଳନ୍ଧର ଦୈତ୍ୟ ବଧ

ଏତେ ବୋଲି ଯାଗେ ହେଲା କରେ ପ୍ରଜାପତି
ଏଥୁ ଅନନ୍ତରେ କେତେ ଗଲା ଦିନରାତି ।
ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ରଜନୀ
ପ୍ରଭାବତୀ କଟକରୁ ଆସି ଦୈତ୍ୟ ବେନି ।
ଜଳନ୍ଧର ଦୈତ୍ୟ ତାର ସଙ୍ଗେ ବୀରବାହୁ
ଗମନ୍ତି ନିଶାକାଳେ କି ଜାଣି ମହାବାହୁ ।
ଅନେକ ଭୁବନ ମଧ୍ୟେ ବୁଲି ନିଶାକାଳେ
ଭକ୍ଷନ୍ତି ସେ ନାନା ଦ୍ରବ୍ୟ ଯହିଁ ଯାହା ମିଳେ ।
ଏମନ୍ତେ ବୁଲିଲେ ସେହୁ ବହୁ ଦୂରଦେଶ
ଥୋକାଏକ ବେଳ ଏହୁ ରଜନୀ ଯେ ଶେଷ ।
ଅରୁଣ ଉଦୟ ହୋଇ ତିମିର ତୁଟନ୍ତେ
ପ୍ରଭାବତୀ କଟକକୁ ଆସନ୍ତି ଯେ ଦୈତ୍ୟେ ।
ପ୍ରଜାପତିଙ୍କର ଡରେ ମନର ଉଦବେଗେ
ଅତିବେଗରେ ଗମନ୍ତି ଦୈତ୍ୟ ଶୂନ୍ୟମାର୍ଗେ ।
ଆସନ୍ତି ପଶ୍ଚିମ ମୂର୍ତ୍ତି ହୋଇ ବେନି ବୀରେ
ମିଳିଲେ କୈଳାସ ଗିରି ପାଖେ ଦୁହେଁ ଖରେ ।
ପ୍ରଭାତ ସମୟରେ ସେ ଈଶ୍ୱର ପାର୍ବତୀ
ପର୍ବତ ଶିଖରେ ବିଜେ କରିଣ ଅଛନ୍ତି ।
ପୂର୍ବମୁଖେ ତର୍ପଣ ଯେ କରନ୍ତି ଈଶ୍ୱର
ପାର୍ବତୀ ଜଳ ଦିଅନ୍ତି ଈଶ୍ୱରଙ୍କ କର ।
ତ୍ରୈଲୋକ୍ୟ ମୋହିନୀ ସେହି ଈଶ୍ୱରଙ୍କ ବାମା
ବଦନ ବିକାଶେ ଯେହ୍ନେ ସମ୍ପୂର୍ଣ୍ଣ ଚନ୍ଦ୍ରମା ।
ରସାଣିଲା ହେମ ଜିଣି ଦିଶଇ ଶରୀର
ରୂପ ଦେଖିଣ ମୋହିତ ହେଲା ଜଳନ୍ଧର ।
ରାହୁକୁ ହକାରିଣ ଯେ ପୁଚ୍ଛଇ ଦଇତ୍ୟ
ଏହୁ ସ୍ତିରୀ ପୁରୁଷଙ୍କୁ ଚିହ୍ନ କି ହେ ମିତ ।
ଯତି ସଙ୍ଗେ ଏ ଯୁବତୀ କିମ୍ପା ରହିଅଛି
ଅପୂର୍ବ ସୁନ୍ଦରୀ ଏହୁ ଜଗତ ମୋହୁଛି ।
ଏ ସ୍ତିରୀର ରୂପ ଦେଖି ବଶ ହେଲି ମୁହିଁ
ଏହାକୁ ଛାଡ଼ି ମୁହିଁତ ଯାଇ ନ ପାରଇ ।
ରାହୁ ବୋଇଲା ତୁ ଶୁଣ ଆହେ ଜଳନ୍ଧର
ଯେ ପୁରୁଷ ସେ ଅଟନ୍ତି ପ୍ରତ୍ୟକ୍ଷ ଈଶ୍ୱର ।
ଏକାଦଶ ରୁଦ୍ରଙ୍କର ପରେ ଶ୍ରେଷ୍ଠ ଏହି
ଦେବଙ୍କ ଉପରେ ମହାଦେବ ଏ ବୋଲାଇ ।

Digitized by srujanika@gmail.com

ସର୍ବ ସମ୍ପଦ ଏ ଭୃତ୍ୟଗଣେ ଯାଚିଦେଇ
ଆପଣେ ବର୍ତ୍ତଇ ସଦା ଉଦାସୀନ ହୋଇ ।
ସନ୍ନିଧେ ଅଛଇ ତାର ଏ କେବଳ ନାରୀ
ପାର୍ବତୀ ନାମ ଏହାର ହର ମନୋହାରୀ ।
ଦକ୍ଷ ବ୍ରହ୍ମାର ଏ ଝିଅ ଅଟେ ଆଦିମାତା
ଦାନବକୁଳର ଏହୁ ଅଟେ ଆଦିମାତା ।
ତୁ ତାଙ୍କଠାରେ ମନ ନ ଦିଅ ମହାବୀର
ଚାଲ ଶୀଘ୍ର ହୋଇଯିବା ପ୍ରଭାବତୀ ପୁର ।
ଜଳନ୍ଧର ବୋଇଲା ମୁଁ ନ ପାରଇ ଯାଇ
ଏ ସ୍ତିରୀ ବ୍ୟତୀତ ମୋତେ କିଛି ନ ରୁଚଇ ।
ତୁ ଏବେ ମୋହର ବୋଲ କରି ଯାଅ ମିତ
ଈଶ୍ୱରଙ୍କୁ କହ ଯାଇ ମୋହର ବୃତ୍ତାନ୍ତ ।
ବୋଲିବୁ ଯେ ଜଳନ୍ଧର ବୋଲି ମହାବୀର
ଧୂମ୍ରଲୋଚନର ସେହୁ ଅଟଇ କୁମର ।
ବଳିଷ୍ଠ ପଣେ ତାହାକୁ କେହି ନୁହେଁ ସରି
ଯୁଦ୍ଧ କଲେ ତାହାକୁ ଯେ ବିଷ୍ଣୁ ଯାନ୍ତି ହାରି ।
ଶ୍ରଦ୍ଧାକରି ଯାହାକୁ ସେ ମାଗେ ଯେଉଁ ଦ୍ରବ୍ୟ
ନାସ୍ତି କରିବାକୁ ନାହିଁ କାହାରିହିଁ ଗର୍ବ ।
ତୋହର ଯୁବତୀକି ସେ ଶ୍ରଦ୍ଧା କଲା ବୀର
ପ୍ରୀତିପଣେ ନ ଦେଲେ ସେ କରିବ ସମର ।
ଏମନ୍ତ ବୋଲି ଯାଇ ତୁ କୁହ ଈଶ୍ୱରଙ୍କୁ
ଭାରିଯା ନ ଦେଲେ ଯୁଦ୍ଧ ଦେଉ ସେ ଆମ୍ଭଙ୍କୁ ।
ଏ ବଚନ ଶୁଣିକରି ବୋଇଲାକ ରାହୁ
ଏ ବାରତା ମୁହିଁ ଯାଇଁ କହିବଇଁ କାହୁଁ ।
ଈଶ୍ୱର ପୁରୁଷ ଯେହୁ ଜଗତ କରତା
ତାଙ୍କ କୋପୁଁ ବର୍ତ୍ତିବାକୁ କାହାର କ୍ଷମତା ।
ତୁହି ଯେବେ ତାହା ତୁଲେ କରିବୁ ସମର
ମୁହିଁ ଯାଉଅଛି ତେବେ ପ୍ରଭାବତୀ ପୁର ।
ଏତେ ବୋଲିକରି ରାହୁ ବିକ୍ରମିଲା ଶୂନ୍ୟେ
ତକ୍ଷଣେ ମିଳିଲା ଯାଇ ଦକ୍ଷର ଭୁବନେ ।
ଜଳନ୍ଧର ଦୈତ୍ୟ ତହୁଁ ଗଗନରୁ ଖସି
ଈଶ୍ୱରଙ୍କ ପାରୁଶରେ ମିଳିଲାକ ଆସି ।
ଦେଖିଣ ପାର୍ବତୀ ଦେବୀ ମନେ ଭୟ କଲେ
ଯାଇଣ ଈଶ୍ୱରଙ୍କର ପଛରେ ଲୁଚିଲେ ।
ଜଳନ୍ଧର ଦୈତ୍ୟ ଯାଇ କହଇ ଉତ୍ତର
ବୋଇଲା ମୋହର ବୋଲ ଶୁଣହେ ଈଶ୍ୱର ।
ତୁ ଯେ ମହାଯତି ପୁଣି ଅଟୁ ତପଚାରୀ
ତୋହର ତୁଲେ କିମ୍ପାଇଁ ଅଛି ଯୁବାନାରୀ ।
ଏ କଥା ତୋହର କେଭେ ନୁହଇ ଭୂଷଣ
ଯୋଗୀଙ୍କୁ ଯୁବତୀ ନାରୀ ଅଟେ ଅକାରଣ ।

ତୁହି ଏବେ ମୋହଠାରୁ କିଛି ଦ୍ରବ୍ୟ ନିଅ
ଏହି ଯୁବତୀ ଗୋଟିକି ମୋତେ ହାତେ ଦିଅ ।
ନ ଦେଲେ ଅବଶ୍ୟ ମୁହିଁ ସମର କରିବି
ତୋତେ ବଧକରି ଯୁବତୀକି ଘେନିଯିବି ।
ଶୁଣି ସଦାନନ୍ଦ କୋପେ ବୋଇଲେ ଏ ବାଣୀ
କିରେ ପାପିଷ୍ଠ ପାମର ତୁହି ମୂଢ଼ ପ୍ରାଣୀ ।
ଦୈତ୍ୟ ନିଲକ୍ଷଣ ତୁହି ଗର୍ବ କଥା କହୁ
ଭଲମନ୍ଦ ନ ଜାଣି ବିକୃତ ଆତ୍ମା ବହୁ ।
ପତଙ୍ଗ ପ୍ରାୟେ ଅଗ୍ନିକୁ ଅଛୁ ତୁରେ ରସି
ସର୍ପଣୀକି ମଣ୍ଡୂକ କି ପାରେ କାହିଁ ଗ୍ରାସି ।
ପ୍ରାଣ ଘେନିକରି ବେଗେ ପଳାରେ ଦନୁଜ
ମୂର୍ଖପଣ କଲେ ନିଶ୍ଚେ ମରିବୁ ତୁ ଆଜ ।
ଶୁଣି କୋପକଲା ମନେ କଶ୍ୟପର ନାତି
ବୋଇଲା ଆଜ ନିଶ୍ଚୟ ମରିବୁରେ ଯତି ।
ଭାରିଯାକୁ ନ ଦେଇଣ ଆତ୍ମପଣେ କହୁ
ନିସତ ହୋଇଲେ ତୋତେ ଛାଡ଼ିଯିବା କାହୁଁ ।
ବୀରପଣ ଥିଲେ ମୋର ସଙ୍ଗେ ଯୁଦ୍ଧକର
ଏତେ ବୋଲି ଶୂଳ ହସ୍ତେ ଧରି ମହାବୀର ।
ଅନ୍ତରୀକ୍ଷେ ବୁଲାଇଣ ପ୍ରହାରିଲା ଯହୁଁ
ଦେଖି ଆଡ଼ହୋଇଗଲେ ଈଶ୍ୱର ଯେ ତହୁଁ ।
ଅସୁରର ଶୂଳ ଅସ୍ତ୍ର ଗିରିପରେ ପଡ଼ି
ବେନିଖଣ୍ଡ ହୋଇକରି ପଡ଼ିଲାକ ଝଡ଼ି ।
ପୁଣି ହିଁ ଦୈତ୍ୟ ଧଇଲା ଅଚଳ ପଥରେ
ଶିବଙ୍କ ଉପରେ ଫିଙ୍ଗିଦେଲା କୋପଭରେ ।
ପାଶୁପତ ଶର ତହୁଁ ଘେନିଣ ଈଶାନ
ବେନିଖଣ୍ଡ କରିଦେଲେ ଦୈତ୍ୟ ଶରମାନ ।
କହୁଁ କହୁଁ ସମର ଯେ ଲାଗିଲାକ ବେନି
ଦେଖିଣ ଆଡ଼ ହୋଇଲେ ଦକ୍ଷର ନନ୍ଦିନୀ ।
ଗୋପନ ହୋଇଣ ଦେବୀ ରହିଲେ ଭୟରେ
ଶୁଣ ତୁ ହେ ମହୀପତି ଏଥୁ ଅନନ୍ତରେ ।
ଈଶ୍ୱର ସଙ୍ଗରେ ଯୁଦ୍ଧକଲା ଜଳନ୍ଧର
ବେଳୁବେଳ ବଢ଼ିଲା ଯେ ରଣ ମହାଘୋର ।
ସହସା ବୃକ୍ଷେକ ତହୁଁ ଉପାଡ଼େ ଦଇତ
ଈଶ୍ୱରଙ୍କୁ ପିଟିଲା ଯେ ହୋଇ କୋପଚିତ୍ତ ।
ପାଶୁପତ ଘେନିଣ ଯେ ଜଗତ ଈଶ୍ୱର
ଶତଖଣ୍ଡ କରି କାଟିଦେଲେ ତରୁବର ।
ଭଗ୍ନମୂଳ ପୁଣି ଘେନି ଦୈତ୍ୟ ଅନର୍ଗଳ
ଈଶ୍ୱର ପରେ ପିଟିଲା କୋପେ ମହାବଳ ।
ପାଶୁପତ ଘେନି କାଟିଦେଲେ ତାହା ହର
ପିନାକ ନାମରେ ଧନୁ ଧରି ବାମକର ।

Digitized by srujanika@gmail.com

ପାଶୁପତ ଶର ତହୁଁ ଗୁଣରେ ବସାଇ
ଦାନବ ଉପରେ ପେଶିଦେଲେ ଉମାସାଇଁ ।
ଗର୍ଜିଣ ନାରାଚଗୋଟି ଅନ୍ତରୀକ୍ଷେ ଗଲା
ଜଳନ୍ଧର ଦଇତର ଉପରେ ପଡ଼ିଲା ।
ଗିରିବର ସଦୃଶ ସେ ଦାନବ ଶରୀର
ପାଶୁପତ ଶର ଯେ ନ ଭେଦିଲା ତହିଁର ।
ବଳେ ପାଶୁପତ ଧଇଲାକ ଜଳନ୍ଧର
ଲେଉଟାଇ ଈଶ୍ୱରଙ୍କୁ କଲାକ ପ୍ରହାର ।
ଭୈରବ କୁଠାରେ ତାକୁ ଆଡ଼ିଲେ ଧୂର୍ଜଟି
ବେନି ପରିତାଳ ହୋଇ ଅଗ୍ନି ଜଳିଉଠି ।
ତ୍ରିଶୂଳ ପାଶକୁ ଘେନି ପେଶିଲେ ଈଶ୍ୱର
ବଜ୍ରପ୍ରାୟ ପଡ଼ିଲା ସେ ଦାନବ ଉପର ।
କିଞ୍ଚିତ ପ୍ରାୟେ ତାହାକୁ ମଣିଲା ରାକ୍ଷସ
ଦେଖିଣ ବିସ୍ମୟ ହେଲେ ପ୍ରଭୁ ବ୍ୟୋମକେଶ ।
ତ୍ରିମୁଖ ଶକତି ତହୁଁ ଗୁଣରେ ବସାଇ
ବଇରୀର ଉପରକୁ ବିନ୍ଧିଲେ ତୁହାଇ ।
ଗରଜିଣ ବାଣଗଣ ପବନହୁଁ ବେଗେ
ପୁଷ୍ପ ପରାୟେ ପଡ଼ିଲା ଯାଇ ଦୈତ୍ୟଅଙ୍ଗେ ।
ଅଳପ ହସିଣ ତହୁଁ ବୋଇଲା ଦାନବ
ଏହି ଶରେ କି ଜିଣିବୁ ମୋତେ ମହାଦେବ ।
ଅତି ତୀକ୍ଷ୍ଣ ବାଣ ଯେବେ କିଛି ଅଛି ତୋର
ବିନ୍ଧ ସେହି ବାଣ ତେବେ ମୋହର ଉପର ।
ସହିବୁ ତୁ ମୋର ପରାଭବ ଏକାବେଳେ
ଯେବେ ତୁହି ମହାଦେବ ବୋଲାଉ ଶୟଳେ ।
ଶୁଣି ସଦାନନ୍ଦ ମନେ ଗୁରୁତର କୋପେ
ବିନ୍ଧିଲେକ ଜ୍ୱାଳାବଳୀ ବାଣ ଅନ୍ତର୍ଯାପେ ।
କୁହୁଡ଼ି ପ୍ରାୟେ କରିଣ ବରଷିଲେ ଶର
ଅଚଳ ପ୍ରାୟେ ରହିଲା ଦୈତ୍ୟ ଜଳନ୍ଧର ।
କୋପେ ପ୍ରଭୁ ବିଶ୍ୱନାଥ କରି ବାଣବୃଷ୍ଟି
ଶକତି କୁଠାର ଅସିଧାର ବଜ୍ର ଯଷ୍ଟି ।
ତ୍ରିଶୂଳ ଖଡ୍ଗ ଆଉ ଖଟ୍ୱାଙ୍ଗ ଗୁରୁଜ
ବିଜେ କର୍ଣ୍ଣକୁଠାର ପରିଘ ମହାତେଜ ।
ପେଶିଲେ ଅନେକ ଶସ୍ତ୍ରମାନ ଉମାବର
କେବେ ହେଁ ମତିଭ୍ରମ ଯେ ନୋହିଲା ଅସୁର ।
କୋପେ ନିଶାଚର ଅଇଲାକ ଗଳଗାଜି
ମେରୁ ପଡ଼ିଲା କି ଅବା ସିନ୍ଧୁ ମଧ୍ୟେ ଭାଜି ।
ସେହି ସଦୃଶରେ ଗର୍ଜିଆସେ ନିଶାଚର
ମହାମେଘ ଜାଣି ଗରଜଇ ଘୋରତର ।
ଆକର୍ଷି ଧଇଲା ଯାଇଁ ଈଶ୍ୱରଙ୍କୁ ବେଗେ
ଛଡ଼ାଇ ପିନାକ ଧନୁ ଧଇଲା ସେ ରାଗେ ।
ତୂଣ ବେନି ସହିତରେ ଘେନିଲା ଛଡ଼ାଇ
ଊର୍ଦ୍ଧ୍ୱବାହୁ କରି ତାହା ଦେଲା ଫୋପଡ଼ାଇ ।
ସାଗର ମଧ୍ୟେ ପଡ଼ିଲା ଯାଇ ଧନୁଶର
ରହିଲେକ ଶୂନ୍ୟହସ୍ତ ହୋଇ ଦିଗମ୍ବର ।
ଅସୁରର କୋପ ଦେଖି ମନେ କଲେ ଭୟ
ଅନ୍ତର୍ଗତେ ଜାଣିଲେକ ବିଷ୍ଣୁଙ୍କୁ ସେ ଲୟ ।
ସଦାଶିବଙ୍କର କଥା ଜାଣିଲେ ଅଚ୍ୟୁତ
ତକ୍ଷଣେ ଆସି ହୋଇଲେ ତହିଁ ଉପଗତ ।
ବିଷ୍ଣୁଙ୍କୁ ଦେଖିଣ ହର କଲେ ନମସ୍କାର
କରପତ୍ର ଯୋଡ଼ିକରି କହନ୍ତି ଉତ୍ତର ।
ଭୋପ୍ରଭୁ ଦୈତ୍ୟ ଅନେକଦୁଃଖ ମୋତେ ଦେଲା
ଯେତେହେଁ ଶର ପେଶିଲେ କେବେ ହେଁ ନ ମଲା ।
କାହାର ତହୁଁ ବର ସେ ପାଇଲା ଦନୁଜ
ଶସ୍ତ୍ର ଅଙ୍ଗରେ ବାଜିଲେ ଦୁଇଗୁଣ ତେଜ ।
ସାତଦିନ ହୋଇଲା ଯେ ସମର ହେଲାଣି
କେବେ ହେଁ ଦାନବକୁ ମୁଁ ନ ପାରିଲି ଜିଣି ।
ଏଥକୁ ଉପାୟ ବେଗେ କରି ମଧୁରିପୁ
କେମନ୍ତେ ତୁଟିବ ଦାନବର ବଳବପୁ ।
ନାରାୟଣ ବୋଇଲେ ହେ ଶୁଣ ବିଶ୍ୱବାସ
ଆମ୍ଭେ ତ ଜାଣୁ ଦନୁଜ ଯିବ ଯେହ୍ନେ ନାଶ ।
ଏହାର ଭାରିଯା ନାମ ଅଟେ ବୃନ୍ଦାବତୀ
ସ୍ୱାମୀର ଭକତା ଅଟେ ସେହି ମହାସତୀ ।
ତାହାର ଉପରେ ଏହି ଅସୁର ବଳିଷ୍ଠ
ସମସ୍ତ ଜିଣିଲା ମନ୍ଦ ଏ ପାମର ଦୁଷ୍ଟ ।
ଯହିଁ ଯେତେକ ଅନ୍ୟାୟ କରଇ ଅସୁର
ଭାରିଯାର ତପବଳେ ସବୁ ଯାଏ ପାର ।
ଏହାର ଘରଣୀ ସତୀପଣ କଲେ ନାଶ
ତେବେ ସେ ଯୁଦ୍ଧରେ ଯାଇ ପଡ଼ିବ ରାକ୍ଷସ ।
ତୁମ୍ଭେ ତାହାର ସଙ୍ଗରୁ ନ ଛାଡ଼ ସମର
ଆମ୍ଭେ ଯାଉଅଛୁ ଏବେ ଏହା ନିଜଘର ।
ଉପାୟେ ଭାଙ୍ଗିବା ବୃନ୍ଦାବତୀ ସତୀବ୍ରତ
ତେବେ ଯୁଦ୍ଧରେ ବିନାଶ ହୋଇବ ନିୟତ ।
ଏତେ ବୋଲି ହରଙ୍କୁ ଯେ ନିଜ ଶସ୍ତ୍ର ଦେଇ
ଜଳନ୍ଧର ପୁରେ ବିଜେ କଲେ ଲକ୍ଷ୍ମୀସାଇଁ ।
ଦାନବର ସଙ୍ଗେ ଯୁଦ୍ଧ କରେ ସଦାନନ୍ଦ
ରାତ୍ର ଦିବସରେ ଅନୁକ୍ଷଣେ ମହାଦ୍ୱନ୍ଦ୍ୱ ।
ନାରାୟଣ ଗମିଲେ ଯେ ଜଳନ୍ଧର ପୁରେ
ପ୍ରବେଶ ହୋଇଲେ ଯାଇ ଅସୁର ମନ୍ଦିରେ ।
ପାତାଳ ଭୁବନେ ତାର ନବରତ୍ନ ପୁରୀ
ତହିଁ ଅଛି ବୃନ୍ଦାବତୀ ଜଳନ୍ଧର ନାରୀ ।

Digitized by srujanika@gmail.com

ବରେହା ଋଷିର ସେହି ଅଟଇ ନନ୍ଦିନି
ରୂପଗୁଣ ସୁନ୍ଦରୀ ସେ ଅପୂର୍ବ କାମିନୀ ।
ସତୀ ସାଧବୀ ଯେ ଏହୁ ଅଟେ ସୁଲକ୍ଷଣୀ
ଜଳନ୍ଧର ଦୈତ୍ୟର ଯେ ଅଟଇ ଘରଣୀ ।
ତାହାର ସତ୍ୟବରତ ଭାଙ୍ଗିବାର ପାଇଁ
ବିଷ୍ଣୁ ବିଜେକଲେ ନିଜେ ମାୟାରୂପ ହୋଇ ।
ଜଳନ୍ଧର ଦଇତର ଯେମନ୍ତ ମୂରତି
ନବମୁଖ ନାସା ନେତ୍ର ବଚନ ପ୍ରକୃତି ।
ସେହି ସଦୃଶରେ ହୋଇଗଲେ ଜଗନ୍ନାଥେ
ଶର ଏକଗୋଟା ଧରିଅଛନ୍ତି ଯେ ହାତେ ।
କେଶ ବାସ ଅସମ୍ଭାଳ ମୁଖ ତମ ତମ
ଶ୍ରୀଅଙ୍ଗରୁ ଝାଳ ବହିପଡ଼େ ଗମ ଗମ ।
ଶରୀରୁ ରୁଧିର ପଡୁଅଛି ଛିଦ୍ରହୋଇ
ଚରଣଧୂଳି ପବନବେଗେ ଉଡ଼ିଯାଇ ।
ଅଧର ଶୁଖିଛି ଶ୍ୱାସବାୟୁ ବହେ ଖରେ
ଅସୁର ପୁରେ ମିଳିଲେ ଏସନ ପ୍ରକାରେ ।
ପାଣି ଘେନି ବୃନ୍ଦାବତୀ ଦ୍ୱାରେ ଥିଲେ ବସି
ସ୍ୱାମୀପ୍ରାୟେ ମଣି ପାଦ ପଖାଳେ ସେ ଆସି ।
ଚରଣ ଉଦକ ନେଇ ସିଞ୍ଚିଲାକ ଶିରେ
ଗର୍ଭକୁ କ୍ଷେପି ଅଙ୍ଗୁଷ୍ଠି ଦେଲାକ ଚକ୍ଷୁରେ ।
ସ୍ୱାମୀର ହସ୍ତ ଧରିଣ ସଦନକୁ ନେଲା
ପଲଙ୍କ ଉପରେ ନେଇ ବିଜେ କରାଇଲା ।
ଆପଣା କରେ ଆଲଟ କରି ଶୁଭ୍ରକେଶୀ
ଧୀର ଧୀର କରିଣ ଯେ ବିଞ୍ଚଇ ଆଶ୍ୱାସି ।
କୋମଳ ବଚନେ ତାଙ୍କୁ ପଚାରେ ତରୁଣୀ
କାହା ତୁଲେ ସ୍ୱାମୀ ରଣ କରୁଥିଲ ପୁଣି ।
ବହୁତ ଶ୍ରମ ଅଙ୍ଗରେ ହୋଇଲା ତୁମ୍ଭର
ସ୍ନାନ ସାରିଣ ମଣୋହି ବେଗେ ଯାଇ କର ।
ଶ୍ରୀହରି ବୋଇଲେ ତୁରେ ଶୁଣ ପ୍ରାଣସଖୀ
ମୁହିଁ ହୋଇଅଛି କାମଶରେ ବଡ଼ ଦୁଃଖୀ ।
ଈଶ୍ୱର ଘରଣୀ ଯେ ପାର୍ବତୀ ନାମେ ନାରୀ
ତାହାକୁ ଦେଖିଣ ମୁଁ ଯେ କାମଶରେ ଘାରି ।
ବଳେ ସେହି ଯୁବତୀକୁ ଆଣନ୍ତେଣ ମୁହିଁ
ମୋହର ତୁଲେ ସମର କଲା ତାର ସାଇଁ ।
ଆଠଦିନ ହୋଇଲା ମୁଁ ବହୁ ଯୁଦ୍ଧ କଲି
କେବେ ହେଁ ତାହାକୁ ମୁହିଁ ଜିଣି ନ ପାରିଲି ।
ବୋଇଲା ପାମର ତୁହି ଅଟୁ କିସ ଜାତି
କିସ ନାମ ତୋର କେଉଁକୁଳେ ଉତପତ୍ତି ।
ଶ୍ରମ ପାଇଣ ବିଚାର କଲି ମୋର ମତି
ମୋ ଭାରିଯାଠାରୁ ନୁହେଁ ସୁନ୍ଦରୀ ପାର୍ବତୀ ।
ଏଥକୁ ଯୁଦ୍ଧ କରିବି କିମ୍ପା ଅକାରଣେ
ଏତେ ବୋଲି ବାହୁଡ଼ି ଯେ ଅଇଲି ସଦନେ ।
ତୁ ମୋତେ ସୁରତି ଦିଅ ଆଗୋ ପ୍ରାଣସହି
ମଦନ ଅନଳ ଆଉ ନୁହଇ ଯେ ସହି ।
ସ୍ୱାମୀର ବଚନ ଅଲଘିଂତ କରି ସତୀ
ନିଜ ଅଙ୍ଗ ସମର୍ପିଲା ନାରାୟଣ କତି ।
ବୃନ୍ଦାବତୀ ନାରାୟଣ ଦୁହେଁ ଅଙ୍ଗ ସଙ୍ଗ
ସମରେ ସେ ଜଳନ୍ଧର କଲା ପ୍ରାଣତ୍ୟାଗ ।
ସୁଦର୍ଶନ ଚକ୍ର ପେଶିଦେଲେ ସଦାଶିବ
ବେନି ଖଣ୍ଡ ହୋଇ ଛିଡ଼ିଗଲା ଦୈତ୍ୟଗ୍ରୀବ ।
ବିଶାଳ ଅଙ୍ଗ ତାହାର ମନ୍ଦର ସଦୃଶ
ବିଂଶଯୁଣ ଉଚ୍ଚ ଓସାର ଯେ ଦଶକ୍ରୋଶ ।
ଏଡ଼େ ବଡ଼ ପିଣ୍ଡଗୋଟି ବେନିଖଣ୍ଡ ହୋଇ
ପଡ଼ିଲା ଯେ ନିଶାଚର ଘୋର ରଡ଼ି ଦେଇ ।
ସେ ଶବଦ ଶୁଭିଲା ଯେ ଚଉଦ ଭୁବନ
ସେ ଧ୍ୱନି ଯେ ସମ୍ପାଇଲା ବୃନ୍ଦାବତୀ କର୍ଣ୍ଣ ।
ଶୁଣିଣ ସ୍ୱାମୀର ଘୋର ରଡ଼ି ସେ ଶବଦ
ପଞ୍ଚଭୂତ ଆତ୍ମାରେ ତ ମଣିଲା ତବଦ ।
ବୋଇଲା ସ୍ୱାମୀ ମୋହର କତିରେ ଅଛଇ
ଆବର ଦୂରେ ସ୍ୱାମୀଙ୍କ ଗର୍ଜନ ଶୁଭଇ ।
ଏମନ୍ତ ସେ ବୃନ୍ଦାବତୀ କରନ୍ତେ ବିଚାର
ଅନ୍ତର୍ଯାମୀ ନାଥ ତାହା ଜାଣି ଚକ୍ରଧର ।
ବୋଇଲେ ଦାନବ ପଡ଼ିଲାଣି ତ ସମରେ
ଆଉ କାହିଁପାଇଁ ଥିବି ଅସୁର ମନ୍ଦିରେ ।
ଏତେ ବୋଲି ନିଜରୂପ ଧରି ଦେବରାଜ
ଦେଖିକରି ବୃନ୍ଦାବତୀ ହୋଇଲେ ଆଶ୍ଚର୍ଯ୍ୟ ।
ବିଚାରଇ ଏହୁ ଅଟେ କେବଣ ପୁରୁଷ
ପତିବ୍ରତା ସତୀବ୍ରତ କଲା ମୋର ନାଶ ।
କପଟ ରୂପ ଧରିଣ ଅଇଲା ସେ କାହୁଁ
ନିଶ୍ଚୟ ଜାଣିଲି ନୁହେଁ ମୋର ପ୍ରଭୁ ଏହୁ ।
କହୁ କହୁ ମନେ ହେଲା ଗୁରୁତର କୋପ
ବିମୁଖ ହୋଇ ବିଷ୍ଣୁଙ୍କୁ ଦେଲା ଅଭିଶାପ ।
ମାୟା ପୁରୁଷ କପଟ ରୂପ ତୁ ଧଇଲୁ
ଅଜ୍ଞାନ ରୂପେ ମୋହର ତପ ନାଶକଲୁ ।
ତହିଁକି ଶାପ ମୋହର ଘେନରେ ପାମର
ପାଷାଣ ରୂପକୁ ଧରୁ ଶରୀର ତୋହର ।
ବୃନ୍ଦାବତୀକି ବୋଲନ୍ତି ପ୍ରଭୁ ନାରାୟଣ
ତୁ ଗୋ ମହାସତୀ ଏବେ ମୋ ବଚନ ଶୁଣ ।
ଏହି ତୋହର ପତି ଯେ ଜଳନ୍ଧର ଦୈତ୍ୟ
ସଂସାରରେ ଅପକୀର୍ତ୍ତି ଅର୍ଜିଲା ବହୁତ ।

Digitized by srujanika@gmail.com

ସବୁଙ୍କୁ ଜିଣିଲା ସେହି ରଣରଙ୍ଗ କରି
ତୋହ ତପବଳେ ତାକୁ କେହି ନୁହେଁ ସରି ।
ଏଡ଼େ ବଡ଼ ମନ୍ଦବୁଦ୍ଧି କଲା ତୋର ପତି
ଈଶ୍ୱରଙ୍କ ପତ୍ନୀ ଆଦିମାତା ଯେ ପାର୍ବତୀ ।
ତାଙ୍କୁ ନେବାପାଇଁ ଯୁଦ୍ଧ କଲା ରୁଦ୍ର ତୁଲେ
ଜିଣି ନ ପାରିଣ ହର ମୋତେ ସୁମରିଲେ ।
ମୁହିଁ ଯେ ଜଗତନାଥ ଲୋକ ଚିନ୍ତାମଣି
ମୋହର ଆଶ୍ରେ ତରନ୍ତି ସକଳ ପରାଣୀ ।
ମୁହିଁଟି ଜାଣ ସକଳ ଜନ୍ତୁଙ୍କ ଜୀବନ
ସନ୍ଥଜନ ପ୍ରତିପାଳି ନାଶଇ ଦୁର୍ଜ୍ଜନ ।
ମୁହିଁ ଆଦିକନ୍ଦ ସ୍ଥିତି ଲୟ ଅନ୍ତକାରୀ
ଦନୁଜନାଶନ ମୋର ନାମ ଦଇତ୍ୟାରି ।
ଜଳନ୍ଧର ପୁରୁଷକୁ ନାଶିବା ନିମନ୍ତେ
ତେଣୁକରି ତପ ତୋର ଖଣ୍ଡିଲି ଯୁକତେ ।
ଜଗତର ହିତଅର୍ଥେ ଖଣ୍ଡିଲି ତୋ ତପ
ତୁହି କିମ୍ପା ତହିଁକି ଗୋ ଦେଲୁ ମୋତେ ଶାପ ।
ତୋହର ଶାପରେ ମୁହିଁ ହୋଇବି ପଥର
ମୋହର ବଚନେ ତୁହି ହୋଇବୁ ସ୍ଥାବର ।
ବିଷ୍ଣୁ ବାକ୍ୟରେ ଆତଙ୍କ ହେଲା ମହାସତୀ
ଆବର ଜାଣିଣ ନାଶଗଲା ମୋର ପତି ।
ବହୁତ ଆକୁଳମନା ହୋଇଲା ସୁନ୍ଦରୀ
କରପତ୍ର ଯୋଡ଼ି ବିଷ୍ଣୁଠାରେ ଭକ୍ତି କରି ।
ବୋଲେ ପରମ ପୁରୁଷ ଆହେ ନାରାୟଣ
ଗୁଣଗ୍ରାହୀ ନାଥ ଆହେ ଭକ୍ତ ନିସ୍ତାରଣ ।
ଜଗତ ଜୀବନ ଜଗତର ହିତକାରୀ
ଚତୁର୍ଦ୍ଦଶ ଭୁବନରେ ତୁହି ଅନ୍ତକାରୀ ।
ତୁହି ଦେବ ବ୍ରହ୍ମରାଶି ଗରୁଡ଼ ଆସନ
ଶଙ୍ଖ ଚକ୍ର ଗଦାଧର ଶ୍ରୀବତ୍ସ ଲାଞ୍ଛନ ।
କରୁଣା ସାଗର ତୁହି ଉତ୍ତମ ପୁରୁଷ
ମୁହି ଛାର ନିଲକ୍ଷଣୀ ନ ଘେନ ମୋ ଦୋଷ ।
କିସ ମୋର ବୁଦ୍ଧି ମୁହିଁ ପାମର ଅସୁରୀ
ତୁ ସ୍ୱାମୀ ଅଚ୍ୟୁତ ଦୟାନିଧି ଦଇତାରୀ ।
ମୁହି ଯେଣୁ ଶାପ ତୋତେ ଦେଲଇ ନ ଜାଣି
ମୋର ଏହି ଦୋଷ କ୍ଷମା କର ଚକ୍ରପାଣି ।
ଅଦୋଷରେ ଶାପ ମୋତେ ଦେଲୁ କିମ୍ପା ସ୍ୱାମୀ
ତହିଁର କାରଣ ମୋତେ କହ ଅନ୍ତର୍ଯ୍ୟାମୀ ।
ଅକାରଣେ ମୋର ଘୋର ତପ ଭଗ୍ନ କଲୁ
କପଟରୂପେ ମୋହର ସ୍ୱାମୀ ମରାଇଲୁ ।
ପୁଣିହିଁ ନ ବିଚାରି ଯେ ଶାପଦେଲୁ ମୋତେ
ସ୍ଥାବର ହୁଅ ବୋଲିଣ ବୋଇଲୁ ଯୁକତେ ।
ସ୍ଥାବର ରୂପେ ପାଇବି ମୁହିଁ ବଡ଼ କଷ୍ଟ
କେବଣ ପାପରେ ମୋର କର୍ମ ହେଲା ନଷ୍ଟ ।
ସ୍ତିରୀଜନଙ୍କ ମଧ୍ୟରେ ହେଲି ଦୋଚାରୁଣୀ
ଏତେ କଷ୍ଟ କିମ୍ପା ମୋତେ ଦେଲୁ ଚକ୍ରପାଣି ।
ମୁହିଁ ଯେଣୁ ଅନାଥିନୀ ନିର୍ମାକ୍ଷୀ ଯୁବତୀ
ଭାବଗ୍ରାହୀ ନାଥ ମୋତେ କରିବାକ ଗତି ।
ବୃନ୍ଦାବତୀର ବିନୟ ଭକ୍ତିବାଣୀ ଶୁଣି
ବିନୟ ବାକ୍ୟ କହନ୍ତି ପ୍ରଭୁ ଚକ୍ରପାଣି ।
ତୁ ଗୋ ବୃନ୍ଦାବତୀ ମନେ ଭୟ ନ କରସି
ପରମା ସାଧବୀ ତୁହି ଅଟୁ ଶୁଭ୍ରକେଶୀ ।
ଆମ୍ଭର ନିମନ୍ତେ ତୁହି ହୋଇବୁ ସ୍ଥାବର
କିଛି ଅପରାଧ କେବେ ନାହିଁ ନା ତୁମ୍ଭର ।
ତୋର ଶାପରେ ଯେ ଆମ୍ଭେ ହେବୁ ବ୍ରହ୍ମଶିଳ
ତୁହି ଆମ୍ଭର କଣ୍ଠରେ ହୋଇଥିବୁ ମାଳ ।
ଶିରର ଉପରେ ନିତି ବହୁଥିବୁ ତୋତେ
ଏ ମୋହର ସତ୍ୟବ୍ରତ ଅଟଇ ଯୁକତେ ।
ଆମ୍ଭର ତୁଲେ ତୁ ତୁଲ ହେଲୁ ଶୁଭ୍ରକେଶୀ
ଆଜହୁଁ ନାମ ତୋହର ବୋଲାଉ ତୁଳସୀ ।
ତୁଳସୀ ବଲ୍ଲଭ ବୋଲି ବୋଲିବେ ଯେ ମୋତେ
ତୋତେ ସେବାକରି ସର୍ବେ ତରିବେ ଜଗତେ ।
ଯେବଣ ଜନ ତୋଠାରେ କରିବ ଭକତି
ଲଭିବ ଯେ କୋଟି ବିଷ୍ଣୁ ସେବା ଫଳଶ୍ରୁତି ।
ନାନା ପାତକ ତାହାର ହୋଇବ ଦହନ
ମରନ୍ତେ ବିଷ୍ଣୁଙ୍କ ପୁର ଲଭିବ ସେ ଜନ ।
ଜଗତେ ପ୍ରସିଦ୍ଧ ତୁହି ହେବୁ ମହାସତୀ
ସବୁକାଳେ ହୋଇବୁ ତୁ ଆମ୍ଭ ପ୍ରିୟବତୀ ।
ପ୍ରାଣର ବଲ୍ଲଭୀ ତୁହି ଶିରେ ଶିର ଭୂଷା
ବୃକ୍ଷଙ୍କରେ ପବିତ୍ର ତୁ ଉତ୍ତମା ତୁଳସା ।
ଏତେ ବୋଲି ତୁଳସୀକୁ ଧରି ହୃଦଗତେ
ସ୍ମରଣ କଲେ ବିନତା ନନ୍ଦନଙ୍କୁ ଚିତ୍ତେ ।
ତକ୍ଷଣେ ଆସି ମିଳିଲା ତହୁଁ ଖଗେଶ୍ୱର
ଶଙ୍ଖଚକ୍ର ସହିତରେ ଶାର୍ଙ୍ଗ ଗଦାଧର ।
ଆୟୁଧମାନଙ୍କୁ ହରି ଘେନି ଚାରିଭୁଜେ
ତୁଳସୀକୁ ଘେନି ପକ୍ଷୀ ପୃଷ୍ଠେ କଲେ ବିଜେ ।
ବଇକୁଣ୍ଠ ପୁରେ ଯାଇ ହୋଇଲେ ପ୍ରବେଶ
ଏଥୁ ଅନନ୍ତରେ ଶୁଣ ଅତି ଦିବ୍ୟରସ ।
ଜଳନ୍ଧର ଦୈତ୍ୟକୁ ଯେ ନାଶି ମହଦେବ
କୈଳାସ କନ୍ଦରେ ପଡ଼ିଅଛି ତାର ଶବ ।
ଚରଣେ ପିଣ୍ଡ ତାହାର ଶିବ ଦେଲେ ଫିଙ୍ଗି
ଗଗନ ମାର୍ଗେଣ ଉଡ଼ିଗଲା ଅତିବେଗି ।

Digitized by srujanika@gmail.com

ଏମନ୍ତ କାଳେ ଉଦୟ ପର୍ବତ ବନରେ
ମୃଗଇନ୍ଦ୍ର ନାମେ ଥିଲା ଏକ ଗିରିବରେ ।
ଦ୍ୱାଦଶ ବନ ମଧ୍ୟରେ ଅଟଇ ସେ ରାଜା
ସକଳ ଜୀବଜନ୍ତୁଏ କରନ୍ତି ତା ପୂଜା ।
କାମଦକ୍ଷ ରାଜା ନିମନ୍ତ୍ରଣ କଲେ ତାକୁ
ଥାଟ ସଜ କରିଣ ସେ ଆଣିଲା ଯାଗକୁ ।
ସଙ୍ଗତରେ ବନଜନ୍ତୁ ଅଛନ୍ତି ଅପାର
ମୃଗ ଶୂକର ଶ୍ୱାନ ଯେ ବଳିଆ ବାନର ।
ଗଣ୍ଡା ଗୟଳ ମହିଷି ଅରି ମତ୍ତଗଜ
ଶଶା ସମ୍ବର ଶୃଗାଳ ଆଦି ହେଲେ ସଜ ।
ସିଂହ ଶାର୍ଦ୍ଦୁଳ ଆବର ଯୁଆଦ ଜମ୍ବୁକ
ସାଳେହା କସ୍ତୁରୀ ଉଧ ନ ଘୋଷ ଯେ କୋକ ।
ବ୍ୟାଘ୍ର ଭଲ୍ଲୁକ ଖୁରୁଙ୍ଗ ଜୀବ ଆଦିକରି
ସଙ୍ଗରେ ସମ୍ଭାର ଘେନି ଚଳେ ଦଣ୍ଡଧାରୀ ।
ଗିରିବର ମାଡ଼ି ଥାଟ ଚଳିଯାଏ ଯାଗେ
ଯାନ୍ତେଣ ମିଳିଲା ସେହି କଇଳାସ ଆଗେ ।
ଏ ସମୟେ ଜଳନ୍ଧର ଦୈତ୍ୟ ଶବ ଉଡ଼ି
ମୃଗଯୂଥର ଉପରେ ପଡ଼ିଲାକ ମାଡ଼ି ।
ଗିରିବର ଜାଣି ପଡ଼ିଲା ସେ ମୃତଶବ
ପ୍ରାଣତ୍ୟାଗ ହେଲାବେଳେ ଥୋକାଏକ ଜୀବ ।
ସଙ୍ଗରେ ସୈନ୍ୟ ଯେତେକ ବନଜୀବ ଥିଲେ
ଅକାଳ ମୃତ୍ୟୁ କେତେକ ପଥରେ ଲଭିଲେ ।
କୈଳାସ ସଙ୍ଗେ ସରଳି ନଦୀ ପୂର୍ବତଟେ
ଲଭିଲେ ଅନେକ ବନଜନ୍ତୁ ମୃତ୍ୟୁ ବାଟେ ।
କାଳ ବିକାଳ ବେନି ଯେ କଲେ ତାହା ଠାବ
ସାଇତି ନେଇଣ ଥୋଇଲେକ ମୃତଶବ ।
ଅତି ଯତ୍ନେ ରଖିଥିଲେ ସାଇତି ତା ତହୁଁ
ନିତ୍ୟ ଭୋଜନ ଦିଅନ୍ତି ଅସୁରଙ୍କୁ ତହୁଁ ।
ମାଂସ ସଙ୍ଗତରେ ଆଣି ମଦିରା ଦିଅନ୍ତି
ତୋଷ ହୋଇଣ ଅସୁର ମଦମାଂସ ଖାନ୍ତି ।
ମତୁଆଳ ହୋଇଣ ଯେ ସକଳ ଅସୁର
ଦକ୍ଷ ବ୍ରହ୍ମାର ଆଜ୍ଞାରେ ରଖନ୍ତି ଯେ ଦ୍ୱାର ।
ବୃନ୍ଦାବତୀ ସତୀପଣ ବିଷ୍ଣୁ କରି ନାଶ
ମହାଦେବ କହେ କଲେ ଦୈତ୍ୟ ସେ ବିନାଶ ।

–x–

ଦକ୍ଷ ଯଜ୍ଞ

ବଦୟନ୍ତି ମାରକଣ୍ଡ ଶୁଣ ନରପତି
ଏମନ୍ତ ପ୍ରକାରେ ମାଂସ ଅସୁରେ ଖାଆନ୍ତି ।
ଏଥୁ ଅନନ୍ତରେ ନୃପ ମନଦେଇ ଶୁଣ
ଦକ୍ଷବ୍ରହ୍ମା ଯାଗକଥା ପବିତ୍ର ପୁରାଣ ।
ପଢ଼ନ୍ତେ ଶୁଣନ୍ତେ ଜନେ ଦିବ୍ୟଗତି ପାଇ
ଭବଭୟ ତାପମାନ ଶରୀରୁ ତୁଟଇ ।
ଦକ୍ଷ ପ୍ରଜାପତି ଅଟେ ପ୍ରତ୍ୟକ୍ଷ ବିଧାତା
ସଂକ୍ଷେପି କହିବ କେହୁ ତାଙ୍କ ଯଜ୍ଞ କଥା ।
ଅନେକ ସମ୍ପଦ ଅକଥନୀୟ ସମ୍ଭାର
ଅସଙ୍ଖୋଳା ଲୋକ କେତେ ନଯାଇ ଗୋଚର
ଭୂରିଭୋଜନ ଅନେକ ଦିନଯାଏ ଦେଲା
ମକର ମାସରେ ଜାଣ ଉଦଯୋଗ କଲା ।
ଶୁକ୍ଳ ଚତୁର୍ଥୀ ମାଘ ମାସ ଗୁରୁବାରେ
ପୂର୍ବ ଭାଦ୍ରବ ନକ୍ଷତ୍ର ଅଟେ ସେ ଦିନରେ ।
ଷାଠିଏ ଦଣ୍ଡ ସେଦିନ ମୀନଚନ୍ଦ୍ର ଭୋଗ
ବିଷ୍ଟି ନାମରେ କରଣ ପରୀକ୍ଷ ଯେ ଯୋଗ ।
ସେ ଦିନ ରବି କାଳକୁ ଭୋଗ ଅର୍ଦ୍ଧ ଅଂଶ
ମକର ସଂକ୍ରାନ୍ତିକୁ ସେ ଚଉଦ ଦିବସ ।
ପ୍ରଜାପତିଙ୍କର ଯେଣୁ ହସ୍ତା କନ୍ୟା ରାଶି
ସେ ଦିନର ସପତାଙ୍ଗ ଅଟେ ତାଙ୍କ ଶଶୀ ।
ପଞ୍ଚମରେ ରବି କୁଜ ବଧୁ ବସିଛନ୍ତି
ନିଧନରେ ଶନି ପଞ୍ଚମରେ ବୃହସ୍ପତି ।
ଏମନ୍ତରେ ଗ୍ରହମାନେ ସପତାଙ୍ଗ ଯୋଗ
ସେ ଦିନ ସେ ଦକ୍ଷବ୍ରହ୍ମା ଯାଗ ଉଦଯୋଗ ।
ପ୍ରଭାତରୁ ଉଠି ନିତ୍ୟକର୍ମମାନ ସାରି
ଯଜ୍ଞସ୍ଥାନେ ମିଳିଣ ମଙ୍ଗଳ ବିଧି କରି ।
ଚନ୍ଦ୍ରକାନ୍ତି ବୋଲିକରି ଦକ୍ଷର ଘରଣୀ
ମଙ୍ଗଳ ବେଶ ହୋଇଲା ସେହି ଯେ ତରୁଣୀ ।
ପତି ପତ୍ନୀ ବସିଲେକ ସୁବର୍ଣ୍ଣ ଆସନେ
ଯାଗକୁ ପୁଣି ଆରମ୍ଭ କଲେ ବେନିଜନେ ।
ବିଦ୍ୱଜନମାନେ ଆସି ସଂକଳ୍ପ କରନ୍ତି
ସୁଲକ୍ଷଣୀ ନାରୀ ମିଳି ହୁଳହୁଳି ଦ୍ୟନ୍ତି ।
ମଙ୍ଗଳ ମହୁରୀ ବାଦ୍ୟ ଶୁଭେ ଶଙ୍ଖଧ୍ୱନି
ମଙ୍ଗଳ ଉତ୍ସବ ତହିଁ କଲେ ଅତ୍ରି ମୁନି ।
ବ୍ୟାସମୁନି ସଙ୍କଳପ କରାନ୍ତି ଆପଣେ
ଏଥୁ ଅନନ୍ତରେ କଥା ଶୁଣିବ ରାଜନେ ।
ବ୍ରହ୍ମା ସହିତ ସକଳ ସୁର ନାଗଗଣ
ଯାଗଶାଳାରେ ଯେ କରୁଛନ୍ତି ବିଚରଣ ।
ଯେଉଁ ଲୋକମାନେ ଛନ୍ତି ଚରାଚରେ ପଶି
ଏମନ୍ତ ବେଳରେ ଉଦ୍ଧାଳକ ମହାଋଷି ।
ଅଗସ୍ତି ଋଷିଙ୍କୁ ତହିଁ ପୁଛିଲେ ସଭାରେ
ବୋଇଲେ କଥାଏ ପୁଣି କହିବା ଛାମୁରେ ।

Digitized by srujanika@gmail.com

ମହାଯଜ୍ଞ କରୁଛନ୍ତି ଦକ୍ଷ ପ୍ରଜାପତି
କେତେବେଳେ ସମର୍ପଣ କରିବା ଆହୁତି ।
ବସିଅଛ ଏଥେ ତୁମ୍ଭେ ସର୍ବ ମହାମୁନି
ଭଲ ଯୋଗବେଳ ଏକ ବାଛିଥାଅ ଘେନି ।
ଅଗସ୍ତି ବୋଇଲେ ଶୁଣ ଆହେ ମୁନିବର
ଯୋଗ ଘେନିବାକୁ ଶକ୍ତି ଅଛଇ କାହାର ।
ଯୋଗବୋଲି ବୋଇଲଟି ତୁମ୍ଭେ ଯେଉଁବାଣୀ
ସେ ଯୋଗର ମହିମା ଯେ ଶୁଣ ପରିମାଣି ।
ଯେବଣ ବେଳେ ଏ ସୃଷ୍ଟି ହୋଇଲା ଅନ୍ତର
ଯୋଗ ସ୍ୱରୂପଟି ହୋଇଲେକ ନିରାକାର ।
ସେହି ଯୋଗ ପୁରୁଷଟି ଅବ୍ୟୟ ଅଚ୍ୟୁତ
ଯୋଗିନୀ ସ୍ୱରୂପେ ତହୁଁ ରୂପେ ହୁଏ ଜାତ ।
ଯୋଗିନୀର ତହୁଁ ବ୍ରହ୍ମା ହୋଇଲେ ଉଦିତ
ବ୍ରହ୍ମାଙ୍କଠାରୁ ବେଦ ଯେ ହୋଇଲେ ସମ୍ଭୁତ ।
ଯେ ବେଦରୁ ଉପୁଜିଲେ ଦକ୍ଷ ପ୍ରଜାପତି
ସଚରାଚର ବ୍ରହ୍ମାଣ୍ଡ କଲେକ ଉତ୍ପତ୍ତି ।
ମହାଯଜ୍ଞକୁ ଏବେ ସେ କରନ୍ତି ବିଚାର
ତାହାପାଇଁ କିମ୍ପା ଖୋଜା ଲଗ୍ନ ତିଥି ବାର ।
ଯୋଗକଥା କାହାର ଯେ ନୁହଇ ଆୟତ୍ତ
ଯୋଗ ଅଧିକାରୀ ଏକା ବୃଦ୍ଧା ଆଦିମାତ ।
ତାହାଙ୍କ ବିନୁ ଯୋଗ ଯେ ନ ଜାଣନ୍ତି କେହି
ବେଦରେ ଯେ ଆତଯାତ ହେଉଥାଇ ମହୀ ।
ବେଦବଚନ ଯେବେ ଏ ଯୋଗକୁ ଖଟନ୍ତା
ସଂସାରର ଆତଯାତ କିମ୍ପାଇଁ ନୁହନ୍ତା ।
ଏବେ ଯେଉଁ ଦକ୍ଷବ୍ରହ୍ମା କରୁଛନ୍ତି ଯଜ୍ଞ
ଅନ୍ତେଣ ଜାଣିବା ତାହା କରିବା ନା ଯୋଗ ।
ଅଗସ୍ତିଙ୍କ ବଚନରେ ମୌନ ଉଦ୍ଧାକଲ
ଏଥୁଅନନ୍ତରେ ଶୁଣିବାକ ଅନ୍ୟବାକ୍ୟ ।
ଦକ୍ଷପ୍ରଜାପତି ସଂକଳପ ବାକ୍ୟ କରି
ପତି ପତ୍ନୀ ବେନି ବସି ଦିବ୍ୟ ବେଶ ଧରି ।
ମହାଯଜ୍ଞ ସ୍ଥାନେ ଯାଇ ହୋଇଲେ ପ୍ରବେଶ
ଉତ୍ତରୀ ପଇତା ଶୁକ୍ଳ ପରିଧାନ ବାସ ।
ବିବିଧ ବେଶରେ ତହୁଁ କୁଶହନ୍ତ ହୋଇ
ପ୍ରବେଶ ହୋଇଲେ ଯାଗକୁଣ୍ଡଠାରେ ଯାଇଁ ।
ବ୍ରହ୍ମାଙ୍କ ଆଦି କରିଣ ଋଷି ବିପ୍ରଗଣ
ଯଜ୍ଞଶାଳେ ରହି କରୁଛନ୍ତି ବିଚରଣ ।
ମହାସଭା ଦେଖିକରି ଦକ୍ଷ ପ୍ରଜାପତି
ବେନିକର ଯୋଡ଼ିକରି ବଚନ କହନ୍ତି ।
ବୋଇଲେ ହେ ସାବଧାନେ ଶୁଣ ବ୍ରହ୍ମଯତି
ଏକେ ଏକେ ତୁମ୍ଭେ ଅଟ ସର୍ବ ପୂର୍ଣ୍ଣମୂର୍ତ୍ତି ।
ବିଧାତା ସହିତ ତୁମ୍ଭେ ଯେତେ ମହାଋଷି
ମହାଯଜ୍ଞ ସଭାରେ ତ ଅଛ ତୁମ୍ଭେ ବସି ।
ତୁମ୍ଭେ ହେ ସମସ୍ତେ ମୋର ପିତାମହ ସମ
ପ୍ରସନ୍ନ ହୋଇଣ ମୋର ଭକତି ଘେନିମ ।
ବିବେକୀ ଜନ ତୁମ୍ଭେ ଯେ ପଣ୍ଡିତ ସୁବୁଦ୍ଧି
ତୁମ୍ଭେ ଯେ ଭିଆଇଅଛ ସଂସାର ତ୍ରିବିଧି ।
ଯୋଗ ବେଦାଙ୍ଗ ପୁରାଣ ଶାସ୍ତ୍ରରେ ଯେ କଥା
ବିବେକ ଯେ ଉପଦେଶ ଶୋଳକ ସଂହିତା ।
ତୁମ୍ଭର ଭିଆଣ ସବୁ ଜଗତ କୀରତି
ମୁନିଙ୍କ ବାକ୍ୟ ଅର୍ଥରେ ଚଳଇ ଧରିତ୍ରୀ ।
ତୁମ୍ଭ ଯତ୍ନ ସତ ବୁଦ୍ଧି ବିବେକକୁ ଘେନି
ଅଶେଷ ମହାଭାରକୁ ବହଇ ମେଦିନୀ ।
ସଂସାର ପାଳନ୍ତି ତୁମ୍ଭ ତପେ ଦେବଲୋକେ
ତୁମ୍ଭେ ଯେ ମହାପୁରୁଷ ଅଟ ତିନି ଲୋକେ ।
ନିର୍ମାୟା ଲୋକ ତୁମ୍ଭେ ଯେ ବିବେକୀ ପଣ୍ଡିତ
ଧର୍ମଭାଗରେ ଲକ୍ଷଣ ଜାଣ ଅଗ୍ରଗତ ।
ବିଷ୍ଣୁଙ୍କର ମହିମା ଯେ ଅଗାଧ ପୟୋଧି
ତହିଁରେ ଗମିବା ପାଇଁ ତୁମ୍ଭ ବିଦ୍ୟାବୁଦ୍ଧି ।
କବି ହୋଇଣ ବିଖ୍ୟାତ କର ହରି ଧ୍ୱନି
ତେଣୁ କାରଣ ଲଭନ୍ତି ଜୀବ ଚାରିଖାନି ।
ଏ ଦେହ ଘେନିଣ ତୁମ୍ଭେ ସର୍ବକାଳେ ଥାଅ
ପ୍ରଳୟ କାଳରେ ବିଷ୍ଣୁ ଗର୍ଭରେ ସମ୍ପାଅ ।
ପୁଣି ଯେବେ ଉତପତ୍ତି ହୁଅଇ ମେଦିନୀ
ତୁମ୍ଭେ ଜାତ ହୁଅ ମେଦିନୀରେ ତନୁ ଘେନି ।
ଭବିଷ୍ୟତ ପୁରାଣରୁ ଗତାଗତ ଘେନି
ଅନେକ ପରକାରେ ଯେ ଭିଆଅ ମେଦିନୀ ।
ଅନେକ ଦୁଃଖ ପଡ଼ିଣ ତପମାନ କର
ଦେବଙ୍କୁ ତୋଷ କରିଣ ସଂସାର ଉଦ୍ଧାର ।
ସକଳ ଜୀବଙ୍କୁ ତୁମ୍ଭେ କର ହେ କାରଣ
ତୁମ୍ଭର ମହିମା କେହି ନ ଜାଣନ୍ତି ଆନ ।
ତୁମ୍ଭର ପ୍ରସାଦେ ମୁହିଁ ଯଜ୍ଞ ସମ୍ପାଦିଲି
ପାଦଶ୍ରମ କରାଇ ତୁମ୍ଭଙ୍କୁ ଅଣାଇଲି ।
ବ୍ରହ୍ମଋଷି ତୁମ୍ଭେମାନେ ଅଟ ସର୍ବଜନ
ତୁମ୍ଭ ସେବା କରିବାକୁ ନୁହେଁ ମୁଁ ଭାଜନ ।
ଯେବଣ ଯଜ୍ଞ ସମ୍ଭାର କରିଅଛି ମୁହିଁ
ମୁଁ କିସ ଭାଜନ ସବୁ ତୁମ୍ଭର ବଡ଼ାଇ ।
କିଞ୍ଚିତେ ଭକତି ଯେବେ ଘେନଟି ମୋହର
ଘୃତ ଦେଇ ତୋଷ ତେବେ ଦେବ ବୈଶ୍ୱାନର
ଏ ବଚନ ଶୁଣିକରି ସର୍ବ ବ୍ରହ୍ମଯତି
ଦକ୍ଷ ବ୍ରହ୍ମାଙ୍କୁ ବହୁତ ପ୍ରଶଂସା କରନ୍ତି ।

Digitized by srujanika@gmail.com

ବୋଲନ୍ତି ହେ ସାବଧାନେ ଶୁଣ ପ୍ରଜାପତି
ଅଗୋଚର କଥା ଏହି ତୁମ୍ଭ ପୁଣ୍ୟ କୀର୍ତ୍ତି ।
ତାହାର ବଳେ ହୁଅଇ ଏଡ଼େ ଯଜ୍ଞ କରି
ତୁମ୍ଭେ ଯେ ପ୍ରତ୍ୟକ୍ଷ ପିତାମହ ସମସରି ।
ତେଣୁ ସେ ଜାଗାକୁ ହୋଇଅଛୁ ଅବଧାନ
ଆମ୍ଭେ ଦେଖିଣ ନିସ୍ତାର ହେଲୁ ସର୍ବଜନ ।
ଏହି ତୁମ୍ଭର କୀରତି ଯୁଗେ ଯୁଗେ ଥାଉ
ବେଦଶାସ୍ତ୍ର ପୁରାଣରେ ଉପଗତ ହେଉ ।
ଏ ତୋର ମହିମା ଯେହୁ ଶୁଣିବେ ଶ୍ରବଣେ
ଲଭିବେ ସେ ବିଷ୍ଣୁଗ୍ରାମ ନ ଯିବେ ଦକ୍ଷିଣେ ।
ନ ଜାଣି ନିନ୍ଦା କରିବ ଯେହୁ ମୂର୍ଖପଣେ
ନରକେ ବାସ ଦିଅନ୍ତି ତାକୁ ଜନ୍ତୁରାଣେ ।
ଏ କଥା ଧ୍ରୁବ ବୋଇଲେ ଯହୁଁ ଧ୍ରୁବଯତି
ତଥାସ୍ତୁ ବୋଲି ବୋଇଲେ ତହୁଁ ବେଦପତି ।
ପ୍ରଜାପତିଙ୍କୁ ବୋଇଲେ ବସ ମୋର କତି
ଯଜ୍ଞ କୁଣ୍ଡରେ ପ୍ରଦାନ କରେ ଯେ ଆହୁତି ।
ଆଜ୍ଞାପାଇ ଦକ୍ଷବ୍ରହ୍ମା ବସିଲେ ସଭାରେ
ମୃଗଛାଲ ପାରିକରି ବ୍ରହ୍ମାଙ୍କ କତିରେ ।
ଏମନ୍ତ ସମୟେ ଜାଣ ବୃହସ୍ପତି ଆସି
ସପତାଙ୍ଗ ପାଞ୍ଜିଧରି କହିଲେ ବିଶେଷି ।
ବୋଇଲେକ ସାବଧାନେ ଶୁଣ ବ୍ରହ୍ମଯତି
ଆଜ ଗୁରୁବାରେ ପୁଣି ଚଉଠୀର ତିଥି ।
ତେର ଦଣ୍ଡରେ ଅନ୍ତରେ ପଞ୍ଚମୀ ପ୍ରବେଶ
ଉତ୍ତର ଭାଦ୍ର ନକ୍ଷତ୍ର ଅଛି ଶଶୀ ପାଶ ।
ମୀନ ନାମେ ଚନ୍ଦ୍ର ଯେ ପରିଘ ନାମେ ଯୋଗ
ବିଷ୍ଟି ନାମେ କରଣକୁ ତ୍ରୀଂଶଦଣ୍ଡ ଭୋଗ ।
ବିଷ୍ଟି ଅବଶେଷରେ ଅମୃତ ଲଗ୍ନବେଳ
ଯାଗକୁଣ୍ଡେ ନେଇ ବିଜେ କରାଅ ଅନଳ ।
ବୃହସ୍ପତି ବୋଇଲେ ଯା ଶୁଣ ଋଷିମାନେ
ବିଚାରେ ଯୋଗାଇଲାକ ସଭିଙ୍କର ମନେ ।
ନବ ଅନଳ ସଂଜାତ ପୁଣି କରାଇଲେ
ଯଜ୍ଞକୁଣ୍ଡର ଭିତରେ ନେଇଣ ଥୋଇଲେ ।
ଅଗୁରୁ ଚନ୍ଦନ ଦେଇ ଢାଳିଲେକ ଘୃତ
ମନ୍ତ୍ର ମନେ ଉଚ୍ଚାରଣ କଲେ ତପୋବନ୍ତ ।
ଶ୍ରୁବକାଠ ମୂଳ ଧରି ଧାତା ନିଜ କରେ
ଘୃତ ନିଉଡ଼ନ୍ତି ନେଇ ଅନଳ ଉପରେ ।
ପବିତ୍ର କାଠମାନ ଯେ ଚନ୍ଦନ ଗମ୍ଭାରୀ
ଋଷିଗଣ ବେଢ଼ି ଲଦିଦ୍ୟନ୍ତି ସଞ୍ଚାକରି ।
ବେଳକୁ ବେଳ ଅନଳ ଘୃତଭାବ ଘେନି
ବିକାଶମାନ ହୋଇ ଯେ ଉଠିଲା ବହନି ।

ପ୍ରଖର ହୋଇ ଉଠିଲା ଖରତର ଜ୍ୟୋତି
ପ୍ରଚଣ୍ଡ ଅନଳ ତେଜ ନିଦାଘର ଜ୍ୟୋତି ।
ଉର୍ଦ୍ଧ୍ୱ ହୋଇଣ ଟେକିଲା ଅଗ୍ନି ମହାଶିଖା
ସେହି ବ୍ରହ୍ମ ଅନଳରୁ ମୂର୍ତ୍ତି ପଞ୍ଚଶିଖା ।
ଲୋହିତ ପିଙ୍ଗଳ ନୀଳ ହରିତ ବସନ୍ତ
ଏମନ୍ତ ଯେ ପଞ୍ଚମୂର୍ତ୍ତି ହୁଏ ପ୍ରଜ୍ୱଳିତ ।
ଅନଳର ତେଜରାଶି ଦେଖିଣ ବିଧାତ
ମନ୍ତ୍ର ପଢ଼ିଣ ବହତୁ ସମର୍ପନ୍ତି ଘୃତ ।
ପ୍ରଥମରେ ବିଷ୍ଣୁ ନାମ କଲେକ ବନ୍ଦନ
ସର୍ବ ମହାଋଷି କଲେ ହୃଦରେ ଭଜନ ।
ବିଧାତା ପଢ଼ନ୍ତି ବିଷ୍ଣୁଙ୍କର ସ୍ତୁତିବାଣୀ
ଜୟ ଜୟ ଜଗନ୍ନାଥ ସର୍ବ ଚିନ୍ତାମଣି ।
କରୁଣା ସାଗର ତୁହି ସର୍ବ ଗୁଣନିଧି
ପରମ ଆନନ୍ଦ ସ୍ୱାମୀ ମହିମା ପ୍ରୟୋଧି ।
ଜଗତଜନ ସୋଦର ଜନ୍ତୁଙ୍କ ଜୀବନ
ତୋ ସଞ୍ଚିତ ଚତୁର୍ଦ୍ଦଶପୁରେ ଚାରିବର୍ଣ୍ଣ ।
ଦଇତ ନାଶନେ ତୋର ନାମ ଦଇତ୍ୟାରି
ମନସିଜ ପିତା ତୁହି ମୁକୁନ୍ଦ ମୁରାରି ।
ଶାରଦାର ପ୍ରତି ତୁହି ତୁଳସୀ ବଲ୍ଲଭ
ଲକ୍ଷ୍ମୀ ପ୍ରାଣପତି ତୋର ନାମ ପଦ୍ମନାଭ ।
ପୁରୁଷୋତ୍ତମ ଗୋବିନ୍ଦ ପନ୍ନଗ ଆସନ
ଶଙ୍ଖ ଚକ୍ର ପଦ୍ମଧାରୀ ଗରୁଡ଼ ବାହନ ।
ମାଧବ ମଧୁ ବଇରୀ ଜୟ ହୃଷିକେଶ
ଶୂନ୍ୟେ ଠୁଳ ଦୁଇରେ ତୁ ଅଟୁ ପରକାଶ ।
ନିର୍ଗୁଣ ପୁରୁଷ ତୁହି ପୁଣ ଦେହବନ୍ତ
ପ୍ରାଣୀ ପଞ୍ଚଭୂତ ଆତ୍ମା ପୁରୁଷ ଅନନ୍ତ ।
ଜୟ ତୁହି ବିଶ୍ୱନାଥ ବିଷ୍ଣୁ କୂଟ ବୁଦ୍ଧି
ମାୟାଧର ପୁରୁଷ ତୁ ସଞ୍ଚିତ ତ୍ରିବିଧି ।
ଶରଣ ତାରଣ ନାଥ ସର୍ବ ଅନ୍ତର୍ଯାମୀ ।
ଭୂତ ଭ୍ରାନ୍ତି ନାଶକୁ ତୁ ତ୍ରିଦଶଙ୍କ ସ୍ୱାମୀ ।
ଅନନ୍ତ ରୂପଧାରୀ ତୁ କୌତୁକ ତୋ ଲୀଳା ।
ଭବଭୟ ବିନାଶକୁ ନାମ ତୋର ଭେଳା ।
ଅଗତି ନିସ୍ତାରିଣ ତୁ ଜଗଜ୍ଜନ ବନ୍ଧୁ
ଦେବଙ୍କର ଦେବ ଦୀନବନ୍ଧୁ କୃପାସିନ୍ଧୁ ।
ସର୍ବତ୍ର ତୈଲୋକ ନାଥ ବଇକୁଣ୍ଠବାସୀ
ଦେବାଙ୍ଗ ବ୍ରହ୍ମଜ୍ଞାନତୁ ପରଂବ୍ରହ୍ମ ରାଶି ।
ଶ୍ରୀହରି ବାସୁଦେବ ତୁ ବ୍ରହ୍ମ ବନଚାରୀ
ଜୟ ଜୟ ଦାମୋଦର ନରକ ନିସ୍ତାରି ।
ଆତଙ୍କ ନାଶନ ତୁ ନାଥର ବଜ୍ରସେହ୍ନା
ଅତ୍ରାହିତତ୍ରାହି ଗର୍ବଗଞ୍ଜନ ତୋ ବାନା ।

Digitized by srujanika@gmail.com

ଦକ୍ଷ ପ୍ରଜାପତି ଯେଉଁ ମହାଯଜ୍ଞ କଲେ
ସକଳ ସିଦ୍ଧି ହୋଇବ ତୁମ୍ଭେ ବିଜେ କଲେ ।
ଋଷିଗଣଙ୍କ ଭକତି ଘେନିବାକ ହରି
ଏ ପୁଣ୍ୟ ସ୍ଥାନକୁ ଆସିବାକ ବିଜେ କରି ।
ଏମନ୍ତ ବୋଲିଣ ଧାତା କଲେ ସୁମରଣ
ବୈକୁଣ୍ଠପୁରେ ଜାଣିଲେ ତାହା ନାରାୟଣ ।
ଅନ୍ତର୍ଯାମୀ ନାଥ ବିଧାତାର ମନ ଜାଣି
ଗରୁଡ଼ ପିଠିରେ ବିଜେ କଲେ ଚକ୍ରପାଣି ।
ପ୍ରଭାବତୀ କଟକରେ ଦକ୍ଷ ଯାଗ କତି
ଅନ୍ତରୀକ୍ଷେ ରହିଲେ ସେ ବିଶ୍ୱ ଅଧିପତି ।
ଶୂନ୍ୟରେ ସମ୍ଭୂତ ହେଲେ ଆସି ବ୍ରହ୍ମରାଶି
ଲୋଚନେ ଦେଖି ପବିତ୍ର ହେଲେ ମହାଋଷି ।
ବ୍ରହ୍ମା ସହିତ ସକଳେ ଦେଖିଲେ ମୁରାରି
ଗରୁଡ଼ ପିଠିରେ ଦେବ ଛନ୍ତି ବିଜେ କରି ।
ନୀଳ ମେଘ ପ୍ରାୟେ ବିରାଜଇ ନୀଳ ତନୁ
ହସ୍ତେ ଶଙ୍ଖ ଚକ୍ର ପଦ୍ମ ଶୋହେ ଗଦା ଧନୁ ।
କିରୀଟ କୁଣ୍ଡଳ ମୁକୁଟ ଯେ ରତ୍ନହାର
ପ୍ରସନ୍ନ ବଦନ ଜିଣି ପୂର୍ଣ୍ଣ ନିଶାକର ।
କପାଳେ ଚନ୍ଦନ ଟୋପି ମୃଗମଦ ଚିତା ।
ସୁରଙ୍ଗ ଅଧର ଶୋଭା ବାଳଅର୍କ ଜିତା ।
କଣ୍ଠରେ ଶୋଭାପାଏ ଯେ ବିବିଧ ପଦକ
ଘଟଣ ସେ ହୀରାନୀଳା ମୋତି ଯେ ମାଣିକ୍ୟ ।
ନାନା ଫୁଲ ସହ ତୁଳସୀର ଧଣ୍ଡାମାଳ
ସୁବିସ୍ତାର ହୃଦୟରେ ଲମ୍ବେ ବନମାଳ ।
ଭୁଜେ ମହାମଣି ଅଙ୍ଗୁଳିରେ ରତ୍ନମୁଦି
କି ଜାଣି ନୀଳମେଘରେ ଜଡ଼ିତ ଆଚ୍ଛାଦି ।
କଟିତଟେ ପୀତପଟ୍ଟ ରତ୍ନ ଓଢ଼ିଆଣୀ
ବଳୟ ମେଖଳା ତଥି ଉପରେ ସାଜେଣି ।
ବସନ ଝୀନବାସ ଯେ ଉପରେ ଦୋସଡ଼ା
ଜାନୁ ପରିଯନ୍ତେ ଲମ୍ବେ ରତନର ଝରା ।
କଣୟ ଜଡ଼ିତ ତହିଁ ରତ୍ନ ହୀରାସାର
ଚରଣ ଯୁଗଳେ ଶୋଭା ପାଉଛି ନୂପୁର ।
ପଦ୍ମାସନରେ ବିଜୟ ଖଗବର ପିଠି
ଭୃତ୍ୟଜନମାନେ ସନ୍ନିଧିରେ ଛନ୍ତି ଖଟି ।
ଲକ୍ଷ୍ମୀ ସରସ୍ୱତୀ ବେନି ଚରଣେ ବନ୍ଦିତ
ଶ୍ରୀବତ୍ସ ଲକ୍ଷଣ ହୃଦତଟରେ ଅଙ୍କିତ ।
କଉସ୍ତୁଭ ମଣି ତଥି ଉପରେ ଶୋଭନ
ନିର୍ମଳ ମେଘରେ କିବା ଉଦୟ ତପନ ।
ଅତ୍ୟନ୍ତ ଚିତ୍ତ ସରାଗେ ବିଜେ ଆଦିକନ୍ଦ
ଦେଖିକରି ସର୍ବଋଷି ହୋଇଲେ ଆନନ୍ଦ ।

କରୁଣା ସାଗର ପ୍ରଭୁ ଉଦୟ ଗଗନେ
ସମସ୍ତଙ୍କ ଦୃଶ୍ୟ ଦେଖୁଛନ୍ତି ଋଷିମାନେ ।
ପରମ ସାନନ୍ଦ ହୋଇ ସର୍ବ ତପଚାରୀ
ଶିରେ କରଯୋଡ଼ି ବୋଲନ୍ତି ଯେ ହରି ହରି ।
ବିଧାତା ବୋଇଲେ ମୁହିଁ ନିସ୍ତରିଲି ଆଜ
ଲୋଚନେ ଦେଖିଲି ଆଜ ଯେ ଦେବାଧିରାଜ ।
ଦକ୍ଷପ୍ରଜାପତି ଯାଗ ସଫଳ ହୋଇଲା
ତପୀମାନଙ୍କର ପୁଣି ତପ ବିକଶିଲା ।
ଏତେ ବୋଲିକରି ତହୁଁ ଅନାଦି ବିଧାତ
ବିଷ୍ଣୁ ପ୍ରୀତି ଅର୍ଥେ ଅଗ୍ନି ମଧ୍ୟେ ଦେଲେ ଘୃତ ।
ସମିଧ ପାଇଣ ଅନ୍ତର୍ଦ୍ଧାନେ ଗଲେ ହରି
ଏଥୁ ଅନନ୍ତରେ ଶୁଣ ଆହେ ଦଣ୍ଡଧାରୀ ।
ଦକ୍ଷବ୍ରହ୍ମା ଯାଗଶାଳେ ସର୍ବ ମହାଋଷି ।
ବିଧାତାଙ୍କ ସହିତରେ ଅଛନ୍ତି ଯେ ବସି ।
ଅଗ୍ନିମନ୍ତ୍ର ପଢ଼ି ଦ୍ୟନ୍ତି ଅନଳରେ ଘୃତ
ଗାୟନ କରନ୍ତି ସାମବେଦ ତପୋବନ୍ତ ।
ଚତୁର୍ମୁଖ ବ୍ରହ୍ମା ପଢୁଛନ୍ତି ଚାରିବେଦ
ଗହ ଗହ ମହାଧ୍ୱନି ଶୁଭଇ ଶବଦ ।
ସୁଭଳ ପୁଣ୍ୟ ସଭା ଦୁର୍ଲଭ ପୁଣ୍ୟ ଗୋଷ୍ଠି
ଋଷିଗଣ ଘେନି ବିଜେ ଯହିଁ ପରମେଷ୍ଠୀ ।
ଦଶଖର୍ବ ମହାଋଷି ସାତଖର୍ବ ଦ୍ୱିଜ
ଏତେ ଲୋକ ସହିତରେ ଆପେ ବିପ୍ରରାଜ ।
ସେହି ଏକାଗ୍ରତେ ହସ୍ତେ ଶ୍ରୁବକାଠି ଘେନି
ଢାଳନ୍ତି ଗୁଆ ଘୃତ ଯେ ପୂଜନ୍ତି ବହନି ।
ଦେବଙ୍କର ନାମ ଧରି ସମର୍ପନ୍ତି ଘୃତ
ଇନ୍ଦ୍ର ବରୁଣ କୁବେର ଆବର ନୈର୍ଋତ ।
ଯମ ଆଦିତ୍ୟଙ୍କୁ ଆଦିକରି ବିଶ୍ୱଦେବ
ଦଶଦିଗପାଳ ବିହନ୍ତା ପୁରୁଷ ସର୍ବ ।
ତାର ବାର ଯୋଗଲଗ୍ନ କରିଣ ଯେ ଆଦି
ସପତ ସାଗର ସହିତରେ ସୁରନଦୀ ।
ଯକ୍ଷ କିନ୍ନର ଆବର ଉରଗ ପିଶାଚ
କିନ୍ନରୀ ଯେ ବିଦ୍ୟାଧରୀ ଭୂତ ଯେ ରାକ୍ଷସ ।
ଜଣ ଜଣଙ୍କର ନାମ୍ଭ ଧରି ମହାମୁନି
ଘୃତ ନିଉଡ଼ନ୍ତି ତହିଁ ପ୍ରଚଣ୍ଡ ବହନି ।
ବେଦବାକ୍ୟ ଉଚ୍ଚାରଣ ସ୍ୱାହା ସ୍ୱାହା ବିଧି
ଓଁ କାରା ଶବଦରେ ପଢ଼ନ୍ତି ମନ୍ତ୍ରସିଦ୍ଧି ।
ଅନଳଉପରେ ଢାଳିଦ୍ୟନ୍ତି ଗୁଆଘୃତ
ଅଗୁର ଚନ୍ଦନ କାଠ ପକାନ୍ତି ବହୁତ ।
ଶ୍ରୀଫଳ ତଣ୍ଡୁଳ ନାରିକେଳ ଇକ୍ଷୁରାଶି
ଯବ କୁଶ ଆଦିକରି ପଞ୍ଚରତ୍ନ ମିଶି ।

Digitized by srujanika@gmail.com

ବିବିଧ କୁସୁମ ପୁଣି ପଞ୍ଚଫଳମାନ
ଅନଳରେ ପକାନ୍ତି ସେ ବିବିଧ ବସନ ।
ପୂଜାବିଧି କରି ପୁଣି ଦେବତାଙ୍କୁ ବରି
ତୋଷନ୍ତି ଯେ ବୈଶ୍ୱାନର ସର୍ବ ତପଚାରୀ ।
ଯାଗର ଯେ ହବିର୍ଭାଗ ହୁଏ ପରକାଶ
ଭୁଞ୍ଜନ୍ତି ତ ଦେବଲୋକ ହୋଇଣ ସନ୍ତୋଷ ।
ସମିଧ ପାଇ ଆନନ୍ଦ ହେଲେ ଦେବଲୋକେ
ତାଙ୍କ ଧର୍ମ ବିକଶିଲା ଚତୁର୍ଦ୍ଦଶ ଲୋକେ ।
ସକଳ ଜୀବଜନ୍ତୁଏ ହୋଇଲେ ତୃପତି
ଅସଂଖ୍ୟ ମହିମା ଅରଜିଲେ ପ୍ରଜାପତି ।
ସକଳ ଋଷିଗଣଙ୍କୁ ସଙ୍ଗତରେ ଘେନି
ସାବଧାନ ହୋଇଛନ୍ତି ଦିବସ ରଜନୀ ।
ନଗରର ଲୋକମାନେ ବଞ୍ଚନ୍ତି ଆନନ୍ଦେ
କାହାରି ତ ଚିନ୍ତା ନାହିଁ ଧାତା ପରସାଦେ ।
କୃତାନ୍ତ ଦଣ୍ଡ ନାଶନ ଅଭୟ ପଞ୍ଜର
ମହାଦେବ ଦାସଙ୍କୁ ଏ ସଂସାରୁ ଉଦ୍ଧର ।

-x-

ନାରଦ ଋଷିଠାରୁ ଦକ୍ଷ ଯଜ୍ଞର ସମ୍ବାଦ ପାର୍ବତୀଙ୍କର ଆଗମନ

ନାରଦ ଋଷି ମେଲାଣି ମାଗି ଯହୁଁ ଗଲେ
ଶୁଣ ହେ ସୁରଥ ରାଜା ଯେଉଁ କୃତ୍ୟକଲେ ।
ଦକ୍ଷବ୍ରହ୍ମାଙ୍କର ଯାଗ ଭାଙ୍ଗିବା ନିମନ୍ତେ
କୈଳାସପୁରକୁ ଚଳିଗଲେ ତପୋବନ୍ତେ ।
ଗମନ୍ତେ ଏକ ଦିବସେ କଇଳାସପୁରେ
ପାର୍ବତୀ ଜଣାଇଲେ ଯେ ଶିବଙ୍କ ଛାମୁରେ ।
ବୋଇଲେ ହୋ ସାବଧାନେ ଶୁଣ ଦେବରାଜ
ସୁଲଭ ବାରତା ଗୋଟି ପାଇଲି ମୁଁ ଆଜ ।
ପ୍ରଭାତ ସମୟେ ମୁହିଁ ସ୍ନାନ କରି ଗଲି
ପାବନୀ ଗଙ୍ଗାତୀରରେ ଶଚୀଙ୍କୁ ଭେଟିଲି ।
ଅନେକ ଦେବସ୍ତିରୀଏ ଛନ୍ତି ତାଙ୍କ ମେଳେ
ବହୁତ ସମ୍ପଦେ ପଥ ମଧ୍ୟେ ଯାଉଥିଲେ ।
ମୁଁ ତାହାଙ୍କୁ ପଚାରିଲି କେଣିକି ଯାଉଛ
ସେ ବୋଇଲେ ଯାଗ କରୁଅଛନ୍ତି ସେ ଦକ୍ଷ ।
ପ୍ରଭାବତୀ କଟକେ ସେ ଅନେକ ସମ୍ପଦେ
ତୁମ୍ଭର ପିତା ଯେ ଯଜ୍ଞ କରୁଛନ୍ତି ହାଦେ ।
ସକଳ ପୁର ଲୋକେ ଯେ ମିଳିଛନ୍ତି ତହିଁ
ଦେହଧାରୀ ଜନେ ନ ଯିବାର କେହି ନାହିଁ ।
ଆମ୍ଭେ ଯେ ତହିଁକି ଯାଉଅଛୁ ଯାଗ ଦେଖି
ତୁମ୍ଭେ ତହିଁକି ନ ଯାଇ ରହିଛ କାହିଁକି ।
ଏବେ ଜଣାଇଣ ଆସ ଯାଇ ଈଶ୍ୱରଙ୍କୁ
ଏକୁ ସଙ୍ଗେ ଯିବା ଦକ୍ଷ ବ୍ରହ୍ମାଙ୍କ ଯଜ୍ଞଙ୍କୁ ।
ମୁହିଁ ତାହାଙ୍କୁ ବୋଇଲି ଯାଅ ବେଗ ହୋଇ
ସ୍ୱାମୀ ବୋଇଲେ ପାରଇ ସିନା ମୁହିଁ ଯାଇ ।
ବିଳମ୍ବ ଦେଖିଣ ସ୍ୱର୍ଗପୁର ବିଳାସିନୀ
ପ୍ରଜାପତି ଯଜ୍ଞକୁ ସେ ଗଲେକ ଇନ୍ଦ୍ରାଣୀ ।
ଅଇଲି ତୁମ୍ଭ ଛାମୁରେ ମୁହଁ କହିବାକୁ
ଆଜ୍ଞାଦେଲେ ମୁଁ ଯାଆନ୍ତି ପିତାର ଘରକୁ ।
କେମନ୍ତେ ଯେ ଯାଗସଭା ଦେଖିଲା ମୋ ନାହିଁ
ବହୁତ ଶ୍ରଦ୍ଧା ହୋଇଛି ମୋର ତହିଁ ପାଇଁ ।
ତୁମ୍ଭେ ଆଜ୍ଞାଦେଲେ ଯାଇ ଆସିବଇଁ ବେଗେ
ବହୁତ ଦିବସ ମୁହିଁ ନ ରହିବି ଯାଗେ ।
ଶୁଣିକରି ସଦାନନ୍ଦ ଅଳପ ଯେ ହସି
ବୋଇଲେ ବାଇ କି ତୁମ୍ଭେ ହେଲ ଶୁଭ୍ରକେଶୀ ।
ଯେବେ ଯାଗ କରୁଥାନ୍ତେ ତୁମ୍ଭର ଯେ ପିତା
ଆମ୍ଭଙ୍କୁ କିମ୍ପାଇଁ ଦେଇ ନ ଥାନ୍ତେ ବାରତା ।
ବାଟରେ ବାରତା କାହାଠାରୁ ତୁମ୍ଭେ ଶୁଣି
ତହିଁକି ଉଷତ ପ୍ରିୟେ ହେଉଅଛ ପୁଣି ।
ଯୁବତୀଙ୍କର ବାରତା ନୁହଇ ଯେ ସତ୍ୟ
ଆବର କଥାଏ ଶୁଣ କହିବା ଉଚିତ ।
ପିତା ହୋଇକରି ଯେବେ ନ ଲୋଡ଼ଇ କାର୍ଯ୍ୟେ
ତୁମ୍ଭେ ସେହିଠାବକୁ ଗୋ ଯିବ କେଉଁ ଲାଜେ ।
ବରଣ ନ ପାଇ ଯେହୁ ହୁଅଇ ମଧ୍ୟସ୍ଥ
ଧନ ଥାଉଁ ଯାର ବଳେ ଯାଚକର ଚିତ୍ତ ।
ଆପଣା ଇଛାରେ ଯେହୁ ଯାନ୍ତି ଯାହା ଘର
ଅନୁମାନ କରି ବାର୍ତ୍ତା କହନ୍ତି ଯେ ନର ।
ମନ୍ତ୍ରୀଙ୍କୁ ଦୂତ କରନ୍ତି ଯେବଣ ନୃପତି
ନୀଚଲୋକ ସଙ୍ଗତରେ ବଢ଼ାଇ ଯେ ପ୍ରୀତି ।
ଦରିଦ୍ର ହୋଇଣ ଯେହୁ ରହେ ବନ୍ଧୁପାଶେ
ସ୍ୱଦାରା ଉପେକ୍ଷି ପରଦାରାରେ ଯେ ରସେ ।
ଅସମ୍ମାନଠାରେ ଯେହୁ ରହେ ବାସକରି
ବାପଘରେ ରହନ୍ତି ଯେ ଯେଉଁ ଯୁବାନାରୀ ।
ଭୃତ୍ୟ ପଦାର୍ଥକୁ ଯେହୁ କରଇଟି ଆଶ
ବଳଦ ନ ଥାଇ ଯେହୁ କରଇଟି ଚାଷ ।
ଝଙ୍ଗାଳି ନ ଥାଇ ଯେ କରେ ବାଣିଜ୍ୟମାନ
ବସ୍ତ୍ର ନ ଥାଇ ଯେ କରେ ଯାତ୍ରାକୁ ଗମନ ।
ଦିବସେ ଶୋଇଣ ଯେହୁ ବୁଲେ ନିଶାକାଳେ
ଖଳିକାର ନୋହି ଯେହୁ ଲାଗେ ସର୍ପମେଳେ ।
ମଇତ୍ର ଘରକୁ ଯେହୁ ଯାନ୍ତି ଋଣ କରି
ପର ପଦାର୍ଥରେ ଯେହୁ ହୁଏ ଲଗାହାରି ।

Digitized by srujanika@gmail.com

ଜଳ ଅନଳେ ଲଗାନ୍ତି ଯେହୁ ପରାକ୍ରମ
ପ୍ରଭୁ ବଚନକୁ ଯେବା କରେ ମନେ ତମ ।
ନଟ ବୃତ୍ତି ଦେଖିକରି ହରନ୍ତି ଯେ ଦିନ
ଭଣ୍ଡାରିରେ ଭୃତ୍ୟ ପୁଣି ହୁଅନ୍ତି ଯେ ଜନ ।
ଶ୍ୱଶୁରର ଅନ୍ନଖାଇ ବଞ୍ଚେ ଯେ ଜୁଆଇଁ
ଏତେ ଲୋକଙ୍କୁ ଅଧର୍ମୀ ବୋଲି ହାଦେ କହି ।
ତୁ କେମନ୍ତ ଅବରଣେ ଯିବୁ ପିତାଘର
ଏଡ଼େ ଉପହାସ ଆଉ କି ଅଛି ସଂସାର ।
ଆଉ ବେଳେ ଏ କଥା ନ କହ ଆରେ ସଖୀ
ଏହା ଶୁଣିଣ ମଉନ ହେଲେ ଚନ୍ଦ୍ରମୁଖୀ ।
ଏଥୁ ଅନନ୍ତରେ ତହିଁ ନାରଦ ମହର୍ଷି
କୈଳାସ କନ୍ଦରେ ମିଳିଗଲେ ବ୍ରହ୍ମଋଷି ।
ଦେଖିଲେ ସେହି ବନସ୍ତ ଅତି ଶୋଭାକର
ଧବଳ ଶୁଦ୍ଧସ୍ଫଟିକ ପ୍ରାୟେ ଗିରିବର ।
ମେରୁର ଐଶାନ୍ୟ କୋଣେ କୈଳାସ ଶଇଳ
ମଞ୍ଚକୁ ଉପର ସେହି ସ୍ୱର୍ଗକୁ ଯେ ତଳ ।
ଚଉଦ ଯୋଜନ ବିସ୍ତାର ସେ ଗିରିବର
ଷୋଳୟୂଣ ଉସର୍ଗ ଓସାର କୋଶ ବାର ।
ଧବଳ ପର୍ବତ ଅତି ନିର୍ମଳ ତା ପ୍ରଭା
ଅଷ୍ଟରତ୍ନ ଜଡ଼ିତ ଯେ ଦିଶେ ମହାଶୋଭା ।
ଶୂନ୍ୟଗାମୀ ଗଙ୍ଗା ବହେ ତାର ଚଉକତି
ପ୍ରୟାଗ ଯମୁନା ଗୟା ଗଙ୍ଗା ସରସ୍ୱତୀ ।
ଗିରି ଚାରିପାଖେ ହର ଉଦ୍ୟାନ ଯେ ବନ
ସୁସଞ୍ଚ ସୁପରିମଳ ଗହନ କାନନ ।
ନବପଲ୍ଲବିତ ସଦା ସର୍ବ ତରୁବର
ଧୀର ଧୀର ହୋଇ ବହେ ମଳୟ ସମୀର ।
ଅପୂର୍ବ ବିପିନ ତାକୁ ପଟାନ୍ତର ନାହିଁ
ରବିର ପ୍ରଖର ତେଜ ନ ଲାଗଇ ତହିଁ ।
ବରଷା କାଳେ ଯେ ମେଘ ନ କରନ୍ତି ଧ୍ୱନି
ଷଡ଼ ଋତୁରେ ନୁହଇ ତାର ତେଜ ହାନି ।
ପ୍ରଚଣ୍ଡ ହୋଇ ତହିଁ ନ ବହଇ ମରୁତ
ଦୂରରୁ ଯେ ଅପସରି ଯାନ୍ତି ଯମଦୂତ ।
ଅନଙ୍ଗର ପୀଡ଼ା ନ ଲାଗଇ ଯେ ତହିଁକି
ସମସ୍ତେ ଯେ ଅପସରି ଯାନ୍ତି ଦୂରୁ ଶଙ୍କି ।
ବିହାର କରନ୍ତି ନାନା ଜୀବଜନ୍ତୁ ତହିଁ
ମଳ ମୂତ୍ର ଉଚ୍ଛିଷ୍ଟ ଯେ ନ କରନ୍ତି କେହି ।
ଝଡ଼ିବା ଫଳ ଭୁଞ୍ଜନ୍ତି ନେଇ ଆନ ବନେ
ଅସଂସ୍କାର ନ କରନ୍ତି କେହି ସେ ଉଦ୍ୟାନେ ।
ତେଣୁ ସେହି ବନଗୋଟି ପବିତ୍ର ନିର୍ମଳ
ଅତି ରମଣୀୟ ସ୍ଥାନ ସୁସଞ୍ଚ ଧବଳ ।

ପରମହଂସ ଯହିଁରେ କରିଛନ୍ତି ବାସ
ତହିଁକିବା ପଟାନ୍ତରେ ଦେବା ଆଉ କିସ ।
ଉଦ୍ୟାନ ବନ ମଧ୍ୟରେ କଇଳାସ ଗିରି
ସପତପୁର ହୋଇ ସେ ଅଛଇ ଆବୋରି ।
ମଧ୍ୟରେ ପରବତ ଯେ ରୁଦ୍ରଗିରି ନାମ
ବିଶ୍ୱବାସ ବୋଲି ମଧ୍ୟେ ଭୁବନ ସୁହେମ ।
ବିପୁଳକାନ୍ତି ବୋଲି ସେ ଭୁବନ ଗଠନ
ଅଷ୍ଟରତ୍ନ ନାମ ସେହୁ ହୋଇଛି ନିର୍ମାଣ ।
ଯୋଗବତୀ ନାମେ ଅଛି ଏକ ସିଂହାସନ
ସେଠାରେ ନାରଦ ଭେଟିଲେକ ତ୍ରିଲୋଚନ ।
କନକ ଆସନ ପରେ ବ୍ୟାଘ୍ରଚର୍ମ ମାଡ଼ି
ବସିଛନ୍ତି ମହେଶ୍ୱର ଯୋଗବାଟ ଭିଡ଼ି ।
ପଞ୍ଚାନନ ଦିଗମ୍ବର ପଞ୍ଚତତ୍ତ୍ୱ ଜ୍ଞାନୀ
ପଞ୍ଚଦଶ ଲୋଚନ ଯେ ଧ୍ୟାନ ଜ୍ଞାନ ବେନି ।
ଶିରରେ ଜଟାଭାର ଯେ ଆଭରଣ ଫଣୀ
ଶୁଦ୍ଧ ହେମ ମୁକଟରେ ବହଇ ତ୍ରିବେଣୀ ।
ଚମ୍ପା ଗୟସ ଦୁଦୁରା ବକୁଳ ଅରଖ
ପଞ୍ଚଶିର ଉପରେ ଯେ ଶୋହେ ପଞ୍ଚମାଥ ।
ଦଶକର୍ଣ୍ଣ ତଟରେ ଯେ ନବରତ୍ନ ମଣି
ବାମକରେ ଶୋଭିତ ଯେ ଅଶେଷ ଧରଣୀ ।
ଅନନ୍ତ ପଇତା କଟିଦେଶ ଆଭରଣ
ଭୁଜରେ ଶୋଭନ ଅଟେ ତମ୍ବାର କଙ୍କଣ ।
ଅର୍ଦ୍ଧଅଙ୍ଗେ ଚନ୍ଦନ ଯେ ଅର୍ଦ୍ଧାଙ୍ଗେ ବିଭୂତି
ଶୁଦ୍ଧ ଶୁକଳ ଯେ ତନୁ ଶରଚ୍ଚନ୍ଦ୍ର କାନ୍ତି ।
କଟିରେ କାଛଟା ଶୋହେ ପନ୍ନଗ ମେଖଳା
ହୃଦୟରେ ଲମ୍ବଇ ଯେ ରୁଦ୍ରାକ୍ଷର ମାଳା ।
ତ୍ରିଶୂଳ ଡମ୍ବରୁ ଆଉ ଖଟ୍ୱାଙ୍ଗ ଶକତି
ଶ୍ରୀକରେ ଶୋଭାପାଏ ତା ବାଳ ଅର୍କଜ୍ୟୋତି ।
ଅନ୍ତରୀକ୍ଷେ ଡମ୍ବରୁ ଯେ ବାଜଇ ଛାମୁରେ
ପରମ ପୁରୁଷ ମନ ପରମ ଜ୍ଞାନରେ ।
ଯୋଗାଧି ପୁରୁଷ ଯେହୁ ମହାଜ୍ଞାନୀ ଯୋଗୀ
ଅଚିନ୍ତା ପରମବାୟୁ ଧ୍ୟାନ ଜ୍ଞାନ ଭୋଗୀ ।
ଶୁଦ୍ଧ ସ୍ଫଟିକ ପୁରୁଷ ସଦାନନ୍ଦ ମତି
ବାମଅଙ୍ଗେ ବିଜୟ ଯେ ଅବଳା ପାର୍ବତୀ ।
ଦକ୍ଷିଣେ ଯେ ଗଣପତି ପଶ୍ଚିମେ କାର୍ତ୍ତିକ
ଉତ୍ତର ଭୃକୁଟି ଉଭା ଛାମୁରେ ନନ୍ଦକ ।
ଭୀମ ଆଉ ଭଇରବ ମହାକାଳ ଆଦି
ଏକାଦଶ ରୁଦ୍ରଗଣ ସହିତେ ସମ୍ପାଦି ।
ସିଦ୍ଧଗଣ ସାଧକ ଯେ ଭଗବନ୍ତ ଯୋଗୀ
ଜଙ୍ଗମ ସନ୍ନ୍ୟାସୀ ସେହୁ ଅଘୋରୀ ବୈରାଗୀ ।

Digitized by srujanika@gmail.com

ଯେ ଯାହାର ଭାବରେ ଯେ ମହେଶ୍ୱର ବେଢ଼ି
ସେବା କରୁଅଛନ୍ତି ଯେ ପଟୁଆର ପାଡ଼ି ।
ଏମନ୍ତ ବେଳେ ନାରଦ ମୁନି ତପଚାରୀ
ଈଶ୍ୱରଙ୍କ ପାଦପଦ୍ମେ ନମସ୍କାର କରି ।
ଦେଖିକରି ସଦାନନ୍ଦ ଉଠିଲେ ତତ୍‌କ୍ଷଣେ
ନାରଦଙ୍କୁ ତୋଳିକରି ବସାଇଲେ କତି ।
ବୋଲନ୍ତି ଯେ ହସ ହସ ହୋଇ ତ୍ରିଲୋଚନ
କହ କହ ମୁନି କିସ କାର୍ଯ୍ୟେ ଆଗମନ ।
ଆସିଲ କେବଣ ଭୁବନରୁ ମୁନିମଣି
ସଂସାର ବାରତା କିସ କି ଅଛ ଆଣି ।
ବ୍ରହ୍ମା ବିଜେ କରିଛନ୍ତି ଆଜି କେଉଁପୁରେ
ତହିଁର ବାରତା ମୋତେ କହ ମୁନିବରେ ।
ନାରଦ ବୋଇଲେ ଜଗକର୍ତ୍ତା ଯାକୁ ବୋଲ
କ୍ଷଣକେ ବର୍ତ୍ତନ୍ତି ଜୀବଜନ୍ତୁ ଯେ ସକଳ ।
ଦକ୍ଷପ୍ରଜାପତି ପୁରେ ଅଛନ୍ତି ବିଧାତା
ଆମ୍ଭେ ଜାଣିଅଛୁ ମଧ୍ୟ ତହିଁର ବାରତା ।
ସେ କଥାକୁ ଏକମନେ ଶୁଣ ଦେବ ହର
ଦକ୍ଷ ପ୍ରଜାପତି ସେହୁ ତୁମ୍ଭର ଶ୍ୱଶୁର ।
ପ୍ରଭାବତୀ ନାମେଣ ଯେ କଟକ ଭିଆଇ
ମହାଯଜ୍ଞ ସଭା କରୁଅଛନ୍ତି ଯେ ତହିଁ ।
ସକଳ ଲୋକଙ୍କୁ ସେହୁ ନିମନ୍ତ୍ରି ଆଣିଲେ
ତୁମ୍ଭଙ୍କୁ ସେ ଏଡ଼େ ବଡ଼ କାର୍ଯ୍ୟେ ନ ଲୋଡ଼ିଲେ ।
କାର୍ଯ୍ୟରେ ଆଗ ଜ୍ୱାଇଁ ଝିଅଙ୍କୁ ଯେ ବରି
ତୁମେ ପ୍ରତ୍ୟକ୍ଷ ଈଶ୍ୱର ବନ୍ଧୁ ସଙ୍ଗେ ସରି ।
ପାର୍ବତୀଙ୍କ ପରା ଝିଅ ଶିବ ପରା ଜ୍ୱାଇଁ
ଦକ୍ଷ ବିଧାତା ଲୋଡ଼ା ନ କଲେ କାହିଁପାଇଁ ।
କେବଣ ଅବିଗୁଣ ଯେ ଅଛଇ ତୁମ୍ଭର
ଏ କଥା ମୋର ମନକୁ ନ ଗଲା ଗୋଚର ।
ନୋହିଲେ ଦକ୍ଷବ୍ରହ୍ମା ନ ଲୋଡ଼ିଲେ କେମନ୍ତେ
ତେଣୁକରି ଅଇଲି ମୁଁ ବୁଝିବା ନିମନ୍ତେ ।
ତୁମ୍ଭେ କହିଲେ ଜାଣିବି ସିନା ଦୋଷାଦୋଷ
କିମ୍ପାଇଁ ପ୍ରଜାପତି ନ କଲେ ପଉରୁଷ ।
ଈଶ୍ୱର ବୋଇଲେ ଆମ୍ଭେ ନୋହୁ ଦୋଷକାରୀ
କାହିଁପାଇଁ ଦକ୍ଷବ୍ରହ୍ମା ଆମ୍ଭଙ୍କୁ ନ ବରି ।
ଆମ୍ଭେ ଜ୍ୟେଷ୍ଠ ଜ୍ୱାଇଁ ତା ବେଭାରରେ ସାର
ବିଶେଷରେ ତ ଦେବଙ୍କୁ ପରମଈଶ୍ୱର ।
ଆମ୍ଭଙ୍କୁ ସେହୁ ଯଦ୍ୟପି ବରଣ ନ କଲେ
ତାହାଙ୍କର କାର୍ଯ୍ୟ ସେହି ସିନା ବିନାଶିଲେ ।
ଏ ବଚନ ଶୁଣିକରି ବୋଇଲେ ନାରଦ
ଆଉ କଥାଏ ଶୁଣିବା ହେଉ ସଦାନନ୍ଦ ।

ତୁମ୍ଭଙ୍କୁ ତ ନ ଲୋଡ଼ିଲେ ଝିଅଙ୍କୁ ଲୋଡ଼ନ୍ତେ
ଏ କୃତ୍ୟ ସେ ପ୍ରଜାପତି କଲେ କି ନିମନ୍ତେ ।
ପାର୍ବତୀଙ୍କୁ ଚାହିଁ ପୁଣି ବୋଲନ୍ତି ମହର୍ଷି
ଏ କଥା କେମନ୍ତେ ମଣିଲେ ଯେ ଶୁଭ୍ରକେଶୀ ।
ଦକ୍ଷବ୍ରହ୍ମାଠାରେ ତୁମ୍ଭେ କଲ କେଉଁ ଦୋଷ
ଜନ୍ମ କଲା ପିତା କିମ୍ପା କଲା ଏଡ଼େ ରୋଷ ।
ଏଡ଼େକ କାର୍ଯ୍ୟ କରିଣ ନ ବରିଲା ତୋତେ
ଏହାଠାରୁ ମାନହାନି ଅଛି କି ଜଗତେ ।
ତୁମ୍ଭେ ଜ୍ୟେଷ୍ଠ ଝିଅ ଅଟ କୁଳ ମୋକ୍ଷମାନ
ତୁମ୍ଭଙ୍କୁ କଲେ ସେ କିମ୍ପା ଏଡ଼େ ହୀନିମାନ ।
ସବୁଙ୍କୁ ବରିଲେ ଚାଣ୍ଡାଳୁ ଯେ ବ୍ରହ୍ମଯାଏ
ତୁମ୍ଭଠାରେ କାହିଁପାଇଁ ଏଡ଼େକ ନିର୍ଦ୍ଦୟେ ।
ବାପଘରକୁ ଝିଅର ସଦା ବଡ଼ ଆଶ
ସେ ଆଶାକୁ ଯେଉଁ ପ୍ରାଣୀ କରଇ ନିରାଶ ।
ନ ଦେଇଣ ଦେଲିବୋଲି ଯେହୁ କହେ ମିଛେ
ଦିନାକେତେ ଭଣ୍ଡି ନାସ୍ତି କରଇ ଯେ ପଛେ ।
ନବତନ ଫଳ ଯେ ନ ଦିଅଇ ଈଶ୍ୱରେ
ନ ଦେଇ ବିଷ୍ଣୁଙ୍କୁ ଫୁଲ ଘେନଇ ଯେ ଶିରେ ।
କାର୍ଯ୍ୟଘରେ ଯେହୁ ଲୋଡ଼ା ନ କରେ ବାନ୍ଧବ
ଆପଣା ସୁଖପାଇଁ ଯେ ଲୋଡ଼ଇ କୁଟୁମ୍ବ ।
ଅତିଥି ଦ୍ୱାରେ ବସାଇ କରଇ ଯେ ଗ୍ରାସ
ବାରବ୍ରତ କରି ଯେହୁ ପିନ୍ଧେ କଳାବାସ ।
ଅମାବାସ୍ୟା ସଙ୍କରାନ୍ତି ବିଷ୍ଣୁ ବାସ ଦିନ
ତଇଳ ଅଙ୍ଗେ ଯେ ଘେନି କରଇ ସ୍ନାହାନ ।
ସ୍ତିରୀ ପୁରୁଷରେ ଯେହୁ କରଇ ବିଚ୍ଛେଦ
ଅଦୋଷୀଲୋକଙ୍କୁ ଯେହୁ କହେ ପରମାଦ ।
ବିଷ୍ଣୁ କୀରତି ବଖାଣି ହୋଇବାର ଠାଇଁ
ଗୋଳ କରନ୍ତି ଯେ ଜନ ଆନକଥା କହି ।
ଅକାତରେ ପରନିନ୍ଦା କରେ ଯେଉଁ ଜନ
ସ୍ୱଜାତି ଲୁଚାଇ କହେ ଯେ ଟେକ ବଚନ ।
ପରର ସମ୍ବଳେ ଯାନ୍ତି ଯେହୁ ତୀର୍ଥକରି
ଜ୍ୟେଷ୍ଠ କନିଷ୍ଠ ବେନିକୁ କରନ୍ତି ଯେ ସରି ।
ଗୁଣ ଅବିଗୁଣ ବେନି କରନ୍ତି ଯେ ସମ
ଏତେ ଲୋକଙ୍କୁ କଦାପି ନ ଗଛଇ ଧର୍ମ ।
ସକଳ ଜପ ତପ ଯେ ହୁଏ ତାର ନାଶ
ସମ୍ପଦ ଚ୍ୟୁତ ଆମ୍ଭାକୁ ଲାଗେ ବଡ଼ ତ୍ରାସ ।
ଦକ୍ଷପ୍ରଜାପତି ଏହା ସକଳ ଜାଣନ୍ତି
ବେଦଶାସ୍ତ୍ର ପୁରାଣ ଯେ ଆଗତ କହନ୍ତି ।
ଏଡ଼େଲୋକ ହୋଇ ସେହୁ ଜ୍ଞାନ ହରାଇଲେ
କାର୍ଯ୍ୟଘରେ ଝିଅ ଜ୍ୱାଇଁକି ନ ଲୋଡ଼ିଲେ ।

Digitized by srujanika@gmail.com

ଆବର ସର୍ଜିଲେ ଅପକୀର୍ତ୍ତି ପ୍ରଜାପତି
ସକଳ ଦେବଙ୍କୁ ଆଣି କରନ୍ତି ଆଳତି ।
ଦେବତାଙ୍କ ପାଇଁ ସିନା କରି ଯଜ୍ଞ ବ୍ରତ
ତୁମ୍ଭ ପିତା କରିଅଛି ଦେବତାଙ୍କୁ ଭୃତ୍ୟ ।
ସମ୍ପତ୍ତି ପଟଳ ଅଟେ ଏତେ ହତଶିରୀ
ଇନ୍ଦ୍ରକୁ କରିଅଛି ଯେ ଦ୍ୱାର ଅଧିକାରୀ ।
ଆବର ଦେବଗଣଙ୍କ କଥା କିମ୍ପା ଗଣ
ଈଶ୍ୱର ପରା ପ୍ରଭୁଙ୍କୁ ନ କଲା ବରଣ ।
ପାର୍ବତୀ ପରା ଝିଅକୁ ମାନହାନି କଲା
ନିଶ୍ଚୟ ପ୍ରଜାପତିକି ଦଇବ ଛାଡ଼ିଲା ।
ଶାସ୍ତ୍ରରେ ସେ କହିଅଛି ଏସନକ ବିଧି
ସମ୍ପଦ ହୋଇଲେ ପ୍ରାଣୀ ନ ଚିହ୍ନଇ ଆଦି ।
ବଡ଼ଲୋକଙ୍କର ତୁଲେ କରଇ ବିବାଦ
ବାଦ ଆଚରିଲେ ସରେ ସକଳ ସମ୍ପଦ ।
ଆତ୍ମା ବଡ଼ାଇ କରିଣ କହଇ ଯେ ଜନ
ଧର୍ମହାନି ହୋଇ ସେହୁ ହରାଏ ଜୀବନ ।
ଦକ୍ଷ ବ୍ରହ୍ମଋଷି ହୋଇ ହୋଇଲେକ ବଣା
ଯେଣୁ ମହାଋଷି ଆତ୍ମାଜ୍ଞାନ କଲେ ଊଣା ।
ମହା ଯଜ୍ଞକରି ଯେଣୁ ନ ଲୋଡ଼ିଲେ ତୋତେ
ତେଣୁ ସେହି କାର୍ଯ୍ୟଘରେ ନ ରୁଚଇ ମୋତେ ।
ଅବେଭାର କଥା ମୁହିଁ ସହି ନ ପାରିଲି
ପିତାଙ୍କୁ ମେଲାଣି ମାଗି ବାହାର ହୋଇଲି ।
ମହିଁ ତୋହର ଖୁଡୁତା ଅଟେ ଶୁଭ୍ରକେଶୀ
ତୋହର ଅପମାନରେ ଅଇଲି ମୁଁ ରୁଷି ।
ତୁହି ଯେବେ ଥରେ ଯିବୁ ପ୍ରଭାବତୀ ପୁର
ଶୁଣିବୁ ସେ ସବୁକଥା ପିତାର ବେଭାର ।
କି କାରଣେ ଦକ୍ଷବ୍ରହ୍ମା ନ ଲୋଡ଼ିଲେ ତୋତେ
ବୁଝିଲେ ସିନା ମନରୁ ଯିବୁ ତା ପରତେ ।
ନାରଦଙ୍କ ବାକ୍ୟ ଶୁଣି ଦକ୍ଷର ନନ୍ଦିନୀ
ଈଶ୍ୱରଙ୍କ ଛାମୁରେ ଯେ କହଇ ଭବାନୀ ।
ବେନିକର ଯୋଡ଼ିକରି କହେ ଗୋସାମଣି
ସାବଧାନେ ଶୁଣିବା ହୋ ପ୍ରଭୁ ଶୂଳପାଣି ।
ମହାଯଜ୍ଞ କରୁଛନ୍ତି ପିତା ଦକ୍ଷବ୍ରହ୍ମା
ମୁହିଁ ତ ତାହାଙ୍କର ଯେ ଅଟେ ଜ୍ୟେଷ୍ଠଜେମା ।
କିମ୍ପାଇଁ ସେ କାର୍ଯ୍ୟ ଘରେ ନ ଲୋଡ଼ିଲେ ମୋତେ
ଏଥିର ଚରିତ ମୁହିଁ ଜାଣିବି କେମନ୍ତେ ।
ଏଥକୁ ମନେ ମୋହର ହେଉଅଛି ବ୍ୟଥା
ଆଜ୍ଞା ହୋଇଲେ ଆସିବି ବୁଝି ସର୍ବ କଥା ।
ମୋତେ ଏଡ଼େକ ବିରୋଧ କଲେ କାହିଁପାଇଁ
ତାହାଙ୍କର ମନେ ମୁହିଁ ପଡ଼ିଲି ବା ନାହିଁ ।

କି ଅବା ଆମ୍ଭଠାବକୁ ପେଶିଥିଲେ ଦୂତ
ଆସୁ ଆସୁ ଅବା ବାଟେ ହୋଇଲେ ସେ ହତ ।
କି ଅବା ଅନ୍ୟାନ୍ୟ କାର୍ଯ୍ୟ ଥିଲା ଦୂତଙ୍କର ।
ତେଣୁକରି ଆସିବାର ହୋଇଲା ଉଛୁର ।
କିବା ପ୍ରଜାପତି ମୋତେ ପାସୋରିଲେ ଭୋଳେ
ସଭାରେ ବଡ଼ଲୋକ ଯେ ଅଟନ୍ତି ଶୟଳେ ।
ସକଳ ବ୍ରହ୍ମାଣ୍ଡର ଯେ ଅଟନ୍ତି କରତା
ନିତ୍ୟେ ବୁଝୁଥାନ୍ତି ସର୍ବ ଜନ୍ତୁଙ୍କର କଥା ।
ଏକେ କାର୍ଯ୍ୟକର୍ତ୍ତା ଦ୍ୱିତୀୟେ ତ କାର୍ଯ୍ୟଗ୍ରାହୀ
ଆମ୍ଭ ଗଲା ନ ଗଲା ବା ନ ଜାଣିଲେ କେହି ।
କେମନ୍ତେ ଶୁଣୁଥାଇ ସେ ଯାଗର ବାରତା
ପ୍ରଭାବତୀ କଟକେ ତ ଲୋକ ଅପ୍ରମିତା ।
କେଉଁ ପରକାରେ କେତେ ଲୋକ ମିଳୁଛନ୍ତି
ସବୁକଥା ନିତି ଜାଣୁଥାନ୍ତି ପ୍ରଜାପତି ।
ଚରଚା ଲୋକଙ୍କର ବା ଅଟେ ସବୁ ଦୋଷ
ଗଲେତ ତାଙ୍କ ଉପରେ ଯିବ ସବୁ ରୋଷ ।
ଶୁଣିକରି ବିଶ୍ୱନାଥ ଅଳ୍ପ ଅଳ୍ପ ହସି
ପାର୍ବତୀଙ୍କୁ ଚାହିଁକରି ବଚନ ସମ୍ଭାଷି ।
ବୋଇଲେ କାହିଁପାଇଁ ଗୋ ପାଉଅଛ ତାପ
କେଉଁ ଛାର କଥାକୁ ଯେ କରୁଅଛ କୋପ ।
ଗଲେ ତ ଭଲ ହୁଅନ୍ତା ବୁଝନ୍ତେ ସେ କଥା
ତୁମ୍ଭ ଦ୍ୱନ୍ଦ୍ୱକୁ ପାଉଛୁ ମନେ ଆମ୍ଭେ ବ୍ୟଥା ।
ପାର୍ବତୀ ବୋଇଲେ ମୁହିଁ ନ କରିବି ଦ୍ୱନ୍ଦ୍ୱ
ପ୍ରସନ୍ନ ହୋଇଣ ଆଜ୍ଞା ଦିଅ ସଦାନନ୍ଦ ।
ନାରଦ ବୋଇଲେ ଗଲେ ଯେ ଭଲ ହୋଇବ
ବାପ ଝିଅଙ୍କର ସବୁ ସନ୍ଦେହ ଫିଟିବ ।
ଆମ୍ଭେ ଯେତେ କହିଲେ ଯେ ନଯିବ ପରତେ
ଗଲେ ଜାଣିବେ ବାପର ପୀରତି ସେ କେତେ ।
ଈଶ୍ୱର ବୋଇଲେ ଏତ ଅଟଇ ଯୁକତି
ଯାହା ନ ଶୁଣିବ ଆପଣାର ବେନି ଶ୍ରୁତି ।
ଯେଉଁ ପଦାର୍ଥ ଲୋଚନପଥେ ନ ଦେଖିବ
ତହିଁର ବାରତା କେବେ ପରତେ ନ ଯିବ ।
ନାରଦ କହୁଅଛନ୍ତି ଯେବଣ ବାରତା
ଦକ୍ଷ ବ୍ରହ୍ମାଙ୍କର ଏକା କିବା ବଇରତା ।
କେମନ୍ତେ କହୁଛନ୍ତି ସେ କେମନ୍ତେ ଶୁଣିମା
ପାର୍ବତୀ ଗଲେ ସେ କଥା ସକଳ ଜାଣିମା ।
ଏତେ ବୋଲିଣ ଈଶ୍ୱର ପାର୍ବତୀଙ୍କୁ ଚାହିଁ
ବୋଇଲେ ଏ କଥା ତୁମ୍ଭେ ବୁଝିଆସ ଯାଇ ।
ବହୁତ ଦିନ ତହିଁ ବିଳମ୍ବ ନ କରିବ
ଅବେଭାର ହୋଇଥିଲେ ତାପ ନ ପାଇବ ।

Digitized by srujanika@gmail.com

ନାରଦ ବୋଇଲେ କୋପ ନ କରିବେ କାହୁଁ
ପିତା ହୋଇକରି ଯାଗେ ନ ବରିଲେ ଯହୁଁ ।
ସେ କଥା କିଛି ଚିନ୍ତା ନ କର ଗୁଣନିଧି
ଝିଅକୁ ପାରନ୍ତି ସିନା ପିତାମାତା ବୋଧି ।
ପାର୍ବତୀ ବୋଇଲେ ଦ୍ୱନ୍ଦ୍ୱ କରିବା କିମ୍ପାଇଁ
ଏତେବଡ଼ ଅଜ୍ଞାନ ତ ନୁହେଁ କେବେ ମୁହିଁ ।
କେବଳ ମୁଁ ଯାଗସଭା ଦେଖିବି ନୟନେ
ଦିବା ଦୁଇ ତିନି ରହି ଆସିବି ବହନେ ।
ଈଶ୍ୱର ବୋଇଲେ ତୁମ୍ଭେ ଯାଅ ବେଗହୋଇ
ଶୁଣିଣ ହରଷ ହେଲେ ଦକ୍ଷ ଜେମାଦେଈ ।
ଅନ୍ତଃପୁର ଭିତରେ ଯେ ବିଜେ କଲେ ବେଗି
ନାନାବିଧ ଅଳଙ୍କାର ଅଙ୍ଗେ ହୋଇ ଲାଗି ।
ବେଗବେଗ ହୋଇ ମାଏ ହୁଅନ୍ତେ ସୁବେଶ
କୁଞ୍ଚାଇ ପିନ୍ଧିଲେ ଭଲକରି ଝୀନବାସ ।
କୁଞ୍ଚିତ କବରୀ ଭାର କୁସୁମେ ମଣ୍ଡିତ
ସିନ୍ଦୂରର ବିନ୍ଦୁଚିତା କପାଳେ ଅଙ୍କିତ ।
ବଦନ ଶୋଭା ସମ୍ପୂର୍ଣ୍ଣ ଅକଳନ ଶଶୀ
ସୁନ୍ଦର ନୟନେ କଜ୍ଜ୍ୱଳର ରେଖା ଦିଶି ।
ତିଳଫୁଲ ନାସାରେ ଯେ ଗଳେ ଗଜମୋତି
ସୁନ୍ଦର ବିମ୍ବ ଅଧର ଦନ୍ତ ହୀରାକୃତି ।
ଶ୍ରବଣେ ତାଟକା କମ ନବରତ୍ନ ଜଡ଼ି
କଣ୍ଠକୁ ଶୋଭା ଦିଶଇ ମୁକ୍ତା ଚାପସରି ।
ମାଣିକ୍ୟର ମାଳାଗୋଟି ହୃଦେଛନ୍ତି ଭରି
ତହିଁରେ ହୋଇଛି ନାନାରତ୍ନ ସରି ସରି ।
କଟିରେ ସ୍ୱର୍ଣ୍ଣମେଖଳା ରତ୍ନ ଓଢ଼ିଆଣୀ
କନକ ଝଟକ ସୁନ୍ଦର ଯେ ରତ୍ନମଣି ।
ଯାଉଁଳି ସୁନାସୂତା ଯେ ଶୋହେ କଟିମୂଳେ
କନକର ରତ୍ନଚୁଡ଼ି ବେନିକର ସ୍ଥଳେ ।
ଚରଣେ ସ୍ୱର୍ଣ୍ଣ ନୂପୁର ହୀରାସାର ସାଜେ
ପାଦ ଚାଳନ କରନ୍ତେ ରୁଣଝୁଣ ବାଜେ ।
ପାଦ ପାଣି ପଲ୍ଲବରେ ବିବିଧ ମୁଦ୍ରିକା
ଯହିଁକିଯେ ଶୋଭାରତ୍ନେ ଘେନିଲେ ଅମ୍ବିକା ।
ଦଗଧ ହେମ ପରାଏ ଦିଶଇ ଶରୀର
ନବରତ୍ନ କରିଣ ଯେ ତହିଁ ଶୋଭାକର ।
ସୁବେଶ ହୋଇଣ ଦେବୀ ଦକ୍ଷର ନନ୍ଦିନୀ
ଉପରାଣ କରିଣ ଯେ ବସନ ପତନୀ ।
ନଗରୁ ବାହାରୁ ଖରେ ହୋଇ ଗୋସାମଣି
ଈଶ୍ୱରଙ୍କୁ ଚାହିଁ ଶିରେ ଦେଇ ବେନିପାଣି ।
ବିନୟଭାବେ କହନ୍ତି ଅତି ପ୍ରିୟବାଣୀ
ଯାଉଛି ଭୋଦେବ ସବୁ ବୁଝିବି ଏକ୍ଷଣି ।

ସ୍ୱାମୀଙ୍କୁ ଓଳଗିହୋଇ ପୁଣି ମହାସତୀ
କେଶରୀ ପିଠିରେ ବିଜେକଲେ ଯାଇଁ ଧାତି ।
ଅନେକ ପରିବାରୀ ଯେ ଅଛନ୍ତି ସଙ୍ଗତେ
ବିଜୟ ସେ ମହାସତୀ ହର୍ଷଭାବ ଚିତ୍ତେ ।
ପିତାଙ୍କର ଅଭିମାନେ ମନେ ମାନ ଘେନି
ହରଷ ବିସ୍ମୟରେ ସେ ଈଶ୍ୱର ଭାବିନୀ ।
ବାହାର ଆନନ୍ଦ କ୍ରୋଧ ଭିତରେ ଯେ ଅଛି
ମାନହାନି ବୋଲିକରି ନ କହନ୍ତି କିଛି ।
କ୍ଷଣେ କ୍ଷଣେ କରନ୍ତି ସେ ମୁଖ ତମତମ
ରାଗରେ ହୃଦୟଭାବ ହୁଏ ଦମଦମ ।
ସଙ୍କୋଚରେ ମହାମାୟା ବିରସ ମନର
କେତେବେଳରେ ପ୍ରବେଶ ହେବି ପିତାପୁର ।
ଭେଟ ହେଲେ ଜାଣିମା ନା ସିନା ବଡ଼ପଣ ।
କିମ୍ପାଇଁ ଯାଗରେ ମୋତେ ନକଲେ ବରଣ ।
କେବଣ ଅପରାଧ ମୁଁ କରିଛି ତାହାଙ୍କୁ
କିମ୍ପାଇଁ ସେ ମାନହାନି କଲେ ଈଶ୍ୱରଙ୍କୁ ।
ସବୁକଥା ଜଣାଯିବ ଭେଟିଲେ ସମ୍ମୁଖେ
ଏମନ୍ତ ଭାବି ଗମନ୍ତି ଦେବୀ ମନଦୁଃଖେ ।
ଚଉକତି ବେଢ଼ି ଯାଉଛନ୍ତି ପରିଜନେ
ଗଜ ଅଶ୍ୱ ଗୟଲେ ଯେ ଯାହାର ବାହନେ ।
ବ୍ୟାଘ୍ର ଭଲ୍ଲୁକ ମଇଁଷି ଗଜ ଓଟ ଚଢ଼ି
ଧାମନ୍ତି ଈଶ୍ୱରଗଣେ ପାର୍ବତୀଙ୍କୁ ବେଢ଼ି ।
ସହସ୍ରେ ପାଟଛତ୍ର ଯେ ଲକ୍ଷେକ ଚାମର
ପୁଷ୍ପ ପାଟଛତ୍ର ମେଘଡମ୍ବରୁ ଅପାର ।
ପହଣ୍ଡ ମଣାଉଛନ୍ତି କେଉଁ ପରିବାରୀ
ପୁଷ୍ପ ବିଞ୍ଚୁଛନ୍ତି ପଥେ କେବଣ ହିଁ ନାରୀ ।
ବିବିଧ ବାଦ୍ୟ ବାଇଣ କେବଳ ତରୁଣୀ
କାହାଳୀ ମୃଦଙ୍ଗ ଶଙ୍ଖ କମ ଅଳାବେଣୀ ।
ବାଜଇ ଝଞ୍ଜାଳ ଯନ୍ତ୍ର ରାବ କରତାଳି
ବହୁତ ଯୁବତୀ ଦେଉଛନ୍ତି ହୁଳହୁଳି ।
ବନଗିରି ମାଡ଼ିଣ ଯେ ଯାନ୍ତି ଦେବଗଣେ
ପ୍ରଭାବତୀ ପୁରକୁ ଯେ ପାର୍ବତୀ ଗହଣେ ।
ପ୍ରତ୍ୟକ୍ଷେ ପାର୍ବତୀ ମହାମାୟା ମାହେଶ୍ୱରୀ
ଈଶ୍ୱର ଘରଣୀ ପ୍ରଜାପତିର କୁମାରୀ ।
ଅଶେଷ ମହିମା ଯାର ଅଟଇ ରଚନା
ସକଳ ଭିଆଣ ଜୀବଜନ୍ତୁ ତାର ସିନା ।
ବନ୍ଦଇ ସେ ପାର୍ବତୀଙ୍କ ଚରଣ କମଳେ
ଯେଉଁ ମହାଦେବୀ ଅଟେ କାରେଣୀ ଶୟଳେ ।
ଅନାଦି ଈଶ୍ୱର ଆଦି ନାୟିକା ତୁ ପୁଣି
ଜଗତଜନନୀ ତୁହି ମାଗୋ ଠାକୁରାଣୀ ।

Digitized by srujanika@gmail.com

ଭବାନୀ ତୁ ଆଦିଶକ୍ତି ତ୍ରିଲୋକ୍ୟର ମାତା
ପ୍ରଳୟନାଶିନୀ ମାଗୋ ସଂସାର ତୋ ଚିନ୍ତା ।
ଶୂନ୍ୟରୁ ସଂଭୂତା ତୁହି ଅଟୁ ମହାମାୟା
ଅଲେଖ ପ୍ରତିମା ତୋର ବିଶ୍ୱ ନିଜକାୟା ।
ତୁହି ଆଦିନାରୀ ପରଂବ୍ରହ୍ମ ଗାୟତିରୀ
ତ୍ରିଲୋଚନ ନାରୀ ତୁହି ତ୍ରିପୁର ସୁନ୍ଦରୀ ।
ସଞ୍ଜୟନୀ ନାରୀ ତୁହି ଅଭୟା ଗୋ ମାୟେ
ବ୍ରହ୍ମା ବିଷ୍ଣୁ ଈଶ୍ୱର ଯେ ତୋହର ତନୟେ ।
ଇଚ୍ଛାରେ ତୁ ଦକ୍ଷବ୍ରହ୍ମା କୁଳରେ ଉତ୍ପତ୍ତି
ନାମ ବୋଲାଇଲୁ ତୁହି ଅବଳା ପାର୍ବତୀ ।
ଭାବରେ ଈଶ୍ୱରଙ୍କର ହୋଇଲୁ ଘରଣୀ
ଜୟ ଜୟ ମହାମାୟୀ ଭାରା ନିବାରିଣୀ ।
ଯମ କାଳାଦଣ୍ଡ ବିନାଶିନୀ ଆଦିମାତ
ମହାଦେବ ଦାସ ତୋର ପାଦ ଚିନ୍ତେ ନିତ୍ୟ ।

–x–

ପିତାଙ୍କ ମୁଖରୁ ପତିନିନ୍ଦା ଶୁଣି ପାର୍ବତୀଙ୍କର ଯାଗକୁଣ୍ଡେ ପ୍ରବେଶ

ଏଥୁ ଅନନ୍ତରେ ମାର୍କଣ୍ଡେୟ ମହାମୁନି
କହନ୍ତି ସୁରଥ ରାଜା ଆଗେ ପୁଣ୍ୟଧ୍ୱନି ।
ଶୁଣ ତୁ ହୋ ମହାରାଜା ଏ ପବିତ୍ର କୀର୍ତ୍ତି
ପ୍ରଜାପତି ପୁରେ ଯାଇ ମିଳିଲେ ପାର୍ବତୀ ।
ନାବେ ବସି ପାରିହେଲେ ନଦୀ ବିଷ୍ଣୁତୋଳା
କଟକ ଭିତରେ ଯାଇ ପଶିଲେ ଅବଳା ।
ଅପୂର୍ବ ପୁର ଦେଖିଣ ହର୍ଷେ ପଞ୍ଚମତି
ବହୁତ ପ୍ରଶଂସା ତାକୁ କଲେକ ପାର୍ବତୀ ।
ଧନ୍ୟ ପ୍ରଜାପତିଙ୍କ ଏ କଟକ ମହିମା
ଗଢ଼ିଲାକ କେତେକାଳ ବସି ବିଶ୍ୱକର୍ମା ।
କାହୁଁ ଏତେ ରତ୍ନ ବସ୍ତ୍ର ଚାମର ଆଣିଲେ
କେତେଲୋକ ଘେନିକରି ଏ ପୁର ମଣ୍ଡିଲେ ।
କାହୁଁ ଏତେ ଦ୍ରବ୍ୟ ଆଣି ସଞ୍ଚିଲେ ଏ ସ୍ଥାନ
କାହୁଁ ଅଇଲେ ବା ଏତେ ଲୋକ ଏ ଭୁବନ ।
ଅସଂଖ୍ୟ କାର୍ଯ୍ୟ ଯେ ପିତା କରିଛି ମୋହର
ଦେବଙ୍କୁ ଦୁର୍ଲଭ ଏହି ମର୍ତ୍ତ୍ୟେ ଅଗୋଚର ।
ଏଡ଼େ ବଡ଼ସମ୍ପଦରେ ଲୋଡ଼ା ନାହିଁ ମୋତେ
କିମ୍ବା ସେ ବୈଗୁଣ ପିତା ଧଇଲାକ ଚିତ୍ତେ ।
କେତେଲୋକ ନିମନ୍ତ୍ରିଣ ଆଣିଅଛି ସେହି
ମୋତେ ନ ଲୋଡ଼ିଲେ କେଉଁ ବଇଗୁଣ୍ୟପାଇଁ ।
ଆଜି ଯେ ଜାଣିବି ସିନା ତାଙ୍କ କଥାମାନ
ଏତେ ବୋଲିକରି ଦେବୀ କରନ୍ତି ଗମନ ।
ନଗ୍ର ନର ନାରୀମାନେ ପାର୍ବତୀଙ୍କୁ ଦେଖି
ଚାହାଁନ୍ତି ଏକଦୃଷ୍ଟିରେ ନ ଢାଳନ୍ତି ଆଖି ।
କେ ବୋଲେ ଏ ସ୍ତିରୀ କେଉଁ ଦେଶରୁ ଆସଇ
କେଶରୀପୃଷ୍ଠେ ଆସନେ ଗମନ କରଇ ।
ଅପୂର୍ବ ସୁନ୍ଦର ଅଟେ ଏହାର ମୂରତି
ଶରୀର ବିକାଶେ ରସାଣିଆ ସ୍ୱର୍ଣ୍ଣଜ୍ୟୋତି ।
ସମ୍ପୂର୍ଣ୍ଣ ଚନ୍ଦ୍ରବଦନା ସୁଲକ୍ଷଣୀ ନାରୀ
ଅଇଲେ କେବଣ ଭୁବନରୁ ବିଜେକରି ।
କାହାର ନନ୍ଦିନୀ ଏହୁ କାହାର ଘରଣୀ
ଯୁବତୀକୁଳ ଉପରେ ଏହୁ ଠାକୁରାଣୀ ।
ଏହାର ଅଂଶ ଘେନିଣ ସର୍ବସ୍ତିରୀ ଜାତ
ଏହିଟି ନିଶ୍ଚୟ ଅଟେ ଜଗଜ୍ଜନ ମାତ ।
ଅନେକ ପରିଚାରିକା ଅଛନ୍ତି ସଙ୍ଗତେ
ଗମଇ ଅତି ବ୍ୟଗ୍ରରେ ଉଦବେଗ ଚିତ୍ତେ ।
ଚିହ୍ନିବାର ଲୋକମାନେ କହୁଛନ୍ତି ତହିଁ
ଦକ୍ଷ ପ୍ରଜାପତିଙ୍କର ଜ୍ୟେଷ୍ଠା ଜେମା ଏହି ।
ପାର୍ବତୀ ନାମ ଏହାର ଅଯୋନିସମ୍ଭୂତ
ମହାଦେବ ନାମରେଟି ଏହାଙ୍କର କାନ୍ତ ।
ସେ ମହାଯତି ଦେବାଧି ରୂପକୁ ଯେ ଥରେ
ଅଯାତ୍ରା ବୋଲି ଯାଗେ ନ ଲୋଡ଼ିଲେ ଶ୍ୱଶୁରେ ।
କିମ୍ବା ଅଇଲେ ଏଥକୁ ଏ ଯେ ଅବରଣେ
ନ ପୁଣ ଅନର୍ଥ କିଛି ଲାଗେ ଅକାରଣେ ।
ଏମନ୍ତ ବୋଲି ହୁଅନ୍ତେ ଲୋକେ କୁହାକୁହି
ଦେବୀମାନେ ବେଗେ ବେଗେ ଯାଉଛନ୍ତି ବାହି ।
ଦ୍ୱାରମାନଙ୍କେ ଅଛନ୍ତି ବହୁ ପ୍ରତିହାରୀ
ଦେବୀଙ୍କି ଦେଖିଣ ଦୂରୁ ଯାଆନ୍ତି ଅପସରି ।
ଦେବୀଗଣ ବେଗେ ବେଗେ ପଶିଲେ ଭିତରେ
ପ୍ରବେଶ ହୋଇଲେ ଯାଇଁ ଯାଗଶାଳଦ୍ୱାରେ ।
ସେ ଦ୍ୱାରର ଅଧିପତି ଅଟେ ସୁରପତି
ପାର୍ବତୀଙ୍କି ଦେଖିଣ ସେ କରିଲେ ଭକତି ।
ଆସବୋଲି ବୋଲିଣ ସେ ଦ୍ୱାର ଛାଡ଼ିଦେଲେ
ପାର୍ବତୀ ଗଲେ ଦାସୀଙ୍କି ଦ୍ୱାର ନିରୋଧିଲେ ।
ବାହନୁ ଉତ୍ତୁରି ଦେବୀ ଗମି ପାଦଗତି
ପ୍ରବେଶ ହୋଇଲେ ଯାଇ ଯଜ୍ଞ ସଭାକତି ।
ଦେଖନ୍ତି ସେ ମହାଭାଗ ସୁପବିତ୍ର ସ୍ଥାନେ
ପିତା ପିତାମହ ଆଉ ବ୍ରହ୍ମଋଷିମାନେ ।
ମୁନି ବିପ୍ର ଆଦିକରି ଅଛନ୍ତି ଅନେକ
ଆପଣେ ଦକ୍ଷବ୍ରହ୍ମା ଯେ ବିପ୍ର ଯାଗନିକ ।
ଚନ୍ଦ୍ରକାନ୍ତି ନାମେ ତାଙ୍କ ଘରଣୀ ସଙ୍ଗତେ
ପୂଜନ୍ତି ଅଗ୍ନି ସମିଧ ଚରୁ ଗୁଆଘୃତେ ।

Digitized by srujanika@gmail.com

ଦେଖି ଆନନ୍ଦ ହୋଇଲେ ଦେବୀ ଯେ ପାର୍ବତୀ
ପିତାମାତାଙ୍କ ଚରଣେ କଲେକ ପ୍ରଣତି ।
ପାର୍ବତୀଙ୍କ ଦେଖିକରି ଦକ୍ଷନାମେ ବିହି
କୋମଳ କରି ବଚନ ତାହାଙ୍କୁ ଯେ କହି ।
ପ୍ରଜାପତି ବୋଇଲେ ଗୋ ଶୁଣ ହରରାଣୀ
ଏ ଯାଗସଭାକୁ କିମ୍ପା ଅଇଲୁ ନ ଜାଣି ।
ଏହି ଅତି ପୁଣ୍ୟସ୍ଥାନ ସବୁକଥା ନିଷ୍ଠା
ତୋହର ନିଶ୍ଚୟେ ହେଲା ଏହୁ ଅପ୍ରତିଷ୍ଠା ।
ଦକ୍ଷବ୍ରହ୍ମାଙ୍କ ମୁଖରୁ ଏହି ବାକ୍ୟ ଶୁଣି
ରହିଲେକ ସ୍ତମ୍ଭୀଭୂତ ହୋଇ ଠାକୁରାଣୀ ।
ଏମନ୍ତ ସମୟେ ବିଜେ ନାରଦ ମହର୍ଷି
ଦକ୍ଷବ୍ରହ୍ମାଙ୍କ ସଭାରେ ପ୍ରବେଶିଲେ ଆସି ।
ମହାସଭା ମଧ୍ୟରେ ଯେ ବିଧିମାନ କରି
ବସିଲେ ଦକ୍ଷବ୍ରହ୍ମାଙ୍କ ପୁରେ ତପଚାରୀ ।
ପ୍ରଜାପତି ବୋଇଲେ ହେ ଥିଲ କେଉଁଦେଶେ
କହିଲେ ନାରଦ ଋଷି ଈଶ୍ୱର କୈଳାସେ ।
ତୁମ୍ଭର ବାରତା ପୁଚ୍ଛାକଲେ ଦେବ ହର
କହିଲୁ ଯାଗବିଧି ସେ ସମ୍ପଦ ବେଭାର ।
ଯାଗ ବିଧି କଥା ଶୁଣିକରି ଉମାସାଇଁ
ବହୁତ ତାପ କଲେ ସେ କୋପମୁଖ ହୋଇ ।
ବୋଇଲେ ଗୋ ଦକ୍ଷବ୍ରହ୍ମା କରେ କିସ ଯାଗ
ଆମ୍ଭଙ୍କୁ ନ ବରିକାକୁ ଦିଏ ହବିର୍ଭାଗ ।
ଆମ୍ଭେ ଅଟୁ ମହାଦେବ ଦେବଙ୍କର ରାଜା
ଆମ୍ଭଙ୍କୁ ନ ବରି କରେ କାହାକୁ ସେ ପୂଜା ।
ଏତେ ବୋଲିକରି ହର ପେଶିଲେ ପାର୍ବତୀ
ଏବେ ସେ କିସ କହନ୍ତି ଶୁଣ ପ୍ରଜାପତି ।
ପ୍ରଜାପତି କହିଲେ ଯେ ପାର୍ବତୀ କହିବ
କିମ୍ପାଇଁ ସେ କୋପ କରିଛନ୍ତି ସଦାଶିବ ।
ସେ ତ ଜାଣନ୍ତି ତାଙ୍କର କ୍ରିୟା ସିଦ୍ଧିପଣ
ଯାଗରେ କେଉଁପରି ସେ ହୋଇବେ ବରଣ ।
ଯାଗଘରକୁ ଯୋଗୀକି ବରିବା କେମନ୍ତେ
ଋଷି ବିପ୍ର ଦେଖିକରି କି ବୋଲିବେ ମୋତେ ।
ଏ ବାକ୍ୟ ଶୁଣି ପାର୍ବତୀ ଦେଲେକ ଉତ୍ତର
କଥାଏ କହିବି ପିତା ଅବଧାନ କର ।
କେବଣ ଦଇବ କଲା ତୁମ୍ଭଙ୍କୁ ଯେ ବାଇ
ଈଶ୍ୱରଙ୍କୁ ନିନ୍ଦା କରୁଅଛ କାହିଁପାଇଁ ।
ପବିତ୍ର ପୁରୁଷ ସେ ସଦାନନ୍ଦ ରୂପର
ସକଳ ଦେବତାଙ୍କର ଉପରେ ଠାକୁର ।
ଅନାଦି ପୁରୁଷ ସେହି ସଦାନନ୍ଦ ରୂପ
ଯାହା ଦର୍ଶନେ ପ୍ରାଣୀଙ୍କ ଖଣ୍ଡେ ସର୍ବପାପ ।
ଦରଶନେ ଯେଉଁ ପ୍ରଭୁ ଚଉବର୍ଗ ଦାନୀ
ଯାହାକୁ ଆଶ୍ରୟ କରି ରହିଛି ମେଦିନୀ ।
ଯୋଗେଣ ଜଗତକୁ ଯେ ଅଟନ୍ତି ଧାରଣ
ଆତ୍ମଲିଙ୍ଗ ରୂପେ ସେ ଯେ ସବୁଙ୍କର ପ୍ରାଣ ।
ସୃଷ୍ଟି କାରଣ ଧାରଣ ସେହୁ ସଦାଶିବ
ପ୍ରଳୟକାଳେ ସଂହାର କରେ ସର୍ବଜୀବ ।
ତାହାର ଉପଯୋଗ ଯେ ଜନମ ମେଦିନୀ
ସଂସାର ଆତଯାତ ଯେ ତାର ବୁଦ୍ଧି ଘେନି ।
ବିଷ୍ଣୁଙ୍କର ସଖା ସେହୁ ଦେବଙ୍କର ବର
ସଂସାର ବ୍ୟାପାର ସେହୁ ଅନାଦି ଶଙ୍କର ।
ବେଦ ଶାସ୍ତ୍ର ପୁରାଣରେ ସିଦ୍ଧି ଯାର ନାମ
ଅକଳଙ୍କ ମୂରତି ସେ ଅଟେ ଅନୁପମ ।
ଏଡ଼େ ବଡ଼ ପ୍ରଭୁଙ୍କୁ ତୁ ଯାଗକୁ ନ ବରି
ଅଧିକରେ ବାଛୁ ପୁଣି ଅବିଗୁଣ ଧରି ।
ନିଶ୍ଚୟ ଦଇବ ଏବେ ଛାଡ଼ିଲା ତୁମ୍ଭଙ୍କୁ
ଜ୍ଞାନ ଥାଉଁ ଥାଉଁ ନିନ୍ଦାକର ଈଶ୍ୱରଙ୍କୁ ।
ଏ ବଚନ ଶୁଣି ବୋଲେ ଦକ୍ଷ ପ୍ରଜାପତି
ଯେଉଁ କଥା କହିଲୁ ଗୋ ଶୁଣ ତାର ରୀତି ।
ତୋ ପ୍ରଭୁର ମହିମା ତୁ କହିଲୁଟି ଯାହା
ପ୍ରତ୍ୟକ୍ଷେ ଈଶ୍ୱର ନାସ୍ତି କେ କରିବ ତାହା ।
ଈଶ୍ୱର ହୋଇଣ ସେହୁ ଅତ୍ୟାଚାର କଲେ
ତେଣୁକରି ଏ ଯାଗକୁ ସୁଯୋଗ୍ୟ ନୋହିଲେ ।
ପାର୍ବତୀ ବୋଇଲେ କିବା ତାଙ୍କ ଅବିଗୁଣ
ପ୍ରଜାପତି ବୋଇଲେ ଗୋ ଆମ୍ଭ ଠହୁଁ ଶୁଣ ।
ମହାଦେବ ହୋଇଣ ସେ ବିଡ଼ମ୍ବନ ମୂର୍ତ୍ତି
ସକଳ ଅଙ୍ଗରେ ଲେପୁଥାନ୍ତି ସେ ବିଭୂତି ।
ଗଳାରେ ଯେ ହାଡ଼ମାଳ ମୁଣ୍ଡେ ଜଟାଭାର
ମସ୍ତକରେ କାତିଶୂଳ ହସ୍ତରେ କୁଠାର ।
କର୍ଣ୍ଣ ଦୁଇରେ ଦୁଦୁରା ପୁଷ୍ପ ଆଭରଣ
ମହା ପାଶୁପତ ପୁଣି କଟିରେ ଭୂଷଣ ।
ପ୍ରପଞ୍ଚ ସର୍ପ ଗୁଡ଼ାଏ ବହି ପୁଣ ଶିରେ
ଫୁଫୁକାର ହୋଇ ଗର୍ଜୁଥାନ୍ତି ନିରନ୍ତରେ ।
ମନେ ଭୟ ହୁଏ ତାଙ୍କ ନିକଟେ ଯିବାକୁ
କିଏ ପାଖେ ବସାଇବ ଏମନ୍ତ ଲୋକକୁ ।
ବିଡ଼ମ୍ବନ ସର୍ପ ପୁଣ ଶାମୁକାରୁ ମାଳେ
ପଇତା ଛଳରେ ତାହା ଲମ୍ବେ ବକ୍ଷସ୍ଥଳେ ।
ବାହୁଟି ନାଗସାପ ଯେ ତମ୍ଭାର କଙ୍କଣ
କଟିରେ ଯେ ଚିରିକୁଟି ଅତି ବିଡ଼ମ୍ବନ ।
ଅଣ୍ଟାରେ ଯେ ଅଜଗର ସାପ ଥାଇ ଭିଡ଼ି
ଭବିଷ୍ୟ ଦିଶୁଥାଇ ଯେ ଗଳାର କହୁଡ଼ି ।

Digitized by srujanika@gmail.com

କ୍ଷଣକେ ବାସ ଉଲଗ୍ନ ହୁଏ କ୍ଷଣ କ୍ଷଣ
ବାତୁଳ ପ୍ରାୟେ ନାଚଇ ହୋଇ ରଣଭଣ ।
ନଟକାର ଜନମତ ବଜାଇ ଡମ୍ବରୁ
ଶିଙ୍ଗାନାଦ ବଜାଇଣ ଉଠଇ ସଭାରୁ ।
ରକ୍ତବର୍ଣ୍ଣ ପ୍ରାୟ ସଦା କରିଥାଇ ଆଖି
କପାଳରେ ପାଉଁଶ ଯେ ହୋଇଥାଏ ମାଖି ।
ଭିକ୍ଷୁକ ଜନ ପରାୟେ ହସ୍ତେ ଘେନି ଥାଳ
ଦ୍ୱାରେ ଦ୍ୱାରେ ବୁଲି ଭିକ୍ଷା ମାଗଇ ତଣ୍ଡୁଳ ।
ବଳଦ ଗୋଟା ଚଢ଼ିଣ ବୁଲେ ନିଶାକାଳେ
ଭୂତପ୍ରେତ ପିଶାଚାଦି ବେଢ଼ିଥାନ୍ତି ମେଳେ ।
ଗଇଶ ଦୁଦୁରା ଅର୍କଫୁଲ ବେଲପତ୍ରୀ
ଏ ପଦାର୍ଥମାନଙ୍କୁ ସେ ମଣେ ସୁଖ ଅତି ।
କ୍ଷଣକେ ଗମଇ ସେହୁ ବଳଦ ବାହନେ
ଦିବସରେ ଅନୁବ୍ରତେ ବୁଲୁଥାଇ ବନେ ।
ନିଶାରେ ସେ ବୁଲୁଥାଇ ଶମଶାନ ଭୂଇଁ
ଭୋଜନ ଶୟନ ସୁଖ କିଛି ନ ଜାଣଇ ।
ଦେବତା ଗୋଷ୍ଠୀରେ କାହିଁ ନବସଇ କ୍ଷଣେ
ନିରକ୍ଷ ଜନ ପରାୟ ବୁଲେ ଏଣେ ତେଣେ ।
ଉତ୍ତମ ରତ୍ନ ବସନ ଦିଏ ଦୂର କରି
ଭେକ ବାଛିଥାଇ ନିତି ସ୍ୱରୂପ ଭିକାରୀ ।
ଏମନ୍ତ ବିଡ଼ମ୍ବନ ସେ ଯେବଣ ପୁରୁଷ
ସେ କେମନ୍ତ ବସିବ ଗୋ ଦେବରଷି ପାଶ ।
ଏ ମୋହର ଯଜ୍ଞ ସଭା ସୁପବିତ୍ର ସ୍ଥାନ
ଆନ ପଟାନ୍ତର ନାହିଁ ଚଉଦ ଭୁବନ ।
ଏହି ସଭାକୁ ଯୋଗୀକି ବରିବି କେମନ୍ତେ
ତୁହି ଗୋ ମହାମାୟା ତା ବିଚାରୁନା ଚିତ୍ତେ ।
ପାର୍ବତୀ ବୋଇଲେ ଆଉ ବିଚାରିବି କିସ
ତୁମ୍ଭର ବଚନ ମୋତେ ପ୍ରଚଣ୍ଡାଗ୍ନି ଝାସ ।
ମୁହିଁ ମୂଢ଼ୀ ନ ଜାଣି ଯେ ଏଥକୁ ଅଇଲି
ଏଡ଼େବଡ଼ ଅବିଗୁଣ ପ୍ରଭୁଙ୍କ ଶୁଣିଲି ।
ତୁମ୍ଭେ ପିତା କାହିଁପାଇଁ ହେଲ ଜ୍ଞାନ ଧ୍ୱଂସ
ଈଶ୍ୱର ପ୍ରାୟ ପ୍ରଭୁର ବାଛିଲ ଏ ଦୋଷ ।
ଯୋଗାଧିପୁରୁଷ ସେହୁ ଆଦି ଅବତାର
ଅଚିନ୍ତ୍ୟ ସଦାନନ୍ଦ ଯେ ପରମ ଈଶ୍ୱର ।
ଭୋଳେ ସେ ଭୃତ୍ୟଜନଙ୍କୁ ସୁଖଭୋଗ ଦେଇ
ଧଇଲେକ ଦିଗମ୍ବର ଭେକକୁ ଗୋସାଇଁ ।
କୌତୁକ ଭାବେ ବିଭୂତି ଅଙ୍ଗେ ବିଲେପନ
ପ୍ରତ୍ୟକ୍ଷରେ ସଦାନନ୍ଦ ଆଦି ନିରଞ୍ଜନ ।
ଆବର ବିଶେଷେ ପୁଣି ତୁମ୍ଭର ଜୁଆଇଁ
ଜୁଆଇଁକି ଏ ବଚନ ବୋଲି ନ ଯୋଗାଇ ।

ସଂସାର ଯାକରେ ପୁଣି ଅତି ବନ୍ଧୁପଣ
ନ ବୋଲନ୍ତି ବନ୍ଧୁଙ୍କୁ ଯେ କେହି ବିଡ଼ମ୍ବନ ।
ବନ୍ଧୁପଣ କରି ତାଙ୍କୁ ବାଛଇ ଯେ ପ୍ରାଣୀ
କାଳେ କାଳେ ହୁଅଇଟି ତାର ଧର୍ମହାନି ।
ତୁମ୍ଭେ ସିନା କରୁଅଛ ସକଳ ଆଚାର
ଅନନ୍ତ ଦୁହିତାପତି ବୋଲଇ ସଂସାର ।
କାର୍ଯ୍ୟଘରେ ଆଗକରି ଜୁଆଇଁକୁ ବରି
ଜୁଆଇଁ ତୁଲେ ଆନ ବନ୍ଧୁ ନୁହେ ସରି ।
ଜୁଆଇଁ ଅବରଣରେ କି କାର୍ଯ୍ୟ ତୁମ୍ଭର
ଅଧିକେ ବିଗୁଣ ବାଛ ପୁଣି ଯାହା ପାର ।
ପ୍ରଜାପତି ବୋଇଲେ ଗୋ ଶୁଣ ଶୁଭ୍ରକେଶୀ
ଯେଉଁ ପାଇଁକି ବାଛିଲି ସିନା ଦୋଷଦୋଷୀ ।
ଜାତି ନାଶଗଲେ ପୁଣି ବହୁପାପ ପାଇ
ଜୀବନ୍ତେ ଅପୂଜା ମଲେ ନର୍କକୁ ଯେ ଯାଇ ।
ଏ କଥାମାନ ଗୋ ତୁମ୍ଭେ ନ ବୁଝି କହିଲେ
ଏକା ବୋଲୁଅଛୁ ମୋତେ ଯଜ୍ଞେ ନ ବରିଲେ ।
ତୋହର ସ୍ୱାମୀ ଦେବଙ୍କ ଅଟେ ମୋକ୍ଷପାନ
ଜାତିରେ ଯୋଗୀ ତ ଆଗୋ ନୁହଇ ସେ ଆନ ।
ମହାଦେବ ସେ ହୋଇଲେ କି ହୋଇବେ ଅବା
ମିଠାଖିରି ହୋଇଲେ କି ନାସାରେ ପିଇବା ।
ସୁରଙ୍ଗ ବୋଲି ନିକି ଗୋ ଭକ୍ଷିବା ଅନଳ
ପବିତ୍ର ବୋଲି ଭକ୍ଷିବା ନିକି ସିନ୍ଧୁଜଳ ।
ସୁଖର ନିମନ୍ତେ କିଗୋ ପରଦ୍ରବ୍ୟ ହରି
କ୍ଷୁଧାର୍ତ୍ତ ହୋଇଲେ ନିକି ବିଷପାନ କରି ।
କଉତୁକେ ଶୋଇବ କି ମହାପଶୁ ମେଳେ
ଉଚ୍ଚସ୍ଥାନ ବୋଲି ନିକି ଆରୋହିବ ଶୂଳେ ।
ବନ୍ଧୁ ନିମନ୍ତେ ତେଜିବ ନିକି ନିଜଜାତି
ଏକଥା ବିଚାରି ତୁମ୍ଭେ କହ ଗୋ ପାର୍ବତୀ ।
ପାର୍ବତୀ ବୋଇଲେ ମୁଁ କି କହିବି ହେ ତାତ
ତୁମ୍ଭେ ଭଲଲୋକ ବୋଲି କହିଲ ଏମନ୍ତ ।
ଈଶ୍ୱର ପୁରୁଷଙ୍କୁ ତ ଅଜାତି ବୋଲୁଛ
ତୀର୍ଥକୁ ଯାଇଣ ପୁଣି ଗୋଳିପାଣି ବାଛ ।
ସମ୍ପୂର୍ଣ୍ଣ ଚନ୍ଦ୍ରମାରେ ତ ବହୁତ କଳଙ୍କ
ଜଳନିନ୍ଦା କରିଣ ଯେ ବୋଲୁଅଛ ପଙ୍କ ।
ଅନନ୍ତ ନାଗକୁ ଅଯାତ୍ରିକ ବୋଲି ଲେଖ
ଉଲଗ୍ନ ବୋଲି ଲକ୍ଷଣ ଗଜକୁ ଉପେକ୍ଷ ।
ବ୍ରହ୍ମାର ବେଦ ପୋଥିରେ ଅଶୁଦ୍ଧ ଯେ ଖୋଜୁ
ବିଷ୍ଣୁର ବୈକୁଣ୍ଠେ ପୁଣି ଭଲମନ୍ଦ ହେଜୁ ।
ନିରାକାର ରୂପକୁ ଯେ ବାରୁଛୁ ଅରୂପ
ସୁଧର୍ମା ସଭା ମଧ୍ୟରେ କାହୁଁ ଲୋଡ଼ୁ ପାପ ।

Digitized by srujanika@gmail.com

ସୁରପତିର ପତ୍ନୀକୁ ବୋଲୁ ଦୋଚାରୁଣୀ
ସାଗରକୁ ନିନ୍ଦାକରି ବୋଲୁ ଲୁଣିପାଣି ।
ପଶୁମଧ୍ୟରେ ଗୋମାତା ପଶୁବୋଲି ଯୋଖୁ
ଯୋଗୀଙ୍କର ସଙ୍ଗତରେ ଈଶ୍ୱରଙ୍କୁ ଲେଖୁ ।
ବିଧାତା ହୋଇଣ ତୋର ଏସନକ ବୁଦ୍ଧି
ନିଶ୍ଚୟ ହରାଇଲୁ ତୁ ସକଳ ସମୃଦ୍ଧି ।
ପ୍ରଜାପତି ବୋଇଲେ ଗୋ ଶୁଣ ମୋର ମାତ
ପ୍ରସ୍ତାବେ କହିଲୁ ତୋତେ ଶାସ୍ତ୍ରର ଉକତ ।
ବିପ୍ର ହୋଇଣ ଯଦ୍ୟପି ହେବ ବିଦ୍ୟାହୀନ
ଇଷ୍ଟଦେବ ହୋଇ ଯେବେ ନୋହିବ ପ୍ରସନ୍ନ ।
ବୈଷ୍ଣବ ହୋଇଣ ଯେବେ ହେବ ମାୟାଚାରୀ
ସ୍ୱାମୀଠାରେ ଅଭକତ ହେବ ଯେଉଁ ନାରୀ ।
କୁଟୁମ୍ବ ହୋଇ ଆତ୍ମାକୁ ଚିନ୍ତେ ଯେବେ ମନ୍ଦ
ମିତ୍ର ହୋଇଣ ଶତ୍ରୁକୁ କହେ ଯେବେ ଭେଦ ।
ଶିଷ୍ୟ ହୋଇଣ ଗୁରୁରେ ଯେବେ ଅଭକତି
ବନ୍ଧୁ ହୋଇ ହେବ ଯେବେ ଅପ୍ରିୟ ଅଜାତି ।
କୁଳସ୍ତିରୀ ହୋଇ ଯେବେ ବଳାଏ ପୀରତି
ଏତେ ଲୋକମାନଙ୍କୁ ଯେ ନ ଲୋଡ଼ିବ କତି ।
ଏ ପ୍ରକାର ବଚନ ଯେ ଅଛଇ ପୁରାଣେ
ଈଶ୍ୱରଙ୍କୁ ମୁଁ ବରିବି କହ କେଉଁଗୁଣେ ।
ଆବର ବିଶେଷରେ ତ ଅଛି ହତ୍ୟାଦୋଷ
ଗୋହତ୍ୟା ବାଳହତ୍ୟା ଯେ ଅନଙ୍ଗବିଧ୍ୱଂସ ।
ଏତେ ହତ୍ୟାଦୋଷ ପୁଣି ଶୁଣିଛି ତାଙ୍କରି
ତେଣୁ ସିନା ଯାଗକୁ ନ ଆଣିଲି ମୁଁ ବରି ।
ତୁ ଯଦ୍ୟପି ଅବରଣେ ଅଇଲୁ ମୋ ପୁର
ଯାଗ ସରିବା ଯାଏ ଗୋ ଦୂରେ ବିଜେକର ।
ଏ ବଚନ ଶୁଣିକରି ଈଶ୍ୱର ଭାବିନୀ
ହୃଦୟରେ ବିଚାରନ୍ତି ବହୁମାନ ଘେନି ।
ପିତା ମୁଖରୁ ଶୁଣିଲି ଏସନକ କଥା
କି ବୋଲି ବୋଲିବେ ମୋତେ ଶୁଣି ପଞ୍ଚମଥା ।
ଏ ହୋଇଲେ ଶୁଦ୍ଧ ମୁହିଁ ହୋଇଲି ଅଜାତି
ଜାତକରି ପିତା କଲ ଏଡ଼େ ଅପୀରତି ।
ଏତେ ମାନହାନିରେ ଚାହିଁବି କାହା ମୁହଁ
ଯାଉ ଏ ଜୀବନ ଏ ଯେ ପୋଡୁ ମୋରଦେହ ।
ଏତେକ ବୋଲିଣ ଦେବୀ ମୌନବ୍ରତେ ରହି
ବରଡ଼ା ପତ୍ର ପରାୟେ କମ୍ପୁଅଛି ଦେହି ।
ପ୍ରସନ୍ନ ବଦନ ଗୋଟି ଦିଶିଲା ମଳିନ
ଚନ୍ଦ୍ରକୁ ଲଜ୍ଜା ଯେସନ ଆଦିତ୍ୟ କିରଣ ।
ପାର୍ବତୀଙ୍କ ମୁଖ ତେହ୍ନେ ଦିଶିଲାକ ପୁଣି
ଦକ୍ଷ ପ୍ରଜାପତି ମୁଖୁ ନିନ୍ଦାବାକ୍ୟ ଶୁଣି ।
ହେଠମାଥ ହୋଇକରି ଚରଣ ଭ୍ରମରେ
ମୁଖରୁ ନିଃଶ୍ୱାସ ବହେ ଅତି ଖରତରେ ।
ଶୁଣି ଦକ୍ଷପ୍ରଜାପତି କହନ୍ତି ନାରଦେ
ଏ ତୁମ୍ଭର କି ଜାଣିବା ପଣ ହେଲା ହାଦେ ।
ଈଶ୍ୱରଙ୍କର ବାଛିଲ ତୁମ୍ଭେ କେତେ ବାଣୀ
ପାର୍ବତୀଙ୍କ ଶରୀର ତା ଦେହେ ଅଗ୍ନି ଜାଣି ।
ଗୃହସ୍ଥର ନିନ୍ଦା କଥା ନ କହନ୍ତି ସ୍ତିରୀ
ଈଶ୍ୱର ଅର୍ଦ୍ଧାଙ୍ଗ ଏହି ତୁମ୍ଭର କୁମାରୀ ।
ଏମନ୍ତ ସ୍ୱରୂପ ଦେଖିକରି ଦେବୀଙ୍କର
ନାରଦ ମହାଋଷି ଯେ କହନ୍ତି ଉତ୍ତର ।
କିମ୍ପାଇଁ ଗୋ ମହାସତୀ ମୌନେ କରୁ ଚିନ୍ତା
ସକଳ କାର୍ଯ୍ୟରେ ହାନିକଲେ ତୁମ୍ଭ ପିତା ।
ତୁହି ନ ଜାଣି ଅଇଲୁ ଯେବେ ଏହି ପୁର
ପିତା ହୋଇଣ ରଖିଲା କେବଣ ବେଭାର ।
ତାହାଙ୍କୁ ନିନ୍ଦାକଲେ ଏ କେମନ୍ତେ ସହିବ
ଆତ୍ମାଘାତ କଲେ ଆମ୍ଭ ସମ୍ପଦ ସରିବ ।
ଶୁଣ ହୋ ସୁରଥ ରାଜା କହନ୍ତେ ନାରଦେ
ପାର୍ବତୀ ସେ ଖଳକଥା ହିତ ଘେନି ହୃଦେ ।
ପିତାଙ୍କର ଅଭିମାନେ ଦେହ ପୋଡୁଥିଲା ।
ନାରଦଙ୍କ କଥା ତହିଁ ସମିଧ ହୋଇଲା ।
ଅଭିମାନ ହୃଦୟରେ ଜଳିଲାକ ତହିଁ
ମାନହାନି କଥା ଦେବୀ ନ ପାରିଲେ ସହି ।
ବେଳକୁ ବେଳ ଯେ କ୍ରୋଧ ପୂରେ ହୃଦୟରେ
ସମ୍ଭାଳି ନ ପାରି ଦେବୀ ଡେଇଁଲେ ଯାଗରେ ।
ପ୍ରଚଣ୍ଡ ସେ ହୁତାଶନ କୋଟି ସୂର୍ଯ୍ୟଜ୍ୟୋତି
ପ୍ରତାପବନ ହୋଇଣ ଜ୍ୱଳନ୍ତା ଆକୃତି ।
ଜାଣିଣ କାଳ ଅନଳ ହୁଏ ଅବତାର
ପ୍ରଚଣ୍ଡ ଅନଳ ରାଶି ଜଳେ ଖରତର ।
ମନ୍ତ୍ରବଳରୁ ପ୍ରଚଣ୍ଡ ଅଗ୍ନି ତେଜରାଶି
ଘୃତ ଯୋଗେ ପୁଣି ମହାକିରଣ ପ୍ରକାଶି ।
ସେ ଅନଳରେ ପାର୍ବତୀ ହୋଇଲେକ ଝାସି
ତତ୍‌କ୍ଷଣେ ସେ ଶରୀର ହେଲା ଭସ୍ମରାଶି ।
ହୃଦୟରେ କୋପାନଳ ଯଜ୍ଞ ବ୍ରହ୍ମଅଗ୍ନି
ଅଙ୍ଗ ଭସ୍ମକଲେ ଦେବୀ ଦୁଇତାପ ଘେନି ।
ଦେବୀଙ୍କ ତହୁଁ ବାହାର ଦିବ୍ୟ ଯେ ମୂରତି
ଅନ୍ତର୍ଦ୍ଧାନ ହୋଇଲେ ସେ ବିଜୁଳିର କାନ୍ତି ।
ସେ ପାର୍ବତୀ ଦେବୀଙ୍କର ଚରଣେ ଶରଣ
ମହାଦେବ ଦାସ କହେ ଦିଅ ମା କାରଣ ।

-x-

Digitized by srujanika@gmail.com

ପାର୍ବତୀଙ୍କ ନିଧନ ଶୁଣି ଶିବଙ୍କର କୋପ ଓ ଦକ୍ଷ ଯଜ୍ଞ ଭଙ୍ଗ

ହିମବନ୍ତ ପର୍ବତରେ ହୋଇଲେ ଗୋପନ
ଏଥୁ ଅନନ୍ତରେ କଥା ଶୁଣ ତୁ ରାଜନ ।
ପାର୍ବତୀ ଦହନ ଦେଖି ସର୍ବ ତପୋବନ୍ତ
ସ୍ତୁବମାନ ପକାଇଣ ହେଲେ ସ୍ତମ୍ଭୀଭୂତ ।
ଦକ୍ଷବ୍ରହ୍ମା ବୋଇଲେ ହୋ ନ କର ବିଚାର
ନରମେଧ ଯାଗ ପଛେ ହୋଇଲା ମୋହର ।
ଯାଗକୁ ଯେ ସାବଧାନ କର ତୁମ୍ଭେ ଏବେ
ଯେଉଁ ପ୍ରକାରେ ତୃପତି ହୋନ୍ତି ସର୍ବଦେବେ ।
ଦକ୍ଷବ୍ରହ୍ମା ବୋଲନ୍ତେ ଯେ ସର୍ବ ମହାମୁନି
ଓଁକାର ଶବ୍ଦେ କରନ୍ତି ପୁଣି ବେଦଧ୍ୱନି ।
ଘୃତ ନେଇ ନିଓଡ଼ନ୍ତି ଅନଳ ଉପରେ
ଯବ ତିଳ ସମିଧ ଯେ ନାନା ପରକାରେ ।
ପୂଜନ୍ତି ନାନାଦି କର୍ମମନ୍ତ୍ର ହୁତାଶନ
ନାରଦ ସେଠାରୁ ହୋଇଗଲେ ଅନ୍ତର୍ଦ୍ଧାନ ।
ପାର୍ବତୀ ନିହତ ବାର୍ତ୍ତା ନଗ୍ରେ ନଗ୍ରେ କହି
କଇଳାସ ପୁରକୁ ସେ ଗଲେ ବେଗ ହୋଇ ।
ଦେବୀଗଣେ ଶୁଣି ପୁଣି ପାର୍ବତୀ ନିଧନ
ହରପୁରକୁ ଗମିଲେ ହୋଇ ଅନ୍ତର୍ଦ୍ଧାନ ।
କୈଳାସ କନ୍ଦରେ ଯାଇ ହୋଇଲେ ପ୍ରବେଶ
ସେ ବାରତା ଜଣାଇଲେ ଈଶ୍ୱରଙ୍କ ପାଶ ।
କ୍ରୋଧଭର ହୋଇକରି କହୁଛନ୍ତି ଦାସୀ
ଶୁଣିବାକ ସାବଧାନ ପ୍ରଭୁ ବିଶ୍ୱବାସୀ ।
ପାର୍ବତୀ ଯେ ଗଲେ ଦକ୍ଷ ପ୍ରଜାପତିପୁରେ
ବହୁତ ଅପମାନ ସେ ପାଇଲେ ସେଠାରେ ।
ଅଭିମାନେ ଦେବୀ ଦେହ ଝାସିଲେ ଅନଳେ
ଆମ୍ଭେ ପଳାଇ ଆସିଲୁ ପ୍ରାଣ ବିକଳେ ।
ଦେବୀଗଣ କହନ୍ତେ ନାରଦ ଆଗସରି
ବୋଇଲେ ମୋହର ତହୁଁ ଶୁଣିବା ଗୁହାରି ।
ଏମାନେ ସମସ୍ତେ ଦେବ ବାହାରରେ ଥିଲେ
ଏକାହୋଇ ପାର୍ବତୀ ଯେ ଭିତରକୁ ଗଲେ ।
ଯଜ୍ଞସଭାରେ ପଡ଼ିଲା ଯେତେ ଯେତେ କଥା
ସେ କଥା ଶୁଣିମା ମୋହ ତହୁଁ ପଞ୍ଚମଥା ।
ଈଶ୍ୱର ଆଜ୍ଞା ଦେଲେକ କହ କହ ମୁନି
କିମ୍ପାଇଁ ଯଜ୍ଞରେ ମୋର ଝାସିଲା ଭାବିନୀ ।
ଦକ୍ଷପ୍ରଜାପତି କିମ୍ପା ଛାଡ଼ିଲେ ଆମ୍ଭଙ୍କୁ
ଆମ୍ଭର ତ ଅପରାଧ କିଛି ନାହିଁ ତାଙ୍କୁ ।
ନାରଦ ବୋଇଲେ ତାହା କେମନ୍ତେ ଜାଣିବା
ଯାହା ତହିଁ ଶୁଣିଲି ମୁଁ ତାହା ଜଣାଇବା ।
ପାର୍ବତୀ ମିଳିଲେ ଯେତେବେଳେ ଯଜ୍ଞସ୍ଥାନେ
ଦକ୍ଷପ୍ରଜାପତି ତାଙ୍କୁ ଭେଟିଲେ ନୟନେ ।
ଭେଟୁ ପ୍ରଜ୍ୱଳିତ ହୋଇଲେକ ପ୍ରଜାପତି
ବୋଇଲେ ଏଠାକୁ କିମ୍ପା ଅଇଲୁ ପାର୍ବତୀ ।
ଯୋଗୀର ଭାରିଯା ତୁହି ଅଟୁ ଯୋଗୀଆଣୀ
ଅଛବ ଜନମାନଙ୍କ ସଙ୍ଗେ ତୋତେ ଗଣି ।
ଯାତ୍ରାକାଳେ ତୁମ୍ଭର ଯେ ନ ଚାହିଁ ବଦନ
ଛୁଇଁଲେ ଯେ ନାଶଯାଇ ସର୍ବ ପୁଣ୍ୟମାନ ।
ଅକୁଳୀନ ଜନ ଅଟେ ତୋହର ଯେ ପତି
ଯୋଗୀ ଭିକ୍ଷାସୀ ସେ ସିନା ବିରୂପ ମୂରତି ।
ସଭାରେ ଯେ ଅଭୂଷଣ ତାର ଅଙ୍ଗଗୋଟି
କାଳସର୍ପ ଭୂଷଣ ଯେ ଚର୍ମ ଚିରିକୁଟୀ ।
ହାଡ଼ମାଳ ଗଳେ ପୁଣି ପାଉଁଶ ଭୂଷଣ
ପୁଣି ଥାଇ କନ୍ଥା ଧୋତି କଷା ଯେ ବସନ ।
ବଳଦ ଚଢ଼ିଣ ଭ୍ରମେ ଡମ୍ବରୁ ବଜାଇ
ବୁଲଇ ଶ୍ମଶାନେ ଦିଗମ୍ବର ରୂପ ହୋଇ ।
ଜାତିଆଚାର ବେଭାର କିଛି ତାର ନାହିଁ
ଭିକ୍ଷୁକ ପ୍ରାୟ ହୋଇ ସେ ବୁଲେ ଯହିଁ ତହିଁ ।
ବିଡ଼ମ୍ବନ ପୁରୁଷ ସେ କ୍ରିୟାହୀନ ପ୍ରାଣୀ
ତୁ ତାହାର ଭାରିଯା ଗୋ ଅଟୁ ଯୋଗିଆଣୀ ।
ଏ ପୁଣ୍ୟସ୍ଥାନକୁ ତୁହି କିମ୍ପାଇ ଅଇଲୁ
ଯାଗସଭା ଗୋଟାକ ତ ଅପ୍ରତିଷ୍ଠା କଲୁ ।
ନ ଜାଣି ଅଇଲୁ ଯେବେ ବେଗେ ହୋଇଯାଅ
ମୋର ପାଖସୀମାନ୍ତେ ତୁ କ୍ଷଣେ ହେଁ ନ ଥାଅ ।
ଏ ବାକ୍ୟ ଶୁଣି ପାର୍ବତୀ ଦେବୀ କୋପଚିତ୍ତ
ହୋଇ ତୁମ୍ଭର ମହିମା କହିଲେ ବହୁତ ।
ଶୁଣି ମହା କୋପ କଲେ ଦକ୍ଷପ୍ରଜାପତି
ବୋଇଲେ ବଡ଼ ଦିଶଇ ତୋତେ ଯୋଗୀପତି ।
ବେଳୁଁବେଳ ବୋଇଲେ ସେ ବହୁତ ଝିଙ୍ଗାସି
ନ ପାରିଲେ ଅଭିମାନ ସହି ଶୁଭ୍ରକେଶୀ ।
ଯାଗର ଅନଳେ ପଡ଼ିଗଲେ ଅଭିମାନେ
ପାରୁଶରେ ବସିଥିଲେ ଯେଉଁ ଋଷିମାନେ ।
ଜଣେ ହେଁ କେହି ତାହାର ନ ଧଇଲେ କର
ମାତା ପିତା ସହିତେ ଯେ ବଡ଼ଇ ନିଷ୍ଠୁର ।
ମୁହିଁ ତାହାର ସନ୍ନିଧେ ଥାନ୍ତି ଯେବେ ବସି
କିମ୍ପା ଯାଗକୁଣ୍ଡେ ପଡ଼ିଥାନ୍ତା ଶୁଭ୍ରକେଶୀ ।
ଦକ୍ଷ ପ୍ରଜାପତି ଚିତ୍ତ ବଡ଼ଇ ନିର୍ଦ୍ଦୟା
କିଞ୍ଚିତେ ହୃଦେ ତାହାର ନ ବସଇ ଦୟା ।

Digitized by srujanika@gmail.com

ଅଧିକ ଆନନ୍ଦରେ ସେ ନିଉଡ଼ିଲା ଘୃତ
ପାର୍ବତୀର ଦେହଗୋଟା ହେଲା ଭସ୍ମୀଭୂତ ।
ଯେତେବେଳେ ଦେବୀ ଯଜ୍ଞକୁଣ୍ଡରେ ପଡ଼ିଲା
ବିକରାଳ ହୋଇକରି ଅନଳ ଉଠିଲା ।
ଛଟ ପଟ ହୋଇ ଦେବୀ ଛାଡ଼ିଲେ ଜୀବନ
ଚାହୁଁ ଚାହୁଁ ଶରୀର ଯେ ହୋଇଲା ଦହନ ।
ତାହା ଦେଖିଣ ଆକୁଳ ହେଲା ପଞ୍ଚଭୂତ
ସେ ସ୍ଥାନ ତ୍ୟାଗ କରିଣ ଅଇଲି ତୁରିତ ।
ଅକାରଣେ ଦେବୀ ଅଙ୍ଗ ଝାସିଲା ଅନଳେ
ସ୍ୱରୂପ ବାରତା ଦେଲି ତୋହର ଆଗରେ ।
ଶୁଣି ବିଶ୍ୱନାଥ ହାହାକାର ବାଣୀ କରି
ପାର୍ବତୀର ଗୁଣ ଗୁଣି କୋପେ ତ୍ରିପୁରାରୀ ।
ହେଠମାଥ ହୋଇଣ ଯେ ରୋଦନ୍ତି ତ୍ର୍ୟମ୍ବକ
ପଞ୍ଚଦଶ ଲୋଚନରୁ ବହଇ ଲୋତକ ।
ପୁଣ ପୁଣ ତାଙ୍କ ଗୁଣ ବାହୁନନ୍ତି ହର
ଆହା ଆରେ ଚନ୍ଦ୍ରମୁଖୀ ବଲ୍ଲଭୀ ମୋହର ।
ଅପୂର୍ବ ବଚନ ତୋର ସଂସାରରେ ନାହିଁ
ଅକାଳ ମରଣ ଆଗୋ ଥିଲା ତୋତେ କାହିଁ ।
ମୋହର ଅର୍ଦ୍ଧଅଙ୍ଗ ତୁ ପଞ୍ଚପ୍ରାଣ ସରି
ଯୁବତୀକୁଳର ରତ୍ନ ସଂସାରର ଶିରୀ ।
ଅର୍ଦ୍ଧନାରୀଶ୍ୱର ବୋଲି ବୋଲନ୍ତି ଯେ ମୋତେ
ଅର୍ଦ୍ଧଅଙ୍ଗ ଥାଉଁ ତୁହି ନାଶିଲୁ କେମନ୍ତେ ।
ଏମନ୍ତ ଯୋଗରେ ତୁ ଯେ ହୋଇଲୁ ବାହାର
ଲେଉଟି ନ ଦେଖିଲୁ ଯେ କଇଳାସ ପୁର ।
ତୋହର ବିହୀନେ ଶୋଭା ନ ପାଏ ମୋପୁରୀ
ବିଶାଳ ଭୁବନ ମୋର ହେଲା ହତଶିରୀ ।
ଏକାକରି ମୋତେ ଛାଡ଼ିଗଲୁରେ ସଙ୍ଗାତ
ଦକ୍ଷବ୍ରହ୍ମା ଋଷିର ଯେ ଯାଗ ଗଲାହତ ।
ପ୍ରଜାପତିକି ଆଉ କେ ରଖିବ ସଂସାରେ
ତାହାର ଜୀବନ ନିଶ୍ଚେ ଯିବ ମୋର କରେ ।
ଆଜ୍ଞ ମୁଁ ଜାଣିବି ତାର କୁଳଶୀଳ ପଣ
ମୁହିଁ ଯୋଗୀ ସେ କେମନ୍ତେ ସୁବେଦୀ ବ୍ରାହ୍ମଣ ।
କହୁଁ କହୁଁ କୋପ ଅଙ୍ଗେ ବ୍ୟାପିଲାକ ଆସି
ପୁର ଛାଡ଼ି ପ୍ରତିଜ୍ଞା କରିଣ ଦେବ କାଶୀ ।
ନାରଦଙ୍କୁ କହନ୍ତି ଯେ ଚାହିଁ ତିନିଆଖି
ତୁମ୍ଭେ ଆହେ ମହାମୁନି ହୋଇଥାଅ ସାକ୍ଷୀ ।
କିମ୍ପା ଦକ୍ଷ ପ୍ରଜାପତି ହେଲେ ମୋତେ ମନ୍ଦ
ତାହାର ଯୋଗୁଁ ମୋହର ସରିଲା ସମ୍ପଦ ।
ତାହାର ସମ୍ପଦ କାହୁଁ ରହିବ ବା ଭଲେ
ଜାଣିବା ରକ୍ଷା ହୋଇବ ସେ କାହାର ବଳେ ।
ଚାପୋଡ଼କେ କାଟିବଇଁ ପ୍ରଜାପତି ମୁଣ୍ଡ
ଯାଗଶାଳେ ପୋଡ଼ି ଭାଙ୍ଗି ହେବ ହୋମକୁଣ୍ଡ ।

ପ୍ରଭାବତୀ କଟକକୁ କରି ଭସ୍ମରାଶି
ନୋହିଲେ ମୋହର ନାମ ନୁହେଁ ବିଶ୍ୱକାଶୀ ।
ନାରଦ ବୋଇଲେ ଶୁଣ ଆହେ ବାମଦେବ
ମୁହିଁ କି କହିବି ପ୍ରଜାପତିର ଗରବ ।
ନ ଚିହ୍ନିଲା ଅତି ବଡ଼ପଣେ ସେହୁ ତୋତେ
ଗଣନା କଲା ନେଇ ସେ ଯୋଗୀଙ୍କ ସଙ୍ଗତେ ।
ପାର୍ବତୀଙ୍କୁ ବୋଇଲା ସେ ଯେତେ ପରକାରେ
ଦେହ ଧରି କେହୁ ତାହା ସହିବ ସଂସାରେ ।
ତୁମ୍ଭର ବାଛିଲା ସେହୁ ଯେତେ ଅବିଗୁଣ
ଲେଖିଲେ ହୋଇବ ତାହା ପୁସ୍ତକ ପ୍ରମାଣ ।
କେଉଁଠାରେ ଦେଖିଅଛି ଏଡ଼େକ ଅଜ୍ଞାନ
ତୁମ୍ଭଙ୍କୁ ବୋଇଲା ସେହୁ ରଙ୍କ ଭିକ୍ଷୁଜନ ।
ଅଛବ ଜନ ସଙ୍ଗତେ ଲେଖିଲାକ ତୋତେ
ତୁମ୍ଭେ ମହାପ୍ରଭୁ ତାହା ସହିବ କେମନ୍ତେ ।
ତୋହର କଳାକୁ ସେହୁ ଏଡ଼େ ବଡ଼ପଣ
ଆଦିଙ୍କୁ ନ ଚିହ୍ନିଲା ସେ କେବଣ କାରଣ ।
ସଭାମଧ୍ୟେ ତୁମ୍ଭଙ୍କୁ ସେ ଅନେକ ବାଛିଲା
ହିନସ୍ତା କରିଣ ବ୍ରହ୍ମା ଛାମୁରେ କହିଲା ।
ପୁଣି ପୁଣି କହିଲା ସେ ଋଷିଙ୍କ ଛାମୁରେ
ବୋଇଲା ବିରୂପ ଧରିଥାଇ ଯେ ଶିରରେ ।
ଯୋଗୀ ଜନମ ସେହୁ ଯେ ମାଗନ୍ତା ଭିଖାରୀ
ବିକଟ ରୂପ ଭବିଷ୍ୟ ରୂପକୁ ସେ ଧରି ।
ଏଡ଼େ ବିଡ଼ମ୍ବନ ଅଟେ ଯେବଣ ମୂରତି
କେମନ୍ତେ ଆଣିବା ତାକୁ ବ୍ରହ୍ମାସଭା କତି ।
ଜୁଆଇଁ ବୋଲିବା ପାଇଁ ବଡ଼ ଲାଜ ମୋତେ
ଏତେ ବୋଲି ଦକ୍ଷ ବାଛି କହିଲାକ ତୋତେ ।
ଶୁଣିଣ ଈଶ୍ୱର ମନେ ପ୍ରଜ୍ୱଳିତ କୋପ
ରୋଷେଣ ଗର୍ଜନ୍ତି ସେହି ଜାଣ କାଳସର୍ପ ।
ଉଠି ଦେବ ଦେବ କରେ ଧଇଲେ ତ୍ରିଶୂଳ
ଆକର୍ଷି ବୁଲାନ୍ତେ ପୃଥ୍ୱୀ ହେଲା ଟଳମଳ ।
କଇଳାସ ଗିରିଗୋଟି ହେଲା କମ୍ପମାନ ।
ସ୍ତମ୍ଭୀଭୂତ ହୋଇକରି ବହିଲେ ପବନ ।
ଆକାଶରେ ଛନ ଛନ ହେଲେ ଦିଗପାଳେ
ଅଧଇର୍ଯ୍ୟେ ରହିଲେ ଯେ ସପ୍ତସିନ୍ଧୁ ଜଳେ ।
ଈଶ୍ୱର କୋପରୁ ଧର୍ମ ନୋହିଲା ପ୍ରକାଶ
ଅନ୍ଧକାର ପ୍ରାୟେ ଦେଖାଗଲା ଦଶଦିଶ ।
ପୁଣି ସଦାଶିବ ତମ କରନ୍ତି ମନରେ
କହ କହ କି କି ପୁଣି ବୋଇଲେ ଶ୍ୱଶୁରେ ।
ଆମ୍ଭେତ ଅଜାତି ସେହୁ ଶୁଦ୍ଧଶାଳୀ ଜନ
ଆଜି ସେ ଜାଣିବ କିଏ ବଡ଼ କିଏ ସାନ ।
ଏତେ ବୋଲି କୁପିତ ଯେ ହୋଇଲେ ଧୂର୍ଜଟି
ମୁଖ ବିକାଶନ୍ତେ ଅନ୍ଧକାର ଗଲା ତୁଟି ।

Digitized by srujanika@gmail.com

ପୁଣ ପୁଣ ଈଶ୍ୱର କହନ୍ତି ପରିଘାଇ
ଆମ୍ଭେ ଯେ ଦକ୍ଷର ଅଟୁ ଅଜାତି ଜୁଆଇଁ ।
ପାର୍ବତୀ ଗଲେ ତ ଯାଗ ହେଲା ଅପ୍ରତିଷ୍ଠା
ଆମ୍ଭେ ଗଲେ ସିନା ସର୍ବ ହୋଇବ ଯେ ନିଷ୍ଠା ।
ନାରଦ ବୋଲେ ପ୍ରତିଜ୍ଞା କର ତୁମ୍ଭେ କିସ
ଦକ୍ଷବ୍ରହ୍ମାର ପ୍ରତିଜ୍ଞା ଏଥକୁ ବିଶେଷ ।
ସେତ ବୋଇଲେ ସୃଷ୍ଟିରେ ମୁହିଁ ବଡ଼ ଜାଣ
ଚଉଦପୁର ଲୋକେ ତ ମୋହର ଭିଆଣ ।
ମୁଁ ଯାହାକୁ ଯେଡ଼େ କରେ ସେହି ବଡ଼ ଜନ
ସଂସାର ଭିତରେ କେଡ଼େ ହୁଅଇ ସେ ପୁଣ ।
ଏମନ୍ତ ବୋଲି ପ୍ରତିଜ୍ଞା କରେ ଯେଉଁ ପ୍ରାଣୀ
ତୁମ୍ଭେ ତାକୁ କୋପକରି କି କରିବ ପୁଣି ।
ଈଶ୍ୱର ବୋଇଲେ ତାହା କେମନ୍ତେ ଜାଣିବା
ଯାଗଶାଳା ଯାଏ ଚାଲ ଚଳାଇଣ ଯିବା ।
ସେଠାରେ ଜାଣିବା ସିନା କେ କେଡ଼େ ଗରିଷ୍ଠ
ତୁମ୍ଭେ ଆମ୍ଭ ସଙ୍ଗତରେ ଥିବ ମୁନିଶ୍ରେଷ୍ଠ ।
ଆଜି ସେ ପ୍ରଜାପତିଙ୍କି କେ ରକ୍ଷା କରିବ
ବ୍ରହ୍ମା ଇନ୍ଦ୍ର ଚନ୍ଦ୍ର ଯେ କୁବେର ବାସୁଦେବ ।
ଯମ ନଇର୍ଋତ ଆଉ ବରୁଣ ପବନ
ଅନନ୍ତ ଦିବାକର ଯେ ଚନ୍ଦ୍ର ହୁତାଶନ ।
ଚଉଦପୁର ମଧ୍ୟରେ ଯେତେକ ଅଛନ୍ତି
କେ ଆଜ ରକ୍ଷା କରିବ ଦକ୍ଷପ୍ରଜାପତି ।
ନାରଦ ବୋଇଲେ ଏ ତ ନଯାଇ ପରତେ
ନାଶିବ ପତ୍ନୀର ପିଅରକୁ କେଉଁମତେ ।
ଏଠାରେ ତୁମ୍ଭର ହେଉଅଛି ଏଡ଼େ କ୍ରୋଧ
କତିକି ଗଲେ ହୋଇବ ପୁଣି ଉପରୋଧ ।
କୋମଳ ବଚନେ ତୋଷିବେ ଯେ ମୁନିଜନେ
ଭାରିଯା ନିହତ ବ୍ୟଥା ନ ଲାଗିବ ମନେ ।
ଈଶ୍ୱର ବୋଇଲେ ତାହା ଦେଖିବ ପ୍ରତ୍ୟକ୍ଷ
ପାର୍ବତୀ ପ୍ରାୟ ନୋହିବ ଯେବେ ବ୍ରହ୍ମାଦକ୍ଷ ।
ନୟନ ଖୋଲିଲେ ଆଉ କିସ ପରିହାସ
ପ୍ରାଣତ୍ୟାଗ କରି କିସ ଧର୍ମରେ ପ୍ରକାଶ ।
ଦାରା ବଇରୀକି ଉପରୋଧ କିମ୍ପା କରି
ଆପଣା ନାସା କାଟି କି ବହୁରୂପ ଧରି ।
ତାହାର ଆମ୍ଭର ଆଉ କିସ ବନ୍ଧୁପଣ
ବିଶେଷ ଆମ୍ଭେ ଦିଶିଲୁ ତାକୁ ବିଡ଼ମ୍ବନ ।
ମୁହିଁ ଯେବେ ଉପରୋଧ କରିବି ସେଠାରେ
ମୋହଠାରୁ ଅଧମ କେ ନାହିଁ ଏ ସଂସାରେ ।
ନିଶ୍ଚୟ ଆଜି ତାହାର ଘେନିବି ପରାଣ
ନ ମାଇଲେ ହାରିବିଁ ମୁଁ ଅନାଦି ଚରଣ ।
ବିଷ ପୂରାଇବି ନିରଞ୍ଜନଙ୍କର ଥାଳେ
ସୁରା ସହିତରେ ଧାତାଙ୍କର କମଣ୍ଡଳେ ।
ବିଷ୍ଣୁର ମନ୍ଦିରେ ଲଗାଇବି ହୁତାଶନ
ପ୍ରଜାପତି ଶିର ଯେବେ ନ କରେ ଛେଦନ ।
ଗୋରୁହତ୍ୟା ବ୍ରହ୍ମହତ୍ୟା କରେ ଯେଉଁଜନ
ବେଲ ଅଶ୍ୱତ୍‌ଥ ବୃକ୍ଷ ଯେ କରଇ ଛେଦନ ।
ହିଂସ୍ରକ ଅହଂକାରୀ ଯେ ଚୌର ମୂର୍ଖ ମନ୍ଦ
ବିଶ୍ୱାସଘାତକ ମଦ୍ୟପାୟୀ ବୃତ୍ତିଛେଦ ।
କୃତଘ୍ନ ଶିଶୁଘାତକ ଗୋଟା ଅବିବେକ
ସାଧୁସନ୍ଥ ହେ ଉତ୍ତମ ଶାସ୍ତ୍ରରେ ନିନ୍ଦୁକ ।
ଶିବଆଳୟେ ସନ୍ନ୍ୟାସ ଗୃହେ ଯାତ୍ରା ଯୋଗେ
ପ୍ରବେଶ ହୁଅନ୍ତି ଯେଉଁ ଜନେ କାମରଙ୍ଗେ ।
ଶିବଲିଙ୍ଗ ଖୋଳି ଆଉ ତଇଳ ଆମିଷ
ରବିବାରେ ଯେଉଁଜନ କରିବ ତା ଗ୍ରାସ ।
ବିଷ୍ଣୁବାରେ ରବିଚଳନରେ ଚନ୍ଦ୍ରହିତେ
ଗ୍ରହଣ ପରାଗ ରବି ଉଦୟେ ଯେ ଅସ୍ତେ ।
ତୀର୍ଥ ପ୍ରବେଶ କୁଟୁମ୍ବ ହତ ବାର୍ତ୍ତା ଶୁଣି
ଅନ୍ନ ଭୋଜନ କରଇ ଯେବଣ ପରାଣୀ ।
ଯୋଗୀ ଅଭାଗବନ୍ତ ସନ୍ନ୍ୟାସୀ ବ୍ରହ୍ମଚାରୀ
ଏହାକୁ ଯେବଣ ମହାପାପୀ ନିନ୍ଦାକରି ।
ଗୋପଥ ଦେବ ବ୍ରାହ୍ମଣ ଭୂମି ପରନାରୀ
ହରଇ ଯେବଣ ପାପୀଜନ ଏହି ଚାରି ।
ବୃଷଭ ନିର୍ବଳ ଜନ ଗୋରୁ ବିପ୍ର ଯତି
ଏହି ପାଞ୍ଚ ଜନଙ୍କୁ ଯେ ନ କରଇ ଭୀତି ।
ପ୍ରଭୁ ଅବଜ୍ଞା ପଦାର୍ଥ ପୁଣ ଯେବେଁ ଘେନେ
ଏ ତିନି ସ୍ଥାନକୁ ଯାର ଶଙ୍କା ନାହିଁ ମନେ ।
ଯାର ଧର୍ମ କର୍ମ ଜ୍ଞାନ ଗୋଚରହିଁ ନାହିଁ
ହିଂସା ଭାବ ଯେ କୁଟିଳ ମନେ ଥାଏ ବହି ।
ଦୟା ଧର୍ମ ବିହୀନରେ ବର୍ତ୍ତନ୍ତି ଯେ ଜନ
ଜନ୍ତୁ ମାରି ମାଂସ ଯେହୁ କରନ୍ତି ଭୋଜନ ।
ଅପରପକ୍ଷେ ପିତୃଙ୍କୁ ଯେ କରେ ନିରାଶ
ପାପେ ଦୁଃଖ ପାଇଁ ଦ୍ୟନ୍ତି ବିଧାତାଙ୍କୁ ଦୋଷ ।
ଏକ ବସ୍ତ୍ର ପିନ୍ଧି ଯେହୁ ପଶନ୍ତି ଜଳରେ
ଦୋଷ ଥାଇ ନିୟମ ଯେ କରେ ଶିବ ଆଳେ ।
ଏହି ପାପୀମାନଙ୍କର ଯେତେକ ଅଗତି
ମୁଁ ତାହା ପାଇବି ନ ମାରିଲେ ପ୍ରଜାପତି ।
ନାରଦ ବୋଲେ କହିଲ ତୁମ୍ଭେ ସବୁ ଧର୍ମ
ଯେତେକ କହିଲ ଏହା ସଂସାରେ ଉତ୍ତମ ।
ଦକ୍ଷ ପ୍ରଜାପତି ଅଟେ ବ୍ରହ୍ମାର ତନୟ
ତାକୁ କେମନ୍ତେ ନାଶିବୁ କହ ଦେବରାୟ ।
ନ ମାଇଲେ ତୋହର ସୁକୃତ ଯିବ ନାଶ
ଏ କଥା ମୋତେ ବିଚାରି କହ ବିଶ୍ୱବାସ ।
ଈଶ୍ୱର କହନ୍ତି ଶୁଣ ଆହେ ତପଚାରୀ
ଆମ୍ଭା ବଇରୀକି ନିଜ ହସ୍ତେ ନାଶ କରି ।

Digitized by srujanika@gmail.com

ଆପଣା ଆତ୍ମାକୁ ଯେବେ ପଡ଼ିବ ପ୍ରମାଦ
ଗୋରୁ ବ୍ରାହ୍ମଣ ହେଲେ ହେଁ ତାର ଶିରଚ୍ଛେଦ
ଦକ୍ଷ ବ୍ରହ୍ମା ମୋର ନାଶ କଲା ଅର୍ଦ୍ଧଆତ୍ମା
ତାହାକୁ ମୁଁ ନ ନାଶିଲେ ବିଅର୍ଥ ମୋ ଆତ୍ମା ।
ତାହାକୁ ବା ହତ୍ୟା ଦୋଷ ଲାଗି କି ଭଲେ
ମୁଁ ଏହାର ହତ୍ୟାଦୋଷ ଘେନିବି ଯୋଗରେ ।
ଏତେ ବୋଲି ବିଜେକଲେ ବୃଷଭ ପିଠିରେ
ତ୍ରିଶୂଳ ପାଶୁପତ ଯେ ଶୋଭଇ ହସ୍ତରେ ।
ପଞ୍ଚ ବଦନ ଦିଶଇ ଦିବ୍ୟ ଶୋଭାକର
ଧବଳ କମଳ ସୁନିର୍ମଳ କଳେବର ।
ପଞ୍ଚଦଶ ଲୋଚନ ଯେ କୋପେ ରଙ୍ଗବର୍ଣ୍ଣ
କି ଅବା ପ୍ରଚଣ୍ଡ ଚନ୍ଦ୍ର ସୂର୍ଯ୍ୟ ହୁତାଶନ ।
ତମେ କମ୍ପମାନ ହେଉଅଛଇ ଅଧର
ଯେସନେ ଜବା ପୁଷ୍ପରେ ଲାଗଇ ସମୀର ।
ନାସିକା ପବନ ବହେ ଅତି ଉଗ୍ର ଜାଣି
କପାଳରେ ଭସ୍ମଚିତା ଚନ୍ଦନ ତା ମଣି ।
ଲଲାଟ ଉପରେ ଶୋଭେ ସିତାଂଶୁ ମୁକୁଟ
ନୀଳବର୍ଣ୍ଣ କଣ୍ଠତଟ ଦିଶେ ଝଟ ଝଟ ।
ଶିରେ ଜଟାଭାର ବେଢ଼ା ମଉଳିରେ ଫଣୀ
ଗର୍ଜନ୍ତି ଭୁଜଙ୍ଗଗଣ ସିନ୍ଧୁ ଘୋଷ ଜିଣି ।
କର୍ଣ୍ଣରେ କୁଣ୍ଡଳ ନାନାବିଧ ରତ୍ନମଣି
ସୁବର୍ଣ୍ଣ ବେଣୀରେ ଗଙ୍ଗା ବହଇ ତ୍ରିବେଣୀ ।
କଣ୍ଠତଟେ ମଣିନାଗ ବିରାଜେ ସୁଢଳ
ଉର ମଧ୍ୟେ ବିରାଜଇ କାଳୀ ମୁଣ୍ଡମାଳ ।
ବଉଳାର ହାଡ଼ମାଳ ଲମ୍ବଇ ଗଳାରେ
ଅନନ୍ତ ନାଗ ପଇତା ଶୋଭଇ ହୃଦରେ ।
ପନ୍ନଗ ମେଖଳା ଶୋହେ କଟିରେ କାଛେଟି
ଚରଣେ ନୂପୁର ତୋଡ଼ର ଯେ ମଣିକଟି ।
ଶ୍ରୀଭୁଜେ ବିଦମୁଦି ଯେ ବଳୟ କଙ୍କଣ
ନବରତ୍ନରେ ଜଡ଼ିତ କବଚ ଗଠନ ।
ଶୁଦ୍ଧ ସ୍ଫଟିକର କାନ୍ତି ପବିତ୍ର ଶରୀର
ମଣି ରତନକୁ ଝଳି ଦିଶେ ଶୋଭାକର ।
କାମାନ୍ତକ ବାନା ଗୋଟି ଉଡୁଛି ଆଗରେ
ବିଜୟ ଯୋଗେଶ୍ୱର ଯେ ବୃଷଭ ପିଠିରେ ।
ଅନ୍ତରୀକ୍ଷରେ ଡମ୍ବରୁ ବାଜେ ଅପ୍ରମାଣ
ଶୁଣିଣ ସଜ ହୋଇଲେ ଯେତେ ରୁଦ୍ରଗଣ ।
ଆସନମାନ ତେଜିଣ କରେ ଅସ୍ତ୍ରଘେନି
ଧାମନ୍ତି ରୁଦ୍ରଗଣ ଯେ ବାୟୁଗତି ଜିଣି ।
ରୁଦ୍ରଗଣ ଘେନି ସଙ୍ଗେ ଚାଲନ୍ତି ଭୃକୁଟି
ସଙ୍ଗତେ ସନ୍ନ୍ୟାସୀ ଭଗବନ୍ତ ଯୋଗୀ କୋଟି ।
ଦଶଲକ୍ଷ ସାଧକ ଯେ ବାର ଲକ୍ଷ ଯୋଗୀ
ଅର୍ବୁଦେ ଜଙ୍ଗମ ଏକ ପରାର୍ଦ୍ଧ ବୈରାଗୀ ।
ପିଶାଚ ଉରଗ ଭୂତପ୍ରେତ ଆଦି କରି
କଇଳାସରୁ ବାହାର ହେଲେ ବୃନ୍ଦ ଚାରି ।
ସିଦ୍ଧଗଣ ସାଧକ ଯେ ସାଧୁ ବ୍ରହ୍ମଜ୍ଞାନୀ
ଅଲେଖ ଯେ ଅବଧୂତ ଦିଗମ୍ବର ସୈନି ।
ଏକାଦଶ ରୁଦ୍ର ଚତୁର୍ଦ୍ଦଶ କୋଟିଗଣ
ଭୀମ ଭଇରବ ଆଦି ଏହାଙ୍କ ସଙ୍ଗେଣ ।
ନନ୍ଦୀ ମହାକାଳ ଆଉ ବିରୂପାକ୍ଷ ବୀର
କାର୍ତ୍ତିକ ଗଣପତି ଯେ ଲୋତକ ଶଙ୍କର ।
ଜଟ ହଟ ରୁଦ୍ର ଚଣ୍ଡ ପ୍ରଚଣ୍ଡ ବେତାଳ
ସିଦ୍ଧଗଣ ମଣିଭେଦ ମହାଧ୍ରୁବ କାଳ ।
ଏମନ୍ତେ ସଜ ହୋଇଲେ ମହାରୁଦ୍ରଗଣ
ଯେ ଯାହାର ଯାନ ବାହନକୁ ଆରୋହିଣ ।
ବିବିଧ ଆୟୁଧମାନ କରେ ଧରିଛନ୍ତି
ଛେଲ ଚକ୍ର କୁନ୍ତ ଆଉ ପରିଘ ଶକତି ।
ଖଟ୍ୱାଙ୍ଗ ଯେ ପାଶୁପତ ତ୍ରିଶୂଳ ଗୁରୁଜ
ପରିଘ କୁଠାର ଆଉ କମାଣ ନାରାଚ ।
ଭୂଷଣ୍ଡି ବାବଲ ପୁଣି ଶୂଳ ଗଦା କାତି
ପ୍ରଚଣ୍ଡ ଅସିଧାର ଯେ ସୂର୍ଯ୍ୟତେଜ ଜ୍ୟୋତି ।
ଶସ୍ତ୍ରମାନ ଧରି ସର୍ବେ କରନ୍ତି ଦହିଜ
ଧାମନ୍ତି ଯେ ରୁଦ୍ରଗଣ ପ୍ରଳୟାଗ୍ନି ତେଜ ।
ମହା ବିଶ୍ୱମୂର୍ତ୍ତି ଧରି ବିଜେ ଦିଗମ୍ବର
କୋପଭରେ ପଞ୍ଚମୁଖ ଜ୍ୟୋତି ଦିନକର ।
କୈଳାସ କନ୍ଦରୁ ଚଳେ ସେ ରୁଦ୍ର ସଇନି
ବାଜଇ କଂସାଳ ଶିଙ୍ଗାନାଦ ଶଙ୍ଖଧ୍ୱନି ।
ଡମ ଡମ ଡମ୍ବରୁ ଯେ ବେଣୁ ବୀଣାସାର
ବାଜଇ କାହାଳୀ ଭେରୀ ଉପାଙ୍ଗ ଯେ ତୂର ।
ଗମନ୍ତି ପବନ ଗତି ପ୍ରାୟେ ସର୍ବ ସୈନ୍ୟ
ଚାଲନ୍ତେ ଯେ କମ୍ପମାନ ବନଗିରି ମାନ ।
ପାଦଘାତରେ ମେଦିନୀ ହୁଏ ଟଳମଳ
ସୈନ୍ୟର ଗହଳେ ଚୂର ହୁଏ ଶାଳ ଶିଳ ।
ବନଗିରି ପୂରିଣ ଯେ ଯାନ୍ତି ଅତିବେଗେ
ପ୍ରବେଶ ହୋଇଲେ ପ୍ରଭାବତୀ ପୁର ଲାଗେ ।
ନଦୀପାର ହୋଇ ସର୍ବେ ପଶିଲେ କଟକେ
ଆଗ ଓଗାଳିଣ ଥିଲେ ରକ୍ଷାକାରୀ ଲୋକେ ।
ପ୍ରଥମ ଦୁଆରେ ଥିଲେ ସୁର ମହାବୀର
ରାକ୍ଷସବଳକୁ ଘେନି ବସେ ସିଂହଦ୍ୱାର ।
ମହାକବନ୍ଧ ନାମରେ ତାର ସେନାପତି
ସେହୁ ଆସି ଈଶ୍ୱରଙ୍କୁ ଓଗାଳିଲା ଧାତି ।
ଈଶ୍ୱର ବାମ ପାଖରେ କାର୍ତ୍ତିକେୟ ଥିଲେ
ଅମୋଘ ଶକତି ଦୈତ୍ୟ ଉପରେ ପେଶିଲେ ।
କୁମାରର ଶରାଘାତେ ପଡ଼ିଲା ଅସୁର
ଦେଖି ଡରି ପଳାଇଲେ ସର୍ବ ନିଶାଚର ।

Digitized by srujanika@gmail.com

ହିମବନ୍ତ ପର୍ବତରେ ଲୁଚିଲେ ସେ ଦଳ
କଟକର ସିଂହଦ୍ୱାର ହୋଇଲା ମୁକୁଳ ।
ପୁରେ ଧସାଇ ପଶିଲେ ସକଳ ସଇନି ।
ବିପୁଳ ଭବନରେ କି ଲାଗିଲା ବହନି ।
ସେହି ପ୍ରକାରେ ସତେଜ ରୁଦ୍ରଗଣ ଦିଶି
ଦେଖିଣ ତରସ୍ତ ହୋଇଲେକ ପୁରବାସୀ ।
ଏକକୁ ଆରେକ ଆତଙ୍ଗ ଯେ ଅଗୋଚର
ପଳାଇ ଯିବାକୁ ସର୍ବେ କରନ୍ତି ବିଚାର ।
ସେହି କଟକ ଡଗରା ଅଟେ ଜନ୍ତୁପତି
ବାରତା ଜଣାଇଲା ସେ ଦକ୍ଷବ୍ରହ୍ମା କତି ।
ଈଶ୍ୱରଙ୍କ ଆସିବାର ବାର୍ତ୍ତା ପାଇ ବିହି
ଯମଙ୍କୁ ଆଜ୍ଞା ବିହିଲେ ଯାଅ ବେଗ ହୋଇ ।
ଓଗାଳ ସଇନବଳ ଘେନି ଈଶ୍ୱରଙ୍କୁ
ଯାଗ ଶେଷ ଯାଏ ସେ ନ ଆସୁ ଭିତରକୁ ।
ଦକ୍ଷପ୍ରଜାପତି ଆଜ୍ଞା ପାଇ ଜନ୍ତୁରାଣ
ପ୍ରଭାବତୀ କଟକେ ଦିଆଇଲେ ଘୋଷଣ ।
ସାଜ ସାଜ ଧ୍ୱନି ଶୁଣି ନର ରାଜାମାନେ
ଯେ ଯାହାର ସୈନ୍ୟବଳ ସାଜିଲେ ବହନେ ।
ନବଲକ୍ଷ ରାଜା ଥିଲେ କାମଦକ୍ଷ ସଙ୍ଗେ
ଧାଇଁଲେକ ସମଦଣ୍ଡ ଘେନି ରଣରଙ୍ଗେ ।
ରଥୀ ହାତୀ ପଦାତି ଯେ ତୁରଙ୍ଗ ଗହଳ
ଘୋଟିଲେ ପ୍ରଳୟ ଜଳ ସମ ନରବଳ ।
ଡାକହାକ କରି ସର୍ବେ ଧାଇଁଲେ ସମରେ
ଭେଟ ପଡ଼ିଲେକ ଯାଇ ଈଶ୍ୱର ଛାମୁରେ ।
ତାହା ଦେଖିଣ ନାରଦ ଈଶ୍ୱରଙ୍କୁ କହି
ଦେଖ ଦେଖ ଦକ୍ଷଗଣ ଆସୁଛନ୍ତି ବାହି ।
ତୁମ୍ଭେ ବିଜେକଲ ତେବେ ଶଙ୍କା ନ ପାଇଲେ
ଅନର୍ଥ ମୂଳ କରିଣ ସମସ୍ତେ ଧାଇଁଲେ ।
ଈଶ୍ୱର ବୋଇଲେ ନିର୍ମାକ୍ଷୀ ସେ ସର୍ବଜନ
ଏହାଙ୍କୁ ମାଇଲେ କିସ ହେବ ପ୍ରୟୋଜନ ।
କହ୍ନାଅ କେଉଁଠାବରେ ଅଛି ପ୍ରଜାପତି
ତାହାଙ୍କୁ ଭେଟିଲେ ହେବ ଆମ୍ଭ ମନ ଶାନ୍ତି ।
ନାରଦ ବୋଲେ ସେଠାକୁ ଯିବା କେଉଁ ମାର୍ଗେ
ଦେଖ ଦେଖ ମହା ସୈନ୍ୟ ଓଗାଳନ୍ତି ଆଗେ ।
ଆଗୁଆଣି ଥାଟର ତ ଯୁଦ୍ଧ ହେଉ ତେବେ
ତୁ ଦେବ ହେଳାରେ କାର୍ଯ୍ୟ କରୁଅଛୁ ଏବେ ।
ଦକ୍ଷ ପ୍ରଜାପତିକି ତୁ ଏବେ ଲୋଡୁ କାହିଁ ।
ଏ ସୈନ୍ୟ ଜିଣିଲେ ସିନା ତାକୁ ଭେଟପାଇ ।
ଶୁଣି ସଦାନନ୍ଦ ହେଲେ ଗୁରୁତର କୋପ
ବିଶ୍ୱବାସ ଧଇଲେକ ଭଇରବ ରୂପ ।
କୋପେ ବୃଷଭ ଉପରୁ ଓହ୍ଲାଇଲେ ହର
ଧାମନ୍ତି ପାଦଗତିରେ ଶୂନ୍ୟେ ଲାଗେ ଶିର ।

ପଞ୍ଚବଦନକୁ ଦଶଭୁଜ ଶୋଭାପାଏ
ଦଶ ଆୟୁଧ ଝଟକେ ଦିନକର ପ୍ରାୟେ ।
ତ୍ରିଶୂଳ ଡମ୍ବରୁ ପୁଣି ଖଟ୍ୱାଙ୍ଗ ଶକତି
କଟାଳ କାଳଚକ୍ର ଯେ ବିଜେ କର୍ଣ୍ଣକାତି ।
ଅଜଗବ ପାଶୁପତ କଟୁରୀ ନାରାଚ
ଏ ବିଧିରେ ଦଶବାଣ ଶୋହେ ଦଶଭୁଜ ।
କଟାକ୍ଷ କାଳଦୃଷ୍ଟି ଯେ ପଞ୍ଚଦଶ ଆଖି
ପ୍ରଜାପତି ସୈନ୍ୟମାନେ ଭୟକଲେ ଦେଖି ।
ରାଜାମାନେ ଆଗ ନେଇ କଲେ ରହୁବର
କାମଦେବ ଡାକିଲେ ଯେ ରହ ରହ ହର ।
ଏ ପୁଣ୍ୟ ପୁରକୁ କିମ୍ପା ଅଇଲରେ ତୁମ୍ଭେ
ଯୋଗୀ ବୋଲିଣ ତୁମ୍ଭଙ୍କୁ ନ ବରିଲୁ ଆମ୍ଭେ ।
ଅବରଣେ କାହିଁପାଇଁ ଏ ପୁରକୁ ଆସ
ଅଭିମାନ ଘେନି କିମ୍ପା ଅନର୍ଥରେ ପଶ ।
ଏବେ ଏହିଠାରେ ସବୁ ସୈନ୍ୟ ଘେନି ରହ
ଅନର୍ଥକୁ ଇଚ୍ଛା କଲେ ନ ପାଇବ ଦେହ ।
ଆଜି ଦିନ ଅନ୍ତେ ପୂର୍ଣ୍ଣ ହୋଇବ ଆହୁତି
ଯଜ୍ଞ ସରିଲେ ଦେଖିବ ତୁମ୍ଭେ ପ୍ରଜାପତି ।
ଶୁଣି ବିଶ୍ୱନାଥଙ୍କର କମ୍ପେ ନିଜ ଗାତ୍ର
କୋପେ ପେଶିଲେ ନାରାଚ ନାମେ ପାଶୁପତ ।
କାମଦକ୍ଷ ଶିର ଛିଡ଼ି ଗଲା ସେହି ଶରେ
ଅନେକ ଯେ ଦକ୍ଷଗଣ ପଡ଼ିଲେ ସମରେ ।
ପୁଣି ବିଶ୍ୱନାଥ ପେଶିଲେକ ନବବାଣ
ପଡ଼ିଲେକ ନବରାୟେ ଘେନି ସୈନ୍ୟଗଣ ।
ଏମନ୍ତ ଅନେକ ସୈନ୍ୟ ହୋଇଲେ ନିହତ
ବେଳୁ ବେଳ ଯୁଦ୍ଧ ବଢ଼ିଲାକ ଅପ୍ରମିତ ।
ତ୍ରିଶୂଳ ବୁଲାଇ ଧାଇଁଗଲେ ବିଶ୍ୱବାସ
ଜାଣିଣ ସେହୁ ପ୍ରଚଣ୍ଡ ପ୍ରଳୟ ବତାସ ।
ମହାବାତ ଯୋଗେ ଉଡ଼ିଲେକ ନର ବଳ
ମେଦିନୀଭାଗେ ମଡ଼ା ଯେ ପଡ଼ିଲେ ଗହଳ ।
ରଥ ଗଜ ଅଶ୍ୱ ପଦାତିକ ଅପ୍ରମିତ
ପଡ଼ିଲେ ସେ ଉଡ଼ିଯାଇ ହୋଇ ରସାଗତ ।
ରୁଦ୍ରବଳ ସମସ୍ତେ ଯେ ତେଜ ମୂର୍ତ୍ତି ହୋଇ
ପ୍ରଜାପତିର ସୈନ୍ୟକୁ ମାଇଲେ ଗୋଡ଼ାଇ ।
ଦେଖି ଭୟକଲେ ପ୍ରଭାବତୀ ସୈନ୍ୟଗଣେ
ଘରଦ୍ୱାର ଛାଡ଼ି ପଳାନ୍ତି ଯେ ଏଣେ ତେଣେ ।
ପୁତ୍ର ଦୁହିତା ଆଦି ନ ପାରନ୍ତି ସମ୍ଭାଳି
ଧନ ଜନ ମୋହ ଛାଡ଼ି ଗଲେ ସର୍ବ ବାଳୀ ।
ନିଜ କୁଟୁମ୍ବର ସଙ୍ଗେ ସର୍ବେ ହୋଇ ବଣା
ବାରି ନ ପାରନ୍ତି କେହୁ ପର କେ ଆପଣା ।
ମାନବ ଗଉରବ ସେ ନ ମଣନ୍ତି କେହିଁ
ପଳାନ୍ତି ଏକ ମୁଖରେ ପଛକୁ ନ ଚାହିଁ ।

Digitized by srujanika@gmail.com

ମାନବ କିନ୍ନର ଯକ୍ଷ ଦେବ ଆଦିକରି
ପଳାନ୍ତି ଏକମୁଖରେ ଭୟେ ମନେ ଧରି ।
ଉତ୍ତର ଦକ୍ଷିଣ ଦ୍ୱାର ପଶ୍ଚିମ ଯେ ଦେଇ
ପଳାନ୍ତି ସକଳ ଜନେ ପେଲାପେଲି ହୋଇ ।
କୋଳାହଳ ଧ୍ୱନି ଶୁଭେ ପଡ଼ୁଇ ବୋବାଳି
ଚଉଦ ଭୁବନ ଲୋକ ଯହିଁଛନ୍ତି ମିଳି ।
ତାହାକୁ ହୋଇଲା ଆସି ଅକାଳର ଧାଡ଼ି
ଆତଙ୍କେ ପଳାନ୍ତି ସର୍ବେ ବନଗିରି ମାଡ଼ି ।
ସର୍ବ ଲୋକମାନେ ତ୍ରାସି ପଳାନ୍ତି ଗହଳେ
ମଡ଼ାମଡ଼ି ହୋଇ ତହୁଁ ବହୁ ଲୋକ ମଲେ ।
ଚାରିବାଟରେ ରୁଧିର ବହେ ଝର ଝର
ଦିଶିଲାକ ପ୍ରଭାବତୀ ପୁର ନାରଖାର ।
କଟକ ଧ୍ୱଂସନ୍ତି ଶିବଗଣ ଅତି ରାଗେ
କେହି ରହି ନ ପାରିଲେ ତାହାଙ୍କର ଆଗେ ।
ପ୍ରଭାବତୀ କଟକ ଯେ ଅତିହିଁ ଘଟଣ
ଭାଙ୍ଗି ରୁଦ୍ରଗଣେ ସବୁ କଲେ ରଣଭଣ ।
ପଞ୍ଚଶତ ଯୁଣ ଅଟେ ଯେବଣ କଟକ
ନିଘଞ୍ଚ ହୋଇଣ ପୂରିଥିଲେ ଯହିଁ ଲୋକ ।
ରୁଦ୍ରଗଣ ପଶନ୍ତେ ଯେ ଭାଜି ସର୍ବ ସୈନ୍ୟ
ଥୋକେମଲେ ପଳାଇଲେ ଥୋକେ ଘେନିପ୍ରାଣ ।
ଏଥୁ ଅନନ୍ତରେ ଯାଗଶାଳାର ଦୁଆରେ
ଯମ ଜଣାଇଲା ସୁରପତିର ଛାମୁରେ ।
ବୋଇଲେ ହେ ସାବଧାନେ ଶୁଣ ସୁରପତି
ଈଶ୍ୱର ବିଜୟ କଲେ ପୁର ପ୍ରଭାବତୀ ।
ପ୍ରଥମ ଗଡ଼ଦ୍ୱାରରେ କବନ୍ଧ ମାଇଲେ
ଦ୍ୱିତୀୟ ଗଡ଼ଦ୍ୱାରରେ ବହୁ ଯୁଦ୍ଧ କଲେ ।
କାମଦକ୍ଷ ମୂଳେ ଯେତେ ମଞ୍ଚର ନୃପତି
ଈଶ୍ୱରଙ୍କ ଯୁଦ୍ଧେ ସର୍ବେ ହେଲେ ବିନଶ୍ୟତି ।
ଚଉଦପୁରର ଲୋକେ ଯେତେଥିଲେ ଆସି
ସମସ୍ତେ ପ୍ରାଣଭୟରେ ପଳାଇଲେ ତ୍ରାସି ।
ଏ ଦୁଆରେ ଏହିକ୍ଷଣି ମିଳିବେକ ଶିବ
ଏଥକୁ ତୁମ୍ଭେ କିସ ଯେ ବିଚାର କରିବ ।
ପ୍ରଜାପତି ଆଜ୍ଞାଦେଲେ ଏ ବିଚାର କର
ବେଗେ ସଜ ହୁଅ ସର୍ବେ କରିବା ସମର ।
ଈଶ୍ୱରଙ୍କୁ ଯେବେ ହୁଏ ଉପ୍ରୋଧ ତୁମ୍ଭର
ଦ୍ୱାର ଛାଡ଼ି ତେବେ ଚାଲ ଯିବା ସ୍ୱର୍ଗପୁର ।
ଶୁଣି ସୁରପତି ହେଲେ ମନରେ ବିସ୍ମୟ
ବୃହସ୍ପତିଙ୍କୁ ରାଇ ସେ ବୋଲେ ସୁରରାୟ ।
ଭୋ ଗୁରୁ କଥା ଆସିଣ ପଡ଼ିଲା ସନ୍ଦେହ
କି ବୁଦ୍ଧି କରିବା ଏବେ ବିଚାରିଣ କହ ।
ଦକ୍ଷ ପ୍ରଜାପତି ଅଟେ ଜଗତ କାରେଣୀ
ତାହାର ସଞ୍ଚିଲା ସିନା ଜଗତ ପରାଣୀ ।
ସେ ଯେ କଟକ ମୋହର ହାତେ ସମର୍ପିଲା
ଅଚିନ୍ତା ହୋଇଣ ଯାଗଶାଳାରେ ପଶିଲା ।
ବିପତ୍ତି କାଳରେ କେହ୍ନେ ଛାଡ଼ିବି ତାହାଙ୍କୁ
କେମନ୍ତେ ମାରିବି ଯୁଦ୍ଧେ ଅବା ଈଶ୍ୱରଙ୍କୁ ।
ଈଶ୍ୱର ଦେବତା ସଂସାରରେ ବଡ଼ ଜାଣ
ଏହାଙ୍କ ପ୍ରମାଦେ ମୋର ସ୍ୱର୍ଗେ ବଡ଼ପଣ ।
ଏଡ଼େ ବଡ଼ ପ୍ରଭୁ ସଙ୍ଗେ ଯୁଝିବି କେମନ୍ତେ
ଦୁଃସହ ସମରକୁ କାରଣ କହ ମୋତେ ।
ବଦନ୍ତି ସୁରଗୁରୁ କାରଣ ଶଚୀନାହା
ହିତ ଉପଦେଶ ଶୁଣ କହୁଅଛି ଯାହା ।
ବଡ଼ ବଡ଼ ଲୋକ ବିବାଦକୁ ଆଚରିଲେ
ସାନ ଲୋକ ଆଡ଼ ହୁଏ ମଧ୍ୟରେ ଯେ ଥିଲେ ।
ତେବେ ସେହିପ୍ରାଣୀକି ଯେ ଦୋଷେକ ଲାଗଇ
ଆବର କଥାଏ ଶୁଣ ଆହେ ଶଚୀସାଇଁ ।
ଭବିଷ୍ୟ ପୁରାଣ କଥା ଅଛଇ ଏସନ
ଦକ୍ଷବ୍ରହ୍ମା ହେବେ ଶିବ ହାତରେ ନିଧନ ।
ସୁରପତି ବୋଇଲେ ଏ କିମ୍ଭୂତ କାରଣ
ବୃହସ୍ପତି ବୋଇଲେ ସେ ଦଇବ ଭିଆଣ ।
ପ୍ରବାଦ ଅଛଇ ସୃଷ୍ଟି ଭିଆଣର କାଳେ
ଦକ୍ଷନାମେ ବ୍ରହ୍ମା ଜାତ ବ୍ରହ୍ମାଙ୍କର କୋଳେ ।
ବେଦମନ୍ତ୍ର ଘେନିଣ ସେ ସ୍ଥାପନ୍ତି ସଂସାର
ବିଷ୍ଣୁର ଖେଳଘରକୁ ସେହି ଚିତ୍ରକାର ।
ସେ ପ୍ରଜାପତି ବ୍ରହ୍ମାଙ୍କ ବୋଲ ଶୁଣିକରି
ମହାଯାଗ କରଇ ସେ ଈଶ୍ୱରେ ନ ବରି ।
ତେଣୁ ସେହି ଦକ୍ଷବ୍ରହ୍ମା ହୁଅଇ ବିନାଶ
ଅଚିନ୍ତେ ଲଭଇ ଯାଇଁ ବୈକୁଣ୍ଠ ବାସ ।
ଏମନ୍ତେ ହୋଇଣ ଅଛି ପୂର୍ବର ଭିଆଣ
ପ୍ରତିବିଧି କରି ତାହା ଆମ୍ଭଠାରୁ ଶୁଣ ।
କେତେକାଳ ଉତ୍ତାରେ ପ୍ରସନ୍ନ ପ୍ରଜାପତି
ଯାଗ ସମ୍ପାଦିଲେ ସେ ମନ୍ଦରଗିରି କତି ।
ବୃଷଭ ବାହନେ ବସି ପାର୍ବତୀ ଅଇଲେ
ଅବେଭାର ଦେଖିକରି ଯଜ୍ଞେ ଝାସ ଦେଲେ ।
ତାହା ଦେଖିଣ ବୃଷଭ ଲେଉଟିଲା ବେଗେ
ବାରତା ଜଣାଇଲାକ ଈଶ୍ୱରଙ୍କ ଆଗେ ।
ଶୁଣିକରି ସଦାନନ୍ଦ କୋପେଣ ପ୍ରଜ୍ୱଳି
ରାଗେ ଛିଣ୍ଡାଇଲେ ଜଟା ଗୋଟିଏ କପାଳୀ ।
ପକାଇ ଦିଅନ୍ତେ ସେହୁ ହେଲା ମହାବୀର
ଭୈରବ ମୂରତି କାତି ଖପର ଯେ କର ।
ଏକ ଜଣକରେ ସେହୁ ମୂରତି ପ୍ରଚଣ୍ଡ
ସେ ଆଜି ଛେଦିଲା ପ୍ରଜାପତିଙ୍କର ମୁଣ୍ଡ ।
ତାହାଙ୍କର ଭାରିଯା ଯେ ଥିଲା ଚନ୍ଦ୍ରକାନ୍ତି
ଈଶ୍ୱରଙ୍କୁ ହୋଇଲା ସେ ବହୁତ ବିନତି ।

Digitized by srujanika@gmail.com

ତାର ଭକ୍ତି ଦେଖି ହେଲେ ଈଶ୍ୱର ପ୍ରସନ୍ନ
ପ୍ରଜାପତିଙ୍କୁ ସେ ପୁଣି ଦେଲେ ଜୀବଦାନ ।
ମୁଣ୍ଡ ନ ଥିବାରୁ ଆନ ମୁଣ୍ଡେକ ଲଗାଇ
ଦକ୍ଷ ପ୍ରଜାପତିଙ୍କି ସେ ଜୀବଦାନ ଦେଇ ।
ତଦୁତ୍ତାରେ ପୁଣି କାଳ ଅନ୍ତକ ପ୍ରଳୟେ
ପ୍ରଳୟ ବିନାଶି ପୁଣି ପୃଥିବୀ ଉଦୟେ ।
ବିଦିତ ନାମରେ ସେ ଯେ ଏକ ପ୍ରଜାପତି
ସଞ୍ଚିଲା ସେ ଶତେ ଯୁଗ ଅନ୍ତେ ପୂର୍ଣ୍ଣାହୁତି ।
ଶ୍ୟାମଳ ବନରେ ସେହୁ ତପ କରୁଥିଲେ
ମୟୂର ବାହନେ ତହିଁ ପାର୍ବତୀ ଅଇଲେ ।
ପିତା ଅଭିମାନେ ପୁଣି ଝାସିଲେ ଯାଗର
ନାରଦ ଯାଇଁ କହନ୍ତେ ଜାଣିଲେ ଈଶ୍ୱର ।
ଶୋକ କରନ୍ତେ ନୟନୁ ଲୋତକ ବରଷେ
ତହିଁରୁ ଜାତ ହୋଇଲା ଏକଇ ପୁରୁଷେ ।
ସେ ପୁରୁଷ ନାମ ଅଟେ ଲୋଚକ ଶଙ୍କର
ସେ ଆସି ପ୍ରଜାପତିର ଛେଦିଲାକ ଶିର ।
ସେ ପ୍ରଜାପତି ଭାରିଯା ନାମ ଚନ୍ଦ୍ରକାନ୍ତି
ଶଙ୍କର ଦେବତାଠାରେ କଲାକ ଭକତି ।
ସେ ଦେବ ଶଙ୍କର ଦେଲେ ସୁପ୍ରସନ୍ନେ ବର
ତେଣୁ ଲଭିଲେ ସେ ପତି ପତ୍ନୀ ସ୍ୱର୍ଗପୁର ।
ସେ ଉତ୍ତାରେ ପୁଣି ଥୋକାଏକ ଦିନଅନ୍ତେ
ବସୁ ନାମେକ ପ୍ରଳୟ ଘୋଟିଲା ଜଗତେ ।
ସେ ପ୍ରଳୟ ଅନ୍ତେ ସମିଧାଙ୍ଗ ପ୍ରଜାପତି
ପୁଣି ମହିମାରେ ସଞ୍ଚିଲାକ ବସୁମତୀ ।
ସତ୍ୟଯୁଗରେ ସେ ପୁଣି କଲା ମହାଯାଗ
ସରସ୍ୱତୀ ତୀରେ କରଦମ ଗିରିଲାଗ ।
ମତ୍ତନାଗ ଆରୋହିଣ ଅଇଲେ ପାର୍ବତୀ
ଆଦର ନ ପାଇଣ ସେ ଝାସିଲେ ଝଟତି ।
ଈଶ୍ୱର ସେହି ବାରତା ପାଇ ଯୋଗବଳେ
ବୃଷଭ ପୃଷ୍ଠେ ଆରୋହି ଆପେ ବିଜେ କଲେ ।
ପ୍ରଜାପତିର ମୁଣ୍ଡକୁ ତ୍ରିଶୂଳରେ କାଟି
ଯାଗରୁ ବାହାରେ ପାର୍ବତୀର ମୁଣ୍ଡଗୋଟି ।
ସେ ମୃତ ପିଣ୍ଡକୁ ହର ଗଳେ ଲମ୍ୱାଇଲେ
ଦିଗମ୍ବର ହୋଇ ଦେଶ ବିଦେଶ ବୁଲିଲେ ।
ସୁରପତି ବଚନେ ସେ ପିଣ୍ଡ ତ୍ୟାଗ କରି
ତପ କରି ବସିଲେ ସେ ହିମବନ୍ତଗିରି ।
ସେତେବେଳେ ସେ ଈଶ୍ୱର ଅନଙ୍ଗ ଦହିଲେ
ଗିରିଜା ଲଭିଣ କାର୍ତ୍ତିକଙ୍କୁ ଜନ୍ମ କଲେ ।
ପୁଣ ସମୟେ ସୁଭାଙ୍ଗି ନାମେଣ ପ୍ରଳୟେ
ସେହି ପ୍ରଳୟ ଉତ୍ତାରେ ପୃଥ୍ୱୀ ହେମମୟେ ।
ଉପାୟ ନାମେର ଏକ ପ୍ରଜାପତି ଜାତ
ଏକବିଂଶ ଖଣ୍ଡ ସେହୁ ସଞ୍ଚିଲା ଜଗତ ।

ସତ୍ୟଯୁଗେ ଯଜ୍ଞକଲେ ସେହୁ ବୃନ୍ଦାବନେ
ପାର୍ବତୀ ବିଜୟ କଲେ ମକର ବାହନେ ।
ପ୍ରଜାପତି ତାହାଙ୍କୁ ଅଜାତି ବାଛି କଲେ
ତେଣୁ ସେହି ଅନ୍ନପୂର୍ଣ୍ଣା ଯଜ୍ଞେ ଝାସ ଦେଲେ ।
ଶୃଦ୍ରେକ ନାମେ ଯେ ବ୍ରହ୍ମଆଚାର୍ଯ୍ୟ ଯାଗରେ
ହରିଙ୍କୁ ସେ ବାର୍ତ୍ତାଦେଲେ ନାରଦ ଗୋଚରେ ।
ଶୁଣି ବିଶ୍ୱବାସ ହୋଇଲେକ ସ୍ତମ୍ଭୀଭୂତ
ନିଃଶ୍ୱାସ ଛାଡ଼ନ୍ତେ ହେଲେ ପୁରୁଷେକ ଜାତ ।
ସେହି ପୁରୁଷ ଭୀଷ୍ମକ ନାମେ ମହାବୀର
ସେ ଆସି ପ୍ରଜାପତିର ଉପାଡ଼ିଲେ ଶିର ।
ପୁଣିହିଁ ଏକ ସମୟେ କେତେ ଦିନ ଅନ୍ତେ
ମହୀସୂଦନ ପ୍ରଳୟ ଘୋଟିଲା ଜଗତେ ।
ସେ ପ୍ରଳୟ ଅନ୍ତରେ ତ୍ରିଗୁଣ ପ୍ରଜାପତି
ବିପୁଳବନେ ଯଜ୍ଞ ରଚିଲେ ମହାଯତି ।
ବିମାନେ ବସିଣ ଯେ ଅଇଲେ ମହାମାୟା
କ୍ରୋଧରେ ଅନଳେ ଦଗ୍ଧ କଲେ ନିଜକାୟା ।
ନାରଦ କହନ୍ତେ ଯାଇଁ ଜାଣିଲେ ଈଶ୍ୱର
କ୍ରୋଧ କରି ମାଇଲେ ସେ ଆପଣା ଜାନୁର ।
ତହୁଁ ଜାତ ହୋଇଲେ ଜନକ ରୁଦ୍ରମୂର୍ତ୍ତି
ସେ ଆସି ନାଶିଲେ ସେ ତ୍ରିଗୁଣ ପ୍ରଜାପତି ।
ସେହି ପ୍ରଜାପତିଙ୍କର ସହସ୍ରେ ତରୁଣୀ
ଭୟେ ଈଶ୍ୱରଙ୍କ ପାଦେ ଅର୍ଘ୍ୟ ଦେଲେ ଆଣି ।
ଦେଖିଣ ଲଗ୍ନ ହୋଇଲେକ ଦେବରାଜା
ଡରେ ଗୁରୁପତ୍ନୀମାନେ କଲେ ଲିଙ୍ଗପୂଜା ।
ତାହା ଦେଖିଣ ଈଶ୍ୱର ପ୍ରସନ୍ନ ହୋଇଲେ
ଲେଉଟି ପ୍ରଜାପତିକି ଜୀବଦାନ ଦେଲେ ।
ତଦଅନ୍ତେ ପୁଣି ଯମ ନାମେକ ପ୍ରଳୟେ
ସୁଶୀଳ ନାମେକ ପୁଣି ପ୍ରଜାପତି ହୁଏ ।
ପ୍ରଥମେ ସୃଷ୍ଟି ସୃଜିଣ ଆରମ୍ଭିଲେ ଯାଗେ
ପ୍ରସନ୍ନା ନଦୀ କୂଳରେ ଉଦେଗିରି ଲାଗେ ।
ଗିରିବର ଆରୋହି ପାର୍ବତୀ ବିଜେ କଲେ
ପିତାଙ୍କ ଖଳବାକ୍ୟେ ଯେ ଯଜ୍ଞରେ ଝାସିଲେ ।
ନାରଦ ଯାଇଁ କହନ୍ତେ ଜାଣିଲେ ଧୂର୍ଜଟୀ
କୋପେ ସଦାନନ୍ଦ ତହୁଁ ପେଶିଲେ ଭ୍ରୁକୁଟୀ ।
ସେ ଆସି ପ୍ରଜାପତିକି ଶିରଶାସ୍ତ ଦେଲା ।
ତହିଁ ଉତ୍ତାରେ ପୁଣି ଯେ ବହୁକାଳ ଗଲା ।
ଦ୍ୱୀପାନ୍ତକ ପ୍ରଳୟର ଅନ୍ତେ ବସୁମତୀ
ବସୁ ନାମେକ ଯେ ପୁଣି ହେଲା ପ୍ରଜାପତି ।
ନୀଳଗିରି ଉପରେ ସେ ମହାତପ କଲେ
ପାଦଗତି ହୋଇ ତହିଁ ପାର୍ବତୀ ଅଇଲେ ।
ଯାଗରେ ଝାସ ଦେଲେ ଯେ ପିତା ଅଭିମାନେ
ବାରତା ପାଇଣ ବିଜେ କଲେ ତ୍ରିଲୋଚନେ ।

Digitized by srujanika@gmail.com

ପ୍ରଜାପତିଙ୍କର ମୁଣ୍ଡ କାଟିଲେ ତ୍ରିଶୂଳେ
ଦେଖିକରି ପଳାଇଲେ ସର୍ବ ଦିଗପାଳେ ।
ପୁଣି ଏକ ସମୟରେ ଯୁଗ ସମାପତେ
ଗଗନ ପ୍ରଳୟ କାଳେ ଘୋଟିଲା ଯୁକତେ ।
ସେ ପ୍ରଳୟ ଅନ୍ତେ ପୁଣି ଦେବୀ ପ୍ରଜାପତି
ପୃଥିବୀକୁ ଭିଆଇଣ ଯାଗେ ଦେଲା ମତି ।
ବିରଜା ମଣ୍ଡଳେ ସେହୁ ଯାଗ କରୁଥିଲେ
ହୟବର ବାହନରେ ପାର୍ବତୀ ଅଇଲେ ।
ପ୍ରଜାପତି ତାହାଙ୍କୁ ଯେ ନ କଲେ ଆଦର
ତେଣୁ ମହାସତୀ ତହୁଁ ଝାସିଲେ ଶରୀର ।
ନାରଦଙ୍କ ତହୁଁ ବାର୍ତ୍ତା ପାଇ ଦେବ ହର
ରହିଲେ ପ୍ରଜାପତିଙ୍କୁ ନାଶି କାଶୀପୁର ।
ସେ ଉତ୍ତାରେ ପୁଣି କେତେହେଁକ କାଳ ଗଲା
ଦୟିଦି ନାମେ ପ୍ରଳୟ ସଂସାର ହୋଇଲା ।
ସେ ପ୍ରଳୟ ଉତ୍ତାରେ ସାବର୍ଣ୍ଣି ନାମେ ମନୁ
ଆଦିବ୍ରହ୍ମା ନାମେ ସେହୁ ନିରାକାର ସୁନୁ ।
ମେଦମେଦା ନାମେ ହେଲା ଏକଇ ଧରିତ୍ରୀ
ମୁନୀନ୍ଦ୍ର ନାମେଣ ହେଲେ ଦକ୍ଷପ୍ରଜାପତି ।
ଯଜ୍ଞ ଆରମ୍ଭିଲେ ସେହି ହିମାଚଳ ସ୍ଥାନେ
ପାର୍ବତୀ ବିଜୟ କଲେ କେଶରୀ ବାହନେ ।
ଅଭିମାନେ ଝସିଲେ ସେ ଦେବୀ ମହାଯଜ୍ଞେ
ନାରଦ କହିଲେ ଯାଇ ଈଶ୍ୱରଙ୍କ ଆଗେ ।
ଶୁଣି ସଦାନନ୍ଦ ହେଲେ କୋପେ ଗୁରୁତର
ସୈନ୍ୟ ସାଜି ଅଇଲେକ ପ୍ରଜାପତିପୁର ।
ନିଶ୍ଚୟ ପ୍ରଜାପତିକି ହେବ ମୃତ୍ୟୁଯୋଗ
ପୂର୍ବରୁ ଭିଆଣ ଅଛି ଏସନକ ଯୋଗ ।
ବିଷ୍ଣୁର ଖେଳଘର ଏ କଉତୁକ ମତ
ଯେସନେ ଏ ଦିବାରାତ୍ର ହୁଏ ଆତଯାତ ।
ସେହି ପରକାରେ ଅଟେ ଯୁଗାନ୍ତକ ବାଣୀ
ଆତଯାତ କଥା କିଛି ନୁହେଁ ପରମାଣି ।
କଳ୍ପ କଳ୍ପାନ୍ତେ ଅବଶ୍ୟ ହୁଅଇ ଏମାନ
ଚଣ୍ଡୀ ରାମାୟଣ ଆଦି ଭାରତ ବିଧାନ ।
କଉତୁକ ନିମନ୍ତେ ଏ ବିଷ୍ଣୁର ରଚନା
ଯାହା ସେହି ଦେବେ କରିଅଛଇ ସ୍ଥାପନା ।
ଦଇବେ ସେ କଥାମାନ ନୁହେଁ ପରିମାଣି
ସଂକ୍ଷେପି କହିବାକୁ ସମର୍ଥ କିଏ ପୁଣି ।
ଦକ୍ଷ ପ୍ରଜାପତି ଯେ ପ୍ରତ୍ୟକ୍ଷେ ବ୍ରହ୍ମଦେହୀ
ଜଗତ ସଞ୍ଚନେ ତାକୁ ଜାତ କଲେ ବିହି ।
ବିଧାତା ଆଜ୍ଞାରେ ସେହୁ ସଞ୍ଚଇ ଜଗତ
ଏବେ ବିଷ୍ଣୁଲୋକକୁ ସେ ଲଭିଲେ ନିୟତ ।
ତେଣୁ ଈଶ୍ୱରଙ୍କ ସଙ୍ଗେ ରଚିଲେ ବିବାଦ
ସ୍ୱଇଚ୍ଛାରେ ପ୍ରଜାପତି ଇଚ୍ଛେ ଶିରଚ୍ଛେଦ ।

ଈଶ୍ୱରଙ୍କ ହାତେ ଆଜି ଲଭିବେ ମରଣ
ଆମ୍ଭେ ଯୁଦ୍ଧ କରିବା ଯେ କେବଣ କାରଣ ।
ଅକାରଣେ ମରିବା ଯେ ନାନା ଦୁଃଖ ପାଇ
ଯଶ ପଉରୁଷ କିଛି ନ ପାଇବା ତହିଁ ।
ଇନ୍ଦ୍ର ବୋଇଲା ନୋହିବ ଯେବେ ଉପକାର
ବିନାକାର୍ଯ୍ୟେ କାହିଁପାଇଁ କରିବା ସମର ।
ଚାଲ ସ୍ୱର୍ଗପୁର ଯିବା ସର୍ବ ଦେବତାଏ
ଏତେ ବୋଲି ସେ ସୁଧର୍ମା ସଭାକୁ ବିଜୟେ ।
ତେତିଶକୋଟି ଦେବଙ୍କୁ ସଙ୍ଗତରେ ଘେନି
ମନୋହର ମଣ୍ଡପରେ ବିଜେ ସସ୍ତ୍ରଯୋନି ।
ଶୂନ୍ୟପୁର ଭେଦି ସଭା ଅନ୍ତର୍ଦ୍ଧାନେ ଗଲା
ଅମର ସ୍ୱର୍ଗସ୍ଥାନରେ ପ୍ରବେଶ ହୋଇଲା ।
ଏଥୁ ଅନନ୍ତରେ କଥା ଶୁଣ ମହୀପାଳ
ଅମର ବୃନ୍ଦଟି ଯହୁଁ ଗଲେ ସ୍ୱର୍ଗଆଳ ।
ରୁଦ୍ରବଳ ଆସି ମିଳିଗଲେ ଯଜ୍ଞଦ୍ୱାରେ
ଧସାଇ ପଶିଲେ ଯାଇଁ ପବିତ୍ର ନବରେ ।
କୋପରେ ଧାମନ୍ତି ସଦାଶିବ ପାଦଗତି
ମହାଉଗ୍ର ତେଜ ପୁଣି ଭୈରବ ମୂରତି ।
ଭୟଙ୍କର ରୂପ ଲାଗେ ଗଗନରେ ଶିର
ଧାମନ୍ତି ଆୟୁଧ ଯାନ ଛାଡ଼ି ଶୂନ୍ୟକାର ।
ମୁକୁଳିତ ଜଟା ଲମ୍ବିପଡ଼େ ପଛକତି
ଶିରେ ଫୁଫୁକାର କରି ଉରଗେ ଗର୍ଜନ୍ତି ।
ଅନ୍ତରୀକ୍ଷେ ଡମ୍ବରୁ ଯେ ବାଜେ ଅନ୍ତରାଳ
ଦିଶନ୍ତି କାଳପୁରୁଷ ପ୍ରାୟେ ରୁଦ୍ରବଳ ।
ନିଘଞ୍ଚ ହୋଇ ଯେ ପୂରିଥିଲେ ଯଜ୍ଞସ୍ଥାନେ
ଦେଖିକରି ତ୍ରସ୍ତ ହୋଇଲେକ ମୁନିମାନେ ।
କୋପେ ଦେବ ବିଶ୍ୱନାଥ ଦେଲେ ସିଂହରଡ଼ି
ବ୍ରହ୍ମାଙ୍କ ହସ୍ତରୁ ପଡ଼ିଲାକ ଶ୍ରୁବ ଝଡ଼ି ।
ରହିଲେ ନିର୍ଜୀବ ପ୍ରାୟେ ହୋଇ ସର୍ବେ ଦଣ୍ଡେ
କ୍ଷଣକେ ଚିନ୍ତା ପଶିଲା ସବୁଙ୍କରି ପିଣ୍ଡେ ।
ଈଶ୍ୱରଙ୍କର ମୁଖକୁ ଚାହିଁଲେ ବିଧାତା
ବିଚାରିଲେ କୋପ ହୋଇଅଛି ଅପ୍ରମିତା ।
ତମପୁରୁଷ ଶରୀରେ ନାହିଁ ସଦ୍‌ଜ୍ଞାନ
ନିଶ୍ଚୟେ କରିବେ ବ୍ରହ୍ମା ଶିର ଯେ ଛେଦନ ।
ଏତେ ବୋଲିଣ ଧାତ୍ରା ଯେ ବିରସ ମନରେ
ଦକ୍ଷବ୍ରହ୍ମା ମୁଖ ଚାହିଁ କହନ୍ତି ସଧୀରେ ।
ବୋଇଲେ ହେ ଦକ୍ଷବ୍ରହ୍ମା କି ବିଚାରୁ ତୁହି
ଈଶ୍ୱର ବିଜେ ପାର୍ବତୀ ଛଳେ କୋପବହି ।
କି ବଳ ବୃଦ୍ଧି ଉପାୟ କରିବା ଏଥକୁ
ଚଳ ସର୍ବେ ଋଷିସହ ବୋଧି ଈଶ୍ୱରଙ୍କୁ ।
ପ୍ରଜାପତି ବୋଇଲେ ଯେ ପୂର୍ଣ୍ଣାହୁତି କାଳେ
ଯୋଗୀମୁଖକୁ କେମନ୍ତେ ଚାହିଁବା ଏବେଳେ ।

Digitized by srujanika@gmail.com

ପ୍ରଥମରୁ ବାଛିଲଇଁ ଯେବଣ କଥାକୁ
ଶେଷକାଳେ କେଉଁପରି କରିବା ତାହାକୁ ।
ଆଉ ଦଣ୍ଡେମାତ୍ର ରହିଲେକ ପଶୁପତି
ଯାଗ କାର୍ଯ୍ୟ ବଢ଼ାଇଣ କରିବା ନୃପତି ।
ଏତେ ବୋଲିକରି ଦକ୍ଷ ପିଠିଦେଇ ବସି
ଦେଖିକରି ଭୟକଲେ ସକଳ ମହର୍ଷି ।
ଈଶ୍ୱରଙ୍କ କୋପ ଦେଖି ପଳାଇଲେ ଡରେ
ବିଧାତା ସହିତ ଯେତେ ଥିଲେ ମୁନିବରେ ।
ପଳାଇ ପଶିଲେ ସର୍ବେ ଅମର ଭୁବନେ
ଚନ୍ଦ୍ରକାନ୍ତି ରହିଥିଲେ ଦକ୍ଷ ସନ୍ନିଧାନେ ।
ସେହି ପଳାଇ ପଶିଲେ ଯାଇ ଅନ୍ତଃପୁରେ
ଏକା ପ୍ରଜାପତି ବସି ଅଛନ୍ତି ସଭାରେ ।
ଏମନ୍ତେ ମିଳିଲେ ସଦାନନ୍ଦ ପଛକତି
ଅତ୍ୟନ୍ତ ସେ କୋପାନଳ ଅତି ତେଜମୂର୍ତ୍ତି ।
ଦକ୍ଷିଣ କର ଚାଳିଣ ମାଇଲେ ଚାପୋଡ଼େ
ଛିଣ୍ଡି ପଡ଼ିଲା ସେ ଦକ୍ଷମୁଣ୍ଡ ଯାଗକୁଣ୍ଡେ ।
ଯାଗର ଅନଳ ଯେ ପ୍ରଚଣ୍ଡ ହୁତାଶନ
ପ୍ରଜାପତି ମୁଣ୍ଡ ପଡ଼ି ହୋଇଲା ଦହନ ।
ବଦନ୍ତି ଯେ ମାରକଣ୍ଡ ଶୁଣ ନରନାଥ
ପ୍ରଜାପତିଙ୍କର ମୁଣ୍ଡ କାଟି ବିଶ୍ୱନାଥ ।
ତଥାପି ଶାନ୍ତ ତାଙ୍କର ନୋହିଲାକ ମନ
ରାଗରେ ଭଗ୍ନ କରନ୍ତି ସର୍ବ ପୁରମାନ ।
ପାର୍ବତୀଙ୍କୁ ନ ଦେଖି ସେ ମନେ ବଡ଼ ତାପ
କଦାପି ସଂହାରି ନ ପାରିଲେ ନିଜ କୋପ ।
ସକଳ ମନ୍ଦିରେ ବ୍ୟାପିଗଲେ ରୁଦ୍ରଗଣ
ଭାଙ୍ଗି କରନ୍ତି ଅପୂର୍ବ ପୁର ରଣଭଣ ।
ଆଗରୁ ଯାଇ ଯେ ଅନ୍ତଃପୁରର ମଧ୍ୟରେ
ଚନ୍ଦ୍ରକାନ୍ତି ଲୁଚିଥିଲେ ଭୟେ ଗୁପତରେ ।
ତାହାଙ୍କ ଆଗରେ ଯାଇ କହିଲେ ଧରଣୀ
ପ୍ରଜାପତି ମୁଣ୍ଡକାଟି ଦେଲେ ଶୂଳପାଣି ।
ଶୁଣି ଚନ୍ଦ୍ରକାନ୍ତି ଲଭି ଗୁରୁତର ଚିନ୍ତା
ତକ୍ଷଣେ ଦେବୀ ହୋଇଲେକ ଅର୍ଦ୍ଧଆତ୍ମା ।
ଶଚୀକି ବୋଇଲେ ତୁମ୍ଭେ ଯାଅ ସ୍ୱର୍ଗପୁର
ସକଳ ଯୁବତୀ ଘେନି ଏବେ ସଙ୍ଗତର ।
ବାହାର ହୁଅ ପଶ୍ଚିମ ଦ୍ୱାରବାଟେ ବେଗେ
ଧ୍ୱଂସ ନୁହଁ ଯେ ଆବର ଈଶ୍ୱରଙ୍କ ରାଗେ ।
ଦଇବ ଜାଣି ଥୋଇଛି ମୋତେ ଦୁଃଖଭାଗ
ଯଜ୍ଞଘରେ ବସି ହୋଇଲାକ ଏତେ ଯୋଗ ।
ଏଥକୁ ଚିନ୍ତା ତୁମ୍ଭେ ନ କର କିଛି ମନେ
ତୁମ୍ଭ ଆମ୍ଭ ଭେଟ ସରିଲାକ ଏହି ଜନ୍ମେ ।
ସ୍ୱାମୀର ସଙ୍ଗତେ ମୁଁ ଯେ ପଡ଼ିବି ଅନଳେ
ଶୁଣିଣ ଯୁବତୀଗଣ କହିଲେ ବିକଳେ ।
ଶଚୀ ପଚାରନ୍ତି କିସ କାର୍ଯ୍ୟେ ଆଗେ ଏଥେ
କିମ୍ପାଇଁ ଦେହ ଧ୍ୱଂସିବୁ ବଲ୍ଲଭ ସଙ୍ଗତେ ।
ଚନ୍ଦ୍ରକାନ୍ତି ବୋଇଲେ ଗୋ ଶୁଣ ମହାମାୟୀ
ସ୍ୱାମୀର ଅର୍ଥେ ମଲେ ତ ବହୁ ପୁଣ୍ୟ ପାଇ ।
ପତି ଦେବତା ଅଟନ୍ତି ଯୁବତୀ କୁଳକୁ
ପତିକି ସେବା କଲେ ନ ଦେଖଇ ଯମକୁ ।
ପତି ବିନୁ କ୍ଷଣେମାତ୍ର ନ ରଖିବୁ ଦେହ୍ମୀ
ପତି ବିନୁ ଯୁବତୀକୁ ଅନ୍ୟ ଧର୍ମ ନାହିଁ ।
ପତି ସଙ୍ଗତେ ଯେ ଦିଏ ଅନଳରେ ଝାସ
ଅଚିନ୍ତେ ଲଭଇ ସେହି ଦିବ୍ୟ ସ୍ୱର୍ଗବାସ ।
ସ୍ୱାମୀଙ୍କର ଅଭକତା ଯେବଣ ଯୁବତୀ
ବହୁତ ଦଣ୍ଡ ତାହାକୁ ଦିଏ ଜନ୍ତୁପତି ।
ସ୍ୱାମୀର ଅନ୍ତେ ଧରଇ ଯେ ନିଜ ଜୀବନ
ସଂସାରେ ହୁଅଇ ସେହୁ ବହୁ ହୀନୀମାନ ।
ଯାତ୍ରାକୁ ଅଶୁଭ ଅମଙ୍ଗଳ ଆବରଣୀ
ଅଶୁଭ ବୋଲି ବୋଲନ୍ତି ତାକୁ ସର୍ବପ୍ରାଣୀ ।
ପତି ପୁତ୍ର ବିହୀନରେ ବଞ୍ଚିଛି ଯେ ନାରୀ
ମୃତପିଣ୍ଡ ସଙ୍ଗତରେ ତାଙ୍କ ପିଣ୍ଡ ସରି ।
ଏକଥା ସ୍ୱରୂପ ଜାଣ ପୁରାଣର ବାଣୀ
ପ୍ରଜାପତିଙ୍କ ମୁଖରୁ ଆମ୍ଭେ ଅଛୁ ଶୁଣି ।
ସାଧବୀ ମହିମା ଏହୁ ପୁରାଣେ କଥିତ
ମହାଦେବ ଦାସ ଏହା କଲେ ବିରଚିତ ।

–×–

ସାଧ୍ୱୀ କପୋତୀ କଥା

ଏଥୁଅନ୍ତେ କେତେକାଳ ସଗର ମନୁରେ
ଲବଣ ସିନ୍ଧୁ ତୀରରେ ପଶ୍ଚିମ ପ୍ରାନ୍ତରେ ।
କପାଳୀ ବନ ମଧ୍ୟେ ସୁଆଗା ଗିରିପାଶେ
ମନୁତାର ନାମରେ ଶବରପଲ୍ଲୀ ବସେ ।
ସେ ପଲ୍ଲୀର ନାୟକ ପତଙ୍ଗ କାଳ ବୋଲି
ଉଡ଼ନ୍ତା ପକ୍ଷୀ ସେହୁ ମାରଇ ଶର ମେଲି ।
କୁଟୁମ୍ବ ନାହିଁ ତାହାର ଏକାକେ ସେ ଜନ
ପକ୍ଷୀ ଜନ୍ତୁ ମାରି ନିତ୍ୟେ କରଇ ଭୋଜନ ।
ଏମନ୍ତେ ଏକଦିବସେ ବରଷା ଋତୁରେ
ପଶିଲା ସେ ଅଠାକାଠି ଘେନି ବନଘୋରେ ।
ଅନେକ ଦୂର ବୁଲି ସେ କିଛି ନ ପାଇଲା
ଦିବସ ଅନ୍ତେ କପୋତ ଯୋଡ଼ିଏ ଦେଖିଲା ।
ଖଣ୍ଡେ ଦୂରୁ ଦେଖି ବସିଲାକ ଜାନୁ ମାଡ଼ି
ତାଳ ତାଟି ଗୋଟାଏକ ଛାମୁରେ ଉହାଡ଼ି ।
ଅଠା କାଠି ଯୋଡ଼ିକରି ନଳମୁଣ୍ଡେ ଦେଇ
ଧୀରେ ଧୀରେ ଯୋଖିଲା ସେ ପକ୍ଷୀଙ୍କୁ ଅନାଇ ।
ବାଜନ୍ତେ ସେ ଅଠକାଠି କପୋତଟି ପଡ଼ି
ଚମକି କପୋତୀ ଗୋଟି ପଳାଇଲା ଉଡ଼ି ।
ଡାଳରେ ବସିଣ ଦେଲା ତଳକୁ ସେ ଦୃଷ୍ଟି
ଦେଖିଲା ବନ୍ଦି ହୋଇଲା ନିଜ ପତି ଗୋଟି ।

Digitized by srujanika@gmail.com

ଚଢ଼େଇୟା ହାତରେ ସେ ପଡ଼ିଲା କପୋତ।
ଦେଖିଣ କପୋତୀ କଲା ମନରେ ଯେ ଚିନ୍ତା।
ଅତି କ୍ରୋଧଭରେ ସେହି ବ୍ୟାଧକୁ ଅନାଇ
ବୋଇଲା ସ୍ୱାମୀକୁ ମୋର ଧଇଲୁ କିମ୍ପାଇଁ।
ଆମ୍ଭେ ତ ତୋର ପୂର୍ବରେ ନୋହୁ ଦୋଷକାରୀ
କି ଅର୍ଥେ ଆମ୍ଭଙ୍କୁ ଧଇଲୁ ତୁ ବନ୍ଦିକରି।
କାହାକୁ ଭୟ ନ ଦେଇ ସଦା ଡରି ରହୁ
ଆମ୍ଭେତ ବିହଙ୍ଗ ଜାତି ବୃକ୍ଷଡାଳେ ଥାଉଁ।
ଧର୍ମ ଆଶ୍ରୟ କରିଣ ସଦା ଆମ୍ଭେ ଥାଉଁ
ଜଳ ଫଳ ଭକ୍ଷ ଡାଳପରେ ଆମ୍ଭେ ଜୀଉଁ।
କାହାକୁ ଆଉ ଭୟ ନ ଥାଇ ଆମ୍ଭ ମନେ
ଯହୁଁ ବାସକରି ରହୁଅଛୁ ଏହି ବନେ।
ତୁ କିମ୍ପା ଆମ୍ଭଙ୍କୁ ଦୁଃଖ ଅକାରଣେ ଦେଉ
ଅରକ୍ଷିତ ଜନଙ୍କୁ ଯେ ଦୟା ତୁ ନ ବହୁ।
ଏବେ ତୁ ଭକତି ମୋର ଘେନ ହୋ ଶବର
ପ୍ରାଣର ଯେ ବଲ୍ଲଭକୁ ଛାଡ଼ିଦିଅ ମୋର।
ଶବର ବୋଇଲା ତୁହି ଶୁଣରେ କପୋତୀ
ଆଉ କି ତୁହି ପାଇବୁ ତୋର ନିଜ ପତି।
ଯେବେ ଅଠାରେ ପଡ଼ନ୍ତୁ ତୁହି ସ୍ୱାମୀ ତୁଲେ
ଓଳିଏ ଭୋଜନ ମୋର ଚଳିଯାନ୍ତା ଭଲେ।
କପୋତୀ ବୋଇଲା ଆମ୍ଭେ ତୋହର ଶରଣ
ତୋହର କରି ଆମ୍ଭର ରଖିଥାଅ ପ୍ରାଣ।
ଶବର ବୋଇଲା ତୋର ହୋଇଲା ଭକତି
ଅଗ୍ନି ଖଣ୍ଡିଏ ଆଣିଲେ ଛାଡ଼ିବି ତୋ ପତି।
ଶୁଣିକରି କପୋତୀ ଯେ ଉଷତ ହୋଇଲା
ଗୋରୁ ଗୋଷ୍ଠରୁ ଅନଳ ଆଣିକରି ଦେଲା।
ଅଗ୍ନି ପାଇ ଶବର ଯେ କାଷ୍ଠ ସଜାଡ଼ିଲା
କପୋତ ଗୋଟିକୁ ସେହୁ ମୁଣାରୁ କାଢ଼ିଲା।
କରେ ଘେନି ବ୍ୟାଧ ତାର ଉପାଡ଼ିଲା ପକ୍ଷୀ
ବିକଳ ହୋଇଲା ତାହା କପୋତୀ ଯେ ଦେଖି।
ଶବର ମୁଖକୁ ଚାହିଁ ବୋଲଇ କପୋତୀ
କିରେ ଚଣ୍ଡାଳ ନିର୍ଦ୍ଦୟ ଏଡ଼େ ତୋର ମତି।
କହୁଁ କହୁଁ ତୁ ଧର୍ମକୁ ଲଙ୍ଘୁ ମହାପାପୀ
କେମନ୍ତେରେ ଧର୍ମ ତୋତେ ସହିଛି ଅଦ୍ୟାପି।
କପୋତୀ ବଚନ ଯେ ଶବର ନ ଶୁଣଇ
କପୋତ ବୋଲଇ ସେ ଘରଣୀ ମୁଖ ଚାହିଁ।
ତୁ ଟିଗୋ ସଙ୍ଗାତୁଣୀ ଆଉ ନ ଭାଳ ମନରେ
ମୁହିଁ ପଡ଼ିଲଇଁ ଏ ନିର୍ଦ୍ଦୟ ବ୍ୟାଧଠାରେ।
ମୋର ଆଶା ଛାଡ଼ି ତୁହି ନିଜ ବାସ ଯାଅ
ପୁତ୍ର କନ୍ୟା ପାଳି କୁଳ ରକ୍ଷା କରିଥାଅ।
କପୋତୀ ବୋଲେ ତୁଙ୍କେ ପୁତ୍ର ଦୁହିତା ପାଳିବ
ତୁମ୍ଭର ବିହୀନେ ମୁହିଁ ନ ରଖିବି ଜୀବ।

ଏମନ୍ତେ କୁହାକୁହି ହୁଅନ୍ତେ ବେନିଜନେ
କପୋତକୁ ବ୍ୟାଧ ରଖିଲାକ ହୁତାଶନେ।
ତା ଦେଖି କପୋତୀ ବୃକ୍ଷୁ ପଡ଼ିଲାକ ଡେଇଁ
ପତି ପତ୍ନୀ ଦୁହେଁ ହେଲେ ଅନଳେ ଯେ ଦହି।
ପୁଷ୍ପଯାନ ଘେନି ସ୍ୱର୍ଗୁ ଅଇଲେ ମାତଳି
ପତି ପତ୍ନୀ ବସି ଦୁହେଁ ଗଲେ ସ୍ୱର୍ଗେ ଚଳି।
ସୁଧର୍ମା ସଭାରେ ଯାଇ ହେଲେ ବେନି ପକ୍ଷୀ
ଦେଖି ପୁଚ୍ଛା କଲେ ତାଙ୍କୁ କଶ୍ୟପର ବସି।
ବିଧାତା ବୋଲେ ଏହାଙ୍କୁ ବୈକୁଣ୍ଠକୁ ନିଅ
ପକ୍ଷୀ ବେନି ବୋଇଲେକ ସାବଧାନ ହୁଅ।
ଆଜ୍ଞା ପ୍ରମାଣେ ଲଭିଲୁ ବଇକୁଣ୍ଠ ଭୂମି
ଆମ୍ଭେ ଯାହା କହୁଁ ଅବଧାନେ ହୁଅ ସ୍ୱାମୀ।
ଏ ସାରା ସଂସାର ଆମ୍ଭେ ଦେଖିବୁ ନୟନେ
ତହିଁକି ଶରଧା ହେଉଅଛି ଆମ୍ଭ ମନେ।
ବିଧାତା ବୋଇଲେ ହେଉ ତୁମ୍ଭର ଯେ ଇଚ୍ଛା
ରହ ତୁମ୍ଭେ ଗଗନରେ ପୂରୁ ମନବାଞ୍ଛା।
ଶୁଣ ଆଗୋ ମହାସତୀ ପକ୍ଷୀଙ୍କ ବାରତା।
ତାରାଗଣ ମଧ୍ୟେ ତାଙ୍କୁ ରଖିଲେ ବିଧାତା।
ନବରତ୍ନ ବିମାନ ଗୋଟିକ ପରେ ବସି
ଗଗନରେ ଆତଯାତ ହୁଅନ୍ତି ଦିବାନିଶି।
ସର୍ବଦା ଗମନ୍ତି ସେହି ପଶ୍ଚିମ ଆକାଶେ
ଥାଇ ମୂଳା ନକ୍ଷତ୍ରର ଉତ୍ତର ପାରୁଶେ।
କାର୍ତ୍ତିକ ଶୁକଳ ପକ୍ଷ ପଞ୍ଚମୀ ନିଶାରେ
ସେ ବେନି ନକ୍ଷତ୍ରକୁ ଯେ ଦେଖେ ନୟନରେ।
ସମ୍ବତ୍ସରର ପାପ ଯେ ହୁଅଇ ଦହନ
କାର୍ତ୍ତିକ ହବିଷ୍ୟ ଫଳ ଲଭନ୍ତି ସେ ଜନ।
ଶୁଣ ଆଗୋ ମହାମାୟେ ପୁରାଣର ବାଣୀ
ପ୍ରଜାପତିର ମୁଖରୁ ଅଛି ଏହା ଜାଣି।
ସକଳ ବ୍ରତ ଉପରେ ସତୀବ୍ରତ ସାର
ସ୍ତିରୀଙ୍କୁ ଆବର ବ୍ରତମାନ ନାହିଁ ପାର।
ଶୁଣି ଯେ ଏହି କଥାକୁ ଜାଣଇ ଆଗହୁଁ
ଯଥା କାଳରେ ନିସତ ହେବି ଆଉ କାହୁଁ।
ଚନ୍ଦ୍ରକାନ୍ତି ମୁଖରୁ ନିରାଶ ବାକ୍ୟ ଶୁଣି
ପଶ୍ଚିମ ଦୁଆରବାଟେ ଗଲେକ ତରୁଣୀ।
ଯେ ଯାହାର ପୁରେ ପ୍ରବେଶିଲେ ସର୍ବନାରୀ
ଏଥୁ ଅନନ୍ତରେ ଶୁଣିମା ହେ ଦଣ୍ଡଧାରୀ।
ପ୍ରଜାପତି ତରୁଣୀର ନାମ ଚନ୍ଦ୍ରକାନ୍ତି
ଅନ୍ତଃପୁର ଭିତରେ ସେ ଏକା ରହିଛନ୍ତି।
ମନେ ବିଚାର କରନ୍ତି ଝାସିବି ଅନଳେ
ଈଶ୍ୱର କାଳେ ନିରୋଧ କରିବେ ସେ ବେଳେ।
ଅର୍ଘ୍ୟ ଦେଇଣ କରିବି ଆଗେ ତାଙ୍କୁ ତୋଷ
ତେବେ ସେ ଅଗ୍ନିରେ ହୋଇବଇଁ ପରବେଶ।

Digitized by srujanika@gmail.com

ଏତେକ ବିଚାର କରି ସତୀ ମହାଦେଈ
ଅର୍ଘ୍ୟଥାଳୀ ଘେନିଣ ଈଶ୍ୱର ପାଶେ ଯାଇଁ ।
ଦେଖିକରି କୋପାନଳ ହୋଇଲେ ଧୂର୍ଜଟି
ବୋଇଲେ କାହିଁପାଇଁ ଲୋ ଅଇଲୁ ପାପିଷ୍ଠୀ ।
ଏତେ ବୋଲି ଈଶ୍ୱର ଯେ କୋପଦୃଷ୍ଟି ଦେଇ
ଅର୍ଘ୍ୟ ଆଣୁଅଛୁ ଲୋ କାହାକୁ ଦେବାପାଇଁ ।
ଏତେକ ବୋଲି ଉଲଗ୍ନ ହେଲେ ଦେବ ହର
ଲଜ୍ଜାକୁ ଦୂର କଲେକ ଶାଶୂଙ୍କ ଛାମୁର ।
ଦେଖି ଚନ୍ଦ୍ରକାନ୍ତିର ଯେ ନ ସ୍ଫୁରଇ କିଛି
ଲଜ୍ଜା ପାଇକରି ମୁଖ ପୋତିଲେ ମୃଗାକ୍ଷୀ ।
ବିଚାର କରନ୍ତି ମନେ ମନେ ମହାସତୀ
ନିଶ୍ଚୟ ଯେ ଜ୍ଞାନ ଧ୍ୱଂସ ହେଲା ପଶୁପତି ।
ମୋତେ ତ ଦଇବ ଏହା ଦେଖିବାକୁ କଲା
ଏ କଥା ଯେ ମୋର କରମରେ ଲେଖାଥିଲା ।
ମୁହିଁ ଈଶ୍ୱରଙ୍କଠାରେ ନୁହେଁ ଅପରାଧୀ
କାହିଁପାଇଁ ସଦାନନ୍ଦ କଲେ ହୀନବୁଦ୍ଧି ।
ଏ ଯେଣୁ ଉପରୋଧ ନ କଲେ ମୋହଠାରେ
ମୁହିଁ କିମ୍ପା ଉପରୋଧ କରିବି ଏହାରେ ।
ଏତେ ବୋଲିକରି ଅର୍ଘ୍ୟ ପକାଇଲେ ତଳେ
ସ୍ୱାମୀକୁ କୋଳେ ଘେନିଣ ଝାସିଲେ ଅନଳେ ।
ଯାଗର ଅନଳ ତେଜେ ପ୍ରଚଣ୍ଡ ଜଳଇ
ତହିଁରେ ପଶିଲେ ଦକ୍ଷ ପତି ପତ୍ନୀ ଦୁଇ ।
ତତକ୍ଷଣେ ବେନି ପିଣ୍ଡ ହୋଇଲା ଦହିର୍ଯ୍ୟ
ଦେଖିକରି ବିଶ୍ୱନାଥ ଲଭିଲେ ଆଶ୍ଚର୍ଯ୍ୟ ।
ପତି ସହ ଯେଉଁ ନାରୀ ଲଭଇ ମରଣ
ମହାଦେବ ଦାସ କହେ ଧନ୍ୟ ତା ଜନମ ।

–x–

ଶିବଙ୍କର ତପସ୍ୟା ଓ ନାରଦଙ୍କର ଶାପ ବିମୋଚନ

ବଦୟନ୍ତି ମାରକଣ୍ଡ ସୁରଥ ଅଗ୍ରତ
ଏଥୁଅନ୍ତେ ସମାଚାର ଶୁଣ ନରନାଥ ।
ତମ ଛାଡ଼ି ସଦ୍‌ଜ୍ଞାନ ହୋଇଲା ଉଦିତ
ମନେ ମନେ ବିଚାର କରନ୍ତି ବିଶ୍ୱନାଥ ।
ପାର୍ବତୀକୁ ପାଇ ନ ପାରିବି କଦାଚିତ
କିମ୍ପା ଏହି ପୁରେ ମୁହିଁ କଲଇଁ ଅନର୍ଥ ।
ବ୍ରହ୍ମହତ୍ୟା ମୁହିଁ କଲି ଭାଙ୍ଗିଲି ଯେ ଯାଗ
ଉଲଗ୍ନ ହୋଇଲି ଗୁରୁପତ୍ନୀଙ୍କର ଆଗ ।
ଏହୁ ପୁଣି ଅଭିମାନେ ଅନଳେ ଝାସିଲା
ଏ ସକଳ ମହାପାପ ମୋତେ ତ ଲାଗିଲା ।
ଏମନ୍ତ ସେ ବିଚାରନ୍ତେ ଦେବ ଦେବ ହର
ଇନ୍ଦ୍ରି ଛିଡ଼ି ପଡ଼ିଲାକ ମେଦିନୀ ଉପର ।
ତାହା ଦେଖିଣ ବିସ୍ମୟ ହୋଇଲେ ତ୍ର୍ୟମ୍ବକ
ଆକାଶେ ଥାଇଣ ଡାକ ଦ୍ୟନ୍ତି ଦେବଲୋକ ।
ଆହେ ଦେବ ସଦାନନ୍ଦ ଜଗତ ଈଶ୍ୱର
ଆମ୍ଭ ବଚନକୁ ଦେବ ଅବଧାନ କର ।
ପାର୍ବତୀ ଦେବୀ କ୍ରୋଧରେ ନାରଦ ବଚନେ
ବ୍ରହ୍ମହତ୍ୟା ପାପ ଅରଜିଲ ବିଦ୍ୟମାନେ ।
ମହାଯଜ୍ଞ ବିନାଶିଲ ଲଜ୍ଜା କରି ଦୂର
ଏ ପାପର ହେତୁ ସେ ନାରଦ ମୁନିବର ।
ପାର୍ବତୀଙ୍କ କଥାକୁ ନ ଭାଳି ମନେ କିଛି
ଥୋକାଏ ଦିନ ତାହାଙ୍କୁ ଥାଅ ମନୁ ମୂର୍ଚ୍ଛି ।
ଆବର ଯେ ପଞ୍ଚଶତ ବରଷ ଅନ୍ତରେ
ପାର୍ବତୀ ଜାତ ହୋଇବେ ହିମବନ୍ତ ପୁରେ ।
ଦୁର୍ଗାରୂପ ଧରି ଦେବୀ ନାଶିବେ ଦଇତ୍ୟ
ଗିରିଜା ନାମେ ସେ ପୁଣି ହୋଇବେ ସମ୍ଭୂତ ।
ସେତେବେଳେ ତାଙ୍କୁ ତୁମ୍ଭେ ପ୍ରାପତ ହୋଇବ
ଗଉରୀଙ୍କର ପ୍ରସନ୍ନେ ଇନ୍ଦ୍ରି କଅଁଳିବ ।
ଏତେ କହି ଅନ୍ତର୍ଦ୍ଧାନ ହେଲେ ଦେବତାଏ
ଶୁଣି ସଦାନନ୍ଦ ହେଲେ ହରଷ ବିସ୍ମୟେ ।
ନାରଦଙ୍କୁ ଚାହିଁଣ ବୋଲନ୍ତି ତ୍ରିପୁରାରୀ
ତୋହର ଯୋଗୁଁ ହୋଇଲା କଥା ଏତେ ସରି ।
ବ୍ରହ୍ମଋଷି ହୋଇକରି କଲହେ ପୀରତି
ଏ କଥାକୁ ଶାପ ତୋତେ ପ୍ରାପ୍ତ ହେଉ ଯତି ।
ଦାସୀ ଗର୍ଭରେ ତୁ ଜାତ ହୁଅ ହୀନକୁଳେ
ଭୂତଗଣ ମଧ୍ୟେ ଦିନ ବଞ୍ଚ ସଦାକାଳେ ।
ଏ ବଚନ ଶୁଣିଣ ଯେ ନାରଦ ମହର୍ଷି
ଈଶ୍ୱରଙ୍କୁ ବଚନ ଯେ କହନ୍ତି ବିଶେଷି ।
ଆହେ ପ୍ରଭୁ ଗୁଣନିଧି କଳୁଷ ନାଶନ
ଅନାଦି ପୁଣ୍ୟମୟ ତୁ ଆଦି ନିରଞ୍ଜନ ।
ହେ ସକଳ ଧର୍ମ କର୍ମ ପାଳକ ପୁରୁଷ
ତୁମ୍ଭେ କି ନ ଜାଣ ମୋର ପୂର୍ବାର୍ଜିତ ଦୋଷ ।
ମୋହର କର୍ମେ ଲିହିଲା ଯାହା ପ୍ରଜାପତି
ତେଣୁକରି ମୋହର ଯେ କଲହେ ପୀରତି ।
ଏଥକୁ ତୁ ମହାଶାପ ଦେଲୁ ତ୍ରିଲୋଚନ
ଏ ଶାପକୁ କହ ଏବେ କାରଣ ବଚନ ।
ଈଶ୍ୱର ବୋଇଲେ କହିଲି ମୁଁ ସତ୍ୟବାଣୀ
ଦଇବର ବଚନ ଯେ ଆନ ନୁହେଁ ପୁଣି ।
ଶାପକୁ କାରଣ ଯେ ମାଗିଲ ମୁନିବର
ସେ କାରଣ ବଚନ ତୁ ମନେ ହେତୁକର ।

Digitized by srujanika@gmail.com

ଜମ୍ବୁଦୀପ ପୂର୍ବରେ ହେ ଗୋମତୀ ଶାସନ
ବିଷ୍ଣୁକର ନାମେ ତହିଁ ଏକ ମହାଜନ ।
ସୁରେଖା ନାମେଣ ସେହି ବିପ୍ରଙ୍କର ଦାସୀ
ତୁମ୍ଭେ ତାହାର ଗର୍ଭରେ ଜନ୍ମ ହୁଅ ଆସି ।
ମାନବ ରୂପ ଧରିଣ କିଛିଦିନ ଥାଅ
ସାଧୁସେବା କରି ପରେ ନିଜ ଦେହ ପାଅ ।
ଚତୁର୍ମୁଖ ବ୍ରହ୍ମାର ତୁ ହୋଇବୁ ନନ୍ଦନ
ଏତେ କହି କରି ବିଜେକଲେ ତ୍ରିଲୋଚନ ।
ରୁଦ୍ରବଳ ଘେନି ସେଠାବରୁ ଚଳିଗଲେ
ଏକାମ୍ର ବନରେ ଯାଇ ପ୍ରବେଶ ହୋଇଲେ ।
ରହିଲେକ ବିନ୍ଦୁହ୍ରଦ ତଟେ ତପକରି
ବଦୟନ୍ତି ମାରକଣ୍ଡ ଶୁଣ ଦଣ୍ଡଧାରୀ ।
ଯେତେବେଳେ ଦକ୍ଷବ୍ରହ୍ମା ଜୀବନ ଛାଡ଼ିଲେ
ପୁଷ୍ପକ ଆରୋହିଣ ସେ ପୁଣ୍ୟଭାର ଗଲେ ।
ଚନ୍ଦ୍ରକାନ୍ତି ଗଲେ ତହିଁ ଏମନ୍ତ ସମୟେ
ପତି ପତ୍ନୀ ଧଇଲେ ଅପୂର୍ବ ଦିବ୍ୟକାୟେ ।
ନିରାକାର ଭୂମିରେ ସେ ପ୍ରବେଶିଲେ ଯାଇ
ଅଚିନ୍ତାରେ ରହିଲେକ ଦିବ୍ୟଠାବ ପାଇ ।
ଏଥୁ ଅନନ୍ତରେ ଶୁଣିବାକ ମହାରାୟେ
ସୁଧର୍ମା ସଭାରେ ବସିଲେକ ଦେବତାଏ ।
ସଭା ପୂର୍ଣ୍ଣକରି ବସିଲେକ ସୁରମୁନି
ପ୍ରଜାପତି ବିନାଶେ ବିରସ ମନ ଘେନି ।
ଅନାଦି ନନ୍ଦନ ଯେ ପୁରୁଷ ବେଦବର
ଇନ୍ଦ୍ର ମୁଖ ଚାହିଁ ସେହୁ କହନ୍ତି ଉତ୍ତର ।
ତୁଟିଲା ସେ ପ୍ରଜାପତିଠାରୁ ଅଧିକାର
ସେ ମହାତ୍ମା ଲଭିଲା ଯେ ତେଣୁ ବିଷ୍ଣୁପୁର ।
ଏବେ ସୃଷ୍ଟି ପାଳିବେ ଚତୁର୍ମୁଖ ଧାତା
ତାହାଙ୍କର ବୋଲେ ଥିବେ ସକଳ ଦେବତା ।
ଆମ୍ଭେ ଯାଇଣ ରହିବୁ ନିରାକାର ପୁରେ
ମାରକଣ୍ଡ ଋଷି ଥିବେ ଆମ୍ଭ ସଙ୍ଗତରେ ।
ବିଷ୍ଣୁ କରେ ତହିଁ ଆମ୍ଭେ ଦିଆଇବୁ ଶାଢ଼ୀ
ତେବେ ସେହି ବିଧାତା ଯେ ହେବ ଅଷ୍ଟନାଡ଼ୀ ।
କହି ଆସ୍ଥାନୁ ଉଠିଲେ ସେ ଅନାଦିମାନେ
ଆମ୍ଭଙ୍କୁ ଘେନିଣ ଚଳିଗଲେ ଆନିଶୂନ୍ୟେ ।
ଅନ୍ତରୀକ୍ଷ ଭୁବନ ଯେ ନିରାଲମ୍ବମାନ
ଅଲେଖ ବୈକୁଣ୍ଠେ ସେ ଅଲେଖ ନିରଞ୍ଜନ ।
ତାହାଙ୍କ ଛାମୁରେ ଯାଇ ଜଣାଇଲେ ଧାତା
ସଂକ୍ଷେପିଣ କହିଲେ ସେ ସକଳ ବାରତା ।
ନିରାକାରଙ୍କର କରେ ଦିଆଇଲେ ଶାଢ଼ୀ
ଆମ୍ଭେ ଘେନିକରି ତାକୁ ଅଇଲୁ ବାହୁଡ଼ି ।
ସୁଧର୍ମା ସଭାରେ ଆସି ହେଲୁ ପରବେଶ
ଦେଖିଣ ଉଭା ହୋଇଲେ ସକଳ ତ୍ରିଦଶ ।
ପଦ୍ମଯୋନିଙ୍କ ସହିତେ ଦେବତା ସକଳେ
ଆମ୍ଭଙ୍କୁ ଦେଖିଣ ସେହୁ ବହୁ ପୂଜାକଲେ ।
ସିଂହାସନର ଉପରେ ବସାଇଲେ ନେଇ
ସକଳ ଦେବ ଅଛନ୍ତି ତହିଁ ଉଭାହୋଇ ।
ଚତୁର୍ମୁଖ ବ୍ରହ୍ମା ତହୁଁ କରପତ୍ର ଯୋଡ଼ି
ଆଦର କରି ଘେନିଲା ସେହି ବିଷ୍ଣୁ ଶାଢ଼ୀ ।
ଶାଢ଼ୀ ଶିରେ ବାନ୍ଧିଲା ସେ ଆନନ୍ଦ ସେନେହେ
କହନ୍ତି ସକଳ ସୁରମୁନି ଜୟେ ଜୟେ ।
ଇନ୍ଦ୍ର ଆଦି ଦେବତାଏ ଆଉ ଋଷିବୃନ୍ଦେ
ନିଉଛାଳି କଲେ ପିତାମହଙ୍କର ପାଦେ ।
ମଣ୍ଡି ସ୍ୱର୍ଗପୁରେ କଲେ ଉତ୍ସବ ଆନନ୍ଦ
ଗନ୍ଧର୍ବେ ବଜାଇଲେ ଯେ ଦୁନ୍ଦୁଭି ଶବଦ ।
ଅପସରାଗଣ ମିଳି ଆରମ୍ଭିଲେ ନୃତ୍ୟ
ଗାନ୍ଧାର ରାଗେ ଗନ୍ଧର୍ବେ ଆଳାପିଲେ ଗୀତ ।
ଅଦଭୁତେ ସେ ସଭାରେ ହେଲା ପୁଷ୍ପବୃଷ୍ଟି
ଆନନ୍ଦ ଉସତ ହେଲେ ସେ ସକଳ ସୃଷ୍ଟି ।
ଚତୁର୍ମୁଖ ବ୍ରହ୍ମା ଯହୁଁ ହୋଇଲେ ବିଧାତା
ତାହାଙ୍କର ତହୁଁ ଶାଢ଼ୀ ପାଇଲେ ଦେବତା ।
ବ୍ରହ୍ମା କରେ ଯେଝା ଶାଢ଼ୀ ପାଇ ସର୍ବସୁରେ
ସୃଷ୍ଟିକୁ ପାଳନ କଲେ ପୂର୍ବ ଅନୁସାରେ ।
ତହୁଁ ପିତାମହ ସବୁ ଦେବତାକୁ ଘେନି
କୁଶବଟୁ ନଗରରେ ବିଜେ ପଦ୍ମଯୋନି ।
କିଛି ଦିନ ରହି ତହିଁ ମନ ଆନନ୍ଦରେ
ପୁଣି ବିଜେ କଲେ ଆସି ସୁଧର୍ମା ସଭାରେ ।
ସୁଧର୍ମା ସଭାରେ ରହିଲେକ ବେନିମାସ
ପୁଣି ସେ ପଞ୍ଚଭୁବନେ ହୋଇଲେ ପ୍ରବେଶ ।
ଚଉଦମାସ ରହି ସଂସାର ସୁସ୍ଥକରି
ପୁଣି ସୁଧର୍ମା ସଭାରେ ମିଳି କୁଶଧାରୀ ।
ଦେବତାଙ୍କୁ ଘେନିଣ ସେ ଜଗତ କରତା
ମଣନ୍ତି ଚଉଦ ଭୁବନରେ ସର୍ବ ଚିନ୍ତା ।
ଯଥା ବିଧିମତେ ଧର୍ମେ ପାଳନ୍ତି ସଂସାର
ବଦୟନ୍ତୀ ମାରକଣ୍ଡ ଶୁଣ ଦଣ୍ଡଧର ।
ନାରଦ ମହର୍ଷି ଈଶ୍ୱରଙ୍କ ଆଜ୍ଞା ପାଇ
ମଞ୍ଚରେ ଜନମ ହେଲେ ନରଦେହ ବହି ।
ବିଷ୍ଣୁଙ୍କର ଦ୍ୱିଜ ଅଟେ ଦାସୀ କୋଳେ ଜାତ
ବିଶୁଳିପାତିଆ ବୋହୂ ବୋଲନ୍ତି ସମସ୍ତ ।
ତାହା ଶୁଣିଣ ନାରଦ ମନେ ବଡ଼ ତାପ
ଗତ ଜନ୍ମକୁ ସୁମରି ଛାଡ଼ି ନିଜ ପାପ ।
ଭୃତ୍ୟ ପରି କାର୍ଯ୍ୟକଲେ ସେ ଦାସର ଘରେ
ବହୁତ ସେବା କରନ୍ତି ସାଧୁଙ୍କ ପୟରେ ।
ଏହିପରି ରହି ନବ ବରଷ ଅନ୍ତରେ
ମଙ୍ଗଳ କାର୍ଯ୍ୟ ହୋଇଲା ବିପ୍ରଙ୍କର ଘରେ ।

Digitized by srujanika@gmail.com

ହୋଇଲେ ବହୁତ ବିପ୍ରେ ରୁଣ୍ଡ ତାର ପୁର
ସାଧୁ ବୈଷ୍ଣବ ଭକ୍ତ ଯେ ଅଛନ୍ତି ଅପାର ।
ତାହାର ପାଦେ ବିଶୁଳିପାତିଆ ଭକତ
ପାଦ ପୂଜା ଆଦି ବିଧି କଲାକ ବହୁତ ।
ଆସନ ପାଦାସନ ସେ ଦେବାର୍ଚ୍ଚନ ବିଧି ।
ଜଣ ପ୍ରତି କରି ଖଟିଲା ସେ ସର୍ବସିଦ୍ଧି ।
ଦେଖିକରି ବିପ୍ରମାନେ ହୋଇଲେ ସନ୍ତୋଷ
ସୁରେଖା ନନ୍ଦନକୁ ଯେ କଲେକ ଆଶିଷ ।
ସମସ୍ତେ ଯେ ତୁଷ୍ଟ ହୋଇ କଲ୍ୟାଣ ବାଞ୍ଛିଲେ
ହୁଅ ବ୍ରହ୍ମମୁନି ବୋଲି ସକଳ ବୋଇଲେ ।
ସାଧୁଙ୍କ କଲ୍ୟାଣେ ଚଳିଲା ଯେ ଦାସୀ ସୁତ
ତକ୍ଷଣେ ଗଲା ତାଙ୍କର ପୂର୍ବର ପ୍ରାକୃତ ।
ଦେହ ଛାଡ଼ିକରି ସେହି ନାରଦ ମହର୍ଷି
ପିତାମହ କୋଳେ ପୁଣି ଜନ୍ମହେଲେ ଆସି ।
ଚତୁର୍ମୁଖ ଧାତା ଦେଖି ହୋଇଲେ ଆନନ୍ଦ
ପୂର୍ବର ନାମ ବହିଲେ ଯଥାର୍ଥ ଯେ ପଦ ।
ପ୍ରତ୍ୟକ୍ଷେ ନାରଦ ମହାମୁନି ବ୍ରହ୍ମବେତ୍ତା
ସପ୍ତ ମହାଋଷି ମଧ୍ୟେ ହୋଇଲେ ଗଣିତା ।
ଶୁଣ ଆହେ ମହାରାଜା କହ୍ମମୁନି ଭଣି
ସନ୍ଦେହ ନିମନ୍ତେ କହିଲୁ ଯେ ତୋତେ ବାଣୀ ।
ଶାପୁ ମୁକ୍ତ ହେଲେ ଯେ ନାରଦ ମହାମୁନି
ବ୍ରହ୍ମା କୋଳେ ଜାତହୋଇ ଗତ ଦେହ ଘେନି ।
ଖଳ ପ୍ରକୃତିକୁ ଯେହୁ ନ ଛାଡ଼ିଲେ ଏକା
ତେଣୁ ସମସ୍ତଙ୍କର ଯେ ତାଙ୍କୁ ଥାଇ ଶଙ୍କା ।
ରାମ ରାମ ସର୍ବଦା ସେ ଗୁଣେ ହୃଦଗତେ
ଜଗତରେ ବୁଲୁଥାଇ କଳହ ନିମନ୍ତେ ।
ସୁରମୁନି ସଙ୍ଗତରେ ଘେନି ପଦ୍ମଯୋନି
ନିଶ୍ଚିନ୍ତ ହୋଇ ରହିଲେ ପାଳିଣ ଧରଣୀ ।
ଏମନ୍ତ ପ୍ରକାରେ ସବୁ ହୋଇଲା ସମ୍ଭୂତ
ସଂକ୍ଷେପି କହିଲଇଁ ମୁଁ ତହିଁର ବୃତ୍ତାନ୍ତ ।
ଶୁଣି ମହୀପତି ହେଲେ ଅତ୍ୟନ୍ତ ସନ୍ତୋଷ
ଶ୍ରୀକୃଷ୍ଣ ଶରଣ ମୁହିଁ ମହାଦେବ ଦାସ ।

-x-

ଫଳଶ୍ରୁତି

ଶ୍ରୀକୃଷ୍ଣଙ୍କ ପଦ୍ମପାଦେ ସଦା ମୋ ଭକତି
କୃଷ୍ଣ ପାଦପଦ୍ମ ବିନା ନାହିଁ ଆନ ଗତି ।
ଅକ୍ଷୟ ଅବ୍ୟୟ ପୁଣି ଯେଉଁ ପଦ୍ମପାଦ
ଯେବଣ ପାଦପଦ୍ମରେ ସାଧୁଏ ଷଟ୍ପଦ ।
ଯେବଣ ପଦ୍ମପାଦଟି ତ୍ରିଭୁବନେ ସାର
ଯେବଣ ପଦ୍ମପାଦରୁ ଗଙ୍ଗା ଅବତାର ।
ଜନ୍ମିଲେ ଯେବଣ ପଦ୍ମପାଦୁ ଶୂଦ୍ରଜାତି
ଯେବଣ ପଦ୍ମପାଦକୁ ଶିବ ସେବେ ନିତି ।
ସେବନ୍ତି ଯେବଣ ପଦ୍ମପାଦ ସୁରମୁନି
ପୂଜନ୍ତି ଯେବଣ ପଦ୍ମପାଦେ ପଦ୍ମଯୋନି ।
ଯେଉଁ ପଦ୍ମପାଦ ଲାଗି ମୁକତି ଅହଲ୍ୟା
ଯେଉଁ ପଦ୍ମପାଦ ଲାଗି ବଳି ନିସ୍ତରିଲା ।
ଯେଉଁ ପଦ୍ମପାଦ ବ୍ୟାପିଥିଲା ଏ ମହୀର
ଯେଉଁ ପଦ୍ମପାଦ ଶୋଭେ ଅନନ୍ତର ଶିର ।
ଯେବଣ ପଦ୍ମପାଦର ମହିମା ଅଶେଷ
ସେ ପଦ୍ମପାଦେ ଶରଣ ମହାଦେବ ଦାସ ।
ସୁଜ୍ଞଜନମାନେ ଭକ୍ତି ଘେନିବା ମୋହର
ତୁମ୍ଭର ପ୍ରସାଦେ ମୁହିଁ କଲି ଗ୍ରନ୍ଥସାର ।
ମୁହିଁ ସ୍ୱଭାବେ ଯେ ଶୂଦ୍ରଜାତି ଅପଣ୍ଡିତ
କେବଳ ଶ୍ରୀଜଗନ୍ନାଥ ଚରଣ ଆଶ୍ରିତ ।
ଆବର ପୂର୍ବ ବଚନେ ଅଛି ଶାସ୍ତ୍ରବିଧି
ଯେଉଁ ଦିନ ସୃଷ୍ଟି ଭିଆଇଲେ ଦୟାନିଧି ।
ଆପଣାର ଅଙ୍ଗରୁ ଯେ ସୃଜି ଚାରିଜାତି
ଶ୍ରୀମୁଖରୁ ବ୍ରାହ୍ମଣ ଯେ ଶ୍ରୀଭୁଜରୁ କ୍ଷତ୍ରୀ ।
ସୃଜିଲେ ଶ୍ରୀନାଭି କମଳରୁ ବୈଶ୍ୟଜାତି
ଶ୍ରୀପାଦପଦ୍ମରୁ ଶୂଦ୍ର ସୃଜିଲେ ଶ୍ରୀପତି ।
ପାଦପଦ୍ମୁ ଯହୁଁ ଶୂଦ୍ର ହୋଇଲେକ ଜାତ
ପାଦପଦ୍ମ ମହିମା ଯେ ଜାଣିଲେ କିଞ୍ଚିତ ।
ସେ ଶୂଦ୍ରକୁଳେ ଲକ୍ଷ୍ମଣ ଦାସ ଉତପତ୍ତି
ମହାଦେବ ଦାସ ମୁଁ ଯେ ତାହାଙ୍କ ସନ୍ତତି ।
ସେ ପାଦପଦ୍ମ ବିନା ମୁଁ ନ ଜାଣଇ ଆନ
ମାର୍କଣ୍ଡ ପାଦ ଆଶାରେ ବଞ୍ଚଇ ମୁଁ ଦିନ ।
ମାର୍କଣ୍ଡେୟ ପୁରାଣ ଯେ ହୋଇଲା ସମ୍ପୂର୍ଣ୍ଣ
ଶ୍ରୀଦୁର୍ଗାଦେବୀଙ୍କ ପାଦେ ସଦା ମୁଁ ଶରଣ ।
ଏ ପୁରାଣର ବାଣୀ ଯେ ମହିମା ବିଶେଷ
ନିତ୍ୟ ଶୁଣିଲେ ପାଇବ ବଇକୁଣ୍ଠେ ବାସ ।
ବାରକୁ ବାର ଏ ଗ୍ରନ୍ଥ ଯେ ଜନ ପଢ଼ଇ
ଜନ୍ତୁପତି ତାହାର ଯେ ପାଶେ ନ ଆସଇ ।
ଅପୁତ୍ରକ ଲୋକ ଯେବେ ଶୁଣଇ ଏ ବାଣୀ
ଅବଶ୍ୟ ନନ୍ଦନ ସେ ପାଆନ୍ତି ମନେ ଗୁଣି ।
ଯତି ହୋଇକରି ଯେବେ ଏକମନେ ଶୁଣେ
ନିରାପଦେ ବସଇ ସେ ବୈକୁଣ୍ଠ ଭୁବନେ ।
ଗାୟନ ଶ୍ରବଣ କରେ ଯେହୁ ଏହୁ ବାଣୀ
ଅକ୍ଳେଶେ ତରଇ ସେହୁ ଭବତରଙ୍ଗିଣୀ ।
ଏହି ଗ୍ରନ୍ଥର ଅଟଇ ଅଶେଷ ମହିମା
ସୁଜ୍ଞାନୀମାନେ ସଙ୍କଳ୍ପ କରିଣ ଶୁଣିମା ।
ମାର୍କଣ୍ଡ ପୁରାଣ ଏହୁ ସମ୍ପୂର୍ଣ୍ଣ ହୋଇଲା
ଭାବେ ମହାଦେବ ଦାସ ଗୀତରେ କହିଲା ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମ ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷ ନ ବିଦ୍ୟତେ ।

—ସମାପ୍ତ—

Digitized by srujanika@gmail.com

ମାର୍କଣ୍ଡେୟ ପୁରାଣ

ପ୍ରାପ୍ତିସ୍ଥାନ : ବୀଣାପାଣି ପୁସ୍ତକ ଭଣ୍ଡାର
ଜୟଶ୍ରୀ ସିନେମାହଲ କମ୍ପାଉଣ୍ଡ, ବାଦାମବାଡ଼ି
ଫୋନ୍ : ୯୭୫୮୧୨୦୫୪୧, ୯୪୩୭୦୨୧୭୧୬

Digitized by srujanika@gmail.com